# ଛଉ ନୃତ୍ୟ

## ଏକ ସାଂସ୍କୃତିକ ଅଧ୍ୟୟନ



ଅଧ୍ୟାପକ ଡକ୍ଟର ନଗେନ୍ଦ୍ର ନାଥ ମହାପାତ୍ର

# ଛଉ ନୃତ୍ୟ

## ଏକ ସାଂସ୍କୃତିକ ଅଧ୍ୟୟନ

ଅଧ୍ୟାପକ ଡକ୍ଟର ନଗେନ୍ଦ୍ର ନାଥ ମହାପାତ୍ର

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର

**ଛଉ ନୃତ୍ୟ**

ଏକ ସାଂସ୍କୃତିକ ଅଧ୍ୟୟନ

*ଲେଖକ : ଡଃ ନଗେନ୍ଦ୍ର ନାଥ ମହାପାତ୍ର*

*ସଂପାଦକ: ପ୍ରଫେସର (ଡଃ.) ଅଖିଳ ବିହାରୀ ଓଟା, ଆଇ. ଏ. ଏସ୍.*

© *ପ୍ରକାଶକ:*

ସଦସ୍ୟ ସଚିବ,

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଭୁବନେଶ୍ୱର - ୭୫୧ ୦୦୯

ପ୍ରଥମ ସଂସ୍କରଣ : ସାଧାରଣତନ୍ତ୍ର ଦିବସ - ୨୦୧୧

ମୁଦ୍ରଣ : ଅଙ୍କିତା ଗ୍ରାଫିକ୍ସ, କଟକ - ୧୦

ମୂଲ୍ୟ :

**CHHAU NRUTYA**

**Eka Sanskrutik Adhayana**

***Auther:***

**Dr. Nagendra Nath Mohapatra**

***Editor:***

**Prof. (Dr.) A. B. Ota, IAS**

**© Published by:**

Member Secretary,

ACADEMY OF TRIBAL LANGUAGES AND CULTURE

ST & SC Development Department

Adivasi Exhibition Ground, Unit-1,

Bhubaneswar-751 009.

**First Edition:**

Republic Day - 2011.

***Printed at :* Ankita Graphics, Cuttack - 10**

*ଉତ୍ସର୍ଗ ପତ୍ର................*

ମୋର ଗବେଷଣା କାର୍ଯ୍ୟର ମାର୍ଗଦର୍ଶକ ତଥା ପୂଜ୍ୟ ଗୁରୁ ପ୍ରଫେସର ଲକ୍ଷ୍ମଣ କୁମାର ମହାପାତ୍ରଙ୍କ କରକମଳରେ ଉତ୍ସର୍ଗୀତ ।

ନଗେନ୍ଦ୍ରନାଥ ମହାପାତ

*ଉତ୍ସର୍ଗ ପତ୍ର................*

ମୋର ଗବେଷଣା କାର୍ଯ୍ୟର ମାର୍ଗଦର୍ଶକ ତଥା ପୂଜ୍ୟ ଗୁରୁ ପ୍ରଫେସର ଲକ୍ଷ୍ମଣ କୁମାର ମହାପାତ୍ରଙ୍କ କରକମଳରେ ଉତ୍ସର୍ଗୀତ ।

ନଗେନ୍ଦ୍ରନାଥ ମହାପାତ

# ମୁଖବନ୍ଧ

୧୯୧୧ ମସିହା ଡିସେମ୍ବରରେ ଇଂଲଣ୍ଡର ତତ୍‌କାଳୀନ ସମ୍ରାଟଙ୍କ କଲିକତା ଆଗମନ ଅବସରରେ ତାଙ୍କ ସମ୍ମାନାର୍ଥେ ମୟୂରଭଂଜ ଛଉ ନୃତ୍ୟ ପରିବେଷିତ ହୋଇଥିଲା । ଏହି ନୃତ୍ୟ ସମ୍ରାଟଙ୍କ ଶ୍ରଦ୍ଧାଭାଜନ ଲାଭକରି ବିଭିନ୍ନ ପତ୍ରପତ୍ରିକାର ପୃଷ୍ଠା ବିମଣ୍ଡନ କରିଥିଲା । The Englishman ଙ୍କ ଶିରୋନାମା ଥିଲା "ଓଡ଼ିଆ ପାଇକମାନଙ୍କ ଦ୍ୱାରା ପରିବେଷିତ ସମର ନୃତ୍ୟ" । ୦୬.୦୧.୧୯୧୨ The Statemen ଙ୍କ ମନ୍ତବ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ, "ଏହି ନୃତ୍ୟ ସର୍ବଗ୍ରାହୀ ହୋଇପାରିଛି । ଓଡ଼ିଆ ପାଇକ ନୃତ୍ୟ ପ୍ରତି ବହୁ ଦର୍ଶକ ଆକର୍ଷିତ ହୋଇଛନ୍ତି । ଏହି ନୃତ୍ୟର ଆବେଦନ ସାର୍ବଜନୀନ ।" ଗଡ଼ଜାତ ଚୈହଦୀ ଭିତରୁ କ୍ରମଶଃ ଏହି ନାଟ୍ୟକଳାକୁ ବିଶ୍ୱାଭିମୁଖୀ କରିବାରେ ତତ୍‌କାଳୀନ ପତ୍ରପତ୍ରିକାଙ୍କ ମନ୍ତବ୍ୟ ପ୍ରଣିଧାନ ଯୋଗ୍ୟ ।

ମୟୂରଭଞ୍ଜ ଛଉ, ବୃନ୍ଦ ନୃତ୍ୟର ଦର୍ଶକ ଅସୁମାରୀ, ଚିତ୍ତାକର୍ଷକ । ତା'ର ତାଳ, ପଦପତନ ବ୍ୟାକରଣ ସିଦ୍ଧ ଏବଂ ଯବନିକା ଖୁବ୍ ରୋମାଞ୍ଚପ୍ରଦ । ସାମରିକ ଶଦ ଛାଉଣିରୁ ଉତ୍ସରିତ ହୋଇ ଏହି ଛଉ କ୍ରମଶ ଲୋକାଭିମୁଖୀ ହୋଇଛି । ଏଥିରେ ରାମାୟଣ, ମହାଭାରତ, ପୁରାଣର ବିଷୟବସ୍ତୁ ସାମିଲ ହୋଇ ବିବିଧ ମୁଦ୍ରା, ଭଙ୍ଗୀ, ରୀତିନୀତି, ଦିନଚର୍ଯ୍ୟା ପ୍ରଭୃତି ଅନ୍ତର୍ଭୁକ୍ତ ହୋଇ ସାମରିକ ଓ ବେସାମରିକ କଳାର ସମ୍ମିଳିତ ରୂପ ପରିଗ୍ରହଣ କରିଛି । ଆଦିବାସୀ ଓ ଅଣଆଦିବାସୀ ମହାମିଳନର ପରିଣତି ହେଉଛି ଛଉ । ଏହା କେବଳ ଆଦିବାସୀ କିମ୍ବା ଲୋକ ପରଂପରା ନୁହେଁ; ବ୍ୟାକରଣ ସମ୍ମତ ହୋଇ କାଳାନୁକ୍ରମେ କ୍ଲାସିକ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ମୁଖ୍ୟତଃ ଆଦିବାସୀ ସଂପ୍ରଦାୟର ଲୋକ ସଂସ୍କୃତିକୁ ନେଇ ଗବେଷଣାତ୍ମକ ବିବିଧ ପୁସ୍ତକ ପ୍ରଣୟନ କରି ଆସୁଛି । ପ୍ରକାଶିତ "ଛଉନୃତ୍ୟ ଏକ ସାଂସ୍କୃତିକ ଅଧ୍ୟୟନ" ତା'ର ଏକ ବ୍ୟତିକ୍ରମ । ଜନଜାତିଙ୍କ କଳା କୌଶଳ, ଛଉ ନୃତ୍ୟ ମଧ୍ୟରେ ସଗୁମ୍ଫିତ ହୋଇ ରହିଛି ଏବଂ ମୟୂରଭଞ୍ଜର ବିଶାଳ ଜନଜାତି ସଂପ୍ରଦାୟର ପ୍ରତିନିଧିତ୍ୱ ଛଉ ମାଧ୍ୟମରେ ପ୍ରତିଫଳିତ ହୋଇଛି । ଏହାକୁ ଆଧାର କରି ଛଉନୃତ୍ୟର ଅନ୍ୟତମ ଗବେଷକ ଡଃ ନଗେନ୍ଦ୍ର ନାଥ ମହାପାତ୍ରଙ୍କ ଗବେଷଣା ନିବନ୍ଧକୁ ପ୍ରକାଶ କରିବା ପାଇଁ ଏକାଡ଼େମୀ କର୍ତ୍ତୃପକ୍ଷ ସହମତି ପ୍ରକାଶ୍ କରିଥିଲେ ଏବଂ ଏହାର ପରିଣତି ହେଉଛି **"ଛଉ ନୃତ୍ୟ - ଏକ ସାଂସ୍କୃତିକ ଅଧ୍ୟୟନ"** ପୁସ୍ତିକା । ଗବେଷକ ତଥା ସୁଧୀ ପାଠକଙ୍କ ଆଦର ଲାଭ କରିପାରିଲେ ପୁସ୍ତକ ପ୍ରକାଶନର ଉଦ୍ଦେଶ୍ୟ ସାର୍ଥକ ହେବ ବୋଲି ଆଶା ଓ ବିଶ୍ୱାସ ।

**ଅଖିଳ ବିହରୀ ଓତା**

# ସୂଚୀପତ୍ର


| କ୍ର.ନ. | ବିଷୟବସ୍ତୁ | ପୃଷ୍ଠା |
|---|---|---|
| | **ଛଉନୃତ୍ୟ : ଏକ ସାଂସ୍କୃତିକ ଅଧ୍ୟୟନ** | |
| ସୂଚନା : | ପୂର୍ବ ଲେଖକ ମାନଙ୍କର ଅଧ୍ୟୟନ, ବର୍ତ୍ତମାନ ସଂଗୃହୀତ ମତ ଓ ଆଲୋଚନା - ଗବେଷଣା କାର୍ଯ୍ୟର ପରିସର ଓ ଆଭିମୁଖ୍ୟ - ସଂକଳ୍ପନା - ତଥ୍ୟ ଆହରଣର ଉତ୍ସ- ଭାଷା - ଗବେଷଣା ପଦ୍ଧତି - ପ୍ରୟୋଗ ପଦ୍ଧତି - ବିଶ୍ଳେଷଣ | ୦୧-୪୨ |
| ପ୍ରଥମ ଅଧ୍ୟାୟ : | ଅଧ୍ୟୟନ ସଂପୃକ୍ତ ଅଞ୍ଚଳର ପ୍ରାକୃତିକ ଭୌଗୋଳିକ ପରିଚିତି - ରାଜନୈତିକ ଇତିହାସ - ଅଧିବାସୀ - ଜୀବନଧାରା - ପ୍ରଶାସନିକ ଓ ସାମାଜିକ ସଂଗଠନ ଏବଂ କାର୍ଯ୍ୟାଧିକାରୀ । | ୪୩ - ୭୦ |
| ଦ୍ୱିତୀୟ ଅଧ୍ୟାୟ : | ସଂପୃକ୍ତ ଅଞ୍ଚଳର ସାଂସ୍କୃତିକ ପରମ୍ପରା | ୭୧ - ୯୮ |
| ତୃତୀୟ ଅଧ୍ୟାୟ : | ଛଉନାଚ ପରମ୍ପରାର ସାଂସ୍କୃତିକ ପୃଷ୍ଠଭୂମି | ୯୯ - ୧୨୧ |
| ଚତୁର୍ଥ ଅଧ୍ୟାୟ : | ଷଢ଼େଇକଳାର ଛଉନାଚ ପରମ୍ପରା | ୧୨୨ - ୧୪୮ |
| ପଞ୍ଚମ ଅଧ୍ୟାୟ : | ମୟୂରଭଞ୍ଜର ଛଉନାଚ ପରମ୍ପରା | ୧୪୯ - ୧୭୯ |
| ଷଷ୍ଠ ଅଧ୍ୟାୟ : | ପୁରୁଲିଆ ଛ/ଛଉ/ଛୋ ନାଚ ପରମ୍ପରା | ୧୮୦ - ୨୦୯ |
| ସପ୍ତମ ଅଧ୍ୟାୟ : | ତିନି ଅଞ୍ଚଳର ଛଉନାଚ ପରମ୍ପରାର ସାମଞ୍ଜସ୍ୟ ଓ ବୈଷମ୍ୟ | ୨୧୦ - ୨୧୬ |
| ଅଷ୍ଟମ ଅଧ୍ୟାୟ : | ସନ୍ନିହିତ ଅଞ୍ଚଳର ଛଉନାଚ | ୨୧୭ -୨୨୩ |
| ନବମ ଅଧ୍ୟାୟ : | ଛଉନାଚ ପରମ୍ପରାର ପର୍ଯ୍ୟାଲୋଚନା | ୨୨୪ - ୨୪୫ |
| ଦଶମ ଅଧ୍ୟାୟ : | ଛଉରେ ବ୍ୟବହୃତ ଗୀତର ଭାଷା ଓ ସାହିତ୍ୟିକ ଆଲୋଚନା | ୨୪୬ -୨୬୯ |

# ସୂଚୀପତ୍ର


| କ୍ର.ନ. | ବିଷୟବସ୍ତୁ | ପୃଷ୍ଠା |
|---|---|---|
| | **ଛଉନୃତ୍ୟ : ଏକ ସାଂସ୍କୃତିକ ଅଧ୍ୟୟନ** | |
| ସୂଚନା : | ପୂର୍ବ ଲେଖକ ମାନଙ୍କର ଅଧ୍ୟୟନ, ବର୍ତ୍ତମାନ ସଂଗୃହୀତ ମତ ଓ ଆଲୋଚନା - ଗବେଷଣା କାର୍ଯ୍ୟର ପରିସର ଓ ଆଭିମୁଖ୍ୟ - ସଂକଳ୍ପନା - ତଥ୍ୟ ଆହରଣର ଉତ୍ସ- ଭାଷା - ଗବେଷଣା ପଦ୍ଧତି - ପ୍ରୟୋଗ ପଦ୍ଧତି - ବିଶ୍ଳେଷଣ | ୦୧-୪୨ |
| ପ୍ରଥମ ଅଧ୍ୟାୟ : | ଅଧ୍ୟୟନ ସଂପୃକ୍ତ ଅଞ୍ଚଳର ପ୍ରାକୃତିକ ଭୌଗୋଳିକ ପରିଚିତି - ରାଜନୈତିକ ଇତିହାସ - ଅଧିବାସୀ - ଜୀବନଧାରା - ପ୍ରଶାସନିକ ଓ ସାମାଜିକ ସଂଗଠନ ଏବଂ କାର୍ଯ୍ୟାଧିକାରୀ । | ୪୩ - ୭୦ |
| ଦ୍ୱିତୀୟ ଅଧ୍ୟାୟ : | ସଂପୃକ୍ତ ଅଞ୍ଚଳର ସାଂସ୍କୃତିକ ପରମ୍ପରା | ୭୧ - ୯୮ |
| ତୃତୀୟ ଅଧ୍ୟାୟ : | ଛଉନାଚ ପରମ୍ପରାର ସାଂସ୍କୃତିକ ପୃଷ୍ଠଭୂମି | ୯୯ - ୧୨୧ |
| ଚତୁର୍ଥ ଅଧ୍ୟାୟ : | ଷଢ଼େଇକଳାର ଛଉନାଚ ପରମ୍ପରା | ୧୨୨ - ୧୪୮ |
| ପଞ୍ଚମ ଅଧ୍ୟାୟ : | ମୟୁରଭଞ୍ଜର ଛଉନାଚ ପରମ୍ପରା | ୧୪୯ - ୧୭୯ |
| ଷଷ୍ଠ ଅଧ୍ୟାୟ : | ପୁରୁଲିଆ ଛ/ଛଉ/ଛୋ ନାଚ ପରମ୍ପରା | ୧୮୦ - ୨୦୯ |
| ସପ୍ତମ ଅଧ୍ୟାୟ : | ତିନି ଅଞ୍ଚଳର ଛଉନାଚ ପରମ୍ପରାର ସାମଞ୍ଜସ୍ୟ ଓ ବୈଷମ୍ୟ | ୨୧୦ - ୨୧୬ |
| ଅଷ୍ଟମ ଅଧ୍ୟାୟ : | ସନ୍ନିହିତ ଅଞ୍ଚଳର ଛଉନାଚ | ୨୧୭ -୨୨୩ |
| ନବମ ଅଧ୍ୟାୟ : | ଛଉନାଚ ପରମ୍ପରାର ପର୍ଯ୍ୟାଲୋଚନା | ୨୨୪ - ୨୪୫ |
| ଦଶମ ଅଧ୍ୟାୟ : | ଛଉରେ ବ୍ୟବହୃତ ଗୀତର ଭାଷା ଓ ସାହିତ୍ୟିକ ଆଲୋଚନା | ୨୪୬ -୨୬୯ |

| | | | |
|---|---|---|---|
| ଏକାଦଶ ଅଧ୍ୟାୟ : | | ସଂକଳନାର ସମୀକ୍ଷା ଓ ସିଦ୍ଧାନ୍ତ - ଭବିଷ୍ୟତର ଗବେଷଣା - କେତୋଟି ପ୍ରୟୋଜନୀୟ ପ୍ରସ୍ତାବ ଓ ଉପସଂହାର | ୨୭୦ - ୨୯୩ |
| ପରିଶିଷ୍ଟ: | (୧) | ଛ/ଛଉ ନାଚରେ ବ୍ୟବହୃତ ଗୀତ | ୨୯୪ - ୩୧୨ |
| | (୨) | ସନ୍ନିହିତ ଅଞ୍ଚଳର ଛଉନାଚ : | ୩୧୨ - ୩୧୭ |
| | (କ) | ଖରସୁଆଁ ଗଡ଼ର ଛଉ | ୩୧୭ - ୩୨୧ |
| | (ଖ) | ଧଳଭୂମ ରାଜ୍ୟର ଛଉ | ୩୨୧ - ୩୨୪ |
| | (ଗ) | ଝାଡ଼ଗ୍ରାମ (ମେଦିନିପୁର) ଛଉ | ୩୨୪ - ୩୨୭ |
| | (ଘ) | କେନ୍ଦୁଝର ରାଜ୍ୟର ଛଉ | ୩୨୭ - ୩୩୦ |
| | (ଙ) | ତାଳଚେର ରାଜ୍ୟର ଛଉ | ୩୩୦ - ୩୩୩ |
| | (ଚ) | ଢେଙ୍କାନାଳ ରାଜ୍ୟର ଛଉ | ୩୩୩ - ୩୩୮ |
| | (ଛ) | ବଣାଇ ରାଜ୍ୟର ଛଉ | ୩୩୮ - ୩୪୩ |
| | (ଜ) | ନୀଳଗିରି ରାଜ୍ୟର ଛଉ | ୩୪୩ - ୩୪୯ |

# ଛଉନୃତ୍ୟ : ଏକ ସାଂସ୍କୃତିକ ଅଧ୍ୟୟନ

ଛଉ ମୂଳତଃ ଏକ ଲୋକନୃତ୍ୟ । ମୁଖାଯୁକ୍ତ ଓ ମୁଖାହୀନ - ଏପରି ଦୁଇ ପ୍ରକାର ଛଉ ନୃତ୍ୟ ଅଛି । ଏହା ଏକ ମୂକ ନୃତ୍ୟ । ନର୍ତ୍ତକ ଶାରୀରିକ ଅଙ୍ଗଭଙ୍ଗୀ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରନ୍ତି । ନିଜ ମୁଖରେ ଗୀତ ବୋଲନ୍ତି ନାହିଁ । ଏଥିରେ ସଂଳାପ ନାହିଁ । ମଞ୍ଚର ପାର୍ଶ୍ୱରୁ ଗାୟକ ଗୀତ ଗାନ କରନ୍ତି ଓ ବାଦକମାନେ ବାଦ୍ୟଯନ୍ତ୍ରର ଧ୍ୱନି ସୃଷ୍ଟି ସହ ତାଳର ଲହର ଧରନ୍ତି ।

ପ୍ରାକୃତିକ, ପଶୁପକ୍ଷୀ ସମ୍ବନ୍ଧୀୟ, ସାମାଜିକ, ଧର୍ମୀୟ, କାଳ୍ପନିକ, ପୌରାଣିକ ଓ ଐତିହାସିକ - ଏପରି ବିଭିନ୍ନ ବିଷୟରେ ଛଉନୃତ୍ୟ ହୁଏ ।

ଭାରତରେ ଏକ ନିର୍ଦ୍ଦିଷ୍ଟ ଓ ପରସ୍ପର ସନ୍ନିହିତ ଅଞ୍ଚଳ ଅର୍ଥାତ୍ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବଣାଇ, ତାଳଚେର, ଢେଙ୍କାନାଳ, ନୀଳଗିରି ଓ ହିନ୍ଦୋଳ ପ୍ରଭୃତି ପୂର୍ବତନ ଗଡ଼ଜାତ ରାଜ୍ୟମାନଙ୍କରେ, ସଂପ୍ରତି ନବଗଠିତ ଝାଡ଼ଖଣ୍ଡ ରାଜ୍ୟ (ପୂର୍ବତନ ବିହାର ପ୍ରଦେଶ)ର ସିଂଭୂମ ଜିଲ୍ଲାର ଷଢ଼େଇକଳା, ଖରସୁଆଁ, ଇଚା ଓ ପଶ୍ଚିମବଙ୍ଗର ପୁରୁଲିଆ - ମାନଭୂମ ଜିଲ୍ଲାର ବାରା ମୁଣ୍ଡି ପ୍ରଭୃତି ଦେଶୀୟ ରାଜ୍ୟ , ପିଡା ପରଗଣା ମାନଙ୍କରେ ଏବଂ ମେଦିନିପୁର ଜିଲ୍ଲାର ଝାଡ଼ଗ୍ରାମ ଅଞ୍ଚଳ, ବିହାରର ରାଞ୍ଚି, ହଜାରିବାଗ ଓ ଧାନବାଦ ଜିଲ୍ଲାର କେତେକ ସ୍ଥାନରେ ଛ/ଛଉ/ଛୌ ନୃତ୍ୟ ଅନୁଷ୍ଠିତ ହୁଏ । ମୟୂରଭଞ୍ଜର ବାରିପଦା, ସିଂଭୂମର ଷଢ଼େଇକଳା ଓ ପୁରୁଲିଆର ବାଗ୍ ମୁଣ୍ଡିର ଛଉନୃତ୍ୟ ମୁଖ୍ୟତଃ ପ୍ରସିଦ୍ଧ । ଏଥି ମଧ୍ୟରୁ ଷଢ଼େଇକଳା ଓ ବାଗ୍ ମୁଣ୍ଡିର ଛଉ ନାଚରେ ମୁଖା ବ୍ୟବହୃତ ହୁଏ । ବାରିପଦାର ଛଉ ନୃତ୍ୟରେ ଚଳିତ ଶତକର ଆରମ୍ଭରୁ ଅଦ୍ୟାବଧି ମୁଖା ବ୍ୟବହୃତ ହେଉନାହିଁ । ଏ ସମସ୍ତ ଅଞ୍ଚଳର ନୃତ୍ୟରେ ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ରହିଥିବା ସତ୍ତ୍ୱେ ପରସ୍ପର ମଧ୍ୟରେ ବିଭିନ୍ନ ବିଭାଗର ବହୁ ସାଦୃଶ୍ୟ ପରିଲକ୍ଷିତ ହୁଏ ।

ଓଡ଼ିଶାରେ, ଷଢ଼େଇକଳା - ସିଂଭୂମରେ ଚୈତ୍ର ମାସରେ ଅନୁଷ୍ଠିତ ପାଟୁଆ, ଦଣ୍ଡନାଚ, ଭକ୍ତା, ଉଡ଼ା ବା ପଇତାପକା ପର୍ବ ଓ ପଶ୍ଚିମବଙ୍ଗରେ ଗାଜନ, ଚଡ଼କ ପର୍ବ ସହିତ ଛ ବା ଛଉନାଚ ସଂଯୁକ୍ତ । ଉକ୍ତ ପର୍ବରେ ଶିବ-ଭୈରବ ହିଁ ଏହି ଉପଲକ୍ଷେ ପୂଜିତ ହୁଅନ୍ତି ।

ଉପରୋକ୍ତ ଅଞ୍ଚଳରେ ବାସ କରୁଥିବା ଆଦିବାସୀଙ୍କ ସହ ବିଭିନ୍ନ ଜାତି ଜନଜାତିର ଲୋକମାନେ ସାଧାରଣତଃ ଏହି ନାଚରେ ଅଂଶ ଗ୍ରହଣ କରନ୍ତି ।

କୁଡୁମୀ (ମହାନ୍ତ/ମାହାତୋ), କୁମ୍ଭାର, କମାର, ସହିସ (ହାଡ଼ି), ପୁରାଣ, ତନ୍ତୀ, ବଣିଆ, ବାଥୁଡ଼ି, ଭୂୟାଁ, ଭୂମିଜ, ସାନ୍ତାଳ, ହୋ, କୋହ୍ଲ ପ୍ରଭୃତି ବହୁ ଜାତି ଓ ଗୋଷ୍ଠୀର ଲୋକେ ଏ ନାଚ

ନାଚନ୍ତି । ଷଡ୍ଢେଇକଳା ଓ ବାରିପଦାରେ ବ୍ରାହ୍ମଣ, କ୍ଷତ୍ରିୟ, କରଣ, ଖଣ୍ଡାୟତ, କଂସାରୀ, କୈବର୍ତ୍ତ ଓ ବାଗମୁଣ୍ଡିରେ ସୂତ୍ରଧର ପ୍ରଭୃତି ଜାତିର ଲୋକେ ମଧ୍ୟ ଛଉ ନାଚନ୍ତି । ବାରିପଦାରେ ମୁସଲମାନ ଧର୍ମାବଲମ୍ବୀ ଲୋକେ ମଧ୍ୟ ଏହି ନାଚ ନାଚୁଥିବାର ଜଣାଯାଏ । ପୂର୍ବୋକ୍ତ ଗଡ଼ଜାତ ରାଜ୍ୟମାନଙ୍କରେ ରାଜା, ଜମିଦାର, ସର୍ଦ୍ଦାର, ମାନକୀ, ମୁଣ୍ଡା ଓ ପଧାନ ମାନେ ଛଉ ନାଚକୁ ପୃଷ୍ଠପୋଷକତା କରିବା ସହିତ ନାଚରେ ଅଂଶ ଗ୍ରହଣ କରୁଥିଲେ । ପୂର୍ବତନ ଷଢ଼େଇକଳା ଓ ମୟୂରଭଞ୍ଜ ରାଜ୍ୟର ରାଜା ଓ ରାଜ ପରିବାରର ପୃଷ୍ଠପୋଷକତା ଏବଂ ନାଚରେ ଅଂଶ ଗ୍ରହଣ ଫଳରେ ନୃତ୍ୟଟି ମାର୍ଜିତ ରୂପ ଗ୍ରହଣ କରିଥିଲା । ପୁରୁଲିଆ-ମାନଭୂମ ଛଉ ନାଚରେ ବାଗମୁଣ୍ଡି ରାଜ ପରିବାରର ଅବଦାନ ବିଶେଷ ସ୍ୱୀକାର୍ଯ୍ୟ । ଏଠାରେ ନୃତ୍ୟରେ ରାଜ ପରିବାରର ପୃଷ୍ଠପୋଷକତା ଥିଲା, ପ୍ରତ୍ୟକ୍ଷ ଅଂଶ ଗ୍ରହଣ ନଥିଲ ।

ଉପରୋକ୍ତ ଅଞ୍ଚଳରେ ପ୍ରଚଳିତ ପାଇକ, ନାଟୁଆ, ସାଧନ, ଘଣ୍ଟା ପ୍ରଭୃତି ବୀରତ୍ୱ ବ୍ୟଞ୍ଜକ ଓ ପାନ୍ତା, ନାଚୁଣୀ ଏବଂ ଓଡ଼ିଶୀ ପରି ଲୌକିକ ଓ ଶାସ୍ତ୍ରୀୟ ଲାସ୍ୟଧର୍ମୀ ନୃତ୍ୟର ସମନ୍ୱିତ ପ୍ରଭାବରେ ଛ/ଛଉ ନୃତ୍ୟ ଶ୍ରୀମଣ୍ଡିତ ।

ଉପରୋକ୍ତ ତିନିଗୋଟି ଅଞ୍ଚଳରେ ଛଉ ଶବ୍ଦଟିର ଉଚ୍ଚାରଣ ତଥା ଅର୍ଥରେ ଆଞ୍ଚଳିକ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଷଢ଼େଇକଳା ଓ ମୟୂରଭଞ୍ଜରେ ଏହାକୁ ଛଉନାଚ କହନ୍ତି । ଷଢ଼େଇକଳାରେ 'ଛାୟା' - 'ଛାଇ' ଅଥବା 'ଛଦ୍ମ' ଶବ୍ଦରୁ ଛଉର ଉତ୍ପତ୍ତି ହେବାର ଏଠାକାର ନୃତ୍ୟକାରୀ, ଓସ୍ତାଦ୍ (ଗୁରୁ), ପୃଷ୍ଠପୋଷକ, ସମାଲୋଚକ ଓ ସାଧାରଣ ଲୋକେ କହନ୍ତି । ଛଉର ଅର୍ଥ ମୁଖା । ମୁଖା ଲଗାଇ ନୃତ୍ୟ ଅନୁଷ୍ଠିତ ହୁଏ ବୋଲି ଏହାକୁ ଛଉ ନୃତ୍ୟ କହନ୍ତି । କେତେକଙ୍କ ମତରେ କୌଣସି ଚରିତ୍ରର ଛାୟାନୁକରଣରେ ଚରିତ୍ର ସତ୍ତାରେ ଯେଉଁ ଅଭିବ୍ୟକ୍ତି ପ୍ରକାଶ ପାଏ ତାହା ହିଁ ଛଉ । ମୟୂରଭଞ୍ଜରେ ପ୍ରଚଳିତ ଛଉ ଶବ୍ଦଟି 'ଛାଉଣୀ' ଶବ୍ଦରୁ ଉତ୍ପତ୍ତି ହୋଇଛି । ଶିକାର ବା ଯୁଦ୍ଧ ସମୟରେ ଛାଉଣୀରେ ସୈନ୍ୟମାନେ ଯେଉଁ ସାମରିକ କୌଶଳ ଅଭ୍ୟାସ କରୁଥିଲେ ତହିଁରୁ ଛଉ ନୃତ୍ୟ ସୃଷ୍ଟି ହୋଇଥିବା କୁହାଯାଏ । ପୁରୁଲିଆ / ମାନଭୂମ ଅଞ୍ଚଳରେ ଛ, ଛୋ ଓ ଛଉ - ଏପରି ତିନିଗୋଟି ଶବ୍ଦ ପ୍ରଚଳିତ ହୁଏ । ଛ ଓ ଛୋ ଶବ୍ଦର ଅର୍ଥ ମୁଖା । କେତେକଙ୍କ ମତରେ ଅନୁକରଣ । ଏହା 'ଛବି' ଶବ୍ଦରୁ ଉତ୍ପତ୍ତି ହେବା ଓ ଏ ନାଚ ସହିତ ସଂପୃକ୍ତ ସମସ୍ତ ଲୋକ କହନ୍ତି । ମୟୂରଭଞ୍ଜର କେଉଁଝର ସୀମାନ୍ତ ଅଞ୍ଚଳରେ ଛଅ ଶବ୍ଦ ଛଉ - ମୁଖା ଅର୍ଥରେ ବ୍ୟବହୃତ ହୁଏ ।

ମୟୂରଭଞ୍ଜ ଶୈଳୀର ମୁଖ୍ୟ କେନ୍ଦ୍ର ବାରିପଦାର ଛଉ ନାଚରେ ଆଧୁନିକ କାଳରେ 'ଆଧୁନିକୀକରଣ' ଫଳରେ ମୁଖା ବ୍ୟବହୃତ ହେଉ ନଥିଲେ ହେଁ ମୟୂରଭଞ୍ଜର ସିଂଭୂମ ସୀମାନ୍ତ କେତେକ ସ୍ଥାନରେ ମୁଖା ଲଗାଇ ଛଉ ନାଚ ହୁଏ । ଷଢ଼େଇକଳା-ସିଂଭୂମ ଓ ପୁରୁଲିଆ-ମାନଭୂମର ଛଉ/ଛ/ଛୋ ନାଚରେ ମୁଖା ବ୍ୟବହୃତ ହୁଏ । ମୟୂରଭଞ୍ଜ ଓ ଷଢ଼େଇକଳା-ସିଂଭୂମ ଅଞ୍ଚଳରେ ମୁଖା ଓ ମୁହାଁ ଏପରି ଦୁଇଗୋଟି ଶବ୍ଦ ପ୍ରଚଳିତ । ମୟୂରଭଞ୍ଜ ଓ ସିଂଭୂମର ସୀମାନ୍ତ ଅଞ୍ଚଳରେ 'ମହଡ଼ା'

ଶବ୍ଦ ମଧ୍ୟ ପ୍ରଚଳିତ । ଆଗରୁ ବାରିପଦାରେ 'ମୁହୁନ୍ତା' ଶବ୍ଦ ପ୍ରଚଳିତ ଥିବାର ଜଣାଯାଏ । ପୁରୁଲିଆ-ମାନଭୂମରେ ମହାଁ, ମହଡ଼ା ଓ ମୁଖୋସ୍ - ଏପରି ତିନିଗୋଟି ଶବ୍ଦ ବ୍ୟବହୃତ ହୁଏ ।

ମୟୂରଭଞ୍ଜର ଭିଭିନ୍ନ ଅଞ୍ଚଳରେ ଏପରିକି ବାରିପଦାରେ ମଧ୍ୟ ପୂର୍ବେ କାଠର ମୁଖା ବ୍ୟବହାର ହେଉଥିବା ଜଣାଯାଏ । ବାଉଁଶରେ ନିର୍ମିତ 'ପରଭା' ମଧ୍ୟ ବ୍ୟବହୃତ ହେଉଥିବା ଅନେକେ କହନ୍ତି । ବର୍ତ୍ତମାନ ମଧ୍ୟ ପୂର୍ବ ବ୍ୟବହୃତ କାଠର ମୁଖା ବାରିପଦା ସମେତ କେତେକ ସ୍ଥାନରେ ରହିଅଛି । ଷଢ଼େଇକଳାରେ କାଠ, କଖାରୁ, ବାଉଁଶ ଓ ଚମଡ଼ା ଏବଂ ପୁରୁଲିଆ-ମାନଭୂମରେ ପୂର୍ବେ କାଠର ମୁଖା ବ୍ୟବହୃତ ହେଉଥିବା ଜଣାଯାଏ । ବର୍ତ୍ତମାନ ବାରିପଦା ବ୍ୟତୀତ ମୟୂରଭଞ୍ଜର ସୀମାନ୍ତ କେତେକ ଅଞ୍ଚଳ ସହିତ ଷଢ଼େଇକଳା-ସିଂଭୂମ ଓ ପୁରୁଲିଆ-ମାନଭୂମରେ କାଗଜ, କନା ଏବଂ କାଦୁଅରେ ନିର୍ମିତ ମୁଖା ବ୍ୟବହାର ହେଉଥିଲେ ହେଁ ତହିଁର ନିର୍ମାଣ ସଜ୍ଜା ଶୈଳୀରେ ପାର୍ଥକ୍ୟ ଅଛି । ଧଳଭୂମ ଓ ମେଦିନୀପୁରର ଝାଡ଼ଗ୍ରାମରେ ଛଉ ନାଚରେ 'ପରଭା' ବ୍ୟବହୃତ ହୁଏ ।

ବୀର ଓ ଲାସ୍ୟ ଦୁଇ ପ୍ରକାର ଭାବର ଛଉ ନୃତ୍ୟ ହୁଏ । ନୃତ୍ୟର ବିଷୟବସ୍ତୁ, ଅଙ୍ଗଭଙ୍ଗୀ, ବ୍ୟବହୃତ ବାଦ୍ୟ ଓ ଅସ୍ତ୍ରଶସ୍ତ୍ର ସମସ୍ତ ଏକ ସମର ଭିତ୍ତିକ ନାଚର ପ୍ରମାଣ ଦିଏ । ଢୋଲ, ମହୁରୀ, ଚଡ଼ଚଡ଼ି, ଧୁମ୍ସା, ସିଂଗା ପ୍ରଭୃତି ପାରମ୍ପରିକ ବାଦ୍ୟ ଯନ୍ତ୍ର (ଆଧୁନିକ ବାଦ୍ୟ ଯଥା - ହାରମୋନିୟମ୍, ଝୁମୁକା, କ୍ଲାରିଓନେଟ ପ୍ରଭୃତି) ଏବଂ ଢାଲ, ଖଣ୍ଡା, ତୀର, ଧନୁ ପ୍ରଭୃତି ଅସ୍ତ୍ରଶସ୍ତ୍ର ତିନି ଅଞ୍ଚଳର ନାଚରେ ବ୍ୟବହୃତ ହୁଏ । ଏହା ପାଇକ, ପାଇକାଳି, ସାଧନ, ନାଟୁଆ ଓ ଡାଣ୍ଡା ପ୍ରଭୃତି ବୀରଧର୍ମୀ ନାଚର ପ୍ରଭାବର ଫଳ । ଏ ସମସ୍ତ ନାଚରେ ଉପରୋକ୍ତ ପାରମ୍ପରିକ ବାଦ୍ୟ ଓ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୁଏ । ଓଡ଼ିଶୀ, ନାଚୁଣୀ ଓ ପାନ୍ତା ନାଚର ପ୍ରଭାବ ଛଉରେ ଲାସ୍ୟଧର୍ମୀ ନାଚ ପ୍ରଚଳନର କାରଣ ହୋଇପାରେ । ଛଉରେ ନାରୀ ଭୂମିକାରେ ପୁରୁଷ ଅଭିନୟ କରନ୍ତି । ଏହା ଏକ ବୀରତ୍ୱ ବ୍ୟଞ୍ଜକ କଠିନ ନାଚ ହୋଇଥିବାରୁ ଏଥିରେ ନାରୀମାନେ ଅଂଶ ଗ୍ରହଣ କରିବା ସମ୍ଭବ ହୋଇନାହିଁ । ଭାରତୀୟ ସମାଜରେ ଭକ୍ତି ଆନ୍ଦୋଳନ ଫଳରେ କଠୋର ଓ ପବିତ୍ର ସାଧକ - ଭକ୍ତ ଜୀବନରେ ଶକ୍ତି ଆହରଣର ପ୍ରତିବନ୍ଧକ ସ୍ୱରୁପ ନାରୀ ଅସାହଚର୍ଯ୍ୟ ଏକ କାରଣ ବି ହୋଇପାରେ । କିନ୍ତୁ ସାଂପ୍ରତିକ କାଳରେ କେତେକ ସ୍ଥାନରେ ନାରୀ ଭୂମିକାରେ ମହିଳାମାନେ ଅଭିନୟ କରୁଥିବାର ଦେଖାଯାଏ ।

ହାଡ଼ି, ଡମ, କଳିନ୍ଦୀ, ଘାସି ଜାତିର ଲୋକମାନେ ବାଦ୍ୟକାର ଭାବେ ତିନି ଅଞ୍ଚଳରେ ଛଉରେ ଅଂଶ ଗ୍ରହଣ କରନ୍ତି ।

ସିଂଭୂମ, ମୟୂରଭଞ୍ଜ ଓ ପୁରୁଲିଆ-ମାନଭୂମ ଅଞ୍ଚଳରେ ଛଉ/ଛୌ ନାଚ ସାଧାରଣ ଲୋକ, ସର୍ଦ୍ଦାର/ମାନକୀ/ପ୍ରଧାନ ଓ ରାଜା ଅଥବା ଦରବାର - ଏହି ତିନୋଟି ସ୍ତରରେ ପ୍ରଚଳନ ଥିବାର ଦେଖାଯାଏ । ତିନୋଟି ସ୍ତରରେ ଅନୁଷ୍ଠିତ ଛଉ ନାଚରେ ନାଚର ବିଭିନ୍ନ ବିଭାଗର ପରିବର୍ତ୍ତନ ଓ ପରିମାର୍ଜନ ଘଟିଅଛି ।

ଛଉ ନୃତ୍ୟର ସୃଷ୍ଟି ଓ ବିକାଶ ଦିଗରେ ନୃତ୍ୟ (ଓସ୍ତାଦ), ଗୁରୁଶିଷ୍ୟ ପରମ୍ପରା, ନୃତ୍ୟ ଶିକ୍ଷା ଓ ଶିକ୍ଷାର୍ଥୀ, ନୃତ୍ୟର ବିଷୟ ଓ ପରିବେଷଣ, ବାଦ୍ୟଯନ୍ତ୍ର, ବାଦ୍ୟକାର, ଗୀତ ଓ ଗୀତିକାର, ମଞ୍ଚ, ଆଲୋକସଜ୍ଜା, ପୋଷାକ, ଅଳଙ୍କାର, ମୁଖା, ମୁଖା ନିର୍ମାତା, ମୁଖା ନିର୍ମାଣ ଶୈଳୀ ପ୍ରଭୃତି ଓ ଏଥି ସହିତ ପୂଜା, ଆନୁଷ୍ଠାନିକ ଉପଚାର ସମସ୍ତ ବିଷୟ ସାଂସ୍କୃତିକ ପୃଷ୍ଠଭୂମିର ତୁଳନାତ୍ମକ ଅଧ୍ୟୟନ

କରାଯାଇ ଜଣାଯାଇ ଅଛି ଯେ, ଏହି ନୃତ୍ୟରେ ଉଡ୍ର-ମାଗଧୀ-ବଂଶ ସହ ଆଦିମ ଜନଜାତିଙ୍କ ଭାଷା-ସଂସ୍କୃତିର ସୃଷ୍ଟୁ ସମ୍ମେଳନ ଘଟିଅଛି । ପୂର୍ବ ଭାରତର ଭୌଗୋଳିକ ପରିସୀମାରେ ଏକ ଅଂଶ (ଝାଡ଼ଖଣ୍ଡ ନାମିତ ଅଞ୍ଚଳ) ଭାବେ ଛଉ ଏକ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମିରୁ ସୃଷ୍ଟ ଓ ଧର୍ମୀୟ ଅନୁଷ୍ଠାନ ସହିତ ସଂଯୁକ୍ତ । ଏ ଅଞ୍ଚଳର ଅଧିବାସୀଗଣ ଏହାର ସ୍ରଷ୍ଟା । ବିଭିନ୍ନ ସମୟ ଓ ବହୁ ଉପାୟରେ ଏଥିର ପରିବର୍ତ୍ତନ, ପରିମାର୍ଜନ ଓ ପରିବର୍ଦ୍ଧନ ଘଟିଅଛି ।

କେତେକ ଆଲୋଚକ ଛଉକୁ ନୃତ୍ୟ-ନାଟ୍ୟ ପର୍ଯ୍ୟାୟଭୁକ୍ତ କରି ନାଚ ରୂପରେ ଉଲ୍ଲେଖ କରି ଅଛନ୍ତି । ଏହା ସମୀଚୀନ ହୋଇଅଛି ଯେ, ସଂସ୍କୃତ ନୃତ୍ୟ ଶବ୍ଦ ଓଡ଼ିଆରେ ନାଚ ହୋଇଅଛି । ନାଚ ଶବ୍ଦ ପ୍ରଚଳିତ ହେଲେ ହେଁ ଛଉ ସଂପୃକ୍ତ ଅଞ୍ଚଳ ବିଶେଷତଃ ଷଡ଼େଇକଳା ଓ ମୟୂରଭଞ୍ଜର ସାଧାରଣ ଲୋକ ମାନଙ୍କ ମଧ୍ୟରେ ଏହା ଛଉ ନାଚ ଭାବରେ କଥିତ । ପ୍ରସ୍ତୁତ ସନ୍ଦର୍ଭରେ ଆଞ୍ଚଳିକ ଉଚ୍ଚାରଣ ଶୈଳୀ ଓ ଶବ୍ଦ ସମୂହକୁ ଗ୍ରହଣ କରାଯାଇଛି ।

**ପୂର୍ବ ପ୍ରମୁଖ ଲେଖକ ମାନଙ୍କ ଅଧ୍ୟୟନ, ବର୍ତ୍ତମାନ ସଂଗୃହୀତ ମତ ଓ ଆଲୋଚନା:**

ଛଉ/ଛୌ ନାଚ ସଂପର୍କୀୟ କୌଣସି ପ୍ରାଚୀନ ନଥିପତ୍ର କିମ୍ବା ଲିଖିତ ବିବରଣୀ ଏ ପର୍ଯ୍ୟନ୍ତ ଉପଲବ୍ଧ ହୋଇନାହିଁ । ଏପରିକି ବ୍ରିଟିଶ-ଭାରତର ପ୍ରାଥମିକ ପର୍ଯ୍ୟାୟରେ ଲେଖକ ଯେପରି ଡାଲଟନ୍(୧), ହଣ୍ଟର(୨), ରିସ୍‌ଲି(୩), ରାୟ(୪) ପ୍ରଭୃତିଙ୍କ ଲିଖିତ ପୁସ୍ତକରେ ଛଉ/ଛୌ ନାଚ ସଂପର୍କୀୟ ବିବରଣୀ ପ୍ରଦତ୍ତ ହୋଇନାହିଁ ।

ଓଡ଼ିଆ ଭାଷାରେ ପ୍ରଚଳିତ କେତେକ ଲୋକ ଗୀତରେ ଛଉ/ଛୌ ନାଚର ଉଲ୍ଲେଖ ଥିବାର ଦେଖାଯାଏ । ଷଡ଼େଇକଳା, ଖରସୁଆଁ, ପୋଡ଼ାହାଟ, କେରା, ଧଳଭୂମ, ବ୍ରାହ୍ମଣଘାଟୀ, ବାରିପଦା, କେଉଁଝର ପ୍ରଭୃତି ଅଞ୍ଚଳରେ ପ୍ରଚଳିତ କେତେଗୋଟି ଲୋକଗୀତ ଓ ଉକ୍ତି ଏଠାରେ ଉଦ୍ଧାର କରୁଅଛି ।

–"ଖରସୁଆଁର ଯାତ୍ରାଘଟ ବ୍ରାହ୍ମଣୀ ଘାଟିଆ ଘାଟ
–କେରାର କାଳିକା ଘଟ ଷଢ଼େଇକଳିଆ ନାଚ ।"(୫)

–କେଉଁଝର ଜିଲ୍ଲାର ଅସନ ପାଟ ଗ୍ରାମରୁ ସଂଗୃହୀତ ଦରବାରୀ ଝୁମର ସ୍ୱରରେ ଭାଦରିଆ ରଙ୍ଗ ବିଳମ୍ବିତ ଲୟଯୁକ୍ତ ବହୁ ପ୍ରଚଳିତ ଲୋକ ଗୀତଟି ହେଉଛି –

–"ଆଇଲାରେ ଏକ ସୁତ ନାରଦ ମୁନି
–ତ୍ରିଭୁବନରେ ସେତ ବାରତା ଘେନି
–ଢୋଲଟୁକୁ ବାଜେରେ ଷଢ଼େଇକଳା ଢୋଲଟା
–ଢୋଲ୍‌ଟା ବାଜିଲେ ଛୋଟା ନାଚେ, ଲାଖି ଗୁହେ ମନ୍‌ଟା ।" (୬)

ଧଳଭୂଇଁର ରସଣଚପା ଗ୍ରାମରୁ ସଂଗୃହୀତ ଲୋକୋକ୍ତିଟିଏ ହେଉଛି – "ଷଢ଼େଇକଳାର ନାଚ୍, କେରାର ପାଟ୍ ଆଉ ରସଣଚପାର ଛାତ୍ ।"(୭) ଏହି ଉକ୍ତିଟିରେ ପୂର୍ବୋକ୍ତ ଗୀତର "ବ୍ରାହ୍ମଣୀ ଘାଟିଆ ପାଟ୍" ସ୍ଥାନରେ "କେରାର ପାଟ"ର ଉଲ୍ଲେଖ ଅଛି । ଲୋକ ମୁଖରେ ପ୍ରଚଳିତ ସାହିତ୍ୟର ବିଷୟ, ନାମାଦିରେ ପରିବର୍ତ୍ତନ ଦେଖାଯାଏ । ତେବେ 'ଷଢ଼େଇକଳାର ନାଚ' କଥାଟି ଅପରିବର୍ତ୍ତିତ

ରହିଅଛି । ଷଢ଼େଇକଳାର ନାଟ କହିଲେ ସେଠାରେ ପ୍ରଚଳିତ ପ୍ରାଚୀନ ଛଉ (ମୁଖା) ନାଟ - ଏହା ହିଁ ପ୍ରତିପାଦିତ ବିଷୟ । ଅସନ ପାଟରୁ ସଂଗୃହିତ 'ଝୁମର'ଟିରେ ମଧ ଏହା ସ୍ପଷ୍ଟ ହେଉଅଛି ।

ମୟୂରଭଞ୍ଜର ସଦର ମହକୁମା ବାରିପଦା ଅଧୀନସ୍ଥ ମୁରୁଡ଼ା ଥାନାନ୍ତର୍ଗତ କୋହି ଗ୍ରାମରୁ ସଂଗୃହୀତ ବୋଲିଟିଏ ଉଦ୍ଧାର କରିବା ସମୀଚୀନ । ସେଇଟି ହେଲା - "କୋହିର ଘଟ, ବାରିପଦାର ଥାଟ, ଚରଚିତାର ପାଟ ଆଉ ଚନ୍ଦ୍ରୀର ନାଟ"।(୭.୧) ଏଠାରେ ବାରିପଦାର ଥାଟ କଥାଟି ବିଶେଷ ପ୍ରଣିଧାନଯୋଗ୍ୟ । ଓଡ଼ିଆ 'ଥାଟ' ଶବ୍ଦର ଆଭିଧାନିକ ଅର୍ଥ - ସୈନ୍ୟ ବଳ, ଆଡ଼ମ୍ବର । ବାରିପଦା ହେଉଛି ପୂର୍ବତନ ମୟୂରଭଞ୍ଜ ରାଜ୍ୟର ରାଜଧାନୀ । ତା' ଅଧୀନରେ 'କୋହି' ଗ୍ରାମ ଏକ ସମୃଦ୍ଧ ଜନବସତି । ଏଠାରେ ତାମୁଡ଼ିଆ ପୁରାଣ ମାନେ ଅଧିକ ସଂଖ୍ୟାରେ ବାସ କରନ୍ତି । ସେହି ଗ୍ରାମରେ ପଣା ସଂକ୍ରାନ୍ତିରେ ଉଠୁଥିବା ଘଟ ଉତ୍ସବ ଅତ୍ୟନ୍ତ ଆକର୍ଷଣୀୟ ଓ ବିଖ୍ୟାତ । ତତ୍କାଳୀନ ମୟୂରଭଞ୍ଜ ରାଜ୍ୟ ଅଧିନସ୍ଥ ନୟାବସାଣ ପରଗଣାର ଚୋରଚିତା ଓ ଚନ୍ଦ୍ରୀ ଗ୍ରାମରେ ଅନୁଷ୍ଠିତ ପାଟ ଯାତ୍ରା ଓ ଛଉନାଟର ଖ୍ୟାତି ରହିଥିଲା । ଏହି ଚଇତ ପରବରେ ବାରିପଦାର ଦରବାର ପକ୍ଷରୁ ପ୍ରଦର୍ଶିତ 'ଥାଟ' ଅର୍ଥାତ ପାଇକ ବାହିନୀର ଆଡ଼ମ୍ବରପୂର୍ଣ୍ଣ ଖେଳ/ନାଟ (ପାଇକ ନୃତ୍ୟ) ବହୁ ପ୍ରସିଦ୍ଧି ଅର୍ଜନ କରିଥିଲା ।

ବର୍ତ୍ତମାନ ଛଉ/ଛୋ ନାଚ ଚୈତ୍ର ପର୍ବ/ଉଡ଼ା/ଭକ୍ତା/ଗାଜନ ପ୍ରଭୃତି ପର୍ବ/ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହେଉଛି । ଉକ୍ତ ପର୍ବର ଲିଖିତ ବିବରଣୀ ପ୍ରାଚୀନ ତାଳ ପତ୍ର ପୋଥି ମାନଙ୍କରେ ଲିପିବଦ୍ଧ, କିନ୍ତୁ ତହିଁରେ ଛଉ/ଛୋ ନାଚ ସଂପର୍କରେ କୌଣସି ଉଲ୍ଲେଖ ନାହିଁ ।

ବିଂଶ ଶତକର ଦ୍ୱିତୀୟ ଦଶକରେ ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବ୍ରିଟିଶ ସମ୍ରାଟ ପଞ୍ଚମ ଜର୍ଜ ଓ ସାମ୍ରାଜ୍ଞୀ ମେରୀଙ୍କର ଭାରତ ଆଗମନ କାଳରେ ୧୯୧୨ ମସିହାରେ କଲିକତାଠାରେ ମୟୂରଭଞ୍ଜର ଛଉନୃତ୍ୟ ପ୍ରଦର୍ଶନ କରାଇଥିଲେ । ତାହା ହିଁ ଥିଲା- ଓଡ଼ିଶା ବାହାରେ ବାହାର ଦୁନିଆର ବିଜ୍ଞ ସମାଜରେ ଏ ନାଚର ସର୍ବ ପ୍ରଥମ ପ୍ରଦର୍ଶନ । ସେତେବେଳେ ତହିଁରେ ପ୍ରଦର୍ଶିତ 'ଓଡ଼ିଆ ପାଇକ ନୃତ୍ୟ' ବା ସମର ନୃତ୍ୟ ସର୍ବସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରି 'ପ୍ରଶଂସାଭାଜନ ହୋଇଥିବା ବିଷୟ ତତ୍କାଳୀନ ସମ୍ବାଦପତ୍ର ମାନଙ୍କରୁ ଜଣାଯାଏ । ପ୍ରଖ୍ୟାତ 'ଷ୍ଟେଟ୍‌ସମେନ୍' ପତ୍ରିକା ୧୯୧୨ ମସିହା ଜାନୁଆରୀ ୬ ତାରିଖ ସଂସ୍କରଣରେ ଲେଖିଥିଲେ - "ଓଡ଼ିଆ ପାଇକ ନାଚ ଏକ ମହତ ଦୃଶ୍ୟର ଅବତାରଣା ପୂର୍ବକ ସାର୍ବଜନୀନ ଶ୍ରଦ୍ଧାଭାଜନ ହୋଇଥିଲା ।"("The dance drew universal appreciation. The Oriya Paik dance was a great spectack") 'ଇଂଲିଶମେନ' ପ୍ରଭୃତି ସମ୍ବାଦପତ୍ରରେ ଅନୁରୂପ ବିବରଣୀ ମାନ ପ୍ରକାଶିତ ହୋଇଥିବା ଜଣାଯାଏ । (୮)

ପୂର୍ବତନ ମୟୂରଭଞ୍ଜ ରାଜ୍ୟରୁ ପ୍ରକାଶିତ 'ମୟୂରଭଞ୍ଜ ଗେଜେଟ'ର ସନ ୧୩୩୯ ସାଲ (ଇଂ.୧୯୩୧) ଚୈତ୍ର ପର୍ବ ସଂଖ୍ୟାରେ ଛଉନାଟ ବିଷୟରେ ସଂପାଦକ କପିଳେଶ୍ୱର ମିଶ୍ରଙ୍କ ଲିଖିତ ବିବରଣୀ "ନୃତ୍ୟ ଆଲୋଚକଙ୍କ ପାଇଁ ଏକ ଦିଗ୍‌ଦର୍ଶକ" ରୂପେ ଗୃହୀତ । ସନ ୧୩୪୧ ସାଲ (ଇଂ.୧୯୩୩)ରେ ଉକ୍ତ ଗେଜେଟ୍‌ର ଆଷାଢ଼ ମାସ ସଂଖ୍ୟାରେ ପ୍ରକାଶିତ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ

ଲିଖିତ ନିବନ୍ଧରେ ସେତେବେଳେ ଛଉର ଅବସ୍ଥା ଓ ତା'ର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଶଦଭାବେ ଆଲୋଚିତ ହୋଇଛି। ପୁନଶ୍ଚ, ସନ ୧୩୪୨ ସାଲ (ଇଂ. ୧୯୩୪)ରେ ମୟୂରଭଞ୍ଜର 'ଭଞ୍ଜପ୍ରଦୀପ' ଦଶହରା ସଂଖ୍ୟାରେ ଛଉନୃତ୍ୟ ଶୈଳୀର "ଅନ୍ୟତମ ଦିଗ୍‌ଦର୍ଶକ" ଦିବାକର ଭଞ୍ଜବାବୁ "ଛଉ ନାଚର କ୍ରମ ବିକାଶର ଏକ ମୂଲ୍ୟବାନ ତଥା ନିର୍ଭୁଲ ବିବରଣୀ ଦେଇ ଯାଇଛନ୍ତି।"(୯)

ପ୍ରଖ୍ୟାତ ପ୍ରଯୋଜକ ହରେନ୍ ଘୋଷଙ୍କ ନେତୃତ୍ୱରେ ୧୯୩୮ ମସିହାରେ ଷଢ଼େଇକଳାର ଛଉନାଚ ଇଉରୋପର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇ ବିଶେଷ ପ୍ରଶଂସିତ ହୋଇଥିଲା।

ଷଢ଼େଇକଳାର ଛଉନାଚ ଉପରେ ତତ୍କାଳୀନ ଓଡ଼ିଶାର ପ୍ରଖ୍ୟାତ ଓ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା ମାନଙ୍କରେ ଆଲୋଚନା ମୂଳକ ପ୍ରବନ୍ଧମାନ ପ୍ରକାଶିତ ହୋଇଥିବା ଦେଖାଯାଏ। ପ୍ରମଥ ନାଥ ଦାସଙ୍କ ଲିଖିତ କେତୋଟି ପ୍ରବନ୍ଧ ୧୯୪୫, ୧୯୪୯ ଓ ୧୯୬୦ ମସିହାରେ ଯଥାକ୍ରମେ ସହକାର, ଝଙ୍କାର ଓ ଆସନ୍ତାକାଲିରେ, ହୀରେନ୍ଦ୍ର ପ୍ରତାପ ସିଂହଦେଓଙ୍କ ପ୍ରବନ୍ଧ ୧୯୪୭ ମସିହାରେ 'ଚତୁରଙ୍ଗ' ପତ୍ରିକାରେ ପ୍ରକାଶ ପାଇଥିଲା। ୧୯୫୪ ମସିହାରେ ଷଢ଼େଇକଳାର ଟୀକାୟତ ନୃପେନ୍ଦ୍ର ନାରାୟଣ ସିଂହଦେବ ତାଙ୍କ ଲିଖିତ 'ସିଂଭୂମ, ଷଢ଼େଇକଳା ଆଣ୍ଡ ଖରସୁଆଁ - ଥ୍ରୋ ଦି ଏଜେସ୍' ପୁସ୍ତକରେ ଛଉନାଚ ଉପରେ ସ୍ୱତନ୍ତ୍ର ଅଧ୍ୟାୟଟିରେ ଏ ନାଚର ସବିଶେଷ ବିବରଣୀ ପ୍ରଦାନ କରିଅଛନ୍ତି। ୧୯୬୧ ମସିହାରେ ପ୍ରଫେସର ଆଶୁତୋଷ ଭଟ୍ଟାଚାର୍ଯ୍ୟ ପୁରୁଲିଆ ଛଉ ନାଚର ପୋଷକତା ଆରମ୍ଭ କରିଥିଲେ। ୧୯୬୨ ମସିହାରେ ଅଧ୍ୟାପକ ଦୁର୍ଗା ଚରଣ କୁଅଁରଙ୍କ ଲିଖିତ 'ମୟୂରଭଞ୍ଜ' ଛଉନୃତ୍ୟ ପୁସ୍ତକଟି ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ପ୍ରକାଶିତ ହୋଇଥିଲା। ୧୯୬୮ ମସିହାରେ ପ୍ରଖ୍ୟାତ ସାହିତ୍ୟିକ ମୁଲକରାଜ ଆନନ୍ଦଙ୍କ ସମ୍ପାଦନାରେ 'ମାର୍ଗ' ପତ୍ରିକା ଛଉ ନାଚ ଉପରେ ଏକ ବିଶେଷ ସଂଖ୍ୟା ପ୍ରକାଶ କରିଥିଲେ। ଏଥିରେ ପ୍ରସିଦ୍ଧ ନୃତ୍ୟ ସମୀକ୍ଷକ ସୁନୀଲ କୋଠାରୀ, ଜୀବନ ପାଣି ପ୍ରଭୃତିଙ୍କ ଗବେଷଣାତ୍ମକ ପ୍ରବନ୍ଧମାନ ସନ୍ନିବେଶିତ ହୋଇଥିଲା। ୧୯୭୨ ମସିହାରେ ଆଶୁତୋଷ ଭଟ୍ଟାଚାର୍ଯ୍ୟଙ୍କ ଲିଖିତ ଗ୍ରନ୍ଥ 'ଛଉ ଡ୍ୟାନ୍ସ ଅଫ୍ ପୁରୁଲିଆ' ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରକାଶ ପାଇଥିଲ। ୧୯୭୩ ମସିହାରେ ରାଜକୁମାର ଯୁଗଭାନୁ ସିଂହଦେଓଙ୍କ 'ଛଉ: ମାସ୍କ ଡାନ୍ସ ଅଫ୍ ଷଢ଼େଇକଳା' ପୁସ୍ତକ ପ୍ରକାଶିତ ହୋଇଥିଲା। ନୃତତ୍ତ୍ୱବିତ୍ ପଶୁପତି ପ୍ରସାଦ ମାହାତୋ ତାଙ୍କର 'ଝାଡ଼ଖଣ୍ଡର ବିଦ୍ରୋହ ଓ ଜୀବନ' (୧୯୮୨) ପୁସ୍ତକରେ 'ଛୌ' ନାଚ ଉପରେ ଗୋଟିଏ ଅଧ୍ୟାୟ ସଂଯୋଜିତ କରିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ କର୍ତ୍ତୃକ ପ୍ରକାଶିତ ନୃତ୍ୟବିତ୍ ଶ୍ରୀ ଧୀରେନ୍ ଦାଶଙ୍କ ଲିଖିତ 'ଛଉ ଡାନ୍‌ସ ଅଫ୍ ଢେଙ୍କାନାଳ' ପୁସ୍ତିକା ପ୍ରକାଶ ପାଇଛି। ୧୯୮୯ ମସିହାରେ ଅଧ୍ୟାପକ ଅଖିଳ ବିହାରୀ ଓତାଙ୍କର 'ଓଡ଼ିଶାର ଛଉନାଚ' ନାମରେ ଏକ ପୁସ୍ତିକା ପ୍ରକାଶିତ ହୋଇଛି।

ଭାରତରେ ଓଡ଼ିଆ, ବଙ୍ଗଳା, ଇଂରେଜୀ ଭାଷାରେ ବହୁ ପତ୍ରପତ୍ରିକା ମାନଙ୍କରେ ବିଭିନ୍ନ ସମୟରେ ଛଉ/ଛୌ ନାଚ ବିଷୟକ ବହୁ ଆଲୋଚନାତ୍ମକ ପ୍ରବନ୍ଧମାନ ପ୍ରକାଶିତ ହୋଇଅଛି। ସେଗୁଡ଼ିକ ମଧ୍ୟରେ ଓଡ଼ିଶାରେ ଝଙ୍କାର, ସହକାର, ଚତୁରଙ୍ଗ, ଆସନ୍ତାକାଲି, ରଙ୍ଗଭୂମି, ସମାବେଶ, ନବପତ୍ର, ସମାଜ, ପ୍ରଜାତନ୍ତ୍ର, ପ୍ରଗତିବାଦୀ, ସମ୍ବାଦ; ବଙ୍ଗଳାରେ ଦେଶ, ଧନଧାନ୍ୟେ, ଛତ୍ରାକ୍, ଆଖଡ଼ା

ପ୍ରଭୃତି ଅସଂଖ୍ୟ ପତ୍ରପତ୍ରିକା; ଇଂରେଜୀରେ ମାର୍ଗ, ଷ୍ଟେଟସ୍‌ମେନ ପ୍ରଭୃତି ବହୁ ପତ୍ରପତ୍ରିକାରେ ନିର୍ବନ୍ଧ, ବିବରଣୀ, ଫଟୋଚିତ୍ର, ପ୍ରକାଶିତ ହୋଇଛି, ସେ ସବୁର ଧାରାବାହିକ ବିବରଣୀ ପ୍ରଦାନର ପ୍ରୟୋଜନ ନାହିଁ ।

ଛ/ଛଉ/ଛୋ ନାଚ ଉପରେ ଓଡ଼ିଶାରେ, ପଶ୍ଚିମବଙ୍ଗଳାରେ କେତେଥର ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ଆଲୋଚନାଚକ୍ରମାନ ଅନୁଷ୍ଠିତ ହୋଇଅଛି । ୧୯୭୭ ମସିହାରେ କଲିକତାଠାରେ ସର୍ବଭାରତୀୟ ଛଉନାଚ ସେମିନାର, ୧୯୭୮ ମସିହାରେ ଭୁବନେଶ୍ୱରଠାରେ ସର୍ବଭାରତୀୟ ଛଉ ସେମିନାର, ୧୯୭୯ ମସିହାରେ ପୁରୁଲିଆଠାରେ ଏକାଡେମୀ ଅଫ୍ ଫୋକ୍‌ଲୋର, କଲିକତା ଆୟୋଜିତ ଛୋ ନାଚର ସେମିନାର, ୧୯୮୩ ମସିହାରେ ଆନ୍ତର୍ଜାତୀୟ ଛଉ ସେମିନାର ବାରିପଦାଠାରେ ଅନୁଷ୍ଠିତ ହୋଇଥିଲା । ଏହିପରି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଅନେକଥର ଅନୁଷ୍ଠିତ ସତନ୍ତ୍ର ଆଲୋଚନା ଚକ୍ରମାନଙ୍କରେ ଏହି ନାଚର ବିଶେଷଜ୍ଞ, ସମୀକ୍ଷକ, ଗବେଷକ ଗଣ ଯୋଗଦେଇ ଗବେଷଣା ପ୍ରବନ୍ଧମାନ ଉପସ୍ଥାପିତ କରିଥିବାର ଜଣାଯାଏ । ଏତଦ୍ ବ୍ୟତୀତ 'ସର୍ବଭାରତୀୟ ଲୋକବିଦ୍ୟା ସମ୍ମେଳନ'ରେ ମଧ୍ୟ ଏହି ନାଚ ଉପରେ ପ୍ରବନ୍ଧମାନ ଉପସ୍ଥାପିତ ହୋଇଛି ।

କେତେକ ଡକ୍ଟରାଲ ଥିସିସ୍‌ରେ ଛଉନାଚ ବିଷୟକ ଗବେଷଣାତ୍ମକ ଆଲୋଚନା ହୋଇଛି । ମୟୂରଭଞ୍ଜର ଛଉ ନାଚ ଉପରେ ଗବେଷଣା କରି ଆମେରିକୀୟ ଗବେଷିକା ଜୁଡ଼ିଥ୍ ବ୍ଲେଙ୍କ (Judith Blank) ୧୯୭୩ ମସିହାରେ ଚିକାଗୋ ବିଶ୍ୱବିଦ୍ୟାଳୟରେ ପି.ଏଚ୍.ଡି ନିମନ୍ତେ 'ଦି ଷ୍ଟୋରି ଅଫ୍ ଛୋ ଡାନ୍‌ସ ଅଫ୍ ଦି ଫର୍ମର ମୟୂରଭଞ୍ଜ ଷ୍ଟେଟ', ଓଡ଼ିଶା (ପାଣ୍ଡୁଲିପି) ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରି ଡିଗ୍ରୀ ଲାଭ କରିଅଛନ୍ତି । ଅଧ୍ୟାପକ ଲାଲମୋହନ ସାହୁ 'ମୟୂରଭଞ୍ଜର ଲୋକନୃତ୍ୟ' ଓ ଶ୍ରୀ କୁଞ୍ଜବନ ପୃଷ୍ଟି 'ଉତ୍ତର ଓଡ଼ିଶାର ଲୋକ ନାଟକ' ଶୀର୍ଷକ ଗବେଷଣା ସନ୍ଦର୍ଭ ପ୍ରସ୍ତୁତ କରି ଯଥାକ୍ରମେ ଉତ୍କଳ ଓ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ଲାଭ କରିଅଛନ୍ତି ।

ପୁରୁଲିଆ ଓ ମୟୂରଭଞ୍ଜର ବାରିପଦାରେ ଛଉ/ଛୋ ନାଚର ପବିତ୍ର ପୀଠ ସ୍ଥଳରେ ମଧ୍ୟ କେତେକ ପତ୍ରପତ୍ରିକା ଓ ସ୍ମରଣିକାରେ ଏ ନୃତ୍ୟ ବିଷୟରେ ପ୍ରବନ୍ଧମାନ ପ୍ରକାଶ ପାଇଥିବା ଦେଖାଯାଏ । ପୁରୁଲିଆର 'ଛତ୍ରାକ୍' ଓ ମୟୂରଭଞ୍ଜର ଛଉନୃତ୍ୟ ପ୍ରତିଷ୍ଠାନ, ବାରିପଦାର ସ୍ମରଣିକା ନିୟମିତ ଭାବରେ ଆଲୋଚନା ଓ ପ୍ରବନ୍ଧମାନ ପ୍ରକାଶ କରିବାରେ ସତତ ଚେଷ୍ଟିତ ହୋଇଛନ୍ତି । ଷଢ଼େଇକଳାର ପ୍ରଖ୍ୟାତ ଛଉଶିଳ୍ପୀ ରାଜକୁମାର ଶୁଦ୍ଧେନ୍ଦ୍ର ନାରାୟଣ ସିଂହଦେଓଙ୍କର 'ଛଉ ଡାନ୍‌ସ ଅଫ୍ ଷଢ଼େଇକଳା' ଶୀର୍ଷକ ପାଣ୍ଡୁଲିପିରେ ଏହି ନୃତ୍ୟର ବିଶଦ ବିବରଣୀ ଲିପିବଦ୍ଧ ହୋଇଛି ।

ଏତଦ୍ ବ୍ୟତୀତ ବିଭିନ୍ନ ସମୟରେ ଭାରତ ତଥା ଭାରତ ବାହାରର ନୃତ୍ୟ ବିଶାରଦ, ସମୀକ୍ଷକ ମାନଙ୍କର ପ୍ରବନ୍ଧମାନ ବହୁ ପତ୍ରପତ୍ରିକାରେ ପ୍ରକାଶ ପାଇଛି । ଏଥି ସହିତ ସଂପୃକ୍ତ ପ୍ରାଦେଶିକ ସରକାର ମାନଙ୍କ ଦ୍ୱାରା ପ୍ରକାଶିତ ଜିଲ୍ଲା ଗେଜେଟିଅର ଓ ଜିଲ୍ଲା ଜନସୁମାରୀ ହ୍ୟାଣ୍ଡବୁକ ମାନଙ୍କରେ ଏ ନାଚ ସଂପର୍କରେ ବିବରଣୀ ଓ ପ୍ରବନ୍ଧମାନ ସ୍ଥାନ ପାଇଛି ।

ଆକାଶବାଣୀ, ଦୂରଦର୍ଶନରେ ମଧ ବିଭିନ୍ନ ସମୟରେ ବହୁ ଆଲୋଚନା, ପ୍ରବନ୍ଧ, ଡକୁମେଣ୍ଟାରୀ ଫିଲ୍ମ ପ୍ରଭୃତିର ପ୍ରଚାର ଓ ପ୍ରସାରଣ ଘଟିଥିବା ଜଣାଯାଏ ।

ଛଉ ନାଚ ବିଷୟକ ସମସ୍ତ ପ୍ରକାଶତ, ଅପ୍ରକାଶିତ ବିବରଣୀ, ପ୍ରବନ୍ଧ, ଆଲୋଚନା, ଗ୍ରନ୍ଥ ମଧ୍ୟରୁ ସବୁ ଗୁଡ଼ିକ ଦେଖି ପଢ଼ିବାର ସୁଯୋଗ ଲାଭ ହୋଇ ନାହିଁ । ଲେଖକ ଯେଉଁ ସବୁ ଦେଖି ପଢ଼ି ଉପଯୋଗ କରିଅଛି, ଯଥା ସ୍ଥାନରେ ଶ୍ରଦ୍ଧାର ସହ ସେ ସବୁର ନାମ ଉଲ୍ଲେଖ କରିଅଛି ।

- **କରଣ ସୁଧୀର ଚନ୍ଦ୍ର:** "ଛଉ ଶବ୍ଦଟିର ବା ଛଉ ନାଚର ମୂଳ ଉତ୍ସବରୁ ଆସିଅଛି । କାରଣ, କେଉଁଝରର ଜୁଆଙ୍ଗ ମାନଙ୍କ ମଧ୍ୟରେ ଯେଉଁ ଚାଙ୍ଗୁ ନୃତ୍ୟ ପ୍ରଚଳିତ ଅଛି, ସେହି ନାଚରେ ବ୍ୟବହୃତ ଚାଙ୍ଗୁ ନାମକ ବାଦ୍ୟ ଯନ୍ତ୍ରର ତାଳେ ତାଳେ ନର୍ତ୍ତକ/ ନର୍ତ୍ତକୀମାନେ ସ୍ୱର ଦେଇଥାନ୍ତି । "ଛୌ ଛୌ ଛୌ ଘିନ ଘିନ ଛୌ ।" ଛଉ ନାଚ ସହିତ ଏ ନାଚର ସଂପର୍କ ରହିବା ଅସମ୍ଭବ ନୁହେଁ । 'ଛୌ' ନାଚ ଏକ ମାତ୍ର ପୁରୁଲିଆ ଜିଲ୍ଲାର ସଂପତ୍ତି ନୁହେଁ, ତାହା ସୀମାନ୍ତ ବଙ୍ଗଳାରେ ସର୍ବତ୍ର ପ୍ରଚଳିତ । ମୟୂରଭଞ୍ଜ, ଷଡ଼େଇକଳା ଛୌ ନାଚର ଉଦ୍ଭବ ଭୂମି । ପରେ ତାହା ସୀମାନ୍ତବର୍ତ୍ତୀ ବଙ୍ଗଳାରେ ପ୍ରବେଶ କରିଅଛି ।(୧୦)
- **କବି ଅତନୁ:** ତେଣୁ 'ଛଉ' (ମୁଖା) ଏକାନ୍ତ ଅଂଶ ଭାବରେ ଛଉ ନୃତ୍ୟରେ ପ୍ରାରମ୍ଭରୁ ବ୍ୟବହୃତ ହୋଇ ଆସିଛି । ଏହି 'ଛଉ' ବା ମୁଖା ଦ୍ୱାରା ସଂପୂର୍ଣ୍ଣ ନୃତ୍ୟଟି ନିୟନ୍ତ୍ରିତ ହେଉଥିବାରୁ ଛଉ ହିଁ ଛଉ ନୃତ୍ୟର ସର୍ବଶ୍ରେଷ୍ଠ ପରିଚାୟକ । ତେଣୁ, 'ଛଉ' ବ୍ୟତିରେକେ ଛଉ ନୃତ୍ୟ ହୋଇ ନପାରେ । ପ୍ରକୃତରେ, ଷଡ଼େଇକଳାରେ 'ଛଉ' କହିଲେ ଜନ ସାଧାରଣ 'ମୁଖା' ବୋଲି ବୁଝନ୍ତି ଏବଂ ଏହି ଛଉ ଶବ୍ଦ ସଂସ୍କୃତ ଶବ୍ଦ 'ଛାୟା' ବା 'ଛବି'ରୁ ନିଷ୍ପନ୍ନ ହୋଇଛି ବୋଲି କୁହାଯାଏ । ସାଧାରଣତଃ ରାମାୟଣ, ମହାଭାରତ କିମ୍ବା ଅନ୍ୟାନ୍ୟ ପୌରାଣିକ କାହାଣୀକୁ ହିଁ ବିଶେଷତଃ ଛଉ ନୃତ୍ୟର ନୃତ୍ୟାଭିନୟ ଦ୍ୱାରା ପରିବେଷଣ କରାଯାଉ ଥିବାରୁ 'ଛଉ' ବ୍ୟବହାର କରିବା ପ୍ରଥା ପ୍ରଚଳିତ ହୋଇଥିଲା ବୋଲି ଅନୁମିତ ହୁଏ । କାରଣ ନାଟ୍ୟ ଶାସ୍ତ୍ରରେ ମଧ 'ଛଉ' ବା ମୁଖା ବିଷୟ ଉଲ୍ଲିଖିତ ହୋଇଛି । ବିଭିନ୍ନ ପ୍ରକାର ଦେବତା, ଦାନବ, ମାନବ, ପିଶାଚ ପ୍ରଭୃତିର ଅଭିନୟରେ 'ପ୍ରତିଶିର' ବା 'ଛଉ' ବ୍ୟବହାର କରାଯାଉଥିଲା । ନାଟ୍ୟ ଶାସ୍ତ୍ର ଅନୁସାରେ 'Similarity different masks (Pratisira) are to be used for gods and men according to their habitation, birth and age' ତେଣୁ, ନାଟ୍ୟ ଶାସ୍ତ୍ର ବର୍ଣ୍ଣିତ ଏହି 'ପ୍ରତିଶିର' ବ୍ୟବହାରରୁ ହିଁ ଛଉ ନୃତ୍ୟରେ 'ଛଉ' (ମୁଖା) ବ୍ୟବହାର ହୋଇ ଆସିଛି । ଅର୍ଥାତ୍ 'ଛଉ' ବା 'ପ୍ରତିଶିର' ବ୍ୟବହାର କରି ନୃତ୍ୟାଭିନୟ କରିବା ଭାରତୀୟ ପରମ୍ପରା ସ୍ୱୀକୃତ, ଏଥିରେ ସନ୍ଦେହ ନାହିଁ ।"(୧୧)
- **କୁଅାଁର ଦୁର୍ଗା ଚରଣ:** "ଛଉ ନୃତ୍ୟ ସାମରିକ ଓଡ଼ିଆ ଜାତିର ନୃତ୍ୟ ଓ ସମରରୁ ହିଁ ଏହି ବୀରତ୍ୱ ବ୍ୟଞ୍ଜକ ନୃତ୍ୟର ଉତ୍ପତ୍ତି । ସେନା ଛାଉଣୀରେ ଅବସର ସମୟରେ ଚିତ୍ତ ବିନୋଦନ

ପାଇଁ ଏବଂ ଶାନ୍ତି ସମୟରେ ଅଂଗ ଚାଳନା ଦ୍ୱାରା ନିଜକୁ ସମର କ୍ଷମ ରଖିବା ପାଇଁ ଓଡ଼ିଆ ପାଇକ ମାନେ ଏହି ନୃତ୍ୟ କରୁଥିଲେ । ରାଜା ଓ ସାମନ୍ତମାନେ ଏପ୍ରକାରର ସାମରିକ ଚିତ୍ତ ବିନୋଦନରେ ଅଂଶ ଗ୍ରହଣ କରିବା ସଂଗେ ଏସବୁକୁ ଉତ୍ସାହିତ ମଧ କରୁଥିଲେ । ସେ ସମୟରେ ଏହାକୁ 'ଚୁକ୍‌ମାର' କୁହାଯାଉଥିଲା । ହାତରେ ଖଣ୍ଡା ଓ ଢାଲ ଧରି ଦ୍ୱୈତ ଭାବେ ବା ସମୂହ ଭାବେ ଦୁଇ ଦଳରେ ବିଭକ୍ତ ହୋଇ ଢୋଲ, ମହୁରୀ, ଧୁମସା ପ୍ରଭୃତି ଓଡ଼ିଶୀ ସାମରିକ ବାଦ୍ୟର ତାଳେ ତାଳେ ପାଇକ ମାନେ କୌତୁକ ଯୁଦ୍ଧ କରୁଥିଲେ । ଗୋଟିଏ ପକ୍ଷ ଆକ୍ରମଣ କଲାବେଳେ ଅପରପକ୍ଷ ଢାଲ ତରବାରୀ ସାହାଯ୍ୟରେ ପ୍ରତିରକ୍ଷା କରୁଥିଲେ ଏବଂ ଏପରି ଭାବରେ ଆକ୍ରମଣ ଓ ପ୍ରତି ଆକ୍ରମଣ ବ୍ୟଞ୍ଜକ ନୃତ୍ୟର ଉନ୍ମାଦନା ମଧରେ ଯୁଦ୍ଧଶ୍ରାନ୍ତ ସୈନ୍ୟସାମନ୍ତ ମାନେ ଅବସର ବିନୋଦନ କରୁଥିଲେ । ଆଜିକାଲି ମଧ ଦଶହରା ପ୍ରଭୃତି ପର୍ବରେ ଏହି ପ୍ରକାର 'ଚୁକ୍‌ମାର' ନୃତ୍ୟ ଓଡ଼ିଶାର ବହୁ ଅଞ୍ଚଳରେ ଦେଖିବାକୁ ମିଳେ । କେତେକ ସ୍ଥାନରେ ଏହାକୁ 'ଫରିଖଣ୍ଡା' ଖେଳ ମଧ କହନ୍ତି । ନୃତ୍ୟକଳା ଦୃଷ୍ଟିରୁ ଏହି ପ୍ରକାର ନୃତ୍ୟ ନିମ୍ନ ସ୍ତରର ନିଶ୍ଚୟ; କିନ୍ତୁ ଏହି 'ଫରିଖଣ୍ଡା' ଖେଳ ବା ଛାଉଣୀ ନୃତ୍ୟରୁ ଛଉ ନୃତ୍ୟର ଉତ୍ପତ୍ତି । ବିଭିନ୍ନ ସ୍ତରରେ ଶାସ୍ତ୍ରୀୟ ତଥା ଗଣ ନୃତ୍ୟ ଭିତ୍ତିରେ ବିକାଶ ଲାଭ କରି ଛଉ ନୃତ୍ୟ ଏକ ଉନ୍ନତ ରୁଚି ସଂପନ୍ନ ନୃତ୍ୟରେ ପରିଣତ ହୋଇ ପାରିଛି । ସୈନ୍ୟ ଛାଉଣୀରୁ ଏହାର ଉତ୍ପତ୍ତି ବୋଲି କାଳକ୍ରମେ 'ଛଉନୃତ୍ୟ' ନାମରେ ଏହା ନାମିତ ହୋଇଛି ।"(୧୨)

୦ କୋଠାରୀ, ସୁନିଲ:"ପ୍ରକୃତ ପକ୍ଷେ ଛଉ ନାଚରେ ମୁଖା ହେଉଛି ଏହାର ଅନୁପମ ବୈଶିଷ୍ଟ୍ୟ । ଭାରତର ଅନ୍ୟ କୌଣସି ସ୍ଥାନରେ ଏପରି କୌଣସି ଏକ ସମରୂପ ବିଶିଷ୍ଟ ନୃତ୍ୟ ପ୍ରଚଳନ ଥିବାର ଦେଖାଯାଏ ନାହିଁ । ଛଉ ଶବ୍ଦଟି ସଂସ୍କୃତ ଛାୟା (ଛାଇ ଅଥବା ପ୍ରତିବିମ୍ବ) ଶବ୍ଦର ଅପଭ୍ରଂଶ ବୋଲି କୁହାଯାଏ । ବ୍ୟୁତ୍ପତ୍ତିଗତ ଅର୍ଥରେ ଛାୟା ଅପେକ୍ଷା ଛଦ୍ମ ଶବ୍ଦଟି ଅଧିକ ଯୁକ୍ତିଯୁକ୍ତ ମନେହୁଏ । ଯେପରି ଆସାମରେ ମୁଖା ଛୌଂ ଭାବରେ କଥିତ ହେଉଥିଲେ ହେଁ ଉଚ୍ଚାରଣରେ ସୋଠ ହୁଏ ଓ ଏହା ଛଦ୍ମ ଶବ୍ଦରୁ ଉତ୍ପନ୍ନ । କେତେକ ବିଶ୍ୱାସ କରନ୍ତି ଯେ ଛାଉଣୀ ଶବ୍ଦରୁ ଏହା ସୃଷ୍ଟି ଯେଉଁଠି କି ସୈନ୍ୟଗଣ ଫରୀଖଣ୍ଡା ଖେଳ ଅଭ୍ୟାସ କରୁଥିଲେ । ପ୍ରକୃତରେ ଏହାହିଁ ଏହାର ମୌଳିକ ରୂପ । ଓଡ଼ିଆରେ ଆଉ ଏକ ଶବ୍ଦ ରହିଅଛି ଯାହାର ଅର୍ଥ 'ଆକ୍ରମଣ' । ତହିଁରୁ ଛଉ ଉତ୍ପତ୍ତି ହୋଇଥିବାର କୁହାଯାଏ । ଏଥିରେ କିଛିଟା ଯୌକ୍ତିକତା ରହିଅଛି କାରଣ ଛଉର ମୂଳ ରୂପ ହେଉଛି 'ରୁକ୍‌ମାର' - ପ୍ରତିରକ୍ଷା ଓ ଆକ୍ରମଣାତ୍ମକ ନାଚ । ଅନ୍ତତଃ ଏହି ଅଭ୍ୟାସ ପୂର୍ବତନ ପଡ଼ୋଶୀ ମୟୂରଭଞ୍ଜ ରାଜ୍ୟରେ ପ୍ରଚଳିତ ଥିଲା । ଛଉରେ ମୁଖା ବ୍ୟବହାର ଓ ଏହା ଏଥିର ଅବିଚ୍ଛେଦ୍ୟ ଅଂଶ ହୋଇଥିବା ହେତୁ ଛଦ୍ମ ଶବ୍ଦରୁ ଛଉ ଶବ୍ଦଟିର ଉତ୍ପନ୍ନ ହେବା ଅଧିକ ଯୁକ୍ତି ସଂଗତ । ପ୍ରାରମ୍ଭିକ କାଳରେ ଏହି ନାଚ ଗୁଡ଼ିକ ସିଂହଭୂମ (ଚର୍ମଭୂମ), ଷଢ଼େଇକଳା, ଖରସୁଆଁ, ପୋଡ଼ାହାଟ ଓ ମୟୂରଭଞ୍ଜରେ ପ୍ରଚଳିତ ଥିଲା । କିନ୍ତୁ ସାଂପ୍ରତିକ କାଳରେ ଚୈତ୍ର ପର୍ବ ସମୟରେ ଅନେକ ପାର୍ଶ୍ୱବର୍ତ୍ତୀ ଗ୍ରାମ ମାନଙ୍କରେ ଏସବୁ ଅନୁଷ୍ଠିତ ହୋଇଅଛି ।

ଛଉରେ ବ୍ୟବହୃତ ସଙ୍ଗୀତର ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି ଯେ, ଏଥିରେ ପ୍ରଖ୍ୟାତ ଓଡ଼ିଆ କବି ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ଓ ଲୋକଗୀତ ବ୍ୟବହୃତ ହୁଏ । ଏ ସବୁର ସ୍ୱର ହିଁ କେବଳ ମହୁରୀ ଓ ସାନାଇରେ ବାଜେ । ଏହି ଗୀତ ଗୁଡ଼ିକରେ ଓଡ଼ିଆ ପ୍ରାଣ ଅତି ଅନ୍ତରଙ୍ଗ ଭାବେ ନିହିତ । ସ୍ୱର ଆବେଗ ସୃଷ୍ଟି କରି ଭାବ ଜାଗ୍ରତ କରାଇଥାଏ । ମୟୂରଭଞ୍ଜ ଛଉରେ ଗୀତ ବୋଲାଯାଏ କିନ୍ତୁ ଷଢ଼େଇକଳାରେ ସ୍ୱରହିଁ ବାଦ୍ୟରେ ସଙ୍ଗୀତ ହୁଏ ।

ଛଉରେ ସୁପରିକଳ୍ପିତ ଉଫ୍‌ଲି ଗୁଡ଼ିକ ଓଡ଼ିଆ ବଧୂର ନିତ୍ୟ କାର୍ଯ୍ୟାବଳୀ, ପ୍ରକୃତି ଓ ମାନବେତର ପ୍ରାଣୀଙ୍କର ଗତି, ଗ୍ରାମ୍ୟ ଯୁବକର ସାମୟିକ କାର୍ଯ୍ୟ ଓ ସାମରିକ କୌଶଳରୁ ସୃଷ୍ଟ ।" (Indeed the unique feature of Chhau dances is its mask. We do not have parallel dance form in other parts of India. Explanations are offered for the word chhau to be corrupt word from Sanskrit Chhaya (shadow or image). Etymologically, Chhadma (disguise) instead of Chhaya sounds more probable, since in Assam too we find that masks are called Chhou pronounced as so(n) and the word is derived from Chhadma. Some believe that the word is derived from Chhaun (war camps), where the solder\eiers practised pharikhanda (Phari-shield, Khanda-sword) excercises, which, as a matter of fact, do form the basic action of Chhau. There is another word in Oriya language from which the word Chhau is derived and it means 'to attack'. It has some validity, for, in the initial stage Chhau dance was limited to 'Rookmar Nach' - defend and attack dance. At least this practice was prevalent in Mayurbhanj, the neighbouring experiencedly State. Because of the use of the mask the word chhau, derived from Chhadma, seems to be logical since those dances are in variably performed with masks. In the neighbouring these dances were combined to Chharmabhum, Saraikella, Kharswan, Phorahat and Mayurbhanj. But at present the dances are performed in a member of surrounding villaged during the Chaitra festival.".

A noteworthy feature of Chhau music is the use of compositions of favours Oriya poets - Upendra Bhanja, Kavi Surya, Udita Narayan and also folk songs. Bug the words are discarded

as only the tunes are played on the Shehnai and Mahuri. These songs are deeply embeded in the hearts of Oriyas and the tunes evoke the sentiments and create Rasa. In Mayurbhanj Chhau dances the words are sang by the musicians. But in Saraikella only the tunes are played."

The imagenary inspiring the caflis is derived from sourees like the daily routine work of an Oriya housewife, nature and sub-human creatures and their movements, casual work done by rural youth and martial crafts")(13)

- କୋନିସି ମାସାଟୋସି: "ଚୈତ୍ରପର୍ବ ପୂର୍ବ ଭାରତରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୁଏ । ସେଗୁଡ଼ିକ ଗୋଟିଏ ଅଞ୍ଚଳର ଅନ୍ତର୍ଗତ, ଯେଉଁଠି ପଶ୍ଚିମବଙ୍ଗ, ବିହାର ଓ ଓଡ଼ିଶା ମିଳିତ ହୋଇଛି । ଚାରିଗୋଟି ଛଉ ଶୈଳୀ ଯଥା - ଓଡ଼ିଶାର ମୟୂରଭଞ୍ଜ, ବିହାରର ଷଢ଼େଇକଳା (ମୂଳତଃ ଏ ଦୁଇଟି ଓଡ଼ିଶାର) ପଶ୍ଚିମବଙ୍ଗର ପୁରୁଲିଆ ଏବଂ ମେଦିନୀପୁର । (It is generally considered that there are four distinct styles of Chhau seattered in various regions in East India, though all are within an area where the states of West Bengal, Bihar and Orissa Converge. The four styles of Chhau are that of Mayurbhanj in Orissa, Saraikella in Bihar, although originally a part of Orissa, Purulia in West Bengal and Midnapur also in West Bengal.)(14)

- ଜୁଡ଼ିଠ୍ ବ୍ଲେକଂ: "ମୟୂରଭଞ୍ଜର ଲୋକ ମାନଙ୍କ ନିମନ୍ତେ ଛଉନାଚ କ୍ଷତ୍ରିୟ ସଂସ୍କୃତିର ଚରମ ପରିପ୍ରକାଶ । ଶାସକ ଗୋଷ୍ଠୀର ଏକ ଅଂଶ ଭାବରେ ଛଉ ନାଚର ସୃଷ୍ଟି ଓ ଯୁଦ୍ଧରେ ଏହା ପ୍ରକାଶିତ ହେଉଥିଲା । ଭାରତର ଅନ୍ୟ ନୃତ୍ୟ ସମୂହ ପେଷାଦାର ଅଭିନେତା ମାନଙ୍କ ଦ୍ୱାରା କୌଣସି ମନ୍ଦିର କିମ୍ବା ରାଜାଙ୍କ ପୃଷ୍ଠପୋଷକତା ଲାଭ କରିଥିବା ବେଳେ ଛଉ 'ଅଭିଜାତ' ମାନଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିଲା ଓ ଏହା 'ପେଶାଦାରୀ' ନଥିଲା । ଏହି ନାଚ ଭୈରବଙ୍କ ଠାରୁ ଉତ୍ପତ୍ତି ହେବା ବିଶ୍ୱାସ ପୋଷଣ କରାଯାଏ । ଏହି ନୃତ୍ୟ ଶୈଳୀର ସାମଞ୍ଜସ୍ୟ ସାମରିକ କୌଶଳ ସହିତ ରହିଅଛି । କ୍ଷତ୍ରିୟମାନେ ନିଜର ଅବସର ବିନୋଦନ ସମୟରେ ଏ ନାଚର ଅବତାରଣା କରୁଥିଲେ । "(For the people of Mayurbhanj, the Chhau dance was the highest expression of the Kshatriya culture. The Chau dance was the part of the ruling class

and expressed the origin of that class in fighting. While many dances in India are performed by professional artists in a temple setting or before an aristocratic patron, the Chau was perfomed by non-professionals, the aristocrats themselves. The Chhau dance is believed to have originated from Bhairab's teachings; it is a form of dancing axix to the art of warfare. The Kshatriya people perfomed this dance as part of their own entertainment and for the people of this State as an expression of their style.)(15)

- **ପଟ୍ଟନାୟକ, କାଳୀ ଚରଣ:** "ଏତିକି ବେଳେ ବାଗୁଳି କୋଠାରେ ଆରମ୍ଭ ହେଲା ଛଉ ଆଖଡ଼ା । ଏହା ଆସନ୍ତା ଚୈତ ପରବ ପାଇଁ ପ୍ରସ୍ତୁତି । ମହାରାଜା ଓ ମହାରାଣୀଙ୍କର ଦୁଇଟି ଦଳ । ଯଥାକ୍ରମେ ଦକ୍ଷିଣ ସାଇ ଓ ଉତ୍ତର ସାଇ ବୋଲାଏ । ପ୍ରତିଯୋଗିତାମୂଳକ ଅନୁଷ୍ଠାନ ଏ ଦୁଇଟି । ଦେଖିଲି, ଅଳ୍ପ ସ୍ଥାନୀୟ ଛାଇ ସହିତ ନିରୋଳା ଓଡ଼ିଶୀ ଗୀତ ଢଙ୍ଗର ଚର୍ଚ୍ଚାଟା ନିରବରେ ହୁଏତ ଅଜାଣତରେ ଓଡ଼ିଆ ପ୍ରାଣରେ ଛୁଆଁ ଦେଇଛି । ଛଉରେ ଛୁଆଁ ଅଛୁଆଁ ଜାତି ବାରଣାର ଠାବ ନଥିଲା । ବୃନ୍ଦାବନ କୃଷ୍ଣ ଭୂମିକା ଗ୍ରହଣ କରୁଥିଲେ । ସୁନ୍ଦର ତାଙ୍କ ଠିଆ ହେବା ଭଙ୍ଗୀ । ଏହାକୁ ଓଡ଼ିଶୀ ନାଚର 'ଥାଇ' କୁହାଯାଇପାରେ । ବାଦ୍ୟଯନ୍ତ୍ର ଢୋଲ ଆଉ ମହୁରୀ । ସେ ମହୁରୀ ବାଜା ସାହାନାଇ ସଂଗେ ଯୋଡ଼ ଦେବ । ଢୋଲରେ ବଡ଼ ବଡ଼ ତାଳ ଯଥା - ଚଉତାଲ, ଧାମାର, ପଞ୍ଚମ ସୱାରୀର ବୋଲ ବାଜେ । ନାଚ ସେଇ ଛନ୍ଦାନୁସାରୀ । ଛଉରେ ଉଫ୍‌ଲୀ (ଉପଲୟ ବା ଅବଲୟର ଦେଶଜ ନାମ) ନାଟ୍‌କୀ (ହୁତନୃତ୍ୟ-ମୁଖ୍ୟ-ନୁହେଁ ମୋକ୍ଷ ନୃତ୍ୟ) ରଙ୍ଗ ବାଜା (ଶାସ୍ତ୍ରୀୟ ରଙ୍ଗ - ପ୍ରବେଶ କାଳୀନ ପ୍ରସ୍ତାବନା ବାଦ୍ୟ ବା ଆବହ ସର୍ଜନା) ଏବଂ ପ୍ରତି ଅଙ୍ଗର ସୁଶ୍ରୀ ବିକ୍ଷେପ ବା ଭାଙ୍ଗ ବାସ୍ତବରେ ଅପୂର୍ବ ।)(୧୭)

- **ପଟ୍ଟନାୟକ, ଧୀରେନ୍ଦ୍ର ନାଥ:** "ଛଉ ନାଚର ବିଭିନ୍ନ ପାରମ୍ପରିକ ନାମରୁ ହିଁ ଏହା ଆଦିବାସୀ, କ୍ଷତ୍ରିୟ ସଂସ୍କୃତି ଓ ଲୋକ ସଂସ୍କୃତିରୁ ସୃଷ୍ଟି ହୋଇଥିବାର ପ୍ରମାଣ ପ୍ରଦାନ କରେ । ପୂର୍ବେ ଏହା ଆମ ତାଳିଆ - ଜାମତାଳିଆ ନାଚ, ଫରୀଖଣ୍ଡା ଖେଳ, ରୁକ୍‌ମାର ନାଚ ଓ ଛଉ ଯୁଦ୍ଧ ଭାବରେ କଥିତ ହେଉଥିଲା । ସାନ୍ତାଳ, କୋହ୍ଲ ଓ ଭୂମିଜ ନାଚର ପ୍ରଭାବ ବର୍ତ୍ତମାନ ଛଉ ନାଚରେ ପରିଲକ୍ଷିତ ହୁଏ । ଚଢ଼େଇଆ ନାଚ, ପାଟୁଆ ନାଚ, ଝୁମର, ନାଚୁଣୀ, କାଠି ନାଚ ଓ ଘଙ୍ଗୁନାଚର ବିଭିନ୍ନ ଭଙ୍ଗୀ ଓ ଶୈଳୀ ଏଥିରେ ଅନୁସରଣ କରାଯାଇଛି ।"(୧୮)

- **ପାଣି, ଜୀବନ:**"ଛଉ ଶବ୍ଦଟି ଖାଣ୍ଟି ଓଡ଼ିଆ; କାରଣ ଛଉ ନାଚରେ ବ୍ୟବହୃତ ସମସ୍ତ ପାରିଭାଷିକ ଶବ୍ଦ ଏବଂ 'ଉଫ୍‌ଲି' ଗୁଡ଼ିକ ଖାଣ୍ଟି ଓଡ଼ିଆ ଶବ୍ଦ । ଯଥା - ଶେଉଳ ଡିଆଁ, ଟିଙ୍ଗୁଡ଼ି

ଡିଆଁ ଉଫ୍‌ଲି ପଭୃତି । 'ଛଉ' ଶବ୍ଦରୁ ତିନୋଟି ଉପଶବ୍ଦ ସୃଷ୍ଟି ହୋଇଅଛି । ଛଉକା, ଛାଉଣୀ ଓ ଛଉରୀ । ପ୍ରମୋଦ ଅଭିଧାନରେ 'ଛଉରୀ'ର ଅର୍ଥ 'ସାଂଜୁ' । ଏହା ସମର ଭିତ୍ତିକ ନାଚ ହୋଇଥିବାରୁ ଓ ମୂଳ ଶବ୍ଦରୁ ତିନୋଟି ଶବ୍ଦ ବ୍ୟୁତ୍ପତ୍ତି ଅର୍ଥକୁ ବିଚାର କଲେ 'ଛଉ' ନାଚର ଅର୍ଥ ହେଲା ଯୁଦ୍ଧ ନାଚ ବା ଶିକାର ନାଚ । ଷଢ଼େଇକଳା ଓ ମୟୂରଭଞ୍ଜ ଛଉ ନାଚରେ ମୌଳିକ ଭାବଭଙ୍ଗୀ ଓ ପଦପାତ ହେଉଛି ଅତୀତରେ ଢାଲ ଖଣ୍ଡା ଧରି ଅଭ୍ୟାସ କରୁଥିବା ଶୈଳୀ । କିନ୍ତୁ ଏହି ଅଭ୍ୟାସ ପୂର୍ବେ ମୟୂରଭଞ୍ଜରେ 'ରୁକ୍‌ମାର' ନାଚ ଓ ଷଢ଼େଇକଳାରେ 'ଫରୀଖଣ୍ଡା ଖେଳ' ନାମରେ କଥିତ ହେଉଥିଲା । ପୁରୁଲିଆ ଛଉ ଶୈଳୀରେ ଅନ୍ତର୍ନିହିତ ଭାବ ମଧ୍ୟ ଯୁଦ୍ଧ । ଏପରିକି ଗାଁ ଗହଳିରେ ପ୍ରଚଳିତ କେତେକ ଅର୍ବାଚୀନ ଛଉନାଚ, ଅସ୍ତ୍ରନାଚ ବା ଯୁଦ୍ଧ ନାଚ ଭାବରେ କଥିତ । ବସ୍ତୁତଃ, ଛଉନାଚ ମୂଳତଃ ଯୁଦ୍ଧନାଚ ।(୧୯)

○ **ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର :** "ଚୈତ୍ରପର୍ବ ବେଳେ ଆମ ଗାଁର ଯେଉଁ ନାଚ ହେଉଥିଲା, ସେଥିପାଇଁ ପ୍ରାୟ ଦୁଇ ମାସ ଆଗରୁ ପ୍ରସ୍ତୁତି ଚାଲୁଥିଲା । ଆମ ଗାଁରେ ଛଉନାଚର ଗୋଟିଏ ଆଖଡ଼ା ଥିଲା ଏବଂ ଏହି ଆଖଡ଼ାର ଓସ୍ତାଦ୍ ଥିଲେ ବନମାଳି ନାୟକ । ଦୀର୍ଘ, ସ୍ଥୁଳ ଓ ବଳିଷ୍ଠ ବପୁ ଧରି ଓସ୍ତାଦ୍ ମୁହେଁ ମୁହେଁ ରୋକଡ (ବାଦ୍ୟନାଦ) ଡାକୁଥିଲେ ଓ ସେହି ଅନୁସାରେ ପାଦ ପକାଇ ପିଲାମାନେ ଛଉନାଚ ଅଭ୍ୟାସ କରୁଥିଲେ । ମଧ୍ୟେମଧ୍ୟେ ବାଜାକାର ମାନେ ଆସି ବାଜା ବଜାଉଥିଲେ ଓ ବାଦ୍ୟଯନ୍ତ୍ରର ତାଳ ଅନୁସାରେ ଏବଂ ଓସ୍ତାଦଙ୍କ ରୋକଡ ଅନୁସାରେ ପିଲାମାନଙ୍କୁ ନୃତ୍ୟ ଭଙ୍ଗୀ ଓ ପଦଚାଳନା କରିବାକୁ ପଡୁଥିଲା । କେହି ଭୁଲ୍ କଲେ ଓସ୍ତାଦ ହାତରେ ଧରିଥିବା ଛାଟଟିରେ ତାକୁ ପାହାରଟିଏ ଦେଉଥିଲା । ମୁଁ ଏହି ଆଖଡ଼ାରେ ଯୋଗ ଦେଇଥିଲି, ମାତ୍ର ନୃତ୍ୟ ଶିକ୍ଷାରେ ବେଶିଦୂର ଅଗ୍ରସର ହୋଇ ପାରି ନଥିଲି ।

ଚୈତ୍ର ପର୍ବରେ ତିନିଦିନ ଧରି ରାତିରେ ଆମ ଗାଁର ଠାକୁରାଣୀଙ୍କ ନିକଟରେ ଛଉନାଚ ହେଉଥିଲା । ଏଥିରେ ଆମ ଗାଁର ଭୂୟାଁମାନେ ଓ ପାଶ୍ୱବର୍ତ୍ତୀ ଜାମ୍‌ଦାପାଳ ଗାଁର କୋହ୍ଲମାନେ ଯୋଗ ଦେଉଥିଲେ ଏବଂ ଆମ ଗାଁର ପାଣମାନେ ଢୋଲ ମହୁରୀ ବଜାଉଥିଲେ । ପୂର୍ବକାଳରୁ ଯେଉଁ ସବୁ ଛଉ ବା ମୁଖା ଆମ ଗାଁରେ ଥିଲା, ସେଗୁଡ଼ିକ ଜାମଦାପାଳରେ ମାଣିକ କୋହ୍ଲ ଘରେ ବାଉଁଶ ପେଡ଼ିରେ ସଯତ୍ନରେ ସଜାଡ଼ି ରଖାଯାଉଥିଲା । ଛଉ ବା ମୁଖା ପିନ୍ଧି ନୃତ୍ୟ କରିବା ହିଁ ଛଉ ନାଚର ପାରମ୍ପରିକ ବିଧି । ବିନା ଛଉରେ ଆଜିକାଲି ଯେଉଁ ଛଉ ନୃତ୍ୟ ହେଉଛି ତାହା ଏହି ନୃତ୍ୟର ଆଧୁନିକୀକରଣ ମାତ୍ର । ଆମ ଗାଁରେ ପାରମ୍ପରିକ ରୀତିରେ ହିଁ ଛଉ ନାଚ ହେଉଥିଲା । ଏଥିରେ ଶିବ, ଦୁର୍ଗା, ଅର୍ଦ୍ଧନାରୀଶ୍ୱର, ହରପାର୍ବତୀ, କାଳୀ, କାର୍ତ୍ତିକେୟ, ବାଈ (ସୁନ୍ଦରୀ ସ୍ତ୍ରୀ), ବାଘ, ଭାଲୁ ଇତ୍ୟାଦିର ମୁଖା ପିନ୍ଧି ନୃତ୍ୟକାରୀ ମାନେ ନୃତ୍ୟ କରୁଥିଲେ । ପ୍ରତ୍ୟେକ ଛଉ ବା ମୁଖାର ଦୁଇ ଆଖିରେ ଦୁଇଟି ରନ୍ଧ୍ର ରହୁଥିଲା । ଅତଏବ ଯେଉଁମାନେ ମୁଖା ପିନ୍ଧି ନାଚୁଥିଲେ, ସେମାନେ ସଂପୂର୍ଣ୍ଣ ଅନ୍ଧ ହୋଇ ନାଚୁ ନଥିଲେ ।

ଏହାଛଡ଼ା ଛଉ ନାଚର କେତେକ ଭୂମିକାରେ ବିନା ଛଉରେ ନୃତ୍ୟ କରିବାର ପ୍ରଥା ଥିଲା । ଏହି ଭୂମିକା ଗୁଡ଼ିକ ହେଉଛି - ଜାମୁତାଳିଆ ଓ ବାଟୁଆ ବାଟୁଆଣୀ । ଜାମୁତାଳିଆର ନାମକରଣରୁ ଜଣାଯାଏ ଯେ ପୂର୍ବେ ନୃତ୍ୟକାରୀମାନେ ହାତରେ ଜାମୁତାଳ ଧରି ଏହି ନୃତ୍ୟ ପ୍ରଦର୍ଶନ କରୁଥିଲେ ।"

"ଉଡ଼ାପର୍ବ ଓ ଛଉନାଚ ପରସ୍ପର ସହିତ ସଂଶ୍ଳିଷ୍ଟ । ଉଭୟ ଶିବ ଓ ଦୁର୍ଗାଙ୍କ ଆରାଧନା ପାଇଁ ହିଁ ଅନୁଷ୍ଠିତ ହେଉଥିଲା ।"(୨୦)

- **ବନ୍ଦୋପାଧ୍ୟାୟ, ବୀରେଶ୍ୱର:** "ପୁରୁଲିଆର ଅତି ଜନପ୍ରିୟ ଏହି ଛଉନାଚ । ଏଇ ନାଚଯେ କେବଳ ପୁରୁଲିଆରେ ହୁଏ ତା' ନୁହେଁ, ପୁରୁଲିଆ ସଂଲଗ୍ନ ବିହାରର କୌଣସି କୌଣସି ଅଞ୍ଚଳରେ ମଧ୍ୟ ଏହାର ପ୍ରଚଳନ ଦେଖାଯାଏ । ଅନେକେ ଅନୁମାନ କରନ୍ତି ଏଇ ନାଚ ମୂଳତଃ ଯୁଦ୍ଧ-ନୃତ୍ୟ । 'ଛୌ' ଶବ୍ଦ ଛାଉଣୀ ଶବ୍ଦରୁ ଆସିଅଛି । ଆନୁମାନିକ ଷୋଡ଼ଶ ଶତାବ୍ଦୀରୁ ଏ ନାଚ ଚାଲି ଆସିଛି । ଶୁଣାଯାଏ ଯେ ଏକ ସମୟରେ କଳାପାହାଡ଼ ଓ ବର୍ଗୀ ଆକ୍ରମଣକୁ ପ୍ରତିରୋଧ କରିବା ପାଇ ଏ ଅଞ୍ଚଳରେ 'ଛୌ' ଦଳ ଗଢ଼ି ଉଠିଥିଲା ।"(୨୧)

- **ବାତ୍ସାୟନ, କପିଳା:** "ମୟୂରଭଞ୍ଜ ଛଉ ନୃତ୍ୟକୁ ଘନିଷ୍ଠ ଭାବରେ ଦୃଷ୍ଟିଦେଲେ ଜଣାଯିବ ଯେ ଯଦିଓ ଏହା ଗ୍ରାମ୍ୟ ସଂସ୍କୃତିର ପ୍ରକାଶ ତଥାପି ଏହା ଅନେକ ଆଦିବାସୀ ବିଭାବ ବହନ କରେ ।" ("A close look at the community which performs the Mayurbhanj Chhau dances shows that although the dance is an expression of village culture, it has carried forward many tribal elements.")(୨୨)

- **ଭଞ୍ଜବାବୁ, ଦିବାକର:** "ମୟୂରଭଞ୍ଜର ସ୍ୱର୍ଗୀୟ ମହାରାଜା ଯଦୁନାଥ ଭଞ୍ଜଙ୍କ ଅମଳରେ ଚୈତ୍ରମାସରେ ପ୍ରଥମେ ରାମନବମୀ ନାଚ ହେଉଥିଲା । କିଛିଦିନ ପରେ ମଦନ ସିଂହବାବୁ ଧଳଭୂମିରୁ ଆସି ଛଉ ନାଚ ପରି କେତେକ ବାଜା ଓ କେତେକ ନାଚ ରାମନବମୀ ନାଚ ସଙ୍ଗରେ ମିଶାଇଥିଲେ । ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଭଞ୍ଜ ମହାରାଜାଙ୍କ ସମୟରେ ରାମହରି ଜିତ୍ ବେବର୍ତ୍ତାବାବୁ ତାଙ୍କ ବିବାହ ସକାଶେ ଷଢ଼େଇକଳାକୁ ଯାଇ ସେଠାରେ ଛଉନାଚ ଦେଖିଆସି ଏଠରେ ମହାରାଜାଙ୍କୁ କହିବାରେ ମହାରାଜା ସାହେବ ଷଢ଼େଇକଳାରୁ ଉପେନ୍ଦ୍ର ବିଶାଳ ନାମକ ଜଣେ ଓସ୍ତାଦ ଆଣି ତାଙ୍କୁ ଲାଖରାଜ ଇତ୍ୟାଦି ଦେଇ ଉତର ସାହିରେ ଓସ୍ତାତ୍ କରି ଦେଇଥିଲେ । ତାହାଙ୍କୁ ମଧ ଲାଖରାଜ ଆଦି ଦେଇଥିଲେ । ସେ ସମୟରେ ଉତର ସାହିରେ ସ୍ୱର୍ଗୀୟ ବୃନ୍ଦାବନଚନ୍ଦ୍ର ଭଞ୍ଜେ ଛୋଟରାଏ ସାହେବ ଉତ୍ତରସାହି ମାଲିକ ହୋଇ ନାଚ କରାଉଥିଲେ ଓ ନିଜେ ନାଚୁଥିଲେ । ସେ ସମୟରେ ନାଚୁଆମାନେ ମୁହଁରେ ମୁହୁଣ୍ଡା ବାନ୍ଧି ଓ ବାଉଁଶ ପର୍‌ଭା କରି ପିଠିରେ ବାନ୍ଧି ନାଚ କରୁଥିଲେ । ସେ ସମୟରେ ଏକଜଣିଆ ନାଚ, ଯୋଡ଼ିନାଚ, ଗରିଜଣିଆ ନାଚ ଓ ତିର୍ଲାନାଚ ହେଉଥିଲା ।"

"ନାଚ ପିଲାମାନଙ୍କୁ ଉପରୋକ୍ତ ଓସ୍ତାଦ୍ ଦୁଇଜଣ ଫରିଖଣ୍ଡା ଓ ଉଫୁଲି, ବାସି ପାଇଟି ଛଡ଼ା ପାଣିଦିଆ, ଗୋବର ଗୋଳା, ଝୁଣ୍ଟିଆମଜା, ଧାନ ପାଛୁଡ଼ା ଇତ୍ୟାଦି ନାଚମାନ ଶିକ୍ଷା ଦେଇ ନାଚୁଆ ତିଆରି କରୁଥିଲେ ।"

ଏହିପରି ବର୍ଷତମାମ ଶିକ୍ଷା ଦିଆଯାଏ । ନାଚ ରାଜବାଡ଼ିରେ ପ୍ରତିବର୍ଷ ପଣା ସଂକ୍ରାନ୍ତିକୁ ତିନିଦିନ କରି ହୁଏ । ଏହି ରୂପେ ଅନେକ ଦିନ ପର୍ଯ୍ୟନ୍ତ ନାଚ ହେଲା । ନାଚ ଖୁବ୍ ଉନ୍ନତି କଲା । ସମ୍ରାଟ୍ ପଞ୍ଚମ ଜର୍ଜ ଭାରତକୁ ଆସିବା ଶୁଣି ସ୍ୱର୍ଗୀୟ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ନିଜ ଉଦ୍‌ଭାବନ ବଳରେ ଓଆର୍ ଡାନ୍ସ ନାମକ ନାଚ ତିଆରି କରି କଲିକତାରେ ସମ୍ରାଟ୍ ମହୋଦୟଙ୍କୁ ଉପହାର ସ୍ୱରୂପ ଭେଟିଥିଲେ ।

ବର୍ତ୍ତମାନ ଅବଶ୍ୟ ମହାରାଜା ସାହେବଙ୍କର ଇଚ୍ଛା ଯେ, ଇଂରାଜି ନାଚ ଉଠାଇ ଦେଇ ଦେଶୀ ନାଚ ଅର୍ଥାତ ସାନ୍ତାଳ, ଭୂମିଜ, ମାହାନ୍ତ, କୋଲ, ବଂଗଳା, ଓଡ଼ିଆ ଓ ହିନ୍ଦୁସ୍ଥାନୀ ନାଚ କରିବାକୁ ହୁକୁମ ଦେଇଅଛନ୍ତି । ଏହି ନାଚ ବୋଧହୁଏ ଆଉ ଦୁଇତିନି ବର୍ଷ ମଧ୍ୟରେ ଭଲଭାବରେ ତିଆରି ହୋଇଯିବ ।"(୨୩)

○ ଭଟ୍ଟାଚାର୍ଯ୍ୟ, ଆଶୁତୋଷ: "ତେଣୁ ଏହି ସିଦ୍ଧାନ୍ତ ନେଇପାରୁ ଯେ, ବାଗମୁଣ୍ଡି ରାଜପରିବାରର ବର୍ତ୍ତମାନ ଛଉନାଚ ପରମ୍ପରାର ପ୍ରବର୍ତ୍ତନ କରିଥିଲେ ଯାହାକି ପଡ଼ୋଶୀ ଅଞ୍ଚଳ ଷଢ଼େଇକଳା ଓ ମୟୂରଭଞ୍ଜି ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ପ୍ରାୟ ସମସ୍ତ ରାଜା, ମହାରାଜ, ଆଦିବାସୀ ମୁଖିଆମାନେ ଏ ନାଚର ପୃଷ୍ଠପୋଷକତା କରିଥିଲେ । କିନ୍ତୁ ଷଢ଼େଇକଳା ଓ ମୟୂରଭଞ୍ଜର ମହାରାଜା ପରିଶେଷରେ ନୂତନ ଚରିତ୍ରର ବିକାଶ କରାଇଥିଲେ ।" "ମୁଁ ବିଶ୍ୱାସ କରୁଅଛି ଯେ, ଶବ୍ଦଟି 'ସଂ' ଶବ୍ଦରୁ ଆସିଛି ଯାହାର ଅର୍ଥ ଜଣେ ଅନ୍ୟ ବେଶରେ ଅନ୍ୟ ଚରିତ୍ରର ପ୍ରତିନିଧିତ୍ୱ କରେ । ଏଠାରେ ଉଲ୍ଲେଖ କରାଯିବା ଉଚିତ୍ ଯେ ପୁରୁଲିଆର୍ ଜନସାଧାରଣ ଏଇ ନାଚଟିକୁ ବହୁଳ ପ୍ରଚାରିତ ଛଉ ନକହି 'ଛ' ଓ 'ଛୋ' କହନ୍ତି । ମୁଣ୍ଡାରି ଭାଷାରେ 'ଛଟ' ଶବ୍ଦର ଅର୍ଥ 'ଭୂତ' ମାନେ ଶିବଙ୍କ ସମ୍ମୁଖରେ ବାର୍ଷିକ ପର୍ବରେ ନାଚୁଥିଲେ ।"

(Therefore, it can be concluded that the Raj family of Bagmundi introduced the present form of Chhau dance which spread up to neighbouring areas of Seraikella and Mayurbhanja. Almost all the Rajas and the Maharajas and the tribal chiefs patronised it, but the Maharajas of Seraikella and Mayurbhanj ultimately developed new characters out of it."

"Therefore, I believe that the word has been derived from the Sanskrit work sand (The word is a late Sanskrit meaning one who dresses himself to represent another character mostly clown."

"It must be stated here that the actual word used by the rural talk of Purulia for this dance is Chho and also Chha and not Chhau as it is popularly known today. The Marwari word Chhack means ghost - form Chhack the word Chhau can be derived philologically - Chhau dance was originally dance of ghosts and goblins or the followers of Siva before the shrine of Siva in the course of His annual worship."(୨୪)

- ମଣିବର୍ଦ୍ଧନ: "ଛଉ ନୃତ୍ୟର ବ୍ୟାପ୍ତି ସ୍ଥଳ ମୟୂରଭଞ୍ଜ, ଷଢ଼େଇକଲା ଓ ବଙ୍ଗଳାର ଝାଡ଼ଗ୍ରାମ ଅଞ୍ଚଳର ବିଭିନ୍ନ ନୃତ୍ୟକେନ୍ଦ୍ର ।"(୨୫)

- ମହାନ୍ତ, ଗିରୀଶ ଚନ୍ଦ୍ର: "ଛଉ ନାଚ ଦାମୋଦର ନଦୀଠାରୁ ବୈତରଣୀ ନଦୀ ମଧ୍ୟ ସ୍ଥଳରେ ଥିବା ସୁବିସ୍ତୀର୍ଣ୍ଣ ଭୂଖଣ୍ଡର ଅଧିବାସୀ ମାନଙ୍କର ଏକ ପ୍ରିୟ ନାଚ । ଏହି ସବୁ ଅଞ୍ଚଳ ବର୍ତ୍ତମାନ ପଶ୍ଚିମବଙ୍ଗଳା, ବିହାର ଓ ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ ହୋଇଅଛି । ତେବେ ଏ ଛଉନାଚର ସୃଷ୍ଟି ସଂପର୍କରେ ମୁଁ କହିବି ଯେ, ଏହି ଅଞ୍ଚଳରୁ କୌଣସି ଏକ ସମୟରେ ନାଚଟି ସୃଷ୍ଟି ହୋଇ ଆଞ୍ଚଳିକ ପୃଷ୍ଠପୋଷକ ମାନଙ୍କର ରୁଚି ଅନୁସାରେ ଉନବିଂଶ ଶତାବ୍ଦୀର ଶେଷ ଭାଗ ଆଡ଼କୁ ଷଢ଼େଇକଳା, ମୟୂରଭଞ୍ଜ ଓ ପୁରୁଲିଆ – ଏପରି ଭିନ୍ନ ଭିନ୍ନ ତିନୋଟି 'ସ୍କୁଲ'ର ସୃଷ୍ଟି ହୋଇଛି ।"(୨୬)

- ମହାତୋ, ପଶୁପତି: "ଛୋ ନାଚ ନିମ୍ନ ଝାଡ଼ଖଣ୍ଡ ସଂସ୍କୃତି ପରିମଣ୍ଡଳର ଅତ୍ୟନ୍ତ ଜନପ୍ରିୟ ନୃତ୍ୟଶୈଳୀ । ନିମ୍ନ ଝାଡ଼ଖଣ୍ଡର ପୁରୁଲିଆର ଛୋ ନୃତ୍ୟ ଶୈଳୀ ମୁଖା ନୃତ୍ୟ ଯାହା ପୁରୁଲିଆ ସଂଲଗ୍ନ ଷଢ଼େଇକଳା ଛୋ ଶୈଳୀ, ଧଳଭୂମ (ବିହାର), ମୟୂରଭଞ୍ଜର ଛଉ ଶୈଳୀ ଓ କେଉଁଝର ଛୋ ଶୈଳୀ(ଓଡ଼ିଶା)ର ଆଙ୍ଗିକ ଓ ଉପସ୍ଥାପନା ଭିନ୍ନ ହେଲେ ହେଁ ଝୁମରର ସ୍ୱର ବୈଚିତ୍ର୍ୟ ଏବଂ ତାଳ ସମସ୍ତ ଅଞ୍ଚଳର ଛୋ'କୁ ଏକ ସୂତ୍ରରେ ବାନ୍ଧି ରଖିଛି । ଝାଡ଼ଗ୍ରାମ ଓ ଧଳଭୂମର 'ପାଇକନାଚ' ମୂଳତଃ ଏଇ ଅଞ୍ଚଳର ବିଶେଷତ୍ୱ ହେଲେ ହେଁ ଛୋ ନାଚ ଏହି ଅଞ୍ଚଳରେ ଆନୁପାତିକ ଭାବେ ଆଧୁନିକ ସଂଯୋଜକ । ଅନ୍ୟ ଦିଗରେ ରାଞ୍ଚି ଜିଲ୍ଲାର ତାମାଡ୍, ବୁଣ୍ଡୁ, ସିଲ୍ଲୀ ପ୍ରଗଣା ସହିତ ଖୁଣ୍ଟି ସବ୍‌ଡିଭିଜନର ରଣ୍ଡିଲ, ପଞ୍ଚମଦା, ଇଚ୍ଛଗଡ଼ ଥାନାରେ ଏବଂ ଧାନବାଦ ଜିଲ୍ଲାର ରଷ୍ ଚଳନକିଆରୀ, ହଜାରିବାଗ ଜିଲ୍ଲାର ପେଟାରବାଦ ଓ ଜଗିଡିହି ଥାନା ଅର୍ଥାତ୍ ସାମଗ୍ରିକ ଭାବରେ ମଧ ଦାମୋଦର ଅବବାହିକାରୁ ଆରମ୍ଭ ହୋଇ କାସାଇ ଓ ସୁବର୍ଣ୍ଣରେଖା ଅବବାହିକାକୁ ମଧ୍ୟରେ ରଖି ବୈତରଣୀ ଅବବାହିକା ପର୍ଯ୍ୟନ୍ତ ଏହାର ବିସ୍ତୃତି ।

"ଝାଡ଼ଖଣ୍ଡ ବହିର୍ଭୁତ ସହରର ସମାଲୋଚକ ମାନେ ଏହି ନାଚଟିର ନାମ 'ଛୋ' ବା 'ଛ' ବଦଳରେ ଛୌ ବା ଛଉ ନାମକରଣ କରିଥିଲେ । ବିଭୂତି ଭୂଷଣ ଦାଶଗୁପ୍ତା, ଡଃ. ବଙ୍କିମ ମାହାତୋ

(୧୯୨୮) ନାଚଟିର ନାମ 'ଛ' ନାଚ ବୋଲି ମନେ କରିଥିଲେ । ମୁ ବହୁ ନୃତ୍ୟଶିଳ୍ପୀ, ବାଦ୍ୟକାର ଏବଂ ଦର୍ଶକମାନଙ୍କୁ ପଚରାଉଚୁରା କରି ଜାଣିବାକୁ ପାଇଛି ଯେ, ନାଚଟିର ନାମ ଛୋ ନାଚ ।

"ଶିବ ଗାଜନର ଆଗ୍ରର ନୃତ୍ୟ ହେଉଛି ଛୋ ନାଚ । ଏହି ନାଚ ଆନୁଷ୍ଠାନିକ ଭାବରେ ଆରମ୍ଭ ହୁଏ ଚୈତ୍ର ସଂକ୍ରାନ୍ତିର 'ଜାଗରଣ' ଉପଲକ୍ଷେ, ଶେଷ ହୁଏ ଜ୍ୟେଷ୍ଠମାସର 'ରୋହିଣୀ'ରେ । ଆଗ୍ରର ସର୍ବସ୍ୱ ଯୌଥ ନୃତ୍ୟଶୈଳୀ ଡାଣ୍ଡ ନାଚ ବା ପାନ୍ତା ନାଚ, ନାଚୁଆ ନାଚ, ଜାଉଆ ନାଚ, ମାଝୀ ନାଚ (ସାନ୍ତାଳନାଚ), ନାଚୁଣୀନାଚ, ଭାଦରିଆ ଝୁମର ଓ କୀର୍ତ୍ତନର ସର ତାଳର ସମନ୍ୱୟରେ ଦରବାରୀ ଝୁମରକୁ ଯେଉଁ ଲାସ୍ୟ ନୃତ୍ୟ ଓ ଗାଜନ ନାଚ ଦରବାରୀ ଝୁମୁର ଓ ଭାଦରିଆ ଝୁମରର ସହଯୋଗରେ ଏ ନାଚ ସୃଷ୍ଟି ହୋଇଛି ।"(୨୭)

- **ମହାନ୍ତି, ରାଧାମୋହନ:** "ଛଉ ନାଚ ଭଳି ଏକ ସୁନ୍ଦର ଓ ମନୋଗ୍ରାହୀ କଳାକୃତି ବହୁଳ ଭାବେ କଳାପ୍ରେମୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସକ୍ଷମ ହୋଇନାହିଁ, ଏହି କଳାକୃତୀର ସର୍ବଶେଷ ଆଲୋଚନାର ଅଭାବ ଏହାର ଏକମାତ୍ର କାରଣ । ଛଉ ନାଚର ଗୁରୁ ବା ଓସ୍ତାଦ୍‌ମାନେ ପ୍ରାୟତଃ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି । ସେମାନେ ପାରମ୍ପରିକ ଭାବେ ଶିଖିଥିବା ବିଦ୍ୟା ତାଙ୍କ ଶିଷ୍ୟମାନଙ୍କୁ ବ୍ୟାବହାରିକ ଭାବେ ଶିଖାଇ ନିଜର କାର୍ଯ୍ୟ ସମାପ୍ତ କରିଥାନ୍ତି । ଛଉ ନାଚ ସଂପର୍କର ବିସ୍ତାରିତ ଆଲୋଚନା କରିବାକୁ ସେମାନେ ସକ୍ଷମ ନୁହନ୍ତି । ଯେଉଁ ଅଳ୍ପ କେତେକ ଶିକ୍ଷିତ ବ୍ୟକ୍ତି ଏହି ନୃତ୍ୟକଳା ସହ ସମ୍ୟକ୍ ଭାବେ ଅବହିତ, ସେମାନେ ପାରମ୍ପରିକତାରେ ବିଶ୍ୱାସ ରଖି ସେମାନଙ୍କ ଜ୍ଞାନ ଜନସମାଜରେ ଆଲୋଚନା କରିବା ପାଇଁ ନିସ୍ପୃହ । ଏହି ଆଲୋଚନା ଅଭାବରୁ ଏ ସମ୍ପର୍କୀୟ ତଥ୍ୟ ଲୋକ ଲୋଚନର ଅନ୍ତରାଳରେ ରହି କ୍ରମେ ଅସ୍ପଷ୍ଟ ହୋଇ ଯାଉଛି ।"(୨୮)

- **ମହାପାତ୍ର, ଲକ୍ଷ୍ମୀକାନ୍ତ:** "ମୋହର ଅନୁମାନ ହୁଏ ଏହି 'ଛଉ' ଶବ୍ଦ 'ଛଇ'ରୁ ଆସିଛି । ଛଇ ଅର୍ଥ ଛଟକ । ପୁଣି ଛଇ ଶବ୍ଦଟା 'ଛବି'ର ଅପଭ୍ରଂଶ । ଏହାଛଡ଼ା ଆଉ ଗୋଟିଏ ମଧ ଅର୍ଥ ହୋଇପାରେ ଛଉ ନାଚର ମୂଳ ପ୍ରକୃତି ସାମରିକ । ଖୁବ୍ ସମ୍ଭବ ସମର ବିରତ ବୀରମାନେ ଅବସର ସମୟରେ ଚିତ୍ତବିନୋଦନ ନିମନ୍ତେ ଯେଉଁ ଆମୋଦ ପ୍ରମୋଦ କରୁଥିଲେ, ତହିଁରୁ ଏ ନାଚର ଉଦ୍‌ଭବ । ଦିନଯାକ ବାଡ଼ିଆପିଟା ହଣାକଟା କରି କରି ରାତ୍ରିରେ ଆପଣା ଛାଉଣୀ ମଧରେ ଯାହା ସାଜ ସରଞ୍ଜାମ ମିଳୁଥିଲା, ତାହାରି ସାହାଯ୍ୟରେ ହେଉଥିଲା ନାଚ, ସେହି ଛାଉଣୀ ନାଚ କ୍ରମେ ଜନମୁଖରେ ସଂକ୍ଷିପ୍ତ ହୋଇ 'ଛାଉ' ବା 'ଛଉ' ନାଚର ଆକାର ଧାରଣ କରିଥିବା ସମ୍ଭବପର ।"(୨୯)

- **ମହାପାତ୍ର, ସୀତାକାନ୍ତ:** "ମୟୂରଭଞ୍ଜର 'ଛଉ' ନାଚ ଅତୀତରେ ମହାରାଜାଙ୍କ ପୃଷ୍ଠପୋଷକତାରେ ଆଦିବାସୀ ଲୋକ ନୃତ୍ୟର ମିଶ୍ରଣରେ ଶାସ୍ତ୍ରୀୟ ନୃତ୍ୟର ମିଶ୍ରିତ ରୂପ ନେଇଥିଲା । ବିହାର ଓ ପଶ୍ଚିମବଙ୍ଗ ସୀମାନ୍ତ ପାହାଡ଼ ଘଞ୍ଚ ଅରଣ୍ୟ ପରିପୂର୍ଣ୍ଣ ଏ ଅଞ୍ଚଳର ପୁରୁଲିଆ, ଷଢ଼େଇକଳା ଓ ମୟୂରଭଞ୍ଜର ତିନିଗୋଟି ଛଉ ଶୈଳୀ ସୃଷ୍ଟି ହୋଇଥିଲା ।"(୩୦)

- ମିଶ୍ର, ଜପନେଶ୍ୱର: "ଛଉ ଶବ୍ଦର ଅର୍ଥ ଛଇ ବା ଛବି । ଏ ଯାତ୍ରାରେ ନର୍ତ୍ତକମାନେ ନାନା ପ୍ରକାର ଛଇରେ ମୁଖା ଓ ବେଶଭୂଷା ପିନ୍ଧି ନାଚନ୍ତି ବୋଲି ଏହାର ନାମ ଛଉନାଟ ହୋଇଅଛି । ବାରିପଦା ଛଡ଼ା ମୟୂରଭଞ୍ଜର ଅନ୍ୟାନ୍ୟ ସ୍ଥାନରେ ମଧ ଛଉ ଯାତ୍ରା ହେବାର ଦେଖାଯାଏ । କିନ୍ତୁ ମୟୂରଭଞ୍ଜର ରାଜଧାନୀରେ ଏହି ଛଉନାଟ ବିଶେଷ ଉନ୍ନତି ଲାଭ କରିଅଛି ।

ଏ ନୃତ୍ୟର ବିଶେଷତ୍ୱ ଏହି ଯେ ରାଗିଣୀର ଅନୁରୂପ ତାଳର ସୃଷ୍ଟି ହୋଇଅଛି ଓ ନୃତ୍ୟ ସମୟରେ ସ୍ୱର, ତାଳ ଓ ନୃତ୍ୟ ଏହି ତିନୋଟିର ସଂପୂର୍ଣ୍ଣ ମେଳଥାଏ । କହିବା ବାହୁଲ୍ୟ ଯେ ଏହି ଛଉ ନାଟ ମଧ୍ୟରେ ସବୁ ପ୍ରକାର ରସର ନୃତ୍ୟ ପ୍ରଦର୍ଶିତ ହୋଇଥାଏ । ବୀର, ଶାନ୍ତ, ହାସ୍ୟ, କରୁଣ, ଭକ୍ତି ଇତ୍ୟାଦି । ଛଉ ଯାତ୍ରାଟି ନୃତ୍ୟ ପ୍ରଧାନ ଯାତ୍ରା । ତହିଁରେ ଅତି ସାମାନ୍ୟ ଭାବରେ ସଂଗୀତ ଥାଏ । ଦୁଇ ଦଳ ସକାଶେ ଦୁଇଗୋଟି ରଙ୍ଗମଞ୍ଚ ପ୍ରସ୍ତୁତ କରାଯାଏ । ନର୍ତ୍ତକ ମାନଙ୍କର ଉତ୍ସାହ ନିମନ୍ତେ ସେମାନଙ୍କୁ ସମୟେ ସମୟେ ପୁରସ୍କାର ମଧ ଦିଆଯାଏ । ଛଉ ନୃତ୍ୟକାରୀ ମାନଙ୍କର ସାଜସଜ୍ଜା ଓ ଅଭିନୟର ଜିନିଷମାନ ଛଉଯାତ୍ରା ସମୟରେ ରାଜ୍ୟ ସରକାରରୁ ଦିଆଯାଇଥାଏ । ଏହି ଯାତ୍ରା ସାଧାରଣତଃ ପଣା ସଂକ୍ରାନ୍ତିର ତିନି ଦିନ ପୂର୍ବରୁ ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଦିନ ଶେଷ ହୁଏ ।"

"ଛଉ ନାଟରେ ମାନସିକ ଆମୋଦ ପ୍ରମୋଦ ସଙ୍ଗେ ସଙ୍ଗେ ଶାରୀରିକ ବଳ ବୃଦ୍ଧି ହେବାର ଯଥେଷ୍ଟ ସୁବିଧା ଅଛି । ଏହି ଯାତ୍ରାର ଅନେକ ଗୁଡ଼ିଏ ନାଟକୁ ଏକ ପ୍ରକାର ବ୍ୟାୟାମ ବା ଡ୍ରିଲ୍ କୁହାଯାଇ ପାରେ ।"(୩୧)

- ମୁଖର୍ଜୀ, ଏ. ଏନ୍.: ପୁରୁଲିଆର ବାଗ୍‌ମୁଣ୍ଡି ରାଜାଙ୍କର ରଘୁନାଥ ସିଂହ ନାମକ କୌଣସି ଜଣେ ମାହାନ୍ତ ପ୍ରାୟ ଅଢ଼େଇ ଶହ ବର୍ଷ ପୂର୍ବେ ଷଢ଼େଇକଳାକୁ ପଳେଇଯାଇ ଷଢ଼େଇକଳା ରାଜାଙ୍କର ପୃଷ୍ଠପୋଷକତାରେ ଗଠିତ ଛଉ ନାଚରେ ଅଂଶ ଗ୍ରହଣ ପୂର୍ବକ ଶିକ୍ଷା ଲାଭ କରି ବାଗ୍‌ମୁଣ୍ଡିକୁ ଫେରି ଛଉ ନାଚ ପ୍ରଦର୍ଶନ କରାଇବା ଫଳରେ ବାଗ୍‌ମୁଣ୍ଡିର ରାଜା ଖୁସି ହୋଇ ବର୍ଦ୍ଧମାନର ବଡ଼ତଳା ପଡ଼ାରୁ ସୂତ୍ରଧର ମାନଙ୍କୁ ଶିମୂଳି କାଠରେ ମୁଖା ତିଆରି କରିବା ପାଇଁ ଆଣିଥିଲେ ।"

(According to A.N. Mukherjee (Census 1961) a certain Mahunt or elephant driver of the Raja of Baghmundi in Purulia, named Raghunath Singh fled to Seraikella about 250 years ago or so, and under the patronage of the Raja of Seraikella he learnt the art of Chhau. After returning to Purulia, he staged Chhau to the great enjoyment and pleasure of the Raja of Baghmundi, who in turn brought skilled Sutradhars from Bartalapara of Burdwan town and had then make masks out of Simuli wood.)(32)

○ ସରକାର, ସବିତା ରଞ୍ଜନ: " 'ଛୋ' ଏକ ଆଞ୍ଚଳିକ ଲୋକନୃତ୍ୟ । ଏହା ପ୍ରଧାନତଃ ପଶ୍ଚିମବଙ୍ଗ, ବିହାର ଏବଂ ଓଡ଼ିଶାର ସୀମାନ୍ତ ସନ୍ନିହିତ ଅଞ୍ଚଳରେ ସୀମାବଦ୍ଧ । ଏହି ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳଟି ଐତିହାସିକ 'ଝାଡ଼ଖଣ୍ଡ' ରୂପେ ପରିଚିତ । ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲା, ବିହାରର ସିଂଭୂମ ଓ ଷଢ଼େଇକଲା ଅଞ୍ଚଳ ଏବଂ ଓଡ଼ିଶାର ମୟୂରଭଞ୍ଜ ଓ କେଉଁଝର ସଂପ୍ରତି 'ଛୋ' ନାଚର କେନ୍ଦ୍ର ରୂପେ ପରିଚିତ । ଏହି ସମସ୍ତ ଛଉ କେନ୍ଦ୍ରାଞ୍ଚଳ ବ୍ୟତୀତ ସନ୍ନିହିତ ଅଞ୍ଚଳ ଯେପରି ପଶ୍ଚିମ ବଙ୍ଗଳାର ଝାଡ଼ଗ୍ରାମ ଏବଂ ବିହାରର ରାଞ୍ଚି, ହଜାରିବାଗ ଓ ଧାନବାଦ ଜିଲ୍ଲାର କେତେକାଂଶରେ ମଧ ଅନୁଷ୍ଠିତ ହୁଏ ।

ପଶ୍ଚିମବଙ୍ଗ, ବିହାର ଓ ଓଡ଼ିଶାର ସନ୍ନିହିତ ଉପାନ୍ତ ଅଞ୍ଚଳରେ ଛୋ ନାଚର ଅନୁଷ୍ଠାନ ସୀମିତ, ଏହାର ଆଞ୍ଚଳିକ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ଉଭୟ ନାଚର ଶୈଳୀ ଓ ମୁଖା ରୂପରେ ପୁରୁଲିଆର ନିଜସ୍ୱ ସ୍ୱାତନ୍ତ୍ର୍ୟ ରହିଅଛି । ଓଡ଼ିଶାର ମୁଖା ଓ ନାଚ ରୂପ ମଧ ବିହାର ଏବଂ ପଶ୍ଚିମ ବଙ୍ଗଳାଠାରୁ ସ୍ୱତନ୍ତ୍ର ରୂପେ ପ୍ରକାଶିତ ହୁଏ ।

ଛୋ ସଂପୂର୍ଣ୍ଣ ରୂପେ ଏକ ମୁଖାନୃତ୍ୟ । ତେଣୁ ମୁଖା ସହିତ ଛୋର ସଂପର୍କ ଅତୁଟ । ନାଚ ସଂପର୍କରେ ଜଣେ ସାଧାରଣ ଭାବେ ଅବଗତ ହେବାକୁ ହେଲେ ଏହି ସହିତ ସଂପର୍କିତ ମୁଖା ବିଷୟରେ ବିଶେଷ ଭାବେ ଜାଣିବା ଆବଶ୍ୟକ । ମୁଖାର ଅନ୍ତରଙ୍ଗ ଧାରଣା ସେମାନଙ୍କ ସାଂସ୍କୃତିକ ଇତିହାସରୁ ହିଁ ସୃଷ୍ଟ ।

ପୁରୁଲିଆର ମୁଖା ରୂପରେ ନିଜସ୍ୱ ବିଶେଷତ୍ୱ ପରିଲକ୍ଷିତ ହୁଏ । ସମ୍ଭବତଃ ଆଞ୍ଚଳିକ ସଂସ୍କୃତି ବୈଶିଷ୍ଟ୍ୟ କାରଣରୁ ଏପରି ହୋଇଥାଇ ପାରେ ।

"ନାଚଟିର ଛଉ, ଛୋ ଏବଂ ଛ - ଏପରି ତିନିଗୋଟି ନିରୂପିତ ଶବ୍ଦ ଅଛି । ଏହି ତିନିଗୋଟି ନାମ ମଧ୍ୟରୁ ଉଚ୍ଚ ଶିକ୍ଷିତ ବିଜ୍ଞ ଗବେଷକ ଗଣ ଏହାକୁ ଛଉ ଭାବରେ ଉଲ୍ଲେଖ କରନ୍ତି । କିନ୍ତୁ ଏଠାର ମାଟିର ସନ୍ତାନ ଗବେଷକ ଗଣ ଏହା ଗ୍ରହଣ ନକରି ଏହାକୁ 'ଛୋ' ଭାବରେ ଅଭିହିତ କରିଥାନ୍ତି । ସେମାନଙ୍କ ମଧ୍ୟରୁ କେତେକ ପୁଣି 'ଛ' ନାମରେ ନାଚଟିକୁ ନାମିତ କରିବାରେ ପକ୍ଷପାତୀ । ଆଞ୍ଚଳିକ ଗବେଷଣା କର୍ମୀଗଣ 'ଛୋ' ଓ 'ଛ' ମଧରେ ସାଧାରଣତଃ କୌଣସି ପାର୍ଥକ୍ୟ ଦେଖନ୍ତି ନାହିଁ । ସେମାନେ 'ଛୋ' ଶବ୍ଦଟିକୁ ପସନ୍ଦ କରନ୍ତି କିନ୍ତୁ 'ଛଉ' ନାମକରଣକୁ ତୀବ୍ର ବିରୋଧ କରିଥାନ୍ତି ।"

(" 'Chho' is a regional folk dance. This dance is primarily combined to the adjacent border areas of three adjoining States - West Bengal, Bihar and Orissa. Theseborder areas dominated by the tribal population were historically refered to as 'Jharkhand'. Purulia district of West Bengal, Singhbhum and Seraikella regions of Bihar and also Mayurbhanj and Keonjhar areas of Orissa are

at present considered to be the centres of Chho dance. In some neighbouring regions of these concentrated zones such as Jhargram in West Bengal, and some parts of Ranchi, Hazaribagh and Dhanbad districts of Bihar, Chho is also practised.

Although the distribution of Chho dance is limited to the adjacent bordering areas of West Bengal, Bihar and Orissa, it has regional specialisation. Both in style of dance and form of masks, the Chho of Purulia has speciality of its own. The masks and the dance form of Orissa also exhibit certain features which are different from those of Bihar and West Bengal.

Chho is out and out a mask dance. Mask is, therefore, integrally associated with Chho, so to have some idea about the dance one should know thoroughly about the related masks. The intimate idea about the masks can best be derived from their cultural history.

The masks of Purulia have speciality of their own so far as the forms are concerned. This is probably due to regional cultural characteristics."

"The dance is refered to in three different terms - Chhau, Chho and Chha. Among the three names which are used in specifying the dance, the urban based enlightened research workers mention it as 'Chhau'. But the research workers who are the sons of the soil are reluctant to accept it and they prefer the term 'Chho'. A few of them are in favour of using the term 'Chha'. The local research workers in general do not find any difference between the terms 'Chho' and 'Chha', but they prefer the word 'Chho' and vehemently oppose the term 'Chhau' in marring the dance.")(33)

○ ସାହୁ, କେଦାର ନାଥ: "ଛଉ ମାନେ ଛବି, ମାନେ ମୁଖା । ଛାୟା ହେଉ ହେଉ ଛବି ହୋଇଗଲା । ମୂଳ ସଂସ୍କୃତ ହେଲା ଛାୟା । ଏହାର ଯୋଡ଼ ଓଡ଼ିଶାରେ । ଏଇଟା ଗୋଟିଏ ଆଦିବାସୀ ବହୁଳ ଜାଗା ଥିଲା । ଷଢେଇକଳା, ଖରସୁଆଁ, ମୟୂରଭଞ୍ଜ, ପୁରୁଲିଆ ଏସବୁ ଗୋଟିଏ ଅଞ୍ଚଳ । ଏହିଠାରୁ ଛଉ ସୃଷ୍ଟି ହୋଇଛି ।"(୩୪)

○ ସାହୁ, ଲାଲ ମୋହନ: "ଛଉ ଏକ ମିଶ୍ରିତ କଳା । ଏଥିରେ ମାଟୀ, ଦେଶୀ ଓ ଆଦିବାସୀପରମ୍ପରାର ଧାରା ବହୁଦିନରୁ ସୁସ୍ପଷ୍ଟ । ଛଉନୃତ୍ୟ ବସ୍ତୁତଃ ପ୍ରାଚୀନ ଓଡ଼ିଆ ପାଇକ ମାନଙ୍କର ସାମରିକ ପରମ୍ପରା ଭିତରୁ ଆସିଛି । କାରଣ ଛଉନୃତ୍ୟରେ ବ୍ୟବହୃତ କେତେକ ଭଙ୍ଗୀ, ତାଳ ଓ ବିଷୟବସ୍ତୁରୁ ଏହା ସ୍ପଷ୍ଟ । ତାଳ ଓ ଧ୍ୱନି ତଥା ବିଷୟବସ୍ତୁ ଦିଗରୁ ବିଗର କଲେ ଏହାର ସାମରିକ ପୃଷ୍ଠଭୂମି ସ୍ପଷ୍ଟ ଜଣାଯାଏ । ଏବେ ବି ଦଶହରା ପର୍ବରେ ଏହି ଖଣ୍ଡା ଖେଳ ଉତ୍ସବ ରୂପେ ପାଳନ କରାଯାଏ । ତେଣୁ ଛଉ ନୃତ୍ୟ ଏହି ଆଖଡ଼ା ଭିତରୁ ଉଦ୍‌ଭୂତ ବୋଲି ମନେ କରାଯାଏ । ତା'ଛଡ଼ା ପାଇକ ଆଖଡ଼ା କାଳକ୍ରମେ ଯେ ଛଉ ଆଖଡ଼ାର ନାମକୁ ଧାରଣ କରିଛି ଏହା କହିଲେ ଅତ୍ୟୁକ୍ତି ହେବାନାହିଁ ।"(୩୫)

○ ସିଂହଦେଓ, ନୃପେନ୍ଦ୍ର ନାରାୟଣ: ଭରତ ନାଟ୍ୟ ସୂତ୍ର ଉପରେ ଆଧାରିତ ଓଡ଼ିଶାର 'ଗୋଟିପୋ' ନୃତ୍ୟ ଶୈଳୀ ସନ୍ନିଶ୍ରିତ । ଏ ଭୂମିର ଅସଂଖ୍ୟ ଆଦିବାସୀ ଲୋକ ନୃତ୍ୟର ପ୍ରଭାବରେ ଗଠିତ । ଏହା କଥାକଳି, କଥକ, ମଣିପୁରୀ ଓ ଭାରତ ନାଟ୍ୟମ୍ ପରି ଏକ ମୌଳିକ ଶାସ୍ତ୍ରୀୟ ନୃତ୍ୟ ।

'ଚୈତ୍ର ପର୍ବ ଅଥବା ଏଇ ପୃଥିବୀ ପ୍ରସିଦ୍ଧ ଛଉ (ମୁଖା) ନାଚ ଓଡ଼ିଶା ରାଜ୍ୟର ବୈଶିଷ୍ଟ୍ୟ । ବିହାର ପ୍ରଦେଶ ସରକାର ତାଙ୍କ ପ୍ରେସ୍ ନୋଟ୍‌ରେ (ରାଞ୍ଚି, ବାର ସେପ୍ଟେମ୍ବର ୧୯୪୯)ରେ ଲେଖିଛନ୍ତି, "ସରକାର ଓଡ଼ିଆ ଉତ୍ସବ ରଥଯାତ୍ରା ଓ ଛଉନାଟ ପାଇଁ ଯଥାର୍ଥ ଅନୁଦାନର ବନ୍ଦୋବସ୍ତ କରିଛନ୍ତି ।' ("Based on the principles of Bharata's Natya Sutra it has assimilated into itself the Orissan style of Gotipo dancing and to some extent the fold dances of memerous tribes that in habit the land. The product has been an unique art of Dancing - one of the classics of India, like the Kathakali, the Kathak, the Manipuri or the Bharata Natyam.

The Chait Parba or this World famous art of Chhow (mask) dance is another peculiarity of the Orissa state alone. The government of Bihar in their press note dated Ranchi, the 12th September, 1949, have unwittingly admitted their Oriya origin when

they said "government have made liberal grances for Ratha Jatra and the Chhow dance which are typical Oriya functions." (vide a colossal Hoax, P.17). "The background of music of the dances and the dances themselves are Oriya in composition, conception and execution.")(36)

- ସିଂହଦେଓ, ଯୁଗଭାନୁ: "ନାଚଟି ସଂସ୍କୃତ ଶବ୍ଦ 'ଛାୟା' (ମୂଳ-ଛ) ଅର୍ଥ ଛାଇ, ଛବି ଅଥବା ମୁଖା । ଛଉ ଗୋଟିଏ ମୁଖା ନୃତ୍ୟ । (ଓଡ଼ିଶାର ମୟୂରଭଞ୍ଜର ନୃତ୍ୟକାରୀ ମାନେ ଛଉରେ ମୁଖା ଲଗାନ୍ତି ନାହିଁ). ମୁଖ ଆବୃତ ହେଉଥିବାରୁ ସମଗ୍ର ଶରୀର ଓ ଅଙ୍ଗଭଙ୍ଗୀ ଦ୍ୱାରା ଭାବ ପ୍ରକାଶିତ ହୁଏ । ଏଥିପାଇଁ ପ୍ରୟୋଜନ ହୁଏ ଶକ୍ତି । କେବଳ ପୁରୁଷ ପିଲାମାନେ ଏଥିରେ ଅଂଶ ଗ୍ରହଣ କରିଥାନ୍ତି । ନୃତ୍ୟଟି ଓଡ଼ିଶୀ ଶୈଳୀ ଉପରେ ଗଠିତ ଓ ପ୍ରଦର୍ଶିତ ହୋଇଥାଏ । ପୂର୍ବରୁ ଛଉ ନାଚ ମୂଳତଃ ଖଣ୍ଡା ଖେଳ ଥିଲା । କୁମାର ସାହେବ (ବିଜୟ ପ୍ରତାପ ସିଂହଦେଓ) ଏଥିରେ ଲାସ୍ୟ ଭାବ ପ୍ରବର୍ତ୍ତନ କରାଇଥିଲେ ।"

("The dance derives its name from the Sanskrit word(root: Chha) 'Chhaya' - meaning shade, image or mask. The Chhau is a masked dance. (Mayurbhanj, in Orissa, preserves a Chhau form in which the performers do not wear masks). The mask needs no apology in the reason of histrionic art - when the face ceases to be the focus of emotional expression, the movements of the body become more expansive and dynamic in expressioning the inner feelings. Therefore, the dance demands concentration and the focussing of the whole body. Skill becomes the only element that counts. However, only man and boys perform in Chhau.

The Choreography of these dancings is Orissa (formerly Seraikella was in Orissa) in composition, execution and design and has been highly praised by both foreign and Indian dance critics.

Previously Chhou dance was primarily a presentation of virtile acrobatic dance of sword play. Kumar Saheb gave a new meaning to the concept of Chhou by incorporating 'Lasya' in the dance.") (37)

o ଲାହିଡ଼ୀ, ରାମକୃଷ୍ଣ: "ଏହା ଏକ ବୀରଧର୍ମୀ ଲୋକ ନୃତ୍ୟ । 'ଛଉ' ବା ଛୌ ଶବ୍ଦଟି ଉତ୍ସବ ଶବ୍ଦରୁ ଆସିଅଛି । ଉତ୍ସବ - ଉଚ୍ଛବ - ଉଚ୍ଛଉ - ଛଉ - ଛଉ ପୁଣି ଅନେକେ ମନେ କରନ୍ତି 'ଛୁପଇ' - ଲୁଚେଇବା କଥାରୁ 'ଛଉ' ଶବ୍ଦର ଉତ୍ପତ୍ତି । ମୁଖରେ 'ମୁଖା' ଢାଙ୍କି ନାଚ ଅନୁଷ୍ଠିତ ହୋଇଥାଏ ବୋଲି ଏହାର ନାମ 'ଛଉ' । ପୁରୁଲିଆର ଛୌ ନାଚରେ ଯେତେ ସବୁ ଗାନ ଅଛି, ସେଥିରେ ଛତିଶଗଡ଼ି ଭାଷାର ପ୍ରଭାବ ଦେଖାଯାଏ ।"(୩୮)

- ଏହା ଏକ ଗଣ ନୃତ୍ୟ ବା ଲୋକ ନୃତ୍ୟ ।
- ଓଡ଼ିଶାର ଗୋଟି ପୋ' ନୃତ୍ୟ ଶୈଳୀ ମିଶ୍ରିତ ।
- ଛଉ ବିକଶିତ ସମଗ୍ର ଭୂଖଣ୍ଡରେ ପ୍ରଚଳିତ ଅସଂଖ୍ୟ ଆଦିବାସୀ ଲୋକ ନୃତ୍ୟର ପ୍ରଭାବରେ ଗଠିତ ନୃତ୍ୟ ବିଶେଷ ।
- ଏହା ଶିବ ଗାଜନର ଆସର ନୃତ୍ୟ ।
- ଉଡ଼ା ପର୍ବ ସହ ସଂଶ୍ଳିଷ୍ଟ ଏକ ନୃତ୍ୟ ।
- ଦାଣ୍ଡ, ପାନ୍ତା, ନାଟୁଆ, ଜାଓ୍ୱା, ମାଝୀ, ନାଚୁଣୀ, ନାଚ, ଭାଦରିଆ ଝୁମର ଓ କୀର୍ତ୍ତନର ସ୍ୱର ତାଳର ସହଯୋଗରେ ସୃଷ୍ଟ ଏକ ନୃତ୍ୟ ବିଶେଷ ।
- ଦେଶୀ ନାଚ ଅର୍ଥାତ୍ ସାନ୍ତାଳ, ଭୂମିଜ, ମାହ୍ଲନ୍ତ, କୋଲ, ବଙ୍ଗଳା, ଓଡ଼ିଆ, ହିନ୍ଦୁସ୍ଥାନୀ ନାଚର ମିଶ୍ରଣରେ ଗଠିତ ନୃତ୍ୟ ବିଶେଷ ।
- ଚଢ଼େଇଆ, ପାଟୁଆ, ଝୁମର, ନାଚୁଣୀ, କାଠିନାଚ ଓ ନାଟର ଭଙ୍ଗୀ ଓ ଶୈଳୀ ଅନୁସୃତ ନାଚ ।
- ଆଦିବାସୀ ଲୋକ ସଂସ୍କୃତି ଓ ଶାସ୍ତ୍ରୀୟ ନୃତ୍ୟ ମିଶ୍ରିତ ନୃତ୍ୟ ।
- ଏହା ଏକ ମୁଖା ନୃତ୍ୟ ।
- ଛାଉଣୀରେ ସୈନ୍ୟମାନେ 'ଫରୀଖଣ୍ଡା' ଧରି 'ରୁକ୍‌ମାର' (ଆତ୍ମରକ୍ଷା ଓ ଆକ୍ରମଣ) ଯୁଦ୍ଧକୌଶଳର ଅଭ୍ୟାସ ନିମନ୍ତେ ଅନୁଷ୍ଠିତ କୌତୁକ ଯୁଦ୍ଧ ନୃତ୍ୟ ।
- ଏକ ବୀର ଧର୍ମୀ ଲୋକ ନୃତ୍ୟ ।
- ଭରତ ନାଟ୍ୟ ସୂତ୍ର ଉପରେ ଆଧାରିତ ଭାରତର ଅନ୍ୟ ଶାସ୍ତ୍ରୀୟ ନୃତ୍ୟପରି ଏକ ମୌଳିକ ନୃତ୍ୟ ।
- ଏହାର ମୂଳ ପ୍ରକୃତି ସାମରିକ ।
- ପରେ ଏଥିରେ ଲାସ୍ୟ ଭାବର ନାଚ ପ୍ରବର୍ତ୍ତିତ ହେଲା ।
- ଏହି (ଛଉ) ଶବ୍ଦଟି ଖାଣ୍ଟି ଓଡ଼ିଆ ଶବ୍ଦ । ଏଥିର ପାରିଭାଷିକ ଶବ୍ଦ ସମୂହ ଓ ଉଫ୍‌ଲି ଗୁଡ଼ି ଖାଣ୍ଟି ଓଡ଼ିଆ ଶବ୍ଦ ।
- ଉଫ୍‌ଲି ସବୁ ଓଡ଼ିଆ ବଧୂ ନିତ୍ୟ କାର୍ଯ୍ୟାବଳୀ, ପ୍ରକୃତି ଓ ମାନବେତର ପ୍ରାଣୀଙ୍କର ଗତି ରୀତି, ଗ୍ରାମ୍ୟ ଯୁବକର କାର୍ଯ୍ୟ ଓ ସାମରିକ କୌଶଳରୁ ସୃଷ୍ଟ ।
- ମୟୂରଭଞ୍ଜର ଜନସାଧାରଣଙ୍କ ନିମନ୍ତେ ଛଉ କ୍ଷତ୍ରିୟ ସଂସ୍କୃତିର ଚରମ ପ୍ରକାଶ ।

- ଛଉରେ ଯେତେ ଗାନ ଅଛି, ସେଥିରେ ଛତିଶଗଡ଼ି ଭାଷାର ପ୍ରଭାବ ଦେଖାଯାଏ ।
- ଏହା ଛଉ ନାଚ ।
- ଏହା ଛୋ ନାଚ ।
- ଏହା ଛ ହୋଇପାରେ । ପୁରୁଲିଆର ଜନସାଧାରଣ ଏହାକୁ ଛ ଓ ଛୋ ନାଚ କହନ୍ତି ।
- ଏହା ଏକ ଓଡ଼ିଆ ଉତ୍ସବ ବିଶେଷ ।
- ଏହା ଉତ୍ସବ ଶବ୍ଦରୁ ସୃଷ୍ଟ ।
- ଛାୟା ବା ଛଦ୍ମ ଶବ୍ଦରୁ ଛଉ ଶବ୍ଦର ସୃଷ୍ଟି ।
- ଛବି ଶବ୍ଦରୁ ଛଉର ସୃଷ୍ଟି ।
- ଛଇ ଶବ୍ଦରୁ ଛଉର ସୃଷ୍ଟି ।
- ଛୁପଇ (ଲୁଚେଇବା) ଶବ୍ଦରୁ ଛଉର ସୃଷ୍ଟି ।
- ଛଉ ଅର୍ଥ ମୁଖା ।
- ମୁହଁରେ ମୁଖା ଢାଙ୍କି ନାଚ ଅନୁଷ୍ଠିତ ହୋଇଥାଏ ବୋଲି ଏହାର ନାମ ଛଉ ।
- ମୁଖା ଓ ବେଶଭୂଷା ପିନ୍ଧି ନାଚନ୍ତି ବୋଲି ଏହାର ନାମ ଛଉ ନାଚ ।
- ଛାଉଣୀରେ ସୈନ୍ୟମାନେ କୌତୁକରେ ଯୁଦ୍ଧ ନୃତ୍ୟ କରୁଥିବାରୁ ଏହା ଛଉ ନୃତ୍ୟ ।
- ଏହା କୌତୁକ, ଅନୁକରଣ ଅଥବା ସୁଆଙ୍ଗ (ସଂ) ନୃତ୍ୟ ।
- ଛଉ ନୃତ୍ୟର ବିଭିନ୍ନ ପାରମ୍ପରିକ ନାମରୁ ଏହା ଲୋକ ସଂସ୍କୃତି, ଆଦିବାସୀ, କ୍ଷତ୍ରିୟ ସଂସ୍କୃତିରୁ ସୃଷ୍ଟି ହୋଇଥିବାର ପ୍ରମାଣ ।
- ଏହା ଷଢ଼େଇକଳାରୁ ବାଗମୁଣ୍ଡି ଅଞ୍ଚଳକୁ ବ୍ୟାପ୍ତ ହୋଇଛି ।
- ମୟୂରଭଞ୍ଜ ଓ ଷଢ଼େଇକଳା ଛଉର ଉଦ୍‌ଭବ ଭୂମି । ପରେ ସୀମାନ୍ତ ବଙ୍ଗଳାରେ ପ୍ରବେଶ କରିଛି ।
- ମୟୂରଭଞ୍ଜରେ ଚୈତ୍ର ମାସରେ ଛଉ ନାଚ ହେଉ ନଥିଲା ।
- ଧଳଭୂମି ଅଞ୍ଚଳରେ ପ୍ରଚଳିତ ଛଉ ନାଚ ରାମନବମୀ ନାଚ ସହିତ ମିଶିଲା ।
- ଷଢ଼େଇକଳାରୁ ଦୁଇ ଜଣ ଓସ୍ତାଦ୍ ମୟୂରଭଞ୍ଜରେ ଛଉ ନାଚ ଶିକ୍ଷା ନିମନ୍ତେ ଆସିଲେ ।
- ପ୍ରାରମ୍ଭିକ କାଳରେ ସିଂଭୂମ, ଷଢ଼େଇକଳା, ଖରସୁଆଁ, ପୋଡ଼ାହାଟ ଓ ମୟୂରଭଞ୍ଜରେ ଏସବୁ ନାଚ ପ୍ରଚଳିତ ଥିଲା । କିନ୍ତୁ ସାଂପ୍ରତିକ କାଳରେ ଚୈତ୍ର ପର୍ବ ସମୟରେ ପାର୍ଶ୍ୱବର୍ତ୍ତୀ ଅନେକ ଗ୍ରାମରେ ଏହା ଅନୁଷ୍ଠିତ ହେଉଅଛି ।
- ଷଢ଼େଇକଳା, ଖରସୁଆଁ, ପୋଡ଼ାହାଟ -.ଏ ସବୁ ଓଡ଼ିଆ ଅଞ୍ଚଳ, ସ୍ୱାଧୀନତା ଲାଭ ପରେ ଏସବୁ ବିହାର ପ୍ରଦେଶରେ ମିଶିଛି ।
- ଷଢ଼େଇକଳା, ଖରସୁଆଁ, ମୟୂରଭଞ୍ଜ, ପୁରୁଲିଆ ଏସବୁ ଗୋଟିଏ ଅଞ୍ଚଳ । ଏହିଠାରୁ ଛଉ ନାଚର ସୃଷ୍ଟି ।
- ବାଗମୁଣ୍ଡି ରାଜ ପରିବାର ଏ ନୃତ୍ୟ ପରମ୍ପରାର ପ୍ରବର୍ତ୍ତକ ।
- ପରବର୍ତ୍ତୀ କାଳରେ ଷଢ଼େଇକଳା ଓ ମୟୂରଭଞ୍ଜ ପର୍ଯ୍ୟନ୍ତ ବିସ୍ତୃତ ହୋଇଛି ।

ଷଢ଼େଇକଳା ଓ ମୟୂରଭଞ୍ଜର ମହାରାଜା ଶେଷରେ ନୂତନ ଚରିତ୍ରର ବିକାଶ କରାଇଛନ୍ତି ।

- ❖ ଛଉରେ ପୂର୍ବେ 'ପରଭା'ର ପ୍ରଚଳନ ଥିଲା ।
- ❖ ମୁଖା, ଛଉର ଅବିଚ୍ଛେଦ୍ୟ ଓ ଏକ ଅନୁପମ ବୈଶିଷ୍ଟ୍ୟ ।
- ❖ ମୁଖାହୀନ ଛଉ ନାଚ ଏହାର ଆଧୁନିକୀକରଣ ।
- ❖ 'ୱାର୍ ଡାନ୍‌ସ' ମହାରାଜା ଶ୍ରୀ ରାମଚନ୍ଦ୍ରଙ୍କର ନିଜସ୍ୱ ଉଦ୍‌ଭାବନ ।
- ❖ ବାରିପଦା ଛଉ ନାଚରେ ଇଂରେଜୀ ନାଚର ଶିକ୍ଷା ଓ ପ୍ରଭାବ ଥିଲା ।
- ❖ ଷଢ଼େଇକଳା, ମୟୂରଭଞ୍ଜ, ପୁରୁଲିଆ ଓ ମେଦିନୀପୁରର ଝାଡ଼ଗ୍ରାମ ଏପରି ଚାରିଗୋଟି ଛଉ ଶୈଳୀ ବିକଶିତ ହୋଇଛି ।
- ❖ ଛଉରେ ଜାତିଭେଦ ନାହିଁ । ଏକ ଜାତି, କଳାକାର ଜାତି ।
- ❖ ଛଉରେ ସମସ୍ତେ ସାଙ୍ଗ ।

ଉପରଲିଖିତ ଆଲୋଚନା ସମସ୍ତ ଏହି ନାଚର ବିଭିନ୍ନ ଦିଗ ଯଥା- ଏହା କି ପ୍ରକାର ନାଚ, ନାଚଟିର ମୂଳ ପ୍ରକୃତି, ନାମ ଓ ନାମର ସୃଷ୍ଟିତତ୍ତ୍ୱ, ନାଚଟିର ସୃଷ୍ଟିର ହେତୁ, ନାଚର ଉତ୍ପତ୍ତିସ୍ଥଳ ଓ ବିକାଶର ପରିସର ପ୍ରଭୃତି ବିଷୟରେ ଆଲୋକପାତ କରୁଅଛି ।

ପ୍ରଖ୍ୟାତ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପରସ୍ପର ସଂଯୁକ୍ତ ଉଦ୍‌ପର୍ବ ଓ ଛଉନାଚ ଶିବ ଓ ଦୁର୍ଗାଙ୍କ ଆରାଧନା ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଥିବାର ଲେଖିଅଛନ୍ତି । ନୃତତ୍ତ୍ୱବିଦ୍ ପଶୁପତି ପ୍ରସାଦ ମାହାତୋ ଏହା ଶିବ ଗାଜନ ପର୍ବରେ ଆଗ୍ରହର ନୃତ୍ୟ ବୋଲି ମତ ପ୍ରକାଶ କରନ୍ତି । ପ୍ରଫେସର ଆଶୁତୋଷ ଭଟ୍ଟାଚାର୍ଯ୍ୟ ଏହା ଶିବଭକ୍ତ ଭୂତ ଓ ଗନ୍ଧର୍ବ ମାନଙ୍କ ବାର୍ଷିକ ପର୍ବର ନାଚ ବୋଲି କହନ୍ତି । ଅଧ୍ୟାପକ ଦୁର୍ଗା ଚରଣ କୁଅଁର ଏହାକୁ ସେନାଛାଉଣୀରେ ଅନୁଷ୍ଠିତ ଯୁଦ୍ଧ ନୃତ୍ୟ ବୋଲି କହିଛନ୍ତି । ଆଲୋଚକ ରାମକୃଷ୍ଣ ଲାହିଡ଼ୀ ଓ ଅଧ୍ୟାପକ ସୁଧୀର କରଣ ଏହାକୁ ଲୋକ ନୃତ୍ୟ ରୂପେ ଅଭିହିତ କରିଛନ୍ତି । ବିଶିଷ୍ଟ ସଂଗଠକ ଦିବାକର ଭଞ୍ଜବାବୁ, ନୃପେନ୍ଦ୍ର ନାରାୟଣ ସିଂଦେଓ, ନୃତ୍ୟବିଦ୍ ଧୀରେନ୍ଦ୍ର ନାଥ ପଟ୍ଟନାୟକ, ପଶୁପତି ପ୍ରସାଦ ମହାତୋ ପ୍ରଭୃତି ଆଲୋଚକ ମାନେ ଏହା ବହୁ ଓ ବିଭିନ୍ନ ବୀର ଓ ଲାସ୍ୟଧର୍ମୀ ଲୋକ ନୃତ୍ୟର ସମ୍ମିଶ୍ରିତ ଏକ ବିଶେଷ ନୃତ୍ୟ ରୂପ ବୋଲି ମତ ଦିଅନ୍ତି ।

ଦ୍ୱିତୀୟତଃ, ଏହା ଏକ ଯୁଦ୍ଧ ନାଚ ବା ବୀରଧର୍ମୀ ଲୋକନୃତ୍ୟ ହୋଇଥିବାରୁ ଏହାର ମୂଳ ପ୍ରକୃତି ସାମରିକ – ସର୍ବଶ୍ରୀ ଦୁର୍ଗା ଚରଣ କୁଅଁର, ରାମକୃଷ୍ଣ ଲାହିଡ଼ୀ, ସୁନୀଲ କୋଠାରୀ, ଜୀବନ ପାଣି, ଧୀରେନ୍ଦ୍ରନାଥ ପଟ୍ଟନାୟକ, ଯୁଗଭାନୁ ସିଂଦେଓ, ପ୍ରସନ୍ନ କୁମାର ଦାସ ପ୍ରମୁଖ ଆଲୋଚକ ବୃନ୍ଦ ଏପରି ମତ ପ୍ରଦାନ କରିଛନ୍ତି ।

ତୃତୀୟତଃ, ନାଚଟି ଛ, ଛୋ ଓ ଛଉ – ଏପରି ତିନିଗୋଟି ନାମରେ ପରିଚିତ । ଏହି ନାମର ଉତ୍ସ ସଂପର୍କରେ ଆଲୋଚନା କରିଥିବା ପଣ୍ଡିତ ମାନଙ୍କ ମଧ୍ୟରେ ଆଶୁତୋଷ ଭଟ୍ଟାଚାର୍ଯ୍ୟ 'ଛ' ଶବ୍ଦର ଉତ୍ପତ୍ତି ସଂପର୍କରେ ଲେଖିଅଛନ୍ତି ଯେ ମୁଣ୍ଡାରୀ ଭାଷାରେ 'ଛଟ୍' ଶବ୍ଦର ଅର୍ଥ ଭୂତ । ଶିବଙ୍କ ସମ୍ମୁଖରେ ଭୂତ ଓ ଉପଦେବତା / ଗନ୍ଧର୍ବଗଣ ବାର୍ଷିକ ପର୍ବରେ ଏହା ନାଚୁଥିଲେ । ପୁରୁଲିଆର ଜନସାଧାରଣ ଏହାକୁ ଛ ଓ ଛୋ ନାଚ କହନ୍ତି । ମୁଣ୍ଡାଙ୍କ ଭାଷାରେ 'ଛଟ୍' ଶବ୍ଦର ଅର୍ଥ ଭୂତ ହେଲେ ଓ ଏହି ଶବ୍ଦରୁ

'ଛ' ଶବ୍ଦ ଉତ୍ପନ୍ନ ହୋଇଥିଲେ ଏହା ଭୂତ ନାଚ ହୁଅନ୍ତା । ପୁରୁଲିଆ / ମାନଭୂମ ଅଞ୍ଚଳର ଜନସାଧାରଣ ଏହି 'ଛ' ଶବ୍ଦ 'ଭୂତନାଚ' ଅର୍ଥରେ ବ୍ୟବହାର ନକରି 'ମୁଖାନାଚ' ବୋଲି ବୁଝନ୍ତି । ନୃତତ୍ତ୍ୱବିଦ୍ ସବିତା ରଞ୍ଜନ ସରକାର ଓ ପଶୁପତି ପ୍ରସାଦ ମାହାତୋ ପ୍ରଭୃତି ଆଲୋଚକମାନେ ଏହା ସମର୍ଥନ କରିଛନ୍ତି । 'ଛୋ' ଶବ୍ଦଟିର ଉଚ୍ଚାରଣ ସୌକାର୍ଯ୍ୟ ହେତୁ ପୁରୁଲିଆର ଲୋକେ ଏହା ଗ୍ରହଣ କରିବାରେ ଅମତ ହୁଅନ୍ତି ନାହିଁ, ପରନ୍ତୁ 'ଛଉ' ଶବ୍ଦ ଗ୍ରହଣରେ ସେମାନଙ୍କର ଆପତ୍ତି ରହିଅଛି । ଶବ୍ଦଟି 'ଛ' ଅପେକ୍ଷା 'ଛୋ' ହେବା ଅଧିକ ଯୁକ୍ତି ସଂଗତ ବୋଲି ପଶୁପତି ପ୍ରସାଦ ମାହାତୋ ଦୃଢ଼ଭାବେ କହନ୍ତି । ସେ ପୁରୁଲିଆ ସମେତ ରାଞ୍ଚି, କେନ୍ଦୁଝର, ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଏ ନାଚ ସହିତ ସଂପୃକ୍ତ ଲୋକଙ୍କୁ ପଚାରି ବୁଝିବା ସହ ଏସବୁ ଅଞ୍ଚଳରେ ପ୍ରଚଳିତ କେତେକ ଲୋକଗୀତରେ 'ଛୋ' ଶବ୍ଦର ପ୍ରୟୋଗ ଥିବାର ଉଦାହରଣ ପ୍ରଦାନ କରିଅଛନ୍ତି । ତାଙ୍କ ମତରେ 'ଝାଡ଼ଖଣ୍ଡ ବହିର୍ଭୂତ ସହରର' ଆଲୋଚକ ମାନେ ନାଚଟିକୁ ଛ ଅଥବା ଛୋ ନକହି ଛଉ କହିଥାନ୍ତି ।

ଷଢ଼େଇକଳା, ମୟୂରଭଞ୍ଜ ସମେତ ସନ୍ନିହିତ ଅଞ୍ଚଳରେ ଏହା 'ଛଉ' ରୂପେ ଉଚ୍ଚାରିତ ହେଲେ ହେଁ ଶବ୍ଦଟିର ଉତ୍ପତ୍ତି ଓ ଅର୍ଥରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଷଢ଼େଇକଳାରେ ଏହା ଛାୟା ବା ଛଦ୍ମ ଶବ୍ଦରୁ ଉତ୍ପନ୍ନ ହୋଇଥିବାର ଆଲୋଚକ ଗଣ ମତ ଦିଅନ୍ତି । ନୃପେନ୍ଦ୍ର ନାରାୟଣ ସିଂହଦେଓ, କେଦାର ନାଥ ସାହୁ, ଯୁଗଭାନୁ ସିଂହଦେଓ, ଅତନୁ କବି ପ୍ରଭୃତି ଉପସ୍ଥିତ ଆଲୋଚକ ମାନେ 'ଛାୟା' ଶବ୍ଦରୁ ଛଉ ଓ ଏହାର ଅର୍ଥ 'ମୁଖା' ବୋଲି ମତ ଦେଇଛନ୍ତି । ସୁନୀଲ କୋଠାରୀ ଶବ୍ଦଟିର ଅର୍ଥ ମୁଖା ବୋଲି ସ୍ୱୀକାର କରିଛନ୍ତି ତେବେ 'ଛଦ୍ମ' ଶବ୍ଦରୁ 'ଛଉ'ର ଉତ୍ପତ୍ତି ହେବାର ଅଧିକ ସମ୍ଭାବନା ସଂପର୍କରେ ଲେଖିଛନ୍ତି । ଅନ୍ୟ ଆଲୋଚକ ମାନଙ୍କ ମଧ୍ୟରୁ ଲକ୍ଷ୍ମୀକାନ୍ତ ମହାପାତ୍ର 'ଛବି'ର ଅପଭ୍ରଂଶ 'ଛଇ' ଶବ୍ଦରୁ ଛଉର ଉତ୍ପତ୍ତି ଓ ଏହାର ଅର୍ଥ 'ଛଟକ' ବୋଲି ମତ ଦେଲାବେଳେ 'ଛାଉଣୀ' ଶବ୍ଦରୁ ଶବ୍ଦଟିର ଉତ୍ପତ୍ତି ହେବାର ମଧ୍ୟ କହନ୍ତି । କପିଳେଶ୍ୱର ମିଶ୍ର ଛଇ ବା ଛବି ଶବ୍ଦରୁ ଏହାର ଉତ୍ପତ୍ତି ହୋଇଥିବାର କହିଲା ବେଳେ ମୁଖା ଓ ବେଶଭୂଷା ସହ ଏ ନାଚର ବିଭିନ୍ନ ଛଇ (ଭଙ୍ଗୀ) ପ୍ରତି ଲକ୍ଷ୍ୟ କରିଛନ୍ତି । ସୁଧୀର କରଣ ଓ ରାମକୃଷ୍ଣ ଲାହିଡ଼ୀ 'ଉତ୍ସବ' ଶବ୍ଦରୁ 'ଛଉ'ର ଉତ୍ସ ସନ୍ଧାନ କରି ନିଜ ନିଜର ମତ ଦେଲାବେଳେ ରାମକୃଷ୍ଣ ଲାହିଡ଼ୀ 'ଛୁପଇ' (ଲୁଚେଇବା) ଶବ୍ଦରୁ ଏହାର ଉତ୍ପତ୍ତି ହେବାର ଆଉ ଏକ ମତ ପୋଷଣ କରନ୍ତି ।

ଆଲୋଚକ ଜୀବନ ପାଣି, ଧୀରେନ୍ଦ୍ର ନାଥ ପଟ୍ଟନାୟକ, ଜୁଡ଼ି ବ୍ଳେଙ୍କ, ପ୍ରସନ୍ନ କୁମାର ଦାଶ, ଦୁର୍ଗା ଚରଣ କୁଅଁର, ଲାଲ ମୋହନ ସାହୁ, ବୀରେଶ୍ୱର ବନ୍ଦୋପାଧ୍ୟାୟ ପ୍ରଭୃତି ଆଲୋଚକ ମାନେ ଶବ୍ଦଟି 'ଛାଉଣୀ'ରୁ ଉତ୍ପତ୍ତି ହୋଇଥାର ମତ ପ୍ରଦାନ କରନ୍ତି । ଯୁଦ୍ଧ ବିରତ ସୈନ୍ୟଗଣ 'ଛାଉଣୀ'ରେ 'ଫରିଖଣ୍ଡା' ସାହାଯ୍ୟରେ 'ରୁକ୍‌ମାର' (ଆତ୍ମରକ୍ଷା ଓ ଆକ୍ରମଣ) କୌଶଳ ଅଭ୍ୟାସ କରୁଥିଲେ । ଛାଉଣୀରେ ଏହି ଯୁଦ୍ଧନୃତ୍ୟ ଅନୁଷ୍ଠିତ ହେଉଥିବାରୁ କାଳକ୍ରମେ ଲୋକ ମୁଖରେ ଏହା 'ଛଉ' ରୂପରେ ଉଚ୍ଚାରିତ ହୋଇଥିବାର କୁହାଯାଏ ।

ଛ ଓ ଛୋ ଶବ୍ଦ ଦୁଇଟି ମୁଖା ଅର୍ଥରେ ବ୍ୟବହୃତ ହେଉଥିବାରୁ ଓ ମୁଖା ଏ ନୃତ୍ୟର ଅବିଚ୍ଛେଦ୍ୟ ଅଂଶ ହୋଇଥିବାରୁ ଏହି ଶବ୍ଦ ଦ୍ୱୟ ପ୍ରତି ସ୍ଥାନୀୟ ଜନସାଧାରଣ ମୁଖ୍ୟତଃ ପୁରୁଲିଆର ଲୋକେ

ନିଜର ଆତ୍ମୀୟତା ପ୍ରଦର୍ଶନ କରିଛନ୍ତି । ଏହା ଉପଯୁକ୍ତ ବିଷୟ । ଅନ୍ୟ ପକ୍ଷରେ 'ଛଟ୍' ଶବ୍ଦରୁ 'ଛ' ହେବାର ସମ୍ଭାବନା ସଂପର୍କରେ ବିଚାର କରାଗଲେ ଦେଖାଯାଏ ଯେ, ଏହା ଏକ ମୁଣ୍ଡାରୀ ଶବ୍ଦ । ଏହାର ଅର୍ଥ ଛଣ୍ଡେ ଆର୍ଯ୍ୟ ଭାଷାରେ 'ଭୂତ' । ମୁଖା ସହିତ ଏହାର ସଂପର୍କ ଦେଖିବା ଉଚିତ୍ । ମୁଖା ପିନ୍ଧିବା ଅର୍ଥ ଭୂତ ସାଜିବା ନୁହେଁ କିମ୍ବା ଏହି ନାଚରେ ଏହିପରି ଚରିତ୍ରମାନେ କେବଳ ମୁଖା ପିନ୍ଧନ୍ତି ନାହିଁ । ଏଥିରେ ପଶୁପକ୍ଷୀ, ଦେବତା, ମଣିଷ, ରାକ୍ଷସ, ବାନର ପ୍ରଭୃତି ଚରିତ୍ରଗଣ ସମସ୍ତେ ମୁଖା ଲଗାନ୍ତି । 'ଛ' ଶବ୍ଦ ଉତ୍ପତ୍ତିର ସମ୍ଭାବନା ସଂପର୍କରେ ଆମ ନିକଟରେ ଛଦ୍ମ, ଛଇ, ଛବି, ଛାଇ, ଛାୟା ପ୍ରଭୃତି କେତେକ ଶବ୍ଦ ମଧ୍ୟ ରହିଅଛି । 'ଛ'ର ଅର୍ଥ ମୁଖା ହେଲେ ଛଟ୍ ଅପେକ୍ଷା ଛଦ୍ମ ପ୍ରଭୃତି ଶବ୍ଦରୁ 'ଛ' ହେବାର ସମ୍ଭାବନା ଅଧିକ ହେଉଛି । ମୁଣ୍ଡାରୀ ଗୋଷ୍ଠୀର ଲୋକଙ୍କର ଏ ନାଚ ସହିତ ସଂପର୍କ ସୂଚିତ କରୁଥିବା ବିଷୟ ପ୍ରତି ଲକ୍ଷ୍ୟ କଲେ ଦେଖାଯିବ ଯେ, କେବଳ ପୁରୁଲିଆ ନୁହେଁ ଏ ନାଚ ପ୍ରଚଳିତ ସମଗ୍ର ଅଞ୍ଚଳରେ ମୁଣ୍ଡାରୀ ଭାଷା ଗୋଷ୍ଠୀର ଲୋକେ ବାସ କରନ୍ତି ଓ ଏ ନାଚ ସହିତ ସେମାନଙ୍କ ନାଚର ସଂପର୍କ ରହିଥିବା ବେଳେ ଅନ୍ୟ ଅଞ୍ଚଳରେ ଏହା 'ଛ' ନହୋଇ 'ଛୋ' ବା 'ଛଉ' ରୂପ ଲାଭ କରିଛି । ତେଣୁ 'ଛ' ଶବ୍ଦର ମୂଳ ଉତ୍ସ 'ଛଟ୍' - ଏହି ଯୁକ୍ତିଟି ଦୁର୍ବଳ ହେଉଛି ।

ଯେଉଁ ଆଲୋଚକ ମାନେ ଛବି ଶବ୍ଦରୁ ଛଉ ହେବାର ମତ ପୋଷଣ କରିଛନ୍ତି ସେମାନେ ଛଇ ବା ଛବି ଶବ୍ଦକୁ ଲକ୍ଷ୍ୟ କରିଛନ୍ତି । ବିଭିନ୍ନ ଛଇରେ ମୁଖା ଓ ବେଶଭୂଷା ପିନ୍ଧି ନାଚୁଥିବାରୁ ଛଉନାଚ ହେବାର କହିଥାନ୍ତି । ଛଇ ଅର୍ଥ ଛବି, ବିଳାସ, ଭଙ୍ଗୀ, ବାଲିଙ୍ଗୀ ବା ଚତୁରୀ, ରସିକତା, ପରିପାଟିପୂର୍ଣ୍ଣ ସଜା, ସୌନ୍ଦର୍ଯ୍ୟ ପ୍ରଭୃତି, (ତ.ଶ.କୋ) । ଏହା ଆଶୁତୋଷ ଭଟ୍ଟାଚାର୍ଯ୍ୟଙ୍କ ପ୍ରଦତ୍ତ ମତ 'ସଂ/ସୁଆଙ୍ଗ' ଶବ୍ଦର ଅର୍ଥ ସହ ସାମଞ୍ଜସ୍ୟ ରକ୍ଷା କରେ । ଛଉରେ ବିଭିନ୍ନ ଭାବ ଓ ରସାଶ୍ରିତ ନାଚର ଅବତାରଣା ଘଟିଥିଲେ ହେଁ ଏଥିରେ ବୀର ରସ ପ୍ରାଧାନ୍ୟ ଲାଭ କରିଥିବାର ପରିଲକ୍ଷିତ ହୁଏ । ବୀର ଯୋଦ୍ଧାର କଠିନ ଓ ଦୃଢ଼ ମନ ତଳେ ରଙ୍ଗ ରସିକତା, ହାସ ପରିହାସ, କୌତୁକ ବ୍ୟଙ୍ଗର ଅନ୍ତଃ ସଲୀଳା ଫଲଗୁର ଧାରା ପ୍ରବାହିତ ହେବା ଅସ୍ୱାଭାବିକ ନୁହେଁ, ବରଂ ପ୍ରାକୃତିକ । ଛଉରେ ଲାସ୍ୟ ଭାବାଶ୍ରିତ ନାଚର ସଂଖ୍ୟା ଅଳ୍ପ ନୁହେଁ । ଏ ନାଚରେ ଚିତ୍ର ବିଚିତ୍ର ମୁଖା ପରିଧାନ କରାଯାଏ । ଏହି ପରିପ୍ରେକ୍ଷୀରେ ଛଇ ବା ଛବିରୁ ଛଉ ହେବାର ସମ୍ଭାବନା ମଧ୍ୟ କମ୍ ନୁହେଁ ।

ଛାୟା ବା ଛଦ୍ମ ଶବ୍ଦରୁ ଛଉ ଉତ୍ପନ୍ନ ହେବାର ମତ ପୋଷଣ କରିଥିବା ଆଲୋଚକ ମାନେ ମଧ୍ୟ ମୁଖା ଅର୍ଥରେ ଏହା କହନ୍ତି । ଏ ନାଚରେ ମୁଖା ଅବିଚ୍ଛେଦ୍ୟ ଅଂଶ ହୋଇଥିବାରୁ ମୁହଁକୁ ଢାଙ୍କି ଅନ୍ୟ କୌଣସି ରୂପରେ ଅଥବା କୌଣସି ଚରିତ୍ରର ଅନୁସରଣରେ ନାଚ ଗଠିତ ବୋଲି ଏହା ଛଉ ଓ ଶବ୍ଦଟି ଛାୟା ବା ଛଦ୍ମ (ଛାଇ) ଶବ୍ଦର ନିକଟତମ । ଛ ଅଥବା ଛୋ ଶବ୍ଦକୁ ଗ୍ରହଣ କରିଥିବା ଆଲୋଚକ ମାନେ ମଧ୍ୟ ମୁଖା ଅର୍ଥରେ ଏହା ଗ୍ରହଣ କରନ୍ତି ।

ଯେଉଁ ଆଲୋଚକଗଣ 'ଛାଉଣୀ' ଶବ୍ଦରୁ ଛଉ ହେବାର କହନ୍ତି, ସେମାନେ ଏ ନାଚର ମୂଳ ପ୍ରକୃତି, ମୁଖ୍ୟ ଭାବ ସହିତ ରସ ଓ ନାଟକୀୟ ଆବେଦନ ପ୍ରତି ଲକ୍ଷ୍ୟ କରିଛନ୍ତି । ଯୁଦ୍ଧ ବିରତ ବୀରଗଣ ଛାଉଣୀରେ କୌତୁକ ଯୁଦ୍ଧକ୍ରୀଡ଼ା କସରତ ଅଭ୍ୟାସ/ ନୃତ୍ୟ ପ୍ରଦର୍ଶନ କରୁଥିବା ହେତୁ ଏହା ଛଉ ।

ସେହି କ୍ରୀଡ଼ା ଅଥବା ନୃତ୍ୟ ସମୟରେ ଧୁମ୍‌ସା, ଢୋଲ, ମହୁରୀ, ତୁରୀ, ଶିଙ୍ଗା ପ୍ରଭୃତି ବୀର ବାଦ୍ୟ ବାଜୁଥିଲା ଓ ଏହି ନାଚକୁ କୌଣସି ଯୁଦ୍ଧ ବିଷୟବସ୍ତୁ ଅବଲମ୍ବନ କରି ଅଭିନୟ ସହକାରେ ଅନୁଷ୍ଠିତ କରୁଥିବାରୁ ଏହା ବୀର ଭାବ ବ୍ୟଞ୍ଜକ ବୋଲି ବୁଝାପଡ଼େ ।

'ଝାଡ଼ଖଣ୍ଡ ବହିର୍ଭୂତ ସହରର ତାତ୍ତ୍ୱିକ' ମାନେ ନାଚଟିକୁ 'ଛଉ' ବା 'ଛାଉ' ନାମରେ ନାମିତ କରିଛନ୍ତି ବୋଲି ଯେଉଁ ଆଲୋଚକ ମାନଙ୍କର ଧାରଣା । ସେମାନେ ଏପରି କଥନର ସପକ୍ଷରେ କହନ୍ତି ଯେ ଝାଡ଼ଖଣ୍ଡ ଅଧିବାସୀମାନେ ସମସ୍ତେ ମୂଳତଃ ଆଦିବାସୀ ଗୋଷ୍ଠୀର ଅନ୍ତର୍ଭୁକ୍ତ । ଏହି ସମସ୍ତ ମୂଳବାସୀ ଗୋଷ୍ଠୀ ଯଥା: ମାହାତୋ(କୁର୍ମୀ), ଭୂମିଜ, ରାଜୋୟାଡ଼, ଦେଶୱୋଲି, ବାଉରୀ, ସହିସ, ମାଗାଲ, ଗୋପ, ଭୂୟାଁ, ବାଥୁଡ଼ି ପ୍ରଭୃତି ଜନଗୋଷ୍ଠୀ (୩୯) ବ୍ୟତୀତ ଏ ସମଗ୍ର ଅଞ୍ଚଳର ଅଧିବାସୀ । ବିଭିନ୍ନ ସମୟରେ ଏହି ସବୁ ସମତଳ ଅଞ୍ଚଳର ବଙ୍ଗାଳୀ, ବିହାରୀ ଓ ଓଡ଼ିଶାବାସୀ ବିଭିନ୍ନ ଜାତିର ଲୋକେ ସେ ସବୁ ସ୍ଥାନରେ ପୁରୁଷାନୁକ୍ରମେ ବସବାସ କରୁଥିଲେ ହେଁ 'ମୂଳବାସୀ ଗୋଷ୍ଠୀ'ଙ୍କ ସହିତ 'ମନ ଓ ମନସ୍ତାତ୍ତ୍ୱରେ ଅନେକ ତଫାତ'(୪୦) ହେତୁ ସଂପୃକ୍ତ ଅଞ୍ଚଳର ଆଦିବାସୀମାନେ ସେମାନଙ୍କୁ 'ଦିକୁ' ଅଥବା 'ହାଟୁଆ' ଲୋକ ରୂପେ ଅଭିହିତ କରିଥାନ୍ତି । ଉକ୍ତ ଅଞ୍ଚଳର ଆଦିବାସୀ ଗଣ ଏଇ 'ଦିକୁ' ମାନଙ୍କ ପ୍ରତି ଏକ ପ୍ରକାର ଘୃଣା କିମ୍ବା ଅସହଣି ଭାବ ପୋଷଣ କରୁଥିବାର ଦେଖାଯାଏ । ଏଇ ହେତୁ ଏହି ସମସ୍ତ ଜାତିର ବିଜ୍ଞ ଆଲୋଚକ ବୃନ୍ଦ ନାଚଟିକୁ ଛଉ ନାମରେ ଉଚ୍ଚାରଣ କରୁଥିବାରୁ ବିଶେଷତଃ ପୁରୁଲିଆ ଓ ସନ୍ନିହିତ ଅଞ୍ଚଳର ଜନଗୋଷ୍ଠୀର ଲୋକେ 'ଛଉ' ଶ୍ରବଣରେ ସ୍ପର୍ଶକାତର ହୋଇ ପଡ଼ନ୍ତି । ଷଢ଼େଇକଳା / ସିଂଭୂମ, ମୟୂରଭଞ୍ଜ, ପୁରୁଲିଆ / ମାନଭୂମ ସମେତ ସନ୍ନିହିତ ଅଞ୍ଚଳର ରାଜା, ମହାରାଜା, ସର୍ଦ୍ଦାର, ମାନକୀ, ମୁଣ୍ଡା, ପଧାନ ପ୍ରଭୃତି ପ୍ରଶାସକ ମାନଙ୍କର ପୋଷକତା ବ୍ୟତୀତ ବ୍ରାହ୍ମଣ, ଖଣ୍ଡାୟତ, କରଣ, ତେଲୀ, ବଣିଆ, ସୂତ୍ରଧର, କୁମ୍ଭାର ପ୍ରଭୃତି ହିନ୍ଦୁ ଜାତିର ଲୋକଙ୍କ ସହ ଆଦିବାସୀ ଗୋଷ୍ଠୀର ଜନସାଧାରଣ ଏହି ନାଚଟିର ସୃଷ୍ଟି, ପୁଷ୍ଟି ଓ ବିକାଶରେ ସମସ୍ତ ସହାୟତା ପ୍ରଦାନ କରିଛନ୍ତି ।

ନିର୍ଦ୍ଦିଷ୍ଟ ସ୍ଥାନର ବାସିନ୍ଦା ଭାବରେ ସେହି ସ୍ଥାନ, ଅଞ୍ଚଳ ବା ଭୂଖଣ୍ଡର ଉନ୍ନତି ଅବନତି ଭଲମନ୍ଦର ସାଥି ହିଁ ସେହି ସ୍ଥାନର ବାସିନ୍ଦା ରୂପେ ପରିଗଣିତ ହେବାର ବିଷୟ ବିଶିଷ୍ଟ ମାନବବାଦୀ ରାଜନୀତି ତତ୍ତ୍ୱବିଦ୍ ମାନେ ମତ ପୋଷଣ କରନ୍ତି । ମହାତ୍ମା ପଣ୍ଡିତ ଗୋପବନ୍ଧୁ ଲେଖିଛନ୍ତି, "ପୃଥିବୀରେ ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ । ଏକ ସ୍ଥାନରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ସ୍ୱତଃ ମାୟା ମମତା ଜନ୍ମେ । ସେମାନଙ୍କର ଆଶା, ଅଭିପ୍ରାୟ, ଭାଗ୍ୟ ଓ ଭବିଷ୍ୟତ ଏକ ଶ୍ରେୟ ସ୍ୱାର୍ଥରେ ଆବଦ୍ଧ । ସେମାନଙ୍କ କର୍ମଭୂମି ଏକ ଏବଂ ଅଭିନ୍ନ । ସେହି ଭୂମି ସେମାନଙ୍କ ପକ୍ଷରେ ପବିତ୍ର ଏବଂ ପ୍ରେମମୟ କ୍ଷେତ୍ର । ଏହା ସେମାନଙ୍କର ଜନ୍ମଭୂମି, ସେମାନଙ୍କ ଦୃଷ୍ଟିରେ 'ସ୍ୱାର୍ଗଦପି ଗରୀୟସୀ'। ସୁତରାଂ ଯେଉଁମାନେ ଏପରି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରନ୍ତି, ସେମାନେ ଏକ ଜାତି ଏବଂ ସେହି ଭୂଖଣ୍ଡର ନାମାନୁସାରେ ନାମିତ ହୁଅନ୍ତି । ଆଜିକାଲି ସମୟରେ ଏକ ସ୍ଥାନରେ ଯେ କେବଳ ଏକ ପ୍ରକାର ଲୋକ ରହିବେ ତାହା ଅସମ୍ଭବ । ପୃଥିବୀର ଏପରି ପ୍ରାୟ ସ୍ଥାନ ନାହିଁ, ଯେଉଁଠାରେ ଭିନ୍ନ ଭିନ୍ନ ଜାତି ବା ସମାଜର ଲୋକ ଏକତ୍ର ବାସ କରୁନାହାନ୍ତି । ମାତ୍ର

ସେମାନଙ୍କ ସ୍ୱାର୍ଥର କେନ୍ଦ୍ର ଏକ । ତେଣୁ, କାଳକ୍ରମେ ଏକୀଭୂତ ହେବା ସେମାନଙ୍କ ପକ୍ଷେ ସ୍ୱାଭାବିକ ଏବଂ ଶ୍ରେୟସ୍କର ।(୪୧)

ଏହି ଦୃଷ୍ଟିରେ ଛଉ ନାମିତ ନାଚଟିର ସମସ୍ତ ଆଲୋଚକଗଣ 'ଝାଡ଼ଖଣ୍ଡ ବହିର୍ଭୁତ' ଅଞ୍ଚଳର ନୁହନ୍ତି । ଏହି ନୃତ୍ୟର ପ୍ରସିଦ୍ଧ ତତ୍ତ୍ୱବିଦ୍ ଓ ପ୍ରଖ୍ୟାତ ପ୍ରବୀଣ ନୃତ୍ୟଶିଳ୍ପୀ ଏବଂ ପୃଷ୍ଠପୋଷକ ମାନଙ୍କ ମଧ୍ୟରେ ଜୀବନ ପାଣି, ଧୀରେନ୍ଦ୍ର ନାଥ ପଟ୍ଟନାୟକ, କେଦାର ନାଥ ସାହୁ, ନୃପେନ୍ଦ୍ର ନାରାୟଣ, ବିଜୟ ପ୍ରତାପ, ଶୋଭେନ୍ଦ୍ର, ଶୁଦ୍ଧେନ୍ଦ୍ର, ହୀରେନ୍ଦ୍ର ନାରାୟଣ, ଯୁଗଭାନୁ ସିଂହଦେଓ, ଦିବାକର ଭଞ୍ଜଭାବୁ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରସନ୍ନ କୁମାର ଦାଶ, ଦୁର୍ଗା ଚରଣ କୁଅଁର, ଗିରୀଶ ଚନ୍ଦ୍ର ମହାନ୍ତ, ରାଧା ମୋହନ ମହାନ୍ତି, ଅତନୁ କବି, ଲାଲ ମୋହନ ସାହୁ ପ୍ରଭୃତି ମୟୂରଭଞ୍ଜ ଓ ଷଢ଼େଇକଳା ଅଞ୍ଚଳର ଜନ୍ମିତ ସନ୍ତାନ । ଷଢ଼େଇକଳାର ରାଜାସାହେବ ଉଦିତ ନାରାୟଣ, ଆଦିତ୍ୟ ପ୍ରତାପ ସିଂହଦେଓ, ମୟୂରଭଞ୍ଜର ରାଜା କୃଷ୍ଣଚନ୍ଦ୍ର, ଶ୍ରୀରାମଚନ୍ଦ୍ର, ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ପ୍ରଶାସକ ଗଣ ନାଚଟିର ପୋଷକତା କରିଛନ୍ତି । ଏମାନେ ସମସ୍ତେ ଆଲୋଚ୍ୟ ଏଇ ମାଟିର ସନ୍ତାନ । ତେଣୁ, ପଶୁପତି ପ୍ରସାଦ ମାହାତୋଙ୍କର ଏପରି ଉକ୍ତିର ସାରବତ୍ତା ପ୍ରତିପାଦିତ ହେଉନାହିଁ ।

ଯେଉଁ ପଣ୍ଡିତଗଣ 'ଉତ୍ସବକ୍ଷ ଶବ୍ଦରୁ ଛଉ ଶବ୍ଦର ଉତ୍ସ ସନ୍ଧାନ କରିଛନ୍ତି, ସେମାନେ ଏ ନାଚ ସହିତ ବିଭିନ୍ନ ଉପଚାରର ସମ୍ମଳିତ ଉଡ଼ା, ଗାଜନ, ମାଁଡ, ଚଡ଼କ ବା ଦଣ୍ଡ ପରବକୁ ଲକ୍ଷ୍ୟ କରିଛନ୍ତି । ଉତ୍ସବ ବା ପରବ ସହିତ ନାଚଟି ସଂଯୁକ୍ତ ହେଲେ ହେଁ ଏହା ଉତ୍ସବରୁ ସୃଷ୍ଟ ହେବାର ପ୍ରମାଣିତ ହେଉନାହିଁ । କାରଣ, ଉତ୍ସବଟିର ଉପାସନା ବିଷୟକ ଆଚାର ପଦ୍ଧତି ସମସ୍ତ ସର୍ବତ୍ର ଦିବା ଭାଗରେ ଅନୁଷ୍ଠିତ ହେଉଥିଲା ବେଳେ ନୃତ୍ୟାଂଶ ରାତ୍ରିକାଳରେ ଅନୁଷ୍ଠିତ ହୁଏ । ଦ୍ୱିତୀୟତଃ, ଏହି ସବୁ ଉତ୍ସବ ବା ପରବ ବ୍ୟତିରେକେ ନାଚଟିର ପ୍ରଦର୍ଶନ ହୋଇପାରେ । ତୃତୀୟତଃ, ଉତ୍ସବ ପାଳନ କରୁଥିବା ଭକ୍ତ (ଭକ୍ତା) ଗଣଙ୍କର ରାତ୍ରିକାଳରେ ଅନୁଷ୍ଠିତ ଏ ନୃତ୍ୟାଭିନୟ ସହିତ କୌଣସି ପ୍ରତ୍ୟକ୍ଷ ଅଂଶ ଗ୍ରହଣ ରହେନାହିଁ । ଚତୁର୍ଥତଃ, ଏହି ସବୁ ଭିନ୍ନ ଭିନ୍ନ ନାମ ବିଶିଷ୍ଟ ଉତ୍ସବ ସହିତ ଏ ନାଚର ସଂପର୍କୀୟ ବିବରଣୀ ଉଲ୍ଲେଖ ରହିଥାନ୍ତା । ପଞ୍ଚମତଃ, ଉତ୍ସବ ସହିତ ମୂଳରୁ ସୃଷ୍ଟି ହୋଇଥିଲେ ଏଥିର ଆରାଧ୍ୟ ଦେବତାଙ୍କ ମାହାତ୍ମ୍ୟ ପ୍ରକଟ ନିମନ୍ତେ ନାଚ ସବୁର ଅବତାରଣା କରାଯାଇ ପାରିଥାନ୍ତା । ଉତ୍ସବଟି ସଂପୂର୍ଣ୍ଣ ଶୈବାଚାର ପଦ୍ଧତି ଅନୁସାରେ ସଂପନ୍ନ ହୁଏ । ନାଟ୍ୟାଂଶ କିନ୍ତୁ ଏହା ମଧ୍ୟରେ ସୀମିତ ନୁହେଁ । ତେଣୁ, 'ଉତ୍ସବ'ଶବ୍ଦରୁ ଛଉ ସୃଷ୍ଟିର ସମ୍ଭାବନା ଯୁକ୍ତିଟି ଦୁର୍ବଳ ହେଉଛି ।

ଉପରୋକ୍ତ ବିଚାର ବିଶ୍ଳେଷଣ ସବୁଥିରେ ନାଚଟିର ନାମର ମାହାତ୍ମ୍ୟ ପ୍ରକଟିତ ହୋଇଛି । ଛ/ଛଉ/ଛୋ ତିନିଗୋଟି ଯାକ ଶବ୍ଦ ଏ ନାଚ ଅନୁଷ୍ଠିତ ହେଉଥିବା ସମଗ୍ର ଭୂଖଣ୍ଡର ବିଭିନ୍ନ ସ୍ଥାନର ଲୋକ ମୁଖରେ ପ୍ରଚଳିତ ରହିଅଛି । ମୂଳ ଛ ଶବ୍ଦଟି ଉଚ୍ଚାରଣରେ ଛଅ, ଛଉ, ଛୁ, ଛୋ ରୂପେ ଲୋକ ମୁଖରେ ସ୍ୱାଭାବିକ ରୀତିରେ ପ୍ରସାରିତ ହୋଇଅଛି । ଗୋଟିପୁଅରୁ ଗଟିପ, ଗଟିପୁ, ଗୋଟିପୋ ଉଚ୍ଚାରିତ ହେଲାପରି ଏହା ହୋଇଛି । ଏ ସମସ୍ତ ଆଞ୍ଚଳିକ ଉଚ୍ଚାରଣ ଶୈଳୀ ସଶ୍ରଦ୍ଧ ଚିତ୍ତରେ ଗ୍ରହଣ କରିଅଛି । ସିଂଭୂମ, ଷଢ଼େଇକଳା, ଖରସୁଆଁ, ଇଚ୍ଚା, କେରା, ମୟୂରଭଞ୍ଜ, କେନ୍ଦୁଝର, ତାଳଚେର, ଢେଙ୍କାନାଳ, ବଣାଇ, ନୀଳଗିରି, ଝାଡ଼ଗ୍ରାମ, ଧଳଭୂମ ପ୍ରଭୃତି ସ୍ଥାନ ମାନଙ୍କରେ ଏହା ଛଉନାଚ ନାମରେ ବହୁଳ

ପ୍ରଚଳିତ । ପୁରୁଲିଆ ଓ ସନ୍ନିହିତ ଅଞ୍ଚଳରେ ଏହା ଛ ଅଥବା ଛୋ ଏବଂ ଛଉ ନାମରେ କଥିତ ହେଉଥିବାରୁ ମୋର ସନ୍ଦର୍ଭରେ ମୁଁ ଏହି ଦୁଇଗୋଟି ଶବ୍ଦ ଛଉ ଓ ଛୋ'କୁ ଛଉ/ଛୋ ରୂପେ ଗ୍ରହଣ କରିଅଛି ।

ଚତୁର୍ଥତଃ, ନାଚଟିର ସୃଷ୍ଟିର ହେତୁ ଉପସ୍ଥିତ ସମସ୍ତ ତଥ୍ୟରୁ ଦେଖାଯାଉ ଅଛି ଯେ, କେତେକ ଆଲୋଚକ ଏହା ଉତ୍ସବରୁ ଉଦ୍‌ଭୂତ ହୋଇଥିବାର କହିଥିବା ବେଳେ କେତେକ ଏହା କୌତୁକ ଅଭିନୟରୁ ସୃଷ୍ଟ ବୋଲି ମତ ଦିଅନ୍ତି । କେତେକ ଏହାକୁ ବୀରଭାବ ପୂର୍ଣ୍ଣ ଆଦିମ ଗଣ ନୃତ୍ୟ ରୂପରେ ଦେଖିଥିବା ବେଳେ ଅନ୍ୟ କେହି ଏଥିରେ ଭରତ ନାଟ୍ୟ ସୂତ୍ର ଆଧାରିକ ମୌଳିକ ଶାସ୍ତ୍ରୀୟ ନୃତ୍ୟର ହେତୁ ଖୋଜିଛନ୍ତି ।

ନାଚଟି ଉତ୍ସବ ସହିତ ସଂଶ୍ଳିଷ୍ଟ । ଶିବଙ୍କୁ ଆରାଧନା ପାଇଁ ଭକ୍ତମାନେ ଚୈତ୍ର ପରବ ପାଳନ ଅବସରରେ ଏହି ନାଚ ଅନୁଷ୍ଠିତ ହୁଏ । ଶିବ ହିଁ ନୃତ୍ୟର ଦେବତା । ସେ ନଟରାଜ ରୂପେ ଅଧିଷ୍ଠିତ । ସେ ସାହସ, ସାମର୍ଥ୍ୟ, ବୀରତ୍ୱ, ଧୈର୍ଯ୍ୟର ପ୍ରତୀକ । ଶିବ ଭୈରବ ରୂପରେ ପୂଜିତ । ତାଙ୍କର ଆରାଧନା କାଳରେ କଷ୍ଟସାଧ ଉପଚାର ସମସ୍ତ ସହଜରେ କରିବା ନିମନ୍ତେ ନୃତ୍ୟର ଅବତାରଣା ହୋଇ ଥାଇପାରେ । ଆମ ସମାଜରେ ସାଧାରଣତଃ କୌଣସି ପର୍ବପର୍ବାଣୀ ଉପଲକ୍ଷେ ସେହି ଦିନ ଗୁଡ଼ିକୁ ଉପଭୋଗ କରିବା ପାଇଁ ପାଲା, ଲୀଳା, ନୃତ୍ୟ,ଗୀତ, ନାଟ, ଯାତ୍ରା, ସୁଆଙ୍ଗ ପ୍ରଭୃତି ଅନୁଷ୍ଠିତ ହୁଏ । ଉତ୍ସବ ସହିତ ଏ ସବୁ ସଂଯୁକ୍ତ ହୋଇଥାଏ । କୌଣସି ନିର୍ଦ୍ଦିଷ୍ଟ ଧର୍ମର ଅନୁଷ୍ଠାନ ବେଳେ ସେହି ଧର୍ମର ଆରାଧ୍ୟ ଦେବାଦେବୀଙ୍କ ମହିମା ପ୍ରଚାର ଉପଲକ୍ଷେ ଅଭିନୟ ଓ ନୃତ୍ୟ ଅନୁଷ୍ଠିତ ହେବାର ଦେଖାଯାଏ । ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର ନିମନ୍ତେ ବିଷ୍ଣୁ ଭକ୍ତ ଗଣ ଆରାଧ୍ୟ ଦେବତା ଭଗବାନ ବିଷ୍ଣୁ, କୃଷ୍ଣଙ୍କ ଲୀଳା ବିଷୟକ କାହାଣୀ ଅବଲମ୍ବନରେ ନୃତ୍ୟ, ଗୀତ, ଅଭିନୟ ଅନୁଷ୍ଠାନ କରିଥାନ୍ତି । ଜଗନ୍ମାତା ଦୁର୍ଗା ଦେବୀଙ୍କର ଆରାଧନା କାଳରେ ଶକ୍ତି ସ୍ୱରୂପିଣୀ ମାତାଙ୍କର ଜଗତ୍ ଉଦ୍ଧାରଣ ଲୀଳା ସମ୍ବଳିତ କାହାଣୀ ଅବଲମ୍ବନରେ ନୃତ୍ୟଗୀତ ପ୍ରଭୃତିର ଅନୁଷ୍ଠାନ ଦେଖିବାକୁ ମିଳେ । କିନ୍ତୁ ଉଦା ପର୍ବ ଏକ ଶୈବ ଅନୁଷ୍ଠାନ ହେଲେ ହେଁ ଏହାର ଆରାଧ୍ୟ ଦେବତା ଶିବଙ୍କର ମହାତ୍ମ୍ୟ ପ୍ରକଟନ ନିମନ୍ତେ ତଦ୍ ବିଷୟକ ନୃତ୍ୟ, ଗୀତ, ନାଟ କେବଳ ଅନୁଷ୍ଠିତ ନହୋଇ ରାମାୟଣ, ମହାଭାରତ, ଭାଗବତ, ରସାବଳୀ ପ୍ରଭୃତି ମହାକାବ୍ୟ ପୁରାଣର କାହାଣୀ ବ୍ୟତୀତ ସାମାଜିକ, ଐତିହାସିକ ଓ ପ୍ରାକୃତିକ ବିଷୟରେ ଛଉ ନାଟ ଅନୁଷ୍ଠିତ ହୋଇଥାଏ । ତେଣୁ, ଛଉ ନୃତ୍ୟର ଉତ୍ପତ୍ତିର ହେତୁ ଅନୁସନ୍ଧାନ କାଳରେ ଆମର ଅନୁଭବ ହୁଏ ଯେ, ଭାରତୀୟ ପରମ୍ପରାନୁକ୍ରମିକ ଧର୍ମଗ୍ରନ୍ଥ ଆଧାରିକ ବିଷୟବସ୍ତୁ ସାହାଯ୍ୟରେ ନୃତ୍ୟ, ଗୀତ, ଅଭିନୟାଦି ଧର୍ମାଚାର ଓ ଧର୍ମୀୟ ଭାବନା ସହ ସଂଯୁକ୍ତ ହୋଇଥିଲେ ହେଁ ଧର୍ମ ପ୍ରଚାରର ସୀମିତ ପରିସର ମଧ୍ୟରେ ଏହା ଆବଦ୍ଧ ହୋଇ ରହିନାହିଁ । ଜନସାଧାରଣଙ୍କ ଚିତ୍ତ ରଞ୍ଜନକାରୀ କଥାବସ୍ତୁ ଆହରଣ ନିମନ୍ତେ ଏସବୁର ସହାୟତା ପ୍ରୟୋଜନ ହୋଇଛି ।

ଛଉନାଚର ପୂର୍ବଭାଗ ଉତ୍ସବଟି ନାନାବିଧ କ୍ଳେଶ ପ୍ରଦାୟକ ଉପଚାର ସମ୍ବଳିତ ଅନୁଷ୍ଠାନଟିକୁ ଉପଭୋଗ କରିବା ନିମନ୍ତେ ସଂଯୁକ୍ତ ନାଚଟି କାଳକ୍ରମେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପର୍ଯ୍ୟାୟରେ

ଉଦ୍‌ବିକଶିତ ହୋଇଛି । ଏହି ଉଦ୍‌ବିକାଶ ପ୍ରକ୍ରିୟାରେ ଏହାର ଆଂଶିକ ଭାଗରେ ବହୁ ପରିବର୍ତ୍ତନ, ସଂଯୋଜନ ଓ ପରିମାର୍ଜନ ଘଟିଥିଲେ ହେଁ ଏହାର ଆତ୍ମିକ ସତ୍ତାଟି ଅପରିବର୍ତ୍ତନୀୟ ରହିଅଛି ।

ପଞ୍ଚମତଃ, ନାଚଟିର ଉତ୍ପତ୍ତି ସ୍ଥଳ: ଏହି ପ୍ରକାର ଏକ ନାଚର ଉତ୍ପତ୍ତି ସ୍ଥଳ ସଂପର୍କରେ ନିମ୍ନଲିଖିତ ବିଭିନ୍ନ ମତ ଥିବା ଜଣାଯାଉଛି । ସଂକ୍ଷେପରେ; ପ୍ରଥମତଃ: ଷଢ଼େଇକଳାରୁ ସୃଷ୍ଟି ଓ ବାଗମୁଣ୍ଡିରେ ଅଞ୍ଚଳକୁ ପରିବ୍ୟାପ୍ତ । ଦ୍ୱିତୀୟତଃ: ବାଗମୁଣ୍ଡିରେ ପ୍ରଥମେ 'ପ୍ରବର୍ତ୍ତନ' ଘଟିଛି ଓ ପରେ ଷଢ଼େଇକଳା ଓ ମୟୂରଭଞ୍ଜ ଅଞ୍ଚଳକୁ ପ୍ରସାରିତ । ତୃତୀୟତଃ, ମୟୂରଭଞ୍ଜ ଓ ଷଢ଼େଇକଳାରୁ ଉଦ୍‌ଭବ । ଚତୁର୍ଥତଃ, ଏ ନାଚ ପ୍ରଚଳିତ ସମଗ୍ର ଭୂଖଣ୍ଡର ଏକ ଲୌକିକ ଉତ୍ପାଦନ ।

ଆଲୋଚକ ମାନଙ୍କ ମଧ୍ୟରେ ଅନେକେ ଷଢ଼େଇକଳା ରାଜ୍ୟରେ ନାଚଟିର ସୃଷ୍ଟି ହୋଇଥିବା ମତ ପୋଷଣ କରିଥିବା ବେଳେ ଆଉ କେତେକେ ଷଢ଼େଇକଳା ସହ ମୟୂରଭଞ୍ଜରୁ ଉତ୍ପତ୍ତି ହୋଇଥିବା ମନେ କରନ୍ତି । ଏ.ଏନ୍. ମୁଖାର୍ଜୀ ଷଢ଼େଇକଳା ରାଜ୍ୟରୁ ବାଗମୁଣ୍ଡି ରାଜ୍ୟକୁ ଛଉ ନାଚ ଯାଇଥିବା ବିଷୟ ଉଲ୍ଲେଖ କରିଛନ୍ତି । ଦିବାକର ଭଞ୍ଜବାବୁ ଷଢ଼େଇକଳାର ସୃଷ୍ଟି ସପକ୍ଷରେ ମତ ପ୍ରଦାନ କରିଛନ୍ତି । ସୁଧୀର ଚନ୍ଦ୍ର କରଣ ମୟୂରଭଞ୍ଜ ଓ ଷଢ଼େଇକଳା ଏହି ନାଚର 'ଉଦ୍‌ଭବଭୂମି' ବୋଲି ମତ ଦିଅନ୍ତି । ଆଶୁତୋଷ ଭଟ୍ଟାଚାର୍ଯ୍ୟ ପ୍ରଥମେ ବାଗମୁଣ୍ଡିରେ ପ୍ରବର୍ତ୍ତିତ ହୋଇ ଷଢ଼େଇକଳା ଓ ମୟୂରଭଞ୍ଜକୁ ପ୍ରସାରିତ ହୋଇଥିବାର କହନ୍ତି । ଅନ୍ୟମାନଙ୍କ ମଧ୍ୟରେ ଗୁରୁଶ୍ରୀ କେଦାର ନାଥ ସାହୁ, ପଶୁପତି ପ୍ରସାଦ ମାହାତୋ, ଗିରୀଶ ଚନ୍ଦ୍ର ମହାନ୍ତ, କୋନିସି ମାସାଟୋରିଙ୍କ ପରି ପଣ୍ଡିତ ଗଣ ଷଢ଼େଇକଳା, ମୟୂରଭଞ୍ଜ, ପୁରୁଲିଆ, ମେଦିନିପୁର - ଏହି ସମଗ୍ର ଭୂଖଣ୍ଡରେ ପ୍ରଚଳିତ ବହୁ ଓ ବିଭିନ୍ନ ଲୋକ ନୃତ୍ୟର ସମ୍ମିଶ୍ରଣରେ ଏପରି ଏକ ନାଚର ସୃଷ୍ଟି ସପକ୍ଷରେ ମତ ପ୍ରଦାନ କରନ୍ତି ।

ନାଚଟିର ସୃଷ୍ଟିର ନିର୍ଦ୍ଦିଷ୍ଟ ସ୍ଥାନ ବିଷୟକ ପ୍ରଦତ୍ତ ମତ ଗୁଡ଼ିକର ବିଚାର କାଳରେ ଦେଖାଯାଉଛି ଯେ, ଆଶୁତୋଷ ଭଟ୍ଟାଚାର୍ଯ୍ୟ ବାଗମୁଣ୍ଡି ରାଜ ପରିବାର ବର୍ତ୍ତମାନ ଛଉ ପରମ୍ପରାର ପ୍ରବର୍ତ୍ତନ କରିଥିଲେ ବୋଲି ନିର୍ଦ୍ଦିଷ୍ଟ ମତ ପୋଷଣ କରିଛନ୍ତି । ପରବର୍ତ୍ତୀ କାଳରେ ଏହା ପଡ଼ୋଶୀ ଅଞ୍ଚଳ ଷଢ଼େଇକଳା ଓ ମୟୂରଭଞ୍ଜ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ଏହି ଉକ୍ତିଟିକୁ ଅନୁଧ୍ୟାନ କଲେ ଦେଖାଯାଉଛି ଯେ ବାଗମୁଣ୍ଡିର ରାଜ ପରିବାର ବର୍ତ୍ତମାନର ଛଉନାଚ ପରମ୍ପରାକୁ 'ପ୍ରବର୍ତ୍ତନ' କରିଥିଲେ; ସୃଷ୍ଟି କରି ନଥିଲେ । 'ପ୍ରବର୍ତ୍ତନ' ଶବ୍ଦର ଅର୍ଥ ସ୍ଥାପନ, ପ୍ରତିଷ୍ଠିତ କରଣ, ପ୍ରଚଳିତ କରଣ ପ୍ରଭୃତି । ସୃଷ୍ଟି ଶବ୍ଦର ଅର୍ଥ ନିର୍ମାଣ, ରଚନା, ଉତ୍ପାଦନ ପ୍ରଭୃତି (ଚ.ଶି.କୋ.) । ବାଗମୁଣ୍ଡିର ରାଜା ଏହି ନାଚର 'ପ୍ରବର୍ତ୍ତନ' କରିଥିଲେ । ନାଚଟିର ସୃଷ୍ଟିର ସ୍ଥାନ ଅନ୍ୟତ୍ର ବିଦ୍ୟମାନ ।

ଏ ସଂପର୍କରେ ଆଲୋଚକ ଏ.ଏନ୍.ମୁଖାର୍ଜୀ କହନ୍ତି, "ବାଗମୁଣ୍ଡି ରାଜାଙ୍କର ରଘୁନାଥ ସିଂ ନାମକ ଜଣେ ମାହୁନ୍ତ ଷଢ଼େଇକଳା ପଳାଇଯାଇ ସେଠାରୁ ଛଉନାଚ ଶିକ୍ଷା କରି, ବାଗମୁଣ୍ଡିକୁ ଫେରିଆସି ଛଉନାଚ ପ୍ରଦର୍ଶନ କରାଇବା ଫଳରେ ରାଜା ଏହାର ପୋଷକତା ଆରମ୍ଭ କରି ଆନୁଷଙ୍ଗିକ କର୍ମପନ୍ଥା ଗ୍ରହଣ କଲେ ।" ଏହି ଉକ୍ତିଟିର ଉତ୍ପତ୍ତି ସୂତ୍ର ସଂପର୍କରେ ବର୍ତ୍ତମାନ ଆମର ଜାଣିବାର ଅବକାଶ ନାହିଁ । ଏହାର ବିଚାର କାଳରେ ଦେଖାଯାଉଛିଯେ "ପ୍ରାୟ ଅଢ଼େଇ ଶହ ବର୍ଷ ପୂର୍ବେ"

ଷଢ଼େଇକଳାରେ ଛଉନାଚ ପ୍ରଚଳିତ ହୋଇଥିଲା ଓ ତହିଁରେ ବାଗମୁଣ୍ଡି ରାଜାଙ୍କର ଏହି ପଳାତକ 'ମାହୁନ୍ତ' ଜଣକ ନାଚ ଶିକ୍ଷାଲାଭ କରିଥିଲେ ।

ଏହି ପ୍ରସଙ୍ଗରେ ମୟୂରଭଞ୍ଜ ରାଜ୍ୟରେ ଛଉନାଚର ପଥୀକୃତ ଦିବାକର ଭଞ୍ଜବାବୁଙ୍କର ଉକ୍ତିଟି ପ୍ରଣିଧାନ୍ୟ ଯୋଗ୍ୟ । ସେ ଲେଖିଛନ୍ତି ଯେ ମୟୂରଭଞ୍ଜ ମହାରାଜା ଯଦୁନାଥ ଭଞ୍ଜ (୧୮୨୮-୧୮୬୩)ଙ୍କ ସମୟରେ ଚୈତ୍ର ମାସରେ 'ରାମନବମୀ ନାଚ' ହେଉଥିଲା । ପରବର୍ତ୍ତୀ କାଳରେ ଧଳଭୂମିର ମଦନ ସିଂହ ବାବୁ ଏଥି ସହ ଛଉ ପରି କିଛି ବାଜା ଓ ନାଚ ମିଶାଇଲେ । ମହାରାଜା କୃଷ୍ଣଚନ୍ଦ୍ର (୧୮୬୮-୧୮୮୨)ଙ୍କ ସମୟରେ ବାରିପଦାର ରାମହରି ଜିତ୍ ବେବର୍ତ୍ତାବାବୁ ନିଜର ବିବାହ ନିମନ୍ତେ ଷଢ଼େଇକଳା ଯାଇ ସେଠାରେ ଛଉ ନାଚ ଦେଖିଆସି ମହାରାଜାଙ୍କୁ ଏ ବିଷୟରେ ଅବଗତ କରାଇଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଏଥିରେ ଆଗ୍ରହ ପ୍ରକାଶ କରି ଏଥିପାଇଁ ଷଢ଼େଇକଳାରୁ ଦୁଇଜଣ 'ଓସ୍ତାଦ' ଆଣି 'ଲାଖରାଜ' ଇତ୍ୟାଦି ଦେଇ 'ଉତ୍ତରସାହି' ଓ 'ଦକ୍ଷିଣସାହି'ରେ ଛଉନାଚ ଶିକ୍ଷା ଦେବା ନିମନ୍ତେ ରଖାଇଥିଲେ । ଦିବାକର ଭଞ୍ଜବାବୁଙ୍କର ଏହି ଉକ୍ତିରୁ ଜଣାଯାଉଛି ଯେ ମୟୂରଭଞ୍ଜ ଅର୍ଥାତ ବାରିପଦାରେ ଏହି ନାଚର ପ୍ରବର୍ତ୍ତନ ଓ ପୋଷକତା ଘଟିଛି । ଏହି ନାଚ ବାରିପଦା-ମୟୂରଭଞ୍ଜରେ ପ୍ରଚଳନ ପୂର୍ବରୁ ଷଢ଼େଇକଳା ସମେତ ଧଳଭୂମ ଅଞ୍ଚଳରେ ପ୍ରଚଳିତ ଥିବାର ସ୍ପଷ୍ଟ ସୂଚିତ ହୋଇଛି । ଧଳଭୂମିର ମଦନ ସିଂହବାବୁ କେବେ କେଉଁ କାରଣରୁ ମୟୂଜଭଞ୍ଜର ବାରିପଦା ଆସି ଏଠା 'ରାମନବମୀ ନାଚ' ସହିତ ଛଉନାଚର କିଛି ବାଜା ଓ କେତେକ ନାଚ ମିଶାଇଥିଲେ ତାହା ମଧ୍ୟ ଜାଣିବାର ଅବକାଶ ବର୍ତ୍ତମାନ ନାହିଁ । ଉକ୍ତ ମଦନସିଂହ ବାବୁ ଯଦୁନାଥ ଭଞ୍ଜଙ୍କ ସମସାମୟିକ କିମ୍ବା ପରବର୍ତ୍ତୀ କାଳର ହୋଇଥାଇ ପାରନ୍ତି, କିନ୍ତୁ କୃଷ୍ଣଚନ୍ଦ୍ରଙ୍କ ସମୟରେ ବାରିପଦାରେ ଛଉନାଚ ଶିକ୍ଷା ପାଇଁ ଷଢ଼େଇକଳାରୁ ଦୁଇଜଣ ଓସ୍ତାଦ୍ ଆସିଛନ୍ତି । ରାମହରି ଜିତ୍ ବେବର୍ତ୍ତା ବାବୁ ହିଁ ଏଥିର ମୁଖ୍ୟ ସୂତ୍ରଧର । ଷଢ଼େଇକଳାରେ ତାଙ୍କର ବିବାହ ଅନୁଷ୍ଠାନ ହିଁ ଏଥିର ପ୍ରଧାନ କାରଣ । ଏହି ଘଟଣାରୁ ମୟୂରଭଞ୍ଜ ସହିତ ଷଢ଼େଇକଳା ରାଜ୍ୟବାସୀଙ୍କର ଘନିଷ୍ଠ ସଂପର୍କ ରହିଥିବା ସୂଚିତ ହେଉଛି । ରାମହରି ଜିତ୍ ବାବୁ ସେଠାରେ ବିବାହ କଲା କାଳରେ ଛଉନାଚ ଦେଖିଆସି ବାରିପଦାରେ କୃଷ୍ଣଚନ୍ଦ୍ର ମହାରାଜାଙ୍କୁ ଏଥିସକାଶେ ପ୍ରରୋଚିତ କରିଛନ୍ତି । ସେ କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ କେଉଁ ବର୍ଷ କେଉଁ ସମୟରେ ଷଢ଼େଇକଳା ଯାଇଥିଲେ ତାହା ଦିବାକର ଭଞ୍ଜବାବୁ ଉଲ୍ଲେଖ କରି ନାହାନ୍ତି । ବର୍ତ୍ତମାନ ମଧ୍ୟ ଏହା ଜାଣିବାର ଅବକାଶ ନାହିଁ ।

ଷଢ଼େଇକଳାରେ ବର୍ଷର କେଉଁ ସମୟରେ ଆଖଡ଼ା ଛଉନାଚର ଅଭ୍ୟାସ ଆରମ୍ଭ ହେଉଥିଲା ଏବଂ ଛଉନାଚର ପ୍ରଦର୍ଶନ ହେଉଥିଲା ସେ ବିଷୟ ବିଚାର କାଳରେ ଆମେ ଦେଖିବା ଯେ, ବର୍ଷର କାର୍ତ୍ତିକ ମାସରୁ ଆରମ୍ଭ କରି ପୌଷ ବାଦ ଦେଇ ଫାଲଗୁନ ମାସ ପର୍ଯ୍ୟନ୍ତ ଓ ବୈଶାଖ ଠାରୁ ଆଷାଢ଼ ମାସ ପର୍ଯ୍ୟନ୍ତ ସାଧାରଣତଃ ହିନ୍ଦୁ ସମାଜରେ ବିବାହ କାର୍ଯ୍ୟ ସଂପନ୍ନ ହୁଏ । ପରବର୍ତ୍ତୀ ଚୈତ୍ର ପର୍ବରେ ପ୍ରଦର୍ଶନ ନିମନ୍ତେ ଛଉନାଚର ଆଖଡ଼ା ଦଶହରା ଠାରୁ ଆରମ୍ଭ ହେଉଥିଲେ ଆଶ୍ୱିନ/କାର୍ତ୍ତିକ ମାସରେ କିମ୍ବା ଧାନ ଅମଳ ପରେ ପୌଷ ମାଘ ମାସରେ ଆଖଡ଼ାରେ ନାଚ ଶିକ୍ଷାର ଆରମ୍ଭ ହେଉଥିବ । ରାମହରି ଜିତ୍‌ବାବୁ ଯଦି ମାଘ କିମ୍ବା ଫାଲଗୁନ ମାସରେ 'ନିଜର ବିବାହ ସକାଶେ' ଷଢ଼େଇକଳା ଯାଇଥାନ୍ତି, ତେବେ ସେ ସେଠାରେ ଛଉନାଚ ଦେଖିଥିବେ କିମ୍ବା ଚୈତ୍ର ପରବ ପରେ ବୈଶାଖ/

ଜ୍ୟେଷ୍ଠ/ଆଷାଢ଼ ମାସରେ ଯଦି ବିବାହ ହୋଇଥିବ ତେବେ ଛଉନାଚର ଅନୁଷ୍ଠାନ ଦେଖିଥାଇ ପାରନ୍ତି । କାରଣ, ସାଂପ୍ରତିକ କାଳ ପର୍ଯ୍ୟନ୍ତ ଷଢ଼େଇକଳା ଅଞ୍ଚଳ ସମେତ ମୟୂରଭଞ୍ଜର ବ୍ରାହ୍ମଣଘାଟୀ ଅଞ୍ଚଳରେ ବିବାହାଦି ସାମାଜିକ ଉତ୍ସବରେ ଛଉନାଚ ବା ମୁଖାନାଚ ଅନୁଷ୍ଠିତ ହେଉଥିବାର ଜଣାଯାଇଅଛି ।

ରାମହରି ଜିତ୍‌ବାବୁଙ୍କ ପ୍ରରୋଚନାରେ ମହାରାଜା କୃଷ୍ଣଚନ୍ଦ୍ରଙ୍କ ଆମନ୍ତ୍ରଣକ୍ରମେ ଷଢ଼େଇକଳାରୁ ବନମାଳି ଦାଶ ଓ ଉପେନ୍ଦ୍ର ବିଶ୍ୱାଳ ନାମରେ ଦୁଇ ଜଣ 'ଓସ୍ତାଦ' ବାରିପଦା ଆସିଛନ୍ତି । ସେମାନେ କେବେ କିପରି ଆସିଲେ ତାହା ମଧ ଏହି ବିବରଣୀରେ ଉଲ୍ଲେଖ ନାହିଁ । କୃଷ୍ଣଚନ୍ଦ୍ରଙ୍କ ରାଜତ୍ୱ ସମୟ ୧୯୬୮ରୁ ଆରମ୍ଭ ହୋଇ ୧୮୮୨ ମସିହା ପର୍ଯ୍ୟନ୍ତ । ସେ ରାଜା ହେବା ପରେ ଅର୍ଥାତ୍ ୧୯୬୮ ମସିହା ପରେ ଛଉ ନାଚର ପୋଷକତା ଦିଗରେ ପ୍ରଯତ୍ନ କରିଥିବାର ଜଣାଯାଉଛି । ବର୍ତ୍ତମାନ ସମୟକୁ ପ୍ରାୟ ୧୨୦/୧୨୫ ବର୍ଷ ଆଗରୁ ବାରିପଦାରେ ଛଉନାଚର ସଂପୂର୍ଣ୍ଣ ପ୍ରବର୍ତ୍ତନ ଓ ପୋଷକତା ଆରମ୍ଭ ହୋଇଛି । ତତ୍ ପୂର୍ବରୁ ବାରିପଦାରେ ଚୈତ୍ର ପରବ ସମୟକୁ 'ରାମନବମୀ ନାଚ' ଅଥବା ରାମଲୀଳା-ନାଚ ଅନୁଷ୍ଠିତ ହେଉଥିବାର ପ୍ରମାଣ ।

ଏ.ଏନ୍. ମୁଖାର୍ଜୀଙ୍କ ବିବରଣୀରେ ୨୫୦ ବର୍ଷ ପୂର୍ବେ ଷଢ଼େଇକଳାରୁ ବାଗମୁଣ୍ଡି ରାଜ୍ୟକୁ ଏ ନାଚ ପ୍ରସାରିତ ହୋଇଥିବା ଉଲ୍ଲେଖ ରହିଅଛି । ଏହାର ସତ୍ୟତା ପରୀକ୍ଷା କରିବାର ଅବକାଶ ଆମର ନାହିଁ । କାରଣ, ଷଢ଼େଇକଳା କିମ୍ବା ବାଗମୁଣ୍ଡି ରାଜ୍ୟର ତତ୍କାଳୀନ ରାଜା କିମ୍ବା ତହିଁର ନିର୍ଦ୍ଦିଷ୍ଟ ସମୟର ଉଲ୍ଲେଖ ନାହିଁ । ସମ୍ଭବତଃ, ସେ ପ୍ରଚଳିତ କିମ୍ବଦନ୍ତୀର ଆଶ୍ରୟରେ ଏପରି ଏକ ତଥ୍ୟ ପ୍ରଦାନ କରିଅଛନ୍ତି । ଏ ସଂପର୍କରେ କେତେକ ଆନଷଂଗିକ ସୂତ୍ର ଉଦ୍ଧାର କରାଯାଉଛି । ବିଶ୍ୱକୋଷ ପ୍ରଣେତା ମଣିବର୍ଦ୍ଧନ ଲେଖିଛନ୍ତି, "ଛଉ ନୃତ୍ୟର ବ୍ୟାପ୍ତି ସ୍ଥଳ ମୟୂରଭଞ୍ଜ ଷଢ଼େଇକଳା ଓ ବଙ୍ଗଳାର ଝାଡ଼ଗ୍ରାମ ଅଞ୍ଚଳର ବିଭିନ୍ନ ନୃତ୍ୟକେନ୍ଦ୍ର ।" ପୁନଶ୍ଚ ସୁନୀଲ କୋଠାରୀ ଲେଖନ୍ତି ଯେ ପ୍ରାରମ୍ଭିକ କାଳରେ ଏହି ନାଚଗୁଡ଼ିକ ସିଂଭୂମ, ଷଢ଼େଇକଳା, ଖରସୁଆଁ, ପୋଡ଼ାହାଟ ଓ ମୟୂରଭଞ୍ଜରେ ପ୍ରଚଳିତ ଥିଲା, କିନ୍ତୁ ସାଂପ୍ରତିକ କାଳରେ ଚୈତ୍ର ପର୍ବ ସମୟରେ ଅନେକ ପାର୍ଶ୍ୱବର୍ତ୍ତୀ ଗ୍ରାମ ମାନଙ୍କରେ ଏସବୁ ଅନୁଷ୍ଠିତ ହେଉଅଛି ।" ଏ.ଏନ୍. ମୁଖାର୍ଜୀଙ୍କର ଉକ୍ତି 'ପ୍ରାୟ ଅଢ଼େଇଶତ ବର୍ଷପୂର୍ବେ' ଦ୍ୱିଧା ଓ ଅନିଶ୍ଚୟ ଜନକ । ଏହି ଉକ୍ତିରେ ଷଢ଼େଇକଳା ଓ ବାଗମୁଣ୍ଡିରେ ଏ ନାଚର ପ୍ରାଚୀନତା ସଂପର୍କରେ ସ୍ପଷ୍ଟ ସୂଚନା ପ୍ରଦାନ କରୁଥିଲେ ହେଁ 'ଅଢ଼େଇଶତ ବର୍ଷ' କଥାଟି ଆନୁମାନିକ ବୋଧ ହେଉଛି । କାରଣ, ମଣିବର୍ଦ୍ଧନ ପୁରୁଲିଆରେ ଛଉନାଚର ପ୍ରବର୍ତ୍ତନ କିମ୍ବା ବ୍ୟାପ୍ତି ସମ୍ପର୍କରେ ନୀରବ ରହିଛନ୍ତି । ସୁନୀଲ କୋଠାରୀ ମଧ୍ୟ ସାଂପ୍ରତିକ କାଳରେ ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ ଏସବୁ ଚୈତ୍ର ପର୍ବ ବେଳକୁ ଅନୁଷ୍ଠିତ ହେଉଥିବାର କୌଣସି ଉଲ୍ଲେଖ ନାହିଁ । ଦ୍ୱିତୀୟତଃ, ଷଢ଼େଇକଳା, ମୟୂରଭଞ୍ଜ ରାଜ୍ୟର ଛଉନାଚ ପ୍ରତି ବାହାର ଜଗତର ଦୃଷ୍ଟି ବହୁ ପୂର୍ବରୁ ଆକର୍ଷିତ ହୋଇଥିଲେ ହେଁ ପୁରୁଲିଆର ନାଚ ବହୁ ପରବର୍ତ୍ତୀ କାଳରେ ବିଜ୍ଞଜନଙ୍କ ଦୃଷ୍ଟି ଆକର୍ଷଣ କରିଅଛି । ୧୯୧୨ ମସିହାରେ ମୟୂରଭଞ୍ଜ (ବାରିପଦା)ର ଛଉ ନାଚ ବ୍ରିଟିଶ ସମ୍ରାଟଙ୍କ ଭାରତ ଆଗମନ ଉପଲକ୍ଷେ କଲିକତାଠାରେ ପ୍ରଦର୍ଶିତ ହୋଇଥିଲା ଓ ୧୯୩୮ ମସିହାରେ ଷଢ଼େଇକଳାର ଛଉନାଚ ଦଳ ଇଉରୋପ ଭ୍ରମଣରେ ଯାଇଥିଲେ । ଆଶୁତୋଷ ଭଟ୍ଟାଚାର୍ଯ୍ୟ ଲୋକ ସାହିତ୍ୟ ସଂଗ୍ରହ କାଳରେ ୧୯୭୧ ମସିହାରେ ପୁରୁଲିଆର ଗ୍ରାମାଞ୍ଚଳରେ ଏହି

ନାଚର ଅସ୍ତିତ୍ୱ ସନ୍ଧାନ କରିଛନ୍ତି । ତୃତୀୟତଃ, ଏଠାରେ ଉଲ୍ଲେଖ କରିବା ଉଚିତ ଯେ ବାରିପଦା/ ମୟୂରଭଞ୍ଜର ଛଉ ନାଚରେ ଗୀତ ଓ ସ୍ୱର ସଂଗତି ପ୍ରଭୃତିରେ ପୁରୁଲିଆର କାଶୀପୁର ମହାରାଜାଙ୍କ ଅବଦାନ ଥିବା କ୍ଷେତ୍ର ଅଧ୍ୟୟନ ବିବରଣୀରୁ ପ୍ରମାଣିତ ହୁଏ । (୪୨) ଏଣୁ, ପୁରୁଲିଆ ଅଞ୍ଚଳକୁ ଅପେକ୍ଷାକୃତ 'ସାଂପ୍ରତିକ କାଳ'ରେ ଛଉନାଚ ପ୍ରସାରିତ ହୋଇଥିବା ଅନୁମେୟ । ଅପରପକ୍ଷରେ ଷଢ଼େଇକଳାରେ ମଧ୍ୟ ଏନାଚ 'ଅଢ଼େଇଶତ ବର୍ଷ' ପୂର୍ବରୁ ପ୍ରଚଳିତ ଥିବାର କୌଣସି ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ ।

ଏହି ପରିପ୍ରେକ୍ଷୀରେ ଆଲୋଚକ ପ୍ରସନ୍ନ କୁମାର ଦାଶଙ୍କ ମତଟିକୁ ଲକ୍ଷ୍ୟ କରାଯାଉ । ସେ ଲେଖିଛନ୍ତି, "ଆଜକୁ ପ୍ରାୟ ୧୪୦/୧୫୦ ବର୍ଷ ପୂର୍ବେ ମୋର ପିତାମହ ଶ୍ରୀ ବନମାଳି ଦାଶ ଷଢ଼େଇକଳାରୁ ଏଠା ତଦନୀନ୍ତନ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସମୟରେ" ବାରିପଦା ଆସିଥିଲେ । ପ୍ରସନ୍ନ ବାବୁ ଏହା ୧୯୮୫ ମସିହାରେ ଲେଖିଅଛନ୍ତି । ମହାରାଜା କୃଷ୍ଣଚନ୍ଦ୍ରଙ୍କ ରାଜତ୍ୱ ସମୟ (୧୮୬୮-୧୮୮୨)କୁ ହିସାବକୁ ନେଇ ଦେଖାଯାଉଛି ଷଢ଼େଇକଳାରୁ ସେହି ପ୍ରଖ୍ୟାତ ଓସ୍ତାଦ ଦ୍ୱୟ ୧୨୦/୧୨୫ ବର୍ଷ ପୂର୍ବେ ବାରିପଦା ଆସିଥିବାର ପ୍ରମାଣ । କାରଣ, କୃଷ୍ଣଚନ୍ଦ୍ର ରାଜ୍ୟ ଶାସନଭାର ଗ୍ରହଣ କଲାପରେ ଶାସନରେ ସ୍ଥିରତା ଓ ଶାନ୍ତି ସମୟରେ ହିଁ କଳା, ସାହିତ୍ୟର ବିକାଶ ଘଟିଥାଏ । ପୁନଶ୍ଚ, ରାମହରି ବାବୁଙ୍କ ପ୍ରରୋଚନା ଫଳରେ ଷଢ଼େଇକଳାର ଛଉନାଚର ଜଣେ ପ୍ରସିଦ୍ଧ ଓସ୍ତାଦ ଉପେନ୍ଦ୍ର ବିଶ୍ୱାଳ ମୟୂରଭଞ୍ଜ ଆସିଥିଲେ ଓ ଲାଖରାଜି ପାଇ ସ୍ଥାୟୀ ଭାବରେ ରହିଥିଲେ । ଏଥିପାଇଁ ଦୁଇ ରାଜ୍ୟର ଦୁଇ ରାଜାଙ୍କ ମଧ୍ୟରେ ଏହି ସାଂସ୍କୃତିକର ବିନିମୟ ପ୍ରକ୍ରିୟା ନିମନ୍ତେ କିଛି ସମୟ ଆବଶ୍ୟକ ହୋଇଥିବ । ତେଣୁ, ସେ ଦୁଇ ଓସ୍ତାଦଙ୍କର ବାରିପଦା ଆସିବା ସମୟ ଏବକୁ ୧୨୦/୧୨୫ ବର୍ଷ ପୂର୍ବରୁ ହେବାର ସମ୍ଭାବନା ଦେଖାଯାଉ ନାହିଁ । ଏହି ଦୃଷ୍ଟିରୁ ପ୍ରସନ୍ନବାବୁଙ୍କ ଉଲ୍ଲିଖିତ ସମୟ ସଠିକ ନିରୂପିତ ବୋଲି ବୋଧ ହେଉନାହିଁ । ଏ.ଏନ୍. ମୁଖାର୍ଜୀଙ୍କ ପରି ପ୍ରସନ୍ନବାବୁଙ୍କର ମତ ମଧ୍ୟ ଆନୁମାନିକ ।

ବାରିପଦା ଅପେକ୍ଷା ବ୍ରାହ୍ମଣଘାଟୀ, ପାଞ୍ଚପିଢ଼ ସହ ସିଂଭୂମ, ଧଳଭୂମ ସଂଲଗ୍ନ ଅଞ୍ଚଳରେ ବହୁ ପୂର୍ବରୁ ଛଉ ନାଚ ପ୍ରଚଳିତ ଥିବାର ପ୍ରମାଣ ମିଳେ । ଏ ସବୁ ଅଞ୍ଚଳରେ ପାରମ୍ପରିକ ରୀତିରେ ମୁହାଁ ଲଗାଇ ଛଉ ନାଚ ଅନୁଷ୍ଠିତ ହେଉଥିଲା ଏବଂ ଏଥିପାଇଁ ଷଢ଼େଇକଳାରୁ ମୁଖା ନିର୍ମାଣ ଓ ଛଉ ଓସ୍ତାଦମାନେ ଆସୁଥିବାର କିମ୍ବା ଏସବୁ ଅଞ୍ଚଳରୁ ଷଢ଼େଇକଳା ଯାଇ ଏସବୁ ବିଷୟରେ ଶିକ୍ଷା କରି ଆସୁଥିବାର ପ୍ରମାଣ ଉପଲବ୍ଧ ।

ଉପରୋକ୍ତ ଆଲୋଚନାରୁ ଷଢ଼େଇକଳା ଯେ ଛଉ ନାଚର ପ୍ରଥମ ବିକାଶ ସ୍ଥଳ ଏହା ସ୍ପଷ୍ଟ ହେଉଅଛି । ଷଢ଼େଇକଳା ହିଁ ଏ ନାଚର ଉଦ୍‌ଭବ ଓ ବିକାଶର ମୂଳଭୂମି ରୂପେ ପ୍ରମାଣିତ ହେବା ସଙ୍ଗେ ସଙ୍ଗେ ଏହିଠାରୁ ବହୁ ସମୟରେ ବିଭିନ୍ନ ସ୍ଥାନକୁ 'ଓସ୍ତାଦ୍' ଓ ମୁଖା ନିର୍ମାତାମାନେ ଯାଇ ଏ ନାଚ ଶିକ୍ଷା ସହିତ ମୁଖା ନିର୍ମାଣ କୌଶଳ ଶିକ୍ଷା ପ୍ରଦାନ କରିଥିବାର ଅନେକ ତଥ୍ୟ ଉପଲବ୍ଧ ହେଉଅଛି । ଏଥି ସହିତ ଆଲୋଚ୍ୟ ନୃତ୍ୟର ଉତ୍ପତ୍ତିସ୍ଥଳ ସଂପର୍କୀୟ ଅନ୍ୟ ମତାଦିର ଆଲୋଚନା କରିବାର ଆଉ ଆବଶ୍ୟକତା ଦେଖାଯାଉ ନାହିଁ ।

ଷଢ଼େଇକଳାର ଟୀକାୟତ ନୃପେନ୍ଦ୍ର ନାରାୟଣ ଲେଖିଛନ୍ତି ଯେ ଏହା 'ଭରତ ନାଟ୍ୟ ସୂତ୍ର' ସମ୍ବଳିତ 'ଗୋଟିପୋ' ଶୈଳୀ ସମ୍ମିଶ୍ରିତ ଓ ସିଂଭୂମ ଷଢ଼େଇକଳା ଖରସୁଆଁ ଅଞ୍ଚଳର 'ଅସଂଖ୍ୟ ଆଦିବାସୀ ଲୋକନୃତ୍ୟର ପ୍ରଭାବରେ ଗଠିତ' ହୋଇଛି। ଅପରପକ୍ଷରେ ଗିରିଶ ଚନ୍ଦ୍ର ମହାନ୍ତ, ପଶୁପତି ପ୍ରସାଦ ମାହାତୋ, କେଦାର ନାଥ ସାହୁ, ରାଧାମୋହନ ମହାନ୍ତି, କୋନିସି ମାସାଟୋସି ପ୍ରଭୃତି ଆଲୋଚକଗଣ "ଏହା ଏହି ସମଗ୍ର ଭୂଖଣ୍ଡର ସାମଗ୍ରିକ ଉତ୍ପାଦନ" – ଏପରି ମତ ପ୍ରଦାନ କରନ୍ତି। ଛଉ ଅଥବା ଛୋ ନାଚର ଆଂଶିକ ଓ ଆତ୍ମିକ ବିଭବ ସବୁକୁ ଲକ୍ଷ୍ୟ କରି ଏପରି ମତ ପ୍ରଦତ୍ତ ହୋଇଛି ଓ ଏସବୁର ସତ୍ୟତା ବିଦ୍ୟମାନ। କାରଣ ଛଉ ଅନୁଷ୍ଠିତ ସମଗ୍ର ଭୂଖଣ୍ଡରେ ପ୍ରଚଳିତ ବହୁ ଲୋକ ନାଚର ଶୈଳୀ, ସ୍ୱର, ତାଳ ଆଦି ଆହରଣ କରି ଛଉ ଶ୍ରୀସମୃଦ୍ଧ ହୋଇଛି। ବିଭିନ୍ନ ସମୟରେ ବହୁ ପର୍ଯ୍ୟାୟରେ ଛଉରେ ଏଇସବୁ 'ଦେଶୀନାଚ' ଅର୍ଥାତ୍ ସାନ୍ତାଳ, ଭୂମିଜ, ମାହୁନ୍ତ, କେଲ, ବଙ୍ଗଳା, ଓଡ଼ିଆ ଓ ହିନ୍ଦୁସ୍ଥାନୀ ନାଚ' ସବୁ ଅନ୍ତର୍ଭୁକ୍ତ ହୋଇଅଛି। ପୋଷକତା କାଳରେ ଏ ସବୁ ସଂଯୋଜନ, ପରିବର୍ଦ୍ଧନ ଓ ପରିମାର୍ଜନ ହୋଇଅଛି।

ଷଷ୍ଠତଃ, ନାଚଟିର ବିକାଶର ପରିସର: ମଣିବର୍ଦ୍ଧନ ମହାଶୟ 'ଛଉ ନୃତ୍ୟର ବ୍ୟାପ୍ତିସ୍ଥଳ' ଷଢ଼େଇକଳା, ମୟୂରଭଞ୍ଜ ଓ ପଶ୍ଚିମବଙ୍ଗର ଝାଡ଼ଗ୍ରାମ ଅଞ୍ଚଳ ବୋଲି ଲେଖି ଅଛନ୍ତି। ବୀରେଶ୍ୱର ବନ୍ଦୋପାଧ୍ୟାୟ ଲେଖି ଅଛନ୍ତି ଯେ, ପୁରୁଲିଆ ସଂଲଗ୍ନ ବିହାରର କୌଣସି କୌଣସି ଅଞ୍ଚଳରେ ମଧ ଏହାର ପ୍ରଚଳନ ଦେଖାଯାଏ। "କୋନିସି ମାସାଟୋସି" ଓଡ଼ିଶାର ମୟୂରଭଞ୍ଜ, ବିହାରର ଷଢ଼େଇକଳା (ମୂଳତଃ ଏ ଦୁଇଟି ଓଡ଼ିଶାର), ପଶ୍ଚିମବଙ୍ଗର ପୁରୁଲିଆ ଏବଂ ମେଦିନୀପୁର" ପଶ୍ଚିମବଙ୍ଗ, ବିହାର ଓ ଓଡ଼ିଶା ମିଳିତ ଅଞ୍ଚଳରେ ଏ ନାଚ ବିକଶିତ ହୋଇଥିବାର ଲେଖିଛନ୍ତି। ଆଶୁତୋଷ ଭଟ୍ଟାଚାର୍ଯ୍ୟ ଏହା ପୁରୁଲିଆ ଠାରୁ ଷଢ଼େଇକଳା ଓ ମୟୂରଭଞ୍ଜ ପର୍ଯ୍ୟନ୍ତ ବିସ୍ତାରଲାଭ କରିଥିବାର ଲେଖିଅଛନ୍ତି। ଗିରୀଶ ଚନ୍ଦ୍ର ମହାନ୍ତ ଏହା "ଦାମୋଦର ନଦୀଠାରୁ ବୈତରଣୀ ନଦୀ ମଧ ସ୍ଥଳରେ" ଥିବା ଯେଉଁ ସବୁ ଅଞ୍ଚଳ ବର୍ତ୍ତମାନ ବିହାର, ପଶ୍ଚିମବଙ୍ଗଳା ଓ ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ ସେହି ସୁବିସ୍ତୀର୍ଣ୍ଣ ଭୂଖଣ୍ଡର ଅଧିବାସୀଙ୍କ ପ୍ରିୟ ନାଚ ବୋଲି ମତ ପ୍ରଦାନ କରିଅଛନ୍ତି। ପଶୁପତି ପ୍ରସାଦ ମାହାତୋ ଅନୁରୂପ ମତ ପ୍ରଦାନ କରି ଲେଖି ଅଛନ୍ତି ଯେ, ପୁରୁଲିଆ ସଂଲଗ୍ନ ଷଢ଼େଇକଳା, ଧଳଭୂମ, ମୟୂରଭଞ୍ଜ ଓ କେଉଁଝର, ଝାଡ଼ଗ୍ରାମ, ରାଞ୍ଚି ଜିଲ୍ଲାର ତମାଡ଼, ବୁଣ୍ଡୁ, ସିଲ୍ଲୀ ପ୍ରଭୃତି ସହ ଧାନବାଦ ଜିଲ୍ଲାର ଝରିଆ, ଚନ୍ଦନ କିଆରୀ, ହଜାରିବାଗ ଜିଲ୍ଲାର ପେଟାରବାଦ ପ୍ରଭୃତି ଅଞ୍ଚଳ ସାମଗ୍ରିକ ଭାବରେ ମଧ ଦାମୋଦର ଅବବାହିକାରୁ ଆରମ୍ଭ ହୋଇ କାସାଇ ଓ ସୁବର୍ଣ୍ଣରେଖା ଅବବାହିକାକୁ ମଧରେ ରଖି ବୈତରଣୀ ଅବବାହିକା ପର୍ଯ୍ୟନ୍ତ ଏହାର ବିସ୍ତୃତି।"

ଉପର ଲିଖିତ ସମସ୍ତ ଅଞ୍ଚଳ ବ୍ୟତୀତ ଓଡ଼ିଶାର ତାଳଚେର, ଢେଙ୍କାନାଳ, ବଣାଇ, ହିନ୍ଦୋଳ, ନୀଳଗିରି ପ୍ରଭୃତି ପୂର୍ବତନ ଦେଶୀୟ ରାଜ୍ୟ ମାନଙ୍କରେ ମଧ ଏହି ନାଚ ପ୍ରଚଳିତ ଥିବା ଜଣାଯାଏ।

ଛଉନାଚର ପୃଷ୍ଠପୋଷକତା ପ୍ରଦାନ ସଂପର୍କରେ ଆଶୁତୋଷ ଭଟ୍ଟାଚାର୍ଯ୍ୟ ନିମ୍ନମତେ ଲେଖି ଅଛନ୍ତି। ତାଙ୍କ ମତରେ ପୁରୁଲିଆ, ଷଢ଼େଇକଳା ଓ ମୟୂରଭଞ୍ଜ ଅଞ୍ଚଳର "ପ୍ରାୟ ସମସ୍ତ ରାଜା, ମହାରାଜା, ଆଦିବାସୀ ମୁଖିଆ ମାନେ ଏ ନାଚର ପୃଷ୍ଠପୋଷକତା କରିଥିଲେ।" ଦିବାକର ଭଞ୍ଜବାବୁ

ମୟୂରଭଞ୍ଜର ମହାରାଜା ଏ ନାଚର ପୋଷକତା କରିଥିବାର ବିଷୟ ଲେଖି ଅଛନ୍ତି । ଷଢ଼େଇକଳାର ମହାରାଜା ମଧ ଏ ନାଚର ପୋଷକତା ପ୍ରଦାନ କରିଥିବା ବିଷୟରେ ଆଲୋଚକମାନେ ମତ ପ୍ରଦାନ କରିଛନ୍ତି । ଝାଡ଼ଗ୍ରାମ ଅଞ୍ଚଳରେ ଛଉନାଚ ଓ ଗାଜନ ପର୍ବର ପାଳନ ନିମନ୍ତେ ମୟୂରଭଞ୍ଜର ମହାରାଜା ଆର୍ଥିକ ଅନୁଦାନ ପ୍ରଦାନ କରୁଥିବାର ପ୍ରମାଣ ବିଦ୍ୟମାନ ।

ଏହି ନାଚଟି ସିଂଭୂମ, ଷଢ଼େଇକଳା, ଖିରସୁଆଁ, ରାଞ୍ଚି, ଧାନବାଦ, ପୁରୁଲିଆ-ମାନଭୂମ, ମେଦିନୀପୁର, ମୟୂରଭଞ୍ଜ, କେନ୍ଦୁଝର, ତାଳଚେର, ଢେଙ୍କାନାଳ ପ୍ରଭୃତି ସନ୍ନିହିତ ସମଗ୍ର ଭୂଖଣ୍ଡର ଗ୍ରାମାଞ୍ଚଳରୁ ଆରମ୍ଭ କରି ମାନକୀ, ପଧାନ, ସର୍ଦ୍ଦାର ଅଧିଷ୍ଠିତ ପିଡ଼/ପରଗଣା ସହିତ ସଂପୃକ୍ତ ଅଞ୍ଚଳର ପୂର୍ବତନ ରାଜ୍ୟର ରାଜନବର୍ଗଙ୍କ ଦରବାର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା ।

**ଗବେଷଣାର ପରିସର ଓ ଆଭିମୁଖ୍ୟ:**

ଛଉନାଚ ଅନୁଧାନ ପରିସର ଅତ୍ୟନ୍ତ ବ୍ୟାପକ । ଉତ୍ର-ମାଗଧୀ-ବଙ୍ଗ (ଓଡ଼ିଶା, ବିହାର ଓ ପଶ୍ଚିମବଙ୍ଗ) ସଂସ୍କୃତିର ମିଳନ ସ୍ଥଳ ହିଁ ଏହି ନାଚର ବିକାଶ ଭୂମି । ଉପରୋକ୍ତ ଅଞ୍ଚଳରେ ପ୍ରଚଳିତ ପାରମ୍ପରିକ ନାଚ ସମୂହ ଏହି ଅଧ୍ୟୟନର ପରିସରଭୁକ୍ତ । ଏଥି ସହିତ ଏ ଅଞ୍ଚଳର ଅଧିବାସୀ ଆଦିବାସୀ ଓ ଲୋକ ସଂସ୍କୃତିର ବିଭିନ୍ନ ଦିଗ ଯଥା- ପୋଷାକ, ଅଳଙ୍କାର, ବାଦ୍ୟଯନ୍ତ୍ର, ଧର୍ମ, ଆନୁଷ୍ଠାନିକ ଉପଚାର, ପର୍ବପର୍ବାଣୀ ସହିତ ପାର୍ଥିବ ସଂସ୍କୃତ (material culture)ର ପ୍ରତୀକ ଓ ନନ୍ଦନ ତତ୍ତ୍ୱ ଆଲୋଚନା, ନାଚ ସବୁର ସୃଷ୍ଟିର ମୂଳ ଉତ୍ସ ସହିତ ଏଗୁଡ଼ିକର ନାମ ଓ ବିଷୟର ସାରାଂଶ ପ୍ରତିପାଦିତ ହୋଇଛି । ଉପରୋକ୍ତ ତିନି ଅଞ୍ଚଳର ତିନିଗୋଟି ଛଉ ନାଚ ପରମ୍ପରାର ସୃଷ୍ଟିର ଉତ୍ସ ବିଶାଳ ସଂସ୍କୃତ (general culture) ମଧ୍ୟରେ ରାଜକୀୟ ଦରବାର ଓ ସାଧାରଣ ଲୋକ ସ୍ତର ମଧ୍ୟରେ ପାର୍ଥକ୍ୟ ସୂଚିତ ହୋଇଛି । ମୟୂରଭଞ୍ଜର ରାଜଦରବାର ଓ ଲୋକସ୍ତର ବ୍ୟତୀତ ମଧ୍ୟବର୍ତ୍ତୀ ସର୍ଦ୍ଦାର ସ୍ତରର ଛଉନାଚ ସଂପର୍କରେ ତଥ୍ୟ ସଂଗୃହୀତ ହୋଇ ଆଲୋଚନାର ପରିସରଭୁକ୍ତ କରାଯାଇ ଅଛି । ଏହି ନାଚରେ ବାହାର ସଂସ୍କୃତିର ପ୍ରଭାବ ମଧ୍ୟ ବିଚାର୍ଯ୍ୟ ।

ଏ ପର୍ଯ୍ୟନ୍ତ ଛଉ ନାଚର ଏକ ତୁଳନାତ୍ମକ ଅଧ୍ୟୟନ ନିମନ୍ତେ ଉଦ୍ୟମ ହୋଇନାହିଁ । ଏପରିକି ମୟୂରଭଞ୍ଜ ଛଉନାଚ ଉପରେ ଲିଖିତ ଏକ ଆମେରିକୀୟ ଗବେଷଣା ନିବନ୍ଧ, "the story of Chhou Dance of the former Mayurbhanj state, Orissa" (Chicago University, ୧୯୭୩, MSS.)ରେ ମଧ ଛଉନାଚର ତିନୋଟି ସ୍ତର ସଂପର୍କରେ ସବିଶେଷ ଆଲୋଚନା ହୋଇନାହିଁ ।

**ଅଧ୍ୟୟନର ସୁନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଗୁଡ଼ିକ ହେଲା:-**

(୧) ଛଉନାଚ ଷଢ଼େଇକଳା-ସିଂଭୂମ, ମୟୂରଭଞ୍ଜ, ପୁରୁଲିଆ-ମାନଭୂମ ଅଞ୍ଚଳର ଲୋକ ସଂସ୍କୃତିରୁ ସୃଷ୍ଟ । ଏ ତିନି ନାଚ ପରମ୍ପରା ମଧ୍ୟରେ ଆଞ୍ଚଳିକ ରଚନାଗତ ସମ୍ବନ୍ଧ ସ୍ଥିର କରିବା ନିମନ୍ତେ ସଂପୃକ୍ତ ଅଞ୍ଚଳର ଧର୍ମ, ଆନୁଷ୍ଠାନିକ ଉପଚାର, ପ୍ରତୀକ, ବସ୍ତୁ ପରମ୍ପରା, ଦରବାରୀ ସଂସ୍କୃତି, ନୃତ୍ୟ ଓ ସଂଗୀତ ପରମ୍ପରା ସହିତ ସଂସ୍କୃତିର ଅନ୍ୟ ବିଭାବ ଗୁଡ଼ିକ ଯଥା- ପୋଷାକ,

ଅଳଙ୍କାର ଏବଂ ଆଦିବାସୀ ଓ ଅନ୍ୟ ଜାତିର ଲୋକଙ୍କ ମଧ୍ୟରେ ସାଂସ୍କୃତିକ ଆଦାନ ପ୍ରଦାନ ସଂପର୍କୀୟ ତଥ୍ୟ ଆହରଣ ନିମନ୍ତେ କ୍ଷେତ୍ର ଅଧ୍ୟୟନ ।

(୨) ତିନି ଅଞ୍ଚଳରେ ତିନିଗୋଟି ସ୍ତର ମଧ୍ୟରେ ଥିବା (ଯେଉଁଠି ଉପଲବ୍ଧ) ନାଚର ସାରାଂଶ, ବାଦ୍ୟଯନ୍ତ୍ର, ସ୍ୱର, ତାଳ, ମାନ, ଲୟ, ଗୀତ, ମଞ୍ଚ, ଭାବ, ଭଙ୍ଗୀ, ମୁଖା, ନର୍ତ୍ତକ ଓ ସଂଗଠନ ଇତ୍ୟାଦିର ଅନୁଶୀଳନ ।

(୩) ପ୍ରତ୍ୟେକ ପରମ୍ପରାର ସମସ୍ତ ସ୍ତରରେ ସାଧାରଣ ଓ ସଂସ୍କରଣ ରୂପ ସଂପର୍କରେ ଅନୁଧ୍ୟାନ ।

(୪) ଛଉ ଏକ ମୂକ ନାଚ । କାରଣ, ଏହା ଶିକାର ଓ ସମର ଭିତ୍ତିକ ବିଷୟରେ କିମ୍ବା ମୁଖା ନାଚରୁ ସୃଷ୍ଟ ।

(୫) ଏପରି ଏକ ସାମରିକ ନାଚ ପରମ୍ପରାରୁ ବିକଶିତ ହୋଇଥିଲେ ହେଁ ଛଉ ମୂଳତଃ ଏକ ଆଦିବାସୀ ଲୋକ ନାଚ, ଛଉ ଆଞ୍ଚଳିକ ଓ ଭାରତର ଅନ୍ୟ ଅଞ୍ଚଳର ଲୋକ ଓ ଶାସ୍ତ୍ରୀୟ ନାଟ୍ୟକଳା କୌଶଳ ପ୍ରଭାବିତ ।

(୬) ଛଉ ମୂଳତଃ ଏକ ମୁଖା ନାଚ । ପରବର୍ତ୍ତୀ କାଳର ମୟୂରଭଞ୍ଜର ଛଉ ନାଚରୁ ମୁଖା ପରିତ୍ୟାଗ କରାଯାଇଛି ।

(୭) ତିନି ଅଞ୍ଚଳର ଛଉ ନାଚରେ ଅନୁସୃତ ବିଷୟ ଓ ବ୍ୟବହୃତ ଗୀତ ସୃଷ୍ଟିର ମୂଳ ଉତ୍ସ ଅଭିନ୍ନ ।

(୮) ପୂର୍ବ-ଭାରତର ପ୍ରାକୃତିକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିକଶିତ ଛଉ ନାଚରେ ଓଡ୍ର-ମାଗଧ-ବଙ୍ଗ ସହ ଆଦିମ ଜନଜାତିଙ୍କ ଭାଷା-ସଂସ୍କୃତିର ସ୍ୱଷ୍ଟ ସମ୍ମେଳନ ଘଟିଅଛି ।

(୯) ଉନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଷଢ଼େଇକଳା-ସିଂଭୂମ ଅଞ୍ଚଳରେ ଛଉନାଚ ବିକଶିତ ହୋଇଥିବା ଅନୁମେୟ ।

(୧୦) ଷଢ଼େଇକଳାରେ ଏ ନାଚ ପ୍ରଥମେ ପୃଷ୍ଠପୋଷକତା ଲାଭ କରି ସଂଗଠିତ ହୋଇଥିଲା ।

(୧୧) ଛଉ ନାଚ ବିକାଶରେ ଭିନ୍ନ ଭିନ୍ନ ସ୍ତର ଦେଖାଯାଏ ।

(୧୨) ଛଉ ନାଚ ବିକଶିତ ଅଞ୍ଚଳ 'ଝାଡ଼ଖଣ୍ଡ' ନାମିତ ଭୂଖଣ୍ଡର ଅନ୍ତର୍ଭୁକ୍ତ ।

(୧୩) ସିଂହଳ ଓ ବାଲି (ବଳି) ଦ୍ୱୀପରେ ପ୍ରଚଳିତ ପାରମ୍ପରିକ ନାଚ ସହ ଛଉ ନାଚର ସାମଞ୍ଜସ୍ୟ ହେତୁ ପ୍ରାଚୀନ କାଳରେ କଳିଙ୍ଗ ସାମ୍ରାଜ୍ୟର ବିସ୍ତର ଘଟି ସାଗର ପରି ବୈଦେଶିକ ସଂପର୍କ ପ୍ରତିଷ୍ଠିତ ହୋଇଥିଲା ।

**ତଥ୍ୟ ଆହରଣର ଉତ୍ସ:**

ତିନିଗୋଟି ମୁଖ୍ୟ ସ୍ଥାନରେ ଛଉ ନାଚ ସଂପର୍କୀୟ ଅଧ୍ୟୟନ କାଳରେ ଏହାର ଉତ୍ସ ବିଷୟକ ବିବରଣୀ ପ୍ରଦତ୍ତ ହୋଇଛି । ଉକ୍ତ ଗବେଷଣା ମୁଖ୍ୟତଃ କ୍ଷେତ୍ର ଅଧ୍ୟୟନ (field study) ଉପରେ ପର୍ଯ୍ୟବେସିତ ହୋଇଛି ।

ଉକ୍ତ ନାଚ ସଂପର୍କୀୟ କୌଣସି ଲିଖିତ ପ୍ରାଚୀନ ପୁସ୍ତକ କିମ୍ବା ନଥିପତ୍ର ନାହିଁ । କେବଳ ଆଧୁନିକ କାଳରେ ପ୍ରକାଶିତ ଗବେଷଣା ସନ୍ଦର୍ଭ ଓ ପୁସ୍ତକ ବ୍ୟତୀତ ଏ ନାଚର ଶୈଳୀ ଓ ମୁଦ୍ରା ପ୍ରଭୃତି ସଂପର୍କରେ ଲିଖିତ ପ୍ରାଚୀନ ବିବରଣୀ ଉପଲବ୍ଧ ହୁଏନାହିଁ ।

ଉକ୍ତ ନାଚର ପ୍ରଶିକ୍ଷଣ ବିଷୟ କେବଳ ଏହି ନାଚର ଓସ୍ତାଦ ମାନଙ୍କୁ ଜଣା । ତେଣୁ, ନାଚ ସଂପର୍କୀୟ ତଥ୍ୟ ଆହରଣ କରିବାକୁ ଯାଇ ଏ ନୃତ୍ୟର ଗୁରୁ (ଓସ୍ତାଦ୍), ନୃତ୍ୟକାରୀ, ବାଦ୍ୟକାର, ସଂଗଠକ ମାନଙ୍କ ସହିତ ସାକ୍ଷାତ କରି ଏବଂ ଛଉ ନାଚ ଅନୁଷ୍ଠାନ ଦେଖି ତଥ୍ୟ ସଂଗ୍ରହ କରାଯାଇଛି ।

ବିଭିନ୍ନ ବିଷୟକ ତଥ୍ୟାଦି ଆହରଣ ନିମନ୍ତେ କଲିକତାର ଜାତୀୟ ପାଠାଗାର, ସେଣ୍ଟର୍ ଫର୍ ସୋସିଆଲ ଷ୍ଟଡିଜ୍ ପାଠାଗାର, ଏନ୍‌ଥ୍ରୋପୋଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ ପାଠାଗାର, ଇଣ୍ଡିଆନ ମ୍ୟୁଜିୟମ୍ ପାଠାଗାର, ବମ୍ବେ ବିଶ୍ୱବିଦ୍ୟାଳୟ ପାଠାଗାର, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ପାଠାଗାର, ଶାନ୍ତିନିକେତନ, ଓଡ଼ିଶା ଷ୍ଟେଟ୍ ମ୍ୟୁଜିୟମ୍ ପାଠାଗାର- ଭୁବନେଶ୍ୱର, ଶ୍ରୀରାମଚନ୍ଦ୍ର ଭଞ୍ଜ ପାଠାଗାର, ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ପାଠାଗାର, ବାରିପଦା ପ୍ରଭୃତିରେ ଅଧ୍ୟୟନ କରି ଉପରୋକ୍ତ ତିନି ଅଞ୍ଚଳର ଆଦିବାସୀ ଏବଂ ଲୋକ ସଂସ୍କୃତି ସଂପର୍କରେ ତଥ୍ୟ ଆହୃତ ହୋଇଅଛି । ଏତଦ୍ ବ୍ୟତୀତ ଯେଉଁ ଯେଉଁ ଅଞ୍ଚଳରେ ନିର୍ଦ୍ଦିଷ୍ଟ ଆଦିବାସୀ ଗୋଷ୍ଠୀର ଲୋକମାନଙ୍କ ମଧ୍ୟରେ ଛଉନାଚ ପ୍ରଚଳିତ ସେ ଅଞ୍ଚଳର ଅନ୍ତତଃ ଗୋଟାଏ ଗ୍ରାମକୁ ଅଧ୍ୟୟନର କ୍ଷେତ୍ର ରୂପେ ମନୋନୀତ କରି ଅଧ୍ୟୟନ ସଂପନ୍ନ ହୋଇଛି ।

ଗବେଷଣା ନିବନ୍ଧ, ଅନୁଧ୍ୟାନ ମୂଳକ ପ୍ରବନ୍ଧ ଓ ପୁସ୍ତକ, ପ୍ରକାଶିତ ଓ ଅପ୍ରକାଶିତ ପାଣ୍ଡୁଲିପି ମଧ୍ୟ ଅଧ୍ୟୟନର ପରିସରଭୁକ୍ତ ହୋଇଛି ।

ଷଢ଼େଇକଳା, ମୟୂରଭଞ୍ଜ ଓ ପୁରୁଲିଆ ବ୍ୟତୀତ ମୟୂରଭଞ୍ଜ ଛଉ ଶୈଳୀ ଅନୁସୃତ ହେଉଥିବା ଅନ୍ୟ କେତେଗୋଟି ପୂର୍ବତନ ଦେଶୀୟ ରାଜ୍ୟ ଓ ପରଗଣା ଯଥା- ଖରସୁଆଁ ଗଡ଼, କେନ୍ଦୁଝର, ନୀଳଗିରି, ଢେଙ୍କାନାଳ, ତାଳଚେର, ଧଳଭୂମ, ବଣାଇ ଓ ନୟାବସାଣ- ଝାଡ଼ଗ୍ରାମ ଅଞ୍ଚଳରେ ଛଉନାଚ ସଂପର୍କୀୟ ଅଧ୍ୟୟନ କରାଯାଇଅଛି ।

ଛଉନାଚରେ ବାହାର ନୃତ୍ୟର ପ୍ରଭାବ ଓ ଛଉ ପରିମଣ୍ଡଳ ବାହାରେ ପ୍ରଚଳିତ ସମରୂପ, ନୃତ୍ୟ ବିଷୟରେ ତଥ୍ୟ ଆହରଣ ନିମନ୍ତେ ପଶ୍ଚିମ ବଙ୍ଗଳାର ମାଲଦହ ଜିଲ୍ଲାର ମୁଖାନୃତ୍ୟ 'ଗମ୍ଭୀରା' ନାଚ ସଂପର୍କରେ ଅଧ୍ୟୟନର ପରିକଳ୍ପନା ମୂଳରୁ ରହିଥିଲେ ହେଁ କେତେକ ଅସୁବିଧା ହେତୁ ବର୍ତ୍ତମାନ ଅଧ୍ୟୟନର ପରିସରଭୁକ୍ତ କରାଯାଇ ପାରିନାହିଁ । ଏତଦ୍ ବ୍ୟତୀତ ଓଡ଼ିଆ ପାଇକ ସଂସ୍କୃତିର ଅଧ୍ୟୟନ ସଂପନ୍ନ ହୋଇଛି ।

**ଭାଷା:** ଛଉନାଚ ଅନୁଷ୍ଠିତ ହେଉଥିବା ସ୍ଥାନ ଯଥା- ମୟୂରଭଞ୍ଜ, ଷଢ଼େଇକଳା ଓ ପୁରୁଲିଆର ଭାଷା ଯଥାକ୍ରମେ ଓଡ଼ିଆ ଓ ବଙ୍ଗଳା । କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସ୍ୱତନ୍ତ୍ର ଭାଷା ଯଥା - ସାନ୍ତାଳୀ, ମୁଣ୍ଡାରୀ ଓ କୁର୍ମାଳୀ ଭାଷା ପ୍ରଚଳିତ । କୁର୍ମାଳୀ ଭାଷା ଓଡ଼ିଆ ଓ ବଙ୍ଗଳା ପ୍ରଭୃତି ଭାଷାର ମିଶ୍ରିତ ରୂପ । ମୁଁ ଓଡ଼ିଆ ଓ ବଙ୍ଗଳା ଭାଷା ଜାଣିଥିବାରୁ ଓ କୁର୍ମାଳୀ ଭାଷା ବୁଝୁ ଥିବାରୁ ମୋର କ୍ଷେତ୍ର

ଅଧ୍ୟୟନ ସମୟରେ ଲୋକଙ୍କ ସହିତ ମିଶି ତାଙ୍କ ସହିତ କଥାବାର୍ତ୍ତା କରି ତଥ୍ୟ ସଂଗ୍ରହ କରିବାରେ ସୁବିଧା ହୋଇଅଛି । ଗବେଷକ ଯଦି ଗବେଷଣା କ୍ଷେତ୍ରର ଲୋକଙ୍କ ଭାଷାରେ ତଥ୍ୟ ସଂଗ୍ରହ କରିପାରନ୍ତି; ତେବେ ତାହାହିଁ ଉତ୍କୃଷ୍ଟ ତଥ୍ୟ ସଂଗ୍ରହ ପ୍ରଣାଳୀ ହୋଇଥାଏ ।" - ଉକ୍ତିର ସତ୍ୟତା ଉପଲବ୍ଧି କରିପାରିଛି ।

କ୍ଷେତ୍ର ଅଧ୍ୟୟନ କାଳରେ ସହଜରେ ଶୀଘ୍ର ଲେଖିବା ପାଇଁ ମୁଁ ଓଡ଼ିଆ ଭାଷା ଓ ଲିପି ବ୍ୟବହାର କରିଛି । ମୟୂରଭଞ୍ଜ, ଷଢ଼େଇକଳା ଓ ଖରସୁଆଁରେ ଓଡ଼ିଆ ଭାଷାରେ ପ୍ରଶ୍ନ ପଚାରି ଓଡ଼ିଆ ଲିପିରେ ଉତ୍ତର ଲେଖିଛି । ପୁରୁଲିଆରେ ବଙ୍ଗଳା ଭାଷାରେ ପ୍ରଶ୍ନ କରିଛି ଓ ଉତ୍ତର ଗୁଡ଼ିକ ଓଡ଼ିଆରେ ଲେଖିଛି । ପ୍ରୟୋଜନ ବେଳେ କୁର୍ମାଳୀ ଓ ବଙ୍ଗଳା ଭାଷା ବ୍ୟବହାର କରିବାକୁ ପଡ଼ିଛି । ଧଳଭୂମ ଓ ମେଦିନୀପୁର ଅଞ୍ଚଳରେ ଓଡ଼ିଆ ଓ ବଙ୍ଗଳା ଭାଷା ବ୍ୟବହାର କରିଛି ।

ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ଯଥା - ନୀଳଗିରି, ତାଳଚେର, କେଉଁଝର ଓ ବଣେଇ ପ୍ରଭୃତି ସ୍ଥାନରେ ଓଡ଼ିଆ ଭାଷାରେ ସବୁ କାର୍ଯ୍ୟ ସଂପନ୍ନ କରାଯାଇଛି ।

**ଗବେଷଣା ପଦ୍ଧତି :** ମୟୂରଭଞ୍ଜରେ ବାରିପଦାର ରାଜ ପୃଷ୍ଠପୋଷକତା ଲାଭ କରିଥିବା ଛଉ ଦଳ ସହିତ ସର୍ଦ୍ଦାର ସ୍ତରର ଅନ୍ତତଃ ଦୁଇଗୋଟି ଛଉ ଦଳ ଓ ହୋ, କୁରୁମୀ, ଭୂମିଜ, ବାଥୁଡ଼ି, ଭୂୟାଁ, ଭଞ୍ଜ ପୁରାଣ ଆଦି ଗୋଷ୍ଠୀ ଓ ଜାତିର ଲୋକମାନଙ୍କ ଦ୍ୱାରା ସଂଗଠିତ ଛଉ ନାଚରୁ ଗୋଟିଏ ଗ୍ରାମକୁ ଅଧ୍ୟୟନ କ୍ଷେତ୍ର ରୂପେ ମନୋନୀତ କାର୍ଯ୍ୟ କରାଯାଇଛି । ମୟୂରଭଞ୍ଜ, ଷଢ଼େଇକଳା ଓ ପୁରୁଲିଆରେ ହୋ, କୁଡୁମୀ ଓ ଭୂମିଜ ବହୁଳ ଭାବରେ ବାସ କରନ୍ତି । ଏହି ଅଞ୍ଚଳର ଗ୍ରାମ ଗୁଡ଼ିକ ମଧ ମନୋନୀତ କରି କ୍ଷେତ୍ର ଅଧ୍ୟୟନ କରିଅଛି । ଷଢ଼େଇକଳାର ରାଜଦରବାର ଓ ଗୁରୁଶ୍ରୀ କେଦାର ସାହୁଙ୍କ ଦ୍ୱାରା ପରିଚାଳିତ ଦୁଇଗୋଟି ଦଳକୁ ଅଧ୍ୟୟନର ପରିସର ମଧ୍ୟକୁ ଆଣିଅଛି ।

ପ୍ରୟୋଗ ପଦ୍ଧତି: ମୂଳତଃ ସାକ୍ଷାତ୍‌କାର, ପ୍ରଶ୍ନୋତ୍ତର, ସମଗ୍ର ଦଳ (ଛଉଦଳ)ର ବିବରଣୀ ସଂଗ୍ରହ ସହିତ ନାଚ, ବାଦ୍ୟ, ପର୍ଯ୍ୟବେକ୍ଷଣ, ଶ୍ରବଣ ସହିତ ଟେପ୍ ରେକର୍ଡ଼ିଂ ଏବଂ କ୍ୟାମେରାରେ ଫଟୋ ଚିତ୍ର ଉତ୍ତୋଳନ କରାଯାଇଛି ।

ଛଉନାଚ ସହ ଚୈତ୍ର ପର୍ବର ବିବରଣୀ ସଂଗ୍ରହ ନିମନ୍ତେ ସନ୍ଦର୍ଭ ଅନ୍ତର୍ଭୁକ୍ତ ମନୋନୀତ ଗ୍ରାମମାନଙ୍କୁ ଯାଇ ସେଠାରେ ରହି ଅନୁଷ୍ଠାନ ସହିତ ସଂପୃକ୍ତ ସବୁ ଶ୍ରେଣୀ ଓ ପ୍ରୟୋଜନୀୟ ସବୁ ବୟସର ଲୋକମାନଙ୍କ ସହ ଆଲୋଚନା କରାଯାଇଛି ।

ପର୍ବରେ ସଂପୃକ୍ତ ସ୍ତ୍ରୀ ଲୋକ ମାନଙ୍କ ସହ ଯଥା ସମ୍ଭବ ଆଲୋଚନା କରି ତଥ୍ୟାବଳୀ ସଂଗ୍ରହ କରିଅଛି । ତଥ୍ୟ ସଂଗ୍ରହ ଦିଗରେ ସଂପୃକ୍ତ ଅଞ୍ଚଳର ଭାଷାରେ ଜ୍ଞାନ ମୋତେ ପ୍ରଭୂତ ସାହାଯ୍ୟ କରିଛି ।

ତଥ୍ୟ ସଂଗ୍ରହ କାଳରେ ସଂପୃକ୍ତ ଅଞ୍ଚଳର ଗବେଷକ, ବିଦ୍ୱାନ, ଲେଖକ, କବି, ସାହିତ୍ୟିକ, ଲୋକ ସଂସ୍କୃତିବିଦ୍, ଲୋକ କବି, ନେତୃ ସ୍ଥାନୀୟ ବ୍ୟକ୍ତି, ରାଜା, ମହାରାଜାଙ୍କ ପରିବାରର ବ୍ୟକ୍ତି,

ସେମାନଙ୍କ ପାଠାଗାର, ବ୍ୟକ୍ତିଗତ ସଂଗ୍ରହଶାଳା, ସଂପୃକ୍ତ ସରକାରୀ ଦପ୍ତର, ନଥିପତ୍ର, ସାଧାରଣ ପାଠାଗାର ପ୍ରଭୃତିର ପ୍ରଭୃତ ସାହାଯ୍ୟ ନେଇଛି ।

ଗୁରୁ ମାନଙ୍କ ସଂକ୍ଷିପ୍ତ ଜୀବନୀ ସଂଗ୍ରହ, ବାଦ୍ୟକାର, ନୃତ୍ୟକାରୀ, ମୁଖା ନିର୍ମାତା, ପୃଷ୍ଠପୋଷକ ମାନଙ୍କ ନାଚରେ ଅବଦାନ ସଂପର୍କୀୟ ସଂକ୍ଷିପ୍ତ ବିବରଣୀ ସଂଗୃହୀତ ହୋଇଛି । ନିବନ୍ଧଟିର ରଚନା ନିମନ୍ତେ ଛଉ ନାଚ ସମ୍ବଳିତ ପ୍ରକାଶିତ ଓ ଅପ୍ରକାଶିତ, ଲିଖିତ ନଥି, ପୁସ୍ତକ, ପତ୍ରିକା, ପାଣ୍ଡୁଲିପି ପ୍ରଭୃତିର ସହାୟତା ନିଆଯାଇଛି ।

**ବିଶ୍ଳେଷଣ:** ତିନି ଅଞ୍ଚଳର ଛଉ ନାଚ ସଂପର୍କୀୟ ସଂଗୃହୀତ ତଥ୍ୟର ସଜ୍ଜୀକରଣ, ବିଭାଗୀକରଣ କରାଯିବା ସହିତ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଓ ବର୍ଣ୍ଣନା ସହ ତୁଳନାତ୍ମକ ଅଧ୍ୟୟନ କରି ନିବନ୍ଧଟି ରଚନା କରାଯାଇଛି । ସଂପୃକ୍ତ ଅଞ୍ଚଳର ଦେବ ମନ୍ଦିର, ସ୍ଥାପତ୍ୟ, କଳା, ଭାସ୍କର୍ଯ୍ୟ ଓ ସାହିତ୍ୟ ପ୍ରତ୍ୟକ୍ଷ ପରିଚୟ ଲାଭ ପାଇଁ ସେ ସ୍ଥାନ ମାନଙ୍କୁ ଯାଇଛି । ସଂପୃକ୍ତ ଅଞ୍ଚଳର ଲୋକ ସାହିତ୍ୟ ସଂଗ୍ରହ କରିଛି ।

ଅନେକ ସ୍ଥଳରେ ଗୋଷ୍ଠୀ ଆଲୋଚନା (group discussion) ସମୟରେ ନାଚ ଓ ପର୍ବପର୍ବାଣୀର କେତେକ ବିଶେଷ ଦିଗ ଉପରେ ପ୍ରଶ୍ନ କରିବାରେ ଜ୍ଞାତବ୍ୟ ବିଷୟର ଉତ୍ତର ସଙ୍ଗେ ସଙ୍ଗେ ଦେଇଛନ୍ତି । ଅନେକ ଗୁପ୍ତ ସାଧାରଣ ଅଜ୍ଞାତ ତଥ୍ୟ ପ୍ରକାଶ କରିଛନ୍ତି । ଅତୀତରେ ଅନେକ ଘଟଣା ଭୁଲି ଯାଇଥିଲେ ଅନ୍ୟଙ୍କୁ ପଚାରି ବୁଝି ଉତ୍ତର ଦେଇଛନ୍ତି ।

**ସହାୟିକା ପୁସ୍ତକ ସୂଚୀ:**

1. Dalton E.T.; Deseriptive Ethnology of Bengal, Calcutta-1872.
2. Hunter W.W.; The Statistical Account of Bengal, Singhbhum, Morebhanj, Manbhum, 1877.
3. Riseley H.; Tribes and Castes of Bengal, 1891, London-1915.
4. Roy S.C.; Mundas and their country, Calcutta - 1912.
5. SinghDeo N.N.; Singhbum, Seraikella and Kharswan - Through the ages-1954.

୬. ମହାତୋ ପଶୁପତି ପ୍ରସାଦ; ଝାଡ଼ଖଣ୍ଡର ବିଦ୍ରୋହ ଓ ଜୀବନ, ୧୯୮୨.

୭. ସଂଗୃହୀତ;

୮. କୁଅଁର ଦୁର୍ଗାଚରଣ; ମୟୂରଭଞ୍ଜ ଛଉ ନୃତ୍ୟ, ୧୯୬୨, ଓଡ଼ିଆ ସାହିତ୍ୟ ଏକାଡେମୀ ।

୯. ମହାନ୍ତି ରାଧା ମୋହନ; ଦୈନିକ ପ୍ରଜାତନ୍ତ୍ର ତା ୨୩.୫.୬୯ ଓ ସମ୍ବାଦ ତା୧୫.୪.୧୯୮୬ରିଖ ।

୧୦. କରଣ ସୁଧୀର ଚନ୍ଦ୍ର: ସୀମାନ୍ତ ବାଂଲାର ଲୋକଯାତ, ମଧ୍ୟ ପର୍ବ - କାମିନା ।

୧୧. କବି ଅତନୁ; ଛଉନୃତ୍ୟ: ଏକ କଳାତ୍ମକ ଦୃଷ୍ଟି, ନବପତ୍ର, ଜୁଲାଇ ସେପ୍ଟେମ୍ବର, ୧୯୮୩.

୧୨. କୁଅଁର ଦୁର୍ଗାଚରଣ; ମୟୂରଭଞ୍ଜ ଛଉ ନୃତ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୬୨.

୧୩. କୋଠାରୀ ସୁନୀଲ; Chhau Dances of Seraikella - Marg-1968, vol.XXII, Number-1.

୧୪. କୋନିସି ମାସାଟୋସି; ଦି ଫେଷ୍ଟିଭେଲ ଅଫ୍ ଛୋଟ ନାଗପୁର - ୧୯୮୫, (Souvenir)

୧୫. ଜୁଡ଼ି ବ୍ଲାଙ୍କ: ଦି ଷ୍ଟୋରି ଅଫ୍ ଦି ଛୌ ଡାନ୍‌ସ୍ ଅଫ୍ ଦି ଫର୍ମର ମୟୂରଭଞ୍ଜ ଷ୍ଟେଟ୍, ଓଡ଼ିଶା, ଇଉନିଭର୍‌ସିଟି ଅଫ୍ ଚିକାଗୋ - ୧୯୭୩, (ପାଣ୍ଡୁଲିପି).

୧୬. ଦାଶ ପ୍ରସନ୍ନ କୁମାର; ସ୍ମରଣିକା, ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ, ବାରିପଦା, ୧୯୮୫.

୧୭. ପଟ୍ଟନାୟକ କାଳୀଚରଣ; କୁମ୍ଭାରଚକ, ୧୯୭୫.

୧୮. ସଂଗୃହୀତ

୧୯. ପାଣି ଜୀବନ; ଏ କମ୍ପାରେଟିଭ ଷ୍ଟଡି ଅଫ୍ ଥ୍ରି ଷ୍ଟାଇଲସ୍ ଅଫ୍ ଛଉ, ୧୯୮୬ରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଛଉ ସେମିନାରରେ ଉପସ୍ଥାପିତ ପ୍ରବନ୍ଧ ।

୨୦. ପାଣିଗ୍ରାହୀ କୃଷ୍ଣଚନ୍ଦ୍ର; ମୋ ସମୟର ଓଡ଼ିଶା, ୧୯୭୮ ।

୨୧. ବନ୍ଦୋପାଧ୍ୟାୟ ବୀରେଶ୍ୱର; ବାଂଲାଦେଶର ସଂ ପ୍ରସଙ୍ଗେ - ୧୯୭୨.

୨୨. ବାତ୍ସାୟନ କପିଳା; ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଛଉ ସେମିନାରରେ ଉପସ୍ଥାପିତ ପ୍ରବନ୍ଧ-୧୯୮୬ ।

୨୩. ଭଞ୍ଜବାବୁ ଦିବାକର; ଭଞ୍ଜ ପ୍ରଦୀପ, ୧୩୪୨ ।

୨୪. ଭଟ୍ଟାଚାର୍ଯ୍ୟ ଆଶୁତୋଷ; ଛଉ ଡାନ୍‌ସ୍ ଅଫ୍ ପୁରୁଲିଆ, ୧୯୭୨ ।

୨୫. ମଣି ବର୍ଦ୍ଧନ; ବିଶ୍ୱକୋଷ

୨୬. ସଂଗୃହୀତ ମତ

୨୭. ମହାତୋ ପଶୁପତି ପ୍ରସାଦ; ଝାଡ଼ଖଣ୍ଡେର ବିଦ୍ରୋହ ଜୀବନ, ୧୯୬[illegible] ।

୨୮. ମହାନ୍ତି ରାଧା ମୋହନ; ଶ୍ରଦ୍ଧାଞ୍ଜଳି ପୁସ୍ତିକା - ୧୯୯୩ ।

୨୯. ମହାପାତ୍ର ଲକ୍ଷ୍ମୀକାନ୍ତ ; ମୟୂରଭଞ୍ଜ ଗେଜେଟ୍ ୧୩୪୧ ସାଲ, ଚୈତ୍ର ପର୍ବ ସଂଖ୍ୟାରେ ପ୍ରକାଶିତ ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନ, ବାରିପଦାର ସ୍ମରଣିକା ୧୯୯୦ରେ ପୁନଃମୁଦ୍ରିତ ।

୩୦. ମହାପାତ୍ର ସୀତାକାନ୍ତ; ୧୯୮୬ରେ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ଛଉ ସେମିନାରରେ ଉପସ୍ଥାପିତ ପ୍ରବନ୍ଧ ସମୂହର ଉପକ୍ରମଣିକା (ପାଣ୍ଡୁଲିପି) ।

୩୧. ମିଶ୍ର କପିଳେଶ୍ୱର; ମୟୂରଭଞ୍ଜ ଗେଜେଟ୍ ସନ ୧୩୩୯ ସାଲରେ ପ୍ରକାଶିତ, (ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ, ବାରିପଦାର ସ୍ମରଣିକା ୧୯୯୦ରେ ପୁନଃମୁଦ୍ରିତ)।

୩୨. ମୁଖର୍ଜୀ ଏ. ଏନ୍.;ଡିଷ୍ଟ୍ରିକ୍ଟ ଗେଜେଟିଅର୍, ସିଂଭୂମ।

୩୩. ସରକାର ସବିତା ରଂଜନ; ଛୋ ମାସ୍କସ୍ ଅଫ୍ ତୁମୁରଡି - ରିପ୍ରିଣ୍ଟ, ଇଣ୍ଡିଆନ୍ ମ୍ୟୁଜିୟମ୍ ବୁଲେଟିନ୍, ଭଲ୍ୟୁମ୍ -XVIII- ୧୯୮୩.

୩୪. ସଂଗୃହୀତ ମତ।

୩୫. ସାହୁ ଲାଲ ମୋହନ; ମୟୂରଭଞ୍ଜର ଲୋକନୃତ୍ୟ, ଗବେଷଣା ସନ୍ଦର୍ଭ, ପାଣ୍ଡୁଲିପି।

୩୬. ସିଂଦେଓ ନୃପେନ୍ଦ୍ର ନାରାୟଣ; ସିଂଭୂମ, ଷଢ଼େଇକଲା ଆଣ୍ଡ ଖରସୁଆଁ - ଥ୍ରୋ ଦି ଏଜେସ୍, ୧୯୫୪.

୩୭. ସିଂଦେଓ ଯୁଗଭାନୁ; ଛୌ: ମାସ୍କ ଡାନ୍ସ୍ ଅଫ୍ ଷଢ଼େଇକଲା - ୧୯୭୩।

୩୮. ଲାହିଡ଼ୀ ରାମକୃଷ୍ଣ; ଭାରତ କୋଷ, ତୃତୀୟ ଖଣ୍ଡ।

୩୯,୪୦. ମହାତୋ ପଶୁପତି ପ୍ରସାଦ; ଝାଡ଼ଖଣ୍ଡେର ବିଦ୍ରୋହ ଓ ଜୀବନ - ୧୯୭୮।

୪୧. ଦାଶ ଗୋପବନ୍ଧୁ; ଓଡ଼ିଆ କିଏ ?

୪୨. କ୍ଷେତ୍ର ଅଧ୍ୟୟନ ବିବରଣୀ।


◆◆◆

# ପ୍ରଥମ ଅଧ୍ୟାୟ

**ସଂପୃକ୍ତ ଅଞ୍ଚଳର ପ୍ରାକୃତିକ ପରିବେଶ - ରାଜନୈତିକ ଇତିହାସ - ଜନଜାତି ଅଧିବାସୀ - ଜୀବନ ଧାରା - ପ୍ରଶାସନିକ ଓ ସାମାଜିକ ସଂଗଠନ ଏବଂ କାର୍ଯ୍ୟାଧିକାରୀ ।**

**ସିଂଭୂମ ଜିଲ୍ଲା :-**

ସିଂଭୂମ ଜିଲ୍ଲା ଛୋଟ ନାଗପୁରର ଦକ୍ଷିଣ-ପଶ୍ଚିମ ଦିଗରେ ଅକ୍ଷାଂଶ ୨୧°୫୮' ଓ ୨୩°୩୬' ଉତ୍ତର ଏବଂ ୮୫°୦' ଓ ୮୬°୫୪' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହା ୪୪୦୭୫ ବର୍ଗ ମାଇଲ ପରିମିତ ଭୂଖଣ୍ଡ ବିଶେଷ ବିହାର ପ୍ରଦେଶର ଏକ ଆଦିବାସୀ ବହୁଳ ଜିଲ୍ଲା । ୧୯୪୯ ମସିହାରେ ପ୍ରଦେଶ ପୁନର୍ଗଠନ କମିଶନଙ୍କରସୁପାରିଶ ଫଳରେ ପୂର୍ବତନ ଦେଶୀୟ ରାଜ୍ୟ ଷଢ଼େଇକଳା ଓ ଖରସୁଆଁ ଓଡ଼ିଶା ରାଜ୍ୟରୁ ଯାଇ ସିଂଭୂମର ଏକ ସ୍ୱତନ୍ତ୍ର ସବ୍‌ଡିଭିଜନରେ ପରିଣତ ହେଲା । ଏହି ସବ୍‌ଡିଭିଜନର ଆୟତନ ୫୯୦ ବର୍ଗ ମାଇଲ । ୧୯୫୪ ମସିହାରେ ରାଞ୍ଚି ଜିଲ୍ଲାରୁ ତମାଡ଼ ଥାନାର ୩୪ ଗୋଟି ଗ୍ରାମ ସିଂଭୂମ ଜିଲ୍ଲାରେ ମିଶିଲା । ଏହା ୮୩ ବର୍ଗ ମାଇଲ ପରିମିତ ଭୂଖଣ୍ଡ । ୧୯୫୬ ମସିହାରେ ପ୍ରଦେଶ ପୁନର୍ଗଠନ କମିଶନଙ୍କର ରିପୋର୍ଟ ଅନୁସାରେ ପୂର୍ବତନ ମାନଭୂମ ଜିଲ୍ଲାର ଚାଣ୍ଡିଲ, ପଟ୍ଟାମଦା ଏବଂ ଇଚ୍ଛାଗଡ଼ ଥାନା ସିଂଭୂମ ସହିତ ମିଶିଲା । ଏହା ୫୯୪ ବର୍ଗ ମାଇଲ କ୍ଷେତ୍ରଫଳ ବିଶିଷ୍ଟ ଅଞ୍ଚଳ । ଚାଣ୍ଡିଲ ଓ ଇଚ୍ଛାଗଡ଼ ଥାନା ଷଢ଼େଇକଳା ସବ୍‌ଡିଭିଜନ୍‌ରେ ଓ ପଟ୍ଟାମଦା ଧଳଭୂମ ସବ୍‌ଡିଭିଜନରେ ମିଶିଲା । ବର୍ତ୍ତମାନ ସିଂଭୂମ ଜିଲ୍ଲାର ଲମ୍ବ ପୂର୍ବରୁ ପଶ୍ଚିମକୁ ୧୨୪ ମାଇଲ ଏବଂ ଓସାର ଉତ୍ତରରୁ ଦକ୍ଷିଣ ୮୪ ମାଇଲ୍ ।

ପୂର୍ବରେ ପଶ୍ଚିମ ବଙ୍ଗର ମେଦିନୀପୁର, ପଶ୍ଚିମରେ ସଂପ୍ରତି ନବଗଠିତ ଝାଡ଼ଖଣ୍ଡ ରାଜ୍ୟ (ପୂର୍ବତନ ବିହାର ପ୍ରଦେଶ)ର ରାଞ୍ଚି ଜିଲ୍ଲା ଓ ଓଡ଼ିଶା ପ୍ରଦେଶର ଅଂଶ, ଉତ୍ତର ଦିଗରେ ରାଞ୍ଚି ଓ ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲା ଓ ଦକ୍ଷିଣ ଦିଗରେ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଅବସ୍ଥିତ । ଉତ୍ତର ଓ ଦକ୍ଷିଣ ଦିଗରେ ସୁବର୍ଣ୍ଣରେଖା ଓ ଏହାର ଶାଖା ନଦୀ ଗଁଦିଆ, ପଶ୍ଚିମରେ ବୈତରଣୀ ନଦୀ ଆଠ ମାଇଲ ଧରି କେନ୍ଦୁଝର ସୀମା ନିର୍ଦ୍ଧାରଣ କରି ପ୍ରବାହିତ ହେଉଛି । ବୈତରଣୀର ଶାଖା ନଦୀ ହଙ୍ଗେରା ମୟୂରଭଞ୍ଜର ସୀମା ନିର୍ଦ୍ଧାରଣ କରିଥାଏ । ଉତ୍ତର ଦିଗରେ କାରୋ ଓ ଫୁଲଝର ନଦୀ ରାଞ୍ଚି ଓ ସିଂଭୂମ ମଧ୍ୟରେ ପ୍ରାକୃତିକ ସୀମା ରୂପେ ପ୍ରବାହିତ ।

ସାତ ଶହ ଶିଖର ବିଶିଷ୍ଟ ସରଣ୍ଡା ପର୍ବତ ଶ୍ରେଣୀ, ତିନି ହଜାର ଫୁଟ ଉଚ୍ଚ ଛୋଟନାଗପୁର ମାଳଭୂମି ଓ ପାର୍ବତ୍ୟ ଅଞ୍ଚଳ ବିଶିଷ୍ଟ ଏ ଜିଲ୍ଲା ନଦୀ ଉପତ୍ୟକା, ଉଚ୍ଚ ପର୍ବତ ଶିଖର ଓ ଘନ ଅରଣ୍ୟ ପୂର୍ଣ୍ଣ ଲାଲ ମୃତ୍ତିକାର ଦେଶ । ଏ ଜିଲ୍ଲା ମଧ୍ୟ ଦେଇ ପୂର୍ବତନ ବେଙ୍ଗଲ ନାଗପୁର ରେଳପଥ (ବର୍ତ୍ତମାନ ଦକ୍ଷିଣ-ପୂର୍ବ ରେଳପଥ ନାମରେ ନାମିତ) ଯାଇଅଛି ।

**ନଦୀ:-** ଏ ଜିଲ୍ଲାରେ ସୁବର୍ଣ୍ଣରେଖା, ବୈତରଣୀ, ବ୍ରାହ୍ମଣୀ, ଖଡ଼କାଇ ପ୍ରଭୃତି ମୁଖ୍ୟ ନଦୀ ବ୍ୟତୀତ କାରୋ, କୋଏଲ୍, ଦେଓ, ସଞ୍ଜୟ, ରେରୋ, କୋଏନା, ଗୁରୁମା, ବଗ୍‌ଲା, ଭାଦୁଡ ପ୍ରଭୃତି ନଦୀ ଓ ଝର ପ୍ରବାହିତ ।

**ପାଣିପାଗ:-** ଏ ଜିଲ୍ଲାରେ ମୁଖ୍ୟତଃ ତିନିଗୋଟି ଋତୁ ଅନୁଭୂତ ହୁଏ ଯଥା- (୧) ଶୀତ ଋତୁ - ନଭେମ୍ବର ମାସରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ, (୨) ଗ୍ରୀଷ୍ମ ଋତୁ - ମାର୍ଚ୍ଚ ମାସରୁ ମେ ମାସ ପର୍ଯ୍ୟନ୍ତ ଓ (୩) ବର୍ଷା ଋତୁ - ଜୁନ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ । ଶୀତ ଋତୁରେ ସକାଳ ଓ ରାତିରେ ପ୍ରବଳ ଶୀତ ଅନୁଭୂତ ହୁଏ । ବର୍ଷା ଋତୁରେ ପ୍ରବଳ ବର୍ଷା ହୁଏ । ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଉତ୍ତାପ ଅନୁଭୂତ ହୁଏ । ଶୀତ ଋତୁରେ ଏ ଅଞ୍ଚଳର ଅଧିବାସୀମାନେ ଶୀତରୁ ରକ୍ଷା ପାଇବା ପାଇଁ କାଠରେ ନିଆଁ ଲଗାଇ ଜଳାଇ ରଖିଥାନ୍ତି । ଏପରି ଦୃଶ୍ୟ ପ୍ରାୟ ସର୍ବତ୍ର ଦେଖାଯାଏ । ଏହା ଅତ୍ୟନ୍ତ ଉପଭୋଗ୍ୟ । ଶୀତ ଋତୁରେ ୩୯° ଫାରେନହିଟ୍ କିମ୍ବା ତଳକୁ ଉତ୍ତାପ କମିଆସେ । ଗ୍ରୀଷ୍ମ ଋତୁରେ ଦକ୍ଷିଣ-ପୂର୍ବ ପର୍ବତମାଳାରେ ସାମୁଦ୍ରିକ ବାୟୁ ବାଧାପ୍ରାପ୍ତ ହେବା ଫଳରେ ପ୍ରଚଣ୍ଡ ଗରମ ଅନୁଭୂତ ହୁଏ । ଫେବୃୟାରୀ ମାସର ଜୁନ ମାସ ପର୍ଯ୍ୟନ୍ତ ଉତ୍ତର ପଶ୍ଚିମ ଦିଗରୁ ପ୍ରବଳ ବାୟୁ ପ୍ରବାହିତ ହେବା ଫଳରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହୁଏ । ବର୍ଷା ଋତୁରେ ବଜ୍ର ବିଦ୍ୟୁତ୍ ସହ ପ୍ରବଳ ବର୍ଷା ହୁଏ । ବେଳେ ବେଳେ ଶହେ ମାଇଲ ବେଗରେ ପବନ ବହିଥାଏ । ଘାଇଁବସାରେ ୧୧୬°ର, ଜାମସେଦ୍‌ପୁରରେ ୧୧୭°ର ସର୍ବୋଚ୍ଚ ଉତ୍ତାପ, ଏହା ଏଠାର ସାଧାରଣ ଉତ୍ତାପ । ବସନ୍ତ ଋତୁର ଆବିର୍ଭାବ ଏ ସମଗ୍ର ଅଞ୍ଚଳରେ ଘନିଷ୍ଠ ଭାବରେ ଅନୁଭୂତ ହୁଏ । ଆରଣ୍ୟକ ବୃକ୍ଷଲତା ସବୁଜପତ୍ର ବିମଣ୍ଡିତ ହୁଅନ୍ତି । ଫୁଲ ଫଳର ସୁଗନ୍ଧ ଚର୍ତୁଦିଗରେ ବ୍ୟାପ୍ତ ହୁଏ । ମାର୍ଚ୍ଚ ଠାରୁ ମେ ପର୍ଯ୍ୟନ୍ତ ବସନ୍ତ ଋତୁର ପ୍ରଭାବ ସାଧାରଣତଃ ଅନୁଭୂତ ହୋଇଥାଏ ।

**ମୟୂରଭଞ୍ଜ:-** ବର୍ତ୍ତମାନର ମୟୂରଭଞ୍ଜ ଜିଲ୍ଲା ବ୍ରିଟିଶ ଶାସନ ଅଧୀନରେ ଥିବା ଓଡ଼ିଶାର କରଦ ରାଜ୍ୟ ମାନଙ୍କ ମଧ୍ୟରେ ବୃହତ୍ତମ ରାଜ୍ୟ ରୂପେ ଓଡ଼ିଶାର ଉତ୍ତର ଦିଗରେ ଅବସ୍ଥିତ । ଏହା ୨୨°୩୪' ଓ ୨୧°୧୨' ଉତ୍ତର ଅକ୍ଷାଂଶ ଏବଂ ୮୩°୪୦' ଓ ୮୨°୧୦' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଉତ୍ତର ଦିଗରେ ମେଦିନୀପୁର ଓ ସିଂଭୂମ ଜିଲ୍ଲା, ପୂର୍ବରେ ମେଦିନୀପୁର ଓ ବାଲେଶ୍ୱର ଜିଲ୍ଲା, ଦକ୍ଷିଣ ଦିଗରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଓ କେନ୍ଦୁଝର ଜିଲ୍ଲା ଏବଂ ପଶ୍ଚିମରେ ସିଂଭୂମ ଓ କେଉଁଝର ଜିଲ୍ଲା ରହିଅଛି । ଏହି ପୂର୍ବତନ ଦେଶୀୟ ରାଜ୍ୟର ଆୟତନ ୪.୨୪୩ ବର୍ଗ ମାଇଲ । ବିଭିନ୍ନ ପ୍ରକାରର ମୃତ୍ତିକା ଓ ମନୋହାରୀ ଦୃଶ୍ୟରେ ପରିଶୋଭିତ ରାଜ୍ୟଟି ସମତଳ ଭୂମି ସମୃଦ୍ଧ ହୋଇଥିଲେ ହେଁ ବହୁ ଅଞ୍ଚଳ ଅରଣ୍ୟରେ ପରିପୂର୍ଣ୍ଣ । ରାଜ୍ୟର ମଧ୍ୟ ଭାଗରେ ୬୦୦ ବର୍ଗ ମାଇଲ ପରିମିତ ଅଞ୍ଚଳରେ ସିମିଳିପାଳ ପାହାଡ଼ ଅବସ୍ଥିତ । ୩୮୨୪ ଫୁଟ ଉଚ୍ଚ ମେଘାସନ ପାହାଡ଼ ଏହି ଗିରି ଶ୍ରେଣୀର ଦକ୍ଷିଣ ସୀମାରେ ଅବସ୍ଥିତ । ଏସବୁ ଗିରି ଦେଶରୁ ଅନେକ ଉପନଦୀ ଓ ଝରଣା ବାହାରି ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀରେ ମିଶିଅଛି ।

**ନଦୀ:-** ମୟୂରଭଞ୍ଜ ରାଜ୍ୟ ମୁଖ୍ୟତଃ ବୁଢ଼ାବଳଙ୍ଗ ନଦୀ ଦ୍ୱାରା ସେଚିତ ହୁଏ । ଖଡ଼କାଇ,ସାଳନ୍ଦୀ ଓ ଅନେକ ଛୋଟ ଛୋଟ ନଦୀ ସିମିଳିପାଳ ପାହାଡ଼ରୁ ବାହାରି ବୈତରଣୀ ଓ ସୁବର୍ଣ୍ଣରେଖା ନଦୀରେ

ପଡ଼ିଅଛି । ବୁଢ଼ାବଲଙ୍ଗ ନଦୀ ପଳପଳା ଓ ଚିପଟ ଝରଣା ସହ ସିମିଳିପାଳରୁ ବାହାରି ବାରିପଦା ସହର ପାଖ ଦେଇ ପ୍ରବାହିତ ହୋଇ ସୁବର୍ଣ୍ଣ ରେଖା ନଦୀରେ ମିଶିଅଛି । ଖଇରି ଓ ଭଣ୍ଡନ ସିମିଳିପାଳରୁ ବାହାରି ପାଞ୍ଚପୀଢ଼ ସବ୍‌ଡିଭିଜନ ମଧ୍ୟ ଦେଇ ପ୍ରବାହିତ ହୋଇ ବୈତରଣୀ ନଦୀରେ ମିଶିଅଛି । ଏତଦ୍ ବ୍ୟତୀତ ମହାନ୍ତି, ଦେଓ, ଗୁନ୍‌ଫା, ପାଲୋଖାଳ ପ୍ରଭୃତି ଝରଣା ଓ ଖାଳ ଏ ଜିଲ୍ଲାରେ ସୃଷ୍ଟି ହୋଇ ବିଭିନ୍ନ ନଦୀରେ ମିଶିଅଛି । ଶାଳନ୍ଦୀ ନଦୀ ମେଘାସନ ପର୍ବତରୁ ବାହାରି ଧାମରା ନଦୀରେ ମିଶିଅଛି ।

**ଖଣିଜ ପଦାର୍ଥ:-** ମୟୂରଭଞ୍ଜର ବାମନଘାଟୀ ସବ୍‌ଡିଭିଜନର ଗୋରୁମହିଷାଣୀ ଓ ବାଦାମ ପାହାଡ଼ରେ ପ୍ରଚୁର ପରିମାଣରେ ଲୁହାପଥର ମିଳେ । ଏହା ବ୍ୟତୀତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୂନ, କଳା ମୁଗୁନି ଓ ନୀଳ ପଥର, ଅଭ୍ର, ବାସନ ଏବଂ ଶାଣ ପଥର ଆଦି ମିଳେ । କେତେକ ସ୍ଥାନରେ ସୁନାଖଣି ଥିବାର ସର୍ଭେରୁ ଜଣାଯାଏ । ସୁବର୍ଣ୍ଣରେଖା ନଦୀର ବାଲିରୁ ଏ ଜିଲ୍ଲାର ବାମନ ଘାଟି ଓ ସଦର ଡିଭିଜନର ଲୋକେ ସ୍ୱର୍ଣ୍ଣରେଣୁ ସଂଗ୍ରହ କରିଥାନ୍ତି ।

**ବୃଷ୍ଟିପାତ:** ସାଧାରଣତଃ ଏ ଜିଲ୍ଲାର ବୃଷ୍ଟିପାତର ହାର ୬୦ ରୁ ୬୬ ଇଞ୍ଚ ହୋଇଥାଏ ।

**ପାଣିପାଗ:** ଜଳବାୟୁ ସ୍ୱାସ୍ଥ୍ୟକର ହେଲେ ହେଁ ପାର୍ବତ୍ୟ ଓ ଜଙ୍ଗଲ ଭୂମିରେ ମ୍ୟାଲେରିଆର ପ୍ରକୋପ ଅନୁଭୂତ ହୁଏ । ଗ୍ରୀଷ୍ମ ଋତୁରେ କଲେରା ଓ ବସନ୍ତ ଅଧିକ ହୁଏ ।

**ପୁରୁଲିଆ/ ମାନଭୂମ:** ପୂର୍ବତନ ମାନଭୂମ ଜିଲ୍ଲା, ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ପୁରୁଲିଆ ଜିଲ୍ଲା ରୂପେ ପୁନର୍ଗଠିତ ଓ ପରିଚିତ, ଛୋଟନାଗପୁର ଡିଭିଜନର ପୂର୍ବ ଅଂଶରେ ଅବସ୍ଥିତ । ଏହା ୨୨°୩୭' ଓ ୨୪°୩' ଉତ୍ତର ଦ୍ରାଘିମା ଏବଂ ୮୫°୫୧' ଓ ୮୭°୧୬' ପୂର୍ବ ଅକ୍ଷାଂଶ ମଧ୍ୟରେ ଅବସ୍ଥିତ । ୧୮୭୫ ମସିହାରେ ସର୍ଭେୟର ଜେନେରାଲଙ୍କ ରିପୋର୍ଟ ଅନୁସାରେ ଏହି ଜିଲ୍ଲାର କ୍ଷେତ୍ରଫଳ ୪୯୧୪ବର୍ଗ ମାଇଲ ବିଶିଷ୍ଟ ଅଞ୍ଚଳ । ପୁରୁଲିଆ ଏ ଜିଲ୍ଲାର ମୁଖ୍ୟ ସଦର ଓ ପ୍ରଶାସନିକ ମୁଖ୍ୟ ଦପ୍ତର ।

ମାନଭୂମର ଉତ୍ତରରେ ହଜାରିବାଗ୍ ଓ ବୀରଭୂମ, ପୂର୍ବରେ ବର୍ଦ୍ଧମାନ ଓ ବାଙ୍କୁଡ଼ା, ଦକ୍ଷିଣରେ ସିଂଭୂମ ଓ ମେଦିନୀପୁର ଏବଂ ପଶ୍ଚିମରେ ଲହରଡଗା ଓ ହଜାରିବାଗ ଜିଲ୍ଲା ଅବସ୍ଥିତ । ଏ ଜିଲ୍ଲାରେ ଉତ୍ତର ଓ ଉତ୍ତର-ପୂର୍ବ ସୀମାର ବହୁ ଅଂଶରେ ବଡ଼ାଖର ଓ ଦାମୋଦର ନଦୀ ପ୍ରବାହିତ । ପଶ୍ଚିମ ଓ ଦକ୍ଷିଣରେ ସୁବର୍ଣ୍ଣରେଖା ନଦୀ ଲହରଡଗା ଓ ସିଂଭୂମ ଜିଲ୍ଲାକୁ ବିଭକ୍ତ କରୁଛି ।

**ଭୌଗୋଳିକ ପ୍ରସ୍ଥିତି:-** ଏସିଆଟିକ୍ ସୋସାଇଟି ଜର୍ନାଲ (୧୮୬୯)ର ପ୍ରକାଶିତ ପ୍ରବନ୍ଧରେ ଭି. ବଲ ମାନଭୂମ ଜିଲ୍ଲାର ଭୌଗୋଳିକ ସ୍ଥିତି ତଥା ଭୂରୂପକୁ ଛଅ ଭାଗରେ ବିଭକ୍ତ କରିଛନ୍ତି । ସେଗୁଡ଼ିକ ହେଲା ପ୍ରଥମତଃ ୪୦୦ ରୁ ୫୦୦ ଫୁଟ ଉଚ୍ଚ ପଥୁରିଆ ଭୂମି, ଦ୍ୱିତୀୟତଃ ଦାମୋଦର ଉପତ୍ୟକା; ତୃତୀୟତଃ ରଘୁନାଥପୁର ଓ ସିନ୍ଦୂରପୁର ଅଞ୍ଚଳ (ସିଲାଇ ଧଳକିଶୋର ଏବଂ କସାଇ ନଦୀ ଉପତ୍ୟକା ଅଞ୍ଚଳ ଅନ୍ତର୍ଭୁକ୍ତ), ଚତୁର୍ଥତଃ ବାଗମୁଣ୍ଡି ସମତଳ ଅଞ୍ଚଳ । ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୧୫୦୦ ଫୁଟ ଉଚ୍ଚ । ପଞ୍ଚମ ଅଂଶଟି ତୃତୀୟ ଅଂଶ ଅନୁରୂପ । ଏଥିରେ କେତେକ ଅବିଖ୍ୟାତ ପର୍ବତଶ୍ରେଣୀ ଅବସ୍ଥିତ । ଏ ପାହାଡ଼ରେ ମିଳୁଥିବା ପଥର ମେଟାମରଫିକ୍ ଓ ସ୍ଲେଟ ଜାତୀୟ । ଷଷ୍ଠ ଭାଗର ଅଞ୍ଚଳ

କେତେକ ପାହାଡ଼ ଓ ପବତର କଠିନ ଶିଳା ଭୂମି ସ୍ଲେଟ ଇତ୍ୟାଦି ଶ୍ରେଣୀର ଭୂମିରେ ଗଠିତ । ଧଳଭୂମ ଓ ସିଂଭୂମ ଠାରୁ ମାନଭୂମ ଏ ଅଂଶ ଦ୍ୱାରା ବିଛିନ୍ନ । ମାନଭୂମ ଜିଲ୍ଲାର ମୃତ୍ତିକା ରୁକ୍ଷ, ଶୁଷ୍କ ଓ ଲାଲ । ବିଶାଳ ପର୍ବତଶ୍ରେଣୀ ଗହନ ଅରଣ୍ୟରେ ପରିପୂର୍ଣ୍ଣ ।

ପର୍ବତ: ମାନଭୂମ ଜିଲ୍ଲାରେ ମୁଖ୍ୟତଃ ତିନିଗୋଟି ପର୍ବତଶ୍ରେଣୀ ଅବସ୍ଥିତ । ଏହା (୧) ଦାଲମା-୩୪୦୭ ଫୁଟ । ଏହା ଜିଲ୍ଲାର ଦକ୍ଷିଣ ଅଂଶକୁ ବରାଭୂମ ଅଞ୍ଚଳରେ ଅବସ୍ଥିତ । ଏହା ପରେଶ ନାଥ ନାମରେ ଖ୍ୟାତ । ଏ ପର୍ବତର ଗଡ଼ାଣିଆ ଭୂଇଁ ଗହନ ଅରଣ୍ୟପୂର୍ଣ୍ଣ । (୨) ପଞ୍ଚକୋଟ କିମ୍ବା ପଞ୍ଚେଟ୍ - ୧୬୦୦ ଫୁଟ । ଏହା ପୁରୁଲିଆର ଉତ୍ତର-ପୂର୍ବ ଦିଗରେ ଅବସ୍ଥିତ । ଏ ପର୍ବତର ଉପରି ଭାଗରେ ପଞ୍ଚକୋଟ ରାଜାଙ୍କର ପୂର୍ବତନ ରାଜପ୍ରାସାଦ ଥିଲା । ଏ ପର୍ବତରେ ଛୋଟ ଛୋଟ ଗହନ ଅରଣ୍ୟ ଦେଖାଯାଏ । (୩) ତାଙ୍ଗାବାଡ଼ି ଗଦବଡୁ - ଏହା ବାଗମୁଣ୍ଡି ଉପତ୍ୟକାର ଉଚ୍ଚତମ ଶୃଙ୍ଗ । ପୁରୁଲିଆ ସହରଠାରୁ ୨୦ ମାଇଲ ଦକ୍ଷିଣ ପଶ୍ଚିମ ଦିଗରେ ମାଠା ଅଞ୍ଚଳରେ ଅବସ୍ଥିତ ।

ଏତଦ୍ ବ୍ୟତୀତ (୧୮୬୮-୬୯ର ବୋର୍ଡ଼ ଅଫ୍ ରେଭିନ୍ୟୁ ରିପୋର୍ଟ ଅନୁସାରେ) ବାରୋଧା-୧୩୧୫ ଫୁଟ, ବାଣ୍ଡି-୧୩୦୯ ଫୁଟ, ବାଁସା-୧୭୮୯ ଫୁଟ, ବାଣ୍ଡାରି-୧୪୪୪ଫୁଟ, ଚଡ଼ଙ୍ଗନାଲ-୨୪୧୨ ଫୁଟ, ଡାବୁ-୧୦୯୯ ଫୁଟ, କାରଣ୍ଟି-୧୭୦୮ ଫୁଟ, କଲ୍ୟାଣପୁର-୧୨୩୩ ଫୁଟ, ଲାକାଇସିନି-୧୬୩୬ ଫୁଟ, ସାଞ୍ଚାଇ- ୨୬୩୭ ଫୁଟ ଏବଂ କଲାବଣି-୧୩୩୭ ଫୁଟ ଉଚ୍ଚ ବିଶିଷ୍ଟ ପାହାଡ଼ମାନ ରହିଅଛି ।

ନଦୀ:- ମାନଭୂମ ଜିଲ୍ଲାର ଉତ୍ତର ଦିଗରେ ତୁଣ୍ଡି ଓ ପାଣ୍ଡା ଅଞ୍ଚଳ ମଧ ଦେଇ ବଡ଼ାଖର ନଦୀ ପ୍ରବାହିତ । ଏହା ଦାମୋଦର କୋଣ୍ଡା ଏବଂ ଚଉରାସି ଅଞ୍ଚଳ ମଧ ଦେଇ ଦାମୋଦର ନଦୀରେ ମିଶି ଅଛି । ଖୁଡ଼ିଆ ଏହାର ପ୍ରଧାନ ଉପନଦୀ । ଦାମୋଦର ନଦୀ ମାନଭୂମ ଜିଲ୍ଲାର ପୂର୍ବରୁ ଦକ୍ଷିଣ ଦିଗକୁ ନଓ୍ୱାଗଡ଼, ଝିରିଆ, ପାଣ୍ଡା ଏବଂ ଦାମୋଦର କୋଣ୍ଡା ମଧ ଦେଇ ପ୍ରବାହିତ । ଏହାର ମୁଖ୍ୟ ଉପନଦୀ ଗୁଡ଼ିକ ହେଲା ଇପିରି, ଗୁଆଇ ଏବଂ ବରାଖର । ଧନକିଶୋର ଅଥବା ଦ୍ୱାରିକେଶ୍ୱର ତିଳାବାଣୀ ପର୍ବତମାଳାରୁ ବାହରି ବାଙ୍କୁଡ଼ା ଜିଲ୍ଲା ମଧରେ ପ୍ରବାହିତ ହୋଇଅଛି । ସିଲାଇ ଲାଧୁରକା ଅଞ୍ଚଳରୁ ବାହାରି ଦକ୍ଷିଣ-ପୂର୍ବ ଦିଗରେ ମେଦିନିପୁର ଜିଲ୍ଲାକୁ ପ୍ରବାହିତ ହୋଇଅଛି । କାସାଇ ନଦୀ ଝାଲିଦା ଅଞ୍ଚଳରୁ ବାହାରି ମାନଭୂମ ଜିଲ୍ଲାର ଉତ୍ତର-ପଶ୍ଚିମରୁ ଦକ୍ଷିଣ-ପୂର୍ବ ଦିଗକୁ ପ୍ରବାହିତ ହୋଇ ମେଦିନୀପୁର ଜିଲ୍ଲା ମଧରେ ପ୍ରବେଶ କରିଅଛି । ଏହି ନଦୀର ଦୈର୍ଘ୍ୟ ପ୍ରାୟ ୧୭୧ ମାଇଲ । କୁମାରୀ ନାମରେ ଏହାର ଏକ ଉପନଦୀ ଅଛି । ସୁବର୍ଣ୍ଣରେଖା ମାନଭୂମ ଜିଲ୍ଲାର ଝାଲିଦା ନିକଟରେ ପ୍ରବେଶ କରି ବରାଭୂମର ଯାଦୁ ନିକଟରେ ଏ ଜିଲ୍ଲାରୁ ବାହାରି ଯାଇ ସିଂଭୂମ ଜିଲ୍ଲାରେ ପ୍ରବେଶ କରିଅଛି । ନଦୀର ଗର୍ଭ ବାଲୁକାପୂର୍ଣ୍ଣ । ଖରା ଦିନରେ ପ୍ରାୟ ସମସ୍ତ ନଦୀ ଶୁଖିଯାଏ । କାସାଇ, ଦାମୋଦର, ସୁବର୍ଣ୍ଣରେଖା ଓ ବରାଖର ନଦୀରେ ବର୍ଷର ଛଅ ମାସ ନୌକା ଚଲେ ।

ମାନଭୂମ ଜିଲ୍ଲାରେ ତିନୋଟି ବୃହତ କୃତ୍ରିମ ହ୍ରଦ ରହିଅଛି । ସେଗୁଡ଼ିକ ହେଲା ପୁରୁଲିଆ ନିକଟବର୍ତ୍ତୀ ସାହେବ ବନ୍ଧ, ଜୟପୁର ନିକଟରେ ରାଣୀବନ୍ଧ ଓ ପାଣ୍ଡା ନିକଟରେ ଥିବା ପୋଦାଡ଼ିବନ୍ଧ । ଏତଦ୍ ବ୍ୟତୀତ ଏ ଜିଲ୍ଲାରେ ଅନେକ ଛୋଟ ଛୋଟ ବନ୍ଧ ଅଛି ।

**ଖଣିଜ ପଦାର୍ଥ:-** ମାନଭୂମ ଜିଲ୍ଲାର ବହୁତ ସ୍ଥାନରେ ଲୁହାପଥର ଖଣି ରହିଅଛ । ଜିଲ୍ଲାର ଦକ୍ଷିଣ ପଶ୍ଚିମ ଅଂଶରେ ତମ୍ବା ଖଣି ଅଛି । ସୁବର୍ଣ୍ଣରେଖା ବାଲିରୁ ସ୍ୱର୍ଣ୍ଣରେଣୁ ସଂଗୃହୀତ ହୁଏ । ଦାମୋଦର ନଦୀର ଉତ୍ତର ଦିଗରେ ଅବସ୍ଥିତ ଝରିଆ ଅଞ୍ଚଳରୁ କୋଇଲାଖଣି ଆବିଷ୍କୃତ ହୋଇଅଛି ।

**ଝରଣା:-** ପାତକୁମ ଅଞ୍ଚଳରେ ଚୈତନପୁର ନିକଟରେ ତପ୍ତପାଣିର ଝରଣାଟିଏ ଅଛି ।

**ପ୍ରାକୃତିକ ପରିବେଶ:-** ଆଲୋଚ୍ୟ ସମଗ୍ର ଅଞ୍ଚଳରେ ସୁବିସ୍ତୀର୍ଣ୍ଣ ଘନ ଅରଣ୍ୟ ସଂପଦ ବିଦ୍ୟମାନ । ଅନେକ ପାହାଡ଼, ଅନୁଚ୍ଚ ପର୍ବତଶ୍ରେଣୀ, ଛୋଟବଡ଼ ନଦୀ, ନାଳ, ଝରଣା ପ୍ରବାହିତ ଗିରିଭୂମି, ଉର୍ବର ଲାଲ ମୃତ୍ତିକା ଗଠିତ ସମଗ୍ର ଭୂଖଣ୍ଡ ଏପରି ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ ।

ଅରଣ୍ୟରେ ବାଘ, ହେଟାବାଘ, ଭାଲୁ, ହାତୀ, ଗୟଳ, ଗଣ୍ଡାର, ଅରଣ୍ୟ ମହିଷ, ଗଧିଆ, ବରାହ, ହରିଣ, ଶୃଗାଳ, ଠେକୁଆ, ମାଙ୍କଡ଼, ପାତିମାଙ୍କଡ଼, ପ୍ରଭୃତି ପଶୁ, ବଜ୍ରକାପ୍ତା, ମୟୂର, ଶୁଆ, ଝିଙ୍କ ପ୍ରଭୃତି ଉନ୍ନତ ବିଭିନ୍ନ ପକ୍ଷୀ ରହିଥିବାର ଦେଖାଯାଏ । ଅଜଗର, ଅହିରାଜ, ନାଗ, ଗୋଖର ପ୍ରଭୃତି ବହୁ ବିଷଧର ସର୍ପ ସହ ଅନେକ ସରୀସୃପ ଘନ ଜଙ୍ଗଲ ଅଞ୍ଚଳରେ ରହିଥିବାର ଜଣାଯାଏ ।

ଅରଣ୍ୟରେ ବହୁ ମୂଲ୍ୟବାନ ବୃକ୍ଷ ଦେଖିବାକୁ ମିଳେ । ଶାଳ, ପିଆଶାଳ, ଶିଶୁ, କଇମ, ଗମ୍ଭାରୀ, କେନ୍ଦୁ, ମହୁଲ, ଅସନ, ଆମ୍ବ, ବେଲ, ଜାମୁ, ଖଇର, କଷାଫଳ, କୋଚିଲା, ବାହାଡ଼ା, ଶିମୂଳି, କୁସୁମ, ବର, ଅଶ୍ୱତ୍ଥ, ଅର୍ଜୁନ, ଅଁଳା, ଚମ୍ପା, ଗିରିଶ, ତାଳ, ଖଜୁର, ବାଉଁଶ ପ୍ରଭୃତି ଛୋଟ ବଡ଼ ଅନେକ ବୃକ୍ଷ ବିଦ୍ୟମାନ । ଏ ସବୁ ଏ ଅଞ୍ଚଳର ଲୋକ ସମାଜର ଜାଳେଣୀ ଚାହିଦା ପୂରଣ କରିବା ସହିତ ମୂଲ୍ୟବାନ ବ୍ୟବହାର୍ଯ୍ୟ ସାମଗ୍ରୀ ନିର୍ମାଣ କାର୍ଯ୍ୟରେ ଲାଗିଥାଏ ।

ବୃକ୍ଷ ବ୍ୟତୀତ ଅରଣ୍ୟରୁ ମହୁଲ, ଲାଖ, ମହୁ, ଝୁଣା, ବେତ, ଟସର, ଶାଳମଞ୍ଜି, ହରିଡ଼ା, ବାହାଡ଼ା, ଅଁଳା, ବିଭିନ୍ନ ପଶୁପକ୍ଷୀଙ୍କର ଚମଡ଼ା, ଦାନ୍ତ, ପର ପ୍ରଭୃତି ପ୍ରଚୁର ପରିମାଣରେ ସଂଗୃହୀତ ହୁଏ । ଅରଣ୍ୟରେ ଅନେକ ପ୍ରକାରର ଔଷଧ ଚେରମୂଳୀ, ଲତାପତ୍ର ସଂଗୃହୀତ ହୁଏ ।

ପାହାଡ଼ ଓ ସମତଳ ଭୂମିର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରଙ୍ଗର ପଥର ଓ ମାଟି ମିଳେ । ଲୁହା ବ୍ୟତୀତ ପଥରରୁ ବାସନ ଓ ମୂର୍ତ୍ତି ନିର୍ମିତ ହୁଏ । ରଙ୍ଗମାଟିରେ ଆଦିବାସୀ ମାନେ ଗୃହ ଲିପନ୍ତି ଓ ପ୍ରୟୋଜନୀୟ ବେଶ ହୁଅନ୍ତି ।

ଜଳ ସେଚନର ଅଭାବ ହେତୁ କୃଷିକାର୍ଯ୍ୟ କେବଳ ବର୍ଷା ଦିନରେ ସର୍ବତ୍ର ସମ୍ଭବ ହୁଏ ।

**ରାଜନୈତିକ ଇତିହାସ:**

ସିଂଭୂମର ଅର୍ଥ ହେଉଛି ସିଂହମାନଙ୍କର ଭୂମି । ପୋଡ଼ାହାଟର 'ସିଂହ' ପଦବୀ ଧାରୀ ରାଜା ମାନଙ୍କର ଅଧିକୃତ ଅଞ୍ଚଳ । ଏଇ ସିଂହ ରାଜାଗଣ ପରବର୍ତ୍ତୀ ସମୟରେ ଷଢ଼େଇକଲା ଓ ଖରସୁଆଁ ରାଜ୍ୟ ଗଠନ କରିଥିଲେ । କେତେକଙ୍କ ମତରେ ସିଂଭୂମ ହୋ ଶବ୍ଦ "ସିଂବୋଙ୍ଗା"ର ଅପଭ୍ରଂଶ । ସିଂବୋଙ୍ଗା ହୋ ଗୋଷ୍ଠୀ ଲୋକଙ୍କର ଶ୍ରେଷ୍ଠ ଦେବତା ।

କୋହ୍ଲାନର ଲାରକା କୋହ୍ଲ ଅଥବା ହୋ ମାନେ ପ୍ରକୃତରେ ଇଂରେଜ ଅଧୀନସ୍ଥ ହେବା ପର୍ଯ୍ୟନ୍ତ ସାଧୀନ ଥିଲେ । କଥିତ ଅଛି ଯେ, ହୋ ମାନେ ସିଂଭୂମର ରାଜାଙ୍କ ବିବାହ ସମୟରେ ଛୋଟିଆ ନାଗପୁରକୁ ରାଜାଙ୍କ ସହିତ ବରଯାତ୍ରୀ ଭାବରେ ଯାଇଥିଲେ । ହୋ ମାନଙ୍କର ଅଧିକାରଭୁକ୍ତ ଅଞ୍ଚଳ ସବୁଠାରୁ ସୁନ୍ଦର ଓ ଉର୍ବର ଅଞ୍ଚଳ । ଏଥିରୁ ସେମାନଙ୍କର ସାଧୀନତା ସଂପ୍ରର୍କରେ ସୂଚୀତ ହୁଏ । କୋହ୍ଲାନ ୧୯୦୫ ବର୍ଗ ମାଇଲ କ୍ଷେତ୍ରଫଳ ବିଶିଷ୍ଟ ଓ ଏଥିରେ ୮୮୩ଟି ଗ୍ରାମ ଅବସ୍ଥିତ । ୧୮୬୬ ମସିହାରେ ହିସାବ ଅନୁସାରେ ଏଠାରେ ମାନକୀ ଓ ମୁଣ୍ଡାମାନଙ୍କ ସଂଖ୍ୟା ଥିଲା ୭୬୮ । କେତେ ଗୁଡ଼ିଏ ଗ୍ରାମ ମିଶି ଗଠିତ ପିଢ଼ ଉପରେ 'ମାନକୀ' ଶାସନ କରୁଥିଲେ ।

ପୋଡ଼ା ହାଟର ମୁଖ୍ୟ (ସିଂଭୂମର ରାଜା)ମାନଙ୍କ ବିଷୟରେ କିମ୍ବଦନ୍ତୀଟିଏ ପ୍ରଚଳିତ । ସିଂହ ବଂଶର ପ୍ରତିଷ୍ଠାତା - ପିଲାଟିଏ ଗୋଟିଏ ବୃକ୍ଷର କୋରଡ଼ ମଧ୍ୟରେ ରହିଥିବା ଅବସ୍ଥାରେ ଜଣେ ଭୂୟାଁ ଏହି ଗଛଟିକୁ କାଟିବା ବେଳେ ଏହି ପିଲାଟିକୁ ଦେଖି ଉଦ୍ଧାର କରି ପାଳନ କଲେ । ପିଲାଟି ପରେ ବଡ଼ ହୋଇ ଭୂୟାଁ ମାନଙ୍କର 'ମୁଖିଆ' ହେଲା ଓ ଜାତିର ଦେବା "ପାଉଡ଼ୀ" ଦେବୀଙ୍କ ପୂଜା କାର୍ଯ୍ୟରେ ନିୟୋଜିତ ହେଲା । ପାଉଡ଼ି କିମ୍ବା ପାହାଡ଼ୀ ଦେବୀ କେନ୍ଦୁଝରର ଭୂୟାଁ ମାନଙ୍କ ପୂଜିତା 'ଠାକୁରାଣୀ ମାଇ'ଙ୍କ ସହିତ ସମ୍ବନ୍ଧିତ । ଏ ସଂପର୍କିତ ଅନ୍ୟ ଏକ କାହାଣୀ ହେଉଛି ଯେ, ସିଂହ ପରିବାର ହେଉଛନ୍ତି ମାରୱାଡ଼ରେ କଦମ୍ବ ବଂଶୀ ରାଜପୁତ କ୍ଷତ୍ରିୟ । ପୁରୀରେ ଜଗନ୍ନାଥଙ୍କୁ ଦର୍ଶନ କରାଯିବା କାଳରେ ଏଠା ଲୋକଙ୍କ ଦ୍ୱାରା ରାଜା ଭାବେ ସ୍ୱୀକୃତ ହୋଇଥିଲେ । ପୂର୍ବେ ସିଂଭୂମର ଭୂୟାଁ ମାନଙ୍କ ସହିତ ଲାରକା କୋହ୍ଲମାନଙ୍କର ସଂଘର୍ଷ ହେଉଥିଲା । ସିଂହ ବଂଶର ମୁଖ୍ୟମାନେ କୋହ୍ଲ ଓ ଭୂୟାଁ ମାନଙ୍କୁ ଦମନ କରି ଦୁଇଟି ଗୋଷ୍ଠୀ ଉପରେ ଆଧିପତ୍ୟ ବିସ୍ତାର କରିଥିଲେ ।

ପାହାଡ଼ ବେଷ୍ଟିତ ପୋଡ଼ାହାଟ ମରହଟ୍ଟା ମାନଙ୍କପ ଅଧୀନସ୍ଥ ହୋଇ ନଥିଲା । ୧୮୧୮ ଖ୍ରୀ.ଅ.ରେ ତତ୍‌କାଳୀନ ରାଜା ଘନଶ୍ୟାମ ସିଂହଦେଓ ଇଂରେଜ ସରକାରଙ୍କର ଅଧୀନସ୍ଥ ହୋଇଥିଲେ । ସିଂହ ବଂଶର ବଂଶଧରମାନେ ଷଢ଼େଇକଲା ଓ ଖରସୁଆଁ ଅଞ୍ଚଳରେ ଶାସନ କରୁଥିଲେ । ଏମାନଙ୍କ ମଧ୍ୟରେ 'ପାଉଡ଼ୀଦେବୀ'ଙ୍କ ଅଧିକାର ନେଇ ସମସ୍ୟା ଦେଖା ଦେବାରୁ ୧୮୨୩ ଖ୍ରୀ.ଅ.ରେ ପୋଡ଼ାହାଟର ରାଜା ଇଂରେଜ ସରକାରଙ୍କ ନିର୍ଦ୍ଦେଶରେ ସେ ଅଧିକାର ପାଇଥିଲେ । ପରବର୍ତ୍ତୀ ସମୟରେ ସେ ନିହତ ହୋଇଥିଲେ । ୧୮୫୭ ଖ୍ରୀ.ଅ.ରେ ଏଠାରେ ସର୍ବଶେଷ ରାଜା ଅର୍ଜୁନ ସିଂହ ବିଦ୍ରୋହ କରିବା ଫଳରେ ବନାରସ ଠାରେ ଆଜୀବନ କାରାଦଣ୍ଡ ଭୋଗ କରିଥିଲେ ଏବଂ ପୋଡ଼ାହାଟ ରାଜା ବ୍ରିଟିଶ ଅଧୀନସ୍ଥ ହୋଇଥିଲା । ପୋଡ଼ାହାଟ ୭୯୧ ବର୍ଗ ମାଇଲ କ୍ଷେତ୍ରଫଳ ବିଶିଷ୍ଟ ଅଞ୍ଚଳ । ଏଥିରେ ୩୮୦ଟି ଗ୍ରାମ ଅବସ୍ଥିତ ଥିଲା । ଏଠାରେ ଓଡ଼ିଆ ଓ ହିନ୍ଦୀଭାଷା ପ୍ରଚଳିତ ଥିଲା ।

ପୋଡ଼ାହାଟର ସିଂହ ବଂଶଧର ଖରସୁଆଁ ଗଡ଼ର ମୁଖ୍ୟ 'ଠାକୁର' ଭାବରେ କଥିତ ହୁଅନ୍ତି । ୧୭୯୩ ମସିହାରେ 'ଖରସୁଆଁ' ଇଂରେଜମାନଙ୍କ ନଜରକୁ ଆସିଥିଲା । ଖରସୁଆଁ ୧୪୯ ବର୍ଗ ମାଇଲ ପରିମିତ ଭୂମି ଓ ଏଥିରେ ୧୧୮ ଗୋଟି ଗ୍ରାମ ଥିଲା । ଖରସୁଆଁରେ ଅସନତଳିଆ, ବାଲିଝର ଓ ଖରସୁଆଁ ଏପରି ୩ ଗୋଟି ପିଢ଼ ଥିଲା । ଇଂରେଜ ଅମଳରେ ଏଠା ଜମିଦାର ନିଜ ରାଜ୍ୟରେ ଅବୈତନିକ ମାଜିଷ୍ଟ୍ରେଟ୍ କ୍ଷମତା ଉପଭୋଗ କରୁଥିଲେ ।

ଷଢ଼େଇକଳା ୧୭୯୩ ମସିହାରେ ବ୍ରିଟିଶ ଦୃଷ୍ଟିକୁ ଆସେ । ଦଶବର୍ଷ ପରେ ୱେଲସଲି କୁଅଁର ଅଭିରାମ ସିଂହଙ୍କୁ ମରହଟ୍ଟା ରଘୁଜୀ ଭୋସଁଲାଙ୍କ ସହିତ ଯୁଦ୍ଧରେ ସାହାଯ୍ୟ ପାଇଁ ଆମନ୍ତ୍ରଣ କରିଥିଲେ । ୧୮୫୬ ଖ୍ରୀ.ଅ.ରେ ଷଢ଼େଇକଳା 'କୁଅଁର' 'ରାଜା ବାହାଦୂର' ପର୍ଯ୍ୟାୟକୁ ଉନ୍ନୀତ ହୋଇ ବ୍ରିଟିଶ ମାନଙ୍କଠାରୁ 'ଖିଲାତ୍' ପାଇଥିଲେ । ଏଥି ସହ ପୋଡ଼ା ହାଟର ଅଂଶ 'କରଇକଳା' ଅଞ୍ଚଳ ଲାଖରାଜ ରୂପେ ପାଇଥିଲେ ।

ଷଢ଼େଇକଳା ୪୫୭ ବର୍ଗ ମାଇଲ ପରିମିତ ଅଞ୍ଚଳ ଓ ଏଥିରେ ୫୬୮ ଗୋଟି ଗ୍ରାମ ପଞ୍ଚାୟତ ଥିଲା । ୧୮୬୮ ଖ୍ରୀ.� 'ର ସର୍ବେକ୍ଷଣ ଅନୁସାରେ ଏହା ଅଧିନରେ ବାଙ୍କିସାହି, ଦମଗା, ଦଗ୍ନି, ଗମ୍ହାରିଆ, ଉଛା, କଚଙ୍ଗ, କରାଇକଳା ଓ ଷଢ଼େଇକଳା ଏପରି ଆଠ ଗୋଟି ପିଢ଼ ଥିଲା ।

ଧଳଭୂମ ପ୍ରଥମେ ମେଦିନୀପୁର ଜିଲ୍ଲାର ଏକ ଅଂଶ ରୂପେ ଅନ୍ତର୍ଭୁକ୍ତ ଥିଲା । ୧୮୩୩ ମସିହାରେ ଧଳଭୂମ ମାନଭୂମ ଜିଲ୍ଲା ସହ ମିଶିଲା । ପରେ ୧୮୪୬ ମସିହାରେ ସିଂଭୂମ ସହ ଏହାର ମିଶ୍ରଣ ଘଟିଲା । ଏଠା ଜମିଦାର ପରିବାର ନିଜକୁ ରାଜପୁତ୍ ଶ୍ରେଣୀର ଦାବୀ କରନ୍ତି । କିନ୍ତୁ ସେମାନଙ୍କର 'ଧଳ' ପଦବୀ ଥିବାରୁ ତାଙ୍କର ପୂର୍ବ ପୁରୁଷ ଧୋବା ଥିବାର କେହି କେହି ଅନୁମାନ କରନ୍ତି । ଏ ବଂଶର ପ୍ରଥମ ବ୍ୟକ୍ତି କାଳୀ ଦେବୀଙ୍କୁ ମଇଳା କପଡ଼ା ଗାଦି ଘାଟରେ ଲୁଚାଇ ଦେଇଥିଲେ । କାଳୀ ଦେବୀ ଜଣେ ଅସୁର ଦ୍ୱାରା ପଞ୍ଚେଟ୍ ରାଜ୍ୟରୁ ଅପହୃତା ହୋଇ 'ରାଙ୍କିଣୀ' ରୂପରେ ଉଡ଼ି ଯାଉଥିବା ବେଳେ ଧଳଭୂମ ରାଜାଙ୍କ ବଂଶଧର ତାଙ୍କୁ ସେଠାରେ ଲୁଚାଇ ଦେଇଥିବାର କିମ୍ବଦନ୍ତୀଟିଏ ପ୍ରଚଳିତ ।

ଧଳଭୂମ ୧୨୦୧ ବର୍ଗମାଇଲ କ୍ଷେତ୍ରଫଳ ବିଶିଷ୍ଟ ଓ ଏଥିରେ ସେତେବେଳେ ୧୨୫୯ଟି ଗ୍ରାମ ରହିଥିଲା । ଏଠାରେ 'ପରଗଣା' ପ୍ରଥାର ପ୍ରଚଳନ ଥିଲା । ଷ୍ଟାଟିଷ୍ଟିକାଲ ଏକାଉଣ୍ଟ ଅଫ୍ ସିଂଭୂମରେ ଏଠାର ଭାଷା ବଙ୍ଗଳା ଥିବାର ଉଲ୍ଲେଖ ଅଛି । ବର୍ତ୍ତମାନର ସର୍ବେକ୍ଷଣ ଅନୁସାରେ ଧଳଭୂମର ଅନେକ ସ୍ଥାନରେ ଓଡ଼ିଆ ଭାଷା ପ୍ରଚଳିତ ଥିବାର ଦେଖାଯାଏ ।

ମୟୂରଭଞ୍ଜ: ପାରମ୍ପରିକ ଇତିହାସରୁ ଜଣାଯାଏ ଯେ, ପ୍ରାୟ ୧୪୦୦ ବର୍ଷ ପୂର୍ବେ ରାଜପୁତନାର ଜୟପୁର ରାଜାଙ୍କର ଜଣେ ସଂପର୍କୀୟ ଜୟ ସିଂହ ମୟୂରଭଞ୍ଜ ରାଜ୍ୟ ସ୍ଥାପନ କରିଥିଲେ । ଜୟ ସିଂହ ପୁରୀ ଧାମରେ ଶ୍ରୀଜଗନ୍ନାଥ ଦର୍ଶନ ନିମନ୍ତେ ଆସିଥିବା ସମୟରେ ତତ୍କାଳୀନ ଓଡ଼ିଶାର ଗଜପତିଙ୍କ କନ୍ୟାଙ୍କର ପାଣି ଗ୍ରହଣ ପୂର୍ବକ ଉତ୍ତରାଂଶରେ କିଛି ଗ୍ରାମ (ହରିହରପୁର ଗ୍ରାମ) ଯୌତୁକ ଲାଭ କରିଥିଲେ । ମୟୂରଭଞ୍ଜ ରାଜପରିବାରର ଇତିହାସରୁ ଜଣାଯାଏ ଯେ ଜୟସିଂହ ତାଙ୍କର ଦୁଇପୁତ୍ର ଆଦି ସିଂହ ଓ ଜତି ସିଂହଙ୍କ ସହ ପୁରୀ ବଡ଼ ଠାକୁରଙ୍କ ଦର୍ଶନରେ ଆସିଥିଲେ । ଆଦି ସିଂହ ପୁରୀର ଗଜପତିଙ୍କର କନ୍ୟାଙ୍କୁ ବିବାହ କରିଥିଲେ । ପୁରୀରୁ ଫେରନ୍ତା ପଥରେ ଜୟ ସିଂହ ଉତ୍ତରାଞ୍ଚଳର ଶାସକ ମୟୂରଧ୍ୱଜ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି 'ବାମନଘାଟୀ' ରାଜ୍ୟ ଅଧିକାର କରିଥିଲେ । ମୟୂରଧ୍ୱଜ ରାଜାଙ୍କୁ ପରାସ୍ତ କରି ତାଙ୍କର ଗର୍ବ ଭଞ୍ଜନ କରିଥିବାରୁ ସେ 'ଭଞ୍ଜ' ଉପାଧିରେ ଭୂଷିତ ହୋଇଥିଲେ । ପୂର୍ବତନ ରାଜା ମୟୂରଧ୍ୱଜଙ୍କ ନାମର ଆଦ୍ୟ ଅଂଶ 'ମୟୂର' ଓ ଆଦିସିଂହଙ୍କର

'ଭଞ୍ଜ' ଉପାଧି ଯୋଗରେ ରାଜ୍ୟର ନାମ ମୟୂରଭଞ୍ଜ ହୋଇଥିଲା ଓ ରାଜ୍ୟ ଶାସନରେ ବଂଶର ପ୍ରତୀକ ସ୍ୱରୂପ ମୟୂର ଚିହ୍ନ ବ୍ୟବହୃତ ହୋଇଥିଲା ।

କେତେକ ପାରମ୍ପରିକ ଇତିହାସରୁ ଜଣାଯାଏ ଯେ ଷୋଡ଼ଶ ଶତାବ୍ଦୀର ପ୍ରଥମ ଭାଗରୁ ଊନବିଂଶ ଶତକର ଆଦ୍ୟ ଭାଗ (ଖ୍ରୀ. ୧୫୩୮-୧୮୩୧) ପର୍ଯ୍ୟନ୍ତ ମୟୂରଭଞ୍ଜ ରାଜ୍ୟ ଉତ୍ତରରଗଡ଼ର ଖେଲୋର ପରଗଣା, ପୂର୍ବରେ ବାଲେଶ୍ୱର ଜିଲ୍ଲା, ଦକ୍ଷିଣ-ପୂର୍ବ ନୀଳଗିରି ରାଜ୍ୟ, ଦକ୍ଷିଣରେ ବୈତରଣୀ ନଦୀ ଏବଂ ପଶ୍ଚିମରେ ପୋଡ଼ାହାଟ ଓ ଧଳଭୂମ ରାଜ୍ୟ ପର୍ଯ୍ୟନ୍ତ ବିସ୍ତୃତ ରହିଥିଲା । ଊନବିଂଶ ଶତକରେ ମହାରାଜା ଯଦୁନାଥ ଭଞ୍ଜଙ୍କ ସମୟରେ ରାଜ୍ୟର କେତେକ ସରବରାକାରଙ୍କୁ ପଦଚ୍ୟୁତ କରାଯାଇଥିଲା । ବାମନଘାଟୀର ସରବରାକାର ମାଧବ ଦାସ ନରେନ୍ଦ୍ର ମହାପାତ୍ର ଏହି ସମୟରେ ବିଦ୍ରୋହ କରିଥିଲେ । ଖ୍ରୀ. ୧୮୩୨ ରୁ ଖ୍ରୀ. ୧୮୩୫ ପର୍ଯ୍ୟନ୍ତ ଏହି ଗୋଳମାଳ ଚାଲିଥିଲା । ମହାରାଜା ବାମନଘାଟୀର ଚାରିଗୋଟି କୋହ୍ଲପୀଢ଼ ପୂର୍ବୋକ୍ତ ସରବରାକାରଙ୍କ ଅଧୀନରୁ କାଢ଼ିନେଲେ । ମାଧବ ଦାସ ନରେନ୍ଦ୍ର ମହାପାତ୍ରଙ୍କ ସହିତ ମହାରାଜାଙ୍କର ଭୀଷଣ ଯୁଦ୍ଧ ହେଲା । ଏହି ଯୁଦ୍ଧ ଟେଷ୍ଟ ପୋଷି ନାମକ ସ୍ଥାନରେ ଘଟିଥିବାରୁ ଏହା 'ଟେଷ୍ଟ ପୋଷି' ଯୁଦ୍ଧ ନାମରେ ନାମିତ ହୋଇଥାଏ । ଏହି ଯୁଦ୍ଧରେ ବାମନଘାଟୀର ସରବରାକାର ପରାସ୍ତ ହୋଇ ଇଂରେଜ ସରକାରଙ୍କର ଶରଣ ପଶି ମହାରାଜାଙ୍କ ବିରୁଦ୍ଧରେ ଯାଇଥିଲେ । ଇଂରେଜ ସରକାର ଓ ମୟୂରଭଞ୍ଜ ଶାସକଙ୍କ ମଧ୍ୟରେ ଚୁକ୍ତି ସଂପାଦିତ ହୋଇ ପୂର୍ବୋକ୍ତ ଚାରିଗୋଟି କୋହ୍ଲ ପିଢ଼ ଇଂରେଜମାନଙ୍କ ପ୍ରତ୍ୟକ୍ଷ ଶାସନରେ ରହିଲା । ଏଥି ସକାଶେ ଜଣେ ଇଂରେଜ ପ୍ରଶାସକ ଚାଇଁବସାଠାରେ ଅବସ୍ଥାପିତ ହୋଇଥିଲେ । ବାମନଘାଟୀ ଜମିଦାରୀର ଅନ୍ୟ ଅଂଶ ମୟୂରଭଞ୍ଜ ରାଜ୍ୟରେ ରହିଲା ଓ ମାଧବ ଦାସ ନରେନ୍ଦ୍ର ମହାପାତ୍ରଙ୍କୁ ମୟୂରଭଞ୍ଜ ରାଜ୍ୟରୁ ଭରଣପୋଷଣ ଦେବାର ବନ୍ଦୋବସ୍ତ ହେଲା । ୧୮୫୭ ମସିହାର ସିପାହୀ ବିଦ୍ରୋହରେ ଭାଗ ନେଇ ପୋଡ଼ାହାଟର ରାଜା ଅର୍ଜୁନ ସିଂହଙ୍କୁ ଆତ୍ମସମର୍ପଣ କରିବାରେ ମୟୂରଭଞ୍ଜ ଓ କେନ୍ଦୁଝର ରାଜା ଇଂରେଜମାନଙ୍କୁ ସାହାଯ୍ୟ କରିଥିଲେ । ଏଥି ସକାଶେ ଇଂରେଜ ସରକାର ଯଦୁନାଥ ଭଞ୍ଜଙ୍କୁ 'ରାଜ ବାହାଦୁର' ଉପାଧିରେ ଭୂଷିତ କରିଥିଲେ ।

ଯଦୁନାଥଙ୍କ ପରେ ଶ୍ରୀନାଥ ଭଞ୍ଜଦେବଙ୍କ ସମୟରେ ବାମନଘାଟୀ ଓ ଉପରଭାଗ ପରଗଣା ଦ୍ୱୟରେ ଭୟାବହ ଦୁର୍ଭିକ୍ଷ ପଡ଼ିଥିଲା । ବାମନଘାଟୀର ଆଦିବାସୀ ପ୍ରଜାମାନେ ଅନ୍ନ କଷ୍ଟରେ ଅତିଷ୍ଠ ହୋଇ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ରାଜା ଏହି ବିଦ୍ରୋହ ଦମନ କରିଥିଲେ । ଏହି ବିଦ୍ରୋହର କାରଣ ସ୍ୱରୂପ କୁହାଯାଏ ଯେ ସବର୍ଣ୍ଣ ହିନ୍ଦୁ ଓ ଆଦିବାସୀ ମାନଙ୍କ ମଧ୍ୟରେ ସଂଘର୍ଷ ଫଳରେ ଏହି ବିଦ୍ରୋହ ସଂଘଟିତ ହୋଇଥିଲା । ସବର୍ଣ୍ଣ ହିନ୍ଦୁମାନେ ଚକ୍ରାନ୍ତ କରି ଭୂବନ୍ଦୋବସ୍ତ କାଳରେ ସରଳପ୍ରାଣ ଆଦିବାସୀ ମାନଙ୍କର ଜମିଜମା ଦଖଲ କରି ନେଇଥିବା କାରଣରୁ ଆଦିବାସୀମାନେ ସେମାନଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ । ଦୁର୍ଭିକ୍ଷ ସମୟରେ ଖାଦ୍ୟାଭାବ ହେତୁ ଆଦିବାସୀମାନେ ଧନୀ ସବର୍ଣ୍ଣ ଲୋକଙ୍କ ଠାରୁ ଖାଦ୍ୟ ଶସ୍ୟ ଛଡ଼ାଇ ଆଣିବାର ଉଦ୍ୟମ କରିବା ଫଳରେ ସଂଘର୍ଷ ଆରମ୍ଭ ହେଲା । ଏହା ଫଳରେ ଆଇନ ଶୃଙ୍ଖଳା ବ୍ୟାହତ ହେଲା ଓ ବିଦ୍ରୋହ ଦେଖାଦେଲା । ଆଦିବାସୀମାନେ ବାହାରର ହିନ୍ଦୁଜାତିର ଲୋକମାନଙ୍କୁ ଘୃଣା ଚକ୍ଷୁରେ ଦେଖିଲେ ଓ ସେମାନଙ୍କୁ

(ହାଟୁଆ) 'ଦିକୁ' ଭାବରେ ଅଭିହିତ କଲେ ଓ ସେମାନଙ୍କ ଜମିଜମା ଅଧିକାର କରିବାର ଚେଷ୍ଟା କରିଥିଲେ । ଏହି ବିଦ୍ରୋହ ଇଂରେଜ ସରକାରଙ୍କ ଦୃଷ୍ଟିକୁ ଆସିଲା । ମୟୂରଭଞ୍ଜର ରାଜା ଏଥିରେ ଦୋଷୀ ସାବ୍ୟସ୍ତ ହେଲେ । ଫଳରେ ବାମନଘାଟୀ ଜମିଦାରୀ ମୟୂରଭଞ୍ଜରୁ ବିଛିନ୍ନ ହୋଇ ରହିଲା । ମହାରାଜା କୃଷ୍ଣଚନ୍ଦ୍ରଙ୍କ ସମୟରେ ୧୮୭୮ ଖ୍ରୀ. ବେଳକୁ ବାମନଘାଟୀ ଜମିଦାରୀ ପୁନର୍ବାର ମୟୂରଭଞ୍ଜର ଅନ୍ତର୍ଭୁକ୍ତ ହୋଇଥିଲା । କୃଷ୍ଣଚନ୍ଦ୍ରଙ୍କ ସମୟରେ ରାଜ୍ୟରେ ଆଧୁନିକ ଶିକ୍ଷା, ସାହିତ୍ୟ, ସଂସ୍କୃତି, ସ୍ୱାସ୍ଥ୍ୟ ପ୍ରଭୃତି ସମସ୍ତ ଦିଗରେ ଅଭୁତପୂର୍ବ ପ୍ରଗତି ସାଧିତ ହୋଇଥିଲା । ପରବର୍ତ୍ତୀ କାଳରେ ଭାରତ ସ୍ୱାଧୀନ ହେଲା ଓ ରାଜ୍ୟଟି ଓଡ଼ିଶା ପ୍ରଦେଶ ସହିତ ମିଶି ଏକ ଜିଲ୍ଲା ରୂପେ ପରିଣତ ହେଲା ।

ପୁରୁଲିଆ / ମାନଭୂମ: ପଶ୍ଚିମ ବଙ୍ଗଳାର ପଶ୍ଚିମ ସୀମାନ୍ତରେ ଅବସ୍ଥିତ ପୁରୁଲିଆ ଜିଲ୍ଲା ୧୯୫୬ ମସିହାରେ ପୁନର୍ଗଠିତ ହେଲା । ଆଗରୁ ମାନଭୂମ ଏକ ଜିଲ୍ଲା ରୂପେ ଥିଲା ଓ ପୁରୁଲିଆ ମାନଭୂମ ଜିଲ୍ଲାର ମୁଖ୍ୟ ଦପ୍ତର ରୂପେ ରହିଥିଲା । ବ୍ରିଟିଶ ରାଜତ୍ୱ ଆରମ୍ଭରୁ ମାନଭୂମ ବଙ୍ଗପ୍ରଦେଶର ଅନ୍ତର୍ଭୁକ୍ତ ହୋଇଥିଲା ।

୧୯୦୫ ଖ୍ରୀ.ଅ.ରେ ଲର୍ଡ଼ କର୍ଜନଙ୍କ ସମୟରେ ବଙ୍ଗଭଙ୍ଗ ହେବା ଫଳରେ ମାନଭୂମ ବଙ୍ଗ ଓ ବିହାର ପ୍ରଦେଶରେ ରହିଲା । ବଙ୍ଗ ଭଙ୍ଗ ଆନ୍ଦୋଳନ ହେତୁ ୧୯୧୨ ଖ୍ରୀ.ରେ ବଙ୍ଗ ଭଙ୍ଗ ଆଇନ ପ୍ରତ୍ୟାହୃତ ହେଲା । ମାନଭୂମ ପୂର୍ବ ପରି ବିହାର - ଓଡ଼ିଶା ପ୍ରଦେଶରେ ରହିଲା । ୧୯୩୬-୩୭ ମସିହାରେ ବିହାର ଓ ଓଡ଼ିଶା ପ୍ରଦେଶ ସତନ୍ତ୍ର ହେଲା ଓ ମାନଭୂମ ବିହାର ସହିତ ରହିଲା ।

୧୯୪୭ ମସିହାରେ ସ୍ୱାଧୀନତା ପ୍ରାପ୍ତି ପରେ ପଶ୍ଚିମ ବଙ୍ଗଳା ସୃଷ୍ଟି ହେଲା । ଭାଷା ଭିତ୍ତିରେ ପ୍ରଦେଶ ଗୁଡ଼ିକ ପୁନର୍ଗଠନ ହେବା ନିମନ୍ତେ ସୀମା କମିଶନ ଗଠିତ ହେଲା । ବଙ୍ଗ ପ୍ରଦେଶର ଲୋକମାନଙ୍କ ଦାବୀ ଫଳରେ ମାନଭୂମର ବଙ୍ଗଳା ଭାଷାଭାଷୀ ଅଞ୍ଚଳ ପୁରୁଲିଆ ମହକୁମା ପଶ୍ଚିମ ବଙ୍ଗଳା ସହିତ ମିଶିବା ସ୍ଥିର ହେଲା । ୧୯୫୬ ମସିହାରେ ଭାରତର ପାର୍ଲାମେଣ୍ଟରେ ଆଇନ ପାଶ୍ ହେବା ପରେ ପୂର୍ବତନ ମାନଭୂମ ଜିଲ୍ଲାର ପୁରୁଲିଆ ମହକୁମା ପଶ୍ଚିମ ବଙ୍ଗଳା ସହିତ ମିଶିବାର ସ୍ଥିର ହୋଇ ଏକ ନୂତନ ଜିଲ୍ଲା ରୂପେ ଗଠିତ ହେଲା ଓ ତାର ନାମ ରଖାଗଲା ପୁରୁଲିଆ ଜିଲ୍ଲା । ପୂର୍ବତନ ମାନଭୂମ ଜିଲ୍ଲାର ନାମ ଲୋପ କରି ମାନଭୂମର ଅନ୍ୟ ଅଂଶ ବିହାର ସହିତ ମିଶିବାର ସ୍ଥିର ହୋଇ ଏକ ନୂତନ ଜିଲ୍ଲା ରୂପେ ଗଠିତ ହେଲା ଓ ତାର ନାମ ରଖାଗଲା ଧାନବାଦ ଜିଲ୍ଲା । ଏଥି ସକାଶେ, ବର୍ତ୍ତମାନ ଗବେଷଣା କାର୍ଯ୍ୟ ସୁବିଧା ନିମନ୍ତେ ସନ୍ଦର୍ଭରେ ଏହାକୁ ପୁରୁଲିଆ-ମାନଭୂମ ରୂପେ ଉଲ୍ଲେଖ କରିଅଛି ।

ପୁରୁଲିଆ ଜିଲ୍ଲା ୨୪,୦୭୦ ବର୍ଗ ମାଇଲ କିମ୍ବା ୬୨,୩୪୧ ବର୍ଗ କିଲୋମିଟର ପରିମିତ ଅଞ୍ଚଳ ଓ ୧୯୬୧ ମସିହାର ଜନଗଣନା ଅନୁସାରେ ଏହାର ମୋଟ ଲୋକସଂଖ୍ୟା ୧,୩୬୦,୦୧୬ ଜଣ । ଏ ଜିଲ୍ଲାର ପାଞ୍ଚଗୋଟି ଟାଉନ ଏବଂ ୨,୪୨୦ ଗ୍ରାମ । ଏ ଜିଲ୍ଲାର ବହୁ ଅଂଶ ପାର୍ବତ୍ୟ ଓ ଅରଣ୍ୟ ପରିବେଷ୍ଟିତ । ଏ ଜିଲ୍ଲାରେ ହାରାହାରି ୩୫' ବର୍ଷା ହୁଏ । ବର୍ଷର ବିଭିନ୍ନ ଋତୁରେ ପରିବର୍ତ୍ତିତ ତାପମାତ୍ରାରେ ସର୍ବୋଚ୍ଚ ଉତ୍ତାପ ୧୫°ରୁ ସର୍ବନିମ୍ନ ୮° ସେଣ୍ଟିଗ୍ରେଡ଼ । ଜିଲ୍ଲାର ମୁଖ୍ୟ ଉତ୍ପାଦିତ ଫସଲ ଧାନ । ଅନେକ ସମୟରେ ଉପଯୁକ୍ତ ବର୍ଷା ଅଭାବରୁ ମରୁଡ଼ି ଦେଖାଦିଏ ।

ଶିକ୍ଷା ଦିଗରୁ ଏ ଜିଲ୍ଲା ପଶ୍ଚିମ ବଙ୍ଗର ଅନ୍ୟ ସବୁ ଜିଲ୍ଲା ମଧ୍ୟରେ ଅନଗ୍ରସର । ଏଠାର ଲୋକେ ସାଧାରଣତଃ ଗରିବ ଓ ସେମାନଙ୍କର ଜୀବନ ଧାରଣର ମାନ ନିମ୍ନ ଧରଣର । ଅଧିବାସୀମାନେ କଷ୍ଟସହିଷ୍ଣୁ, ସାହସୀ ଓ ପରିଶ୍ରମ ପ୍ରିୟ । ଖଣିଜ ସଂପଦରେ ପୂର୍ଣ୍ଣ ଏ ଜିଲ୍ଲା ଏବେ ବି ଆଧୁନିକ ସୁବିଧା ସୁଯୋଗ ରହିତ ।

**ଜନଜାତି:** ଅଧ୍ୟୟନ ସଂପୃକ୍ତ ଅଞ୍ଚଳରେ ବାସ କରୁଥିବା କେତେକ ମୁଖ୍ୟ ଜନଜାତି ଅଧିବାସୀମାନଙ୍କ ସଂପର୍କରେ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି ।

**ହୋ:** ସିଂଭୂମର 'ହୋ' ମାନେ ଲାର୍କା କୋହ୍ଲ ଭାବେ ପରିଚିତ । ସେମାନେ ଦକ୍ଷିଣ-ସିଂଭୂମର କୋହାନ୍ ଅଞ୍ଚଳରେ ବାସ କରନ୍ତି । ଏମାନଙ୍କର ଗାଁ ଗୁଡ଼ିକୁ 'ହାତୁ' କହନ୍ତି । ଗ୍ରାମର ମୁଖ୍ୟ 'ମୁଣ୍ଡା' ଗ୍ରାମ ଶାସନ କରନ୍ତି । ଏମାନଙ୍କର ପୁରୋହିତଙ୍କୁ 'ଦେହୁରୀ' କହନ୍ତି । ଗ୍ରାମର ସାଧାରଣ ପୂଜା ସ୍ଥଳ 'ବାହେରାଥାନ'। ଏମାନେ ପିତୃ ଶାସିତ ପରିବାରର ଓ ପିତାଙ୍କର ବଂଶଗତ ଉପାଧି ଗ୍ରହଣ କରନ୍ତି । ସ୍ତ୍ରୀପୁରୁଷ ସହିତ ଏକତ୍ର ରହିଲେ ଭୂ-ସଂପତ୍ତିର ଅଧିକାରିଣୀ ହୋଇପାରନ୍ତି । ବିଧବା ପିତୃ ସମ୍ପତ୍ତି ଓ ସ୍ୱାମୀ ସମ୍ପତ୍ତି ପାଇବା ହକ୍‌ଦାର । ଅବିବାହିତା ଝିଅ ମାନେ ପିତୃ ସମ୍ପତ୍ତିର ଅଧିକାରିଣୀ ହୋଇଥାଆନ୍ତି । ନାରୀମାନେ ମୁକ୍ତ ଜୀବନଯାପନ କରନ୍ତି । ନାଚ ଗୀତରେ ନାରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଏମାନେ ମୟୂରଭଞ୍ଜର ଦକ୍ଷିଣ ଓ ପଶ୍ଚିମ ଅଂଶରେ ବହୁଳ ଭାବରେ ବାସ କରୁଥିବା ଦେଖାଯାଏ । ଲାରକା କୋହ୍ଲମାନଙ୍କ ଠାରୁ ରାଜ କୋହ୍ଲମାନେ ଅଧିକ ଉନ୍ନତ ଭାବରେ ପରିଗଣିତ ହୁଅନ୍ତି । କୋହ୍ଲ ଗୋଷ୍ଠୀ ବହୁ ଉପଗୋଷ୍ଠୀରେ ବିଭକ୍ତ । ଏମାନେ କାଳୀ, ଖିଜଙ୍ଗେଶ୍ୱରୀ ପ୍ରଭୃତି ଦେବୀଙ୍କୁ ପୂଜା କରିବା ସଙ୍ଗେ ସଙ୍ଗେ ମାରାଂବୁରୁ, ବୋଙ୍ଗା, ହମକ୍‌ସ, ଦ୍ୱାରଶୁଣି ପ୍ରଭୃତିଙ୍କୁ ପୂଜା କରନ୍ତି । କୋହ୍ଲମାନଙ୍କ ସମାଜରେ ପୂର୍ବପୁରୁଷର ଆତ୍ମା ପୂଜା ପ୍ରଚଳିତ । ଏମାନେ ବାଲ୍ୟ ବିବାହ ଯୋଗ୍ୟା କନ୍ୟା ବିବାହ କରନ୍ତି । ବିଧବା ବିବାହ ଓ ଛାଡ଼ପତ୍ର ପ୍ରଥା ଏମାନଙ୍କ ସମାଜରେ ପ୍ରଚଳିତ । ଏମାନେ ମୃତ ବ୍ୟକ୍ତିର ଶବକୁ ପୋତି ଦିଅନ୍ତି ।

ବ୍ରିଟିଶ ମାନଙ୍କ ଅଧିନସ୍ଥ ହେବା ପୂର୍ବରୁ ସିଂଭୂମରେ ହୋ'ମାନେ ଏକ ସାମଗ୍ରିକ ଗୋଷ୍ଠୀ ରୂପେ ପରିଚିତ ଥିଲେ । ଅରଣ୍ୟ ଅଧୁଷିତ ଭୂଖଣ୍ଡରେ ସେମାନଙ୍କ ବିକଶିତ ସଂସ୍କୃତି ଇଂରେଜମାନଙ୍କ ଦ୍ୱାରା ପରାଧୀନ ହେଲା ପରେ ବାହର ପ୍ରଭାବରେ ବିଶୃଙ୍ଖଳ ହୋଇ ଉଠିଲା । ବାହାର ଲୋକେ ସେଠାକାର ଅଧିବାସୀ ମାନଙ୍କୁ ଓ ସେ ଅଞ୍ଚଳର ସମ୍ପଦକୁ ଲୁଟ କରିବାକୁ ଲାଗିଲେ । ତେଣୁ ସେମାନଙ୍କ ଦୃଷ୍ଟିରେ ବାହାର ଲୋକେ ଅତ୍ୟନ୍ତ ଘୃଣିତ 'ଦିକୁ' ଭାବରେ ପରିଣତ ହେଲେ ।

ହୋ ମାନଙ୍କ ପରି ଅନ୍ୟ ଟ୍ରାଇବ୍‌ସମାନେ ମଧ ବାହାର ଲୋକଙ୍କ ସଂସ୍ପର୍ଶରେ ଆସି ପ୍ରଭାବିତ ହେଲେ ।

**ସାନ୍ତାଳ:** ସିଂଭୂମର ଧଳଭୂମ, ମୟୂରଭଞ୍ଜ ମେଦିନୀପୁର ଓ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ମାନଙ୍କରେ ସାନ୍ତାଳ ଗୋଷ୍ଠୀର ଲୋକେ ବାସ କରନ୍ତି । ଏମାନେ ବାର ଭାଗରେ ବିଭକ୍ତ ।

ସାନ୍ତାଳ ମାନେ ବୟସ୍କା କନ୍ୟା ବିବାହ କରନ୍ତି । ଏମାନଙ୍କ ସମାଜରେ ବାଲ୍ୟ ବିବାହ ପ୍ରଥାର ପ୍ରଚଳନ ନାହିଁ । ବିବାହରେ କନ୍ୟାପଣ ପ୍ରଚଳିତ ।

ସାନ୍ତାଳମାନେ ମୃତବ୍ୟକ୍ତିକୁ ପୋତି ଦିଅନ୍ତି କିମ୍ବା ପୋଡ଼ି ଦିଅନ୍ତି । ଏମାନେ ସାଧାରଣତଃ କୃଷିଜୀବୀ । ସେମାନଙ୍କ ନାଚରେ ସ୍ତ୍ରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ମକର ପର୍ବରେ ସାନ୍ତାଳ ମାନଙ୍କର ଡାଣ୍ଟା ନାଚ ଏକ ଜାତୀୟ ପର୍ବ । ମକର ସମୟ ବ୍ୟତୀତ ବର୍ଷର ବିଭିନ୍ନ ସମୟ ଓ ପରବ ଯଥା- ରଥଯାତ୍ରା, କାଳୀପୂଜା, କୁମାର ପୂର୍ଣ୍ଣିମା ଓ ଦୋଳ ସମୟରେ ଡାଣ୍ଟା ନାଚ ପ୍ରଦର୍ଶିତ ହୁଏ ।

**ଭୂମିଜ:** ଭୂମିଜ ଗୋଷ୍ଠୀ ସିଂଭୂମର ଧଳଭୂମ, ଷଢ଼େଇକଳା, ଖରସୁଆଁ, ମୟୂରଭଞ୍ଜ ଓ ପୁରୁଲିଆ/ମାନଭୂମ ଅଞ୍ଚଳରେ ବାସ କରନ୍ତି । କଲୋନେଲ୍ ଡାଲଟନ୍ ଓରିସ୍‌ଲିଙ୍କ ମତରେ ସେମାନେ ରାଷ୍ଟ୍ର ମାଳଭୂମିର ମୂଳବାସିନ୍ଦା ମୁଣ୍ଡା ମାନଙ୍କର ବଂଶଧର । ସିଂଭୂମରେ ପାଞ୍ଚ ପ୍ରକାର ଭୂମିଜ ରହିଥିବାର ଦେଖାଯାଏ । ଯଥା:- ଦେଶୀ, ବରାଭୂମିଆ, ଶିଖରିଆ, ତାମଡ଼ିଆ ଓ ଖେଲ ।

ମୟୂରଭଞ୍ଜରେ ଏମାନେ ତମାଡ଼ିଆ, ବରାଭୂମିଆ, ମାଝିଆ, ଦେଶୀତେଲୀ, ହଳଦୀ ପୋଖରିଆ ଓ ସାହାରା ଏପରି ବିଭିନ୍ନ ଶ୍ରେଣୀରେ ବିଭକ୍ତ । ଏମାନେ ଏସବୁ ସ୍ଥାନରୁ ଆସିଥିବା ଅନୁମେୟ ।

ଏମାନେ ଋଷ କାର୍ଯ୍ୟ କରି ଜୀବିକା ଅର୍ଜନ କରନ୍ତି । ଏମାନେ ମୟୂରଭଞ୍ଜ ଓ ସିଂଭୂମରେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରନ୍ତି । ପୁରୁଲିଆ/ମାନଭୂମ ଅଞ୍ଚଳରେ ବଙ୍ଗଳା କହନ୍ତି । ଏମାନେ ବ୍ରାହ୍ମଣ ଓ ହିନ୍ଦୁ ଜାତିର ଲୋକଙ୍କ ଠାରୁ ଖାଦ୍ୟ ଗ୍ରହଣ କରିଥାନ୍ତି କିନ୍ତୁ କୁଡୁମୀ ମାନଙ୍କ ଠାରୁ ପାଣି ସୁଦ୍ଧା ଗ୍ରହଣ କରନ୍ତି ନାହିଁ ।

ଡାଲଟନ୍ ତାଙ୍କର 'ଏଥ୍ନୋଲୋଜି ଅଫ୍ ବେଙ୍ଗଲ' ଗ୍ରନ୍ଥରେ ଭୂମିଜ, ହୋ ଏବଂ ମୁଣ୍ଡାମାନେ କୋହ୍ଲ ଜାତିର ତିନିଗୋଟି ଶାଖା ବୋଲି ଲେଖିଛନ୍ତି । ତାଙ୍କ ମତରେ ଭୂମିଜମାନେ ଧଳଭୂମ, ବରଭୂମ, ପାତ କୁମ ଓ ବାଗମୁଣ୍ଡି ଅଞ୍ଚଳର ଆଦିମ ଅଧିବାସୀ । ସେମାନେ ସୁବର୍ଣ୍ଣରେଖା ଓ କାଂଶାଇ ନଦୀ ମଧ୍ୟବର୍ତ୍ତୀ ଭୂଖଣ୍ଡର ଆଦିମ ଅଧିବାସୀ ଭାବରେ ବାସ କରୁଥିଲେ । ପରବର୍ତ୍ତୀ ସମୟରେ ସେମାନେ ଆର୍ଯ୍ୟ ମୁଖ୍ୟତଃ କୁଡୁମୀ ମାନଙ୍କ ଦ୍ୱାରା ବିତାଡ଼ିତ ହୋଇ ଥିବାର ଜଣାଯାଏ । ଏମାନଙ୍କ ସମାଜରେ ବରକନ୍ୟା ଉପଯୁକ୍ତ ବୟସରେ ବିବାହ କରନ୍ତି । ବାଲ୍ୟ ବିବାହ ପ୍ରଥାର ପ୍ରଚଳନ ନାହିଁ । ଶବକୁ ପୋଡ଼ି ଭସ୍ମାବଶେଷକୁ ପଥର ଋପି ପୋତି ଦିଅନ୍ତି । ବର୍ତ୍ତମାନ କାଳରେ ବି ଏପରି ରୀତି ପ୍ରଚଳିତ ଅଛି ।

ପୁରୁଲିଆ ଅଞ୍ଚଳରେ ସେମାନେ ନିଜକୁ ମୁଣ୍ଡା ମୁରା ଭାବରେ ପରିଚୟ ଦିଅନ୍ତି । ସେମାନେ ବୁରୁ ପୂଜା କରନ୍ତି । ସାରୁଲ ପର୍ବ ପାଳନ କରନ୍ତି । ଏମାନଙ୍କ ପୂଜକଙ୍କୁ 'ଲାୟ' କୁହାଯାଏ ।

ଡାଲଟନ୍ ତାଙ୍କ ଗ୍ରନ୍ଥରେ ଲେଖିଛନ୍ତି ଜଙ୍ଗଲ ମାହାଲର ଭୂମିଜମାନେ ଏକଦା ଚୁଆଡ଼ ଭାବରେ ପ୍ରସିଦ୍ଧ ଥିଲେ ଏବଂ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ମାନଙ୍କରେ ଗଭୀର ଆତଙ୍କ ଖେଳାଇ ଦେଇଥିଲେ । ଏ ଘଟଣା ଗୁଡ଼ିକ 'ଚୁଆଡ଼ୀ' ଭାବରେ ବିଖ୍ୟାତ ଥିଲା ।

ମୁଣ୍ଡା:- ସିଂଭୂମର ମୁଣ୍ଡାମାନେ ରାଞ୍ଚି ମାଲଭୂମିର ମୁଣ୍ଡା ଗୋଷ୍ଠୀର ଅନ୍ତର୍ଭୁକ୍ତ । ସେମାନଙ୍କର ମୁଖ୍ୟ ବସତି ପୋଡ଼ାହାଟ ଓ ଚକ୍ରଧରପୁର ଅଞ୍ଚଳରେ । ସେମାନଙ୍କର ଶାରିରୀକ ଗଠନ, ଭାଷା, ସମାଜ ବ୍ୟବସ୍ଥା ଓ ସଂଗଠନ, ସାମାଜିକ ପରମ୍ପରା, ଚଳଣୀ ଏବଂ ଧାର୍ମିକ ଅନୁଷ୍ଠାନ ହୋ ମାନଙ୍କ ପରି ହୋଇ ଥିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ଘନିଷ୍ଠତା ଲକ୍ଷ୍ୟ କରାଯାଏ । ପ୍ରକୃତରେ ସେମାନଙ୍କ ମଧ୍ୟରେ ପ୍ରଚଳିତ ବାର୍ଷିକ ପର୍ବପର୍ବାଣୀ ଗୁଡ଼ିକ ସମାନ । କେବଳ 'ହୋ' ମାନଙ୍କର 'ମାଘେ ପରବ' ମୁଖ୍ୟପର୍ବ, ମୁଣ୍ଡାମାନଙ୍କର 'ବା' ପରବ ମୁଖ୍ୟ ପର୍ବ ରୂପେ ପାଳିତ ହୁଏ ।

ଅରାଂ:- ଏମାନେ ବାରିପଦା ସବ୍‌ଡିଭିଜନରେ ବହୁଳ ଭାବରେ ବାସ କରନ୍ତି । ଏମାନଙ୍କର ପାରମ୍ପରିକ ଜୀବିକା ହେଉଛି ଅରଣ୍ୟରୁ ଫଳମୂଳ ଖୋଜି ସଂଗ୍ରହ କରିବା ଓ ଚାଷ କରିବା । ଏମାନେ ମୁଖ୍ୟତଃ ଚାଷୀ ।

ଭୂୟାଁ:- ପ୍ରଚଳିତ ପ୍ରଥାନୁସାରେ ଭୂୟାଁ ଜାତିର ଲୋକମାନେ ସିଂଭୂମର ପ୍ରାଚୀନତମ ବାସିନ୍ଦା ଅଟନ୍ତି । କଥିତ ଅଛି ଯେ ସେମାନେ ହୋ ମାନଙ୍କ ଦ୍ୱାରା ଅତ୍ୟାଚରିତ ହୋଇ ରାଜା ମାନସିଂହଙ୍କର ରାଜପୁତ ସୈନ୍ୟମାନଙ୍କୁ ହୋ ମାନଙ୍କୁ ଦମନ କରିବା ନିମନ୍ତେ ଆହ୍ୱାନ କରିଥିଲେ । ରାଜପୁତ ସୈନ୍ୟମାନେ ରାଜ୍ୟ ଅଧିକାର ପୂର୍ବକ ଏ ଦୁଇ ଜାତିର ( ହୋ ଏବଂ ଭୂୟାଁ) ଲୋକ ମାନଙ୍କୁ ଶାସନ କରିଥିଲେ । ସେମାନଙ୍କ ଦ୍ୱାରା ଆଧୁନିକ ପୋଡ଼ାହାଟ ଓ ସିଂଭୂମ ରାଜ୍ୟ ସ୍ଥାପିତ ହୋଇଥିଲା । ଭୂୟାଁମାନଙ୍କ ସାହାଯ୍ୟ ଫଳରେ ରାଜପୁତମାନେ ଏ ଅଞ୍ଚଳରେ ରାଜ୍ୟ ସ୍ଥାପନ କରିଥିବାରୁ ଏଥିର ପ୍ରତୀକ ସ୍ୱରୂପ ପୋଡ଼ାହାଟର ସିଂହରାଜାଙ୍କର ଅଭିଷେକ ସମୟରେ ଭୂୟାଁ ଜାତିର ଲୋକେ ରାଜାଙ୍କୁ ତିଳକ ପ୍ରଦାନ କରିଥାନ୍ତି । ସାର୍ ଜର୍ଜ କେମ୍ପ୍‌ବେଲ୍ ଓ କଲୋନେଲ ଡାଲଟନ୍ ଏମାନଙ୍କୁ ଆଦିବାସୀ ଦ୍ରାବିଡ଼ ଗୋଷ୍ଠୀର ଅନ୍ତର୍ଭୁକ୍ତ କରିଛନ୍ତି । ସିଂଭୂମ ବ୍ୟତୀତ ପୂର୍ବତନ ଦେଶୀୟ ରାଜ୍ୟ ମୟୂରଭଞ୍ଜ, ବଣାଇ ଓ କେନ୍ଦୁଝର ପ୍ରଭୃତି ଅଞ୍ଚଳରେ ଭୂୟାଁ ଜାତିର ମୁଖ୍ୟମାନଙ୍କ ଅଧିନରେ ଏ ଜାତିର ଲୋକେ ବହୁଳ ବାସ କରୁଥିଲେ । ଷ୍ଟଲଂ ସାହେବ ଭୂୟାଁମାନେ କୋହ୍ଲ ଗୋଷ୍ଠୀ ଅନ୍ତର୍ଭୁକ୍ତ ବୋଲି ଉଲ୍ଲେଖ କରିଛନ୍ତି ।

ଭୂୟାଁମାନେ ଭୂମିଜ ମାନଙ୍କ ପରି କ୍ରମଶଃ ହିନ୍ଦୁ ସଂସ୍କୃତି ପ୍ରଭାବିତ ହୋଇ ହିନ୍ଦୁ ଜାତିରେ ପରିଣତ ହୋଇ ଯାଇଛନ୍ତି । ଏମାନେ ଭଗବାନ ଶ୍ରୀରାମଚନ୍ଦ୍ର ଓ ମହାବୀର ହନୁମାନଙ୍କୁ ବିଶେଷ ଭାବରେ ଉପସନା କରିଥାନ୍ତି । ଉନ୍ନତ ଭୂୟାଁ ଜାତିର ଲୋକମାନେ ନିଜକୁ ରାଜପୁତ/ ଓଡ଼-ଖଣ୍ଡାୟତ କିମ୍ବା ପାଇକ ଶ୍ରେଣୀ ବୋଲି ଅବିହିତ କରିଥାନ୍ତି । ଏ ଜାତିର ମୁଖିଆମାନେ ନିଜକୁ ରାଜପୁତ ବୋଲି ପରିଚୟ ଦେଇଥାନ୍ତି । ଏମାନଙ୍କର ବଂଶର ଉତ୍ପତ୍ତି ସଂପର୍କରେ ବିଭିନ୍ନ କାହାଣୀ ଓ କିମ୍ବଦନ୍ତୀ ପ୍ରଚଳିତ । ପୋଡ଼ାହାଟର ରାଜାଙ୍କ ପରି ଏମାନଙ୍କ ମଧ୍ୟରେ ଅଭିଷେକ ପ୍ରଥା ପ୍ରଚଳିତ ଓ ଅଭିଷେକ ସମୟରେ ସେ ଜାତିର ଲୋକମାନଙ୍କ ଦ୍ୱାରା ତିଳକ ପ୍ରଦାନ ପ୍ରଥା ମଧ୍ୟ ପ୍ରଚଳିତ । ଏ ଗୋଷ୍ଠୀର ଲୋକମାନେ ହିନ୍ଦୁମାନଙ୍କ ପରି ପୂଜାପଦ୍ଧତି ପ୍ରଚଳନ କରିଛନ୍ତି । ପୂର୍ବେ କେତେକ ସ୍ଥାନରେ ଦେବତାଙ୍କ ନିକଟରେ ନରବଳି ପ୍ରଥା ପ୍ରଚଳିତ ଥିଲା । ଏମାନେ ଆସାମର ବାର ଭୂୟାଁ ଗୋଷ୍ଠୀର ବୋଲି ଅନେକ ଅଭିହିତ କରିଥାନ୍ତି । ବାହାର ଆକ୍ରମଣକାରୀଙ୍କ ଦ୍ୱାରା ପରାଜିତ ହୋଇ ବିଭିନ୍ନ ସ୍ଥାନରେ ବାସ କରିବା ଫଳରେ

ଅଞ୍ଚଳ ପ୍ରଭେଦରେ ଏମାନେ ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ଭାଷାରେ କଥାବାର୍ତ୍ତା କରନ୍ତି । କେତେକ ସ୍ଥାନରେ ଏମାନେ ନିଜକୁ 'ପବନପୁତ୍ର' ରୂପେ ଅଭିହିତ କରିଥାନ୍ତି ।

୧୯୩୧ ସେନ୍‌ସସ୍ ରିପୋର୍ଟରେ ବାରିପଦା ସବ୍‌ଡିଭିଜନର ଉପର ଭାଗ ପ୍ରଗଣାରେ ଭୂୟାଁ ଗୋଷ୍ଠୀ ଲୋକଙ୍କର ମୂଳ ବାସସ୍ଥାନ ଥିବା ବିଷୟ ଉଲ୍ଲେଖ ଅଛି । ଏମାନେ ଏଠାରେ ଏକଦା ଜିମଦାର ଥିବାର ଜଣାଯାଏ ।

ଭୂୟାଁ ସମାଜରେ ଉଭୟ 'ବାଳୁତ ବିବାହ' ଓ 'ଯୋଗ୍ୟା କନ୍ୟା' ବିବାହ ପ୍ରଚଳିତ । ବିବାହରେ 'କନ୍ୟାପଣ' ପ୍ରଚଳିତ । ଏମାନଙ୍କ ସମାଜରେ 'ଛାଡ଼ପତ୍ର' ଓ 'ବିଧବା ବିବାହ' ପ୍ରଥା ପ୍ରଚଳିତ । ଏମାନେ ମୃତ ବ୍ୟକ୍ତିଙ୍କୁ ପୋଡ଼ନ୍ତି କିମ୍ବା ପୋତି ଦିଅନ୍ତି । ଏମାନେ ମୁଖ୍ୟତଃ କୃଷିଜୀବୀ ।

ଖଡ଼ିଆ:- ଖଡ଼ିଆମାନେ ମାନଭୂମ, ସିଂଭୂମ, ଧଳଭୂମ ପ୍ରଭୃତି ଗଡ଼ଜାତ ରାଜ୍ୟମାନଙ୍କରେ ଥିବା ପାହାଡ଼ର ଉଚ୍ଚ ସ୍ଥାନରେ ବାସ କରନ୍ତି । ସେମାନେ ହୋ ଓ ଭୂମିଜ ମାନଙ୍କ ଦ୍ୱାରା ଅତ୍ୟାଚାରିତ ହୋଇଥିବାର ଜଣାଯାଏ ।

ଏମାନେ ଅରଣ୍ୟରୁ ଖାଦ୍ୟ ସଂଗ୍ରହ କରିଥାନ୍ତି ଓ ମୁଖ୍ୟତଃ ଅରଣ୍ୟ ଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି । ଖଣତା ସାହାଯ୍ୟରେ ବଣରୁ ଲତା ଚେରମୂଳ ତାଡ଼ିବା, ଗଛ ଚଢ଼ି ମହୁ ଆହରଣ କରିବାରେ ଏମାନେ ଧୁରନ୍ଧର । ଖଡ଼ିଆମାନେ ଶିକାର କରି ଖାଦ୍ୟ ଆହରଣ କରନ୍ତି ।

ଶରୀର ଗଠନରେ ମୁଣ୍ଡା ମାନଙ୍କ ପରି ଖଡ଼ିଆମାନେ ସାମାନ୍ୟ ବାଙ୍ଗରା / ଖର୍ବକାୟ ।

ଖଡ଼ିଆଙ୍କ ବିବାହରେ 'ସିନ୍ଦୂର ଦାନ' ପ୍ରଥା ପ୍ରଚଳିତ । ଶବ ପୋତାଯାଏ । ସମୟ ସମୟରେ ପୋଡ଼ାଯାଏ । ମାନଭୂମର ଖଡ଼ିଆମାନେ କୋହ୍ଲ ସମ୍ପ୍ରଦାୟର ଏକ ଆରଣ୍ୟକ ପାହାଡ଼ି ଓ ଅପେକ୍ଷାକୃତ ଅଳ୍ପ ସଭ୍ୟ ଜାତିର ଲୋକ । ସେମାନେ ବାଜରା ପ୍ରଭୃତି ଚାଷ କରନ୍ତି । ମେଷ ମାଂସ ଖାଆନ୍ତି ନାହିଁ କିମ୍ବା କମ୍ବଳ ଘୋଡ଼ାଇ ହୁଅନ୍ତି ନାହିଁ ।

ମୟୂରଭଞ୍ଜ ଅନ୍ତର୍ଗତ ଶିମିଳିପାଳ ପାହାଡ଼ର ପୂର୍ବ ଦିଗରେ ଖଡ଼ିଆମାନେ ବାସ କରୁଥିବାର ଦେଖାଯାଆନ୍ତି । ରିସ୍‌ଲିଙ୍କ ମତରେ ଖଡ଼ିଆମାନେ ପାହାଡ଼ି, ଧେଲିକି ଖଡ଼ିଆ ଓ ଦୁଧ ଖଡ଼ିଆ ଏପରି ତିନି ଭାଗରେ ବିଭକ୍ତ । କିନ୍ତୁ ରିସ୍‌ଲି ଏମାନେ ଛଅ ଭାଗରେ ବିଭକ୍ତ ହୋଇଥିବାର ଲେଖନ୍ତି ।

ବିରହୋର:- 'ବିର'-ଜଙ୍ଗଲ, 'ହୋ'-ମଣିଷ । ଏହାର ଅର୍ଥ ଭ୍ରମଣଶୀଳ ଶିକାରୀ ଓ ସଂଗ୍ରହକାରୀ । ମୁଣ୍ଡା, ସାନ୍ତାଳ, ଭୂମିଜ, ହୋ ଏବଂ ଅନ୍ୟ ଜନଜାତି ମାନଙ୍କ ପରି ବିରହୋର ମାନଙ୍କର କୃଷ୍ଣ ଚର୍ମ, ଲମ୍ବା ମସ୍ତକ, କୁଞ୍ଚ ବାଳ ଏବଂ ଓସାରିଆ ନାକ । ବିରହୋରମାନେ ଅନ୍ୟମାନଙ୍କ ପରି ଅଷ୍ଟ୍ରୋ-ଏସିଆଟିକ ଉପଭାଷା ପରିବାର ଅନ୍ତର୍ଗତ ମୁଣ୍ଡା ଗୋଷ୍ଠୀର ଏକ ଭାଷା କହନ୍ତି । ଏମାନେ ଦୁଇ

ଶ୍ରେଣୀର (୧) ଉଖୁଲୁ - ଭ୍ରମଣଶୀଳ (୨) ଜଙ୍ଗୀ- ସ୍ଥାୟୀ ବାସିନ୍ଦା । ଏମାନଙ୍କ ମଧ୍ୟରେ ଦଶ ପ୍ରକାର ବିବାହ ପ୍ରଚଳିତ । କନ୍ୟା ବିବାହ ଉପଯୋଗୀ ହେଲେ ବିବାହ କରନ୍ତି । ବିବାହ ଓ ମୃତ୍ୟୁ - ହିନ୍ଦୁ ବ୍ରାହ୍ମଣ ଓ ବୈଷ୍ଣବ ଆବଶ୍ୟକ ହୁଅନ୍ତି । ଜଣେ ସନ୍ତାନ ପ୍ରସବା ମହିଳା କଥା ଛୋଟପିଲାର ମୃତ୍ୟୁ ହେଲେ ପୋତାଯାଏ । ବୟସ୍କ ଲୋକର ମୃତ୍ୟୁରେ ପୋଡ଼ାଯାଏ । ବର୍ଷା ଋତୁରେ ସମୟ ସମୟରେ ଶବ ପୋତାଯାଏ । ଏମାନେ ହୋ ମାନଙ୍କ ପରି ତନ୍ତ୍ରମନ୍ତ୍ରରେ ବିଶ୍ୱାସ କରନ୍ତି ।

**ପୁରାଣ:-** ଏ ଜାତିର ଲୋକେ ମୟୂରଭଞ୍ଜରେ ବହୁଳ ଭାବରେ ବାସ କରନ୍ତି । ଏତଦ୍ ବ୍ୟତୀତ ସିଂଭୂମ, ଧଳଭୂମ, ମାନଭୂମ, ମେଦିନୀପୁର, କେଉଁଝର ପ୍ରଭୃତି ଅଞ୍ଚଳରେ ମଧ୍ୟ ବାସ କରୁଥିବାର ଦେଖାଯାଆନ୍ତି । ଏମାନେ ମୁଖ୍ୟତଃ ଦୁଇ ଶ୍ରେଣୀରେ ବିଭକ୍ତ ଯଥା- ଭଞ୍ଜପୁରାଣ ଓ ତାମୁଡ଼ିଆ ପୁରାଣ । ଭଞ୍ଜପୁରାଣ ମାନେ ଉପବୀତ ଧାରଣ କରନ୍ତି । ଏମାନେ 'ରାଜପୁତ' (କ୍ଷତ୍ରିୟବଂଶୀ) ଭାବରେ ନିଜର ପରିଚୟ ଦିଅନ୍ତି । ପୁରାଣ ବସତିକୁ ମୟୂରଭଞ୍ଜର ମହାରାଜାଙ୍କ ଆଗମନ କାଳରେ ଏମାନେ ହଳଦୀ ପାଣିରେ ତାଙ୍କର ପାଦ ଧୋଇଥାନ୍ତି ।

ଏ ଜାତିର ଦୁଇ ଶାଖା ମଧ୍ୟରେ ବିବାହର ପ୍ରଚଳନ ନାହିଁ । ପୁରାଣ ସଂପ୍ରଦାୟ ମୁଖ୍ୟତଃ କୃଷିଜୀବୀ । ଏମାନେ ଓଡ଼ିଆ କହନ୍ତି । ଏମାନଙ୍କ କଥିତ ଭାଷାରେ କେତେକ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ଏମାନେ ତନ୍ତ୍ରମନ୍ତ୍ରରେ ବିଶ୍ୱାସୀ ।

**ଶବର:-** ଶବରମାନେ ଶଉର ଓ ଶଅର ଭାବେ ମଧ୍ୟ କଥିତ । ପ୍ଲିନି ଓ ଗେଲେମିଙ୍କ ମତରେ ଏମାନେ ସୌରା ଓ ଶବର ଭାବରେ କଥିତ । ହଣ୍ଟର ତାଙ୍କର 'ଜେନେରାଲ ଏକାଉଣ୍ଟ ଅଫ୍ ଓଡ଼ିଶା' ଗ୍ରନ୍ଥରେ ଏମାନଙ୍କର ବସତି ମାନ୍ଦ୍ରାଜ ଉପକୂଳଠାରୁ ଚିଲିକା ହ୍ରଦ - ଏପରିକି ଓଡ଼ିଶାର ଦକ୍ଷିଣ-ପଶ୍ଚିମ କୋଣ ପର୍ଯ୍ୟନ୍ତ ଥିବାର ଉଲ୍ଲେଖ କରିଛନ୍ତି । ଏମାନଙ୍କ ସମ୍ବନ୍ଧରେ ପ୍ରଚଳିତ କିମ୍ବଦନ୍ତୀରୁ ଜଣାଯାଏ ଯେ ଚେରୋ ରାଜାଙ୍କ ସମୟରେ ଏମାନେ ଶିବିରରୁ ବିତାଡ଼ିତ ହୋଇଥିଲେ । ଓଡ଼ିଶାରେ ଏମାନେ ବହୁଳ ସଂଖ୍ୟାରେ ବାସ କରିବା ସହିତ କେଉଁଝର-ସିଂଭୂମର ସୀମାନ୍ତରେ ଅବସ୍ଥିତ ଠାକୁରାଣୀ ପାହାଡ଼ ଅଞ୍ଚଳରେ ବିଚ୍ଛିନ୍ନ ଭାବେ ବାସ କରନ୍ତି । ଏ ଅଞ୍ଚଳରେ ଏମାନେ ବେଦକର ନାମରେ ପରିଚିତ । ସିଂଭୂମର ଦକ୍ଷିଣ ଭାଗରେ ଜାମଦାପୀଢ଼, ଉରରକୁ କେନ୍ଦୁଝର ସୀମାନ୍ତରେ ଗୁରୁ ପାହାଡ଼ ଶ୍ରେଣୀ ମଧ୍ୟରେ ଏ ଗୋଷ୍ଠୀର ଲୋକେ ବସବାସ କରୁଥିବାର ମଧ୍ୟ କେହି କେହି କହନ୍ତି । ଏମାନେ ହୋ କିମ୍ବା ଓଡ଼ିଆରେ କଥା ହୁଅନ୍ତି । ଶରୀର ଗଠନରେ ଭୂର୍ଯାଁ ମାନଙ୍କ ସହିତ ମେଳ ଥିବାର ଦେଖାଯାଏ । ଶରୀର ସୁଗଠିତ ଓ ଗୌର ବର୍ଣ୍ଣ । ଏମାନେ ବୁଦ୍ଧିମାନ । ଏମାନେ କାଳୀଙ୍କୁ ପୂଜା କରିବା ବ୍ୟତୀତ ବିଷ୍ଣୁ ଓ ପାରମ୍ପରିକ ଦେବ ଦେବୀଙ୍କୁ ଆରାଧନା କରନ୍ତି । ବେଦକରମାନେ ହିନ୍ଦୁ ମାନଙ୍କଠାରୁ ଜଳ ଗ୍ରହଣ କରନ୍ତି କିନ୍ତୁ ସାଥିରେ ଖାଆନ୍ତି ନାହିଁ କିମ୍ବା ହିନ୍ଦୁ ରାନ୍ଧଣା ଛୁଅନ୍ତି ନାହିଁ । ସେମାନେ କୁକୁଡ଼ା ପାଳନ୍ତି । ଗୋରୁ ପାଳନ୍ତି ନାହିଁ । ପାହାଡ଼ ପାର୍ଶ୍ୱରେ ଏଠିସେଠି ଗୃହ ନିର୍ମାଣ କରି ରହନ୍ତି । ଏମାନେ ଅତ୍ୟନ୍ତ

ଗରିବ । ମକା, ଚଣା, ଗୋଡ଼ା ଧାନ ଉତ୍ପାଦନ କରନ୍ତି । ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଚଳନ୍ତି । ମୃତ ବ୍ୟକ୍ତିଙ୍କୁ ପୋଡ଼ି ଦିଅନ୍ତି । ଶବ ପୋଡ଼ିଲା ବେଳେ ହିନ୍ଦୁ ମାନଙ୍କ ପରି ଶବକୁ ଘୂରେଇ ଉତ୍ତର ଦିଗକୁ ମୁଣ୍ଡ କରି ଶୋଇ ଅଗ୍ନି ସଂଯୋଗ କରିଥାନ୍ତି । ଶ୍ମଶାନରୁ ଅସ୍ଥି ସଂଗ୍ରହ କରିଥାନ୍ତି । କୋହ୍ଲମାନଙ୍କ ପରି ମୃତର ବ୍ୟବହୃତ ପଦାର୍ଥ ଶବ ସହ ପୋଡ଼ି ଦିଅନ୍ତି ନାହିଁ । ସିଂଭୂମର ଭୂର୍ଯ୍ୟାଁ ଓ ବେଦକର ମାନଙ୍କ ମଧ୍ୟରେ ବିଶେଷ ପାର୍ଥକ୍ୟ ଲକ୍ଷ୍ୟ କରାଯାଏ ନାହିଁ । ଏମାନଙ୍କ ନାଚରେ ଝିଅପୁଅ ଉଭୟେ ମିଶି ନାଚନ୍ତି । ଝିଅମାନେ ମୁଣ୍ଡ ଘୋଡ଼େଇ ଶରୀର ବଙ୍କେଇ ଭୂମି କିମ୍ବା ପାଦ ଉପରେ ଦୃଷ୍ଟି ରଖି ଡାହାଣ ହାତ ଓହଳାଇ ପାଦ ଆଗକୁ ପଛକୁ କରି ନାଚନ୍ତି । ପୁରୁଷମାନେ ନାଚ ବେଳେ ବଡ଼ ଖଞ୍ଜଣୀ ବଜାନ୍ତି । ଝିଅମାନେ ବାଦ୍ୟର ତାଳେ ତାଳେ ନାଚନ୍ତି । ନାଚ ପଦପାତ, ରାଗିଣୀ ସମସ୍ତ ଭୂର୍ଯ୍ୟାଁ ମାନଙ୍କ ନାଚ ସହିତ ସମାନ । ଏମାନଙ୍କ ବିବାହରେ କନ୍ୟାର ବାପା, ମାମୁଁ ଓ ମାଆଙ୍କୁ ପଣ ଦିଆଯାଏ । ଏମାନେ କାଠ ଲଙ୍ଗଳରେ ଚାଷ କରନ୍ତି । ହଣ୍ଟର ବେଦକର ମାନଙ୍କ ଚାଷ ସଂପର୍କରେ ଲେଖିଛନ୍ତି ଯେ ପୂର୍ବେ ଏମାନଙ୍କ ଚାଷ କାର୍ଯ୍ୟ କାଠର ଗଣ୍ଡିରେ 'ଫାଳ' ସଦୃଶ ଗୋଟିଏ ଛୋଟ ହଳ ଦ୍ୱାରା ସଂପନ୍ନ ହେଉଥିଲା । ପରବର୍ତ୍ତୀ ସମୟରେ ଦେଶୀ ଲଙ୍ଗଳର ଅନୁକରଣରେ ଲଙ୍ଗଳ ତିଆରି ହେଲା ।

**ଧରୁଆ:-** ଧରୁଆମାନେ ମୟୂରଭଞ୍ଜର ବାମନଘାଟିର ବିସ୍ତୀର୍ଣ୍ଣ ଅଞ୍ଚଳରେ ବହୁଳ ଭାବରେ ବାସ କରୁଥିଲେ । ପରେ ସେମାନେ ସିଂଭୂମର ବିଭିନ୍ନ ଅଞ୍ଚଳରେ ବାସ କରୁଛନ୍ତି । ମୟୂରଭଞ୍ଜ ରାଜାଙ୍କ ଅଧୀନରେ ଧରୁଆ ଜାତିର ଜଣେ 'ମହାପାତ୍ର' ବାମନଘାଟି ଅଞ୍ଚଳର ଜାୟଗିରି ପାଇ ସୈନ୍ୟ ବିଭାଗରେ କାର୍ଯ୍ୟ କରୁଥିଲେ । ବହୁ ବର୍ଷ ଧରି ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ଫଳରେ ସେମାନେ ବାମନଘାଟି ଅଞ୍ଚଳରୁ ବିତାଡ଼ିତ ହୋଇ ସିଂଭୂମର ବିଭିନ୍ନ ଅଞ୍ଚଳରେ ବାସ କରିବାର ଅନୁମତି ପାଇଥିଲେ, ଡାଲଟନ ସେମାନଙ୍କୁ ଗଣ୍ଡ ଗୋଷ୍ଠୀର ଅନ୍ତର୍ଭୁକ୍ତ କରିଛନ୍ତି । ସାର୍ଣ୍ଣ ଏଡ଼ୱାଡ଼ଗେଟ୍ ଏମାନଙ୍କୁ ଏକଦା ମୟୂରଭଞ୍ଜର ସାମରିକ ଜାତି ଭାବରେ ପରିଚିତ ଥିବାର ଉଲ୍ଲେଖ କରିଛନ୍ତି ।

**ସରାକ:-** ସରାକି/ସ୍ରାବକ - ମାନଭୂମ ଓ ସିଂଭୂମରେ ବାସ କରୁଥିବା ଜାତି ବିଶେଷ । ଏମାନେ ଜୈନ । ସୂର୍ଯ୍ୟଙ୍କୁ ନଦେଖିଲେ ସେମାନେ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ଏମାନେ ପାର୍ଶ୍ୱନାଥଙ୍କୁ ଭକ୍ତି କରନ୍ତି । ଏମାନେ ମୁଣ୍ଡା କିମ୍ବା କୋହ୍ଲମାନଙ୍କ ଠାରୁ ଶରୀର ଗଠନରେ ପୃଥକ । ଏମାନେ ମୁଖ୍ୟତଃ କୃଷିଜୀବୀ ଓ ବ୍ୟବସାୟୀ ।

**କୁଡ଼ୁମୀ:-** ଡାଲଟନ ତାଙ୍କର 'ଏଥ୍ନୋଲୋଜି ଅଫ୍ ବେଙ୍ଗଲ' ପୁସ୍ତକରେ କୁଡ଼ୁମୀ ମାନଙ୍କ ସଂପର୍କରେ ନିମ୍ନମତେ ଲେଖିଛନ୍ତି । ଛୋଟିଆ ନାଗପୁର ସମେତ ମାନଭୂମ ଜିଲ୍ଲାର ଏକାଧିକ ଅଞ୍ଚଳରେ ଏମାନେ ବାସ କରନ୍ତି । ଏ ଅଞ୍ଚଳର କୁଡ଼ୁମୀ ଓ କୋହ୍ଲମାନଙ୍କ ସହିତ ସଂଗ୍ରାମର ପରମ୍ପରା ପ୍ରଚଳିତ ।

କୁଡ଼ୁମୀ ମାନଙ୍କର ବିବାହରେ ପ୍ରଚଳିତ ଅନେକ ପ୍ରଥା ପୁରାଣ ସିଦ୍ଧ ନହୋଇ ଆଦିବାସୀ ମାନଙ୍କର ପ୍ରଚଳିତ ପ୍ରଥାନୁସାରୀ ହୋଇଥାଏ । ଆଦିବାସୀ ମାନଙ୍କ ମଧ୍ୟରେ ବରଯାତ୍ରୀ ଦଳ କନ୍ୟାର ଗାଁରେ ପ୍ରବେଶ କରିବା ପୂର୍ବରୁ ଏକ ପ୍ରକାର ସାମୟିକ ଗଣ୍ଡଗୋଳ ଓ ମିଥ୍ୟା ଗୋଳ ଯୁଦ୍ଧର ସମ୍ମୁଖୀନ ହୁଅନ୍ତି । ଏପରି ପ୍ରଥା କୁଡ଼ୁମୀ ସମାଜରେ ଅନୁସୃତ ହେଉଥିବା ବିଷୟ ଡାଲଟନ ଲେଖିଛନ୍ତି ।

କୁଡୁମୀମାନଙ୍କ ବିବାହରେ ଦୁଆର ଖଣ୍ଡା, ସିନ୍ଦୂର ଦାନ ପ୍ରଭୃତି ବିଧି ପ୍ରଚଳିତ ଥିବା କଥା ସେ ଲେଖିଛନ୍ତି । ବିବାହ ପ୍ରସ୍ତାବ ଉତ୍ଥାପନ ଓ ଗୃହୀତ ହେବା ପରେ 'ଦୁଆରଖଣ୍ଡା' ବିଧି ପାଳିତ ହୁଏ ।

ହିନ୍ଦୁମାନଙ୍କ ପରି କନ୍ୟା ଅତି ଆଦର ଓ ସମ୍ମାନିତା ହୋଇଥାନ୍ତି । ବିବାହର ଶେଷ ପର୍ଯ୍ୟାୟରେ 'ସିନ୍ଦୂର ଦାନ'ବିଧି ପ୍ରଚଳିତ । ସିଂଭୂମରେ ଏମାନଙ୍କ ସମାଜରେ ବର କନ୍ୟା ରକ୍ତ ଘେନି ପରସ୍ପରକୁ ସ୍ପର୍ଶ କରନ୍ତି ଓ ଟୀକା ଲଗାନ୍ତି ।

ଏମାନେ କୃଷିଜୀବୀ ରୂପେ ସମଗ୍ର ଅଞ୍ଚଳର ବିଭିନ୍ନ ସ୍ଥାନରେ ବହୁଳ ଭାବରେ ବାସ କରନ୍ତି ।

କୁଡୁମୀମାନେ ସେମାନଙ୍କର ଜାତି ପରମ୍ପରାକୁ ଅଧିକ କଠୋର ଭାବରେ ପାଳନ କରନ୍ତି । ଅସବର୍ଣ୍ଣ ବିବାହକୁ ପ୍ରଶ୍ରୟ ଦିଅନ୍ତି ନାହିଁ । ଏମାନଙ୍କ ବିବାହରେ ବ୍ରାହ୍ମଣ ପୁରୋହିତ ନିଯୁକ୍ତ ହୁଅନ୍ତି । ବିବାହରେ ଯୌତୁକ ପ୍ରଥାର ପ୍ରଚଳନ ନାହିଁ । ଅନ୍ୟ ଜାତିର ଲୋକମାନଙ୍କ ପରି କନ୍ୟାପିତା ବର ଖୋଜି ଯାଆନ୍ତି ନାହିଁ ।

**ବାଥୁଡ଼ି:-** ବାଥୁଡ଼ି ଓ ବାଉରୀମାନଙ୍କ ଉତ୍ପତ୍ତି ଏକ ଏବଂ ସେମାନେ ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟ ପର୍ଯ୍ୟନ୍ତ ବୌଦ୍ଧଧର୍ମ ଅନୁସରଣ କରୁଥିବାର ଜଣାଯାଏ । ସମାଜରେ ସେମାନଙ୍କ ସ୍ଥିତି ନିମ୍ନ ହୋଇଥିଲେ ହେଁ ସେମାନେ ଆତ୍ମ ସମ୍ମାନ ଓ ପାରିବାରିକ ସମ୍ମାନ ରକ୍ଷା ଦିଗରେ ଅଧିକ ସଚେତନ । ଏମାନେ କୃଷିଜୀବୀ ।

**ଗଣ୍ଡ:-** ଦ୍ରାବିଡ଼ ଭାଷୀ ପରିବାରର ଏକ ମୁଖ୍ୟ ଗୋଷ୍ଠୀ । ଏମାନେ ସାଧାରଣତଃ ସରଳ, ନମ୍ର ଓ ସାଧୁ ପ୍ରକୃତିର । ଏମାନେ ବର୍ତ୍ତମାନ ହିନ୍ଦୁ ମାନଙ୍କ ପରି ଚଳନ୍ତି ଓ ଓଡ଼ିଆ ଭାଷା କହନ୍ତି । ଗଣ୍ଡ ମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଶ୍ରେଣୀ ଓ ଗୋତ୍ର ଥିବାର ଲକ୍ଷ୍ୟ କରାଯାଏ । ଏମାନେ ମୁଖ୍ୟତଃ କୃଷିଜୀବୀ । ସବୁ ଶ୍ରେଣୀର ଗଣ୍ଡମାନେ ନାୟକ ପଦବୀ ଗ୍ରହଣ କରନ୍ତି ।

**ଲୋଧା:-** ବାରିପଦା ସବ୍‌ଡିଭିଜନରେ ଏମାନେ ବାସ କରନ୍ତି । ଏମାନେ ଲେଧ କିମ୍ବା ନୋଧ ନାମରେ ପରିଚିତ । ଏକ ସାମରିକ ସାହସୀ ଜାତି ରୂପେ ପରିଗଣିତ । ମୟୂରଭଞ୍ଜ ବ୍ୟତୀତ ପାର୍ଶ୍ୱବର୍ତ୍ତୀ ମେଦିନୀପୁର ଅଞ୍ଚଳରେ ମଧ ଏମାନଙ୍କର ବସତି ଦେଖାଯାଏ ।

**ଘାଟ ୱାଲ:-** ପାହାଡ଼ୀ ଘାଟୀର ରକ୍ଷକ । ଏମାନେ ଭୂୟାଁ ମାନଙ୍କ ବଂଶଧର । 'ଘାଟୱାଲ' ରାଜ ପ୍ରଦତ୍ତ ଉପାଧି ହୋଇଥିଲେ ହେଁ ପରବର୍ତ୍ତୀ କାଳରେ ଏମାନେ ଗୋଟିଏ ସତନ୍ତ୍ର ଗୋଷ୍ଠୀରେ ପରିଣତ ହୋଇଛନ୍ତି ।

ଆଲୋଚ୍ୟ ସମଗ୍ର ଅଞ୍ଚଳରେ ବାସ କରୁଥିବା ହୋ, ଭୂୟାଁ, ସାନ୍ତାଳ, ଅରାଂ, ଭୂମିଜ, ଖଡ଼ିଆ, ମୁଣ୍ଡା, ଗଣ୍ଡ, ବାଥୁଡ଼ି, ବିରହୋର, ଶବର ପ୍ରଭୃତି ଆଦିମ ଜନଗୋଷ୍ଠୀ ମଧ୍ୟରେ ଘନିଷ୍ଠ ଗୋଷ୍ଠୀଗତ ଓ ସାମାଜିକ ସମ୍ବନ୍ଧ ପ୍ରତିଷ୍ଠିତ । ଆଦିବାସୀମାନେ ବଂଶଗତ ଦିଗରୁ ମୂଳତଃ ଗୋଟିଏ କିମ୍ବା ଦୁଇ ଗୋଟି

ଗୋଷ୍ଠୀର ବୋଲି ବିବେଚିତ ହୋଇଥାନ୍ତି । ଶାରୀରିକ ଗଠନରେ ସାଧାରଣ ବାଙ୍ଗର ଓ ମାଧମ ଧରଣର ଶରୀର । କୃଷ୍ଣ ଚର୍ମ, ତରଙ୍ଗାୟିତ କେଶ, ଲମ୍ବ ମସ୍ତକ ଓ ଓସାରିଆ ବଡ଼ ନାକ ।

ହୋ ମୁଣ୍ଡା ଓ ଭୂମିଜ ମାନଙ୍କ ମଧରେ ଭାଷାଗତ ସାମଞ୍ଜସ୍ୟ ଦେଖାଯାଏ । ପ୍ରଧାନତଃ ଅଷ୍ଟ୍ରିକ ଭାଷା ପରିବାରର କୋହ୍ଲ, ମୁଣ୍ଡାରୀ ଭାଷା ବ୍ୟବହୃତ ହୁଏ । ସାନ୍ତାଳୀ ସମ ଭାଷା ପରିବାରର ହୋଇଥିଲେ ହେଁ ତହିଁରେ କେତେକ ପାର୍ଥକ୍ୟ ଦେଖାଯାଏ । କେତେକ ଆଲୋଚକ (ଡାଲଟନ, ଏସ୍. ସି. ରାୟ)ଙ୍କ ମତରେ ହୋ, ମୁଣ୍ଡା ଏବଂ ଭୂମିଜ ମୂଳତଃ ଗୋଟିଏ ଗୋଷ୍ଠୀର ଓ ଛୋଟନାଗପୁରର ବାସିନ୍ଦା । ଏମାନେ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ସ୍ଥାନରୁ ଆସିଥିବା ହେତୁ ଏମାନଙ୍କ ମଧରେ କେତେକ ବୈଷମ୍ୟ ପରିଲକ୍ଷିତ ହୁଏ । ସମଗ୍ର ଅଞ୍ଚଳରେ ଏମାନେ ପଡ଼ୋଶୀ ଆର୍ଯ୍ୟ ଗୋଷ୍ଠୀର ଲୋକମାନଙ୍କ ସଂସ୍ପର୍ଶରେ ଆସି ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ପ୍ରଭୃତି ଭାଷାରେ କଥାବାର୍ତ୍ତା କରିଥାନ୍ତି ।

ଆଦିବାସୀ ମାନଙ୍କ ବ୍ୟତୀତ ଆଲୋଚ୍ୟ ସମଗ୍ର ଅଞ୍ଚଳରେ ବ୍ରାହ୍ମଣ, ଖଣ୍ଡାୟତ, ରାଜପୁତ, ଛତ୍ରୀ, କରଣ, କାୟସ୍ଥ, ବୈଦ୍ୟ, ଭାଟ, ମାରୱାଡ଼ୀ, ନାପିତ, କମାର, ଲୋହର, କୁମ୍ଭାର, ତେଲୀ, ତାମ୍ବୁଳୀ, ସଦ୍ ଗୋପ୍, ମାଳି, ବଣିଆ, କଂସାରୀ, ଶଙ୍ଖାରୀ, ଗଉଡ଼, ଗୋଆଲା, ଘଡ଼େଇ, କୈବର୍ତ୍ତ, କେଉଟ, ବୈଷ୍ଣବ, କହାର, ବେହେରା, ରାଜୁ, ତନ୍ତୀ, ସୁନାରି, ବଢ଼େଇ, ଶୁଣ୍ଢୀ, ଧୋବା, ଘାଟୱାଳି, ନୁଣିଆ, ଯୋଗୀ, କପାଳୀ, ପାଟୁଆ, ଖଡ଼ଗା, ଦଣ୍ଡ ଛତ୍ର ମାଝୀ ପ୍ରଭୃତି ହିନ୍ଦୁ ଧର୍ମାବଲମ୍ବୀ ବହୁ ଜାତିର ଲୋକମାନେ ବସବାସ କରନ୍ତି । ଏତଦ୍ ବ୍ୟତୀତ ହିନ୍ଦୁ ସମାଜ ବ୍ୟବସ୍ଥା ଅନୁସାରେ କେତେକ ନିମ୍ନ ଅଥବା ସମହିନ୍ଦୁ ଜାତିର ଲୋକେ ଯଥା – କରଙ୍ଗା, ବାଗ, ମାଳ, ବାଉରୀ, ଡୋମ, ତୁରୀ, ଚମାର, ମାହାଲୀ, ରାଜୱାଡ଼, ଘାସି, ପାଣ, ବେଡ଼ିଆ, ହାଡ଼ି ପ୍ରଭୃତି ବିଭିନ୍ନ ଜାତିର ଲୋକେ ବାସ କରୁଥିବା ଜଣାଯାଏ ।

ଜୀବନଧାରା: ଆଦିବାସୀମାନଙ୍କ ମଧରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନଚକ୍ର କର୍ମକର୍ମାଣୀରେ ପୁରାତନ ତଥା ପାରମ୍ପରିକ ସଂସ୍କାର ପ୍ରଚଳିତ । ଗର୍ଭବତୀ ହେବା ପରେ ହୋ ମହିଳା ଯିବା ଆସିବା କରିବାରେ ବାଧା ଅଛି । ଏମାନେ ସାଧାରଣତଃ ଦୁଷ୍ଟ ଆତ୍ମା ଦ୍ୱାରା କବଳିତ ହୋଇ ପଡ଼ନ୍ତି । ଏକାକିନୀ ହୋଇ ବାହାରକୁ, ବଣକୁ, ହାଟକୁ, ପୋଖରୀ ଘାଟକୁ ରାତି କିମ୍ବା ଦିନରେ ଯିବା ନିଷେଧ । ପିଲା ଜନ୍ମ ବେଳେ 'ଘାସି' ଜାତିର 'ଧାଈ' ପ୍ରସୂତି କର୍ମ ସଂପାଦନ କରନ୍ତି । ପିଲା ଜନ୍ମ ହେଲା ପରେ ସ୍ୱାମୀ ଗରମ ଜଳରେ ପିଲାକୁ ଗାଧୋଇଦିଏ । ଅଷ୍ଟମ ଦିନ ସକାଳେ ପିଲାର ମଥାରୁ ନାପିତ ଆସି କେଶ ମୁଣ୍ଡନ କରି ଦିଅନ୍ତି । ଏକୋଇଶ ବା ତିରିଶ ଦିନରେ ପିଲାର ନାମକରଣ କରାଯାଏ ।

ପ୍ରସବ ସମୟରେ କୌଣସି ଅସୁବିଧା ହେଲେ 'ଓଝା'ଙ୍କୁ ଡାକି ଫୁଙ୍କା ଝଡ଼ା କରାଯାଏ । ପ୍ରସବ ପରେ ପ୍ରସୂତିକୁ 'ଧାଈ' ବ୍ୟତୀତ ଦଶଦିନ ପର୍ଯ୍ୟନ୍ତ ଅନ୍ୟ କେହି ଛୁଇଁବା ନିଷେଧ । କେତେକ ଜାତିରେ ୬ ଦିନରେ ଷଷ୍ଠୀପୂଜା ଓ ୧୨ ଦିନରେ ନାମକରଣ ହୁଏ ।

ଜନ୍ମ ପରି ବିବାହ, ମୃତ୍ୟୁ ଓ ଶୁଦ୍ଧକ୍ରିୟା ନିମନ୍ତେ ବିଭିନ୍ନ ବିଧି ଓ ନିଷେଧାଜ୍ଞା ପ୍ରଚଳତି । ବିବାହରେ କେତେ ଗୋଷ୍ଠୀରେ ପଣ ଦେଇ ବିବାହ ହୁଏ । କେତେକ ଗୋଷ୍ଠୀରେ ବହୁ ବିବାହ ପ୍ରଥା ପ୍ରଚଳିତ । ଆଦିବାସୀ ହୋ ସମାଜରେ ସାଧାରଣତଃ ତିନି ପ୍ରକାର ବିବାହ ହୋଇଥାଏ । ରାଜିଖୁସୀ, ବଳପୂର୍ବକ ଓ ଅନାଦର । ବିବାହରେ କେତେକାଂଶରେ ହିନ୍ଦୁ ସାମାଜିକ ରୀତିନୀତି ପ୍ରଚଳିତ । କେତେକ ଆଦିବାସୀ ଗୋଷ୍ଠୀଙ୍କର (ହୋ) ବ୍ରାହ୍ମଣ ପୁରୋହିତ ବିବାହ କରାଇଥାନ୍ତି ଓ ବାରିକ ନିଯୁକ୍ତ ହୁଅନ୍ତି । ଆଦିବାସୀ ସମାଜରେ ଛାଡ଼ପତ୍ର ପ୍ରଥା ପ୍ରଚଳିତ । ଚରିତ୍ର ହୀନତା, ବନ୍ଧ୍ୟା କିମ୍ବା ଡାହାଣୀ କାରଣରେ ସ୍ତ୍ରୀକୁ ସ୍ୱାମୀ ସାଧାରଣତଃ ଛାଡ଼ିଥାଏ ।

ଖଡ଼ିଆଙ୍କ ବିବାହରେ ସିନ୍ଦୂର ଦାନ ପ୍ରଥା ପ୍ରଚଳିତ । ବିରହୋର ମାନଙ୍କ ଗୋଷ୍ଠୀରେ ଦଶ ପ୍ରକାର ବିବାହ ପ୍ରଚଳିତ । ଆଦିବାସୀମାନେ ସାଧାରଣତଃ ଉପଯୋଗୀ ବୟସ ହେଲେ ବିବାହ କରନ୍ତି । ଏମାନଙ୍କୁ ବ୍ରାହ୍ମଣ ବିବାହ କରାନ୍ତି । କୁଡ଼ୁମୀ ମାନଙ୍କ ବିବାହରେ ଉଭୟ ହିନ୍ଦୁ ଓ ଆଦିବାସୀ ପ୍ରଥା ପ୍ରଚଳିତ ।

ଖଡ଼ିଆଙ୍କ ମୃତ୍ୟୁରେ ଶବ ପୋତାଯାଏ । ସମୟ ସମୟରେ ପୋଡ଼ାଯାଏ । ବିରହୋରମାନଙ୍କ ଶବ ପୋତାଯାଏ । ସନ୍ତାନ ପ୍ରସବା ମହିଳା ଓ ଛୋଟ ପିଲାର ମୃତ୍ୟୁରେ ପୋତାଯାଏ । ବର୍ଷାଋତୁରେ ସମୟ ସମୟରେ ଶବ ପୋଡ଼ାଯାଏ । ହୋ ମାନେ ଶବ ପୋଡ଼ନ୍ତି । ଘରର ପଛ ପଟ ବାଡ଼ିରେ ଶ୍ମଶାନ କରାଯାଏ । ପୂର୍ବରୁ ଶବ ପୋତା ଯାଉଥିବାର କେହି କେହି କହନ୍ତି ।

ଆଦିବାସୀ ସମାଜରେ ଜନ୍ମମୃତ୍ୟୁରେ ବିଭିନ୍ନ କ୍ରିୟା କର୍ମ ପାରମ୍ପରିକ ରୀତିରେ ପାଳିତ ହୁଏ । ଏ ସବୁଥିରେ ପଡ଼ୋଶୀ ହିନ୍ଦୁ ସମାଜର ଆଚାର ପଦ୍ଧତିର ପ୍ରଭାବ ଲକ୍ଷଣୀୟ । ଏହା ପରସ୍ପର ସହ ଘନିଷ୍ଠ ସହାବସ୍ଥାନର ଫଳ ।

**ବସତି ସ୍ଥାପନ ପଦ୍ଧତି:-**

ସିଂଭୂମ, ମୟୂରଭଞ୍ଜ ଓ ପୁରୁଲିଆର ଆଦିବାସୀ ଖଡ଼ିଆ ଓ ବିରହୋର ମାନଙ୍କ ବ୍ୟତୀତ ହୋ, ସାନ୍ତାଳ, ଭୂମିଜ ଓ ମୁଣ୍ଡା ଗୋଷ୍ଠୀର ଲୋକେ ଚାଷୀ ଭାବରେ ଜୀବିକା ଅର୍ଜନ କରି ହିନ୍ଦୁ ମାନଙ୍କ ପରି ବସତି ସ୍ଥାପନ କରନ୍ତି । ଖଡ଼ିଆ ଓ ବିରହୋର ମାନେ ମୁଖ୍ୟତଃ ଶିକାର ଓ ଅରଣ୍ୟଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକାର୍ଜନ କରିଥାନ୍ତି ।

ଆଦିବାସୀମାନେ ସାଧାରଣତଃ ସମତଳ ଭୂମିରେ ଘର ତିଆରି କରିଥାନ୍ତି । ସମୟ ସମୟରେ ସେମାନେ ଗଡ଼ାଣିଆ ଭୂମି କିମ୍ବା ଶିଖର (ଉଚ୍ଚ)ଭୂମିରେ ଗୃହ ନିର୍ମାଣ କରିଥାନ୍ତି । ଏହାର ଦୁଇଗୋଟି କାରଣ ଅଛି । ପ୍ରଥମତଃ ବର୍ଷାଦିନରେ ଉଚ୍ଚା ଭୂମି ଶୁଖିଲା ରହେ; ଦ୍ୱିତୀୟତଃ ନିମ୍ନ ଭୂମି ଚାଷ କରାଯାଏ । ବସତି ସ୍ଥାପନ ନିମନ୍ତେ ଦୁଇଟି ଦିଗ ଉପରେ ମୁଖ୍ୟତଃ ଗୁରୁତ୍ୱ ଆରୋପିତ ହୁଏ । ପ୍ରଥମତଃ ଚାଷ ଜମିର ପରିମାଣ ଓ ଆବଶ୍ୟକ ଜଳପ୍ରାପ୍ତି । ଘର ଗୁଡ଼ିକ ମୁଖ୍ୟ ରାସ୍ତାର ଦୁଇ

ଧାଗରେ ନିର୍ମିତ ହୁଏ । ପୁଣି ଦୁଇ ଧାଡ଼ି ଘରମଝିରେ ଛୋଟ ଛୋଟ ସରୁ ଗଳି ଥାଏ । ଗୃହର ମୁଖ୍ୟ ଦ୍ୱାର ସାଧାରଣତଃ ରାସ୍ତାଠାରୁ ଦୂରରେ ରହେ । ଘର ଗୁଡ଼ିକ ଗୋଟିଏ ବସ୍ତିରେ ଆବଦ୍ଧ ହୋଇପାରେ କିମ୍ବା କେତେକ 'ଟୋଲ' କିମ୍ବା ସାହିରେ ବିଭକ୍ତ ହୋଇପାରେ । ଗ୍ରାମ ଗୁଡ଼ିକ 'ହାତୁ' କିମ୍ବା 'କୁଲି' ଭାବରେ କଥିତ ହୁଏ ।

ଗତ ୮୦/୧୦୦ ବର୍ଷ ମଧ୍ୟରେ ଏ ସମଗ୍ର ଅଞ୍ଚଳର ଗୃହ ସ୍ଥାପନ ପଦ୍ଧତିରେ ଅନେକ ପରିବର୍ତ୍ତନ ଲକ୍ଷ କରାଯାଏ । ପୂର୍ବେ ଘର ଗୁଡ଼ିକ ବଣୁଆ ଘାସରେ ଦୁଇ ଥାକ ଛପର ହେଉଥିଲା । ଶାଳ ଗଣ୍ଡିରେ ଘର କାନ୍ଥ ତିଆରି ହେଉଥିଲା । ସମୟ ସମୟରେ ମାଟି ଆସ୍ତରଣ ଦିଆ ଯାଉଥିଲା । ପରବର୍ତ୍ତୀ ସମୟରେ ଘାସ ପରିବର୍ତ୍ତେ ଖପରାରେ ଛାଉଣୀ ହେଲା । ମାଟି କାନ୍ଥ ତିଆରି ଘର ଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ । ଏଗୁଡ଼ିକ ବାରମ୍ବାର ମାଟି ଓ ଗୋବରରେ ଲିପା ହୁଏ । କାନ୍ଥ ଗୁଡ଼ିକ ହଳଦିଆ, କଳା, ଧଳା, ଗେରୁଆ ରଙ୍ଗରେ ଓସାରିଆ ଧାଡ଼ି କରି ଚିତ୍ରିତ ହୋଇଥାଏ । ବିଭିନ୍ନ ଜ୍ୟାମିତିକ ରେଖାଚିତ୍ର ସହ ପଶୁପକ୍ଷୀଙ୍କ ଶରୀର ଆକାର ଚିତ୍ର ଅଙ୍କିତ ହୋଇଥାଏ । ରଙ୍ଗ ଗୁଡ଼ିକ ସ୍ଥାନୀୟ ମାଟି, ପଥର ଓ ଗଛର ପତ୍ର ଏବଂ ବକଳରୁ ପ୍ରସ୍ତୁତ ହୁଏ । କୁଟା ପୋଡ଼ି କଳାରଙ୍ଗ ତିଆରି ହୁଏ । ରହିବା ଘରଠାରୁ ରୋଷେଇ ଘର ମଝିରେ କାନ୍ଥ ଦେଇ ବିଭକ୍ତ ହୋଇଥାଏ । ଆଦିବାସୀମାନେ ବିଶ୍ୱାସ କରନ୍ତି ଯେ, ରୋଷେଇ ଘରଟି ପୂର୍ବ ପୁରୁଷମାନଙ୍କର ଆତ୍ମାର ରହିବା ସ୍ଥାନ, ତେଣୁ ପବିତ୍ର । ସେମାନେ ଏହାକୁ 'ଆଦିଙ୍ଗ' ଅଥବା 'ଭିତରଘର' କହନ୍ତି । ଘରଟିରେ ଗୋଟିକରୁ ଚରିଗୋଟି ପର୍ଯ୍ୟନ୍ତ କୋଠରୀ ଥାଏ । କୋଠରୀ ସଂଖ୍ୟା ପରିବାରର ଲୋକ ସଂଖ୍ୟା ଓ ଆର୍ଥିକ ସଚ୍ଛଳତା ଉପରେ ନିର୍ଭର କରେ । ହିନ୍ଦୁ-ଭୂମିଜ ଓ ଭୂୟାଁଙ୍କ ଘର ଅଗଣା ମଧ୍ୟରେ ତୁଳସୀ ଚଉରା ରହିଥାଏ । ଘରର ଚରି ପାଖରେ ମାଟି/ଇଟା ନିର୍ମିତ କାନ୍ଥ ଦିଆଯାଇଥାଏ । ଖଡ଼ିଆମାନେ ସାଧାରଣତଃ କୁଡ଼ିଆ ଘରେ ବାସ କରିଥାନ୍ତି ।

## ଆସବାବ ପତ୍ର:

ଆଦିବାସୀମାନେ ସାଧାରଣତଃ ପାଲ (ଭୂଇଁ ଖଜୁରୀପତ୍ର)ରେ ତିଆରି ପଟିଆ ବ୍ୟବହାର କରନ୍ତି । ଦଉଡ଼ିଆ ଖଟର ବ୍ୟବହାର ସର୍ବତ୍ର ଦେଖାଯାଏ । ଏତଦ୍ ବ୍ୟତୀତ ଛାମ୍ପୁଣୀ, ବାଢ଼ଣୀ (ଖରକା) କୂଅରୁ ପାଣି କାଢ଼ିବା ପାଇଁ ବରେହି, କାଠ ଖଟ, ପିଢ଼ା, ମାଛି ପ୍ରଭୃତି ଗୃହୋପକରଣ ପ୍ରାୟ ପ୍ରତ୍ୟେକଙ୍କ ଘରେ ବ୍ୟବହାର ହେଉଥିବା ଦେଖାଯାଏ । ଆସବାବ ପତ୍ର ମଧ୍ୟରେ କଂସାବାସନ, ପିତଳର ବିଭିନ୍ନ ପାତ୍ର, ଆଲୁମିନିୟମ ଓ ମାଟିରେ ନିର୍ମିତ ପାତ୍ର, ଖାଇବା, ପିଇବା, ରାନ୍ଧିବା, ପାଣି ଆଣିବା ଓ ରଖିବା ସହିତ ବିଭିନ୍ନ ଦ୍ରବ୍ୟାଦି ରଖିବା ନିମନ୍ତେ ବ୍ୟବହୃତ ହୁଏ ।

ଆର୍ଥିକ ସଚ୍ଛଳ ପରିବାରରେ କାଠରେ ନିର୍ମିତ ଖଟ, ପଲଙ୍କ, ଚଉକି, ଟେବୁଲ ପ୍ରଭୃତିର ବ୍ୟବହାର ହୁଏ । ଧନୀ ଲୋକେ କାଢ଼ କିମ୍ବା ଲୁହା ବାକ୍ସରେ ଲୁଗାପଟା, ଗହଣା ଗାଣ୍ଠି ପ୍ରଭୃତି ମୂଲ୍ୟବାନ ଦ୍ରବ୍ୟାଦି ରଖିଥାନ୍ତି । ଏମାନଙ୍କ ଘରେ ସପ ମସିଣାର ବ୍ୟବହାର ଦେଖାଯାଏ ।

ଅର୍ଥନୈତିକ ଜୀବନଧାରା: ଏସବୁ ଅଞ୍ଚଳରେ ପାରମ୍ପରିକ ପଦ୍ଧତିରେ (ହଳ ଲଙ୍ଗଳରେ) କୃଷି କାର୍ଯ୍ୟ ସଂପନ୍ନ ହୁଏ । ମୁଖ୍ୟତଃ ଧାନ, ମକା, ସୋରିଷ, କନ୍ଦମୂଳ, ଡିଲ ଓ ବିଭିନ୍ନ ପନିପରିବା ଚାଷ ହୁଏ । ନିମ୍ନ ଭୂମି 'ବଡ଼ୋବାହାଲ' ଓ ଉଚ୍ଚଭୂମି 'ଗୋଡ଼ା' ନାମରେ ନାମିତ । ଏହା ବ୍ୟତୀତ କୁସୁମ, ମହୁଲ ଫଳ, ପଳାଶ ଓ କୋଳି ଗଛରେ କୋକନ ଏବଂ ଲାଖ ଚାଷ ହୁଏ । ଲୋକେ ମେଣ୍ଢା, ଛେଳି, କୁକୁଡ଼ା, ମୟୂର ପ୍ରଭୃତି ପାଳନ କରି ଅର୍ଥ ଉପାର୍ଜନ କରନ୍ତି । ସମୟ ସମୟରେ ହଂସ ପାଳନ, ମାଛ ଚାଷ ଓ ପଶୁ ଶୀକାର କରି ଜୀବିକା ନିର୍ବାହ କରନ୍ତି ।

ଏବେ ଜଙ୍ଗଲ କ୍ଷୟ ହେଉଥିବାରୁ ଆଦିବାସୀମାନେ ଜଙ୍ଗଲ ଉପରେ ବିଶେଷ ନିର୍ଭର କରି ପାରୁ ନାହାନ୍ତି । ଜଙ୍ଗଲରୁ ଶାଳ ଓ ପଳାଶପତ୍ର ସଂଗ୍ରହ କରି ସିଲେଇ କରି ବିକ୍ରି କରନ୍ତି । ବିଡ଼ି ପାଇଁ କେନ୍ଦୁପତ୍ର ସଂଗୃହୀତ ହୁଏ । କାଠ ହାଣି ଜାଳେଣି, ଗୃହ ଓ କୃଷି ଉପକରଣ ଯୋଗାଇବା ବ୍ୟତୀତ ବିଭିନ୍ନ ଚେରମୂଳୀ ଔଷଧ ଖୋଜି ବିକ୍ରି କରନ୍ତି । ଖଡ଼ିଆ ଓ ବିରହୋର ମାନେ ଏବେ ବି ଅରଣ୍ୟ ସଂପଦ ଉପରେ ନିର୍ଭର କରନ୍ତି । ପଶୁ ଶୀକାର କରି ଚମଡ଼ା, ଦାନ୍ତ, ଲାଖ ଓ ମହୁ ପ୍ରଭୃତି ସଂଗ୍ରହ ଓ ବିକ୍ରୟ କରି ଅର୍ଥ ଉପାର୍ଜନ କରିଥାନ୍ତି ।

ବିରହୋରମାନେ ବାଉଁଶ ନିର୍ମିତ ପାଛିଆ, ଝୋଡ଼ି, ଝଙ୍କା, ଗଛର ବକଳରେ ନିର୍ମିତ ଦଉଡ଼ି ବିକ୍ରି କରି ଜୀବିକା ନିର୍ବାହ କରନ୍ତି ।

ଆଦିବାସୀ ସମାଜ ଯଦିଓ ଆତ୍ମନିର୍ଭରଶୀଳ ତଥାପି ସେମାନେ କମାର, ଲୋହାର, କୁମ୍ଭାର, ଡୋମ, ମାହାଲୀ, ଚନ୍ତୀ, ତେଲୀ ପ୍ରଭୃତି ହିନ୍ଦୁ ଜାତିର ଲୋକଙ୍କ ଉପରେ ନିର୍ଭର କରନ୍ତି । ବିଭିନ୍ନ ପ୍ରକାର ପାତ୍ର, କାଠ ଓ ଲୁହାର ଲଙ୍ଗଳ, ତୀରର ଅଗ୍ରାଂଶ ଫଳକ, କୋଦାଳ, ଦାଆ, କୁରାଢ଼ୀ, କଟୁରୀ ଆଦି ଏବଂ ତେଲ, ଲୁଗା ପ୍ରଭୃତି ସେମାନଙ୍କ ପାଖରୁ ନେଇଥାନ୍ତି । ବର୍ତ୍ତମାନ ପ୍ରାୟ ସବୁ ସ୍ଥାନରେ ନଗଦ ଅର୍ଥ ଦେଇ କିଣିବା ବ୍ୟବସ୍ଥା ପ୍ରଚଳିତ । ଏ ସବୁ ଅଞ୍ଚଳରେ ଅନେକ ସାପ୍ତାହିକ ହାଟ ବସେ । ଏତଦ୍ ବ୍ୟତୀତ ବହୁ ସ୍ଥାନରେ ବଜାର ଥାଏ । ବଜାରରେ ସାଧାରଣତଃ ମାରଓ୍ୱାଡ଼ୀ ଓ ମାହଲୀ ଜାତିର ଲୋକେ ଦୋକାନ କରି ବ୍ୟବସାୟ ଚଳାନ୍ତି ।

ସିଂଭୂମ ଜିଲ୍ଲାରେ ଲୁହା ଓ ତମ୍ବା ପ୍ରଚୁର ପରିମାଣରେ ମିଳେ । ବିଭିନ୍ନ ସ୍ଥାନ ଯଥା- ଗୁଆ, ନୂଆମୁଣ୍ଡି (ଲୁହା), ମୁଷାବଣୀ (ତମ୍ବା) ଜାମସେଦପୁରରେ ଟାଟା ଷ୍ଟିଲ କମ୍ପାନୀ ଏବଂ ଝିଙ୍କ ପାଣିର ସିମେଣ୍ଟ କାରଖାନାରେ ଏ ଅଞ୍ଚଳର ଲୋକେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି ।

ଆଦିବାସୀମାନେ ପରିବାର ମଧ୍ୟରେ ଭୂ-ସମ୍ପତ୍ତି ଅଧିକାର ଓ ଆତ୍ମ ସ୍ୱାର୍ଥ ସଂପର୍କରେ ସଚେତନ । ନିଜ ନିଜ ପରିବାର ବ୍ୟତୀତ କୌଣସି ବିଷୟର ଅଧିକାର ଓ ବଣ୍ଟନ ସଂପର୍କରେ ସେମାନେ ପ୍ରାୟତଃ ମନ ଦିଅନ୍ତି ନାହିଁ । କେବଳ ଜାହେରାର ଖେଳ ଓ ନାଚ ସ୍ଥାନ ପ୍ରଭୃତି କେତେକ ସ୍ଥାନରେ ଗ୍ରାମବାସୀମାନେ ସମସ୍ତେ ଭାଗ ନିଅନ୍ତି । ଅର୍ଥ ଆୟ ସଂପର୍କୀୟ କୌଣସି କାର୍ଯ୍ୟରେ

ଆଦିବାସୀମାନେ ପରସ୍ପର ସମ୍ମିଳିତ ଭାବରେ କାର୍ଯ୍ୟ କରିଥାନ୍ତି । ଯଥା: ଶିକାର, ମାଛଧରା, ଚାଷପାଇଁ ମଜୁରୀ ବଦଳ ପ୍ରଭୃତି କାର୍ଯ୍ୟ ସହ ଘର ନିର୍ମାଣ ଇତ୍ୟାଦି ହାଣ୍ଡିଆ ବଦଳରେ ହୁଏ । ରୁଆ, ବଛା, କଟାରେ ସ୍ତ୍ରୀ ଲୋକମାନେ ମୁଖ୍ୟ ଭୂମିକା ନେଉଥିବା ବେଳେ ପୁରୁଷମାନେ ହଳ ଓ ବୁଣାବୁଣି କରନ୍ତି । କଟା ଓ ମଳା ଉଭୟ ପୁରୁଷ ଓ ସ୍ତ୍ରୀ ଲୋକେ କରିଥାନ୍ତି ।

ଭୂ-ସମ୍ପତ୍ତି ଅଧିକାର ଦିଗରୁ ଆଦିବାସୀମାନେ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ (୧) ଧନୀ ମାନକୀ ଓ ମୁଣ୍ଡା, (୨) ବଡ଼ଚାଷୀ, (୩) ଗରିବ ଚାଷୀ ଓ (୪) ଦିନ ମଜୁରିଆ । ବର୍ତ୍ତମାନ ଆଦିବାସୀ ସମାଜର ଲୋକେ ଆଧୁନିକ ଶିକ୍ଷା ଓ ଶିଳ୍ପ ତାଲିମ ପାଇବା ନିମନ୍ତେ ଆଗ୍ରହୀ ହେଉଛନ୍ତି ।

**ଆମୋଦ ପ୍ରମୋଦ:-**

ଆଦିବାସୀମାନେ ସାମୂହିକ ନାଚ ପ୍ରିୟ । ନାଚ ନିମନ୍ତେ ପ୍ରତ୍ୟେକ ଆଦିବାସୀ ବସତିରେ 'ଆଖଡ଼ା' ଥାଏ । ନାଚରେ ଉଭୟେ ପୁରୁଷ ଓ ନାରୀ ଅଂଶ ଗ୍ରହଣ କରନ୍ତି । କୌଣସି କୌଣସି ନାଚରେ ଝିଅମାନେ କେବଳ ନାଚନ୍ତି । ପୁରୁଷମାନେ ବାଦ୍ୟ ବଜାନ୍ତି । ଭିନ୍ନ ଭିନ୍ନ ଗୋଷ୍ଠୀ ମଧ୍ୟରେ ପ୍ରଚଳିତ ନାଚ ମଧ୍ୟରେ ବିଶେଷତ୍ୱ ରହିଥାଏ । ଏଥି ସହ ତାଳ ମାନ ଲୟରେ ସ୍ୱାତନ୍ତ୍ର୍ୟ ଥାଏ । ନାଚ ସହିତ ଗୀତ ଗାନ ହୁଏ । ବାଦ୍ୟ ବାଜେ । ଅନେକ ପ୍ରକାର ପାରମ୍ପରିକ ବାଦ୍ୟ ଯନ୍ତ୍ର ରହିଥାଏ । ନାଚ ପାଇଁ ସ୍ୱତନ୍ତ୍ର ପୋଷାକର ଆବଶ୍ୟକ ହୁଏ ନାହିଁ ।

କୁକୁଡ଼ା ଲଢ଼େଇ ଏକ ପ୍ରସିଦ୍ଧ ଆମୋଦ । ପ୍ରତ୍ୟେକ ସାପ୍ତାହିକ ହାଟ ମାନଙ୍କରେ ଏ ଆମୋଦ ଅନୁଷ୍ଠିତ ହୁଏ । ଜିତାଜିତ୍ ଉପରେ ପଇସା ବାଜି ରଖି ଏ ଖେଳ ହୁଏ । ନାରୀମାନେ ଏ ନିଷ୍ଠୁର ଖେଳ ଦେଖିବା ନିଷେଧ ।

ଶିକାର ଉତ୍ସବ ଆଲୋଚ୍ୟ ସମଗ୍ର ଅଞ୍ଚଳର ଏକ ବିଶିଷ୍ଟ ଆମୋଦ । ଆଗରୁ ଏହା ବଞ୍ଚିବାର ଏକ ମାଧ୍ୟମ ଥିଲା । ଜାନୁଆରୀ ମାସରୁ ଜୁନ ମାସ ପର୍ଯ୍ୟନ୍ତ ଶିକାର ଅନୁଷ୍ଠିତ ହେଉଥିଲା । ଶିକାର ନିମନ୍ତେ କେନ୍ଦୁଝର, ମୟୂରଭଞ୍ଜ, ସିଂଭୂମ, କୋହ୍ଲାନ, ଜଙ୍ଗଲ ମାହାଲ, ଶିଖର ଭୂମିର ସବୁ ଅଞ୍ଚଳ, ବାଙ୍କୁଡ଼ା, ମେଦିନୀପୁର ସନ୍ନିହିତ ଭୂଖଣ୍ଡ, ପଶ୍ଚିମରେ ଛୋଟନାଗପୁର ଅଞ୍ଚଳରୁ ଦଳ ଦଳ ଲୋକେ ଶିକାର ପାଇଁ ଆସନ୍ତି । ଜାନ୍‌ବୀବୁରୁ (ପାହାଡ଼) ଅଯୋଧା, ଶିମିଳିପାଳ, ମେଘାସନ ପାହାଡ଼, ସାରଣ୍ଡା ପାହାଡ଼ ଶ୍ରେଣୀ ଆଡ଼କୁ ଶୀକାର ଯାତ୍ରା ଆରମ୍ଭ ହୁଏ ।

ଏତଦ୍ ବ୍ୟତୀତ ଆଦବାସୀ ପିଲେ ବହୁ ପ୍ରକାର ଦେଶୀୟ ଖେଳ ଖେଳନ୍ତି । ଅନେକ ସାଙ୍ଗ ସାଥି ମିଳିତ ଭାବରେ ଧନ୍ଦା କରିବା, କିମ୍ବା ଗଳ୍ପର ଆସର ଜମାନ୍ତି ।

ପର୍ବପର୍ବାଣି:- ଆଦିବାସୀ ମାନଙ୍କ ସମଗ୍ର ଜୀବନ ଶ୍ରମ ସ୍ୱେଦ ସିକ୍ତ ହୋଇଥାଏ । ସେମାନଙ୍କର ଜୀବନ ଋତୁ ଭିତ୍ତିକ ପର୍ବପର୍ବାଣି ଓ ଆମୋଦ ମଧ୍ୟରେ ଆନନ୍ଦ ମୁଖରିତ ହୋଇ ଉଠେ । କେତେକ ମୁଖ୍ୟ ପର୍ବ ସାମୂହିକ ଭାବରେ ପାଳିତ ହୁଏ । ଅନ୍ୟ କେତେକ ପର୍ବ ବ୍ୟକ୍ତିଗତ ଭାବରେ ପାଳିତ

ହୁଏ । ଅନେକ ଗ୍ରାମରେ ଦେଖାଯାଏ ଯେ କେତେକ ପର୍ବ ଦେହୁରୀ ଘରେ ପାଳିତ ନହେବା ପର୍ଯ୍ୟନ୍ତ ଅନ୍ୟ ଘରେ ପାଳନ କରାଯାଇ ପାରେ ନାହିଁ । ପୂର୍ବେ ପର୍ବପର୍ବାଣି ସାମୂହିକ ଭାବରେ ପାଳିତ ହେଉଥିବା ଏଥିରୁ ଜଣାଯାଏ ।

କୃଷିକର୍ମ:-

ସମଗ୍ର ଅଞ୍ଚଳରେ ଧାନ, ମକା, ଶିମ୍ବ, ଆଳୁ, ହରଡ଼, ମୁଗ, ବିରି, କୋଳଥ, ସୋରିଷ, ଜଡ଼ା, ଡିଳ, ତୁଳା, ଆଖୁ, ମଟର, ଧୂଆଁ ପତ୍ର ପ୍ରଭୃତି ଚାଷ ହୁଏ । ପାରମ୍ପରିକ ରୀତିରେ କୃଷି କାର୍ଯ୍ୟ ସଂପନ୍ନ ହୁଏ । ନଦୀ ଓ ନାଳ ମାନଙ୍କରୁ ଉଠା ଜଳସେଚନ ଦ୍ୱାରା କେତେକ ସ୍ଥାନରେ କୃଷି କାର୍ଯ୍ୟ ହେଉଥିଲେ ହେଁ ମୁଖ୍ୟତଃ ବର୍ଷା ଜଳ ଉପରେ କୃଷି ନିର୍ଭରଶୀଳ ।

ଖାଦ୍ୟପାନୀୟ:-

ଏ ଅଞ୍ଚଳର ଅଧିବାସୀ ମାନଙ୍କର ଭାତ ହିଁ ମୁଖ୍ୟ ଖାଦ୍ୟ । ଏହା ସହିତ ବିଭିନ୍ନ ପ୍ରକାର ତରକାରୀ, ଡାଲି, ଶାଗ, ମାଛ, ମାଂସ, କଙ୍କଡ଼ା, ଗେଣ୍ଡା, ଶାମୁକା ପ୍ରଭୃତି ରାନ୍ଧି, ପୋଡ଼ି, ଭାଜି ଖିଆଯାଏ । ଘର ବାଡ଼ିରେ ବିଭିନ୍ନ ପନିପରିବା ଚାଷ ହୁଏ । ଅରଣ୍ୟରୁ ଫଳମୂଳ ସଂଗ୍ରହ କରନ୍ତି । ମହୁଲ ଗଛ ଖାଦ୍ୟ ଓ ପାନୀୟ ଯୋଗାଏ । ଗହମର ବ୍ୟବହାର ଅଳ୍ପ ହୁଏ । ପଖାଳ ପ୍ରାୟ ସର୍ବତ୍ର ଚଳେ । ମୁଢ଼ି ଜଳଖିଆ ରୂପେ ବ୍ୟବହୃତ ହୁଏ । ଆଦିବାସୀ ଓ କେତେକ ଅଣଆଦିବାସୀ ଲୋକେ ହାଣ୍ଡିଆ ପିଅନ୍ତି । କ୍ଷୀର, ଦହି, ଚୂଡ଼ା ଖାଆନ୍ତି । ପାନ ସର୍ବତ୍ର ମୁଖ୍ୟତଃ ଓଡ଼ିଆ ବହୁଳ ଅଞ୍ଚଳରେ ପ୍ରଚଳିତ । ଗଞ୍ଜା, ଅଫିମ, ଭାଙ୍ଗ, ବିଡ଼ି, ସିଗାରେଟ ବ୍ୟବହୃତ ହୁଏ । ମାଛ, ମାଂସ ଶୁଖୁଆ, କ୍ଷୀର, ଛେନା, ଦହିର ପ୍ରଚଳନ ସର୍ବତ୍ର ଲକ୍ଷ କରାଯାଏ । ଶୁଖୁଆ ଓ ପଖାଳ ଖାଇବା ଓଡ଼ିଆ ଚଳଣୀ । ତରକାରୀ ପ୍ରସ୍ତୁତରେ ବିଭିନ୍ନ ମସଲା ଓ ତେଲ ବ୍ୟବହୃତ ହୁଏ ।

ଆଦିବାସୀ ମାନଙ୍କ ମଧ୍ୟରେ ଖାଦ୍ୟପେୟ ବ୍ୟବହାରରେ କେତେକ ନିଷାଧାଜ୍ଞା ଦେଖାଯାଏ । ଭାତରୁ ପ୍ରସ୍ତୁତ ହାଣ୍ଡିଆ ଓ ମହୁଲରୁ ପ୍ରସ୍ତୁତ ମହୁଲୀ ମଦ ସର୍ବତ୍ର ପ୍ରଚଳିତ ।

**ପୋଷାକ:-** ସମଗ୍ର ଅଞ୍ଚଳର ଲୋକମାନେ ସେମାନଙ୍କର ଆର୍ଥିକ ସ୍ଥିତି, କାର୍ଯ୍ୟର ଭିନ୍ନତା ଅନୁସାରେ ବିଭିନ୍ନ ପ୍ରକାର ପୋଷାକ ପତ୍ର ବ୍ୟବହାର କରିଥାନ୍ତି । ସଂପ୍ରତି ଆଧୁନିକ ଶିକ୍ଷା ଓ ସଭ୍ୟତାର ପ୍ରସାର ହେତୁ ପୋଷାକ ଓ ଅଳଙ୍କାର ପରିଧାନରେ ବିଶେଷ ତାରତମ୍ୟ ପରିଲକ୍ଷିତ ହୁଏନାହିଁ । ପୁରୁଷମାନେ ସାଧାରଣତଃ ଧୋତି, ଜାମା, ଗଞ୍ଜି, ଲୁଙ୍ଗି, ଗାମୁଛା ବ୍ୟବହାର କରନ୍ତି । କୃଷକମାନେ ବିଭିନ୍ନ ପରବ, ମେଳା, ଉତ୍ସବ ବ୍ୟତୀତ ସାଧାରଣତଃ ଗଞ୍ଜି କିମ୍ବା ଜାମା ପିନ୍ଧିବା ଦେଖାଯାଏ ନାହିଁ ।

ଆଧୁନିକ ପୋଷାକ ଫୁଲ ପ୍ୟାଣ୍ଟ, ଜାମା ଆଦିର ବହୁଳ ପ୍ରଚଳନ ଦେଖାଯାଏ । ଛାତ୍ର, ଶିକ୍ଷକ, ଓକିଲ, ଡାକ୍ତର, ବ୍ୟବସାୟୀ, ଚାକିରିଆ ସମସ୍ତେ ଆଧୁନିକ ପୋଷାକ ପରିଧାନ କରନ୍ତି ।

ଉଚ୍ଚ ଶ୍ରେଣୀରେ ଲୋକେ ଶୀତ ଋତୁରେ ସାଲ, କୋଟ ପ୍ରଭୃତିର ବ୍ୟବହାର କରିଥାନ୍ତି । ଚପଲ ଓ ଜୋତାର ବହୁଳ ପ୍ରଚଳନ ଦେଖାଯାଏ । ନାରୀମାନେ ହସ୍ତତନ୍ତ ଓ ମିଲ୍ ଲୁଗା ପରିଧାନ କରନ୍ତି । ସାଦା ଓ ବିଭିନ୍ନ ରଙ୍ଗର ଚେକ୍ ଶାଢ଼ୀ ବ୍ୟବହୃତ ହୁଏ । ପର୍ବପର୍ବାଣି ମାନଙ୍କରେ ଯୁବତୀ ଝିଅମାନେ ଉନ୍ନତ ଓ ବହୁ ମୂଲ୍ୟର ଶାଢ଼ୀ ପରିଧାନ କରନ୍ତି ।

ସାଧାରଣ ପରିବାରର ପୁରୁଷ ଓ ନାରୀ ନିର୍ଦ୍ଦିଷ୍ଟ ରଙ୍ଗର ବସ୍ତ୍ର ପରିଧାନ କରନ୍ତି । ଉଦାହରଣ ସ୍ୱରୁପ- ଅଲେଖ ପନ୍ଥା ଗଣ ଗେରୁଆ ରଙ୍ଗର ଲୁଗା ବ୍ୟବହାର କରନ୍ତି । ମୁସଲମାନମାନେ ପର୍ବପର୍ବାଣୀ ସମୟରେ ଫେଜ ଟୋପି ବ୍ୟବହାର କରନ୍ତି । ଛାତ୍ରଛାତ୍ରୀ ଗଣ ଅନେକ ସ୍ଥଳରେ ନିର୍ଦ୍ଦିଷ୍ଟ ସ୍କୁଲ ପୋଷାକ ପରିଧାନ କରନ୍ତି । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ଲୋକେ ଅଳ୍ପ ବସ୍ତ୍ର ପରିଧାନ କରନ୍ତି । ସମସ୍ତ ପରିଧେୟ ପରିଷ୍କାର ଓ ପରିଛନ୍ନ ହୋଇଥାଏ । ଆଦିବାସୀମାନେ ସାଧାରଣତଃ ସ୍ୱଳ୍ପ ବସ୍ତ୍ର ପିନ୍ଧିବାରେ ଅଭ୍ୟସ୍ତ । ପୁରୁଷମାନେ ଲୁଙ୍ଗୀ, ଗାମୁଛା ବ୍ୟବହାର କରନ୍ତି । ସ୍ତ୍ରୀଲୋକେ ଶାଢ଼ୀ ପିନ୍ଧନ୍ତି । ସାୟା ଓ ବ୍ଲାଉଜର ବ୍ୟବହାର ଅଳ୍ପ ।_ହାଟ, ବଜାର, ମେଳା ଉତ୍ସବ ଓ ବିଭିନ୍ନ ପରବରେ ଏହା ବ୍ୟବହାର କରିଥାନ୍ତି ।

ଗ୍ରାମାଞ୍ଚଳର ଅଳ୍ପ ବୟସ୍କା (୫/୬ ବର୍ଷର) ଝିଅମାନେ ଲେଙ୍ଗୁଟି (ଲାଲ କିମ୍ବା କଳା ରଙ୍ଗର) ବ୍ୟବହାର କରନ୍ତି । ଏହାକୁ 'ଲହାଙ୍ଗ ଲୁଣ୍ଡନୀ' କହନ୍ତି । ଆଗକାଳରେ ସ୍ତ୍ରୀଲୋକେ ଆଣ୍ଠୁ ତଳକୁ ଶାଢ଼ୀ ପିନ୍ଧୁଥିଲେ । ଏବେ ଗୋଡ଼ର ବଳାଗଣ୍ଠି ପର୍ଯ୍ୟନ୍ତ ଶାଢ଼ୀ ପିନ୍ଧନ୍ତି । ମାନ୍କୀ ମୁଣ୍ଡା ମାନଙ୍କ ଘରର ସ୍ତ୍ରୀମାନେ କେତେକ କ୍ଷେତ୍ରରେ ଓଢ଼ଣା ଦିଅନ୍ତି ।

**ଅଳଙ୍କାର:-** ସମଗ୍ର ଅଞ୍ଚଳର ଅଧିବାସୀମାନେ ଜୀବନର ଭିନ୍ନ ଭିନ୍ନ ସମୟରେ ବହୁ ପ୍ରକାର ଅଳଙ୍କାର ପରିଧାନ କରିଥାନ୍ତି । ଅଳଙ୍କାର ଗୁଡ଼ିକ ସୁନା,ରୁପା, ତମ୍ବା, ପିତଳ, ଲୁହା, ସିଲ୍ଭର, ଆଲୁମିନିୟମ୍ ପ୍ରଭୃତି ବିଭିନ୍ନ ଧାତୁ, ପଣମୁକ୍ତା, ମାଣିକ୍ୟ, ବୈଦୁର୍ଯ୍ୟ ପ୍ରଭୃତି (ରତ୍ନ) ପଥରରେ ନିର୍ମିତ ହୋଇଥାଏ । ବିଭିନ୍ନ ଧାତୁରେ ନିର୍ମିତ ନକଲି ଅଳଙ୍କାର ମଧ୍ୟ ବ୍ୟବହାର କରାଯାଏ ।

**ପୁରୁଷମାନଙ୍କ ଅଳଙ୍କାର:-**

**ବାହୁ:** ଚୌକ୍ୟ, ବେଙ୍ଗ (ଏହା ସାଧାରଣତଃ ଦକ୍ଷିଣ ବାହୁରେ ପିନ୍ଧାଯାଏ), ତାବିଜ (ଗୋଲ୍, ଚେପଟା, ଲମ୍ବା) ଇତ୍ୟାଦି ବିଭିନ୍ନ ଧାତୁରେ (ସୁନା, ରୁପା, ତମ୍ବା) ନିର୍ମିତ । ଅନନ୍ତ ଉଭୟ ସ୍ତ୍ରୀ ପୁରୁଷ ପିନ୍ଧନ୍ତି ।

**ବେକ:** ରୁଦ୍ରାକ୍ଷ, ମଙ୍ଗୁଆ, ଗୋପ, ବଳା, ପଇଁଛ୍ଷ, କେରା, ହାର, ମାଳ ଇତ୍ୟାଦି ବ୍ୟତୀତ ମଙ୍ଗୁଆ ମୋହରମାଳା ଜମିଦାର ଓ ଧନୀମାନେ ପିନ୍ଧନ୍ତି । ଏହା ଆଭିଜାତ୍ୟର ପ୍ରତୀକ । ସୁନା ଓ ରୁପାର ଚେନ୍ ବେକର ଅଳଙ୍କାର ରୂପେ ବ୍ୟବହୃତ ହୁଏ ।

**କମର:** ହାରାହାରା, କାରଧନୀ, ବିଛା, ଲଘ୍ରଂ, ଜଞ୍ଜା ପ୍ରଭୃତି ଧନୀ ଶ୍ରେଣୀର ପୁରୁଷ କମରରେ କମରପଟୀ ରୂପେ ବ୍ୟବହାର କରନ୍ତି । ଏଗୁଡ଼ିକ 'ଜାଇ' ନାମରେ କଥିତ । ଏବେ ଏଗୁଡ଼ିକ ପ୍ରଚଳନ

ନାହିଁ । ପିଲା ମାନଙ୍କର ପାଦ, ଜଙ୍ଘ, ବାହୁ ଓ ଗଳା ପ୍ରଭୃତି ସ୍ଥାନରେ ବିଭିନ୍ନ ପ୍ରକାର ଅଳଙ୍କାର ବିଭିନ୍ନ ଧାତୁରେ ନିର୍ମିତ ହୋଇ ବ୍ୟବହୃତ ହୁଏ । ସେଗୁଡ଼ିକ ଗଳାରେ ହାର, ପଟାକୀ, ପଦ୍ମ, ବାହୁରେ ତାବିଜ, ତେଉଁରିଆ, ଅଣ୍ଟାରେ ଘୁଙ୍ଗୁର, ରୂପାଫିତା, ଗୋଡ଼ରେ ଘୁଙ୍ଗୁର ଇତ୍ୟାଦି ବ୍ୟବହାର କରାଯାଏ । ପାଦରେ ସୁନାର ଅଳଙ୍କାର ବ୍ୟବହୃତ ହୁଏ ନାହିଁ । ଧନାଧିକାରିଣୀ ଲକ୍ଷ୍ମୀଦେବୀ ପାଦକୁ ଛୁଇଁବେ ନାହିଁ, ଏଇ ବିଶ୍ୱାସ ।

ମହିଳାମାନଙ୍କ ଅଳଙ୍କାର: ମହିଳାମାନେ କପାଳ ମଝିରେ 'ଚୁନ୍ନି' ବ୍ୟବହାର କରନ୍ତି । ଏହା ମଙ୍ଗଟୀକା ଭାବରେ କଥିତ ହୁଏ । ପୂର୍ବରୁ ଧନୀ ଶ୍ରେଣୀର ମହିଳାମାନେ ମୁକୁଟ ପିନ୍ଧୁଥିଲେ । ଟିକିଲି, ବିନ୍ଦି, ନଥ, ସୁନା ଓ ରୂପାର ହାର, ବେସର ଓ ଝୁଲୁକି ପ୍ରଭୃତି ଅଳଙ୍କାର ସ୍ତ୍ରୀଲୋକ ମାନେ ବ୍ୟବହାର କରନ୍ତି ।

କାନ: ଝିମ୍‌ଝିମିଆ, ମାଛିଆ, କାନଫୁଲ, ବଳା ପ୍ରଭୃତି ଅଳଙ୍କାର କାନରେ ବ୍ୟବହୃତ ହୁଏ ।

ବେକ: ପଟରଲୀ, ବଧି, ହାର, ଚମ୍ପାକଢ଼ି, ରୂପାଟଙ୍କାର ଛେଡ଼ା ପ୍ରଭୃତି ବେକର ଅଳଙ୍କାର ଭାବରେ ବ୍ୟବହୃତ ହୁଏ ।

ବାହୁ: ବାହୁରେ ଛଦିଆ, ବାହୁ ଅନନ୍ତ ପ୍ରଭୃତି, ବଳାଗଣ୍ଠିରେ ବଳା, ଚୁଡ଼ି, କତୁରୀ, ବଟଫଳ, ଆଙ୍ଗୁଳିରେ ଅଙ୍ଗୁରୀୟ ପ୍ରଭୃତି ଆଙ୍କର ପ୍ରଚଳିତ । ଏତଦ୍ ବ୍ୟତୀତ କମର ବନ୍ଧ, ବନ୍ଧନୀ, ଛାବା ଇତ୍ୟାଦି । ପାଦରେ ପାଉଁଜର, ବିଛା, ଝୁଣ୍ଟିଆ, ବଳା, ଗୋଡ଼ଖାଡ଼ୁ, ଇତ୍ୟାଦି ଅଳଙ୍କାର ବ୍ୟବହୃତ ହୁଏ ।

ଖଡ଼ିଆ ସ୍ତ୍ରୀଲୋକମାନେ ପିତଳରେ ତିଆରି ଅଳଙ୍କାର ସହ ଅନ୍ୟ ଧାତୁରେ ନିର୍ମିତ ଅଳଙ୍କାର ମଧ୍ୟ ବ୍ୟବହାର କରନ୍ତି । ସେମାନେ ହଂସୁଲୀ (ପିତଳ ନିର୍ମିତ)ର ରଙ୍ଗ (ବାହୁ), କାନବୋଗି, ଝୁଣ୍ଟିଆ, କଟରୀ,ଖଂସୁ (ମଥାକଣ୍ଟା), କନୌଲି (ବାଉଁଶ ତିଆରି ପାନିଆଁ) ପ୍ରଭୃତି ବ୍ୟବହାର କରନ୍ତି । ଏଗୁଡ଼ିକ ସାଧାରଣତଃ ହିନ୍ଦୁ ମାନଙ୍କର ବ୍ୟବହୃତ ଅଳଙ୍କାର ଓ ବ୍ୟବହାର୍ଯ୍ୟ ଦ୍ରବ୍ୟର ଅନୁରୂପ । ଏତଦ୍ ବ୍ୟତୀତ ସେମାନେ କାଚ ଓ ଘାସର ମାଳି ବ୍ୟବହାର କରନ୍ତି ।

ସାନ୍ତାଳମାନେ ତମ୍ବା, ସିଲଭର୍, ନିକେଲ ନିର୍ମିତ ଅଳଙ୍କାର ସବୁ ବ୍ୟବହାର କରନ୍ତି । ସେମାନଙ୍କର ବ୍ୟବହାର କରୁଥିବା ଅଳଙ୍କାର ଗୁଡ଼ିକର ନାମ- ଫୋର୍‌ସାକ୍‌ଟା, ଟାଟ, ଦଣ୍ଡାଝିଞ୍ଜର, ବାଇଜୁ, ପେସ୍କେନି, ଦିକୋ ଖଦାଳ ଇତ୍ୟାଦି । ସାନ୍ତାଳ ମହିଳାମାନେ ନୁଲୁକ, ଦୁଲୁକ, ଫୁଲି ନାକରେ ପିନ୍ଧନ୍ତି । ବେକରେ ଗୁଞ୍ଜାମାଳ, ପଦକ, ମୋହରମାଳ, ପଙ୍କଥ, ମେଚ କଣ୍ଠି କିମ୍ବା ହାକୁ ପଞ୍ଜ ଇତ୍ୟାଦି ବ୍ୟବହାର କରନ୍ତି । ବିଭିନ୍ନ ଋତୁରେ ଫୁଟୁଥିବା ଫୁଲରେ ସାନ୍ତାଳ ସ୍ତ୍ରୀ ଲୋକମାନେ ନିଜକୁ ସଜାନ୍ତି ।

ହୋ ଗୋଷ୍ଠୀର ଲୋକମାନଙ୍କର ଅଳଙ୍କାର ଓ ପୋଷାକ ସାନ୍ତାଳ ମାନଙ୍କ ପରି । ହିନ୍ଦୁ ଜାତିର ସ୍ତ୍ରୀ ଲୋକମାନେ ସୁନା, ରୂପା, ତମ୍ବା, ପିତଳ ପ୍ରଭୃତି ଧାତୁର ଅଳଙ୍କାର ପିନ୍ଧନ୍ତି । ଉନ୍ନତ

ପରିବାରର ସ୍ତ୍ରୀଲୋକମାନେ ହୀରା, ନୀଳମୁକ୍ତା, ମାଣିକ୍ୟ, ବୈଦୂର୍ଯ୍ୟ ଓ ଗନ୍‌ରେ ନିର୍ମିତ ଅଳଙ୍କାର ବ୍ୟବହାର କରନ୍ତି ।

**ଭାଷା:** ସିଂଭୂମ୍, ମୟୂରଭଞ୍ଜ ଓ ପୁରୁଲିଆ ଅଞ୍ଚଳରେ ପ୍ରଚଳିତ ଭାଷା ମୁଖ୍ୟତଃ ତିନିଗୋଟି ମୂଳଭାଷା ଅନ୍ତର୍ଗତ, ଯଥା- ମୁଣ୍ଡା ପରିବା, ହୋ, ମୁଣ୍ଡାରୀ, ସାନ୍ତାଳୀ, ମାହେଲୀ ଓ ଭୂମିଜୀ । ଦ୍ରାବିଡ଼ ଗୋଷ୍ଠୀର ଅରାଂ, ଖଡ଼ିଆ, ତାମିଲ, କିଷାନ ଓ ଗଣ୍ଡୀ । ଇଣ୍ଡୋ-ଏସିଆନ୍ ଗୋଷ୍ଠୀର ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଗୁଜୁରାଟୀ, ନେପାଳୀ ଓ ପଞ୍ଜାବୀ ପ୍ରଭୃତି ଭାଷା ପ୍ରଚଳିତ । ଏତଦ୍ ବ୍ୟତୀତ ବହୁ ଉପଭାଷା ମଧ୍ୟ ଏ ଅଞ୍ଚଳରେ ପ୍ରଚଳିତ ।

**ଧର୍ମ:** ସିଂଭୂମ୍, ମୟୂରଭଞ୍ଜ ଓ ପୁରୁଲିଆ/ମାନଭୂମ ଜିଲ୍ଲାର ଆଦିମ ଅଧିବାସୀଗଣ ସେମାନଙ୍କର ପାରମ୍ପରିକ ଧର୍ମ ବିଶ୍ୱାସ ସହ ପଡ଼ୋଶୀ ହିନ୍ଦୁମାନଙ୍କ ପ୍ରଭାବରେ ଅନେକ ହିନ୍ଦୁ ଦେବାଦେବୀଙ୍କୁ ଆରାଧନା କରିଥାନ୍ତି । ବିଭିନ୍ନ ପର୍ବପର୍ବାଣି ଓ ପୂଜା ଅନୁଷ୍ଠାନ ଗୁଡ଼ିକରେ ହିନ୍ଦୁ ଧର୍ମର ପ୍ରଚଳିତ ରୀତିନୀତି ଏଥିର ପ୍ରମାଣ ପ୍ରଦାନ କରେ ।

ଆଦିବାସୀଗଣ ବିଭିନ୍ନ ଧର୍ମଧାରା ଅନୁସରଣ କରନ୍ତି ଯଥା- ସାନ୍ତାଳୀ, ମୁଣ୍ଡାରୀ, ସାରନା, ହୋ, କର୍ମାଲୀ, ସିଂବଙ୍ଗା, ଜାହିରା, କୋହ୍ଲୁ ମାହେଲୀ, ଖଡ୍ଡୁଆର, ଗଣ୍ଡ, ମାରାଙ୍ଗ-ବୁରୁ ଇତ୍ୟାଦି । ଆଦିବାସୀ ଓ ଅଣ ଆଦିବାସୀ ମାନଙ୍କ ମଧ୍ୟରେ ଜୈନ, ବୌଦ୍ଧ, ଶିଖ, ଜୋରାଷ୍ଟ୍ରିଆନ, ଜିଉ ପ୍ରଭୃତି ଧର୍ମାବଲମ୍ବୀ ମାନଙ୍କ ବ୍ୟତୀତ ଅଲେଖ, ସନାତନ, ଶଙ୍ଖ, ରାଧେଶ୍ୟାମ ପନ୍ଥୀ, ଶୈବ, ମୁନି ସମାଜ, ସତ୍ୟ ନାରାୟଣ ଧର୍ମ, ବାହ୍ମଣ ଧର୍ମ, ସାଧୁ ଧର୍ମ, ଅନୁକୂଳ ପନ୍ଥୀ ପ୍ରଭୃତି ବିଭିନ୍ନ ଧର୍ମ ସଂପ୍ରଦାୟର ଲୋକ ବିଭିନ୍ନ ସ୍ଥାନରେ ଦେଖାଯାନ୍ତି । ଖ୍ରୀଷ୍ଟିଆନ, ମିଶନାରୀ ମାନଙ୍କ ପ୍ରଚାର ଫଳରେ ଅନେକ ଖ୍ରୀଷ୍ଟଧର୍ମାବଲମ୍ବୀ ଓ ଅନେକ ସ୍ଥାନରେ ମୁସଲମାନ ସଂପ୍ରଦାୟ ଲୋକମାନେ ମଧ୍ୟ ବାସ କରନ୍ତି ।

**ପ୍ରଶାସନିକ ସଂଗଠନ ଓ କାର୍ଯ୍ୟାଧିକାରୀ:**

ଷ୍ଟାଟିଷ୍ଟିକାଲ ଏକାଉଣ୍ଟ ଅଫ୍ ସିଂଭୂମରେ ଉଲ୍ଲେଖ ଅଛି ଯେ, ସିଂଭୂମରେ ପରଗଣା କିମ୍ବା ସବ୍‌ଡିଭିଜନ ପରି କୌଣସି ପ୍ରଶାସନିକ ବିଭାଗ ନଥିଲା । କେତେଗୋଟି ଗ୍ରାମ ସମଷ୍ଟିରେ ପିଢ଼ ଗଠିତ ହୋଇଥାଏ । ତହିଁରେ ମୁଖ୍ୟ ବ୍ୟକ୍ତି 'ମାନ୍‌କୀ' ଭାବେ କଥିତ ହୁଅନ୍ତି । ହୋ ଓ ମୁଣ୍ଡା ମାନଙ୍କ ମଧ୍ୟରେ ପାରମ୍ପରିକ ରାଜସ୍ୱ ସମ୍ବନ୍ଧୀୟ ପିଢ଼ କିମ୍ବା ପିଢ଼ା ପ୍ରଚଳିତ । ଏହା ପ୍ରାଚୀନ ପ୍ରଥା । କୋହାନ ଅଞ୍ଚଳରେ ବ୍ରିଟିଶମାନେ ଏ ପ୍ରଥା ପ୍ରଚଳନ କରାଇଛନ୍ତି । କେତେକ କ୍ଷେତ୍ରରେ ମାନ୍‌କୀ ମାନଙ୍କୁ ଶାସନକାର୍ଯ୍ୟରେ ସାହାଯ୍ୟ କରିବା ନିମନ୍ତେ ଉପମାନକୀ ରହିଥାନ୍ତି ।

ସିଂଭୂମର କୋହ୍ଲାନ (ହୋ ଦେଶମ୍), ପୋଡ଼ାହାଟ, ଖରସୁଆଁ, ଷଢ଼େଇକଳା ଓ ଧଳଭୂମରେ ଏପରି ପ୍ରଥା ପ୍ରଚଳନ ଥିଲା । ୧୮୬୮ ମସିହାରେ ସର୍ଭେ ଅନୁସାରେ ଖରସୁଆଁର ତିନି ଗୋଟି ଓ

ଷଢ଼େଇକଳାରେ ଆଠ ଗୋଟି ପିଢ଼ ରହିଥିଲା ।ଏ ସବୁ ରାଜ୍ୟର ମୁଖିଆ ମାନଙ୍କ ଅଧୀନରେ ପାଇକ ସେନା ନିଯୁକ୍ତ ହେଉଥିଲେ । ପୋଡ଼ାହାଟ, ଖରସୁଆଁ, ଷଢ଼େଇକଳା ଓ ଧଳଭୂମର ରାଜାଗଣ ଓଡ଼ିଶାର ଗଜପତିଙ୍କର ଅଧୀନରେ ରହିଥିଲେ ।

ପ୍ରାଥମିକ ପର୍ଯ୍ୟାୟରେ ମୟୂରଭଞ୍ଜର ଭଞ୍ଜରାଜା ଗଣ ସମଗ୍ର ରାଜ୍ୟ ବାଇଶ ଗୋଟି ଭାଗରେ ବିଭକ୍ତ କରି ପ୍ରତ୍ୟେକକୁ ଜଣେ ଜଣେ ସରବରାକାରଙ୍କ ଅଧୀନରେ ରଖିଥିଲେ । ଏହି ସରବରାକାରମାନେ ପ୍ରଜାଙ୍କ ନିକଟରୁ ଖଜଣା ଅସୁଲ କରି ରାଜାଙ୍କୁ ପ୍ରଦାନ କରୁଥିଲେ । ଏମାନଙ୍କ ଅଧୀନରେ ଗୋଟିଏ ଗୋଟିଏ ସେନା ବିଭାଗ ରହିଥିଲା । ଏଇ ସେନା ପାଇକ ଭାବରେ ପରିଚିତ ଥିଲେ । ଏମାନେ ଚୁଆଡ଼ ଓ ଖଣ୍ଡାୟତ ଶ୍ରେଣୀର ଥିଲେ । ଏହି ପାଇକ ବାହିନୀ ଯୁଦ୍ଧ ସମୟରେ ରାଜାଙ୍କ ପକ୍ଷରେ ଯୁଦ୍ଧ କରୁଥିଲେ ଓ ଶାନ୍ତି ସମୟରେ ନିଜ ନିଜ ସରବରାକାରଙ୍କ ଅଧୀନରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଖଜଣା ଆଦାୟ କାର୍ଯ୍ୟରେ ନିୟୋଜିତ ରହିଥିଲେ । ଏମାନେ ଏଥିପାଇଁ ଜାଗିର ଭୋଗ କରୁଥିଲେ । ସରବରାକାରମାନେ ବଂଶ ପରଂପରା କ୍ରମେ ନିଜ ନିଜର ଦାୟିତ୍ୱ ପାଳନ କରି ପାରୁଥିଲେ ।

ପ୍ରତ୍ୟେକ ଗ୍ରାମରେ ଜଣେ ଜଣେ 'ପଧାନ' ରହୁଥିଲେ । ଏମାନେ ପ୍ରଜାଙ୍କଠାରୁ ଖଜଣା ଅସୁଲ କରି ସରବରାକାରଙ୍କ ନିକଟରେ ଦାଖଲ କରୁଥିଲେ । ଏମାନେ ଗ୍ରାମର ଆଇନ ଶୃଙ୍ଖଳା ରକ୍ଷା ଦିଗରେ ମଧ ଦାୟିତ୍ୱ ବହନ କରୁଥିଲେ ।

ପରବର୍ତ୍ତୀ କାଳରେ ବାହାର ଆକ୍ରମଣରୁ ରାଜ୍ୟକୁ ରକ୍ଷା କରିବାର ଦାୟିତ୍ୱ ବ୍ରିଟିଶ ସରକାର ବହନ କଲା ପରେ ସରବରାକାରଙ୍କ କ୍ଷମତା ହ୍ରାସ ପାଇବା ସଙ୍ଗେ ସଙ୍ଗେ ସେମାନଙ୍କ ଅଧୀନରେ ଥିବା ସେନା ସଂଖ୍ୟା ମଧ ହ୍ରାସ ପାଇଲା । ସରବରାକାରଙ୍କ ସ୍ଥାନରେ ପ୍ରତ୍ୟେକ ପରଗଣା କିମ୍ବା ପିଢ଼ ସରବରାକାର ମାନଙ୍କ ଦାୟିତ୍ୱରେ ରହିଲା । କିନ୍ତୁ ପାଇକ ବାହିନୀ ନିଯୁକ୍ତ ବ୍ୟବସ୍ଥା ରହିଲା ନାହିଁ । ଯେଉଁ ପାଇକମାନେ ଜାୟଗିର ଭୂମି ପାଇଁ ରହିଲେ ସେମାନେ କେତେବେଳେ ଖଜଣା ଅସୁଲ ନିମନ୍ତେ ସର୍ଦ୍ଦାରଙ୍କ ସହିତ ଯୁକ୍ତ ହେଲେ କେତେବେଳେ ରାଜବାଟୀରେ ପାରିବାରିକ କିମ୍ବା ଅନ୍ୟ କାର୍ଯ୍ୟରେ ନିଯୁକ୍ତ ହେଲେ । ସର୍ଦ୍ଦାରମାନେ ଖଜଣା ଆଦାୟ କରିବା ସଙ୍ଗେ ସଙ୍ଗେ କେତେକାଂଶରେ ଆଇନ ଶୃଙ୍ଖଳାର ଦାୟିତ୍ୱ ମଧ ବହନ କରୁଥିଲେ ।

ଗାଁରେ ପଧାନମାନଙ୍କ ସାହାଯ୍ୟ ନିମନ୍ତେ ଡାକୁଆ, ଛାଟିଆ ପ୍ରଭୃତି ସେବାୟତ ମାନେ ନିଯୁକ୍ତ ରହୁଥିଲେ ।

ମୟୂରଭଞ୍ଜରେ ୧୮୬୬ ବିଦ୍ରୋହ ପୂର୍ବରୁ ଏପରି ସର୍ଦ୍ଦାର-ପଧାନ-ପାଇକ ପ୍ରଥା ପ୍ରଚଳିତ ଥିଲା । ୧୮୯୪ ବେଳକୁ ଚଉକିଦାରୀ ପ୍ରଥା ପ୍ରଚଳନ ହୋଇଥିଲେ ହେଁ ୧୯୦୬ ବେଳକୁ ପାଇକ ପ୍ରଥା ଉଠିଯାଇ ଚଉକୀଦାରମାନେ ବେତନ ଭୋଗୀ କର୍ମଚାରୀ ଭାବରେ ପରିଗଣିତ ହେଲେ ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜତ୍ୱ କାଳରେ ସର୍ଦ୍ଦାର ମାନଙ୍କ ସ୍ଥାନରେ ତହସିଲଦାରୀ ପ୍ରଥା ପ୍ରଚଳନ ହେଲା । ୧୯୪୯ରେ ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ ପରେ ପୂର୍ବ ପ୍ରଚଳିତ ପ୍ରଥାର ଉଚ୍ଛେଦ ଘଟିଲା ।

ପୁରୁଲିଆ / ମାନଭୂମର ଦକ୍ଷିଣ ପଶ୍ଚିମ ଅଞ୍ଚଳରେ ଭୂମିଜ ଗ୍ରାମ ମାନଙ୍କରେ ଗ୍ରାମର ମୁଖିଆ ସାଧାରଣତଃ ସର୍ଦ୍ଦାର ଭାବରେ କଥିତ ହୁଅନ୍ତି । ସର୍ଦ୍ଦାର ପଦବୀ ପୂର୍ଣ୍ଣତଃ ମୁଖିଆ ବ୍ୟକ୍ତିଙ୍କୁ ବୁଝାଏ ନାହିଁ । କାରଣ ପ୍ରତ୍ୟେକ ସମ୍ମାନାସ୍ପଦ ଭୂମିଜ 'ସର୍ଦ୍ଦାର' ଭାବରେ କଥିତ ହୁଅନ୍ତି ଏବଂ ଏହା ଏକ ଜାତିର ପଦବୀ ରୂପେ କଥିତ ହୁଏ । ପାତକୁମ ଓ ବାଗମୁଣ୍ଡି ଅଞ୍ଚଳରେ ସର୍ଦ୍ଦାର ପଦବୀ ଅନ୍ତର୍ହିତ ହୋଇ ଶେଷରେ ମୁଖିଆମାନେ 'ମୁରା' ଅଥବା 'ମୁଣ୍ଡା' ଭାବରେ କଥିତ ହୁଅନ୍ତି । ସେମାନେ ମୁଣ୍ଡାରୀ ଭାଷାରେ କଥାବାର୍ତ୍ତା କରିବା ସହିତ ନିଜକୁ ମୁଣ୍ଡା ଭାବରେ ପରିଚୟ ଦିଅନ୍ତି । ପକ୍ଷାନ୍ତରେ ସର୍ଦ୍ଦାର / ମୁଣ୍ଡା ହେଉଛନ୍ତି ସାଧାରଣତଃ ଗ୍ରାମୀଣ ଚାଷୀ (ଇଜାରଦାର) । କେବଳ ସାନ୍ତାଳୀ ଗାଁ ମାନଙ୍କରେ କିମ୍ବା ବେଶି ସଂଖ୍ୟାରେ ବାସ କରୁଥିବା ସାନ୍ତାଳୀ ଗାଁରେ ମୁଖିଆଙ୍କୁ 'ମାଝୀ' କହନ୍ତି । ଭୂମିଜ ମାନଙ୍କର ସର୍ଦ୍ଦାର ମାନଙ୍କ ପରି ମାଝୀ ସାଧାରଣତଃ ଗ୍ରାମ ଚାଷ କରନ୍ତି କିମ୍ବା କୃଷକ ମାନଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରନ୍ତି । ସେ ଗ୍ରାମର ସଭାଗୁଡ଼ିକରେ ଅଧକ୍ଷତା କରନ୍ତି । ଗଣ୍ଡଗୋଳ ମେଣ୍ଟାନ୍ତି, ଶିକାରୀ ଦଳ ଯୋଗାଡ଼ କରନ୍ତି । ବିବାହ ଓ ଧର୍ମାନୁଷ୍ଠାନରେ ଉପସ୍ଥିତ ରହନ୍ତି ଓ ଗ୍ରାମର ପ୍ରତିନିଧିତ୍ୱ କରନ୍ତି ।

ମାଝୀଙ୍କ ବ୍ୟତୀତ ସାନ୍ତାଳ ମାନଙ୍କ ମଧ୍ୟରେ 'ପରଗଣାୟତ' ନାମରେ ଅନ୍ୟ ଜଣେ କାର୍ଯ୍ୟାଧିକାରୀ ଦେଖାଯାଆନ୍ତି । ସିଂଭୂମର କୋହ୍ଲାନ ଅଞ୍ଚଳରେ 'ମାନ୍‌କୀ' ମାନଙ୍କ ପରି ତାଙ୍କର ଦାୟିତ୍ୱ ଓ କେତେକ ଗ୍ରାମ ମାନଙ୍କର ମୁଖିଆ ରୂପେ ପରିଗଣିତ ହୋଇଥାନ୍ତି ।

ପୁରୁଲିଆ/ ମାନଭୂମରେ କୁଡୁମୀ ମାନେ ବହୁଳ ଭାବରେ ବାସ କରନ୍ତି । ସେମାନଙ୍କର ମୁଖିଆଙ୍କୁ 'ମାହାତୋ' କିମ୍ବା 'ଦେଶ ମଣ୍ଡଳ' ବୋଲାଯାଏ । ଭୂମିଜ ମାନଙ୍କ ପରିପ୍ରେକ୍ଷୀରେ ପ୍ରତ୍ୟେକ ସମ୍ମାନାସ୍ପଦ ବ୍ୟକ୍ତି 'ମାହାତୋ' ବା 'କୁଡୁମୀ ମାହାତୋ' ଭାବରେ ଅଭିହିତ ହୋଇଥାନ୍ତି । ମୟୂରଭଞ୍ଜ ଓ ସନ୍ନିହିତ ଅଞ୍ଚଳରେ ଏମାନେ 'ମାହାନ୍ତ' ବା 'ମହାନ୍ତ' ଭାବରେ ଖ୍ୟାତ ।

ଯେଉଁଠାରେ ବିଭିନ୍ନ ଜାତିର ଲୋକ ବାସ କରନ୍ତି ସେ ଗ୍ରାମର ବାସିନ୍ଦା ଚାଷୀ (ଇଜାରଦାର)ଙ୍କର ମୁଖିଆ ଭାବରେ ଗ୍ରାମର ବ୍ୟକ୍ତିଗତ ସମ୍ପତ୍ତି ସଂକ୍ରାନ୍ତ ଗଣ୍ଡଗୋଳ ମେଣ୍ଟାନ୍ତି କିମ୍ବା ଜମିଦାରଙ୍କୁ ଖବର ଦିଅନ୍ତି । ସେ ଗାଁରୁ ଖଜଣା ଆଦାୟ କରନ୍ତି ଓ ଜମିଦାରଙ୍କ ନିକଟରେ ଦାଖଲ କରିଥାନ୍ତି । ସେ ତାଙ୍କର କାର୍ଯ୍ୟ ସମ୍ପାଦନ ଓ ଦାୟିତ୍ୱ ତୁଲାଇବା ନିମନ୍ତେ ଜମିଦାରଙ୍କ ନିକଟରୁ ଖଜଣା ମୁକ୍ତ ଜମି ପାଇଥାନ୍ତି । ତାହା 'ମାଣ' ନାମରେ କଥିତ । ଜଣେ 'ଇ ଜାରଦାର' ଗାଁର ବାସିନ୍ଦା ହୋଇ ନଥାନ୍ତି । ଗାଁର ମୁଖିଆଙ୍କୁ ସାଧାରଣତଃ 'ମାହାତୋ' କିମ୍ବା 'ମାଁଝି' ଆଖ୍ୟା

ଦିଆ ଯାଇଥାଏ । ସେ କାୟସ୍ଥ, ଗୋଆଲା, କୁର୍ମୀ କିମ୍ବା କୁମ୍ଭାର ଏପରି ଭିନ୍ନ ଜାତିର ହୋଇଥାଇ ପାରନ୍ତି । ବ୍ରାହ୍ମଣ ଜାତିର 'ମାଁଝି' ରହିଥିବାର ମଧ୍ୟ ଦେଖାଯାନ୍ତି ।

ପୁରୁଲିଆ/ ମାନଭୂମର ଘାଟଓ୍ୱାଳୀ ଅଞ୍ଚଳ ମାନଙ୍କରେ ମୁଖ୍ୟ (ସର୍ଦ୍ଦାର) ଘାଟଓ୍ୱାଲମାନେ ଏବଂ ଗ୍ରାମର ସର୍ଦ୍ଦାର ଓ ସଦ୍ୟାଳମାନେ ଗ୍ରାମର ମୁଖିଆ ହୋଇଥାନ୍ତି । ସେହିପରି 'ଜାଗିର ପ୍ରଥା' ପ୍ରଚଳିତ ଅଞ୍ଚଳରେ ଜାଗିରଦାର ମାନେ ଜମିଦାରଙ୍କ ଦ୍ୱାରା ନିଯୁକ୍ତ 'ଇଜାରଦାର' ମାନଙ୍କ ପରି ସମକ୍ଷମତା ସଂପନ୍ନ ଦାୟିତ୍ୱ ସଂପାଦନ କରନ୍ତି । ଗ୍ରାମର ଭୂସମ୍ପତ୍ତି, ବ୍ରହ୍ମୋତ୍ତର, ଦେବୋତ୍ତର ପ୍ରଭୃତି ନାମରେ କଥିତ ହୁଏ । କେତେକ ଗ୍ରାମରେ ଆଦିବାସୀ ପୁରୋହିତ 'ନାୟା' / 'ଲାୟା' ଭାବରେ କଥିତ ହୁଅନ୍ତି । ସେ ସେହି ଗ୍ରାମରେ ନିଜର ପ୍ରଭାବ ଫଳରେ ସାଧାରଣତଃ ମୁଖିଆ ରୂପେ ବିବେଚିତ ହୋଇଥାନ୍ତି ।

**ନିର୍ବାଚିତ ସହାୟିକା ପୁସ୍ତକ ସୂଚୀ:**


1. Bhattacharya Ashutosh : Chhau Dance of Purulia R.B.U. 1972.
2. Das T.C. : The Hos of Seraikella, Calcutta University- 1927.
3. Hunter W.W.: : The Statistical Account of Singhbhum, Tributary States of Chutia Nagpur and Manbhum vol.XVII- 1817, Reprinted in India 1976.
4. Laiqudhin Md.: Census of India, Mayurbhanj : 1931.
5. Lenha B.P. : ମୟୂରଭଞ୍ଜ ଇତିହାସ-୧୯୯୩ ।
6. Roy Choudhury P.C. : Bihar District Gazetteers, Singhbhum-1958.
7. Senapati N. & Sahu N.K. : Orissa District Gazetteers, Mayurbhanj-1967.


◆◆◆

# ଦ୍ୱିତୀୟ ଅଧ୍ୟାୟ

## ସଂପୃକ୍ତ ଅଞ୍ଚଳର ସାଂସ୍କୃତିକ ପରମ୍ପରା

ଛଉ ନାଚ ପ୍ରଚଳିତ ସିଂଭୂମ (ପୂର୍ବତନ ବିହାର, ନବଗଠିତ ଝାଡ଼ଖଣ୍ଡ), ମୟୂରଭଞ୍ଜ (ଓଡ଼ିଶା) ଓ ପୁରୁଲିଆ (ପଶ୍ଚିମବଙ୍ଗ) ଅଞ୍ଚଳରେ ମୁଖ୍ୟତଃ ଆଦିବାସୀ ଓ ଅଣ-ଆଦିବାସୀ: ଏପରି ଦୁଇଗୋଟି ସାଂସ୍କୃତିକ ଧାରା ପରିଲକ୍ଷିତ ହୁଏ । ଆଦିବାସୀ ମାନଙ୍କ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ସାଂସ୍କୃତିକ ଐକ୍ୟ ରହିଅଛି ।

ବ୍ରିଟିଶ ରାଜତ୍ୱ କାଳରେ ଜନଜାତିମାନେ ଆନିମିଷ୍ଟ ହିନ୍ଦୁ ଓ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଭାବରେ ବିଭକ୍ତ ହୋଇଥିଲେ । ହିନ୍ଦୁ ଓ ଆନିମିଷ୍ଟ ଟ୍ରାଇବାଲ୍ ମାନଙ୍କ ମଧ୍ୟରେ ଏପରି ଆଚରଣଗତ ସୁସମ୍ବନ୍ଧ ଅଛି ଯେ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ସୃଷ୍ଟିକରିବା ସହଜ ନୁହେଁ । ଆନିମିଜିମ୍ ଶବ୍ଦର ଅର୍ଥ ଜଡ଼ାତ୍ମବୋଧବାଦ ।

ସିଂଭୂମ, ମୟୂରଭଞ୍ଜ, ପୁରୁଲିଆ, ମେଦିନୀପୁର ଓ ସନ୍ନିହିତ ଅଞ୍ଚଳ ମାନଙ୍କରେ ସହାବସ୍ଥାନ ହେତୁ ଆଦିବାସୀ ଓ ଅଣ-ଆଦିବାସୀ ସଂସ୍କୃତିର ସମନ୍ୱୟ ଘଟି ବହୁ ମିଶ୍ରିତ ରୀତିନୀତି ପ୍ରଚଳିତ । ଆଦିବାସୀ ସମାଜର ଧର୍ମବିଶ୍ୱାସ, ଆଚାର ଅନୁଷ୍ଠାନ, ଦେବଦେବୀ, ପୂଜା ଓ ଜୀବନଚର୍ଯ୍ୟାରେ ହିନ୍ଦୁ ଧର୍ମାଚାର ପଦ୍ଧତି ବହୁ ପରିମାଣରେ ଅନୁସୃତ ହୁଏ । ସେହିପରି ଆଦିବାସୀ ମାନଙ୍କ ଧର୍ମାଚାର ପଦ୍ଧତି ମଧ୍ୟ ହିନ୍ଦୁ ମାନଙ୍କୁ ପ୍ରଭାବିତ କରିଛି । ସମଗ୍ର ହିନ୍ଦୁ ଜଗତର ଉପାସ୍ୟ ଦେବତା ଶ୍ରୀଜଗନ୍ନାଥ ଶବର ଦେବତା ରୂପେ ପ୍ରଥମେ ପୂଜିତ ହେଉଥିଲେ ।  ଶବର ଦାୟାଦଗଣ ଅଦ୍ୟାବଧି ଶ୍ରୀଜଗନ୍ନାଥଙ୍କ ସେବାରେ ନିୟୋଜିତ ରହିଅଛନ୍ତି ।

ହିନ୍ଦୁଧର୍ମରେ ବିଭିନ୍ନ ସମୟରେ ବୌଦ୍ଧ, ଜୈନ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ବୈଷ୍ଣବଧର୍ମ, ଦର୍ଶନ ପ୍ରଚାରିତ ଓ ପ୍ରତିଷ୍ଠିତ ହୋଇଅଛି । ଫଳରେ ଲୋକ ସମାଜରେ ଧର୍ମାନୁସାରୀ ରୀତିନୀତି, ଆଚାର ଅନୁଷ୍ଠାନ ଓ ବିଶ୍ୱାସ ପ୍ରଚଳିତ ହେବା ସଙ୍ଗେ ସଙ୍ଗେ ଦୃଢ଼ୀଭୂତ ହୋଇଛି ।

ଅନ୍ୟ ପକ୍ଷରେ ସଂକ୍ଷେପରେ ଆଦିବାସୀ ମାନଙ୍କ ମୌଳିକ ଧର୍ମବିଶ୍ୱାସ ନିମ୍ନମତେ ଚିତ୍ରଣ କରାଯାଇ ଥାଏ ।

(କ) ସୂର୍ଯ୍ୟ ହିଁ ଶ୍ରେଷ୍ଠ ଦେବତା, ଏହା ଧରମ/ସିବୋଙ୍ଗା ନାମରେ କଥିତ । ସେ ପୃଥିବୀ ଓ ଜୀବଜଗତର ସ୍ରଷ୍ଟା । ସେ ସର୍ବଶକ୍ତିମାନ ।

(ଖ) ବହୁ ପ୍ରାକୃତିକ ପ୍ରେତାତ୍ମା (ଘବଗ୍ଧଙ୍କବ୍ଧବକ୍ଷ ଷ୍ଟକ୍ସସବ୍ଧସଗ୍ଧ)ର ଅବସ୍ଥିତି ବିଷୟରେ ବିଶ୍ୱାସ କରନ୍ତି ।

(ଗ) ପୂର୍ବପୁରୁଷଙ୍କ ଆତ୍ମାରେ ବିଶ୍ୱାସୀ । ଏଗୁଡ଼ିକ ଓଆବଙ୍ଗା, ଓରାବଙ୍ଗା କିମ୍ବା ବୁଢ଼ାବୁଢ଼ୀ ଭାବରେ କଥିତ ।

(ଘ) ଗ୍ରାମଦେବତା, ଦେଶା ବଲୀ, ଜହିରାବୁଢ଼ୀ ପ୍ରଭୃତିଙ୍କଠାରେ ବିଶ୍ୱାସ କରନ୍ତି ।

(ଡ) ଆତ୍ମାମାନେ ଅସନ୍ତୁଷ୍ଟ ହେଲେ ରୋଗର ଉତ୍ପତ୍ତି ହୁଏ ।

(ଚ) ମୂର୍ତ୍ତି ପୂଜାର ପ୍ରଚଳନ ନାହିଁ । ଏମାନେ ଏକେଶ୍ୱରବାଦୀ ।

ସୂର୍ଯ୍ୟ ଅଥବା ସିଂବୋଙ୍ଗା ଜୀବନ ଓ ପୃଥିବୀର ସ୍ରଷ୍ଟା, ବୃଷ୍ଟି ଓ ଶସ୍ୟ ଉତ୍ପାଦନର କାରକ । ମଦମାଂସ ଦ୍ୱାରା ତାଙ୍କୁ ଆରାଧନା କରାଯାଏ । ସିଂବୋଙ୍ଗା ପରେ ହାରିଂବୋଙ୍ଗା । ଗୋଟିଏ ବଂଶର ଆରାଧ୍ୟ ଦେବତା । ପ୍ରତି ବଂଶରେ ହରଂବୋଙ୍ଗା ଥାନ୍ତି । ପ୍ରତ୍ୟେକ ଗ୍ରାମରେ 'ଜାହିରା ଥାନ' ଥାଏ । ସେଠାରେ ଦେଶାଓଲୀ ଓ ତାଙ୍କ ସ୍ତ୍ରୀ ଥାନ୍ତି । ଜଳର ଦେବତା ନାସେର ବୋଙ୍ଗା ଜଳରେ ଥାନ୍ତି । ତାଙ୍କୁ ହଳଦୀଗୁଣ୍ଡ ଅର୍ପଣ କରାଯାଏ । ଘରର ଦେବତା ଓଆବଙ୍ଗା ପ୍ରତ୍ୟେକ ପର୍ବ ସମୟରେ ପୂଜିତ ହୁଅନ୍ତି । ଏମାନେ ପୂଜାରେ ଅସନ୍ତୁଷ୍ଟ ନହେଲେ ବିଘ୍ନ ଘଟାନ୍ତି ନାହିଁ । ଏହା ବ୍ୟତୀତ ଧରଣୀ ବୋଙ୍ଗା. ଚୁରନ୍ ପ୍ରଭୃତି କେତେକ ଶକ୍ତି ଅଛନ୍ତି । ଯେଉଁମାନେ ଦୁଃଖ, ରୋଗ ଓ ଶୋକ ଦୀନତାର କାରଣ । ଏମାନଙ୍କର ପୂଜକଙ୍କୁ 'ଦେହୁରୀ' କୁହାଯାଏ । ଦେହୁରୀ ଅନେକ ମନ୍ତ୍ରତନ୍ତ୍ର ଜାଣନ୍ତି । ମନ୍ତ୍ରରେ ଅନେକ ହିନ୍ଦୁ ଦେବତା ଯଥା- ଦେବୀମା, ଦୁର୍ଗାମା, ମନସାମା ପ୍ରଭୃତି ହିନ୍ଦୁ ଦେବାଦେବୀ ସହିତ ଅନେକ ଆଦିବାସୀ ଦେବଦେବୀ ଜଡ଼ିତ ଥାନ୍ତି ।

ଆଲୋଚ୍ୟ ସମଗ୍ର ଅଞ୍ଚଳରେ ପ୍ରକୃତି ଉପାସନାର ପ୍ରଭାବ ପରିଲକ୍ଷିତ ହୁଏ । ପ୍ରାକୃତିକ ଦୁର୍ବିପାକରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ ଐକିକ ଓ ସାମୂହିକ ସମୃଦ୍ଧି ଲାଭ ନିମିତ୍ତ ପ୍ରକୃତିର ଉପାସନା କରାଯାଇଥାଏ । ଭୂମି ସମଗ୍ର ପ୍ରାଣୀ ଜଗତର ଆଧାର ଏବଂ କୃଷି ସମ୍ପଦର ଅଧିକାରିଣୀ ହୋଇଥିବାରୁ ଭୂମି ପୂଜା ଅତ୍ୟନ୍ତ ନିଷ୍ଠାର ସହିତ ସମଗ୍ର ଅଞ୍ଚଳରେ ପାଳିତ ହୁଏ । ଅରଣ୍ୟ, ପାହାଡ଼, ପର୍ବତ, ସୂର୍ଯ୍ୟ, ଚନ୍ଦ୍ର ପ୍ରଭୃତି ପ୍ରାକୃତିକ ଶକ୍ତି ଓ ସମ୍ପଦ ଦ୍ୱାରା ଉପକୃତ ହେବା ହେତୁ ଏ ଅଞ୍ଚଳର ସାମାଜିକ ବିଭିନ୍ନ ପର୍ବପର୍ବାଣି, ଆଚାର ଅନୁଷ୍ଠାନ ମଧ୍ୟରେ ସେମାନଙ୍କ ନିକଟରେ ଆତ୍ମସମର୍ପଣ କରିଥାନ୍ତି । ଜନସାଧାରଣଙ୍କ ରୁଚି ଓ ବିଶ୍ୱାସରୁ ସୃଷ୍ଟି ଲାଭ କରିଥିବା ଲୌକିକ ଦେବଦେବୀଙ୍କ ଆରାଧନା ସହିତ ପିତୃପୂଜା, ବୀର, ଅପ ଦେବତା, ପିଶାଚ ପୂଜା, ଭୂତପ୍ରେତାଦି ବଶୀକରଣ ଓ ନିରୋଧକରଣ ପ୍ରଭୃତି ଅନୁଷ୍ଠାନ ପ୍ରଚଳିତ । ଗ୍ରାମର ସୁରକ୍ଷା ଓ ଅଭିବୃଦ୍ଧି ଉଦ୍ଦେଶ୍ୟରେ ଗ୍ରାମର ଦେବଦେବୀଙ୍କୁ ଆରାଧନା କରାଯାଏ । ସେମାନଙ୍କ ମଧ୍ୟରୁ ଅନେକ ହୁଏତ ଗ୍ରାମର ସ୍ଥାପକ ଓ ରକ୍ଷକର ଭୂମିକା ନେଇଥିବାରୁ ଲୋକ ବିଶ୍ୱାସରେ ସେମାନେ ଆରାଧିତ ହୋଇଥାନ୍ତି । ପଶୁ, ପକ୍ଷୀ ବଳି, ପଣା, ମଦ ପ୍ରଭୃତି ଅର୍ପଣ

କରି ଏମାନଙ୍କୁ ସନ୍ତୁଷ୍ଟ କରାଯାଏ । ଶୀତଳା, ମଙ୍ଗଳା, ବାସୁକୀ, ବୁଢ଼ୀ ଠାକୁରାଣୀ, ମହାଦେବ, ବଡ଼ାମ ଚଣ୍ଡୀ, ଦୁଆରଶୁଣୀ, କାଳିକା, ସରଣ ବୁଢ଼ୀ, ବଡ଼ାମ ପ୍ରଭୃତି ଦେବଦେବୀ ଏଥିର ଅନ୍ତର୍ଭୁକ୍ତ । ଏ ପ୍ରସଙ୍ଗରେ ପ୍ରଫେସର କୁଞ୍ଜ ବିହାରୀ ଦାଶ ଲେଖିଛନ୍ତି, "ଲୋକଦେବତା, ବେଦ ପୁରାଣଶାସ୍ତ୍ର ବହିର୍ଭୁତ ଦେବତା; ତାଙ୍କର ମନ୍ଦିର ଅଟ୍ଟାଳୀକା ନାହିଁ । ଖଣ୍ଡା ପଡ଼ା ନାହିଁ । ଭାରତୀୟ ଦାରିଦ୍ର୍ୟର ମୂର୍ତ୍ତ ପ୍ରତୀକ ହୋଇ ମୁକ୍ତ ପ୍ରାନ୍ତରରେ ନଦୀ ବା ପୁଷ୍କରିଣୀ ତଟରେ, ବୃକ୍ଷ ମୂଳରେ ବା ରାସ୍ତାଧାରରେ ସେ ପଡ଼ିଥାନ୍ତି । କେଉଁ ଦେବୀଙ୍କ ଦେହରେ ଚୂଆ ସିନ୍ଦୂର ବୋଳା ହୋଇଥାଏ । ଖଣ୍ଡେ କଳାକନା ଗୁଡ଼ିଆ ହୋଇଥାଏ । ନିକଟରେ ପୁଞ୍ଜାଏ ଦିପୁଞ୍ଜା ଭଙ୍ଗା ଦଦରା ମାଟି ଘୋଡ଼ା ଜମା ହୋଇଥାଏ । ଗ୍ରାମବାସୀଙ୍କ ମାନସିକରେ ସେମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି କରୁଥାଏ ।" ସମଗ୍ର ଅଞ୍ଚଳର ଲୋକ ସମାଜରେ ପ୍ରତିଷ୍ଠିତ ଲୋକ ଦେବତାଙ୍କ ପ୍ରତି ଏ ଉକ୍ତି ଯଥାର୍ଥ ରୂପେ ପ୍ରଯୁଜ୍ୟ ।

ମୃତ ବ୍ୟକ୍ତିର ଆତ୍ମା ଭୂତ ଓ ପ୍ରେତ ରୂପେ ପରିଗଣିତ ହୁଏ । ଏମାନଙ୍କର ପ୍ରାଦୁର୍ଭାବରୁ ରକ୍ଷା ପାଇବା ପାଇଁ ଏମାନଙ୍କୁ ସନ୍ତୁଷ୍ଟ କରାଯାଏ । ଏଥିପାଇଁ ମନ୍ତ୍ର ଓ ତନ୍ତ୍ରର ଆବଶ୍ୟକ ହୁଏ ।

ପାର୍ଥିବ ବସ୍ତୁ ମଧ୍ୟରେ ପଥର ଖଣ୍ଡ, ଶାଳଗ୍ରାମ, ଶିବଲିଙ୍ଗ, ଭୈରବ ଓ ବହୁ ଲୌକିକ ଦେବଦେବୀ ରୂପରେ ପୂଜା ପାଇଥାନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଯଥା- ହଳ, ଶିଳ, ଢିଙ୍କି, କୁଲା, ପାଛିଆ, କୃଷି ଉପକରଣ, ଶିଳ୍ପୀର ଶିଳ୍ପ ସାମଗ୍ରୀ ପୂଜିତ ହୁଏ । ପଶୁପକ୍ଷୀ ମାନଙ୍କ ମଧ୍ୟରେ ଷଣ୍ଢ, ଗୋରୁ, ଗାଈ, ହାତୀ, ମହିଷୀ, ପେଚା, ପାରା, ମୟୂର, ହଂସ ପ୍ରଭୃତି ବିଭିନ୍ନ ଦେବଦେବୀଙ୍କର କଳ୍ପିତ ବାହନ ରୂପେ ମଣିଷର ଉପକାରୀ ଭାବରେ ପୂଜା ପାଆନ୍ତି ।

ବୃକ୍ଷ, ଲତା, ଗୁଳ୍ମ ଇତ୍ୟାଦିର ପୂଜା ବିଶେଷତଃ ଏ ଅଞ୍ଚଳରେ ପ୍ରଚଳିତ । ବିଭିନ୍ନ ଦେବଦେବୀ ଓ ଭୂତ ପ୍ରେତାଦିଙ୍କ ଆଶ୍ରୟସ୍ଥଳ ଓ ପ୍ରତୀକ ଭାବରେ ପୂଜିତ ହେଉଥିବା ବୃକ୍ଷ ଲତାଦି ମଧ୍ୟରେ ବେଲ, ତୁଳସୀ, ବଟ, ନିମ୍ବ, ଅଶ୍ୱତ୍ଥ, ପଳାଶ, ଆମ୍ବ, ସାହାଡ଼ା, ଅଶୋକ ପ୍ରଭୃତି ଉଲ୍ଲେଖନୀୟ । ଏସବୁ ବର୍ଷର ବିଭିନ୍ନ ସମୟରେ ପୂଜିତ ହୁଅନ୍ତି । କୃଷିର ଉତ୍ପାଦନ ଓ ଅମଳ, ଶୁଭ ଅଶୁଭ ନିର୍ଣ୍ଣୟ, ଆରଣ୍ୟକ ଜୀବନଯାତ୍ରା, ନିର୍ବିଘ୍ନ ହେବା ନିମିତ୍ତ ପୂଜା ଅନୁଷ୍ଠିତ ହୁଏ । ଅଧିକାଂଶ ସ୍ଥଳରେ ପୂଜା ନିମନ୍ତେ ନିର୍ଦ୍ଦିଷ୍ଟ ମାସ, ବାର, ତିଥି, କାଳ ନିର୍ଦ୍ଧାରିତ ହୋଇଥାଏ ।

ଏହିପରି ଲୌକିକ ବିଶ୍ୱାସ ଓ ଲୋକାଚାର ସମୂହକୁ ବ୍ରାହ୍ମଣ୍ୟ ଧର୍ମ ଅଙ୍ଗୀଭୂତ କରିଛି । ବ୍ରାହ୍ମଣ୍ୟ ଧର୍ମ ଅନୁସୃତ ଆଚାର ଅନୁଷ୍ଠାନର ପ୍ରଭାବ ଲୋକଧର୍ମ ଉପରେ ପଡ଼ିଅଛି ।

ଅଷ୍ଟ୍ରିକ ଓ ଦ୍ରାବିଡ଼ ସଂସ୍କୃତିର ସମନ୍ୱୟ ଫଳରେ ଲୋକଧର୍ମର ଧାରା ବ୍ରାହ୍ମଣ୍ୟ ଧର୍ମର କ୍ରିୟାକାଣ୍ଡ, ମନ୍ତ୍ରତନ୍ତ୍ର ଆଚାର ଅନୁଷ୍ଠାନ ଦ୍ୱାରା ପରିପୁଷ୍ଟ ହୋଇଛି । ହିନ୍ଦୁ ଧର୍ମର ବିଭିନ୍ନ ମତବାଦର ପ୍ରଚଳନ ଫଳରେ ଏ ଅଞ୍ଚଳର ଅଧିବାସୀମାନଙ୍କ ମଧ୍ୟରେ ବହୁ ଲୋକ ଧର୍ମ ସମ୍ପ୍ରଦାୟ ସୃଷ୍ଟି ହୋଇଅଛି । ସେଗୁଡ଼ିକ ମଧ୍ୟରେ ଅଲେଖ, ମୁନୀ, ଅବଧୂତ, ରାମାନନ୍ଦୀ, ରାମାନୁଜ, ଅଲବାର ପନ୍ଥୀ ପ୍ରଭୃତି ଅନ୍ତର୍ଭୁକ୍ତ ।

ଏତଦ୍ ବ୍ୟତୀତ ମୁସଲମାନ ଓ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀ ଲୋକେ ଏ ଅଞ୍ଚଳରେ ଅନେକ ସ୍ଥାନରେ ମଧ୍ୟ ବାସ କରନ୍ତି ।

ଅରଣ୍ୟ ପାହାଡ଼ର ଅଧିବାସୀ ଓ ସମତଳ ଭୂମିରେ ଅବସ୍ଥିତ ପୁରପଲ୍ଲୀର ଅଗଣିତ ଲୋକଙ୍କ ଧର୍ମୀୟ ଭାବନା ସହିତ ଅନ୍ତର ଅନୁଷ୍ଠାନ ଆବହମାନ କାଳରୁ କ୍ରମ ବିକଶିତ ହୋଇ ସାଂସ୍କୃତିକ ପରମ୍ପରା ସଂଗଠନ ହୋଇଛି ।

ଛଉନାଟ ବିକଶିତ ଅଞ୍ଚଳରେ ହୋ, ଭୂୟାଁ, ସାନ୍ତାଳ, ଅରାଂ, ଭୂମିଜ, ଖଡ଼ିଆ, ମୁଣ୍ଡା, ଗଣ୍ଡ, ବାଥୁଡ଼ି, ବିରହୋର, ଶବର, ସରାକ୍, ଜୁଆଙ୍ଗ, ସାଉଁତି, କରଓ୍ୱା ପ୍ରଭୃତି ତଫସିଲଭୁକ୍ତ ଜନଗୋଷ୍ଠୀ ବାସ କରନ୍ତି । ହିନ୍ଦୁ ସମାଜ ବ୍ୟବସ୍ଥା ଅନ୍ତର୍ଭୁକ୍ତ ବିଭିନ୍ନ ଜାତିର ଲୋକେ ଯଥା- ବ୍ରାହ୍ମଣ, କ୍ଷତ୍ରିୟ, କରଣ, ଖଣ୍ଡାୟତ, ରାଜୁ, ଗଉଡ଼, ନାପିତ, ଧୋବା, ତେଲୀ, କମାର, ସ୍ୱର୍ଣ୍ଣକାର, ବଣିଆ, ପୁରାଣ ମହାନ୍ତ (ମହାତୋ), ହାଡ଼ି, ଡମ, ପାଣ, ସହିସ, ଘାସି, ତନ୍ତୀ, କୁମ୍ଭାର ପ୍ରଭୃତି ଜାତିର ଲୋକେ ଏ ଅଞ୍ଚଳରେ ବାସ କରନ୍ତି । ପୂର୍ବ ଅଧ୍ୟାୟରେ ଏହା ସବିଶେଷ ଆଲୋଚିତ ହୋଇଛି । ଆଦିବାସୀମାନେ ସେମାନଙ୍କ ନିଜସ୍ୱ ପର୍ବ ସାରୁଲ, ଧାନ ବୁଣି, ବଣଗାଡ଼, ହରିହର ସିମ୍, ଜନ୍ଥର, ଝମସିମ, ଦିଶମ ସେନ୍ଦରା, ଶୌସୀ, କୁଟାସୀ ଇତ୍ୟାଦି ପାଳନ କରିବା ସହିତ ହିନ୍ଦୁ ପର୍ବ ଯଥା- କରମ, ଜିତିଆ, ଛାତା, ରାମ ନବମୀ, ଜନ୍ମାଷ୍ଟମୀ, ତିଜ, ଦଶହରା, ତିଳ ସଂକ୍ରାନ୍ତି, ସରସ୍ୱତୀ ପୂଜା ଇତ୍ୟାଦି ପର୍ବ ପାଳନ କରନ୍ତି । ବର୍ଷ ଭିତରେ ସବୁ ପର୍ବ ମଧ୍ୟରେ ଶୀତଋତୁର ମାଘ ପରବ ବାମକର, ବସନ୍ତ ଋତୁରେ ଚଇତ୍ର ପର୍ବ ଓ ଗ୍ରୀଷ୍ମ ଋତୁରେ ରଜପର୍ବ ପ୍ରଧାନ ।

ଚଇତ୍ର ପରବ ସହ ଛଉ ନାଟର ସାଂସ୍କୃତିକ ପରମ୍ପରା ବିଷୟକ ଆଲୋଚନା କାଳରେ ସିଂଭୂମ, ମୟୂରଭଞ୍ଜ ଓ ପୁରୁଲିଆ ଜିଲ୍ଲା ସହ ସନ୍ନିହିତ ଅଞ୍ଚଳରେ ବାସ କରୁଥିବା ସମଗ୍ର ଜନ ସମାଜରେ ପ୍ରଚଳିତ ପର୍ବପର୍ବାଣୀ, ନାଚ, ଗୀତ, ଆମୋଦ ପ୍ରମୋଦ, ଶିକ୍ଷା, ସାହିତ୍ୟ, କଳା, ସ୍ଥାପତ୍ୟ ପ୍ରଭୃତି ସାଂସ୍କୃତିକ ବୈଭବର ଉତ୍କର୍ଷ ପ୍ରତିପାଦିତ ହେବ ।

ସିଂଭୂମରେ ହୋମାନେ ବହୁ ସଂଖ୍ୟାରେ ବାସ କରନ୍ତି । ଶୈବ ଧର୍ମର ପ୍ରଭାବ ଫଳରେ ଅନେକ ସ୍ଥାନରେ ହୋଜାତିର ମାନକୀ ମାନେ ଶିବ ମନ୍ଦିର ସ୍ଥାପନ କରି ବ୍ରାହ୍ମଣ, ପୁରୋହିତ ନିଯୁକ୍ତ କରିଛନ୍ତି । ସିଂଭୂମ ଜିଲ୍ଲା ସନ୍ନିହିତ ରାଞ୍ଚି ଓ ପୁରୁଲିଆ ଜିଲ୍ଲାର ଅନେକ ସ୍ଥାନରେ ଏପରି ବ୍ୟବସ୍ଥା ମୁଣ୍ଡା / ମାନକୀ ମାନଙ୍କ ମଧ୍ୟରେ ପ୍ରଚଳିତ ଥିବାର ଦେଖାଯାଏ ।

ହୋ ମାନଙ୍କ ଜୀବନ ଶ୍ରମ ସେଦସିକ୍ତ ହୋଇଥାଏ । ଆର୍ଥିକ ଅନଟନ ଅଭାବ ଋତୁ ଚକ୍ରରେ ଅନୁଷ୍ଠିତ ବିଭିନ୍ନ ପର୍ବପର୍ବାଣିରେ ଉପଶମ ହୋଇଉଠେ । ହୋମାନଙ୍କର ମୁଖ୍ୟ ପର୍ବ ସବୁରେ ନିମ୍ନଲିଖିତ

ବିଭାବ ଲକ୍ଷଣୀୟ:-

(୧) ପର୍ବ ଦିନ ପାଇଁ ଘର ଗୁଡ଼ିକ ପୁନଃ ନିର୍ମିତ, ପରିଷ୍କାର ଓ ଚିତ୍ରିତ ହୋଇଥାଏ ।

(୨) ପର୍ବ ଉପଲକ୍ଷେ 'ଜାହିରାଥାନ'ରେ ପୂଜା ହୁଏ ।

(୩) ପର୍ବ ଉପଲକ୍ଷେ ପ୍ରଚୁର ହାଣ୍ଡିଆ ପାନ କରାଯାଏ ।

(୪) ପର୍ବ ଉପଲକ୍ଷେ ଆବାଳ ବୃଦ୍ଧବନିତା ସମସ୍ତେ ନବ ବସ୍ତ୍ର ପରିଧାନ କରନ୍ତି ଓ ସର୍ବୋତ୍ତମ ଖାଦ୍ୟ ପ୍ରସ୍ତୁତ କରି ଖାଆନ୍ତି ଓ ଖୁଆନ୍ତି । ଉପର ଲିଖିତ ବିଭାବ ଗୁଡ଼ିକ ସାଧାରଣତଃ ପ୍ରତ୍ୟେକ ଆଦିବାସୀ ଜନ ସମାଜରେ ପ୍ରଚଳିତ ଥିବା ଲକ୍ଷ୍ୟ କରାଯାଏ ।

**ପର୍ବଗୁଡ଼ିକ ପାଳନର ସ୍ଥାନ:-**

'ସାରନା'(ଜାହେର୍ ବା ଜେହେର୍ ଥାନ - ଗ୍ରାମର ମୂଳ ଅରଣ୍ୟ ଅଂଶ) ବ୍ୟତୀତ ମୁକ୍ତ ପ୍ରାଙ୍ଗଣ, କୃଷିକ୍ଷେତ୍ର, ଗ୍ରାମ, ରାସ୍ତା, ଗୃହ, ଅଙ୍ଗନ, ଗୁହାଳ ପ୍ରଭୃତିରେ ଆତ୍ମା ଓ ଦେବତା ମାନଙ୍କର ଆସ୍ଥାନ ବୋଲି ଆଦିବାସୀମାନେ ବିବେଚନା କରନ୍ତି । କେତେକ ଗ୍ରାମସ୍ତରୀୟ ପର୍ବ 'ସରଣ' / 'ଜାହେର ଥାନ'ରେ ଅନୁଷ୍ଠିତ ହୁଏ । ଅରାଂ ଓ ମୁଣ୍ଡାଙ୍କର (ଫଗୁ) ଗ୍ରାମ ରାସ୍ତାରେ ଓ ସାନ୍ତାଳ ମାନଙ୍କର (ସହରାଇ) କୃଷି କ୍ଷେତ୍ରରେ ଅନୁଷ୍ଠିତ ହୁଏ ।

**ଆଦିବାସୀ ପର୍ବରେ ପ୍ରଭାବ ଓ ସାଂସ୍କୃତିକ ପରିବର୍ତ୍ତନ :-**

ସମାଜ ବିଜ୍ଞାନୀଗଣ ମାନବ ସଂସ୍କୃତିର ଅନବରତ ପରିବର୍ତ୍ତନ ସଂପର୍କରେ ଏକମତ । ସମୟର ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ପର୍ବପର୍ବାଣୀରେ ମଧ୍ୟ ପରିବର୍ତ୍ତନ ଦେଖାଯାଏ । ଏହା ଏକ ସାର୍ବଜନୀନ ସତ୍ୟ । ଏହି ଦୃଷ୍ଟିରୁ ଆଦିବାସୀ ମାନଙ୍କ ପର୍ବର ପ୍ରଭାବ ଓ ପରିବର୍ତ୍ତନ ବିଚାର୍ଯ୍ୟ ।

ଆଦିବାସୀ ମାନଙ୍କ ଉପରେ ହିନ୍ଦୁ ଧର୍ମର ପ୍ରଭାବ ସୁଗଭୀର ଓ ପ୍ରାଚୀନତମ । ଆଦିବାସୀମାନେ ଶତାବ୍ଦୀ ଶତାବ୍ଦୀ ଧରି ହିନ୍ଦୁମାନଙ୍କ ସହ ବାସ କରି ଆସୁଛନ୍ତି । ଏପରି ସ୍ଥିତିରେ ଏମାନେ କେତେକାଂଶରେ ହିନ୍ଦୁ ସଂସ୍କୃତିର ବିଶେଷ ବିଭାଗ ଗୁଡ଼ିକୁ ଗ୍ରହଣ କରି ନେଇଛନ୍ତି । ଏପରି ପ୍ରଭାବିତ ସଂସ୍କୃତିକରଣ ଫଳରେ ହିନ୍ଦୁ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରୁଚି (ନିଜର ଶ୍ରେଷ୍ଠତ୍ୱ ସଂପର୍କରେ ଆଦିବାସୀମାନେ ଖୁବ୍ ସଚେତନ) ଓ ଆଗ୍ରହ ଅନୁଯାୟୀ ଅନେକ ବିଶ୍ୱାସ ଅଚ୍ଚର ଉପଚ୍ଚର ଗ୍ରହଣ କରିଛନ୍ତି । ଦ୍ୱିତୀୟତଃ, ଜାତି ଗଠନ ପ୍ରକ୍ରିୟା ଫଳରେ ଅର୍ଥାତ୍ କେତେକ ଆଦିବାସୀ କିମ୍ବା ସବୁ ଆଦିବାସୀ ଗୋଷ୍ଠୀ ହିନ୍ଦୁ ଜାତିର ବୋଲି ବିବେଚନା କରିବା ସହିତ ରାଜପୁତ କିମ୍ବା କୌଣସି କିମ୍ବଦନ୍ତୀ ସମର୍ଥିତ ଜାତି ଭାବର ବିକାଶ ହେତୁ ଅନେକ ହିନ୍ଦୁ ବିଶ୍ୱାସ ଓ ଉପଚ୍ଚର ଗୃହୀତ ହୋଇଛି ।

ଆଦିବାସୀ ମାନଙ୍କ ମଧ୍ୟରେ ଭୂମିଜ, ମାଲ୍ ପାହାଡ଼ିଆ, ବେଦିଆ, ଚେରୋ, କିଷାନ୍, ଗଣ୍ଡ, ଭୂୟାଁ ଏବଂ ବାଥୁଡ଼ି ହିନ୍ଦୁ ଧର୍ମ ପ୍ରଭାବରେ ପୂର୍ଣ୍ଣଭାବେ ପ୍ରଭାବିତ ହୋଇ ହିନ୍ଦୁମାନଙ୍କ ପରି ଜୀବନଯାପନ କରନ୍ତି । ସାନ୍ତାଳ, ହୋ, ଅରାଂ, ମୁଣ୍ଡା ଓ ଖଡ଼ିଆ ପ୍ରଭୃତି ଆଦିବାସୀ ଗୋଷ୍ଠୀ ଅନେକାଂଶରେ ହିନ୍ଦୁ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ।

ଆଦିବାସୀମାନେ ଏକାଧିକ ଉପାୟରେ ହିନ୍ଦୁଧର୍ମ ପ୍ରଭାବିତ ହୋଇଛନ୍ତି । ସମାଜ ବିଜ୍ଞାନୀଗଣ ଛଅ ପ୍ରକାର ଉତ୍ସ ସମ୍ବନ୍ଧରେ ଲେଖିଛନ୍ତି ଯଥା:- (୧) କେତେକ ଆଦିବାସୀମାନଙ୍କ ହିନ୍ଦୁ ରାଜା ମାନଙ୍କ ସହିତ ଅତୀତରେ କିମ୍ବଦନ୍ତୀୟ ସଂପର୍କ (୨) ବୃହଦାକାର ଶିବଲିଙ୍ଗ ଆଧାରିତ ହିନ୍ଦୁ ମନ୍ଦିର, (୩) ବୈଷ୍ଣବ ଧର୍ମ ବା ଭକ୍ତି ଆନ୍ଦୋଳନ, (୪) ଓଡ଼ିଶୀ ମନ୍ଦିର ସ୍ଥାପତ୍ୟ ଶୈଳୀ, (୫) ହିନ୍ଦୁରାଜା, ଜମିଦାର ଓ ସେମାନଙ୍କର ହିନ୍ଦୁ କର୍ମଚାରୀ ଏବଂ (୬) ବ୍ରାହ୍ମଣ ପୁରୋହିତ ଓ ନାପିତ, କମିଲା, କୁମ୍ଭାର, ବଢ଼େଇ, ତେଲୀ, ଗଉଡ଼ ଏବଂ କାୟସ୍ଥ ଜାତିର ପ୍ରଭାବ ।

ଆଦିବାସୀମାନଙ୍କ ଜୀବନଚର୍ଯ୍ୟାରେ ହିନ୍ଦୁ ପ୍ରଭାବ ଫଳରେ ଅନେକ ପରିବର୍ତ୍ତନ ଘଟିଥିଲେ ହେଁ ସେମାନଙ୍କର ପାରମ୍ପରିକ ପର୍ବ ଓ ଆନୁଷ୍ଠାନିକ ଉପଚାର ସମସ୍ତ ପାଳିତ ହୁଏ । ଯେପରି ସାନ୍ତାଳମାନେ ଚଡ଼କ, କରମ, ଫଗୁ, ଦିତିଆ, ସହରାଇ, ଛାତା, ପାତ୍ରା ଓ ପାଟ ପ୍ରଭୃତି ହିନ୍ଦୁପର୍ବ ପାଳନ କରନ୍ତି । ପ୍ରାୟ ସମସ୍ତ ଆଦିବାସୀ ଗୋଷ୍ଠୀ ହିନ୍ଦୁମାନଙ୍କ ପଡ଼ୋଶୀ ଭାବରେ କରମ ପର୍ବ ପାଳନ କରନ୍ତି । ଏହା ଭାଦ୍ରମାସ ଶୁକ୍ଳପକ୍ଷ ଏକାଦଶୀରେ ପାଳିତ ହୁଏ । ସାନ୍ତାଳ ଗୋଷ୍ଠୀର ପର୍ବପର୍ବାଣୀରେ କେତେକ ହିନ୍ଦୁ ଦେବଦେବୀ ଯଥା- କାଳୀ, ଦିବୀ(ଦୁର୍ଗା), ଗଙ୍ଗା ମାଈ, ଲକ୍ଷ୍ମୀ ମାଈ, ମହାଦେବ ଓ ପାର୍ବତୀ, ରାମ ଓ କୃଷ୍ଣ ପ୍ରଭୃତି ସ୍ଥାନ ପାଇଛନ୍ତି । କେତେକ ଅରାଂ ବସତିରେ କାର୍ତ୍ତିକ ପୂର୍ଣ୍ଣିମାରେ 'କାର୍ତ୍ତିକ ପୂଜା' ବା 'ସହରାଇ' ଉତ୍ସବ ଅନୁଷ୍ଠିତ ହୁଏ । ଏଥିରେ ସେମାନେ ଉପବାସ ରହି ମାଳା ଚନ୍ଦନୀ ଦେଇ, ଗାଭୀ ପୂଜା କରନ୍ତି ଓ ସନ୍ଧ୍ୟା ପର୍ଯ୍ୟନ୍ତ ଭଜନ ଗାନ କରନ୍ତି । ଅରାଂମାନେ ଗ୍ରହଣ ସମୟରେ ହରିବୋଲ ଉଚ୍ଚାରଣ ପୂର୍ବକ ହିନ୍ଦୁ ଧର୍ମାଚାର ପାଳନ କରନ୍ତି । କେତେକ ହନୁମାନ ଚାଳିଶା ଓ ରାମାୟଣ ପାଠ କରନ୍ତି । ଅନେକେ ବ୍ରାହ୍ମଣଙ୍କ ଦ୍ୱାରା ସତ୍ୟନାରାୟଣ ପୂଜା କରନ୍ତି । ମୁଣ୍ଡାମାନେ ମକର ସଂକ୍ରାନ୍ତି, ଫଗୁନ୍, କରମ, ଦେଶାଇ, ଇଦ ପରବ ଓ ସହରାଇ ପରବ ପ୍ରଭୃତି ପାଳନ କରନ୍ତି । ଚୈତ୍ର ପରବରେ ମହାଦେବ ପୂଜା, ଶରତ ଋତୁରେ ମହାଲକ୍ଷ୍ମୀ ପୂଜା, ଦୀପାବଳୀରେ ଦେବୀ କାଳୀଙ୍କୁ ହୋମାନେ ପୂଜା କରନ୍ତି । ବର୍ତ୍ତମାନ ହୋ ମାନଙ୍କ ମଧ୍ୟରେ ଉଚ୍ଚତର ଶ୍ରେଣୀର ମାନକୀ ଓ ମୁଣ୍ଡାମାନେ ଗୋଷ୍ଠୀଗତ ଉତ୍ସବରେ ଅଂଶ ଗ୍ରହଣ କରନ୍ତି ନାହିଁ । ସେମାନେ ଉତ୍ସବ ନିମନ୍ତେ କେବଳ ଆର୍ଥିକ ଓ ଅନ୍ୟ ପ୍ରକାର ସାହାଯ୍ୟ ପ୍ରଦାନ କରିଥାନ୍ତି । ଖଡ଼ୱାରମାନେ ଦଶହରା, ଦୀପାବଳୀ, ଛାତା, ହୋଲି, ମହାବୀର ଝଣ୍ଡା (ରାମ ନବମୀ) ବ୍ୟତୀତ ଆଦିବାସୀ ପର୍ବ ଯଥା - ସାରୁଲ୍, ଖଡ଼ି ହାଣି, ନୱାଖାନି ପ୍ରଭୃତି ପାଳନ କରନ୍ତି । ଦୁଧ ଖଡ଼ିଆ ଓ ଧେଲ୍କୀମାନେ ଫଗୁ (ହୋଲି) ଓ କରମ ପାଳନ କରନ୍ତି । ଭୂମିଜ ମାନେ ହିନ୍ଦୁ ମାନଙ୍କର ମନସା ପୂଜା, କାଳୀପୂଜା,

ଦିତିଆ ଓ ଟୁମୁ ପ୍ରଭୃତି ପର୍ବ ପାଳନ କରନ୍ତି । ଡ. ସିହ୍ନା ଉଲ୍ଲେଖ କରି ଅଛନ୍ତି ଯେ ଭୂମିଜ ମାନଙ୍କର ପୁରୋହିତ 'ଲାୟା' ସାରୁଲ୍ ପର୍ବରେ 'ଜାହେର ଥାନ' ଆଗରେ ସିନ୍ଦୁର, ଅରୁଆ ଚଉଳ ଚୂନ, ମେଥି, କାଜଲ୍ ଇତ୍ୟାଦି ଚିହ୍ନ ଦେଇଥାନ୍ତି । ମାଲ ପାହାଡ଼ିଆ ମାନେ କାଳୀ, ଲକ୍ଷ୍ମୀ, ମହାଦେବ ଭଗବାନ, ସିଂହ ବାହିନୀ, ଯକ୍ଷ, ଧରତି ମାତା ପ୍ରଭୃତିଙ୍କୁ ସର୍ବଶ୍ରେଷ୍ଠ ଶକ୍ତି ଭାବରେ ଆରାଧନା କରିବା ସହିତ କର୍ମରେ ବିଶ୍ୱାସ କରନ୍ତି । ପାରମ୍ପରିକ ପର୍ବ ବ୍ୟତୀତ ହୋଲି, ଦିୱାଲୀ, ଶିବରାତ୍ରୀ, କାଳୀପୂଜା, ଭୂଇଁଦେବ, ସୂର୍ଯ୍ୟଦେବଙ୍କର ପୂଜା ପଡ଼ୋଶୀ ହିନ୍ଦୁ ମାନଙ୍କ ପରି ପାଳନ କରନ୍ତି । ଏମାନେ କାଳୀ ପୂଜା ସମୟରେ ଗ୍ରାମାଞ୍ଚଳରେ 'ରାମଲୀଳା' ମଞ୍ଚସ୍ଥ କରନ୍ତି । ବେଦିଆ ମାନେ ଦଶହରା, ଦିପାବଳୀ, ଛାତ୍, ମକର ସନ ପ୍ରଭୃତି ହିନ୍ଦୁ ପର୍ବ ବ୍ୟତୀତ ସେମାନଙ୍କ ପରମ୍ପରିକ ପର୍ବ ପାଳନ କରନ୍ତି । ଦଶହରାରେ ଭଗବତୀ ପୂଜା ସେମାନଙ୍କର ଏକ ଶ୍ରେଷ୍ଠ ପର୍ବ । ରବିବାର ଓ ମଙ୍ଗଳବାର ପବିତ୍ର ଦିବସ ଭାବରେ ପରିଗଣିତ ହୁଏ ଓ ସେମାନେ ତହିଁରେ ଉପବାସ କରନ୍ତି । ଚେରୋମାନେ କନୌଜିଆ ବ୍ରାହ୍ମଣ କିମ୍ବା ଘରବାଡ଼ି ଗୋସାଇଁ ମାନଙ୍କୁ ସେମାନଙ୍କ ଅଧାତ୍ମ୍ୟ ଗୁରୁଭାବେ ସ୍ୱୀକାର କରନ୍ତି । କେତେକ ଚହ୍ୱାନ ବଂଶୀ ରାଜପୁତ ଭାବେ ନିଜକୁ ପରିଗଣିତ କରନ୍ତି । ସେମାନେ ମଧ୍ୟ ହିନ୍ଦୁମାନଙ୍କ ପରି ଛଉ, ରାମନବମୀ ପୂଜା, ହରିହର ପୂଜା, କରମ ପୂଜା, ଅନନ୍ତ ପୂଜା, ଜନ୍ମାଷ୍ଟମୀ, ଜିତିଆ, ଦଶହରା, ସହରାଇ, ଅଗ୍ନାଇ, ତିଳ ସଂକ୍ରାନ୍ତି, ଫାଗୁନ୍ ଓ ସରସ୍ୱତୀ ପୂଜା ପ୍ରଭୃତି ପର୍ବ ପାଳନ କରନ୍ତି । ବରୱାମାନେ ହିନ୍ଦୁ ମାନଙ୍କ ସଂସ୍ପର୍ଶରେ ଆସି କରମ, ଦିତିଆ, ଫଗୁଆ ପ୍ରଭୃତି ପର୍ବ ପାଳନ କରନ୍ତି । ସେମାନେ ହିନ୍ଦୁ ମାନଙ୍କ ପରି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଗଣେଶ, ରାମକୃଷ୍ଣ ପ୍ରଭୃତି ଦେବତା ଓ ପାର୍ବତୀ, ଦୁର୍ଗା, କାଳୀ, ଲକ୍ଷ୍ମୀ ପ୍ରଭୃତି ଦେବୀଙ୍କୁ ପୂଜା କରନ୍ତି । ହିନ୍ଦୁମାନଙ୍କ ପଣ୍ଡା ମାନଙ୍କୁ ନେଇ ବାରଣାସୀ, ବଦ୍ରିକାଶ୍ରମ ପ୍ରଭୃତି ତୀର୍ଥ ଭ୍ରମଣ କରନ୍ତି । ବିନ୍‌ଝିଆ ରାଜପୁତ୍ ଜାତି ରୂପେ ନିଜକୁ ଗଣ୍ୟ କରନ୍ତି ଓ ହିନ୍ଦୁ ପାରମ୍ପରିକ ପର୍ବ ପାଳନ କରନ୍ତି । ଶବରମାନେ ହିନ୍ଦୁ, ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜା କରନ୍ତି । ସେମାନେ ଶକ୍ତି ଉପାସନା କରନ୍ତି । ହିନ୍ଦୁ ପର୍ବ ସହିତ ପାରମ୍ପରିକ ପର୍ବ ପାଳନ କରନ୍ତି । ସେମାନଙ୍କ ମଧ୍ୟରେ କାଳୀ ଓ ମନସା ଦେବୀଙ୍କର ଉପାସନା ପ୍ରଚଳିତ । ବାଥୁଡ଼ି ଗୋଷ୍ଠୀର ଲୋକେ ସଂପୂର୍ଣ୍ଣ ହିନ୍ଦୁ ଆଚାର ପଦ୍ଧତି ଅନୁସରଣ କରିଥାନ୍ତି । ଶୀତଳା, ଶିବ ଚତୁର୍ଦ୍ଦଶୀ ଓ ରାସ ପୂର୍ଣ୍ଣିମା ପ୍ରଭୃତି ପୂଜା ଓ ପର୍ବ ପାଳନ କରିଥାନ୍ତି । କିଷାନ ମାନେ ମଧ୍ୟ 'ବାଇଗା' ଓ ବ୍ରାହ୍ମଣ ପୁରୋହିତଙ୍କର ସାହାଯ୍ୟ ନେଇ କେତେକ ହିନ୍ଦୁ ପରବ ପାଳନ କରନ୍ତି । ବ୍ରାହ୍ମଣ୍ୟ ଧର୍ମ ପ୍ରଭାବିତ ପର୍ବରେ ସେମାନେ କ୍ଷୀର, ଫଳ, ମିଠା ଅର୍ପଣ କରୁଥିବା ବେଳେ ସେମାନଙ୍କ ନିଜ ପରବରେ ହାଣ୍ଡିଆ, କୁକୁଡ଼ା, ବୋଦା, ପାରା ପ୍ରଭୃତି ଅର୍ପଣ କରିଥାନ୍ତି ।

ଉପର ଲିଖିତ ଆଲୋଚନାରୁ ପ୍ରମାଣିତ ହୁଏ ଯେ, ଉଭୟ ନିଜସ୍ୱ ଓ ବାହାର ପ୍ରଭାବରେ ପ୍ରଭାବିତ ହୋଇ ପରମ୍ପରା ଓ ସଂସ୍କୃତି ପରିବର୍ତ୍ତିତ ହଉଛି । ଆଦିବାସୀମାନଙ୍କ ମଧ୍ୟରେ ହିନ୍ଦୁ ସଂସ୍ପର୍ଶରେ ହିନ୍ଦୁ ଧର୍ମ ପ୍ରତି ପ୍ରବଳ ଆଗ୍ରହ ସୃଷ୍ଟି ହୋଇଛି । କେତେକ କ୍ଷେତ୍ରରେ ଯେଉଁଠି ଅଳ୍ପ ସଂଖ୍ୟକ ଆଦିବାସୀ

ବାସ କରୁଛନ୍ତି ସେମାନେ ନିଜର ସାମାଜିକ ସ୍ଥିତିର ବିକାଶ ନିମନ୍ତେ ହିନ୍ଦୁମାନଙ୍କ ଠାରୁ ଉଚ୍ଚତର ହିନ୍ଦୁ ଜାତିରେ ପରିଣତ ହେବାକୁ ଇଚ୍ଛା କରନ୍ତି । ଶିକ୍ଷିତ ଆଦିବାସୀ ଯୁବକମାନେ ପର୍ବ ସମୟରେ ନାଚିବା ଓ ଗାଇବାରେ ଆଗ୍ରହୀ ହୁଅନ୍ତି ନାହିଁ କିମ୍ବା ତହିଁରେ ଅଂଶ ଗ୍ରହଣ କରନ୍ତି ନାହିଁ । କାରଣ ସେମାନେ ମନେ କରନ୍ତି ଯେ ହିନ୍ଦୁମାନେ କିମ୍ବା ଅନ୍ୟ ଉନ୍ନତ ଜାତିର ଯୁବକମାନେ ପର୍ବ ସମୟରେ ଏପରି କରନ୍ତି ନାହିଁ । କେତେକ ଲକ୍ଷ୍ୟ କରିଛନ୍ତି ଯେ, ସଂପ୍ରତି "ଭୂମିଜ, କ୍ଷତ୍ରିୟ ଜାତି ଆନ୍ଦୋଳନ" ଫଳରେ ସ୍ତ୍ରୀଲୋକ ମାନଙ୍କ ଦଳଗତ ନାଚ, କୁକୁଡ଼ା ବଳି ଓ ମଦ୍ୟ ଅର୍ପଣ ପ୍ରଭୃତି ବନ୍ଦ ହୋଇ ଯାଇଛି । ହିନ୍ଦୁ ଭୂମିଜମାନେ ସାରୁଲ୍ ପର୍ବ ପାଳନ କରନ୍ତି ନାହିଁ ।

ନିମ୍ନରେ ଛଉ ନାଚ ବିକଶିତ ଅଞ୍ଚଳରେ କେତେକ ମୁଖ୍ୟ ପର୍ବ ସଂପର୍କୀୟ ସୂଚନା ପ୍ରଦାନ କରାଯାଉଛି ।

ହୋମାନେ କୃଷିଜୀବୀ । ସେମାନଙ୍କ ଦ୍ୱାରା ପାଳିତ ବିଭିନ୍ନ ପର୍ବ କୃଷିଭିତ୍ତିକ । ବର୍ଷରେ ସେମାନେ ସାତଗୋଟି ପର୍ବ ପାଳନ କରନ୍ତି । ପ୍ରଥମ ଓ ପ୍ରଧାନ ପରବ "ମାଘ ପରବ" ଅଥବା "ଦେଶାଉଲି ବୋଙ୍ଗା" ନାମରେ କଥିତ । ଫସଲ ଅମଳ ପରେ ମାଘ (ଜାନୁଆରୀ-ଫେବୃଆରୀ) ମାସରେ ମାସେ ଦେଢ଼ ମାସ ପର୍ଯ୍ୟନ୍ତ ଏ ପର୍ବ ଅନୁଷ୍ଠିତ ହୁଏ । କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ଦିନରେ ଆରମ୍ଭ ହୋଇ ଭିନ୍ନ ଭିନ୍ନ ଦିନରେ ଏହା ଅନୁଷ୍ଠିତ ହୁଏ । ହୋ ଗ୍ରାମମାନଙ୍କରେ ପର୍ବଟି ତିନି / ଚାରି ଦିନରୁ ସାତ ଦିନ ଧରି ପାଳିତ ହୁଏ । ପର୍ବ ସମୟରେ ଏମାନେ 'ଇଲି' ନାମକ ଭାତରୁ ପ୍ରସ୍ତୁତ ଦେଶୀ ମଦ ଓ ହାଣ୍ଡିଆ ପାନ କରନ୍ତି । 'ମାଘ' ପରବ (କେତେକ ସ୍ଥଳରେ 'ମାଘେ' ପରବ) ସାନ୍ତାଳ ମାନଙ୍କ 'ରାସ' ନାଚପରି ପାଳିତ ହୁଏ । ହୋମାନଙ୍କ ପରି ମୁଣ୍ଡାରି ମାନେ 'ମାଘ ପରବ' ପାଳନ କରନ୍ତି । କିନ୍ତୁ ଏହା ନିର୍ଦ୍ଦିଷ୍ଟ ଗୋଟିଏ ଦିନ ଅର୍ଥାତ ମାଘ ପୂର୍ଣ୍ଣିମାରେ କେବଳ ଅନୁଷ୍ଠିତ ହୁଏ । ମୁଣ୍ଡାରୀ ମାନଙ୍କ 'ଜାଦୁର' ନଚ ପରି (ଅଣ୍ଟାରେ ହାତ ଦେଇ ଧାଡ଼ିରେ ନାଚ) ହୋମାନଙ୍କ ମାଘ ପରବରେ ନାଚ ହୁଏ ।

"ବା" ପରବ ଚୈତ୍ର (ମାର୍ଚ୍ଚ-ଏପ୍ରିଲ)ମାସରେ ଅନୁଷ୍ଠିତ ହୁଏ । ଏହା ମୁଣ୍ଡାରୀ (ଅରାଂ) ମାନଙ୍କ 'ସାରୁଲ୍' ପର୍ବ ପରି । 'ବା' ଅର୍ଥ ଫୁଲ । ଶାଳ ଗଛରେ ଫୁଲ ଫୁଟିଲେ ଆଦିବାସୀମାନଙ୍କ ମଧ୍ୟରେ ଏ ପର୍ବ ଅନୁଷ୍ଠିତ ହୁଏ । ଯୁବତୀମାନେ ଶାଳଫୁଲ ତୋଳି ମାଳ ଗୁନ୍ଥି ବେଣୀ ବାନ୍ଧନ୍ତି, ଗଳାରେ ପିନ୍ଧନ୍ତି ଓ ଘର ସଜାନ୍ତି । ହୋ ଓ ମୁଣ୍ଡାରିମାନଙ୍କ ଗ୍ରାମର ପ୍ରତିଷ୍ଠା : ତାଙ୍କ ପରି ଅରାଂମାନେ ସେମାନଙ୍କର ଅଧିଷ୍ଠାତ୍ରୀ ଦେବୀ 'ଦରା'ଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ନିମନ୍ତେ ଏ ପର୍ବ ପାଳନ କରନ୍ତି । 'ଜାହିରା ଥାନ'ରେ ଗ୍ରାମର ଯୁବକମାନେ ଶାଳ ଫୁଲ କୁଢ଼େଇ ଦିଅନ୍ତି । ଗ୍ରାମଦେବୀଙ୍କୁ ଶାଳଫୁଲ କଢ଼ି, ନୂଆଶାଳ ପତ୍ର ଦନାରେ ହାଣ୍ଡିଆ ଓ କୁକୁଡ଼ା ମାଂସ ଦେଇ ପୂଜା କରାଯାଏ । ପୂଜା ସମୟରେ ନାଚ ହୁଏ । 'ବା' ପରବ ପୂର୍ବରୁ କେହି ଜଙ୍ଗଲର ନୂଆ ଫଳ କିମ୍ବା ନୂଆ ପତ୍ରରେ ଖାଇବା ନିଷେଧ ।

'ବା' ପରବ ବୌଦ୍ଧ ଧର୍ମର 'ପୁଷ୍ପ ପର୍ବ' ବିଷୟରେ ସ୍ମରଣ କରାଇ ଦିଏ । ନୃତ୍ୟରତା ହୋ ରମଣୀର ଫୁଲ ଭରା ଶାଳ ଗଛ ତଳେ ପତ୍ର ଓ ଫୁଲ ତୋଳିବାର ମଧୁର ଭଙ୍ଗୀ ଦେଖିଲେ ବୁଦ୍ଧ ଗୟାର ପ୍ରଖ୍ୟାତ 'ଶାଳ ଭଞ୍ଜିକା' ମୂର୍ତ୍ତି ସ୍ମରଣକୁ ଆସେ ।

ପ୍ରତ୍ୟେକ ହୋ ଗ୍ରାମରେ 'ସୁସୁନ ଆଖଡ଼ା' ଥାଏ । ହୋମାନେ ସାମୂହିକ ନାଚ ପ୍ରିୟ । ପ୍ରତ୍ୟେକ ନାଚରେ ସ୍ୱର, ତାଳ, ମାନ, ଲୟରେ ସ୍ୱାତନ୍ତ୍ର୍ୟ ଥାଏ । ମାଘେ ପରବରେ ପୁଅ ଝିଅ ମିଶି ନାଚ କରନ୍ତି । ଜଣେ ପୁଅ ଜଣେ ଝିଅ ଧରାଧରି ହୋଇ ବୃତ୍ତାକାରରେ ନାଚ ହୁଏ । ବୃତ୍ତ ମଝିରେ ଯୁବକମାନେ ଢୋଲ, ବାନମ, ରାତୁ ପ୍ରଭୃତି ବାଦ୍ୟ ବଜାନ୍ତି । ଢୋଲର ତାଳ ଅନୁସାରେ ନୃତ୍ୟକାରୀମାନେ ନାଚ କରନ୍ତି । ସମୟ ସମୟରେ ଗୀତ ଗାନ କରନ୍ତି । 'ବା' ପରବରେ ଝିଅମାନେ ବୃତ୍ତାକାରରେ ନାଚନ୍ତି । ଯୁବକମାନେ କ୍ୱଚିତ୍ ବାଦ୍ୟକାର ହୁଅନ୍ତି । ନାଚ ପାଇଁ କୌଣସି ସ୍ୱତନ୍ତ୍ର ନୂତନ ପୋଷାକ ବ୍ୟବହୃତ ହୁଏ ନାହିଁ ।

ଜାମୁରାଇ ପରବ ଜ୍ୟେଷ୍ଠ ମାସରେ ପ୍ରଥମେ ଧାନ ବୁଣା ସମୟରେ ଅନୁଷ୍ଠିତ ହୁଏ । ଏଥିରେ ଗୋଟିଏ ବୋଦା (ଅଣ୍ଡିରା ଛେଳି) ଓ କୁକୁଡ଼ା ବଳି ପଡ଼େ । ବୀଜର ସୁରକ୍ଷା ନିମନ୍ତେ ପୂର୍ବ ପୁରୁଷଙ୍କ ଆତ୍ମାମାନଙ୍କୁ ସନ୍ତୁଷ୍ଟ କରାଯାଇଥାଏ । ଏହାର 'ରାଇ ଦାମୋଦର' ଓଷା ସହିତ ସଂପର୍କ ଥିବାର ପ୍ରଫେସର କୁଂ. ବି. ଦାଶ ଅନୁମାନ କରିଛନ୍ତି । ହେରୋ ପରବ ଜ୍ୟେଷ୍ଠ (ଜୁନ୍) ମାସରେ ଅନୁଷ୍ଠିତ ହୁଏ । ମୁଣ୍ଡାରୀମାନେ ଏହାକୁ 'ହରିହର' କହନ୍ତି । ଭଲ ଫସଲ ନିମନ୍ତେ ଦେଶାଉଳୀ ଓ ଜାହିରା ବୁଢ଼ୀଙ୍କୁ ପୂଜା କରାଯାଏ । ଏଥିରେ ଚୂନା ପିଠା ଭୋଗ ଦିଆଯାଏ । ମୁଣ୍ଡାରୀ ଗାଁ ମାନଙ୍କରେ ପ୍ରତ୍ୟେକ ଗୃହସ୍ଥ ବିଲରେ ଗୋଟିଏ ବେଲ ଡାଳ ପୋତି ଗୋଟିଏ କୁକୁଡ଼ା, କଳସୀଏ ମଦ, ମୁଠିଏ ଚାଉଳ (ଭାତ) ଅର୍ପଣ କରନ୍ତି । ସିଂଭୂମ ଅଞ୍ଚଳରେ 'ବୋଦା' ଅର୍ପିତ ହୁଏ । ବାଟାଉଲୀ ପରବ ଆଷାଢ଼-ଶ୍ରାବଣ (ଜୁଲାଇ) ମାସରେ ଅନୁଷ୍ଠିତ ହୁଏ । ପ୍ରତ୍ୟେକ ଚାଷୀ ଗୋଟିଏ କୁକୁଡ଼ା ବଳି ଦେଇ କ୍ଷେତରେ ପୂଜା କରେ । ଧାନର ପୁଷ୍ଟି ନିମନ୍ତେ ଏପରି ଆରାଧନା କରିବା ବିଧି ।

କରମ ପରବରେ ନାଚ ହୁଏ । ଆଖଡ଼ା ଶାଳରେ 'କରମ' ଗଛର ଡାଳଟିଏ କୋଡି ଦିଆଯାଏ । ଆଦିବାସୀ ଓ ହିନ୍ଦୁମାନେ ଏ ପର୍ବ ପାଳନ୍ତି ।

ଶ୍ରାବଣ-ଭାଦ୍ରବ (ଅଗଷ୍ଟ) ମାସରେ ଜେମ୍ ନାମା ବା ନୂଆଖାଇ ପରବ ଅନୁଷ୍ଠିତ ହୁଏ । ଗୋଡ଼ାଧାନ ପାଚିଗଲେ ପ୍ରଥମେ ସିଂବୋଙ୍ଗାଙ୍କୁ ଅର୍ପଣ କରାଯାଏ । ଏଥିପାଇଁ ଗୋଟିଏ ଧଳା ରଙ୍ଗର କୁକୁଡ଼ା ବଳି ପଡ଼େ । ପିତୃଗଣଙ୍କୁ ନୂଆ ଭାତ ଦିଆଯାଏ । ଜେମ୍ ନାମା ପରବ ନଗଲେ ନୂଆଧାନ ଖାଇବା ନିଷେଧ । ଦେଶା ଉଳି ଓ ସିଂବୋଙ୍ଗାଙ୍କୁ ଧନ୍ୟବାଦ ଅର୍ପଣ ନିମନ୍ତେ ପଲମ ପରବ (ପର୍ବ) ପାଳିତ ହୁଏ । ଭଲ ଫସଲ ହୋଇଥିବାରୁ ଏହା ଧାନକଟା ପୂର୍ବରୁ କିମ୍ବା ଧାନକଟା ପରେ ଅନୁଷ୍ଠିତ ହୁଏ । ଏଥିରେ କୁକୁଡ଼ା ବଳି ପଡ଼େ ।

ଅରାଂମାନଙ୍କ ନୃତ୍ୟ ଅନ୍ୟମାନଙ୍କ ପରି ଋତୁଭିତ୍ତିକ ଓ ସେଗୁଡ଼ିକ ମୁଖ୍ୟତଃ ଚାରିଗୋଟି - (୧) ଜାଦୁର, (୨) ସାରୁଲ, (୩) ଯାତ୍ରା ଓ (୪) କରମ । ଜାଦୁର - ଶୀତ ଋତୁ, ସାରୁଲ୍ -ବସନ୍ତ ଋତୁ, ଯାତ୍ରା- ଗ୍ରୀଷ୍ମ ଋତୁ ଓ କରମ- ବର୍ଷା ଋତୁରେ ଅନୁଷ୍ଠିତ ହୋଇଥାଏ । ଋତୁ ଉତ୍ସବ ସହିତ ସଂପୃକ୍ତ ଉପରୋକ୍ତ ନାଚଗୁଡ଼ିକ ନିର୍ଦ୍ଦିଷ୍ଟ ଉତ୍ସବ ଦିବସ ପରେ ମଧ୍ଯ କିଛି ସପ୍ତାହ କିମ୍ବା କେତେ ମାସ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ଏତଦ୍ ବ୍ୟତୀତ ଅରାଂ ମାନଙ୍କର ଆଉ କେତୋଟି ନାଚ ଯଥା- (୧) ଲୁଝରୀ, (୨) ଲାମୁଆ ଓ (୩) ଝୁମର ପ୍ରଭୃତି ନାଚ ବର୍ଷର ଯେ କୌଣସି ସମୟରେ ଅନୁଷ୍ଠିତ ହୋଇଥାଏ । ଅଗ୍ନାଇ ଓ ପାଇକ ନାଚ ମଧ୍ଯ ଅରାଂମାନଙ୍କ ବିବାହ ପ୍ରଭୃତିରେ ଅନୁଷ୍ଠିତ ହୁଏ । ଛୋଟ ନାଗପୁର ଅଞ୍ଚଳର ଅରାଂମାନେ ଧାନ ବୁଣି, ହରିଆରି, ବଣ ଗାଡ଼ି, ଖଡ଼ିହାଣି, ନୂଆ ଖାଣି, ସହରାଇ, ମାଘେ ପ୍ରଭୃତି ପର୍ବ ପାଳନ କରନ୍ତି ।

ସାରୁଲ ପରବ ଚୈତ୍ର (ମାର୍ଚ୍ଚ-ଏପ୍ରିଲ) ମାସରେ ଅନୁଷ୍ଠିତ ହୁଏ । ସାରୁଲ ପର୍ବ ସମୟରେ 'ଆଖଡ଼ା'ରେ ଗୀତ ଓ ନାଚ କେତେ ଦିନ ଧରି ଅନବରତ ଚାଲେ । ଏ ପର୍ବ ନଯିବା ଯାଏ ଅରାଂମାନେ ନୂଆ ଫଳ ଖାଆନ୍ତି ନାହିଁ ।

ରଥଯାତ୍ରା ଛୋଟ ନାଗପୁର, ରାଞ୍ଚି, ହଜାରିବାଗ୍, ପାଲାମୁ, ଧାନବାଦ, ପୁରୁଲିଆ ପ୍ରଭୃତି ଅଞ୍ଚଳରେ ଆଦିବାସୀ ମାନଙ୍କ ମଧ୍ୟରେ ପାଳିତ ହୁଏ । ରାଞ୍ଚିର ଜଗନ୍ନାଥପୁରଠାରେ ରଥଯାତ୍ରା ଅତି ଆଡ଼ମ୍ବର ସହକାରେ ପାଳିତ ହୁଏ । ପୁରୀର ରଥଯାତ୍ରା ଅନୁଷ୍ଠାନର ଅନୁସରଣରେ ଏହା ପାଳିତ ହୁଏ । ଏ ପର୍ବରେ ହିନ୍ଦୁମାନଙ୍କ ପରି ଆଦିବାସୀ ମାନେ ନୂଆ ଲୁଗା ପରିଧାନ କରନ୍ତି ।

ରାଞ୍ଚି ଜିଲ୍ଲାର ପଶ୍ଚିମବଙ୍ଗ ସନ୍ନିହିତ ଅଞ୍ଚଳ ସଦର, ପୁରୁଲିଆ, ନାମ କନ, ହାଟିଆ, କେରା, ଖୁଣ୍ଟି, ସିଲି ଏବଂ ସିସାଇ ପ୍ରଭୃତି ଥାନା, ସିଂଭୂମର ବାହାଡ଼ାଗୋଡ଼ା ଓ ମେଦିନୀପୁରର ଝାଡ଼ ଗ୍ରାମ ସନ୍ନିହିତ ଅଞ୍ଚଳରେ ମାଁଡ଼ ପର୍ବ ଆଦିବାସୀ ଓ ଅଣ-ଆଦିବାସୀ ମାନଙ୍କ ମଧ୍ୟରେ ପାଳିତ ହୁଏ । ମାଁଡ଼ ପର୍ବ ପଶ୍ଚିମବଙ୍ଗର ପାଳିତ ଛଡ଼କ ପର୍ବର ଏକ ରୂପ । ବୈଶାଖ ଓ ଜ୍ୟେଷ୍ଠ ମାସର ବିଭିନ୍ନ ଦିନରେ ବିଭିନ୍ନ ଗ୍ରାମରେ ଏହା ଅନୁଷ୍ଠିତ ହୁଏ । ଏଥିରେ ଆରାଧ୍ୟ ଦେବତା ମହାଦେବ । ଏହାର ଉପାସନାକାରୀଙ୍କୁ 'ଭକ୍ତା' କହନ୍ତି । ଏଥିରେ 'କାନ୍ଧେୟା' ଓ 'ଫୁଲକୁଣ୍ଡ' ଏପରି ଦୁଇଟି ଉପଚାର ମୁଖ୍ୟ । (କ) ଭକ୍ତାମାନଙ୍କ କାନ୍ଧରେ ଭଡ଼ା ଦେଇ ଗୋସେଇଁ ମହାଦେବ ମନ୍ଦିରକୁ ଯିବାକୁ 'କାନ୍ଧେୟା' କହନ୍ତି ଓ (ଖ) ଫୁଲକୁଣ୍ଡ : କାଠ କୋଇଲା ନିଆଁ ଉପରେ ଭକ୍ତାମାନେ ଚାଲି କରି ଯାଆନ୍ତି ।

ଫୁଲକୁଣ୍ଡ ଶେଷ ପରେ ମୁଣ୍ଡାମାନେ ଦଳବଦ୍ଧ ଭାବେ ସାରା ରାତି ନାଚ ପ୍ରତିଯୋଗିତା ଆରମ୍ଭ କରନ୍ତି । ଏ ନାଚରେ କେତେକେ ରାମ, ରାବଣ, ଭୀମ, ଅର୍ଜୁନ ପ୍ରଭୃତିଙ୍କର ମୁଖା ଲଗାଇ ଅଭିନୟ କରନ୍ତି ।

ପଶ୍ଚିମବଙ୍ଗର ପୁରୁଲିଆ, ମେଦିନୀପୁର ବାଙ୍କୁଡ଼ା ଜିଲ୍ଲା, ବିହାରର ରାଞ୍ଚି ଜିଲ୍ଲାର ପଞ୍ଚ ପରଗଣା, ସିଂହଭୂମର ଧଲଭୂମ, ମୟୂରଭଞ୍ଜ, କେନ୍ଦୁଝର, ବଣାଇ ପ୍ରଭୃତି ଅଞ୍ଚଳରେ 'ଟୁଲୁ' ବର୍ଣ୍ଣ ହିନ୍ଦୁ ଓ ଆଦିବାସୀ ମାନଙ୍କର ଏକ ଶ୍ରେଷ୍ଠ ଲୋକୋତ୍ସବ । ଏହା ପୌଷମାସର ପୂର୍ଣ୍ଣିମାରେ ପାଳିତ ହୁଏ । ହିନ୍ଦୁମାନଙ୍କ ସହିତ ଘନିଷ୍ଠ ଭାବରେ ବାସ କରୁଥିବା ଆଦିବାସୀ ଯଥା- ଭୂମିଜ, ଚିକ୍ ବାରେକ୍ ଗଣ୍ଡ, କମାଲୀ, ଖେଡ଼ୱାର, ଲହରା, ମାହାଲୀ, ମୁଣ୍ଡା, ଅରାଂ ଓ ସାନ୍ତାଳମାନେ ଟୁସୁ ପର୍ବ ପାଳନ କରନ୍ତି ।

କେତେକ ସ୍ଥାନର ମୁଣ୍ଡାମାନେ ଦୋଳ ପର୍ବରେ ରାଧାକୃଷ୍ଣ ପୂଜା କରନ୍ତି । ଗାଁରେ ନିର୍ମିତ ଆସ୍ଥାନରେ ଏ ପୂଜା ସମୟରେ ମେଳା ବସେ । ମେଳାରେ ନାଚୁଣୀ, ଛଉ, ଘୋଡ଼ା ନାଚ ପ୍ରଦର୍ଶନର ବନ୍ଦୋବସ୍ତ ହୋଇଥାଏ ।

ଏ ଅଞ୍ଚଳରେ ବାସ କରୁଥିବା ଆଦିବାସୀ ମାନଙ୍କ ପରି ଅଣ-ଆଦିବାସୀମାନେ ମଧ ସେମାନଙ୍କର ପାରମ୍ପରିକ ନାଚ ନାଚିଥାନ୍ତି । ମହାନ୍ତ (ମାହାତୋ), ନାପିତ, ଘାସି, ବେଦିଆ, ରାଜୱାଡ଼, କର୍ମାଲୀ, କୁମ୍ଭାର, ତେଲୀ ଓ ମଣ୍ଡଳମାନେ ଧର୍ମୀୟ ଅନୁଷ୍ଠାନ, ବିବାହ ଓ ଅନ୍ୟାନ୍ୟ ସାମାଜିକ ପର୍ବମାନଙ୍କରେ ନୃତ୍ୟାନୁଷ୍ଠାନ କରନ୍ତି । ଏ ନାଚ ଗୁଡ଼ିକ ମହାକାବ୍ୟ ଓ ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ ।

ନାଚ ପାଇଁ ପ୍ରତ୍ୟେକ ଗ୍ରାମର ସ୍ୱତନ୍ତ୍ର 'ଆଖଡ଼ା'ମାନ ନିର୍ମିତ ହୋଇଥାଏ । ରାତ୍ରି ସମୟରେ ନାଚ ହୁଏ । ନାଚରେ ଅଂଶ ଗ୍ରହଣ କରିବା ପାଇଁ ଗ୍ରାମବାସୀମାନେ ସେଠାରେ ଏକତ୍ରିତ ହୋଇ ବିଭିନ୍ନ ନାଚରେ ସେମାନଙ୍କ ନୃତ୍ୟ କୁଶଳତା ପ୍ରଦର୍ଶନ କରିଥାନ୍ତି ।

ଏମାନଙ୍କ ନାଚ ରଙ୍ଗୀନ ବା ମେଲ (ମେଳ) ଓ ଶାସ୍ତ୍ରୀୟ ଏପରି ଦୁଇ ଭାଗରେ ବିଭକ୍ତ । ରଙ୍ଗୀନ ବା ମେଳ ନୃତ୍ୟ କୌଣସି ବିଷୟ (କାହାଣୀ) ବିବର୍ଜିତ ଛଉ ନୃତ୍ୟ ଶୈଳୀରେ ଅଭିନୀତ ହୁଏ । ରଙ୍ଗୀନ ବା ମେଳ ନାଚରେ ଘଟୱାରୀ, ଜାମ୍ବା, ଚୋକ୍ରା, ସାନ୍ତାଳ, ଲୁରି ଶବର ଓ ରାଜପୁତ ଝଲକ ନାଚ ଏବଂ ଶାସ୍ତ୍ରୀୟ ନୃତ୍ୟରେ ଗଣେଶ ଓ କୀରାତାର୍ଜ୍ଜୁନ ପ୍ରଭୃତି ନାଚ ଅନୁଷ୍ଠିତ ହୁଏ । ଏ ସମସ୍ତ ସଂକ୍ଷିପ୍ତ ବିବରଣୀ ପରବର୍ତ୍ତୀ ଅଧ୍ୟାୟରେ ଛଉ ନୃତ୍ୟର ସାଂସ୍କୃତିକ ପୃଷ୍ଠଭୂମି ବିଷୟକ ଆଲୋଚନା କାଳରେ ପ୍ରଦତ୍ତ ହୋଇଅଛି ।

ସାଦନ ଓ ସାଦନୀ ନାଚରେ ଲୋହାର, ଚମାର, ଘାସି ପ୍ରଭୃତିର ଲୋକ ମୁଖ୍ୟତଃ ଅଂଶ ଗ୍ରହଣ କରନ୍ତି । ଆଦିବାସୀ ଗୋଷ୍ଠୀର ଲୋକେ ମଧ ଏ ନାଚ ନାଚନ୍ତି । ଦୁମ୍‌କଚ ନାଚରେ ମହିଳାମାନେ ଅଂଶ ଗ୍ରହଣ କରନ୍ତି । ପରସ୍ପର ଅଣ୍ଟାରେ ହାତ ଦେଇ ଛନ୍ଦାଛନ୍ଦି ହୋଇ ଧାଡ଼ିରେ ଠିଆ ହୋଇଥାନ୍ତି । ଡାହାଣ ପାଦ ଆଗକୁ ବାମ ପାଦ ସଂବନ୍ଧ ହୋଇଆସେ । ଢାକ, ମନ୍ଦର ଓ ବଡ଼ଢୋଲ ପ୍ରଭୃତି

ବାଦ୍ୟଯନ୍ତ୍ର ଏଥିରେ ବାଜେ । ଅଗ୍ନାଇ ନାଚ ଓ ଝୁମରୀ ନାଚରେ ନାରୀମାନେ ଅଂଶ ଗ୍ରହଣ କରନ୍ତି ଓ ଅଣ୍ଟାରେ ହାତ ଛନ୍ଦି ଧାଡ଼ିବାନ୍ଧି ନାଚନ୍ତି । ନାଗପୁରିଆ-ମର୍ଦ୍ଦନୀ ଝୁମର ନାଚରେ ପୁରୁଷମାନେ ନାରୀମାନଙ୍କ ପରି ଘୂରି ଘୂରି ନାଚନ୍ତି । ଶିବପୂଜା ସମୟରେ ନିଆଁ ଉପରେ ଭକ୍ତାମାନେ ଚାଲିବା ଓ ଭଡ଼ା ଖୁଣ୍ଟରେ ହବନ କୁଣ୍ଡି ଉପରେ ଘୂରିବା – ସାଧାରଣତଃ ଛୋଟନାଗପୁରର ନିମ୍ନ ଶ୍ରେଣୀ ହିନ୍ଦୁମାନଙ୍କ ଦ୍ୱାରା ଏହା ପାଳିତ ହୁଏ । ଏହା ଅଗ୍ନି ନାଚ ନାମରେ କଥିତ ।

ପୂର୍ବତନ ମାନଭୂମ ଜିଲ୍ଲାର ଅଧିବାସୀ ବାଉରୀ, କୁର୍ମୀ ଓ ଭୂମିଜମାନେ ନିୟମିତ ହିନ୍ଦୁ ପର୍ବ ପାଳନ କରୁଥିବା କୋପ୍ ଲ୍ୟାଣ୍ଡ ଲକ୍ଷ୍ୟ କରିଛନ୍ତି । ଚୈତ୍ର ସଂକ୍ରାନ୍ତିରେ ତେଲ କୁପି ଓ ବୁଧପୁରରେ ମେଳା ଅନୁଷ୍ଠିତ ହେଉଥିଲା । ଏତଦ୍ ବ୍ୟତୀତ ବୈଶାଖ ମାସରେ ସାରୁଲ ଓ ଜ୍ୟେଷ୍ଠମାସରେ ରୋହିଣୀ ଉତ୍ସବ ପାଳିତ ହେଉଥିଲା । ସାରୁଲ ପରବର ଗ୍ରାମଦେବତୀଙ୍କୁ ମଦ, କୁକୁଡ଼ା ମାଂସ ଅର୍ପଣ କରୁଥିଲେ । ଆଷାଢ଼ ମାସରେ 'ଜଡାଳ' ଅନୁଷ୍ଠିତ ହେଉଥିଲା । ଶ୍ରାବଣ ମାସ ଶେଷ ଦିନରେ ମନ୍‌ସା ପୂଜା ହେଉଥିଲା । କରମା ପୂଜାରେ କରମ ଗଛର ଡାଳଟିଏ ଆଣି ବ୍ରାହ୍ମଣ ଆଖଡ଼ାଶାଳରେ ପୋତି ଦେଉଥିଲେ । ଇନ୍ଦ୍ରପୂଜାର ଦେବତା ହେଉଛନ୍ତି ବର୍ଷାମାନଙ୍କର ଅଧିଶ୍ୱର ଇନ୍ଦ୍ର । ତାଙ୍କୁ ଛାଗବଳି ଦେଇ ସନ୍ତୁଷ୍ଟ କରାଯାଏ । ଏଥିରେ ଛାତ୍ (ଛତା) ଉତ୍ସବ ଅନୁଷ୍ଠିତ ହୁଏ । ଜମିଦାର ଓ ରାଜାମାନଙ୍କୁ ସମ୍ମାନ ପ୍ରଦର୍ଶନ ନିମନ୍ତେ ଛାତ୍ ଉତ୍ସବ ପାଳିତ ହୁଏ । ଇନ୍ଦ୍ର ଓ ଛାତା ପରସ୍ପର ସଂପର୍କିତ ।

ଚୈତ୍ର ସଂକ୍ରାନ୍ତିରେ ଅନୁଷ୍ଠିତ ଭକ୍ତା କିମ୍ବା ଚଡ଼କ ପର୍ବ ଅନୁଷ୍ଠିତ ହେଉଥିଲା । ଏଥିରେ ହିନ୍ଦୁ ଦେବତା ମହାଦେବ ପୂଜିତ ହେଉଥିଲେ ଓ ଆଦିବାସୀ ଓ ଅଣ ଆଦିବାସୀମାନେ ଅଂଶ ଗ୍ରହଣ କରୁଥିଲେ । ଏଥିରେ ବ୍ରାହ୍ମଣ ପୂଜକ ନିଯୁକ୍ତ ରହୁଥିଲେ । ଉଚ୍ଚବର୍ଗର ରକ୍ଷଣଶୀଳ ହିନ୍ଦୁମାନେ ଏହା ଦେଖିବା ନିଷେଧ ଥିଲା ।

ଷଢ଼େଇକଳାର ଭୂମିଜମାନେ 'ପାଉଡ଼ୀ' ଦେବୀଙ୍କୁ ଜ୍ୟେଷ୍ଠ ଓ ଆଷାଢ଼ ମାସରେ ଭଲ ବର୍ଷା ହେବା ପାଇଁ ଦୁଇଦିନ ଧରି ପୂଜା କରନ୍ତି । ଏତଦ୍ ବ୍ୟତୀତ ସେମାନେ ଗ୍ରାମ ଦେବତା, ମନସା ଦେବୀ, କରମ, ଧରମ, ତୁଳସୀ, ମାଁଡ଼ ପୂଜା କିମ୍ବା ଜାହିରା ବୁଢ଼ୀ ପ୍ରଭୃତିଙ୍କୁ ପୂଜା ଉପାସନା କରନ୍ତି ।

ଷଢ଼େଇକଳା, ଖରସୁଆଁ, ସିଂଭୂମର ଭୂୟାଁ ମାନଙ୍କର ଆରାଧ୍ୟ ଦେବୀ ପାଉଡ଼ି ଦେବୀ ପରବର୍ତ୍ତୀ ସମୟରେ ପୋଡ଼ାହାଟ, ଷଢ଼େଇକଳା, ଖରସୁଆଁ ରାଜବଂଶର ଆରାଧ୍ୟ ଦେବୀ ରୂପେ ପ୍ରତିଷ୍ଠିତା ହେଲେ । ପାଉଡ଼ୀ ଦେବୀଙ୍କ ନାମାନୁସାରେ ପୋଡ଼ାହାଟ ହୋଇଥିଲା । ପ୍ରାରମ୍ଭିକ ବ୍ରିଟିଶ ରେକର୍ଡ଼ରେ ଏ ସ୍ଥାନ 'ପୁଡ଼ିହାଟୀ / 'ପୋଡ଼ିହାଟୀ' ଭାବରେ କଥିତ ହେଉଥିବାର ଉଲ୍ଲେଖ ଅଛି । ପାଉଡ଼ୀ ଦେବୀଙ୍କ ନାମାନୁସାରେ ନାମିତ ହୋଇ 'ପୋଡ଼ାହାଟ' ସିଂହ ରାଜବଂଶର ରାଜଧାନୀ ହୋଇଥିଲା ।

ଷଢ଼େଇକଳା, ଖରସୁଆଁ, ସିଂଭୂମ ଅଞ୍ଚଳର ଧର୍ମଭିତ୍ତିକ ପର୍ବପର୍ବାଣୀ ସଂପର୍କରେ ଉଲ୍ଲେଖ କରି ଷଢ଼େଇକଳାର ଟୀକାୟେତ ନୃପେନ୍ଦ୍ର ନାରାୟଣ ସିଂଦେଓ ଚଉତିରିଶ ପର୍ବର ନାମ ଉଲ୍ଲେଖ କରିଛନ୍ତି । ଏ ସମସ୍ତ ପର୍ବ ହିନ୍ଦୁମାନଙ୍କ ସହିତ ହୋ, ସାନ୍ତାଳ ଓ ଭୂମିଜମାନେ ମଧ ପାଳନ କରିଥାନ୍ତି । ତନ୍ମଧ୍ୟରୁ ମୁଖ୍ୟ ପର୍ବ ଗୁଡ଼ିକ ଯଥା- ପାଟପଣା ସଂକ୍ରାନ୍ତି, ଅକ୍ଷୟ ତୃତୀୟା, ରଜସଂକ୍ରାନ୍ତି, ରଥଯାତ୍ରା, ଗହ୍ମା ପୂର୍ଣ୍ଣିମା, ସୁନିଆଁ, ନୂଆଖିଆ, ଜନ୍ତାଳ, ଦୁର୍ଗା ପୂଜା, କୁମାର ପୂର୍ଣ୍ଣିମା, ଗୁରୁବାର ଓଷା ଓ ଚୈତ୍ର ପର୍ବ ଇତ୍ୟାଦି ପ୍ରଧାନ । ଏ ସମସ୍ତ ପର୍ବ ଗଦାଧର ପଦ୍ଧତି ଅନୁସାରେ ଅନୁଷ୍ଠିତ ହୁଏ ।

ଜାନୁଆରୀ ମାସରେ କେନ୍ଦୁଝର ସୀମାନ୍ତରେ ଥିବା ବୈତରଣୀ ନଦୀର କେଶରୀ କୁଣ୍ଡରେ ତୀର୍ଥ ବ୍ରତ ଦେବାକୁ ସିଂଭୂମର ବହୁଲୋକ ଯାଆନ୍ତି । ରାମଚନ୍ଦ୍ର ସୀତାଙ୍କୁ ଉଦ୍ଧାର କରିବା ପାଇଁ ଲଙ୍କାକୁ ଯିବା ସମୟରେ ଏଠାରେ ବିଶ୍ରାମ ନେଇଥିବାର କିମ୍ବଦନ୍ତୀ ପ୍ରଚଳିତ ଅଛି ।

ଛଉନାଚ ଆଲୋଚନା ପରିପ୍ରେକ୍ଷୀରେ ପ୍ରସଙ୍ଗତଃ ଉଲ୍ଲେଖ କରାଯାଇ ପାରେ ଯେ ମୟୂରଭଞ୍ଜ ମହାରାଜାଙ୍କ ପୃଷ୍ଠପୋଷକତା ଫଳରେ ଛଉ ନାଚ ପରମ୍ପରାରେ ଏକ ନୂତନ ଶୈଳୀ ପ୍ରବର୍ତ୍ତିତ ହୋଇପାରିଛି । ଏହା ମୁଖାହୀନ ଛଉ ନାଚ । ରାଜ ପୃଷ୍ଠପୋଷକତା ଲାଭ କରି ଛଉନାଚ ସମୃଦ୍ଧ ଓ ଭିନ୍ନ ଶୈଳୀ ଗ୍ରହଣ କରିଥିଲେ ହେଁ ଏ ଅଞ୍ଚଳର ଅଧିବାସୀ ମାନଙ୍କର ସାଂସ୍କୃତିକ ପରମ୍ପରା ଏ ନାଚର ସୃଷ୍ଟିର ହେତୁ । ନିମ୍ନରେ ମୟୂରଭଞ୍ଜ ଜିଲ୍ଲାର ପର୍ବପର୍ବାଣି, ନୃତ୍ୟ, ନାଟ, ଖେଳ, ସାହିତ୍ୟ ଓ ସଙ୍ଗୀତ ସମ୍ପର୍କରେ ଆଲୋଚନା କରାଯାଉଛି ।

ବାଲିଅନ୍ତା ଚଢ଼େୟା ନାଟ ଆଦିବାସୀ ଓ ଅଣ ଆଦିବାସୀ ସବୁ ସଂପ୍ରଦାୟ ଲୋକଙ୍କର ଅତି ପ୍ରିୟ ନାଟ । ଏଥିରେ ଅଭିନେତା ତିନିଜଣ । ତନଧ୍ୟରୁ ଜଣେ ସଂଯୋଜକ 'ବାଙ୍କୁ' ଭାଇ ନାମରେ କଥିତ । ବାଦ୍ୟଯନ୍ତ୍ର ଠୁଙ୍କୁରୀ ଓ କରତାଳ (ଯୋଡ଼ି) ବେଳେ ବେଳେ ହାରମୋନିୟମ୍ ବ୍ୟବହୃତ ହୁଏ । ନିର୍ଦ୍ଦିଷ୍ଟ ମଞ୍ଚ ନାହିଁ । ଗ୍ରାମରେ ଶୀତଳା ପୂଜା, ଚଇତ୍ର ମାସରେ ମଙ୍ଗଳା ପୂଜା ଓ ମକର ପରବ ସମୟରେ ଏହା ଅନୁଷ୍ଠିତ ହୁଏ । ଏତଦ୍ ବ୍ୟତୀତ କୌଣସି ଉପଲକ୍ଷରେ ଯେ କୌଣସି ସମୟରେ ଏହା ଅଭିନୀତ ହୋଇଥାଏ । ଏହା ସମଗ୍ର ରାତ୍ରିର ଅନୁଷ୍ଠାନ । ମୁକ୍ତାକାଶ ମଞ୍ଚ, ମଞ୍ଚର ଚାରିପାଖେ ଦର୍ଶକମାନେ ବସନ୍ତି । (ଯୋଗେନ୍ଦ୍ର ନାଥ ଦାସଙ୍କ ବି.ଭା.ଦା.-୮-୧୯୮୭)

ମୟୂରଭଞ୍ଜର କୁଡ଼ୁମୀ (ମହାନ୍ତ)ମାନଙ୍କ ମଧ୍ୟରେ ପ୍ରଚଳିତ ଏକ ମୁଖ୍ୟ ଲୋକନାଟ । ପାର୍ଶ୍ୱବର୍ତ୍ତୀ କେନ୍ଦୁଝର ଓ ସିଂଭୂମ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ମଧ ଏହା ପ୍ରଚଳିତ । 'କୁର୍ମାଳୀ' ଭାଷାରେ ରାମାୟଣର କଥାବସ୍ତୁ ନେଇ ଏ ପାଲା ଅଭିନୀତ ହୁଏ । ଗମ୍ଭୀର ମହାତ୍ମ୍ୟ ଏଥିରେ ବର୍ଣ୍ଣିତ ।

ଗ୍ରାମାଞ୍ଚଳର ଆଦିବାସୀ ଓ ଅଣ ଆଦିବାସୀମାନେ ମାନ (ମାନଭଞ୍ଜନ) ପାଲାର ଆୟୋଜନ କରିଥାନ୍ତି । କୃଷ୍ଣ ଓ ରାଧାଙ୍କ ସଂପର୍କରେ ରଚିତ ଗୀତ (ପଦାବଳୀ ଓ କୀର୍ତ୍ତନ)ଗାନ ହୁଏ । ଏଥିରେ

ରାଧା କୃଷ୍ଣ ମୁଖ୍ୟ ଓ ଯୋଗିନୀଗଣ ଗୌଣ ଚରିତ୍ର । ଏମାନେ ଉପଯୋଗୀ ପୋଷାକ ଓ ଅଳଙ୍କାରରେ ସଜ୍ଜିତ ହୋଇଥାନ୍ତି । ମସ୍ତକରେ ମୁକୁଟ, ପାଦରେ ଘୁଙ୍ଗୁର ଥାଏ । ଖୋଲା ସ୍ଥାନରେ ଦର୍ଶକମାନେ ମଞ୍ଚର ଚାରିପାଖରେ ବସନ୍ତି । ଅଭିନେତାଗଣ ଆସରକୁ ଯିବା ପାଇଁ ରାସ୍ତା ଥାଏ । ଏଥିରେ ଖୋଳ, କୁବୁଜୀ, ବଂଶୀ, ହାର୍ମୋନିୟମ ପ୍ରଭୃତି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । ଏହା ସମଗ୍ର ରାତ୍ରି ବ୍ୟାପି ଅନୁଷ୍ଠାନ । ଗୀତର ଭାଷା ବଙ୍ଗଳା ।

ଜେଠା ପାଲାରେ ଗାୟକ ଓ ପାଳିଆ ମାନଙ୍କର ଭାବଭଙ୍ଗୀ ବେଶ୍ ଆକର୍ଷଣୀୟ । ଏହାକୁ 'ଏକକ ନାଟକ' କୁହାଯାଇପାରେ । କାରଣ ଏଥିରେ ଜଣେ ମାତ୍ର ଗାୟକ ଗାନ କରନ୍ତି । ଚରିତ୍ର ଉପଯୋଗୀ ବେଶଭୂଷା ବ୍ୟବହୃତ ହୁଏ ।

ମୟୂରଭଞ୍ଜର ବୁଢ଼ାମରା ଅଞ୍ଚଳରେ ବାଳକ ସଂଗୀତାଭିନୟ ଅନୁଷ୍ଠିତ ହେବାର ଦେଖାଯାଏ । ଦୁର୍ଗାପୂଜା, ଲକ୍ଷ୍ମୀପୂଜା, ବାସନ୍ତୀ ପୂଜା ସମୟରେ ଏହା ଅନୁଷ୍ଠିତ ହୁଏ । ୧୦ /୧୨ ଜଣ ବାଳକ ମିଶି କୃଷ୍ଣଙ୍କର ବାଲଲୀଳା ଅଭିନୟ କରନ୍ତି ।

ବିଚିତ୍ର ରାମାୟଣର ସୁନ୍ଦରାକାଣ୍ଡର ବିଷୟବସ୍ତୁ ଅନୁସରଣରେ ରାମଲୀଳା ରଚିତ ଓ ଅଭିନୀତ ହୋଇଥାଏ । ଏଥିରେ କୌଣସି ନିର୍ଦ୍ଦିଷ୍ଟ ମଞ୍ଚ ନଥାଏ । ଚାରଣ ସଂସ୍କୃତି ପରି ଗାଁକୁ ଗାଁ ବୁଲି ଅଭିନୟ ପ୍ରଦର୍ଶିତ ହୁଏ । ଚରିତ୍ର ଉପଯୋଗୀ ବେଶ ପୋଷାକ, ଅଳଙ୍କାର ଓ ମୁଖା ବ୍ୟବହୃତ ହୁଏ । ଏଥିରେ ବାଦ୍ୟଯନ୍ତ୍ର, ଢୋଲକ ବ୍ୟବହୃତ ହୁଏ । ଗୀତର ଭାଷା ଓଡ଼ିଆ । ମୁକ୍ତ ଆକାଶ ତଳେ ବର୍ଷର ଯେ କୌଣସି ସମୟରେ ଉପଯୁକ୍ତ ପାରିଶ୍ରମିକ ସହ ଏ ଲୀଳା ଅନୁଷ୍ଠିତ ହୁଏ ।

ମୟୂରଭଞ୍ଜର କନିକା, କୁଦର ସାହି (ପାଞ୍ଚପୀଢ଼ ସବ୍‌ଡିଭିଜନ)ପ୍ରଭୃତି ଗାଁରେ ଦଶହରା ସମୟରେ ଗଉଡ଼ମାନେ ଖଣ୍ଡା, ତଲୁଆର ଧରି ବିଭିନ୍ନ ଖେଳ ଦେଖାନ୍ତି । ଏତଦ୍ ବ୍ୟତୀତ ବାଡ଼ିଖେଳ ସହ ନିଆଁପାଟ ଓ କଣ୍ଟାପାଟ ପ୍ରଭୃତିର ଆୟୋଜନ କରି କୌଶଳପୂର୍ଣ୍ଣ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରନ୍ତି । ମୟୂରଭଞ୍ଜରେ ବାଥୁଡ଼ି, ଭୂୟାଁ, ଗଣ୍ଡ, ସାନ୍ତାଳ, ହୋ ଓ କୁଡୁମୀ ପ୍ରଭୃତି ବହୁ ଗୋଷ୍ଠୀ ଓ ଜାତି ମଧ୍ୟରେ କାନ୍ଦଣା ପର୍ବ ପ୍ରଚଳିତ । ମୟୂରଭଞ୍ଜର ଅଧିବାସୀ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆବାଳ ବୃଦ୍ଧବନିତା ସମସ୍ତେ ମହାସମାରୋହରେ ମକର ପର୍ବ ପାଳନ  କରନ୍ତି । ଏ ସଂପର୍କରେ ଏକ ଲୋକୋକ୍ତି ପ୍ରଚଳିତ ଅଛି ଯେ ଜଣେ ପିତୃ କାର୍ଯ୍ୟ ସମ୍ପାଦନ କରିନପାରେ । କିନ୍ତୁ ମକର ଉତ୍ସବ ନିଶ୍ଚୟ ପାଳନ କରିବ ।

ମାଘ ସଂକ୍ରାନ୍ତି ଦିନ ବଡ଼ିଭୋରରୁ ଲୋକମାନେ ବିଭିନ୍ନ ପୋଖରୀ, ବନ୍ଧ, ନଦୀ ପ୍ରଭୃତିରେ ସ୍ନାନ କରିସାରି ଦେବାର୍ଚ୍ଚନା କରନ୍ତି । ସଂକ୍ରାନ୍ତିର କିଛିଦିନ ପୂର୍ବରୁ ନିକଟତମ ବନ୍ଧ, ପୋଖରୀ, ନଦୀ ଆଦିମାନଙ୍କରେ ଜଙ୍ଗଲରୁ ତାଳପତ୍ର ସଂଗ୍ରହ କରି ଏକ କୁଡ଼ିଆ ନିର୍ମାଣ କରିଥାନ୍ତି । ଏହାକୁ 'ମକର

କୁଡ଼ିଆ' କହନ୍ତି । ଗାଧୋଇ ସାରି 'ଟୁସୁ' ମୂର୍ତ୍ତିକୁ ଭସାଇ ଦେଇ ବାଣ ପ୍ରଭୃତି ଫୁଟାନ୍ତି । ଗାଧୋଇସାରି ମକର କୁଡ଼ିଆରେ ନିଆଁ ଲଗାଇ ଦେଇ ବସ୍ତ୍ର ପରିଧାନ କରି ଘରକୁ ଫେରନ୍ତି । ଚୁଡ଼ା, ତିଳ ଓ ମକର ଚାଉଳ ଧରି ଦେବାର୍ଚ୍ଚନା କରନ୍ତି । ପ୍ରତ୍ୟେକଙ୍କ ଘରେ ଅନେକ ପ୍ରକାର ପିଠା ପ୍ରସ୍ତୁତ ହୋଇଥାଏ । ଏହି ଦିନ ମକର ଚାଉଳ ଦେଇ ସୂର୍ଯ୍ୟଙ୍କୁ ଅନାଇ ନୂଆ ବନ୍ଧୁ ବାନ୍ଧନ୍ତି । ଏହାକୁ 'ସୂର୍ଯ୍ୟ ବନ୍ଧୁ' କୁହାଯାଏ ।

ଆଦିବାସୀ ମାନଙ୍କ ମଧ୍ୟରେ ମକର ପର୍ବ ତିନି ଦିନ ପାଳନ କରାଯାଏ । ମକର ପର୍ବ ଦିନ (ବାଉଁଣ୍ଡି)ତାର ପୂର୍ବଦିନ "ଚାଉଣ୍ଡି" ଭାବରେ କଥିତ । ବାଉଁଣ୍ଡି ଦିନ ଆଦିବାସୀମାନେ ମାଛ ଓ କଙ୍କଡ଼ା ଧରି ଖାଆନ୍ତି । ସେମାନଙ୍କର ବିଶ୍ୱାସ ଏସବୁ ଖାଇଲେ ଜୀବନ ବୃଦ୍ଧି ଘଟେ । ମକର ପର ଦିନ ବିଭିନ୍ନ ସ୍ଥାନରେ ବାନ୍ଦର, ସାଧନ, କାଠି, ଭାଲୁ ନାଚ ଅନୁଷ୍ଠିତ ହୁଏ । ମକର ସମୟରେ ଆଦିବାସୀ ମାନଙ୍କ ମଧ୍ୟରେ ମାଂସ ଓ ହାଣ୍ଡିଆ ପାଇଁ ଅଧିକ ପ୍ରବଣତା ଲକ୍ଷ୍ୟ କରାଯାଏ ।

ଫାଲଗୁନ ମାସରେ ଦୋଳ ପୂର୍ଣ୍ଣିମାରେ ଦୋଳଯାତ୍ରା ଅନୁଷ୍ଠିତ ହୁଏ । ମୟୂରଭଞ୍ଜର କରଞ୍ଜିଆ, ସାଇଁକଲା ଓ ପୂର୍ଣ୍ଣିଆ ଠରେ ଆଡ଼ମ୍ବର ସହକାରେ ଏହା ସପ୍ତାହ ବ୍ୟାପି ପାଳନ କରାଯାଏ । ଏ ଜିଲ୍ଲାର ବାରୁଣୀ ଘାଟ, ସିମଡ଼ା, ମାଣତ୍ରୀ ଓ ଦେବଶୋଳଠାରେ ଶିବରାତ୍ରୀ ମେଳା ନିମନ୍ତେ ବହୁ ଭକ୍ତଙ୍କର ସମାବେଶ ହୁଏ । ବୈଶାଖ ମାସର ପ୍ରଥମ ଦିନରେ ବାରିପଦା, ମୁରୁଡ଼ା, ଚିତ୍ରଡ଼ା, ଠାକୁରମୁଣ୍ଡା ଓ ଉରୁଆଁ ପ୍ରଭୃତି ସ୍ଥାନରେ ପ୍ରବଳ ଜନ ସମାରୋହରେ ଉଡ଼ା ପର୍ବ ପାଳନ କରାଯାଏ । ଏ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୁଏ । ଉଡ଼ାପର୍ବରେ ଛଉ ନାଚ ଅନୁଷ୍ଠିତ ହୁଏ ।

ଆଷାଢ଼ ମାସର ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ବାରିପଦା ସହରରେ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୁଏ । ଏହା ଏକ ବିଶିଷ୍ଟ ହିନ୍ଦୁ ପର୍ବ । ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁସରଣରେ ବାରିପଦାରେ ରଥ ଯାତ୍ରା ହୁଏ । ଜଗନ୍ନାଥ, ବଳରାମ, ସୁଭଦ୍ରା ତିନିଜଣ ତିନି ଗୋଟି ରଥରେ ବିଜେ କରନ୍ତି । ସହରର ଅନ୍ୟ ପ୍ରାନ୍ତରେ ଥିବା ଗୁଣ୍ଡିଚା ଘର ପର୍ଯ୍ୟନ୍ତ ରଥଟଣାଯାଏ । ଏହା ତିନି ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ବାହୁଡ଼ା ଯାତ୍ରା ରଥ ଯାତ୍ରାର ସାତ ଦିନପରେ ଅନୁଷ୍ଠିତ ହୁଏ । ଏଥିରେ ଏକ ବୈଶିଷ୍ଟ୍ୟ ହେଉଛି ଯେ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣନ୍ତି । ରଜ ଏ ଜିଲ୍ଲାର ଅଧିବାସୀ ମାନଙ୍କର ଅନ୍ୟତମ ମୁଖ୍ୟ ପର୍ବ ।

ଭାଦ୍ର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇ ସାତ ଦିନ ଧରି ମୟୂରଭଞ୍ଜର ବହଳଦାଠାରେ 'ଛ ଯାତ୍ରା' ଅନୁଷ୍ଠିତ ହୁଏ । ବହଳଦାଠାରେ ମୟୂରଭଞ୍ଜ ରାଜ୍ୟର ପୂର୍ବତନ ରାଜଧାନୀ ଥିଲା । ପାର୍ଶ୍ୱବ ସିଂଭୂମ, ପୁରୁଲିଆ/ମାନଭୂମ ରାଷ୍ଟ୍ର ଜିଲ୍ଲାର କେତେକ ଅଞ୍ଚଳରେ ଏହା ମହାସମାରୋହରେ ପାଳି ହୁଏ । ଆଶ୍ୱିନ ମାସର ଶୁକ୍ଳ ପକ୍ଷରେ ଦଶହରା ଉତ୍ସବ ଅନୁଷ୍ଠିତ ହୁଏ । ମୟୂରଭଞ୍ଜର ଅଧିବାସୀ ହିନ୍ଦୁ ଆଦିବାସୀ ମାନଙ୍କ ମଧ୍ୟରେ ଏହା ଆଡ଼ମ୍ବର ସହକାରେ ପାଳିତ ହୁଏ ।

କରମ ପୂଜା ଆଦିବାସୀ ମାନଙ୍କ ବ୍ୟତୀତ କୁଡ଼ୁମୀମାନେ ମଧ୍ୟ ପାଳନ କରନ୍ତି । ଭୂୟାଁ ଓ ବାଥୁଡ଼ିମାନେ ହିନ୍ଦୁ ପର୍ବ ସବୁ ପାଳନ କରନ୍ତି ।

ମୟୂରଭଞ୍ଜ ଆଦିବାସୀମାନଙ୍କ ମଧ୍ୟରେ ଗୋଷ୍ଠୀ ନୃତ୍ୟ ହୁଏ । ନୃତ୍ୟରେ ବାଦ୍ୟଯନ୍ତ୍ର ବ୍ୟବହାର ସହିତ ଗୀତ ଗାନ ହୁଏ । ଖଡ଼ିଆ, ସାନ୍ତାଳ, କୋହ୍ଲ ଓ ହୋମାନଙ୍କ ମଧ୍ୟରେ ପ୍ରଚଳିତ ନାଚରେ ସାମଞ୍ଜସ୍ୟ ଅଛି । ଏଗୁଡ଼ିକ ସାଧାରଣତଃ ଧାନକଟା, ବସନ୍ତ ଉତ୍ସବ, ବିବାହ ଓ ବିଭିନ୍ନ ପର୍ବପର୍ବାଣୀରେ ଅନୁଷ୍ଠିତ ହୁଏ । ଏ ସବୁଥିରେ ମାଦଳ, ଧମ୍‌ସା, ବଇଁଶି ଓ ଢୋଲ ପ୍ରଭୃତି ବାଦ୍ୟ ଯନ୍ତ୍ର ବ୍ୟବହୃତ ହୁଏ । ଭୂମିଜମାନେ ଭାଦ୍ର ମାସରେ କରମ ପୂଜା ସମୟରେ କରମ ନାଚ ପାଳନ କରନ୍ତି । ଉଭୟ ସ୍ତ୍ରୀ ପୁରୁଷ ଏ ନାଚ ନାଚନ୍ତି ।

ଭଞ୍ଜ ପୁରାଣ ଓ ବାଥୁଡ଼ିମାନେ ପୂର୍ବେ ହୁଏତ ଗୋଷ୍ଠୀ ନାଚ ନାଚୁଥାଇ ପାରନ୍ତି । ଆଧୁନିକ ଶିକ୍ଷାର ପ୍ରସାର ହେବା ସଙ୍ଗେ ସଙ୍ଗେ ଏ ସବୁ ବିଭିନ୍ନ ଗୋଷ୍ଠୀରୁ ଲୁପ୍ତ ହେଉଅଛି । ଏବେ ବି ବାଥୁଡ଼ିମାନେ ଦଶହରା ଓ କୁମାର ପୂର୍ଣ୍ଣିମାରେ ଚଙ୍ଗୁନାଚ ପାଳନ କରୁଥିବାର ଜଣାଯାଏ ।

ପୁରୁଲିଆ ଜିଲ୍ଲାରେ ଭୂମିଜ, ମୁଣ୍ଡା, ସାନ୍ତାଳ, ବାଥୁଡ଼ି, କୁଡ଼ୁମୀ (ଭୂମିଜମାନେ ସର୍ଦ୍ଦାର ଭାବେ, ମୁଣ୍ଡାମାନେ ମୁଣ୍ଡା ଭାବେ, କୁଡ଼ୁମୀ ମହାତୋ ଅଥବା କୁଡ଼ୁମୀ କ୍ଷତ୍ରିୟ ଭାବରେ କଥିତ) ବାଉରୀ, ଡମ, ହାଡ଼ି, ଘାସି ବା ପାଲ, ଶୁଣ୍ଡି ପ୍ରଭୃତି ଜନଗୋଷ୍ଠୀ ଓ ଜାତିର ଲୋକେ ବାସ କରନ୍ତି । ଏମାନେ, ଶିବ, କାଳୀ, ଦୁର୍ଗା, ପାର୍ବତୀ, ମନସା ପ୍ରଭୃତି ହିନ୍ଦୁ ଦେବଦେବୀଙ୍କର ପୂଜା କରିବା ସହିତ ପାରମ୍ପରିକ ସମସ୍ତ ପର୍ବ ପାଳନ କରନ୍ତି । ମୁଣ୍ଡାମାନେ ସିଂବୋଙ୍ଗା, ମାରାଂବୁରୁ ପ୍ରଭୃତିଙ୍କୁ ପୂଜା କରନ୍ତି । ଭୂମିଜମାନେ ଚୈତ୍ର ମାସରେ ସାରୁଲ ପର୍ବ ପାଳନ କରନ୍ତି । ଏ ଅଞ୍ଚଳରେ ଆଦିବାସୀ ଓ ଅଣ ଆଦିବାସୀ ମାନଙ୍କ ମଧ୍ୟରେ କରମ୍, କାଠି, ଇନ୍ଦ, ଖେମଟି, ଗାଜନ, ଝାଁପଝାପ, ଝୁମର, ଦାଣ୍ଡଶାଳୀ, ନାଚୁଆ / ଲାଟା, ପାଇକ, ପାଟ, ଭାଦୁ, ଭୁଆଙ୍ଗ, ମନସା ମଙ୍ଗଳ ପ୍ରଭୃତି ନାଚ ପ୍ରଚଳିତ । ଝୁମର, ଟୁସୁ, କାଓ୍ବା, ଅହିରା, କୃଷ୍ଣ ଯାତ୍ରା ପ୍ରଭୃତିରେ ଗୀତ ଗାନ ହୁଏ । ଝୁମର ଗୀତ ଆଦିବାସୀ ଓ ଅଣ ଆଦିବାସୀ ମାନଙ୍କର ଅତି ପ୍ରିୟ । ନାଚୁଣୀ ଅଥବା ଖେମ୍‌ଟି ନାଚରେ ଝୁମର ଗୀତ ଗାନ କରାଯାଏ । ଛୋଟନାଗପୁର ମାନଭୂମି ସହ ସିଂଭୂମ, ମୟୂରଭଞ୍ଜ ଓ ପୁରୁଲିଆ ଜିଲ୍ଲା ଅର୍ଥାତ ଛଉନାଚ ବିକଶିତ ସମଗ୍ର ଭୂଖଣ୍ଡରେ ସର୍ବତ୍ର ଏସବୁ ନାଚ ଓ ଗୀତ ପ୍ରଚଳିତ । ଏସବୁର ରୂପରସ ସର୍ବତ୍ର ପ୍ରାୟ ସମାନ । ଆଞ୍ଚଳିକ ଭାଷା ସଂସ୍କୃତିରେ କେବଳ କେତେକ ପାର୍ଥକ୍ୟ ମଧ୍ୟ ପରିଲକ୍ଷିତ ହୁଏ ।

**ଶିକ୍ଷା:-** ଏ ସମଗ୍ର ଅଞ୍ଚଳର ଅଧିବାସୀଗଣ ପୂର୍ବରୁ ପାରମ୍ପରିକ ରୀତିରେ ଶିକ୍ଷା ଲାଭ କରୁଥିଲେ ।

ଅରଣ୍ୟରେ ଶିକାର କରିବା, ଫଳ, ମୂଳ, ମହୁ, ଝୁଣା, ଲାଖ ପ୍ରଭୃତି ସଂଗ୍ରହ କରିବା, ଜଙ୍ଗଲ ପୋଡ଼ି, କୃଷିକାର୍ଯ୍ୟ କରିବା, ମାଂସ ସିଝାଇ ଖାଇବା, ଚର୍ମ ଛଡ଼ାଇ ଶୁଖାଇବା, ଲୁଗା ବୁଣିବା, ବିଭିନ୍ନ

ଫୁଲ ପତ୍ରରେ, କାଠରେ ଓ ପଥରରେ ମାଳ ଗୁନ୍ଥିବା, ହାଣ୍ଡିଆ ଓ ମଦ ପ୍ରସ୍ତୁତ କରିବା, ଗୀତ ଗାଇବା, ନାଚ ଶିଖିବା, ତନ୍ତ୍ରମନ୍ତ୍ର, ଡାହାଣୀ ବିଦ୍ୟା, ଗୁଣିଗାରେଡ଼ି ପାରମ୍ପରିକ ଜଡ଼ିବୁଟି ଚିକିତ୍ସା ପଦ୍ଧତି, ଯାଦୁ ବିଦ୍ୟା, ବିଭିନ୍ନ ଖେଳ, ଡିଆଁଡେଇଁ, କୁସ୍ତି କସରତ ଶିଖିବା, ଗଛ ଚଢ଼ିବା, ଶତ୍ରୁ ଜୟ ନିମନ୍ତେ ଛଦ୍ମବେଶ ହେବା, ମୁଖା ଲଗାଇ ତାଳପତ୍ରରେ ନିଜକୁ ଆବୃତ କରି ଭୂତପ୍ରେତ ରୂପ ନେବା, ଶୂନ୍ୟରେ ଘୂରିବା, ମାଙ୍କଡ଼ଚିତ୍ ମାରିବା ପ୍ରଭୃତି ପାରମ୍ପରିକ ଶିକ୍ଷା କରିଥାନ୍ତି । ଟୋଜର (ଞବ୍ଦଛଞ୍ଛରବ୍ଧ)ଙ୍କ ମତରେ ପ୍ରାଚୀନ ଅଧିବାସୀ ମାନଙ୍କର ଯୌବନର ପ୍ରାଥମିକ ଶିକ୍ଷା ଅତ୍ୟନ୍ତ ଉପାଦେୟ । ଏହା ଏକ ପ୍ରକାର ତାଲିମ ବ୍ୟବସ୍ଥା ଯେଉଁଥିରେ ଶିକାର, କୃଷି, ହାଣ୍ଡି ଗଢ଼ିବା, ଲୁଗା ବୁଣିବା ପ୍ରଭୃତି ସମସ୍ତ ଖେଳ ମାଧମରେ ଅନୁକରଣ କରି ଶିକ୍ଷା କରିଥାନ୍ତି ।

ଜାନୁଆରୀ ଠାରୁ ଜୁନ୍ ମାସ ପର୍ଯ୍ୟନ୍ତ ଆଦିବାସୀମାନେ ପାରମ୍ପରିକ ରୀତିରେ ଶିକାର କରନ୍ତି । ଆଲୋଚ୍ୟ ସମଗ୍ର ଅଞ୍ଚଳରେ 'ଶିକାର' ଏକ ପାରମ୍ପରିକ ଆମୋଦ । ଏତଦ୍ ବ୍ୟତୀତ କୁକୁଡ଼ା ଲଢ଼େଇ ମଧ ଏକ ମୁଖ୍ୟ ଆମୋଦ । ପ୍ରତ୍ୟେକ ସାପ୍ତାହିକ ହାଟ ମାନଙ୍କରେ ଏହା ଅନୁଷ୍ଠିତ ହୁଏ । ଜିଦାଜିଦ୍ ଉପରେ ହାର୍‌ଜିତ୍ ଓ ଟଙ୍କା ବାଜି ରଖାଯାଏ ।

**ସାହିତ୍ୟ:** ସମଗ୍ର ଅଞ୍ଚଳରେ ବିଭିନ୍ନ ଜାତି / ଗୋଷ୍ଠୀ ମଧରେ ପ୍ରଚଳିତ ବହୁ ଭାଷା ସମୃଦ୍ଧ ଏ ଅଞ୍ଚଳରେ ଝୁମର, ଦୋଳି, ଭାଜୁ, ଟୁସୁ, ଭାଲୁକୁଣୀ, କରମ ଜାଓ୍ୱା, ଇନ୍ଦ, ବାନ୍ଦଣା, ମକର ଓ ଚଇତି ପରବ ସଂପର୍କରେ ସୃଷ୍ଟ ଲୋକ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ । ଏ ସବୁଥିରେ ଲୋକ ଜୀବନର ସୁଖଦୁଃଖ, ପ୍ରେମବିବାହ, ଦୁର୍ଭିକ୍ଷ ମହାମାରୀ, ସ୍ଥାନାନ୍ତର ଗମନ ପ୍ରଭୃତି ମର୍ମସ୍ପର୍ଶୀ ଭାବ ଓ ଭାଷାରେ ରୂପାୟିତ । ଏହା ଛଡ଼ା ସାମାଜିକ ରୀତିନୀତି, ପର୍ବପର୍ବାଣୀ, ଉପାସନା ଉପଚାର, ଧର୍ମବିଶ୍ୱାସ, ଦର୍ଶନ, କୁସଂସ୍କାର, କୃଷି ପ୍ରଣାଳୀ, ବ୍ୟବସାୟ ବାଣିଜ୍ୟ ପ୍ରଭୃତି ମଧ ରୂପାୟିତ ହୋଇଛି । କେତେକ ଲୋକ ଗଳ୍ପ ଓ ଗୀତ (ଶୀରି ସୁବନାଥୀ ବ୍ରତ କଥା)ରେ ଦୁଃସାହସିକ ଜଳଯାତ୍ରା ସହ ଅନ୍ୟ ଦେଶ (ସିଂହଳ) ଆକ୍ରମଣ ଯୋଜନା ପ୍ରକଟିତ ହୋଇଛି । କେତେକ ଲୋକ ଗୀତ ମାର୍ଜିତ ରୀତି ଗ୍ରହଣ କରି ପୁଷ୍ଟ ହୋଇଥିଲେ ହେଁ ଲୌକିକ ରୀତି ହରାଇ ନାହିଁ । ଦରବାରିଆ ଝୁମର ଏ ଶ୍ରେଣୀର ରଚନା । ଚର୍ଯ୍ୟା ଗୀତିକା ପରି ସାନ୍ଧ୍ୟ ଭାଷାରେ ରଚିତ ଗୀତିକା ଗୁଡ଼ିକରୁ ତତ୍କାଳୀନ ସମାଜ ଦର୍ଶନର ସ୍ପଷ୍ଟ ପରିଚୟ ମିଳେ । ସମଗ୍ର ଲୋକ ସମାଜରେ ପ୍ରଚଳିତ ତନ୍ତ୍ର, ମନ୍ତ୍ର, ଗୁଣିଗାରେଡ଼ି, ଇନ୍ଦ୍ରଜାଲ, ଠାର ପ୍ରଭୃତି ବହୁବିଧ ଲୌକିକ ମାଧମର ପ୍ରକାଶ ଓ ପ୍ରୟୋଗ ଦେଖାଯାଏ । ଏ ସବୁର ସାରସ୍ୱତ ଉପଯୋଗିତା ଅବଶ୍ୟ ସ୍ୱୀକାର୍ଯ୍ୟ ।

ସମଗ୍ର ଅଞ୍ଚଳରେ ଅନେକ କବି ଓ କଳାକାର ପ୍ରାଚୀନ ରୀତିରେ ଅନେକ କାବ୍ୟ କବିତା ରଚନା କରିଥିବା ପରିଲକ୍ଷିତ । ଷଢ଼େଇକଳା, ମୟୂରଭଞ୍ଜ, କାଶୀପୁର (ପୁରୁଲିଆ), ଖରସୁଆଁ, କେନ୍ଦୁଝର, କେରା, ଢେଙ୍କାନାଳ, ତାଳଚେର, ବଣାଇ, ଧଳଭୂମ ପ୍ରଭୃତି ରାଜ୍ୟର ରାଜା

ମହାରାଜାଗଣ ସାହିତ୍ୟ ଓ ସଂସ୍କୃତି ପ୍ରତି ଅନୁରାଗ ପ୍ରଦର୍ଶନ ପୂର୍ବକ ଗୁଣୀ ଜ୍ଞାନୀ, କବି, କଳାକାର, ସଙ୍ଗୀତଜ୍ଞ, ନୃତ୍ୟଶିଳ୍ପୀ ପ୍ରଭୃତି ସାରସ୍ୱତ ସାଧକ ମାନଙ୍କୁ ପୋଷକତା ପ୍ରଦାନ କରି ମହାଭାରତୀୟ ପରମ୍ପରା ଅନୁସରଣରେ ନିଜ ନିଜ ଦରବାରରେ ସ୍ଥାନ ଦେଇ ସମ୍ମାନିତ କରିଥିବାର ଉଜ୍ଜଳ ଇତିହାସମାନ ବିଦ୍ୟମାନ । ସେହି କଳାପ୍ରେମୀ ଶାସକମାନଙ୍କ ମଧ୍ୟରେ ପୁଣି ଅନେକ ସ୍ୱୟଂ ସାରସ୍ୱତ ପ୍ରତିଭାର ଅଧିକାରୀ ହୋଇ କାବ୍ୟ, କବିତା, ନାଟକ, ସଙ୍ଗୀତ ରଚନା କରିଥିବାର ଦେଖାଯାଏ । କେତେ ଜଣ ବିଦୁଷୀ ନାରୀକବି ମଧ୍ୟ ପ୍ରାଚୀନ ରୀତିରେ କାବ୍ୟ କବିତା ରଚନା କରି ଅଶେଷ ଖ୍ୟାତି ଅର୍ଜନ କରିଛନ୍ତି । ଦେଶୀୟ ରାଜ୍ୟର ରାଜଧାନୀ ବ୍ୟତୀତ ପିଢ଼ / ପରଗଣା ମାନଙ୍କରେ ଅଧିଷ୍ଠିତ କଳାନୁରାଗୀ ମୁଖିଆ ସର୍ଦ୍ଦାରମାନେ ରାଜା / ମହାରାଜାଙ୍କ ପରି ସାରସ୍ୱତ ସାଧନା ପ୍ରତି ଆଗ୍ରହୀ ହୋଇଥିବାର ଦୃଷ୍ଟାନ୍ତ ବିଦ୍ୟମାନ । ଏସମସ୍ତ ମୁଖ୍ୟତଃ ପୌରାଣିକ ଆଖ୍ୟାୟିକା ଆଧାରିତ ଶୃଙ୍ଗାରିକ ଚେତନା ଓ ଭକ୍ତି ଭାବ ସମ୍ବଳିତ ଏବଂ କାଳ୍ପନିକ ରଚନା । ପ୍ରାଚୀନ ଓଡ଼ିଆ କବି ଜଗନ୍ନାଥ, ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ, କବିସୂର୍ଯ୍ୟଙ୍କ ବ୍ୟତୀତ ଆଧୁନିକ ଯୁଗର ରାଧାନାଥ, ଗଙ୍ଗାଧର, ମଧୁସୂଦନ ପ୍ରଭୃତିଙ୍କ ପ୍ରଭାବ ସାଙ୍ଗକୁ ଲୌକିକ ଗୀତିର ପ୍ରଭାବ ମଧ୍ୟ ଏ ସବୁ ରଚନାରେ ଲକ୍ଷ୍ୟ କରାଯାଏ । ଏତଦ୍ ବ୍ୟତୀତ ସାମରିକ ଭାବ ପୁଷ୍ଟ 'ସମର ତରଙ୍ଗ', 'ଡେଣ୍ଟାପସି ଯୁଦ୍ଧ' ବା 'ଭଞ୍ଜବିଳାସ', ରଣ ତରଙ୍ଗ ଓ ବୁଢ଼ାପଙ୍ଗ ଯୁଦ୍ଧ ପୋଥି ପରି ସାହିତ୍ୟିକ ରଚନା ଓଡ଼ିଆ ଭାଷାରେ ରଚିତ । ସଂସ୍କୃତ ଭାଷାରେ 'ଭଞ୍ଜ ମହୋଦୟ' ଗ୍ରନ୍ଥ ଯୁଦ୍ଧ ବିଷୟରେ ରଚିତ । ଉପରୋକ୍ତ ସମର ସାହିତ୍ୟରେ ପ୍ରାଚୀନ ଓଡ଼ିଆ ପାଇକ ବାହିନୀର ବୀରତ୍ୱ, ସାହସ, ଦେଶପ୍ରେମ ପ୍ରଭୃତି ବିଷୟରେ ବର୍ଣ୍ଣିତ । 'ସମର ତରଙ୍ଗ'ରେ ଦୁର୍ଦ୍ଧର୍ଷ ପାଇକ ବାହିନୀ ସହିତ ମରହଟ୍ଟା ବାହିନୀର ଯୁଦ୍ଧ ଓ ପରାଜୟ ବିଷୟରେ ବର୍ଣ୍ଣିତ । 'ଡେ଼ଣ୍ଟାପରି ଯୁଦ୍ଧ' ବା 'ଭଞ୍ଜ ବିଳାସ'ରେ ମୟୂରଭଞ୍ଜର ରାଜା ଯଦୁନାଥ ଭଞ୍ଜଙ୍କ ସହିତ କନ୍ଧମାନଙ୍କ ଯୁଦ୍ଧ ବିଷୟ ବର୍ଣ୍ଣିତ । ପଣ୍ଡିତ କବି ନୀଳକଣ୍ଠ ମିଶ୍ରଙ୍କ (୧୭୬୪ଖ୍ରୀ) ପ୍ରଣୀତ 'ଭଞ୍ଜ ମହୋଦୟ' ଗ୍ରନ୍ଥରେ କେନ୍ଦୁଝର ରାଜା (ରାଜକବି) ବଳଭଦ୍ର ଭଞ୍ଜଙ୍କର ବାମଣ୍ଡାର ସୁଢ଼ଳ ଦେବଙ୍କ ସହ ଯୁଦ୍ଧ ବିଷୟ ବର୍ଣ୍ଣିତ । ବଳଭଦ୍ରଙ୍କ ପକ୍ଷରେ ସୁକିନ୍ଦା, ବାମନଘାଟୀ, ଆଠମାଲ, ଢେଙ୍କାନାଳ, ଦଶପୁର, ପାଲଲହଡ଼ା, ପନ୍ତିକୋଟ ରାଜାମାନେ ଓ କେନ୍ଦୁଝରର ଆଠ ଜଣ ସେନାପତିଙ୍କ ନେତୃତ୍ୱରେ ବିଶାଳ ପାଇକ ବାହିନୀ ସୁଢ଼ଳଦେବଙ୍କ ବିରୁଦ୍ଧରେ ଲଢ଼ି ତାଙ୍କୁ ପରାସ୍ତ କରିଥିବା ବିଷୟ କାବ୍ୟଟିରେ ବର୍ଣ୍ଣିତ । ଏତଦ୍ ବ୍ୟତୀତ ସଂସ୍କୃତ ଭାଷାରେ ଅନେକ କାଳଜୟୀ ସାରସ୍ୱତ ପ୍ରତିଭା ଏ ସମଗ୍ର ଅଞ୍ଚଳର ବହୁ ସ୍ଥାନରେ ଜନ୍ମଲାଭ କରିଥିବାର ଜଣାଯାଏ । ବଙ୍ଗଳା ଭାଷାରେ ବହୁ ଜନପ୍ରିୟ କାବ୍ୟ କବିତା ରଚିତ ହୋଇ ଜନମାନସର ରସପିପାସା ମେଣ୍ଟିତ ହୋଇଛି । ଶ୍ରୀମନ୍ଦିରର 'ମାଦଳା ପାଞ୍ଜି' ପରି ଏ ସମଗ୍ର ଅଞ୍ଚଳରେ ଏ ସମଗ୍ର ଅଞ୍ଚଳରେ ପ୍ରତିଷ୍ଠିତ ରାଜବଂଶ ମାନଙ୍କରେ ଲିପିବଦ୍ଧ କିମ୍ବଦନ୍ତୀୟ ଇତିବୃତ୍ତ ରହିଥିବା ଦେଖାଯାଏ ।

ଉପରଲିଖିତ ରଚନା ମଧ୍ୟରୁ ଅନେକ ତାଳପତ୍ର ପ୍ରଭୃତିରେ ଲିଖିତ ହୋଇଥିବା ସ୍ଥଳେ ଆଧୁନିକ କାଳରେ ରଚିତ କେତେକ ମୁଦ୍ରିତ ପୁସ୍ତକ ଉପଲବ୍ଧ ହୁଏ ।

ସମଗ୍ର ଅଞ୍ଚଳରେ ପ୍ରଚଳିତ ସୁମଧୁର ଲୋକ ଗୀତିକା, ନିଜସ୍ୱ ରଚନାର ବହୁଭାବ ସମ୍ୱଳିତ ସମର ଗୀତିକା, ଛାନ୍ଦ ପ୍ରଭୃତି ଲୌକିକ ଓ ଶାସ୍ତ୍ରୀୟ ସ୍ୱର ସଂଯୋଜନା ସହ ଯଥାଯଥ ଭାବରେ ଛଉ/ ଛୌ ନାଚରେ ଉପଯୋଗ ହୋଇଥିବାର ଦେଖାଯାଏ । ଷଢ଼େଇକଳା ଛଉ ନାଚରେ ସାଧକ କବି ମହାରାଜା ଉଦିତ ନାରାୟଣ, ଗୀତି କବି ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ଅନେକ ସରସ ରଚନା ଏ ସବୁର କେତେକ ଉଜ୍ଜଳ ଦୃଷ୍ଟାନ୍ତ ।

**ଲୋକକଳା:** ଲୋକକଳା ମାନବ ସଭ୍ୟତା ପରି ପ୍ରାଚୀନ । ଆଦିମ ଖାଦ୍ୟାନ୍ୱେଷୀ ମଣିଷର ଶିକାରୀ ଜୀବନର ଭାବନା ଆଧାରିତ କଳାର ଧାରା ଭିତରେ ସମାଜ/ ଗୋଷ୍ଠୀର ଅନ୍ୟ ମାନଙ୍କ ପ୍ରତି ସମ୍ବେଦନଶୀଳ ଭାବମଞ୍ଚ ଗଢ଼ି ଉଠିଛି ।

ଏହି ଗୋଷ୍ଠୀଗତ ସାମୂହିକ ତଲ୍ଲୀନତା ମାନବ ସଭ୍ୟତାରେ ଇତିହାସରେ ନିର୍ଦ୍ଦିଷ୍ଟ ରୀତି ଗ୍ରହଣ କରି କାଳେ କାଳେ କଳା ସୃଷ୍ଟିର ଉତ୍କର୍ଷ ପ୍ରତିପାଦିତ କରିଅଛି । ପ୍ରାଚୀନ କାଳର ସରଳ ରୂପ ସମ୍ଭାର ଓ ନିରାଡ଼ମ୍ବର ବର୍ଣ୍ଣ ଯୋଜନାର ବିବର୍ତ୍ତନ 'ରୀତିଯୁଗ' କଳାର ରୂପ, ରସ, ବର୍ଣ୍ଣର ସମ୍ଭାର ନେଇ ବିକାଶ ଲାଭ କରିଛି ।

ସମୟର ଗତିରେ କଳା, ସୃଷ୍ଟି ଲାଗି ନିର୍ଦ୍ଦିଷ୍ଟ ଶ୍ରେଣୀର ଉଦ୍ଭବ ହୋଇଛି । ପ୍ରାକୃତିକ ବସ୍ତୁ ଓ ଜୀବ ଜଗତର ଜୀବନଚର୍ଯ୍ୟାର ପ୍ରତ୍ୟେକ ଦିଗକୁ ଅନୁଶୀଳନ କରି କଳାର ବିଭିନ୍ନ ବିଭାବର ବିଧି ବିଧାନ ସ୍ଥିର ହୋଇଛି । ଏଥିପାଇଁ ଶିଳ୍ପଶାସ୍ତ୍ର ରଚିତ ହୋଇଛି । ବହୁ ଓ ବିଭିନ୍ନ ରୀତିରେ କଳା ପ୍ରସ୍ଫୁଟିତ ହୋଇଛି । ମନ୍ଦିର ସ୍ଥାପତ୍ୟ ଓ ଅନ୍ୟ କୀର୍ତ୍ତି ସମୂହରେ କଳା ଇତିହାସର ଶୀର ମଣ୍ଡନ କରିଛି । ସର୍ବ ଭାରତୀୟ ସ୍ତରରେ ଉତ୍କୃଷ୍ଟ କଳାର ଦେଶ ଉତ୍କଳୀୟ ସ୍ଥାପତ୍ୟ ରୀତି ପ୍ରତିଷ୍ଠିତ ହୋଇଛି । ପୂର୍ବ ଭାରତର ଛଉ ନାଚ ବିକଶିତ ସମଗ୍ର ଭୂଖଣ୍ଡର ଅଧିବାସୀ ମାନଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା, ପାରମ୍ପରିକ ଗୋଷ୍ଠୀଗତ ଆଶା ଓ ବିଶ୍ୱାସ । ଆଚାର ଓ ଅନୁଷ୍ଠାନ ଧାର୍ମିକ ଉପଚାର ମଧ୍ୟ ଦେଇ ଯେଉଁ ସରଳ ଓ ପ୍ରାକୃତିକ ଚିତ୍ର ସୁଷମା ଫୁଟି ସମଗ୍ର ବିଶ୍ୱକୁ ଆଲୋଡ଼ିତ କରିଛି ଉତ୍କୃଷ୍ଟ କଳାର ସେହି ବର୍ଣ୍ଣବୈଭବକୁ ଏଠାରେ ଉଲ୍ଲେଖ କରିବା ବର୍ତ୍ତମାନର ଉଦ୍ଦେଶ୍ୟ ।

ଭିତ୍ତି ଚିତ୍ରଣ ଲୋକକଳାର ଏକ ପ୍ରଧାନ ବିଭବ । ଆଦିମ ମଣିଷର ଗୁହା ଚିତ୍ରଠାରୁ ଏ ଯୁଗର ଜନବସତିର ଗୃହ କାନ୍ଥରେ ଥିବା ଚିତ୍ର ଲୋକ କଳାର ଉଦ୍‌ବିକାଶଶୀଳ ପରମ୍ପରାର ଅଗ୍ରଗତି ପରିଲକ୍ଷିତ । ଘର ସଜେଇବା ମଣିଷର ଆଦିମ ପ୍ରବୃତ୍ତି । ଆଦିବାସୀ ଅଞ୍ଚଳରେ ଘରର କାନ୍ଥ ଲିପା ଓ ପୋଛା କରି ବିଭିନ୍ନ ମାଟିର ରଙ୍ଗରେ ଚିତ୍ରିତ କରାଯାଏ । କେନ୍ଦୁଝରରେ ଜୁଆଙ୍ଗ, ମୟୂରଭଞ୍ଜ, ସିଂଭୂମ, ଧଳଭୂମ, ମେଦିନୀପୁରର ସାନ୍ତାଳ, ହୋ, ମହାନ୍ତ (ମହାତୋ), ଗଣ୍ଡ, ବାଥୁଡ଼ି, ପୁରୁଲିଆର ଭୂମିଜ ମାନଙ୍କର ଘରର ମାଟି କାନ୍ଥ ବିଭିନ୍ନ ରଙ୍ଗ ମାଟିରେ ଲିପା ହୋଇ ସୁଶୋଭିତ ହୋଇଥାଏ । ଗେରୁମାଟି,

କୁଟାପୋଡ଼ି, କଳାର ରଙ୍ଗ, ଧଳାମାଟିରେ ଘରର କାନ୍ଥ ଥାକ ଥାକ କରି ଲିପିବା ଏକ ପାରମ୍ପରିକ ଅଭ୍ୟାସ । ସାନ୍ତାଳ, କନ୍ଧ, ଜୁଆଙ୍ଗ, ସଉରା, କୋହ୍ଲ ମାନେ ଶିକାର ପ୍ରିୟ ଓ ଶିକାର ଚିତ୍ର ଏମାନଙ୍କର ଅତ ଆଦରର ବିଷୟ । ସାନ୍ତାଳ ବାହାଘରରେ ପାଲିଙ୍କି ଉପରେ ଥିବା ଶିକାର ଦୃଶ୍ୟର କାଠ ଖୋଦେଇ, ବାଙ୍କୁଲି ବାଡ଼ିର ମୁହଁରେ ପଶୁ ଚିତ୍ର ଖୋଦେଇ ବିଭିନ୍ନ ଅଳଙ୍କାରରେ ଆରଣ୍ୟକ ଫୁଲଫଳର ଚିତ୍ର ଏ ସବୁର ପ୍ରକୃଷ୍ଟ ଉଦାହରଣ । ଚିତ୍ର ଓ ଭାସ୍କର୍ଯ୍ୟ ଅଶୁଭ ଶକୁନ ଦୂର କରେ । ଆଦିବାସୀ ମାନଙ୍କର ଭାସ୍କର୍ଯ୍ୟରେ ଏ ସବୁ ବହୁଳ ଦୃଷ୍ଟିଗୋଚର ହୁଏ । ପୁରପଲ୍ଲୀର ମାଟି କାନ୍ଥ ଉପରେ ଗେରୁର ଆସ୍ତରଣ ଦେଇ ଚିତ୍ର ଅଙ୍କାଯାଏ । ଚିତ୍ର ଗୁଡ଼ିକ ମଧରେ ଶସ୍ୟର ସାଙ୍କେତିକ ରୂପ ମୁଖ୍ୟ ସ୍ଥାନ ଗ୍ରହଣ କରେ । ହାତର ଅଙ୍ଗୁଳିକୁ ପିଠଉ ଉପରେ ବୁଡ଼ାଇ କାନ୍ଥ ଉପରେ କ୍ରମ ସଙ୍କୁଚିତ ବିନ୍ଦୁ ମାନଙ୍କ ସମାହାରରେ ପିରାମିଡ ସଦୃଶ ଚିତ୍ର ପଲ୍ଲୀ ଲଳନାର ଭାଷାରେ କଉଡ଼ିଆ ଝୋଟି ଅଙ୍କନ କରାଯାଏ । ଏହି ଚିତ୍ର ଉପରେ ପିଠଉ ପାଣି ଛିଞ୍ଚି ଧାନଶୀର୍ଷର ଧାରଣା ସୃଷ୍ଟି କାବ୍ୟିକ ମନରେ ଶିଳ୍ପୀର ପରିପ୍ରକାଶ ମାତ୍ର ।

କାନ୍ଥ ଚିତ୍ର ବ୍ୟତୀତ ପର୍ବପର୍ବାଣି ଉପଲକ୍ଷେ ଘର ଓ ଘର ଦାଣ୍ଡକୁ ଲିପାପୋଛା କରି ଚିତା ଦେବା ଏକ ପରମ୍ପରା । ଲୋକସଂସ୍କୃତିରେ ପର୍ବପର୍ବାଣି ସହିତ ଲୋକକଳାର ସଂପର୍କ ଘନିଷ୍ଠ । ଭୂପୃଷ୍ଠରେ ଚିତା ଓ ମୁରୁଜ ଲେଖି ଧରଣୀ ମାତାଙ୍କୁ ସମ୍ମାନିତା କରାଯାଏ । ମାର୍ଗଶୀର ମାସ ଗୁରୁବାରରେ ଯେଉଁ ସବୁ ଚିତା ଲେଖାଯାଏ ତାହା ଓଡ଼ିଆ ଲଳନା ମାନଙ୍କର ସହଜାତ କଳାର ଉତ୍କର୍ଷ ପ୍ରତିପାଦନ କରେ । ପୂର୍ଣ୍ଣ କୁମ୍ଭ, ଓଲଟ ମାଛ, ଷୋଳକୋଠି ପଦ୍ମ ଚିତ୍ର, ସ୍ୱସ୍ତିକ, ମୟୂର, ଗାଈ, ଶଙ୍ଖ, ଚକ୍ର, ପ୍ରଜାପତି ପ୍ରଭୃତି ଅଙ୍କିତ ଚିତ୍ର ଅତି ଶୋଭନୀୟ । ମକର ସଂକ୍ରାନ୍ତିରେ ପ୍ରତ୍ୟେକ କୃଷକ ଘରେ ଓ ଖଳାରେ ଗୋବର ଲିପି ମରେଇ, ଢେଙ୍କିଶାଳରେ ଗୋବର ଲିପି, ଝରକା କବାଟରେ ଗୋବର ଲିପି ପବିତ୍ର କରାଇ ସିନ୍ଦୂର ଓ ପିଠଉରେ ଚିତା ଦେବା ବିଧି । ଖଳାରେ ବିଭିନ୍ନ କୃଷି ଉପକରଣ ଚିତ୍ର ଆଙ୍କି ତହିଁରେ ବିଭିନ୍ନ ଶସ୍ୟ ରଖି ପୂଜା କରିବା ବିଧି । ଦୋଳ ସମୟରେ ଫଗୁ ଖେଳିବା, ଘର ବାହାର ଲିପିପୋଛି ପରିଷ୍କାର କରି ଚିତା ଦେବା, ରଙ୍ଗ ବେରଙ୍ଗର ଶାଢ଼ୀ ପିନ୍ଧି ଚୈତ୍ର ମଙ୍ଗଳବାରରେ ଚିତା, ବୈଶାଖ ମାସରେ 'ବସୁନ୍ଧରା' ଦେବା ପାଇଁ ମାଟିର ଛୋଟ ଠେକିଟିଏ ତହିଁରେ ଲାଲ, ଗେରୁ ରଙ୍ଗ, ପିଠଉରେ ଚିତା ଲେଖି ତୁଳସୀ ଚଉରାରେ ଟାଙ୍ଗି ପାଣି ଦେବା, ବିବାହ ବ୍ରତରେ ଗେରୁ, ପିଠଉ ଓ ଅଳତାରେ ବିବାହ ଦୃଶ୍ୟ, ପାଲିଙ୍କି, ବାଦ୍ୟ, ବାଦ୍ୟକାର, ଭାରୁଆ, ଫୁଲଫଳ, ହାତୀ, ଶୁଆ, ଘଟ, ସ୍ୱସ୍ତିକ ପ୍ରଭୃତିର ଚିତ୍ର, ବେଦୀରେ ମୁରୁଜ ଓ ପିଠଉର ଚିତ୍ର, ମିଠେଇ ହାଣ୍ଡି ଉପରେ ଅଳତା ଓ ପିଠଉରେ ବିଭିନ୍ନ ଚିତ୍ର ଶୋଭାପାଏ । ରେଖା ଓ ସାବଲୀଳ ଭଙ୍ଗୀ ଏ ଚିତ୍ର ଗୁଡ଼ିକର ବିଶେଷତ୍ୱ । ଗ୍ରାମାଞ୍ଚଳରେ ପିଠଉ ଓ ଅରୁଆ ଚାଉଳ ଚୂନା, କୃଷ୍ଣଚୂଡ଼ା ପତ୍ର ଚୂରି ବିଭିନ୍ନ ରଙ୍ଗର ମାଟି, ନଡ଼ିଆକତା ପୋଡ଼ି କଳାରଙ୍ଗର ମୁରୁଜ ପ୍ରଭୃତି ଉପକରଣ ପଲ୍ଲୀ ଲଳନାର ପାରମ୍ପରିକ ରୂପସଜ୍ଜାର

ବସ୍ତୁ । ଅଙ୍ଗୁଳିରେ କିଆଚେର, ବେଣାଚେର, ଦୁବଘାସ ଗୁଡ଼େଇ, କାଠିରେ କନା ଗୁଡ଼େଇ ତୂଳୀ ପ୍ରସ୍ତୁତ କରାଯାଏ । ପାନପତ୍ର, ଫୁଟିଫୁଟିକା ଫଳରେ କାନ୍ଥରେ, ପିଣ୍ଡାରେ, ଦ୍ୱାରବନ୍ଧରେ ଝୋଟି ଆଙ୍କି ଏ କଳାର ପ୍ରକାଶ କରାଯାଏ ।

କୁଆଁର ପୁନେଇ ଜହ୍ନକୁ କୁଆଁରୀ ଝିଅମାନେ ଖଇ ଦେବା ପୂର୍ବରୁ ତୁଳସୀ ଚଉରା ମୂଳ ଲିପିପୋଛି ଚିତା ମୁରୁଜ ଆଙ୍କି, କଇଁ ଫୁଲରେ ଓ ଜହ୍ନି ଫୁଲରେ ଷୋହଳ କୋଠି ପଦୁଅଁ ନିର୍ମାଣ କରନ୍ତି । ପ୍ରଥମାଷ୍ଟମୀରେ ମାଆ ପ୍ରଥମ ସନ୍ତାନର ମଙ୍ଗଳ କାମନା କରି ଚିତା ଆଙ୍କିବା ଏ ସବୁରେ ନାରୀମନର ଶୁଭ ଚିନ୍ତାର କଳାତ୍ମକ ପରିପ୍ରକାଶ ଘଟିଥାଏ । ଧର୍ମପ୍ରାଣା, ସରଳା ପଲ୍ଲୀବାଳାର ହୃଦୟରେ ଚିତା ଲେଖନ ପାଇଁ ଯେଉଁ ଆଗ୍ରହ ଓ ଆତ୍ମ ବିଶ୍ୱାସ ସୃଷ୍ଟି ହୁଏ ତାହାର ପ୍ରମାଣ ଓଡ଼ିଆ ସାହିତ୍ୟରେ ରୂପ ପାଇଛି । କାର୍ତ୍ତିକ ମାସରେ ପଞ୍ଚକ ଓ ବୋଇତ ବନ୍ଦାଣ ଉତ୍ସବ ସମୟରେ ଚିତା, ମୁରୁଜ, ଝୋଟି ସବୁ ଆଙ୍କି ପରିଶୋଭିତ କରିବା, କଦଳୀ ବାହୁଙ୍ଗାକୁ ବିଭିନ୍ନ ଲତାପତ୍ର, ଫୁଲ ଓ ରଙ୍ଗରେ ସଜେଇ ଭସେଇବା ପଲ୍ଲୀ ଲଳନା ଚିତ୍ତରେ ସାବଲୀଳ ଓ ବିମଳ ଆନନ୍ଦର ପରିପ୍ରକାଶ ମାତ୍ର । ଏହା ବ୍ୟତୀତ ଝିଅ ଶାଶୁଘରକୁ ଯିବା ବେଳେ ମିଠେଇ ହାଣ୍ଡି ଚିତ୍ରିତ କରି ମିଠେଇ ଭର୍ତ୍ତି କରିଦେବା, ପିଲାର ଏକୋଇଶା, ଷଠି ଓଷା ପ୍ରଭୃତିରେ ଚିତା ମୁରୁଜ ଆଦି ଆଙ୍କି ପରିଶୋଭିତ କରାଯାଏ ।

ଗ୍ରାମାଞ୍ଚଳରେ ଲଳନାମାନେ ଗୁରୁବାର ଓଷାରେ କେମିତି ଚିତା ଲେଖନ୍ତି ବଳରାମ ଦାସଙ୍କ "ମହାଲକ୍ଷ୍ମୀ ପୁରାଣ'ରୁ ତାର ଚିତ୍ର ମିଳେ । ଏସବୁ ଡଃ. ଦୀ.ନା. ପାଠୀ ସୁନ୍ଦର ରୂପେ ବର୍ଣ୍ଣନା କରିଛନ୍ତି ତାଙ୍କର 'ଲୋକକଳା' ପ୍ରବନ୍ଧରେ ।

ଚିତାଗୁଡ଼ିକ୍ ମୁଖ୍ୟତଃ ଦ୍ୱାରବନ୍ଧ, ଘରର ପ୍ରବେଶ ପଥ,ଏରୁଣ୍ଡିବନ୍ଧ ଆଦିରେ ଦିଆଯାଏ । ଏଗୁଡ଼ିକ ଶୋଭା ବଢ଼େଇବା ସଙ୍ଗେ ସଙ୍ଗେ ଶୁଭଙ୍କର ବୋଲି ବିବେଚିତ ହୋଇଥାଏ ।

ଦୁର୍ଗାପୂଜା ସମୟରେ 'ବେଲବରଣ' ଦିନ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥ ଘର, କବାଟ, ଝରକା ବନ୍ଧରେ ଗୋବର ଲେପ ଦେଇ ଗେରୁ ରଙ୍ଗର ଟିପା ଲଗାନ୍ତି । କେତେକ ଅଞ୍ଚଳ ଧଳା ରଙ୍ଗର ଖଡ଼ିରେ ତିନି, ପାଞ୍ଚ, ସାତ କ୍ରମରେ ଟୋପା ଗୁଡ଼ିକ ପିରାମିଡ ଆକାରରେ ସଜାଇ ଧଳା ବିନ୍ଦୁ ଉପରେ ସିନ୍ଦୂର ବିନ୍ଦୁ ଲଗାଇ ଦିଆଯାଏ । ଧଳା ବିନ୍ଦୁ ଉପରେ ସିନ୍ଦୂର ବିନ୍ଦୁ ଗୁଡ଼ିକ ଶିବଙ୍କ ଉପରେ ଶକ୍ତିର ପ୍ରତୀକ ବୋଲି ବିଶ୍ୱାସ କରାଯାଏ । ପୌରାଣିକ ବ୍ରତ ଓ ପର୍ବପର୍ବାଣି ବ୍ୟତୀତ ଲୌକିକ ପର୍ବପର୍ବାଣିରେ ମଧ୍ୟ ଚିତା, ମୁରୁଜ, ଆଲପନା ଦିଆଯାଏ । ଏହା ଆଦିବାସୀ ଓ ଅଣଆଦିବାସୀ ସବୁ ସମାଜରେ ପ୍ରଚଳିତ ।

ଆଲୋଚ୍ୟ ସମଗ୍ର ଅଞ୍ଚଳରେ ଚୈତ୍ରପର୍ବ ସମୟକୁ ମନ୍ଦିର ମଧ୍ୟରେ ପ୍ରତ୍ୟେକ ଭକ୍ତାଙ୍କର ଘରେ, ଘଟ ଆସିଲା ବେଳେ ଗ୍ରାମରାସ୍ତାରେ ଗୋବର ଲିପି ପିଠଉ, ରଙ୍ଗ ସିନ୍ଦୂର ଦେଇ ବିଭିନ୍ନ

ଝୋଟି ଅଙ୍କାଯାଏ । ମନ୍ଦିର ମଧ୍ୟରେ ଚିତା ଓ ମୁରୁଜରେ ବିଭିନ୍ନ ମଣ୍ଡଳ କରାଯାଇ ଘଟ ସ୍ଥାପନ କରାଯାଏ । ପର୍ବ ସମୟରେ ଗ୍ରାମର ପ୍ରତ୍ୟେକ ଗୃହସ୍ଥ ଘର ଲିପି, ରଙ୍ଗ ବୋଳି ସଜାଇଥାନ୍ତି । ଆଦିବାସୀ ମାନଙ୍କର ପର୍ବ ସମୟରେ ଯଥା କରମ, ଜିତୁଆ, ଛତା, ବାନ୍ଦଣା, ସାରୁଲ, ଦେଶାର୍ୟ୍ୟ ପ୍ରଭୃତି ପ୍ରତ୍ୟେକ ପର୍ବରେ ଜାହିରା ଥାନ, ବଡାମ ଥାନ, ଗ୍ରାମଦେବତୀ, ଦେଶାଭଲୀ, ବଙ୍ଗା, ଭୈରବ ଶାଳ ପ୍ରଭୃତି ସ୍ଥାନ ମାନଙ୍କରେ ଚିତା ମୁରୁଜ, ସିନ୍ଦୁର ପ୍ରଭୃତିର ବ୍ୟବହାର କରାଯାଏ । ଆଦିବାସୀ ବାହାଘର ବେଳେ ଝୋଟି ଆଙ୍କିବା, ରଙ୍ଗ ଖେଳିବା ଓ ସିନ୍ଦୁର ପ୍ରଭୃତିର ବ୍ୟବହାର ଦେଖାଯାଏ ।

ବିଭିନ୍ନ ପର୍ବ ସମୟରେ, ବିବାହ ବେଳେ ହୁଳହୁଳି ଦେବା ପ୍ରାୟ ସର୍ବତ୍ର ସବୁ ସମାଜରେ ପ୍ରଚଳିତ ।

ନିଜ ଶରୀରରେ ଚିତା କୁଟାଇବା, ବିଭିନ୍ନ ପତ୍ର ଫୁଲ, କଣ୍ଢମାଳି, ପଥରର ବିଭିନ୍ନ ଅଳଙ୍କାର ନାଇବା ବେଶଭୂଷାରେ ନିଜକୁ ସଜ୍ଜିତ କରିବା ନାରୀ ମନର ଏକ ଆଦିମ ପିପାସା ।

ନାରୀମାନେ ନିଜକୁ ନାନା ପ୍ରକାର ଆକର୍ଷଣୀୟ ଉପାଦାନରେ ମଣ୍ଡିତ କରିଥିବା ଦେଖାଯାଏ । ବାହ୍ୟ ଆଭରଣ ବ୍ୟତୀତ ଦେହର ଚର୍ମକୁ ବିଭିନ୍ନ ପ୍ରକାରେ ଶୋଭନୀୟ କରାଯାଏ । ଏଥିପାଇଁ ତେଲ, ହଳଦୀ, ବିଭିନ୍ନ ପତ୍ରର ରସ, ଲାକ୍ଷା, କୁଙ୍କୁମ, ଚନ୍ଦନ, ସିନ୍ଦୁର, କଜ୍ଜଳ, କସ୍ତୁରୀ, ତିଳକ, ଗୋରଚନା ପ୍ରଭୃତି ବ୍ୟବହୃତ ହୁଏ ।

ପଟ୍ଟଚିତ୍ର ଓଡ଼ିଶାର ପୁରପଲ୍ଲୀରେ ଲୋକକଳା ରୂପେ ପ୍ରସିଦ୍ଧ । ଆଲୋଚ୍ୟ ଅଞ୍ଚଳରେ ଏହା ଅନେକ ସ୍ଥାନରେ ଦେଖାଯାଏ । ଚୈତ୍ରପର୍ବ ସମୟରେ ଦେବୀଙ୍କର ଅଙ୍କିତ ଚିତ୍ରପଟକୁ ପାଟୁଆ ବା ପଟିବାର ବହନ କରିଥିଲେ । ପୋଡ଼ାମାଟି କଣ୍ଢେଇ, ମାଟିର ଘୋଡ଼ା, ହାତୀ, ମଣିଷ, ଝୁଣା ସରା ପ୍ରଭୃତି ଗାଁ ମୁଣ୍ଡ ଗଛ ପାଖରେ ଗ୍ରାମ ଦେବତାଙ୍କ ଆସ୍ଥାନରେ ଏ ସବୁ ପୂଜା ପାଆନ୍ତି । ଦୁଆରଶୁଣୀ, ବାସେଲୀ, ବଡ଼ାମ ଶାଳ, ଜାହିରା ଥାନ ପ୍ରଭୃତିରେ ଘୋଡ଼ା ହାତୀ ଦେଇ ଉପାସନା କରିବା ପ୍ରଥା ପ୍ରଚଳିତ । ଡଃ. ଦୀନ ନାଥ ପାଠୀ କେନ୍ଦୁଝରରେ ଘୋଡ଼ା ତିଆରି ପଦ୍ଧତିର ଏକ ସ୍ୱାତନ୍ତ୍ର୍ୟ ଲକ୍ଷ କରିଛନ୍ତି । ମୟୂରଭଞ୍ଜର ବାଙ୍ଗରିପୋଷି ବ୍ଲକର ମୁଣ୍ଡାକଟା, ବାରିପଦାର ଶୂନ ଗଡ଼ିଆ ପ୍ରଭୃତି ଅଞ୍ଚଳ ବ୍ୟତୀତ ଅନେକ ସ୍ଥାନରେ କୁମ୍ଭାର ମାନେ ଏପରି ଘୋଡ଼ା, ହାତୀ, କଣ୍ଢେଇ ସବୁ ତିଆରି କରନ୍ତି । ବିଭିନ୍ନ ଅଞ୍ଚଳର ମୁଖା ନିର୍ମାଣ ଅତି ପ୍ରାଚୀନ କାଳର ପରମ୍ପରା । ଅରଣ୍ୟର ଶିକାରୀ ମଣିଷ ପଶୁ ଭାବରେ ନିଜକୁ ସଜାଇ ଶିକାରକୁ ଯାଉଥିଲେ । ଶିକାରୀ ପାଇଁ ଏହା ଏକ କୌଶଳ ରୂପେ ବ୍ୟବହୃତ ହେଉଥିଲା । କନ୍ଧ, ଭୂୟାଁ, ବାଥୁଡ଼ି, ସାନ୍ତାଳ, ଭୂମିଜ ପ୍ରଭୃତି ଆଦିବାସୀ ମାନଙ୍କ ମଧ୍ୟରେ ମୁଖାର ପ୍ରଚଳନ ଅତି ପ୍ରାଚୀନ । କାଠ, ବାଉଁଶ, ଲାଉରେ ଅତୁଆ କେଶ ଝୋଟ, ଛଣି ପକ୍ଷୀର ପର ସହିତ ବିଭିନ୍ନ ରଙ୍ଗରେ ସଜାଇ ମୁଖା ତିଆରି ହୁଏ । ଶସ୍ୟ କ୍ଷେତ୍ରକୁ ବନ୍ୟଜନ୍ତୁ ମାନଙ୍କ କୁଦୃଷ୍ଟିରୁ ରକ୍ଷା କରିବା ପାଇଁ ମାଟି ହାଣ୍ଡିକୁ ବିଭିନ୍ନ ରଙ୍ଗରେ ସଜାଇ ଗୋରୁ ମୁହଁ, କୁଟା ଓ କାଠିରେ ପିତୁଳା ତିଆରି

କରି କ୍ଷେତରେ ରଖିବା ଏକ ପ୍ରାଚୀନ ପ୍ରଚଳିତ ପରମ୍ପରା । ଏ ଧରଣର ମୁଖାଯୁକ୍ତ କାଳପୁରୁଷ ପ୍ରାୟ ପ୍ରତ୍ୟେକ ଗ୍ରାମ କ୍ଷେତରେ ଦେଖାଯାଏ । ଘୋଡ଼ାନାଚ (ଚୈତି ଘୋଡ଼ା) ଷଣନାଚ, ଭାଲୁନାଚ, ଛଉନାଚ, ଗମ୍ଭୀରା ନାଚ, କାଳୀ ନାଚରେ ମୁଖା ବ୍ୟବହାର ବହୁଳ ଓ ପ୍ରାଚୀନ । ଆଲୋଚ୍ୟ ସମଗ୍ର ଅଞ୍ଚଳରେ ପ୍ରଚଳିତ ବିଭିନ୍ନ ନାଚରେ ମୁଖାର ପ୍ରଚଳନ ଥିବା ହେତୁ ପ୍ରାୟ ସର୍ବତ୍ର ମୁଖା ତିଆରି ହୋଇଥାଏ । ପୁରୁଲିଆ, ଷଢ଼େଇକଳା ଓ ମୟୂରଭଞ୍ଜର ଛଉରେ ମୁଖା ନିର୍ମାଣ ଓ ବ୍ୟବହାର ସଂପର୍କରେ ସଂପୃକ୍ତ ଅଧ୍ୟାୟ ମାନଙ୍କରେ ଆଲୋଚିତ ହୋଇଛି ।

ସୀବନ ଶିଳ୍ପ ଏକ ପ୍ରାଚୀନ କଳା । ଏଥିପାଇଁ ଧୈର୍ଯ୍ୟ ଓ ସମୟର ଆବଶ୍ୟକ ହୁଏ । ବଟୁଆ, କନ୍ଥା, ଚନ୍ଦୁଆ, ଛତ୍ରୀ, ଆଲଟ, ତରାସ, ଦରି ପ୍ରଭୃତି ପ୍ରୟୋଜନୀୟ ପଦାର୍ଥ ସବୁ ବିବାହ, ବ୍ରତ, ନାଟ ଓ ଯାତ୍ରା ପ୍ରଭୃତିରେ ବ୍ୟବହୃତ ହୁଏ । ଉତ୍ତର ଓଡ଼ିଶାର ସମଗ୍ର ଅଞ୍ଚଳରେ ନାରୀ ହାତରେ ନିର୍ମିତ କନ୍ଥା/ କାନ୍ଥା, ଜାମ୍ବୁକୋଳି ଚିପା ଯୁକ୍ତ ଅତ୍ୟନ୍ତ ସୁନ୍ଦର, ଚିତ୍ତାକର୍ଷକ ଦୀର୍ଘ ସ୍ଥାୟୀ । ଘରର ସ୍ତ୍ରୀ ଲୋକେ ମୁଖ୍ୟତଃ ଏହା ପ୍ରସ୍ତୁତ କରୁଥିଲେ ହେଁ ପୁରୁଷମାନେ ମଧ୍ୟ ଏହା ତିଆରି କରିଥାନ୍ତି । ବଡ଼ି ତିଆରିରେ ନାରୀ ଜାତିର ଶୈଳ୍ପିକ ବିଭବର ପ୍ରକାଶ ଘଟିଥାଏ । କଖାରୁ, ବିରି, ପୋସ୍ତ ପ୍ରଭୃତିରେ ବିଭିନ୍ନ ଆକାର ପ୍ରକାରରେ ପତ୍ରରେ, ଚାଲୁଣି, କୁଲାରେ ବସଇ ଶୁଖାଇ ଏହା ତିଆରି କରାଯାଏ । ପାଚିଲା ଧାନ କେଣ୍ଡାରେ ବେଣ୍ଟି ତିଆରି କରି ମାର୍ଗଶୀର ଗୁରୁବାରରେ 'ଲକ୍ଷ୍ମୀ' ଠାକୁରଣୀଙ୍କ ପାଖରେ ଲଗାଯାଏ । 'ଘରର ଦୁଆର ମୁହଁରେ, ଚାଳରେ ଓ ଅମାରରେ ଏ ସବୁ ଟଙ୍ଗାଯାଏ । ପାଚିଲା ଧାନ କେରାରେ ବେଣୀ ପକାଇ ଗୁଡ଼ାଇ ଦିଆଯାଏ । କେହି କେହି କେରାର ପଛ ଭାଗକୁ କାଇଁଚ ପଙ୍ଖା ଆକୃତିରେ ଚାରି କୋଣିଆକାରି ବେଣ୍ଟ ତିଆରି କରି ହାର ପରି ଠାକୁରାଣୀଙ୍କ ନିକଟରେ ଓହଳାଇ ଦିଅନ୍ତି । ବିଭିନ୍ନ ରଙ୍ଗର ପଥରରେ ବାସନ, ପଥୁରୀ, ଶିଳ, ଶିଳପୁଆ, ବାଟି, ଧୂପଦାନୀ, ହାତୀ, ଘୋଡ଼ା, ଶୁଆ, ପଦ୍ମ ଓ ବିଭିନ୍ନ ଉପକରଣ ଆଦି ମୟୂରଭଞ୍ଜ, ନୀଳଗିରି ପ୍ରଭୃତି ଅଞ୍ଚଳରେ ତିଆରି ହୁଏ । ଏଗୁଡ଼ିକର ଶିଳ୍ପ କଳା ଉଚ୍ଚକୋଟୀର ।

ସୋଲରେ ତିଆରି ମୁକୁଟ, ମଉଡ଼, ଡଙ୍ଗା, ହାର, ଫୁଲ ପ୍ରଭୃତି ଅତି ପ୍ରୟୋଜନୀୟ ପଦାର୍ଥ ରୂପେ ବ୍ୟବହୃତ ହୁଏ । ବିବାହ ଓ ପର୍ବପର୍ବାଣିରେ ଏ ସବୁର ପ୍ରୟୋଜନ ଅପରିହାର୍ଯ୍ୟ । ମୁଖା ସଜ୍ଜା ନିମନ୍ତେ ସୋଲର ପ୍ରୟୋଜନ ହୁଏ । ବାଉଁଶ ଓ ବେତରେ ବିଭିନ୍ନ ବ୍ୟବହାର୍ଯ୍ୟ ବସ୍ତୁ ତିଆରି ହୁଏ । ବାଉଁଶର ଚାଁଚଡ଼ା, ପେଡ଼ି, ପେଟେରା, ଫୁଲ ଚାଙ୍ଗୁଡ଼ା, ଡାଲା, ପାଛିଆ, କୁଲା, ଝଙ୍କା, ଝୁଡ଼ି, ଆଦି ପ୍ରୟୋଜନୀୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନିର୍ମିତ ହୁଏ । ସବାଇ ଘାସର ଦଉଡ଼ିରେ ଖଟ, ମାଣ୍ଡୁ, ପାପୋଛ, ଗାଲିଚା ପ୍ରଭୃତି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ବୁଣିବା ସଙ୍ଗେ ସଙ୍ଗେ ବିଭିନ୍ନ ଧରଣର ବନ୍ଧାବନ୍ଧି କାର୍ଯ୍ୟରେ ବ୍ୟବହୃତ ହୁଏ । କାଇଁଚରେ ଚାଙ୍ଗୁଡ଼ି, ବିଞ୍ଚଣା, ଫତୁଆ, ଚଟ୍ଟା, ପେଡ଼ି, ପାଛିଆ ପ୍ରଭୃତି ତିଆରି ହୁଏ । ଚମଡ଼ାରେ ଖୋଳ, ମାଦଳ, ଚାଙ୍ଗୁ, ଧମସା, ନାଗରା, ତୁରୀ, କୋନ୍‌ଗ୍ରା, ଖଞ୍ଜଣି

ପ୍ରଭୃତି ବିଭିନ୍ନ ବାଦ୍ୟଯନ୍ତ୍ର ତିଆରି ହୁଏ । ସାନାଇ, ବଇଁଶୀ, କାଠ ଓ ବାଉଁଶରେ ତିଆରି ହୁଏ । ଖଜୁରୀ ପତ୍ର ଓ ପାଲରେ ଛାମୁଣୀ, ପଟିଆ, ଚଟେଇ ପ୍ରଭୃତି ତିଆରି ହୁଏ । ଛଣି ଓ ପାଟରେ ପଟି, ପଲାଶ, ଆସନ ପ୍ରଭୃତି ତିଆରି ହୁଏ । ତାଳପତ୍ରରେ ଚଟେଇ, ପଙ୍ଖା, ଡଲା ପ୍ରଭୃତି ତିଆରି ହୁଏ । ଲୁହା, ପିତଳ ଓ ସୁନା ପ୍ରଭୃତି ଧାତୁରେ ବିଭିନ୍ନ ବ୍ୟବହାର୍ଯ୍ୟ ଦ୍ରବ୍ୟ ତିଆରି ହୁଏ । ଏ ସମସ୍ତ ନିତ୍ୟ ବ୍ୟବହୃତ ସୌଖୀନ ପଦାର୍ଥ ଗୁଡ଼ିକରେ ବହୁ ପ୍ରକାର ଲୋକ କଳାର ସୁଷ୍ଠୁ ପରିପ୍ରକାଶ ଘଟି ଥିବାର ଲକ୍ଷ କରାଯାଏ । ବିଭିନ୍ନ ପକ୍ଷୀର ପର ବ୍ୟବହାର କରି ବହୁ ପ୍ରକାର ପଦାର୍ଥ ଯଥା ମୟୂର ପଙ୍ଖର ବିଞ୍ଚଣା ପ୍ରଭୃତି ତିଆରି କରାହୁଏ । ଏତଦ୍ ବ୍ୟତୀତ ମୁକୁଟରେ ଏହା ଶୋଭାପାଏ । କେହି କେହି ନିଜ କେଶରେ ଖୋସନ୍ତି । ତୀର ପଛ ଭାଗରେ ବନ୍ଧାଯାଏ । ମୁଖା ସଜାବେଳେ ମୟୂର ପର, କୁକୁଡ଼ା ପର ପ୍ରଭୃତି ବ୍ୟବହୃତ ହୁଏ ।

**ମନ୍ଦିର ସ୍ଥାପତ୍ୟ:-** ଛଉନାଚ ବିକଶିତ ଅଞ୍ଚଳରେ ବହୁ ପୁରାତନ ପ୍ରସିଦ୍ଧ ଦେବଦେବୀ ମନ୍ଦିର ବିଦ୍ୟମାନ । ଏସବୁ ସମଗ୍ର ଅଞ୍ଚଳର ପ୍ରାଚୀନ ସଭ୍ୟତା ଓ ସାଂସ୍କୃତିକ ପରମ୍ପରାର ନିଦର୍ଶନ । ଏଥିର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

ପ୍ରାଚୀନ ମାନଭୂମ ରାଜ୍ୟରେ "ଜୈନ" ସରାକ୍ ମାନେ ଯେ ଏକ ଉନ୍ନତ ସଭ୍ୟତାର ଅଧିକାରୀ ଥିଲେ, ତାହାର ପ୍ରମାଣ ଏବେ ମଧ ବିଦ୍ୟମାନ । କାସାଇ, ଦାମୋଦର ପ୍ରଭୃତି ନଦୀ ଉପତ୍ୟକା ମାନଙ୍କର ଅବସ୍ଥିତି ବିଭିନ୍ନ ମନ୍ଦିରର ଭଗ୍ନାବଶେଷ ଏଥିର ପ୍ରମାଣ ପ୍ରଦାନ କରେ । ବସାଇ ନଦୀ କୂଳରେ (ପୁରୁଲିଆ ରେଳ ଷ୍ଟେସନଠାରୁ ଅଳ୍ପ କେତେକ ମାଇଲ ମଧରେ) ଡାଲମୀ ନାମରେ ଏକ ପ୍ରାଚୀନ ଜନବସତି ଉପସ୍ଥିତ । ଏଠାରେ ବିଭିନ୍ନ ମନ୍ଦିର ମଧରୁ ପଥର ଓ ଇଟାରେ ନିର୍ମିତ ମୁଖ୍ୟ ମନ୍ଦିରର ବିଭିନ୍ନ କାରୁକାର୍ଯ୍ୟ ପୂର୍ଣ୍ଣ ମୂର୍ତ୍ତି ଦୃଷ୍ଟିଗୋଚର ହୁଏ । ଏଗୁଡ଼ିକ ଜୈନ ତୀର୍ଥଙ୍କର ମାନଙ୍କ ଉଦ୍ଦେଶ୍ୟରେ ନିର୍ମିତ ଜୈନ ମନ୍ଦିର ବୋଲି ହଷ୍ଟର ସାହେବ ଲେଖିଛନ୍ତି ।

ଦାମୋଦର ନଦୀ ଉପତ୍ୟକାରେ ତେଲକୁଣୀ ଠାରେ ଆଠ / ନଅ ଗୋଟି ପ୍ରାଚୀନ ଦେବାଳୟ ବିଦ୍ୟମାନ ଓ ଏଥିରେ ଜୈନ ଧର୍ମର ଚର୍ତୁବିଂଶ ତୀର୍ଥଙ୍କର ମହାବୀରଙ୍କର ପୂଜା ଅନୁଷ୍ଠିତ ହୁଏ । ଏ ମନ୍ଦିରମାନ 'ରେଖ' ପଦ୍ଧତିରେ ନିର୍ମିତ । କାସାଇ ନଦୀ ଉପତ୍ୟକାରେ (ଜୟପୁରଠାରୁ ଦକ୍ଷିଣକୁ ଅଳ୍ପ କେତେକ ମାଇଲ ଦୂରରେ) ଅବସ୍ଥିତ ବଡ଼ାମ ଗ୍ରାମ ନିକଟରେ ଇଟା ନିର୍ମିତ ତିନି ଗୋଟି ପ୍ରାଚୀନ ମନ୍ଦିର ରହିଅଛି । ମନ୍ଦିର ଗୁଡ଼ିକର ପ୍ରବେଶ ମୁଖ ପୂର୍ବଦିଗକୁ । ଏଗୁଡ଼ିକ ବର୍ତ୍ତମାନର ଶିବ ମନ୍ଦିର ରୂପେ ପରିଗଣିତ ହୋଇଥିଲେ ହେଁ ପ୍ରକୃତରେ ଏଗୁଡ଼ିକ ଜୈନ ମନ୍ଦିର ଥିଲା । ଏତଦ୍ ବ୍ୟତୀତ ଦାଲମି ଉପତ୍ୟକାରେ ପ୍ରସିଦ୍ଧ ଷଷ୍ଠୀ ମନ୍ଦିର, କାସାଇ ଉପତ୍ୟକାରେ ବୁଧପୁରର ଶିବ ମନ୍ଦିର ପ୍ରଭୃତି ଅନେକ ପ୍ରାଚୀନ ମନ୍ଦିରର ଧ୍ୱଂସାବଶେଷ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୃଷ୍ଟିଗୋଚର ହୁଏ ।

ବୁଧପୁରର ଶିବ ମନ୍ଦିର ନିକଟରେ ବହୁ ପ୍ରାଚୀନ କାଳରୁ ଚଡ଼କ ପୂଜା ଓ ଉଦ୍ଧା ଯାତ୍ରା ଅନୁଷ୍ଠିତ ହେଉଥିବାର ଉଇଲିୟମ ହଣ୍ଟର ଲେଖିଛନ୍ତି ।

ସୁବର୍ଣ୍ଣରେଖା ନଦୀ ଉପତ୍ୟକାରେ ଡାଲମୀର ଭଗ୍ନାବଶେଷ ସଂପର୍କରେ କଲୋନେଲ୍ ଡାଲଟନ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତ । ତନ୍ମଧ୍ୟରୁ ଗୋଟିଏ ପ୍ରାଚୀନ ଦୁର୍ଗ, ଅନେକ ଗୁଡ଼ିଏ ମହାଦେବ ଓ ପାର୍ବତୀ ଏବଂ ବ୍ରାହ୍ମଣ୍ୟ ଧର୍ମର ଦେବଦେବୀଙ୍କ ମନ୍ଦିର, କେତେକ ବୃହତ ପୁଷ୍କରିଣୀ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏଠାରେ ଗଣେଷ, ବିଷ୍ଣୁ, ଲକ୍ଷ୍ମୀ, ଓ କାଳୀଙ୍କର ପ୍ରାଚୀନ ମନ୍ଦିର ମାନ ରହିଥିବାର ଦେଖାଯାଏ । ପଞ୍ଚେଟ ରାଜାଙ୍କର ପ୍ରାଚୀନ ଭଗ୍ନ ପ୍ରାସାଦ ମଧ୍ୟ ଏକ ଦର୍ଶନୀୟ ସ୍ଥାନ । 'ବାଗମୁଣ୍ଡି' ରାଜାଙ୍କର ବାସ ସ୍ଥାନ ନିକଟରେ ଇଟାରେ ନିର୍ମିତ 'ରସିକ ପ୍ରିୟ' ମନ୍ଦିର ଓ ଶିବ ମନ୍ଦିରର ଭଗ୍ନାବଶେଷ ବର୍ତ୍ତମାନ ମଧ୍ୟ ବିଦ୍ୟମାନ । ଏ ସମସ୍ତ ପ୍ରାଚୀନ ଉତ୍କଳୀୟ ସ୍ଥାପତ୍ୟ ରୀତିରେ ଗଠିତ ।

ସିଂଭୂମ ଜିଲ୍ଲାର ଷଢ଼େଇକଳା ମହାରାଜାଙ୍କ ପ୍ରାସାଦ ବ୍ୟତୀତ ପାଉଡ଼ୀ ଦେବୀଙ୍କର ମନ୍ଦିର, ରଘୁନାଥ ଓ ଜଗନ୍ନାଥ ମନ୍ଦିର ସମସ୍ତ ଉତ୍କଳୀୟ ସ୍ଥାପତ୍ୟ ରୀତିର ନିଦର୍ଶନ । ରାଜା ପ୍ରାସାଦରେ ଟେରାକୋଟାରେ ଖୋଦିତ ମୂର୍ତ୍ତି ସକଳ ଅତି ଚିତ୍ତାକର୍ଷକ ।

ମୟୂରଭଞ୍ଜର ଖିଚିଂଠାରେ ଅବସ୍ଥିତ ପ୍ରାଚୀନ ଶିବ ମନ୍ଦିର (ନବମ-ଦଶମ ଶତାବ୍ଦୀ), ଖିଜିଙ୍ଗେଶ୍ୱରୀ ବା କୀଚକେଶ୍ୱରୀ ମନ୍ଦିର ପ୍ରଭୃତି ତିନିଗୋଟି ପ୍ରାଚୀନ ମନ୍ଦିର ରହିଥିବା ଦେଖାଯାଏ । ଏଥି ମଧ୍ୟରେ କୋଟାଇତୁଣ୍ଡୀ ମନ୍ଦିରଟି ପ୍ରାଚୀନତମ ବୋଲି ଅନୁମିତ ହୁଏ । କୀଚକେଶ୍ୱରୀ ମନ୍ଦିର ଭୁବନେଶ୍ୱରସ୍ଥ ବ୍ରହ୍ମେଶ୍ୱର ମନ୍ଦିରର ଅନୁରୂପ । ଏହା ଏକ ପଞ୍ଚ ରଥ ମନ୍ଦିର । ଏହାର ପାର୍ଶ୍ୱଦେବତା, ଚୈତ୍ୟ, ଅଶ୍ଳୀଳ ମିଥୁନ ଚିତ୍ର ପ୍ରଭୃତିରୁ ଏହା ବ୍ରହ୍ମେଶ୍ୱର ଓ ଲିଙ୍ଗରାଜ ମନ୍ଦିରର ସମସାମୟିକ ସ୍ଥାପତ୍ୟର ନିଦର୍ଶନ ରୂପେ ପରିଗଣିତ ହୁଏ । ଏହା ଦଶମ ଶତାବ୍ଦୀର ଶେଷାର୍ଦ୍ଧ କିମ୍ବା ଏକାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ନିର୍ମିତ ହୋଇଥିବା ପ୍ରମାଣିତ ।

ଏଠାରେ ଦୁଇ ଗୋଟି ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ବିଦ୍ୟମାନ । ତନ୍ମଧ୍ୟରୁ ଗୋଟିଏ କୀଚକଗଡ଼ ନାମରେ ପରିଚିତ । ଏହା ଭଞ୍ଜ ନରପତି ମାନଙ୍କର ପ୍ରାସାଦ ଥିବାର ଅନୁମେୟ । ଏଠାରେ ଏକ ବୌଦ୍ଧ ସ୍ତୂପର ସନ୍ଧାନ ମିଳିଅଛି । ଏ ସବୁଥିରୁ ସେ ସ୍ଥାନର ପୁରାତନ ସଭ୍ୟତା ସଂପର୍କରେ ସୂଚନା ମିଳେ । ମନ୍ଦିର ବେଢ଼ାରେ ନିର୍ମିତ ଯାଦୁଘର ମଧ୍ୟରେ ସେ ସ୍ଥାନରୁ ସଂଗୃହୀତ ମହିଷାମର୍ଦ୍ଦିନୀ ଦୁର୍ଗା, ଉମା ମହେଶ୍ୱର, ସୂର୍ଯ୍ୟ, ଗଣେଶ, ବିଷ୍ଣୁ, ଧ୍ୟାନି ବୁଦ୍ଧ ମୂର୍ତ୍ତି, ଶିବଙ୍କର ଦ୍ୱାରପାଳ ଚଣ୍ଡ ପ୍ରଚଣ୍ଡ,

ସୁନ୍ଦରୀ ଅଳସୀ କନ୍ୟା ମୂର୍ତ୍ତି ପ୍ରଭୃତିଙ୍କର ପଥର ଖୋଦିତ ମୂର୍ତ୍ତି ସମସ୍ତ ସଂରକ୍ଷିତ । ଏଠାରେ ଅଷ୍ଟଶମ୍ଭୁ ମନ୍ଦିର ଥିବା ଅନୁମାନ କରାଯାଏ ।

ଭଞ୍ଜ ତାମ୍ର ଲେଖ ମାନଙ୍କରେ ଉଲ୍ଲିଖିତ 'ଖିଜିଙ୍ଗ-କୋଟ୍ଟା' ହିଁ ଖିଚିଙ୍ଗ ଭାବରେ ପରିଚିତ ବୋଲି ଐତିହାସିକ ମାନଙ୍କର ମତ । ଭଞ୍ଜ ରାଜାଗଣ ପରବର୍ତ୍ତୀ କାଳରେ ନିଜର ଧର୍ମମତ ପରିବର୍ତ୍ତନ କରି ଚାମୁଣ୍ଡା ଦେବୀଙ୍କର ଉପାସନା କରିଥିବାର ଜଣାଯାଏ ।

ଖିଚିଙ୍ଗର ସ୍ଥାପତ୍ୟ ଓ ମନ୍ଦିର ସମୂହ ଭୁବନେଶ୍ୱର ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଥିଲେ ହେଁ କେତେକ ନିଜସ୍ୱ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ଏଠାରେ ଅବସ୍ଥିତ କୌଣସି ମନ୍ଦିରରେ 'ମୁଖଶାଳା' ନଥିବା ଦେଖାଯାଏ । ପ୍ରତ୍ନତାତ୍ତ୍ୱିକ ମାନଙ୍କ ମତରେ ଏହା ଦଶମ- ଏକାଦଶ ଶତାବ୍ଦୀର ମନ୍ଦିର ନିର୍ମାଣ ଶୈଳୀର ବ୍ୟତିକ୍ରମ । ଏ ସବୁଥିରେ ବାଙ୍କୁଡ଼ା ଜିଲ୍ଲାର ମନ୍ଦିର ଓ ବେଣୀସାଗର (ସିଂଭୂମ)ଠାରେ ରହିଥିବା ମନ୍ଦିର ନିର୍ମାଣ ପଦ୍ଧତି ଅନୁସୃତ ହୋଇଥିବାର ଜଣାଯାଏ । ଖିଚିଙ୍ଗ ସ୍ଥାପତ୍ୟ ଏକ ଆଞ୍ଚଳିକ ପଦ୍ଧତିର ନିଦର୍ଶନ । ଏଠାରେ ନୀଳ ମୁଗୁନି ପଥରେ ନିର୍ମିତ ମୂର୍ତ୍ତି ସମସ୍ତ ଅତ୍ୟନ୍ତ ଚମତ୍କାର । ସମସ୍ତ ପତ୍ନତତ୍ତ୍ୱ ବିଦ୍ ଗଣ ଖିଚିଂର ମୂର୍ତ୍ତି ମନ୍ଦିର ଓ ସ୍ଥାପତ୍ୟ ଓଡ଼ିଶୀକଳା ସ୍ଥାପତ୍ୟର ଉତ୍କୃଷ୍ଟ ନିଦର୍ଶନ ବୋଲି ଅଭିହିତ କରିଅଛନ୍ତି । ମୟୂରଭଞ୍ଜର ମହାରାଜା ପ୍ରତାପ ଚନ୍ଦ୍ରଙ୍କ ଉଦ୍ୟମରେ ଯେଉଁ ମନ୍ଦିରଟି ପୁନର୍ନିର୍ମିତ ହୋଇଛି ତାହା ଉତ୍କୃଷ୍ଟ ସଂରକ୍ଷଣର ଶ୍ରେଷ୍ଠ ନିଦର୍ଶନ ।

ଖିଚିଂଠାରୁ ଚାରି ମାଇଲ ଦୂରବର୍ତ୍ତୀ ବେଣୀସାଗର (ବର୍ତ୍ତମାନ ସିଂଭୂମ ଜିଲ୍ଲାରେ ଅବସ୍ଥିତ)ଠାରେ ଦୁର୍ଗା, ଗଣେଶ, ଲକ୍ଷ୍ମୀ ପ୍ରଭୃତି ବହୁ ଦେବଦେବୀଙ୍କର ପ୍ରାଚୀନ ମୂର୍ତ୍ତି ବର୍ତ୍ତମାନ ସୁଦ୍ଧା ଦୃଷ୍ଟିଗୋଚର ହୁଏ । ବେଣୀସାଗରର ପ୍ରତ୍ନତାତ୍ତ୍ୱିକ ଅବଶେଷ ସମସ୍ତ ଖିଚିଂର ସମସାମୟିକ ଓ ସମପ୍ରକାର ସ୍ଥାପତ୍ୟ ରୀତିରେ ନିର୍ମିତ । ଏଠାରେ ମଧ୍ୟ ଆଠ ଗୋଟି ଶିବ ମନ୍ଦିର ରହିଥିଲା । ବର୍ତ୍ତମାନ ଏସବୁର ଲିଙ୍ଗ ଓ ସ୍ଥାପତ୍ୟର ଭଗ୍ନାବଶେଷ ଦୃଷ୍ଟିଗୋଚର ହେଉଥିଲେ ହେଁ କୌଣସି ମନ୍ଦିର ନାହିଁ । ଏଠାରେ ଏକ ବୃହତ୍ ପୁଷ୍କରିଣୀ ବିଦ୍ୟମାନ । ପ୍ରତିବର୍ଷ ମାଘ ସଂକ୍ରାନ୍ତି ଦିନ ଏଠାରେ ଏକ ପ୍ରସିଦ୍ଧ ମେଳା ଅନୁଷ୍ଠିତ ହୁଏ ।

ମୟୂରଭଞ୍ଜର ପୂର୍ବତନ ରାଜଧାନୀ (୧୫ଶ - ୧୮ଶ ଶତାବ୍ଦୀ) ହରିପୁରଠାରେ ଅବସ୍ଥିତ ଥିଲା । ସେଠାରେ ନିର୍ମିତ ବହୁ ଜୀର୍ଣ୍ଣ ପ୍ରାସାଦର ଅବସ୍ଥିତି ପ୍ରାଚୀନ ସ୍ଥାପତ୍ୟକଳାର ନିଦର୍ଶନ ରୂପେ ବିଦ୍ୟମାନ । ସେଠାରେ ଇଟାରେ ନିର୍ମିତ ଭଗ୍ନ ରସିକ ରାୟ ମନ୍ଦିରର ସ୍ଥାପତ୍ୟ ଶୈଳୀ ଉଲ୍ଲେଖଯୋଗ୍ୟ । ବାରିପଦାର ଶ୍ରୀଜଗନ୍ନାଥ ମନ୍ଦିର, ଅମ୍ବିକା ମନ୍ଦିର, ଜ୍ୱାଳାମୁଖୀ ମନ୍ଦିର ପ୍ରଭୃତିର ନିର୍ମାଣ ପଦ୍ଧତି ଉତ୍କଳୀୟ ସ୍ଥାପତ୍ୟ ରୀତିର ଚମତ୍କାର ପ୍ରକାଶ ।

ରାଞ୍ଚି ଜିଲ୍ଲାର ଖେକପର୍ଭାର ପାହାଡ଼ର ଶୀର୍ଷ ଦେଶରେ ଅବସ୍ଥିତ ଏକ ଅଷ୍ଟାୟତନ ଶୈବ ପୀଠ ସ୍ଥଳୀ । ଏହି ଜିଲ୍ଲାର ସିମ୍‌ଡେଗା ମହକୁମାରେ ଅବସ୍ଥିତ ଅନେକ କ୍ଷୁଦ୍ର ପଥର ମନ୍ଦିର ଓଡ଼ିଶୀ ସ୍ଥାପତ୍ୟ ରୀତିର ନିଦର୍ଶନ ରୂପେ ବର୍ତ୍ତମାନ ସୁଦ୍ଧା ବିଦ୍ୟମାନ ।

କେନ୍ଦୁଝର, ବଣାଇ, ତାଳଚେର, ଢେଙ୍କାନାଳ, ନୀଳଗିରି ପ୍ରଭୃତି ପୂର୍ବତନ ଦେଶୀୟ ରାଜ୍ୟ ଗୁଡ଼ିକରେ ଅବସ୍ଥିତ ବହୁ ଦେବ ମନ୍ଦିର ଉତ୍କୃଷ୍ଟ ସ୍ଥାପତ୍ୟ ରୀତିର ନିଦର୍ଶନ । କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ନିକଟବର୍ତ୍ତୀ ବଇଦାଖିଆଠାରେ ବହୁ ପ୍ରାଚୀନ ଜୈନ କୀର୍ତ୍ତି, ସୀତାବିଞ୍ଜିର ପଞ୍ଚମ ଶତକର ଗୁହା ଓ ଭିତ୍ତିଚିତ୍ର, ଅସନପାଟ ଗ୍ରାମରୁ ସଂଗୃହୀତ ନଟରାଜ ମୂର୍ତ୍ତି ଏସବୁର ଅନବଦ୍ୟ ନିଦର୍ଶନ ରୂପେ ପରଗଣିତ ହୁଏ । ଏ ଜିଲ୍ଲାର କୁଶଳେଶ୍ୱର ବା କୋଶଳେଶ୍ୱର ମନ୍ଦିରର କାରୁକାର୍ଯ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଓ ଏଥିରେ ବହୁ ସୁନ୍ଦର ନୃତ୍ୟଭଙ୍ଗୀ ଉତ୍କୀର୍ଣ୍ଣ ହୋଇଥିବାର ଦେଖାଯାଏ । ମେଦିନୀପୁର ଜିଲ୍ଲାର ଝାଡ଼ଗ୍ରାମ ସବ୍‌ଡିଭିଜନ ଅନ୍ତର୍ଗତ ଗୋପୀବଲ୍ଲଭ ପୁରର ଠାକୁରବାଡ଼ି ବୈଷ୍ଣବ ସଂପ୍ରଦାୟର ତୀର୍ଥସ୍ଥାନ ରୂପେ ପରିଗଣିତ ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ପୂର୍ବ ଭାରତର ଉତ୍ର-ମାଗଧୀ ବଂଗ ସଂସ୍କୃତିର ସଂଗମ ସ୍ଥଳରେ ବିକଶିତ ଏପରି ଏକ ସମୃଦ୍ଧ ସାଂସ୍କୃତିକ ପୃଷ୍ଠଭୂମି ହିଁ ଛଉନାଚ ଉତ୍ପତ୍ତି ଓ ବିକାଶର ହେତୁ ।

## ନିର୍ବାଚିତ ସହାୟିକା ସୂଚୀ:


1. Cupland H; Manbhum District Gazetteer 1911.
2. Dalton E.T; Ethnology of Bengal; Tribal History of Eastern India-1872, Reprinted 1973.
3. Das K.B.; ଓଡ଼ିଆ ଲୋକଗୀତ ଓ କାହାଣୀ, ୧୯୫୮.
4. Das M.P.; ଓଡ଼ିଶାର ଲୋକ ସଂସ୍କୃତି ୧୯୮୫ (ସଂ.)
5. Das M.P.; ଓଡ଼ିଶାର ସାମଗିକ ସଂସ୍କୃତି ୧୯୯୦ (ସଂ.)
6. Das T.C.; The Hos of Seraikella - 1927
7. Das T.C.; The Bhumijas of Seraikella-1931.
8. Hunter W.W.; The Statistical Account of Singhbhum, Tributary States of Chutia Nagpur and Manbhum. vol. XVII, 1877, Reprinted 1976.

9. Mally D.; Bengal District Gazetteers vol.XX.

10. Panigrahi K.C.: History of Orissa, 1986.

11. Roy Choudhury P.C.; Bihar District Gazetteers, Singhbhum-1958.

12. Senapati N. & ; Sahu N.K. Orissa District Gazetteers, Mayurbhanj-1967.

13. Singh A.K.; Tribal Festivals of Bihar - 1982.

14. Singh Deo N.N.; Singhbhum, Seraikella and Kharswan - Through the Ages - 1954.

15. Thakur D.; Tribes in India, 1986.

16. Uppal H.; Folk Dances of Bihar - 1963.

17. Pathy D.N.;

◆◆◆

## ତୃତୀୟ ଅଧ୍ୟାୟ

# ଛଉ ନୃତ୍ୟ ପରମ୍ପରାର ସାଂସ୍କୃତିକ ପୃଷ୍ଠଭୂମି

ଛଉ ନୃତ୍ୟ ପରମ୍ପରାର ସାଂସ୍କୃତିକ ପୃଷ୍ଠଭୂମି ଉପରେ ଆଲୋକପାତ କାଳରେ ଷଢ଼େଇକଳା-ସିଂଭୂମ, ମୟୂରଭଞ୍ଜ ଓ ପୁରୁଲିଆ-ମାନଭୂମ ଜିଲ୍ଲା ସହିତ ସନ୍ନିହିତ ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଚଳିତ ଭିନ୍ନ ଭିନ୍ନ ପର୍ବ ଉପଲକ୍ଷେ ଅନୁଷ୍ଠିତ କେତେକ ବିଶେଷ ନୃତ୍ୟ ସମୂହର ବୈଶିଷ୍ଟ୍ୟ ପ୍ରତିପାଦନ କରାଯାଉଛି ।

ଛୋଟ ନାଗପୁର ଓ ରାଞ୍ଚି ମାଳଭୂମି ସନ୍ନିହିତ ଅଞ୍ଚଳର ଅନେକ ସ୍ଥାନରେ କେତେକ ରଙ୍ଗୀନ ବା ସମୂହ ମେଳ ନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ ଛଉ ନୃତ୍ୟ ଶୈଳୀରେ ଅଭିନୀତ ହୁଏ । ସେଗୁଡ଼ିକ ମଧ୍ୟରୁ ଘଟୱାରୀ, ଜାମ୍‌ଦା, ଚୋକ୍ରା, ସାନ୍ତାଳ, ଲୁରିଶବର ଓ ରାଜପୁତ୍ ଝଲକ ପ୍ରଭୃତି କେତେକ ମେଳ ନୃତ୍ୟର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

**ଘଟୱାରୀ ନାଚ:** ବିବାହ ସମୟରେ ଏହା ଅନୁଷ୍ଠିତ ହୁଏ । ବରପକ୍ଷ ଦଳ (ବରତ୍) କନ୍ୟା ଗ୍ରାମରେ ପହଞ୍ଚିଲା ପରେ ଏ ନାଚର ଆରମ୍ଭ ହୁଏ । ନୃତ୍ୟକାରୀଗଣ ଢାଲ ଓ ଖଣ୍ଡା ଧରି ଯୁଦ୍ଧ ନାଚ ନାଚନ୍ତି । ଏ ନାଚ ସହ ମୁଣ୍ଡାମାନଙ୍କ ମଧ୍ୟରେ ପ୍ରଚଳିତ ପାଇକ ନାଚର ସମାନତା ଥିଲେ ହେଁ ଏ ନାଚର କୌଶଳ ଓ ପାଦ ଭଙ୍ଗୀରେ କେତେକ ଭିନ୍ନତା ପରିଲକ୍ଷିତ ହୁଏ ।

**ଜାମଦା ନାଚ:** ଏ ନାଚରେ ପ୍ରଥମେ ଅନୁଚ୍ଚ ସ୍ୱରରେ ଗୀତ ବୋଲାଯାଏ, ପରେ ନାଗରା ବାଜେ, ପରେ ପରେ ଚାରିଜଣ ନୃତ୍ୟକାରୀ ଆଖଡ଼ାକୁ ଗୋଟିଏ ଧାଡ଼ିରେ ଡିଆଁ ମାରନ୍ତି । କିଛି ସମୟ ନାଚ ପରେ ସେମାନେ ଦୁଇ ଦଳରେ ବିଭକ୍ତ ହୋଇ ପୁଣି ଗୋଟିଏ ଧାଡ଼ିରେ ନୃତ୍ୟ କରନ୍ତି । ପ୍ରତ୍ୟେକ ନୃତ୍ୟକାରୀ ହାତରେ ରୁମାଲ ଧରି ନାଚନ୍ତି । କେବଳ ପୁରୁଷମାନେ ଏ ନାଚ ନାଚନ୍ତି । ଦୁଇଜଣ ବାଦ୍ୟକାର ଆଖଡ଼ାର ଗୋଟିଏ ପାଖରେ ଠିଆ ହୋଇ ଢୋଲ ବଜାନ୍ତି । ଏ ନାଚରେ ପାଇଜାମା, ଜରିଦାର କୁର୍ତ୍ତା, ଫେଶା, ଝାଲର ପ୍ରଭୃତି ପୋଷାକ, ମୁକୁଟ ସହିତ ନାନା ପ୍ରକାର ଅଳଙ୍କାର ବ୍ୟବହୃତ ହୁଏ । ଏ ନାଚରେ ପଞ୍ଚ ପରଗଣିଆ ଭାଷାର ଗୀତ ଗାନ କରାଯାଏ ।

**ଚୋକ୍ର ନାଚ:** ଚାରି ଚାରି ଆଠ ଜଣ ଦୁଇ ଧାଡ଼ିରେ ଡିଆଁ ମାରି ଆଗେଇ ଆସ ଘୂରି ଘୂରି ନାଚନ୍ତି । ଏଥିରେ ଢୋଲ, ତାଳ, ନାଗରା ଓ ସାହାନାଇ ପ୍ରଭୃତି ବାଦ୍ୟ ବାଜେ । ଜାମ୍‌ଦା ନାଚରେ ବ୍ୟବହୃତ ପୋଷାକ ଓ ଅଳଙ୍କାର ଏଥିରେ ମଧ୍ୟ ବ୍ୟବହୃତ ହୁଏ ।

**ସାନ୍ତାଳ ନାଚ:** ଛଅ ଜଣ ନୃତ୍ୟକାରୀ ପାଇଜାମା ପିନ୍ଧି ଦୁଇ ଧାଡ଼ିରେ ନାଚନ୍ତି । ନାଚ ମଝିରେ ସେମାନେ ତିନି ଧାଡ଼ିରେ ଆଗ ପଛ ହୋଇ ନାଚନ୍ତି । ନାଚ ଶେଷରେ ନୃତ୍ୟକାରୀ ମାନେ ଗୋଟିଏ ଧାଡ଼ିରେ ଗୋଲାକାର ହୋଇ ନାଚନ୍ତି । ଏଥିରେ ଢୋଲ, ନାଗରା ଓ ସାନାଇ ବାଜେ । ଝୁମର ଗୀତର ସ୍ୱରରେ ପ୍ରଥମେ ସାନାଇ ବାଜେ । ନୃତ୍ୟକାରୀମାନେ ମୁକୁଟ, କଣ୍ଠିର ମାଳ ପ୍ରଭୃତି ବ୍ୟବହାର କରନ୍ତି । ଏଥିରେ କରମ ନାଚର କେତେକ ପାଦଭଙ୍ଗୀ ଅନୁସୃତ ହୁଏ ।

**ଲୁଗିଶବର ନାଚ:** ନୃତ୍ୟକାରୀମାନେ କଠିନ ଶାରୀରିକ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରି ବୀର ଭାବେ ପ୍ରକଟିତ ହୁଅନ୍ତି । ଏ ନାଚରେ ତୀର, ଧନୁ, ଢାଲ, ଖଣ୍ଡା ପ୍ରଭୃତି ଅସ୍ତ୍ର ଓ ଢୋଲ, ନାଗରା, ମନ୍ଦର, ବେହେରୀ ଓ ସାନାଇ ପ୍ରଭୃତି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ ।

**ରାଜପୁତ ଝଲକ ନାଚ:** ଏହା ଏକ ବୀରତ୍ୱ ବ୍ୟଞ୍ଜକ ନାଚ । ଏଥିରେ ତୀର ଧନୁ, ଖଣ୍ଡା ପ୍ରଭୃତି ଅସ୍ତ୍ର ଓ ଢୋଲ, ନାଗରା ଓ ସାନାଇ ପ୍ରଭୃତି ବାଦ୍ୟ ବାଜେ ।

ଶାସ୍ତ୍ରୀୟ ନୃତ୍ୟରେ ଗଣେଶ ନାଚ, କୀରାତାର୍ଜ୍ଜୁନ ପ୍ରଭୃତି ନାଚର ସଂକ୍ଷିପ୍ତ ବିବରଣୀ ପ୍ରଦତ୍ତ ହୋଇଛି ।

**ଗଣେଶ ନାଚ:** ନାଚ ଆରମ୍ଭରେ ଶିଳ୍ପୀ ଗଣେଶଙ୍କୁ ବନ୍ଦନା କରିଥାନ୍ତି । ସେ ସଂସ୍କୃତ ନାଟକର ସୂତ୍ରଧର ଭୂମିକା ଗ୍ରହଣ କରିଥାନ୍ତି । ଏଥିରେ ସାନାଇ, ଢୋଲ, ନାଗରା ପ୍ରଭୃତି ବାଦ୍ୟ ବାଜେ । ଗଣେଶ ମୁହଁ ଲଗାଇ ପାଦରେ ଘୁଙ୍ଗୁର ବାନ୍ଧି, ଚୋଗା, ଝାଲର ସହ ପାଇଜାମା ପିନ୍ଧି ନୃତ୍ୟକାରୀ ନୃତ୍ୟ କରନ୍ତି । ଏଥିରେ ନୃତ୍ୟକାରୀ ହାତରେ ଦୁଇଗୋଟି ରୁମାଲ ଧରିଥାନ୍ତି ।

**କୀରାତ ଅର୍ଜ୍ଜୁନ ନାଚ:** ଏହା ଏକ ବୀର ରସାତ୍ମକ ମୁଖା ନାଚ ହେଲେ ହେଁ ସବୁ ଚରିତ୍ର ମୁଖା ବ୍ୟବହାର କରନ୍ତି ନାହିଁ । ଏଥିରେ ଧନୁ ତୀର ପ୍ରଭୃତି ପାରମ୍ପରିକ ସମରାସ୍ତ୍ର ବ୍ୟବହୃତ ହୁଏ ।

**ମହିଷାସୁର ବଧ:** ଏ ନାଚରେ ସବୁ ଚରିତ୍ର ମୁଖା ବ୍ୟବହାର କରନ୍ତି । ଏହା ଏକ ବୀରତ୍ୱ ଓ କଠିନ କଷ୍ଟସାଧ ସମର ନୃତ୍ୟ ।

**ଶୀକାରୀ ନାଚ:** ଏଥିରେ ଛଅ ଜଣ ନୃତ୍ୟକାରୀ ଅଂଶ ଗ୍ରହଣ କରନ୍ତି । ଏହା ମଧ ଏକ ବୀରଭାବ ପୂର୍ଣ୍ଣ ନୃତ୍ୟ ।

**ସାଧନ ନାଚ:** ସାଧନ ନାଚ ଖେଳ ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ପାଞ୍ଚ ଛଅ ଦିନ ପର୍ଯ୍ୟନ୍ତ ଚାଲେ । କେତେକେ ଏହାକୁ ନାଚ ଅଥବା ନାଚ କହୁଥିବା ବେଳେ କେହି କେହି ଏହାକୁ ଖେଳ କହନ୍ତି । ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ମୁଖ୍ୟତଃ ସଦର ସବ୍‌ଡିଭିଜନର ବିଭିନ୍ନ ଗ୍ରାମର ଶିବ ମନ୍ଦିର ପ୍ରାଙ୍ଗଣରେ ଏ ନାଚ ଅତ୍ୟନ୍ତ ଉତ୍ସାହ ସହକାରେ ଅନୁଷ୍ଠିତ ହୁଏ । ଏଥିରେ ମୁଖ୍ୟତଃ

ବାଥୁଡ଼ି, ଭୂୟାଁ, ଦଣ୍ଡଛତ୍ର ମାଝୀ, ପୁରାଣ, ହାଡ଼ି, ଡମ, ଘାସି, ପାତ୍ର, ତନ୍ତୀ, ଧୋବା, ସଅର ଓ ଖଣ୍ଡାୟତ ଇତ୍ୟାଦି ଗୋଷ୍ଠୀର ଲୋକ ଅଂଶ ଗ୍ରହଣ କରନ୍ତି । ଯେଉଁ ଗ୍ରାମମାନଙ୍କରେ ମୁସଲମାନ ବସତି ଅଛି ସେଠାରେ ମୁସଲମାନ ମାନେ ମଧ ଏ ନାଚ / ଖେଳରେ ଅଂଶ ଗ୍ରହଣ କରୁଥିବାର ଦେଖାଯାଏ ।

ହାଡ଼ି, ଡମ,ଘାସି ଜାତିର ଲୋକେ ଏ ନାଚରେ ବାଦ୍ୟ ବଜାନ୍ତି । ଏଥିରେ ଢୋଲ, ଚଡ଼ଚଡ଼ି, ନାଗରା, ଘଣ୍ଟା, ସାହାନାଇ, ଝୁମୁକା ପ୍ରଭୃତି ବାଦ୍ୟଯନ୍ତ୍ର ବାଜେ ।

ଧାନକଟା ପରେ ସାଧାରଣତଃ ପୌଷ ମାସର ଅଧାଅଧି ସମୟକୁ କେଉଁଠି କେଉଁଠି ପୌଷ ମାସର ଆରମ୍ଭରୁ ବଡ଼ାମ କିମ୍ବା ଭୈରବ ଶାଳରେ ପୂଜା ଅର୍ଚ୍ଚନା କରି ଆଖଡ଼ା ଆରମ୍ଭ ହୁଏ । ଏଥିରେ ଖେଳବାଡ଼ି, ଢାଲ, ତରବାରି ପ୍ରଭୃତି ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୁଏ । ଏସବୁ ସାହାଯ୍ୟରେ ସାଧନ (ଅଭ୍ୟାସ) କରିଥିବା ବିଭିନ୍ନ ନାଚ/ ଖେଳର ଅଭିନୟ ସହ ଶୂନ୍ ଡିଆଁ, ପଛ ଡିଆଁ, ଆଗ ଡିଆଁ, ଆଗାଶୂଳ, ପଛାଶୂଳ, ରଥ ଦଉଡ଼ି, ପିରାମିଡ, ଦଂଚି ଖେଳ ପ୍ରଭୃତି ବହୁ ପ୍ରକାର ବାଜି ଓ କୌଶଳ ପ୍ରଦର୍ଶିତ ହୁଏ । ଏହା ଏକ ବୀରତ୍ୱ ବ୍ୟଞ୍ଜକ ଓ କଷ୍ଟ ସାଧ ନାଚ ଅଥବା ଖେଳ । ଏଥିରେ ଖେଳାଳୀମାନେ ଧୋତି, ଗାମୁଛା, ପଗଡ଼ି, ଜାମା, ଗଞ୍ଜି ପ୍ରଭୃତି ପୋଷାକ ପରିଧାନ କରିବା ସହିତ ବଳା, ହାର, ବାଘନଖି, ଘୁଙ୍ଗୁର, ଘଟିଆ ପ୍ରଭୃତି ଅଳଙ୍କାର ବ୍ୟବହାର କରନ୍ତି । ନୃତ୍ୟ ଓ ଅଭିନୟ ସହ ଅନୁଷ୍ଠିତ ହେଉଥିବାରୁ ଏହା ନାଚ ବା ନାଟ ରୂପେ କଥିତ ହୁଏ । କୁସ୍ତି, କସରତ, କୌଶଳ ବାଜି ସମ୍ବଳିତ ପ୍ରଦର୍ଶନ ହେତୁ ଖେଳ ରୂପେ ଅଭିହିତ । ଏସବୁ ଅଭିନୟ ଓ କୌଶଳ ଅଭ୍ୟାସ ପୂର୍ବକ ଅନୁଷ୍ଠିତ ହେଉଥିବାରୁ ଏସବୁ ଅଞ୍ଚଳରେ ଏହା ସାଧନ ନାମରେ ପରିଚିତ । ଏହି ନାଚ ବା ଖେଳରେ ଦଶ /ବାର ବର୍ଷର ପିଲାମାନଙ୍କ ସହ ବୟସ୍କ ଲୋକମାନେ ଅଂଶ ଗ୍ରହଣ କରନ୍ତି । ଏହି ନାଚ ଶିକ୍ଷା ଦେବା ନିମନ୍ତେ କୁଶଳୀ ଓସ୍ତାଦ୍ ଆବଶ୍ୟକ ହୁଅନ୍ତି । ମକର ସଂକ୍ରାନ୍ତି ପୂର୍ବରୁ ପ୍ରାୟ ମାସେ ଧରି ଆଖଡ଼ା ମଡ଼ା (ଅଭ୍ୟାସ) ହୁଏ ।

ସାଧନ ଖେଳ ନିମନ୍ତେ ନିର୍ଦ୍ଦିଷ୍ଟ ମଞ୍ଚ ଆବଶ୍ୟକ ହୁଏ ନାହିଁ । ଏହା ଦିବା ଭାଗରେ ଆରମ୍ଭ ହୋଇ ସୂର୍ଯ୍ୟାସ୍ତ ସମୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ମକର ସଂକ୍ରାନ୍ତି ଉପଲକ୍ଷେ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ମେଳା ଉପଲକ୍ଷେ ଏହା ଅନୁଷ୍ଠିତ ହୁଏ । ମେଳା ଆରମ୍ଭରେ ଏହାର ଆରମ୍ଭ, ମେଳା ଶେଷରେ ଏହା ସମାପ୍ତ ହୁଏ । ଏହା ଏକ ଶୈବାନୁଷ୍ଠାନ ।

ସାଧନ ନାଚରେ ଅନ୍ୟ ଚରିତ୍ର ମାନଙ୍କ ମଧ୍ୟରେ ଜୋକର ହିଁ ଅଧିକ ଆକର୍ଷଣୀୟ ହୋଇଥାଏ । କାଠ ବା ବାଉଁଶର ନିର୍ମିତ ଘୋଡ଼ାଟିଏ ସଜାଇ ଜୋକର ତା ଉପରେ ଚଢ଼ିବା ଭଙ୍ଗୀରେ ଅଭିନୟ ଦେଖାଏ । ସଜ୍ଜିତ ଘୋଡ଼ାଟିକୁ ଦୁଇ କାନ୍ଧ ଦେଇ ଦଉଡ଼ିରେ ବାନ୍ଧି ଡେଇଁ ଡେଇଁ ବିଭିନ୍ନ ଭଙ୍ଗୀରେ ଜୋକର ବହୁ ମଜାଦାର ଖେଳ ଦେଖାଏ ।

ମୟୂରଭଞ୍ଜର ଛଉ ନାଚର ବହୁ ଭଙ୍ଗୀ ଓ କୌଶଳ ସହିତ ସାଧନ ନାଚ/ ଖେଳରେ ବ୍ୟବହୃତ ବିଭିନ୍ନ ଭଙ୍ଗୀ ଓ କୌଶଳର ସମାନତା ଥିବାର ଦେଖାଯାଏ । ଏତଦ୍ ବ୍ୟତୀତ ଏଥିର ଆଖଡ଼ା ଅଭ୍ୟାସ, ବ୍ୟବହୃତ ବାଦ୍ୟ, ବାଦ୍ୟକାର, ନୃତ୍ୟକାରୀ, ଓସ୍ତାଦ୍, ବେଶପୋଷାକ, ଅଳଙ୍କାର, ଅସ୍ତ୍ର ପ୍ରଭୃତି ସହ ଆରାଧିତ ଦେବତା – ଏପରି ପ୍ରାୟ ପୂର୍ବାଂଶରେ ଘନିଷ୍ଠ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।

**ପାଇକ ନାଚ:** ପ୍ରାଚୀନ ଉଡ୍ର ଜାତିର ଲୋକେ ବ୍ରତ୍ୟ କ୍ଷତ୍ରିୟ ରୂପେ ପରିଚିତ ଥିଲେ । ଏମାନେ କାଳକ୍ରମେ ଓଡ଼ରେ ପରିଣତ ହେଲେ । ଏହି ଉଡ୍ର ବା ଓଡ଼ ମାନଙ୍କର ବାସଭୂମି ଉଡ୍ର ଦେଶ ବା ଓଡ଼ିଶା । ଓଡ଼ିଶାରେ ବାସ କରିବା ହେତୁ ଏମାନେ ଓଡ଼ିଆ ରୂପେ ପରିଚିତ ହେଲେ । ଏହି ଓଡ଼ିଆ ମାନେ ସାହସୀ, ବୀର ଓ ସମର ପ୍ରିୟ ଜାତି ରୂପେ ପ୍ରାଚୀନ କାଳରୁ ସର୍ବଭାରତୀୟ ସ୍ତରରେ ସୁପ୍ରତିଷ୍ଠିତ ଥିଲେ । ଏହିମାନେ ଯୋଦ୍ଧା ଭାବରେ ଯେପରି ନିଜର ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଥିଲେ  ଉନ୍ନତ କୃଷକ ଭାବରେ ମଧ୍ୟ କୃଷି ଉତ୍ପାଦନ କରି ଦେଶକୁ ସମୃଦ୍ଧ କରୁଥିଲେ । କୁଶଳୀ କୃଷିକାରୀ ହେତୁ ଉନ୍ନତ ଉର୍ବର ଭୂମ୍ୟାଧିକାରୀ ଭାବରେ ଓଡ଼ିଶା ଓ ସନ୍ନିହିତ ଅଞ୍ଚଳ ମାନଙ୍କରେ ଏହି ଓଡ଼ିଆ ବା ଓଡ଼ଚଷା ମାନେ ସର୍ବତ୍ର ବାସ କରୁଥିବା ଦେଖାଯାନ୍ତି । କୃଷକ ରୂପରେ ନିଜର ଜୀବିକାର୍ଜନ କରୁଥିଲେ ହେଁ ଏମାନେ ସର୍ବଦା ନିଜର ସାହସ, ବୀରତ୍ୱ ଓ ସାମରିକ ସଂସ୍କୃତି ରକ୍ଷା କରୁଥିଲେ । ରାଷ୍ଟ୍ରରେ ଶାନ୍ତି ଶୃଙ୍ଖଳା ସମୟରେ କୃଷି ଉତ୍ପାଦନ କରି ରାଜ୍ୟକୁ ସମୃଦ୍ଧ କରିବା ସହିତ ପ୍ରୟୋଜନ ବେଳେ ନିଜ ନିଜର ଦଳପତିଙ୍କ ନିର୍ଦ୍ଦେଶରେ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଜନ୍ମଭୂମିର ସ୍ୱାଧୀନତା ରକ୍ଷା କରୁଥିଲେ କିମ୍ବା ନୂତନ ରାଜ୍ୟ ଜୟ କରୁଥିଲେ । ଏମାନଙ୍କ ସାମରିକ କୃତିତ୍ୱ ସଂପର୍କରେ ଇତିହାସରୁ ବହୁ ପ୍ରମାଣ ମିଳେ । ଏମାନେ ଶାସକ ସମ୍ରାଟ ମାନଙ୍କ ସାମରିକ ବାହିନୀରେ ପଦାତିକ, ଗଜାରୋହୀ ଓ ଅଶ୍ୱାରୋହୀ ସୈନ୍ୟ ଭାବରେ ଯୋଗ ଦେଉଥିଲେ । ଇତିହାସର ବିଭିନ୍ନ କାଳରେ ଉଡ୍ର, ଉତ୍କଳ ବା କଳିଙ୍ଗ ରାଷ୍ଟ୍ର ଗଜ ନିମନ୍ତେ ପ୍ରସିଦ୍ଧ ହୋଇଥିଲା । ରାଜନୀତି ବିଶାରଦ କୌଟିଲ୍ୟଙ୍କ ମତରେ "କଳିଙ୍ଗର ଗଜବଳ ସମଗ୍ର ଭାରତର ଗଜବଳ ଅପେକ୍ଷା ଉନ୍ନତ ଧରଣର" । ବିଖ୍ୟାତ ପରିବ୍ରାଜକ ହୁଏନ୍‌ସାଂଙ୍କ ପରି ଲେଖକଗଣ ମଧ୍ୟ ଏହି ରାଷ୍ଟ୍ରର ଗଜ ସଂପଦର ଭୂୟସୀ ପ୍ରଶଂସା କରିଥିବା ଜଣାଯାଏ । ଏହି ରାଷ୍ଟ୍ରର ସାମରିକ ବାହିନୀରେ ଗଜାରୋହୀ ସୈନ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ଓ ଏହି ହେତୁ ଉତ୍କଳର ସାର୍ବଭୌମ ଶାସକ 'ଗଜପତି' ରୂପରେ ପରିଚିତ ଥିଲେ । 'ଗଜପତି'ଙ୍କ ଅଧିନସ୍ଥ ପଦାତିକ ବାହିନୀରେ ମୁଖ୍ୟ ଅଂଶ ଗ୍ରହଣ କରିଥିବା ଏହି ଉଡ୍ର ବା ଓଡ଼ିଆ ସୈନିକମାନେ କାଳକ୍ରମେ ପାଇକ ରୂପରେ ପରିଚିତ ହେଲେ । ସମୟ ସ୍ରୋତରେ ଏହି ସାମ୍ରାଜ୍ୟର ପତନ ହେଲା । ସାମ୍ରାଜ୍ୟର ବିଭିନ୍ନ ଅଂଶ ବହୁ ଦଳପତିଙ୍କ ଅଧୀନରେ ଖଣ୍ଡ ବିଖଣ୍ଡିତ ହୋଇ ଆଞ୍ଚଳିକ ରାଜ୍ୟମାନ ସୃଷ୍ଟି ହେଲା । ସେହି ଆଞ୍ଚଳିକ ଦଳପତିମାନେ କାଳକ୍ରମେ ରାଜା

ମହାରାଜା ଭାବରେ ପରିଚିତ ହୋଇ ନିଜ ନିଜ ଅଧୀନସ୍ଥ ଅଞ୍ଚଳର ଶାସନ କଲେ । ସେ ସବୁ ରାଜ୍ୟର ସୁରକ୍ଷା ଓ ଶାସନ କାର୍ଯ୍ୟର ସୁପରିଚାଳନା ନିମନ୍ତେ ସୈନ୍ୟବାହିନୀର ଆବଶ୍ୟକ ହେଲା ଓ ସେମାନଙ୍କ ଅଧୀନରେ ଏହି ଓଡ଼ିଆମାନେ ପାଇକ ରୂପେ ନିଯୁକ୍ତ ହେଲେ । ଏହି ପାଇକ ମାନେ ଅତ୍ୟନ୍ତ ଦୁର୍ଦ୍ଧର୍ଷ ଓ ପ୍ରଭୁଭକ୍ତ ଥିବାର ଐତିହାସିକ ପ୍ରମାଣ ବିଦ୍ୟମାନ । ଏହିମାନଙ୍କ ସାହାଯ୍ୟରେ ହିଁ ଅତୀତରେ ଓଡ଼ିଶାର ଗଜପତି ସମ୍ରାଟମାନେ ଏକ ବିଶାଳ ସାମ୍ରାଜ୍ୟ ସ୍ଥାପନ କରିବାରେ ସମର୍ଥ ହୋଇଥିଲେ ।

ଓଡ଼ିଆ ପାଇକ ମାନେ ପ୍ରହରୀ, ବଣୁଆ ଓ ଢେଙ୍କିଆ - ଏପରି ତିନି ଭାଗରେ ବିଭକ୍ତ ଥିଲେ । ଏମାନେ ଖଣ୍ଡା, ଢାଲ, ଧନୁତୀର ପ୍ରଭୃତି ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ । ପାଇକମାନେ ମୁଣ୍ଡରେ ବାଘ ଚମଡ଼ାର ଟୋପି ଓ ଶରୀର ପାଇଁ ଶିକୁଳୀ ବନ୍ଧା ଧାତୁର ବର୍ମ ବ୍ୟବହାର କରୁଥିଲେ । ସେମାନେ ଦେହରେ ହଳଦିଆ ମାଟି ଓ ମୁହଁରେ ସିନ୍ଦୂର ବୋଳି ଯୁଦ୍ଧକୁ ଯାଉଥିଲେ । ଏହି ବେଶରେ ସେମାନେ ଅତି ଭୀଷଣ ଦେଖା ଯାଉଥିଲେ । ଐତିହାସିକ ଷ୍ଟାର୍ଲିଂଙ୍କ ମତରେ ଏହି ପାଇକ ସେନାମାନେ ମୋଗଲ ବା ମରାଠା ସୈନ୍ୟମାନଙ୍କ ଅପେକ୍ଷା କମ ଦୁର୍ଦ୍ଧର୍ଷ ନଥିଲେ । ଏମାନେ ରାଜାଙ୍କ ଠାରୁ ଜାଗିର ଜମି ପାଇ ଯୁଦ୍ଧ ବ୍ୟତୀତ ଅନ୍ୟ ସମୟରେ କୃଷି କର୍ମ କରୁଥିଲେ । (ସଂକ୍ଷିପ୍ତ ଓଡ଼ିଆ ଜ୍ଞାନ କୋଷ - ଉ.ବି.ବି.) ଜାତିବର୍ଣ୍ଣ ଧନ ନିର୍ବିଶେଷରେ ସମାଜର ସକଳ ଶ୍ରେଣୀର ଲୋକେ ପାଇକ ସେନାଭାବେ ନିଯୁକ୍ତ ହେଉଥିଲେ ।

ପ୍ରାଚୀନ କାଳରେ ଗଙ୍ଗ ଓ ଗଜପତି ମାନଙ୍କ ଅଧୀନସ୍ଥ ପଦାତିକ ବାହିନୀ ଫରିକାର, ଇଟିକାର ବା ବର୍ଚ୍ଛାଧାରୀ ଏବଂ ଧନୁର୍ଦ୍ଧାରୀ - ଏପରି ତିନିଭାଗରେ ବିଭକ୍ତ ଥିବାର କେତେକ ଐତିହାସିକ ବିବରଣୀରୁ ପ୍ରମାଣ ମିଳେ । ପଦାତି ବା ପାଇକ ବାହିନୀ ଗଠନ ସମ୍ବନ୍ଧରେ କେତେକ ତଥ୍ୟରୁ ଜଣାଯାଏ ଯେ ସତୁରି ଜଣ ସୈନ୍ୟ ବା ପାଇକ ସେନା ମିଶି ଏକ ଭୂୟାଁ ବା ଗୋଷ୍ଠୀ ଗଠିତ ହୁଏ । ସତେଇଶ ଜଣ ଭୂୟାଂଙ୍କ ମିଶ୍ରଣରେ ଏକ ଦଳ ଗଠିତ ହେଉଥିଲା । ଏହି ଦଳ ଏକ ବେସାମରିକ ସ୍ୱେଚ୍ଛାସେବୀ ବାହିନୀ ସଦୃଶ କାର୍ଯ୍ୟ କରୁଥିଲା ।

ସୈନ୍ୟ ସଂଗ୍ରହ ସଂପର୍କରେ ଗଙ୍ଗ ଓ ଗଜପତି ସମ୍ରାଟମାନେ ସେମାନଙ୍କ ସାମରିକ ସଂଗଠନରେ ବିଭିନ୍ନ ବାହିନୀରେ ବ୍ରାହ୍ମଣଠାରୁ ଶୂଦ୍ର ପର୍ଯ୍ୟନ୍ତ ସବୁ ଜାତିର ଲୋକଙ୍କୁ ନିଯୁକ୍ତ କରିଥିବାର ପ୍ରମାଣ ଉପଲବ୍ଧ ହୁଏ । ସାରଳା ଦାସଙ୍କ ମହାଭାରତରେ ଓଡ଼ିଆ ପାଇକ ମାନଙ୍କର ଚମତ୍କାର ବେଶ ବର୍ଣ୍ଣନା ଦୃଷ୍ଟିଗୋଚର ହୁଏ । ସୈନ୍ୟମାନେ ମଥାରେ ଧଳା ପାଗ, ଅଣ୍ଟାରେ ଶୁକ୍ଳ ପାଛୋଟିର ବେଢ଼ଣ, କଟିରେ ଖଣ୍ଡା ଓ ତଲୱାର, ଲଲାଟରେ କସ୍ତୁରୀ ତିଳକ, ପ୍ରଭୃତିରେ ସଜ୍ଜିତ ହେଉଥିଲେ । ସଂଗ୍ରାମରେ ଜୟଲାଭ ନିମିତ୍ତ କେତେକ ବିଧି ନିଷେଧ ପ୍ରଚଳିତ ଥିବା ସହିତ ଅନେକ ତାନ୍ତ୍ରିକ ପଦ୍ଧତିର ପ୍ରୟୋଗ କରାଯାଉଥିବା ପ୍ରମାଣ ମିଳେ । ଏତଦ୍ ବ୍ୟତୀତ

ସମର ଅସ୍ତ୍ର ଭାବରେ ଉତ୍କଳୀୟ ସୈନ୍ୟମାନେ ଚନ୍ଦ୍ର, ବାଘନଖିଆ, କାଣ୍ଡଶର, ବାଙ୍କ ଛୁରୀ, ଖଣ୍ଡଳ ଗଦା, ବର୍ଚ୍ଛା ପ୍ରଭୃତି ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିବାର ପ୍ରମାଣ ମିଳେ ।

ସମର କ୍ଷେତ୍ରରେ ସୈନ୍ୟମାନଙ୍କ ଆନନ୍ଦ ଓ ଉତ୍ତେଜନା ବୃଦ୍ଧି ନିମନ୍ତେ ସମର ବାଦ୍ୟ ଓ ନୃତ୍ୟ ଗୀତର ପ୍ରଚଳନ ଥିଲା । ଆମୋଦ ପ୍ରମୋଦ, ଗୀତ, ନୃତ୍ୟ କୌତୁକ, ପ୍ରହସନ ମୂଳକ ହାସ୍ୟ, ଲାସ୍ୟ ଅଭିନୟ ଦ୍ୱାରା ସୈନ୍ୟ ମାନଙ୍କ ମନକୁ ସର୍ବଦା ଉତ୍‌ଫୁଲିତ ରଖାଯାଉଥିଲା । ସମର ବାଦ୍ୟ ଭାବରେ ସାଧାରଣତଃ ଢୋଲ, ଟଙ୍ଗୁ, ଢିପା, ଖୁଟି, ଅଜଘର, କାଠିଆ ମାଳ, ଶିଙ୍ଗା, ତୁରୀ, ଭେରୀ ପ୍ରଭୃତିର ସାହାଯ୍ୟରେ ଏକ ଶକ୍ତି ପ୍ରଦାୟକ ତାଳ ଓ ସଂଗୀତ ସୃଷ୍ଟି କରି ସୈନ୍ୟଗଣଙ୍କ ଉତ୍ସାହ ଓ ଉତ୍ତେଜନା ବୃଦ୍ଧିରେ ସହାୟକ ହେଉଥିଲା । ଉତ୍କଳୀୟ ବାହିନୀର ସମର ସଜାରେ କେତେକ ସମର ସଙ୍ଗୀତ ଯଥା – "ମଲେ ପଛେ ମରିବା ରଣେ, ଆମ ଭଳି ଅଛନ୍ତି ପଣେ ।" ପ୍ରଭୃତିରୁ ଓଡ଼ିଆ ବାହିନୀର ସାହସ, ବୀରତ୍ୱର ଉତ୍କର୍ଷ ପ୍ରତିପାଦିତ ହୁଏ । ରାଷ୍ଟ୍ର ଦେବତା ଜଗନ୍ନାଥ ହିଁ ଉତ୍କଳର ସର୍ବମୟ କର୍ତ୍ତା ଓ ସେ ସୈନ୍ୟ ବାହିନୀରେ ପାଇକ ଭାବରେ ଗଜପତିଙ୍କ ସମରାଭିଯାନରେ ବଡ଼ଭାଇଙ୍କ ସହ ଅଗ୍ରଣୀ ହେବାର କିମ୍ବଦନ୍ତୀୟ ପ୍ରମାଣରୁ ରାଷ୍ଟ୍ର ମୁଖ୍ୟଙ୍କର ସାମରିକ ବିଚକ୍ଷଣତା ସଂପର୍କୀୟ ସୂଚନା ପ୍ରଦାନ କରେ ।

ପ୍ରାଚୀନ ଓଡ଼ିଆ ପାଇକ ମାନଙ୍କ ବୀରତ୍ୱ, ସାହସ ଓ କର୍ମ ଦକ୍ଷତା ନିମନ୍ତେ ବିଭିନ୍ନ ପଦବୀରେ ସେମାନଙ୍କୁ ବିଭୂଷିତ କରାଯାଉଥିଲା । ସେ ସବୁ ପଦ ପଦବୀ ଅଦ୍ୟାବଧି ସମଗ୍ର ଓଡ଼ିଶା ସମେତ ବିଭିନ୍ନାଞ୍ଚଳରେ ମଧ୍ୟ ପ୍ରଚଳିତ ରହିଅଛି ।

ଛଉ ନୃତ୍ୟ ବିକଶିତ ଅଞ୍ଚଳରେ ଅବସ୍ଥିତ ରାଜନ ବର୍ଗଙ୍କର ସାମରିକ ବିଭାଗରେ ପାଇକ ବାହିନୀର ଅବଦାନ ଗୁରୁତ୍ୱପୂର୍ଣ୍ଣ । ଉତ୍କଳର ଗଜପତିଙ୍କର ଦୁର୍ଦ୍ଧର୍ଷ ପାଇକ ବାହିନୀର ଅନୁକରଣରେ ଅଧୀନସ୍ଥ ରାଜାମାନେ ନିଜ ନିଜ ରାଜ୍ୟରେ ସାମରିକ ବାହିନୀକୁ ସଂଗଠିତ କରାଉଥିଲେ । ଏମାନେ ନିୟମିତ ଭାବରେ କଠୋର ଶୃଙ୍ଖଳା ମଧ୍ୟରେ ପାରମ୍ପରିକ ରୀତିରେ ସମରାଭ୍ୟାସ କରୁଥିଲେ । ପରବର୍ତ୍ତୀ ପରିବର୍ତ୍ତିତ ପରିସ୍ଥିତିରେ ଏହି ସମରାଭ୍ୟାସ ଏକ ନାଚ ରୂପରେ ପ୍ରଚଳିତ ହେଲା । ଏହା କୌଣସି ନିର୍ଦ୍ଦିଷ୍ଟ ଜାତି ବା ଗୋଷ୍ଠୀର ପାରମ୍ପରିକ ନାଚ ନୁହେଁ । ଅତୀତର ଏହି ଅଞ୍ଚଳର ରାଜନ୍ୟବର୍ଗଙ୍କର ପାଇକ ବାହିନୀ ସହିତ ମୋଗଲ, ପଠାଣ, ମରହଟ୍ଟା ଓ ଇଂରେଜ ବାହିନୀ ସହିତ ବହୁ ସଂଘର୍ଷ ସଂଘଟିତ ହୋଇଥିବାର ପ୍ରମାଣ ବିଦ୍ୟମାନ । ଛଉନୃତ୍ୟ ବିକଶିତ ଅଞ୍ଚଳର ରାଜନ୍ୟବର୍ଗଙ୍କର ସୈନ୍ୟ ବାହିନୀରେ କ୍ଷତ୍ରୀୟ / ଖଣ୍ଡାୟତ ମାନଙ୍କ ବ୍ୟତୀତ ଆଞ୍ଚଳିକ ଅଧିବାସୀ ଭୂୟାଁ, ବାଥୁଡ଼ି, ଭୂମିଜ, ସାନ୍ତାଳ, ପୁରାଣ, ଧରୁଆ, ଗଣ୍ଡ, କୁଡୁମୀ ପ୍ରଭୃତି ବିଭିନ୍ନ ଗୋଷ୍ଠୀ ଓ ଜାତିର ଲୋକେ ଅନ୍ତର୍ଭୁକ୍ତ ହୋଇଥିଲେ । ସାଧନ ନାଚ / ଖେଳ ସମର ବିଦ୍ୟାର ଅନ୍ତର୍ଭୁକ୍ତ ହୋଇଥିଲା । ଆମେରିକୀୟ ଗବେଷିକା ଡକ୍ଟର ଜୁଡ଼ି ବ୍ଲେକ୍(୧୯୭୩)

ପାଇକ ଆଖଡ଼ା ଓ ବାଥୁଡ଼ିମାନଙ୍କର ସାଧନ ଆଖଡ଼ା ମଧ୍ୟରେ କେତେକ ପାର୍ଥକ୍ୟ ଦର୍ଶାଇ ଅଛନ୍ତି । ସେଗୁଡ଼ିକ ହେଲା (୧) ଭୂୟାଁମାନେ ମକର ସମୟରେ ଭୈରବଶାଳରେ ଅସ୍ତ୍ର ପୂଜା କରନ୍ତି । ପାଇକମାନେ ଦଶହରା ସମୟରେ ଦେବୀ ଦୁର୍ଗାଙ୍କ ନିକଟରେ ଅସ୍ତ୍ର ପୂଜା କରନ୍ତି । (୨) ଭୂୟାଁମାନେ ଅସ୍ତ୍ର ପୂଜା କରିବା ପାଇଁ ଦେହୁରୀ ନିଯୁକ୍ତ କରନ୍ତି । ପାଇକମାନେ ବ୍ରାହ୍ମଣଙ୍କ ଦ୍ୱାରା ପୂଜା କରନ୍ତି । (୩) ଭୂୟାଁମାନେ ଭୈରବଙ୍କୁ ଲାଲ ରଙ୍ଗର କୁକୁଡ଼ା ବଳି ଦିଅନ୍ତି । ପାଇକମାନେ ଦେବୀ ଦୁର୍ଗାଙ୍କ ନିକଟରେ ବୋଦା ବଳି ଦିଅନ୍ତି । (୪) ସାଧନ ଆଖଡ଼ା ପାଇକ ଆଖଡ଼ା ପରି ପରିମାର୍ଜିତ ନୁହେଁ ।

ସମଗ୍ର ଅଞ୍ଚଳରେ ପାଇକମାନେ ଓଡ଼ିଆ ନବବର୍ଷ ସୁନିଆଁ ଦିନରେ ଇନ୍ଦ୍ର ବା ଛାତା ପରବରେ ରାଜା / ଜମିଦାରଙ୍କୁ ସେମାନଙ୍କ ଆନୁଗତ୍ୟ ପ୍ରକାଶ କରି ଭେଟି ପ୍ରଦ.ନ କରିଥାନ୍ତି । ଏହା ସୁନିଆଁ ଭେଟି ଭାବରେ କଥିତ ହୋଇଥାଏ । ପାଇକମାନେ ଶାସକ ମାନଙ୍କୁ ସାମରିକ ଅଭିବାଦନ ପ୍ରଦର୍ଶନ ବଳରେ ନିର୍ଦ୍ଦିଷ୍ଟ ରୀତିରେ ଆଗକୁ ଗୋଡ଼ ଟେକି, ଅଣ୍ଟା ନୁଆଇଁ, ନିଜ ନିଜ କପାଳରେ ଅସ୍ତ୍ର ଠୁକି, ଛାତି ଉପରେ ବଦ୍ଧମୁଷ୍ଟି ରଖି ପାଇକ ପ୍ରଣାମ କରିଥାନ୍ତି । ଏଥି ସହିତ ଘୋଷଣାଟିଏ ନିଜ ମୁଖରେ ବୋଲିଥାନ୍ତି । ସେଟି ହେଲା- "ସ୍ୱର୍ଗରେ ଇନ୍ଦ୍ର ମର୍ତ୍ତ୍ୟରେ ନରେନ୍ଦ୍ର" ଇତ୍ୟାଦି । ପାଇକମାନେ ଯୁଦ୍ଧାସ୍ତ୍ର ରୂପେ ବ୍ୟବହୃତ ଖଣ୍ଡା, ଢାଲ, ତଲୱାର, ବାଡ଼ି ଆଦି ସାହାଯ୍ୟରେ ଏଇ ସମୟରେ ବିଭିନ୍ନ ପ୍ରକାର ଖେଳ ଓ ଯୁଦ୍ଧ କୌଶଳ ପ୍ରଦର୍ଶନ କରିଥାନ୍ତି । ସାଂପ୍ରତିକ କାଳ ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଷଢେଇକଳା, ଖରସୁଆଁ ପ୍ରଭୃତି ଗଡ଼ଜାତ ରାଜ୍ୟ ମାନଙ୍କରେ ବିଭିନ୍ନ ସ୍ଥାନରେ ଦଶହରା ଓ ମକର ସମୟରେ ପାଇକ ନାଚ ଅନୁଷ୍ଠିତ ହୁଏ । ଓଡ଼ିଶାର କେତେକ ଗଡ଼ଜାତ ରାଜ୍ୟ ମାନଙ୍କରେ ପାଇକ ଆଖଡ଼ା, ପାଇକ ବେଶ, ପାଇକ ପ୍ରଣାମ ପ୍ରଭୃତି ସଂପର୍କୀୟ କେତେକ ଲୋକଗୀତ ପ୍ରଚଳିତ ଥିବାର ଦେଖାଯାଏ । ସେ ସବୁଥିରେ ପାଇକ ମାନଙ୍କର ସାହସ, ବୀରତ୍ୱ, ତ୍ୟାଗ, ନିଷ୍ଠା, ସାଧନା ସଂପର୍କୀୟ ଉତ୍କର୍ଷ ପ୍ରକାଶିତ ହୋଇଛି । ରାଜାଙ୍କ ଆହ୍ୱାନ କ୍ରମେ ପାଇକମାନେ ଯୁଦ୍ଧରେ ଯୋଗ ଦେଉଥିଲେ । ସୁନ୍ଦର ସ୍ୱାସ୍ଥ୍ୟ, ସୁଗଠିତ ସୁଦୃଢ଼, ଶୃଙ୍ଖଳିତ କୁସ୍ତି କସରତ, ମଲ୍ଲବିଦ୍ୟା ପାରଙ୍ଗମ ଗୋଟିଏ ଗୋଟିଏ ସଂଘବଦ୍ଧ ଦଳକୁ ବା ଗୋଷ୍ଠୀକୁ 'ପାଇକାଳି' ବୋଲାଯାଏ । ଏହି ପାଇକ ମାନେ ପ୍ରତ୍ୟହ ନିୟମିତ ଭାବରେ ବିଭିନ୍ନ ରଣକୌଶଳ ଅଭ୍ୟାସ ନୃତ୍ୟ କରିଥାନ୍ତି । ତେଣୁ, ଏହାକୁ 'ପାଇକାଳି ନାଚ' ବୋଲାଯାଏ । (ଡଃ ପଦ୍ମ ଲୋଚନ ମହାନ୍ତ, ବିଶ୍ୱ ଭାରତୀ ଦୀପିକା - ୮: ୧୯୮୭) । ପାଇକ ନାଚର କଳା କୌଶଳ ଗୁଡ଼ିକ ଛଉ ନାଚର କୌଶଳ ସହ ଘନିଷ୍ଠ ସାମ୍ୟ ରକ୍ଷା କରିଅଛି ।

ଘଣ୍ଟାନାଚ: ସାନ୍ତାଳ ମାନଙ୍କ ମଧ୍ୟରେ ଘଣ୍ଟାନାଚ ପ୍ରଚଳିତ । ଏହା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଗତ ନାଚ । ଓଡ଼ିଶାର ମୟୂରଭଞ୍ଜ, କେଉଁଝର, ବାଲେଶ୍ୱର, ସୁନ୍ଦରଗଡ଼ ଓ ଢେଙ୍କାନାଳ, ବିହାର

ପ୍ରଦେଶର ସିଂଭୂମ, ରାଞ୍ଚି, ସାନ୍ତାଳ ପ୍ରଗଣା ଏବଂ ପଶ୍ଚିମବଙ୍ଗର ପୁରୁଲିଆ, ବାଙ୍କୁଡ଼ା ଓ ମେଦିନୀପୁର ଜିଲ୍ଲାର ସାନ୍ତାଳ ଅଧ୍ୟୁଷିତ ଗ୍ରାମ ମାନଙ୍କରେ ଘଣ୍ଟା ନାଚ ପ୍ରଚଳିତ ଜଣାଯାଏ ।

କାଳୀପୂଜାରେ ବାନ୍ଦଣା ଯେପରି କୁଡୁମୀ ମହାନ୍ତ ମାନଙ୍କର ଏକ ଜାତୀୟ ପର୍ବ, ସେହିପରି କମର ପର୍ବରେ ସାନ୍ତାଳ ମାନଙ୍କ ଘଣ୍ଟା ଏକ ଜାତୀୟ ପର୍ବ । ଏତଦ୍ ବ୍ୟତୀତ ବର୍ଷର ବିଭିନ୍ନ ସମୟ ଓ ପର୍ବରେ ଯଥା – ରଥଯାତ୍ରା, କାଳୀପୂଜା, କୁମାର ପୂର୍ଣ୍ଣିମା ଓ ଦୋଳ ସମୟରେ ଘଣ୍ଟା ନାଟ / ନାଚ ପ୍ରଦର୍ଶିତ ହୁଏ । ମୁଖ୍ୟତଃ ରାମାୟଣ କଥା, ପ୍ରାକୃତିକ, ସାମାଜିକ ବିଷୟ ଆଧାରିତ ଘଣ୍ଟା ଏକ ବୀର ରସାତ୍ମକ ଲୋକନାଟ । ଧନୁତୀର, ବର୍ଚ୍ଛା, ଖଣ୍ଡା, ଟାଙ୍ଗିଆ ପ୍ରଭୃତି ଅସ୍ତ୍ର, ନାଗରା, ଧମସା, ମାଦଳ, ଝୁମୁକା, ଝାଞ୍ଜ, ଘଣ୍ଟା, ଚଡ଼ଚଡ଼ି, ମହୁରୀ, ବାନମ୍, କେନ୍ଦରା, ଶାନୁଆ (ଶିଙ୍ଗା), ହାରମୋନିୟମ, ହୁଇସିଲ ପ୍ରଭୃତି ବାଦ୍ୟଯନ୍ତ୍ର ଏ ନାଟରେ ବ୍ୟବହୃତ ହୁଏ । ବଡ଼ ବଡ଼ ଧମସା ଶଗଡ଼ରେ ଲଦା ହୋଇ ଆସେ ଓ ଏକ ସମୟରେ ଦୁଇ ତିନିଜଣ ବାଦ୍ୟକାର ନାଟବେଳେ ଏସବୁ ବଜାଇଥାନ୍ତି ।

ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମୟରେ ଘଣ୍ଟାନାଟ ଅନୁଷ୍ଠିତ ହୁଏ । ତିରିଂ ଅଞ୍ଚଳରେ କାଳିପୂଜା ପାଞ୍ଚଦିନ ହୁଏ । ପ୍ରଥମ ଦିନରେ ରିଂଜା (ଝା), ଦ୍ୱିତୀୟ ଓ ତୃତୀୟ ଦିନରେ ଘଣ୍ଟା, ଚତୁର୍ଥ ଦିନରେ ବୁଢ଼ୀ କରମ ଓ ପଞ୍ଚମ ଦିନରେ ବୁଢ଼ା କରମ ନାଟ ଅନୁଷ୍ଠିତ ହୁଏ । ଉଦଳା ସବ୍‌ଡିଭିଜନ ଅନ୍ତର୍ଗତ ଗୁଡ଼କାନ୍ଥୀ ଗ୍ରାମରେ ମକର ପରବରେ ଘଣ୍ଟା ନାଟ ସାତଦିନ ଧରି ଚାଲେ । ନାଟ ପୂର୍ବରୁ ମାସେ ଦେଢ଼ମାସେ ଆଖଡ଼ା ମଡ଼ା (ଅଭ୍ୟାସ) ହୁଏ । ତିରିଂ ଗ୍ରାମର ପଧାନଙ୍କ ଘର ଆଗରେ ଜାହିରା, ମଣେକ ଓ ମାଝିଆତାମଙ୍କ ଆସ୍ଥାନ । ଏ ତିନିଙ୍କୁ ପୂଜା ଦେବା ପରେ ଆଖଡ଼ା ଆରମ୍ଭ ହୁଏ । ଗୁଡ଼କାନ୍ଥୀ ଗ୍ରାମରେ ମଧ ମାଝିଆତାମଙ୍କ ଘରେ ପ୍ରଥମେ ନାଟ ଆରମ୍ଭ ହୁଏ । ସାତଦିନ ଧରି ଆଖପାଖ ଗ୍ରାମରେ ନାଟ ପ୍ରଦର୍ଶିତ ହୋଇ ତାଙ୍କ ଘରେ ନାଟ ଅନୁଷ୍ଠିତ ହୋଇ ଶେଷ ହୁଏ ।

ଘଣ୍ଟା ଏକ ଆଦିବାସୀ ଗୋଷ୍ଠୀର ନୃତ୍ୟ । ଏ ନାଟରେ ଦୁଇ ଜଣରୁ ଚାଳିଶ / ପଚାଶ ଜଣ ପର୍ଯ୍ୟନ୍ତ ସମୟ ଓ ସ୍ଥାନ ବିଶେଷରେ ଦୁଇଶହ ଜଣ ପର୍ଯ୍ୟନ୍ତ ନୃତ୍ୟକାରୀ ଏଥିରେ ଅଂଶ ଗ୍ରହଣ କରନ୍ତି । ଧନୁତୀର, ଢାଲ, ବର୍ଚ୍ଛା ଧରି ଯୁଦ୍ଧାଭିନୟ ଚାଲେ । ନାଟ ସାଙ୍ଗକୁ ଗୀତ ମଧ ଗାନ ହୁଏ । ନାଟ ଆରମ୍ଭକ ପୂର୍ବରୁ ପ୍ରଥମେ ଗୀତ (ସାନ୍ତାଳୀ / ଝୁମୁରୀ ଗୀତ) ଗାନ ହୁଏ । ଗୀତ ପରେ ନାଟ ହୁଏ । ପ୍ରଥମେ ମାଝିଆତାମଙ୍କର ଆଶୀର୍ବାଦ ଭିକ୍ଷା କରାଯାଏ ।

ଗୀତ ଗୁଡ଼ିକ ମୁଖ୍ୟତଃ ରାମାୟଣର କଥାବସ୍ତୁ ଉପରେ ଆଧାରିତ । ଏଥିରୁ ଆଦିବାସୀ ଜନଜୀବନ ଉପରେ ହିନ୍ଦୁ ସଂସ୍କୃତିର ଗଭୀର ପ୍ରଭାବର ସୂଚନା ମିଳେ ।

ଘଣ୍ଟାରେ କେବଳ ପୁରୁଷମାନେ ଅଂଶ ଗ୍ରହଣ କରନ୍ତି । ସ୍ଥାନ ବିଶେଷରେ ପୁଅମାନେ ଝିଅ / ନାରୀ ବେଶରେ ନୃତ୍ୟ କରନ୍ତି । ନୃତ୍ୟକାରୀ ମାନେ ମୁଣ୍ଡରେ ପଗଡ଼ି ଭିଡ଼ନ୍ତି । ପିନ୍ଧାଲୁଗା କଛା ମାରିଥାନ୍ତି । କେହି କେହି ଗେଞ୍ଜି ପିନ୍ଧନ୍ତି । କେହି କେହି ଗାଆଣ କିମ୍ବା ନାଚୁଣୀ ମାନଙ୍କ ପରି ଧୋତି ଓ କୁଞ୍ଚ କୁଞ୍ଚ ଘାଗରା ପିନ୍ଧନ୍ତି । ଅନ୍ୟାନ୍ୟ ଚରିତ୍ର ମାନେ ଚରିତ୍ର ଉପଯୋଗୀ ଯାତ୍ରାକାରୀ ମାନଙ୍କ ପରି ଜରିଦିଆ ପୋଷାକ ପିନ୍ଧନ୍ତି ।

ଘଣ୍ଟାର ଚରିତ୍ରମାନେ ମଥାରେ ମୁକୁଟ, ମୟୂର ପୁଚ୍ଛ, ମଥାମଣି, କାନରେ କୁଣ୍ଡଳ ଓ ବଳା, ଗଳାରେ କଣ୍ଠି, କାଗଜଫୁଲର ହାର, ଗୋଡ଼ରେ ଖଡ୍ଡୁ, ନୂପୁର, ହାତରେ ଖଡ୍ଡୁ, ବଳା, ଆଙ୍ଗୁଳିରେ ମୁଦି ଓ ଅଣ୍ଟାରେ ଅଣ୍ଟାପଟି ପ୍ରଭୃତି ଅଳଙ୍କାର ବ୍ୟବହାର କରନ୍ତି ।

ଘଣ୍ଟାରେ ମୁଖା ବ୍ୟବହୃତ ହୁଏ । ନୃତ୍ୟକାରୀ ମାନେ ମାଙ୍କଡ଼, ଭାଲୁ, ମକା ସାପ, ବାଘ, ପ୍ରଭୃତି ଆରଣ୍ୟକ ଜୀବଜନ୍ତୁମାନଙ୍କର ମୁଖା ବ୍ୟବହାର କରନ୍ତି । ରାଇରଙ୍ଗପୁରର ଏଙ୍କାପାଣି ଗ୍ରାମରୁ ନିଜ ଗୋଷ୍ଠୀର ମାଗାତ୍ ନାମକ ଜଣେ ମୁଖାଶିଳ୍ପୀ ଆସି ଗୁଡ଼କାନ୍ଥୀ ଗ୍ରାମରେ ମୁଖା ତିଆରି କରୁଥିବାର ଜଣାଯାଏ ।

ଡାଣ୍ଟାର କେତୋଟି ପ୍ରସିଦ୍ଧ ନାଚର ନାମ ହେଉଛି – ରାମ ଲକ୍ଷ୍ମଣ, ଦୁଇ ସମୁଦି ଜୁହାର, ଫୁଟବଲ ଖେଳ, ବାଘଭାଲୁ ନାଚ, ଠେକୁଆ ହଣା, ମକା ସାପ, ହନୁମାନ ନାଚ ଇତ୍ୟାଦି । ଘଣ୍ଟାରେ ଏପରି ବହୁ ପ୍ରକାର ନାଚରେ ତାଳର ସଂଖ୍ୟା ସମାନ ନୁହେଁ । ନାଚରେ ତାଳ ଅନୁସାରେ ବାଦ୍ୟ ବାଜେ । ତିନି, ପାଞ୍ଚ, ଆଠ ଏପରି ତାଳର ସଂଖ୍ୟା । ମାଟି ହାଣିବା ଓ ଖୋଳିବା, ଶିକାର କରିବା, କୃଷି କ୍ଷେତ୍ରରେ ବିଭିନ୍ନ କାମର ଅଙ୍ଗଭଙ୍ଗୀ ଓ ଶୈଳୀ ଘଣ୍ଟା ନାଚରେ ଉପଯୋଗ ହୁଏ । ଏହି ନାଚର ବିଭିନ୍ନ ଭଙ୍ଗୀ, ଶୈଳୀ ଓ ତାଳ ସହିତ କରମା, ଗିଂଜା, ଭାଲୁ, ସାଦନ (ସାଧନ), ପାଇକାଳି ଓ ଛଉ ନାଚର ଶୈଳୀ ଏବଂ ତାଳର ସାମଞ୍ଜସ୍ୟ ରହିଅଛି ।

**ନାଚୁଆ ନାଚ:** ସମଗ୍ର ପୁରୁଲିଆ, ମାନଭୂମ ଓ ସିଂଭୂମର ସନ୍ନିହିତ ଅଞ୍ଚଳରେ ଏହି ନାଚ ପ୍ରଚଳିତ । ଏହା ଏକ ପୌରୁଷ ଦୀପ୍ତ ନାଚ । ଛଉ ନାଚ ପରି ଏହା ଏକ କଷ୍ଟସାଧ ନାଚ । ଏଥିରେ ଏକ / ଦୁଇ / ତିନି / ଚାରି ଜଣ ନୃତ୍ୟକାରୀ ନାଚନ୍ତି । କୁସ୍ତି କସରତ ବା ଶରୀର ଚର୍ଚ୍ଚା ଏହି ନାଚର ପ୍ରୟୋଜନୀୟ ଉଦ୍ଦେଶ୍ୟ । ବୀର ହେଉଛି ଏହାର ଅଙ୍ଗୀରସ । ଦେବତା ଶିବ । ବାଦ୍ୟଯନ୍ତ୍ର – ଢୋଲ, ତାଳ, ମହୁରୀ, ଧମସା, ପେପ୍‌ଟି (ସାହାନାଇ), କରାୟ, କରତାଳ ପ୍ରଭୃତି । ଦେବତା ଭାବରେ ଶିବଙ୍କ ବ୍ୟତୀତ ମନସା ଓ କାଳୀଙ୍କୁ ମଧ୍ୟ ଉପାସନା କରାଯାଏ ।

ସାଧାରଣତଃ ବାଉରୀ, ସହିସ (ହାଡ଼ି) ଓ ଡମ ମାନଙ୍କ ମଧ୍ୟରେ ଏ ନାଚ ଅଧିକ ପ୍ରଚଳିତ । କେତେକ ସ୍ଥାନରେ କୁଡୁମୀ, ଭୂମିଜ, ତେଲୀ, କୁମ୍ଭାର ମାନେ ମଧ୍ୟ ଏ ନାଚ ନାଚନ୍ତି ।

ନାଟୁଆ ଧୋତିକୁ ପାଇକଛା ମାରିଥାଏ । କମରରେ କମରପଟି କିମ୍ବା ଗାମୁଛାକୁ ଶକ୍ତ କରି ବାନ୍ଧିଥାଏ । ଅଣ୍ଟାଠାରୁ ବାହୁ ପର୍ଯ୍ୟନ୍ତ ଦୁଇ ହାତରେ ହଳଦୀ, ଲାଲ ଓ ସାଦା ରଙ୍ଗର ଲମ୍ବା ଲମ୍ବା ଫିତା ବାନ୍ଧି ଓହଳାଇ ଥାଏ । ଛାତିରେ ଗଞ୍ଜି ଉପରେ ରଙ୍ଗ ବେରଙ୍ଗର ଲମ୍ବା କନାର ପଟି ଆଣ୍ଠୁଠାରୁ ପିଠି ପର୍ଯ୍ୟନ୍ତ ଓ ପେଟ ଉପର ଦେଇ ବନ୍ଧା ଯାଇଥାଏ । ବେଳେ ବେଳେ ନାଟୁଆ ଗଞ୍ଜି ପିନ୍ଧି ନଥାଏ । ଖାଲିଦେହରେ ଥାଇ ମଥାରେ ପାଗ ଓ ଛିଟ ସବୁ ଭିଡ଼ିଥାଏ ।

ନାଟୁଆର ଗୋଡ଼ରେ ଚରି ପାଞ୍ଚ ଥାକ ବଡ଼ ବଡ଼ ଘୁଙ୍ଗୁର ବନ୍ଧା ଯାଇଥାଏ । ବାଙ୍କି, ବଳା, ଖଡୁ ପିନ୍ଧେ । ଗଳାରେ ନାନାରଙ୍ଗର କଣ୍ଠିମାଳ, ନାକରେ ନାକଚଣା, କାନରେ କାନଫୁଲ । ମୁଖରେ ନାନା ରଙ୍ଗର ମାଟି ଲେସିଥାଏ । ପଗଡ଼ିରେ ମୟୂରପୁଚ୍ଛ ଖୋସେ, କେତେବେଳେ ବାମ ହାତରେ ରଙ୍ଗୀନ ରୁମାଲ କିମ୍ବା ଗାମୁଛା ଧରିଥାଏ ।

ନାଟୁଆର ବାମ ହାତରେ ଫରୀ ଓ ଡାହାଣ ହାତରେ ଖଣ୍ଡା ଥାଏ । ଫରୀରେ ଦର୍ପଣ ଲାଗିଥାଏ । ନାଟୁଆ ଉଲଫା (ଡିଗବାଜୀ) ଦେଇ ବିଭିନ୍ନ କୌଶଳ ଦେଖାଏ । କେତେବେଳେ କାନ୍ଧରେ ଢେଙ୍କି ଆଉ କେତେବେଳେ ଶଗଡ଼ ଚକ ନେଇ ଘୂରାଏ । ପୂର୍ବକାଳର ପାଇକ ସୈନ୍ୟ ମାନଙ୍କର ରଣ କୌଶଳ ନାଟୁଆ ନାଚର ବିଶେଷତ୍ୱ । ଏ ସବୁ ହେଲା ନୁଆନ୍ (ନଇଁ ପଡ଼ିବା), ଉଲଫା, ଡିଗବାଜୀ, ହାତ ଗାଜାବାଜୀ (ହାତ ଉପରେ ଭରାଦେଇ ଭୂମିରେ ଠିଆ ହେବା), ଜୋଡ଼ ବାଜୀ ଇତ୍ୟାଦି କୌଶଳ । ପୂର୍ବେ ନାଟୁଆ ନାଚର କୌଣସି ବିଷୟବସ୍ତୁ ନଥିଲା । ସାଂପ୍ରତିକ କାଳରେ କେତେକ ବିଷୟ ସଂଯୋଜିତ ହୋଇଛି । ସେହିପରି ପୂର୍ବରୁ ଗୀତ ନଥିଲା । ଏବେ ଗୀତର ସଂଯୋଜନ ଦେଖାଯାଏ । ତାଳର ବାଜଣା ସହିତ ବିଭିନ୍ନ ତାଳରେ ନାଟୁଆ ନାଚିଥାଏ ।

ନାଟୁଆ ନାଚର ଶିକ୍ଷା ବଂଶାନୁକ୍ରମିକ । ପିତାଠାରୁ ପୁତ୍ର ଏହା ଶିକ୍ଷା କରେ । ପ୍ରତ୍ୟେକ ନାଟୁଆ ଘରେ ଆଖଡ଼ା (ନାଚ ଶିକ୍ଷା ସ୍ଥାନ) ଥାଏ । ପିତା ସହିତ ପୁତ୍ର ନାଚ ନିମନ୍ତେ ନାଚ ଦଳ ସହିତ ଯାଇଥାଏ । ଦଶ ଏଗାର ବର୍ଷ ବୟସରୁ ନାଟୁଆ ନାଚ ଶିକ୍ଷା ଆରମ୍ଭ କରନ୍ତି । ନାଟୁଆ ନାଚରେ ସଫଳତା ନିମନ୍ତେ ଶିବ ମନ୍ଦିରକୁ ଯାଇ ଧାରଣା ଦିଅନ୍ତି ।

ନାଚର ଅଭ୍ୟାସ ନିମନ୍ତେ ପ୍ରତିଦିନ ସନ୍ଧ୍ୟା ପରେ ଆଖଡ଼ା ଆରମ୍ଭ ହୁଏ । ବାଦ୍ୟ ବାଜେ, କାଇଦା ଗୁଡ଼ିକୁ ପ୍ରତିଦିନ ଅଭ୍ୟାସ କରିବାକୁ ହୁଏ । ନାଟୁଆ ଆଖଡ଼ା ଆରମ୍ଭରେ ଶିବଙ୍କୁ ଆରାଧନା କରିଥାଏ ।

ନାଟୁଆ ନାଚ ସାରା ବର୍ଷ ଧରି ଅନୁଷ୍ଠିତ ହୁଏ । ତେବେ ଛଉ ନାଚ ପରି ଏହା ଅଗ୍ରହାୟଣ ମାସରୁ ରୋହିଣୀ ପର୍ଯ୍ୟନ୍ତ ଅଧିକ ଅନୁଷ୍ଠିତ ହୁଏ । ନାଟୁଆ ନାଚ ସାଧାରଣତଃ ଦିନବେଳେ ଅନୁଷ୍ଠିତ ହୁଏ । ବେଳେବେଳେ ରାତ୍ରି ଦ୍ୱିପ୍ରହର ପର୍ଯ୍ୟନ୍ତ ମଧ୍ୟ ଅନୁଷ୍ଠିତ ହୁଏ । ବର୍ଷାଦିନେ ସାଧାରଣତଃ ଏହା ବନ୍ଦ ଥାଏ ।

ବିବାହ, ପାରିବାରିକ ଉତ୍ସବ, ଦୁର୍ଗାପୂଜା, ଇନ୍ଦ ପର୍ବ, ଚଡ଼କ ଓ ବାସନ୍ତୀ ପୂଜା ସମୟରେ ନାଟୁଆ ନାଚ ଅନୁଷ୍ଠିତ ହୁଏ । ବିବାହ କାଳରେ ବର ସହିତ ନାଟୁଆ ଯିବାର ଏ ଅଞ୍ଚଳରେ ଏକ ପ୍ରଚଳିତ ବିଧି । ଶ୍ରୀ ସୃଷ୍ଟିଧର ମାହାତୋ 'ଛତ୍ରାକ' ୧୦ମ ବର୍ଷ ୩ୟ ସଂଖ୍ୟାରେ ନାଟୁଆ ନାଚ ସମ୍ବନ୍ଧରେ ଏପରି ବର୍ଣ୍ଣନା କରିଛନ୍ତି ।

ନାଟୁଆ ନାଚ ନିମନ୍ତେ ମଞ୍ଚଟି ଗୋଲାକାର ହୋଇଥାଏ । ଚାରି ପାଖରେ ଦର୍ଶକ ବସିଥାନ୍ତି । ଗୋଟିଏ ପାଖରେ ବାଦ୍ୟକାର ମାନେ ବସନ୍ତି । କେଉଁଠି କେଉଁଠି ଜଣେ କିମ୍ବା ଦୁଇଜଣ ନାଟୁଆ ନାଚ ପ୍ରଦର୍ଶନ କରନ୍ତି । ଏହା ଦେଖିବା ପାଇଁ ପ୍ରବଳ ଜନସମାଗମ ହୁଏ ।

ନାଟୁଆ ମାନଙ୍କ ସଂପର୍କରେ କଥିତ ଅଛି ଯେ, ନାଟୁଆ ମାନଙ୍କୁ ବାଘ ଧରିବାକୁ ଭୟ କରେ । ଏ ସଂପର୍କରେ ଏ ଅଞ୍ଚଳରେ ଅନେକ କାହାଣୀ ପ୍ରଚଳିତ । ଏ ସବୁଥିରେ ନାଟୁଆର ରଣ କୌଶଳ (ଆତ୍ମରକ୍ଷା ଓ ଆକ୍ରମଣ), ଶକ୍ତି ଓ ସାହସ ବିଷୟ ବର୍ଣ୍ଣିତ ।

ନାଚୁଣୀ ନାଚ: ପୁରୁଲିଆ / ମାନଭୂମ, ସିଂଭୂମ, ମୟୂରଭଞ୍ଜ, ଦକ୍ଷିଣ ହଜାରିବାଗ ଅଞ୍ଚଳ ସହିତ ସମଗ୍ର ଛୋଟ ନାଗପୁର ମାଳଭୂମି ଅଞ୍ଚଳରେ ନାଚୁଣୀ ନାଚ ପ୍ରଚଳିତ ଥିଲା । ଦେଶୀୟ ରାଜା, ଆଞ୍ଚଳିକ ଜମିଦାର, ସର୍ଦ୍ଦାର, ମାନକୀ ପ୍ରଭୃତିଙ୍କ ଦରବାରର ପୋଷକତା ଲାଭ କରି ନାଚୁଣୀ ନାଚ ସମୃଦ୍ଧ ସଂସ୍କୃତିର ପରିଚାୟକ ରୂପେ ଏକ ସମୟରେ ଗୃହୀତ ହୋଇଥିଲା । ସମ୍ଭବତଃ ଉନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରୁ ଆରମ୍ଭ ହୋଇ ଚଳିତ ଶତକର ପଞ୍ଚଦଶନ୍ଧି ପର୍ଯ୍ୟନ୍ତ ନାଚୁଣୀ ନାଚ ଏ ସମଗ୍ର ଅଞ୍ଚଳରେ ପ୍ରଚଳିତ ଥିଲା । ବର୍ତ୍ତମାନ ସୁଦ୍ଧା କେତେକ ସ୍ଥାନରେ ଏ ନାଚ ବ୍ୟବସାୟ ଭିତ୍ତିରେ ପ୍ରଚଳିତ ରହିଅଛି । ସାଧାରଣ ମଣିଷଙ୍କ ଠାରୁ ଆରମ୍ଭ କରି ରାଜା ମହାରାଜାମାନେ ନାଚଟିର ପୋଷକତା କରି ଅକୁଣ୍ଠିତ ଚିତ୍ତରେ ଅର୍ଥ ବ୍ୟୟ କରୁଥିଲେ । ସାଧାରଣ ସାର୍ବଜନୀନ ସାଂସ୍କୃତିକ ଉପଭୋଗ୍ୟ ଅନୁଷ୍ଠାନ ଭାବେ ଏହାର ପ୍ରଭାବ ପ୍ରତିଷ୍ଠିତ ହୋଇଥିଲା ।

ନାଚୁଣୀ ନାଚରେ ଜଣେ, କେତେକ ସ୍ଥାନରେ ଏକାଧିକ ସ୍ତ୍ରୀ ନାଚନ୍ତି । ଜଣେ ପୁରୁଷ ସହଯୋଗୀ ରହିଥାନ୍ତି । ସ୍ତ୍ରୀ ନୃତ୍ୟ ଶିଳ୍ପୀଙ୍କୁ ନାଚୁଣୀ ଓ ପୁରୁଷ ଶିଳ୍ପୀଙ୍କୁ ରସିକ ବୋଲାଯାଏ । ଜଣେ ଜଣେ ରସିକ ଏକାଧିକ ନାଚୁଣୀ ରଖିଥିବାର ବିରଳ ଦୃଷ୍ଟାନ୍ତ ଦେଖାଯାଏ । ଏହି ନାଚୁଣୀ ମାନେ ସାଧାରଣତଃ ନିମ୍ନ ଜାତୀୟା ସ୍ତ୍ରୀ । ପିଲାକାଳରୁ କିମ୍ବା ବିଭିନ୍ନ କାରଣରୁ ଯେଉଁ ସ୍ତ୍ରୀମାନେ ସାଧାରଣ ସମାଜ ଜୀବନରୁ ବିଚ୍ଛିନ୍ନ ହୋଇ ପଡ଼ିଥାନ୍ତି ସେମାନେ ପରିସ୍ଥିତିରେ ପଡ଼ି ନାଚୁଣୀର ଜୀବନ ବିତେଇ ଜୀବିକାର୍ଜ୍ଜନ କରିବାକୁ ମଧ୍ୟ ହୋଇଥାନ୍ତି । ସେମାନଙ୍କ ସନ୍ତାନସନ୍ତତି ରଣ ବଂଶ ପରମ୍ପରା ରକ୍ଷା କରିଥାନ୍ତି ।

ବର୍ଷର ଯେ କୌଣସି ସମୟରେ ନାଚୁଣୀ ନାଚ ଅନୁଷ୍ଠିତ ହୋଇଥାଏ । ରସିକ ଓ ନାଚୁଣୀ ଆସର ମଧ୍ୟରେ ଗୀତ ଗାନ କରି ନାଚନ୍ତି । ଏସବୁ ଗୀତ ଝୁମର ନାମରେ ପରିଚିତ । ନାଚ ଓ ଗୀତର ତାଳରେ ବାଦ୍ୟ ବାଜେ ।

ନାଚୁଣୀ ନାଚର ଭାବ ଶୃଙ୍ଗାର ରସାତ୍ମକ, ଗୀତ ଗୁଡ଼ିକ ମଧ୍ୟ ଏପରି ଭାବ ସମ୍ବଳିତ ଲୌକିକ ରଚନା । ଶ୍ରୀକୃଷ୍ଣଙ୍କର ରାଧିକା ଓ ଗୋପୀମାନଙ୍କ ସହିତ ଶୃଙ୍ଗାରିକ ମିଳନ ଓ ରହଭାବାପୂର୍ଣ୍ଣ ଆଖ୍ୟାୟିକାର ଅବଲମ୍ବନରେ ଏହା ଅଭିନୀତ ହୁଏ । ଏହି ନୃତ୍ୟରେ ଅତି ସାଧାରଣ ସ୍ତରର ଶୃଙ୍ଗାରିକତା ପରିସ୍ଫୁଟ ହୋଇଥାଏ ।

ନାଚୁଣୀ ନାଚର ଭାବ ଲାସ୍ୟ ଓ ଶୃଙ୍ଗାରିକତା ସର୍ବସ୍ୟ ହୋଇଥିଲେ ହେଁ ପୌରାଣିକ ବିଷୟବସ୍ତୁ ସଂଯୋଜିତ ହୋଇଥିବାରୁ ଅଶ୍ଲୀଳ ବିବେଚିତ ହୋଇ ନଥାଏ । ନାଚୁଣୀର ନାଚ, ଶରୀରର ଅଙ୍ଗଭଙ୍ଗୀ, ଆଖିର ଠାଣୀ, ଓଠର କମ୍ପନ, ବକ୍ଷର ଦୋଳନ, ମୁଖର ଶୃଙ୍ଗାରିକ ଭାଷା ସହିତ ରସିକର ଅଙ୍ଗଭଙ୍ଗୀ ଓ ନାଚ ଅତ୍ୟନ୍ତ ରସିକତା ପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ପୁରାଣ ପୁରୁଷ ଶ୍ରୀକୃଷ୍ଣ ଏବଂ ରାଧିକାଙ୍କ ମିଳନ ବିସରହାତ୍ମକ ଭାବକୁ ସ୍ପଷ୍ଟ ଭାବେ ପରିସ୍ଫୁଟ କରିଥାଏ । ସାର ରାତ୍ରି ଧରି ଦର୍ଶକମାନେ ଏହାକୁ ଉପଭୋଗ କରିଥାନ୍ତି । ନାଚୁଣୀ ବିଭିନ୍ନ ରଙ୍ଗ ବେରଙ୍ଗ ଶାଢ଼ୀ, ସାୟା, ବ୍ଲାଉଜ ପିନ୍ଧିଥାଏ । ମଥାରେ ବେଣୀ ଓ କପାଳ ରଞ୍ଜିତ ଥାଏ । ନାଚୁଣୀର ମଥା, କଣ୍ଠ, କାନ, ନାକ, ଗଳା, ବକ୍ଷ, ହସ୍ତ, ଆଙ୍ଗୁଳି, କଟୀ, ପାଦ ପ୍ରଭୃତି ଶରୀରର ବିଭିନ୍ନ ସ୍ଥାନରେ ବହୁ ଅଳଙ୍କାର ଶୋଭାପାଏ ।

ନାଚୁଣୀ ନାଚ ଦୁଇ ପ୍ରକାର ଯଥା - (୧) ଧୁମସୀ ଓ (୨) ବାଈ ନାଚୁଣୀ । ନାଚୁଣୀ ନାଚକୁ ଖେମ୍‌ଟା ନାଚ ମଧ୍ୟ ବୋଲାଯାଏ । (A Note on the Dancing Girl (Nachuni) of Purulia - Gopa Banerjee, Man in India - vol. 53, 1973)।

ପୁରୁଲିଆ ଅଞ୍ଚଳରେ ପ୍ରଚଳିତ ଛଉ / ଛୋ ନାଚରେ ଲାସ୍ୟ ଭାବାଶ୍ରିତ ଅଙ୍ଗଭଙ୍ଗୀ ସହିତ ନାଚୁଣୀ ନାଚର ସାମ୍ୟ ଲକ୍ଷ୍ୟ କରାଯାଏ । ନାଚୁଣୀ ନାଚରେ ସଙ୍ଗୀତ ଥାଏ, ଛଉରେ ଗୀତର ସ୍ୱର ସଂଗତି ଘଟିଥାଏ । ଛଉରେ ନାରୀ ଚରିତ୍ର ମୁଖା ଲଗାଇଥିଲା ବେଳେ ନାଚୁଣୀ ମୁଖା ପରିଧାନ କରି ନଥାନ୍ତି । ନାଚୁଣୀ ପରିହିତ ଅଳଙ୍କାର ଗୁଡ଼ିକ ଛଉ / ଛୋର ସ୍ତ୍ରୀ ଚରିତ୍ରମାନେ ବ୍ୟବହାର କରିଥିବାର ଦେଖାଯାଏ ।

ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟ: ଗୋଟିପୁଅ ନାଚରେ ଗୋଟିଏ ପିଲା ନାଚ କରେ । ଗୋଟିଏ ପିଲା ସ୍ତ୍ରୀ ବେଶ ହୋଇ ଓଡ଼ିଶୀ ଗୀତ ଗାଇ ନୃତ୍ୟାଭିନୟ ପ୍ରଦର୍ଶନ କରେ ବୋଲି ଏହାର ନାମ ଗୋଟିପୁଅ

ନାଚ । ଏହା ଗୋଟିପୋ, ଗୋଟିପିଲା, ଆଖଡ଼ା ପିଲା ଅଥବା ସଂଗୀତ ପିଲା ନାମରେ ମଧ୍ୟ ପରିଚିତ । ନୃତ୍ୟବିଦ୍ ମାନଙ୍କ ମତରେ ଆଜିର ବିଶ୍ୱପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ ଏହି ଗୋଟିପୋ ନୃତ୍ୟରୁ ସୃଷ୍ଟି ହୋଇଛି ।

ଓଡ଼ିଶାରେ ଦେବ ମନ୍ଦିରମାନଙ୍କରେ ବିଶେଷତଃ ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ନୃତ୍ୟଗୀତାଦିର ସେବା ପାଇଁ ଦେବଦାସୀ ନିଯୁକ୍ତ ହେଉଥିଲେ । ଏହା ଏକ ପ୍ରାଚୀନ ପ୍ରଥା । ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀରୁ ଅନନ୍ତବର୍ମ ଚୋଡ଼ଗଙ୍ଗ ଦେବଙ୍କ ସମୟରେ ଏହାର ପ୍ରଚଳନର ପ୍ରମାଣ ମିଳେ ବୋଲି ଆଲୋଚକମାନେ ମତ ପ୍ରଦାନ କରିଛନ୍ତି । ଏହି ସେବା ଦାସୀ ବା ଦେବଦାସୀ ମାନଙ୍କୁ ସ୍ଥାନୀୟ ଭାଷାରେ 'ମାହାରୀ' ବୋଲାଯାଏ । ମନ୍ଦିରରେ ସେବାର ବିଭିନ୍ନତା ହେତୁ ଏମାନଙ୍କର ନାମ ନାଚୁଣୀ, ଭିତର ଗାଉଣୀ, ବାହାର ଗାଉଣୀ - ଏପରି ଭିନ୍ନ ଭିନ୍ନ ହୋଇଥାଏ । ପାରମ୍ପରିକ ରୀତିରେ ଠାକୁରଙ୍କ ସହିତ ବିବାହ ସଂପନ୍ନ ହେଲାପରେ ଏହି 'ମାହାରୀ'ମାନେ ନୃତ୍ୟ କରିବାର ଅଧିକାର ପାଉଥିଲେ ଓ ସେବା ନିୟନ୍ତ୍ରିତ ହେଉଥିଲା । ପାଳି ଅନୁସାରେ ମାହାରୀ ଶୁଦ୍ଧ ସ୍ନାନ ପରେ ମନ୍ଦିରରେ ନୃତ୍ୟ ପ୍ରଦର୍ଶନ କରୁଥିଲେ । ଏହି ନୃତ୍ୟ ପ୍ରଦର୍ଶନ ସମୟରେ ରାଜାଙ୍କର ପ୍ରତିନିଧି ଭାବରେ ସ୍ୱୟଂ ରାଜଗୁରୁ ବେତ୍ରଦଣ୍ଡ ହସ୍ତରେ ଧାରଣ କରି ଉପସ୍ଥିତ ରହୁଥିଲେ । ମାହାରୀମାନେ ନୃତ୍ୟ ଆରମ୍ଭ କଲା ପୂର୍ବରୁ ପ୍ରଥମେ ଦେବତା ଓ ପରେ ରାଜଗୁରୁଙ୍କୁ ପ୍ରଣାମ କରିବା ବିଧି । ଏହି ନୃତ୍ୟରେ ମର୍ଦ୍ଦଳ ଓ ଗିନି ପ୍ରଭୃତି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ ।

ଉପର ଲିଖିତ ତିନି ଶ୍ରେଣୀର ସେବା ଦାସୀମାନଙ୍କ ବ୍ୟତୀତ 'ସଂପ୍ରଦାନିଯୋଗ' ନାମରେ ଅନ୍ୟ ଏକ ଶ୍ରେଣୀର ମାହାରୀମାନେ ଠାକୁରଙ୍କ ବିଭିନ୍ନ ଯାତ୍ରା ଓ ଉତ୍ସବ ସମୟରେ ପଟୁଆରରେ ଗଲାବେଳେ ନୃତ୍ୟ କରୁଥିଲେ । ଏମାନେ 'ପଟୁଆରୀ' ଭାବରେ ପରିଚିତ ଥିଲେ । ରଥଯାତ୍ରା କାଳରେ ଏମାନଙ୍କର ନୃତ୍ୟ ଦର୍ଶକ ମାନଙ୍କ ଚିତ୍ତ ଆକର୍ଷଣ କରୁଥିଲା ।

ସମୟସ୍ରୋତରେ ଓଡ଼ିଶା ବହୁବାର ବିଦେଶୀ ବିଧର୍ମୀ ଆକ୍ରମଣକାରୀ ମାନଙ୍କ ଦ୍ୱାରା ଆକ୍ରମିତ ହୋଇଛି । ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଏସବୁ ଆକ୍ରମଣରୁ ରକ୍ଷା ପାଇନାହିଁ । ମୋଗଲ, ଆଫଗାନ ମାନଙ୍କ ଦ୍ୱାରା ହିନ୍ଦୁ ଜଗତର ଏଇ ସର୍ବଶ୍ରେଷ୍ଠ ଦେବ ମନ୍ଦିର ଅତୀତରେ ବହୁ ଅତ୍ୟାଚାରର ସମ୍ମୁଖୀନ ହୋଇଛି । କଳାପାହାଡ଼ର ଆକ୍ରମଣ ଓଡ଼ିଶାରେ ଏକ ବିଭୀଷିକାମୟ ପରିସ୍ଥିତି ସୃଷ୍ଟି କରିଥିଲା । ଏମାନଙ୍କ ବ୍ୟତୀତ ମରହଟ୍ଟା ସୁବେଦାର ମାନଙ୍କ ଦ୍ୱାରା ମଧ୍ୟ ଶ୍ରୀମନ୍ଦିର ବହୁବାର ଲୁଣ୍ଠିତ ହୋଇଥିବାର ପ୍ରମାଣ ଇତିହାସରେ ବିଦ୍ୟମାନ । ଏହି ଆକ୍ରମଣ, ଲୁଣ୍ଠନ ସମୟରେ-ଅନେକଥର ବଡ଼ଦେଉଳରୁ ଶ୍ରୀଜଗନ୍ନାଥଙ୍କ ସହ ଅନ୍ୟ ଠାକୁରମାନେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଛନ୍ତି । ଏଇ ସବୁ ବିପର୍ଯ୍ୟୟ ସମୟରେ ମାହାରୀ ମାନଙ୍କ ନିୟମିତ ସେବା

କାର୍ଯ୍ୟ ବିପର୍ଯ୍ୟସ୍ତ ବଞ୍ଚିତ ହୋଇ ବନ୍ଦ ରହିଛି । ସେମାନେ ଆକ୍ରମଣକାରୀ ମାନଙ୍କର ଅତ୍ୟାଚାରର ଶିକାର ମଧ୍ୟ ହୋଇଛନ୍ତି । ଏହିପରି ଭାବରେ ବିଭିନ୍ନ ପରିସ୍ଥିତିରେ ପଡ଼ି ଦେବତା ମାନଙ୍କ ପାଇଁ ସମଗ୍ର ଜୀବନ ଉତ୍ସର୍ଗୀକୃତ । ମାହାରୀମାନେ କାଳକ୍ରମେ ଶାସକ ମାନଙ୍କର ପ୍ରାସାଦରେ ନୃତ୍ୟ ଗୀତାଦି ପରିବେଷଣ ନିମନ୍ତେ ନିଯୁକ୍ତ ହୋଇଛନ୍ତି । ଏହିପରି ଭାବରେ ସମ୍ଭବତଃ ମାହାରୀମାନେ ସେମାନଙ୍କର ସାମାଜିକ ପ୍ରତିଷ୍ଠା ହରାଇଛନ୍ତି । କାଳକ୍ରମେ ଅନେକ ସମ୍ଭ୍ରାନ୍ତଶ୍ରେଣୀର ରକ୍ଷିତା ଭାବରେ ଜୀବନ ବିତାଇବାକୁ ବାଧ୍ୟ ହୋଇଛନ୍ତି । ସମୟକ୍ରମରେ ଏମାନେ ନୃତ୍ୟଗୀତ ନିପୁଣା 'ଦାରୀ' ରୂପେ ପରିଚିତ ହୋଇଛନ୍ତି । ସେମାନେ ରୂପଜୀବୀ ଭାବରେ ଜୀବିକାର୍ଜନର ପନ୍ଥା ଗ୍ରହଣ କରିଛନ୍ତି । ମନ୍ଦିର ମଠ ମାନଙ୍କରେ ନୃତ୍ୟ ସେବା ସହ ସାମାଜିକ ଉତ୍ସବ, ବିବାହାଦି ମଙ୍ଗଳ କାର୍ଯ୍ୟରେ ମଧ୍ୟ ନୃତ୍ୟ ଗୀତାଦି ପରିବେଷଣ କରିଛନ୍ତି । ସମଗ୍ର ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅବସ୍ଥିତ ରାଜା, ଜମିଦାର ପ୍ରଭୃତି ସମ୍ଭ୍ରାନ୍ତ ଶ୍ରେଣୀର ଦରବାରରେ ମାହାରୀ ମାନେ ଅର୍ଥ ଉପାର୍ଜନ ଲକ୍ଷ୍ୟ ନେଇ ନିଯୁକ୍ତ ହୋଇଥିବାର ଜଣାଯାଏ ।

ଆଗକାଳରେ ମାହାରୀମାନେ ମନ୍ଦିର ତରଫରୁ ନିଯୁକ୍ତ ହେଉଥିଲେ ଓ ସେମାନଙ୍କ ଭରଣ ପୋଷଣର ବ୍ୟବସ୍ଥା ମଧ୍ୟ ମନ୍ଦିର ପକ୍ଷରୁ ହେଉଥିଲା । ପରବର୍ତ୍ତୀ କାଳରେ ରାଜା, ଜମିଦାର ମାନେ ସେମାନଙ୍କର ଦାୟିତ୍ୱ ବହନ କଲେ । ରାଜା ଜମିଦାର ଶ୍ରେଣୀର ଉଚ୍ଛେଦ ପରେ ମାହାରୀମାନେ ଅସହାୟ ହୋଇଗଲେ ଓ ନିଜନିଜର ଦାୟିତ୍ୱ ନିଜେ ବହନ କଲେ । ଏହିପରି ଭାବରେ ଏକଦା ସଂପୂର୍ଣ୍ଣ ଭାବରେ ଦେବତାଙ୍କ ନିମନ୍ତେ ଉତ୍ସର୍ଗୀକୃତ ପବିତ୍ର ନୀତିନିୟମ ଜୀବନ ଯାପନ କରୁଥିବା ମାହାରୀମାନେ ସମୟସ୍ରୋତରେ ନିଜର ପବିତ୍ରତା, ସମ୍ମାନ, ପ୍ରତିଷ୍ଠା ସମସ୍ତ ହରାଇଛନ୍ତି ।

ଏହି ପରିସ୍ଥିତିରେ ଓଡ଼ିଶାର ଜନ ସମାଜରେ ସାଧାରଣ ଚିତ୍ତବିନୋଦନର ବିକଳ୍ପ ବ୍ୟବସ୍ଥା ନିମନ୍ତେ 'ଗୋଟିପୁଅ' ନାଚର ସୃଷ୍ଟି ହୋଇଛି । ଗୋଟିପୁଅ ନୃତ୍ୟ ବୈଷ୍ଣବ ସଂପ୍ରଦାୟ ଦ୍ୱାରା ସୃଷ୍ଟି ହୋଇଥିବା ବିଷୟରେ କେତେକ ଆଲୋଚକ ଦୃଢ଼ ମତ ପୋଷଣ କରନ୍ତି ।

ଧର୍ମ ପ୍ରଚାର ଆବଶ୍ୟକ ମାଧ୍ୟମ ରୂପେ ସୃଷ୍ଟ ଗୋଟିପୁଅ ନୃତ୍ୟରେ ବାଳକମାନେ ସ୍ତ୍ରୀ ବେଶରେ ଦେବ ମନ୍ଦିର ଓ ମଠ ମାନଙ୍କରେ ନୃତ୍ୟ ପରିବେଷଣ କରୁଥିଲେ । ପୁରୀରେ ଚନ୍ଦନ ଯାତ୍ରା ସମୟରେ ଗୋଟିପୁଅ ନୃତ୍ୟର ପ୍ରଚଳନ ଥିବାର ଦେଖାଯାଏ । ପୁରୀର ସାତସାହି ଆଖଡ଼ାର ଗୋଟିପିଲାମାନେ ଏହା ପାଳି କରି ନାଚନ୍ତି ।

ଆଖଡ଼ା ଘରେ ଗୋଟିପୁଅ ମାନଙ୍କ ନୃତ୍ୟ ଶିକ୍ଷା ନିମନ୍ତେ ଏକ ସତନ୍ତ୍ର ତାଲିମ ବ୍ୟବସ୍ଥା ରହିଥିଲା । ଏହି ନୃତ୍ୟ ପ୍ରଶିକ୍ଷଣ ନିମନ୍ତେ ଅଭିଜ୍ଞ ଗୁରୁମାନେ ଦାୟିତ୍ୱ ବହନ କରୁଥିଲେ । ଅଷ୍ଟ

ବୟସର ବାଳକମାନେ ଏଥି ନିମନ୍ତେ ଉପଯୁକ୍ତ ବିବେଚିତ ହେଉଥିଲେ । ଗୋଟିପୁଅ ମାନେ ନୃତ୍ୟଗୀତ ଓ ପ୍ରୟୋଜନୀୟ ବ୍ୟାୟାମ ଓ ଶରୀର ଚର୍ଚ୍ଚା ବିଷୟରେ ଶିକ୍ଷାଲାଭ କରୁଥିଲେ । ଏକ ସମୟରେ ଓଡ଼ିଶାର ଗ୍ରାମାଞ୍ଚଳରେ ସର୍ବତ୍ର ଗୋଟିପୁଅ ନାଚର ଆଖଡ଼ା ମାନ ଗଢ଼ି ଉଠିଥିଲା । ଗୋଟିପୁଅ ନାଚ ଦଳମାନ ଗଢ଼ି ଉଠିବା ସାଙ୍ଗକୁ ବହୁ କବିଙ୍କର ଆବିର୍ଭାବ ଘଟିଥିବାର ଦେଖାଯାଏ । ସେହି କବିଗଣ ବୈଷ୍ଣବ ଧର୍ମ ଆଧାରିତ ଭକ୍ତି ରସାତ୍ମକ ଶୃଙ୍ଗାରିକ କାବ୍ୟ କବିତା, ଛାନ୍ଦ ପ୍ରଭୃତି ରଚନା କରିଥିବାର ଜଣାଯାଏ ।

ଗୋଟିପୁଅ ନୃତ୍ୟରେ 'ବନ୍ଧ ନୃତ୍ୟ' ପ୍ରାଧାନ୍ୟଲାଭ କରିଥିବାର ଦେଖାଯାଏ । "ନୃତ୍ୟ କାଳରେ ଅଙ୍ଗପ୍ରତ୍ୟଙ୍ଗକୁ ଅତି କଷ୍ଟକର ଭାବରେ ସ୍ଥାପନ କରି ଯେଉଁ କୁଟୀଳ ଭଙ୍ଗୀ ରଚନା କରାଯାଏ ତାକୁ ବୋଲାଯାଏ ବନ୍ଧ ।" ଏହି ସବୁ ଭଙ୍ଗୀର ଆୟତ୍ତ ନିମନ୍ତେ ଅତି ପ୍ରତ୍ୟୁଷରୁ ଶିକ୍ଷାର୍ଥୀଗଣ ଉପଯୁକ୍ତ ଭାବରେ ତାଲିମ ଗ୍ରହଣ କରୁଥିଲେ ।

ଗୋଟିପୁଅ ନୃତ୍ୟ ଏକଦା ରାଜା, ଜମିଦାର ଓ ଧନୀଶ୍ରେଣୀର ଲୋକଙ୍କ ପୃଷ୍ଠପୋଷକତାରେ ଗଢ଼ି ଉଠିଥିଲା ଏବଂ ସାଧାରଣ ଲୋକଙ୍କ ଆମୋଦ ନିମନ୍ତେ ପରିବେଶିତ ହେଉଥିଲା । ବିଂଶ ଶତକର ପ୍ରଥମ ଭାଗରେ ଏହି ନୃତ୍ୟର ବହୁଳ ବିକାଶ ଘଟିଥିଲା । ସମଗ୍ର ଓଡ଼ିଶା ଓ ବିଛିନ୍ନାଞ୍ଚଳରେ ରାଜା, ମହାରାଜା, ଜମିଦାର ମାନଙ୍କର ପୋଷକତା ଲାଭ କରି ଗୋଟିପୁଅ ସମୃଦ୍ଧ ହୋଇଥିଲା ।

ଗୋଟିପୁଅ ନୃତ୍ୟ ଓଡ଼ିଶୀ ନୃତ୍ୟ ପରମ୍ପରାର ଏକ ବିଶେଷ ନୃତ୍ୟାନୁଷ୍ଠାନ । ଆଧୁନିକ ଓଡ଼ିଶାର ପୃଥିବୀ ପ୍ରସିଦ୍ଧ 'ଓଡ଼ିଶୀ ନୃତ୍ୟ' ହିଁ ଉପରୋକ୍ତ ମାହାରୀ ଓ ଗୋଟିପୁଅ ନୃତ୍ୟରୁ ସୃଷ୍ଟି । ଓଡ଼ିଶୀ ନୃତ୍ୟର ପ୍ରସିଦ୍ଧ ଓ ପ୍ରତିଷ୍ଠିତ ଗୁରୁଗଣ ସମସ୍ତେ ଏକଦା ଗୋଟିପୁଅ ନୃତ୍ୟର ଶିଳ୍ପୀ ଭାବରେ ନୃତ୍ୟ ଜୀବନ ଆରମ୍ଭ କରିଥିବାର ଜଣାଯାଏ ।

**ଚାଙ୍ଗୁନାଚ:** ସମଗ୍ର ଅଞ୍ଚଳରେ ଅନେକ ସ୍ଥାନ ମୁଖ୍ୟତଃ କେନ୍ଦୁଝର ରାଜ୍ୟର ଆଦିବ ଅଧିବାସୀ ଜୁଆଙ୍ଗ, ଭୂୟାଁ, ବାଥୁଡ଼ି, ଭୂମିଜ ମାନଙ୍କ ମଧ୍ୟରେ ଚାଙ୍ଗୁନାଚ ପ୍ରଚଳିତ ଥିବାର ଜଣାଯାଏ । ଏହା ଏକ କୃଷିଭିତ୍ତିକ ନାଚ । କାର୍ତ୍ତିକ / ମାର୍ଗଶିର ମାସରେ ବିଶେଷ ଭାବରେ ଏହି ନୃତ୍ୟଗୀତ ଅନୁଷ୍ଠିତ ହୋଇଥାଏ । ଏତଦ୍ ବ୍ୟତୀତ ବର୍ଷର ଅନ୍ୟ ସମୟରେ ବିଭିନ୍ନ ପର୍ବ ଉପଲକ୍ଷେ ମଧ୍ୟ ଏହା ଅନୁଷ୍ଠିତ ହୁଏ । ଏଥିରେ ଲୋକ ଜୀବନର ବିଭିନ୍ନ ବିଷୟ ଯଥା- ଧାର୍ମିକ, ରାଜନୈତିକ ଓ ସାମାଜିକ ଜୀବନର ପ୍ରତିଫଳନ ଘଟିଥିବାର ପରିଲକ୍ଷିତ ହୁଏ । ମୟୂରଭଞ୍ଜର ଲୋଧାମାନଙ୍କ ମଧ୍ୟରେ ଚାଙ୍ଗୁନାଚ ପ୍ରଚଳିତ ।

ସିଂଭୂମ ଓ ମୟୂରଭଞ୍ଜ ଅଞ୍ଚଳରେ ଆଗରୁ ଆମ୍ବଡାଳିଆ, ଜାମୁଡାଳିଆ ନାଚ ହେଉଥିଲା । ଅଳ୍ପ ବୟସର ପୁଅ କିମ୍ବା ବୟସ୍କ ପୁରୁଷମାନେ କମରରେ, ମଥାରେ, ବାହୁରେ ଗଛର ଡାଳ

ପତ୍ର ସହ ପକ୍ଷୀର ପର ମଥାରେ ଖୋସି ବିଭିନ୍ନ ପର୍ବପର୍ବାଣୀରେ ନାଚ କରୁଥିଲେ । ଚୈତ୍ର ପରବ ସମୟରେ ଏସବୁ ଅଞ୍ଚଳରେ ଆଗରୁ 'ପରଭା କାଠିଆ' ବାହାରୁ ଥାଏ । କେଳାକେଳୁଣୀ, ଚଢ଼େୟା ଚଢ଼େୟାଣୀ, ବାଟୁଆ ବାଟୁଆଣୀ, ପାଲା ନାଚ ହେଉଥିଲା । ଏବେବି ଏସବୁ ନାଚ ଉପରୋକ୍ତ ଅଞ୍ଚଳରେ ବହୁ ସ୍ଥାନରେ ପ୍ରଚଳିତ ରହିଅଛି ।

ଅଧ୍ୟାତ୍ମଭାବ ଓ ନୃତ୍ୟ ପରମ୍ପରା: ପ୍ରାକ୍ ଐତିହାସିକ ଯୁଗରୁ ପୂର୍ବ ଭାରତର ଏହି ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବହୁ ଧର୍ମ ଧାରଣା ଭିତ୍ତିକ ଅଧ୍ୟାତ୍ମ ଚେତନାର ବିକାଶ ଘଟିଅଛି । 'ରାଜାନୁଗତ ଧର୍ମ' ନ୍ୟାୟରେ ଯେଉଁ କାଳରେ ଯେତେବେଳେ ସାର୍ବଭୌମ ଶାସକ ଯେଉଁ ଧର୍ମର ଉପାସନା କରିଛନ୍ତି, ସେହି କାଳରେ ସେତେବେଳେ ପ୍ରଜାମାନେ ମଧ୍ୟ ସେହି ଧର୍ମ ଧାରଣାର ଅନୁସରଣ କରିଛନ୍ତି । ରାଜ ପୃଷ୍ଠପୋଷକତା ଲାଭ କରି ସେହି ନିର୍ଦ୍ଦିଷ୍ଟ ଧର୍ମ ସଂପ୍ରଦାୟର ପ୍ରଚାର ଓ ପ୍ରସାର ଘଟିଛି । ଦେବ ମନ୍ଦିର ନିର୍ମାଣ, ଦେବ ବିଗ୍ରହ ପ୍ରତିଷ୍ଠା ସାଙ୍ଗକୁ ଉପସନା ପଦ୍ଧତି, ରୀତିନୀତି ପ୍ରବର୍ତ୍ତିତ ହୋଇ ସମାଜରେ ଗୃହୀତ ହୋଇଛି । ଆଚାର ଉପଚାରର ନିବିଡ଼ ବନ୍ଧନ ମଧ୍ୟରେ ଆବଦ୍ଧ ନରହି ସାମାଜିକ ଏସବୁକୁ ସହଜରେ ଭାବରେ ଅନୁସରଣ କରିବା ନିମନ୍ତେ ଏଥି ସହିତ ଆନୁସଂଗିକ ନୃତ୍ୟଗୀତର ପ୍ରଚଳନ କରିଛି ।

ଇତିହାସର ବିଭିନ୍ନ କାଳରେ ଖ୍ରୀଷ୍ଟପୂର୍ବ ସମୟରୁ ଏହି ଅଞ୍ଚଳରେ ବିଭିନ୍ନ ଧର୍ମ ଧାରଣା ଯଥା - ବୌଦ୍ଧ, ଜୈନ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର ଘଟିଛି । ଲୋକ ସମାଜରେ ଏସବୁ ଅନୁସୃତ ହୋଇଛି ଓ ଏଥବ ସହ ନୃତ୍ୟଗୀତ ଅଭିନୟରେ ଅଂଶଗ୍ରହଣ କରି ସାମାଜିକ ପର୍ବପର୍ବାଣୀ ଗୁଡ଼ିକୁ ସୁଖଭୋଗ୍ୟ କରିଛି ।

ସାମରିକ ସଂସ୍କୃତି ଓ ନୃତ୍ୟ ପରମ୍ପରା: ଷଢ଼େଇକଳା-ସିଂଭୂମ, ମୟୂରଭଞ୍ଜ ଓ ପୁରୁଲିଆ-ମାନଭୂମ ଅଞ୍ଚଳରେ ପ୍ରଚଳିତ ଛଉ / ଛୌ ନାଚ ସୃଷ୍ଟିର ନିର୍ଦ୍ଦିଷ୍ଟ କାଳର କଳନା କରିବା କିମ୍ବା ଏହି ନାଚ ଉତ୍ପତ୍ତିର ସୁନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନିତ କରିବା କାଳରେ ଏହିପରି ଏକ ନୃତ୍ୟର ସୃଷ୍ଟି ସଂପର୍କୀୟ ପୃଷ୍ଠଭୂମିର ପରିଚୟ ଲାଭ କରିବା ସର୍ବାଦୌ ଆବଶ୍ୟକ । ପୂର୍ବରୁ ଉଲ୍ଲେଖି କରାଯାଇଛି ଯେ ଓଡ୍ର-ମାଗଧୀ-ବଙ୍ଗ ଭାଷା ସଂସ୍କୃତି ସମ୍ମିଳିତ କେନ୍ଦ୍ରାଞ୍ଚଳ ହିଁ ଛଉ / ଛୌ ନାଚ ବିକାଶର ଆଦିଭୂମି । ଏହି ସମଗ୍ର ଭୂଖଣ୍ଡର ସାଂସ୍କୃତିକ ପରମ୍ପରା ସହିତ ଛଉ ନାଚ ପରମ୍ପରାର ସାଂସ୍କୃତିକ ବିଭବ ସଂପର୍କରେ ସମ୍ୟକ୍ ଆଲୋଚନା କରାଯାଇଛି । ସଂପୃକ୍ତ ଅଞ୍ଚଳର ଅଧିବାସୀ ମାନଙ୍କର ଚାଲିଚଳନ, ଆଚାର ବ୍ୟବହାର, ଖାଦ୍ୟପେୟ, ପୋଷାକ, ଅଳଙ୍କାର, ଆମୋଦ, ଆନନ୍ଦ, ନୃତ୍ୟଗୀତ ସମ୍ବଳିତ ଜୀବନଯାତ୍ରାକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଏମାନେ (୧) କଷ୍ଟ ସହିଷ୍ଣୁ (୨) ସାହସୀ, ସମର ଓ ଶିକାର ପ୍ରିୟ, (୩) ନିଶା ସେବନକାରୀ (୪) ମୁକ୍ତ ଜୀବନବାଦୀ ଓ (୫) ନୃତ୍ୟଗୀତ ପ୍ରିୟ । ଏହି ଅରଣ୍ୟ ପରିପୂର୍ଣ୍ଣ ପାର୍ବତ୍ୟ ଭୂଖଣ୍ଡରେ ଆଞ୍ଚଳିକ ଶାସକ ମାନଙ୍କ

ଅଧୀନସ୍ଥ ପିଢ଼, ପରଗଣା ମାନଙ୍କରେ ଅଧିଷ୍ଠିତ ସର୍ଦ୍ଦାର, ମାନକୀ, ମୁଣ୍ଡା, ପଧାନ, ମାହାତୋ, ଇଜାରଦାର ମାନେ ମୁଖ୍ୟତଃ ଆଦିବାସୀ ବାଥୁଡ଼ି, ଭୂୟାଁ, ଭୂମିଜ, ମୁଣ୍ଡା, ଗଣ୍ଡ, କୁଡୁମୀ, ପୁରାଣ ପ୍ରଭୃତି ଗୋଷ୍ଠୀର ଅନ୍ତର୍ଭୁକ୍ତ । ଏମାନେ ରାଜାଙ୍କ ପକ୍ଷରୁ ନିଯୁକ୍ତ ରହି ଶାସନ କାର୍ଯ୍ୟର ସୁପରିଚାଳନା କରିବା ସହିତ ପାରମ୍ପରିକ ରୀତିରେ ଯୁଦ୍ଧବିଦ୍ୟା ଶିକ୍ଷା କରୁଥିଲେ ।

ସମଗ୍ର ଅଞ୍ଚଳରେ ରାଜ୍ୟମାନଙ୍କରେ ଶାସନ କାର୍ଯ୍ୟ ଓ ସାମରିକ ବାହିନୀରେ ବହୁ ଓଡ଼ିଆ ପାଇକ, ବଙ୍ଗାଳୀ, ବିହାରୀ (ଉପକୂଳାଞ୍ଚଳରୁ ଆଗତ ଖଣ୍ଡାୟତ, ବ୍ରାହ୍ମଣ, କରଣ, କାୟସ୍ଥ ପ୍ରଭୃତି ବିଭିନ୍ନ ଜାତିର ଲୋକେ) ନିଯୁକ୍ତ ହୋଇଥିଲେ ।

ଛଉନାଚ କ୍ଷତ୍ରିୟ ସଂସ୍କୃତିର ଅବକ୍ଷୟ କାଳର ଚିହ୍ନ ବହନ କରେ । ପ୍ରାଚୀନ କାଳର ଓଡ଼ିଆ ପାଇକ ବାହିନୀର ସାମରିକ ପରମ୍ପରା ସମଗ୍ର ଅଞ୍ଚଳର ଗାଁ ଗହଳରେ ଅଦ୍ୟାବଧି ପ୍ରଚଳିତ ଫରିଖଣ୍ଡା ଖେଳ, ଚୁକ୍‌ମାର ଯୁଦ୍ଧ, ପାଇକାଳି ନାଚ, ପାଇକ ଆଖଡ଼ା ଗହନ ଦଳ ନାଚ, ସାଧନ ଖେଳ, ଘଣ୍ଟାନାଚ ଓ ନାଟୁଆ ନାଚ ରୂପରେ ପରିବ୍ୟାପ୍ତ ହୋଇ ରହିଥିବାର ପ୍ରମାଣ ଉପଲବ୍ଧ ।

ଭାରତର ବିଭିନ୍ନ ନାଚର ଇତିହାସକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ପ୍ରାଚୀନ କାଳରେ ନୃତ୍ୟ ସମୂହ କୌଣସି ଉତ୍ସବ କିମ୍ବା କୌଣସି ବିଶେଷ ଅନୁଷ୍ଠାନ ଉପଲକ୍ଷେ କେଉଁଠି ଦେବମନ୍ଦିର ପରିସରଭୁକ୍ତ ହୋଇଛି କିମ୍ବା ରାଜଦରବାରର ପୋଷକତା ଲାଭ କରିଛି । ପରବର୍ତ୍ତୀ କାଳରେ ତନ୍ମଧ୍ୟରୁ ଅନେକ ନାଚ ବ୍ୟବସାୟ ଆଭିମୁଖ୍ୟ ଗ୍ରହଣ କରି ନିଜର ସ୍ଥିତି ସୁଦୃଢ଼ କରିଛି । ଛଉ ଦରବାରୀ ପୋଷକତା ଲାଭ କରିଥିଲେ ହେଁ ବ୍ୟବସାୟ ଆଭିମୁଖ୍ୟ ଗ୍ରହଣ କରି ନଥିଲା । ଏହା ସାଧାରଣ ଲୋକଙ୍କ ଦ୍ୱାରା ସୃଷ୍ଟ ଓ ଦେବ ଆରାଧନା ସହିତ ଯୁକ୍ତ ହୋଇ ରାଜାଙ୍କ ପୃଷ୍ଠପୋଷକତା ଲାଭ କରି ବିକଶିତ ଓ ପ୍ରତିଷ୍ଠିତ ହୋଇଥିଲା ।

ଛଉନାଚର ବର୍ତ୍ତମାନ ରୂପ ପରିଗ୍ରହ ମୂଳରେ ଆଞ୍ଚଳିକ ଶାସକ ମାନଙ୍କ ପ୍ରଭୂତ ଅବଦାନ ଥିବାର ପ୍ରମାଣ ଉପଲବ୍ଧ ହେଉଅଛି । ମୟୂରଭଞ୍ଜର ମହାରାଜା କୃଷ୍ଣଚନ୍ଦ୍ର (୧୮୬୮-୧୮୮୨ ଖ୍ରୀ.)ଙ୍କ ସମୟରେ ବାରିପଦାରେ ବିଶେଷ ଭାବରେ ଛଉ ନାଚର ପୋଷକତା ଆରମ୍ଭ ହୋଇଥିଲା । ତାଙ୍କ ପୂର୍ବରୁ (ପ୍ରାୟ ୩୦/୪୦ ବର୍ଷ ପୂର୍ବେ) ଯଦୁନାଥ ଭଞ୍ଜ (୧୮୨୮-୧୮୬୩ ଖ୍ରୀ:)ଙ୍କ ଅମଳରେ କିମ୍ବା ପରବର୍ତ୍ତୀ କାଳରେ ବାରିପଦାରେ ଏ ନାଚର ପ୍ରଚଳନ ଘଟିଥିବା ସଂପର୍କୀୟ ତଥ୍ୟ ଉପଲବ୍ଧ ହୋଇଛି । କୃଷ୍ଣଚନ୍ଦ୍ରଙ୍କ ପରେ ଶ୍ରୀରାମଚନ୍ଦ୍ର ଭଞ୍ଜ (୧୮୯୨-୧୯୧୨ ଖ୍ରୀ:)ଙ୍କ ସମୟରେ ବାରିପଦାର ଛଉ ନାଚରେ ଏକ ନୂତନ ଶୈଳୀ (ମୁଖାହୀନ ଶୈଳୀ)ର ପ୍ରବର୍ତ୍ତନ ହୋଇଛି । ଏହି ସମୟରେ ପାରମ୍ପରିକ ଓଡ଼ିଆ ପାଇକ ନାଚର ବିକାଶ ଘଟିଛି । ଅତୀତର ଦୁର୍ଦ୍ଧର୍ଷ ଓଡ଼ିଆ ପାଇକ ମାନଙ୍କର ବୀରତ୍ୱ ଓ ସାହସିକ ରଣ କୌଶଳକୁ ପୁନର୍ଜୀବିତ କରି ଏହାର ପ୍ରକାଶ ଓ ଏହାକୁ ସଂଗଠିତ କରିବା ଥିଲା ସମ୍ଭବତଃ ତାଙ୍କ ମୂଳ

ଲକ୍ଷ୍ୟ । ବ୍ରିଟିଶ ସମ୍ରାଟ ଓ ସାମ୍ରାଜ୍ଞୀଙ୍କ ଭାରତ ଆଗମନ କାଳରେ ଏହି ବୀରତ୍ୱ ବ୍ୟଞ୍ଜକ୍ ଯୁଦ୍ଧ ନାଟଟିର ପ୍ରଦର୍ଶନ ନିମନ୍ତେ ମହାରାଜା ଶ୍ରୀରାମଚନ୍ଦ୍ର ଅତୀତ ଉତ୍କଳର ଗୌରବମୟ ସୁସମୃଦ୍ଧ ଇତିହାସ ଓ ସ୍ୱଦେଶ ପ୍ରୀତିରେ ନିଶ୍ଚିତରୂପେ ଉଦ୍‌ବୁଦ୍ଧ ହୋଇଛନ୍ତି । ପରବର୍ତ୍ତୀ କାଳରେ ତାଙ୍କର ଉତ୍ତରାଧିକାରୀଙ୍କ ପ୍ରୋତ୍ସାହନ ଫଳରେ ବାରିପଦାର ଛଉନାଟର ପୂର୍ଣ୍ଣ ବିକାଶ ଘଟିଥିବାର ଲକ୍ଷ୍ୟ କରାଯାଏ ।

ସବୁକାଳରେ ରାଜା ହିଁ ସମାଜ ଓ ରାଷ୍ଟ୍ର ସଂଗଠନ କେନ୍ଦ୍ରର ଶୀର୍ଷସ୍ଥାନରେ ଅବସ୍ଥାନ କରିଛନ୍ତି । ରାଷ୍ଟ୍ରର ସାମାଜିକ, ରାଜନୈତିକ, ସାମରିକ, ସାଂସ୍କୃତିକ ଜୀବନର ସର୍ବଶ୍ରେଷ୍ଠ ପାଳକ ଭାବରେ ଶାସକ ହିଁ ସର୍ବୋତ୍ତମ ଐତିହ ବିଭବର ଅଧିକାରୀ ହୋଇଛନ୍ତି । ଶାସକଙ୍କ ସହିତ ସର୍ବଦା ବୀରତ୍ୱ ଓ ସାହସ ବିରାଜମାନ କରିଛି । ଏହାର ଅଭାବରେ ରାଷ୍ଟ୍ରଶକ୍ତି ହୋଇଛି ପରାଧୀନ । ଅନ୍ୟପକ୍ଷରେ ଲାସ୍ୟ, ହାସ୍ୟ ସହଚର ରୂପରେ କ୍ଷମତାର ଶୀର୍ଷ ସ୍ଥାନକୁ ଆମୋଦିତ କରିଛି । କଳିଙ୍ଗ ସମ୍ରାଟ ଐର ଖାରବେଳଙ୍କ ପାଖରୁ ଆରମ୍ଭ କରି ଗଙ୍ଗ ଓ ଗଜପତି ମାନଙ୍କ କାଳ ପର୍ଯ୍ୟନ୍ତ ଏସବୁର ପ୍ରମାଣ ବିଦ୍ୟମାନ । ସମ୍ରାଟ ଖାରବେଳଙ୍କ ଜୀବନରେ ବୀରତ୍ୱ ଯେପରି ବିରାଜମାନ କରିଥିଲା, ଲାସ୍ୟମୟ ରୂପେ ନୃତ୍ୟ ସଙ୍ଗୀତ ସେହିପରି ତାଙ୍କୁ ବିଭୂଷିତ କରିଥିଲା । ଶୌର୍ଯ୍ୟ ଯେପରି ସାମରିକ ଶକ୍ତିର ଚରମ ଉତ୍କର୍ଷ, ନୃତ୍ୟ ସଙ୍ଗୀତ ଅଭିନୟ ସେହିପରି ସାଂସ୍କୃତିକ ଜୀବନର ସର୍ବଶ୍ରେଷ୍ଠ ପରିଚାୟକ । ଛଉ ନୃତ୍ୟ ବିକଶିତ ଭୂଖଣ୍ଡରେ ଏହିପରି ଏସବୁର ସମନ୍ୱୟ ଘଟିଥିବାର ପରିଲକ୍ଷିତ ହୁଏ ।

ଏହି ପରିପ୍ରେକ୍ଷୀରେ ଷଢ଼େଇକଳାରୁ ବାରିପଦା ଆସିଥିବା ପ୍ରଖ୍ୟାତ ଓସ୍ତାଦ ଦ୍ୱୟଙ୍କ ମଧ୍ୟରୁ ଶ୍ରୀ ବନମାଳି ଦାଶଙ୍କ ବଂଶଧର ଶ୍ରୀ ପ୍ରସନ୍ନ କୁମାର ଦାଶ ଲେଖିଛନ୍ତିକି, 'ସେତେବେଳେ ଏହି ନାଟରେ ନୃତ୍ୟକାରୀ ଗଣ ଧାରୁଆ ଓ ଶକ୍ତିଶାଳୀ ଅସ୍ତ୍ର ଧରି ଅତି ଚମତ୍କାର ଓ କଠୋର ଯୁଦ୍ଧନୃତ୍ୟ ପ୍ରଦର୍ଶନ କରୁଥିଲେ ଏବଂ ଯୁଦ୍ଧ କ୍ଷେତ୍ରର ସୈନିକ ମାନଙ୍କ ଚିତ୍ତବିନୋଦନରୁ ଏହି ନୃତ୍ୟର ସୃଷ୍ଟି' । ଷଢ଼େଇକଳା ଛଉ ନୃତ୍ୟର ଜଣେ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ଓ ବାରିପଦା ଆସିଥିବା ଅନ୍ୟତମ ଓସ୍ତାଦ୍ ଶ୍ରୀ ଉପେନ୍ଦ୍ର ବିଶ୍ୱାଳଙ୍କ ଷଢ଼େଇକଳା ରାଜାଙ୍କ ଛଉ ଦଳରେ ଜଣେ ବିଚକ୍ଷଣ ନୃତ୍ୟଶିଳ୍ପୀ ରୂପେ ପ୍ରତିଷ୍ଠିତ ଥିଲେ । ଥରେ ବୁଢ଼ାରାଜା (ଷଢ଼େଇକଳାର ରାଜା ନୃପରାଜ ସିଂହଦେଓ) କଳାହାଣ୍ଡିରୁ ଫେରିବା କାଳରେ ଚକ୍ରଧରପୁର ନିକଟସ୍ଥ ଟେବୋ ପାହାଡ଼ ତଳେ ଟଇନିପୁର (କେତେକଙ୍କ ମତରେ କୁଢ଼େଇକଳା) ଗାଁରେ ବାଳକଟିଏ ବଇଁଶୀ ବଜାଇ ନୃତ୍ୟ କରୁ କରୁ ମଇଁଷି ଚରାଉଥିବାର ଦେଖି ରାଜା ଖୁସିହୋଇ ତାକୁ ସାଙ୍ଗରେ ଷଢ଼େଇକଳା ନେଇ ଆସିଲେ । ସେହି ବାଳକ ଉପେନ୍ଦ୍ର ବିଶ୍ୱାଳ ଷଢ଼େଇକଳାରେ ନାଚ ଆରମ୍ଭ କଲେ । ସେସବୁ ପାଇକାଳି ପରି ନାଚ । ସେ ସବୁ ନାଚର ପ୍ରଥମ ପ୍ରଦର୍ଶନ ବେଳେ ଶିବ, କାଳୀ, ଦୁର୍ଗା, ପରଶୁରାମ

ପ୍ରଭୃତି ବୀର ରସାତ୍ମକ ନାଚ ଗୁଡ଼ିକ ତହିଁର ଅନ୍ତର୍ଭୁକ୍ତ ହୋଇଥିବାର ଜଣାଯାଏ । ଉପେନ୍ଦ୍ରଙ୍କର ଦୁଇଜଣ ପଟ୍ଟଶିଷ୍ୟ ଶ୍ରୀ ରାଜେନ୍ଦ୍ର ପଟ୍ଟନାୟକ ଓ ଶ୍ରୀ ବନମାଳୀ ଦାଶ ଏହି ନୃତ୍ୟରେ ପ୍ରଖ୍ୟାତି ଅର୍ଜନ କରିଥିବାର ଜଣାଯାଏ । ମୟୂରଭଞ୍ଜ ମହାରାଜାଙ୍କ ଅନୁରୋଧ କ୍ରମେ ଷଢ଼େଇକଳାର ଶାସକ ରାଜେନ୍ଦ୍ରଙ୍କୁ ବାରିପଦା ଯିବାପାଇଁ କହିବାରୁ ରାଜେନ୍ଦ୍ର ପଟ୍ଟନାୟକ ଏଥିରେ ଅସମ୍ମତ ହୋଇଥିଲେ । ମୟୂରଭଞ୍ଜର ମହାରାଜାଙ୍କ ଅନୁରୋଧ କ୍ରମେ ପ୍ରଥମେ ଉପେନ୍ଦ୍ର ବିଶ୍ୱାଳ ବାରିପଦା ଆସି ଛଉ ନାଚର ଓସ୍ତାଦ୍ ଭାବରେ 'ଉତ୍ତର ସାହି'ର ପିଲାଙ୍କୁ ଛଉ ନାଚ ଶିକ୍ଷା ଦେବାର ଦାୟିତ୍ୱ ବହନ କରିଥିଲେ । (ଦୁଇ ତିନି ବର୍ଷ ପରେ ଶ୍ରୀ ବନମାଳି ଦାଶ ଆସି ବାରିପଦାର 'ଦକ୍ଷିଣ ସାହି'ର ଓସ୍ତାଦ୍ ରୂପେ ନିଯୁକ୍ତ ହୋଇଥିବାର ବିଷୟ ଦିବାକର ଭଞ୍ଜବାବୁଙ୍କ ଲିଖିତ ବିବରଣୀରୁ ଜଣାଯାଏ ।)

ଏହି ବିଷୟ ଷଢ଼େଇକଳାର ଟୀକାୟତ ନୃପେନ୍ଦ୍ର ନାରାୟଣଙ୍କ ଲିଖିତ 'ସିଂଭୂମ, ଷଢ଼େଇକଳା, ଖରସୁଆଁ ଥ୍ରୋ ଦି ଏଜେସ୍' ପୁସ୍ତକରେ ମଧ ସମର୍ଥିତ ହୋଇଛି । ସେ ଲେଖିଛନ୍ତି, Upendra Biswal who gave pep and vigour to the 'Amina Sahi Akra', was ultimately called by the then Maharaja of Mayurbhanj as a trainee and a 'Guru' to Mayurbhanj. He was amply rewarded with village grants and gave a new life to the Mayurbhanj Chhow Dance. His chief Disciple Rajendra Pattanayak was so much devoted to this 'Muse' of Dancing, that legends of Romance have grown round his name. He sparned wealth, for the sake of Art and refused to leave his sweet home, Seraikella - a place surcharged with all the artistic environemnts which a true devotee of the Muse of Dancing Wants.'(P.97).

ବାରିପଦାର ଶ୍ରୀ ଦିବାକର ଭଞ୍ଜବାବୁ 'ଭଞ୍ଜପ୍ରଦୀପ'ରେ ଲେଖିଛନ୍ତି, 'ନାଚ ପିଲା ମାନଙ୍କୁ ଉପରୋକ୍ତ ଓସ୍ତାଦ୍ ଦୁଇ ଜଣ ଫରିଖଣ୍ଡା ଖେଳ ଓ ଉପୁଲି ବାସିପାଇଟି ଛଡ଼ା ପାଣିଦିଆ, ଗୋବର ଗୋଳା, ଝୁଣ୍ଟିଆ ମଜା, ଧାନ ପାଛୁଡ଼ା ଇତ୍ୟାଦି ଶିକ୍ଷା ଦେଇଥିଲେ । ଏ ସଂପର୍କରେ ଷଢ଼େଇକଳାର ରାଜକୁମାର ଶ୍ରୀ ଯୁଗଭାନୁ ସିଂଦେଓ 'ଛଉ : ମାସ୍କ ଡାନ୍‌ସ ଅଫ୍ ଷଢ଼େଇକଳା' ପୁସ୍ତକରେ ଲେଖିଛନ୍ତି, 'ପୂର୍ବରୁ ଛଉ ନାଚ ମୂଳତଃ ଖଣ୍ଡା ଖେଳ ଥିଲା । ଡକ୍ଟର ଆଶୁତୋଷ ଭଟ୍ଟାଚାର୍ଯ୍ୟ 'ଛଉ ଡାନ୍‌ସ ଅଫ୍ ପୁରୁଲିଆ' ପସ୍ତକରେ ଲେଖିଛନ୍ତି । ନାଚଟି ପୁରୁଲିଆର କେତେକ ସ୍ଥାନରେ 'ଛଉ ଯୁଦ୍ଧ' ଭାବରେ କଥିତ ହୁଏ । (As the dance is known as Chhau Yuddha or Chhau war in some parts of Purulia) ଏହିପରି ଉପସ୍ଥିତ ତଥ୍ୟାବଳିରୁ ପ୍ରମାଣିତ ହୁଏ ଯେ ଛଉ ଏକ ବୀରତ୍ୱ ବ୍ୟଞ୍ଜକ ନାଚ ।

ଛଉର ଏହି ବୀରତ୍ୱ ସୂଚକ ବୈଶିଷ୍ଟ୍ୟ ହିଁ ମହାରାଜା ଶ୍ରୀ ରାମଚନ୍ଦ୍ରଙ୍କୁ 'ପାଇକ ନୃତ୍ୟ' ଉଦ୍ଭାବନ ନିମନ୍ତେ ଅନୁପ୍ରେରିତ କରିଥିବ ଓ ବ୍ରିଟିଶ୍ ସମ୍ରାଟଙ୍କୁ ଓଡ଼ିଆ ଜାତିର ଅତୀତ ଗୌରବର ପ୍ରତୀକ ରୂପେ ଏହାର ପ୍ରଦର୍ଶନ ପାଇଁ ପ୍ରେରଣା ଯୋଗାଇଥିବ । ଛଦ୍ମବେଶ ସାଜିବା ସାମରିକ ବିଭାଗର ଏକ ଅପରିହାର୍ଯ୍ୟ କୌଶଳ । ଏହି କୌଶଳର ସୁସଂପାଦନ ନିମନ୍ତେ ମୁଖା ପରିଧାନ ପ୍ରୟୋଜନ ହୁଏ । ଏହି ହେତୁ ସୈନ୍ୟମାନେ ସମରାଭ୍ୟାସ କାଳରେ ମୁଖା (ଛଉ) ବ୍ୟବହାର କରିବାରେ ଅସ୍ୱାଭାବିକତା ନାହିଁ ।

ସଂପୃକ୍ତ ଅଞ୍ଚଳର ସାଂସ୍କୃତିକ ପରମ୍ପରାର ଆଲୋଚନା କାଳରେ ଦେଖାଯାଇଛି ଯେ ସମଗ୍ର ଅଞ୍ଚଳର ଅଧିବାସୀ ମାନଙ୍କର ଶିକାର ଏକ ମୁଖ୍ୟ ଆମୋଦ । ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଏହା ସଂପନ୍ନ ହୁଏ । ଏହି ଘନ ଅରଣ୍ୟପୂର୍ଣ୍ଣ ପାର୍ବତ୍ୟାଞ୍ଚଳର ଶାସକ ବର୍ଗ ଶିକାର ନିମନ୍ତେ ଅଭିଯାନ ଆରମ୍ଭ କରି ବର୍ଷର ନିର୍ଦ୍ଦିଷ୍ଟ ସମୟରେ ଅରଣ୍ୟ ମଧ୍ୟରେ 'ଛାଉଣୀ' ପକାଉ ଥିଲେ । ଶିକାର ଅଭିଯାନଏକ ସାମରିକ ଆମୋଦ ରୂପେ ସବୁ କାଳରେ ବିବେଚିତ ହୋଇଛି । ଏହି ସମୟରେ ରାଜାଙ୍କ ସହିତ ସୈନ୍ୟସାମନ୍ତ, ବାଦ୍ୟକାର, ବୟସ୍ୟ, କବି, ସଙ୍ଗୀତଜ୍ଞମାନେ ମଧ୍ୟ ସହଯାତ୍ରୀ ହେଉଥିବା ବିଷୟ ବିବିଧ ସାହିତ୍ୟ ରଚନା ମାନଙ୍କରେ ବର୍ଣ୍ଣିତ ଥିବାର ଜଣାଯାଏ । ଏପରି ବିନୋଦନ କାଳରେ ଗଭୀର ଅରଣ୍ୟ ମଧ୍ୟରେ ଅନେକ ଦିନ ପର୍ଯ୍ୟନ୍ତ ଯେଉଁ ଛାଉଣୀ ପଡୁଥିଲା ଓ ଏହି ଛାଉଣୀରେ ଅଭିଯାନରେ ସାମିଲ ହୋଇଥିବା ସୈନ୍ୟଗଣ ଅବସର ସମୟରେ ଯୁଦ୍ଧକୌଶଳ ଅଭ୍ୟାସ ନିମନ୍ତେ ଉପସ୍ଥିତ ସୁଯୋଗର ସଦୁପଯୋଗ କରି ନୃତ୍ୟ ପ୍ରଦର୍ଶନ କରୁଥିଲେ । ଏହି ଯୁଦ୍ଧନୃତ୍ୟ ଅଭ୍ୟାସ ସାଙ୍ଗକୁ ପାଇକ ମାନଙ୍କର ରକ୍ତ ଉତ୍ତେଜକ ବୋଲି ବୟସ୍ୟ-ବିଦୂଷକଙ୍କ ହାସ ପରିହାସ, ବ୍ୟଙ୍ଗୋକ୍ତି, କବି ଓ ସଙ୍ଗୀତଜ୍ଞଙ୍କର ବିଭିନ୍ନ ଭାବ /ରସାଶ୍ରିତ ଲଳିତ ସଙ୍ଗୀତ, ବାଦ୍ୟକାର ମାନଙ୍କର ବାଦ୍ୟ ନାଦ ମୁଖରିତ ଚିତ୍ତ ଉଲ୍ଲାସକାରୀ ପରିବେଶରେ ସ୍ଥାନୀୟ ଅଧିବାସୀଙ୍କର ମନୋରଞ୍ଜନ ଧର୍ମୀ ସମଭାବ ସମ୍ବଳିତ କୌଣସି ଲୌକିକ ମୁଖାନୃତ୍ୟ ପରିବେଶିତ ହୋଇଥିବ କିମ୍ବା ଏପରି ଏକ ଆମୋଦିତ ପରିବେଶରେ ଏକ ନୃତ୍ୟସଙ୍ଗୀତ ଅଭିନୟ ସୃଷ୍ଟି ନିମନ୍ତେ ଅନୁପ୍ରେରିତ କରିଥିବ । ଏହିପରି ଭାବରେ ଛଇ, ଛବି, ଛଦ୍ମ, ଛାୟା, ଛାଉଣୀ ନୃତ୍ୟଗୁ କାଳକ୍ରମେ ଛ/ଛଉ/ଛୌ ନାମିତ ନାଚର ସୃଷ୍ଟି ହୋଇଥିବା ଯୁକ୍ତି ସବୁର ଉତ୍ପତ୍ତି ।

ଏଠାରେ ଅନ୍ୟ ଏକ ତଥ୍ୟର ଉପଯୋଗିତା ସଂପର୍କରେ ଆଲୋଚନା କରାଯାଉଛି । କେତେକଙ୍କ ମତରେ ସିପାହୀ ବିଦ୍ରୋହ (ଖ୍ରୀ. ୧୮୫୭) ପରେ ଭାରତରେ ଇଂରେଜ ଶାସନ ବିରୁଦ୍ଧରେ ସାମରିକ ପ୍ରସ୍ତୁତି ସ୍ୱରୂପ ଛଉନାଚର ସୃଷ୍ଟି ହୋଇଥିଲା । ଛଉ ନାଚ ସୃଷ୍ଟିର ଏପରି ଏକ ସମ୍ଭାବନାମୟ କାରଣର ଆଲୋଚନା କାଳରେ ସିପାହୀ ବିଦ୍ରୋହ ସମୟ କିମ୍ବା ତତ୍

ପୂର୍ବ/ପରବର୍ତ୍ତୀ କାଳରେ ଭାରତର କୌଣସି ସ୍ଥାନରେ ଏପରି ଏକ ସାମରିକ କୌଶଳ ଅବଲମ୍ବିତ ହୋଇଥିବା କୌଣସି ପ୍ରମାଣ ଉପଲବ୍ଧ ହୋଇନାହିଁ । ପୋଡ଼ାହାଟର ଶେଷ ରାଜା ଅର୍ଜୁନ ସିଂହ ଇଂରେଜ ବିରୁଦ୍ଧରେ ବିଦ୍ରୋହ କରିଥିଲେ ହେଁ ସେ ଏପରି ଏକ ନାଚର ପୋଷକତା କରିଥିବାର କୌଣସି ପ୍ରମାଣ ମିଳିନାହିଁ । ପୁନଶ୍ଚ, ୧୮୫୭ ମସିହାର ବିଦ୍ରୋହ ପୂର୍ବରୁ ଏସବୁ ଅଞ୍ଚଳର ଜନସମାଜରେ ଏପରି ଏକ ମୁଖାନାଚର ପ୍ରଚଳନ ଥିବାର ତଥ୍ୟ ଉପଲବ୍ଧ ହେଉଛି । ଭାରତରୁ ଇଂରେଜ ଶାସନର ଅବସାନ ପରେ ପୂର୍ବତନ ରାଜ୍ୟଗୁଡ଼ିକ ନିଜନିଜର ପୂର୍ବର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ନେଇ ଭବିଷ୍ୟତର ସାମରିକ ସଂଗଠନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛଉ ପରି ଏକ ନୃତ୍ୟର ପୋଷକତା କରିଥିବା ବିଷୟରେ ଯୁକ୍ତି କରାଗଲେ (ଯେପରି ମୟୂରଭଞ୍ଜର ମହାରାଜା ଏପରି ଏକ ଉଦାହରଣ ସୃଷ୍ଟି କରିଥିଲେ) ପୂର୍ବରୁ ଏପରି ଏକ ନୃତ୍ୟର ପ୍ରଚଳନ ଥିବା ପ୍ରମାଣିତ ହେଉଛି ।

. ଷଢ଼େଇକଳାର ପ୍ରଖ୍ୟାତ କବି ଓଡ଼ିଶାର ଫୁଲବାଣୀ ଜିଲ୍ଲାର ପୂର୍ବତନ ମାଜିଷ୍ଟ୍ରେଟ୍ ଶ୍ରୀ ଶରତ କୁମାର ଆଚାର୍ଯ୍ୟ ଏ ସଂପର୍କରେ କହନ୍ତି, 'ଛଉଟା ଲୋକ ନୃତ୍ୟ । ଗାଁମାନଙ୍କରେ ପ୍ରଚଳିତ ଥିଲା । ରାଜାମାନେ ପୋଷକତା କରି ମାର୍ଜିତ କରାଇଛନ୍ତି । ଫରୀଖଣ୍ଡା ଖେଳ ଏଥିରେ ପଶିଛି ।' ପ୍ରାରମ୍ଭିକ କାଳରେ ଷଢ଼େଇକଳା ଦରବାରରେ ମଧ ଛଉ (ମୁଖା)ର ବ୍ୟବହାର ନଥିବା କେତେକ କହନ୍ତି । ଆହୁରି ମଧ କଥିତ ହୁଏ ଯେ, ଷଢ଼େଇକଳାର ଉପେନ୍ଦ୍ର ବିଶ୍ୱାଳଙ୍କ ପଟ୍ଟଶିଷ୍ୟ ରାଜେନ୍ଦ୍ର ପଟ୍ଟନାୟକ ଡୁବି ତବ୍ଲାରେ ମଧ ଜଣେ ପ୍ରବୀଣ ଶିଳ୍ପୀ ଥିଲେ । ତାଙ୍କରି ପ୍ରଯତ୍ନରେ ଛଉରେ ଶାସ୍ତ୍ରୀୟ ତାଳମାନର ଉପଯୋଗ ହୋଇ ଏହାକୁ ମାର୍ଜିତ ଓ ଉନ୍ନତ କରିବାର ଚେଷ୍ଟା କରାଯାଇଥିଲା । ସମସାମୟିକ କାଳରେ ପୁରୀରୁ ଗୋଟିପୁଅ ନାଚ ଷଢ଼େଇକଳା ଦରବାରକୁ ଆସେ ଓ ଷଢ଼େଇକଳାର ନୃତ୍ୟ ଉପରେ ଏହା ଗଭୀର ପ୍ରଭାବ ପକାଇଥିବାର ଜଣାଯାଏ । ନୃପେନ୍ଦ୍ର ନାରାୟଣଙ୍କ ଲିଖିତ ପୁସ୍ତକରେ ମଧ ଏଥିର ସମର୍ଥନ ସୂଚକ ଉକ୍ତି ଦେଖାଯାଏ । ସେ ଲେଖିଛନ୍ତି, 'Based on the principles of Bharata's Natya Sutra it has aggimillated into itself the Orissian style of Gotipo dancing and to some extent the both dances of numerous tribes that inhabit the land.'(P.94).

ଗୁରୁଶ୍ରୀ କେଦାର ନାଥ ସାହୁ ଏ ସଂପର୍କରେ କହନ୍ତି, "ମୋର ଗୁରୁ (ବିଜୟ ପ୍ରତାପ ସିଂଦେଓ) କହନ୍ତି ନାଚଟି ପବ୍ଲିକ ବେଶ୍ । ସାଧାରଣ ଲୋକଙ୍କଠାରୁ ଉତ୍ପତ୍ତି ହୋଇଛି ।" ଯୁଗଭାନୁ ସିଂଦେଓ ମଧ ଲେଖିଛନ୍ତି । "କୁମାର ସାହେବ (ବିଜୟ ପ୍ରତାପ ସିଂହଦେଓ) ଏଥିରେ ଲାସ୍ୟ ଭାବର ପ୍ରବର୍ତ୍ତନ କରାଇଥିଲେ ।"

ମହାରାଜା କୃଷ୍ଣଚନ୍ଦ୍ର ଷଢ଼େଇକଳାଠାରୁ ଦୁଇଜଣ ଓସ୍ତାତ୍ ଆଣି ଏଥିର ବିଶେଷ ଶିକ୍ଷା ପାଇଁ ରଖାଇବା ପୂର୍ବରୁ ବାରିପଦାରେ ଛଉ ନାଟର ପ୍ରଚଳନ ଘଟିଥିବା ଜଣାଯାଇଛି । ତା'ପୂର୍ବରୁ ଧଳଭୂମରେ ଏ ନାଟର ପ୍ରଚଳନ ଥିଲା । ଯଦୁନାଥ ଭଞ୍ଜଙ୍କ ସମୟ କିମ୍ବା ପରବର୍ତ୍ତୀ କାଳରେ ଧଳଭୂମିର ମଦନସିଂହ ବାବୁ ଆସି ବାରିପଦାରେ 'ରାମନବମୀ ନାଟ' ସହିତ ଛଉ ପରି କିଛି ନାଟ ଓ ବାଜା ମିଶାଇଥିଲେ । ସେତେବେଳେ ଏଥିରେ ମୁହୁଣ୍ଡା (ମୁଖା) ଓ ପ୍ରଭାର ପ୍ରଚଳନ ଥିଲା । ଷଢ଼େଇକଳାରୁ ଆସିଥିବା ଓସ୍ତାତ୍ ଦୁଇଜଣଙ୍କ ଶିକ୍ଷାରେ ଏକ ଜଣିଆ, ଯୋଡ଼ି ଓ ଚଉଜଣିଆ ନାଟ ସହ 'ତିର୍ଲାନାଟ' ହେଉଥିଲା ଓ ପୂର୍ବରୁ ପ୍ରଚଳିତ ନାଟଠାରୁ ଏଥିରେ 'କିଛି ଉନ୍ନତି' ହୋଇଥିବାର ମଧ ଜଣାଯାଏ । ଉପରୋକ୍ତ ଓସ୍ତାତ୍ ଦୁଇଜଣ ବାରିପଦାର ଦୁଇ ସାହିର ଛଉ ନାଟ ପିଲାଙ୍କୁ ଫରିଖଣ୍ଡା ଖେଳ ସହ ଉଫୁଲି ବାସିପାଇଟି, ଛଡ଼ା ପାଣିଦିଆ, ଗୋବରଗୁଳା, ଝୁଣ୍ଟିଆମଜା, ଧାନ ପାଛୁଡ଼ା ପ୍ରଭୃତି ନାଚ (ଭଙ୍ଗୀ) ମାନ ଶିକ୍ଷା ଦେଇଥିଲେ । ସେମାନଙ୍କ ଶିକ୍ଷା ଦେଇଥିବା 'ତିର୍ଲାନାଟ' ହିଁ ଲାସ୍ୟ ଭାବାଶ୍ରିତ ନାଟ ।

ବସ୍ତୁତଃ, ଏହା ଏକ ବୀରତ୍ୱ ବ୍ୟଞ୍ଜକ ଓ ଲାସ୍ୟ ଭାବାଶ୍ରିତ ମୁଖାନାଟ – ଯାହା ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଚଳିତ ଥିଲା । ଏଠାରେ ଅନ୍ୟ ଏକ ବିଷୟରେ ଆଲୋଚନା କରାଯାଉଛି । ଛଉ ନାଟ ସହିତ ସଂଯୁକ୍ତ ପର୍ବଟି ଦଣ୍ଡନାଟ ବା ଦଣ୍ଡଯାତ୍ରା ରୂପେ କଥିତ ହୁଏ । ଏହି ଦଣ୍ଡନଟର ଅନ୍ୟ ଏକ ଅର୍ଥ ଯୁଦ୍ଧ ନାଟ । ଦଣ୍ଡ ଶବ୍ଦର ଅର୍ଥ ଯଷ୍ଟି, ଲାଠି, ଯୁଦ୍ଧ, ବ୍ୟାୟାମ ବିଶେଷ, ରାଜ୍ୟ ଶାସନର ନୀତି ବିଶେଷ, ରାଷ୍ଟ୍ର ଶକ୍ତିର ଚିହ୍ନ ବିଶେଷ, ସୈନ୍ୟ (ଦଣ୍ଡଧର- ରାଜା, ଦଣ୍ଡନାୟକ- ସେନାପତି)ପ୍ରଭୃତି ସାମରିକ ଅର୍ଥ ବ୍ୟଞ୍ଜକ (ତ.ଶ.କୋ.) । ଏତଦ୍ ବ୍ୟତୀତ ମହାମେଘ ବାହନ ଐର ଖାରବେଳଙ୍କ (ଖ୍ରୀ.ପୂ. ପ୍ରଥମ ଶତକ)ଙ୍କ ନେତୃତ୍ୱରେ କଳିଙ୍ଗ ସୈନ୍ୟ ବୀର ଦର୍ପରେ ମଗଧ ଆକ୍ରମଣ କାଳରେ 'ଦଣ୍ଡଯାତ୍ରା' କରିଥିବା ବିଷୟ ଇତିହାସରୁ ଜଣାଯାଏ । (ଡଃ ସତ୍ୟନାରାୟଣ ରାଜଗୁରୁ, କଳିଙ୍ଗର ଆତ୍ମକଥା) କାଳକ୍ରମେ ଏହି ନାଟ 'ଉତ୍ସବ' ସହିତ ସଂଯୁକ୍ତ ହୋଇଛି । ଶୈବଧର୍ମର ମତବାଦର ପ୍ରଚାର ଓ ପ୍ରସାର ନିମନ୍ତେ ଏପରି ଏକ ନୃତ୍ୟକୁ ମାଧ୍ୟମ ରୂପେ ଗ୍ରହଣ କରାଯାଇଥିବ, ଯେପରି ବୈଷ୍ଣବ ଧର୍ମକୁ ଲୋକପ୍ରିୟ କରିବା ପାଇଁ କୃଷ୍ଣଲୀଳା ବିଷୟକ ନୃତ୍ୟ ପ୍ରଦର୍ଶନର ଐତିହାସିକ ପ୍ରମାଣ ବିଦ୍ୟମାନ । ଶିବ ହିଁ ନୃତ୍ୟର ଦେବତା । ସେ ନଟରାଜ । ସାହସ, ଶକ୍ତି, ଶୌର୍ଯ୍ୟ ବୀର୍ଯ୍ୟର ପ୍ରତୀକ ଶିବଙ୍କ ଆରାଧନା କାଳରେ ଏପରି ଏକ ଲୋକ ନୃତ୍ୟାଭିନୟ ପ୍ରଦର୍ଶନ କରାଯିବାରେ ଅପ୍ରାକୃତିକତା ନାହିଁ । ଶିବ ଉପାସନା, ଉପଚାର ସମସ୍ତ କଷ୍ଟସଧ, କ୍ଳେଶ ପ୍ରଦାୟକ ଓ କୌଶଳପୂର୍ଣ୍ଣ ଅନୁଷ୍ଠାନ । କାଳକ୍ରମେ ବିଭିନ୍ନ ପର୍ଯ୍ୟାୟରେ ବହୁ ଆଞ୍ଚଳିକ ଗୀତ ନୃତ୍ୟାଦି ଭାବଭଙ୍ଗୀର ମିଶ୍ରଣରେ ଛଉ ସମୃଦ୍ଧ ହୋଇ ବର୍ତ୍ତମାନର ରୂପ ପରିଗ୍ରହ କରିଛି । ଛଉ/ଛୋ ନୃତ୍ୟ-ନାଟ୍ୟ ରୂପେ ଚୈତ୍ର ପର୍ବର ଆନୁସଙ୍ଗିକ ନୃତ୍ୟ ରୂପେ ପ୍ରତିଷ୍ଠିତ

ହୋଇଛି । ଉପର ଲିଖିତ ବିଭିନ୍ନ ନାଚର ବିବରଣୀ ଓ ଆଲୋଚନା ସମସ୍ତ ଛଉ ନାଚ ପରମ୍ପରା ସଂପର୍କୀୟ ସାଂସ୍କୃତିକ ପୃଷ୍ଠଭୂମିର ସମ୍ୟକ୍ ପରିଚୟ ପ୍ରଦାନ କରିବାରେ ସମର୍ଥ ହେବ ।

ନିର୍ବାଚିତ ସହାୟିକା ପୁସ୍ତକ ସୂଚୀ:


1. Blanki, Judith; The story of the Chhou Dance of the Former Mayurbhanj State Orissa, University of Cicago-1973.
2. Das, M.P.; ଓଡ଼ିଶାର ସାମଗ୍ରିକ ସଂସ୍କୃତି, ୨ୟ ସଂ. ୧୯୭୦ (ସଂ.)
3. Pattanaik, D.N.; ଓଡ଼ିଶୀ ନୃତ୍ୟ, ଓ.ସଂ.ନା.ଏ.
4. Singh Deo, J.B.; Chhou Mask Dance of Seraikella - 1973.
5. Singh Deo, N.N.; Singhbhum, Seraikella, Kharswan - Through the Ages, 1954.
6. Uppal, Hari; Folk Dances of Bihar, 1963.


★★★

# ଚତୁର୍ଥ ଅଧ୍ୟାୟ

## ଷଢ଼େଇକଳାର ଛଉ ନାଟ ପରମ୍ପରା

ଇଂରେଜ ଶାସିତ ଭାରତରେ ଏକ 'କ' ଶ୍ରେଣୀର ଦେଶୀୟ ରାଜ୍ୟ ରୂପେ ବିବେଚିତ ଷଢ଼େଇକଳା ପ୍ରଦେଶ ମିଶ୍ରଣ ପରେ ବର୍ତ୍ତମାନ ବିହାର ପ୍ରଦେଶ ଅନ୍ତର୍ଗତ ସିଂଭୂମ ଜିଲ୍ଲାର ଏକ ମହକୁମା ରୂପେ ପରିଗଣିତ । ପ୍ରାଚୀନ କାଳରୁ ଏ ଅଞ୍ଚଳ କଳିଙ୍ଗ ବା ଉତ୍କଳର ଏକ ଅଂଶ ରୂପେ (ଉତ୍କଳ ଜନନୀଙ୍କର ମସ୍ତକ ରୂପେ ଅଭିହିତ ଷଢ଼େଇକଳା-ଖରସୁଆଁ ରାଜ୍ୟ ପ୍ରଦେଶ ମିଶ୍ରଣ ପରେ ଓଡ଼ିଶାରୁ ବାଦ ପଡ଼ିଛି) ଅବସ୍ଥିତ ଥିଲା । ଅତୀତରେ କେଉଁ ଏକ ଶୁଭ ମୁହୂର୍ତ୍ତରେ ଛଉନାଟ ଷଢ଼େଇକଳା ରାଜ ପୃଷ୍ଠପୋଷକତା ଲାଭ କରି ସଂଗଠିତ ହୋଇଥିଲା ତାର ଇତିହାସ ଲିପିବଦ୍ଧ ହୋଇନାହିଁ । ପରମ୍ପରା କ୍ରମେ ଏଠା ରାଜ୍ୟବାସୀ ଗଣ ଅଦ୍ୟାବଧି ପ୍ରତି ବର୍ଷ ଚୈତ୍ର ପର୍ବ ପାଳନ କରୁଛନ୍ତି । ଚୈତ୍ର ପର୍ବ ସମୟରେ ରାଜ ପରିବାର ଓ ସାଧାରଣ ଲୋକେ ଜାତି ବର୍ଣ୍ଣ, ପଦପଦବୀ ନିର୍ବିଶେଷରେ ଏକାତ୍ମ ଭାବେ ଏଥିରେ ଅଂଶ ଗ୍ରହଣ କରନ୍ତି । ଷଢ଼େଇକଳାର ଛଉନାଟ ସଂପର୍କରେ ଏକ ପ୍ରସିଦ୍ଧ ପ୍ରଚଳିତ ଲୋକୋକ୍ତି ହେଉଛି - "ଖରସୁଆଁର ଯାତ୍ରାଘଟ, ବ୍ରାହ୍ମଣୀ ଘାଟିଆ ଘାଟ, କେରାର କାଳିକା ଘଟ ଷଢ଼େଇକଳାର ନାଟ ।" ପାଟ ସଂକ୍ରାନ୍ତିରେ ଉପର ଲିଖିତ ଅଞ୍ଚଳରେ ଏପରି ଉତ୍ସବ ସବୁ ପ୍ରସିଦ୍ଧ ।

ଛୋଟିଆ ନାଗପୁର ମାଳଭୂମି ଅନ୍ତର୍ଗତ ସିଂଭୂମ - ଷଢ଼େଇକଳା ଏକ ଆଦିବାସୀ ବହୁଳ ରାଜ୍ୟ । ଛଉ ନାଟରେ ଏତ୍ଦ୍ଠାର ଆଦିବାସୀ ହୋ, କୋହ୍ଲ, ଭୂୟାଁ, ସରାକି, ପ୍ରଭୃତି ଗୋଷ୍ଠୀଙ୍କ ନୃତ୍ୟ ପରମ୍ପରାର ପ୍ରଭାବ ପରିଲକ୍ଷିତ ହୁଏ ।

ଲେଖକର କ୍ଷେତ୍ର ଅଧ୍ୟୟନ ସମୟ ୧୯୮୪ ମସିହା ଅପ୍ରେଲ ମାସ । ସେ ସମୟକୁ ଷଢ଼େଇକଳାରେ ରାଜ ପ୍ରାସାଦ ପରିଚାଳିତ "ରାଜକୀୟ ଛଉ ନୃତ୍ୟ କଳାକେନ୍ଦ୍ର" ଓ ଗୁରୁଶ୍ରୀ କେଦାର ଚରଣ ସାହୁଙ୍କ ତତ୍ତ୍ୱାବଧାନରେ କେଦାର କଳାକେନ୍ଦ୍ର ଛଉ ନୃତ୍ୟ ଅନୁଷ୍ଠାନ - ଏପରି ଦୁଇଗୋଟି ଛଉ ନୃତ୍ୟ କେନ୍ଦ୍ର ରହିଥିଲା । ଏତଦ୍ ବ୍ୟତୀତ ରଙ୍ଗପୁର, ଗୋବିନ୍ଦପୁର, କୁସପୁତୁଳି ପ୍ରଭୃତି ଗ୍ରାମରେ ଛଉ ନୃତ୍ୟ ପ୍ରତିଷ୍ଠାନମାନ ରହିଥିଲା ।

ଚୈତ୍ର ପର୍ବ ସହିତ ଛଉ ନାଟ ସଂଯୋଜିତ ହୋଇଅଛି । ଷଢ଼େଇକଳା ମହାରାଜାଙ୍କ ଆରାଧ ଦେବୀ କାଳୀକା ରୂପୀ ମାଆ ପାଉଡ଼ିଙ୍କ ନିକଟରେ ନବରାତ୍ର ସମୟରେ ଆଡ଼ମ୍ବର ଓ ଉପଚାର ସହ ଷୋଳପୂଜା ଅନୁଷ୍ଠିତ ହୁଏ । ଚୈତ୍ର ପର୍ବ ହିଁ କାଳୀ ରୂପୀ ମାଆ ପାଉଡ଼ୀଙ୍କର ଶ୍ରେଷ୍ଠ ପର୍ବ । ଏହା ଅର୍ଦ୍ଧନାରୀଶ୍ୱର ଶିବଶକ୍ତିଙ୍କର ଆରାଧନା ନୃତ୍ୟ ଶାସ୍ତ୍ରବିଦ୍ ସୁନିଲ କୋଠାରୀଙ୍କ

ଯଥାର୍ଥ ମନ୍ତବ୍ୟ ଏଠାରେ ଉଦ୍ଧାର କରୁଅଛି । ସେ ଲେଖିଛନ୍ତି, ଉତ୍ସବଟି ଆଚାର ସମ୍ବଳିତ ଓ ଏହାର ଅଂଶ ରୂପେ ଛଉ ନାଚ ଅନୁଷ୍ଠିତ ହୁଏ । ନାଚ ସହିତ ପର୍ବର କୌଣସି ପ୍ରତ୍ୟକ୍ଷ ସଂଯୋଗ ନାହିଁ । କେବଳ ବାର୍ଷିକ ପର୍ବାନୁଷ୍ଠାନର ଅଂଶ ବିଶେଷ । ଆନୁଷ୍ଠାନିକ ଉପଚାର ବ୍ୟତୀତ ଛଉ ନାଚ ଅନୁଷ୍ଠିତ ହୋଇପାରେ । ନାଚଟି ଶୈଳୀପୂର୍ଣ୍ଣ । ଚୈତ୍ର ପର୍ବର ଆନୁଷ୍ଠାନିକ ଉପଚାର ସହ ଛଉ ନାଚର ଅବତାରଣା ଏକ ସଂଯୋଗ । ("Rituals connectd with Chhou Dance of Seraikella - paper presented in the seminar at Bhubaneswar in 1986.)

ତେବେ ଗବେଷଣା ନିମନ୍ତେ ଏଠାରେ ଏପରି ଏକ ପ୍ରାଚୀନ ଅନୁଷ୍ଠାନର ପାରମ୍ପରିକ ଚିତ୍ର ପ୍ରଦାନର ଆବଶ୍ୟକତା ଦୃଷ୍ଟିରୁ ଏସବୁର ବିବରଣୀ ପ୍ରଦତ୍ତ ହେଲା । ବର୍ତ୍ତମାନ ମହାରାଜାଙ୍କର ରାଜ୍ୟ ନାହିଁ, ଥାଟ ନାହିଁ, ଆୟ ସୀମିତ । ତେଣୁ ଚୈତ୍ର ପର୍ବ ସହିତ ଛଉ ନାଚର ଅନୁଷ୍ଠାନରେ ପୂର୍ବର ବ୍ୟୟ ସମ୍ଭବ ହେଉନଥିବାରୁ କେବଳ ଆନୁଷ୍ଠାନିକ ଉପଚାର ଅକ୍ଷୁର୍ଣ୍ଣ ରହିଅଛି । ବ୍ୟୟ ସୀମିତ ହୋଇଅଛି । ଆଗରୁ ମହାରାଜା ଏଠାରେ ଚୈତ୍ର ପର୍ବ ପାଇଁ ସମସ୍ତ ବ୍ୟୟ ବହନ କରୁଥିଲେ । ଏତଦ୍ ବ୍ୟତୀତ ଉରକୁଲି, ରମାରୁନେଟ ପ୍ରଭୃତି ଗାଆଁରେ ଚୈତ୍ର ପର୍ବ ପାଇଁ ଆଂଶିକ ଅର୍ଥ ସାହାଯ୍ୟ ଦେଉଥିଲେ ।

**ଆନୁଷ୍ଠାନିକ ଉପଚାର:**

ଚୈତ୍ର ପର୍ବ ସହିତ ଛଉ ନାଚର ସମ୍ବନ୍ଧ ଘନିଷ୍ଠ । ଷଢ଼େଇକଳାରେ ଚୈତ୍ର ପର୍ବ କହିଲେ ଛଉ ନାଚ ଓ ଛଉ ନାଚ କହିଲେ ଚୈତ୍ର ପର୍ବକୁ ବୁଝାଏ । ଅନାଦି କାଳରୁ ଚୈତ୍ର ପର୍ବ ବା ବସନ୍ତ ପର୍ବ ଅନୁଷ୍ଠିତ ହୋଇ ଆସୁଅଛି । ପ୍ରତି ବର୍ଷ ଚୈତ୍ର ମାସରେ ତେର ଦିନ ପାଇଁ ସଂକ୍ରାନ୍ତି ପର୍ଯ୍ୟନ୍ତ ପର୍ବ ଆନୁଷ୍ଠାନିକ ଉପଚାର ମଧ୍ୟରେ ଶିବ ମନ୍ଦିରରେ ଅନୁଷ୍ଠିତ ହୁଏ । ପର୍ବର ଶେଷ ଚାରିଦିନ ରାତ୍ରିରେ ଛଉ ନାଚ ହୁଏ । ରାଜାଙ୍କର "ପାଟଜ୍ୟୋତିଷ" ତେରଦିନର ପର୍ବ ନିମନ୍ତେ ପାଞ୍ଜି ଦେଖି ଦିନ, ବାର, ନକ୍ଷତ୍ର, ଶୁଭଲଗ୍ନ ସ୍ଥିର କରିଦିଅନ୍ତି ।

**ଭକ୍ତା, ଭକ୍ତାଙ୍କର ଜାତି ଓ ସଂଖ୍ୟା :**

ତେଲି, ତାମିଳି, ଖଡ଼ରା, କଂସାରୀ, ପାଟରା, ଗୁଡ଼ିଆ, ବଣିଆ, ଦଣ୍ଡିଆ, ଭୁଆଁ, ଗଉଡ଼, ଖିଦୁଆଳ, ବ୍ରାହ୍ମଣ ପ୍ରଭୃତି ବାରଜାତିର ତେର ଜଣ ଭକ୍ତା ବଂଶାନୁକ୍ରମରେ ଆଚାର ଅନୁଷ୍ଠାନ ଓ ଉପବାସ ସହ ଉପାସନା ଆରମ୍ଭ କରନ୍ତି । ବ୍ରାହ୍ମଣ ପୂଜା କରନ୍ତି । ତେଲି ଜାତିର ଭକ୍ତା ପାଟ ଭକ୍ତା ହୁଅନ୍ତି । ସମସ୍ତ ଭକ୍ତାଙ୍କ ଉପରେ ତାଙ୍କର ପ୍ରାଧାନ୍ୟ ରହେ । ତାଙ୍କର ନିର୍ଦ୍ଦେଶ ଠିକ୍ ଠିକ୍ ପାଳିତ ହୁଏ ।

**ଉପାସନା ବିଧି:**

ପର୍ବରେ ଭକ୍ତାମାନେ ମନୋନୀତ ହୁଅନ୍ତି । ଏହାକୁ ଧର୍ମାତ୍ କରଣୀ (ଧର୍ମାଚରଣ ନିମନ୍ତେ ମନୋନୟନ) କୁହାଯାଏ । ସେମାନେ ସମଗ୍ର ଦିବସ ଓ ରାତ୍ରି ମଧ୍ୟରେ "ହବିଷ୍ୟାଳି" ରହନ୍ତି । ଅର୍ଥାତ ଥରେ ଅରୁଆ ଖାଇବା ବିଧି । ଉପବାସ ସହିତ କେତେକ ନିର୍ଦ୍ଦିଷ୍ଟ ଆଚାର ଆଚରଣ ମାନି ଚଳିବାକୁ ହୁଏ । "ଧର୍ମାତ୍ କରଣୀ" ଦିନରେ ସେମାନେ ସମସ୍ତେ ନିଜ ଗୋତ୍ର ପରିତ୍ୟାଗ କରି "ଶିବ ଗୋତ୍ର" ଧାରଣ କରନ୍ତି । ପର୍ବ ସମୟରେ ଭକ୍ତା ମାନେ ନିରାମିଷ ଭୋଜନ, ପଇତା ଓ ବେତ ଧାରଣ କରିବା ବିଧି । ସାଂସାରିକ ଓ ଗାର୍ହସ୍ଥ୍ୟ ପରିତ୍ୟାଗ ପୂର୍ବକ ମତ୍ସ୍ୟ, ମାଂସ, ସ୍ତ୍ରୀ, ତଇଲ ସମସ୍ତ ବର୍ଜନ କରିବାକୁ ହୁଏ । ଅକ୍ଷମ ପକ୍ଷରେ ନିଜ ଜାତି କିମ୍ବା ଅଂଶ ଗ୍ରହଣ କରୁଥିବା ଜାତିର କାହାକୁ 'ଭଜି' (ବଦଳ) ଦେଇ ହୁଏ । ତା ପାଇଁ ମୂଳ ଭକ୍ତା ସମସ୍ତ ଖର୍ଚ୍ଚ ବହନ କରେ । ଦେହ ଓ ମନରେ ଶୁଦ୍ଧ ଓ ପବିତ୍ର ରହି ଶିବଙ୍କୁ ଏକାଗ୍ର ଚିତ୍ତରେ ଉପାସନା କରିବା ପାଇଁ ଲକ୍ଷ୍ୟ ନେଇ "ଭକ୍ତା" ଏପରି ଉପାସନା ଆରମ୍ଭ କରେ । ଭକ୍ତାଙ୍କର ସ୍ୱପ୍ନ ଦୋଷ ପ୍ରଭୃତି ହେଲେ ପ୍ରାୟଶ୍ଚିତ ହେବା,- ପଞ୍ଚାମୃତ ପିଇବା, ଲୁଗା ଧୋଇବା, ପଇତା ବଦଳାଇବା ବିଧି ।

ସହର ମଧ୍ୟରେ ଅବସ୍ଥିତ ମହାଦେବ ମନ୍ଦିରରୁ ପ୍ରତିଦିନ ସନ୍ଧ୍ୟାରେ ଭକ୍ତାମାନେ ତାଳ, ଢୋଲ, ମହୁରୀ, ମର୍ଦ୍ଦଳ, ଚଉଁରୀ, ତୂରୀ (ଘାସି, ଡମ ଜାତିର ଲୋକ ବଜାନ୍ତି) । ବାଦ୍ୟ ବାଦନ ସହ ଖଡ଼କାଇ ନଦୀର 'ମାଣିଆ ଘାଟକୁ' ଯାଆନ୍ତି । ନଟରାଜ ଚିହ୍ନିତ ଝଣ୍ଡା (ଜର୍ଜର) ଧରି ଗାଧୋଇ ସାରି ସେମାନେ ପୁଣି ଶିବ ମନ୍ଦିରକୁ ବାଦ୍ୟ ବାଜଣା ସହ ଜୟ ଧ୍ୱନି କରି ଫେରନ୍ତି । ସେଠରେ ନିୟମ ପୂର୍ବକ ପୂଜାର୍ଚ୍ଚନା ଶେଷ କରି ଝଣ୍ଡା ଧରି ବାଦ୍ୟ ସହ ରାଜପ୍ରସାଦକୁ ଆସନ୍ତି । ଚୈତ୍ର ମାସରେ ପଚିଶ ଦିନ ପର୍ଯ୍ୟନ୍ତ ଏ ରୀତି ନିୟମିତ ଅନୁସୃତ ହୁଏ । ସେହି ରାତିରେ 'ଆଖଡ଼ା ମଡ଼ା' ଅନୁଷ୍ଠିତ ହୁଏ । ନୃତ୍ୟ ପୀଠରେ ଶିବଙ୍କ ଚିତ୍ର ଝଣ୍ଡା ସବୁ ସମୟ ପାଇଁ ରହେ । "ଝଣ୍ଡା ତିନିକୋଣିଆ ହୋଇ 'ଲାଲ ରଙ୍ଗର' କନାରେ ନିର୍ମିତ ହୋଇଥାଏ । ଝଣ୍ଡାଟି ଦଣ୍ଡି ସହ ତେର ପଲ୍ଲବ ସୂତାରେ ବନ୍ଧା ଥାଏ । ତେର ପଲ୍ଲବ ତେର ଭକ୍ତାଙ୍କର ପ୍ରତୀକ ସ୍ୱରୂପ । ତହିଁରେ ଗୋଟିଏ ଗଣ୍ଠି ପଡ଼ିଥାଏ । ତାର ଅର୍ଥ ଗୋଟିଏ ନିୟମରେ, ଗୋଟିଏ ଶାସନରେ ସମସ୍ତେ ଚଳିବେ ।

"ଜର୍ଜର ଧ୍ୱଜା" ଅନ୍ୟ ଶାସ୍ତ୍ର ବର୍ଣ୍ଣିତ 'ଜର୍ଜର'ର ପ୍ରତୀକ । ନାଟ୍ୟଶାଳକୁ ଶୁଭ ଓ ସୁରକ୍ଷିତ ରଖିବା ନିମନ୍ତେ ଜର୍ଜର ରଖାଯାଏ ।

ଦ୍ୱିତୀୟ ରାତ୍ରିରେ 'ଯାତ୍ରା ଘଟ' ଉତ୍ସବ ଅନୁଷ୍ଠିତ ହୋଇଥାଏ । ଯାତ୍ରାର ଅର୍ଥ ଆରମ୍ଭ । 'ଯାତ୍ରାଘଟ' ଛଉନାଟ ଆରମ୍ଭର ସୂଚନା ପ୍ରଦାନ କରେ । ସନ୍ଧ୍ୟା ପରେ ଭକ୍ତା ମାନେ 'ମାଜଣାଘାଟ'କୁ ବାହାରନ୍ତି । ଆନୁଷଙ୍ଗିକ ଉପଚାର ସହ ପିଲାମାନଙ୍କର କୋଳାହଳ ମଧ୍ୟରେ

ଶୋଭାଯାତ୍ରା ବାହାରିବା ସମୟରେ 'ମାଲ ଗଡ଼ାଗଡ଼ି' ଆରମ୍ଭ କରନ୍ତି । ଭକ୍ତାମାନେ ରାସ୍ତାରେ 'ମହାରୁଦ୍ର' 'ମହାଦେବ' 'କାଶି ବିଶ୍ୱନାଥ' 'ଗୟାରେ ଗଦାଧର' ଇତ୍ୟାଦି ଧ୍ୱନି ଦିଅନ୍ତି । ଆନନ୍ଦ ଉତ୍ସାହରେ ଶୋଭାଯାତ୍ରା ଆଗେଇ ଚଲେ । ମାଜଣା ଘାଟରେ ପହଞ୍ଚି ପୂଜାନୁଷ୍ଠାନରେ ସମାପନା ଅନ୍ତେ 'ଘଟ' ଜଳପୂର୍ଣ୍ଣ କରି ତହିଁ ଉପରେ କଦଳୀ ଭଣ୍ଡା ରଖି ବିରି ଅଠାରେ ଘଟର ମୁହଁ ସଂପୂର୍ଣ୍ଣ ବନ୍ଦ କରିସାରି 'ଘଟଓ୍ୱାଳି' ନିଜ ମସ୍ତକରେ ଘଟକୁ ମୁଣ୍ଡାଏ ।

ଘଟଓ୍ୱାଳିର ବେଶ:

ଘଟଓ୍ୱାଳିର ମୁହଁ, ବେକ, ହାତରେ ଲାଲ ରଙ୍ଗ ଓ ସିନ୍ଦୂର ବୋଳା ହୁଏ । ଏଥି ସହ ଲାଲ ରଙ୍ଗର ପୋଷାକ ପରିଧାନ କରିଥାଏ । କାନରେ 'ଧେନ୍ଦି' ହାତ ଗଣ୍ଠିରେ 'ସାତୁଳ' (ବଳା), ବାହୁରେ ବାଜୁ, ପାଦରେ ଘୁଙ୍ଗୁର, ଗଳାରେ ଅର୍କ ଫୁଲର ମାଳି ପକାଇଥାଏ । ଅର୍କ ମାଳି ଘଟ ଉପରୁ 'ଘଟଓ୍ୱାଳିର' କାନ୍ଧ ପର୍ଯ୍ୟନ୍ତ ଲମ୍ବିଥାଏ । ପୂଜାର୍ଚ୍ଚନା ସମାପନା ଅନ୍ତେ ଘଟାଞ୍ଜଳି ଓ ଯାତ୍ରାଘଟ ଶିବଶକ୍ତିଙ୍କର ପ୍ରତୀକ ଭାବରେ ବିବେଚିତ ହୁଅନ୍ତି । ଘଟଓ୍ୱାଳିର ମସ୍ତକରେ ଶୋଭା ପାଉଥିବା ପବିତ୍ର ଜଳପୂର୍ଣ୍ଣ 'ଯାତ୍ରାଘଟ' ଶକ୍ତିର ପ୍ରତୀକ । ଯାତ୍ରାଘଟ 'ମାଙ୍ଗଳିକ ଘଟ' ରୂପେ ମଧ୍ୟ କଥିତ ହୁଏ । ଘଟଓ୍ୱାଳିର ମସ୍ତକ ଅତି ସୁନ୍ଦର ଭାବରେ ସଜ୍ଜିତ କରି ମୋଟା ସୂତାରେ ଘଟକୁ ଶକ୍ତ କରି ବାନ୍ଧି ଦିଆଯାଏ ଯେପରି ଏହା ପଡ଼ି ନଯାଏ ।

ଘଟଓ୍ୱାଳି:

ଘଟଓ୍ୱାଳି ଜାତିରେ ତେଲି । ବଂଶାନୁକ୍ରମରେ ସେ ଏହି କାର୍ଯ୍ୟ ସମ୍ପାଦନା କରେ । ଏଥି ନିମନ୍ତେ ମନ୍ଦିର ଓ ପ୍ରାସାଦ ତରଫରୁ 'ପାଉଣା' ପାଇଥାଏ ଓ ଅନ୍ୟ କେତେକ ସୁଯୋଗ ସୁବିଧା ମିଳିଥାଏ । ଘଟ ଆଣିବା ପାଇଁ ସେ 'ନିର୍ଜଳା' ଉପବାସ କରିଥାଏ ।

ଘଟ:

ପିତଳରେ ନିର୍ମିତ ଘଟ ବ୍ୟବହୃତ ହୋଇଥାଏ । ଖଡ଼ରା ଜାତିର ଲୋକ ଘଟ ବନ୍ଧାବନ୍ଧି କାର୍ଯ୍ୟ ସମ୍ପନ୍ନ କରନ୍ତି ।

ମାଲ ଗଡ଼ାଗଡ଼ି:

ଭକ୍ତାମାନେ ପୂର୍ବର ଶିକ୍ଷା, ଉକ୍ତି ଓ ଉତ୍ତେଜନାର ଆତିଶଯ୍ୟରେ 'ମାଲ ଗଡ଼ାଗଡ଼ି' ଦିଅନ୍ତି ଓ ଏ ଅନୁଷ୍ଠାନ ନିର୍ବିଘ୍ନରେ ଶେଷ ହୁଏ । ଘଟଓ୍ୱାଳି ମସ୍ତକରେ ଘଟ ଯାତ୍ରା ନିମନ୍ତେ ଉଠିଲା ପରେ ମହୁରୀ, ନାଗରା, ତାଳ, ଢୋଲରେ ଯାତ୍ରାଘଟ ସ୍ୱର ବାଜିଉଠେ । ଢୋଲ, ତାଳ, ନାଗରାରେ ପ୍ରଥମେ ଗୁଡ଼ଗୁଡ଼ି ବାଜେ ପରେ ପରେ ସୁର ତାଳର ମାନ ଲୟଯୁକ୍ତ ହୋଇ ସ୍ୱର ଉତ୍ତୁଙ୍ଗ ହେଲେ ଘଟଓ୍ୱାଳି ସମୋହିତ ହୋଇ ଉଠି ନୃତ୍ୟ ଆରମ୍ଭ କରିଦିଏ । ଅପେକ୍ଷା ମାତା

ଅସଂଖ୍ୟ ବାଳକ, ବାଳିକା, ବୃଦ୍ଧ, ଯୁବକ, ଯାତ୍ରାଘଟକୁ ସ୍ୱାଗତ କରିବା ପାଇଁ ନଦୀକୂଳରେ ଉପସ୍ଥିତ ହୁଅନ୍ତି । 'ଯାତ୍ରାଘଟ'ର ଶୁଭ ଯାତ୍ରା ଆରମ୍ଭ ହୁଏ । ଶୋଭା ଯାତ୍ରା ସମ୍ମୁଖରେ ଜଣେ ଭକ୍ତା 'ଝଣ୍ଡା' ଧାରଣ କରି ଆଗେଇଥାନ୍ତି । ବାରମ୍ବାର ଯାତ୍ରାଘଟ ସମୋହିତ ହୋଇ ଉଠିବା ସଙ୍ଗେସଙ୍ଗେ ବାଦ୍ୟର ଝଙ୍କାର ଉତ୍ତଙ୍ଗ ହୋଇଉଠେ । ଶୋଭାଯାତ୍ରା ସହ 'ଘଟ' ନାଚି ନାଚି ସହର ମଧ ଦେଇ ପ୍ରାସାଦକୁ ଆଗେଇ ଆସେ । ରାସ୍ତା ମଧରେ ଛକ ସ୍ଥାନମାନଙ୍କରେ ପୂଜା ଅନୁଷ୍ଠିତ ହେବା ସହିତ ଲୋକମାନଙ୍କର ମାନସିକ ଥିବା ବଳି ପଡ଼େ । ଶେଷରେ ପ୍ରାସାଦର ରଘୁନାଥ ମନ୍ଦିର ଆଗରେ ଘଟଓ୍ୱାଳି ରାଜାଙ୍କ ହାତରୁ (ଶିରପା) ପାଇବା ପରେ ଭକ୍ତା ମାନଙ୍କର ନାଚ ହୁଏ । ପ୍ରାସାଦ ତରଫରୁ ବୋଦା ବଳି ହୁଏ । ସହର ମଧରେ ଥିବା ଶିବ ମନ୍ଦିରକୁ ଘଟ ନିଆଯାଏ ଏବଂ ମନ୍ଦିର ଦ୍ୱାର ବନ୍ଦ କରି 'ଘଟଓ୍ୱାଳି' ମସ୍ତକରୁ ଘଟ ନେଇ ଶିବ ଲିଙ୍ଗ ପାଖରେ ଉତ୍ସବ ଓ ନୃତ୍ୟ ଶେଷ ପର୍ଯ୍ୟନ୍ତ ଚାରି ଦିନ ରଖାଯାଏ । ଉପରୋକ୍ତ ଭାବରେ 'କାଳିକା ଘଟ' ଆଣି ରଖାଯାଏ ।

ଉପରୋକ୍ତ ଅନୁଷ୍ଠାନଟି ଶୈବ ଓ ଶାକ୍ତ ସଂସ୍କୃତିର ପରିଚାୟକ । ଶିବ ଶବ ଅବସ୍ଥାରେ ଯୋଗ ନିଦ୍ରାଭିଭୁତ ହୋଇଥାନ୍ତି । ଶକ୍ତି ରୂପିଣୀ ମାତା ଶିବଙ୍କୁ ପବିତ୍ର ପାଇଁ ସ୍ପର୍ଶରେ ନିଦ୍ରା ଭଙ୍ଗ କରି ଜାଗରିତ କରିଥାନ୍ତି । ନିଦ୍ରା ତ୍ୟାଗ କରି ଶିବ ନଟରାଜ ରୂପରେ ଆବିର୍ଭୂତ ହୁଅନ୍ତି । 'ଲାଲ' ରଙ୍ଗ ସୃଷ୍ଟିର ପ୍ରତୀକ । ତେଣୁ 'ଯାତ୍ରାଘଟ' ଓ ଘଟଓ୍ୱାଳି ବେଶ ରକ୍ତ ବର୍ଣ୍ଣ ହୋଇଥାଏ ।

ଓଡ଼ିଶାର ଗଡ଼ଜାତ ଓ ବଙ୍ଗଳାର ବିଭିନ୍ନ ସ୍ଥାନର ଦଣ୍ଡନାଟ / ଦଣ୍ଡଯାତ୍ରା / ଗାଜନ ଉତ୍ସବ:

କେଉଁ ଅନାଦି କାଳରୁ ଯାତ୍ରାଘଟ ଅନୁଷ୍ଠାନ ଅନୁଷ୍ଠିତ ହୋଇ ଆସୁଅଛି । ତାହାର ଇତିହାସ ଲିପିବଦ୍ଧ ହୋଇ ନାହିଁ । କିନ୍ତୁ ଚୈତ୍ର ପର୍ବ ଓ ଛଉ ନାଚ ସହିତ ଏହାର ସଂପର୍କ ଘନିଷ୍ଠ । ଷଢ଼େଇକଳା, ଖରସୁଆଁ, ପୋଡ଼ାହାଟ ଏ ଗମ୍ହାରିଆ, ଭୁରକୁଳି, ନୂଆଗାଁ, ବେଜୟା, ଜାଡ଼ିହା, ସୋନୁଆ, ଚକ୍ରଧରପୁର, କନ୍ଦ୍ରା, କରାଇକଳା, ଦୁଗ୍ନି, ଇଚ୍ଚା, ଭଗୁଆଁ, ବାରିପଦା, ବିଶୋଇ, ନିଳଗିରି, କେଉଁଝର, ଢେଙ୍କାନାଳ ତାଳଚେର, ଝୁମ୍ପୁଡ଼ିଆ କିମ୍ବା ବଳରାମପୁର ପ୍ରଭୃତି ସ୍ଥାନରେ ଯାତ୍ରାଘଟ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଏଥିର ଉପଚାର ଗୁଡ଼ିକ ଦକ୍ଷିଣ ଓଡ଼ିଶା ଓ ଗଡ଼ଜାତ ମାନଙ୍କରେ ପ୍ରଚଳିତ ଚୈତ୍ର ପର୍ବର ଆନୁଷ୍ଠାନିକ ଦଣ୍ଡନାଟ / ଦଣ୍ଡଯାତ୍ରା ଓ ପଶ୍ଚିମବଙ୍ଗର ଗାଜନ ପର୍ବ ଉପଲକ୍ଷେ ଆନୁଷ୍ଠାନିକ ଉପଚାର ସହିତ ପ୍ରାୟ ସବୁ ସମାନ ।

ଯାତ୍ରାଘଟ ଶୋଭାଯାତ୍ରାର ଶେଷରେ ଶିବଙ୍କର ଝଣ୍ଡା ପ୍ରାସାଦ ମଧରେ ଥିବା ନାଟ ମଞ୍ଚକୁ ଆସେ ଓ ଛଉ ନାଚ ଆରମ୍ଭ ହୁଏ । ଷଢ଼େଇକଳାର ଛଉ ନାଚ ଏକ ଜାତୀୟ ପର୍ବ ଓ ଏଥିରେ ରାଜପୁତ୍ର ସହ ଗରବ ପ୍ରଜା, ବ୍ରାହ୍ମଣ ସହ ହରିଜନ ଲୋକେ କାନ୍ଧକୁ କାନ୍ଧ ମିଳାଇ ନାଚିଥାନ୍ତି ।

ବୃନ୍ଦାବନୀ :

ପରଦିନ ସନ୍ଧ୍ୟାରେ ବୃନ୍ଦାବନୀ ଆରମ୍ଭ ହୁଏ । ଏହା ରାମାୟଣରେ କଥାବସ୍ତୁ ଉପରେ ଆଧାରିତ । ମହାବୀର ହନୁମାନ ସ୍ୱର୍ଣ୍ଣଲଙ୍କାରେ ଲଙ୍କପତି ରାବଣଙ୍କର ପ୍ରମୋଦ ଉଦ୍ୟାନ ମଧୁବନ ଧ୍ୱଂସ କରିଥିବା ବିଷୟ ସୂଚିତ । ଭକ୍ତାମାନେ ପର୍ବର ଦୈନନ୍ଦିନ ନୀତି ଓ ଉପଚାର ସମସ୍ତ ଶେଷ କଲାପରେ 'ମଧୁବନ' ଧ୍ୱଂସକାରୀ ମହାବୀର ହନୁମାନ ବାହାରନ୍ତି । ସେ କୁଦର ସାହି ମହାଦେବ ମନ୍ଦିରରୁ ନାଚ ଆରମ୍ଭ କରି ରାସ୍ତାରେ ନାଚି ନାଚି ପ୍ରାସାଦ ମଧ୍ୟରେ ନାଟ ମଣ୍ଡପରେ ନାଚି ସାରି ସେଠାରେ ରଘୁନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ସନ୍ତୁଷ୍ଟ କରି ସହର ମଧ୍ୟରେ ଥିବା ଶିବ ମନ୍ଦିରରେ ନୃତ୍ୟ ଶେଷ କରନ୍ତି । ଜଣେ ଭକ୍ତା ହନୁମାନ ସାଜି ବହୁତ ନାଚକୁଦ, କୌତୁକ - କୌଶଳ ସହ ନିଜର ଶକ୍ତି ଓ ଭକ୍ତିର ପରାକାଷ୍ଠା ପ୍ରଦର୍ଶନ କରନ୍ତି । ବାଳକମାନେ ହନୁମାନ ପଛରେ ନାଚି ନାଚି ଉଲ୍ଲାସରେ ଗୋଡ଼ାଇଥାନ୍ତି । ନାଚ ସହିତ ଯାତ୍ରାଘାଟର ତାଳ ବାଜେ । ଏହାପରେ ସାରା ରାତି ଛଉ ନାଚ ହୁଏ ।

ଗରିଆଭାର:

ତୃତୀୟ ରାତ୍ରିରେ 'ଗରିଆଭାର' ଅନୁଷ୍ଠିତ ହୁଏ । ଏହା ଭାଗବତର ବିଷୟ ବସ୍ତୁ ଉପରେ ଆଧାରିତ । ଏଥିରେ ଗୋପୀମାନେ ଗୋପପୁର ଯମୁନା କୂଳରେ ଥିବା ବେଳେ ଶ୍ରୀକୃଷ୍ଣ ସେମାନଙ୍କଠାରୁ କଳସୀ ଛଡ଼ାଇବା ବିଷୟ ବର୍ଣ୍ଣିତ । ଏହାକୁ କହ୍ନାଇ ନାଚ ମଧ କହନ୍ତି । ଏଥିରେ ଚାରିଜଣ ଅଂଶ ଗ୍ରହଣ କରିଥାନ୍ତି । ମୁଖ୍ୟ ଜଣକ (ତେଲୀ) ସୁନ୍ଦର ପୋଷାକରେ ସଜ୍ଜିତ ହୋଇଥାଏ । ଦୁଇଟି ଧାତୁ ନିର୍ମିତ ପାତ୍ରରେ 'ଖଡ଼କାଇ' ନଦୀରୁ ପାଣି ଭର୍ତ୍ତି କରି ବାଉଁଶର ବାହୁଙ୍ଗୀରେ ସେ କାନ୍ଧରେ ଝୁଲାଇ ଥାଏ । ଅନ୍ୟ ତିନିଜଣ (କଂସାରି)ଙ୍କ ମଧ୍ୟରୁ ଦୁଇଜଣ ନାରୀ ବେଶରେ ଜଣେ କଳା ଓ ଅନ୍ୟ ଜଣକ ଧଳା ଲୁଗାରେ ବେଶ ହୋଇଥାନ୍ତି । ଶେଷ ଜଣକ 'ବାଳକୃଷ୍ଣ' ବେଶ ହୋଇଥାଏ । ଏମାନେ ମାଜଦ୍ୱଣା ଘାଟରୁ ବାଜଣା ସହ ନାଚି ନାଚି ପ୍ରାସାଦର ଛଉ ନାଚ ମଞ୍ଚ ପର୍ଯ୍ୟନ୍ତ ଆସନ୍ତି । ରାସ୍ତାରେ 'ବାଳକୃଷ୍ଣ' ଗୋପୀମାନଙ୍କଠାରୁ ପାଣି ପୂର୍ଣ୍ଣ ମାଠିଆ ଛଡ଼ାଇବା ଅଭିନୟ ଚାଲେ । ପ୍ରାସାଦରେ ପହଞ୍ଚିବା ପରେ ଗରିଆଭାରର ଅଂଶ ଗ୍ରହଣକାରୀମାନଙ୍କୁ ସମ୍ମାନ ଜନକ ଭାବରେ ସ୍ୱାଗତ କରି ମହାରାଜା ଆସନ ଦିଅନ୍ତି । ସେମାନେ ରାତିସାରା ଛଉନାଚ ଦେଖନ୍ତି । ବୃନ୍ଦାବନ ପରି ସେମାନେ ଶିବ ମନ୍ଦିରକୁ ଯାଆନ୍ତି ନାହିଁ । ସକାଳ ହେବା ସଙ୍ଗେ ସଙ୍ଗେ ନାଚ ଶେଷ ହୁଏ । ଗରିଆ ଭାରର ଅଂଶ ଗ୍ରହଣକାରୀମାନେ ପତାକା ଧରି ସହରର ଘର ଘର ବୁଲି ଭାରରୁ ପାଣି ବାଣ୍ଟୁଥାନ୍ତି । ପ୍ରତ୍ୟେକ ଗୃହସ୍ଥ ଏଥିପାଇଁ ସେମାନଙ୍କୁ 'ଦାନ' ଦେଇ ସନ୍ତୁଷ୍ଟ କରନ୍ତି ।

କାମନା ଘାଟ:

ଶେଷ ରାତ୍ରିରେ 'କାଳିକାଘାଟ' ଆସେ । କାଳିକା ଘଟ 'କାମନା ଘଟ' ନାମରେ ମଧ୍ୟ ନାମିତ ହୁଏ । ଭକ୍ତ 'କାଳିକା ଘଟ' ଯାତ୍ରାଘଟର ଅନୁରୂପ । କେବଳ 'ଘଟଓ୍ୱାଳି ଭକ୍ତା' କାଳୀ ବା କାଳିକା ଭାବରେ ନାମିତ ହୋଇଥାନ୍ତି । ଘଟଓ୍ୱାଳି ଦେବୀ କାଳିଙ୍କର ବେଶ ଧାରଣ କରି ସଂପୂର୍ଣ୍ଣ କଳାରଙ୍ଗର ପୋଷାକ ପିନ୍ଧିଥାନ୍ତି । ମୁହଁ ବେକ ଓ ହାତରେ କଳାରଙ୍ଗ ବୋଳିଥାଆନ୍ତି । ମଧ୍ୟରାତ୍ରି ପରେ ଏ ଘଟ ଆସେ । ଏହା ଉତ୍ସବର ଗୁରୁତ୍ୱପୂର୍ଣ୍ଣ ଓ ଗୋପନୀୟ ଅଂଶ । ଅନ୍ୟ ରାତ୍ରି ପରି ଘଟଓ୍ୱାଳି ସେ ରାତ୍ରିରେ ରାଜ ପ୍ରାସାଦକୁ ପ୍ରବେଶ କରେ ନାହିଁ କିମ୍ବା ସେ ରାଜ ପରିବାରର କାହାକୁ ଦେଖିବା ନିଷିଦ୍ଧ । ଘଟ ଆଣିବା ବେଳର ଶୋଭାଯାତ୍ରା ସହର ମଧ୍ୟସ୍ଥ ଶିବ ମନ୍ଦିର ପର୍ଯ୍ୟନ୍ତ ଆସେ । ଘଟଓ୍ୱାଳିର ମସ୍ତକରୁ ଘଟ ଅବତରଣ କରାଇ ମହାଦେବ କୁଣ୍ଡ ଭିତରେ ଶିବଲିଙ୍ଗ ନିକଟରେ (ଦକ୍ଷିଣକୁ) ଉପଚାର ସହ ପୋତା ହୁଏ । ଘଟଟି ପୂର୍ବପରି 'କଦଳୀ ଭଣ୍ଡା' ଦେଇ ବନ୍ଧା ହୋଇଥାଏ । ଏ ଘଟ ପର ବର୍ଷ ପର୍ଯ୍ୟନ୍ତ ପୋତା ହୋଇରହେ । ଘଟଓ୍ୱାଳି ସହିତ ଅନ୍ୟ ଭକ୍ତାମାନେ ତାପରେ ଉପାସ ଭଙ୍ଗ କରନ୍ତି ।

ଆଗାମୀ ବର୍ଷରେ ଏ ଘଟର ପାଣି ଦେଖି ପ୍ରକୃତି ଓ ବର୍ଷ ସଂପର୍କରେ ଧାରଣା କରାଯାଏ । ଯାତ୍ରାଘଟ ଯାତ୍ରାର ଆରମ୍ଭ କରେ 'କାମନାଘଟ' କାମନା ବା ଆଶାର ପୂରଣ କରିଥାଏ ।

'କାଳିକାଘଟ' ରାତ୍ରିରେ ଛଉନାଚ ଅନୁଷ୍ଠାନ ନିଷିଦ୍ଧ । କିନ୍ତୁ ରାଜା ଯଦି ଇଚ୍ଛା କରନ୍ତି ତେବେ ଶିବ ମନ୍ଦିରକୁ ସାମାନ୍ୟ ଜୋରିମାନା ପ୍ରଦାନ କଲାପରେ ଛଉନାଚ ଆରମ୍ଭ ହୁଏ । ଏହା ପରମ୍ପରାକୁ କ୍ରମିକ ବିଧି । ଏହା ଛଉନାଚ ଅନୁଷ୍ଠାନର ଶେଷରାତ୍ରି । ଅତ୍ୟନ୍ତ ଉତ୍ସାହ ସହ ଏ ରାତ୍ରିରେ ଛଉନାଚ ସକାଳ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ ।

ଯାତ୍ରାଘଟ, ବୃନ୍ଦାବନୀ, ଗରିଆଭାର, କାଳିକାଘଟ – ଏ ପରି ଚାରୋଟି ପର୍ଯ୍ୟାୟ ସଂପର୍କରେ ମତ ବ୍ୟକ୍ତ କରି ଗୁରୁଶ୍ରୀ କେଦାର ସାହୁ କହନ୍ତି, 'ଯାତ୍ରାଘଟ ସତ୍ୟ, ବୃନ୍ଦାବନୀ – ତ୍ରେତୟା, ଗରିଆଭାର – ଦ୍ୱାପର ଓ କାଳିକା ଘଟ – କଳିଯୁଗର ପ୍ରତୀକ ।

ପରବର୍ତ୍ତୀ ପ୍ରତ୍ୟେକ ରାତ୍ରରେ ଛଉନାଚ ଆରମ୍ଭ ହେବା ପୂର୍ବରୁ 'ଯାତ୍ରାଘଟ'ର ବାଦ୍ୟ ସୁର ବାଜେ ଓ 'ବୃନ୍ଦାବନୀ' ସ୍ୱରରେ ସମାପ୍ତ ହୁଏ । ଚୈତ୍ର ପର୍ବ ବ୍ୟତୀତ ଛଉ ନାଚର ଯେ କୌଣସି ଅନୁଷ୍ଠାନ ଆରମ୍ଭରେ ଯାତ୍ରାଘଟ ସୁରତାଳରେ ବାଦ୍ୟ ବାଜେ ।

ପଞ୍ଚମ ରାତ୍ରିରେ 'ପାଟ ସଂକ୍ରାନ୍ତି' ପାଳନ କରାଯାଏ । ପ୍ରୟୋଜନୀୟ ପୂଜା ପରେ ପାଟଉଦଣ୍ଡ ମନ୍ଦିର ବାହାରେ 'ଛ' ଖଣ୍ଡିଆ ଉପରେ ଶବ ପରି ପଡ଼ିରହେ । ତାର ଶରୀର ସଂପୂର୍ଣ୍ଣ ଭାବରେ ଲାଲ ରଙ୍ଗ ଲୁଗାରେ ଆବୃତ ହୋଇଥାଏ । ଏହା 'ମଡ଼ାପାଟ' ରାଜା ଦଳବଳ ସହିତ

ସେଠାରେ ଉପସ୍ଥିତ ହୋଇ ଶବପରି ପଡ଼ିଥିବା ଭକ୍ତାଙ୍କୁ ନିଜ ହାତରେ ଛୁଇଁ ଦିଅନ୍ତି । ସଙ୍ଗେ ସଙ୍ଗେ ଭକ୍ତା ଜୀବନ ଫେରି ପାଇ ଉଠିପଡ଼େ । ଏ ରୀତି ସମ୍ବନ୍ଧରେ ମହାରାଜା ଶ୍ରୀ ସତଭାନୁ ସିଂହଦେଓ କହିଥିଲେ ଯେ, ବହୁଦିନ ପୂର୍ବେ ପାଟଭାଣ୍ଡ ବ୍ରତ ଉଦ୍‌ଯାପନ ପରେ ନଦୀର ମାଜଣା ଘାଟରେ ସ୍ନାନ କରୁଥିବା ସମୟରେ ସର୍ପ ଦଂଶନ ହେତୁ ମୃତ୍ୟୁବରଣ କରିଥିଲା ଏବଂ ରାଜାଙ୍କ ସ୍ପର୍ଶମାତ୍ରେ ଜୀବନ ଫେରି ପାଇଥିଲା । ପୂର୍ବର ସେହି ଘଟଣାକୁ ବର୍ତ୍ତମାନ ଅନୁସରଣ କରାଯାଉଛି ।

ଏହା ରାଜାଙ୍କର ଦିବ୍ୟଶକ୍ତି ସଂପର୍କରେ ସୂଚନା ପ୍ରଦାନ କରେ । ରାଜା ବିଷ୍ଣୁରୂପୀ, ବିଶ୍ୱାସ । ଏଥିରେ ଦୁଃଖର ବାଜଣା ବାଜେ । ଷଢ଼େଇକଳାରେ 'ଅହିଅ' (ସ୍ୱାମୀ ଥାଇ ସ୍ତ୍ରୀ ମୃତ୍ୟୁ) ହେଲେ ଏ ବାଜା ବାଜେ । କେତେକ କହନ୍ତି, ଏହା ସତୀ ଦକ୍ଷ ଯଜ୍ଞରେ ସତୀଙ୍କର ମୃତ୍ୟୁ ହେଲା । ପାଟଭକ୍ତା ସତୀ ହୁଏ । ପଞ୍ଚମ ରାତ୍ରିରେ ଛଉନାଟ ଅନୁଷ୍ଠିତ ହୁଏ ନାହିଁ ।

**ଶ୍ରୀକଳାପୀଠ:**

ଷଢ଼େଇକଳା ରାଜ୍ୟ ଓ ରାଜ ପରିବାରର ସାଂସ୍କୃତିକ ପୀଠସ୍ଥଳ ଶ୍ରୀକଳାପୀଠ । ଏହା ବର୍ତ୍ତମାନ ବିହାର ସଂଗୀତ ନାଟକ ଏକାଡେମୀ ଓ ଜାତୀୟ ସଙ୍ଗୀତ ନାଟକ ଏକାଡେମୀ, ନୂଆଦିଲ୍ଲୀ ସହ ବନ୍ଧିତ ହୋଇଅଛି । ୧୯୩୮ ମସିହାରେ ରାଜ୍ୟର ସମସ୍ତ କୁଶଳୀ କଳାକାର ଓ ସମସ୍ତ ପ୍ରକାର ନୃତ୍ୟ ସଙ୍ଗୀତ ନିମନ୍ତେ ସର୍ବପ୍ରକାର ସୁବିଧା ସୁଯୋଗ ସୃଷ୍ଟି କରାଯିବାର ଉଦ୍ଦେଶ୍ୟ ନେଇ ଏହା ପରିକଳ୍ପିତ ହୋଇଥିଲା ।୧୯୪୨ ଖ୍ରୀ:ରେ ମୟୂରଭଞ୍ଜର ତତ୍କାଳୀନ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଏହାର ଶିଳାନ୍ୟାସ କରିଥିଲେ ।

**ଛଉନାଚ ପାଇଁ ପ୍ରସ୍ତୁତି:**

ଷଢ଼େଇକଳା ଛଉନାଚ ଅନୁଷ୍ଠାନ ସମୟରେ ସମଗ୍ର ସହରଟି ବଜାର ସାହି ଓ ବ୍ରାହ୍ମଣସାହି – ଏପରି ଦୁଇ ଭାଗରେ ବିଭକ୍ତ ହେଉଥିଲା । ରାଜ ପ୍ରାସାଦର ଉତ୍ତର ଦିଗରେ ବଜାରସାହି ଓ ଦକ୍ଷିଣ ଦିଗରେ ବ୍ରାହ୍ମଣସାହି ଅବସ୍ଥିତ । ପ୍ରତ୍ୟେକ ସାହି ଅଧୀନରେ ଚାରିଗୋଟି ଆଖଡ଼ା ଥିଲା । ବଜାର ସାହିରେ ନୂଆଗଡ଼, ହୁଞ୍ଜ ସାହି, ଖଡ଼ରା ସାହି ଓ କଂସାରି ସାହି ଏବଂ ବ୍ରାହ୍ମଣ ସାହିରେ ଅମିନ ସାହି, ତେଲି ସାହି ବେଣୀବାବୁ ଆଖଡ଼ା ଓ ପୁରୋହିତ (ପୁର୍ଗୀ) ସାହି – ଏପରି ଚାରିଗୋଟି ଆଖଡ଼ା ।

ପ୍ରତିଯୋଗିତାରେ ପ୍ରତ୍ୟେକ ସାହି ନିଜ ନିଜ ନାଚର ପରାକାଷ୍ଠା ପ୍ରଦର୍ଶନ କରିବା ନିମନ୍ତେ ପ୍ରସ୍ତୁତ ହୋଇ ରହିଥାନ୍ତି । ନାଚ ହୁଏ । ଏଠି ଗଣେଶ ବନ୍ଦନା ନାହିଁ । ଆରମ୍ଭରେ ଯାତ୍ରାଘଟର ବାଦ୍ୟ ବାଜେ । ଦଳେ ପିଲା ନାଚ ଆରମ୍ଭରେ ମଞ୍ଚ ଉପରକୁ ଆସନ୍ତି । ପରେ

ପରେ ଅଭିଜ୍ଞ ନୃତ୍ୟକାରୀମାନେ ଆସି ନୃତ୍ୟରେ ଯୋଗ ଦିଅନ୍ତି ଏବଂ ନାଚ ଆରମ୍ଭ ହୁଏ । ନାଚର ଶେଷ ରାତ୍ରିରେ ମହାରାଜା ସଭାପତି ଓ ମୁଖ୍ୟ ବିଚାରପତି ଭାବରେ ପ୍ରତିଯୋଗିତାରେ ସଫଳ ହୋଇଥିବା ସାହି ଓ ଆଖଡ଼ାର ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିବା ସହ ସ୍ୱର୍ଣ୍ଣ ରୌପ୍ୟ ବିମଣ୍ଡିତ ସେ ବର୍ଷର ପତାକା ପ୍ରଦାନ କରିଥାନ୍ତି ।

**ମଞ୍ଚ:**

ଛଉନାଚ ପାଇଁ ନିର୍ମିତ ସ୍ଥାନଟି ଆସର ନାମରେ କଥିତ । ଏହା ଚତୁଷ୍କୋଣ ବିଶିଷ୍ଟ, ୨୫ ଘ ୨୫ ଫୁଟ ଦୈର୍ଘ୍ୟ ଓ ପ୍ରସ୍ଥର ଏକ ବର୍ଗାକାର କ୍ଷେତ୍ର । ଦରବାର ଗୃହର ସମ୍ମୁଖ ଭାଗ ପ୍ରାଙ୍ଗଣରେ ନିର୍ମିତ ଆସରରେ ପ୍ରତିବର୍ଷ ଛଉନାଚ ଅନୁଷ୍ଠିତ ହୁଏ । ସ୍ଥାନଟିକୁ ସମତଳ କରାଯାଇ ଗୋବର ଓ ମାଟି କାଦୁଅରେ ତିନି ଚାରିଥର ସୁନ୍ଦର ଭାବରେ ଲିପା ଯାଇଥାଏ । ଆସରର ଚାରି ପାଖରେ ବିଭିନ୍ନ ରଙ୍ଗରେ ଲତାପତ୍ର ଇତ୍ୟାଦିର ଝୋଟି ଚିତ୍ର ଅଙ୍କିତ ହୋଇ ସଜିତ ହୋଇଥାଏ । ଉପରେ ସୁନ୍ଦର ଏକ ଚାନ୍ଦୁଆ ଟଙ୍ଗା ହୋଇଥାଏ । ମଞ୍ଚର ଚାରିପାଖରେ ଦର୍ଶକମାନେ ବସନ୍ତି । ଦୁଇ ସାହିର ଭିନ୍ନ ଭିନ୍ନ ଆଖଡ଼ାର ନୃତ୍ୟ ଶିଳ୍ପୀମାନେ ଆସରରେ ସାରା ବର୍ଷର ଶିକ୍ଷା ପ୍ରଦର୍ଶନ କରିଥାନ୍ତି । ଦୁଇ ସାହିର ନୃତ୍ୟ ଶିଳ୍ପୀମାନେ ଆସରକୁ ଯିବା ଆସିବା ସୁବିଧା ପାଇଁ ଦୁଇଟି ରାସ୍ତା ଉନ୍ମୁକ୍ତ ଥାଏ । ଛଉ ଏକ ଉନ୍ମୁକ୍ତ ପ୍ରାଙ୍ଗଣ ନୃତ୍ୟ ।

କେଦାର ବାବୁଙ୍କ ଅଧୀନରେ ପରିଚାଳିତ ଛଉ କେନ୍ଦ୍ରର ମଞ୍ଚଟି ୩୦ ଘ ୪୦ ଫୁଟ ଆୟତାକାର କ୍ଷେତ୍ର । ଆସର ନିକଟରେ ପୂର୍ବରୁ ନାଚ ଅନୁଷ୍ଠାନର ମଙ୍ଗଳ ନିମନ୍ତେ ମହାଦେବଙ୍କର 'ଜର୍ଜର' ଦଣ୍ଡ ପୋତା ଯାଇଥାଏ ।

**ଛଉନାଚ ଦଳ:**

ଷଢ଼େଇକଳାର ଦୁଇଟି ସାହିରେ ଆଠଗୋଟି ଆଖଡ଼ା ଥିଲା । ଆଖଡ଼ାରେ ମୁଖ୍ୟ ପରିଚାଳକଙ୍କୁ 'ସର୍ଦ୍ଦାର' କୁହାଯାଉଥିଲା । ପ୍ରତ୍ୟେକ ଆଖଡ଼ାରେ ନୃତ୍ୟକାରୀ, ବାଦ୍ୟକାର, ସଜାକାରୀ ପ୍ରଭୃତି ରହିଥାନ୍ତି ।

**ନୃତ୍ୟକାରୀ:**

ଷଢ଼େଇକଳାର ଛଉନାଚରେ କ୍ଷତ୍ରିୟ (ରାଜ ପରିବାରର ସଦସ୍ୟ) ବ୍ରାହ୍ମଣ, କରଣ, ବାବୁ, ତେଲି, କଂସାରୀ, ଖଣ୍ଡାୟତ ପ୍ରଭୃତି ଜାତିର ଲୋକେ ଜାତି, ବର୍ଣ୍ଣ ନିର୍ବିଶେଷରେ ନାଚିଥାନ୍ତି । ତେବେ ଦୁଇଟି ସାହିର ଉଲ୍ଲିଖିତ ଆଠଗୋଟି ଆଖଡ଼ାରେ ସାହିର ଅଧିବାସୀଗଣ ମିଶି ଆଖଡ଼ା ଗଠନ କରିଥାନ୍ତି । ଷଢ଼େଇକଳା ଛଉ ନାଚର ପୃଷ୍ଠପୋଷକତା ସ୍ୱୟଂ ମହାରାଜା କରୁଥିବାରୁ ଆଖଡ଼ାର ସର୍ଦ୍ଦାର ବା ନର୍ତ୍ତକ ମାନଙ୍କୁ ନାଚ ବ୍ୟତୀତ ଅନ୍ୟ କୌଣସି ବିଷୟରେ ଚିନ୍ତା କରିବାକୁ

ହେଉ ନଥିଲା । ଅତୀତର ବିଖ୍ୟାତ ନର୍ତ୍ତକ ନାରାୟଣ ଦାସ, ବାଇଧର ହୁଞ୍ଜ ଉପେନ୍ଦ୍ର ବିଶ୍ୱାଳ, ନନ୍ଦିଘୋଷ ସାହୁ, ଦୀନବନ୍ଧୁ ବ୍ରହ୍ମା, ହରିହର ସିଂହ ଓ ରାଜେନ୍ଦ୍ର ପଟ୍ଟନାୟକ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଉପେନ୍ଦ୍ର ବିଶ୍ୱାଳ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ମୟୂରଭଞ୍ଜକୁ ଯାଇଥିଲେ ଏବଂ ସେଠାକାର ଛଉନାଚକୁ ଏକ ନୂଆ ରୂପ ପ୍ରଦାନ କରିଥିଲେ । ମୟୂରଭଞ୍ଜ ମହାରାଜାଙ୍କ ଠାରୁ ଲାଖରାଜୀ ରୂପେ ସେ ବହୁ ଭୂସଂପତ୍ତି ପାଇଥିଲେ । ତାଙ୍କର ପଟ୍ଟଶିଷ୍ୟ ରାଜେନ୍ଦ୍ର ପଟ୍ଟନାୟକ ମୟୂରଭଞ୍ଜରେ ନାଚ ଶିକ୍ଷା ଦେଇ ନଥିଲେ । ରାଜକୁମାର ଶୁଭେନ୍ଦ୍ର, ହୀରେନ୍ଦ୍ର ଏବଂ ବନ ବିହରୀ ପଟ୍ଟନାୟକ ପ୍ରଭଅତି ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଭାବେରେ ପ୍ରସିଦ୍ଧି ଲାଭ କରିଥିଲେ । ମହାରାଜାଙ୍କ ତରଫରୁ ବନ ବିହାରୀ 'ନଟଶେଖର' ଉପାଧି ପାଇଥିଲେ ।

**ନୃତ୍ୟକାରୀମାନଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷା ଅବସ୍ଥା:**

ଷଢ଼େଇକଳା ନାଚରେ ନର୍ତ୍ତକମାନେ ସାମାଜିକ ସ୍ତରରେ ଯିଏ ଯେଉଁ ବର୍ଣ୍ଣରେ ହେଲେ ମଧ୍ୟ ନୃତ୍ୟ କ୍ଷେତ୍ରରେ ସେ ସବୁର କୌଣସି ପ୍ରତିବନ୍ଧକ ରହୁ ନଥିଲା । ଛଉ ନାଚ ପାଇଁ ଆର୍ଥିକ ଅବସ୍ଥା ଓ ଶିକ୍ଷାଗତ ଯୋଗ୍ୟତା କୌଣସି ପ୍ରତିବନ୍ଧକ ସୃଷ୍ଟି କରୁନଥିଲା । ଉପଯୁକ୍ତ ସ୍ୱାସ୍ଥ୍ୟ ସଂପନ୍ନ ଶରୀର ଛଉନାଚ ପାଇଁ ଅତ୍ୟନ୍ତ ପ୍ରୟୋଜନ। ଛଉନାଚ ପାଇଁ ଷଢ଼େଇକଳା ମହାରାଜା ସମସ୍ତ ଅର୍ଥ ବହନ କରୁଥିଲେ ।

**ନର୍ତ୍ତକମାନଙ୍କର ନିଷିଦ୍ଧ ଆଚରଣ:**

ନୃତ୍ୟ ଶିକ୍ଷା କାଳରେ ନିଶାଦ୍ରବ୍ୟ ବ୍ୟବହାର ନିଷିଦ୍ଧ ଥିଲା । ଉପଯୁକ୍ତ ବୟସରେ ବିବାହ ହେଲେ ମଧ୍ୟ ଛଉନାଚର ଆଖଡ଼ା ଓ ପର୍ବ ସମୟରେ ସ୍ତ୍ରୀ ସହବାସ ନିଷିଦ୍ଧ ଥିଲା । ଏହା ଶକ୍ତି ଆହରଣ ପାଇଁ ପ୍ରଯୋଜକ ଥିଲା ।

**ବିଷୟ ଓ ନାଚ ସମୂହର ନାମ:**

ନୃତ୍ୟ ଗୁଡ଼ିକୁ ପ୍ରାକୃତିକ, ସାମାଜିକ, ପୌରାଣିକ, ଐତିହାସିକ ଏବଂ କାଳ୍ପନିକ ଏହିପରି ଭାବରେ ବିଭକ୍ତ କରାଯାଇପାରେ । ଟୀକାୟତ ନୃପେନ୍ଦ୍ର ନାରାୟଣ ସିଂହଦେଓ ତାଙ୍କ ପୁସ୍ତକରେ ଓଡ଼ିଶୀ ସବରେ ଷୋହଳ ଗୋଟି ନାଚର ଉଲ୍ଲେଖ କରିଅଛନ୍ତି । ରାଜକୁମାର ଯୁଗଭାନୁ ସିଂହଦେଓ ତାଙ୍କ ପୁସ୍ତକରେ ଷାଠିଏ ଗୋଟି ନୃତ୍ୟର ଉଲ୍ଲେଖ କରିଛନ୍ତି ।

ପ୍ରାକୃତିକ ନାଚରେ ବର୍ଷା ଝିମଝିମ, ହଂସ, ମୟୂର, ମେଘଦୂତ, ପତାକା, ରାତ୍ରି ଶବର, ସାଗର, ଶରଦଶଶୀ, ମରୁମାୟା, କୁରଙ୍ଗ, ହୈମନ୍ତିକ, ପ୍ରଜାପତି, ଫୁଲ ଓ ଭ୍ରମର, ସର୍ପନୃତ୍ୟ ଇତ୍ୟାଦି ଉଲ୍ଲେଖଯୋଗ୍ୟ ।

ସାମାଜିକ ନାଚରେ ଯାତ୍ରାଘଟ, ଆରତୀ, ଧୀବର, ପତାକା, ନାବିକ, ଭିକ୍ଷା, ଦେବଦାସୀ, ନାଗାଟି, କାପାଳିକ, ବାର୍ତ୍ତାବହ ଇତ୍ୟାଦି ।

ପୌରାଣିକ ନାଚ ମଧ୍ୟରେ ଅର୍ଦ୍ଧନାରୀଶ୍ୱର, ଚନ୍ଦ୍ରଭାଗା, ଏକଲବ୍ୟ, ହରପାର୍ବତୀ କଚ ଓ ଦେବଯାନୀ, ମଧୁକୈଟଭ, ରାଧାକୃଷ୍ଣ, ଋଷ୍ୟଶୃଙ୍ଗ, ତାଣ୍ଡବ, ଦ୍ରୌପଦୀର ବସ୍ତ୍ର ହରଣ, ସମୁଦ୍ର ଶାସନ, ଶ୍ରୀରାଧିକା, ଦଶ ମହାବିଦ୍ୟା, ଗରୁଡ଼, କାଳୀ, ଦୁର୍ଗା, ଦୁର୍ଯ୍ୟୋଧନର ଉରୁଭଙ୍ଗ, କାଳୀୟଦଳନ, କିନ୍ନାର, ଋତୁସଂହାର, ଅସ୍ତ୍ରଦଣ୍ଡ, ରତିପତି, ଅଭିମନ୍ୟୁ ବଧ, ବାସୁକୀ ଗରୁଡ଼ ଓ ହୋଲି ଇତ୍ୟାଦି ।

ଐତିହାସିକ ନାଚ ମଧ୍ୟରେ ବନ୍ଦେ ମାତରଂ, ଝାନ୍‌ସୀର ରାଣୀ, ଭୂପତି ମନୋରଞ୍ଜନ ଇତ୍ୟାଦି । କେତେକ କାଳ୍ପନିକ ନାଚ ମଧ୍ୟରେ ବନ୍ଦୀର ସ୍ୱପ୍ନ, ସ୍ୱପ୍ନ ଅଭିସାର ପ୍ରଭୃତି ଉଲ୍ଲେଖନୀୟ ।

**ବାଦ୍ୟଯନ୍ତ୍ର:**

ଷଢ଼େଇକଳା ଛଉ ନାଚରେ ମୃଦଙ୍ଗ, ବଂଶୀ, ଘଣ୍ଟା, ମହୁରୀ, ସାହାନାଇ, ଘୁଙ୍ଗୁର, ତୂରୀ, ଭେରୀ, କରତାଳ, ଝାଞ୍ଜଲ, ତମ୍ବୁରା, ହାର୍ମୋନିୟମ୍, ଡୁବି, ତବଲା, ଟୁଇଲା ଇତ୍ୟାଦି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । ପ୍ରଧାନତଃ ଗଙ୍ଗ ଢୋଲ, ଧମସା, ନାଗରା, ମହୁରୀ, ସାହାନାଇଓ ବ୍ୟବହୃତ ହୁଏ ।

**ବାଦ୍ୟର ଲୟ, ରାଗ ଓ ରାଗିଣୀ:**

ଷଢ଼େଇକଳା ଛଉନୃତ୍ୟରେ ବିଷୟବସ୍ତୁ ଉପଯୋଗୀ ବିଭିନ୍ନ ଧରଣର ନାଚ ସଂଗଠିତ ହୋଇଥାଏ । ନାଚର ବିଷୟବସ୍ତୁ ଉପଯୋଗୀ ଗୀତର ଅବଲମ୍ବନରେ ବହୁ ରାଗ ଓ ରାଗିଣୀ, ବିଭିନ୍ନ ଛନ୍ଦ, ତାଳ ଓ ଲୟଯୁକ୍ତ ହୁଏ । ନୃତ୍ୟରେ ବିଳମ୍ବିତ, ମଧ୍ୟ ଓ ଦ୍ରୁତ ଲୟ ବିଭିନ୍ନ ମାତ୍ରା

ଅନୁସାରେ ବ୍ୟବହୃତ ହୁଏ । ଓଡ଼ିଶୀ ଛନ୍ଦର ଭୈରବୀ, ରାମକେଳୀ, ଆଠତାଳି, ଦେଶ, ଦେଶାକ୍ଷ, ଢିପା, ବଙ୍ଗଳାଶ୍ରୀ, ଆଷାଢ଼ ଶୁକ୍ଳ, ଶବେରା, ବସନ୍ତ ବିରାଡ଼ି, ପରଜା ପ୍ରଭୃତି ଧ୍ରୁପଦ୍, ଧାମାଲ ପ୍ରଭୃତି ଶାସ୍ତ୍ରୀୟ ରାଗ ରାଗିଣୀର ବ୍ୟବହାର ଅଛି । ଗୁରୁଶ୍ରୀ ରାଜେନ୍ଦ୍ର ପଟ୍ଟନାୟକ ଛଉରେ ଏସବୁ ୧୯୧୭/୧୮ ବେଳକୁ ପ୍ରଚଳନ କରାଯାଇଥିବାର ଉଲ୍ଲେଖ କରନ୍ତି ।

**ସ୍ୱର:**

ଛଉରେ ଯାତ୍ରାଘଟର ସ୍ୱର ବାଜିବା ସହିତ ଲୌକିକ ସ୍ୱର 'ଝୁମର' ମଧ୍ୟ ବ୍ୟବହୃତ ହୁଏ । ଝୁମର ଦୁଇ ଭାଗରେ ବିଭକ୍ତ - ଭାଦରିଆ ଓ ଦରବାରିଆ । ଟେମ୍ପୋ ଅନୁସାରେ ଭାଦରିଆ ଝୁମର ଖେମଟା ତାଳ (ଯାହା ମୂଳତଃ ବିଳମ୍ବିତ ଓ ଦ୍ରୁତ ଲୟର ସମନ୍ୱୟ) ବ୍ୟବହୃତ ହୁଏ ।

**ନାଚରେ ବ୍ୟାକରଣ:**

ଏଠା ନାଚରେ ମୟୂରଭଞ୍ଜ ଛଉ ନାଚ ପରି ଟବକା ଓ ରଫ୍‌ଲି ଅନୁସୃତ ହୁଏ । ବ୍ୟାକରଣ ଅନୁସାରେ ଭଙ୍ଗୀ ଗଠିତ ଓ ପଦପାତର ନିୟମ ପ୍ରଚଳିତ ।

**ବାଦ୍ୟକାର:**

ଷଢ଼େଇକଳା ଛଉ ନାଚ ଏକ ପାରମ୍ପରିକ ଅନୁଷ୍ଠାନ ହୋଇଥିବାରୁ ଏଥିରେ ଉପଯୁକ୍ତ ବାଦ୍ୟକାର ନିଯୁକ୍ତ ହୋଇଥାନ୍ତି । ନୃତ୍ୟରେ ଅଂଶ ଗ୍ରହଣ କରୁଥିବା ସମସ୍ତ ଜାତିର ଲୋକେ କେବଳ ଧମସା ଓ ସାହାନାଇ ବ୍ୟତୀତ ଅନ୍ୟ ସମସ୍ତ ବାଦ୍ୟଯନ୍ତ୍ର ବାଦନର ଅଧିକାର ପାଇଥାନ୍ତି । ଧମସା ଓ ସାହାନାଇ ଘାସି ଓ ଡମ ଜାତିର ଲୋକେ ବଜାଇଥାନ୍ତି ।

**ବାଦ୍ୟକାରମାନଙ୍କ ଅଭ୍ୟାସ:**

ବାଦ୍ୟ ବାଦନ ଏକ ମୌଳିକ ସହଜାତ କଳା ହୋଇଥିଲେ ହେଁ ଶିକ୍ଷା ଦ୍ୱାରା ଏଥିରେ ଉତ୍କର୍ଷ ଲାଭ କରାଯାଏ । ଏଥିପାଇଁ ଶାରୀରିକ ଓ ମାନସିକ ଶକ୍ତି ଓ ସଂଯମ ଲୋଡ଼ା । ବାଦ୍ୟକାର ମାନେ ଅନେକ ସମୟରେ ଅଧିକ ଶକ୍ତି ପାଇବା ଓ ଲୟ ରକ୍ଷା ପାଇଁ ନିଶା ଦ୍ରବ୍ୟ ସେବନ କରିଥାନ୍ତି । ବିଡ଼ି, ସିଗାରେଟ, ଅଫିମ, ଗଞ୍ଜା, ଖଇନି, ଦୋକ୍ତା, ପାନ ବ୍ୟତୀତ ମହୁଲୀ ମଦର ମଧ୍ୟ ବ୍ୟବହାର ହୋଇଥାଏ ।

**ଗୀତର ବିଷୟବସ୍ତୁ:**

ଷଢ଼େଇକଳା ନାଚରେ ସାଧାରଣତଃ ଓଡ଼ିଶୀ, ଚମ୍ପୁ ଛନ୍ଦରେ ଲିଖିତ ରାମାୟଣ ମହାଭାରତର ବିଷୟ ସହିତ ବିଭିନ୍ନ ପୌରାଣିକ ବିଷୟ ଆଧାରିତ ଗୀତର ସ୍ୱର ବ୍ୟବହୃତ ହୁଏ । ଲୋକଗୀତରେ ସାମାଜିକ ବିଷୟ ବର୍ଣ୍ଣନା ଥିବାର ଦେଖାଯାଏ ।

**ଗୀତିକାର:**

ଓଡ଼ିଶାର କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ବନମାଳି, ଗୋପାଳ କୃଷ୍ଣଙ୍କ ସହିତ ଷରେଇକଳାର ବିଖ୍ୟାତ କବି ଉଦିତ୍ ନାରାୟଣ, ଶରତ ଆଚାର୍ଯ୍ୟଙ୍କ ରଚିତ ଗୀତି ଅନୁସୃତ ହୁଏ । ଏତଦ୍ ବ୍ୟତୀତ ଲୋକଗୀତ ମଧ୍ୟ ବ୍ୟବହୃତ ହୁଏ ।

**ଗୀତର ଭାଷା:**

ଗୀତ ଗୁଡ଼ିକ ପ୍ରଧାନତଃ ଓଡ଼ିଆ ଭାଷାରେ ରଚିତ । କେତେକ ଗୀତ ବଙ୍ଗଳା, କୁଡ଼ମାଳି ଓ ସିଂହଭୂୟାଁ ଭାଷାରେ ରଚିତ ହୋଇଥାଏ ।

**ଗୀତର ଭାବ ଓ ରସ:**

ଗୀତ ଗୁଡ଼ିକର ଭାବ ବିଷୟ ଉପଯୋଗୀ ହୋଇଥାଏ । ଏସବୁ ବୀର ରୌଦ୍ର, ଶୃଙ୍ଗାର, କରୁଣ, ହାସ୍ୟ, ବିଭତ୍ସ, ଲାସ୍ୟ ରସ ସିକ୍ତ ହୋଇଥାଏ ।

**ଅସ୍ତ୍ର:**

ଛଉ ନାଚର ପାରମ୍ପରିକ ଅସ୍ତ୍ର ଯଥା: ଢାଲ, ଖଣ୍ଡା, ବର୍ଚ୍ଛା, ତୀରଧନୁ, ଗଦା ପ୍ରଭୃତି ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୁଏ । ବର୍ତ୍ତମାନ ସମୟରେ ନକଲି ଅସ୍ତ୍ରମାନ ବ୍ୟବହୃତ ହେଉଛି ।

**ପୋଷାକ:**

ଷରେଇକଳା ଛଉନାଚରେ ନୃତ୍ୟ ଉପଯୋଗୀ ପୋଷାକ ବ୍ୟବହୃତ ହୁଏ । ରାଜାଙ୍କ ଅମଳରେ ନର୍ତ୍ତକମାନଙ୍କୁ ଉଆସ ତରଫରୁ ଶାଢ଼ୀ, ଗହଣା ମିଳୁଥିଲା । ବର୍ତ୍ତମାନ ନାଚ ପାଇଁ ସ୍ୱତନ୍ତ୍ର ପୋଷାକ ବ୍ୟବହୃତ ହୁଏ ।

**ଅଳଙ୍କାର:**

ବିଷୟ ଓ ସଜ୍ଜା ଉପଯୋଗୀ ନକଲି ଅଳଙ୍କାର ବ୍ୟବହୃତ ହୁଏ । ଘୁଙ୍ଗୁର, ଖଡ଼ୁ, ପାହୁଡ଼, ବାହୁଟି, ଚୁଡ଼ି, ହାର, ଚନ୍ଦ୍ରହାର, ବିଛା, ସିନ୍ଥି, ମୁକୁଟ ଇତ୍ୟାଦି ଅଳଙ୍କର ବ୍ୟବହୃତ ହୁଏ ।

**ସଜ୍ଜା:**

ସାଜ ହେବା ପାଇଁ ସାଜଘରଥାଏ । ମଞ୍ଚଠାରୁ ଅଳ୍ପ ଦୂରରେ ଏହା ଅବସ୍ଥିତ ।

**ଆଲୋକ ବ୍ୟବସ୍ଥା:**

ପୂର୍ବେ ମଶାଲ ଜାଳି ମଞ୍ଚକୁ ଆଲୋକିତ କରାଯାଉଥିଲା । ରୂପା/ପିତ୍ତଳ/ତମ୍ବା ପାତ୍ରରେ କନା ଗୁଡ଼ାଇ ଜଡ଼ା ତେଲ ଦେଇ 'ଖଣ୍ଡୁଆଳ'ମାନେ ପାଳି ଅନୁସାରେ ଦୁଇ ଦୁଇ ଘଣ୍ଟା ମଶାଲ ଧରୁଥିଲେ । ଦରବାର ତରଫରୁ ନାଚ ପାଇଁ ବିଭିନ୍ନ ସମୟରେ ଉପଯୁକ୍ତ ଆଲୋକ ବ୍ୟବସ୍ଥା କରାଯାଉଥିଲା । ବର୍ତ୍ତମାନ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା ହେଉଛି ।

**ଗୁରୁଙ୍କୁ ସମ୍ମାନ ଜଣାଇବା ବିଧି:**

ନାଚକୁ ଯିବା ପୂର୍ବରୁ ନର୍ତ୍ତକମାନେ ଗୁରୁଙ୍କୁ ପ୍ରଣାମ କରୁଥିଲେ । ପ୍ରଥମେ ନୃତ୍ୟର ସ୍ରଷ୍ଟା ଦେବ ଦେବ ମହାଦେବଙ୍କୁ ପ୍ରଣାମ ଜଣାଇ ରାଜା (ପୃଷ୍ଠପୋଷକ ହେତୁ)ଙ୍କୁ ପ୍ରଣାମ କରୁଥିଲେ । ଆସରକୁ ପ୍ରଥମେ ଉଠିଲା ବେଳେ ନର୍ତ୍ତକ ଆସରର ଧୂଳି ହାତରେ ନେଇ ମଥାରେ ଲେପନ କରିଥାଏ । ଏହା ଭୂମି ପ୍ରଣାମ । ନର୍ତ୍ତକ ନାଚ ସମୟରେ ତିନି ପ୍ରକାର ସମ୍ମାନ ଜଣାଉଥିଲେ । ଭଗବାନ/ଶିବ/ଭୈରବଙ୍କୁ ପ୍ରଣାମ ବେଳେ ଦୁଇ ହାତରେ ଢାଲ ତରବାରୀ ଧରି ମଥା ନୋଇଁବେ । ଗୁରୁଙ୍କୁ ପ୍ରଣାମ ବେଳେ ଢାଲ ତରବାରି ସହ ଭୂମିରେ ହାତ ଦେଇ ମଥାରେ ଲଗାଇବେ ।

**ଦର୍ଶକମାନଙ୍କ ଉପଭୋଗ ଓ ପ୍ରତିକ୍ରିୟା:**

ଆସରର ଚାରିପଟେ ଦର୍ଶକମାନେ ବସିଥାନ୍ତି । ରାଜକୀୟ କଳା କେନ୍ଦ୍ରରେ ଗଠିତ ଛଉ ନୃତ୍ୟ ମଞ୍ଚରେ ସ୍ୱୟଂ ରାଜା, ରାଜ ପରିବାରର ସଦସ୍ୟ ବୃନ୍ଦ, ରାଜ ଅତିଥି ଓ ସହର ମାନ୍ୟଗଣ୍ୟ ବ୍ୟକ୍ତି ଚେୟାରରେ ବସିଥାଆନ୍ତି । ନୃତ୍ୟ ଆରମ୍ଭ ହେବା ପୂର୍ବରୁ ସମସ୍ତଙ୍କର ଫଟୋ ଉଠାଯାଏ । ମଞ୍ଚର ଏକ ପାର୍ଶ୍ୱରେ ବାଦ୍ୟଯନ୍ତ୍ର ସହ ବାଦ୍ୟକାରମାନେ ଅବସ୍ଥାନ କରିଥାନ୍ତି । ଶବ୍ଦ ପ୍ରସାରଣ ନିମନ୍ତେ ମାଇକ୍ ରହିଥାଏ । ଆସରକୁ ଆସିବା ଓ ଯିବା ନିମନ୍ତେ ଦୁଇଟି ରାସ୍ତା ଥାଏ । ନର୍ତ୍ତକ ଆସିଲା ପରେ ବାଦ୍ୟର ତାଳେ ତାଳେ ନୃତ୍ୟ ଆରମ୍ଭ ହୋଇଥାଏ । ଦର୍ଶକମାନେ ଆନନ୍ଦରେ ହାତ ତାଳି ଦେଇଥାନ୍ତି । ମୁହଁରେ ସୁସୁରୀ ବଜାନ୍ତି । ବାଃ ବାଃ ଧ୍ୱନି ଦେଇଥାନ୍ତି । ପୂର୍ବେ ରାଜାଙ୍କ ତରଫରୁ ଏଠାରେ ଶ୍ରେଷ୍ଠ ବିବେଚିତ ସାହି ଓ ଆଖଡ଼ାର ଛଉକାର ମାନଙ୍କୁ ପୁରସ୍କାର ସହିତ ସେହି ବର୍ଷର ଟ୍ରଫି ପ୍ରଦାନ କରାଯାଉଥିଲା । ନାଚ ଭଲ ହେଲେ ଦର୍ଶକମାନଙ୍କ ତରଫରୁ ବିଭିନ୍ନ ଉପହାର ଦିଆଯାଏ ।

**ନାଚରେ ଅଙ୍ଗଭଙ୍ଗୀ ସୃଷ୍ଟିର ମୂଳ ଉପାଦାନ:**

ନାଚରେ ପ୍ରଚଳିତ ଅଙ୍ଗଭଙ୍ଗୀ ଗୁଡ଼ିକ ମୁଖ୍ୟତଃ ବୀର ଓ ଲାସ୍ୟ ଏପରି ଦୁଇ ଗୋଟି ଭାବ ସମ୍ବଳିତ । ପ୍ରକୃତି, ପଶୁପକ୍ଷୀ ମାନଙ୍କର ଚାଲିଚଳନ, ସାମାଜିକ ସ୍ତରରେ ଗୃହସ୍ଥର ଦୈନନ୍ଦିନ କାର୍ଯ୍ୟ ବିଧି ଓ ସାମରିକ ଓ ପୌରାଣିକ କାହାଣୀର ଭାବ ଗୁଡ଼ିକ ଏଥିର ମୂଳ ଉପାଦାନ ।

**ମୁଖା ବ୍ୟବହାର:**

ପୃଥିବୀର ବିଭିନ୍ନ ଅଞ୍ଚଳରେ ଲୋକନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ ମାନଙ୍କରେ ମୁଖାର ବ୍ୟବହାର ହୋଇଥାଏ । ଭାରତରେ ମଧ୍ୟ ବିଭିନ୍ନ ଅଞ୍ଚଳର ନାଚମାନଙ୍କରେ ମୁଖା ବ୍ୟବହାର ହୁଏ ।

**ମୁଖା ବ୍ୟବହାରର ପରମ୍ପରା:**

ମୁଖା ଲଗାଇ ନାଚ କରିବା ଏକ ପୁରାତନ ପରମ୍ପରା । ଆଦିମ ଲୋକ ବିଭିନ୍ନ ନାଚ ନାଚୁଥିଲେ । ସେ ନାଚମାନଙ୍କରେ ଧାରାବାହିକତା ବା ବ୍ୟାକରଣ (ତାଳ, ମାନ ଓ ଲୟ) ହୁଏତ ନଥିଲା । ତହିଁରେ ଥିଲା ସ୍ୱତଃସ୍ଫୂର୍ତ୍ତ ଆନନ୍ଦ, ଉଦ୍ଦୀପନା ଓ ପ୍ରାକୃତିକତା । ସେ ଆନନ୍ଦ ହୁଏତ ଥିଲା ଶିକାରର ସଫଳତା ପରେ, କଠିନ କାର୍ଯ୍ୟର ସଂପୂର୍ଣ୍ଣତା ପରେ କିମ୍ବା ଦଳଗତ ଯୁଦ୍ଧରେ ବିଜୟୀ ହେବା ପରେ । ସେ କାଳରୁ ଏ ପର୍ଯ୍ୟନ୍ତ ବିବର୍ତ୍ତନ ଭିତରେ ଦେଇ ଏହାର ଧାରା ଚଳି ଆସିଛି ।

**ମୁଖାର ଉତ୍ପତ୍ତି:**

ଅରଣ୍ୟର ପଶୁ,କଳ୍ପିତ ଭୂତ ବା ଅନ୍ୟ ଭୟଙ୍କର ଶକ୍ତିଧରଙ୍କର ରୂପରେ ନିଜକୁ ସଜାଇ କୌତୁକ ବା କୌଶଳ ଅବଲମ୍ବନ କରି କାର୍ଯ୍ୟ ହାସଲ କରିବା ମଣିଷର ଏକ ଆଦିମ ପ୍ରବୃତ୍ତି । ମୁହଁରେ ସିଂହ, ବାଘ, ଭାଲୁ, ଗୋରୁ ପ୍ରଭୃତି ପଶୁ, ପ୍ରାଣୀ, ଭୂତ ଓ ଦେବତା ମାନଙ୍କର ମୁଖା ଲଗାଇ ଉତ୍ସବାନୁଷ୍ଠାନରେ କୌତୁକର ପ୍ରଚଳନ ସିଦ୍ଧ ହେଲା ।

**ଷଢ଼େଇକଳାର ମୁଖା ନାଚ:**

ଷଢ଼େଇକଳାରେ ମୁଖା ନାଚ ହୁଏ । ଏ ନାଚ ଅତୀତର ରାଜ ପୃଷ୍ଠପୋଷକତା ଲାଭ କରିଥିଲା । ଦରବାରିଆ ନାଚ ଭାବରେ ବହୁ ମାର୍ଜିତ ଓ ସୁରୁଚି ସଂପନ୍ନ ହୋଇ ସମଗ୍ର ଦେଶ ଓ ବିଦେଶରେ ପ୍ରଶଂସା ଅର୍ଜନ କରିଛି । ଏଠାରେ ମୁଖାନାଚର ନାମ ଛଉନାଚ ।

**ମୟୂରଭଞ୍ଜ ଓ ପୁରୁଲିଆରେ ଛଉନାଚ:**

ଷଢ଼େଇକଳା ବ୍ୟତୀତ ମୟୂରଭଞ୍ଜ ଓ ପୁରୁଲିଆରେ ଛଉନାଚ ଅଛି । ମୟୂରଭଞ୍ଜ (ବାରିପଦା)ରେ ପୂର୍ବେ ମୁଖାନାଚ ଥିବାର କେତେକ କହନ୍ତି । ଏବେ ବାରିପଦା ଛଉ ନାଚରେ ମୁଖା ନାହିଁ । ବର୍ତ୍ତମାନ ଏ ତିନୋଟି ଅଞ୍ଚଳ ରାଜନୈତିକ କାରଣରୁ ସ୍ୱତନ୍ତ୍ର ତିନୋଟି ରାଜ୍ୟ ଭାବରେ ଅବସ୍ଥିତ । ଭାରତର ପ୍ରାକୃତିକ ଓ ସାଂସ୍କୃତିକ ଭୂଗୋଳରେ ଏହା ଏକ ଏବଂ ଅବିଭକ୍ତ ଅଂଶ । ସୈନ୍ଧବ ଗାଙ୍ଗେୟ ସମତଳ ଭୂମିରୁ ଆରମ୍ଭ ହୋଇ ଉତ୍ତରରେ ପୁରୁଲିଆ, ପୂର୍ବରେ ମେଦିନୀପୁର ଜିଲ୍ଲାର ରୂପନାରାୟଣ ନଦୀର ପଶ୍ଚିମ ପାର୍ଶ୍ୱ ଦେଇ ନିଳଗିରି, ଢେଙ୍କାନାଳ, ତାଳଚେର, ମୟୂରଭଞ୍ଜ, କେଉଁଝର, ବଣାଇ, ଷଢ଼େଇକଳା, ଖରସୁଆଁ, ସିଂହଭୂମି ଏବଂ ଛୋଟ ନାଗପୁର ମାନଭୂମି ଅନ୍ତର୍ଗତ ସମତଳ ଅଞ୍ଚଳ । ଏ ସମସ୍ତ ଅଞ୍ଚଳ ଅତୀତରେ ଓଡ଼ିଶା ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଏହା ଇତିହାସର କଥା । ଏ ଅଞ୍ଚଳର ବୈଶିଷ୍ଟ୍ୟ ହେଲା – ଏହା ଘନ ଅରଣ୍ୟର

ପୂର୍ଣ୍ଣ । କଙ୍କରିକ ଲାଲ ମୃତ୍ତିକା, ଛୋଟ ପାହାଡ଼ ଓ ଗିରିନଦୀ ବେଷ୍ଟିତ । ଏ ଅଞ୍ଚଳର ମୁଖ୍ୟ ଅଧିବାସୀ ଭୂମିଜ, ଭୂୟାଁ, ବାଥୁଡ଼ି, ପୁରାଣ, ସାନ୍ତାଳ, ହୋ, କୁଡୁମୀ ପ୍ରଭୃତି ଗୋଷ୍ଠୀ । ଏ ଅଞ୍ଚଳ ଅଧିବାସୀ ମାନଙ୍କର ଜୀବନ ଯାପନ ପ୍ରଣାଳୀ କଷ୍ଟକର । ଉତ୍ସବ ଅନୁଷ୍ଠାନ ପ୍ରଭୃତି ସାମାଜିକ ଆମୋଦର ଏକ ଅଂଶ ନୃତ୍ୟ ଏବଂ ନୃତ୍ୟରେ ମୁଖା ପ୍ରଚଳନ ସ୍ୱାଭାବିକ । ପୁରୁଲିଆ ସମେତ ଷଢ଼େଇକଳା ଏବଂ ବ୍ରାହ୍ମଣ ଘାଟୀ ଅଞ୍ଚଳରେ ମୁଖାନୃତ୍ୟ ପ୍ରଚଳିତ । ଏହି ଅଞ୍ଚଳରେ କେତେକ ସ୍ଥାନରେ ବିବାହ ପ୍ରଭୃତି ବିଭିନ୍ନ ସାମାଜିକ ଉତ୍ସବ ମାନଙ୍କରେ ମୁଖା ଲଗାଇ ନୃତ୍ୟ ହେଉଥିବାର ଦେଖାଯାଏ । ଅନ୍ୟ ଅଞ୍ଚଳ ମାନଙ୍କରେ ଏପରି ହେଉଥିବାର ମଧ୍ୟ ଶୁଣାଯାଏ । ମୋ'ର ଗବେଷଣା ସଂପର୍କୀୟ କ୍ଷେତ୍ର ଅଧ୍ୟୟନର ଏ ସମସ୍ତ ପ୍ରତ୍ୟକ୍ଷ ବିବରଣୀ ।

**ଛଉ ମୁଖା:** ଏ ଅଞ୍ଚଳରେ ଛଉ ଶବ୍ଦଟି ମୁଖାକୁ ବୁଝାଏ । ମୁଖା, ମହଡ଼ା ଓ ମୁହାଁ – ତିନୋଟି ଶବ୍ଦ ଏକ ଅର୍ଥରେ ପ୍ରଚଳିତ । "ଷଢ଼େଇକଳାର ବିଖ୍ୟାତ 'ମହଡ଼ା ନାଚ', ଷଢ଼େଇକଳାର ନାଚରେ ମୁଁ କି ସୁନ୍ଦର ସୁନ୍ଦର ଛଉ ଦେଖିଲି, ଏବେ ଛଉ ଗୁଡ଼ିକରେ ଜରି, କଣ୍ଢିରଙ୍ଗ କାଗଜ ଦେଇ ସଜାଉଛନ୍ତି"– ଏପରି ବାକ୍ୟ ଷଢ଼େଇକଳା ଓ ବ୍ରାହ୍ମଣଘାଟୀ ଅଞ୍ଚଳର ଲୋକ ମୁଖରୁ ଶୁଣାଯାଏ । ଏହି ଅଞ୍ଚଳରେ ଛଉର ଅର୍ଥ ମୁଖା, ଇଂରାଜୀରେ 'ମାସ୍କ' । ଏହା ସଂସ୍କୃତ ଛାୟା ବା ଛଦ୍ମ ଶବ୍ଦରୁ ଉତ୍ପନ୍ନ ହୋଇଛି ବୋଲି କହନ୍ତି ଓ ସଂପୂର୍ଣ୍ଣ ଏକ ଆଞ୍ଚଳିକ ଶବ୍ଦ ।

**ଷଢ଼େଇକଳା ଛଉ ନାଚରେ ମୁଖା ବ୍ୟବହାରର ଉପଯୋଗିତା:**

ଷଢ଼େଇକଳା ଛଉ ନାଚରେ ମୁଖା ଅପରିହାର୍ଯ୍ୟ । ମୁଖା ବ୍ୟତୀତ ଏଠା ଛଉ ନାଚର ସତ୍ତା ଅନୁପଲବ୍ଧ ।

ଷଢ଼େଇକଳା ଛଉରେ ବିଭିନ୍ନ ପ୍ରକାର ନାଚ ଅଛି । ତହିଁର ବିଷୟ ରାମାୟଣ ମହାଭାରତ, ପୁରାଣ ଓ କିମ୍ବଦନ୍ତୀ ପ୍ରଭୃତିରୁ ଆଦୃତ । କେତେକ ନାଚରେ ସାମାଜିକ ଓ ଆରଣ୍ୟକ ଜୀବନ ପ୍ରତିଫଳିତ ।

ନର୍ତ୍ତକଗଣ ଚରିତ୍ର ଅନୁଯାୟୀ ମୁଖା ଲଗାନ୍ତି । ମୁଖା ଲଗାଇବା ଦ୍ୱାରା ଚରିତ୍ରର ମୁଖ ସଂପୂର୍ଣ୍ଣ ଢାଙ୍କିଯାଏ । କେବଳ ଅଙ୍ଗଭଙ୍ଗୀ ଦ୍ୱାରା ହିଁ ଭାବ ପ୍ରକାଶ କରାଯାଏ । ମୁଖାରେ ଚରିତ୍ରର ସମଗ୍ର ସତ୍ତା ଯିନିମଜ୍ଜିତ ହୋଇଯାଏ । ବାଦ୍ୟର ତାଳେ ତାଳେ ସେ ସୁନ୍ଦର ଭାବଭଙ୍ଗୀ ପ୍ରକାଶ କରି ଦର୍ଶକର ମନ ମୁଗ୍ଧ କରେ । ରାଜକୁମାର ଶୁଦ୍ଧେନ୍ଦ୍ର ଜଣେ ପ୍ରସିଦ୍ଧ ଛଉ ନୃତ୍ୟଶିଳ୍ପୀ । ସେ କହନ୍ତି ଯେ ଯେତେବେଳେ ମୁଖା ଲଗାଇ ନାଚ ଆରମ୍ଭ କରନ୍ତି, ସେତେବେଳେ ସେ ସେହି ଚରିତ୍ରର ବିଷୟ ବସ୍ତୁ ସହିତ ଏକୀଭୂତ ହୋଇପଡ଼ନ୍ତି । ମୁଖା ଲଗାଇବା ଦ୍ୱାରା ନାଚ ସମୟରେ ନିଜର ସତ୍ତା ଲୋପ ପାଇଯାଏ । ଚରିତ୍ରର ସତ୍ତା ସହଜରେ ଉପଲବ୍‌ଧ ହୁଏ ।

**ମୁଖା ବ୍ୟବହାର ସଂପର୍କରେ ନୃତ୍ୟକାରୀଙ୍କ ଉପଲବ୍ଧି ଓ ମତ:**

ନର୍ତ୍ତକ ମୁଖରେ 'ମହଡ଼ା' ଲଗାଇବା ପରେ ସେ ବାହାର ଜଗତରୁ ବିଛିନ୍ନ ହୋଇ ନିଜର ଚରିତ୍ର, ଭାବ ଓ ନୃତ୍ୟ ଜଗତରେ ପହଞ୍ଚିଯାଏ । ରାଜକୁମାର ଶୁଦ୍ଧେନ୍ଦ୍ର (ପ୍ରସିଦ୍ଧ ମୟୂର ନୃତ୍ୟଶିଳ୍ପୀ) ତାଙ୍କ ଅନୁଭୂତି କହନ୍ତି - "ମୁଁ ଯେତେବେଳେ ମୁଖା ଲଗାଇଥାଏ, ମୁଁ ସେତେବେଳେ ଅଶରୀର ହୋଇପଡ଼େ । ଅନ୍ୟ ଗୋଟିଏ ଚରିତ୍ରର ଶରୀର ମଧ୍ୟରେ ପ୍ରବେଶ କରିଥାଏ । ପ୍ରକାଶ ଭଙ୍ଗୀ ମୁହଁରୁ ଶରୀରକୁ ସଞ୍ଚାରିତ ନହୋଇ ଶରୀରରୁ ମୁହଁକୁ ସଞ୍ଚାରିତ ହୋଇଥାଏ ।" ଷଢ଼େଇକଳା ଛଉନୃତ୍ୟରେ ମହଡ଼ା ଅପରିହାର୍ଯ୍ୟ । ମହଡ଼ା ନ ପିନ୍ଧିଲେ ନାଚ ହେବନାହିଁ କିମ୍ବା ନାଚିବା ସମ୍ଭବ ନୁହେଁ ବୋଲି କେତେକଙ୍କ ମତ ।

**ଷଢ଼େଇକଳା ମୁଖାର ବିବର୍ତ୍ତିତ ରୂପ:**

ପୂର୍ବେ ଷଢ଼େଇକଳା ଛଉ ନାଚରେ କାଠର ମହଡ଼ା ବ୍ୟବହୃତ ହେଉଥିଲା । କଖାରୁକୁ ଦୁଇ ଫାଳ କରି ଭିତର ପରିଷ୍କାର କରି ଶୁଖେଇ, ଉପରେ ରଙ୍ଗ ବେରଙ୍ଗ କରି ମୁଖା ରୂପେ ବ୍ୟବହାର କରାଯାଉଥିଲା । ବାଉଁଶ ନିର୍ମିତ ଟୋକେଇ, ଟୁପା, ପାଛିଆ ଗୁଡ଼ିକ ମଧ୍ୟ ମୁଖା ରୂପେ ବ୍ୟବହୃତ ହେଉଥିବାର ଜଣାଯାଏ । କାଠ, ବାଉଁଶ ବାଘ, ଭାଲୁ ପ୍ରଭୃତି ଆରଣ୍ୟକ ପଶୁମାନଙ୍କ ଚମଡ଼ାରେ ମହଡ଼ା ନିର୍ମିତ ହେଉଥିଲା । ଏଠା ମୁଖାର ବିବର୍ତ୍ତିତ ରୂପ ସଂପର୍କୀୟ ପ୍ରଚେଷ୍ଟା ବିଷୟରେ ବହୁ ପୁରୁଣା ଲୋକେ ଏବେ ବି ଗଳ୍ପ କରନ୍ତି । ପ୍ରାୟ ୧୦୦/୧୫୦ ବର୍ଷ ତଳେ ହୁଞ୍ଜ ସାହିର ଚିତ୍ରଜିତ୍ କିପରି ମାଙ୍କଡ଼ ମୁହଁରେ ଶୁଖିଲା ଛାଲରେ ମୁଖା ତିଆରି କରି ପ୍ରଚଳନ ନିମନ୍ତେ ଚେଷ୍ଟା ଚଳାଇ ବିଫଳ ହୋଇଥିଲେ । ସେ ବିଷୟରେ ବୁଢ଼ା, ବୁଢ଼ୀ ଲୋକେ ଗଳ୍ପ କରନ୍ତି ।

**ମୁଖା ଗଠନର ଉପାଦାନ ଓ ନିର୍ମାଣ:**

ଷଢ଼େଇକଳାରେ ବର୍ତ୍ତମାନର ମୁଖା ଉଦ୍‌ବିକାଶର ବିଭିନ୍ନ ସ୍ତର ମଧ୍ୟ ଦେଇ ଖୁବ୍ ଉନ୍ନତ ଅବସ୍ଥାରେ ଆସି ପହଞ୍ଚିଛି । ବର୍ତ୍ତମାନ ମୁଖା ଗୁଡ଼ିକ ମାଟି, କାଗଜ ଓ କନାରେ ତିଆରି ହୁଏ । ଖଡ଼କାଇ ନଦୀକୂଳର ଉତ୍କୃଷ୍ଟ କଳ ପଟୁମାଟିକୁ ଆଣି ପାଣି ମିଶାଇ ଚକଟି ଚକଟି ଅଠାଳିଆ କରାଯାଏ । ତାକୁ ଚରିତ୍ର ଉପଯୋଗୀ କାଠରେ ନିର୍ମିତ ଛାଞ୍ଚରେ ପକାଇ ଦୁଇ ତିନି ଦିନ ପର୍ଯ୍ୟନ୍ତ ରଖାଯାଏ । ତା ଉପରେ ଅଠାଦ୍ୱାରା ପତଳା କନା ଜଡ଼ାଇ ଦିଆଯାଏ । କନା ଉପରେ ଦୁଇ ତିନି ପରସ୍ତ କାଗଜ, ପୁଣି କନା ଏବଂ ତା'ଉପରେ ବହଳ କାଦୁଅ ଲେପ ଦିଆଯାଏ । କରଣୀ ଦ୍ୱାରା ମୁଖାର ଆଖିକାନ ସଜାଇ ଦିଆଯଏ । ଛାଞ୍ଚ ଭିତରେ ଏ ସବୁ ଭଲଭାବରେ ଶୁଖିଗଲା ପରେ ମୁଖା ବାହାର କରାଯାଏ । ପରେ ତୂଳୀରେ ବିଭିନ୍ନ ପ୍ରଲେପନ କରି ରଙ୍ଗ ସଜାଯାଏ । କାନ ପାଖ ଉପର ଅଂଶର ଦୁଇ ପାଖରୁ ଦୁଇଖଣ୍ଡ ସୂତା ବା ଦଉଡ଼ି ବାନ୍ଧି ଦିଆଯାଏ । ମୁଖା ପିନ୍ଧିଲା ପରେ ତାକୁ ପଛ ପାଖରେ ବାନ୍ଧି ଦିଆଯାଏ ।

**ମୁଖା ସଜ୍ଜୀକରଣ:**

ମୁଖା ସଜ୍ଜୀକରଣ ଏକ କୌଶଳପୂର୍ଣ୍ଣ କଳା । ଭ୍ରୁ, ଚକ୍ଷୁ, କପାଳରେ ତିଳକ,ନାସା, ଅଧର, ମୁଖ ଓ ସମଗ୍ର ମୁଖମଣ୍ଡଳ ଉପଯୋଗୀ ମିଶ୍ରିତ ରଙ୍ଗ ଦ୍ୱାରା ସଜାଯାଏ । ରଙ୍ଗର ମିଶ୍ରଣକୁ ତୂଳୀରେ ସଜେଇ ଭାବୋପଯୋଗୀ କରାଇବା ଉତ୍କୃଷ୍ଟ ଶିଳ୍ପ ନୈପୁଣ୍ୟର ପରିଚାୟକ । ଆଗେ ଜହ୍ନି, ନଡ଼ିଆ ସଢ଼େଇ ପ୍ରଭୃତି ପୋଡ଼ି କଳାରଙ୍ଗ ତିଆରି କରୁଥିଲେ । ବିଭିନ୍ନ ଚରିତ୍ରର ମୁଖା ବିଭିନ୍ନ ଭାବରେ ସୁଷ୍ଠୁ ପ୍ରକାଶ କରିଥାଏ । ନାଚ ସମୟରେ ଅଙ୍ଗଭଙ୍ଗୀ ଦ୍ୱାରା ପ୍ରକାଶ କରାଯାଉଥିବା ଭାବ ଓ ନାଚର ବିଷୟକୁ ଆଖି ଆଗରେ ରଖି ମୁଖା ରଞ୍ଜିତ ଓ ସଜ୍ଜିତ ହୁଏ । ଯେହେତୁ ମୁଖ ମଣ୍ଡଳ ସଂପୂର୍ଣ୍ଣ ଲୁକ୍‌କାୟିତ ଥାଏ ସେ ହେତୁ ଷଢ଼େଇକଳାର ମୁଖା ସଜ୍ଜୀକରଣ ଏକ ବାସ୍ତବ ଓ ଉତ୍କୃଷ୍ଟ କଳା ।

ମୁଖାର ଉପରି ଭାଗରେ (ମସ୍ତକରେ) ମୁକୁଟ ଖଞ୍ଜା ଯାଇଥାଏ । ଏହା ଉପଯୋଗୀ ଚରିତ୍ରର ମୁଖା ଗୁଡ଼ିକରେ ଥାଏ । ମୁକୁଟ ଗୁଡ଼ିକ ବିଭିନ୍ନ ପକ୍ଷୀର ପର, ମୟୂରଚୂ ଏବଂ ଗୁଞ୍ଜ, ଗଡ଼ଗଡ଼, କଣ୍ଠି, ଶଙ୍ଖ, ଜରି, ରଙ୍ଗକାଗଜ,ସୋଲର ଫଳକ ଏବଂ ରଙ୍ଗ ଦ୍ୱାରା ସଜ୍ଜିତ ହୋଇଥାଏ । ଏଗୁଡ଼ିକ ଚରିତ୍ର, ବିଷୟ ଓ ଭାବର ଉପଯୋଗୀ ହୋଇଥାଏ । ମୁଖାର ଚକ୍ଷୁ ଓ ନାସାରନ୍ଧ୍ର ଦ୍ୱୟ ଉନ୍ମୁକ୍ତ ଥାଏ । (ପ୍ରଥମରୁ କରଣୀରେ କଣା କରି ଦିଆଯାଏ ।) ଏହା ଦ୍ୱାରା ନର୍ତ୍ତକ ଆସରରେ ନିଜର ସ୍ଥିତିକୁ ଦେଖିପାରେ ଓ ଶ୍ୱାସ ଗ୍ରହଣ କରିପାରେ ।

ଷଢ଼େଇକଳା ଛଉରେ ବ୍ୟବହୃତ ପୁରୁଣା କାଳର ମୁଖା ସଜ୍ଜୀକରଣ ସଂପର୍କରେ ବର୍ତ୍ତମାନ ଆଲୋଚନା କରିବା କଷ୍ଟକର । ସମ୍ଭବତଃ କାଠ କଖାରୁ, ବାଉଁଶ ନିର୍ମିତ ମୁଖା ଉପଯୋଗୀ ରଙ୍ଗ (ଦେହର ରଙ୍ଗ ସହିତ ସାମ୍ୟ ରଖି) ଦ୍ୱାରା ରଙ୍ଗ ହେଉଥିଲା ।

**ମୁଖା ନିର୍ମାଣ:**

ଷଢ଼େଇକଳାରେ ମୁଖା ନିର୍ମାଣ କୌଣସି ଏକ ସ୍ୱତନ୍ତ୍ର ଜାତିର କଳା ନୁହେଁ । କଂସାରୀ, ବ୍ରାହ୍ମଣ ଓ କ୍ଷତ୍ରୀୟ ଜାତିର ଲୋକେ ମୁଖା ତିଆରି କରୁଥିଲେ । ଏବେ ବି ଆସୁଛନ୍ତି ।

ସ୍ୱର୍ଗତ ମହାରାଜା ଉଦିତ ନାରାୟଣଙ୍କ ସମୟରେ ରଘୁନାଥ ମନ୍ଦିରର ପୂଜକ 'ରାଜ ପୁରୋହିତ' ସ୍ୱର୍ଗତଃ ବଳଭଦ୍ର ପାଣିଗ୍ରାହୀ ଓ ତାଙ୍କ ପୁଅମାନେ ମୁଖା ତିଆରି କରୁଥିଲେ । ପରବର୍ତ୍ତୀ ସମୟରେ ଏ ପରିବାର ସେଠାକାର 'ମହାପାତ୍ର' ପରିବାରକୁ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଏଥିରୁ ବିରତ ହୋଇଥିଲେ । ମୁଖା ନିର୍ମାଣରେ ସ୍ୱର୍ଗତଃ 'ଶିଳ୍ପ କୁଶଳ' ପ୍ରସନ୍ନ କୁମାର ମହାପାତ୍ର ଓ ତାଙ୍କର ବଂଶଧରମାନେ ସିଦ୍ଧହସ୍ତ ଥିଲେ । ବଡ଼ଭାଇ ଚନ୍ଦ୍ରମୋହନ ଓ ବାପା ପଦ୍ମଲୋଚନ, ଜେଜେ ଡମ୍ବରୁଧର, ଅଣଜେଜେ ରଘୁନାଥ ମହାପାତ୍ରଙ୍କ ସମୟରୁ ମୁଖା ତିଆରି କରୁଛନ୍ତି ।

ବର୍ତ୍ତମାନ ଶ୍ରୀ ହେମନ୍ତ କୁମାର ମହାପାତ୍ର (ବୟସ-୭୦ବର୍ଷ)ଙ୍କ ନାତି ଶ୍ରୀ ସୁଶାନ୍ତ ମହାପାତ୍ର ମୁଖା ତିଆରି କରୁଛନ୍ତି । ପ୍ରସନ୍ନ କୁମାର ମହାପାତ୍ରଙ୍କ ନିର୍ମାଣ (ମହଡ଼ା ଓ ମୂର୍ତ୍ତି) କୌଶଳରେ ମୁଗ୍ଧ ହୋଇ ସ୍ୱର୍ଗତଃ ମହାରାଜା ଆଦିତ୍ୟ ପ୍ରତାପ ସିଂହଦେଓ 'ଶିଳ୍ପ କୁଶଳ' ଉପାଧି (୧୯୪୦/୪୧ ମସିହାରେ) ପ୍ରଦାନ କରିଥିଲେ । ତାଙ୍କ ନିର୍ମିତ ମୁଖା ଆନ୍ତର୍ଜାତୀୟ ମୁଖା ପ୍ରଦର୍ଶନ (ଟୋକିଓ-୧୯୫୫)ରେ ସ୍ଥାନ ପାଇଥିଲା । ପାଣିଗ୍ରାହୀ ପରିବାରର 'ତ୍ରିମୂର୍ତ୍ତି', ଉପେନ୍ଦ୍ର-ଶିବ-ବଳଭଦ୍ରଙ୍କର ପୁଅମାନେ ମଧ୍ୟ ନିପୁଣ କାରିଗର ଥିଲେ । ବର୍ତ୍ତମାନ ଶ୍ରୀ ସାହୁ (କଂସାରୀ ପରିବାର) ମଧ୍ୟ ମୁଖା ନର୍ମାଣ କରୁଛନ୍ତି । ପୂର୍ବରୁ ମହଡ଼ା ନିର୍ମାତାମାନଙ୍କ ମଧ୍ୟରେ ଅଖିଳଜିତ୍ ଓ ଦେବୀଦତ୍ତ ସିଂହଙ୍କ ନାମ ଶୁଣାଯାଏ । ପୂର୍ବେ 'ଜର୍ଦ୍ଧା' ବୋଲି ଗୋଟିଏ ଗାଁରେ ମୁଖା ତିଆରି ହେଉଥିବା ଶୁଣାଯାଏ ।

**ମୁଖାର ସଂରକ୍ଷଣ:**

ଷଢ଼େଇକଳା ଛଉରେ ବ୍ୟବହୃତ ମୁଖା ଅତ୍ୟନ୍ତ ମୂଲ୍ୟବାନ । ଏଗୁଡ଼ିକର ସଂରକ୍ଷଣ ନିମନ୍ତେ ଏ ପର୍ଯ୍ୟନ୍ତ କୌଣସି ଉତ୍ତମ ବ୍ୟବସ୍ଥା ହୋଇନାହିଁ । କେବଳ ବ୍ୟବହାର ପରେ ବଡ଼ ବଡ଼ ଟିଣ ବାକ୍ସ ମଧ୍ୟରେ କାଗଜ ଗୁଡ଼ାଇ ରଖି ଦିଆଯାଏ ।

**ଷଢ଼େଇକଳା ଛଉରେ କେତେକ ନାଚର ନାମ ଓ ବିଷୟବସ୍ତୁ:**

୧. **ଯାତ୍ରାଘଟ:** ଯାତ୍ରାଘଟ ଯାତ୍ରା ଆରମ୍ଭର ସୂଚନା ଦିଏ । ପ୍ରତ୍ୟେକ ଛଉ ନାଚର ଆରମ୍ଭରେ ଏହା ବାଦ୍ୟ ଯନ୍ତ୍ର ସହ ବାଜେ । ଏହାର ସ୍ୱର ହେଉଛି 'ଦେଶ' ଏବଂ 'ମହ୍ଲାର' ଶାନ୍ତି ଓ ସମୃଦ୍ଧିର ପ୍ରତୀକ । ଏହାର ତାଳ ହେଉଛି ଷୋହଳ ମାତ୍ରା । ଏହା ଏକକ ନୃତ୍ୟ । ଶିବ ଭକ୍ତ ରାବଣଙ୍କ ଦ୍ୱାରା ରଚିତ ଶିବତାଣ୍ଡବ ସ୍ତୋତ୍ର ଆଧାରିତ ।

୨. **ଅର୍ଦ୍ଧନାରୀଶ୍ୱର:** ଶିବ ଓ ଶକ୍ତିଙ୍କର ମିଳିତ ସ୍ୱରୂପ । ଶିବ ପରମ ପିତା ଓ ପାର୍ବତୀ ପରମ ମାତା ରୂପେ ବିଦ୍ୟମାନ । ମାତା (ପାର୍ବତୀ) ସନ୍ତାନ ଜନ୍ମ ଦିଅନ୍ତି, ପାଳନ କରନ୍ତି, ତା'ମନରେ ଆଶା ପୂରେଇ ଦିଅନ୍ତି । ଶିବ ସନ୍ତାନକୁ ଜୀବନ ଓ ବୁଦ୍ଧି ଦିଅନ୍ତି । ପୃଥିବୀକୁ ଜାଣିବା ପାଇଁ ପଥ ନିର୍ଦ୍ଦେଶ କରନ୍ତି । ଏହା ନାଚର ବିଷୟବସ୍ତୁ ।

୩. **ଆରତି:** ପୂଜକର ଦେବତାଙ୍କୁ ବନ୍ଦାପନା କରିବା (ଦୀପଧରି) ଶୈଳୀ ପ୍ରଦର୍ଶିତ ହୁଏ । ଏହା ଏକକ ନୃତ୍ୟ ।

୪. **ବାଣ ବିଦ୍ଧ:** ଅରଣ୍ୟରେ ମୃଗଟିଏ ସହଜ ଓ ନିଶଙ୍କ ମନରେ ବିଚରଣ କରେ । ପ୍ରେମରେ ମୋହିତ ହୁଏ । ହଠାତ୍ ନିଷ୍ଠୁର ବାଣଟିଏ ତାର ହୃଦୟରେ ବିଦ୍ଧ ହୁଏ । ଶେଷରେ ତାର ଯନ୍ତ୍ରଣା କାତର ଶରୀର ନିଶ୍ଚଳ ହୋଇଥାଏ । ନୃତ୍ୟରେ ଏ ସବୁ ଭାବଭଙ୍ଗୀ ପ୍ରକଟିତ ହୁଏ ।

୫. ଚନ୍ଦ୍ରଭାଗା: କବିବର ରାଧାନାଥଙ୍କ ରଚିତ ଚନ୍ଦ୍ରଭାଗା କାବ୍ୟ ଆଧାରତି ନୃତ୍ୟ ।

୬. ଧୀବର: ଷଢ଼େଇକଳା ଛଉରେ ଧୀବର ନାଚ ଅତ୍ୟନ୍ତ ବିଖ୍ୟାତ । ଗୋଟିଏ ଧୀବରର ଦୈନନ୍ଦିନ ଜୀବନଯାପନ ଶୈଳୀ ଏଥିରେ ପ୍ରଦର୍ଶିତ ହୋଇଥାଏ ।

୭. ଏକଲବ୍ୟ: ମହାଭାରତ ବର୍ଣ୍ଣିତ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ଶିଷ୍ୟ, ଗୁରୁ ଦକ୍ଷିଣା ସ୍ୱରୂପ ବାମ ହାତର ବୃଦ୍ଧାଙ୍ଗୁଳି କାଟି ଦେଇଥିବା ଘଟଣା ଏହି ନାଚରେ ପ୍ରଦର୍ଶିତ ହୁଏ ।

୮. ହଂସ: ନର୍ତ୍ତକ ପାଣି ଓ ଭୂମି ଉପରେ ହଂସର ଚଳନ ଭଙ୍ଗୀ ପ୍ରଦର୍ଶନ କରିଥାଏ ।

୯. ହର ପାର୍ବତୀ: ଏହି ନାଚ ମହାକବି କାଳିଦାସଙ୍କ ରଚିତ କୁମାର ସମ୍ଭବ ମହାକାବ୍ୟର ବିଷୟବସ୍ତୁ ଉପରେ ଆଧାରିତ । ଏଥିରେ ଶିବ ପାର୍ବତୀଙ୍କ ମିଳନ ଫଳରେ କାର୍ତ୍ତିକେୟଙ୍କର ଜନ୍ମ ବୃତ୍ତାନ୍ତ ବର୍ଣ୍ଣିତ ।

୧୦. କଚ ଓ ଦେବଯାନୀ: ଉକ୍ତ ନୃତ୍ୟଟି ବିଶ୍ୱକବି ରବିନ୍ଦ୍ର ନାଥଙ୍କ ରଚିତ 'ବିଦାୟ ଅଭିଶାପ' କବିତା ଭାବ ଆଧାରିତ । ଅସୁର କୁଳର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କର ପ୍ରଣୟ ବିରାଗୀ କଚଙ୍କ ପ୍ରତି ଅଭିଶାପ ନୃତ୍ୟ ଛନ୍ଦରେ ବର୍ଣ୍ଣିତ ।

୧୧. ମଧୁକୈଟଭ: ଶିବଙ୍କ ବରରେ ବଳଶାଳୀ ଅସୁର ମଧୁକୈଟଭ ଅପ୍ସରା ତିଲୋତ୍ତମାଙ୍କ ଦ୍ୱାରା କିପରି ଶେଷରେ ମୃତ୍ୟୁ ବରଣ କରିଛି ତାହା ପ୍ରଦର୍ଶିତ ହୁଏ ।

୧୨. ମୟୂର: (ଭାରତର ଜାତୀୟ ପକ୍ଷୀ) ଉକ୍ତ ନାଚଟି ରାଜକୁମାର ବିଜୟ ପ୍ରତାପ ସିଂହଙ୍କ ଦ୍ୱାରା ଗଠିତ ହୋଇଥିଲା । ବର୍ତ୍ତମାନ ରାଜକୁମାର ଶୁଦ୍ଧେନ୍ଦ୍ର ଏ ନାଚର ଜଣେ ପ୍ରସିଦ୍ଧ ଶିଳ୍ପୀ । ବର୍ଷା ଋତୁରେ ଆକାଶରେ ମେଘ ଦେଖି ମୟୂର କିପରି ଉଲ୍ଲସିତ ହୋଇଉଠେ, ସେହି ଆନନ୍ଦ ଅଧୀର ମୂହୁର୍ତ୍ତ ଗୁଡ଼ିକର ଭାବଭଙ୍ଗୀ ନୃତ୍ୟରେ ପ୍ରଦର୍ଶିତ ହୋଇଥାଏ ।

୧୩. ମେଘଦୂତ: ପ୍ରସିଦ୍ଧ ସଂସ୍କୃତ କବି କାଳିଦାସଙ୍କ ରଚିତ ମେଘଦୂତ କାବ୍ୟର ଅନୁକରଣରେ ଏ ନାଚଟି ପ୍ରଦର୍ଶିତ ହୁଏ । କାଳିଦାସଙ୍କ ମେଘଦୂତରେ ବିରହୀ ଯକ୍ଷ ଯକ୍ଷିଣୀ ସହିତ ମିଳିତ ହୋଇନାହିଁ । କିନ୍ତୁ ଏ ନାଚରେ ଯକ୍ଷ ଯକ୍ଷିଣୀ ସହିତ ମିଳନର ଦୃଶ୍ୟ ପ୍ରଦର୍ଶିତ ହୁଏ ।

୧୪. ନାବିକ: ଏ ନାଚଟି ପୃଥିବୀରେ ପୁରୁଷ, ସ୍ତ୍ରୀ ଦୁଇଜଣଙ୍କର ସହାବସ୍ଥାନ ବିଷୟରେ ଭାବବ୍ୟକ୍ତ କରେ । ନାବିକ ନାଆରେ କାତ ଧରି ବାହୁଥାଏ । ତା ସ୍ତ୍ରୀ ପାଖରେ ବସିଥାଏ । ଝଡ଼, ତୋଫାନ, ଜଳର ତରଙ୍ଗ, ବଜ୍ରର ନିନାଦ ଫଳରେ ସ୍ତ୍ରୀ ଡରିଯାଇ ନାବିକକୁ ଆଲିଙ୍ଗନ କରେ । ଏ ନାଚର ଦାର୍ଶନିକ ତତ୍ତ୍ୱ ହେଉଛଇ ନୌକା ନିରାପଦ ଆଶ୍ରୟ ।

ପୁରୁଷ ସହିତ ନାରୀର ମିଳନ ନିମନ୍ତେ ଅଦମ୍ୟ ଇଚ୍ଛା, ବିପଦ ଆପଦରେ ସ୍ତ୍ରୀକୁ ପୁରୁଷ ରକ୍ଷା କରିବା ପ୍ରଭୃତି ।

୧୫. ପତାକା: ଜନ୍ମଭୂମିର ବିଜୟ ପତାକାର ମହତ୍ତ୍ୱ ପ୍ରକଟିତ କରିବା ଏ ନୃତ୍ୟର ଉଦ୍ଦେଶ୍ୟ । ଏତଦ୍ ବ୍ୟତୀତ 'ଫୁଲ ଓ ବସନ୍ତ', ରାଧାକୃଷ୍ଣ ରାତି, ଋଷ୍ୟଶୃଙ୍ଗ, ବରଷା ଝିମ୍‌ଝିମ୍ ବାଦଲ ରାତି ମୋର ପ୍ରଭୃତି ବହୁ ପ୍ରକାର ନାଚ ଷଢ଼େଇକଳା ଛଉରେ ପ୍ରଦର୍ଶିତ ହୁଏ । ଯୁଗଭାନୁ ସିଂହଦେଓ ତାଙ୍କ ପୁସ୍ତକରେ ଷାଠିଏ ପ୍ରକାର ନାଚର ନାମ ଉଲ୍ଲେଖ କରିଅଛନ୍ତି ।

**ଷଢ଼େଇକଳା ଛଉନାଟ୍ୟ କଳା କୌଶଳ:**

ନନ୍ଦିକେଶ୍ୱରଙ୍କ 'ଅଭିନୟ ଦର୍ପଣ' (ତ୍ରୟୋଦଶ ଶତାବ୍ଦୀ) ଶରୀରର ଭିନ୍ନ ଭିନ୍ନ ଅଙ୍ଗର ଭିନ୍ନ ପ୍ରକାର ଅଭିନୟ ନିର୍ଦ୍ଦେଶ କରିଅଛି । ମସ୍ତକର ନଅ ଗୋଟି, ଚକ୍ଷୁର ଆଠଗୋଟି, ଗ୍ରୀବାର ଚାରିଗୋଟି, ଗୋଟିଏ ହସ୍ତର ଅଠେଇଶ ଗୋଟି, ଦୁଇ ହସ୍ତର ତେଇଶ ଗୋଟି ଭଙ୍ଗୀ ନିର୍ଦ୍ଦେଶ କରିବା ସହିତ ପ୍ରତ୍ୟେକଟିର ବ୍ୟବହାର ନିର୍ଦ୍ଦିଷ୍ଟ ନିର୍ଦ୍ଦିଷ୍ଟ ରହିଅଛି । ଏତଦ୍ ବ୍ୟତୀତ ପାଦ - ନିର୍ଭର ଶରୀରର ଭଙ୍ଗୀ ଓ ଗତିର ନିର୍ଦ୍ଦେଶ ମଧ୍ୟ କରିଅଛି । ବସିବା ଓ ଛିଡ଼ା ହେବାର ଷୋହଳ ଗୋଟି ଭାବ, ଗୋଇଠିର ପାଞ୍ଚପ୍ରକାର ଏବଂ ଅଠର ପ୍ରକାର ଚାଲି ସ୍ଥିର କରିଅଛି ।

**ଅଭିନୟର ବ୍ୟୁତ୍ପତ୍ତିଗତ ଅର୍ଥ:**

ଅଭି - ନିକଟ, ନୟ - ନେବା, ଅର୍ଥାତ୍ ପାଖକୁ ନେବା, କୌଣସି ବିଷୟ ବସ୍ତୁ ଦର୍ଶକ ପାଖରେ, ପହଞ୍ଚାଇ ଦେବା, ଏଥିପାଇଁ ସେ ଚାରିପ୍ରକାର ଅଭିନୟ ନିର୍ଦ୍ଦେଶ କରି ଅଛନ୍ତି ।

କ) ଆଙ୍ଗିକ - ଶାରୀରିକ ଅଙ୍ଗଭଙ୍ଗୀ ଦ୍ୱାରା ଅଭିନୟ ।
ଖ) ବାଚିକ - କଥା ଅଥବା ଗୀତ ଦ୍ୱାରା ଅଭିନୟ ।
ଗ) ଆହାର୍ଯ୍ୟ - ବେଶ ପୋଷାକ ଓ ଅଳଙ୍କାର ସଜା ଦ୍ୱାରା ବାହ୍ୟ ଅଭିନୟ ।
ଘ) ସାତ୍ତ୍ୱିକ - ମାନସିକ ଭାବ ପ୍ରକାଶ ନିମନ୍ତେ ଶାରୀରିକ ଅଭିନୟ ।

ଭାରତୀୟ ଶାସ୍ତ୍ରୀୟ ନୃତ୍ୟରେ ଏପରି ନିର୍ଦ୍ଦିଷ୍ଟ ବ୍ୟାକରଣ ଅଛିସ । ଅଭିନୟ ଅଭିନେତା, ସଭାପତି ଓ ସଭା ପ୍ରତି କର୍ତ୍ତବ୍ୟର ନିର୍ଦ୍ଦେଶ ଶାରୀରିକ ଅଭିନୟ ।

ଛଉ ନାଟ୍ୟ କଳା 'ଫରୀଖଣ୍ଡା' ଶୈଳୀ ପ୍ରଭାବିତ । ଫରୀ ଅର୍ଥ ଢାଲ, ଢାଲ ଓ ଖଣ୍ଡା ଧରି ଶାରୀରିକ ବ୍ୟାୟାମ ସାଧନା - ସାମରିକ କୌଶଳ - ପ୍ରତିରକ୍ଷା ଓ ଆକ୍ରମଣ । ସାହସିକ ଓ କୌଶଳପୂର୍ଣ୍ଣ ଅଶୀ ଚାଳନା ଓ ବାଜି ସର୍ବସ୍ୱ । ଏ ସମସ୍ତ ପ୍ରାଚୀନ ଷଢ଼େଇକଳା ପାଇକ (ପଦାତିକ) ବାହିନୀର ନିଜସ୍ୱ ସମର କୌଶଳ ।

ଫରୀଖଣ୍ଡା ଶୈଳୀ ତିନି ପ୍ରକାରେ ବିଭକ୍ତ ହୋଇପାରେ, ଯଥା:- (କ) ଚାଲି - ଛଅ ପ୍ରକାର, (ଖ) ଉପଲୟ - (ଉଫେଲି) ଛତିଶ ପ୍ରକାର, (ଗ) ଖେଳ - ଦଶ ପ୍ରକାର ।

ବ୍ୟାୟାମ ଗୁଡ଼ିକ କେତେକ ଚାଲି ନେଇ ଆରମ୍ଭ ହୁଏ । ତନ୍ମଧ୍ୟରୁ କେତେକ ପଶୁ ଓ ପକ୍ଷୀଙ୍କ ଚାଲି ଅନୁସରଣ କରେ । ଚାଲିବା ଗତି ଫୁଟ, ମେଳ ଚରିଜଣିଆ ଓ ଅଗ୍ର । ପଶ୍ଚାତ ଓ ପାର୍ଶ୍ୱଗତ - ଏପରି କେତେ ଗୋଟିଏର ସୀମାବଦ୍ଧ ।

(୧) ତିନି ପାନି ଚାଲି, (୨) ଆଡ଼ଲିଚାଲି ଅଥବା ଅଢ଼େଇ ପଦ, (୩) ସ୍ଥୁରୁଗତି କିମ୍ବା ବାଘ ଚାଲି, (୪) ଆକାଶ, (୫) ବଗ ଟପ୍‌କା ଓ (୬) ଗୋ ମୂତ୍ରଛନ୍ଦ ।

ଉପଲୟ ଅଥବା ଉଫେଲି ଗୁଡ଼ିକ ଛଉର ପ୍ରାଥମିକ ଶବ୍ଦ ଗୁଚ୍ଛ । ଉଫେଲି ମାଧ୍ୟମରେ ହିଁ ପାରମ୍ପରିକ ଗତି ଆଦୃତ ହୋଇ ଓ ଶରୀର ଅଙ୍ଗ ପ୍ରତ୍ୟଙ୍ଗ ଓ ପାଦ କାର୍ଯ୍ୟ ନିର୍ଦ୍ଧାରିତ ହୋଇଥାଏ । ଉପଲୟ ସମୂହ ଜଣେ ସ୍ତ୍ରୀ ଲୋକ ପ୍ରତ୍ୟହ ଜୀବନ ଚର୍ଯ୍ୟାକୁ ନେଇ ରଚିତ ହୋଇଥିଲେ ହେଁ ତାହା ଶରୀରର ପେଶୀ ସମୂହର ଚାଳନା, ଭାଙ୍ଗିବା ଓ ଉଠିବା ଇତ୍ୟାଦି ଶକ୍ତିର ପୂର୍ଣ୍ଣ ପ୍ରକାଶ । ପ୍ରାଥମିକ ସାଧନା ନିମନ୍ତେ ଛତିଶ ପ୍ରକାର ଉଫେଲି ରହିଛି । ସେଗୁଡ଼ିକ ହେଲା (୧) ଗୁଟି କୁଢ଼ା (୨) ଗୁଟି ଫିଙ୍ଗା (୩) ଗୋବର ଗୁଳା (୫) ଛଡ଼ା ଦିଆ, (୬) ଖରକିବା, (୭) ଧାନ ଅଥବା ଢେଙ୍କିକୁଟା, (୮) କୁଲା ପାଛୁଡ଼ା, (୯) ହଳଦୀ ଚାଉଳ / ପିଠଉ ବାଟା, (୧୦) ଗାଧି ଯିବାର, (୧୧) ତେଲ / ହଳଦୀ ମଖା, (୧୨) ଖଡ଼ୁ ମଜା, (୧୩) ପାହୁଡ଼ ମଜା, (୧୪) ଝୁଣ୍ଟିଆ ମଜା, (୧୫) ରେଡ଼ି (ଗୋଇଁଠି) ମଜା. (୧୬) ଗାଧବାର ଭୁବ୍‌ବାର. (୧୭)ଝୁଁଟି ଦିଆ, (୧୮) ସିନ୍ଦୂରଟୀକା, (୧୯) ସାନ ଉଫେଲି, (୨୦) ବଡ଼ ଉଫେଲି, (୨୧) ମାଛ ବିନ୍ଧିକା, (୨୨) ମାଛଧରା, (୨୩) ଘୋଡ଼ା ଧୁଲ୍‌କି, (୨୪) ଘୋଡ଼ା ଟପୁକା, (୨୫) ବାଜା ଦୁମ୍‌କା, (୨୬) ବାଘ ଗାମୈଡ଼ା, (୨୭) ହରିଣୀ ଡେଙ୍ଗା, (୨୮) ଛେଳି ଡେଙ୍ଗା ଓ ପଲଟିବାର, (୨୯) ଅର୍ଦ୍ଧ ଚନ୍ଦ୍ର, (୩୦) ତାରା ଖୋସା ଓ ଚାନ୍ଦଧରା, (୩୧)ମଞ୍ଜୁର (ମୟୂର) ପାଣିଖିଆ, (୩୨) ଥୁରଥୁରୀ, (୩୩) ଅନ୍ତ ମୁଡ଼ା, (୩୪) ପସାର ହାଣ୍ଡା କିମ୍ବା ପ୍ରଣାମ, (୩୫) ବାଘ ପାଣିଖିଆ, (୩୬) ବତା ଚିରା ।

ଉପରୋକ୍ତ ଉଫେଲି ଗୁଡ଼ିକ ଆୟତ୍ତ କରିସାରି ଡିଆଁ, ଘୁରା, ବାଙ୍କ ଇତ୍ୟାଦିରେ ଅଭ୍ୟସ୍ତ ହେବା ପରେ ଜଣେ ଛଉ ନାଚି ପାରିବ । ଚାଲି ଓ ଉପଲୟ ସହିତ ଅଭ୍ୟସ୍ତ ହେବା ପରେ ଜଣେ ନିଜର ପ୍ରତିଯୋଗୀ ସହ ଖେଳ (ଖଣ୍ଡାଖେଳ) ଖେଳିବାର ଚିନ୍ତା କରିପାରେ । ଖେଳ ଗୁଡ଼ିକ ନିମ୍ନ

ପ୍ରକାରର:

(୧) ବାହ / ମଥା, (୨) ଭୁଲାଇବାର ଓ ଥାପବାର, (୩) ଉର୍ମାଳୀ, (୪) ଛେଙ୍କା ଛେଙ୍କି / ତକାତକି, (୫)ଏକ ବାଡ଼ିଆ, (୬) ସାଦା ଚିଅଁର, (୭) ସାନ ଗୁଞ୍ଜା, (୮) ବଡ଼ ଗୁଞ୍ଜା, (୯) ମେଣ୍ଢା ଚଳିଆ (୧୦) ଭଟ୍ ଡିଆଁ ।

ଫରୀ ଖଣ୍ଡା ଖେଳ ଖଡ଼କାଇ ନଦୀ ଧାରରେ ଥିବା ଭୈରବ ଶାଳ (ଆଖଡ଼ା ଶାଳ ରୂପେ ପାରମ୍ପରିକ ନାମିତ)ରେ ସୂର୍ଯ୍ୟୋଦୟ ପୂର୍ବରୁ ଅଭ୍ୟାସ ଆରମ୍ଭ ହୁଏ । ଭୈରବ ଶାଳରେ ସାତ ଜଣ ଦେବତା ଅଛନ୍ତି । ପ୍ରତ୍ୟହ ଖେଳ ଆରମ୍ଭ ପୂର୍ବରୁ ନର୍ତ୍ତକମାନେ ମହାଦେବ ଓ ଅନ୍ୟ ଦେବତାଙ୍କ ଆଗରେ ଲମ୍ବା ହୋଇ ପଡ଼ି ଆଶୀର୍ବାଦ ଭିକ୍ଷା କରନ୍ତି । ପରେ ପରେ ଖଣ୍ଡା ଓ ଢାଲ ତୋଳି ନେଇ ଆଖଡ଼ାକୁ ଡିଆଁ ମାରନ୍ତି । ପିନ୍ଧିଥିବା ଧୋତିକୁ ପାଇକଛା ମାରିଥାନ୍ତି । ଓସ୍ତାତ୍ ମୁହଁରେ ଉଚ୍ଚାରଣ କରିବା ସଙ୍ଗେ ସଙ୍ଗେ ଖେଳ ଓ ପଦପାତ ଇତ୍ୟାଦିକୁ ଠିକ୍ ଭାବରେ ଚଳାନ୍ତି । ଶିଷ୍ୟମାନେ ନିଜ ମୁହଁରେ ସେଗୁଡ଼ିକ ଉଚ୍ଚାରଣ କରି ନିଜର ଚାଲି ଠିକ୍ କରି ନିଅନ୍ତି । ଏପରି ଭାବରେ ଦୁଇ ଘଣ୍ଟା କିମ୍ବା ଅଧିକ ସମୟ ଅଭ୍ୟାସ କଲାପରେ ଖଡ଼କାଇ ନଦୀରେ ବୁଡ଼ ଦିଅନ୍ତି ।

ଫରୀ ଖଣ୍ଡା ଶୈଳୀ ଓ ଛଉ ଶୈଳୀରେ ଧରଣ ସମାନ । ଧରଣ ଅର୍ଥ ଶାରୀରିକ ଶୈଳୀ ।

ଷଢ଼େଇକଳା ଛଉ ମୁଖ୍ୟତଃ ଫରୀଖଣ୍ଡା ଶୈଳୀରୁ ସୃଷ୍ଟି ହୋଇଥିଲେ ହେଁ ଏଥିରେ ସମୟୋପଯୋଗୀ ବହୁ ପରିବର୍ତ୍ତନ ଓ ପରିବର୍ଦ୍ଧନ କରାଯାଇଅଛି । ଶୈଳୀ ସଂଗୀତ ଚାଲି ଓ ନାଚରେ ନୂତନ ସଂଯୋଜନ କ୍ରମାଗତ ଭାବରେ ହେଉଛି ।  ଷଢ଼େଇକଳା ଛଉ ନାଚର ବିଷୟବସ୍ତୁ ମହାକାବ୍ୟ ଓ ପୁରାଣ ଭିତ୍ତିକ ହୋଇଥିଲେ ହେଁ ସମଗ୍ର ପ୍ରକୃତିର ସୁନ୍ଦର ଓ ରସାଳ ଭାବ, ବସ୍ତୁ ଓ ରସକୁ ନେଇ ଷଢ଼େଇକଳା ଛଉ ହୋଇ ଉଠିଛି ସରସ ଓ ଗୁଣ୍ଡିମନ୍ତ ।

ସର: ତାଳ: ମାନ: ଲୟ:-

ସଂସ୍କୃତ 'ତାଳ' ଶବ୍ଦଟି ଦୁଇଟି ଅକ୍ଷର ବିଶିଷ୍ଟ ଓ ଏହାର ଅର୍ଥ

ତା = ତାଣ୍ଡବ = ଶିବ

ଳ = ଲାସ୍ୟ = ପାର୍ବତୀ ।

ମାନ ଓ ଲୟର ଅର୍ଥ ନାଚ ଓ ଗୀତର ନିର୍ଦ୍ଦିଷ୍ଟ ଗତି । ତାଳ ତିନିଗୋଟି ବିଭାବକୁ ନେଇ ଗଠିତ । (୧) ସମ - ପ୍ରଥମ ତାଳ, (୨) ତାଳି - ଘନ ତାଳ, (୩) ଖାଲି - ଶୂନ୍ୟ ତାଳ ବା ବିଶ୍ରାମ ।

ତାଳର ନିର୍ଦ୍ଦିଷ୍ଟ ମାତ୍ରା ଅଛି । ମାତ୍ରାରେ ବିଭେଦ ଅଛି । ଯେପରି - ଦାଦ୍ରା- ୬ ମାତ୍ରା, ରୂପକ - ୭ ମାତ୍ରା, ତ୍ରିତାଳ - ତିନିତାଳ - ୮/୧୬, ଝାଁପ ତାଳ - ୧୦, ଏକ ତାଳ - ୧୨, ଧାମାର - ୧୪, ଚୌତାଳ - ୧୨ ଇତ୍ୟାଦି । ନର୍ତ୍ତକ ଓ ବାଦ୍ୟକାର ପରସ୍ପର ମଧ୍ୟରେ ଉତ୍ତମ

ସଂଗୀତ ଜ୍ଞାନ ରହିବା ପ୍ରୟୋଜନ । ନୃତ୍ୟ ଶୈଳୀ ଲୟ ଦ୍ୱାରା ସଂଯୁକ୍ତ ହୁଏ । ଲୟ ତିନି ପ୍ରକାର - (୧) ବିଳମ୍ବିତ ଲୟ, (୨) ମଧ୍ୟ ଲୟ, (୩) ଦ୍ରୁତ ଲୟ । ପ୍ରାଥମିକ ପର୍ଯ୍ୟାୟରେ ଗୋଟିଏ ନାଚ ବିଳମ୍ବିତ ଲୟରେ ଆରମ୍ଭ ହୋଇ ମଧ୍ୟରେ ଦ୍ରୁତତର (ମଧ୍ୟ ଲୟ) ଓ ସର୍ବଶେଷରେ ଦ୍ରୁତତମ (ଦ୍ରୁତଲୟ) ଅନୁକରଣ କରି ସମାପ୍ତ ହୁଏ ।

ଛଉର ପ୍ରତ୍ୟେକ ନୃତ୍ୟରେ ଏପରି ତିନିଗୋଟି ଲୟ ଅଛି । ତାଳ ଓ ସଂଗୀତ କାଟ/କାଟାନ / ତେହାଇ ଦ୍ୱାରା ପରିବର୍ଦ୍ଧିତ ହୋଇଥାଏ । କାଟାନର ତ୍ରିବର୍ଣ୍ଣ ଦିପ୍ତି ଶେଷରେ ପରିବର୍ତ୍ତିତ ରୂପ ନିଏ ଓ ନର୍ତ୍ତକର ପାନ - କୌଶଳ ପ୍ରକଟିତ ହୁଏ । ଏହା ହିଁ ଛଉ ସଂଗୀତର ବିଶେଷତ୍ୱ ଏବଂ ନୃତ୍ୟ ପ୍ରଦର୍ଶନର ବୈଶିଷ୍ଟ୍ୟପୂର୍ଣ୍ଣ ବିଭାବ ।

ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ନିର୍ଦ୍ଦେଶିତ ନୀତି ନିୟମ ଛଉ ନୃତ୍ୟ ଅନୁସରଣ କରେ । ତବଲାରେ ବାଜୁଥିବା ତାଳ, ଢୋଲ, ନାଗରା ଓ ଧୁମ୍‌ସାରେ ମୁକ୍ତ ପ୍ରାଙ୍ଗଣ ନାଚରେ ଉପଯୁକ୍ତ କରି ତୋଳିବାକୁ ହୁଏ । ଉଦାହରଣ ସ୍ୱରୂପ, ମୂଳତଃ ଧାମାର ତାଳ ୭ ମାତ୍ରା ଏବଂ ଛନ୍ଦ ତ୍ରିମାତ୍ରା ଯଥା: "କ୍ରା-ଧେଟେ-ଧେଟେ-ଧା ଗେ ଦେତା ଧେନାତା" ଛଉ ନୃତ୍ୟରେ ତାଳ ପରିବର୍ତ୍ତିତ ହୋଇଯାଏ । ଯଥା: "ଧା-ଧେ (ଉର) ଧା-ଧେନେତାଖିଚି-ଖିଚିତା" । ଯାତ୍ରାଘଟର ସଂଗୀତ ପ୍ରତ୍ୟେକ ଛଉ ନାଚ ଆରମ୍ଭରେ ବାଜେ । ଏହାର ତାଳ ୧୬ ମାତ୍ରା ଏବଂ ଏହା ରାବଣକୃତ ଶିବ ସ୍ତୁତି ଛନ୍ଦ "ଧକତ ଧକତ ଧାକ ଯକ ଲଗତ ପାଟ, ପବକେ କିଶୋର ଚନ୍ଦ୍ର ଶେଖର ରତିପତି କ୍ଷୟଣ ନମାମ...." ଇତ୍ୟାଦି ।

'ଯାତ୍ରାଘଟ'ରେ ପ୍ରଥମେ ଢୋଲରେ ଗୁଡ଼ୁଗୁଡ଼ି ବାଜେ । ଯାତ୍ରାଘଟ ସ୍ୱର ଦୁଇଟି ଶାସ୍ତ୍ରୀୟ ରାଗ ମେଘ ରାଗ ଓ ଦେଶ ରାଗିଣୀ ମିଶ୍ରିତ (ମେଘ ମହ୍ଲାର ରାଗ) ଭାରତୀୟ ଶାସ୍ତ୍ରୀୟ ସଂଗୀତ ଛଅ ଭାଗ (ପୁଲିଙ୍ଗ) ଓ ଛଅ ରାଗିଣୀ (ସ୍ତ୍ରୀଲିଙ୍ଗ) ଦେଶ ରାଗିଣୀ ମେଘ ରାଗର ସ୍ତ୍ରୀଗାବରେ ବିବେଚିତା ଭରତଙ୍କ ନାଟ୍ୟ ଶାସ୍ତ୍ର ଅଷ୍ଟବିଂଶ ଅଧ୍ୟାୟରେ ରାଗ ସୃଷ୍ଟି ଓ କ୍ରମ ବିକାଶ ସଂପର୍କୀୟ ଇତିହାସ ବର୍ଣ୍ଣିତ । ତ୍ରୟୋଦଶ ଶତକରେ ରଚିତ ସଂଗୀତ ରତ୍ନାକର 'ମେଘରାଗ' ସଂପର୍କରେ ମତବ୍ୟକ୍ତ କରି କହେ ଯେ, ଏହା ଶୀତ କାରକ ଓ ସ୍ୱାସ୍ଥ୍ୟପ୍ରଦ । 'ଦେଶ ରାଗିଣୀ' ମେଘର ଆବାହନ କରିଥାଏ ।

'ଯାତ୍ରାଘଟ' ବାଦ୍ୟ ମେଘ ଆବାହନ ଉଦ୍ଦେଶ୍ୟରେ ବାଜେ ଓ ଏହା ସୃଷ୍ଟି ସର୍ଜନାର ପ୍ରତୀକ ଭାବେ ଗୃହୀତ । ଷଢ଼େଇକଳାର ପ୍ରତ୍ୟେକ ଛଉ ନାଚ ସୁନିର୍ଦ୍ଦିଷ୍ଟ ରାଗ ବିଶିଷ୍ଟ । ରାଜ ଦରବାର ପୋଷକତା ଲାଭ କରି ଛଉ ନାଚରେ ସ୍ୱର (ସଂଗୀତ) ଶାସ୍ତ୍ରୀୟ ଧାରା ଗ୍ରହଣ କରି ବିକାଶ ଲାଭ କରିଅଛି । ଏଠାରେ ସଂଗୀତକାର ଶାସ୍ତ୍ରୀୟ ଧାରା ଅନୁସରଣ କରିବାକୁ ବାଧ୍ୟ । ଛଉ ନାଚର ପୃଷ୍ଠ ସଂଗୀତ 'ରଙ୍ଗ' ଭାବରେ କଥିତ କାରଣ ଏହା ନାଚକୁ ବିଭିନ୍ନ ରଙ୍ଗରେ ରଞ୍ଜିତ କରେ । ମୂଳତଃ ରଙ୍ଗ ସମୂହ ଓଡ଼ିଶୀ ।

**ବିଭିନ୍ନ ଛଉ ନାଚରେ ବ୍ୟବହୃତ ରାଗ ଓ ରାଗିଣୀ ସମୂହର ନିମ୍ନରେ ପ୍ରଦତ୍ତ ରୂପ:**

**ଟେବୁଲ**

ଏହି ସମସ୍ତ ଶସ୍ତୀୟ ଭିତ୍ତି ସତ୍ତ୍ୱେ ଛଉ ନାଚର ତାଳର ବହୁ ପରିବର୍ତ୍ତନ ସମ୍ଭବ ହୋଇଅଛି । ନାଚର ଭାବ ନେଇ ତାଳ ଓ ଛନ୍ଦ ବ୍ୟବହୃତ ହୁଏ, ଯଥା: ଆରତି କିମ୍ବା ଦେବଦାସୀ ନାଚରେ ବ୍ୟବହୃତ ତାଳ ଚନ୍ଦ୍ରଭାଗା ମୟୂର କିମ୍ବା ସାଗର ନାଚରେ ବ୍ୟବହୃତ ତାଳ ସହିତ ସମାନ ନୁହେଁ କିମ୍ବା ବୀର ରସାତ୍ମକ ନାଚ ଯଥା ମଧୁକେଟଭ ଓ ପର୍ଶୁରାମ ନାଚରେ ବ୍ୟବହୃତ ତାଳ ସହ ସମାନ ନୁହେଁ ।

ଷଢ଼େଇକଳା ଛଉ ନାଚରେ ପାରମ୍ପରିକ ତାଳ ବ୍ୟବହୃତ ହେଉଥିଲେ ହେଁ ଗୁରୁମାନେ ସର୍ବଦା ନୂତନ ନାଚ ସୃଷ୍ଟି କରିବା ନିମନ୍ତେ ତତ୍ପର । ପ୍ରକୃତରେ ବାଦ୍ୟ, ସଂଗୀତ ନୃତ୍ୟକାରୀଙ୍କୁ ନୃତ୍ୟ କରିବା ପ୍ରେରଣା ଦିଏ । ଆଧୁନିକ କାଳରେ ଏଠା ଛଉରେ ତେଣୁ ବିଭିନ୍ନ ସୂକ୍ଷ୍ମ ବାଦ୍ୟଯନ୍ତ୍ର, ଯଥା- ସୀତାର, ସରୋଜ, ପଖୱାଜ, ମୃଦଙ୍ଗର ବ୍ୟବହାର ସଫଳତାର ସହ କରାଯାଇ ପାରିଛି । ସ୍ୱର ଓ ସଂଗୀତର ଅଧିକ ସୁଯୋଗ ଛଉରେ ଉନ୍ନତିରେ ସହାୟକ ହୋଇଅଛି । ଷଖେଇକଳ ଛଉ ନାଚରେ ବାଦ୍ୟକାରମାନେ ଆସରର ଏକ ପାଖରେ ବସନ୍ତି । ବାଦ୍ୟକାର ମାନଙ୍କ ପାଖରେ ସମୟ ସମୟରେ ଓସ୍ତାତ୍ ବସି 'ବୋଲ' ସବୁ ମୁହଁରେ କୁହନ୍ତି ।

ନୃତ୍ୟ ଶିଳ୍ପୀ ପାଦଗତିରେ ଛନ୍ଦ ଗ୍ରହଣ କରି ଉର୍ଦ୍ଧ୍ୱମୁଖୀ କରାଇ ସମଗ୍ର ଅଞ୍ଚଳରେ ସଞ୍ଚାରିତ କରିଥାନ୍ତି । ତେଣୁ, ଷଢ଼େଇକଳା ଛଉ ନୃତ୍ୟରେ ଶିଳ୍ପୀ ସାଧାରଣତଃ ସ୍ୱର ସହ ତାଳ, ମାନ, ଲୟରେ ନିପୁଣ ହୋଇଥାନ୍ତି । ସାମାନ୍ୟ ବେତାଳରେ ସମଗ୍ର ନାଚରେ ଗଣ୍ଡଗୋଳ ଘଟିଯାଏ ଓ ଦର୍ଶକମାନେ ଏଥିରେ ବିରକ୍ତ ଏବଂ ବିଶୃଙ୍ଖଳିତ ହୋଇ ଉଠନ୍ତି । ତେଣୁ ଛଉରେ ପାଦର କାର୍ଯ୍ୟ (food work) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଷଢ଼େଇକଳାର ଏହି ପ୍ରସିଦ୍ଧ ଛଉ ନୃତ୍ୟରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବ୍ୟବହୃତ ହେବା ସହ ଶିଳ୍ପୀ ପ୍ରତ୍ୟେକ ପାଦରେ ଅଶୀଗୋଟି ଘୁଙ୍ଗୁର ବାନ୍ଧି ଏକ ପ୍ରକାର ସାଂଗିତିକତାର ପରିବେଶ ସୃଷ୍ଟି କରିଥାନ୍ତି ।

**ଷଢ଼େଇକଳା ଛଉ ନାଚରେ ପୃଷ୍ଠପୋଷକତାର ଇତିହାସ:**

ଷଢ଼େଇକଳାର ଛଉ ନାଚର ପୃଷ୍ଠପୋଷକତାର ସମୃଦ୍ଧ ଇତିହାସକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଏ ସ୍ଥାନର ରାଜନ୍ୟବର୍ଗ ତତ୍କାଳୀନ ରାଜନୈତିକ ପ୍ରତିଷ୍ଠା, କଳାଚର୍ଚ୍ଚା ସହିତ ଅବସର ବିନୋଦନର ଏକ ଉତ୍ତମ ମାଧ୍ୟମ ରୂପେ ନାଚଟିର ବିକାଶ ସାଧନ କରିଥିଲେ ।

ଷଢ଼େଇକଳା ଦରବାରରେ ପ୍ରଥମେ ଛଉ ଫରୀଖଣ୍ଡା ଆଧାରିତ ଥିବାର ଦେଖାଯାଇଛି । କେତେକ କହନ୍ତି ଯେ ସେତେବେଳେ ଷଢ଼େଇକଳାରେ ବର୍ତ୍ତମାନ ପରି ସବୁ ନାଚରେ ମୁଖାର

ବ୍ୟବହାର ନଥିଲା । ପରେ ସବୁ ନାଚରେ ମୁଖାର ପ୍ରଚଳନ ହୋଇଛି । ଅନ୍ୟ କେହି କେହି ବାରିପଦା ପରି ଷଢ଼େଇକଳାରେ ମୁହାଁ ଆଦୌ ନଥିବାର ମଧ କହନ୍ତି । ଏହା ପ୍ରାଥମିକ ପର୍ଯ୍ୟାୟର କଥା । ସେତେବେଳେ ଏଥିରେ ବୀରତ୍ୱ ବ୍ୟଞ୍ଜକ ନାଚ ଅଧିକ ଥିଲା ।

ଷଢ଼େଇକଳାର ରାଜାମାନେ ବହୁ ପୂର୍ବରୁ ଛଉ ନାଚର ପୃଷ୍ଠପୋଷକତା କରିଥିବା କୁହାଯାଏ । ତେବେ ରାଜା ଉଦିତ ନାରାୟଣ ଏହାକୁ ପୃଷ୍ଠପୋଷକତା ପ୍ରଦାନ କରିଥିବା ବିଷୟରେ ତଥ୍ୟ ଉପଲବ୍ଧ ହୋଇଅଛି । ନାଚଟିର ଉନ୍ନତି ବିଧାନ ନିମନ୍ତେ ସେ ଅନେକ ପ୍ରଯତ୍ନ କରିଥିବା ଜଣାଯାଏ । କେତେକଙ୍କ ମତରେ ବୁଢ଼ାରଜା (ନୃପରାଜ ସିଂହଦେଓ (୬)) ଥରେ କଳାହାଣ୍ଡିରୁ ଫେରିବା ସମୟରେ ଚକ୍ରଧର ପୁର ନିକଟସ୍ଥ ଟେବୋ ପାହାଡ଼ ତଳେ ଚଇନିପୁର /କୁଡ଼େଇକଳା ଗାଁରେ କିଶୋରଟିଏ ବଇଁଶୀ ବଜାଇ ନୃତ୍ୟ କରୁ କରୁ ମଇଁଷି ଚରାଉଥିଲେ । ରାଜା ସେହି ବାଳକର ନୃତ୍ୟଭଙ୍ଗୀରେ ମୁଗ୍ଧ ହୋଇ ତାକୁ ସଂଗରେ ଷଢ଼େଇକଳା ନେଇ ଆସିଥିଲେ । ସେ ଷଢ଼େଇକଳା ଦରବାରରେ ନୃତ୍ୟ ପ୍ରଦର୍ଶନ କରାଇଥିଲେ । ସେହି କିଶୋର ବାଳକ ହିଁ ପରବର୍ତ୍ତୀ କାଳର ପ୍ରସିଦ୍ଧ ନୃତ୍ୟ ଶିଳ୍ପୀ ଉପେନ୍ଦ୍ର ବିଶ୍ୱାଳ । ତାଙ୍କର ପ୍ରିୟତମ ଶିଷ୍ୟ ରାଜେନ୍ଦ୍ର ପଟ୍ଟନାୟକ ଛଉ ନୃତ୍ୟ ଓ ଡୁବି ତବଲା ବାଦନରେ କୁଶଳୀ ଥିଲେ । ସେ ଷଢ଼େଇକଳା ଛଉରେ ଶାସ୍ତ୍ରୀୟ ଶୈଳୀର ତାଳ, ମାନ, ଲୟ ପ୍ରୟୋଗ କରିବାର ଚେଷ୍ଟା କରି ସଫଳ ହୋଇଥିଲେ । ପରବର୍ତ୍ତୀ କାଳରେ ବିଜୟ ପ୍ରତାପ ସିଂହଦେଓ, ବନବିହାରୀ ପଟ୍ଟନାୟକ ପ୍ରଭୃତି ଛଉ ନାଚରେ ଅଧିକ ପରିମାର୍ଜନ ଘଟାଇ ଥିବାର ଜଣାଯାଏ ।

ମହାରାଜା ଉଦିତ ନାରାୟଣ ସ୍ୱୟଂ କବି ଥିଲେ ଓ କଳା ପ୍ରତି ତାଙ୍କର ଅନୁରାଗ ରହିଥିଲା । ପରବର୍ତ୍ତୀ କାଳରେ ନୃପରାଜ ଓ ଆଦିତ୍ୟ ପ୍ରତାପ ସିଂହଦେଓଙ୍କ ପରି ମହାରାଜା ଗଣ ଏଠା ଛଉ ନାଚର ପ୍ରଭୂତ ଉନ୍ନତି ସାଧନ କରିଛନ୍ତି । ନାଚର ବିଷୟବସ୍ତୁ ନିର୍ବାଚନ, ନୃତ୍ୟଶୈଳୀ, ସ୍ୱର ସଂଗୀତ ସହ ବେଶ ପୋଷାକ, ମୁଖାର ଗଠନ ପରିପାଟୀରେ ଚରମ ବିକାଶ ସାଧିତ ହୋଇଥିବା ପରିଲକ୍ଷିତ ହୁଏ । ଷଢ଼େଇକଳାର ଶାସକ ମାନଙ୍କ ପୃଷ୍ଠପୋଷକତା ଫଳରେ ହିଁ ଛଉ ନାଚ ଉନ୍ନତି ଘଟିବା ସହିତ ଏଥିର ପ୍ରଭୂତ ବିସ୍ତାର ଘଟିଛି । ଷଢ଼େଇକଳାର ଅନେକ ଛଉ ଶିଳ୍ପୀ ପଡ଼ୋଶୀ ମୟୂରଭଞ୍ଜ ରାଜ୍ୟ ସହ ସନ୍ନିହିତ ରାଜ୍ୟର ରାଜଧାନୀ ମାନଙ୍କରେ ଏହି ନୃତ୍ୟ ଶିକ୍ଷା ଦେବା ନିମନ୍ତେ ଯାଇଛନ୍ତି ଓ ସଂପୃକ୍ତ ରାଜ୍ୟର କଳାଚର୍ଚ୍ଚାର ମାଧମ ରୂପେ ଛଉ ଗୃହୀତ ହୋଇଛି । ମହାରାଜା ଆଦିତ୍ୟ ପ୍ରତାପଙ୍କ ସମୟରେ ସମଗ୍ର ରାଜ୍ୟର ପାରମ୍ପରିକ ନୃତ୍ୟ କଳାର ବିକାଶ ନିମନ୍ତେ 'ଶ୍ରୀକଳାପୀଠ'ର ପ୍ରତିଷ୍ଠା ହୋଇଛି । ଏଠାର ଛଉ ନୃତ୍ୟ ଶିଳ୍ପୀମାନେ ଇଉରୋପର ବିଭିନ୍ନ ସ୍ଥାନକୁ ଏହି ନାଚର ପ୍ରଦର୍ଶନ ନିମନ୍ତେ ସୁବିଖ୍ୟାତ ପ୍ରଯୋଜକ ଶ୍ରୀ ହରେନ୍ ଘୋଷଙ୍କ ନେତୃତ୍ୱରେ ଯାଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ରାଜକୁମାର ଶୁଭେନ୍ଦ୍ରଙ୍କ ପରି ପ୍ରବୀଣ ନୃତ୍ୟଶିଳ୍ପୀଙ୍କର ଅକାଳ ବିୟୋଗରେ ଏହି ନୃତ୍ୟକଳାର ଅଶେଷ କ୍ଷତି ହୋଇଥିଲେ ହେଁ ଏ ଦିଗରେ

ପୋଷକତା ଅବ୍ୟାହତ ରହିଥିଲା । ରାଜ୍ୟ ମିଶ୍ରଣ ପରେ ଏଠାର ରାଜ ପରିବାର ପୂର୍ବପରି ପୃଷ୍ଠପୋଷକତା ପ୍ରଦାନରେ ସକ୍ଷମ ହୋଇ ନଥିଲେ ହେଁ ରାଜ ପରିବାରର କଳା ଚର୍ଚ୍ଚା ରୂପେ ଛଉ ନୃତ୍ୟ ଅଦ୍ୟାବଧି ପ୍ରଚଳିତ ରହିଅଛି । ରାଜ୍ୟ ଓ କେନ୍ଦ୍ର ସରାକାରଙ୍କ ଆର୍ଥିକ ସହାୟତାରେ ଏଠାର ଛଉ ପୂର୍ବ ପରି ଗୌରବରକ୍ଷା କରି ପାରିଅଛି ।

ସହାୟିକା ସୂଚୀ:


1. Hunter, W.W.: The Statistical Account of Singhbhuma,
2. Roy Choudhury, P.C.; Bihar District Gazetteers: Singhbhum,
3. Singh Deo, J.B.; Chhau: Mask Dance of Serakella,
4. Singh Deo, N.N.; Singhbhum, Seraikella and Kharswan through the Ages.


◆◆◆

# ପଞ୍ଚମ ଅଧ୍ୟାୟ

# ମୟୂରଭଞ୍ଜର ଛଉନାଚ ପରମ୍ପରା

## ମୟୂରଭଞ୍ଜରେ ଚୈତ୍ର ପର୍ବର ଆନୁଷ୍ଠାନିକ ଉପଚାର:

ବହୁ ପୁରାକାଳରୁ ମୟୂରଭଞ୍ଜର ରାଜା ମାନଙ୍କ ଦ୍ୱାରା ମହା ସମାରୋହରେ ଏହି ଚୈତ୍ର ପର୍ବ ପାଳିତ ହୋଇଆସିଛି । ଭରୁଆଁରେ ଏହି ପର୍ବ ଚୈତ୍ର ମାସର ଶୁକ୍ଳ ନବମୀଠାରୁ ଆରମ୍ଭ ହୋଇ ଛଅ ଦିନ ଧରି ପାଳିତ ହୁଏ ଓ ପଣା ସଂକ୍ରାନ୍ତିରେ ଶେଷ ହୁଏ ।

ଏହି ପର୍ବର ଆରମ୍ଭର ପୂର୍ବ ରାତ୍ରିରେ ସଂପୃକ୍ତ କର୍ମକର୍ତ୍ତା, ଅଂଶ ଗ୍ରହଣକାରୀ ଭଗ୍ତା, ଦେହୁରୀ, ଘଟୁଆ ଓ ପାଟୁଆ ଦେବସ୍ଥଳକୁ ଯାଇ ଦେବଦେବୀଙ୍କୁ ଜଣାଇ ଗୁଆ ନିମନ୍ତ୍ରଣ କରି ଆସନ୍ତି । ଏହାକୁ 'ଧୂମାଳ' କୁହାଯାଏ ।

ପରଦିନ ଅର୍ଥାତ୍ ପର୍ବର ପ୍ରଥମ ଦିନରେ ମା ମଙ୍ଗଳାଙ୍କ ଘଟ ଆସେ । ଏହାକୁ 'ପହିଲିଘଟ' ବା 'ବାସୁଳୀଘଟ' କହନ୍ତି । ଗ୍ରାମର ମଙ୍ଗଳ ନିମନ୍ତେ ଗ୍ରାମଦେବତୀ ବାସୁଳୀଙ୍କୁ ପ୍ରଥମେ ଆବାହନ କରାଯାଏ । ଏହିଦିନ ଘଟୁଆ, ପାଟୁଆ, ବ୍ରାହ୍ମଣ ପୂଜା ଓ ଦେହୁରୀ ସମସ୍ତେ ଅଂଶ ଗ୍ରହଣ କରନ୍ତି । ପୂଜାରେ ପାଗୁଲ ଫୁଲ ଓ ଖଇମୁଆଁ ଭୋଗ ଲାଗେ ।

ଘଟ ଆଣୁଥିବା ବ୍ୟକ୍ତି ଘଟୁଆ, ପର୍ବର ବିଭିନ୍ନ ଦିବସରେ ପୂଜିତ ଦେବଦେବୀଙ୍କର ଚିତ୍ରିତ ପଟିକୁ ବହନ କରି ଚାଲୁଥିବା ବ୍ୟକ୍ତି ପାଟୁଆ ବା ପଟିଦାର ରୂପେ କଥିତ ହୁଅନ୍ତି । ଏମାନେ ଦେହୁରୀ, ପୂଜକବ୍ରାହ୍ମଣଙ୍କ ସହ ନଦୀକୁ ଯାଇ ଗାଧୋଇ ସାରି ବାଲୁକା ଲିଙ୍ଗ ସ୍ଥାପନ କରି 'ମାଣିକ ଭେଟି' ନିମନ୍ତେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସନ୍ତି । ସେଠାରେ ଘଟୁଆ ଓ ପାଟୁଆ ଆବଶ୍ୟକ ଔପଚାରିକ ବିଧିବିଧାନ ସମାପନ କଲାପରେ ସେମାନଙ୍କୁ ବ୍ରାହ୍ମଣ ପୁରୋହିତ ପଇତା ଓ ବେତ ଧାରଣ କରାଇଥାନ୍ତି । ଘଟପୂଜା, ଶେଷରେ ଜଳପୂର୍ଣ୍ଣ କରି ଘଟୁଆ ମୁଣ୍ଡରେ ମୁଣ୍ଡାଇ ବୋହି ଆଣନ୍ତି । ଏହି ଦିନ ଛଅଗୋଟି ସ୍ଥାନ ଯଥା- ଅନ୍ଧାରୀ ଶାଳ, ମୁଚିରିଚରା (ଠାକୁରଙ୍କ ଦାନ୍ତଘଷା ସ୍ଥାନ), ରାଧାଚକ୍ର, ଦ୍ୱାରଶୁଣୀ, ମାଣିକ ଭେଟି ଓ ଶିବ ମନ୍ଦିର)ରେ ବୋଦା ଓ ଛଅ ଗୋଟି ଅଣ୍ଡା ବଳି ପଡ଼େ ।

**ଦ୍ୱିତୀୟ ଦିନର ଘଟର ନାମ କାଳିକାଘଟ:** ଘଟୁଆ କାଳିକା ବେଶରେ ଜଳପୂର୍ଣ୍ଣ କରି ନିରୂପିତ ରାସ୍ତାରେ ଘଟ ଆଣି ଶିବ ମନ୍ଦିରରେ ଘଟ ରଖନ୍ତି । ଏହି ଦିନ ଘଟୁଆ ଘଟ ଆଣିବା ପରେ ଦରକାର ବେଳେ କାଳୀଙ୍କର ମୁଖା ପିନ୍ଧେ ଓ କାର୍ଯ୍ୟ ଶେଷରେ ଫିଟାଇ ରଖାଯାଏ ।

**ତୃତୀୟ ଦିନରେ ଯାତ୍ରାଘଟ:**ପ୍ରଥମ ଦିନର ଘଟ ପରି ବେଶ କରି ଅଣାଯାଏ । ଏହି ଦିନ ବଳିଭୋଗ ନିଷେଧ।

**ଚତୁର୍ଥ ଦିନରେ ସତୀ ଘଟ:**ଅନ୍ୟ ସବୁ ଘଟ ରାତିରେ ଆସୁଥିଲେ ହେଁ ଏହି ଘଟ ଦିନରେ ଆସେ । ଏହି ଦିନ ଘଟୁଆ 'ସତୀ' ବେଶ ଧାରଣ କରିଥାଏ ଓ ଗାଁ ସାରା ବୁଲି ବୁଲି ଗାଏ "ଆମ ଖାଇଲି, ଯାମ ଖାଇଲି, ପକେଇଦେଲି ଖିଲି; ଆମାର ସାମୀ ମରିଆଗେଲ ଆମି ହଇରାଣ ସତୀ ।" ଏହିପରି ଗୀତ ଗାଇ ଗାଇ ଧରିଥିବା ନୂଆ ହାଣ୍ଡିରେ ଥିବା ଖଇ ବିଞ୍ଚେ । ସତୀ ବୁଲିଲା ବେଳେ ବିଭିନ୍ନ ବାଦ୍ୟ ବାଜେ । ଗାଁ ବୁଲି ସାରି 'ସତୀ ଗାଡ଼ିଆ'ରେ ନିଆଁ ଜାଳି ସାତଥର ଘୁରି ହାଣ୍ଡି ଭାଙ୍ଗିଦେଇ ନଦୀକୁ ଏକ ମୁହାଁ ହୋଇ ଗାଧୋଇ ଯାଏ । ଗାଧୋଇ ଆସି ରଜାଘରେ ପଣାପିଏ ।

**ପଞ୍ଚମ ଦିନରେ ଜାଗର ବା ଗରିଆ ଭାର:-** ଏହି ଦିନ ବଣରୁ ଉଡ଼ା କାଠ ଆସେ । ଏହି ଦିନ ସମସ୍ତେ ଉପବାସ କରି ରାତ୍ରି ଶେଷ ପର୍ଯ୍ୟନ୍ତ ଜାଗ୍ରତ ରହି ଦୀପ ଜାଳିବା ବିଧି । ପର୍ବର ଏହି ଦିନଟିକୁ 'ଜାଗର ଯାତ୍ରା' ମଧ୍ୟ କହନ୍ତି । ଏହି ଦିନ ଜାଗର ଯାତ୍ରା ପାଇଁ ଘଟୁଆ ଜଳପୂର୍ଣ୍ଣ କଳସ ଭାର କରି ଆଣି ଥାଏ । ଏହି ରାତ୍ରିରେ ପୂର୍ବରୁ ଛଉ ନାଚ ହେଉଥିଲା । ରାଜ୍ୟ ଗଲାପରେ ଅର୍ଥାଭାବ ହେତୁ ଛଉ ନାଚ ବନ୍ଦ ହୋଇଗଲା ।

**ଷଷ୍ଠ ଦିନରେ ଉଡ଼ା ପର୍ବ:** ଏହି ଦିନ ଭକ୍ତାମାନେ ଉଡ଼ା ଖୁଣ୍ଟରେ ଚଡ଼କ ଡାଙ୍ଗରେ ବନ୍ଧା ହୋଇ ଉଡ଼ିଲେ ଶିବ ଦର୍ଶନ ଫଳପ୍ରାପ୍ତି ହୁଏ । ପୂର୍ବରୁ ୧୩ ଜଣ ଭକ୍ତା ଥିବା ଜଣାଯାଏ । ବର୍ତ୍ତମାନ କେବଳ ତିନି ଜଣ କାମ ଚଳାଉଛନ୍ତି । ସେମାନଙ୍କ ମଧ୍ୟରୁ ମୁଖ୍ୟ ଭକ୍ତାକୁ 'ପାଟ ଉଡ଼ା' କହନ୍ତି । ରାଧାଚକ୍ରରେ ୧୩ ଗୋଟି ଲୁହା କଣ୍ଟା ଫୋଡ଼ା ଯାଇଥାଏ । ଏହି ଦିନରେ ଅନ୍ୟ ଭକ୍ତା ମାନଙ୍କୁ 'ଗଞ୍ଜଣୀ' କୁହାଯାଏ । ଏମାନେ ଉପବାସ କରିଥାନ୍ତି । ଶିବଙ୍କ ମନୋରଞ୍ଜନ ନିମନ୍ତେ ଜୟଗାନ କରୁଥିବାରୁ ଏପରି କୁହାଯାଏ ।

ଉଡ଼ା ଶେଷରେ ଭକ୍ତାମାନେ ପଇତା ଖୋଲି ଶିବ ମନ୍ଦିର ଉପରକୁ ଫିଙ୍ଗି ଦିଅନ୍ତି ଓ ନିଜ ନିଜର ବେତ ନେଇ ଘରକୁ ଫେରନ୍ତି । ପରଦିନ ପର୍ବ ଶେଷରେ ଭକ୍ତାମାନେ ନଖବାଳ କାଟି ସଫା ସୁତୁରା ହୁଅନ୍ତି ।

ପ୍ରବଳ ଖରାରେ ଯେକରି ମଡ଼କ (ମହାମାରୀ) ନପଡ଼ୁ, ବର୍ଷାଦିନରେ ଯେପରି ଚଡ଼କ ନପଡ଼ୁ, ସେଥିପାଇଁ ରାଜା ବା ଜମିଦାରମାନେ ପ୍ରଜାଙ୍କ ହିତ ପାଇଁ ଏହି ପର୍ବ ପାଳନ କରୁଥିବା ଜଣାଯାଏ । ତେଣୁ ଏହି ଉଡ଼ା ପର୍ବକୁ ଚଡ଼କ ପର୍ବ ମଧ୍ୟ କହନ୍ତି ।

ଆଗରୁ ପର୍ବ ସମୟରେ ରାତିରେ ଛଉ ନାଚ ଅନୁଷ୍ଠିତ ହେଉଥାଏ । ସେତେବେଳେ ଶାଳୁଆ କାଠର ଦଣ୍ଡକୁ କୁଉଳିଆ କରି ସେଥିରେ ନିଆଁ ଲଗାଇ ଧରୁଥିଲେ । ଯେଉଁଠରେ ଜଳି

କାଠ ଅଙ୍ଗାର ହୁଏ ସେଠାରେ ଦଣ୍ଡାଟିକୁ କଚିଦେଲେ ପୁଣି ଆଲୁଅ ଜଳିଉଠେ । ଏହାକୁ 'ମଶାଲ ବ୍ୟବସ୍ଥା' କୁହାଯାଏ । ଏବେ ଛଉ ନାଚ ବନ୍ଦ ହୋଇ ଯାଇଛି । 'ଜାଗର' ରାତ୍ରିରେ ଭିଡ଼ିଓ ପ୍ରଦର୍ଶନର ବ୍ୟବସ୍ଥା ହେଉଛି । ବର୍ତ୍ତମାନ ପମ୍ପ ଲାଇଟ କିମ୍ବା ବିଦ୍ୟୁତ ଆଲୋକ ବ୍ୟବହୃତ ହେଉଛି । (ଭଗୁଆଁ ଗ୍ରାମର କୁମାରୀ ବିଜୟିନୀ ମିଶ୍ର, ବି.ଏ.ଙ୍କ ସହଯୋଗରେ ଉପରୋକ୍ତ ବିବରଣୀ ସଂଗୃହୀତ) ।

ମୟୂରଭଞ୍ଜର ପାଞ୍ଚପିଢ଼ ମହକୁମାର ଭଗୁଆଁ ଗ୍ରାମ ଓ ବାମନଘାଟୀ ମହକୁମାର ତିରିଂ ଗ୍ରାମର ଚୈତ୍ର ପର୍ବର ବିବରଣୀ ଏଠାରେ ଉପସ୍ଥାପିତ ହୋଇଛି । ବାରିପଦାଠାରୁ ୧୨୭ କି.ମି. ଦୂରବର୍ତ୍ତୀ ଭଗୁଆଁ ଗ୍ରାମ ସିଂଭୂମ ସୀମାନ୍ତରେ ଅବସ୍ଥିତ । ଏହା ଏକ ବ୍ଲକ । ଏଠାରେ ଏକ କଲେଜ, ବ୍ୟାଙ୍କ, ଡାକ୍ତରଖାନା, ସମବାୟ ଅଫିସ ପ୍ରଭୃତି ସରକାରୀ ବେସରକାରୀ ପ୍ରତିଷ୍ଠାନମାନ ଚାଲିଅଛି । ବ୍ଲକର କାର୍ଯ୍ୟାଳୟ ଏହିଠାରେ ଅବସ୍ଥିତ ।

ଏହି ଗ୍ରାମରେ ଭଞ୍ଜ ବଂଶୀୟ ବାବୁମାନଙ୍କ ପୃଷ୍ଠପୋଷକତାରେ ଉଡ଼ା ପର୍ବ ଅନୁଷ୍ଠିତ ହୁଏ । ଘରେ ବ୍ରାହ୍ମଣ, କ୍ଷତ୍ରିୟ, କରଣ, ଖଣ୍ଡାୟତ, ତନ୍ତୀ, ଗଉଡ଼, ପାଳ, ଘାସି, କୁଡୁମୀ, ପୁରାଣ, ମାହାଳୀ, ମାରୱାଡ଼ି, ଭୂମିଜ ପ୍ରଭୃତି ଜାତି ଓ ଗୋଷ୍ଠୀର ଲୋକେ ବାସ କରନ୍ତି ।

ତିରିଂ ଗ୍ରାମରେ ଚୈତ୍ର ପର୍ବ ନିମ୍ନଲିଖିତ ଆନୁଷ୍ଠାନିକ ଉପଚାର ଦେଇ ଆରମ୍ଭ ହୁଏ । ଶୁଭଘଟ, ଯାତ୍ରା, ଖରିଆଭାଇ ଓ କାଳିକା ଘଟ ଏହିପରି ଚାରିଗୋଟି ଘଟ ଚାରିଦିନରେ ଉଠେ । କେବେ କେବେ ଏହା ଦୁଇ ଦିନରେ ଉଠେ । ଚାରି ରାତିରେ ଛଉ ନାଚ ହେବା ବିଧି ଅର୍ଥାଭାବରୁ ଅନେକ ସମୟରେ ଏହା ସମ୍ଭବ ହୁଏ ନାହିଁ ।

**ଯାତ୍ରା ଘଟ:** ଯାତ୍ରା ଘଟ ଆସିଲା ବେଳେ ଗ୍ରାମର ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ପ୍ରତ୍ୟେକର ଘରର ସମ୍ମୁଖ ଭାଗ ଗୋବରରେ ଲିପା ହୋଇଥାଏ । ଦୁଆର ବନ୍ଧରେ ଚିତା ଦିଆଯାଏ । ଦୁଆର ସାମନାରେ ଗୃହ କର୍ତ୍ତା ଓ ଗୃହ କର୍ତ୍ତ୍ରୀ ଯାତ୍ରା ଘଟକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ଥାଆନ୍ତି । ଘଟ ପହଞ୍ଚିଲା ପରେ ବନ୍ଦାପନା କରିଥାଆନ୍ତି । ଯାତ୍ରା ଘଟ ଆଗରେ ବଳି ପଡ଼େ । ଯାତ୍ରା ଘଟ ପୂର୍ବରୁ 'ଶୁଭ ଘଟ' ଉଠିଥାଏ ।

**ବଳି:** ସାଧାରଣତଃ ଅଳ୍ପ ବୟସରେ ଅଣ୍ଡିରା ଛେଳି (ବୋଦା) ବଳି ପଡ଼େ । ବଳିର ରଙ୍ଗ ନିର୍ଦ୍ଦିଷ୍ଟ ନୁହେଁ । ଯାତ୍ରା ଘଟ ପଟୁଆର ଆସିବା ସମୟରେ ବଳି ପଡ଼େ । ଯାହାଙ୍କର ବଳି ଦେବାର ମାନସିକ ଥାଏ ତାଙ୍କର ଦୁଆର ସାମନା ରାସ୍ତା ଲିପାପୋଛା ହୋଇଥାଏ । 'ଘଟୁଆଳି' ଘଟ ମୁଣ୍ଡାଇ ଆସିଲା ବେଳେ ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ଅଟକନ୍ତି । ସେଠାରେ ବ୍ରାହ୍ମଣ ଘଟ ଓ ବଳିକୁ ପୂଜା କଲା ପରେ ବଳି ପଡ଼େ । ବଳି ନିମନ୍ତେ ଗୃହ କର୍ତ୍ତା ଗୃହ କର୍ତ୍ତ୍ରୀ ଉପବାସ କରିଥାଆନ୍ତି । ବଳି ସରିବା ପରେ ସେମାନେ ଜଳ ଗ୍ରହଣ କରନ୍ତି ।

**ଘଟୁଆଳି:** ଯେଉଁମାନେ ଘଟ ଆଣନ୍ତି ସେମାନଙ୍କୁ ଘଟୁଆଳି କୁହାଯାଏ । ଏହି କାର୍ଯ୍ୟ ନିମନ୍ତେ ସେମାନେ ସର୍ଦ୍ଦାରଙ୍କ ନିକଟରୁ ଜାୟଗିରି ସ୍ୱରୁପ ଜମି ପାଇଥାନ୍ତି । ବର୍ଷରେ ଥରେ ଚୈତ୍ର ପର୍ବ ସମୟରେ ଘରିଗୋଟି ଘଟ ଆଣିବା ସେମାନଙ୍କର ବଂଶାନୁକ୍ରମିକ ଦାୟିତ୍ୱ । ଟିରିଂ ଗ୍ରାମରେ ଦୁଇ ଜଣ ତେଲି ଜାତିର ଘଟୁଆଳି ପୁରୁଷାନୁକ୍ରମିକ ଭାବରେ ଏ ଦାୟିତ୍ୱ ପାଳନ କରିଥାନ୍ତି ।

**ଘଟୁଆଳିର ବେଶ:** ଘଟୁଆଳିର ସମଗ୍ର ଶରୀର କଳା କନାରେ ନିର୍ମିତ ଏକ ସ୍ୱତନ୍ତ୍ର ପୋଷାକରେ ଆଚ୍ଛାଦିତ ରହିଥାଏ । ଏହା ବେକଠାରୁ ପାଦ ପର୍ଯ୍ୟନ୍ତ ଲମ୍ବିଥାଏ । ଘଟୁଆଳିର ମୁହଁ ସାରା ସିନ୍ଦୁର ଲିପା ହୋଇଥାଏ । ମଥାରେ ନାଲି ଗାମୁଛା କିମ୍ବା ସାଲୁ କନାରେ ବିଣ୍ଡି ଥାଏ । ତା' ଉପରେ ଘଟ ବସେ । ଦୁଇ ହାତ ଓ ପାଦ ଅଳତାରେ ରଞ୍ଜିତ ହୋଇଥାଏ । ଦୁଇ ଗୋଡ଼ରେ ଘରି ପାଞ୍ଚ ଥାକ ଘୁଙ୍ଗୁର ବନ୍ଧା ଥାଏ । ଘଟୁଆଳି ଘଟ ମୁଣ୍ଡାଇ ଗାଁ ରାସ୍ତାରେ ନାଚି ନାଚି ଆସେ ।

**ଘଟ ସଜ୍ଜା:** ଏ ଘଟ କାଳିକା ଦେବୀଙ୍କର । ଏହି ଘଟ ସିନ୍ଦୁର ମଖା ହୋଇଥାଏ । ଘଟ ମୁହଁରେ ଆମ୍ବଡାଳ, ବେଲପତ୍ର ଓ ବେଲଥାଏ । ଅରଖଫୁଲ, ଗୋଲାଚି ଫୁଲର ମାଳ ଘଟ ଗଳାରେ ଲମ୍ବିଥାଏ ।

**ଘଟୁଆଳି ପାଳୁଥିବା ବିଧି:** ଘଟ ଆଣିବା ପାଇଁ ଘଟୁଆଳି ଉପବାସ କରନ୍ତି । ସାରାଦିନରେ କେବଳ ଥରେ ମାତ୍ର ହବିଷାନ୍ନ ପାଇବା ବିଧି । ସେ ନିଜେ ରନ୍ଧନ କରନ୍ତି କିମ୍ବା ପରିବାରର କେହି ପବିତ୍ର ଭାବରେ ଏହା ରନ୍ଧନ କରିପାରନ୍ତି ।

ଘଟ ଆଣିବା ସମୟରେ ଘଟୁଆଳି ସ୍ୱୀ ବ୍ୟକ୍ତିତ୍ୱର ଅଧିକାରୀ ହୁଅନ୍ତି । ପର୍ବ ସମୟରେ ତାଙ୍କର ସାମାଜିକ ମର୍ଯ୍ୟାଦା ଓ କ୍ଷମତା ଅଧିକ । ଦୈବାତ୍ ଘଟୁଆଳି କାହା ଉପରେ ବିରକ୍ତ ହେବା ସେହି ବ୍ୟକ୍ତିର ଜୀବନରେ ତାହା ଅଶୁଭ ରୂପେ ବିବେଚିତ ହୁଏ ।

ଅନୁସନ୍ଧାନରୁ ଜଣାଯାଇଛି ଯେ, ଘଟ ଆଣିବା ସମୟରେ ଘଟୁଆଳି ମଦ୍ୟପାନ କରନ୍ତି । ଏଥିର କାରଣ ସ୍ୱରୂପ ତାଙ୍କର ବକ୍ତବ୍ୟ, ଘଟରେ କାଳିକା ବିଜେ ହୁଅନ୍ତି । ତାଙ୍କୁ ବହନ କରି ଆଣିବା କଷ୍ଟ ସାଧ୍ୟ । ଉପବାସ କରି ଘଟ ମୁଣ୍ଡାଇ ନାଚି ନାଚି ଆସିବା କାହା ପକ୍ଷରେ ସମ୍ଭବ ନୁହେଁ । ମଦ୍ୟ ପାନ କଲେ ଘଟ ଆଣିବାରେ ଅସୁବିଧା ହୁଏ ନାହିଁ ।

**ଭକ୍ତା:** ମହାଦେବଙ୍କ ବ୍ରତ ପାଳନ କରୁଥିବା ବ୍ୟକ୍ତିଙ୍କୁ ଭକ୍ତା କୁହାଯାଏ । ଏ ପର୍ବରେ ସାଧାରଣତଃ ସମାଜର ବାର ଜାତିର ପ୍ରତିନିଧି ଭାବରେ ପାଟ ଭକ୍ତାଙ୍କୁ ମିଶାଇ 'ତେର ଭକ୍ତା' ବ୍ରତ ଧାରଣ କରିଥାନ୍ତି ।

**ରାଜଭକ୍ତାଙ୍କର ବେଶ:** ରାଜଭକ୍ତା ରାଜାଙ୍କର ପ୍ରତିନିଧି । ସେ ଏ ପର୍ବରେ କାଳିକା ଦେବୀଙ୍କର ମଧ୍ୟ ପ୍ରତିନିଧି ରୂପରେ ଦାୟିତ୍ୱ ସଂପାଦନ କରନ୍ତି । ତାଙ୍କର ଲାଲ ରଙ୍ଗର ସାୟା, କଳା ରଙ୍ଗର ସେମିଜ୍, ଅଣ୍ଟାରେ କଳା ରଙ୍ଗର ପଟି । ସେ କାଳିକା ଦେବୀଙ୍କର ପ୍ରତିନିଧିତ୍ୱ କରୁଥିବା ହେତୁ କଳାରଙ୍ଗର ଶାଢ଼ୀ ତାଙ୍କର ପ୍ରିୟ ।

ପୂଜାବିଧି: ପ୍ରଥମେ ଶୁଭ ଘଟ ବସିବା ସ୍ଥାନରେ ଶୁକ୍ଳ ଧାନ ଓ ଅରୁଆ ଚାଉଳ ବିଛାଇ ତା' ଉପରେ ଘଟ ସ୍ଥାପନ କରାଯାଏ । ଶୁଭ ଘଟ ବାମକୁ ଯାତ୍ରା ଘଟ ସ୍ଥାପିତ ହୁଏ । ଏହା ଅପେକ୍ଷାକୃତ ଛୋଟ । ଏହି ଘଟ ଦୁର୍ଗାଦେବୀଙ୍କର । ଯାତ୍ରାଘଟକୁ ବହନ କରନ୍ତି ରାଜଭକ୍ତା । ତା'ପରେ ଗରିଆ ଭାର । ଏହାକୁ ମଧ୍ୟ ରାଜଭକ୍ତା ଭାର କରି ଆଣିବା ବିଧି । ଏ ଘଟ ଯାତ୍ରାଘଟର ବାମକୁ କରିବ । ଏ ଭାର ଶିବଙ୍କର । ସର୍ବଶେଷ କାଳିକା ଘଟ ଗରିଆ ଭାରର ବାମ ପଟକୁ ଧାନ ଉପରେ ରହିବ । କାଳିକା ଘଟ ବା କାମିନୀ ଘଟ ଆସିବା ପୂର୍ବରୁ ଗରିଆ ଭାର ଆଣି ସାରିଲା ପରେ କୁଣ୍ଡ ମଧ୍ୟରେ ଶିବଙ୍କୁ ପୂଜା କରି ନୂଆ ଲୁଗାରେ ଢଙ୍କାଇ ଦିଆଯାଏ । ଏପରି କରିବା ବିଧିର ଉଦ୍ଦେଶ୍ୟ ହେଉଛି କାଳିକାଙ୍କ ସହିତ ଶିବଙ୍କର ଭେଟ ହେବ ନାହିଁ ।

ଗରିଆ ଭାର ଆସିବା ପରେ ପରେ ଛଉ ନାଚ ଆରମ୍ଭ ହୁଏ । ନାଚ ଚାଲିଥିଲା ବେଳେ ମଧ୍ୟରାତ୍ରିରେ କାଳିକା ଘଟ ଆସିବା ବିଧି । କାଳିକା ଘଟ ଆସିଲା ପରେ ସେଦିନ ପୂଜା ହୁଏନାହିଁ । କିମ୍ବା କୁଣ୍ଡ ଖୋଲାଯାଏ ନାହିଁ । ମନ୍ଦିରର କବାଟ ଖୋଲା ରଖାଯାଏ । ଏ ଘଟକୁ ସାଧାରଣ ଲୋକେ ଦେଖିବା ନିଷେଧ । କେବଳ ଭକ୍ତା, ବ୍ରାହ୍ମଣ, ବାରିକ,ବାଦ୍ୟକାର ଓ ମଶାଲଧାରୀମାନେ ବାଧା ନାହିଁ । ସକାଳ ପର୍ଯ୍ୟନ୍ତ ଛଉ ନାଚ ହୁଏ । ସକାଳେ ପୂଜକ ଆସି ଶିବଙ୍କୁ ଉଠାନ୍ତି । ପୂଜା ଆରମ୍ଭ ହୁଏ । ଗଦାଧର ପଦ୍ଧତି ଅନୁସାରେ ଆବାହନୀ, ଜୀବନଧାରୀ କରଣ ସହ ଦଶ ଭକ୍ତା ବିଧି ସମ୍ମତ ଭାବରେ ଏ ସମସ୍ତ ଆଚାର ଅନୁଷ୍ଠାନ ସଂପନ୍ନ ହୁଏ । କେତେକ ଦେଶାଚାର ମଧ୍ୟ ଅନୁସୃତ ହୁଏ ।

ଦ୍ୱିତୀୟ ଦିନର ପର୍ବ : ମନ୍ଦିର ସାମନାରେ 'ଗାଜା ଡାଙ୍ଗ' ପୋତା ହେବା ବିଧି । ତୃତୀୟ ଦିନ ଭକ୍ତାମାନେ ସକାଳେ ଗାଧୋଇ ଆସି ମଡ଼ାପାଟ ଓ ରାଧାଚକ୍ରରେ ଶୋଇ ମନ୍ଦିରରେ ପହଞ୍ଚନ୍ତି । ମଡ଼ା ପାଟରେ ପାଟ ଭକ୍ତା ଓ ରାଧାଚକ୍ରରେ ରାଜଭକ୍ତା 'ଭକ୍ତାବନ୍ଧ'ରୁ ଗାଧୋଇ ଆସି ଅନ୍ୟ ଭକ୍ତାଙ୍କ ଗହଣରେ ମନ୍ଦିରରେ ପହଞ୍ଚନ୍ତି । ମଡ଼ାପାଟ ଓ ରାଧାଚକ୍ର ପାଇଁ ଭକ୍ତାବନ୍ଧରେ ପୂଜା ହେବା ପରେ ସର୍ଦ୍ଦାର ଓ ତାଙ୍କ ଘରୁ କେହି ଆସି ସେଠାରେ ମଡ଼ାପାଟ ଓ ରାଧାଚକ୍ରରେ ଥିବା ଭକ୍ତାଙ୍କୁ ଛୁଇଁ ଉଠାନ୍ତି । ତା'ପରେ ଭକ୍ତାମାନେ ସେ ଦୁହିଁଙ୍କୁ କାନ୍ଧେଇ ମନ୍ଦିର ଭିତରକୁ ନେଇଯାଆନ୍ତି । ଏପରି ପ୍ରଥା ଷଢ଼େଇକଳାରେ ମଧ୍ୟ ପ୍ରଚଳିତ ।

**ଫୋଡ଼ା:** ଏହା ରଜନୀ/ରଞ୍ଜଣୀ ଫୋଡ଼ା ବୋଲି ମଧ୍ୟ କୁହାଯାଏ । ପୂଜକ ବ୍ରାହ୍ମଣଙ୍କ ମତରେ ରାତ୍ରି କାଳରେ ଫୋଡ଼ା ହେଉଥିବାରୁ 'ରଜନୀଫୋଡ଼ା' କୁହାଯାଏ । ଅଶୁଦ୍ଧ ଉତ୍ସବରେ ରଂଜନୀ କୁହାଯାଏ । ଏବେ ରାତ୍ରି କାଳରେ ଛଉ ନାଚ ହେଉଥିବାରୁ ଦିନରେ ଫୋଡ଼ା ହେଉଛି ।

**ଉଡ଼ା ପର୍ବ:** ରାଜଭକ୍ତା ମନ୍ଦିର ସାମନାରେ ପୋତା ଥିବା 'ଗାଜାଡାଙ୍ଗ' ଉପରେ ପ୍ରାୟ ଦଶ ମିନିଟ ପର୍ଯ୍ୟନ୍ତ ଉଡ଼ି ଘୂରିବେ । ଘୂରିବା ବେଳେ ଶୂନ୍ୟରେ ଉଡ଼ିବା ପରି ଦେଖାଯାଏ । ଏହା ୫/୭/୯ ଥର ଏପରି କ୍ରମରେ ହୁଏ । ତାପରେ ତାଙ୍କୁ ଓହ୍ଲାଇ ଅଣି ଫୋଡ଼ାର କଣ୍ଟା ଖୋଲି ମହାଦେବଙ୍କ ଚରଣୋଦକ ଦିଆଯାଏ । ଉଡ଼ା ଓ ଫୋଡ଼ା ପର୍ବ ଶେଷ ହେଲେ କାଳିକା ଘଟକୁ ପାତାଳୀ କରାଯାଏ ।

ତିରିଂ ପାଢ଼ଙ୍କର ଅଧୀନରେ ତିରିଶ ଗୋଟି ମୌଜା ଥିଲା । ଚୈତ୍ର ପର୍ବ ନିମନ୍ତେ ସବୁ ମୌଜାର ପ୍ରଜା ଭେଦା ଦେଉଥିଲେ । ଆଗରୁ ଏଠାରେ ଚୈତ୍ରପର୍ବ ପଣା ସଂକ୍ରାନ୍ତିରେ ଅନୁଷ୍ଠିତ ହେଉଥିଲା । ସାଂପ୍ରତିକ କାଳରେ ଚନ୍ଦନ ପୂର୍ଣ୍ଣିମା ବେଳକୁ ଏ ପର୍ବ ଅନୁଷ୍ଠିତ ହୁଏ । କୌଣସି ଅସୁବିଧା ହେଲେ ଜ୍ୟେଷ୍ଠ ମାସରେ ମଧ୍ୟ ଏ ପର୍ବ ଅନୁଷ୍ଠିତ ହୁଏ ।

**ପୂଜକ:** ପୂଜକ ଜାତିରେ ବ୍ରାହ୍ମଣ । ସେ ପର୍ବ ଉପଲକ୍ଷେ ଅନୁଷ୍ଠିତ ଆନୁସଂଗିକ ଉପଚାର ସବୁର କର୍ତ୍ତା । ପୂର୍ବେ ଏଠାରେ ପାଣିଗ୍ରାହୀ ପରିବାର ପୂଜା ରୂପେ ନିଯୁକ୍ତ ହୋଇଥିଲେ । ସେ ପରିବାର ଜାୟଗିରି ପ୍ରାପ୍ତ ସମସ୍ତ ଭୂସଂପତ୍ତି ବିକ୍ରି କରି ଦେବାରେ ଗ୍ରାମବାସୀଗଣ ନିକଟବର୍ତ୍ତୀ ନୂଆଗାଁର କବି ପରିବାର ହାତରେ ଏ ପୂଜାର ଦାୟିତ୍ୱ ଅର୍ପଣ କରିଛନ୍ତି । ଏମାନେ ଷଢ଼େଇକଳାର କବି ବଂଶୀୟ ଅଟନ୍ତି ।

**ଗରିଆ ଭାର:** ପରଦିନ ଉତ୍ସବ 'ବୃନ୍ଦାବନୀ' ନାମରେ କଥିତ ହୁଏ । ଛୋଟ ଛୋଟ ପିଲାମାନେ ଆମ୍ବ ଓ ଜାମୁତାଳ ପତ୍ର ଅଣ୍ଟା ଓ ମୁଣ୍ଡରେ ବାନ୍ଧି ଗାଁ ଦାଣ୍ଡରେ ନାଚି ନାଚି ଘଟୁଆଳ, ପୂଜକ, ବାଦ୍ୟକାର ମାନଙ୍କ ସହ ଘଟ ଆଣିବାକୁ ଯାଆନ୍ତି । ପିଲାମାନେ ଏପରି ବେଶ ହେବାର ତାତ୍ପର୍ଯ୍ୟ ହେଉଛି ଯେ ତ୍ରେତୟା ଯୁଗରେ ବୀର ହନୁମାନ ସୀତାଙ୍କୁ ଠାବ କରିବାକୁ ଯାଇ ଲଙ୍କାରେ ଅଶୋକ ବନର ତାଳପତ୍ର ଭାଙ୍ଗି ଦେଉଥିଲେ । ଏଥିପାଇଁ ପିଲାମାନେ ତାଳପତ୍ରରେ ସାଜି, ବିଭିନ୍ନ ରଙ୍ଗରେ ମୁହଁରେ ଲଗାଇ ନାଚି ନାଚି ଆନନ୍ଦ ଉଲ୍ଲାସରେ ଆସିଥାନ୍ତି । ଏହି ଦିନର ପର୍ବକୁ ବୃନ୍ଦାବନୀ କହିବାର ତାତ୍ପର୍ଯ୍ୟ ହେଉଛି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଗୋପୀଗଣଙ୍କ ସହ ବୃନ୍ଦାବନରେ ଆନନ୍ଦରେ ମାତିଥିଲେ । ଉପରୋକ୍ତ ଦୁଇ ଗୋଟି ଘଟଣାକୁ ସ୍ମରଣ କରି

ବର୍ତ୍ତମାନର ବୃନ୍ଦାବନୀ ଉତ୍ସବ ଅନୁଷ୍ଠିତ ହୁଏ । ଦୁଇଗୋଟି ଗରାରେ ପାଣି ଭର୍ତ୍ତି କରି ଭାରରେ ଆଣିବାକୁ 'ଗରିଆ ଭାର' କହନ୍ତି । ନୂତନ ସର୍ଜନା ନିମନ୍ତେ ଜଳର ଆବଶ୍ୟକ ହେଉଥିବାରୁ ଗରିଆ ଭାରରେ ପାଣି ଆଣି ବୃନ୍ଦାବନୀ ଦିନ ଦେବ ଦେବ ମହାଦେବଙ୍କୁ ଭେଟି ଦେଲେ ଶିବ ସନ୍ତୁଷ୍ଟ ହୋଇ ପୃଥିବୀବାସୀଙ୍କୁ ଆଶୀର୍ବାଦ କରନ୍ତି ଓ ବୃଷ୍ଟି ସମ୍ଭବ ହୁଏ ।

**କାଳିକା ଘଟ:** ପରଦିନ କାଳିକା ଘଟ ଉଠିବା ବିଧି । ପର୍ବଟିକୁ ସଂକ୍ଷିପ୍ତ କରିବା ନିମନ୍ତେ ବୃନ୍ଦାବନୀ ଦିନ ମଧ୍ୟ ରାତ୍ରିରେ କାଳିକା ଘଟ ଉଠାଯାଏ । ଏହା ଚୈତ୍ର ପର୍ବର ଶେଷ ଘଟ ।

କେତେକ ସ୍ଥାନରେ ଏହି କାଳିକା ଘଟକୁ କାମିନୀ ଘଟ ମଧ୍ୟ କୁହାଯାଏ । କାଳିକା କିମ୍ବା କାମିନୀ ମହାଦେବଙ୍କର ସହଧର୍ମିଣୀ ରୂପେ ପୂଜିତା ହୁଅନ୍ତି । ଏ ସଂପର୍କରେ ନିମ୍ନଲିଖିତ କାହାଣୀଟିଏ ପ୍ରଚଳିତ । ଦେବଦେବ ମହାଦେବ ତପସ୍ୟା ଶେଷ କରି ପୃଥିବୀରେ ବିଚରଣ କରୁଥିଲେ । ସମୁଦ୍ରତଟରେ ଉପନୀତ ହୁଅନ୍ତେ ଶୁଦ୍ଧ ସ୍ନାତା କାମିନୀ ମହାଦେବଙ୍କୁ ପତି ରୂପରେ ପାଇବାକୁ ଇଚ୍ଛା କଲେ । ମହାଦେବ ତାଙ୍କ ପ୍ରସ୍ତାବରେ ସମ୍ମତ ହେଲେ । ଏଥିରେ ଦେବତା ମାନେ ବିଚଳିତ ହୋଇ ମହାଦେବଙ୍କ ନିକଟକୁ ନାରଦଙ୍କୁ ପଠାଇଲେ । ମହାଦେବଙ୍କର ବିବାହ ପାର୍ବତୀଙ୍କ ସହ ହେବାର ବିଧି ନିର୍ଦ୍ଧାରିତ ଥିଲା । ନାରଦଙ୍କ ପ୍ରରୋଚନାରେ ମହାଦେବ କାମିନୀକୁ ବିବାହ କରିବାରେ ଅସମ୍ମତି ପ୍ରକାଶ କଲେ । କାମିନୀ କିନ୍ତୁ ଏଥିରେ ସମ୍ମତି ହେଲେ ନାହିଁ । ନାରଦଙ୍କ ପରାମର୍ଶ କ୍ରମେ ମହାଦେବ କାମିନୀଙ୍କୁ ବିବାହ କରି ମର୍ତ୍ତ୍ୟରେ ରଖିଯିବାକୁ ସ୍ଥିର ହେଲା । କାମିନୀର ପ୍ରାର୍ଥନା – ପ୍ରତିବର୍ଷ ଚୈତ୍ର ସଂକ୍ରାନ୍ତିରେ ମହାଦେବ ପୃଥିବୀକୁ ଆସି ତାଙ୍କ ସହ ବାସ କରିବେ । ଏଥିରେ ମହାଦେବ ସମ୍ମତ ହେଲେ । ଏତିକିରେ ଦେବତାମାନଙ୍କର କୂଟ ସଂପୂର୍ଣ୍ଣ ହୋଇ ନଥିଲା । ବିବାହ ପରେ କାମିନୀ ପୃଥିବୀରେ ଏକାକିନୀ ହୋଇ ବାସ କଲେ ଅମଙ୍ଗଳ ସୁନିଶ୍ଚିତ । ଏଥିପାଇଁ ତାଙ୍କୁ 'ପାତାଳୀ' କରିବା ପାଇଁ ସ୍ଥିର ହେଲା । ତେଣୁ କାଳିକା ଅଥବା କାମିନୀ ଘଟକୁ ପ୍ରତିବର୍ଷ ମହାଦେବଙ୍କ ଲିଙ୍ଗ ପାଖରେ 'ପାତାଳୀ' କରାଯାଏ । ପ୍ରତିବର୍ଷ ନୂତନ ଘଟଟିକୁ ପାତାଳୀ କଲାବେଳେ ପୂର୍ବ ବର୍ଷର ଘଟକୁ ଉଠାଇ ଆଣି ତହିଁରେ ଥିବା ପାଣିକୁ ନିରୀକ୍ଷଣ କରାଯାଏ ଓ ଆଗାମୀ ବର୍ଷର ବୃଷ୍ଟି ଓ କୃଷିର ସମ୍ଭାବନା ସଂପର୍କରେ ଜଣାଯାଏ ।

ତିରିଂ ଗ୍ରାମର ଚୈତ୍ର ପର୍ବ ସମୟରେ ଘଟ ଉଠିବା ବେଳେ ପୋଖରୀ ଆଡ଼ିର ବାହାରେ କିଛି ଦୂରରେ ବାଦ୍ୟକାର ମାନେ ବସିଥାନ୍ତି । ଏହାର କାରଣ ସଂପର୍କରେ କଥିତ ହୁଏ ଯେ, ପୂର୍ବ କାଳରେ ବାଦ୍ୟକାର ମାନଙ୍କ ସହ ତେର ଭକ୍ତା ସମସ୍ତେ ପୋଖରୀ ମଧ୍ୟରେ ବୁଡ଼ି ଯାଇଥିଲେ । ନିୟମିତ ଭାବରେ ପର୍ବ ପାଳନ ନିମନ୍ତେ ବରୁଣ ଦେବତାଙ୍କ ସହାୟତାରେ କାମିନୀ ଭକ୍ତା, ପୂଜକ ଏବଂ ବାଦ୍ୟକାର ମାନଙ୍କୁ 'ପାତାଳୀ' କରାଇଥିଲେ । ସେଥି ନିମନ୍ତେ ବାଦ୍ୟକାର ମାନେ ଭକ୍ତା ଓ ବ୍ରାହ୍ମଣ ସହ ପୋଖରୀ ମଧ୍ୟକୁ ଯିବା ନିଷେଧ । ଏପରି କାହାଣୀ ସର୍ବତ୍ର ପ୍ରଚଳିତ ।

ଟିରିଂ ଗ୍ରାମର ଲିଙ୍ଗ ଓ ଶକ୍ତି କାଶୀରୁ ଅଣାଯାଇ ସ୍ଥାପନ କରାଯାଇଛି । ଶିବଙ୍କର ନାମ ବିଶ୍ୱନାଥ । ମହାଦେବଙ୍କର କୁଣ୍ଡ ମଧ୍ୟରେ ରଘୁନାଥଙ୍କର ପ୍ରତୀକ ସ୍ୱରୂପ ତିନି ଗୋଟି ପଥର ଅଛନ୍ତି । ଶିବଙ୍କ ବୃଷଭ ପଥରରେ ଓ ନାଗ ତମ୍ବାରେ ନିର୍ମିତ । ଲୋକଙ୍କର ସୁଖସମୃଦ୍ଧି, ଶରୀରର ରୋଗ ବ୍ୟାଧି ନିରାକରଣ, ସନ୍ତାନସନ୍ତତି ପ୍ରାପ୍ତି, ବୃଷ୍ଟି, କୃଷି ପ୍ରଭୃତି ନିମନ୍ତେ ଏହି ପର୍ବ ଅନୁଷ୍ଠିତ ହୁଏ ।

ଟିରିଂ ଗ୍ରାମର ଚୈତ୍ର ପର୍ବର ବିଶେଷତ୍ୱ ଲକ୍ଷ୍ୟ କରାଯାଇଛି । ତାହା ହେଲା ଜଣେ ଭକ୍ତାଙ୍କର ଶଗଡ଼ଟଣା । ଭକ୍ତାଙ୍କର ବାହୁ ଓ ପିଠିରେ ଲୁହା କଣ୍ଟାରେ ଫୋଡ଼ି ତହିଁରେ ଦଉଡ଼ି ବାନ୍ଧି ଶଗଡ଼ରେ ସେ ଦଉଡ଼ିକୁ ବନ୍ଧାଯିବ । ଭକ୍ତାଜଣକ ତାପରେ ନାଚି ନାଚି ଶଗଡ଼କୁ ଟାଣି ଟାଣି ଗାଁ ଦାଣ୍ଡରେ ନେଇଯାଆନ୍ତି । ଏଥି ନିମନ୍ତେ ଏକାଧିକ ଶଗଡ଼ ବ୍ୟବହୃତ ହୋଇଥାଏ । ଗାଁ ଦାଣ୍ଡର ବାଲି ଉପରେ ଶଗଡ଼ ଗୁଡ଼ିକ ଏକାଥରେ (ଦୁଇ/ତିନୋଟି ଶଗଡ଼) ଆସ୍ତେ ଆସ୍ତେ ଗଡ଼ି ଗଡ଼ି ଯାଇ ମହାଦେବଙ୍କ ମନ୍ଦିର ସାମନାରେ ପହଞ୍ଚେ । ଶଗଡ଼ ଉପରେ ଢୋଲିଆ ପ୍ରଭୃତି ବାଦ୍ୟକାର ଓ ଅନ୍ୟ ଭକ୍ତାଙ୍କ ବ୍ୟତୀତ ସାଧାରଣ ଲୋକେ ବସିଥିବାର ମଧ୍ୟ ଦେଖାଯାଏ । ଗ୍ରାମ ଦାଣ୍ଡର ଦୁଇ ପଟରେ, ଘରର ପିଣ୍ଡା ଗୁଡ଼ିକରେ ଦର୍ଶକ ମାନଙ୍କ ପ୍ରବଳ ଭିଡ଼ ଲାଗିଥାଏ । ଶଗଡ଼ ଟଣା ସମୟରେ ତାଳ, ଢୋଲ, ମହୁରୀ, ଧମସା ପ୍ରଭୃତି ବାଦ୍ୟର ତାଳେ ତାଳେ ଅନ୍ୟ ଭକ୍ତାଗଣ ବିଭିନ୍ନ କୌତୁକ, ଖେଳ ପ୍ରଦର୍ଶନ କରନ୍ତି । ମହାଦେବଙ୍କ ମନ୍ଦିରରେ ଶଗଡ଼ ପହଞ୍ଚିବା ପରେ ଏହି ପର୍ବ ଶେଷ ହୁଏ ।

**ଟିରିଂ ଗ୍ରାମ:** ବାରିପଦାଠାରୁ ୧୩୫ କି.ମି. ଦୂରବର୍ତ୍ତୀ ଟିରିଂ ଗ୍ରାମରେ ମାଝୀ (ସାନ୍ତାଳ), ବାଗିଲ, ବୈଷ୍ଣବ, ତେଲି, ହାଡ଼ି, ପାଣ, ଶୁଣ୍ଢୀ ଓ ମୁସଲମାନ ଏପରି ବିଭିନ୍ନ ଗୋଷ୍ଠୀ ଓଁ ଜାତିର ଭିନ୍ନ ଭିନ୍ନ ଧର୍ମାବଲମ୍ବୀ ଲୋକେ ବାସ କରନ୍ତି । ପୂର୍ବେ ଏଠାରେ ସାନ୍ତାଳ ଗୋଷ୍ଠୀର ସର୍ଦ୍ଦାର ଥିବଲେ । ଶେଷ ଲାଖରାଜ ଦାର ବା ସର୍ଦ୍ଦାରଙ୍କ ନାମ ଥିଲା ବାସ୍ତା ମାଝୀ । ବର୍ତ୍ତମାନ ଏହି ଗ୍ରାମର ମୁଖ୍ୟ ଶ୍ରୀ ଗୋଲାପ ଖାଁ ମୁସଲମାନ ସଂପ୍ରଦାୟର ଅନ୍ତର୍ଭୁକ୍ତ । ସେ ଜଣେ ଶିକ୍ଷିତ ଓ ସମ୍ଭ୍ରାନ୍ତ ବ୍ୟକ୍ତି ।

ଗ୍ରାମର ସବୁଲୋକେ ମିଶି ଚୈତ୍ର ପର୍ବ ଓ ଛଉ ନାଚରେ ଅଂଶ ଗ୍ରହଣ କରନ୍ତି । ଗ୍ରାମର ମୁଖ୍ୟ ମୁସଲମାନ ହେଲେ ହେଁ ପର୍ବ ଓ ନାଚର ସମସ୍ତ ଦାୟିତ୍ୱ ବହନ କରୁଥିବାର ଜଣାଯାଏ ।

ଟିରିଂ ବ୍ଲକର ମୁଖ୍ୟ ଦପ୍ତର ଟିରିଂ ଗ୍ରାମରେ ଅବସ୍ଥିତ । ଏତଦ୍ ବ୍ୟତୀତ ଗ୍ରାମରେ ସୋସାଇଟି ଅଫିସ ଓ ମ.ଇ. ବିଦ୍ୟାଳୟ ରହିଅଛି । ମୋର ମୁଖ୍ୟ ତଥ୍ୟ ପ୍ରଦାନକାରୀ ଶ୍ରୀ ଯତୀନ୍ଦ୍ର ନାଥ କାରୁଆ, ୪୫ ବର୍ଷ, ସଂପ୍ରତି ଡାକତାର ବିଭାଗରେ ଓଭରସିୟର ଭାବେ ନିଯୁକ୍ତ । (ମୋର କ୍ଷେତ୍ର ଅଧ୍ୟୟନର ସମୟ ୧୮୮୪ ମସିହା) ।

**ଛଉନାଚ:** ମୟୂରଭଞ୍ଜର ଛଉ ନାଚର ଇତିହାସକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ ପାରମ୍ପରିକରୀତିରେ ଏହା ପ୍ରଚଳିତ ଓ ସମୃଦ୍ଧ ହୋଇଅଛି । ମୟୂରଭଞ୍ଜର ତିରିଂ, ବହଳଦା, ରାଇରଙ୍ଗପୁର, ରଗୁଆଁ, ଖୁଚିଂ, ଆଦିପୁର, ଗଡ଼ସାହି, ବାରିପଦା, ଶୀର୍ଷା, କେହି, କୋଷ୍ଟା, ସିଙ୍ଗଡ଼ା, ଚିତ୍ରଡା, ବେଟନଟୀ, ଏପରି ସମଗ୍ର ଅଞ୍ଚଳରେ ଚୈତ୍ର ପର୍ବ ଉପଲକ୍ଷେ ଛଉ ନାଚ ଅନୁଷ୍ଠିତ ହୁଏ । ମୟୂରଭଞ୍ଜରେ ଛଉ ନାଚ ବିକାଶର ତିନିଗୋଟି ସ୍ତର ଯଥା:(୧) ସାଧାରଣ ଲୋକ ବା ଗ୍ରାମ୍ୟ ସ୍ତର (୨) ପିଢ଼ /ପରଗଣାରେ ଅଧିଷ୍ଠିତ-ସର୍ଦ୍ଦାର / ମାନକୀସ୍ତର ଓ (୩) ରାଜ୍ୟର ରାଜଧାନୀ ବା ଦରବାର ସ୍ତର ଥିବାର ଜଣାଯାଇଅଛି । ପ୍ରତ୍ୟେକ ସ୍ତରର ଛଉ ନାଚରେ ବିଭିନ୍ନ ସମୟ, ବହୁ ପର୍ଯ୍ୟାୟ ଓ ଉପାୟରେ ପରିବର୍ତ୍ତନ, ପରିମାର୍ଜ୍ଜନ ଓ ପରିବର୍ଦ୍ଧନ ସଂଘଠିତ ହୋଇଅଛି ।

ତିରିଂ, ବହଳଦା, ରାଇରଙ୍ଗପୁର, ରଗୁଆଁ, ଖୁଚିଂ, ଗଡ଼ସାହି ପ୍ରଭୃତି ଅଞ୍ଚଳର ଛଉନାଚର ଶିକ୍ଷା ପରମ୍ପରାର ଇତିହାସରୁ ଜଣାଯାଏ ଯେ, ଷଢ଼େଇକଳାର ପ୍ରବୀଣ ଛଉ ଓସ୍ତାଦ୍ ଗଣ ବିଭିନ୍ନ ସମୟରେ ଏସବୁ ସ୍ଥାନକୁ ନାଚ ଶିକ୍ଷା ଦେବା ପାଇଁ ଆସିଥିଲେ । ରାଜଧାନୀ ବାରିପଦାରେ ଏହି ନାଚର ବିଧିବଦ୍ଧ ତାଲିମ ପ୍ରଦାନ ନିମନ୍ତେ ମହାରାଜା କୃଷ୍ଣଚନ୍ଦ୍ର ଷଢ଼େଇକଳାରୁ ଶ୍ରୀ ଉପେନ୍ଦ୍ର ବିଶ୍ୱାଳ ଓ ଶ୍ରୀ ବନମାଳି ଦାଶ ନାମରେ ଦୁଇଜଣ ପ୍ରସିଦ୍ଧ ଓସ୍ତାଦ୍‌ଙ୍କୁ ଅଣାଇ ଭୂସଂପତ୍ତି ପ୍ରଦାନ କରି ସ୍ଥାୟୀ ଭାବରେ ଛଉନାଚର ଓସ୍ତାଦ ରୂପେ ନିଯୁକ୍ତ କରିଥିବାର ବିଷୟ ଜଣାଯାଏ । ଏପରି ନିଯୁକ୍ତି ପୂର୍ବରୁ ବାରିପଦାରେ ଛଉ ନାଚ ପ୍ରଚଳନ ଥିବା ବିଷୟକ ତଥ୍ୟ ଉପଲବ୍ଧ ହେଉଅଛି । କ୍ଷେତ୍ର ଅଧ୍ୟୟନ ବିବରଣୀରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ସମଗ୍ର ଅଞ୍ଚଳରେ ଛଉନାଚ ପ୍ରଚଳନ ଘଟିବାରେ ମୟୂରଭଞ୍ଜର ମହାରାଜା ଓ ଅଧୀନସ୍ଥ ସର୍ଦ୍ଦାର / ମାନକୀ ମାନଙ୍କର ପ୍ରଭୂତ ଅବଦାନ ରହିଅଛି । ବାର୍ଷିକ ପର୍ବରେ ଉପଯୁକ୍ତ ରୂପେ ପ୍ରଦର୍ଶନ ନିମନ୍ତେ ଷଢ଼େଇକଳାରୁ ଓସ୍ତାଦ୍‌ମାନେ ଆସୁଥିଲେ ହେଁ ଏକ ସ୍ୱତ ସୃଜନଶୀଳ ଲୋକନାଚ ରୂପରେ ସମଗ୍ର ଭୂଖଣ୍ଡର ଅଧିବାସୀ ମାନଙ୍କ ମଧ୍ୟରେ ଏହା ବିକାଶ ଲାଭ କରିଥିଲା ।

**ଆଖଡ଼ା:** ମୟୂରଭଞ୍ଜ ଘନ ଅରଣ୍ୟ ସଙ୍କୁଳ ପାର୍ବତ୍ୟଭୂମି । ଅରଣ୍ୟ ମଧ୍ୟରେ ପ୍ରବାହିତ ନଦୀ, ଝରଣା କୂଳରେ ବଣଜଙ୍ଗଲ କାଟି, ପଠାମାନଙ୍କରେ ଖୋଲା ସ୍ଥାନରେ ଆଖଡ଼ା ଶାଳ ନିର୍ମିତ ହେଉଥିଲା । ଆଖଡ଼ା ଶାଳରେ ବଡ଼ାମ / ଭୈରବଙ୍କୁ ଥାପନା କରା ହେଉଥିଲା । ଅନେକ ସମୟରେ ବଡ଼ାମ / ଭୈରବ ଥାନରେ ଆଖଡ଼ାଶାଳ ତିଆରି ହେଉଥିଲା । ସାରଳା ଦାସଙ୍କ ମହାଭାରତରେ ବର୍ଣ୍ଣିତ ଜାରା ଶବରର ଆଖଡ଼ା ଶାଳ ପରି ଆଖଡ଼ା ମାନ ସ୍ଥାନେ ସ୍ଥାନେ ଗଢ଼ି ଉଠିଥିଲା । ଅତି ପ୍ରତ୍ୟୁଷରୁ ଯାଇ ସେଠାରେ ଡିଆଁଡେଇଁ, ନାଚକୁଦ, ଖେଳାଖେଳି, କୁସ୍ତି କସରତ ଅଭ୍ୟାସ ହେଉଥିଲା । ପ୍ରାତଃ ସମୟ ଏସବୁ ଶିକ୍ଷା ନିମନ୍ତେ ଉପଯୁକ୍ତ ସମୟ ରୂପେ ବିବେଚିତ ହେଉଥିଲା । ଶିକ୍ଷାକରୀମାନେ ଏକାଗ୍ର ମନରେ ନୃତ୍ୟ କୌଶଳ ଆୟତ୍ତ କରିବା, ପ୍ରତିଯୋଗିତା ମୂଳକ ହୋଇଥିବା ହେତୁ ଅନ୍ୟ ଦଳର ଶିକ୍ଷାର୍ଥୀଙ୍କ ଠାରୁ ନାଚର କୌଶଳ ଗୋପନ କରିବା

ଦିବା ଉପରେ ନିଜ ନିଜର କାମଧନ୍ଦାରେ ନିଯୁକ୍ତ ହେଉଥିବାରୁ ପ୍ରାତଃକାଳର ଶୀତଳ ଶାନ୍ତ ପରିବେଶ ହିଁ ଏଥିପାଇଁ ଉପଯୁକ୍ତ ବିବେଚିତ ହେଉଥିଲା ।

ଛଉ ନୃତ୍ୟ ଶିକ୍ଷାର୍ଥୀ ଗଣ ଆଖଡ଼ା ଶାଳରେ ଶରୀର ଚର୍ଚ୍ଚା ସହିତ ବାଘ, ଭାଲୁ, ହାତୀ, ବଗ, ମୟୂର ପ୍ରଭୃତି ପଶୁପକ୍ଷୀ, ଗୁଣ୍ଡୁଚି ପ୍ରଭୃତି ପ୍ରାଣୀଙ୍କର ଚାଲିଚଳନ, ପାନ ଭୋଜନ ଆଦି ଭଙ୍ଗୀର ଅନୁକରଣ ସିଦ୍ଧ କରୁଥିଲେ । କୌଣସି କୌଣସି ଭଙ୍ଗୀ ସାଧ ନହେବା ପର୍ଯ୍ୟନ୍ତ ନୃତ୍ୟକାରୀ ଅନେକ ସମୟରେ ଖିଆପିଆ ଛାଡ଼ି ଦେଉଥିବାର ମଧ ଶୁଣାଯାଏ ।

ଗ୍ରାମାଞ୍ଚଳରେ ବଡ଼ାମ/ଭୈରବ ଶାଳରେ ଚୈତ୍ର ପର୍ବ ଆରମ୍ଭ ହେବାର ପ୍ରାୟ ମାସେ ଦେଢ଼ମାସ / ଦୁଇ ମାସ ପୂର୍ବରୁ ଆଖଡ଼ା ଆରମ୍ଭ ହେଉଥାଏ । ଆଖଡ଼ା ଆରମ୍ଭ ପୂର୍ବରୁ ବଡ଼ାମ/ଭୈରବଙ୍କ ପୂଜା ହେଉଥିଲା । ପୂଜାରେ ଯୋଡ଼ିଏ ପାରା ଛୁଆ ବଳି ପଡୁଥିବାର ଜଣାଯାଏ । ଦେହୁରୀ ପୂଜା କରନ୍ତି । ଏହାପରେ ଆଖଡ଼ା ଆରମ୍ଭ ହୁଏ । ଅନେକ ସମୟରେ ନାଚ ଓ ଆଖଡ଼ା ରାତିରେ ହୁଏ । ଅନେକ ସ୍ଥାନରେ ଚୈତ୍ରପର୍ବରେ ପ୍ରଦର୍ଶନ ପୂର୍ବରୁ ଦୁଇ ଓଳି ଆଖଡ଼ା ହୁଏ । ପ୍ରତ୍ୟେକ ସ୍ଥାନରେ ଛଉରେ ଦୁଇଗୋଟି ଦଳ ଅନ୍ତତଃ ରହିଥିବାର ଦେଖାଯାଏ ।

ବାରିପଦାରେ ଛଉନାଚର ଆଖଡ଼ା ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପୋଷକତାରେ ସାରାବର୍ଷ ଚାଲୁ ରହୁଥିଲା । ବାରିପଦାରେ ଉପର ସାହି ଓ ଦକ୍ଷିଣ ସାହି – ଏପରି ଦୁଇଗୋଟି ସାହିରେ ଦୁଇଗୋଟି ଛଉ ଦଳ ଥିଲା । ମହାରାଜାଙ୍କ ପ୍ରତିପକ୍ଷ ରୂପେ ମହାରାଣୀ ମଧ ଏକ ଦଳର ପୋଷକତା କରୁଥିଲେ । ପରେ ବର୍ଷ ମଧରେ ଦଶହରାଠାରୁ ଚୈତ୍ର ପର୍ବ ପର୍ଯ୍ୟନ୍ତ ଛଅ ମାସ ଧରି ନିୟମିତ ଆଖଡ଼ାରେ ଅଭ୍ୟାସ ଚାଲୁଥିଲା । ଦଶହରା ଦିନ ଭୈରବଙ୍କ ନିକଟରେ ପୂଜା କରି ଏହି ଦିନଠାରୁ ନୃତ୍ୟକାରୀ ମାନେ ପ୍ରତିଦିନ ସକାଳୁ ଉଠି ଦୌଡ଼, ଦଣ୍ଡବୈଠକ ଓ କୁସ୍ତି କସରତ କରୁଥିଲେ । ସେମାନଙ୍କୁ ଏହି ସମୟରେ ସୁଷମ ଖାଦ୍ୟ ଦରବାର ପକ୍ଷରୁ ଦିଆ ଯାଉଥିଲା । ସୁଦକ୍ଷ ଓସ୍ତାଦ୍ / ଗୁରୁମାନେ ସେମାନଙ୍କୁ ଛଉ ନୃତ୍ୟ ତାଲିମ ଦେଉଥିଲେ ।

ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠିତ 'ପାଇକ ଆଖଡ଼ା' ଓ 'ସାଧନ ଆଖଡ଼ା'ର ଅନୁରୂପ ହେଉଛି 'ଛଉ ଆଖଡ଼ା' । ପୂର୍ବତନ ସାମରିକ ବିଭାଗର 'ପାଇକ' ମାନଙ୍କର ପାରମ୍ପରିକ ଶିକ୍ଷା/ସମରାଭ୍ୟାସ 'ଦଶହରା'ରେ ଆରମ୍ଭ ହୁଏ । ମୟୂରଭଞ୍ଜରେ ବାଥୁଡ଼ି, ଭୂୟାଁ ପ୍ରଭୃତି ବିଭିନ୍ନ ଆଦିବାସୀ ଗୋଷ୍ଠୀ ମଧରେ ପ୍ରଚଳିତ ସାମରିକ ଶିକ୍ଷା ମକର ସଂକ୍ରାନ୍ତିରେ ପ୍ରଦର୍ଶିତ 'ସାଧନ ଖେଳ'ରେ ପ୍ରତିଫଳିତ । ମକର ପର୍ବ ପୂର୍ବରୁ ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଆଖଡ଼ା ମାନଙ୍କରେ 'ସାଧନ' ଅଭ୍ୟାସ ଆରମ୍ଭ ହୋଇଥାଏ । ପାଇକମାନଙ୍କ ମଧରେ ପ୍ରଚଳିତ ପାଇକ ଆଖଡ଼ା ପରି ବାଥୁଡ଼ି ଓ ଭୂୟାଁମାନେ ସେହିପରି ଖଣ୍ଡା ଓ ଢାଲ ଧରି ଖେଳ ଦେଖାନ୍ତି । ଏଥିପାଇଁ ମହାରାଜା ଅନୁମତି ପ୍ରଦାନ କରିଥାନ୍ତି ।

**ଅଂଶ ଗ୍ରହଣକାରୀ:** ଛଉ ନୃତ୍ୟରେ ଅଂଶ ଗ୍ରହଣକାରୀ ଗଣ ଗୁରୁ / ଓସ୍ତାଦ୍, ନୃତ୍ୟକାରୀ, ଗାୟକ, ବାଦ୍ୟକାର, ପୃଷ୍ଠପୋଷକ, ସଂଗଠକ, ଆୟୋଜକ ଓ ଭାରୁଆ ପ୍ରଭୃତି – ଏପରି ବିଭିନ୍ନ ଦାୟିତ୍ୱ ବହନ କରିଥାନ୍ତି । ମୟୂରଭଞ୍ଜରେ ବାସ କରୁଥିବା ବିଭିନ୍ନ ଜାତି ଓ ଗୋଷ୍ଠୀର ଏବଂ ଭିନ୍ନ ଭିନ୍ନ ଧର୍ମାବଲମ୍ବୀ ଲୋକେ ଏହି ଛଉ ନାଚୁଥିଲେ । ରାଜ ପରିବାର ପୃଷ୍ଠପୋଷକତା ଲାଭ କରିଥିବା ବାରିପଦା ଛଉ ଦଳ ବ୍ୟତୀତ ମୟୂରଭଞ୍ଜର ଅନ୍ୟ ଅଞ୍ଚଳର ଛଉ ନାଚରେ ମୁଖ୍ୟତଃ ପାଣ, ପାତ୍ର, ଘାସି, ଡମ, କୁଡୁମୀ, ପୁରାଣ, ଗଉଡ଼, ବଣିଆ, ବାଥୁଡ଼ି, ଭୂୟାଁ, ଭୂମିଜ, ଗଣ୍ଡ, ସାଉଁଟି, କୋହ୍ଲ, ସାନ୍ତାଳ, ହୋ ପ୍ରଭୃତି ବିଭିନ୍ନ ଜାତି ଓ ଗୋଷ୍ଠୀର ଲୋକମାନେ ଏହି ନାଚ ନାଚନ୍ତି । ଅନେକ ସ୍ଥାନରେ ଏମାନଙ୍କ ସହିତ ବ୍ରାହ୍ମଣ ଓ ଖଣ୍ଡାୟତମାନେ ମଧ୍ୟ ଛଉ ନାଚୁଥିବାର ଜଣାଯାଏ । ବାରିପଦାରେ ବାଉରୀ, ବାଥୁଡ଼ି, ମହାନ୍ତ, ଧୋବା, କୈବର୍ତ୍ତ, ବୈଷ୍ଣବ, ବାବୁ, କ୍ଷତ୍ରିୟ, ଖଣ୍ଡାୟତ, କରଣ, ବ୍ରାହ୍ମଣଙ୍କ ସହ ମୁସଲମାନ ଲୋକମାନେ ମଧ୍ୟ ଏଥିରେ ଅଂଶ ଗ୍ରହଣ କରୁଥିଲେ । ମୟୂରଭଞ୍ଜରେ କେତେକ ସ୍ଥାନରେ ଗୋଟିଏ ଗୋଟିଏ ଜାତି / ଗୋଷ୍ଠୀର ଲୋକେ ଛଉ ଦଳ ଗଠନ କରିଥିବାର ଦେଖାଯାଏ । ଉଦାହରଣ ସ୍ୱରୂପ- ବାଙ୍ଗିରୀପୋଷି ନିମଟସ୍ଥ ଉପର ଭାଗ ପରଗଣାର ଭୂୟାଁମାନେ, ଡିଗିଂ ଅଞ୍ଚଳରେ ଝାଡ଼ପୋଖରୀ ଗ୍ରାମରେ କେବଳ ବ୍ରାହ୍ମଣମାନେ, ଗଡ଼ସାହି (କରଞ୍ଜିଆ)ରେ କେବଳ ବାଥୁଡ଼ିମାନେ, ଚିତ୍ରଡ଼ାରେ କେବଳ କୁଡୁମୀ ମହାନ୍ତ ମାନେ ଶୁଳିଆ ପଦାର ଧବଣୀ ଗ୍ରାମର ଲୋଧାମାନେ ଏପରି ଛଉଦଳ ମାନେ ଗଠନ କରିଥିବାର ଜଣାଯାଏ । ଏତଦ୍ ବ୍ୟତୀତ କେତେକ ଅଞ୍ଚଳରେ ଗୋଟିଏ ଗୋଟିଏ ଜାତି / ଗୋଷ୍ଠୀର ନୃତ୍ୟକାରୀ ଅଧିକ ଥାଇ କିମ୍ବା ବିଭିନ୍ନ ଜାତି / ଗୋଷ୍ଠୀର ସମ୍ମିଳିତ ଉଦ୍ୟୋଗରେ ଛଉ ଦଳ ମାନ ଗଠିତ । ବାରିପଦା ସଦର ମହକୁମାର ବହୁଗ୍ରାମ ଯଥା- କୋଷ୍ଠା, ବଇଁଗ, ତାଲ ସାହି, ସିଙ୍ଗଡ଼ା, ଭାଲିଆ, ବଡ଼ଢେଙ୍କିଆ, ଜମ୍ବିରାପାଳ, କାଶୀ ମହୁଲୀ, ବାଘଗୋଳ, ପୋସିଗାଁ ପ୍ରଭୃତି ଗ୍ରାମ ମାନଙ୍କରେ ଭଞ୍ଜ ପୁରାଣ, ତନ୍ତୀ, ଡମ, ଘାସି, ବଣିଆ, ମାଝୀ ଲୋଧା ପ୍ରଭୃତି ବିଭିନ୍ନ ଜାତି ଓ ଗୋଷ୍ଠୀର ଲୋକେ ଛଉ ନାଚନ୍ତି । ଖିଚିଂ, ରରୁଆଁ, ଆଦିପୁର, ଗଡ଼ସାହି, ଟାଟୋ, ଯଶିପୁର ପ୍ରଭୃତି ସ୍ଥାନରେ ପୂର୍ବତନ ସାମନ୍ତ / ସର୍ଦ୍ଦାର ମାନଙ୍କ ପୃଷ୍ଠପୋଷକତାରେ ଛଉ ଦଳମାନ ଗଠିତ ହୋଇ ଥିବାର ଜଣାଯାଏ । ସଂପ୍ରତି ତନ୍ମଧ୍ୟରୁ ଅନେକ ସ୍ଥାନରେ ଛଉନାଚ ବିଲୁପ୍ତ ହୋଇଥିଲେ ହେଁ କେବଳ ଚୈତ୍ର ପର୍ବ ଉପଲକ୍ଷେ ପରମ୍ପରା ରକ୍ଷା ନିମନ୍ତେ କେତେକ ସ୍ଥାନରେ ଛଉନାଚ ଅନୁଷ୍ଠିତ ହୁଏ ଅଥବା ମକର ସମୟକୁ 'ସାଧନ' ନାଚର ଅଭ୍ୟାସ ଚାଲୁଥିବାର ଦେଖାଯାଏ । ପ୍ରଦେଶ ମିଶ୍ରଣ ପରେ ବାରିପଦାର ଛଉ ନୃତ୍ୟର ପରିପୋଷଣ ଦିଗରେ ଅକ୍ଷମ ହୋଇଛନ୍ତି । ଏସବୁ ସ୍ଥାନରେ ଛଉନାଚ ଏବଂ ପର୍ବ ଜନସାଧାରଣଙ୍କ ସମ୍ମିଳିତ ଉଦ୍ୟମରେ କେଉଁଠି କେଉଁଠି ଅନୁଷ୍ଠିତ ହେଉଥିବା ଦେଖାଯାଏ ।

**ମନୋନୟନ:** ଛଉ ନୃତ୍ୟ ଏକ କଷ୍ଟ ସାଧ୍ୟ ନୃତ୍ୟ ହୋଇଥିବାରୁ କଳାକାରକୁ ଏଥିପାଇଁ କଠୋର ସାଧନା କରିବାକୁ ହୁଏ । ସାଧାରଣତଃ ପନ୍ଦର ବର୍ଷ ବୟସର ବାଳକ ମାନଙ୍କୁ ସେମାନଙ୍କ ଶାରୀରିକ ଗଠନ ଦେଖି ଏଥିପାଇଁ ବଛା ଯାଇଥାଏ । ବାରିପଦାରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସମୟରେ ସମଗ୍ର ରାଜ୍ୟର କଳାକାର ମାନଙ୍କର ଏଥିରେ ଅଂଶ ଗ୍ରହଣ ନିମନ୍ତେ ସୁଯୋଗ ସୃଷ୍ଟି ହୋଇଥିଲା । ଛଉ ଶିକ୍ଷାର୍ଥୀ ମାନଙ୍କର ରହିବା ଖାଇବା ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ରାଜସାଉକାର ବହନ କରୁଥିଲେ । ପିଢ଼ ମାନଙ୍କରେ ମଧ୍ୟ ଏହିପରି ମନୋନୟନ ପ୍ରକ୍ରିୟା ରହିଥିଲା, ସର୍ଦ୍ଦାରମାନେ ନିଜ ନିଜ ଅଞ୍ଚଳରୁ ଉପଯୁକ୍ତ ପାଇକ ଓ ଛଉ ପିଲା ସଂଗ୍ରହ କରି ଶିକ୍ଷା ଦେବାର ବନ୍ଦୋବସ୍ତ କରିଥିଲେ । ଏହି ପାଇକମାନେ ବଂଶାନୁକ୍ରମିକ ହେବା ସହିତ କେତେକ ବୁଦ୍ଧି, ସାହସ, ବୀରତ୍ୱ ପରି ପ୍ରତିଭା ପ୍ରଦର୍ଶନ ଦ୍ୱାରା ମନୋନୀତ ହେଉଥିଲେ । ଏହି ପାଇକମାନେ ଅନ୍ତତଃ ୧୫ ବର୍ଷରୁ ଶିକ୍ଷା ଆରମ୍ଭ କରି ତିନିଗୋଟି ପର୍ଯ୍ୟାୟରେ ସଂପୂର୍ଣ୍ଣ କରୁଥିବା ଜଣାଯାଏ । ଏମାନେ ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ପ୍ରକାର ଧାତୁର ବଳା ପରିଧାନ କରୁଥିବାର ଜଣାଯାଏ । ସର୍ବଶ୍ରେଷ୍ଠ ପର୍ଯ୍ୟାୟର ପାଇକ ମାନେ 'ଗହନ ଦଳ' ଭାବରେ କଥିତ ହେଉଥିଲେ । ଏମାନେ ଯୁଦ୍ଧ କ୍ଷେତ୍ରରେ ଭୈରବଙ୍କ ପରି ଭୟଙ୍କର ଦିଶିବା ପାଇଁ କାଇ ମାଟି ଓ ସିନ୍ଦୂର ଦେହ ଓ ମୁହଁରେ ଲେପନ କରୁଥିଲେ । ବାଥୁଡ଼ି ଓ ଭୂୟାଁ ପ୍ରଭୃତି ଗୋଷ୍ଠୀର ପାଇକ ମାନେ ଖଣ୍ଡାୟତ, ବ୍ରାହ୍ମଣ ପାଇକ ମାନଙ୍କ ପରି ଖଣ୍ଡା ଓ ଢାଲ ବ୍ୟବହାର କରିବାର ସମାନ ଅଧିକାର ପ୍ରାପ୍ତ ହୋଇଥିଲେ ।

**ନୃତ୍ୟକାରୀଙ୍କ ସଂଖ୍ୟା:** ମୟୂରଭଞ୍ଜ ଛଉ ନାଚରେ ଏକକ, ଦ୍ୱୈତ ଓ ମେଳ ନାଚ ପ୍ରଦର୍ଶିତ ହୁଏ । ଏଥିରେ ବିଭିନ୍ନ ବିଷୟକ ନାଚରେ ଏକ, ଦୁଇ, ଚାରି, ପାଞ୍ଚ, ଆଠ, ନଅ, ଦଶ ଏପରିକି ବତିଶ ସଂଖ୍ୟକ ନୃତ୍ୟକାରୀ ନାଚୁଥିବା ଜଣାଯାଏ । ଶ୍ରୀରାମଚନ୍ଦ୍ରଙ୍କ 'ଉଦ୍‌ଭାବିତ' ପାଇକ ନାଚରେ (ଚଉଷଠି) ଜଣ ନୃତ୍ୟକାରୀ ଥିବାର ଜଣାଯାଏ ।

**ନୃତ୍ୟକାରୀଙ୍କର ଆର୍ଥିକ-ସାମାଜିକ-ଶିକ୍ଷାଗତ ଅବସ୍ଥା:** ମୟୂରଭଞ୍ଜର ଛଉ ନୃତ୍ୟକାରୀ ମାନଙ୍କର ଆର୍ଥିକ ଅବସ୍ଥା ଅସଚ୍ଛଳ । ଅନେକେ ସାମାଜିକ ସ୍ତରରେ ଅନୁନ୍ନତ, ଶିକ୍ଷାଗତ ଯୋଗ୍ୟତା ନିମ୍ନ ମାନର । ଗୋଷ୍ଠୀଭୁକ୍ତ ନୃତ୍ୟକାରୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତା ଅଳ୍ପ ଥିଲେ ହେଁ ସାମାଜିକ ପ୍ରତିଷ୍ଠାରେ ଉନ୍ନତ / ଏହି ପୂର୍ବତନ ରାଜ୍ୟଟିର ମହାରାଜାଗଣ ଦୂରଦୃଷ୍ଟି ସଂପନ୍ନ ପ୍ରଜାବତ୍ସଳ ସୁଶାସକ ଥିବାରୁ ମୟୂରଭଞ୍ଜର ସାଂସ୍କୃତିକ ଚେତନା ଓ ପରମ୍ପରା ଅତ୍ୟନ୍ତ ସମୃଦ୍ଧ । ସେମାନଙ୍କର ପୋଷକତା ଫଳରେ ଶିଳ୍ପ, ସାହିତ୍ୟ, ସଂଗୀତ, ନୃତ୍ୟ ଓ ସାମରିକ ପରମ୍ପରା

ଓଡ଼ିଶାର ଅନ୍ୟ ଗଡ଼ଜାତ ରାଜ୍ୟ ମାନଙ୍କ ମଧ୍ୟରେ ଉନ୍ନତ ଥିଲା । ଜନ ସାଧାରଣଙ୍କ ମଧ୍ୟରେ ଜାତିବର୍ଣ୍ଣ ନିର୍ବିଶେଷରେ ପ୍ରତିଭା ପ୍ରଦର୍ଶନ ନିମନ୍ତେ ବିଭିନ୍ନ ମାଧ୍ୟମ ଓ ସୁଯୋଗ ରହିଥିଲା ।

**ଓସ୍ତାଦ୍ (ଗୁରୁ):** ପ୍ରତ୍ୟେକ ଦଳରେ ଓସ୍ତାଦ୍ ଥାଆନ୍ତି । ସାଧାରଣ ନୃତ୍ୟକାରୀଙ୍କ ଠାରୁ ଓସ୍ତାଦ୍ ନୃତ୍ୟ ଶିକ୍ଷାଦାନ, ସଂଗୀତ, ବାଦ୍ୟ, ଦଳ ପରିଚାଳନା ଦିଗରେ ଅଭିଜ୍ଞ ହୋଇଥାନ୍ତି । ସେ ନାଚର ଭଙ୍ଗୀଗୁଡ଼ିକ ଶିକ୍ଷା ଦିଅନ୍ତି । ନାଚର ବିଷୟ ଗୁଡ଼ିକର ତାଙ୍କର ସଂପୂର୍ଣ୍ଣ ଜ୍ଞାନ ରହିଥାଏ । କେତେକ କ୍ଷେତ୍ରରେ ସେ ନାଚ ପ୍ରଦର୍ଶନର ବନ୍ଦୋବସ୍ତ କରନ୍ତି ଓ ଦଳର ଆର୍ଥିକ ସମସ୍ୟାର ସମାଧାନ କରିଥାନ୍ତି । ସ୍ୱର, ତାଳ, ଲୟ ଇତ୍ୟାଦିରେ ତାଙ୍କର ସମ୍ୟକ୍ ଧାରଣା ଥାଏ । ଓସ୍ତାଦ୍ ମାନେ ବିଭିନ୍ନ ଉପାୟରେ ବିଭିନ୍ନ ସ୍ଥାନରୁ ଶିକ୍ଷାଲାଭ କରିଥାନ୍ତି । କେତେକ ଓସ୍ତାଦ୍ 'ଘରୱାନା' ଭାବରେ ନୃତ୍ୟ ଶିକ୍ଷା କରିଥାନ୍ତି । ରାମାୟଣ, ମହାଭାରତ, ପୁରାଣ ଓ ଇତିହାସ ପ୍ରଭୃତିରେ ଓସ୍ତାଦ୍‌ଙ୍କର ଜ୍ଞାନ ରହିଥାଏ । ପ୍ରକୃତି ଓ ପଶୁପକ୍ଷୀଙ୍କ ଭଙ୍ଗୀସବୁ ଅନୁକରଣ କରିବାରେ ତାଙ୍କର ଦକ୍ଷତା ଥାଏ । ସେ ଦଳ ପରିଚାଳନା କରିବାର ବାସ୍ତବ ଜ୍ଞାନ ହାସଲ କରିଥାନ୍ତି ।

ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଛଉ ନୃତ୍ୟ ଶିକ୍ଷା ଦେବା ନିମନ୍ତେ ଅନେକ ସମୟରେ ଷଢ଼େଇକଳାରୁ ନୃତ୍ୟ ଗୁରୁମାନେ ଆସିଛନ୍ତି । ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ଅନେକ ସମୟରେ ବହୁ ଶିଳ୍ପୀ ସେଠାକୁ ଯାଇ ଶିକ୍ଷା ପାଇଥିବାର ମଧ୍ୟ ଜଣାଯାଏ । ପୂର୍ବତନ ମୟୂରଭଞ୍ଜ ରାଜ୍ୟର ଦରବାର ପୋଷକତାରେ ଗଠିତ ଛଉ ଦଳର ନୃତ୍ୟଶିଳ୍ପୀ ଗଣ ଜଣେ ଜଣେ ସୁପ୍ରତିଷ୍ଠିତ ନୃତ୍ୟଗୁରୁ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ଓସ୍ତାଦ୍‌ମାନେ କୌଣସି ନିର୍ଦ୍ଦିଷ୍ଟ ଜାତି କିମ୍ବା ଗୋଷ୍ଠୀର ହୋଇ ନଥାନ୍ତି ।

**ଗୀତ:** ମୟୂରଭଞ୍ଜ ଛଉ ନାଚରେ ଗୀତ ଗାନ କରାଯାଏ । ମଞ୍ଚର ଏକ ପାର୍ଶ୍ୱରେ କିମ୍ବା ଅନ୍ତରାଳରେ ଥାଇ ବିଷୟବସ୍ତୁ ସମ୍ବଳିତ ଗୀତ ଗାନ କରାଯାଏ । ଓଡ଼ିଶୀ, ଚମ୍ପୁ, କୀର୍ତ୍ତନ, ଝୁମର, ଲୋକଗୀତ ପ୍ରଭୃତି ଗାନ ହୁଏ । ଗୀତର ଭାଷା, ଓଡ଼ିଆ, କୁଡ଼ମାଳୀ, ହିନ୍ଦୁସ୍ଥାନୀ ଓ ବଙ୍ଗଳା ପ୍ରଭୃତି ହୋଇଥାଏ । ଓଡ଼ିଆ ଗୀତର ରଚୟିତା ସ୍ଥାନୀୟ କବି କିମ୍ବା ଓଡ଼ିଶାର ବିଶିଷ୍ଟ କବି ଉପେନ୍ଦ୍ର ଭଞ୍ଜ, ବଳଦେବ, ବନମାଳୀ, ଦୀନକୃଷ୍ଣ, କାଳୀଚରଣ, ଲକ୍ଷ୍ମୀକାନ୍ତ ପ୍ରଭୃତି । କେତେକ ନାଚରେ ଗୀତ ନଥାଏ । କୌଣସି ଗୀତର ସ୍ୱରକୁ ଅବଲମ୍ବନ କରି ତାଳ ବାଜେ ଓ ନୃତ୍ୟ ସମ୍ପନ୍ନ ହୁଏ ।

ଛଉ ଏକ ମୂକ ନାଚ । ଏଥିରେ ଚରିତ୍ରଗଣ ନିଜ ମୁଖରେ କୌଣସି ଭାଷା ବ୍ୟବହାର କରନ୍ତି ନାହିଁ । ଆଖଡ଼ାରେ ଗୀତର ସ୍ୱର ଓ ବାଦ୍ୟଯନ୍ତ୍ରର ଧ୍ୱନିକୁ ଅନୁସରଣ କରି ନୃତ୍ୟ ପ୍ରଦର୍ଶନ ସଂପର୍କୀୟ ପ୍ରଶିକ୍ଷଣ ସୁଚାରୁ ରୂପେ ସଂପନ୍ନ ହୋଇଥାଏ ।

**ଗାୟକ:** ନାଚ ପ୍ରଦର୍ଶନ ସମୟରେ ଗୁରୁ / ଓସ୍ତାଦ୍ ଗୀତ ଗାନ କରିଥାନ୍ତି କିମ୍ବା ଏଥିପାଇଁ ସ୍ୱତନ୍ତ୍ର ଗାୟକ ଥାଆନ୍ତି । ଛଉ ନାଚରେ ଗାୟକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମୂକ ଅଭିନୟ ହେତୁ

ଗାୟକ ଓ ନାଚର ବିଷୟବସ୍ତୁ ଦର୍ଶକ ମାନଙ୍କୁ ଅବଗତ କରାଇ ଦିଅନ୍ତି । ତାଙ୍କର ଗୀତର ସ୍ୱର, ତାଳ, ମାନ୍ ଓ ଲୟରେ ଜ୍ଞାନ ରହିଥାଏ । ଗୁରୁ / ଗାୟକ ଯେ କୌଣସି ଗୋଷ୍ଠୀ କିମ୍ବା ଜାତିର ହୋଇ ପାରନ୍ତି ।

**ବାଦକ:** ମୟୂରଭଞ୍ଜ ଛଉ ନୃତ୍ୟରେ ବାଦକ ମାନେ ସାଧାରଣତଃ ହାଡ଼ି, ଡମ, ଘାସି, ପାଣ ଜାତିର ଅନ୍ତର୍ଭୁକ୍ତ । ବାରିପଦା ଛଉରେ ଯେ କୌଣସି ଜାତିର ଲୋକେ ବାଦ୍ୟଯନ୍ତ୍ର ବଜାଇ ପାରନ୍ତି । କେବଳ ଢୋଲ, ଢାଳ, ଚଡ଼ଚଡ଼ି ଓ ମହୁରୀ/ସାନାଇ ପ୍ରଭୃତି ବାଦ୍ୟଯନ୍ତ୍ର ପାରମ୍ପରିକ ରୀତିରେ ଉପରୋକ୍ତ ଜାତିର ଲୋକେ ବଜାଇଥାନ୍ତି । ଏସବୁ ବାଦ୍ୟଯନ୍ତ୍ର ବ୍ୟତୀତ ଅନ୍ୟ ବାଦ୍ୟ ଗୁଡ଼ିକ ଅନ୍ୟ ଜାତି / ଗୋଷ୍ଠୀର ଲୋକେ ବଜାଇ ପାରନ୍ତି ।

ବାଦକ ମାନେ ପୁରୁଷାନୁକ୍ରମେ ନିଜର ପିତା ଓ ଆତ୍ମୀୟ ସ୍ୱଜନଙ୍କ ଠାରୁ ବାଦ୍ୟ ଶିକ୍ଷା ଲାଭ କରିଥାନ୍ତି । କେତେକ କ୍ଷେତ୍ରରେ ପ୍ରବୀଣ ଗୁରୁଙ୍କ ନିକଟରୁ ଶିକ୍ଷା ଲାଭ ହୋଇଥାଏ । ମୟୂରଭଞ୍ଜର ଗ୍ରାମାଞ୍ଚଳର ବାଦ୍ୟକାର ମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ବାରିପଦାରେ ଏମାନଙ୍କର ଆର୍ଥିକ ଅବସ୍ଥା ଅନ୍ୟ ସ୍ଥାନ ଅପେକ୍ଷା ଅପେକ୍ଷାକୃତ ଉନ୍ନତ ।

**ବାଦକ ମାନଙ୍କର ଅଭ୍ୟାସ:** ମୟୂରଭଞ୍ଜର ଛଉ ବାଦ୍ୟକାର ମାନେ ଷଢ଼େଇକଳା ଓ ପୁରୁଲିଆ ଅଞ୍ଚଳର ବାଦ୍ୟକାର ମାନଙ୍କ ପରି ନିଶା ଅଭ୍ୟାସ କରିଥିବା ଦେଖାଯାଏ । ବାଦ୍ୟକାରମାନେ ହିନ୍ଦୁ ସମାଜ ବ୍ୟବସ୍ଥାରେ ଅନୁନ୍ନତ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଆଧୁନିକ ଶିକ୍ଷା ସଚେତନତା ଅପେକ୍ଷାକୃତ ଅଳ୍ପ ଥିବାର ପରିଲକ୍ଷିତ ହୁଏ । ମୟୂରଭଞ୍ଜ ଅଞ୍ଚଳ ବଣ ଜଙ୍ଗଲ ଓ ପାହାଡ଼ପୂର୍ଣ୍ଣ ହୋଇଥିବାରୁ ଅଧିକାରୀ ମାନେ ଅତ୍ୟନ୍ତ କଷ୍ଟସହିଷ୍ଣୁ ହୋଇଥାଆନ୍ତି । ଅବସର ବିନୋଦନ ସମୟରେ, ଶିକାର କାଳରେ, ସାମାଜିକ ପର୍ବପର୍ବାଣି ମାନଙ୍କରେ, ନୃତ୍ୟାଭିନୟ ଅନୁଷ୍ଠାନ କାଳରେ, ସାମରିକ ବିଭାଗରେ ଧାରାବାହିକ ବାଦ୍ୟ ବାଦନରେ ନିପୁଣତା ଲାଭ କରିବା ନିମନ୍ତେ ବାଦ୍ୟକାର ମାନେ ମହୁଲି, ହାଣ୍ଡିଆ, ଅଫିମ, ଗଞ୍ଜେଇ, ଭାଙ୍ଗ, ଦୋକ୍ତା, ବିଡ଼ି, ଖଇନି ପ୍ରଭୃତି ନିଶାଦ୍ରବ୍ୟ ଅଭ୍ୟାସ କରିଥାନ୍ତି । କେତେକଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ମଧ୍ୟ ଦେଖାଯାଏ ।

**ବାଦ୍ୟଯନ୍ତ୍ର:** ମୟୂରଭଞ୍ଜ ଛଉ ନୃତ୍ୟରେ ଅନ୍ୟ ଦୁଇ ଅଞ୍ଚଳର ଛଉ ନୃତ୍ୟ ପରି ଢୋଲ, ମହୁରୀ, ଧମସା, ଝାମ୍ପ, ଚଡ଼ଚଡ଼ି, ଶିଙ୍ଗା, ବାଙ୍କୁ, ଡମ୍ବରୁ, ଘଣ୍ଟା ପ୍ରଭୃତି ପାରମ୍ପରିକ ବାଦ୍ୟଯନ୍ତ୍ର ସହ ଆଧୁନିକ ବାଦ୍ୟଯନ୍ତ୍ର ଯଥା ହାର୍ମୋନିୟମ, ଡୁବି, ତବଲା, କ୍ଲାରିଓନେଟ୍, ସାରଙ୍ଗୀ, ବଂଶୀ ଆଦି ବ୍ୟବହୃତ ହୁଏ । ମୟୂରଭଞ୍ଜର ଅନ୍ୟ ଅଞ୍ଚଳ ଅପେକ୍ଷା ବାରିପଦାରେ ବାଦ୍ୟଯନ୍ତ୍ର ଅପେକ୍ଷାକୃତ ଉନ୍ନତ, ପରିମାର୍ଜିତ ଓ ଆଧୁନିକ । ବାରିପଦାର ଛଉନାଚରେ ବ୍ୟାଣ୍ଡ ପାର୍ଟିର ପ୍ରଚଳନ ଘଟିଥିଲା । ଗ୍ରାମାଞ୍ଚଳରେ ପାରମ୍ପରିକ ବାଦ୍ୟଯନ୍ତ୍ରର ବ୍ୟବହାର ଦେଖାଯାଏ । ବାରିପଦାର ଛଉରେ ଆଧୁନିକ ବାଦ୍ୟଯନ୍ତ୍ରର ପ୍ରଚଳନ ପୂର୍ବରୁ ଗଙ୍ଗଢୋଲ, ମହୁରୀ ଓ ଧମସାର କେବଳ ବ୍ୟବହାର ଥିଲା ।

**ଅସ୍ତ୍ରଶସ୍ତ୍ର:** ମୟୂରଭଞ୍ଜର ଛଉ ନୃତ୍ୟରେ ବିଷୟ ଉପଯୋଗୀ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୁଏ। ସେଗୁଡ଼ିକ ଢାଲ, ଖଣ୍ଡା, ତଲୱାର (ଫରୀଖଣ୍ଡା), ଲାଠି, ଗଦା, ତ୍ରିଶୂଳ, ଧନୁ, ତୀର ଇତ୍ୟାଦି । ତାଲିମ ପର୍ଯ୍ୟାୟରେ କାଠ/ବାଉଁଶରେ ନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହାର ହୁଏ । ଆସରରେ ମଧ୍ୟ ଅନେକ ସ୍ଥାନରେ ଏସବୁ ସଜ୍ଜିତ କରି ବ୍ୟବହାର କରାଯାଏ ।

**ପୋଷାକ:** ମୟୂରଭଞ୍ଜର ଭିଭିନ୍ନ ଅଞ୍ଚଳରେ ଥିବା ଛଉ ନାଚରେ ପାରମ୍ପରିକ ପୋଷକ ବ୍ୟବହୃତ ହୁଏ । ସେଗୁଡ଼ିକ ଧୋତି, ଗଞ୍ଜି, ଗାମୁଛା, ଉତ୍ତରୀ, ପଗଡ଼ି, ଶାଢ଼ୀ, ଶାୟା, ବ୍ଲାଉଜ ପ୍ରଭୃତି । ବାରିପଦାରେ ବ୍ୟବହୃତ ପୋଷାକ ସମସ୍ତ ଅତ୍ୟନ୍ତ ମୂଲ୍ୟବାନ । ଆଗରୁ ରାଜାଙ୍କ ଉଆସରୁ ଛଉନାଚ ପ୍ରଦର୍ଶନ ବେଳେ ପ୍ରୟୋଜନୀୟ ଓ ଉପଯୋଗୀ ଜରିଦିଆ, ଚକଚକିଆ ମୂଲ୍ୟବାନ ପୋଷାକ ଆସୁଥିବାର ଜଣାଯାଏ । ତାଲିମ ପର୍ଯ୍ୟାୟରେ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ନର୍ତ୍ତକ ଭୂଷଣ ଓ  ଅଳଙ୍କାର ସଜ୍ଜିତ ହେବାର ଆବଶ୍ୟକତା ଉପୁଜେ ନାହିଁ ।

**ଅଳଙ୍କାର:** ମୟୂରଭଞ୍ଜ ଛଉ ନାଚରେ ବ୍ୟବହୃତ ପାରମ୍ପରିକ ଅଳଙ୍କାର ସବୁର ନାମ ହେଲା ସିନ୍ଥୁଲୀ, କଣ୍ଠା, ଟାୟା,ଠେସା, ଗୁଜ, ଟିକ୍‌ଲୀ, ଚଣା, ହାର, ବଳା, ଫୁଲ, ବାହୁଟି, ଖଡୁ, ଆଣ୍ଟି, ଘୁଙ୍ଗୁର ପ୍ରଭୃତି । ଚରିତ୍ରଗଣ ବିଭିନ୍ନ ପର ମଥାରେ ଖୋସନ୍ତି । ଗଳାରେ ଓ ଅଣ୍ଟାରେ ବିଭିନ୍ନ ରଙ୍ଗର ପଥରମାଳା, ପୋହଳା, କଣ୍ଠିର ହାର ଓ ମାଳ ବ୍ୟବହୃତ ହୁଏ । ପ୍ରତ୍ୟେକ ଚରିତ୍ର ପାଦରେ ଘୁଙ୍ଗୁର ବାନ୍ଧିବା ଅପରିହାର୍ଯ୍ୟ । ତାଲିମ ପର୍ଯ୍ୟାୟରେ ଏ ସବୁ ଅଳଙ୍କାର ପ୍ରୟୋଜନ ହୁଏ ନାହିଁ । ଅନେକ ସ୍ଥାନରେ ଘୁଙ୍ଗୁର ବେଳେ ବେଳେ ପ୍ରୟୋଜନ ହୁଏ । ବାରିପଦାରେ ନୃତ୍ୟ ପ୍ରଦର୍ଶନ ସମୟରେ ଅନେକ ପ୍ରକାର ମୂଲ୍ୟବାନ ଅଳଙ୍କାର ବ୍ୟବହୃତ ହେଉଥିଲା ବୋଲି କୁହାଯାଏ । ରାଜା ଓ ରାଣୀଙ୍କ ତରଫରୁ ସେ ସବୁର ବ୍ୟବସ୍ଥା ହେଉଥିବାର ଜଣାଯାଏ ।

**ମଞ୍ଚ:** ମୟୂରଭଞ୍ଜର ଛଉ ନୃତ୍ୟରେ ମୁକ୍ତ ଆକାଶ ତଳେ ଗୋଲାକାର ଓ ଚଉକୋଣିଆ - ଏପରି ଦୁଇ ପ୍ରକାର ମଞ୍ଚର ନିର୍ମାଣ ଦେଖାଯାଏ । ଗ୍ରାମାଞ୍ଚଳରେ ମୁଖ୍ୟତଃ ଗୋଲାକାର ମଞ୍ଚ ପ୍ରସ୍ତୁତ ହୁଏ । ଆଖଡ଼ା ସମୟରେ ମହାଦେବ ମନ୍ଦିର/ଭୈରବ/ବଡ଼ାମ ଶାଳ/ ଗ୍ରାମର ଚୌରାସ୍ତା କିମ୍ବା କୌଣସି ଖୋଲା ସ୍ଥାନରେ ସମତଳ ଭୂମି ଉପରେ ରାତି/ଦିନରେ ଆଖଡ଼ା ଅଭ୍ୟାସ ହୁଏ । ବାରିପଦାରେ ଏଥିପାଇଁ ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା କରାଯାଉଥିଲା ।

ବାରିପଦାରେ ଚୈତ୍ରପର୍ବରେ ଛଉ ନାଚ ପ୍ରଦର୍ଶନ ନିମନ୍ତେ 'ସମତଳ ଭୂଇଁରେ ବାଲି ବିଛା ହୋଇ ରଙ୍ଗସ୍ଥଳୀ (ମଞ୍ଚ ନୁହେଁ) ତିଆରି ହେଉଥିଲା । ଏହି ରଙ୍ଗସ୍ଥଳୀରେ ଏକପଟେ ଲଗାଲଗି ହୋଇ ଦୁଇଗୋଟି ପ୍ରବେଶ ଦ୍ୱାର ରହିଥାଏ । ଉତ୍ତର ସାହି ଓ ଦକ୍ଷିଣ ସାହିର ଦୁଇ ଗୋଟି ଛଉଦଳରେ ନୃତ୍ୟ ପ୍ରଦର୍ଶନ ନିମନ୍ତେ ଏପରି ବ୍ୟବସ୍ଥା ହେଉଥିଲା । ଦରବାର କାଳରେ ପ୍ରଚଳିତ ଏପରି ବ୍ୟବସ୍ଥା ବର୍ତ୍ତମାନ ସୁଦ୍ଧା ଅନୁସୃତ ହେଉଅଛି ।

ଗୋଲାକାର ମଞ୍ଚର ଚାରିପାଖରେ ଦର୍ଶକ ମାନେ ବସନ୍ତି। ଦୂରକୁ ମଞ୍ଚ ବାନ୍ଧି ତା'ଉପରେ ଦଉଡ଼ିଆ ଖଟ ମାନ ପକାଇ ସ୍ତ୍ରୀଲୋକ ଓ ପିଲାମାନେ ବସନ୍ତି । ଗ୍ରାମର କୌଣସି ଏକ ମଝି ଖୋଲା ପଡ଼ିଆ କିମ୍ବା ମହାଦେବ ମନ୍ଦିର ଆଗରେ ଛଉନାଚ ଅନୁଷ୍ଠିତ ହୁଏ। ମଞ୍ଚର ଗୋଟିଏ ପାଖରେ ବାଦ୍ୟକାର ମାନେ ବସନ୍ତି । ମଞ୍ଚକୁ ଯିବାଆସିବା ନିମନ୍ତେ ୨/୩ ଫୁଟ ଓସାରର ରାସ୍ତାଟିଏ ଥାଏ । ସମଗ୍ର ନୃତ୍ୟ ପ୍ରଦର୍ଶନ ସ୍ଥଳୀଟି ୩୦/୪୦ ଫୁଟ ପରିଧି ବିଶିଷ୍ଟ ହୋଇଥାଏ। ମଞ୍ଚ ରଚନା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ରଚନା ମାପ ଅନୁସୃତ ହେଉଥିବାର ଜଣାଯାଏ ନାହିଁ। ପ୍ରୟୋଜନ ଅନୁସାରେ ମଞ୍ଚର ଆକାର ପ୍ରକାର ହୁଏ।

ବାରିପଦା ସହ ଗ୍ରାମାଞ୍ଚଳରେ କେତେକ ସ୍ଥାୟୀ ଚାରିକୋଣିଆ (ଆୟତାକାର କ୍ଷେତ୍ର)ମଞ୍ଚ ବ୍ୟବହୃତ ହେଉଥିବାର ଦେଖାଯାଏ । ବାରିପଦାର ମଞ୍ଚ ଉପର ସାମିଆନା ଟଙ୍ଗା ହୁଏ। ମଞ୍ଚର ସମ୍ମୁଖରେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ବସିବା ନିମନ୍ତେ ସ୍ଥାନ ନିର୍ଦ୍ଦିଷ୍ଟ ଥାଏ। ବାରିପଦାର ଆୟୋଜନ ପରି ଷଢ଼େଇକଳା କିମ୍ବା ପୁରୁଲିଆରେ ଏପରି ବ୍ୟବସ୍ଥା ଥିବାର ଦେଖାଯାଏ ନାହିଁ। ବାରିପଦାରେ ବସିବା ନିମନ୍ତେ ତଳେ ଗଦି ପକାଯାଏ। ଷଢ଼େଇକଳାରେ ଚେୟାରରେ ରାଜାଙ୍କ ସହିତ ଅତିଥିବୃନ୍ଦ ବସନ୍ତି। ପୁରୁଲିଆରେ କେତେକ ସ୍ଥଳରେ ଚେୟାର ପଡ଼େ, ଦରୀ, ହେଁସ ବିଛା ହୋଇଥାଏ।

**ଆଲୋକ ବ୍ୟବସ୍ଥା:** ଭୋର ସମୟରୁ ସୂର୍ଯ୍ୟୋଦୟ ପରେ କିଛି ସମୟ ପର୍ଯ୍ୟନ୍ତ ଅଭ୍ୟାସ ଚାଲେ । ରାତ୍ରିରେ ଚନ୍ଦ୍ରାଲୋକରେ ଆଖଡ଼ାରେ ଅଭ୍ୟାସ ବେଳେ ଶିଳ୍ପୀ/ବାଦକଙ୍କ ମନରେ ଅପୂର୍ବ ଉଲ୍ଲାସ ଓ ଉନ୍ମାଦନା ଖେଳିଯାଏ । ଅନେକ ସ୍ଥାନରେ ଗ୍ରାମାଞ୍ଚଳରେ ପୋଲାଙ୍ଗ/ଜଡ଼ା ତେଲର ମଶାଲ ଜାଳି ଅଥବା କପା କାଠି ଜାଳି ନୃତ୍ୟ ସ୍ଥଳକୁ ଆଲୋକିତ କରାଯାଉଥିଲା । ସାଂପ୍ରତିକ କାଳ ପର୍ଯ୍ୟନ୍ତ ଚନ୍ଦ୍ରାଲୋକିତ ରାତ୍ରି ଓ ଭୋର ସମୟରୁ ସୂର୍ଯ୍ୟୋଦୟର କିଛି କାଳ ପର୍ଯ୍ୟନ୍ତ ଆଖଡ଼ା ହେଉଥିବା ଦେଖାଯାଏ।

ନୃତ୍ୟ ପ୍ରଦର୍ଶନ ବେଳେ ପୂର୍ବେ ଗ୍ରାମାଞ୍ଚଳରେ ସେହି ପ୍ରାଚୀନ ରୀତିରେ ଆଲୋକର ବ୍ୟବସ୍ଥା ହେଉଥିଲା। ପରବର୍ତ୍ତୀ କାଳରେ ପେଟ୍ରୋମାକ୍ସ ପ୍ରଭୃତି ଓ ତା'ପରେ ବିଦ୍ୟୁତ ଆଲୋକର ଉପଯୋଗ ହେଲା।

ବାରିପଦାରେ ବହୁ ପୂର୍ବେ ସମକାଳୀନ ବ୍ୟବସ୍ଥା ଅନୁସାରେ ମଞ୍ଚ ବା ରଙ୍ଗସ୍ଥଳକୁ ଆଲୋକିତ କରାଯାଉଥିଲା। ଆଧୁନିକ କାଳରେ ଫୋକସ ଲାଇଟ, ଡେ ଲାଇଟ୍, ପେଟ୍ରୋମାକ୍ସ ପ୍ରଭୃତି ସହ ବିଦ୍ୟୁତ ଆଲୋକର ବ୍ୟବହାର କରାଯାଇଥିବାର ଜଣାଯାଏ।

**ଶବ୍ଦ ପ୍ରସାରଣ ବ୍ୟବସ୍ଥା:** ପୂର୍ବେ ଶବ୍ଦ ପ୍ରସାରଣ ନିମନ୍ତେ କୌଣସି ବ୍ୟବସ୍ଥା ନଥିଲା। କେତେକ

ସ୍ଥାନରେ କାଗଜର ମୋଟା ପଟାରେ ନାଚଦଳର ନାମ, ଅଂଶ ଗ୍ରହଣକାରୀ, ସଂଗଠକ, ଓସ୍ତାଦ୍ ପ୍ରଭୃତିଙ୍କ ନାମ ସବୁ ରଙ୍ଗ କାଗଜରେ ଚିଟାଇ ଦେଇ ତା ପଛରେ ମଶାଲ/ ଗ୍ୟାସ ଆଲୁଅ ଜଳାଇ ଦର୍ଶକ ମାନଙ୍କୁ ପ୍ରଦର୍ଶନ କରାଯାଉଥିଲା । ଏଥି ସହ ବାଦ୍ୟକାର ମାନେ ବାଦ୍ୟ ବାଦନ କରୁଥିଲେ । ଘୋଷକ ନାମ ସବୁ ଘୋଷଣା କରୁଥିଲେ । ସଂପ୍ରତି ପ୍ରତ୍ୟେକ ସ୍ଥାନରେ ଆଧୁନିକ ଶବ୍ଦ ପ୍ରସାରଣ ବ୍ୟବସ୍ଥା ହେଉଥିବାର ଦେଖାଯାଏ ।

**ଦର୍ଶକ:** ଆଖଡ଼ା ସ୍ଥଳରେ ଅନେକତ୍ର ଦର୍ଶକମାନେ ଉପସ୍ଥିତ ଥିବାର ଦେଖାଯାଏ । ସେତେବେଳେ ସେମାନଙ୍କର ପ୍ରତିକ୍ରିୟା ପ୍ରେରଣାପୂର୍ଣ୍ଣ ଓ ଗଠନାତ୍ମକ ହୋଇଥାଏ । ନୃତ୍ୟ ପ୍ରଦର୍ଶନ ସମୟରେ ଦର୍ଶକମାନେ ମୁଖରେ / ହାତରେ ବିଭିନ୍ନ ପ୍ରକାର ଶବ୍ଦ ଉତ୍ପନ୍ନ କରି ନୃତ୍ୟକାରୀ ବାଳକମାନଙ୍କୁ ଉତ୍ସାହିତ କରିଥାନ୍ତି । ଗ୍ରାମାଞ୍ଚଳରେ ଆଖଡ଼ା ସମୟରେ ଦର୍ଶକ ମାନଙ୍କର ଉପସ୍ଥିତି ଓ ସ୍ୱତଃସ୍ଫୂର୍ତ୍ତ ଆଗ୍ରହ ନୃତ୍ୟକାରୀଙ୍କୁ ନୃତ୍ୟ ଉତ୍ତମ ଶିକ୍ଷା ଓ ସୁଷ୍ଠୁ ପ୍ରଦର୍ଶନ ନିମନ୍ତେ ଅଧିକ ଆଗ୍ରହୀ କରାଇଥାଏ ।

ନୃତ୍ୟ ପ୍ରଦର୍ଶନ ବେଳେ (ପର୍ବ ସମୟରେ) ଗ୍ରାମାଞ୍ଚଳରେ ନୃତ୍ୟକାରୀ ମାନଙ୍କର ନୃତ୍ୟ ଭଲ ହେଲେ ଦର୍ଶକମାନେ ମୁଖରେ ଶବ୍ଦ କରି ଉତ୍ସାହିତ କରିବା ସହିତ ଟଙ୍କା, ଫୁଲମାଳ ଆଦି ଉପହାର ଦେବା ଓ ତାଙ୍କର ନାମ ପ୍ରଚାର କରାଯାଉଥିବାର ଦେଖାଯାଏ । ବାରିପଦାରେ ଏପରି ବ୍ୟବସ୍ଥା ନାହିଁ । ନୃତ୍ୟଶେଷରେ ଭଲ ମନ୍ଦର ବିଚାର କରାଯାଏ । ଗ୍ରାମାଞ୍ଚଳର କେତେକ ସ୍ଥାନରେ ଏପରି ବ୍ୟବସ୍ଥା ପ୍ରଚଳନ ଥିବାର ଦେଖାଯାଏ ।

ମହାରାଜାଙ୍କ ସମୟରେ ଶ୍ରେଷ୍ଠ ଶିଳ୍ପୀମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରି ଉତ୍ସାହିତ କରାଯାଉଥିଲା । ମୟୂରଭଞ୍ଜର ବାରିପଦାରେ ଛଉ ନୃତ୍ୟ ଦେଖିବା ନିମନ୍ତେ ସମଗ୍ର ଓଡ଼ିଶା ଓ ବାହାରର ବହୁ ବିଶିଷ୍ଟ ଅତିଥି ମହାରାଜାଙ୍କ ନିମନ୍ତ୍ରଣ ପାଇ ଆସୁଥିଲେ । ଗ୍ରାମାଞ୍ଚଳରେ ପ୍ରଦର୍ଶିତ ନୃତ୍ୟ ଦଳର ମାଲିକ/ ଓସ୍ତାଦ୍‌ଙ୍କୁ ସର୍ଦ୍ଦାର, ପ୍ରଧାନ କିମ୍ବା ମାନ୍‌କୀଙ୍କ ତରଫରୁ ପଗଡ଼ି ଉପହାର ଦିଆଯାଉଥିବାର ଜଣାଯାଏ ।

**ନାଚର ବିଷୟବସ୍ତୁ ଓ ନାଚର ନାମ:** ମୟୂରଭଞ୍ଜ ଛଉରେ ପ୍ରାକୃତିକ, ସାମାଜିକ, ପୌରାଣିକ, ଐତିହାସିକ ନାଚମାନ ଅନୁଷ୍ଠିତ ହୁଏ ।

**ପ୍ରାକୃତିକ:** ଏହି ନାଚରେ ପ୍ରାକୃତିକ ବିଷୟବସ୍ତୁ ଓ ଭାବରେ ସମ୍ବଳିତ ଭଙ୍ଗୀମାନ ପ୍ରଦର୍ଶିତ ହୁଏ । ଏହି ଶ୍ରେଣୀର ନାଚ ଗୁଡ଼ିକର ନାମ ହେଲା ବାଘ, ଭାଲୁ, ମାଙ୍କଡ଼, ମକାସାପ, ଗୁଣ୍ଡୁଚି, ଶିକାରୀ ଶବର, ଜାମ୍ବବାନ, ନିମ ପଣ୍ଡା ପ୍ରଭୃତି । ନୃତ୍ୟକାରୀଗଣ ଉପରୋକ୍ତ ଜୀବଜନ୍ତୁଙ୍କର ଚାଲିଚଳନ ଓ ବ୍ୟବହାର ସବୁକୁ ଶରୀରର ଅଙ୍ଗଭଙ୍ଗୀ ଦ୍ୱାରା ସୁଷ୍ଠୁରୂପେ ପ୍ରଦର୍ଶନ କରିଥାନ୍ତି । ଏହି ବିଭାଗର ନାଚ ସବୁ ଏକକ ଓ ଦ୍ୱୈତ ନୃତ୍ୟ ।

**ସାମାଜିକ:** ଏହି ବିଭାଗର ନାଚ ସବୁର ନାମ ହେଲା କାଜିପାଜି, ବାବୁ, ସାହେବ ସାହେବାଣୀ, କେଳାକେଳୁଣୀ, ଚଢ଼େୟା ଚଢ଼େୟାଣୀ, ବାଟୁଆ ବାଟୁଆଣୀ, ଜାମୁତାଳିଆ, ବୁଢ଼ାବୁଢ଼ୀ, ତାସଖେଳ ପ୍ରଭୃତି । ସମାଜରେ ପ୍ରଚଳିତ ବିଭିନ୍ନ ବିଷୟ ଓ ଘଟଣାକୁ ଆଧାର କରି ଏହି ନାଚ ଗୁଡ଼ିକ ଗଠିତ ହୋଇଥାଏ ।

**ପୌରାଣିକ:** ଏହି ବିଷୟର ନାଚ ଗୁଡ଼ିକ ରାମାୟଣ, ମହାଭାରତ, ଶିବ ପୁରାଣ ଓ ଭାଗବତ ପ୍ରଭୃତି ମହାକାବ୍ୟ ଓ ପୁରାଣ ଆଧାରିତ । ଏସବୁରେ ମୁଖ୍ୟତଃ ବୀରତ୍ୱ ଓ ପ୍ରେମ ବିଷୟକ କାହାଣୀ ନୃତ୍ୟ ରୂପରେ ପ୍ରଦର୍ଶିତ ହୁଏ । ସେଗୁଡ଼ିକ ହେଲା– ଅଭିମନ୍ୟୁର ସପ୍ତରଥୀଙ୍କ ସହ ଯୁଦ୍ଧ, ମହିଷାସୁର ବଧ, ଶିବ ତାଣ୍ଡବ, ନଟରାଜ, ଧ୍ୱଜାତାଳ, ଗରୁଡ଼ ବାହନ, ତାମୁଡ଼ିଆ କୃଷ୍ଣ, ବସ୍ତ୍ରହରଣ, କଳଙ୍କ ଭଞ୍ଜନ ପ୍ରଭୃତି । ଏଗୁଡ଼ିକ ଏକକ ଓ ମେଳ ନାଚ, ଗ୍ରାମାଞ୍ଚଳରେ ଏପରି ନାଚ ଯଥା– ଶିବ, ଦୁର୍ଗା, ଅର୍ଦ୍ଧନାରୀଶ୍ୱର, ହରପାର୍ବତୀ, କାଳୀ, କାର୍ତ୍ତିକେୟ ପ୍ରଭୃତି ନାଚ ମାନ ଅନୁଷ୍ଠିତ ହେଉଥିବାର ଜଣାଯାଏ ।

**ଐତିହାସିକ:** ଅତୀତ ଓ ସମକାଳୀନ ଘଟଣାବଳି ଏଥିରେ ରୂପାୟିତ ହୋଇଥାଏ । ସେଗୁଡ଼ିକର ନାମ ସିପାହୀ ବିଦ୍ରୋହ, ଝାନ୍‌ସୀ ରାଣୀ, ସାନ୍ତାଳ ବିଦ୍ରୋହ ପ୍ରଭୃତି । ମୟୂରଭଞ୍ଜ ଛଉରେ ଐତିହାସିକ ଘଟଣାବଳୀ ବିଶେଷ ରୂପ ଲାଭ କରିନାହିଁ । ପୁରୁଲିଆ ଛଉରେ ଏସବୁର ବିଷୟର ନୃତ୍ୟ ରୂପ ଅଧିକ ।

**ନାଚର ଭାବ:** ଛଉ ନୃତ୍ୟର ବିଭିନ୍ନ ରସର ଅବତାରଣା କରାଯାଇଥିଲେ ହେଁ ବୀର ଓ ଲାସ୍ୟ ଏପରି ଦୁଇ ଭାବର ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ଛଉ ନାଚ ମୂଳତଃ ବୀ ରସାତ୍ମକ ନାଚ ।

**ନାଚ ସବୁର ସୃଷ୍ଟିର ସମୟ:** ଛଉରେ ପ୍ରଚଳିତ ସମସ୍ତ ନାଚ ସୃଷ୍ଟିର ଠିକ୍ ରୂପେ ନିର୍ଦ୍ଧାରଣ କରିବା ସମ୍ଭବ ହେଉ ନଥିବାରୁ ଏଠାରେ କେବଳ ଆନୁମାନିକ ସମୟ ଉଲ୍ଲେଖ କରାଯାଇଛି । ପ୍ରାକୃତିକ ବିଷୟବସ୍ତୁ ସମ୍ବଳିତ ନାଚଗୁଡ଼ିକ ଏ ନାଚ ସୃଷ୍ଟିର ପ୍ରାରମ୍ଭିକ ଅବସ୍ଥାରେ ସୃଷ୍ଟି ହୋଇଥିବା ଅନୁମେୟ । ପରବର୍ତ୍ତୀ ସମୟରେ ଏପରି କେତେକ ନାଚର ସଂଯୋଜକ ଘଟି ଥିବାର ମଧ ତଥ୍ୟ ଉପଲବ୍ଧ ହୁଏ । ସମାଜ ଧର୍ମୀୟ ନାଚ ଗୁଡ଼ିକ ଊନବିଂଶ ଶତକର ଶେଷାର୍ଦ୍ଧ ବିଂଶ ଶତକର ୩ୟ / ୪ର୍ଥ ଦଶକରେ ପ୍ରଚଳିତ ସାମାଜିକ, କୃଷିମୂଳକ ବିଷୟରୁ ସୃଷ୍ଟି ହୋଇଛି । ମୟୂରଭଞ୍ଜ ଛଉ ନାଚରେ ପ୍ରତି ବର୍ଷ ନୂତନ ନାଚର ସଂଯୋଜନ ହେଉଥିବା ହେତୁ ସେପରି କେତେକ ନାଚର ସୃଷ୍ଟି ସଂପର୍କୀୟ ନିର୍ଦ୍ଦିଷ୍ଟ ସମୟ ଉଲ୍ଲେଖ ଥିବାର ଦେଖାଯାଏ । ପୌରାଣିକ ବିଷୟ ସମ୍ବଳିତ ନାଚ ଗୁଡ଼ିକ ପ୍ରାଚୀନ ବିଷୟ ଆଧାରିତ ହେଲେ ହେଁ ରାଜା, ଜମିଦାର, ସର୍ଦ୍ଦାର, ମାନ୍‌କୀ ପ୍ରଭୃତିଙ୍କ ପୋଷକତା ଫଳରେ ପ୍ରଚଳିତ ହୋଇଥିବ । ସରେଇକଳା ଓ ମୟୂରଭଞ୍ଜରେ ରାଜା

ମାନଙ୍କର ପ୍ରତ୍ୟକ୍ଷ ପୋଷକତା ହେତୁ ନାଚର ବିଷୟବସ୍ତୁ ନିର୍ବାଚନ ଅଧିକ ଶୃଙ୍ଖଳାବଦ୍ଧ । ଅନେକ ନାଚର ସୃଷ୍ଟି ମୂଳରେ ନିର୍ଦ୍ଦିଷ୍ଟ କେତେକ ଘଟଣା ସଂପର୍କୀୟ ତଥ୍ୟ ଉପଲବ୍ଧ ହୁଏ ।

**ନାଚର ଭଙ୍ଗୀ:** ମୟୂରଭଞ୍ଜ ଛଉ ନାଚରେ ବିଭିନ୍ନ ଭାବ ଓ ଭଙ୍ଗୀର ଉତ୍କର୍ଷ ସାଧିତ ହୋଇଥାଏ । ମୟୂରଭଞ୍ଜର ସୀମାନ୍ତ କେତେକ ଅଞ୍ଚଳ ବ୍ୟତୀତ ମୁଖ୍ୟ କେନ୍ଦ୍ର ବାରିପଦା ଓ ଅନ୍ୟ ସ୍ଥାନ ମାନଙ୍କରେ ସଂପ୍ରତି ମୁଖା ବ୍ୟବହୃତ ହୁଏ ନାହିଁ । ମୁଖା ବ୍ୟବହାର ଫଳରେ ଯେଉଁ ଚାରିତ୍ରିକ ବୈଶିଷ୍ଟ୍ୟ ସହଜରେ ପ୍ରତିପାଦିତ ହୋଇପାରେ ମୁଖାହୀନ ମୁଖରେ ତାହା ରକ୍ଷା କରିବା କଷ୍ଟସାଧ୍ୟ ହେଲେ ହେଁ ନାଚର ବିଷୟ ଓ ଭାବ ଅନୁଯାୟୀ ନୃତ୍ୟକାରୀ ଶରୀରର ବିଭିନ୍ନ ଅଙ୍ଗଭଙ୍ଗୀ ସହ ମୁଖର ଭାବାଭିବ୍ୟକ୍ତି ଅଧିକ କଳାତ୍ମକ ହୁଏ । ନାଚର ତାଳେ ତାଳେ ମୁଖାହୀନ ମୁଖରେ ଚରିତ୍ରର ବିଭିନ୍ନ ଭାବର ବ୍ୟଞ୍ଜନା ଫୁଟି ଉଠେ ଯାହା ମୁଖାଯୁକ୍ତ ମୁଖରେ ପରିଦୃଷ୍ଟ ହୁଏ ନାହିଁ । ନିର୍ମିତ ମୁଖାରେ ନିର୍ଦ୍ଦିଷ୍ଟ ଭାବର ପ୍ରକଟିତ ହୋଇଥାଏ । ମୁଖାହୀନ ମୁଖରେ ଭାବଭଙ୍ଗୀ ବିକଶିତ ହୋଇଥାଏ । ଏହା ହିଁ ମୟୂରଭଞ୍ଜ ଛଉ ଶୈଳୀର ପ୍ରଧାନ ବୈଶିଷ୍ଟ୍ୟ । ମୟୂରଭଞ୍ଜ ଛଉ ନାଚରେ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗର ଭାବଯୁକ୍ତ ଭଙ୍ଗୀ ଦୃଶ୍ୟମାନ ହୁଏ । ଫଳରେ ଦର୍ଶକର ରସୋପଲବ୍ଧ ଅଧିକ ଗଭୀର ହୁଏ ।

ମୟୂରଭଞ୍ଜ ଛଉ ନାଚର ଶିକ୍ଷା ପଦ୍ଧତି ଓ ବ୍ୟବହୃତ ସଙ୍ଗୀତର ସ୍ୱରଲିପି ମୁଖ୍ୟତଃ ମୌଖିକ ଭାବରେ ଗୁରୁଶିଷ୍ୟ ପରମ୍ପରା କ୍ରମେ ଚଳି ଆସିଛି । ଆଖଡ଼ାରେ ତାଲିମ କାଳରେ ପାରମ୍ପରିକ ରୀତିରେ ଏସବୁର ପ୍ରୟୋଗ ହୋଇଥାଏ ।

ଛଉନୃତ୍ୟ ତାଲିମକୁ ସାଧାରଣତଃ ଚାରି ଭାଗରେ କରାଯାଇଥାଏ । ସେଗୁଡ଼ିକ ଯଥାକ୍ରମେ (୧) ଚୌକବନ୍ଧା, (୨) ଧରଣ (୩) ଟପ୍‌କା ଓ (୪) ଉଫ୍‌ଲି ବା ଉପଲୟ ।

**(୧) ଚୌକବନ୍ଧା:** ଏଥିରେ ଶିକ୍ଷାର୍ଥୀ ନିଜର ପାଦ ଦୁଇଟିକୁ ତେରଛା କରି ରଖି ପରେ ଆଣ୍ଠୁକୁ ଭାଙ୍ଗି ଦେହକୁ ତଳକୁ ଦବାଇ ଥାଏ । ସେ ଏପରି କରେ ଯେପରି ତା'ର ପାଦ ଦୁଇଟି ଏକ ବର୍ଗକ୍ଷେତ୍ର ସୃଷ୍ଟି କରେ । ବାମ ହାତ କହୁଣୀଠାରୁ ସମକୋଣରେ ତଳକୁ ଝୁଲି ରହେ ଓ ଡାହାଣ ହାତ କହୁଣୀଠାରୁ ସମକୋଣରେ ଉପରକୁ ଟେକି ହୋଇ ରହେ । ଏଥବରେ ହାତ ଓ ପାଦ ଚାରି କୋଣ ହୋଇ ରହୁଥିବାରୁ ଏହାକୁ ଚୌକ କୁହାଯାଏ ।

**(୨) ଧରଣ:** ଶିକ୍ଷାର୍ଥୀ ଚୌକ କରିବାରେ ଅଭ୍ୟସ୍ତ ହୋଇ ଯିବା ପରେ ତାକୁ ଧରଣ ତାଲିମ ଦିଆଯାଏ । ଏଥିରେ ଡାହାଣ ହାତରେ ଖଣ୍ଡା ଓ ବାମ ହାତରେ ଢାଲ ଧରାଇ ଦିଆଯାଏ । ଅସ୍ତ୍ର ଧାରଣର କୌଶଳ ଶିକ୍ଷା ଦିଆ ଯାଉଥିବାରୁ ଏହି ପର୍ଯ୍ୟାୟକୁ ଧରଣ କୁହାଯାଏ । ଧରଣରେ

ଚୌକ ପୂର୍ବ ପରି ରହେ । ଅଣ୍ଟାରୁ ଉପରକୁ ଶରୀରକୁ ବକ୍ର ନକରି ଧୀରେ ଧୀରେ ପଦଚାଳନା କରିବାକୁ ହୋଇଥାଏ । ଏହି ପ୍ରଣାଳୀକୁ ନିୟମିତ ଅଭ୍ୟାସ କରିବାକୁ ହୁଏ ।

ଚୌକ ଓ ଧରରରେ ଅଭ୍ୟସ୍ତ ହେଲାପରେ ଶିକ୍ଷାର୍ଥୀ ତିନିଥର ଘୂରି ଓ ପାଦ ପକାଇବା ବିଭିନ୍ନ ଭଙ୍ଗୀ ଶିକ୍ଷା କରେ । ମୟୂରଭଞ୍ଜ ଛଉ ନୃତ୍ୟରେ ପ୍ରତି ଅଭିନୟ ଶେଷରେ ତିନିଥର ଘୂରି ପୁଣି ନର୍ତ୍ତକକୁ ଚୌକ ଭଙ୍ଗୀକୁ ଫେରିବାକୁ ପଡୁଥିବାରୁ ଘୂରିବା ଓ ପାଦ ପକାଇବାର ଭଙ୍ଗୀ ତାଲିମ ଦିଆଯାଏ । ଭାରତ ନାଟ୍ୟମ୍ ଓ କଥକ ନୃତ୍ୟରେ ପ୍ରତ୍ୟେକ ଅଭିନୟ ଶେଷରେ ନୃତ୍ୟକାରୀ ତିନିଥର ଘୂରି ପୁଣି ଚୌକ ଭଙ୍ଗୀକୁ ଫେରି ଆସେ ।

**(୩) ଟପକା:-** ବିଭିନ୍ନ ଭଙ୍ଗୀରେ ପାଦ ପକାଇବା ଓ ବିଭିନ୍ନ ଭଙ୍ଗୀରେ ଗତି କରିବାର ଶୈଳୀକୁ ଟପ୍‌କା କୁହାଯାଏ । ଛଅ ପ୍ରକାରର ଟପ୍‌କା ଅଛି । ସେଗୁଡ଼ିକ ହେଲା- (୧) ସାଦା ଟପ୍‌କା, (୨) ଲହରା ଟପ୍‌କା, (୩) ଢେଉ ଟପ୍‌କା (୪) ମୋଡ଼ା ଟପ୍‌କା, (୫) ଡୋବା ଟପ୍‌କା (୬) ଉଛା ଟପ୍‌କା । ଛଉ ନୃତ୍ୟ ଶିକ୍ଷାର୍ଥୀ ଏହି ଟପ୍‌କା ଗୁଡ଼ିକ ଗୋଟିକ ପରେ ଗୋଟିଏ ଶିକ୍ଷା କରେ ।

**(୪) ଉଫ୍‌ଲିବା ଉପଲୟ:** ଉପରୋକ୍ତ ତିନିଗୋଟି ଭଙ୍ଗୀ ଶିକ୍ଷାପରେ ଶିକ୍ଷାର୍ଥୀ ଉଫ୍‌ଲିବା ଉପଲୟ ଶିକ୍ଷା କରେ । ଉଫ୍‌ଲି ଗୁଡ଼ିକ କେତେ ଗୁଡ଼ିଏ ଅଙ୍ଗ ଭଙ୍ଗୀକୁ ନେଇ ଗଠିତ ହୋଇଥାଏ । ଉଫ୍‌ଲି ଗୁଡ଼ିକରେ ପଦପାତ ଶୈଳୀ ଅତ୍ୟନ୍ତ ଗତି ମୁଖର ହୋଇ ଉଠେ । ଛଉରେ ପ୍ରତ୍ୟେକ ନୃତ୍ୟର ପ୍ରୟୋଜନୀୟ ମୌଳିକ ନୃତ୍ୟଖଣ୍ଡ 'ଉଫ୍‌ଲି'ର ସହ ଯୋଗରେ ହିଁ ସମ୍ଭବ ହୁଏ ।

ଛଉ ନାଚର ସ୍ରଷ୍ଟାଗଣ ଅତ୍ୟନ୍ତ କବି ଭାବାପନ୍ନ ଥିଲେ । ଟପ୍‌କା ଓ ଉଫଲି ଗଠନରୁ ଏହାର ପ୍ରମାଣ ମିଳେ । ଛଉ ବର୍ଣ୍ଣମାଳାର ପ୍ରତ୍ୟେକ ବର୍ଣ୍ଣ ପାଇଁ ଯେଉଁସବୁ ପ୍ରତୀକ/ଉପମା ତଥାହାର କରାଯାଇଛି ତହିଁରୁ ସେମାନଙ୍କର ଅଫୁରନ୍ତ କବିତ୍ୱ ଶକ୍ତିର ପରିଚୟ ମିଳେ । ଉପମା ସମୂହ ଜଣେ ସ୍ତ୍ରୀ ଲୋକର ଅଥବା ମାନବେତର ଜୀବନର ଦୈନନ୍ଦିନ ଗତି ଓ କାର୍ଯ୍ୟ ପଦ୍ଧତିରୁ ସଂଗୃହୀତ । ଟପ୍‌କା ଓ ଉଫ୍‌ଲି ଗୁଡ଼ିକ କେବଳ ଭଙ୍ଗୀ ନୁହେଁ । ଏଗୁଡ଼ିକ ଛନ୍ଦୋମୟ ଗତି; ଏ ସବୁ କୌଣସି ପରିସ୍ଥିତିରେ ଧରି ରଖାଯାଇ ପାରିବ ନାହିଁ । (୧) ମୟୂରଭଞ୍ଜ ଛଉ ନୃତ୍ୟରେ ଛତିଶ ପ୍ରକାରର ଉଫଲି ଥିବା ଦେଖାଯାଏ । ସେଗୁଡ଼ିକ (୧) ଗୁଟି ଉଠା, (୨) ବୋର ଗୁଳା, (୩) ଛଡ଼ା ଦିଆ, (୪)ଖରକା, (୫) ଛମ୍ପ ଦିଆ, (୬) ବାସନ ମଜା, (୭) ହଳଦୀ ବଟା, (୮) ଝଣ୍ଟିଆମଜା, (୯) ଗାଧୁଆ, (୧୦) ମଥା ଝଡ଼ା, (୧୧) ସିନ୍ଦା ଫଡ଼ା, (୧୨) ସିନ୍ଦୂର ପିନ୍ଧା, (୧୩) ଓଢ଼ଣୀ ଛଟା, (୧୪) ଧାନକୁଟା, (୧୫) ଧାନ ପାଛୁଡ଼ା, (୧୬) ଅନ୍ତମୁଡ଼ା, (୧୭) କଣ୍ଟା କଟା, (୧୮) କଣ୍ଟା ଫିଙ୍ଗା, (୧୯) ବଗ୍ ଟପ୍‌କା, (୨୦) ବଗ ମାଛ ଖୋଜା,(୨୧) ଖଣ୍ଡା ହଣା, (୨୨) ବଟା ଚିରା, (୨୩) ଚିଙ୍ଗଡ଼ି ଚିଟଡ଼, (୨୪) ହାବସା, (୨୫)ଠମ୍‌କା,

(୨୬) ଛଲ୍‌କା, (୨୭) ଝୁଣ୍ଟଦିଆ, (୨୮) ଛେଳିଡିଆଁ, (୨୯) ଶେଉଳ ଡିଆଁ, (୩୦) ହରିଣ ଡିଆଁ, (୩୧) ହନୁମାନ ପାଣିଖିଆ, (୩୨) ମାଙ୍କଡ଼ଚିତ୍, (୩୩) ହାବସାଘୁରା, (୩୪) ତିନି ଭୁଡ଼ା ଘୁରା, (୩୫) ବାଘ ଦୁମ୍‌କା, (୩୬) ଘୋଡ଼ା ଦୁମ୍‌କା । (୨)

ଛଉ ନୃତ୍ୟର ଉପଲି ଓ ନାଟ୍ୟ ଶାସ୍ତ୍ରର କରଣକୁ ତୁଳନା କଲେ ଅନେକ ସାମଞ୍ଜସ୍ୟ ଦେଖାଯାଏ । ଚୌକ, ଧରଣ, ଟପ୍‌କା ଓ କେତେ ଗୁଡ଼ିଏ ଉପ୍‌ଲିରେ ଦକ୍ଷତା ଆସିଗଲେ ଶିକ୍ଷାର୍ଥୀ ସର୍ବସାଧାରଣ ସମକ୍ଷରେ ମଞ୍ଚ ଉପରେ / ନୃତ୍ୟ ସ୍ଥଳରେ ନୃତ୍ୟ ପରିବେଶଣ କରିବାକୁ ସକ୍ଷମ ହୁଏ ।

ମୟୂରଭଞ୍ଜ ଛଉ ନୃତ୍ୟରେ ବ୍ୟାକରଣ ତିନିଗୋଟି ମୌଳିକ ବିଭାଗରେ ବିଭକ୍ତ । ସେଗୁଡ଼ିକ ହେଲା; (୧) ହତିଆର ଧରା (ତାଣ୍ଡବ), (୨) କଲିଭଙ୍ଗା (ଲାସ୍ୟ), (୩) କଲିକଟା (ତାଣ୍ଡବ ଓ ଲାସ୍ୟ ଭାବର ମିଶ୍ରିତ ଭାବ) ।

**ହତିଆର ଧରା:** ଏହାର ଭାବ ତାଣ୍ଡବ । ଏଥିବରେ ଆକ୍ରମଣାତ୍ମକ ଭଙ୍ଗୀ ପ୍ରଦର୍ଶିତ ହୁଏ ।

**କଲିଭଙ୍ଗା:** ନରମ କଲି ଯତ୍ନ ସହକାରେ କାଟିବା । ଏଥିରେ ଲାସ୍ୟ ଭାବ ପ୍ରକଟିତ ହୁଏ ।

**କଲିକଟା:** ନରମ କଲିକୁ ହତିଆର ଧାରରେ କାଟିବା । ଏହା ତାଣ୍ଡବ ଓ ଲାସ୍ୟ ଭାବର ମଧ୍ୟବର୍ତ୍ତୀ ଏକ ଭାବ । ମୟୂରଭଞ୍ଜ ଛଉ ନୃତ୍ୟରେ ପ୍ରଚଳିତ ଏସବୁ ନିର୍ଦ୍ଦିଷ୍ଟ ଶବ୍ଦ ଓ ନାମ ଷଢ଼େଇକଳା ଛଉ ନାଚରେ ପୂର୍ବରୁ ପ୍ରଚଳିତ ଥିବାର ଜଣାଯାଏ ।

ଛଉ ଏକ ଲୋକ ନାଚ । ଏହା ସମଗ୍ର ଭୂଖଣ୍ଡର ଜନସାଧାରଣଙ୍କ ସହଜାତ କଳା । ଏହାର ପାରମ୍ପରିକ ଶିକ୍ଷା ସ୍ୱତଃ ସୃଜନଶୀଳ । ତିନିସ୍ତରରେ ପ୍ରଚଳିତ ଛଉ ନାଚର ତାଲିମ ବ୍ୟବସ୍ଥା ହିଁ ପୂର୍ବ/ ସମକାଳୀନ ରାଷ୍ଟ୍ରର ସଂହତି ସାମାଜିକ ଓ ସୁସଂଗଠିତ ସାମରିକ ବ୍ୟବସ୍ଥାର ପ୍ରକୃଷ୍ଟ ପ୍ରମାଣ ବହନ କରେ । ପୂର୍ବତନ ମୟୂରଭଞ୍ଜ ରାଜ୍ୟରେ ପ୍ରଚଳିତ ଏହି ନାଚର ପୋଷକତା ସଂପର୍କୀୟ ସଂକ୍ଷିପ୍ତ ବିବରଣୀ ଏଠାରେ ଉଲ୍ଲେଖ କରାଯାଉଛି ।

**ମୟୂରଭଞ୍ଜ ଛଉ ନାଚର ପୃଷ୍ଟପୋଷକତାର ଇତିହାସ:**

ମୟୂରଭଞ୍ଜର ମହାରାଜା ଯଦୁନାଥ ଭଞ୍ଜଙ୍କ ସମୟରେ ବାରିପଦାରେ ଚୈତ୍ର ମାସରେ 'ରାମ ନବମୀ ନାଚ' ହେଉଥିଲା । କିଛି ବର୍ଷପରେ ମଦନ ସିଂହବାବୁ ଧଳଭୂମିରୁ ଆସି ଏଠାରେ ପ୍ରଚଳିତ ଥିବା ରାମ ନବମୀ ନାଚ ସହିତ ଛଉ ନାଚର କିଛି ବାଜା ଓ କେତେକ ନାଚ ମିଶାଇଥିଲେ । ଏହିପରି ଭାବରେ କିଛି ବର୍ଷ ଗଲା ଉତାରୁ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ରାମହରି ଚିତ୍ ବେବର୍ତ୍ତା ବାବୁଙ୍କ ପ୍ରରୋଚନାରେ ଷଢ଼େଇକଳା ରାଜ୍ୟରୁ ଦୁଇ ଜଣ ଓସ୍ତାତଙ୍କୁ ଅଣାଇ

ବାରିପଦାର ଉତ୍ତର ସାହି ଓ ଦକ୍ଷିଣ ସାହିରେ ଛଉନାଟ ଶିକ୍ଷା ଦେବା ନିମନ୍ତେ ସ୍ଥାୟୀ ଭାବରେ ନିଯୁକ୍ତ କରିଥିଲେ । ସେ ସମୟରେ ନାଟୁଆମାନେ ମୁହଁରେ ମୁହୁଣ୍ଡା ବାନ୍ଧି ଓ ବାଉଁଶ ପ୍ରଭା କରି ପିଠିରେ ବାନ୍ଧି ନାଚ କରୁଥିଲେ । କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ପରେ ନାବାଳକ ପୁତ୍ର ଶ୍ରୀରାମଚନ୍ଦ୍ର ମହାରାଜା ହେଲେ ଓ କଟକ ପଢ଼ିବାକୁ ଗଲେ । ସେ ସମୟରେ ରାଜ୍ୟର ପରିଚାଳନା ଭାର ଇଂରେଜ ସରକାରଙ୍କ ଉପରେ ନ୍ୟସ୍ତ ଥିଲା । ସେହି ସମୟରେ ଦୁଇ ଦିନ ନାଟ ହୋଇ ପର୍ବ ରକ୍ଷା କରାଯାଉଥିଲା । ଶ୍ରୀରାମଚନ୍ଦ୍ର ପଢ଼ା ସାରି ଫେରିଲା ପରେ ରାଜ୍ୟ ପରିଚାଳନା ଦାୟିତ୍ୱ ଗ୍ରହଣ କଲେ ଓ ଛଉନାଟର ବିଶେଷ ଉନ୍ନତି ସକାଶେ ସ୍ୱତନ୍ତ୍ର ଧ୍ୟାନ ଦେଇଥିଲେ । ତାଙ୍କର ନିଜର ଉଦ୍‌ଭାବନ ବଳରେ ଓଆର ଡାନ୍‌ସ ନାମକ ନାଟ ତିଆରି ହୋଇଥିଲା ଓ ୧୯୧୨ ମସିହାରେ ବ୍ରିଟିଶ ସମ୍ରାଟଙ୍କୁ କଲିକତାଠାରେ ଏହା ଦେଖାଇ ପ୍ରୀତ କରାଇଥିଲେ । ତାଙ୍କରି ସମୟରେ ବାରିପଦାରେ ମୁଖାହୀନ ଛଉନାଟର ପ୍ରଚଳନ ଘଟିଥିଲା । ସେତେବେଳେ ଛଉ ନାଟ ବର୍ଷ ତମାମ ଶିକ୍ଷା ଦିଆ ଯାଉଥିଲା ଓ ପଣାସଂକ୍ରାନ୍ତିକୁ ରାଜବାଡ଼ିରେ ତିନି ଦିନ ଧରି ପ୍ରଦର୍ଶିତ ହେଉଥିଲା । ତାଙ୍କର ଅକାଳ ମୃତ୍ୟୁ ପରେ ନାବାଳକ ପୁତ୍ର ଶ୍ରୀ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ମହାରାଜା ହେଲେ ଓ ଆଜମୀର ପଢ଼ିବା ପାଇଁ ଗଲେ । ରାଜ୍ୟର ଶାସନ ବ୍ରିଟିଶ ସରକାର ଅଧୀନକୁ ଗଲା । ସେ ସମୟରେ ପୂର୍ବ ପରି ଚୈତ୍ର ପର୍ବକୁ ତିନିଦିନ ଧରି ଛଉ ନାଟ ହେଉଥିଲା । ସେତେକାଳ ସରକାରୀ ଆର୍ଥିକ ଅନୁଦାନର ପରିମାଣ ଅଳ୍ପ ଥିଲା । ନାଟ ଶିକ୍ଷା ମାତ୍ର ଏକମାସ କିମ୍ବା ଦୁଇମାସ ହେଉଥିଲା । ପୂର୍ଣ୍ଣଚନ୍ଦ୍ର ପଢ଼ା ସାରି ଫେରିଲା ବେଳକୁ ପୂର୍ବର ଛଉନାଟର ପିଲାଙ୍କ ମଧ୍ୟରୁ ଅନେକ ମୃତ୍ୟୁବରଣ କରିସାରିଥିଲେ । ପୋଷକତା ଅଭାବରୁ ଛଉନାଟ ପ୍ରଥମେ ମାନ୍ଦା ପଡ଼ିଥିଲା ଓ ପରେ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଗଲା । ଛଉ ଶିକ୍ଷାର୍ଥୀ ପିଲାମାନେ ମୟୂରଭଞ୍ଜର କୋଷ୍ଠାଠାରେ ରହି ଏ ନାଟର ଅଭ୍ୟାସ ରଖିଥିଲେ । ରାଜ ପାରିଷଦ କଳାପ୍ରେମୀ ଦିବାକର ଭଞ୍ଜବାବୁଙ୍କ ଅନୁରୋଧ କ୍ରମେ ପୂର୍ଣ୍ଣଚନ୍ଦ୍ର କୋଷ୍ଠାର ଛଉ ଦଳକୁ ସ୍ୱୀକୃତି ପ୍ରଦାନ କରି ଏକ ବର୍ଷ କିମ୍ବା ଦୁଇବର୍ଷ ନାଚ ଆରମ୍ଭ କରାଇଥିଲେ । ଓସ୍ତାଦ୍ ଓ ପିଲାମାନେ କୌଣସି ବିଷୟରେ ମହାରାଜାଙ୍କୁ ବିରକ୍ତ କରିଥିବାରୁ ସେ ଏକାବେଳେକେ ନାଟ ବନ୍ଦ କରାଇ ଦେଇଥିଲେ । ପୂର୍ଣ୍ଣଚନ୍ଦ୍ରଙ୍କ ଅକାଳ ମୃତ୍ୟୁ ପରେ ସାନ ଭାଇ ପ୍ରତାପଚନ୍ଦ୍ର ମହାରାଜା ରୂପେ ଅଧିଷ୍ଠିତ ହେଲେ । ପୁନଶ୍ଚ ରାଜ ପାରିଷଦ ମାନଙ୍କ ପରାମର୍ଶ କ୍ରମେ ଏହି ପ୍ରାଚୀନ ନାଟଟି ବୁଡ଼ି ଯାଉଥିବାରୁ ତାହାର ଉନ୍ନତି ପାଇଁ ଅଧିକ ଧ୍ୟାନ ଦେଇ ଛଉ ଦଳର ପୂର୍ବ ପିଲାମାନଙ୍କୁ ଓସ୍ତାଦ୍ ରୂପେ ନିଯୁକ୍ତ କଲେ । ଏହାଙ୍କ ସମୟରେ ଛଉ ନାଟର ପୂର୍ବପରି ବିଶେଷ ଉନ୍ନତି ସାଧିତ ହୋଇଥିବା ଦେଖାଯାଏ । ଦୁଇ ସାହିର ଓସ୍ତାଦ୍‌ଗଣ ପ୍ରତିବର୍ଷ ନୂଆ ନାଟ ତିଆରି କରି ଚୈତ୍ର ପର୍ବରେ ପ୍ରଦର୍ଶନ କରାଉଥିଲେ ।

ଏହି ସମୟରେ ନଟରାଜ, ନାଗା ନାଚ ପରି ବିଶେଷ ନାଚମାନ ଶିକ୍ଷା ଲାଭ ନିମନ୍ତେ ବିଶିଷ୍ଟ ନୃତ୍ୟ ଶିଳ୍ପୀମାନଙ୍କୁ ରାଜ୍ୟ ବାହାରକୁ ପଠାଇଥିଲେ । ପ୍ରତାପଚନ୍ଦ୍ରଙ୍କ ସମୟରେ ବାରିପଦାର ଛଉ ନାଚ ପୂର୍ବର ଗୌରବ ରକ୍ଷାକରି ବିକଶିତ ଓ ପ୍ରତିଷ୍ଠିତ ହୋଇଥିଲା ।

ମହାରାଜା କୃଷ୍ଣଚନ୍ଦ୍ରଙ୍କ ସମୟରୁ ବାରିପଦାରେ ରାଜ ପରିବାର ସଦସ୍ୟଗଣ ଛଉରେ ନାଚୁଥିବାର ଜଣାଯାଏ । ସେ ସମୟରେ ଛୋଟରାଏ ବୃନ୍ଦାବନ ଭଞ୍ଜଦେଓ ଓ ରାଉତରାଏ ଗୋକୁଳଚନ୍ଦ୍ର ଭଞ୍ଜଦେଓ ଯଥାକ୍ରମେ ଉତ୍ତର ସାହି ଓ ଦକ୍ଷିଣ ସାହିର ମାଲିକ ହୋଇ ନାଚ କରାଉଥିଲେ ଓ ନିଜେ ନାଚୁଥିଲେ । ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସମୟରେ ତାଙ୍କ ପରିବାରର ଶ୍ରୀ ଗିରୀଶ ଚନ୍ଦ୍ର ଭଞ୍ଜଦେଓ, ଶ୍ରୀ ଶ୍ୟାମଚନ୍ଦ୍ର ଭଞ୍ଜଦେଓ (ପରବର୍ତ୍ତୀ କାଳରେ ନୀଳଗିରି ରାଜା ରୂପେ ଅଧିଷ୍ଠିତ) ଏବଂ ଜଗମୋହନ ଭଞ୍ଜଦେଓ ପ୍ରଭୃତି ଅଗ୍ରଗଣ୍ୟ ଛଉଶିଳ୍ପୀ ଓ ଓସ୍ତାଦ୍ ରୂପେ ପ୍ରତିଷ୍ଠିତ ହୋଇଥିଲେ । ଏହି ସମୟରେ ବାରିପଦାରେ ବର୍ଷ ସାରା ଛଉନାଚର ଆଖଡ଼ା ହେଉଥିଲା । ସମଗ୍ର ରାଜ୍ୟରୁ ଛଉ ନିମନ୍ତେ ପିଲା ମନୋନୀତ କରାଯାଉଥିଲା । ସେମାନଙ୍କର ପ୍ରଶିକ୍ଷଣ ନିମନ୍ତେ ରହିବା ଓ ଖାଇବାର ସୁବନ୍ଦୋବସ୍ତ ହୋଇଥିଲା । ଏହି ସମୟରେ ମୁଖାହୀନ ଛଉ ଶୈଳୀର ବିକାଶ ଘଟିଥିଲା ଓ ସନ୍ନିହିତ ନୀଳଗିରି, ତାଳଚେର, ଢେଙ୍କାନାଳ ପ୍ରଭୃତି ରାଜ୍ୟ ଏବଂ ଚୋରଚିତା (ନୟାବସାଣ ପ୍ରଗଣା -ମେଦିନୀପୁର) ପ୍ରଭୃତି ଅଞ୍ଚଳରେ ଏହି ଶୈଳୀ ଛଉନାଚର ପ୍ରସାର ଘଟିଥିଲା ।

ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସମୟରେ ଛଉନାଚର ମାଲିକ ଭାବେ ନୀଳଗିରି ରାଜା ସାହେବ ଓ ରାଉତରା ସାହେବ କେତେକ ଇଂରାଜୀ ନାଚ ଶିକ୍ଷା କରାଇ ଛଉରେ ପ୍ରଚଳନ କରାଇ ଥିବାର ଜଣାଯାଏ । ପ୍ରତାପଚନ୍ଦ୍ରଙ୍କ ସମୟରେ ସେ ସବୁ ଇଂରାଜୀ ନାଚ ଉଠାଇ ଦେଇ ଦେଶୀନାଚ ଅର୍ଥାତ୍ ସାନ୍ତାଳୀ, ଭୂମିଜ, ମାହୁନ୍ତ, କୋଲ, ବଙ୍ଗଳା, ଓଡ଼ିଆ ଓ ହିନ୍ଦୁସ୍ଥାନୀ ନାଚର ପ୍ରଚଳନ ନିମନ୍ତେ ବ୍ୟବସ୍ଥା ହୋଇଥିଲା । ଏହି ସମୟରେ ଫୁଟ ଓ ମେଳ ନାଚର ସବିଶେଷ ଉନ୍ନତି ଘଟିଥିବାର ଜଣାଯାଏ ।

ଏହି ପୂର୍ବତନ ରାଜ୍ୟଟିର ବିଭିନ୍ନ ପିଢ଼ ଓ ପରଗଣା ମାନଙ୍କରେ ଚୈତ୍ର ପର୍ବ ସହିତ ଛଉନାଚର ପ୍ରଚଳନ ଓ ପୋଷକତା ଦେଖିବାକୁ ମିଳେ । ତିରିଂ, ରଗୁଆଁ, କରଞ୍ଜିଆ (ଗଡ଼ସାହି), ଆଦିପୁର, ଯଶିପୁର, ନୟାବସାଣ ଅଞ୍ଚଳରେ ଏପରି ପୋଷକତାର ଇତିହାସ ବିଦ୍ୟମାନ । ମୟୂରଭଞ୍ଜ ରାଜ୍ୟର ବାଇଶ ଜଣ ଜମିଦାରଙ୍କ ମଧ୍ୟରୁ ବାଥୁଡ଼ି ଗୋଷ୍ଠୀର ଚାରିଜଣ ଜମିଦାର ଥିବାର ଦେଖାଯାଏ । ଏମାନେ ଶିମିଳିପାଳ, ଆଦିପୁର, ଦଶପୁର ଓ କରଞ୍ଜିଆ ପିଢ଼ରେ ସର୍ଦ୍ଦାରଭାବେ ଅଧିଷ୍ଠିତ ଥିଲେ । ଏହି ସର୍ଦ୍ଦାରମାନେ ପ୍ରତିବର୍ଷ ମୟୂରଭଞ୍ଜର ମହାରାଜାଙ୍କୁ କେତେକ ଶିକ୍ଷିତ ପାଇକ ଦେବା ନିମନ୍ତେ ବଚନବଦ୍ଧ ଥିଲେ ।

କଉଞ୍ଜିଆ ପିଢ଼ର ବାଥୁଡ଼ି ସର୍ଦ୍ଦାରଙ୍କ ଅଧୀନରେ ଛଉଦଳ ରହିଥିଲା । ଛଉ ନାଚର ଉପଯୁକ୍ତ ଶିକ୍ଷା ପାଇଁ ଏଠାକୁ ଷଢ଼େଇକଳାରୁ ଛଉ ଗୁରୁ ଆସୁଥିବାର ଜଣାଯାଏ । ସର୍ଦ୍ଦାରଙ୍କ ଅଧୀନସ୍ଥ ଇଲାକାରୁ ଛଉ ନାଟ ନିମନ୍ତେ ଉପଯୁକ୍ତ ଛଉପିଲା ମନୋନୀତ ହେଉଥିଲେ ଓ ସର୍ଦ୍ଦାର ଏମାନଙ୍କର ପ୍ରଶିକ୍ଷଣର ସମସ୍ତ ବନ୍ଦୋବସ୍ତ କରୁଥିଲେ ।

ଚୋରଚିତା (ମେଦିନୀପୁର)ର ଗାଜନ ପର୍ବ ପାଳନ ଓ ଛଉନାଚର ଅନୁଷ୍ଠାନ ନିମନ୍ତେ ମୟୂରଭଞ୍ଜର ରାଜକୋଷରୁ ଆର୍ଥିକ ଅନୁଦାନ ପ୍ରଦାନ ସଂପର୍କୀୟ ତଥ୍ୟ ଉପଲବ୍ଧ ହୁଏ ।

ରାଜ୍ୟ ମିଶ୍ରଣ ପରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନ, ଏହି ପ୍ରାଚୀନ ନାଚଟିର ବିକାଶ ନିମନ୍ତେ ପ୍ରଯତ୍ନ କରୁଥିବା ଦେଖାଯାଏ । ଏତଦ୍ ବ୍ୟତୀତ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରଚଳିତ ଥିବା ଛଉ ନାଚର ସଂରକ୍ଷଣ ଓ ବିକାଶ ଦିଗରେ ସରକାର ଦୃଷ୍ଟି ଦେଉଥିବାର ଜଣାଯାଏ ।

**ବାରିପଦା (ମୟୂରଭଞ୍ଜ) ଛଉ ନୃତ୍ୟରେ ସଂସ୍କରଣ:**

ମହାରାଜା କୃଷ୍ଣଚନ୍ଦ୍ରଙ୍କ ପୂର୍ବରୁ ବାରିପଦାରେ 'ରାମନବମୀ ନାଚ' ସହ ଛଉ ପରି କେତେ ନାଟ ଅନୁଷ୍ଠିତ ହେଉଥିଲା । ତାଙ୍କ ସମୟକୁ ବାରିପଦାରେ ପ୍ରଚଳିତ ଛଉ ନାଚରେ ମୁହଁରେ ମୁହୁଣ୍ଡା ବାନ୍ଧି ଓ ବାଉଁଶ ପ୍ରଭା କରି ପିଠିରେ ବାନ୍ଧି ନାଚମାନ ହେଉଥିଲା । ଏହି ନାଚ ସବୁ ପୂର୍ବ ପ୍ରଚଳିତ ନାଟଠାରଉ କିଛି ଉନ୍ନତ ଧରଣର ଥିଲା । ଷଢ଼େଇକଳାରୁ ଆସିଥିବା ଓସ୍ତାତ୍ ଦୁଇଜଣଙ୍କ ପ୍ରଚେଷ୍ଟାରେ ଏହି ଉନ୍ନତି ସାଧିତ ହୋଇଥିଲା । ସେମାନେ ନାଚ ପିଲାମାନଙ୍କୁ ଫରିଖଣ୍ଡା ଓ ବାସିପାଇଟି, ଛଣାପାଣି ଦିଆ ପ୍ରଭୃତି ଉପ୍ଫୁଲି ଶିକ୍ଷା ଦେଇଥିଲେ । ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସମୟରେ ଫରୀଖଣ୍ଡା ସହ ଲାସ୍ୟ ଶୈଳୀର ଅନେକ ନୂତନ ନାଟ ମାନ ସୃଷ୍ଟି ହୋଇଥିଲା । ସେଗୁଡ଼ିକ ମଧ୍ୟରେ ବିଦ୍ୟାସୁନ୍ଦର, ତାମୁଡ଼ିଆ, ତାମୁଡ଼ିଆ କୃଷ୍ଣ, ହିନ୍ଦୁସ୍ଥାନୀ, ମଦନଭସ୍ମ ଓ ଉଆର ଡାନ୍ସ ପ୍ରଭୃତି ନାଚମାନ ବିଖ୍ୟାତ । ଶ୍ରୀରାମଚନ୍ଦ୍ର ବିଖ୍ୟାତ ପାଇକ ନୃତ୍ୟ ଉଦ୍ଭାବନ କରି ବ୍ରିଟିଶ ସମ୍ରାଟ୍‌ଙ୍କୁ କଲିକତାଠାରେ ଉପହାର ସ୍ୱରୂପ ଭେଟିଥିଲେ । ମହାରାଜା ପ୍ରତାପ ଚନ୍ଦ୍ରଙ୍କ ସମୟରେ ଛଉନାଚରେ ବିପୁଳ ସଂସ୍କାର ସାଧନ ଘଟିଥିଲା । ଏହାଫଳରେ ଛଉ ନାଚରେ ଶାସ୍ତ୍ରୀୟ ହିନ୍ଦୁସ୍ଥାନୀ ସଂଗୀତର ପ୍ରୟୋଗ କରାଯାଇ ନାଚ ସବୁ ବିଳମ୍ବିତ, ମଧ୍ୟ ଓ ଦ୍ରୁତ ଲୟଯୁକ୍ତ ହୋଇ ନାଟ, ଚାଲି ଓ ନାଟ୍‌କୀ ଏପରି ତିନି ଭାଗରେ ବିଭକ୍ତ ହୋଇ ପୁନର୍ଗଠିତ ହୋଇଥିବାର ଜଣାଯାଏ । ତାଙ୍କରି ପୋଷକତା ଫଳରେ ଜଣେ ଋଷିଆନ ବ୍ୟାଣ୍ଡ ମାଷ୍ଟରଙ୍କ ଅଧୀନରେ ଛଉରେ ବିଦେଶୀ ବାଦ୍ୟ ଯନ୍ତ୍ର ସମ୍ବଳିତ ବ୍ୟାଣ୍ଡ ପାର୍ଟିର ପ୍ରଚଳନ ହୋଇଥିଲା । ଛଉରେ ଶାସ୍ତ୍ରୀୟ ଓ ଆଧୁନିକ ସ୍ୱର ସଂଗୀତର ପ୍ରଚଳନ ବ୍ୟତୀତ ପାରମ୍ପରିକ ଓ ଲୌକିକ ନୃତ୍ୟଭଙ୍ଗୀ ସହ ସ୍ୱର ସଂଯୋଜନାର ସୁସଂଗତି ସଂପନ୍ନ ହୋଇଥିଲା । ଏହି ସମୟରେ ଗଠିତ କେତେ ଗୋଟି

ପ୍ରସିଦ୍ଧ ନାଟର ନାମ ହେଉଛି ନଟରାଜ, ଗୀତା, କୀରାତାର୍ଜୁନ, ମାୟା ଶବରୀ, ଗରୁଡ଼ ବାହନ, ନବଗ୍ରହ ପ୍ରଭୃତି ।

ଛଉ ନୃତ୍ୟ ପାରମ୍ପରିକ ରଙ୍ଗ ବାଜାରେ ଆରମ୍ଭ ହୁଏ । ଏହା ସାଧାରଣତଃ 'ଧୂମାଳ' ବାଜଣା ପରେ ଆରମ୍ଭ ହୁଏ । ରଙ୍ଗ ବାଜା ହେଉଛି 'ଯୁଦ୍ଧଣ'ର ବାଜା । ଏହା ସହିତ ଚରିତ୍ରଗଣ ନୃତ୍ୟ ସ୍ଥଳରେ ଉପନୀତ ହୁଅନ୍ତି । ଏହା ଚାଲି ନାମରେ ପରିଚିତ । ଚରିତ୍ରଗଣ ବିଭିନ୍ନ ଧରଣରେ ନୃତ୍ୟ ସ୍ଥଳରେ ଉପକନୀତ ହୋଇ ନାଚ ଆରମ୍ଭ କରନ୍ତି । ନାଚର ଏହି ପର୍ଯ୍ୟାୟରେ ନାଚର ବିଷୟବସ୍ତୁ ବର୍ଣ୍ଣିତ ଗୀତ ଗାନ ହୁଏ ଓ ନାଚରେ ଅଗ୍ରଗତି ଘଟେ । ଏହା ସାଧାରଣତଃ ମଧ ଲୟରେ ଘଟିଥାଏ । ପରିଶେଷରେ ନାଟ୍‌କୀ / ନାଚପାଳିର ବ୍ୟବହାର କାଳରେ ନୃତ୍ୟର ଚରମ ପ୍ରକାଶ ଘଟେ ଓ ପରେ ପରେ ନୃତ୍ୟର ସମାପ୍ତ ହୁଏ । ଏହି ସମୟରେ ସାଧାରଣତଃ ଢୋଲ, ଚଡ଼ଚଡ଼ି, ଟିକ୍‌ରା, ଧମ୍‌ସା ଓ ମହୁରୀ ବାଦ୍ୟ ବାଜେ ।

**ବାରିପଦାର କେତୋଟି ପ୍ରସିଦ୍ଧ ନୃତ୍ୟର ବିଷୟ:**

**ଶବର ଟୋକା:** ଏହା ଏକ ଏକକ ନୃତ୍ୟ । ବଣ ଜଙ୍ଗଲର ଅଧିବାସୀ ଶବରଟୋକା ଶୀକାର ଖୋଜି ବୁଲେ । ହାତରେ ତାର ଥାଏ ଢାଲ ଓ ବର୍ଚ୍ଛା । ଶିକାର ଅନ୍ୱେଷଣ କାଳରେ ଜଙ୍ଗଲର ରାଜା ମହାବଳ ବ୍ୟାଘ୍ରର ସମ୍ମୁଖୀନ ହୁଏ । ମହାବଳ ସହିତ ଯୁଦ୍ଧ ହୁଏ ଓ ଶିକାରୀ ବାଘଟିକୁ ମଧ କରି ପରେ ସଫଳ ହୁଏ । ନୃତ୍ୟରେ ସୁଷ୍ଠୁ ରୂପେ ରୂପାୟିତ ଏହି ବିଷୟ ପ୍ରଦର୍ଶିତ ହୁଏ ।

**କାଜି-ପାଜି:** ଏହା ଏକ ଯୋଡ଼ି ନାଚ । ସାମାଜିକ ସଂସ୍କାର ମୂଳକ ହାସ୍ୟ ରସାତ୍ମକ ନାଚଟିଏ । ନାଚ ମଧରେ କାଜି ପାଜି ସମାଜର ବିଭିନ୍ନ ଅସଂଗତି ପ୍ରଦର୍ଶନ କରିଥାନ୍ତି । ସେମାନଙ୍କର ପୋଷକ ଛିନ୍ନ, ଅପରିଚ୍ଛନ୍ନ ଓ ଅସଂଗତ । ବେଶ ମଧ ଅମାର୍ଜିତ । ବିଭିନ୍ନ ରଙ୍ଗମାଟି ଓ ଅଙ୍ଗାର ବୋଳା ମୁଖ । କାଜି ପାଜି ବାଦ୍ୟ ଯନ୍ତ୍ରର ସ୍ୱର ସହ ତାଳ ମିଳାଇ ଗୀତ ଗାନ କରନ୍ତି । ସେହି ବ୍ୟଙ୍ଗ ଗୀତ ଗୁଡ଼ିକ ବିମଳ ହାସ୍ୟ ଉଦ୍ରେକ କରେ । ସମାଜର ଅସଂଗତିର ଚିତ୍ର ପ୍ରଦାନ କରେ ।

କାଜି ପାଜିଙ୍କର ନାଚରେ ସଂଗତି ନଥାଏ । ସେମାନେ ନାଚରେ ନିଜ ଇଚ୍ଛାନୁସାରେ ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରଦର୍ଶନ ଓ ମୁଖରେ ଧ୍ୱନି ପ୍ରକାଶ କରି ଦର୍ଶକଙ୍କର ହାସ୍ୟ ଉଦ୍ରେକ କରିଥାନ୍ତି ।

**ତାମୁଡ଼ିଆ କୃଷ୍ଣ:** ଏହା ଏକ ମେଳ ନୃତ୍ୟ । ଗୋପପୁରରେ କୃଷ୍ଣଙ୍କର ରାଖାଲ ବେଶ । ଚାରିଜଣ ସଖାଙ୍କ ସହିତ କୃଷ୍ଣ ଆସନ୍ତି ନୃତ୍ୟ ସ୍ଥଳକୁ । ନାଚି ନାଚି ଆଗେଇ ଚାଲନ୍ତି ଯମୁନାର କଦମ୍ବ ମୂଳକୁ । ଏହି ସମୟରେ କୃଷ୍ଣେ ଅନାଇ ଦିଅନ୍ତି ଯମୁନା କୂଳକୁ । ସୋନାର ଗାଗରୀ (କଳସୀ) କାଖେ ଧରି ରାଇ କିଶୋରୀ ସଖୀଗଣଙ୍କ ସହ ଧୀରେ ଧୀରେ ଆଗେଇ ଚାଲିଛନ୍ତି ଯମୁନା ଜଳକୁ । ନାଚ ମଝିରେ ସମସ୍ତଙ୍କର ଅଲକ୍ଷ୍ୟରେ କୃଷ୍ଣ ଟେକାଟିଏ ଫିଙ୍ଗନ୍ତି କଳସୀକୁ ଲକ୍ଷ୍ୟ

କରି । କଳସୀ ଭାଙ୍ଗିଯାଏ । ଚମକି ପଡ଼ି ରାଧା ଅନାନ୍ତି ଚାରି ଦିଗକୁ । ସଖୀଗଣ ମଧ୍ୟ ସବୁଠି ଖୋଜନ୍ତି । ଏତିକି ବେଳେ ଭାସି ଆସେ ମନ ମତାଣିଆ ସୁମଧୁର ବଂଶୀ ଧ୍ୱନି । ନବୀନ କିଶୋର ଶ୍ରୀକୃଷ୍ଣଙ୍କୁ ଦେଖନ୍ତି ସଖୀଗଣ । ରାଧାକୃଷ୍ଣଙ୍କର ମଧୁର ମିଳନ ଘଟାଇବା ଉଦ୍ଦେଶ୍ୟରେ ଆରମ୍ଭ ହୁଏ ବିଭିନ୍ନ ଭଙ୍ଗୀର ନାଚ । ଶ୍ରୀରାଧା ଅମଙ୍ଗ ହୁଅନ୍ତି । ସଖୀଗଣ ନୃତ୍ୟ କରି ରାଧାଙ୍କୁ ବନ୍ଦନା କରିଛନ୍ତି । ରାଧା ମୁକ୍ତ କରି ନିଅନ୍ତି ନିଜକୁ ନାଚର ତାଳେ ତାଳେ । ପରେ ସଖୀଗଣ କୃଷ୍ଣ ସଖା ମାନଙ୍କ ସହିତ ଜଣେ ଜଣେ ଯାଇ ନାଚନ୍ତି । ଅନୁରୋଧ କରନ୍ତି କୃଷ୍ଣଙ୍କ ସହିତ ରାଧାଙ୍କ ମିଳନ ପାଇଁ । ଶ୍ରୀକୃଷ୍ଣଙ୍କର ନାଚ ଆରମ୍ଭ ହୁଏ । ରାଇ କିଶୋରୀଙ୍କର ଗୁମାନ ଭାଙ୍ଗେ । ନାଚ ମଧ୍ୟରେ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କର ମହାମିଳନ ଘଟେ ।

'ତାମୁଡ଼ିଆ କୃଷ୍ଣ' ନାମ କରଣରୁ ଏହା ତମାଡ଼ ଅଞ୍ଚଳର ତାମୁଡିଆ ଜାତିର ଲୋକ ନୃତ୍ୟରୁ ଗୃହୀତ ହୋଇଥିବାର ବିବେଚିତ ହୁଏ ।

**ମୟୂରଭଞ୍ଜ ଛଉନୃତ୍ୟରେ ମୁଖାର ବ୍ୟବହାର:** ପୂର୍ବେ ମୟୂରଭଞ୍ଜ ରାଜ୍ୟରେ ପ୍ରଚଳିତ ଛଉ ନାଚରେ ସର୍ବତ୍ର ମୁଖାର ବ୍ୟବହାର ଥିବା,ଜଣାଯାଇଛି । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜତ୍ୱ କାଳରେ ରାଜଧାନୀ ବାରିପଦାର ଛଉରେ ଏକ ସ୍ୱତନ୍ତ୍ର ମୁଖାହୀନ ଶୈଳୀର ପ୍ରବର୍ତ୍ତନ ଘଟିଥିଲା ଓ ଏହି ଶୈଳୀ ସମଗ୍ର ରାଜ୍ୟ ସହ ସନ୍ନିହିତ ଅଞ୍ଚଳରେ ବ୍ୟାପକ ଭାବରେ ଅନୁସୃତ ହୋଇଥିବା ଦେଖାଯାଏ । ଏହାସତ୍ତ୍ୱେ ସଂପ୍ରତି ମୟୂରଭଞ୍ଜର କେତେକ ସ୍ଥାନର ଛଉ ନାଚରେ ମୁଖାର ବ୍ୟବହାର ହେଉଥିବା ଦେଖାଯାଏ । ପାଞ୍ଚପିଢ଼ ସବ୍‌ଡିଭିଜନର ରରୁଆଁ ଥାନା ଅନ୍ତର୍ଗତ ଶିରାମେଳି, କରଞ୍ଜିଆର ଗଡ଼ସାହି ଓ ରାଇରଙ୍ଗପୁରର ତିରିଂ ସହିତ ଅନ୍ୟ କେତେକ ଅଞ୍ଚଳରେ ପ୍ରଚଳିତ ଛଉ ନାଚରେ ବର୍ତ୍ତମାନ ସୁଦ୍ଧା ମୁଖାର ପ୍ରଚଳନ ଅଛି ।

**ମୁଖାର ପ୍ରତିଶବ୍ଦ:** ଏ ସବୁ ଅଞ୍ଚଳରେ ମୁହାଁ, ମୁକା, ମୁହଡ଼ା ଶବ୍ଦ ସମୂହ ବ୍ୟବହୃତ ହୁଏ । ବାରିପଦାରେ ଏହା 'ମୁହୁଣ୍ଡା' ନାମରେ କଥିତ ହେଉଥିଲା ।

**ଛଉ ମୁଖା:** ପାଞ୍ଚପିଢ଼ ସବ୍‌ଡିଭିଜନର ଆଦିପୁର, ଗଡ଼ସାହି, ରରୁଆଁ, ଖିଚିଂ, ଶିରାକୋଳି ଓ ରାଇରଙ୍ଗପୁରର ବିଭିନ୍ନ ଅଞ୍ଚଳରେ ଛଉ ନାଚ ଅର୍ଥ ମୁଖାନାଚ ବୋଲି ସାଧାରଣ ଲୋକେ ବୁଝନ୍ତି । ରଙ୍ଗବେରଙ୍ଗ ମୁଖା ଲଗାଇ ବିଭିନ୍ନ ଭଙ୍ଗୀରେ ଯେଉଁ ନାଚ କରାଯାଏ ତାହା ଛଉ ନାଚ ।

**ମୁଖା ନିର୍ମାଣ ଓ ନିର୍ମାଣ ସ୍ଥାନ:**

ପୂର୍ବେ ଗଡ଼ ସାହି, ରରୁଆଁ, ତିରିଂ ଅଞ୍ଚଳରେ ଛଉ ନାଚରେ ବ୍ୟବହୃତ ମହଡ଼ା ନିର୍ମାଣ ନିମନ୍ତେ ଷଢ଼େଇକଳାରୁ ଶିଳ୍ପୀମାନେ ଆସୁଥିଲେ କିମ୍ବା ଏହି ସ୍ଥାନମାନଙ୍କରୁ କେହି କେହି

ଷଢ଼େଇକଳାକୁ ଯାଇ ନିର୍ମାଣ ପଦ୍ଧତି ଶିଖି ଆସି ଏସବୁ ସ୍ଥାନରେ ମୁଖା ତିଆରି କରିଥିବାର ଜଣାଯାଏ । ଗଡ଼ସାହିରେ କପିଳ ଚରଣ ଦାସ, ବାଉରୀବନ୍ଧୁ, ଧରିତ୍ରୀ, ଗୋଲୋକ ବିହାରୀ ଦାସ ପ୍ରଭୃତି ଶିଳ୍ପୀଗଣ ମୁଖା ନିର୍ମାଣ ସଂପର୍କରେ ଶିକ୍ଷା କରିଥିଲେ । ଟିରିଂରେ ସ୍ୱର୍ଗତଃ ନଟବର କାମୁଆ ଷଢ଼େଇକଳା ଯାଇ ମୁଖା ନିର୍ମାଣ କୌଶଳ ଶିଖିଆସି ତାଙ୍କର ତିନି ଭାଇଙ୍କ ସହିତ ଗ୍ରାମର ଭାଗିରଥୀ ମଣ୍ଡଳ, ଶଶୀ ଦେଇ ପ୍ରଭୃତିଙ୍କୁ ଶିଖାଇଥିଲେ । ଶିରାକୋଳି ଗ୍ରାମରେ ସେଠାର ଦୁଇଜଣ ବାଥୁଡ଼ି ଗୋଷ୍ଠୀର ଲୋକେ ମୁଖା ନିର୍ମାଣ କରନ୍ତି । ଶ୍ରୀ ବାଣେଶ୍ୱର ନାଏକ (ପ୍ରାଇମେରୀ ସ୍କୁଲ ଶିକ୍ଷକ)ଙ୍କ ପିତା ⁄କପିଳ ଚନ୍ଦ୍ର ତାଙ୍କ ପିତା ଅସୁରା ନାଏକ ତାଙ୍କ ପିତା ସଦାଶିବ ନାଏକ ଓ ବାଣେଶ୍ୱର ବାବୁଙ୍କ ପୁଅ ବର୍ତ୍ତମାନ ମୁଖା ତିଆରି କରୁଥିବାର ଜଣାଯାଏ । ଶ୍ରୀ ପ୍ରଭାକର ନାଏକ ମଧ୍ୟ ଛଉର ମୁଖା ତିଆରି କରୁଛନ୍ତି । ଆଗରୁ ଏଠାରେ କାଠ ଓ ଲାଉରେ ତିଆରି ମୁଖା ବ୍ୟବହୃତ ହେଉଥିଲା ।

**ମୁଖା ନିର୍ମାଣ କୌଶଳ:**

ଆଗରୁ ଶିମୁଳି ଜାତୀୟ ହାଲୁକା କାଠ ଓ ଲାଉର ଭିତର ଶସ କୋରି ଦେଇ ଖୋଳକୁ ଶୁଖାଇ ମୁଖା ଆକୃତିରେ କାଟି, ଉପରେ ବିଭିନ୍ନ ରଙ୍ଗବେରଙ୍ଗର ଚିତ୍ର କରି ମୁଖା ତିଆରି କରି ବ୍ୟବହୃତ ହେଉଥିଲା । ବର୍ତ୍ତମାନ ମାଟି, କାଗଜ, କନା ପ୍ରଭୃତିରେ ମୁଖା ତିଆରି ହେଉଛି । ପ୍ରଥମେ ମାଟିର ଛାଞ୍ଚ ତିଆରି କରି ଚିକିଟା ମାଟିର ମଣ୍ଡ ସହ ଗୋଟା କାଗଜ ସାତ ପ୍ରସ୍ତ କରି ଦିଆଯାଏ । ଉପରେ ତିନି/ପାଞ୍ଚ ପ୍ରସ୍ତ ପର୍ଯ୍ୟନ୍ତ ରଙ୍ଗ କାଗଜ ଚିଟା ହୁଏ । ଏସବୁ ଶୁଖି ଗଲାପରେ ଛାଞ୍ଚରୁ ମୁଖା କଢ଼ାଯାଏ । ମୁଖା ଗଠନ ଓ ସଜ୍ଜା ନିର୍ମାଣକାରୀଙ୍କର ଅଭିଜ୍ଞତା, ଦର୍ଶକ ଓ ପରିବେଶର ଚାହିଦା ଉପରେ ଅନେକାଂଶରେ ନିର୍ଭର କରେ । ମୁଖା ଗୁଡ଼ିକ ଚଟକା / ଗୋଲ, ଆକୃତିରେ ବଡ଼ ।

ଗଡ଼ ସାହିରେ ଛଉ ନାଚରେ ବ୍ୟବହୃତ ମୁଖା ଗୁଡ଼ିକ କାଠରେ ତିଆରି । ମୁଖା ଗୁଡ଼ିକର ଆଖିରେ କଣା ହୁଏ । ସେଠାରେ ରହିଥିବା ପ୍ରାଚୀନ କାଳର ମୁଖା ଗୁଡ଼ିକ ମଧ୍ୟରୁ କେବଳ ଗୋଟିଏ ମହାଦେବ ମୁଖାରେ ଆଖି ଓ ନାକରେ କଣା ଥିବାର ଦେଖାଯାଏ । ମୁଖା ଗୁଡ଼ିକର ଆଖିର ତଳ ଭାଗରେ କଣା ରହିଥାଏ । ଆସରରେ ନୃତ୍ୟକାରୀ ଅନ୍ୟର ପାଦକୁ ଲକ୍ଷ୍ୟ କରି ନିଜର ସ୍ଥିତି ସ୍ଥିର କରିବା ପାଇଁ ଏପରି ବ୍ୟବସ୍ଥା ହୋଇଥିବା ଅନୁମେୟ ।

ବାରିପଦାରେ ପ୍ରଚଳିତ ଛଉ ନାଚରେ ବ୍ୟବହୃତ ମୁଖା ଗୁଡ଼ିକ କାଠରେ ନିର୍ମିତ ହୋଇଥିଲା । ଏସବୁର ଗଠନ ସୁନ୍ଦର ଓ ସୁଦୃଶ୍ୟ । ଏଠାରେ ଗୋଟିଏ ମାତ୍ର ମହାଦେବ ମୁଖା ଦେଖିଅଛି । ଦୁଇ ଆଖିର ଡୋଳାରେ ରନ୍ଧ୍ର ଅଛି । ଗଡ଼ ସାହି ମୁଖାଠାରୁ ଉନ୍ନତ ।

**ମୁଖା ନିର୍ମାଣ ଓ ସଜା ନିମନ୍ତେ ଉପାଦାନ ସଂଗ୍ରହ:**

ବର୍ତ୍ତମାନ ମୁଖା ନିର୍ମାଣ ନିମନ୍ତେ ବିଭିନ୍ନ ନଦୀ ଓ ନାଳ କୂଳରୁ ଚିକିଟା ମାଟି ସଂଗ୍ରହ କରାଯାଏ । ସେ ସବୁ ଚକଟି ମଣ୍ଡ ପ୍ରସ୍ତୁତ କରାଯାଏ । ଚାଉଳ ଓ ଗହମ ଚୂନାରେ ପ୍ରସ୍ତୁତ ଅଠା, (ସାଗୁରୁ ପ୍ରସ୍ତୁତ ଅଠା ମଧ୍ୟ ବ୍ୟବହୃତ ହୁଏ) ଅଭ୍ର ଭସ୍ମ, ବିଭିନ୍ନ ରଙ୍ଗର ପଥର ଚୂରାଇ ପ୍ରସ୍ତୁତ ରଙ୍ଗ ମୁଖା ନିର୍ମାଣରେ ବ୍ୟବହୃତ ହେଉଥିଲା । ବର୍ତ୍ତମାନ ମଇଦା ଅଠା ଓ ବଜାରରେ ମିଳୁଥିବା ବିଭିନ୍ନ ରଙ୍ଗ ବ୍ୟବହାର କରାଯାଇଛି । ମୁଖା ତିଆରି ନିମନ୍ତେ ମୋଟା କାଗଜ, ଛିଣ୍ଡାକନା ଦରକାର ହୁଏ ।

ସଜା ନିମନ୍ତେ ଝୋଟ, ଛଣ, ପକ୍ଷୀର ପର, ରଙ୍ଗ କାଗଜ ଓ ପ୍ଲାଷ୍ଟିକ ନିର୍ମିତ ଓ ନକଲି ଅଳଙ୍କାର ଓ ବିଭିନ୍ନ ରଙ୍ଗ ବ୍ୟବହୃତ ହୁଏ । ମୟୂରଭଞ୍ଜର ମୁଖା ନିର୍ମାଣ କୌଶଳ ଓ ସଜା ଶୈଳୀ ଷଢ଼େଇକଳା ଓ ପୁରୁଲିଆ ଅପେକ୍ଷା ଅନୁନ୍ନତ ।

**ମୁଖାର ନାମ:** ମୟୂରଭଞ୍ଜରେ ଛଉ ନାଚର ବିଷୟବସ୍ତୁ ଅନୁସାରେ ଚରିତ୍ର ମାନଙ୍କର ମୁଖା ଗଠନ କରାଯାଇଥାଏ । ସେଗୁଡ଼ିକ ମହାଦେବ, ଦୁର୍ଗା, ବନଦୁର୍ଗା, କାଳିକା, ଚଢ଼େଇ ବିନ୍ଧା, ବାଘ, ଭାଲୁ, ମାଙ୍କଡ଼, ପୁଡ଼କୁନି, ରାକ୍ଷସ, ଋଷି, ନାରଦ ପ୍ରଭୃତି । ଗଡ଼ ସାହିର ମୁଖା ଗୁଡ଼ିକ ଏକକ ନାଚରେ ବ୍ୟବହୃତ ହେଉଥିଲା । ଖିଚିଂର ଛଉନାଚରେ ଅର୍ଦ୍ଧନାରୀଶ୍ୱର, ହରପାର୍ବତୀ, କାଳୀ, କାର୍ତ୍ତିକେୟ, ବାଈ (ସୁନ୍ଦରୀସ୍ତ୍ରୀ) ଓ ଅନ୍ୟାନ୍ୟ ନାଚରେ ମୁଖା ପିନ୍ଧି ନାଚୁଥିଲେ । ଆଦିପୁରରେ ଉପରୋକ୍ତ ମୁଖା ବ୍ୟତୀତ ବାବୁ, ନାଗା ପ୍ରଭୃତି, ରରୁଆଁରେ ଷଣ୍ଢ, ସିଂହ, ରାଧାକୃଷ୍ଣ ଓ ଶିରାକୋଳିରେ ପର୍ଶୁରାମ, ଇନ୍ଦ୍ରଜିତ, ମୃଗ, ହାତୀ ପ୍ରଭୃତିର ମୁଖାମାନ ପ୍ରଚଳନ ଥିବାର ଜଣାଯାଏ । ଏଥିରୁ ଅନେକ ମୁଖା କାଠ ଓ ମାଟିରେ ନିର୍ମିତ । ବର୍ତ୍ତମାନ କାଳରେ ପୁରୁଣା ଦିନର ନାଚ ସମୟକ୍ରମେ ବଦଳି ଯାଇ ଥିବାରୁ ତହିଁରେ ବ୍ୟବହୃତ ମୁଖା ଗୁଡ଼ିକର ପ୍ରଚଳନ ନାହିଁ । କିନ୍ତୁ ପୌରାଣିକ ବିଷୟବସ୍ତୁରେ ଆଧାରିତ ନାଚ ମାନଙ୍କରେ ପ୍ରୟୋଜନୀୟ ପୂର୍ବର ମୁଖା ମାନ ବ୍ୟବହୃତ ହେଉଥିଲେ ହେଁ ସଜାଶୈଳୀରେ ଉନ୍ନତି ଘଟିଛି ।

ପୂର୍ବେ ଚିତ୍ରଡ଼ା ଗ୍ରାମରେ ପ୍ରଚଳିତ ଛଉ ନାଚରେ ବାଘ ଭାଲୁ ପ୍ରଭୃତି ଆରଣ୍ୟକ ଜୀବଜନ୍ତୁଙ୍କ ମୁଖା ସହ ପୌରାଣିକ ଓ ସାମାଜିକ ଚରିତ୍ର ଉପଯୋଗୀ ମୁଖାର ବ୍ୟବହାର ଥିବାର ଜଣାଯାଏ ।

**ମୁଖାର ବ୍ୟବହାର କୌଶଳ:**

ପୂର୍ବର କାଠର ମୁଖା ଗୁଡ଼ିକରୁ ଅନେକ ଚଟକା ଥିବାର ଦେଖାଯାଏ । ଗୋଲାକୃତି କାଠର ମୁଖା ମଧ୍ୟ ଦେଖାଯାଏ । ଲାଉରେ ନିର୍ମିତ ମୁଖା ଗୁଡ଼ିକ ଗୋଲ ଓ ଗଭୀର । ଏହି ମୁଖା

ଗୁଡ଼ିକ ମୁଖମଣ୍ଡଳ ସଂପୂର୍ଣ୍ଣ ଆବୃତ କରିବା ସଙ୍ଗେସଙ୍ଗେ ପଛ ପାଖକୁ ଢାଙ୍କି ରଖୁଥିବାରୁ ଶକ୍ତ ହୁଏ । ମୁଖା ଗୁଡ଼ିକର ଦୁଇକାନ ପାଖରେ ଛିଦ୍ର ଥାଏ । ମୁଖା ବ୍ୟବହାର କାଳରେ ଦଉଡ଼ି ଦେଇ ପଛକୁ ବାନ୍ଧି ଦିଆଯାଏ ।

**ମୁଖା ନିର୍ମାଣ ନିମନ୍ତେ ପ୍ରୟୋଜନୀୟ ସମୟ:**

ମୟୂରଭଞ୍ଜରେ ସାଧାରଣତଃ ଖରାଦିନରେ ମୁଖା ସବୁ ନିର୍ମାଣ କରାଯାଏ । ଛଉ ନାଚ ପୂର୍ବରୁ ଫଗୁଣ ମାସ କିମ୍ବା କେତେବେଳେ ଚୈତ୍ର ମାସରେ ଏସବୁ ନିର୍ମିତ ହୁଏ ।

ଶିରାକୋଳି ଛଉରେ ବ୍ୟବହୃତ ମୁଖାଟି ନିର୍ମାଣ ନିମନ୍ତେ ପ୍ରାୟ ଏକ ଘଣ୍ଟା ସମୟ ଲାଗେ । ଭଲଭାବେ ଶୁଖିବା ପାଇଁ ଚାରି ପାଞ୍ଚଦିନ ଓ ଚରିତ୍ର ଅନୁରୂପ ସଜ୍ଜା ନିମନ୍ତେ ପନ୍ଦର ମିନିଟ୍‌ରୁ ଏକ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗେ ।

**ମୁଖା ନିର୍ମାଣ ଓ ସଜ୍ଜା ସମୟର ପାଳିତ ବିଧି:**

ମୁଖା ନିର୍ମାଣ ଓ ସଜ୍ଜା ସମୟରେ କୌଣସି ବିଶେଷ ବିଧି ବା ନିଷେଧାଜ୍ଞା ପାଳିତ ହୋଇ ନଥାଏ । କେବଳ ଦେବତା, ବିଶେଷତଃ ଶିବ, ଦୁର୍ଗା, କାଳୀ ପ୍ରଭୃତିର ମୁଖା ନିର୍ମାଣ ଓ ସଜ୍ଜା ସମୟରେ ଶୌଚ ବିଧି ପାଳନ କରାଯାଏ । ମୁଖା ପ୍ରସ୍ତୁତିବେଳେ ସ୍ତ୍ରୀଲୋକେ ମଧ୍ୟ ଶୌଚ ବିଧି ପାଳନ କରୁଥିବା ଜଣାଯାଏ । ମାସିକ ଋତୁସ୍ରାବ ସମୟରେ ସ୍ତ୍ରୀଲୋକେ ଏପରି ଦେବଦେବୀଙ୍କର ମୁଖା ଗଠନ ଓ ସଜ୍ଜା ନକରିବା ବିଧି ପ୍ରଚଳିତ ।

**ମୁଖା ବିକ୍ରି:** ପୂର୍ବେ ରଗୁଆଁର ସ୍ୱର୍ଗତ ଧର ପାତ୍ର ପ୍ରସ୍ତୁତ କରୁଥିବା ମୁଖା ସବୁ ଆଦିପୁରର ଛଉ ନୃତ୍ୟକାରୀ ଗଣ କିଣି ନେଉଥିବା ଜଣାଯାଏ । ମୟୂରଭଞ୍ଜର ଛଉ ନାଚରେ ମୁଖାର ବ୍ୟବହାର ଅତି ଅଳ୍ପ । ମାତ୍ର କେତେକ ସ୍ଥାନରେ ପ୍ରଚଳିତ ନାଚରେ ମୁଖାର ବ୍ୟବହାର ହେଉଥିବାରୁ ଏହାର ପ୍ରସ୍ତୁତି ମଧ୍ୟ ସୀମିତ । ଅନେକ ସମୟରେ ଛଉରେ ପ୍ଲାଷ୍ଟିକ ମୁଖାର ବ୍ୟବହାର ଦେଖାଯାଏ ।

**ମୁଖାର ସଂରକ୍ଷଣ:**

ମୟୂରଭଞ୍ଜରେ ପୂର୍ବରୁ ବ୍ୟବହୃତ ମୁଖା ଗୁଡ଼ିକ ବାଉଁଶ ପେଡ଼ିରେ ସଯତ୍ନରେ ସଜାଡ଼ି ରଖାଯାଉଥିଲା ଏବଂ ସେଥି ସହିତ ପ୍ରତିବର୍ଷ କେତେକ ନୂଆ ଛଉକୁ ମଧ୍ୟ ଯୋଗ କରାଯାଉଥିଲା ।

ବର୍ତ୍ତମାନ କାଳରେ ନିର୍ମିତ କାଗଜ କନାରେ ନିର୍ମିତ ମୁଖା ଗୁଡ଼ିକ ବ୍ୟବହାର ପରେ ଭଲଭାବରେ ଶୁଖାଇ କାଠ ବାକ୍ସରେ ସଜାଡ଼ି ରଖାଯାଏ । ପୁରୁଣା ମୁଖାଗୁଡ଼ିକୁ ଅନେକ ସମୟରେ ସଜାଡ଼ି ମରାମତି କରି ସଜାଇ କାମରେ ଲଗାଯାଏ । ମୟୂରଭଞ୍ଜରେ ପ୍ରଚଳିତ

ଛଉ ନାଚରେ ବ୍ୟବହୃତ ମୁଖା ଗୁଡ଼ିକ ଅଧିକ ବ୍ୟବହୃତ ହେଉ ନଥିବାରୁ ଏଗୁଡ଼ିକ ଅଧିକ ଦିନ ଯାଏ ରହୁଥିବା ଦେଖାଯାଏ ।

**ମୟୂରଭଞ୍ଜରେ ବ୍ୟବହୃତ ମୁଖାର ଭବିଷ୍ୟତ:**

ମୟୂରଭଞ୍ଜରେ ମୁଖାର ବ୍ୟବହାର ସୀମିତ । ଯେଉଁ ସବୁ ଅଞ୍ଚଳରେ ମୁଖା ଲଗାଇ ଛଉ ନାଚ ହୁଏ । ସେଠାକାର ମୁଖା ନିର୍ମାଣ ମାନଙ୍କର ଆର୍ଥିକ ଅବସ୍ଥା ସଚ୍ଛଳ ନୁହେଁ । ମୁଖାର ଚାହିଦା ଅଧିକ ହେଉ ନଥିବାରୁ ଏବଂ ମୁଖା ପ୍ରଭୃତିରେ ଖର୍ଚ୍ଚ ଅଧିକ, ମୁଖା ଗଠନ ଓ ସଜ୍ଜା ଶୈଳୀ ଉନ୍ନତ ହୋଇ ନଥିବାରୁ ଅନେକ ସମୟରେ ଅନେକ ଦଳ ପ୍ଲାଷ୍ଟିକ ମୁଖା ବଜାରରୁ କିଣି ଆଣି ବ୍ୟବହାର କରନ୍ତି । ଅର୍ଥାଭାବ ହେତୁ ଅନେକ ସ୍ଥାନର ଶିଳ୍ପୀମାନେ ନୂଆ ମୁଖା ତିଆରି କରି କିମ୍ବା ପୁରୁଣା ମୁଖାକୁ ସଜାଡ଼ି ନାଚରେ ବ୍ୟବହାର କରନ୍ତି ।

ଏହି ପରିସ୍ଥିତିରେ ମୟୂରଭଞ୍ଜର ମୁଖାର ଭବିଷ୍ୟତ କିପରି ଉଜ୍ଜଳ ହେବାର ଆଶା କରିଯିବ ? ଏହା ଏକ ଉତ୍କୃଷ୍ଟ ସାଂସ୍କୃତିକ ସଂପଦ ହୋଇଥିବାରୁ ଏଥି ନିମନ୍ତେ ସରକାରୀ ଓ ସର୍ବ ସାଧାରଣ ସ୍ତରରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ ।

**କ୍ଷେତ୍ର ଅଧ୍ୟୟନ ସଂପର୍କୀୟ ବିବରଣୀ:**

ଗଡ଼ସାହି (କରଞ୍ଜିଆ): ପାଣ୍ଡପୀଢ଼ ସବ୍‌ଡିଭିଜନର ମୁଖ୍ୟ ସହର କରଞ୍ଜିଆର ନିକଟବର୍ତ୍ତୀ ଏକ ଗ୍ରାମ । ଗ୍ରାମଟି ଦୁଇଟି ସାହିରେ ବିଭକ୍ତ । ରାଜାଙ୍କ ସମୟରେ ଏହା ଏକ ପିଢ଼ ଥିଲା ଓ ଏହି ପିଢ଼ର ସର୍ଦ୍ଦାର ଥିଲେ ବାଥୁଡ଼ି ଗୋଷ୍ଠୀର । ଏହି ଗ୍ରାମରେ ସମସ୍ତ ଅଧିବାସୀ ବାଥୁଡ଼ି ଗୋଷ୍ଠୀର ଅନ୍ତର୍ଭୁକ୍ତ । ମୋର ମୁଖ୍ୟ ସହଯୋଗୀ ଶ୍ରୀ ପରମେଶ୍ୱର ଦାସ ଓଡ଼ିଶା ସରକାରଙ୍କର ଜେଲ ବିଭାଗରେ ସହକାରୀ ଜେଲର ରୂପେ କରଞ୍ଜିଆରେ ଅବସ୍ଥାପିତ, ପୂର୍ବତନ ବାଥୁଡ଼ି ସର୍ଦ୍ଦାର ସ୍ୱର୍ଗତ ଆଦିକନ୍ଦ ଦାସଙ୍କର ଜ୍ୟେଷ୍ଠ ପୁତ୍ର । ତାଙ୍କର ବୟସ ୫୬ ବର୍ଷ ।

ସର୍ଦ୍ଦାର ଆଦିକନ୍ଦ ଦାସଙ୍କ ସମୟରେ ଛଉ ନାଚର ଦଳ ଥିଲା । ସେଥିରେ ବାଦ୍ୟକାର ଡମ ମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ ବାଥୁଡ଼ି ଗୋଷ୍ଠୀର ଥିଲେ । ଆଦିକନ୍ଦ ଦାସଙ୍କ ମୃତ୍ୟୁ ପରେ ଛଉ ନାଚ ବନ୍ଦ ହୋଇ ଯାଇଛି । ତାଙ୍କ ଘରେ ପୂର୍ବରୁ ଛଉ ନାଚରେ ବ୍ୟବହୃତ ହେଉଥିବା ବିଭିନ୍ନ ପ୍ରକାର ଖଣ୍ଡା, ଢାଲ ଓ କାଠ ନିର୍ମିତ କୁଖା ସବୁ ରହିଅଛି । (ଫଟୋଚିତ୍ର ନଂ...)

ଗ୍ରାମଟି ଦଳ ସହିତ ଓ ଗଡ଼ ସାହି – ଏପରି ଦୁଇ ସାହିରେ ବିଭକ୍ତ । ଗ୍ରାମର ବାହାରେ ପାର୍ବତୀ ଓ ଭୈରବ ଶାଳ ରହିଅଛି । ନିକଟରେ ଦେଓ ନଦୀ ପ୍ରବାହିତ । ବାରଖଣ୍ଡା ଠାକୁରାଣୀଙ୍କର ମାଟି ନିର୍ମିତ ଦେଉଳ ଅଛି ।

**ଶିରାକୁଳି ଗ୍ରାମ:**

ବାରିପଦା ସହରଠାରୁ ୧୧୫ କି.ମି. ଦୂର ଯଶୀପୁର ରରୁଆଁ ରାସ୍ତା ଧାରରେ ଅବସ୍ଥିତ ଏକ ଗ୍ରାମ । ଗ୍ରାମରେ ଗଣ୍ଡ, କୁଡୁମୀ, ବାଥୁଡ଼ି, ହୋ, ସାନ୍ତାଳ ପ୍ରଭୃତି ଗୋଷ୍ଠୀ ଓ ଜାତିର ଲୋକେ ବାସ କରନ୍ତି । ମୁଖ୍ୟ ତଥ୍ୟ ପ୍ରଦାନକାରୀ ଶ୍ରୀ ବାଣେଶ୍ୱର ନାୟକ, ବ.୫୦, ଜାତି-ବାଥୁଡ଼ି (ସଂପ୍ରତି ଜଣେ ପ୍ରାଥମିକ ଶିକ୍ଷକ) ସ୍ୱୟଂ ଛଉ ନୃତ୍ୟ ଗୁରୁ ଓ ମୁଖା ନିର୍ମାତା ।

ଏହି ଗ୍ରାମରେ ଦୁଇଗୋଟି ସାହିରେ ଦୁଇଟି ଛଉ ଦଳ ଅଛି । ଏଠାର ଦୁଇଦଳର ନାଚରେ ମୁହାଁ ବ୍ୟବହୃତ ହୁଏ । ଗ୍ରାମର ମଝିରେ ଭୈରବ ଶାଳ । ପ୍ରତିବର୍ଷ ଏଠାରେ ଚୈତ୍ର ପର୍ବ ସମ୍ୱୟରେ ଛଉ ନାଚ ହୁଏ । ସେମାନଙ୍କର ଆରାଧ ଦେବତା ବଡ଼ାମ (ବଳରାମ) ଗ୍ରାମ ବାହାରେ 'ଜାହିରା ଥାନ'ରେ ଅଧିଷ୍ଠିତ । ଗ୍ରାମବାସୀ ବାଥୁଡ଼ି ଗୋଷ୍ଠୀର ଲୋକେ ପ୍ରତି ବର୍ଷ ଶିମୁଳୀ ପାହାଡ଼ ଉପରେ ଅବସ୍ଥିତ 'ବାରଖଣ୍ଡା' ଦେଉଳକୁ ପ୍ରତିବର୍ଷ ପୂଜା କରିବାକୁ ଯାଇଥାନ୍ତି । (ଫଟୋଚିତ୍ର ନଂ....)

◆◆◆

# ଷଷ୍ଠ ଅଧ୍ୟାୟ

# ପୁରୁଲିଆ ଛ/ଛଉ/ଛୋ ନାଚ ପରମ୍ପରା

**ପୁରୁଲିଆରେ ଆନୁଷ୍ଠାନିକ ଉପଚାର:**

ପୁରୁଲିଆରେ ଶିବେର ଗାଜନ/ଚଡ଼କ/ଉଡ଼ା/ଭକ୍ତା ପରବ ସହିତ ଛ/ଛଉ/ଛୋ ନାଚ ସଂଯୁକ୍ତ । ଏହି ପର୍ବର ଦଶ ପନ୍ଦର ଦିନ ପୂର୍ବରୁ ଡୋମ 'ଧୂମଲ' (ଶିବଙ୍କୁ ଜାଗରିତ କରିବା ନିମନ୍ତେ ପ୍ରତ୍ୟେକ ଦିନ ଶିବ ମନ୍ଦିରରେ ଯେଉଁ ବାଜଣା ବାଜେ) ଦେଇଥାଏ । ଗ୍ରାମବାସୀ ମାନେ ଶିବ ମନ୍ଦିର ଓ ପୋଖରୀ ଘାଟ ପରିଷ୍କାର କରିଥାନ୍ତି । ପୋଖରୀ ଘାଟକୁ 'ମାଜଣା ଘାଟ' ବୋଲି କହନ୍ତି ।

ଶିବଙ୍କର 'ଗାଜନ' ମହିମା ସଂପର୍କୀୟ ଗୀତ ଗାଇ ନାଚ କରି ବ୍ରତ ପାଳନ କରୁଥିବାରୁ ଏହା ଗାଜନ ପର୍ବ ନାମରେ ପରିଚିତ । ଚଡ଼କ ଉପଲକ୍ଷେ ଅନୁଷ୍ଠିତ ହେଉଥିବାରୁ ଏହା ଚଡ଼କ ପର୍ବ ନାମରେ କଥିତ । ଚଡ଼କ ଡାଙ୍ଗରେ ଭକ୍ତାମାନେ ଉଡୁଥିବାରୁ ଏହା ଉଡ଼ା ପର୍ବ , ଭକ୍ତାମାନେ ଘୂରି ଘୂରି ଉଡୁଁଥିବାରୁ ଏହା ଭକ୍ତା ଘୂରା ପର୍ବ ନାମରେ ନାମିତ, ଭକ୍ତା ପର୍ବ ନାମରେ କଥିତ ହୁଏ, କାରଣ ଏହି ପର୍ବ ପାଳନ କରୁଥିବା ଲୋକଙ୍କୁ ଭକ୍ତା କୁହାଯାଏ । ଗାଁ ମାନଙ୍କରେ ଅନୁଷ୍ଠିତ ହୁଏ ବୋଲି ଏହା 'ଗାମ୍ଭୋର ପରବ', ଛଉ ନାଚ ହୁଏ ବୋଲି ଛଉ ପର୍ବ ମଧ୍ୟ ବୋଲାଯାଏ । ଏତଦ୍ ବ୍ୟତୀତ ଏହା 'କୁଣ୍ଡାଫେଲା' (ଦେବତା ଓ ପୂର୍ବପୁରୁଷ ମାନଙ୍କୁ ଛତୁ ଅର୍ପଣ କରି ଖିଆଯାଏ), 'ଆମଖାଓ୍ୱା' (ବର୍ଷରେ ଦେବତାଙ୍କୁ ପ୍ରଥମେ ଅର୍ପଣ କରି ଆମ୍ବ ଖିଆଯାଏ ବୋଲି)ପରବ ନାମରେ ମଧ୍ୟ କଥିତ ହୁଏ ।

ଏହି ପର୍ବ ଚୈତ୍ରମାସରେ ଆରମ୍ଭ ହୋଇ ପଣା ସଂକ୍ରାନ୍ତିରେ ଶେଷ ହେବାର ନିୟମ ଥାଏ । ଚୈତ୍ର ମାସରେ ଆରମ୍ଭ ହେଉଥିଲେ ହେଁ ସମଗ୍ର ବୈଶାଖ ଏପରିକି ଜ୍ୟେଷ୍ଠ ମାସର ପ୍ରଥମ ଭାଗ 'ରୋହିଣୀ' ପର୍ଯ୍ୟନ୍ତ ପୁରୁଲିଆ/ମାନଭୂମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ପର୍ବ ପାଳିତ ହୁଏ ।

ଚୈତ୍ର ମାସରେ ଆରମ୍ଭ ହୋଇ ସଂକ୍ରାନ୍ତିରେ ଶେଷ ହେଉଥିବାରୁ ସାଧାରଣତଃ ଏହା 'ଚୈତ୍ରପର୍ବ' ନାମରେ କଥିତ ହୁଏ,ଓ ଏହା ଏଠାରେ ଉଲ୍ଲେଖ କରିଅଛି ।

ଚୈତ୍ର ପର୍ବରେ ଅଂଶ ଗ୍ରହଣକାରୀ ମାନଙ୍କୁ ଭକ୍ତା କୁହାଯାଏ । ଭକ୍ତାମାନେ ବୁଢ଼ାବାବା ଅଥବା ଶିବଙ୍କର କଠିନ ବ୍ରତ ସାଧନ କରି ପାଳନ କରନ୍ତି । ଭକ୍ତାମାନେ କ୍ଲେଶ ସହ୍ୟ କରି ଉପବାସ ସହ ଶୁଦ୍ଧ ଚିତ୍ତରେ ଆନୁଷ୍ଠାନିକ ବିଧି ପାଳନ କରିବା ସାଙ୍ଗକୁ ପିଠି, ବାହୁ, ଜିଭରେ କଣ୍ଟା ଫୋଡ଼ି ନାଚ କରିବା ସହ ଚଡ଼କ ଡାଙ୍ଗ ଉପରେ ଉଡ଼ିଥାନ୍ତି । ପୁରୁଲିଆ/ ମାନଭୂମ ଅଞ୍ଚଳରେ ଏହି ପର୍ବରେ ଭକ୍ତାମାନେ ନିମ୍ନଲିଖିତ ନିୟମ ପାଳନ କରିଥାନ୍ତି । ସେଗୁଡ଼ିକ ହେଲା- ୧) ଭକ୍ତାମାନେ ପୂଜକଙ୍କ ଦ୍ୱାରା ପ୍ରଦତ୍ତ ପୈତା ଓ ବେତବାଡ଼ି ଧରନ୍ତି । (୨) ଭକ୍ତାମାନେ ଦିନରେ ଦୁଇଥର ଦାନ୍ତ ଘଷନ୍ତି (୩) ବ୍ରତ ସମୟରେ ପ୍ରତିଦିନ ସନ୍ଧ୍ୟା ସମୟକୁ ସ୍ନାନ କରନ୍ତି (୪) ବ୍ରତ ଧାରଣ ସମୟରେ ଭକ୍ତାମାନେ ଅନ୍ୟ ବିଛଣାପତ୍ର ବ୍ୟବହାର କରନ୍ତି ନାହିଁ, କଠିନ ନିୟମ ପାଳନ କରନ୍ତି । (୫) ଭକ୍ତାମାନେ ତେଲ ହଳଦୀ ବିନା ସିଝା ତରକାରୀ ସହ ହବିଷାନ୍ନ ଦିନରେ ଥରେ ଖାଆନ୍ତି । (୬) ବ୍ରତ ପାଳନ ସମୟରେ ଗାର୍ହସ୍ଥ୍ୟ ଧର୍ମ ପାଳନ କରନ୍ତି ନାହିଁ । ଚୈତ୍ର ପର୍ବର ଅଂଶ ଗ୍ରହଣକାରୀ ମାନଙ୍କୁ ନିମ୍ନମତେ ସଜିତ କରି ଉପସ୍ଥାପିତ କରାଯାଇପାରେ ।

**ଅଂଶ ଗ୍ରହଣକାରୀ**

| | |
|---|---|
| ଭକ୍ତା | ଅଣଭକ୍ତା (ଗ୍ରାମର ଅନ୍ୟ ଧର୍ମାବଲମ୍ବୀ ଏବଂ ଗକିରିଆ, ଅନ୍ୟ ଗ୍ରାମବାସୀ, ମୁସଲମାନ ପ୍ରଭୃତି ନିଜ ଧର୍ମାବଲମ୍ବୀ) |
| ସନ୍ୟାସୀ ଭକ୍ତା | ଅଣସନ୍ୟାସୀ (ଗ୍ରାମବାସୀ, ବନ୍ଧୁବାନ୍ଧବ ଓ ଅନ୍ୟ ଗ୍ରାମର ଉପସ୍ଥିତ ଜନସାଧାରଣ) |
| ଅନ୍ୟ ଗୋଷ୍ଠୀର ପୂଜକ (ଦେହୁରୀ, ଲାୟା ପ୍ରଭୃତି) | ବ୍ରାହ୍ମଣ ପୂଜା -ଦେ' ଘରିଆ (ଠାକୁର) |

ଚୈତ୍ର ପର୍ବର ବର୍ଣ୍ଣନା: ଏହି ପର୍ବଟି ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ପାଳନୀୟ । ଏଥିରେ ହିନ୍ଦୁ ଧର୍ମାବଲମ୍ବୀ ଉଚ୍ଚ ଜାତିର ଲୋକେ ଖୁବ୍ କମ୍ ଅଂଶ ଗ୍ରହଣ କରନ୍ତି । ପୂଜକ ବ୍ରାହ୍ମଣ ହେଲେ ହେଁ ନିମ୍ନ ବର୍ଣ୍ଣର ହିନ୍ଦୁମାନେ ଏହି ପର୍ବରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ଯେଉଁଠି ମୁସଲମାନମାନେ ରହିଛନ୍ତି ସେମାନେ ପର୍ବରେ ସହଯୋଗ କରନ୍ତି କିନ୍ତୁ ପରବ ପାଳନ କରନ୍ତି ନାହିଁ ।

ଏହି ପର୍ବ ଚାରିଦିନ ପାଳିତ ହୁଏ । ପ୍ରଥମ ଦିନକୁ ଫଲାର (ଫଲ୍ + ଆର୍ (ଆହାର) = ଫଳାହାର) କରନ୍ତି । ଏହି ଦିନରେ ମୁଗ, ବୁଟ, ଫଳ ଆଦି ଖାଇ ରହିବାକୁ ହୁଏ । ଦ୍ୱିତୀୟ ଦିନ ଜାଗରଣ ନାମରେ କଥିତ । ଜାଗରଣ ଅର୍ଥ ସାରା ରାତ୍ରି ନଖାଇ ଭଗବାନ ଶିବଙ୍କୁ ପୂଜା

କରିବା । ତୃତୀୟଦିନ ଭକ୍ତାଘୂରା । ଏହି ଦିନ ଗୋଟିଏ ଲମ୍ବା ଶାଳ ଖୁଣ୍ଟ ପୋତି ତା'ଉପରେ ଗୋଟିଏ ଡାଙ୍ଗ ବାନ୍ଧି (ଗୋଜା ଡାଙ୍ଗ) ଭକ୍ତା ପିଠି ଓ ବାହୁରେ ଲୁହା କଣ୍ଟା ଫୋଡ଼ି ସେ ଡାଙ୍ଗରେ ନିଜକୁ ବାନ୍ଧି ଉପରେ ଶୂନ୍ୟରେ ଚଢ଼ି ଘୂରିବାକୁ ଭକ୍ତାଘୂରା କହନ୍ତି । ଚତୁର୍ଥ ଦିନ 'ତେଲ ହଲୁଦା' । ଏହି ଦିନ ଭକ୍ତାମାନେ ପୂର୍ବ ତିନି ଦିନ ଧରି ବର୍ଜନ କରିଥିବା ତେଲହଳଦୀ ବ୍ୟବହାର କରିପାରନ୍ତି ।

ପ୍ରଥମ ଦିନ 'ଫଲାର' – ଏହି ଦିନ ଚଡ଼କ ପୂଜାର ପ୍ରସ୍ତୁତି ଦିବସ ରୂପେ ପରିଗଣିତ ହୁଏ । ସକାଳୁ ପାଟଭକ୍ତା ସହ ଅନ୍ୟ ଭକ୍ତାମାନେ ଶିବ ମନ୍ଦିରରେ ଉପସ୍ଥିତ ହୁଅନ୍ତି । ନାପିତ ସମସ୍ତଙ୍କର ନଖ, ଚୁଟି, ଦାଢ଼ି ସବୁ କାଟି, ପରିଷ୍କାର କରିଦିଏ । ପର୍ବରେ ବ୍ୟବହାର ଉପଯୋଗୀ ଲୁଗା ସବୁ ଧୋବା ସଫା କରେ କିମ୍ବା ଭକ୍ତାମାନେ ନିଜେ ସଫା କରିଥାନ୍ତି । ଏହି ଦିନ ସମସ୍ତେ ଏକା ସାଙ୍ଗରେ ଗାଧୋଇବାକୁ ଯାଆନ୍ତି ଓ ପୂର୍ବ ବର୍ଷ ପୋଖରୀରେ ପଡ଼ିଥିବା ଭକ୍ତା ଖମ୍ବକୁ ଉଠାଇଥାନ୍ତି । ପରେ ଏହାକୁ ମନ୍ଦିର ସାମନା ଭକ୍ତାଘୂରା ସ୍ଥାନକୁ ନେଇ ରଖନ୍ତି ।

ଦେ'ଘରିଆ (ପୁରୋହିତ -ପୂଜକ) ସମସ୍ତ ଭକ୍ତାମାନଙ୍କ ହାତରେ କିମ୍ବା ଗଳାରେ ସୂତା ପଇତା ବାନ୍ଧି ଦିଅନ୍ତି ଏବଂ ପ୍ରତ୍ୟେକଙ୍କୁ ଖଣ୍ଡିଏ ଖଣ୍ଡିଏ ବେତବାଡ଼ି ଧରାଇ ଦିଅନ୍ତି । ଏହି ସମୟରେ ଭକ୍ତାମାନେ 'ନିଜ ଗୋତ୍ର ପରିତ୍ୟଜ୍ୟ ଦେବ ଗୋତ୍ର ଗୃହାମି' ଏହି ମନ୍ତ୍ର କହିଥାନ୍ତି । ଏହିଠାରୁ ଭକ୍ତାମାନେ ଶିବଙ୍କର ଗୋତ୍ର ଅନ୍ତର୍ଭୁକ୍ତ ହେବା ବିଧି । ଏହି ଚାରିଦିନ ପର୍ବ ପାଳନ ବେଳେ ନିଜ ଘରର ଶୌଚାଶୌଚ ବିଧି ଭକ୍ତାଙ୍କୁ ଲାଗେ ନାହିଁ । ଶିବ ଗୋତ୍ର ଗ୍ରହଣ କଲାପରେ ମଣ୍ଡପକୁ ଆସି ବୁଟ ଏବଂ ଗୁଡ଼ ମିଶା ଛତୁ ଭିଜାଇ 'ବୁଢ଼ାବାବା' ଶିବଙ୍କୁ ଅର୍ପଣ କରି ଖାଇଥାନ୍ତି । ଏହି ଦିନ ନୂଆ ଆମ୍ବ ଶିବଙ୍କୁ ଭୋଗ ଦେଇ ଖିଆଯାଏ । ତା'ପୂର୍ବରୁ ବର୍ଷର ପ୍ରଥମ ଆମ୍ବ ଭକ୍ଷଣ ନିଷେଧ ।

ଜାଗରଣ ଦିନ ସକାଳରୁ 'ପାଟନୀ' (ପାଟଭକ୍ତା) ପାଟ (କାଠରେ ତିଆରି ଶିବ ବା ବୁଢ଼ାବାବାଙ୍କ ପ୍ରତୀକ) ନେଇ ଗ୍ରାମର ପ୍ରତ୍ୟେକ ଘରକୁ ବୁଲି ଯାଆନ୍ତି । ତାଙ୍କ ସହିତ ଅନ୍ୟ ଭକ୍ତା, ବ୍ରାହ୍ମଣ ପୂଜକ, ଢୋଲିଆ, ମହୁରିଆ, ନାପିତ ଓ କମାର ପ୍ରଭୃତି ଯାଇଥାନ୍ତି । ଡୋମ ବାଦ୍ୟକାର ଭାବେ ଆଗରେ ଢାକ କିମ୍ବା ଢୋଲ ବଜାଇଯାଏ । ପାଟ୍‌ନୀ ପାଟକୁ କାନ୍ଧେଇ ତା'ପରେ ଚାଲନ୍ତି । ଗ୍ରାମର ପ୍ରତ୍ୟେକ ଘର ତୁଳସୀ ଚଉରା ମୂଳେ ପାଟ ରଖା ହୁଏ । ଘରର ସବୁଲୋକେ ତୁଳସୀ ଚାରି ପାଖରେ ବସନ୍ତି । ପୁରୋହିତ ପାଟ ଉପରେ କ୍ଷୀର ଢାଳନ୍ତି । ଗୃହସ୍ଥ ପାଉଣା ଦିଅନ୍ତି । ଏହିପରି ଭାବରେ ପାଟ୍‌ନୀ ପାଟ ନେଇ ଗାଁଆ ସାରା ବୁଲନ୍ତି ।

ଶିବଙ୍କର ବ୍ରତ ସ୍ତ୍ରୀ ପୁରୁଷ ଉଭୟେ ପାଳନ କରନ୍ତି । ସ୍ତ୍ରୀ ଭକ୍ତାମାନେ ଏକବାର ପାଳନ କରିବା ସହ ବ୍ରତ ପାଳନ କରନ୍ତି । ବ୍ରତ ପାଳନ ସମୟରେ ଏମାନେ ଘରର ରନ୍ଧାରନ୍ଧି କାର୍ଯ୍ୟ

ଓ ଗାର୍ହସ୍ଥ୍ୟ ଧର୍ମ ପାଳନରୁ ବିରତ ଥାନ୍ତି । ଜାଗରଣ ଦିନ ସନ୍ଧ୍ୟା ପୂର୍ବରୁ ପୋଖରୀରେ ସ୍ନାନ ସାରି ଭିଜା ଲୁଗାରେ ଲଟନ୍ (ସମଗ୍ର ଶରୀର ଭୂମି ଉପରେ ଲୋଟାଇ ଦିଅନ୍ତି) ପାଦରୁ ଅଙ୍ଗୁଳି ପର୍ଯ୍ୟନ୍ତ ମାପି ଚିହ୍ନ ଦେଇ ପୁଣି ସେହି ଚିହ୍ନଠାରୁ ଭୂଇଁରେ ଶୋଇବା ଦେଇ ମହାଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ଆସନ୍ତି । ଅପାରଗ କେହି କେହି ଭିଜା ଲୁଗାରେ ଚାଲି ଚାଲି ମନ୍ଦିର ପର୍ଯ୍ୟନ୍ତ ମଧ ଆସନ୍ତି । ସ୍ତ୍ରୀ ଭକ୍ତାମାନଙ୍କୁ 'ପର୍ବତୀ' କୁହାଯାଏ ।

ସନ୍ଧ୍ୟାର ଅବ୍ୟବହିତ ପରେ ପୁରୁଷ ଭକ୍ତାମାନେ ସମସ୍ତେ ଏକ ସାଙ୍ଗରେ ପୋଖରୀ ଘାଟକୁ ସ୍ନାନ ନିମନ୍ତେ ଯାଆନ୍ତି । ସେମାନଙ୍କ ସହିତ ପୂଜକ, ବାଦ୍ୟକାର ଓ ନାପିତ ଥାନ୍ତି । ସେମାନଙ୍କ ସହିତ ଗ୍ରାମବାସୀ ପିଲାପିଲି, ବୁଢ଼ା ଓ ଯୁବକମାନେ ଲଣ୍ଠନ/ ପମ୍ପ ଲାଇଟ ନେଇ ଯାଇଥାଆନ୍ତି । ଯିବା ସମୟରେ ଭକ୍ତାମାନେ ବେତ ବାଡ଼ି ଧରି ଆନନ୍ଦ ମନରେ ଶିବଙ୍କର ଜୟ ଧ୍ୱନି କରନ୍ତି । ଦେ'ଘରିଆ ପ୍ରଥମେ ଘଟପୂଜା କରନ୍ତି । ପରେ ସେ ବେତ ଗରମ କରି ନୂଆ ଭକ୍ତା ମାନଙ୍କୁ ଚେଙ୍କା ଦିଅନ୍ତି । ପାଟକୁ ଗାଧୋଇ ଦେଇ ବିଭିନ୍ନ ଉପଚାର ସହ ପୂଜା କରନ୍ତି । ଘିଅର ଦୀପ ଜଳେ । ଢୋଲ ମହୁରୀ ବାଜେ । ଭକ୍ତାଗଣ ପାଟ ଚାରିପାଖରେ ମହାଦେବଙ୍କର ମହାତ୍ମ୍ୟ ଗାନ କରି ପ୍ରଦକ୍ଷିଣ କରନ୍ତି । ତା'ପରେ ପାଟନୀ ପାଟକୁ ଧରି ସମସ୍ତଙ୍କ ସହିତ ମନ୍ଦିରକୁ ଆସନ୍ତି । ମଝିରେ ମଝିରେ ରାସ୍ତାରେ ପାଟକୁ ରଖି ଧରିଥିବା ବେତକୁ ଉପରକୁ ଟେକି ଶିବଙ୍କର ଜୟଧ୍ୱନି ଦେଇ ଆନନ୍ଦରେ ନୃତ୍ୟ କରନ୍ତି । ତାଳେ ତାଳେ ବାଦ୍ୟ ବାଜେ । କେତେକ ସ୍ଥାନରେ ନାଚ ପରେ ଭକ୍ତାମାନେ ଚାଲି କରି, କେତେକ ସ୍ଥାନରେ ଲୋଟନ୍ ଦେଇ ଆସନ୍ତି । ଲୋଟନ ଦେବା ସମୟରେ ଅନ୍ୟମାନେ ଚିହ୍ନ ଦିଅନ୍ତି । କେତେକ ସ୍ଥାନରେ ଭକ୍ତାମାନେ ହାମୁଡ଼ି ପଡ଼ନ୍ତି । କିଛି ଭକ୍ତା ହାମୁଡ଼ି ପଡ଼ିଥିବା ଭକ୍ତାଙ୍କର ଦୁଇପାଖରେ ଥାଆନ୍ତି । ହାମୁଡ଼ି ପଡ଼ିଥିବା ଭକ୍ତାଙ୍କ ପିଠିରେ ପାଦ ରଖିବ ଦୁଇ ପାଖରେ ଥିବା ଭକ୍ତାଙ୍କ ହାତ ଧରି ପୁରୋହିତ ଆଗକୁ ଆସନ୍ତି । ପୁରୋହିତ ମନ୍ଦିର ପର୍ଯ୍ୟନ୍ତ ଏପରି ଭାବରେ ଆସିଥାନ୍ତି । ଏହାକୁ 'ଜାଙ୍ଗାଲ' କୁହାଯାଏ । ଏହି 'ଜାଙ୍ଗାଲ' ଅନେକ ସ୍ଥାନରେ ପର୍ବର ଶେଷ ଦିନରେ ପାଳିତ ହୋଇଥାଏ । ମନ୍ଦିରରେ ପହଞ୍ଚି ପୁରୋହିତ ଭକ୍ତାଙ୍କ ସହିତ କିଛି ସମୟ ପୂଜା କରିଥାନ୍ତି । ପୂଜା ସାରି ପୂଜାର ଜଳ (*ସମଜଳ) ଭକ୍ତାଙ୍କ ଉପରକୁ ଛିଞ୍ଚି ଦିଅନ୍ତି । ସେ ସମୟରେ ମନ୍ଦିର ଆଗରେ ଘୋଡ଼ା ନାଚ ଓ କାଁଠିଝାମ୍ପ ହୁଏ ।

ପୂଜା ଶେଷରେ ଭକ୍ତାମାନେ ଜାଗର ପାଇଁ ଘିଅର ଦୀପ ଜାଳିଥାନ୍ତି । କେହି କେହି ଫୁଲ ଘରା ଦିଅନ୍ତି । ଏସବୁ ଦେଲା ପରେ କେହି କେହି ଧରଣା (ଅଧିଆ) ପଡ଼ନ୍ତି । ଜାଗର ଦେବା ପରେ ଅନ୍ୟ ଭକ୍ତାମାନେ ମନ୍ଦିର ପ୍ରଦକ୍ଷିଣ କରନ୍ତି । ଏହା ୩/୫/୭ ଥର ଏପରି କ୍ରମରେ ହୁଏ । ଏହି ସମୟରେ ଶିବଙ୍କର ମହିମା ଗାନ କରିଥାନ୍ତି । ରାତ୍ରିର ଦ୍ୱିତୀୟ ପ୍ରହର

ବେଳକୁ ଫୁଲଖେଳ ଆରମ୍ଭ ହୁଏ । ଏହା ପ୍ରକୃତରେ ନିଆଁରେ ଝୁଣା ଦେଇ ପରସ୍ପର ପ୍ରତି ଛଡ଼ାଛଡ଼ି ଖେଳ ।

ଜାଗରଣ ରାତ୍ରିରେ ସମସ୍ତେ ଜାଗ୍ରତ ରହିବା ବିଧି । ସେହି ବିଶିଷ୍ଟ ଦିନରେ ମହାଦେବ ଜାଗ୍ରତ ରହନ୍ତି । ମହାଦେବଙ୍କର ଅନୁଗ୍ରହ ଲାଭ କରିବା ନିମନ୍ତେ ଭକ୍ତାମାନେ ଏପରି ସାରା ରାତି କଟାଇ ଥାଆନ୍ତି । ଜାଗରଣର ସୁବିଧା ନିମନ୍ତେ ନାଟୁଆ ନାଚର ଅନୁଷ୍ଠାନ ହୁଏ । ଏହାପରେ ଛଉ ନାଚ ଅନୁଷ୍ଠିତ ହୁଏ । କେଉଁଠି କେଉଁଠି ଜାଗରଣ ରାତ୍ରିରେ ପାଲା, ଯାତ୍ରା ପ୍ରଭୃତି ଅନୁଷ୍ଠିତ ହୁଏ ।

ଗ୍ରାମର ତେଲିପୁର ସାରାରାତି ମଶାଲ ଜାଳିବାର ଦାୟିତ୍ୱ । ସାରା ରାତି ଡୋମ ଏବଂ ବାଆଁଶୁରିଆ ମାନେ ବାଦ୍ୟ ବଜାଇଥାନ୍ତି । ବେଳ ବାହାରିବା ପର୍ଯ୍ୟନ୍ତ ନାଟ ଚାଲେ । ଦର୍ଶକମାନେ ସାରାରାତି ନାଟ ଦେଖି ସୂର୍ଯ୍ୟୋଦୟ ପରେ ପିଲା ଛୁଆ, ପଟିଆ ଓ ଖଟିଆ ଧରି ଘରକୁ ଫେରିବା ଦୃଶ୍ୟ ଅତ୍ୟନ୍ତ ମନୋରମ ।

ଜାଗରଣର ପରଦିନ ଅର୍ଥାତ୍ ପର୍ବର ତୃତୀୟ ଦିନ ଭକ୍ତାଘୁରା । ସେହି ଦିନ ସକାଳେ ଚଡ଼କ ଖମ୍ବ ପୋତା ହୁଏ । ଏହା ଶିବ ଗାଜନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଆକର୍ଷଣୀୟ ଅନୁଷ୍ଠାନ । ଚଡ଼କ ଖମ୍ବ ପୋତି ସାରିଲା ପରେ ତା'ଉପର ଚକି ଓ ଦାଣ୍ଡ ଠିକ ଅଛି କି ନାହିଁ ଅଭିଜ୍ଞ ଲୋକେ ପରୀକ୍ଷା କରି ଦେଖନ୍ତି । ଚଡ଼କ ଗଛଟି ୧୫/୧୬ ହାତ ଲମ୍ବ ଓ ତା'ଉପରେ ଡାଙ୍ଗଟି ମଧ ଦଶ/ବାର ହାତ ଲମ୍ବ । ଭକ୍ତା ଡାଙ୍ଗ ଉପରେ ଝୁଲ ମାଞ୍ଚା, ଚରଖି, ଫାବଡ଼ି, ବରହି ଇତ୍ୟାଦି ପ୍ରୟୋଜନୀୟ ସଂଯୁକ୍ତ ସବୁର ପରଖ କରାଯାଏ ।

ପୋଖରୀ ଘାଟରେ ଦୁଇ ପ୍ରହର ପରେ ଫୋଡ଼ାର ବାଜଣା ବାଜେ । ପୁରୋହିତ ଫୋଡ଼ାର କଣ୍ଟା ସହ ଘାଟ ପୂଜା କରିଥାନ୍ତି । ରାଜଭକ୍ତା ବା ପାଟ ଭକ୍ତାଙ୍କୁ ପୁରୋହିତ ପ୍ରଥମେ ଫୋଡ଼ାନ୍ତି । ପରେ ଅନ୍ୟମାନେ ଫୋଡ଼ାନ୍ତି । କମାର ଭକ୍ତା ଭକ୍ତା କଣ୍ଟା ମୁହଁରେ କାଲ ବୁଜି (ମୁହଁରେ ଧାରୁଆ ଫଳ) ଲୁହାର କଣ୍ଟା ନେଇ ଇଚ୍ଛାନୁସାରେ ଲୋକଙ୍କୁ ଫୋଡ଼ାଏ । ଏଥିରେ ବାଧ ବାଧକତା ନାହିଁ । ଫୋଡ଼ିବା ପାଇଁ ମାନସିକ ଓ ଦୈହିକ ଶକ୍ତିର ପ୍ରୟୋଜନ ।

ଫୋଡ଼ାର ପ୍ରକାର,ଭେଦ: ଫୋଡ଼ା ବିଭିନ୍ନ ପ୍ରକାର ଅଛି । କେହି ଜିଭ ଫୋଡ଼େ । କେହି କମର, କେହି ପିଠିରେ ଫୋଡ଼ି ନିଜର ଶକ୍ତି, ଧୈର୍ଯ୍ୟ ଓ ସାହସର ପରିଚୟ ଦିଅନ୍ତି । ପିଠି ଏବଂ ବାହୁରେ ଫୋଡ଼ିଥିବା ଫୋଡ଼ା କଣ୍ଟାକୁ ଦଉଡ଼ି ବାନ୍ଧି ଡଙ୍ଗ 'ମଇ' ବାନ୍ଧି ଏକାଧିକ ଲୋକେ ଟାଣନ୍ତି । ଦୁଇ ଦୁଇ ଜଣ ପରସ୍ପର ବାହୁକୁ ଫୋଡ଼ି ପରସ୍ପରକୁ ଦୁଇ ଦିଗକୁ ଟାଣି ଶକ୍ତି ପରୀକ୍ଷା କରନ୍ତି । ଜିଭରେ ଯେ ଫୋଡ଼ିଥାଏ ତା ପଛରେ ସର୍ବଦା ଜଣେ ଲୋକ ଘିଅ ଧରି ମଝିରେମଝିରେ ତା

ଜିଭରେ ଘିଅ ଢାଳୁଥାଏ । ଫୋଡ଼ାଳିମାନେ ସମସ୍ତେ ଭୂଇଁରେ ଗଡ଼ି ଧୂଳିମଳି ଏପରିକି ବିବସନ ହୋଇଥାନ୍ତି । ସମ୍ଭବତଃ ସମସ୍ତେ ମଦ ପିଇଥାନ୍ତି । ପିଠିରୁ, ବାହୁରୁ, ଜିଭର ରକ୍ତ ଝରଝର କରି ଝରି ପଡୁଥାଏ । ମୁହଁରେ ହସ। ଫୋଡ଼ାଳି ମାନଙ୍କ ଆଗରେ ଢାକ, ଢୋଲ, ମହୁରୀ, ଚଡ଼ଚଡ଼ି, ଝାଞ୍ଜ, ଘଣ୍ଟା, ଝୁମୁକା ପ୍ରଭୃତି ବାଦ୍ୟ ବାଜୁଥାଏ । ସାହିର ରାସ୍ତାରେ ଶହଶହ ପିଲାଛୁଆ, ସ୍ତ୍ରୀ, ବୁଢ଼ାବୁଢ଼ୀ ଏହା ଦର୍ଶନ କରିବା ନିମନ୍ତେ ଛିଡ଼ା ହୋଇଥାନ୍ତି । ଏହିପରି ଭାବରେ ପୋଖରୀ ଘାଟକୁ ଶିବ ମନ୍ଦିର ଆଗରେ ଥିବା ଉଚ୍ଚ ପଡ଼ିଆ ପର୍ଯ୍ୟନ୍ତ ଶୋଭାଯାତ୍ରା ଚାଲିଥାଏ । ମହାଦେବଙ୍କ ଆଗରେ ପହଞ୍ଚିଲା ପରେ ଫୋଡ଼ାପାଟ ବନ୍ଦ ହୁଏ । ମହାଦେବଙ୍କୁ ଦର୍ଶନ କରି ପାଣି ପ୍ରଭୃତି ପିଇ ଉଡ଼ିବା ନିମନ୍ତେ ଭକ୍ତାମାନେ ପ୍ରସ୍ତୁତ ହୁଅନ୍ତି ।

'ଚଉମଞ୍ଚ' ଉପରକୁ ଉଠି ଉଡ଼ା ପାଇଁ ପ୍ରସ୍ତୁତ ଭକ୍ତା କମର, ପେଟ, ଛାତି ସହିତ ଭକ୍ତା ଟା ଜଙ୍ଘରେ ନିଜକୁ ବାନ୍ଧେ । ତଳେ ଥିବା ଭକ୍ତାମାନେ ତଳକୁ ଝୁଲିଥିବା ଦଉଡ଼ିଟିକୁ ଧରି ଟାଣି ଘୂରାନ୍ତି । ସେତେବେଳେ ବାଦ୍ୟ ସବୁ ବାଜେ । ତା ପରେ ଭକ୍ତା ଉଡ଼ିବା ସହିତ ଚକ୍ରାକାରରେ ଘୁରେ । ତାର ପାଦରେ ଥିବା ଘୁଙ୍ଗୁର ବାଜେ । ବେକରେ ଥିବା ଫୁଲର ମାଳରୁ ଫୁଲ ଖସି ଲୋକଙ୍କ ଉପରେ ପଡ଼େ । ସେହି ଫୁଲକୁ ଭକ୍ତି ସହକାରେ ଗୋଟାଇବା ପାଇଁ ପ୍ରତିଯୋଗିତା ହୁଏ । ଉଡ଼ିବା ସମୟରେ ଭକ୍ତା ଶିବଙ୍କର ଜୟଧ୍ୱନି କରନ୍ତି । ଏହିପରି ଭାବରେ ଦୁଇ ପ୍ରହର ଡଙ୍ଗ କିଛି ସମୟ ପରେ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଉତ୍ସବଟି ଚାଲେ ।

ପର୍ବ ସ୍ଥାନରେ କେଉଁଠି କେଉଁଠି ପାତ୍ରାନାଚ କାଁପଝାଁପ ହୁଏ । ପର୍ବ ସ୍ଥାନରେ ବିଭିନ୍ନ ବାଦ୍ୟ ସର୍ବଦା ବାଜୁଥାଏ । ପ୍ରଚଣ୍ଡ ରୌଦ୍ର ତାପରେ ମଧ୍ୟ ଅତ୍ୟନ୍ତ ଉତ୍ସାହ ସହକାରେ ଭକ୍ତାମାନେ ଗାଇଥାନ୍ତି,

"ସାଜ ବାଜ କରେ ଭକ୍ତା ଘାଟେ ଦାଣ୍ଡାଳି
ଜାନାବିରେ ଭକ୍ତା ଯଖନ ଫୋଡ଼ାବି" କିମ୍ବା –
"ତେଲ ମାଖା ମାଖି ହଳୁଦ ମାଖାମାଖି
ଚୈତ ପରବ ଫୁରାଯେ ଗେଲ ହେ ଗଙ୍ଗା ଜଲେ ଏଇ ଦେଖା ଦେଖି ।"

ବାଦ୍ୟର ତାଳେ ତାଳେ ଭକ୍ତାମାନେ ଆନନ୍ଦରେ ନାଚିଥାନ୍ତି । ଦର୍ଶକମାନେ ବିଭିନ୍ନ ଶବ୍ଦ କରି ଉତ୍ସାହ ପ୍ରଦାନ କରିଥାଆନ୍ତି ।

କେହି କେହି ଧର୍ମ ଅର୍ଜନ ନିମନ୍ତେ ପ୍ରଚଣ୍ଡ ରୌଦ୍ରରେ କ୍ଳାନ୍ତ ଭକ୍ତା ମାନଙ୍କୁ ଗୁଡ଼, ଭିଜା ବୁଟ, ମିଠେଇ ଆଦି ବିତରଣ କରିଥାନ୍ତି ।

ଫୋଡ଼ିବା, ଉଡ଼ିବା ଓ କାଁପଝାଁପ ଦ୍ୱାରା ଶିବଙ୍କର ପ୍ରୀତି ଉତ୍ପାଦନ କରିବା ନିମନ୍ତେ ଲୋକେ ଉତ୍ସାହିତ ହୁଅନ୍ତି । ଭକ୍ତାଘୂରା ନଦେଲେ ଗ୍ରାମର ବୁଢ଼ାବାବା ଅତ୍ୟନ୍ତ କ୍ରୁଦ୍ଧ ହୋଇ ଉଠନ୍ତି । ଫଳରେ ମହାମାରି ଅନାବୃଷ୍ଟି ଆଦି ଘଟେ ।

ପର୍ବ ସମୟରେ ବରକନ୍ୟା ନିଜ ପାଇଁ 'ମନେର ମତ' ସାଥୀ ବାଛି ନିଅନ୍ତି । କାହାର ଯାଉ ନଥିବା ବୋହୁକୁ ଜୋର ଜବରଦସ୍ତି ମେଳା ସ୍ଥାନରୁ ନେଇ ଯିବାର ଘଟଣା ଘଟେ । ଏହା ଦେଖିବା ନିମନ୍ତେ ଆଖ ପାଖ ଗାଁଆରୁ ଆସିଥିବା ଅଗଣିତ ଲୋକ ପର୍ବ ସମୟରେ ଆନନ୍ଦ ଉପଭୋଗ କରିବା, ବନ୍ଧୁ ସଙ୍ଗୋଳିବା, ପାତ୍ରପାତ୍ରୀ ନିର୍ବାଚନ କରିବା, ଘରକରଣା ଜିନିଷ କିଣିବା ପ୍ରଭୃତି ବିଭିନ୍ନ ଉଦ୍ଦେଶ୍ୟ ସାଙ୍ଗକୁ ବୁଢ଼ାବାବାଙ୍କର ଦର୍ଶନ କରି ଧର୍ମ ଅର୍ଜନ କରିଥାନ୍ତି । ଗ୍ରାମର ପ୍ରତ୍ୟେକଙ୍କ ଘରେ 'କୁଟୁମ' ଆସିଥାନ୍ତି । ଗ୍ରାମର ବିବାହିତ ଝିଅ ମାନଙ୍କର ବାପ ଘରକୁ ଆସିବାର ଏହା ହିଁ ପ୍ରକୃଷ୍ଟ ସମୟ ।

ସନ୍ଧ୍ୟା ସମୟରେ ମହାଦେବଙ୍କ ଆସ୍ଥାନରେ ବଳି ପଡ଼େ । ବଳିର ସଂଖ୍ୟା ଶହେ ପର୍ଯ୍ୟନ୍ତ ହୋଇଥାଏ । ବଳି ପରେ ଶିବଙ୍କ ଆସ୍ଥାନରେ ବଳିର ରକ୍ତ ଶାଳପତ୍ର ଠୁଙ୍ଗାରେ ଧରି ଭୋଗ ଅର୍ପିତ ହୁଏ ।

ମଧ୍ୟ ରାତ୍ରରେ ମହାଦେବଙ୍କ କୁଣ୍ଡ ପୂରଣ କରିବା ନିମନ୍ତେ ବ୍ରାହ୍ମଣ ପୂଜକ ପୋଖରୀରୁ ପାଣି ଆଣନ୍ତି । ପାଣି ଆଣିବା କାର୍ଯ୍ୟ ଗୋପନରେ ହୁଏ । ପୂଜକ ସହିତ ପାଟ ଭକ୍ତା ଓ ଜଣେ ତେଲିଆ ଯାଆନ୍ତି । ଏହି ଦିନ ଭକ୍ତାଙ୍କ ବେକର ପଇତା ହାତକୁ ଆସେ ।

ପରଦିନ 'ତେଲ ହଳଦୀ' ହୁଏ । ଏହା ଚୈତ୍ର ପର୍ବର ଶେଷ ଦିବସ । ସକାଳେ ବ୍ରାହ୍ମଣ ମନ୍ଦିରକୁ ଆସି ପୂଜା କରନ୍ତି । ସ୍ତ୍ରୀଲୋକେ ପୂଜାର୍ଚ୍ଚନା ପାଇଁ ଆସନ୍ତି । ସବୁ ପୂଜା ଶେଷରେ ବେଳ ଦଶ / ଏଗାରଟା ସମୟକୁ ସବୁ ଭକ୍ତା ମନ୍ଦିର ସାମନାରେ ଗୁଣ୍ଡ ହୁଅନ୍ତି । ପୂଜକ ଭକ୍ତା ମାନଙ୍କ ହାତରୁ ପଇତା କାଢ଼ି ବେତ ବାଡ଼ିରେ ବାନ୍ଧି ଦିଅନ୍ତି । ଭକ୍ତାଙ୍କ ଘରୁ ଆଣିଥିବା ସବୁ ତେଲ ହଳଦୀ ଗୋଟିଏ ପାତ୍ରରେ ଏକତ୍ରିତ କରନ୍ତି । ଗାଁର ମୁରବୀ ତଥା ଚଡ଼କ ପର୍ବର କର୍ଣ୍ଣଧାର ସବୁ ତେଲ ହଳଦୀକୁ ତେଲ ତେର ପାଟକ ମଧ୍ୟରେ ସମାନ ଭାବରେ ବାଣ୍ଟିବା ବିଧି । ବାରିକ ଆସି ଭକ୍ତାର ନଖ କାଟେ, ବାଳ କାଟେ, ଖିଅର କରେ ।  ଏସବୁ ପରେ ସମସ୍ତେ ପୋଖରୀ ଘାଟକୁ ଗାଧୋଇ ଯାଆନ୍ତି । ସେଠାରେ ସମସ୍ତେ ପରସ୍ପରକୁ ତେଲ ଓ ହଳଦୀ ମିଶାଇ ଦିଅନ୍ତି । ବ୍ରାହ୍ମଣଙ୍କୁ ସମସ୍ତେ ମିଶାଇଥାନ୍ତି । ଗାଧୋଇସାରି ଫେରିବା ସମୟରେ ଭକ୍ତା ମାନଙ୍କର କାନ୍ଧ ଉପରେ ପାଦ ରଖି ବ୍ରାହ୍ମଣ ମନ୍ଦିର ପର୍ଯ୍ୟନ୍ତ ଆସନ୍ତି । ମନ୍ଦିରରେ ପହଞ୍ଚି ଭକ୍ତାମାନେ ମହାଦେବଙ୍କୁ ଶେଷ ପୂଜାଅର୍ଘ୍ୟ ଅର୍ପଣ କରନ୍ତି । ସେହି ଦିନ ସକାଳେ ଚଡ଼କ ଡାଙ୍ଗ ଉପାଡ଼ି ପୋଖରୀ ମଧ୍ୟରେ ପୁଣି ବର୍ଷେ ପର୍ଯ୍ୟନ୍ତ ପକାଇ ଦିଆଯାଏ ।

ଏସବୁ ପୂଜା ପରେ ପ୍ରଥମ ଦିନ ଉଠିଥିବା ଘଟ ମହାଦେବ ମନ୍ଦିର ସାମନାରେ ପୋତି ଦିଆଯାଏ । ପୂର୍ବ ବର୍ଷର ଘଟଟି ଉଠାଇ ଆଣି ତହିଁର ଜଳକୁ ନିରୀକ୍ଷଣ କରାଯାଏ । ଜଳର ପରିମାଣକୁ ଲକ୍ଷ୍ୟ କରି ଆସନ୍ତା ଧାନ ଫସଲ ନିମନ୍ତେ ବୃଷ୍ଟିର ଅନୁପାତ ସଂପର୍କରେ କଳନା କରାଯାଏ । ପୂର୍ବ ସ୍ଥାନରେ ଏ ବର୍ଷର ଘଟଟି ପୋତା ହୁଏ । ସେହିଦିନ ପାଟରେ ଗୋଟିଏ ଲୁହାର କଣ୍ଟା ମାରି ଦିଆଯାଏ । ସେଥିରେ ଭକ୍ତାମାନଙ୍କ ହାତରୁ ପଇତା ବା ସୂତୁଲୀ ଖୋଲି ତହିଁରେ ରଖିବାର ବିଧି । ସେହି ସମୟରେ ପୂଜକ 'ଦେବଗୋତ୍ର ପରିତ୍ୟଜ୍ୟ ନିଜ ଗୋତ୍ର ଗୃହାମି' ମନ୍ତ୍ର ଉଚ୍ଚାରଣ କରିଥାନ୍ତି ।

ଚଡ଼କ ଡାଙ୍ଗ: ଚଡ଼କ ଡାଙ୍ଗ ଓ ଉଡ଼ା ଖୁଣ୍ଟ ଦୁଇଟି ପାକଳ ମଞ୍ଜୁଆ ସିଧା ଏବଂ ଲମ୍ବା ଶାଳ ଖମ୍ବ । ଏଥିପାଇଁ ଗ୍ରାମର ଲୋକେ ବିଭିନ୍ନ ସ୍ଥାନରେ ଅନୁସନ୍ଧାନ କରି ଉପଯୁକ୍ତ ଗଛକୁ କାଟି କାନ୍ଧେଇ କିମ୍ବା ଶଗଡ଼ରେ ବାଦ୍ୟ ବଜାଇ ଆଣନ୍ତି । ଗୋଟିଏ ଗୋଟିଏ ଗଛ ୩୦/୪୦ ବର୍ଷ ପର୍ଯ୍ୟନ୍ତ କାମ ତୁଲାଏ । ପ୍ରତି ବର୍ଷ ଉପର ମୁଣ୍ଡରୁ କିଛି କିଛି ଅଂଶ କାଟି ଦେଉଥିବାରୁ ତାହା ଛୋଟ ହୋଇଯାଏ ।

ଉଡ଼ାପର୍ବର ପ୍ରକାର ଭେଦ: ତିନି ପ୍ରକାର ଉଡ଼ା ପର୍ବ ଥିବା ଶୁଣାଯାଏ । ପ୍ରଥମତଃ ଭୂଇଁ ଉପରେ, ଦ୍ୱିତୀୟରେ ବଡ଼ ପୋଖରୀ ମଧ୍ୟରେ ନୌକା ଉପରେ, ତୃତୀୟରେ ଚଳନ୍ତା ଶଗଡ଼ ଉପରେ । ବର୍ତ୍ତମାନ କେବଳ ଉପରୋକ୍ତ ପ୍ରଥମ ଧରଣର ଉଡ଼ାପର୍ବ ପାଳିତ ହେଉଥିବା ଦେଖାଯାଏ । ତେବେ, ଏହା ମଧ୍ୟ ଅନେକ ସ୍ଥାନରେ କ୍ରମଶଃ ବନ୍ଦ ହେବାରେ ଲାଗିଛି ।

ଦଣ୍ଡୀ: ସୂର୍ଯ୍ୟୋଦୟ କାଳରୁ ମହିଳା ଭକ୍ତାମାନେ 'ଦଣ୍ଡୀ' ଭାବରେ ବ୍ରତ ଆରମ୍ଭ କରିଥାନ୍ତି । ସେମାନଙ୍କ ପର୍ବ ପାଳନ ବିଧିକୁ 'ଦଣ୍ଡ' କୁହାଯାଉ ଥିବାରୁ ସେମାନଙ୍କୁ 'ଦଣ୍ଡୀ' କୁହାଯାଏ । ପୋଖରୀରୁ ଗାଧୋଇ ଆସିବା ସମୟରେ ରାସ୍ତାରେ ଭିଜା ଲୁଗା ପିନ୍ଧି ଭୂମି ଉପରେ ସମଗ୍ର ଶରୀର ଲୋଟାଇ ଦିଅନ୍ତି । ହାତ ଲମ୍ବାର ଅଙ୍ଗୁଳିର ଅଗ୍ରଭାଗରେ ଭୂଇଁରେ ଚିହ୍ନ ଦିଅନ୍ତି । ଏହିପରି ଭାବରେ ପଡ଼ି ଉଠି ମନ୍ଦିର ପର୍ଯ୍ୟନ୍ତ ଆସିଥାନ୍ତି । ସକାଳେ କିମ୍ବା ସନ୍ଧ୍ୟାରେ ଏପରି ବ୍ରତ ଆଚରଣ କରିବା ବିଧି ।

ଏହିପରି ଏକ କଠୋର ବ୍ରତ ସାଧନା ସଂପର୍କରେ କେତେକ ସାହିତ୍ୟ ରଚନାରେ ବର୍ଣ୍ଣନା ଥିବାର ଦେଖାଯାଏ । କବି କର୍ଣ୍ଣ ମୁକୁନ୍ଦ ରାମ ଲେଖିଛନ୍ତି –

"ଚୈତ୍ର ମାସେ ଶିବ ପୂଜେ ନାନା ଉପଚ୍ଚରେ
ତାଳ ଢୋଲ ବାଦ୍ୟ ବାଜେ ଶିବେର ମନ୍ଦିରେ ।
ଜିହ୍ୱା ଫୋଡ଼େ ଜିହ୍ୱା କାଟେ କରୟେ ଚଡ଼କ
ଅଭିମତ ସର୍ଗେ ଯାୟ ନ ପାୟ ନରକ
ତ୍ରେତାଯୁଗେ ସନ୍ୟାସ କରିଲ ଦଶାନନ
ସେଇ ମତ ଅବନୀରେ କରେ ସର୍ବ ଜନ ।"

କେତେକ ସଂସ୍କୃତ ଓ ଆଞ୍ଚଳିକ ଭାଷାରେ ରଚିତ ଗ୍ରନ୍ଥ ଗୁଡ଼ିକରେ ଏହି ପର୍ବ ସଂପର୍କରେ ବିଷଦ ବର୍ଣ୍ଣନ ପରିଲକ୍ଷିତ ହୁଏ ।

ପୁରୁଲିଆ-ମାନଭୂମ ଅଞ୍ଚଳରେ ଏପରି ଭାବରେ ଏହି ପର୍ବ ପାଳିତ ହୁଏ । ସନ୍ଧ୍ୟା ପରେ ଗ୍ରାମର ଲୋକେ ସେମାନଙ୍କର ଗୃହକର୍ମ ସହିତ ମନ୍ଦିରରେ ପୂଜା କାର୍ଯ୍ୟ ଶେଷ କରିବାରେ ବ୍ୟସ୍ତ ରହନ୍ତି । ସ୍ତ୍ରୀଲୋକେ ଘରେ ରନ୍ଧାରନ୍ଧି ଓ ବନ୍ଧୁ ସଂଖୋଳିବାରେ ବ୍ୟସ୍ତ ରହନ୍ତି ।

ଏହି ସମୟ ମଧ୍ୟରେ ଛଉନାଚର ଅନୁଷ୍ଠାନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୁଏ । ନିଜ ଗାଁ ଓ ଅନ୍ୟ ଗାଁର ଛଉ ନାଚର ଲୋକେ ନାଚ ନିମନ୍ତେ ପ୍ରାଥମିକ କାର୍ଯ୍ୟ ସମାପ୍ତ କରନ୍ତି । ବାଦ୍ୟକାରମାନେ ବାଦ୍ୟ ବଜାଇ ଦର୍ଶକ ମାନଙ୍କୁ ଆକୃଷ୍ଟ କରିବାରେ ବ୍ୟସ୍ତ ରହନ୍ତି ।

ଶିହଳୀ ଓ ଜାମବାଦ ଗ୍ରାମ: ଚୈତ୍ର ପର୍ବର ଅନୁଧ୍ୟାନ ନିମନ୍ତେ ଲେଖକ ପୁରୁଲିଆ ଜିଲ୍ଲାର ଶିହଳୀ ଓ ଜାମବାଦ ଗ୍ରାମ ଦୁଇଟିକୁ ବାଛିଥିଲେ । ମୁଖ୍ୟ ତଥ୍ୟ ଭାବେ ଶିହଳୀର ଶ୍ରୀ ଅଶ୍ୱିନୀ କୁମାର ମହାତୋ ଓ ଜାମବାଦର ଶ୍ରୀ ସୃଷ୍ଟିଧର ମହାତୋ ତାଙ୍କ କାର୍ଯ୍ୟରେ ସହଯୋଗ କରିଥିଲେ । ଶ୍ରୀ ଅଶ୍ୱିନୀ କୁମାର ଜଣେ ମାଟ୍ରିକୁଲେଟ୍ । ସେ ପୁରୁଲିଆ ବେକାର ଯୁବ ସମିତିର ସମ୍ପାଦକ । ସେ ନିଜ ଗାଁର ଛଉ ଦଳରେ ନାଚନ୍ତି । ଶ୍ରୀ ସୃଷ୍ଟିଧର ମହାତୋ, ବି.ଏ. ଜଣେ ଶିକ୍ଷିତ ଯୁବକ । ପୁରୁଲିଆର ସେଟଲମେଣ୍ଟ ଅଫିସରେ କିରାଣୀ । ସେ ଜଣେ ପ୍ରବନ୍ଧ ଲେଖକ ଭାବରେ ପ୍ରତିଷ୍ଠିତ ।

ଶିହଳୀର ସହଯୋଗୀ ଶ୍ରୀ ମହାତୋ ତାଙ୍କ ଗ୍ରାମରେ ଚାରିଦିନରେ ଚୈତ୍ର ପର୍ବ ସଂପର୍କରେ ସୂଚନା ଦେଇଥିଲେ । କିନ୍ତୁ ପ୍ରକୃତରେ ତୃତୀୟ ଦିନର ଭକ୍ତାଘୂରା ପର୍ବଟି ତାଙ୍କ ଗ୍ରାମରେ କିଛି ବର୍ଷ ପୂର୍ବରୁ ବନ୍ଦ ହୋଇଥିଲା । ତେଣୁ ଭକ୍ତାଘୂରା ପର୍ବ ଅନୁଧ୍ୟାନ ନିମନ୍ତେ ଲେଖକଙ୍କୁ ଜାମବାଦ ଗ୍ରାମ ଯିବାକୁ ପଡ଼ିଥିଲା ।

ପୁରୁଲିଆ ଥାନା ଅନ୍ତର୍ଗତ ଶିହଳୀ ଗ୍ରାମ ପୁରୁଲିଆ ସହରଠାରୁ ୭ କି.ମି. ଦୂର । ଗ୍ରାମକୁ ନାଲିଗୋଡ଼ିର ରାସ୍ତାଟିଏ ଅଛି । ଗ୍ରାମରେ ଚାରିଟି 'କୁଲି'(ବସ୍ତି) ଅଛି । ଏ ଗ୍ରାମରେ ମହାତୋ, କୁମ୍ଭାର, ଘାସି, ଡମ, ଧୋବା, ଗୋରାଇଁ (ତେଲୀ) ଓ ଗୋସାଇଁ ଜାତିର ଲୋକେ ବାସ କରନ୍ତି । ଏଠାରେ କିଛି ମୁସଲମାନ ଲୋକ ଅଛନ୍ତି । ଗାଁରେ ମାହାତୋଙ୍କ ସଂଖ୍ୟା ଅଧିକ । ଗାଁର ମୁଖିଆ

ମାହାତୋ, କୁଡୁମୀ । ସେ ଚୈତ୍ର ପର୍ବ ନିମନ୍ତେ ସବୁ ବୁଝାବୁଝି କରିଥାନ୍ତି । ଚୈତ୍ର ପର୍ବ ଉପଲକ୍ଷେ ଗ୍ରାମବାସୀଙ୍କର ସହଯୋଗିତା ଲକ୍ଷଣୀୟ ।

ପୁଞ୍ଚ ଥାନା ଅନ୍ତର୍ଗତ ଜାମବାଦ ଗ୍ରାମ ପୁରୁଲିଆ ଠାରୁ ପ୍ରାୟ ୪୦ କି.ମି. ଦୂର ଉତ୍ତର-ପୂର୍ବ ଦିଗରେ ଅବସ୍ଥିତ । ଏହା ଏକ ବଡ଼ ଗ୍ରାମ । ଏଠାରେ କୁଡୁମୀ, ଧୋବା, ଯୋଗୀ, କୁମ୍ଭାର, ଡମ, ଘାସୀ, କାଳିନ୍ଦୀ, ଜେଲେ, ମାଝୀ, ସହିସ (ହାଡ଼ି), କମାର, ବ୍ରାହ୍ମଣ, ଗରାଞ୍ଝ, ନାପିତ, ବୈଷ୍ଣବ ପ୍ରଭୃତି ଜାତିର ଲୋକଙ୍କ ସହିତ ଭୂମିଜ ଗୋଷ୍ଠୀର ଲୋକେ ବାସ କରନ୍ତି । କିନ୍ତୁ ମୁସଲମାନ ମଧ୍ୟ ଏ ଗାଁର ଅଧିବାସୀ । ଏହି ଗାଁର ଚୈତ୍ର ପର୍ବ ଋରିଦିନ ହୁଏ । ଭକ୍ତାଘୂରା ପର୍ବ ନିମନ୍ତେ ଏହି ଗ୍ରାମକୁ ଯିବାକୁ ପଡ଼ିଥିଲା ।

ଭକ୍ତାଘୂରା ପର୍ବ ଚୈତ୍ର ପର୍ବର ଏକ ଆକର୍ଷଣୀୟ ପର୍ବ ବିଭାଗ ହେଲେ ହେଁ ଅନେକ ସ୍ଥାନରେ ଏହା ବନ୍ଦ ହେବାରେ ଲାଗଛି । ଏହି ପର୍ବରେ ଭକ୍ତାମାନେ ଶରୀର ଫୋଡ଼ିବା ହେତୁ ବହୁ ରକ୍ତ କ୍ଷୟ ଘଟେ । ଚଡ଼କ ଡାଙ୍ଗ ଉପରେ ଘୂରିବା ସମୟରେ ଭକ୍ତା ତଳେ ପଡ଼ିଯିବାରୁ ଏଥି ପ୍ରତି ଭୟ ବଢ଼ିଲା ଓ ଏହାର ବନ୍ଦ ନିମନ୍ତେ ସରକାରୀ ନିର୍ଦ୍ଦେଶ ଜାରି ହେଲା । ଜଙ୍ଗଲ କ୍ଷୟ ହେତୁ ଚଡ଼କ ଖମ୍ବ ଓ ଡାଙ୍ଗର ଅଭାବ ହେଲା । ଆଧୁନିକ ଶିକ୍ଷିତ ଯୁବକ ମାନେ ଏପରି କ୍ଳେଶକର ଅନୁଷ୍ଠାନରେ ବୀତସ୍ପୃହ ହେଉଥିବାରୁ ଏହି ଅନୁଷ୍ଠାନଟିର ଅବକ୍ଷୟ ଘଟୁଥିବାର ପରିଲକ୍ଷିତ ହୁଏ ।

ଏହି ଚୈତ୍ର ପର୍ବରେ ପାଟଭକ୍ତାଙ୍କୁ ମିଶାଇ ତେର ଜଣ ଭକ୍ତା ଅଂଶ ଗ୍ରହଣ କରନ୍ତି । ତେର ଭକ୍ତା ସମାଜର ବାର ଜାତିର ପ୍ରତିନିଧିତ୍ୱ କରନ୍ତି । ପର୍ବଟିର ସୁସଂପନ୍ନ ନିମନ୍ତେ ବିଭିନ୍ନ 'କାମ ଘରିଆ' ଭାବରେ ଭକ୍ତାମାନେ ଯେ ଯାହାର ଦାୟିତ୍ୱ ସଂପାଦନ କରନ୍ତି । ଏସବୁ ଦାୟିତ୍ୱ ପୁରୁଷାନୁକ୍ରମିକ ହୋଇଥାଏ । କୌଣସି ଭକ୍ତାର ଅସୁବିଧା କିମ୍ବା ଅପାରଗ ପକ୍ଷେ ସେ ନିଜ ଜାତି କିମ୍ବା ଅନ୍ୟ ଜାତିର କାହାକୁ ଏଥିପାଇଁ ନିଯୁକ୍ତ କରିପାରନ୍ତି ।

**ଛ ନାଚ:** ଚୈତ୍ର ପର୍ବର ପ୍ରତ୍ୟେକ ରାତ୍ରିରେ ସାଧାରଣତଃ ଛ/ଛୋ ନାଚ ଅନୁଷ୍ଠିତ ହୁଏ । ଅର୍ଥାଭାବରୁ ଜାଗରଣ, ଭକ୍ତାଘୂରା ଓ 'ତେଲ ହଳଦୀ' ଏହି ତିନି ରାତିରେ ନାଚ ହେଉଥିବାର ଦେଖାଯାଏ । ସାଧାରଣତଃ ଗୋଟିଏ ଆସରରେ ଦୁଇ ଗୋଟି ଦଳ ନାଚ ଦେଖାନ୍ତି । ଏହି ନାଚ ଦଳ ନିଜ ଗ୍ରାମର କିମ୍ବା ଅନ୍ୟ ଗ୍ରାମର ହୋଇପାରନ୍ତି । ନାଚଟି ପ୍ରତିଯୋଗିତା ମୂଳକ ହୋଇଥିବାରୁ ଏପରି ବନ୍ଦୋବସ୍ତ ହୋଇଥିବାର ଜଣାଯାଏ । ଛଉ ଦଳ ଗ୍ରାମ ପାଣ୍ଠି କିମ୍ବା ପର୍ବ ନିମନ୍ତେ ସଂଗୃହୀତ ଉଦ୍ଦିଷ୍ଟ ପାଣ୍ଠିରୁ ପାରିଶ୍ରମିକ ନେଇଥାନ୍ତି ।

**ଛ ନାଚର ଅର୍ଥ:** ପୁରୁଲିଆରେ ଏହା ଛ/ଛୋ ନାମରେ ନାମିତ । ଛଉ ଶବ୍ଦଟି ବହୁ ପ୍ରଚଳିତ ହେଲେହେଁ ଗ୍ରାମାଞ୍ଚଳରେ ସାଧାରଣ ଲୋକେ ଏହାକୁ ଛ ନାଚ କହନ୍ତି । ସେ ଅଞ୍ଚଳର କେତେକ

ଶିକ୍ଷିତ ଗବେଷକ ନାଚଟି ଛୋ ହେବାର କହନ୍ତି । ତେବେ ଏହି ତିନି ଗୋଟି (ଛ/ ଛଉ/ଛୋ) ଶବ୍ଦର ଅର୍ଥ ଅନୁକରଣ କରିବା ଓ ଏହା ଛବି ଶବ୍ଦରୁ ଉତ୍ପନ୍ନ ହେବାର କୁହାଯାଏ । ନୃତ୍ୟକାରୀ ଛ(ମୁହାଁ) ପିନ୍ଧି ଶାରୀରିକ ଅଙ୍ଗ ଭଙ୍ଗୀ ପ୍ରଦର୍ଶନ କରି ବିଭିନ୍ନ ବିଷୟରେ ନୃତ୍ୟ କରେ ବୋଲି ଏହା ଛ ନାଚ । ସେଠାକାର ଲୋକେ କହୁଥିବାର ଶୁଣାଯାଏ "ଏଇଟା ଛ ନାଚ୍ । କରନ୍ ନାଚୁଆରା 'ଛ' ପରେ ମାନେ ମୁଖୋସ ପରେ ନାଚ କରେ ।" ତେଣୁ, ମୁଖୋସ୍ ନାଚ ହିଁ ଛଉ/ଛୋ ନାଚ । ଏହାର ଅର୍ଥ ମୁହାଁ ବା ମୁଖୋସ୍ । କେତେକ 'ଛକ୍' ଶବ୍ଦରୁ (ଅନୁକରଣ) ଛ ଶବ୍ଦର ଉତ୍ପତ୍ତି ବୋଲି ମଧ କହନ୍ତି ।

**ଛ/ଛୋ ନାଚ ଦଳ:** ନାଚ ଦଳରେ ଜଣେ ପରିଚାଳକ, ଜଣେ ଓସ୍ତାତ୍ (ଉସ୍ତାଦ୍ ରୂପେ ଉଚ୍ଚାରିତ ଓସ୍ତାତ୍ ଓ ପରିଚାଳକ ଏକ ବ୍ୟକ୍ତି ହୋଇପାରନ୍ତି), ନର୍ତ୍ତକ, ବାଦ୍ୟକାର, ଗାୟକ, ସଜ୍‌କରୀ, ସରଞ୍ଜାମ ବାହକ/ଭାରୁଆ, ପୃଷ୍ଠପୋଷକ, ସଂଗଠକ ରହିଥାନ୍ତି । ଏମାନେ ବିଭିନ୍ନ ଗୋଷ୍ଠୀ ଓ ଜାତିର ହୋଇଥାନ୍ତି । ଦଳରେ ପୃଷ୍ଠପୋଷକ ସଂଗଠକ ଓ ବାହକ ମାନଙ୍କ ବ୍ୟତୀତ ମୋଟ ୨୫/୩୦ ଜଣ ଲୋକ ରହିଥାନ୍ତି ।

**ନର୍ତ୍ତକ:** ଦଳରେ ଥିବା ନର୍ତ୍ତକ ବିଭିନ୍ନ ଗୋଷ୍ଠୀ ଓ ଜାତିର ହୋଇ ପାରନ୍ତି । ସମୟ ସମୟରେ ଗୋଟିଏ ଦଳରେ ଗୋଟିଏ ଜାତି କିମ୍ବା ଗୋଟିଏ ଗୋଷ୍ଠୀର ଲୋକେ ମିଶିଥାନ୍ତି । ଶିହଳୀ ଗ୍ରାମର ଛଉ ଦଳରେ ସମସ୍ତ ନୃତ୍ୟକାରୀ କୁଡୁମୀ ମହାତୋ, ଚ୍ଚେଡ଼ିଦାରେ ବହୁ ସଂଖ୍ୟକ ଭୂମିଜ, ତାଭା ତୋଡ଼ାଂରେ ଦୁଇଟି ଦଳ - ଗୋଟିକରେ କୁଡୁମୀ ଓ ଅନ୍ୟଟିରେ କୁମ୍ଭାର ଜାତିର ଲୋକେ ନୃତ୍ୟକାରୀ ଅଛନ୍ତି । ଦଳରେ ମୁଖ୍ୟ/ଓସ୍ତାତ୍/ପରିଚାଳକ ସଂଖ୍ୟାଧିକ ଜାତି/ଗୋଷ୍ଠୀର ହୋଇଥାନ୍ତି । କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ମଧ ଦେଖାଯାଏ । ଚ୍ଚେଡ଼ିଦାରରେ ପଦ୍ମଶ୍ରୀ ଗମ୍ଭୀର ସିଂ ମୁଡ଼ାଙ୍କ (ଭୂମିଜ) ଦଳର ପରିଚାଳକ ଜଣେ ହିନ୍ଦୁ (ସୂତାର-ସୂତ୍ରଧର) ଜାତିର ବ୍ୟକ୍ତି ।

ପୁରୁଲିଆର ଛଉ ନୃତ୍ୟରେ ନାରୀମାନେ ଅଂଶଗ୍ରହଣ କରନ୍ତି ନାହିଁ । ନାରୀ ଭୂମିକାରେ ପୁରୁଷମାନେ ଅଭିନୟ କରିଥାନ୍ତି । ଏହି ନାଚ କଠିନ ହୋଇ ଥିବାରୁ ମହିଳାମାନେ ଏଥିରେ ଅଂଶ ଗ୍ରହଣ କରିନଥାନ୍ତି ବୋଲି ଅନେକଙ୍କ ମତ ।

**ନୃତ୍ୟକାରୀ ମାନଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷା ଅବସ୍ଥା:** ପୁରୁଲିଆ ଏକ ଅରଣ୍ୟପୂର୍ଣ୍ଣ ପଥୁରିଆ ଅଞ୍ଚଳ । ଅଧିବାସୀ ଗଣ କଷ୍ଟସହିଷ୍ଣୁ ଓ ପରିଶ୍ରମୀ । ଖାଦ୍ୟ ଆହରଣ ନିମନ୍ତେ ପ୍ରତିଦିନ କଠିନ ପରିଶ୍ରମ କରିବାକୁ ହୁଏ । ସାମାଜିକ ଜୀବନ ଶାନ୍ତ ଓ ସୁସଂଗଠିତ ଥିଲେହେଁ ସେମାନେ ଆର୍ଥିକ ଓ ଆଧୁନିକ ଶିକ୍ଷା ଦିଗରେ ଅନୁନ୍ନତ ।

ପୁରୁଲିଆରେ କୁଡୁମୀ ଓ ଭୂମିଜମାନେ ମୁଖ୍ୟତଃ ଚାଷୀ । ସାନ୍ତାଳ ଗୋଷ୍ଠୀର ଲୋକେ କ୍ଷୁଦ୍ର ଚାଷୀ କିମ୍ବା ଭୂମିହୀନ । ହିନ୍ଦୁ ଜାତି ପ୍ରଥାନୁସାରେ ଡମ, ବାଉରୀ ଓ ସହିସ ଜାତିର ଲୋକେ ଅନୁନ୍ନତ ଓ ପ୍ରାୟ ଭୂମିହୀନ ।

**ଓସ୍ତାଦ୍:** ଓସ୍ତାଦ୍ ଦଳର ଅନ୍ୟ ନୃତ୍ୟକାରୀ ମାନଙ୍କଠାରୁ ଅଧିକ ଜାଣିଥାନ୍ତି । ସେ ନାଚ ଶିକ୍ଷା ଦିଅନ୍ତି । ନାଚର ବିଷୟ ସବୁରେ ତାଙ୍କର ପୂର୍ଣ୍ଣ ଧାରଣା ଥାଏ । ସେ ନାଚ ପ୍ରଦର୍ଶନର ବନ୍ଦୋବସ୍ତ କରନ୍ତି ଓ ଦଳର ଅର୍ଥ ସମସ୍ୟା ସମାଧାନ କରିଥାନ୍ତି । ନାଚର ଭାବ ଭଙ୍ଗୀ ଓ ବାଦ୍ୟର ସ୍ୱର, ତାଳ, ମାନ ଓ ଲୟରେ ତାଙ୍କର ପରିପକ୍ୱ ଜ୍ଞାନ ଥାଏ ।

ଓସ୍ତାଦ୍ ବିଭିନ୍ନ ସ୍ଥାନରୁ ବିଭିନ୍ନ ସମୟରେ ଶିକ୍ଷା କରିଥାନ୍ତି । କେତେକ 'ଘରାଣ୍ୱାନା' ଭାବରେ ପାରମ୍ପରିକ ରୀତିରେ ନାଚ ଗୀତ ବାଦ୍ୟ ଶିଖିଥାନ୍ତି । ରାମାୟଣ, ମହାଭାରତ, ପୁରାଣ, ଇତିହାସ ପ୍ରଭୃତିରେ ତାଙ୍କର ଜ୍ଞାନ ତାଙ୍କୁ ଓସ୍ତାଦ୍ କରିଥାଏ । ପ୍ରକୃତି ଓ ପଶୁପକ୍ଷୀଙ୍କୁ ଅନୁକରଣ କରିବାରେ ତାଙ୍କର ଦକ୍ଷତା ରହିଥାଏ । ଦଳ ଚଳାଇବାର ବାସ୍ତବିକ ଜ୍ଞାନ ହାସଲ କରିବା ସହିତ ତାଙ୍କର ଆର୍ଥିକ ପରିସ୍ଥିତି ଓ  ବୁଦ୍ଧି ରହିଥାଏ । ଏସବୁ ଦଳର ବିଭିନ୍ନ ସମସ୍ୟା ସମାଧାନରେ ପ୍ରଭୂତ ସାହାଯ୍ୟ କରେ ।

**ବିଷୟ ଓ ନାଚ ସବୁର ନାମ:** ଏହି ସମଗ୍ର ଆଦିବାସୀ ଅଧ୍ୟୁଷିତ ଅରଣ୍ୟ ଅଞ୍ଚଳରେ ମହାକାବ୍ୟ ଓ ପୁରାଣ ବିଷୟକ ନାଚର ସୃଷ୍ଟି ଓ ପ୍ରଚଳନ ପୂର୍ବରୁ ଆରଣ୍ୟକ ଜୀବନର କୌଣସି ଦୈନନ୍ଦିନ ଘଟଣା, ପ୍ରକୃତି, ପଶୁପକ୍ଷୀ ଆଧାରିତ ନାଚର ପ୍ରଚଳନ ଥିବା ଜଣାଯାଏ । ପରବର୍ତ୍ତୀ କାଳରେ ସମାଜ-ଧର୍ମୀୟ, ପୌରାଣିକ ଆଖ୍ୟାନ ଉପାଖ୍ୟାନ, ଇତିହାସ ସମ୍ବଳିତ ନାଚର ସଂଯୋଜନ ହେଲା । ମହାକାବ୍ୟ, ପୌରାଣିକ ନାଚ ଗୁଡ଼ିକ ଆଗରୁ 'ପାଲାବନ୍ଧ' ନାମରେ ପରିଚିତ ଥିଲା । ପୃଷ୍ଠପୋଷକତା କାଳରେ ଏପରି ନାଚ ସବୁ ସୃଷ୍ଟି ଓ ପ୍ରଚଳନ ହୋଇଥିଲା । ପୁରୁଲିଆ/ମାନଭୂମ ଅଞ୍ଚଳରେ ବାଗମୁଣ୍ଡିର ରାଜା, ପୁସ୍ତିକାଡ଼ାଂ, କାଳିମାଟି ଓ ହେଁସଲା ପ୍ରଭୃତି ସ୍ଥାନର ମାନ୍‌କୀ ମାନେ ଏହି ନାଚକୁ ପୋଷକତା ପ୍ରଦାନ କରିଥିବା ଜଣାଯାଏ ।

ଛଉ ନାଚର ବିଷୟ ଗୁଡ଼ିକ ସାଧାରଣତଃ ଚାରି ଭାଗରେ ବିଭକ୍ତ ହୋଇଥାଏ । ଯଥା:

**(୧) ପ୍ରାକୃତିକ:** ଏହି ନାଚ ଗୁଡ଼ିକ ପ୍ରକୃତି, ପଶୁପକ୍ଷୀଙ୍କ ଭାବଭଙ୍ଗୀ ସବୁର ଅନୁକରଣରେ ସୃଷ୍ଟ । ସେ ନାଚ ଗୁଡ଼ିକ ହେଲା– ବାଘ, ଭାଲୁ, ସିଂହ, ମାଙ୍କଡ଼, ମୟୂର ଓ ଶିକାର ନୃତ୍ୟ ।

**(୨) ସମାଜ ଧର୍ମୀୟ:** ଏହି ଶ୍ରେଣୀର ନାଚ ଗୁଡ଼ିକ ସାମାଜିକ ଓ ଧର୍ମୀୟ ବିଷୟବସ୍ତୁ ସମ୍ବଳିତ । ଏଗୁଡ଼ିକ – ବାବୁ, ଜମିଦାରିଆ ନାଚ, ସଖୀ ନାଚ, ଗଣକ ଛ ପ୍ରଭୃତି ଏହି ଶ୍ରେଣୀର ।

**(୩) ପୌରାଣିକ:** ଏହି ନାଚ ଗୁଡ଼ିକ ରାମାୟଣ, ମହାଭାରତ, ରସାବଳି, ଭାଗବତ ପ୍ରଭୃତି ବିଭିନ୍ନ ପୁରାଣର ବିଷୟ ଅବଲମ୍ବନରେ ସୃଷ୍ଟ । ଗଣେଶ ବନ୍ଦନା, ରାମ-ରାବଣ, ରାବଣ ଜଟାୟୁ, ହରଧନୁ ଭଙ୍ଗ, ବାଳି ଦୁନ୍ଦୁଭି, ପର୍ଶୁରାମ ବିଜୟ, ଭୀମ ଦୁଃଶାସନ, ଅଭିମନ୍ୟୁ ସପ୍ତରଥୀ, ପ୍ରମିଳା ଦେର ଘୋଡ଼ା ଧରା, କୀରାତାର୍ଜୁନ, କୃଷ୍ଣଲୀଳା ପ୍ରଭୃତି ।

ପୁରୁଲିଆ ଅଞ୍ଚଳରେ ପ୍ରଚଳିତ ନାଚ ଗୁଡ଼ିକର ସୃଷ୍ଟିର ସମୟ ସଂପର୍କରେ ଆଲୋଚନା କାଳରେ କେବଳ ଐତିହାସିକ ନାଚ ଗୁଡ଼ିକର ସୃଷ୍ଟିର ନିର୍ଦ୍ଦିଷ୍ଟ ସମୟ ସୂଚକ ତଥ୍ୟ ଉପଲବ୍ଧ ହେଉଅଛି । ସମାଜ-ଧର୍ମୀୟ ଓ ପୌରାଣିକ ବିଷୟ ଆଧାରିତ ନାଚ ସବୁ ସମ୍ଭବତଃ ରାଜା, ମାନକୀ, ମୁଣ୍ଡାମାନଙ୍କର ପୋଷକତା କାଳରେ ସୃଷ୍ଟି ହୋଇଥିବା । ପ୍ରାକୃତିକ ପର୍ଯ୍ୟାୟର ନାଚର ସୃଷ୍ଟି ସମ୍ଭବତଃ ନାଚ ପ୍ରଚଳନର ପ୍ରାରମ୍ଭିକ ପର୍ଯ୍ୟାୟରେ ସୃଷ୍ଟି ହୋଇଥିବ । ଐତିହାସିକ ନାଚ ଗୁଡ଼ିକ ବିଗତ ସତୁରୀ/ଅଶୀ ଦଶମ ମଧ୍ୟରେ ସୃଷ୍ଟି ହୋଇଥିବାର ଦେଖାଯାଏ ।

**ନାଚରେ ନାଚୁଆଙ୍କ ସଂଖ୍ୟା:** ସମଗ୍ର ପୁରୁଲିଆ/ମାନଭୂମ ଅଞ୍ଚଳରେ ଏକକ ଦ୍ୱୈତ ନାଚର ପ୍ରଚଳନ ଥିବା ଜଣାଯାଏ । ସାଂପ୍ରତିକ କାଳରେ ଅଧିକ ସଂଖ୍ୟକ ମେଳ ନାଚର ପ୍ରଚଳନ ହୋଇଅଛି ।

**ନାଚ ପ୍ରଦର୍ଶନର ସମୟ:** ନାଚର ବିଷୟ ବସ୍ତୁ ଅନୁସାରେ ପ୍ରଦର୍ଶନ ନିମନ୍ତେ ସମୟ ନିର୍ଦ୍ଧାରିତ ହୋଇଥାଏ । ଏକକ ଓ ଦ୍ୱୈତ ନାଚରେ ମେଳ ନାଚ ଅପେକ୍ଷା କମ୍ ସମୟ ଲାଗେ । ମେଳ ନାଚରେ ଅଧିକ ସମୟ ଲାଗେ । ପନ୍ଦର, କୋଡ଼ିଏ, ତିରିଶ, ପଇଁତାଳିଶି ମିନିଟ୍‌ରୁ ଘଣ୍ଟାଏ ପନ୍ଦର ମିନିଟ୍ ପର୍ଯ୍ୟନ୍ତ ମେଳ ନାଚ ହେଉଥିବାର ଦେଖାଯାଏ ।

**ବାଦ୍ୟ:** ଛଉରେ ପିଟା ଓ ଫୁଙ୍କା ଏପରି ଦୁଇ ପ୍ରକାର ବାଦ୍ୟ ବ୍ୟବହୃତ ହୁଏ । ବାଦ୍ୟଯନ୍ତ୍ରରେ ଢୋଲ, ଧମସା, ଚଡ଼ଚଡ଼ି, ଝାମ୍ପ ପ୍ରଭୃତି ସହ ମହୁରୀ, ସାଇନା, ରଣସିଂଗା ପ୍ରଭୃତି ପାରମ୍ପରିକ ବାଦ୍ୟ ଯନ୍ତ୍ର ସମସ୍ତ ବ୍ୟବହୃତ ହୁଏ । ସାଂପ୍ରତିକ କାଳରେ ହାର୍ମୋନିୟମ୍, କ୍ଲାରିଓନେଟ ପ୍ରଭୃତି ବ୍ୟବହୃତ ହେଉଥିବାର ଦେଖାଯାଏ ।

**ବାଦ୍ୟର ଲୟ:** ପୁରୁଲିଆର ଛଉ ନାଚରେ ବିଳମ୍ବିତ ଓ ଦ୍ରୁତ- ଏପରି ଦୁଇ ପ୍ରକାର ଲୟର ଉପଯୋଗ ଦେଖାଯାଏ ।

**ବାଦ୍ୟକାର:** ସାଧାରଣତଃ ଡମ, କାଳିନ୍ଦୀ, ଘାସି ଜାତିର ଲୋକେ ବାଦ୍ୟ ବଜାଇ ଥାନ୍ତି । ଏମାନେ ଢୋଲ, ଢାକ, ଚଡ଼ଚଡ଼ି ମହୁରୀ ଆଦିରେ ପାରମ୍ପରିକ ରୀତିରେ ଶିକ୍ଷା ଲାଭ କରିଥାନ୍ତି । ଏହା ଏମାନଙ୍କର ଜାତିଗତ ପେଶା । ପୂର୍ବରୁ ଏ ଜାତିର ଲୋକେ ରାଜା, ଜମିଦାର, ମାନ୍‌କୀ ମାନଙ୍କଠାରୁ ଏହି କାର୍ଯ୍ୟ ନିମନ୍ତେ ଜମିଜମା ପାଇଥିବାର ଜଣାଯାଏ ।

ଛଉ ନାଚରେ ଧମସା ବଜାଇବା ପାଇଁ କାହାରିକୁ ବାରଣ ନଥାଏ । ଯେ କୌଣସି ଜାତିରେ ଲୋକେ ଏହା ଶିକ୍ଷା କରି ବଜାଇଥାନ୍ତି ।

**ବାଦ୍ୟକାର ମାନଙ୍କ ଅଭ୍ୟାସ:** ନାଚ ସମୟରେ ସାରାରାତି ଠିଆ ହୋଇ (କେତେବେଳେ ବସି) ବାଦ୍ୟ ବଜାଇବା ଏକ କଠିନ କାର୍ଯ୍ୟ । ବାଦ୍ୟକାରମାନେ ଏଥିପାଇଁ ସାଧାରଣତଃ ଦେଶୀ ମଦ, ହାଣ୍ଡିଆ, ଗଞ୍ଜେଇ ପ୍ରଭୃତି ବ୍ୟବହାର କରିଥାନ୍ତି । ବିଡ଼ି, ସିଗାରେଟ୍, ଗୁଣ୍ଡା, ଖଇନି ପ୍ରଭୃତିର ବ୍ୟବହାର ମଧ ଦେଖାଯାଏ । ଡେକେକେ ଅଫିମ ବ୍ୟବହାର କରୁଥିବାର ଜଣାଯାଏ । 'କୋଟୋ ନେଶା ନା ଖେୟେ ରାତ୍‌ଭର ପରିଶ୍ରମ କରା କଠିନ' ଏପରି କେତେକ ବାଦ୍ୟକାରମାନେ କହନ୍ତି । କେତେକ କୌଣସି ନିଶାର ବ୍ୟବହାର କରୁ ନଥିବାର ମଧ ଜଣାଯାଏ ।

**ବାଦ୍ୟକାର ମାନଙ୍କର ଶିକ୍ଷା, ସାମାଜିକ ଓ ଆର୍ଥିକ ଅବସ୍ଥା:** ହିନ୍ଦୁ ବର୍ଣ୍ଣାଶ୍ରମ ନିୟମ ଅନୁସାରେ ବାଦ୍ୟକାର ଡୋମ, ଘାସି ଓ ସହିସ ଜାତିର ଲୋକେ ନିମ୍ନ ଶ୍ରେଣୀର । ସେମାନଙ୍କର ଆର୍ଥିକ ଅବସ୍ଥା ସଚ୍ଛଳ ନୁହେଁ । ସେମାନେ ଘରୁ ବାପା ଭାଇଙ୍କ ପାଖରୁ ବାଦ୍ୟ ବଜାଇ ଶିଖିଥାନ୍ତି । ଅନେକ ସ୍ଥାନରେ ସେମାନଙ୍କର ମିଳିତ ସହଯୋଗରେ ଆଧୁନିକ ବ୍ୟାଣ୍ଡପାର୍ଟି ଗଠିତ ହୋଇଥିବାର ଦେଖାଯାଏ । ସାଂପ୍ରତିକ କାଳରେ ଆଧୁନିକ ଶିକ୍ଷା ଲାଭ ନିମନ୍ତେ ଅନେକେ ଆଗ୍ରହୀ ହୋଇଛନ୍ତି । ଅନେକେ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବାର ଜଣାଯାଏ ।

**ଗୀତ:** ସାଧାରଣତଃ ରାମାୟଣ, ମହାଭାରତ, ଭାଗବତ ପ୍ରଭୃତି ବିଭିନ୍ନ ପୁରାଣ ଆଧାରିତ ବିଷୟରେ ରଚିତ ଗୀତ ଗାନ ହୁଏ । ସାମାଜିକ, ଧାର୍ମିକ, ଐତିହାସିକ ବିଷୟରେ ରଚିତ ଗୀତ ଗୁଡ଼ିକ ନାଚ ନିମନ୍ତେ ଉପଯୋଗୀ ଓ ଉପଭୋଗ୍ୟ । ଏସବୁର ସାହିତ୍ୟିକ ମାନ ଉଚ୍ଚକୋଟିର । ଗୀତ ଗୁଡ଼ିକ ସଂକ୍ଷିପ୍ତ । ଅନେକ ସମୟରେ ଲୋକଗୀତ ଗାନ ହୁଏ । ଅନେକ ଗୀତ ଆଞ୍ଚଳିକ କବିମାନଙ୍କ ଦ୍ୱାରା ରଚିତ ହୋଇଥାଏ ।

**ଗୀତିକାର ଏବଂ ଗାୟକ:** ଛଉ ନାଚ ପ୍ରଦର୍ଶନ ସମୟରେ ଅନେକ ସ୍ଥାନରେ ଜଣେ ଜଣେ ବିଶିଷ୍ଟ ଝୁମୁର ଗାୟକ/ଗୀତିକାରଙ୍କୁ ଗାନ କରିବା ନିମନ୍ତେ ନିମନ୍ତ୍ରଣ କରାଯାଇଥାଏ । ଗାୟକଙ୍କୁ ଝୁମୁରିଆ କୁହାଯାଏ । ସାଧାରଣତଃ ପ୍ରତ୍ୟେକ ଛଉଦଳ ପାଇଁ ଜଣେ ଜଣେ ଝୁମୁରିଆ ନିଯୁକ୍ତ ହୋଇଥାନ୍ତି । ଗୀତ ଗୁଡ଼ିକ ତାଙ୍କର ନିଜ ରଚନା ହୋଇଥାଏ କିମ୍ବା ଅନ୍ୟର ରଚନା ହୋଇପାରେ । ଝୁମୁରିଆ ମଞ୍ଚର ପାର୍ଶ୍ୱରେ ବସି ଗୀତ ଗାନ କରନ୍ତି । ଗୀତର ସ୍ୱର ଓ ବାଦ୍ୟ ନାଦର ତାଳେ ତାଳେ ମଞ୍ଚରେ ନାଚ ହୁଏ ।

ପୁରୁଲିଆ ଅଞ୍ଚଳରେ ଝୁମର ଗୀତିକାର ଭାବରେ ପୁସ୍ତିତୋଡ଼ା ନିବାସୀ ସ୍ୱର୍ଗତଃ ନରୋତ୍ତମସିଂ ବାବୁ ସୁପ୍ରସିଦ୍ଧ । ଶ୍ରୀ କୃତ୍ତିବାସ କର୍ମକାର ମଧ୍ୟ ଝୁମୁର ରଚନାରେ ପ୍ରସିଦ୍ଧି ଅର୍ଜ୍ଜନ କରିଛନ୍ତି ।

**ସ୍ୱର:** ଝୁମୁର ଏକ ଲୌକିକ ସ୍ୱର । ଏହା ଦୁଇ ଭାଗରେ ବିଭକ୍ତ; ଭାଦରିଆ ଓ ଦରବାରିଆ । ଟେମ୍ପୋ ଅନୁସାରେ ଭାଦରିଆ ଝୁମର ଖେମଟା ତାଳ ବିଳମ୍ବିତ ଓ ଦ୍ରୁତ ଲୟର ସମନ୍ୱୟ । ସାମନ୍ତ ଓ ରାଜା ମାନଙ୍କ ଦରବାରରେ ଯେଉଁ ଝୁମୁର ଅନୁଷ୍ଠିତ ହେଉଥିଲା ତାହା ଦରବାରୀ ଭାବେ ପରିଚିତ । ଏହାର ଟେମ୍ପୋ ଭିନ୍ନ ।

**ଗୀତର ଭାଷା:** ସାଧାରଣତଃ କଥିତ ଭାଷାରେ ଗୀତ ସବୁ ରଚିତ ହୋଇଥାଏ । ବଙ୍ଗଳା, କୁଡ଼ମାଳି ଓ ମାନଭୂମ୍ୟାଁ ଭାଷାରେ ରଚିତ ଗୀତ ଗୁଡ଼ିକ ମାଧୁର୍ଯ୍ୟପୂର୍ଣ୍ଣ ।

**ଗୀତର ଭାବ ଓ ରସ:** ଗୀତ ଗୁଡ଼ିକର ଭାବ ବିଷୟବସ୍ତୁ ଉପଯୋଗୀ ହୋଇଥାଏ । ଏଥିରେ ବୀର, ରୌଦ୍ର, କରୁଣ, ଶୃଙ୍ଗାର ପ୍ରଭୃତି ରସର ଅବତାରଣା ହୋଇଥାଏ । ଗୀତ ଗୁଡ଼ିକୁ ରଙ୍ଗ କୁହାଯାଏ । କୃଷ୍ଣଲୀଳା ବିଷୟକ ଗୀତ ଗୁଡ଼ିକ ଆଦି ରସାତ୍ମକ, କରୁଣ ଓ ଆନନ୍ଦଭାବ ପୂର୍ଣ୍ଣ ହୋଇଥାଏ ।

**ଅସ୍ତ୍ର:** ଛଉରେ ପାରମ୍ପରିକ ନକଲି ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୁଏ । ଖଣ୍ଡା, ଢାଲ, ଧନୁ, ତୀର, ଗଦା, କୁଠାର, ଟାଙ୍ଗିଆ ପ୍ରଭୃତି । ଆଧୁନିକ ଅସ୍ତ୍ର ବନ୍ଧୁକ, ପିସ୍ତଲ ପ୍ରଭୃତି ଐତିହାସିକ ନାଚରେ ବ୍ୟବହୃତ ହୁଏ ।

**ପୋଷାକ:** ଆଗରୁ ଛଉ ନାଚରେ ବର୍ତ୍ତମାନ ପରି ସାଜସଜା ନଥିଲା । ବର୍ତ୍ତମାନ ଛଉ ନାଚରେ ତିନି ପ୍ରକାର ପୋଷାକ ବ୍ୟବହୃତ ହେଉଅଛି । ସେଗୁଡ଼ିକ ପୁରୁଷ, ନାରୀ ଓ ପଶୁପକ୍ଷୀଙ୍କ ଚରିତ୍ରରେ ବ୍ୟବହୃତ ହୁଏ । ପୁରୁଷ ପୋଷାକ ତିନି ପ୍ରକାର; (କ) ସନ୍ନ୍ୟାସୀ, (ଖ) ଦେବତା, ରାଜା, ରାଜପୁରୁଷ ଓ ଅଭିଜାତ ବ୍ୟକ୍ତି (ଗ) ଶିକାରୀ ସ୍ତ୍ରୀ ଓ ଅସୁରୁଣୀ । ପଶୁପକ୍ଷୀ ଚରିତ୍ର ଉପଯୋଗୀ ପୋଷାକ ବ୍ୟବହୃତ ହୁଏ । ଧୋତି, ଗଞ୍ଜି, ଉତ୍ତରି, ପଞ୍ଜାବୀ, ଶାଢ଼ୀ, ସାୟା, ବ୍ଲାଉଜ, ଛୋଟ ପ୍ୟାଣ୍ଟ, ମୋଜା, ଆଣ୍ଠୁରେ ନୀ କ୍ୟାପ୍, ଜଙ୍ଘିଆ ପ୍ରଭୃତି । କେତେକ ପୋଷାକ ଦାମୀ, ରଙ୍ଗବେରଙ୍ଗର ଜରି ପୋଷାକ । ପୋଷାକର ମୂଲ୍ୟ ବୃଦ୍ଧି ହେତୁ ସମସ୍ତ ଛଉ ଦଳର ପୋଷାକ ନଥାଏ । ପୁରୁଲିଆ ସହରରେ ଥିବା ସାଜ ଘରେ କିମ୍ବା ଅନେକ ଧନୀ ବ୍ୟକ୍ତି ରଖିଥିବା ପୋଷାକ ଭଡ଼ାରେ ଆସେ ।

**ଅଳଙ୍କାର:** ଗଳାରେ କଣ୍ଠି, ଫୁଲ, କାଗଜ କିମ୍ବା ପ୍ଲାଷ୍ଟିକର ମାଳ । କାନରେ ବଳା, ଫୁଲ, ହାତରେ ବଳା, ଖଡୁ, ଚୁଡ଼ି, ବାହାରେ ବାହୀ/ପ୍ଲାଷ୍ଟିକ ଫୁଲ କିମ୍ବା ବିଭିନ୍ନ ରଙ୍ଗର କନା ବାନ୍ଧି ଝୁଲାଇଥାନ୍ତି । ଅଳଙ୍କର ଗୁଡ଼ିକ ନକଲି ଓ ଶସ୍ତା ।

କମରରେ କମରପଟୀ, ଗୋଡ଼ରେ ୪/୫ ଥାକ ଘୁଙ୍ଗୁରମାଳ, ପଶୁ, ଭୂତ ଚରିତ୍ର ବ୍ୟତୀତ ଅନ୍ୟ ଚରିତ୍ରମାନେ ଘୁଙ୍ଗୁର ବାନ୍ଧିଥାନ୍ତି । ମୁଖମଣ୍ଡଳ ଓ ମସ୍ତକ ମୁଖାରେ ଢଙ୍କା ଥିବାରୁ ଚରିତ୍ର ଉପଯୋଗୀ ମୁଖା ଗୁଡ଼ିକ ସଜ୍ଜିତ ହୋଇଥାଏ । ତେଣୁ, ମୁଖମଣ୍ଡଳରେ ସ୍ୱତନ୍ତ୍ର ଭାବରେ ଅଳଙ୍କାର ବ୍ୟବହାରର ଅବକାଶ ରହେନାହିଁ ।

**ନୃତ୍ୟସ୍ଥଳ:** ସାଧାରଣତଃ ଶିବ ମନ୍ଦିର ସାମନାରେ କିମ୍ବା ମନ୍ଦିର ନଥିଲେ ଗ୍ରାମର କୌଣସି ଖୋଲା ପଡ଼ିଆରେ ନାଚ ଅନୁଷ୍ଠିତ ହୁଏ । ନୃତ୍ୟ ସ୍ଥଳ ଚାରିପାଖରେ ଉପଯୁକ୍ତ ଦୂରତ୍ୱ ଓ ବ୍ୟବଧାନ ରଖି ଛଉ ନାଚ ଅନୁଷ୍ଠାନ ଦିବସର ସକାଳ ପହରୁ ଗାଁଲୋକେ ଖୁଣ୍ଟ ପୋତିବା ଆରମ୍ଭ କରନ୍ତି । ପ୍ରାୟ ପ୍ରତ୍ୟେକ ଘରର ସ୍ତ୍ରୀ ଓ ପିଲା ମାନଙ୍କ ନିମନ୍ତେ ଦଉଡ଼ିଆ ଖଟ ପକାଇ ମଞ୍ଚ ବନ୍ଧା ଯାଇଥାଏ । ସାଧାରଣତଃ ୪/୫ ହାତ ଉଚ୍ଚତା ବିଶିଷ୍ଟ ମଞ୍ଚ ଉପରକୁ ଉଠିବା ନିମନ୍ତେ ମଇ ବା ଶିଡ଼ି ବ୍ୟବହୃତ ହୋଇଥାଏ । ତଳେ ଦର୍ଶକମାନେ ବସିଥାନ୍ତି । କେତେକ ସ୍ଥାନରେ ଦଉଡ଼ି କିମ୍ବା ବାଉଁଶ ଦେଇ ଦର୍ଶକ ମାନଙ୍କ ନିମନ୍ତେ ସ୍ଥାନ ନିର୍ଦ୍ଦିଷ୍ଟ ହୋଇଥାଏ । ନାଚ ସ୍ଥାନଟି ଗୋଲାକାର । ଏହା ୩୦/୪୦ ଫୁଟ ହୋଇଥାଏ । କୌଣସି ସାଜଘର ନଥାଏ । ପଡ଼ିଆରେ ଥିବା କୌଣସି ଗଛ ମୂଳରେ କିମ୍ବା ଖୋଲା ସ୍ଥାନରେ ସାଜ ସରଞ୍ଜାମ ରଖା ହୋଇଥାଏ ଓ ସଜା କାର୍ଯ୍ୟ ସଂପନ୍ନ ହୁଏ । ଚାରିକୋଣ ବିଶିଷ୍ଟ ନୃତ୍ୟର ସ୍ଥାନ ଅଳ୍ପ ଥିବାର ଦେଖାଯାଏ । ନୃତ୍ୟ ସ୍ଥଳର ଗୋଟିଏ ଦିଗରେ ବାଦ୍ୟକାରମାନେ ବସିଥାନ୍ତି । ଗୋଟିଏ ନୃତ୍ୟ ସ୍ଥଳରେ ଦୁଇଗୋଟି ଦଳ କିମ୍ବା ତତୋଽଧିକ ଦଳର ନାଚ ପ୍ରଦର୍ଶିତ ହୁଏ । ଗୋଟିଏ ଦଳର ଗୋଟିଏ ଅଭିନୟ ଶେଷରେ ତାଙ୍କର ଦଳର ବାଦ୍ୟକାର ମାନେ ବାହାରକୁ ଯାଆନ୍ତି ଓ ଅନ୍ୟ ଦଳର ବାଦ୍ୟକାର ମାନେ ନୃତ୍ୟ ସ୍ଥଳକୁ ଆସନ୍ତି । ଏହି କ୍ରମରେ ନାଚ ଶେଷ ପର୍ଯ୍ୟନ୍ତ ବାଦ୍ୟକାର ମାନଙ୍କର ଯିବା ଆସିବା ହୁଏ । ବଡ଼ବଡ଼ ଧୁମ୍‌ସା ପ୍ରଭୃତି ବାଦ୍ୟ ଗୋଟିଏ ସ୍ଥାନରେ ରହିଥାଏ । ଜଣେ କିମ୍ବା ଦୁଇଜଣ ଢୋଲିଆ ଓ ମହୁରିଆ ଆସର ମଧ୍ୟରେ ଘୂରି ଘୂରି ବାଦ୍ୟ ବଜାଇ ନାଚ ଆରମ୍ଭର ପ୍ରାଥମିକ ପ୍ରଭୃତିର ସୂଚନା ଦିଅନ୍ତି ।

**ଆଲୋକ ବ୍ୟବସ୍ଥା:** ଆଗକାଳରେ ମଶାଲ ଜାଳି ନୃତ୍ୟ ସ୍ଥଳକୁ ଆଲୋକିତ କରୁଥିଲେ । ନୃତ୍ୟସ୍ଥଳର ଚାରିକୋଣରେ ପୋତା ଯାଇଥିବା ବାଉଁଶରେ ମାଟିର ସରା ଟାଙ୍ଗି ସେଥିରେ ଘସି ଓ ଗବ ତେଲ ଦେଇ ଜଳାଇ ରଖୁଥିଲେ । ଅନେକ ସମୟରେ ଘସି ସହିତ ଝୁଣା, ଗନ୍ଧକ ବ୍ୟବହୃତ ହେଉଥିଲା । ସରାଟିକୁ ନଟାଙ୍ଗି ବାଉଁଶ ଫଟାଇ ଚାରିଫାଳ ବତା ଭିତରେ ମଶାଲ ବ୍ୟବହୃତ ହେଉଥିଲା । ସମୟକ୍ରମେ ପମ୍ପଲାଇଟ ଓ ଇଲେକ୍ଟ୍ରି ଆଲୋକର ପ୍ରଚଳନ ହେଲା ।

**ଶବ୍ଦ ପ୍ରସାରଣ ବ୍ୟବସ୍ଥା:** ପ୍ରତ୍ୟେକ ଛ ନାଚ ପ୍ରଦର୍ଶନ ବେଳେ ମାଇକ୍‌ର ବ୍ୟବସ୍ଥା ଥିବାର ଦେଖାଯାଏ । ଓସ୍ତାଦ୍ ଓ ନୃତ୍ୟକାରୀ ମାନଙ୍କର ନାମ ଘୋଷଣା ସାଙ୍ଗକୁ ନୃତ୍ୟର ବିଷୟ ମଧ୍ୟ ଘୋଷଣା କରାଯାଏ । ଝୁମର ଗାନ ସହିତ ବାଦ୍ୟର ଶବ୍ଦ ପ୍ରସାରଣ ନିମନ୍ତେ ମାଇକର ଅନୁଭୂତ ହୁଏ ।

**ଦର୍ଶକ ମାନଙ୍କ ଉପଭୋଗ ଓ ପ୍ରତିକ୍ରିୟା:** ନାଚ ଭଲ ହେଲେ ଦର୍ଶକମାନେ ଆନନ୍ଦ ମନରେ ସାରାରାତ୍ରି ବସିରହି ନାଚ ଦିଅନ୍ତି । ନାଚ ଭଲ ହେଲେ ଦର୍ଶକମାନେ ମୁହଁରେ ହୁଳହୁଳି ଦିଅନ୍ତି, ସୁସୁରି ବଜାନ୍ତି । ବାଃ ବାଃ ଶବ୍ଦ କରନ୍ତି । କେତେକ ସ୍ଥାନରେ ନୃତ୍ୟକାରୀଙ୍କ ନୃତ୍ୟରେ କେହି କେହି ମୁଗ୍ଧ ଦର୍ଶକ ନଗଦ ଟଙ୍କା ଉପହାର ଦିଅନ୍ତି । ଗୋଟିଏ ବିଷୟର ନାଚ ଶେଷରେ ମଞ୍ଚ ସ୍ଥଳକୁ ଯାଇ ଏପରି କରାଯାଏ ।

ନାଚି ଖରାପ ହେଲେ ଦର୍ଶକମାନେ ବିଭକ୍ତ ହୁଅନ୍ତି ଓ ବିଭିନ୍ନ ମାଧ୍ୟମରେ ଏହା ପ୍ରକାଶ କରିଥାନ୍ତି ।

ରାଜାଙ୍କ ଅମଳରେ ବିଜୟୀ ଦଳକୁ କିମ୍ବା ଶ୍ରେଷ୍ଠ ନର୍ତ୍ତକଙ୍କୁ ରୂପାର ପଦକ ଦିଆଯାଇ ସମ୍ବର୍ଦ୍ଧିତ କରାଯାଉଥିଲା । ଏଥି ସହ ଗୋଲାପ ଫୁଲ, ଗେଣ୍ଡାଫୁଲ କିମ୍ବା ପଦ୍ମ ଫୁଲର ମାଳମାନ ଉପହାର ଦିଆଯାଉଥିଲା । ନାଚ ଶେଷରେ ଅଙ୍ଗବସ୍ତ୍ର ପ୍ରଭୃତି ଉପହାର ପ୍ରଦାନ କରୁଥିବା ଜଣାଯାଏ ।

**ସମ୍ମାନ ଜଣାଇବା ବିଧି:** ପୁରୁଲିଆର ନୃତ୍ୟକାରୀ ମାନେ ଶିବ, ଗଣେଶ, ଦୁର୍ଗା, କାଳୀ ମାତା, ମାରାକୁଲ୍ଲୁ, ରାଙ୍ଗାହାଡ଼ି, ଚକ୍ରଦେବ ପ୍ରଭୃତିଙ୍କୁ ନୃତ୍ୟର ସଫଳ ପରିବେଶଣ ନିମନ୍ତେ ଆରାଧନା କରନ୍ତି । ନାଚ ଆରମ୍ଭ ପୂର୍ବରୁ କିମ୍ବା ନାଚ ସ୍ଥାନକୁ ଯିବା ପୂର୍ବରୁ ଦେବତା ମାନଙ୍କୁ ପୂଜା ରାଯାଏ । ମହାଦେବଙ୍କ ମନ୍ଦିର ସାମନାରେ ନାଚ ହେଲେ ମନ୍ଦିରକୁ ଯାଇ ପୂଜା ଓ ପ୍ରଣାମ କରିସାରି ଗୁରୁ/ଓସ୍ତାଦ୍, ଗୁରୁଜନ ପ୍ରଭୃତିଙ୍କୁ ସମ୍ମାନ ଜଣାଇ ଆସରକୁ ନାଚିବା ପାଇଁ ଯାଇଥାନ୍ତି ।

**ପୁରୁଲିଆ ଛଉରେ ମୁଖା ଶିଳ୍ପ:** ପୁରୁଲିଆ ଛଉ ନାଚରେ ବ୍ୟବହୃତ ମୁଖା ଗୁଡ଼ିକ ପୂର୍ବ କାଳରେ ବାଗମୁଣ୍ଡିର ଚୋଡ଼ିଦା ଗ୍ରାମରେ ନିର୍ମିତ ହେଉଥିଲା । ଏଠାକାର ସୂତାର ଜାତିର ଲୋକେ ଏହାକୁ ପେଷା ରୂପେ ଗ୍ରହଣ କରିଥିବାର ଜଣାଯାଏ । ଚୋଡ଼ିଦା ଗ୍ରାମର ଅଧିବାସୀ ମଧୁରାୟ (ବ୍ରାହ୍ମଣ) ଏହି ସୂତାର ମାନଙ୍କଠାରୁ ମୁଖା ନିର୍ମାଣ ଶିକ୍ଷା କରିଥିଲେ । କୌଣସି କାରଣରୁ ସେ ଏହି ସ୍ଥାନ ତ୍ୟାଗ କରି ଜୟପୁର ଡୁମୁରଡିହି ଗ୍ରାମରେ ବାସ କଲେ ଓ ସେଠାରେ ମୁଖା ନିର୍ମାଣ ଆରମ୍ଭ କଲେ ।

ମଧୁରାୟ ଚୋଡ଼ିଦାର ସୂତ୍ରଧର ମାନଙ୍କ ଠାରୁ ଏହି ନିର୍ମାଣ କୌଶଳ ଶିକ୍ଷା କରିଥିଲେ ହେଁ ସେ ଏହି ନିର୍ମାଣ ପଦ୍ଧତିରେ ଉନ୍ନତି କରାଇଥିବାର ଜଣାଯାଏ । ଚୋଡ଼ିଦାର ମୁଖା ନିର୍ମାଣ ପଦ୍ଧତି ଅପେକ୍ଷା ଡୁମୁରଡିହିର ପଦ୍ଧତି ସ୍ୱତନ୍ତ୍ର ଓ ମଧୁରାୟ ହିଁ ଏହି ଶୈଳୀର ସ୍ରଷ୍ଟା ରୂପେ ପରିଚିତ ହୋଇଥିବାର ଆଲୋଚକ ମାନଙ୍କର ମତ । କେବଳ ପୁରୁଲିଆ / ମାନଭୂମ ନୁହେଁ ସୀମାନ୍ତ ସିଂଭୂମ, ବାଙ୍କୁଡ଼ା, ଧାନବାଦ, ହଜାରିବାଗ, ମେଦିନୀପୁରର ଗ୍ରାମାଞ୍ଚଳରେ ପୁରୁଲିଆର ମୁଖା ଆଦୃତ ହୋଇଥିବାର ଜଣାଯାଏ । ପୁରୁଲିଆରେ ଚୋଡ଼ିଦା ଓ ଡୁମୁରଡିହି ଏପରି ଦୁଇଗୋଟି ମୁଖା ଉତ୍ପାଦନ କେନ୍ଦ୍ର ସଂପର୍କରେ ବିବରଣୀ ଯଥା ସ୍ଥାନରେ ଉଲ୍ଲେଖ କରାଯିବ ।

**ମୁଖାର ପ୍ରତିଶବ୍ଦ:** ଏ ଅଞ୍ଚଳରେ ମୁହାଁ, ମହଡ଼ା ଓ ମୁଖୋସ୍ - ଏପରି ଶବ୍ଦମାନ ପ୍ରଚଳିତ ।

**ମୁଖା ନିର୍ମାଣ:** ଅଯୋଧ୍ୟା ପାଦଦେଶରେ ଅବସ୍ଥିତ ବେଗୁନ କୋଦର ଏକ ଭୂମିଜ ଅଧ୍ୟୁଷିତ ଗ୍ରାମ । ଏଠାରେ ମୁଣ୍ଡା ଜାତିର ରାଜାଙ୍କ ସମୟରେ ଏହି ସୂତାର ଜାତିର ଲୋକଙ୍କୁ ବର୍ଦ୍ଧମାନର ବଡ଼ତଲା ପଦାରୁ ଅଣାଇ ରଖାଇଥିବାର ଜଣାଯାଏ । ଏଠାର ରାଜା ବର୍ତ୍ତମାନ ରାଜପୁତ କ୍ଷତ୍ରିୟ ରୂପେ ପରିଚିତ । ବେଗୁନ କୋଦର୍ ଚୋଡ଼ିଦା ନିକଟରୁ ପ୍ରାୟ ବାର ମାଇଲ ଦୂର । କାଳକ୍ରମେ ସେଠାକାର ସୂତାର ମାନେ ବାଗମୁଣ୍ଡିର ଚୋଡ଼ିଦା ଗ୍ରାମରେ ବାସ କଲେ । ବାଗମୁଣ୍ଡିର ରାଜା ସେମାନଙ୍କୁ ଲାଖରାଜ ଭୂସଂପତ୍ତି ପ୍ରଦାନ କରିଥିଲେ । ଦୁର୍ଗାପୂଜା ସମୟରେ ଦୁର୍ଗା ମୂର୍ତ୍ତି । ଭାଦ୍ରବ ମାସରେ ଭାଦୁ ଇତ୍ୟାଦିଙ୍କର ମୂର୍ତ୍ତି ନିର୍ମାଣ କରିବା ଏମାନଙ୍କର ଦାୟିତ୍ୱ ଥିବାର ଜଣାଯାଏ ।

ଏଠାର ଏହି ସୂତ୍ରଧର (ସୂତାର) ଜାତିର ଶ୍ରୀ ଅନୀଲ ସୂତାର (ବୟସ ୫୮) ଜଣେ କୁଶଳୀ ମୁଖା ଶିଳ୍ପୀ । ସେ ପ୍ରଖ୍ୟାତ ଛଉ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଗମ୍ଭୀର ସିଂ ମୁଡ଼ାଙ୍କ ଛଉ ଦଳର ପରିଚାଳକ ଓ ଜଣେ ନୃତ୍ୟ ଶିଳ୍ପୀ ରୂପେ ପ୍ରତିଷ୍ଠିତ ।

**ମୁଖା ନିର୍ମାଣ ନିମନ୍ତେ ଉପାଦାନ ସଂଗ୍ରହ:** ମୁଖା ତିଆରି ନିମନ୍ତେ ଅଦରକାରି କାଗଜ, ଛିଣ୍ଡା ଲୁଗା, ଲୁହାତାର, ଅଠା, ପ୍ଲାଷ୍ଟିକ ଓ କାଗଜଫୁଲ, ବିଭିନ୍ନ, ରଙ୍ଗ, ପକ୍ଷୀର ପର, କାଠପଟା, କରଣୀ, ତାପୀ ପ୍ରଭୃତି ଉପକରଣ ପ୍ରୟୋଜନ ହୁଏ ।

**ତାପି:** ପେପଡ଼ କାଠରେ ତାପି ତିଆରି ହୁଏ । ଏହା ହାଲୁକା ଓ ମସୃଣ । ତାପି ପାଞ୍ଚ ସାତ ପ୍ରକାର ଥାଏ ।

**କରଣୀ:** ଲୁହାରେ ତିଆରି ଏକ ମୁନିଆଁ ଯନ୍ତ୍ର । ମୁଖାର ଆଖି, କାନ ଓ ନାକରେ କଣା କରିବା ନିମନ୍ତେ ବ୍ୟବହୃତ ହୁଏ ।

**ଅଠା:** ଚାଉଳ ଗୁଣ୍ଡି ଫୁଟାଇ ଅଠା ପ୍ରସ୍ତୁତ କରାଯାଏ । ପୁରୁଣା ଛିଣ୍ଡା କନାରେ ଅଠା ଭଲ ଧରେ । ନୂଆ କନାରେ ଅଠା ଭଲ ଧରେ ନାହିଁ । ମୋଟ ଆଠ/ଦଶଟି ପଟା ଉପରେ ଛାଞ୍ଚ ତିଆରି ହୁଏ । ଏହାପରେ ଖରାରେ ଭଲ ଭାବରେ ଶୁଖାଇ ଦିଆଯାଏ । ଶୁଖିଗଲା ପରେ ପ୍ରସ୍ତୁତକାରୀ ଭୂଇଁ ଉପରେ ପାଦ ଲମ୍ବାଇ ବସି କୋଳ ଉପରେ ଛାଞ୍ଚଟି ରଖି ଖଣତିରେ ଆସ୍ତେ ଆସ୍ତେ କାଟି ଛାଞ୍ଚରୁ ମୁଖାଟିକୁ ବାହାର କରେ । ମୁଖା ବାହାରିଲା ପରେ ରଙ୍ଗ କାମ ହୁଏ । ପ୍ରଥମେ ଖଡ଼ି, ମାଟି/ଚୂନ ଦିଆଯାଏ । ପରେ ବିଭିନ୍ନ ଚରିତ୍ର ଉପଯୋଗୀ ଭିନ୍ନ ଭିନ୍ନ ରଙ୍ଗ ଲେପ ଦିଆଯାଏ ।

**ସଜା:** ଖଡ଼ି ମାଟି ବା ଚୂନ ଦେଇ ଶୁଖିଗଲା ପରେ ଟିକିଲି, କଣ୍ଠିମାଳ, ପ୍ଲାଷ୍ଟିକର ବିଭିନ୍ନ ଫୁଲ, ସରୁ ତାର, ରଙ୍ଗ ବେରଙ୍ଗର ଚଢ଼େଇର ପର ସଜା ନିମନ୍ତେ ବ୍ୟବହୃତ ହୁଏ । କେଶୀ ନଳିତା / ପାଟରେ ତିଆରି ହୁଏ । ଆଗରୁ ପୁରୁଲିଆ / ମାନଭୂମ ଛଉରେ ପଗଡ଼ି, ଟୋପି ପ୍ରଭୃତି ବ୍ୟବହୃତ ହେଉଥିଲା । ସେତେବେଳେ ମୁଖା ଏପରି ସୁସଜ୍ଜିତ ହେଉ ନଥିଲା ।

ଚରିତ୍ର ଅନୁସାରେ ମୁଖାର ନିର୍ମାଣ ନିମନ୍ତେ ଅଧଘଣ୍ଟାରୁ ଘଣ୍ଟାଏ ପର୍ଯ୍ୟନ୍ତ ସମୟ ଲାଗେ । ଶୁଖିବା ପାଇଁ ତିନି ଚାରିଦିନ ସମୟ ଲାଗେ । ସଜା ନିମନ୍ତେ ଅଧଘଣ୍ଟାରୁ ଆଠ ଘଣ୍ଟା ସମୟ ଲାଗେ ।

**ମୁଖା ନିର୍ମାଣର ସମୟ:** ସାଧାରଣତଃ ସରସ୍ୱତୀ ପୂଜା (ମାଘ) ପରଠାରୁ ମୁଖା ତିଆରି ଆରମ୍ଭ ହୁଏ । ବିଶ୍ୱକର୍ମାଙ୍କୁ ପୂଜା କରି ପ୍ରଫୁଲ୍ଲ ଚିତ୍ତରେ ଶିଳ୍ପୀ ମୁଖା କାମ ଆରମ୍ଭ କରନ୍ତି । ସର୍ବପ୍ରଥମେ ଗଣେଶଙ୍କର ମୁଖା ତିଆରି ହୁଏ । ପରେ ଅନ୍ୟାନ୍ୟ ମୁଖା ତିଆରି ହୁଏ । ମୁଖାର ଦୁଇ କଡ଼ ଦୁଇଟି କାନ ତଳେ କଣା କରି ଦୁଇଟି ସୁତୁଲି ବାନ୍ଧି ଦିଆଯାଏ । ବର୍ଷ ସାରା ମୁଖା ତିଆରି ହେଉଥିଲେ ହେଁ ବର୍ଷର ମାଘ ମାସରୁ ଆରମ୍ଭ ହୋଇ ଜ୍ୟେଷ୍ଠ ମାସ ପର୍ଯ୍ୟନ୍ତ ପୂରା ଭାବରେ ଚାଲେ । ଖରା ଦିନରେ ମୁଖା ଗୁଡ଼ିକ ଶିଘ୍ର ଶୁଖି ଯାଉଥିବାରୁ ଏହି ସମୟରେ ଅଧିକ ତିଆରି ହୁଏ । ବର୍ଷା ସମୟରେ ମୁଖା ସବୁ ଶିଘ୍ର ଶୁଖେ ନାହିଁ । ମୁଖାରେ ବ୍ୟବହୃତ କାଗଜ ଓ କନା ସଂକୁଚିତ ହୋଇଯାଏ ।

**ମୁଖା ତିଆରି ନିମନ୍ତେ ପାଳିତ ବିଧି:** ମୁଖା ତିଆରି ବେଳେ କେତେ ବିଧି ନିଷେଧ ପାଳିତ ହୁଏ । ଗଣେଶ, ଦୁର୍ଗା, ଶିବ ପ୍ରଭୃତିଙ୍କ ମୁଖା ତିଆରି ଓ ସଜା ସମୟରେ ଶୁଦ୍ଧ ଓ ପବିତ୍ର ଭାବରେ କଚ୍ଛ ଲୁଗା ପିନ୍ଧିବାକୁ ହୁଏ । ଉଭୟ ପୁରୁଷ, ସ୍ତ୍ରୀ ମୁଖା ସଜାଇ ଥାନ୍ତି । ସ୍ତ୍ରୀ ଲୋକଙ୍କର ମାସିକ ଋତୁସ୍ରାବ ସମୟରେ ଦେବଦେବୀଙ୍କର ମୁଖା ସଜାରେ କରି ନଥାନ୍ତି ।

**ମୁଖା ସଜାର ଭିତ୍ତି:** ମହାକାବ୍ୟ, ପୁରାଣ, ଇତିହାସ ଓ ପ୍ରକୃତି ବିଷୟକ ନାଚ ସବୁକୁ ଲକ୍ଷ୍ୟ କରି ମୁଖା ସଜିତ ହୁଏ । ମୁଖା ଗଠନ ଓ ସଜା ନିମନ୍ତେ ଏସବୁରେ ଜ୍ଞାନ ସହାୟକ ହୋଇଥାଏ । ଐତିହାସିକ ବିଷୟବସ୍ତୁ ଯଥା- ବିର୍ସାମୁଣ୍ଡା, ସାନ୍ତାଳ ବିଦ୍ରୋହ ପ୍ରଭୃତି ନାଚରେ ସମସାମୟିକ ସାଜସଜା ଓ ଉପକରଣ ବ୍ୟବହୃତ ହୁଏ । ମୁଖା ସଜା ସମୟରେ ଶିଳ୍ପୀ ସମୟ ଓ ଲୋକଙ୍କର ଆବଶ୍ୟତାକୁ ଲକ୍ଷ୍ୟ କରିଥାନ୍ତି ।

**ମୁଖା ସ୍ଥାପନ କୌଶଳ:** ନାଚିବା ପୂର୍ବରୁ ନାଚୁଆ ମଥାରେ ପଗଡ଼ି ଭିଡ଼େ । ସାବଧାନ ସହକାରେ ମୁଖା ବସାଇ ଦୁଇ ଦିଗରେ ଥିବା ଦଉଡ଼ି ଦ୍ୱାରା ବେକର ପଛ ଭାଗରେ ବାନ୍ଧି ଗଣ୍ଠି ଦିଆଯାଏ । ବଡ଼ ବଡ଼ ମୁଖାର ପଛ ଭାଗରେ ତିନି ଚାରିଖଣ୍ଡ ବାଉଁଶ ପାତିଆ ଦେଇ ବନ୍ଧାଯାଏ । ପୁରୁଲିଆ ମୁଖା ଚରିତ୍ରର ନାମ ପର୍ଯ୍ୟନ୍ତ ତିଆରି ହୋଇଥାଏ । ମୁଖା ସ୍ଥାପନ ବେଳେ ନୃତ୍ୟକାରୀ ନିଜେ କିମ୍ବା ଅନ୍ୟ କାହାର ସାହାଯ୍ୟ ନେଇଥାଏ ।

**ମୁଖାର ପ୍ରୟୋଜକ:** ଛଉ ନାଚରେ ମୁଖା ଅତି ପ୍ରୟୋଜନ । ମୁଖାର ବ୍ୟବହାର ଫଳରେ ଚରିତ୍ର ଉନ୍ନତ ହୁଏ । ଭାବ ପ୍ରକଟିତ ହୁଏ । ଦର୍ଶକ ଚରିତ୍ରର ସତ୍ତାକୁ ନିବିଡ଼ ଭାବରେ ଉପଲବ୍ଧ କରିଥାଏ

ଓ ନାଚ ଭଲରୂପେ ଉପଭୋଗ କରିଥାଏ । ମୁଖା ପରିଧାନ ହେତୁ ନାଚରେ ଅଧିକ ଲୋକର ଆବଶ୍ୟକ ହୁଏ ନାହିଁ । ଜଣେ ଲୋକ ମୁଖା ବଦଳେଇ ନେଇ ଅନ୍ୟ ଚରିତ୍ରର ଅଭିନୟ କରିପାରନ୍ତି । 'ମୁହାଁ ପରାର ପର ବିଷୟ ଏବଂ ଭବେର ଉପଲବ୍ଧି ହୟ' । ମୁଖା ପିନ୍ଧିଲା ପରେ ମୁଖାନୁରୂପ ଚରିତ୍ର ଭାବ ମନ ଭିତରେ ଭର୍ତ୍ତି ହୋଇଯାଏ । ନାଚର ତାଳ ମନେ ପଡ଼ିଯାଏ । ଆସରରେ ମହୁରିଆ ଓ ଢୋଲିଆର ଶବ୍ଦ ସାଙ୍ଗକୁ ଝୁମୁରିଆର ଝୁମୁର ଶୁଣିବା ମାତ୍ରେ ନାଚିବା ପାଇଁ ଗୋଡ଼ହାତ ପ୍ରସ୍ତୁତ ହୋଇପଡ଼େ । ସର୍ବାଙ୍ଗରେ ଶୀହରଣ ଖେଳି ଯାଏ । ମୁଖା ପିନ୍ଧିଲେ ନୃତ୍ୟକାରୀ ବିଷୟ ବର୍ଣ୍ଣିତ ଚରିତ୍ର ପରି ଦେଖାଯାଏ ।

**ବିଭିନ୍ନ ଚରିତ୍ରରେ ଗୋଟିଏ ଗୋଟିଏ ମୁଖାର ବ୍ୟବହାର:** ମୁଖା କୌଣସି ଚରିତ୍ରର ପ୍ରତିନିଧିତ୍ୱ କରେ । ସାଧାରଣତଃ ଗୋଟିଏ ଚରିତ୍ର ନିମନ୍ତେ ଗୋଟିଏ ମୁଖା ବ୍ୟବହାର କରାଯାଏ । କେତେକ ମୁଖା ଏକାଧିକ ଚରିତ୍ର ପାଇଁ ବ୍ୟବହୃତ ହୋଇପାରେ । ଯେପରି କାର୍ତ୍ତିକ ମୁଖା ଇନ୍ଦ୍ର, ବଳରାମ, ଆୟାନ୍ (ଶ୍ରୀରାଧାଙ୍କ ସ୍ୱାମୀ) ଓ ରାଜାମାନେ ବ୍ୟବହାର କରିପାରନ୍ତି । କୃଷ୍ଣଙ୍କର ମୁଖା ରାମଚନ୍ଦ୍ର ବ୍ୟବହାର କରିପାରନ୍ତି । ବିଭୀଷଣ ମୁଖା ଦୁଃଶାସନ, ମେଘନାଦ ପ୍ରଭୃତି ଚରିତ୍ର ଏବଂ କିରାତ ମୁଖା ବ୍ୟାଧ ଚରିତ୍ରରେ ବ୍ୟବହୃତ ହୁଏ । ବିଶ୍ୱାମିତ୍ରଙ୍କ ମୁଖା ନାରଦ, ବାଲ୍ମୀକୀ କିମ୍ବା ଯେ କୌଣସି ଋଷି ବ୍ୟବହାର କରିପାରନ୍ତି ।

**ମୁଖା ବ୍ୟବହାରରେ ଅସୁବିଧା:** ମୁଖା ବ୍ୟବହାର କରିଥିବା ସମୟରେ ଶ୍ୱାସକ୍ରିୟା ସ୍ୱଚ୍ଛନ୍ଦରେ ସଂପନ୍ନ ହୁଏ ନାହିଁ । ମୁଖରେ ମୁଖା ସ୍ଥାପନରେ ଅବ୍ୟବସ୍ଥା ହେଲେ, ଚକ୍ଷୁର ଛିଦ୍ର ଚକ୍ଷୁ ଡୋଳା ସହିତ ସମାନ୍ତରାଳ ଭାବରେ ନ ରହିଲେ, ମୁଖା ନିର୍ମାଣ ସମୟରେ ଚକ୍ଷୁ ଓ ନାକର ବ୍ୟବଧାନ ଠିକ ନଥିଲେ ମୁଖା ବ୍ୟବହାରକାରୀଙ୍କ ପକ୍ଷରେ ଅନେକ ଅସୁବିଧା ହୋଇଥାଏ । ତେଣୁ ନାଚ ଖରାପ ହେବାର ସମ୍ଭାବନା ଥାଏ ।

**ପୂର୍ବକାଳରେ ମୁଖା ଓ ବର୍ତ୍ତମାନର ମୁଖା:** ପୂର୍ବକାଳର ମୁଖା ଏପରି 'ସାଜାନୋ ଗୋଦାନୋ' ନଥିଲା । ସେତେବେଳେ ମୁଖାରେ ପଗଡ଼ି ଓ ତାଜ୍ ଦେଇ ନାଚ ହେଉଥିଲା । ତାଜ୍ / ମୁକୁଟ ସବୁ ମାଟି, କନାରେ ତିଆରି ହେଉଥିଲା । ଝରଣାଜଳ, ପାହାଡ଼ ଅରଣ୍ୟରେ ମିଳୁଥିବା ବିଭିନ୍ନ ରଙ୍ଗର ପଥର ଓ ରଙ୍ଗମାଟିରେ ଏସବୁ ରଙ୍ଗା ଯାଉଥିଲା । ଆହୁରି ଆଗରୁ ମୁଖା ସବୁ ଶିମୁଳି କାଠରେ ତିଆରି ହେଉଥିବାର ଜଣାଯାଏ ।

ପୂର୍ବରୁ ଏତେ ପ୍ରକାର ମୁଖା ନଥିଲା । ଏବେ ଛଉ ନାଚର ମୁଖା ଗୁଡ଼ିକ ପ୍ରାକୃତିକତା ହରାଇଛନ୍ତି । ଆଖି ଝଲସା କରିବା ପାଇଁ ବିଭିନ୍ନ ଚେଷ୍ଟା ଚାଲିଛି । ବହୁତ ଖର୍ଚ୍ଚ ହେଉଛି । ବେଶିଦିନ ଯାଉନାହିଁ ।

**ମୁଖା ବିକ୍ରି:** ମୁଖା ତିଆରି ହୋଇ ରହିଥାଏ । ବିଭିନ୍ନ ସ୍ଥାନର ବଜାରକୁ ଏସବୁ ଯୋଗାଇ ଦିଆଯାଏ । ଅନେକ ସମୟରେ ମୁଖା ନିର୍ମାତାମାନେ ବରାଦ ମୁତାବକ ଏସବୁ ତିଆରି କରିଦିଅନ୍ତି ।

ସାଧାରଣତଃ ମୁଖା ପାଇଁ ଶ୍ରମ, ସଜା, ଚରିତ୍ର ଓ ଚାହିଦା ଉପରେ ମୁଖାର ମୂଲ୍ୟ ନିର୍ଭର କରେ । ଏଗୁଡ଼ିକ ପନ୍ଦର ଟଙ୍କାରୁ ଆରମ୍ଭ କରି ଚାରି ପାଞ୍ଚ ଶହ ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହୋଇଥାଏ । ବାହାର ଲୋକଙ୍କ ନିକଟରେ ପୁରୁଲିଆର ଲୌକିକ ଶୈଳୀରେ ସଜିତ ମୁଖା ଗୁଡ଼ିକର ଆକର୍ଷଣ ଅଧିକ ଓ ଏହା ଅଧିକ ମୂଲ୍ୟ ଦେଇ କିଣିବାକୁ ପଡ଼ିଥାଏ ।

ପୁରୁଲିଆର ବ୍ୟବସାୟୀମାନେ ମୁଖା ନିର୍ମାତା ମାନଙ୍କ ଅର୍ଥାଭାବ ସମୟର ଲାଭ ଉଠାଇଥାନ୍ତି । ବର୍ଷାଦିନରେ ଆଗୁଆ ଅର୍ଥ ଲଗାଣ କରି ମୁଖା ବରାଦ କରିଥାନ୍ତି ।

**ମୁଖାର ସଂରକ୍ଷଣ:** ନାଚ ଶେଷରେ ମୁଖା ଗୁଡ଼ିକ ଶିଡ଼ିପରି ତିଆରି ହୋଇଥିବା ଦୁଇ ଗୋଟି ବାଉଁଶରେ ଥାକ ଥାକ କରି ଉପରୁ ତଳକୁ ବାନ୍ଧି ବାହାରେ ଡେରି ଦେଇ ଖରାରେ ଶୁଖାଇ ଦିଆଯାଏ । ରାତ୍ରିକାଳରେ ନାଚ ବନ୍ଦ ଥିବା ସମୟରେ ବାଉଁଶର ଶିଡ଼ିଟିକୁ ମୁଖା ସହ ଘର ଭିତରକୁ ନେଇ କାନ୍ଥକୁ ଡେରି ଦେଇଥିବାର ଦେଖାଯାଏ । ମୁଖା ଗୁଡ଼ିକ କାଗଜ, କନା, ମାଟି ଓ ଅଠାରେ ତିଆରି ହୋଇଥିବାରୁ ସେଗୁଡ଼ିକ ୪୦/୫୦ ଥର ବ୍ୟବହାର ପରେ ଆଉ ଉପଯୋଗୀ ହୋଇ ରହେ ନାହିଁ । ତେଣୁ, ସେସବୁର ସଂରକ୍ଷଣର ଆବଶ୍ୟକତା ରହେନାହିଁ ।

**ମୁଖାଶିଳ୍ପର ଭବିଷ୍ୟତ:** ପୁରୁଲିଆ-ମାନଭୂମ ଅଞ୍ଚଳରେ ଚୋଡ଼ିଦା ଓ ଡୁମୁରଡ଼ି ବ୍ୟତୀତ ଗ୍ରାମାଞ୍ଚଳରେ ଅନେକ ସ୍ଥାନରେ ମୁଖା ନିର୍ମାଣ ହେଉଥିବା ଜଣାଯାଏ । ଉପରୋକ୍ତ ସ୍ଥାନରେ ତିଆରି ମୁଖା ଗୁଡ଼ିକ ମୂଲ୍ୟ ଅଧିକ ହେତୁ ଗ୍ରାମାଞ୍ଚଳରେ ଦଳର ଚାହିଦା ମେଣ୍ଟାଇବା ପାଇଁ ସେ ସବୁ ସ୍ଥାନର ଅନେକ ଶିଳ୍ପୀ ମୁଖା ସବୁ ନିର୍ମାଣ କରୁଥିବାର ଜଣାଯାଏ । ଏସବୁ ସ୍ଥାନର ଶିଳ୍ପୀମାନେ ଚୋଡ଼ିଦା କିମ୍ବା ଡୁମୁରଡ଼ିର ମୁଖା ନିର୍ମାତା ମାନଙ୍କଠାରୁ ନିର୍ମାଣ କୌଶଳ ଶିକ୍ଷା କରିଥିବା ଜଣାଯାଏ ।

ପୁରୁଲିଆର ମୁଖା ନିର୍ମାତା ସୂତାର କିମ୍ବା ଭଟ୍ଟବ୍ରାହ୍ମଣ ମାନଙ୍କ ଆର୍ଥିକ ଅବସ୍ଥା ସଚ୍ଛଳ ନୁହେଁ । ଏମାନେ ବର୍ଷର ପାଞ୍ଚମାସ (ମାଘ-ଜ୍ୟେଷ୍ଠ) ମୁଖା ତିଆରି କରି ବିକ୍ରୟଲବ୍ଧ ଅର୍ଥରେ ସାରାବର୍ଷ ପରିବାରର ପ୍ରତିପୋଷଣ କରିଥାନ୍ତି । ଅନେକ ମୁଖା ଶିଳ୍ପୀ ଭୂମିହୀନ । ଏପରି ପରିସ୍ଥିତିରେ ସେମାନେ ଲାଭଖୋର ବ୍ୟବସାୟୀ ମାନଙ୍କ ଶିକାର ହୋଇଥାନ୍ତି । ଶିଳ୍ପୀ ମାନଙ୍କ ଆର୍ଥିକ ଉନ୍ନତିରେ ଶିଳ୍ପ କଳାର ବିକାଶ ଅନେକ ପରିମାଣରେ ନିର୍ଭରଶୀଳ ।

ପୁରୁଲିଆ ଛଉ ନାଚର ବହୁଳ ପ୍ରଚାର ଓ ପ୍ରସାର ଫଳରେ ସେଠାର ମୁଖା ନିର୍ମାଣ ଏକ କ୍ଷୁଦ୍ର ଶିଳ୍ପ ରୂପେ ଗଢ଼ି ଉଠିଛି । ଏଠାର ମୁଖା ଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳ ।

ଛଉ ନାଚର ଉଦ୍ଦେଶ୍ୟ: ଚୈତ୍ର ମାସରୁ ଆରମ୍ଭ ହୋଇ ଜ୍ୟେଷ୍ଠ ମାସର ରୋହିଣୀ ପର୍ଯ୍ୟନ୍ତ ଛ ନାଚ ଅନୁଷ୍ଠିତ ହୁଏ । ଏହାର ନୃତ୍ୟ ହେଉଛି ତାଣ୍ଡବ । ବାଦ୍ୟ କାଳବୈଶାଖୀ । ଯାଦୁ ଏହାର ଶକ୍ତି । ଏହା ବୃଷ୍ଟି ଓ ସୃଷ୍ଟି ଆବାହନ ଉତ୍ସବ ।

ପୁରୁଲିଆ ଛଉ ନାଚର ଇତିହାସ: ସମଗ୍ର ପୁରୁଲିଆ/ମାନଭୂମ ଅଞ୍ଚଳରେ ପ୍ରଚଳିତ ଛ/ଛଉ/ଛୌ ନାଚ ତିନିଗୋଟି ସ୍ତରରେ ଅନୁଷ୍ଠିତ ହେଉଥିବାର ଜଣାଯାଏ । ପ୍ରଥମତଃ ସାଧାରଣ ଲୋକ ବା ଗ୍ରାମ୍ୟସ୍ତର, ଦ୍ୱିତୀୟତଃ ମାନକୀ/ମୁଣ୍ଡା ମାନଙ୍କ ଦ୍ୱାରା ପୃଷ୍ଠପୋଷକତା ଲାଭ କରିଥିବା ପିଢ଼ /ପରଗଣା ସ୍ତର ଓ ତୃତୀୟତଃ ରାଜା ବା ରାଜ୍ୟ ସ୍ତର ।

ପୁରୁଲିଆ / ମାନଭୂମ ଅଞ୍ଚଳରେ ଏହି ନାଚର ଅନୁଧ୍ୟାନ କାଳରେ ବାଘମୁଣ୍ଡି ରାଜ ପରିବାର ସହିତ କାଳିମାଟି, ହେଁସଲା, ପୁସ୍ତିତୋଡ଼ାଂ ପ୍ରଭୃତି ସ୍ଥାନର ମାନକୀ ମାନଙ୍କର ପୋଷକତା ରହିଥିବାର ଦେଖାଯାଏ । ବାଘମୁଣ୍ଡିର ରାଜା ହୃଦୟ ନାଥ ସିଂଙ୍କ ସମୟରେ ନାଚଟି ଆରମ୍ଭ ହୋଇଥିବାର ସୂଚିତ ହୁଏ । ଏହି ବିଷୟ ଡଃ ସରକାର ତାଙ୍କ ପ୍ରବନ୍ଧରେ ଲେଖିଅଛନ୍ତି । ମୋର କ୍ଷେତ୍ର ଅଧ୍ୟୟନ ବିବରଣୀରୁ ସ୍ପଷ୍ଟ ସୂଚିତ ହୁଏ ଯେ ରାଜାମାନେ ମୋହନ ସିଂଙ୍କ ବାପା ବ୍ରଜ ଗୋପାଳଙ୍କ ସମୟରେ ଛ ନାଚର ପୋଷକତା ପ୍ରଦାନ କରିଥିଲେ । ସେହି ସମୟରୁ ନାଚଟି ଆଙ୍ଗିକ ଓ ଆତ୍ମିକ ଉଭୟ ଦିଗରୁ ପୁଷ୍ଟ ଓ ବିକଶିତ ହୋଇଥିଲା । ନାଚଟିର ବିକାଶ ନିମନ୍ତେ ସେ ମୁଖା ନିର୍ମାତା, ନାଚୁଆ ଓ ବାଦ୍ୟକାର ମାନଙ୍କୁ ବିଭିନ୍ନ ସ୍ଥାନରୁ ଅଣାଇ ଭୂସଂପତ୍ତି ପ୍ରଦାନ କରି ରଖାଇଥିବାର ଜଣାଯାଏ । ପ୍ରତିବର୍ଷ ନୂଆ ନୂଆ ନାଚର ସୃଷ୍ଟି ନିମନ୍ତେ ନୃତ୍ୟର ଗୁରୁମାନଙ୍କୁ ଉତ୍ସାହିତ କରୁଥିଲେ । ସେ ସମୟର ନୃତ୍ୟକାରୀ ମାନଙ୍କ ମଧ୍ୟରୁ ଜୀପାସିଂ, ଭିକା ଲାୟା ବାବୁଲାଲ ମିସ୍ତ୍ରୀ, ଲାଲ ମାହାତୋ(ତ), ମୋହନ ତନ୍ତ୍ରୀ, ମଧୁରାୟ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ପୁସ୍ତିତୋଡ଼ାଂ ନିବାସୀ ଧନୁକ୍ ଧାରୀ ସିଂ ତାଙ୍କ ଛଉ ଦଳରେ ଜଣେ ପ୍ରଧାନ ନୃତ୍ୟ ଶିଳ୍ପୀରୂପେ ପ୍ରତିଷ୍ଠିତ ହୋଇଥିଲେ । ତତ୍କାଳୀନ କେତେକ ପ୍ରସିଦ୍ଧ ନାଚ ହେଉଛି ଆଳାପ ଛ, ଗଣେଶ ପରଶୁରାମ ଯୁଦ୍ଧ, କାର୍ତ୍ତିକ ଛ, ତରଣୀସେନ ବଧ, ରକ୍ତବୀଜ ବଧ, ମାୟାସୀତା ବଧ, ମାୟା ମୃଗ ବଧ, କାମଦେବ ବଧ, କୀରାତ ଅର୍ଜୁନ ଯୁଦ୍ଧ, ଗୋଧନ ମୋଚନ, ଜୟଦ୍ରଥ ବଧ ପ୍ରଭୃତି ନାଚ ।

ସେହି ସମୟର ନୃତ୍ୟକାରୀ ମାନଙ୍କ ମଧ୍ୟରୁ ବଂଶ ପରମ୍ପରା କ୍ରମେ ଜୀପା ସିଂଙ୍କର ପୁତ୍ର ଗମ୍ଭୀର ସିଂ ଏବେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ଛଉ ନୃତ୍ୟ କ୍ଷେତ୍ରରେ ବିଚକ୍ଷଣ ଶିଳ୍ପ ନୈପୁଣ୍ୟ ପ୍ରଦର୍ଶନ କରି ସେ ଜାତୀୟ ସରକାରଙ୍କ ଦ୍ୱାରା 'ପଦ୍ମଶ୍ରୀ' ସମ୍ମାନରେ ଭୂଷିତ ହୋଇଛନ୍ତି । ତାଙ୍କ ଜେଜେବାପା ହାତୁ ସିଂ ମୁଡ଼ା( ମୁରା-ମୁଡ଼ା-ମୁଣ୍ଡା) ଛଉ ନାଚୁଥିବାର ସେ କହନ୍ତି । ହାତୁ ସିଂ ରାଜା ମଦନ ମୋହନଙ୍କ ପୂର୍ବର ଲୋକ । (ଏଠାରେ ବ୍ୟକ୍ତି ବିଶେଷଙ୍କର ଜୀବନକାଳ ସଂପର୍କରେ

ସୂଚନା ଦେବା ସମ୍ଭ ହୋଇନାହିଁ । କାରଣ, ତତ୍କାଳୀନ ସମାଜରେ ଜନ୍ମ ଏବଂ ମୃତ୍ୟୁର ବିବରଣୀ ଲିପିବଦ୍ଧ କରିବାର ପ୍ରଥା ପ୍ରଚଳନ ନଥିଲା । ଅନ୍ୟ ଦିଗରେ ବାଗମୁଣ୍ଡି ରାଜବଂଶର ଉପଯୁକ୍ତ କୃଷି ନାମା ପାଇବା ସମ୍ଭବ ହୋଇନାହିଁ । ତେଣୁ, ଲୋକ ମୁଖରୁ ଶୁଣି ଏବଂ କେତେକ ଅଧୁନା ପ୍ରକାଶିତ ପ୍ରବନ୍ଧରୁ ବ୍ୟକ୍ତି ବିଶେଷଙ୍କ ନାମ ଓ ସମୟ ସଂପର୍କରେ ସୂଚନା ଦିଆ ଯାଇଛି । ସେ ମଦନ ମୋହନଙ୍କ ପୋଷକତା ଲାଭ କରିନଥିଲେ । ଅନ୍ୟ ମାନଙ୍କ ମଧରେ ମଧୁରାୟଙ୍କର ପୁଅ ହୀରାଲାଲ ଏବେ ଜୀବିତ ଓ ସେ ଡୁମୁରଡ଼ି ଗ୍ରାମରେ ବାସ କରୁଅଛନ୍ତି । ଅଧୁନା ସେ ଛଉର ମୁଖା ନିର୍ମାତା ଭାବେ ବିଖ୍ୟାତ ହୋଇଛନ୍ତି ।

ପୁରୁଲିଆ/ମାନଭୂମ ଛଉର ମୁଖ୍ୟ କେନ୍ଦ୍ର ବାଗମୁଣ୍ଡି ରାଜ ପରିବାର ବୋଲି ବିବେଚିତ ହୁଏ । ଏ ପର୍ଯ୍ୟନ୍ତ ଏହା ସାଧାରଣ ଭାବେ ଗୃହୀତ ହୋଇଛି । ବାଗମୁଣ୍ଡି ରାଜ ବଂଶର ବ୍ରଜ ଗୋପାଳ ସିଂ ପ୍ରାୟ ଦେଢ଼ଶହ ବର୍ଷ ତଳେ ରାଜା ହୋଇଥିବାର ଜଣାଯାଏ । ଯଦି ବ୍ରଜ ଗୋପାଳ ସିଂ ଏହି ନାଚଟିକୁ ପ୍ରାଥମିକ ପର୍ଯ୍ୟାୟରେ ପୃଷ୍ଠପୋଷକତା ପ୍ରଦାନ କରିଥିଲେ ତେବେ ଏହି ନାଚ ସେ ସ୍ଥାନରେ ସେହି ସମୟରୁ ପ୍ରଚଳନ ହୋଇଛି ବୋଲି ଧରିବାକୁ ହେବ ।

ପଦ୍ମଶ୍ରୀ ଗମ୍ଭୀର ସିଂ ସଂପ୍ରତି ବାଗମୁଣ୍ଡି କେନ୍ଦ୍ରର ନୃତ୍ୟଶିଳ୍ପୀ । ସେ କହନ୍ତି, ତାଙ୍କ ଜେଜେବାପା ହାଡୁସିଂ, ବାବା ଜୀପା ସିଂ, ସେ ନିଜେ ଓ ତାଙ୍କ ପୁଅ କାର୍ତ୍ତିକ – ଏପରି ଚାରି ପୁରୁଷ ଧରି ଏ ନାଚ ନାଚୁଛନ୍ତି । ଜୀପା ସିଂ ରାଜା ମଦନ ମୋହନଙ୍କ ପୋଷକତାରେ ପଥତିଷ୍ଠିତ ଛଉ ଦଳରେ ନାଚିଥିଲେ । ତାଙ୍କର ଘର ଚୋଡ଼ିଦା ଗ୍ରାମରେ ନଥିଲା । ତାଙ୍କର ମୂଳ ଘର ଅଯୋଧା ପାହାଡ଼ ନିକଟରେ ଅବସ୍ଥିତ ପିଟିହୀ ଗ୍ରାମରେ ଥିଲା । ଜୀପା ସିଂଙ୍କ ଶ୍ୱଶୁର ଘର ବାଗ୍‌ମୁଣ୍ଡି ଥାନା ଅନ୍ତର୍ଗତ କାଳିମାଟି ଗ୍ରାମରେ । ଜୀପା ସିଂ କିଶୋର ବୟସରୁ ଶ୍ୱଶୁର ଘରେ ରହି ଆସୁଥିଲେ । ପିଟିହୀରେ ଜମିବାଡ଼ି ସଂକ୍ରାନ୍ତ ଅସୁବିଧା ଉପୁଜିବାରୁ ବାଗ୍‌ମୁଣ୍ଡି ରାଜାଙ୍କର ପୋଷକତାରେ ପରବର୍ତ୍ତୀ କାଳରେ ଚୋଡ଼ିଦା ଗ୍ରାମରେ ବାସ କରିଥିଲେ । ତେଣୁ ଜୀପା ସିଂଙ୍କ ଜୀବନରେ କାଳିମାଟି ଅବସ୍ଥାନ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । କାଳିମାଟିର ମାନ୍‌କୀ (ଭୂମିଜ)ଙ୍କର ଏକ ଛ ଦଳ ଥିଲା । ଜୀପା ଏହି ଦଳରେ ଶିକ୍ଷା ଲାଭ କରିଥିବାର ପ୍ରମାଣ । ବାଗମୁଣ୍ଡି ଛଉ କେନ୍ଦ୍ରର ସୃଷ୍ଟି ନିମନ୍ତେ ଜୀପାଙ୍କର ଭୂମିକା ସଂପର୍କରେ ଅନୁଧାନ କରିବା କାଳରେ ତାଙ୍କର ଛଉ ନାଚ ଶିକ୍ଷା ବିଷୟରେ ଆଲୋଚନା କରାଯାଉଛି । ଅଳ୍ପ ବୟସରୁ ଶ୍ୱଶୁର ଘରେ ରହି କାଳିମାଟିର ଛଉ ଦଳରେ ଯେଉଁ ଶିକ୍ଷାଲାଭ କରିଥିଲେ ତାହା ରାଜା ମଦନ ମୋହନଙ୍କ ଆକର୍ଷଣର କାରଣ ଥିଲା ଫଳରେ ମଦନ ମୋହନ ଜୀପାଙ୍କୁ ନିଜର ଛଉ ଦଳରେ ରଖାଇଲେ ।

କାଳିମାଟି ମାନ୍‌କୀଙ୍କର ପାରିବାରିକ ସଂପର୍କ ପୁସ୍ତିତୋଡ଼ାଂର ମାନକୀଙ୍କ ସହିତ ରହିଥିଲା । କାଳିମାଟିର ଡମନ ସିଂ ମୁଡ଼ାଙ୍କର ବାବା ରାମ ଜୀବନ ସିଂ ବାବୁଙ୍କର ଶ୍ୱଶୁର ଘର

ପୁସ୍ତିତୋଡ଼ାଂ । ଏହା ଝାଲିଦା ଥାନା ଅନ୍ତର୍ଗତ ଓ ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ । ସୁବର୍ଣ୍ଣରେଖାର ଆର ପାର୍ଶ୍ୱରେ ସିଂଭୂମ ଅଞ୍ଚଳ । ରାମ ଜୀବନ ସିଂ ବାବୁଙ୍କ ବିବାହ ଉତ୍ସବରେ ଛ ନାଚର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଛଉ ଦଳଟି ପୁସ୍ତିତୋଡ଼ାଂ ମାନକୀଙ୍କର ଥିଲା । କାଳିମାଟି ଅପେକ୍ଷା ପୁସ୍ତିତୋଡ଼ାଂର ଛଉନାଚ ଅନେକ ଆଗର ଥିବାର ଜଣାଯାଏ ।

ବାଗମୁଣ୍ଡି ଛଉଦଳରେ ଥିବା ମୋହନ ତାନ୍ତୀ ପୁସ୍ତିତୋଡ଼ାଂ ଛଉ ଦଳରେ ଥିବାର ପ୍ରମାଣ ମିଳେ । ପୁସ୍ତିତୋଡ଼ାଂ ଛଉ ଦଳର ତଥ୍ୟ ଅନୁସାରେ ଜଗନ୍ନାଥ, ବନମାଳୀ, ନରୋତ୍ତମ, ଘନଶ୍ୟାମ, ତେଜନାଥ, ମଧୁବାବୁ, ଲୁଛୁ ବାବୁ, ପର୍ଶୁରାମ, ମାଖନ ସିଂ, ମୋହନ ତନ୍ତୀ, ଡମନ ସିଂ, ପ୍ରାଣନାଥ ସିଂ (ଗାନୁବାବୁ) ପ୍ରଭୃତି ନୃତ୍ୟକାରୀ ଥିବାର ଜଣାଯାଏ । କାଳିମାଟିର ଡମନ ସିଂ ଏବଂ ପ୍ରାଣନାଥ ସିଂ ପୁସ୍ତିତୋଡ଼ାଂରେ ଯାଇ ଛଉ ଶିକ୍ଷା କରିବାର ଦେଖାଯାଏ । ସମ୍ଭବତଃ, ପୁସ୍ତିତୋଡ଼ାଂ ହିଁ ପୁରୁଲିଆ/ମାନଭୂମ ଛଉ/ଛ ନାଚର ମୂଳ କେନ୍ଦ୍ର ରୂପେ ଉପରୋକ୍ତ ବିବରଣୀରୁ ପ୍ରତୀୟମାନ ହେଉଛି । ଏହି ଅଞ୍ଚଳରେ ଏହି ନାଚଟିକୁ ଛ ନାଚ ଭାବରେ ସମସ୍ତେ ଉଚ୍ଚାରଣ କରୁଥିବାର ଜଣାଯାଇଅଛି । ତେବେ, ବାଗମୁଣ୍ଡି ମଧ ଷଢ଼େଇକଳା-ସିଂଭୂମର ଅଧିକ ନିକଟବର୍ତ୍ତୀ ସ୍ଥାନରେ ଅବସ୍ଥିତ ।

ଡଃ. ସବିତା ରଞ୍ଜନ ସରକାର ତାଙ୍କ ପ୍ରବନ୍ଧରେ ପୁସ୍ତିତୋଡ଼ାଂର ଧନୁକ୍ଧାରୀ ସିଂ, ବାଗମୁଣ୍ଡିର ରାଜା ମଦନ ମୋହନଙ୍କ ଛ ଦଳରେ ନୃତ୍ୟକାରୀ ଥିବାର ଉଲ୍ଲେଖ କରିଛନ୍ତି । ପୁସ୍ତିତୋଡ଼ାଂ ଛଉ ଦଳରେ ଥିବା ନୃତ୍ୟକାରୀ ମାନଙ୍କ ତାଲିକାରେ ଧନୁକ୍ଧାରୀ ସିଂଙ୍କ ନାମର ଉଲ୍ଲେଖ ଥିବାର ଦେଖାଯାଉ ନାହିଁ କିମ୍ବା ପୁସ୍ତିତୋଡ଼ାଂର ମାନ୍କୀ ପରିବାରର ଜୀବିତ ବିଜୟ ସିଂ (୬୬ବର୍ଷ)ବାବୁଙ୍କ ପ୍ରଦତ୍ତ କୃଷିନାମାରେ ଧନୁକ୍ଧାରୀଙ୍କ ନାମର ମଧ ଉଲ୍ଲେଖ ନାହିଁ ଅଥବା ତାଙ୍କ ସଂପର୍କରେ ସେ କୌଣସି ତଥ୍ୟ ପ୍ରଦାନ କରି ନାହାନ୍ତି । ତେଣୁ ପୁସ୍ତିତୋଡ଼ାଂ ନିବାସୀ ଧନୁକ୍ଧାରୀ ସିଂଙ୍କ ସଂପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବା ସମ୍ଭବ ହୋଇନାହିଁ ।

ପୁସ୍ତିତୋଡ଼ାଂ, କାଳିମାଟି ଏବଂ ବାଗମୁଣ୍ଡି ଏ ତିନି ସ୍ଥାନର ଛଉ ଦଳର ପ୍ରତିଷ୍ଠାତା ମାନକୀ ଓ ରାଜାଙ୍କର ବଂଶଧର ମାନେ ଏବଂ ଅନ୍ୟ ତଥ୍ୟ ପ୍ରଦାନକାରୀମାନେ ସେହି ଅଞ୍ଚଳରେ ଛ/ଛଉ ନାଚ ସୃଷ୍ଟି ହେବାର ଇତିହାସ ସଂପର୍କରେ କହନ୍ତି ଯେ, ସମ୍ଭବତଃ ଷଢ଼େଇକଳା-ସିଂଭୂମ ଅଞ୍ଚଳରେ ଏ ନାଚଟି ବହୁ ପୂର୍ବରୁ ପ୍ରଚଳିତ ଥିଲା । ଏଠାର ଲୋକେ ସେ ସ୍ଥାନରୁ ତାହା ଦେଖି ଆସି ଏ ସ୍ଥାନମାନଙ୍କରେ ପ୍ରଚଳନ କରିଥିବା ସମ୍ଭବ । ପ୍ରସଙ୍ଗତଃ ଉଲ୍ଲେଖ୍ୟ ଯେ ତୋଡ଼ିଦା ନିବାସୀ ମୋହନ ସିଂଙ୍କର ବାପା ସନ୍ୟାସୀ ହୋଇ ସାଧୁବାବା ଡୁଂଗୀ (ଛୋଟ ପାହାଡ଼)ରେ ରହୁଛନ୍ତି । ସେ କାଳିମାଟିର ଶ୍ରୀ ରବୀନ୍ଦ୍ର ନାଥ ସିଂଙ୍କୁ ଏକଦା କହିଥିଲେ କି, ଶ୍ରୀ ନାଥ ମିସ୍ତ୍ରୀଙ୍କ ଶିଷ୍ୟ ଜୀପା ସିଂ ଓ ମଧୁରାୟ ପ୍ରଭୃତି ମୟୂରଭଞ୍ଜ ଓ ଷଢ଼େଇକଳାରେ ଏହି ନାଚ ଦେଖି ଆସି

ଚୋଡ଼ିଦାରେ ଏହି ନାଚ ଆରମ୍ଭ କରିଥିଲେ । ସାଧୁବାବା ଶ୍ରୀ ରବୀନ୍ଦ୍ର ନାଥ ସିଂଙ୍କୁ ଏହା ନିଜେ କରିଥିବାର ସେ ଦୃଢ଼ ଭାବରେ କହନ୍ତି । (ଶ୍ରୀ ରବୀନ୍ଦ୍ର ନାଥ ସିଂ, ବ.୫୬ ବର୍ଷ, ଗ୍ରାମ-କାଳିମାଟି, ଥାନା-ବାଗମୁଣ୍ଡି, ସଂପ୍ରତି ପୁରୁଲିଆ ଜିଲ୍ଲାପାଳଙ୍କ ଅଫିସରେ ମୁଖ୍ୟ କିରାଣୀ ରୂପେ ଅବସ୍ଥାପିତ ।)

ଏଠାରେ ସିଂଭୂମ ଜିଲ୍ଲାର ଜନଗଣନା ରିପୋର୍ଟ (୧୯୬୧)ରେ ଲିଖିତ ତଥ୍ୟଟିକୁ ଲକ୍ଷ୍ୟ କରାଯାଇ ପାରେ । ଶ୍ରୀ ଏ.ଏନ୍. ମୁଖର୍ଜୀଙ୍କ ମତରେ ବାଗମୁଣ୍ଡି ରାଜାଙ୍କର କୌଣସି ଜଣେ ରଘୁନାଥ ସିଂ ନାମକ ମାହୁନ୍ତ କୌଣସି କାରଣରୁ ଷଢ଼େଇକଳା ପଳାଇଥିଲେ । ସେଠାରେ ସେ ଷଢ଼େଇକଳା ରାଜାଙ୍କ ପୃଷ୍ଠପୋଷକତାରେ ପ୍ରତିଷ୍ଠିତ ଛଉ ନାଚରେ ରହି ଏହି ନାଚର ଶିକ୍ଷା କରିଥିଲେ । ପରବର୍ତ୍ତୀ କାଳରେ ପୁରୁଲିଆକୁ ପ୍ରତ୍ୟାବର୍ତ୍ତନ କଲାପରେ ବାଗମୁଣ୍ଡି ରାଜାଙ୍କ ସହାୟତାରେ ଏହି ନାଚର ପ୍ରଦର୍ଶନ କରି ରାଜାଙ୍କୁ ପ୍ରୀତ କରାଇଥିଲେ । ଏହା ସମ୍ଭବତଃ ଅଢ଼େଇଶହ ବର୍ଷ ପୂର୍ବର କିମ୍ବା ସେହି ସମସାମୟିକ କାଳର ଘଟଣା । ଏହି ସମୟ ନିର୍ଦ୍ଧାରଣକୁ ପରୀକ୍ଷା କରି ଦେଖିବାର କୌଣସି ଅବକାଶ ବର୍ତ୍ତମାନ ଆମର ନଥିବାରୁ ଏହାର ଆଲୋଚନା ହେଉନାହିଁ ।

**ପୁରୁଲିଆ ଛ ନାଚରେ ଅନ୍ୟ ନାଚର ପ୍ରଭାବ:** ପୁରୁଲିଆ /ମାନଭୂମ ଅଞ୍ଚଳରେ ପ୍ରଚଳିତ ପାଇକ, ନାଟୁଆ, ନାଚୁଣୀ ଓ ପାନ୍ତା ପ୍ରଭୃତି ନାଚର ପ୍ରଭାବ ଏହି ଛ କିମ୍ବା ଛଉ ନାଚରେ ପରିଲକ୍ଷିତ ହୁଏ । ଉପରୋକ୍ତ ନାଚସବୁର ବିଭିନ୍ନ ଭାବ ଭଙ୍ଗୀ, ସ୍ୱର ସଙ୍ଗୀତ, ବେଶ ପୋଷାକ ପ୍ରଭୃତିର ଅନେକ ସାମଞ୍ଜସ୍ୟ ଏଠାର ଛ ନାଚ ସହିତ ଥିବାର ପ୍ରତ୍ୟେକ୍ଷ ଭାବେ ଲକ୍ଷ୍ୟ କରାଯାଇଛି । ଏପରି କେତୋଟି ନାଚର ବିବରଣୀ ସନ୍ଦର୍ଭର ଉପଯୁକ୍ତ ସ୍ଥାନରେ ସନ୍ନିବେଶିତ ହୋଇଅଛି ।

**ପୁରୁଲିଆ ଛ/ଛୌ ନାଟ୍ୟ କଳାକୌଶଳ:** ପୁରୁଲିଆ/ ମାନଭୂମର ଛ/ଛଉ/ଛୋ ନାଚର କୌଶଳ (ଟେକ୍‌ନିକ୍) ନାଚରେ ବ୍ୟବହୃତ ମୁଖା ସହ ଓତଃପ୍ରୋତ ଭାବେ ଜଡ଼ିତ । ମୁଖା ପିନ୍ଧିଥିବା ହେତୁ ନୃତ୍ୟକାରୀ ମୁଖମଣ୍ଡଳର ଭାବଭଙ୍ଗୀ ପ୍ରଦର୍ଶନରେ ସକ୍ଷମ ହୋଇନଥାଏ । ଶରୀର ଅନ୍ୟ ଅଙ୍ଗଭଙ୍ଗୀ ସବୁ ବିଭିନ୍ନ ଭାବ ପ୍ରକାଶରେ ସହାୟକ ହୋଇଥାଏ । ପାଦ ନିର୍ଦ୍ଦିଷ୍ଟ ରୀତିରେ ଚଳିତ ହୁଏ । ମୁହଁରେ ମୁଖାର ଭାବ ସ୍ଥିର ରହିଥାଏ । ପୁରୁଲିଆର ମୁଖାର ଭାବଭଙ୍ଗୀ ସବୁ ସାଧାରଣ ଓ ବାସ୍ତବ । ଏଠାର ଛଉରେ ମୁଖାଭିନୟ ନାହିଁ, ଅଙ୍ଗାଭିନୟ ଉପରେ ନୃତ୍ୟ ନିର୍ଭର କରେ । ପୁରୁଲିଆର ଛଉ ନାଚରେ ଅଧିକ ବୀର ଭାବ କୌଶଳ ପ୍ରକାଶିତ ହୁଏ । ଏଥି ନିମନ୍ତେ ଏ ନାଚର କୌଶଳ ଏପରି ଭାବରେ ବିକଶିତ ହୋଇଥାଏ । ପୁରୁଲିଆରେ ନର୍ତ୍ତକ ମାନଙ୍କ ଗତି ଦୁଇଗୋଟି 'ଚଲ'ରେ ବିଭକ୍ତ । ସେଗୁଡ଼ିକ (୧) ଦେବଚଲ ଓ (୨) ରାକ୍ଷସ ଚଲ ।

ପ୍ରତ୍ୟେକ ନର୍ତ୍ତକର ଅଙ୍ଗଭଙ୍ଗୀ ପ୍ରଦର୍ଶନ ବ୍ୟତୀତ ନିମ୍ନଲିଖିତ ବିଷୟ ଗୁଡ଼ିକ ଲକ୍ଷଣୀୟ । ସେଗୁଡ଼ିକ ହେଲା - (୧) ମସ୍ତକରେ ମୁକୁଟ କମ୍ପନ । ସାଧାରଣତଃ ଦାନବ ମାନଙ୍କର ଚରିତ୍ରର

ମୁଖା ଏଥିପାଇଁ ସତନ୍ତ୍ର ଭାବେ ନିର୍ମିତ ହୋଇଥାଏ । ଅତି କ୍ରୋଧର ଭାବ ଓ ଭଙ୍ଗୀ ପ୍ରକାଶ କରିବାକୁ ଯାଇ ନର୍ତ୍ତକ ତାର ମସ୍ତକୋପରି ମୁଖାର ମୁକୁଟକୁ ଥରାଇଦିଏ । ମୁଖାରେ ସଜ୍ଜିତ ଛୋଟଛୋଟ ଜରି ଉପରେ ଆଲୋକର ପ୍ରତିଫଳନ ତହିଁର ଔଜଲ୍ୟ ବୃଦ୍ଧିରେ ସହାୟକ ହୁଏ । ଏପରି କମ୍ପନ ସମୟରେ ସମଗ୍ର ଶରୀର ଦ୍ରୁତ ରହିଥାଏ । କେବଳ ମୁଖା ସହ ମୁଖମଣ୍ଡଳ ଓ ମସ୍ତକ ଥରିଯାଏ ।

(୨) ସ୍କନ୍ଧର କମ୍ପନ: ବାଗମୁଣ୍ଡି ଛଉ ନାଚର ଏହା ଏକ ବିଶିଷ୍ଟ ଭଙ୍ଗୀ । ଏହି ଭଙ୍ଗୀ ପ୍ରଦର୍ଶନ ସମୟରେ ମସ୍ତକ ଓ ଶରୀରର ନିମ୍ନାଂଶ ସ୍ଥିର ରହେ । କେବଳ ସ୍କନ୍ଧ ଥରି ଉଠେ । ଏହା ଶକ୍ତି ବ୍ୟଞ୍ଜକ । ଏହା ଦେବ ଓ ଦାନବ ଉଭୟଙ୍କର କ୍ରୋଧ ଭାବ ସମ୍ବଳିତ ଭଙ୍ଗୀ ।

(୩) ଡିଆଁଡେଇଁ ବାଜିମରା: ଏହି କୌଶଳ ବୀରତ୍ୱ ବ୍ୟଞ୍ଜକ । ଏହା ଦେବ ଓ ଦାନବ ଉଭୟ ଗ୍ରହଣ କରିଥାନ୍ତି । ଯୁଦ୍ଧ ସମୟରେ ଆଣ୍ଠୁରେ ଅଗ୍ରସର ହେବା, ଶୂନ୍ୟରେ ଡିଆଁ, ବାଜିମରା ପ୍ରଭୃତି କୌଶଳପୂର୍ଣ୍ଣ ଭଙ୍ଗୀ ଅଭିନେତାଙ୍କର ନୃତ୍ୟ ଦକ୍ଷତା ପ୍ରକାଶିତ କରେ ।

(୪) ବକ୍ଷର କମ୍ପନ: ଏଥିରେ ମସ୍ତକ ଓ ଶରୀରର ନିମ୍ନାଂଶ ସ୍ଥିର ରହିଥାଏ । କେବଳ ବକ୍ଷ କମ୍ପିଉଠେ । ଏହା ଶକ୍ତି ବ୍ୟଞ୍ଜକ । ପରସ୍ପର ସମ୍ମୁଖ ଯୁଦ୍ଧରେ ଏହି କୌଶଳ ଉଭୟ ଦେବ ଓ ଦାନବ ଚରିତ୍ର ଗଣ ଅବଲମ୍ବନ କରନ୍ତି । ବାଗମୁଣ୍ଡିର ଛଉ ନର୍ତ୍ତକ ମାନଙ୍କ ବ୍ୟତୀତ ଏପରି କୌଶଳ ଅନ୍ୟତ୍ର ପ୍ରାୟ ପରିଲକ୍ଷିତ ହୁଏ ନାହିଁ ।

ପୁରୁଲିଆର ଛଉ ନୃତ୍ୟ ଶୈଳୀ ପ୍ରାଚୀନ ଉତ୍ସବାନୁସଂଗିକ ଆଚରନୃତ୍ୟ ସମ୍ବଳିତ । ଏହା ଲୌକିକ ଓ ଆଦିବାସୀ ନୃତ୍ୟ ସମୂହର ବିଭିନ୍ନ ଶୈଳୀ ପ୍ରଭାବିତ ହୋଇଅଛି । ପରବର୍ତ୍ତୀ ସମୟରେ ମାନକୀ ଓ ରାଜାମାନଙ୍କ ଦରବାରରେ ସାମରିକ ଶୈଳୀ ପ୍ରବର୍ତ୍ତିତ ହୋଇଥିଲା ।

ଛଉ ନାଚ ଗ୍ରାମୀଣ ସଂସ୍କୃତିର ପ୍ରତୀକ ଓ ଏହା ଲୋକଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟାଶୈଳୀ ଅନୁସୃତ । ଏଥିରେ ଦେବ, ମାନବ, ଦାନବ ଓ ପଶୁଙ୍କ ଚରିତ୍ର ଅନ୍ତର୍ଭୁକ୍ତ ହୋଇଅଛି । ତେଣୁ, ପୁରୁଲିଆର ଛଉ ନାଚ ନିମ୍ନ ପ୍ରକାରେ ବିଭକ୍ତ ହୋଇପାରେ ।

୧- ଦେବ ଓ ଦେବୀ (ଶିବ, କୃଷ୍ଣ, ଇନ୍ଦ୍ର, ଗଣେଷ, କାର୍ତ୍ତିକ, କାଳୀ, ଦୁର୍ଗା ପ୍ରଭୃତି)
୨- ସମ୍ଭ୍ରାନ୍ତ, ବୀର ଓ ଖଳ ଚରିତ୍ର (ପାଣ୍ଡବ ଓ କୌରବ)
୩- ରାକ୍ଷସ (ମହିଷାସୁର, ଶୁମ୍ଭ ଓ ନିଶୁମ୍ଭ ପ୍ରଭୃତି)
୪- ସାଧାରଣ ମଣିଷ (ଶିକାରୀ ପ୍ରଭୃତି)
୫- ପଶୁ (ବାନର ଓ ସିଂହ ପ୍ରଭୃତି)

ପୁରୁଲିଆର ଛଉରେ ନିମ୍ନଲିଖିତ ଚାଲ ବ୍ୟବହୃତ ହୁଏ । ସେଗୁଡ଼ିକ-(୧) ବୀରଚାଲ(ସମ୍ଭ୍ରାନ୍ତ), (୨) ରାକ୍ଷସ ଚାଲ (ଦର୍ପ), (୩) ପାର୍ଶ୍ୱଚାଲ (ଶତ୍ରୁ ଅନ୍ୱେଷଣ), (୪) ହାମୁଡ଼ିବା, (୫) ଆଣ୍ଠୁ ଉପର ଚାଲ (୬) ଛନ୍ଦ ଗତି (୭) ଡୁବୁରୀ (ଡୋବାଳି) ଗତି, (୮) ଲହରା ଗତି (ମତ୍ସ୍ୟ), (୯) ହଂସ ଗତି, (୧୦) ଶିକାରୀ ପଶୁର ଗତି, (୧୧) ମାଙ୍କଡ଼ ଚାଲି, (୧୨) କଚ୍ଛପ ଗତି ଇତ୍ୟାଦି ।

ଏତଦ୍ ବ୍ୟତୀତ ଦେବଦେବୀ ଓ ପୌରାଣିକ ପଶୁମାନଙ୍କ ନିର୍ଦ୍ଦିଷ୍ଟ ଗତି ରହିଅଛି । ସେଗୁଡ଼ିକ- (୧) ଗଣେଷ ଚାଲି, (୨) ଦୁର୍ଗାଚାଲି, (୩) ଶିବଚାଲି, (୪) ପରଶୁରାମଚାଲି, (୫) ହନୁମାନ ଚାଲି ।

ପୁରୁଲିଆର ଛଉ ନର୍ତ୍ତକର ଭଙ୍ଗୀ ନିମ୍ନ ପ୍ରକାର ସଳଖ ଓ ଦୃଢ଼ ଶରୀର, ଆଣ୍ଠୁ ମେଳାଇ ଅଧା ବସା ଭଙ୍ଗୀ । ଏଥିରେ ତାଣ୍ଡବ ଶୈଳୀ ଅନୁସୃତ ହୋଇଥାଏ । ଶରୀରର ବିଭିନ୍ନ ଭଙ୍ଗୀ ଗୁଡ଼ିକ ଏପରି (୧) ସରଳ ଓ ବକ୍ରଗତି, (୨) ବିଭିନ୍ନ ଚାଲ, (୩) ଆକ୍ରମଣ, ପ୍ରତିରକ୍ଷା ଓ ଯୁଦ୍ଧ ଭଙ୍ଗୀ, (୪) ଲମ୍ଫଝମ୍ପ, (୫) କ୍ରମଗତି, (୬) ଶୂନ୍ୟ ବାଜି, (୭) ମାଙ୍କଡ଼, ବାଘ, ସିଂହବାଜି ପ୍ରଭୃତି ।

ପୁରୁଲିଆ ଛଉରେ ପାଞ୍ଚ ପ୍ରକାର ନମସ୍କାର ଭଙ୍ଗୀ ଗୃହୀତ । ଏହା ବୀରତ୍ୱ ଓ ଶକ୍ତି ବ୍ୟଞ୍ଜକ ।

ଉପରଲିଖିତ ସମସ୍ତ ଭଙ୍ଗୀ ବିଭିନ୍ନ ତାଳ; ଯଥା- ତ୍ରିତାଳ, ଚଉତାଳ, ଆଠ, ଦଶ ଓ ଷୋହଳ ମାତ୍ରାନୁସାରୀ ହୋଇଥାଏ ।

ପୁରୁଲଆ ଛଉରେ ହସ୍ତ ମୁଦ୍ରା ନାହିଁ । ଏଠାର ଛଉ ପୂର୍ଣ୍ଣତଃ ନୃତ୍ତ, ନୃତ୍ୟ ଓ ନାଟ୍ୟ ଶୈଳୀ ଆଧାରିତ ନାଟ୍ୟ ଧର୍ମୀ ଓ ଲୋକ ଧର୍ମୀ ଶୈଳୀ ଅନୁସରଣ କରିଥାଏ । ସାଧାରଣତଃ ଦେବତା ଓ ବୀର ଚରିତ୍ରମାନେ ନାଟ୍ୟଧର୍ମୀ ଶୈଳୀ ଗ୍ରହଣ କରିଚାଲିଲା ବେଳେ ରାକ୍ଷସ, ଶିକାରୀ ଓ ପଶୁମାନେ ଲୋକଧର୍ମୀ ଶୈଳୀ ଅନୁସରଣ କରନ୍ତି । ଶିବ, ପରଶୁରାମ ଓ ଅନ୍ୟ କେତେକ ଚରିତ୍ରର ନାଚରେ ଲୋକଧର୍ମୀ ଶୈଳୀ ଅନୁସୃତ ।

ପୁରୁଲିଆ ଛଉ ନାଚରେ ଫୁଟ ନାଚ ଅପେକ୍ଷା ମେଳ ନାଚର ପ୍ରାଧାନ୍ୟ ଅଧିକ । ଏଠାକାର ନାଚରେ ଦେବୀ ଚରିତ୍ର ମାନଙ୍କ ମଧ୍ୟରୁ କାଳୀ ଓ ଦୁର୍ଗା ପରି ଚରିତ୍ରମାନେ ସେମାନଙ୍କର ଭଙ୍ଗୀ ଅନ୍ତର୍ନିହିତ ଶକ୍ତି ସଂପନ୍ନ ଓ ହଟଭାବପୂର୍ଣ୍ଣ, ତାଣ୍ଡବ ଭଙ୍ଗୀଯୁକ୍ତ, ସରସ୍ୱତୀ, ଲକ୍ଷ୍ମୀ ଓ ସୀତାଙ୍କ ପରି ନାରୀ ଚରିତ୍ର ଗମ୍ଭୀର ଓ ସମ୍ଭ୍ରମଶୀଳା । ସବୁ ନାରୀ ଚରିତ୍ର ଭୂମିକାରେ ପୁରୁଷମାନେ ଅଂଶ ଗ୍ରହଣ କରିଥାନ୍ତି ।

ପୁରୁଲିଆ ଛଉରେ ଭାଗବତ ପୁରାଣ ଆଧାରିତ ଲାସ୍ୟ ଧର୍ମୀ ବିଷୟବସ୍ତୁ ଅବଲମ୍ବନରେ ନାଚୁଣୀ ନାଚର ଶୈଳୀ ଗୃହୀତ ହୋଇଛି । ବୀରଧର୍ମୀ ନାଚ ଗୁଡ଼ିକରେ ନାଚୁଆ ନାଚର ଶୈଳୀ ଅନୁସୃତ ହୋଇଥିବାର ପରିଲକ୍ଷିତ ହୋଇଥାଏ ।

ପୁରୁଲିଆର ପ୍ରତ୍ୟେକ ନାଚ ଆରମ୍ଭରେ ଗଣେଶ ବନ୍ଦନାର ସ୍ୱର ବାଜି ନାଚ ଆରମ୍ଭ ହୁଏ । ସ୍ୱର ଓ ସଙ୍ଗୀତ ସହିତ ଗଣେଷଙ୍କ ନାଚ ମଧ୍ୟ ଅନୁଷ୍ଠିତ ହୁଏ । ଏହା ଏକ ପୁରାଣ ଆଧାରିତ ନାଚ । ପୁରାଣରେ ଗଣେଷ ସଂପର୍କୀୟ ତିନିଗୋଟି ବିଷୟ- ପ୍ରଥମ ଦୁଇଗୋଟି ବାଗମୁଣ୍ଡି ଓ ଶେଷଟି ବାନ୍ଦୋଆଁ ଅଞ୍ଚଳର ଛଉ ନାଚରେ ଅନୁଷ୍ଠିତ ହୁଏ । ବାଗମୁଣ୍ଡି ଅଞ୍ଚଳରେ ଅନୁଷ୍ଠିତ ଗଣେଷଙ୍କ ନାଚର ପ୍ରଥମ ବିଷୟ:-

ଦେବାଦିଦେବ ମହାଦେବ ମାତା ପାର୍ବତୀଙ୍କ ସହିତ କୌଣସି ବିଷୟ ଆଲୋଚନା କରିବା କାଳରେ ଗଣେଷଙ୍କୁ ଗୁହା ଦ୍ୱାର ଜଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗଣେଷ ନାଚି ନାଚି ନୃତ୍ୟ ସ୍ଥଳକୁ ପ୍ରବେଶ କରି ଆନନ୍ଦ ମନରେ ଗୁହାର ଦ୍ୱାର ଜଗି ରହିଲେ । ନାଚ ମଝିରେ ଶିବଙ୍କର ପରମ ଭକ୍ତ ପରଶୁରାମ କୁଠାର ଧାରଣ କରି ନୃତ୍ୟ ସ୍ଥଳକୁ ପ୍ରବେଶ କରି ତୁରନ୍ତ ଶିବଙ୍କ ସହିତ ସାକ୍ଷାତର ଅଭିଳାଷ ବ୍ୟକ୍ତ କଲେ । ଗଣେଷ ନାସ୍ତିବାଣୀ ଶୁଣାଇ ଦେଲେ । ଏଥିରେ ପରଶୁରାମ ଉତ୍ୟକ୍ତ ହୋଇ ଗଣେଷଙ୍କ ସହିତ ଯୁଦ୍ଧ କଲେ । ଯୁଦ୍ଧରେ ଗଣେଷ ପରାସ୍ତ ହେଲେ । ସଂଗେ ସଂଗେ ଗଣେଷଙ୍କ ଭାଇ କାର୍ତ୍ତିକେୟ ଆସି ଭାଇଙ୍କ ଶତ୍ରୁ ପରଶୁରାମଙ୍କ ସହିତ ଯୁଦ୍ଧ କଲେ ଓ ଏହି ଯୁଦ୍ଧରେ ଦେବ ସେନାପତି ମଧ୍ୟ ପରାଜିତ ହେଲେ । ଏତିକି ବେଳେ ଦେବୀ ପାର୍ବତୀ ସଂହାରକାରିଣୀ କାଳୀ ରୂପରେ ଆସି ପରଶୁରାମଙ୍କ ସହିତ ଯୁଦ୍ଧ କଲେ । ଦେବୀ ପାର୍ବତୀ ପୁନର୍ବାର ତାଙ୍କ ମଙ୍ଗଳମୟୀ ବେଶ ଧାରଣ କରି ଆବିର୍ଭୂତା ହେଲେ ଏବଂ ଶିବ ପାର୍ବତୀ ଗଣେଷ ଓ କାର୍ତ୍ତିକ ସମସ୍ତେ ମିଶି ମେଳ ନାଚ ନାଚି ନାଚଟି ସମାପ୍ତ କଲେ ।

ଦ୍ୱିତୀୟ ବିଷୟ: ବନ୍ଦନା ଗୀତ ଶେଷରେ ଗଣେଷ ନାଚି ନାଚି ନୃତ୍ୟସ୍ଥଳକୁ ପ୍ରବେଶ କରନ୍ତି । ସଂଗେ ସଂଗେ କାର୍ତ୍ତିକେୟ ଓ ପାର୍ବତୀ ଉଭୟେ ପରସ୍ପରଙ୍କ ବାହାନରେ ଆସି ଉପସ୍ଥିତ ହୋଇ ନାଚନ୍ତି । ଏହି ସମୟରେ ମହିଷାସୁର ଆସରକୁ ପ୍ରବେଶ କରେ । ଦେବୀ ପାର୍ବତୀ ଦୁର୍ଗା ରୂପରେ ମହିଷା ସହିତ ଯୁଦ୍ଧ ଆରମ୍ଭ କରନ୍ତି । ଏ ସମୟରେ ଲକ୍ଷ୍ମୀ ଓ ସରସ୍ୱତୀ ଆସରରେ ଉପନୀତ ହୁଅନ୍ତି । ମହିଷାସୁରର ମୃତ୍ୟୁ ହୁଏ । ପରେ ଦଶହରା ସମୟରେ ପୂଜିତା ଦୁର୍ଗା ମେଢ଼ ପରି ସମସ୍ତଙ୍କ ମିଳିତ ମୂର୍ତ୍ତି ଆସରରେ ଦୃଶ୍ୟମାନ ହୁଏ । ନୃତ୍ୟରତ ଅବସ୍ଥାରେ ଚରିତ୍ରଗଣ ନୃତ୍ୟସ୍ଥଳ ପରିତ୍ୟାଗ କରନ୍ତି ।

ବନ୍ଦୋୟାଁ ଅଞ୍ଚଳରେ ପ୍ରଚଳିତ ଗଣେଷଙ୍କ ନାଚ:ବନ୍ଦନା ପରେ ପରେ ରାମାୟଣ ବିଷୟ ଆଧାରିତ ନାଚ ଆରମ୍ଭ ହୁଏ । ସମଗ୍ର ରାମାୟଣ ୩୦ ଗୋଟି ଦୃଶ୍ୟରେ ପରିବେଶିତ ହୋଇଥାଏ । ଗୋଟିଏ

ରାତ୍ରିରେ ସମସ୍ତ ନାଚ ପରିବେଶିତ ହେବା ସମ୍ଭବ ନଥିବା ଦୃଷ୍ଟିରୁ ଦୁଇ ରାତି ନାଚ ହୁଏ । ଏପରି କ୍ଷେତ୍ରରେ ପ୍ରଥମ ରାତ୍ରିରେ ସୀତାଙ୍କ ବିବାହ ପର୍ଯ୍ୟନ୍ତ ନୃତ୍ୟ ପରିବେଶିତ ହୁଏ ।

ପୁରୁଲିଆର ପାର୍ବତ୍ୟ ଭୂମି ପରିପୂର୍ଣ୍ଣ ବାଗମୁଣ୍ଡି ଅଞ୍ଚଳ ଓ ସମତଳ ଭୂମି ବାନ୍ଦୋୟାଁ ଅଞ୍ଚଳରେ ଛଉ ନାଚରେ ରାମାୟଣର ବିଷୟ ବସ୍ତୁ ଯଥାକ୍ରମେ ବୀର ଭାବ ଓ ସାଧାରଣ ସାମାଜିକ ଜୀବନରେ ଶାନ୍ତ ଶୃଙ୍ଗାର ଭାବପୂର୍ଣ୍ଣ ନାଚ ପରିବେଶିତ ହୁଏ ।

ଏଥି ସହିତ ପୁରୁଲିଆର ଝାଲିଦା ଅଞ୍ଚଳରେ:ପ୍ରଚଳିତ କେତେକ ନାଚରେ ପାର୍ଥକ୍ୟ ଦେଖାଯାଏ । ଆରସା ଅଞ୍ଚଳରେ ମଧ କେତେକ ନାଚରେ ପାର୍ଥକ୍ୟ ଥିବାର ପରିଲକ୍ଷିତ ହୁଏ ।

ସଙ୍ଗୀତ:ଛଉ ନୃତ୍ୟର ସଙ୍ଗୀତରେ କଥା ବା ଗୀତ ଅପେକ୍ଷା ବାଦ୍ୟଯନ୍ତ୍ରର ସ୍ୱର ଉପରେ ଅଧିକ ଗୁରୁତ୍ୱ ଦିଆଯାଏ । ପୁରୁଲିଆ ଛଉ ସଂଗୀତରେ ଗୀତର ଭୂମିକା ଅତି ଅଳ୍ପ । ପ୍ରତ୍ୟେକ ନାଚରେ ଦୁଇ ଧାଡ଼ି ଗୀତ ପରିବେଶିତ ହୁଏ । ସଂଗେ ସଂଗେ ବାଦ୍ୟଯନ୍ତ୍ରରେ ତାଳ ବାଜି ଉଠେ । ଗାୟକ ସଂଗେ ସଂଗେ ଗୀତ ବନ୍ଦ କରି ନୃତ୍ୟ ସ୍ଥଳ ବାହାରକୁ ଚାଲି ଆସନ୍ତି । ବନ୍ଦୋୟାଁ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଯାଏ । ଗାୟକ ବାଦ୍ୟକାର ମାନଙ୍କ ସହ ଗୀତ ଗାଆନ୍ତି ।

କୌଣସି ନାଚ ବିଷୟକ ଲୋକଗୀତରୁ ଦୁଇ ପଦ ଗାଇବା ସମୟରେ ବାଦ୍ୟଯନ୍ତ୍ର ବାଜେ । ଯେତେବେଳେ ପଦର ପୁନରାବୃତ୍ତି ଆରମ୍ଭ ହୁଏ ଜୋର୍‌ରେ ତାଳ ପଡ଼େ । ଗୀତ ବାଦ୍ୟର ଶବ୍ଦରେ ବୁଡ଼ିଯାଏ । ଏହାକୁ ଖାତିର ନକରି ଗାୟକ ଶକ୍ତି ଅନୁସାରେ ଗୀତର ପଦମାନ ପୁନରାବୃତ୍ତି କରୁଥାନ୍ତି । ନୃତ୍ୟକାରୀ ଆଖଡ଼ା ଅଭ୍ୟାସ ସମୟକୁ ବାଦ୍ୟଯନ୍ତ୍ରର ତାଳ ସହିତ ଅଭ୍ୟସ୍ତ ହୋଇଥାଏ । ତେଣୁ, ଗାୟକର ଗୀତ ପ୍ରତି ଧ୍ୟାନ ଦିଏ ନାହିଁ । ନାଚରେ ବାଦ୍ୟଯନ୍ତ୍ରର ଧ୍ୱନି, ତାଳର ପ୍ରାଧାନ୍ୟ ଥାଏ ।

ଛଉରେ ପ୍ରୟୋଜନୀୟ ବାଦ୍ୟଯନ୍ତ୍ର ଭାବରେ ଦୁଇ ଗୋଟି ଧମ୍‌ସା, ଦୁଇ ଗୋଟି ଢୋଲକ ଓ ଗୋଟିଏ ସାନାଇ ବ୍ୟବହୃତ ହୁଏ । କୌଣସି କୌଣସି ସ୍ଥାନରେ ବାଦ୍ୟଯନ୍ତ୍ରର ସଂଖ୍ୟା ବୃଦ୍ଧି ଘଟିଥିବାର ଦେଖାଯାଏ । ବଡ଼ ବଡ଼ ଧମସା ସମୟ ସମୟରେ ଦୁଇ ଜଣ ବଜାଇଥାନ୍ତି । ଧମସା ଅତ୍ୟନ୍ତ ଭାରି ଓ ଆକାରରେ ବଡ଼ ହୋଇଥିବାରୁ ନୃତ୍ୟସ୍ଥଳରେ ଗୋଟିଏ ସ୍ଥାନରେ ଭୂଇଁ ଉପରେ ରଖାଯାଇଥାଏ । ଏହା ଧାତୁ କିମ୍ବା ତାଳ କାଠ ଗଣ୍ଡିରେ ନିର୍ମିତ ହୋଇଥାଏ ଓ ପଶୁ ଛାଲରେ ଆବୃତ ହୋଇଥାଏ ।

ଢୋଲକର ଆକୃତି ଛୋଟ । ବାଦ୍ୟକାର ଏହାକୁ କାନ୍ଧରେ ଓହଳାଇ ଦୁଇ ହାତରେ ଅର୍ଥାତ୍ ଗୋଟିଏ ହାତ (ଡାହାଣ)ରେ କାଠି ଓ ବାମ ହାତ ପାପୁଲି ଓ ଅଙ୍ଗୁଳି ପିଟି ବଜାଏ । ଢୋଲକ କାଠରେ ନିର୍ମିତ । ଏହା ସାଧାରଣତଃ ଗାମାର କାଠରେ ତିଆରି ହୁଏ ।

ଛଉ ନାଚରେ ବାଦ୍ୟକାରର ବାଦ୍ୟ ନୈପୁଣ୍ୟର ପ୍ରୟୋଜନ ହୁଏ । କାରଣ ବାଦ୍ୟ ଉପରେ ହିଁ ଏହି ନାଚ ନିର୍ଭରଶୀଳ । ନୃତ୍ୟକାରୀ ବାଦ୍ୟର ତାଳକୁ ଅନୁସରଣ କରି ନାଚେ । ଢୋଲିଆ କାନ୍ଧରେ ଢୋଲ ପକାଇ ଆସର ସାରା ବୁଲି ବୁଲି ମୁହଁରେ ତାଳର ବୋଲ କହି ଆସରକୁ ଗରମ କରି ଢୋଲକ ବାଦକ ଥାନ୍ତି । ତନ୍ମଧ୍ୟରୁ ଜଣେ ମୁଖ୍ୟ ବାଦକ ଥାନ୍ତି ।

ନାଚର ଆରମ୍ଭରେ ସଂଗୀତର ସ୍ୱର ସାହାନାଇରେ ବାଜେ ଓ ତାଳ ଅନୁସାରୀ ଢୋଲ ଓ ଧମସା ବାଜେ । ଛଉ ନାଚ ଆରମ୍ଭରେ ଗୋଟିଏ ଢୋଲ ବାରମ୍ବାର ବାଜି ନର୍ତ୍ତକକୁ ନୃତ୍ୟ ସ୍ଥଳକୁ କଢ଼ାଇ ଆଣେ । ଏହା ସାଧାରଣତଃ ତ୍ରିତାଳ 'ତାକିତା ତାକିତା' କିମ୍ବା ଚଉତାଳ 'ତାକଦିମି ତାକଦିମି' । ଗୋଟିଏ ତାଳ ବାରମ୍ବାର ବାଜେ । ଛଉ ନାଚର ଶେଷାଂଶରେ ଏହାର ବ୍ୟବହାର ଅଧିକ ହୁଏ ।

◆◆◆

# ସପ୍ତମ ଅଧ୍ୟାୟ

## ପୂର୍ବୋକ୍ତ ତିନି ଅଞ୍ଚଳ (ଷଢ଼େଇକଳା, ମୟୂରଭଞ୍ଜ ଓ ପୁରୁଲିଆ)ର ଛଉ ନାଟ ପରମ୍ପରାର ସାମଞ୍ଜସ୍ୟ ଓ ବୈଷମ୍ୟ

**ଛଉ ନାଟ ପରମ୍ପରାର ସାମଞ୍ଜସ୍ୟ ଓ ବୈଷମ୍ୟ:**

ଛଉନାଟ ପରମ୍ପରାର ବର୍ଣ୍ଣନା କରାଯାଇ ଏଥିର ବିଭିନ୍ନ ବିଭାବରେ ବୈଶିଷ୍ଟ୍ୟ ସଂପର୍କରେ ପୂର୍ବ ଅଧ୍ୟାୟ ଗୁଡ଼ିକରେ ସତନ୍ତ୍ର ଭାବରେ ଆଲୋଚନା କରାଯାଇଅଛି । ବସ୍ତୁତଃ, ଷଢ଼େଇକଳା, ମୟୂରଭଞ୍ଜ ଓ ପୁରୁଲିଆର ଛଉ/ଛୌ ନାଚ ସହିତ ସନ୍ନିହିତ ଅଞ୍ଚଳରେ ଏହି ପରମ୍ପରାର ସୃଷ୍ଟି ଓ ବିକାଶ ଏକ ପରିମଣ୍ଡଳୀୟ ସାଂସ୍କୃତିକ ପୃଷ୍ଠଭୂମି ଉପରେ ବିଦ୍ୟମାନ । ସନ୍ଦର୍ଭର ବିଭିନ୍ନ ଅଧ୍ୟାୟରେ ଏହାର ସମ୍ୟକ ପରିଚୟ ପ୍ରଦାନ କରାଯାଇଅଛି । ନିମ୍ନରେ ବିଭିନ୍ନ ଅଞ୍ଚଳର ଛଉ ନାଚ ପରମ୍ପରା ମଧ୍ୟରେ ଥିବା କେତେକ ନିର୍ଦ୍ଦିଷ୍ଟ ସାଧାରଣ ସାମଞ୍ଜସ୍ୟ ବୈଷମ୍ୟ ଉଲ୍ଲେଖ କରାଯାଉଅଛି :

**(କ) ସାମଞ୍ଜସ୍ୟ:**

(୧) ଛଉନାଚର ଆନୁଷ୍ଠାନିକ ଉପଚାର ସମ୍ବଳିତ ନିର୍ଦ୍ଦିଷ୍ଟ ପର୍ବ ସହିତ ସଂପର୍କିତ । ଏହା ସବୁଠାରେ ଚଇତ୍ର ମାସରେ ପାଳିତ ହୁଏ ଓ ସବୁଠାରେ ଚଇତ୍ ପରବ ନାମରେ ନାମିତ ।

(୨) ଛଉ ନାଚ ସହିତ ଏ ପର୍ବର ସମ୍ପର୍କ ଘନିଷ୍ଠ ହୋଇଥିଲେ ହେଁ 'ଚଇତ୍ ପରବ' (ଚୈତ୍ର ପର୍ବ) ସହ ଏ ନାଚର ସୃଷ୍ଟି ହୋଇନାହିଁ । ଏହାର କାରଣ ସ୍ୱରୂପ କୁହାଯାଇ ପାରେ ଯେ, ଚୈତ୍ର ପର୍ବ ସମ୍ବନ୍ଧରେ ପ୍ରାଚୀନ ଓ ତାଳପତ୍ର ପୋଥି ଗୁଡ଼ିକରେ ଉଲ୍ଲେଖ ଥିଲେ ମଧ୍ୟ ତହିଁରେ ଛଉ ନାଚ ସମ୍ପର୍କରେ ଉଲ୍ଲେଖ ନାହିଁ । ତେଣୁ ଛଉ ନାଚ ଏକ ସତନ୍ତ୍ର ସମୟର ସୃଷ୍ଟି ଓ ସଂଯୋଜନା ।

(୩) ଔପଚାରିକ ସମ୍ବନ୍ଧ ଦିଗରୁ ତିନି ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ସମୟରେ ଅର୍ଥାତ୍ ଚୈତ୍ର ମାସର ସଂକ୍ରାନ୍ତି ଦିନ ହିଁ ସବୁଠି ଛଉ ନାଚର ଅନୁଷ୍ଠିତ ହୁଏ । ତିନି ଅଞ୍ଚଳରେ ଏ ପର୍ବ ସହ ଛଉର ଆରାଧ୍ୟ ଦେବତା ଶିବ/ରୁଦ୍ର ଅଥବା ଭୈରବ । ସବୁଠି ସମାନ ଧରଣର ଉପଚାର ମଧ୍ୟ ଦେଇ ଚୈତ୍ର ପର୍ବ ଆରମ୍ଭ ଓ ଶେଷ ହୁଏ । ସବୁସ୍ଥାନରେ ଏ ପର୍ବରେ ଅଂଶ ଗ୍ରହଣକାରୀ ମାନଙ୍କୁ ଭକ୍ତା କୁହାଯାଏ ଓ ପାଟ ଭକ୍ତାଙ୍କୁ ମିଶାଇ ଏମାନଙ୍କର ସଂଖ୍ୟା ନିର୍ଦ୍ଦିଷ୍ଟ ତେର (୧୩) ସଂଖ୍ୟକ । ଏହି ତେର ଭକ୍ତା ସମାଜର ବାର ପାଟକର ପ୍ରତିନିଧିତ୍ୱ କରନ୍ତି । ପର୍ବରେ ବ୍ୟବହୃତ ବାଦ୍ୟ ଓ ବାଦ୍ୟକାର, ଘଟ, ଘଟସଜ୍ଜା, ଘଟୁଆଳୀର ବେଶ, ପୂଜକପ ଓ ପୂଜାର ଉପାସନା ବିଧି ସବୁଠି

ସମାନ ଧରଣର । ଆଞ୍ଚଳିକ ପ୍ରଭାବ ହେତୁ କେତେକ ଔପଚାରିକ ପ୍ରଭେଦ ବିଦ୍ୟମାନ । ଏହାକୁ ଭିନ୍ନ ଦେଶାଚାର କୁହାଯାଇପାରେ ।

(୪) ଚୈତ୍ର ପର୍ବ ସମୟରେ ପ୍ରତ୍ୟେକ ସ୍ଥାନରେ ଉଡ଼ା ଓ ଫୋଡ଼ା ପର୍ବ ଅନୁଷ୍ଠିତ ହେଉଥିଲା । କାଳକ୍ରମେ ଏ ଦୁଇଟି ଅନୁଷ୍ଠାନ ସରକାରୀ ନିର୍ଦ୍ଦେଶ ଓ ଜୀବନ ପ୍ରତି ଭୟ ହେତୁ ଭକ୍ତାମାନଙ୍କର ଅନିଚ୍ଛା - ଏପରି କାରଣରୁ ବହୁ ସ୍ଥାନରେ ଏହା ବନ୍ଦ ହେଉଅଛି ।

(୫) ଛଉନାଟରେ ଅଂଶ ଗ୍ରହଣକାରୀ ମାନେ ତିନି ଅଞ୍ଚଳରେ ମୂଳତଃ ସମଜାତି ଓ ସମଗୋଷ୍ଠୀର ହୋଇଥାନ୍ତି । ତେବେ ଷଢ଼େଇକଳା ଓ ମୟୂରଭଞ୍ଜର ରାଜଦରବାର ପୃଷ୍ଠପୋଷକତାର ଲାଭ କରିଥିବା ଛଉରେ ଅଧିକ ସଂଖ୍ୟକ ଉଚ୍ଚ ଶ୍ରେଣୀର ହିନ୍ଦୁ ମାନଙ୍କ ସହିତ ଅନୁନ୍ନତ ଶ୍ରେଣୀର ହିନ୍ଦୁମାନେ ମଧ୍ୟ ଅଂଶ ଗ୍ରହଣ କରନ୍ତି ।

(୬) ତିନି ଅଞ୍ଚଳ ଛଉ ନୃତ୍ୟରେ ବାଦ୍ୟକାରମାନେ ସମ ଜାତିର ଯଥା- ହାଡ଼ି, ଡମ, ପାଣ, ଘାସି ଜାତିର ଲୋକେ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇଥାନ୍ତି ।

(୭) ତିନି ଅଞ୍ଚଳ ଛଉରେ ବ୍ୟବହୃତ ପାରମ୍ପରିକ ବାଦ୍ୟ ଯନ୍ତ୍ର ମୁଖ୍ୟତଃ ଢୋଲ, ମହୁରୀ (ସାନାଇ) ଧମସା, ନାଗରା, ଶିବମ, ଚଡ଼ଚଡ଼ି ଇତ୍ୟାଦି । ଏତଦ୍ ବ୍ୟତୀତ ଏଥିରେ ବ୍ୟବହୃତ ଆଧୁନିକ ବାଦ୍ୟଯନ୍ତ୍ର ପରବର୍ତ୍ତୀ ସମୟର ସଂଯୋଜନା ।

(୮) ତିନି ଅଞ୍ଚଳର ସଙ୍ଗୀତ ସୃଷ୍ଟିର ମୂଳ ଉପାଦାନ ଏକ ଓ ଅଭିନ୍ନ । ପୌରାଣିକ, ମହା କାବ୍ୟିକ, ସାମାଜିକ, କାଳ୍ପନିକ, ଐତିହାସିକ ବିଷୟ ବସ୍ତୁ ସମ୍ବଳିତ ରଚନା ଓ ଲୋକଗୀତ (ଝୁମର)ର ପ୍ରାଧାନ୍ୟ ଛଉ ନୃତ୍ୟରେ ତିନି ଅଞ୍ଚଳରେ ଲକ୍ଷ୍ୟ କରାଯାଏ ।

(୯) ଗୀତର ସ୍ୱର, ତାଳ, ମାନ, ଲୟର ଉପଯୋଗରେ ଅଧିକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । କେତେକ କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରାଯାଉ ଥିଲେ ହେଁ ଏହା ମୂଳତଃ ଆଧୁନିକ ସଂଯୋଜନ ଓ ରୁଚିର ଭିନ୍ନତା ହେତୁ ସମ୍ଭବ ହୋଇଛଇ । ଷଢ଼େଇକଳା ଓ ମୟୂରଭଞ୍ଜରେ ବିଳମ୍ବିତ, ମଧ୍ୟ ଓ ଦ୍ରୁତ ଲୟର ଉପଯୋଗ ଥିଲାବେଳେ ପୁରୁଲିଆର ନାଚରେ ବିଳମ୍ବିତ ଓ ଦ୍ରୁତ ଲୟର ଉପଯୋଗ ହୋଇଥାଏ ।

(୧୦) ସବୁଠି ଧ୍ୱନିର ଶ୍ରୁତିମାଧୁର୍ଯ୍ୟ ରକ୍ଷା କରାଯାଏ ନାହିଁ । ଗୋଟିଏ ଗୋଟିଏ ପଦ ବାରମ୍ବାର ଆବୃତ୍ତ ହୁଏ । ଆସରରେ ନାଚର ସ୍ଥାୟିତ୍ୱ ଦୃଷ୍ଟିରୁ ପୁନରାବୃତ୍ତିର ପ୍ରୟୋଜନ ଓ ଏ ନାଚରେ ଦୋଷ ନୁହେଁ ।

(୧୧) ତିନି ଅଞ୍ଚଳର ଛଉ ନାଚରେ ଗୀତ ମୁଖ୍ୟ ଭୂମିକା ଗ୍ରହଣ କରିନାହିଁ । ଏହା ଏକମୂକ ନୃତ୍ୟ । ନର୍ତ୍ତକମାନେ ନିଜ ମୁଖରେ ଗୀତ ବୋଲନ୍ତି ନାହିଁ । ପାର୍ଶ୍ୱ ଦେଶରୁ ଗାୟକମାନେ ଗୀତ

ବୋଲନ୍ତି । ବାଦ୍ୟକାରମାନେ ଏଥିରେ ତାଳ ସଂଯୋଜନ କରନ୍ତି । ଅଭିନେତାଗଣ ମଞ୍ଚର ପାର୍ଶ୍ୱ ଦେଶରେ ଦଣ୍ଡାୟମାନ ଗାୟକଙ୍କ ମୁଖର ସ୍ୱର ସହ ବାଦ୍ୟଯନ୍ତ୍ରର ଧ୍ୱନିକୁ ଲକ୍ଷ୍ୟ କରି ତାଳ ଓ ଭାବାନୁସାରୀ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରନ୍ତି । ତିନି ଅଞ୍ଚଳର ଗୀତର ସଂକ୍ଷିପ୍ତ ପ୍ରୟୋଗ ପରିଲକ୍ଷିତ ।

(୧୨) ତିନି ଅଞ୍ଚଳର ଛଉ ମୁଖ୍ୟତଃ ନୃତ୍ୟ - ନାଟ୍ୟ ଧର୍ମୀ । ଉପସ୍ଥାପନା ଶୈଳୀ ଓ ସମୟ ବିଭିନ୍ନ ବିଷୟରେ ଗଠିତ ନାଚ, ନାଚରେ ଅଭିନେତା ମାନଙ୍କର ସଂଖ୍ୟା ପ୍ରଭୃତିରେ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ ।

(୧୩) ତିନି ଅଞ୍ଚଳର ଛଉ ନାଚରେ ବିଭିନ୍ନ ବିଷୟ ଓ ଭାବାନୁସାରୀ ଭଙ୍ଗୀର ସାମଞ୍ଜସ୍ୟ ଅଛି ।

(୧୪) ଛଉରେ ବ୍ୟବହୃତ ଅଳଙ୍କାର ଗୁଡ଼ିକର ଅଧିକ ସମାନତା ଲକ୍ଷ୍ୟ କରାଯାଏ । ସର୍ବୋପରି ବେଶ ଉପଯୋଗୀ ପୋଷାକ, ସଜ୍ଜା ଓ ସଜ୍ଜଶୈଳୀ ତିନି ଅଞ୍ଚଳରେ ଅଧିକ ସାମଞ୍ଜସ୍ୟ ରକ୍ଷା କରେ ।

(୧୫) ତିନି ଅଞ୍ଚଳରେ ଛଉ ନାଚ ସ୍ଥଳର ନିର୍ଦ୍ଦିଷ୍ଟ ରୂପ ପରିଲକ୍ଷିତ ହୁଏ । ମନ୍ଦିର ପ୍ରାଙ୍ଗଣ, ଖୋଲାପଡ଼ିଆ କିମ୍ବା ରାଜପ୍ରସାଦ ମଧ୍ୟରେ ଥିବା ଉନ୍ମୁକ୍ତ ପାଙ୍ଗଣ ମଧ୍ୟରେ ଛଉ ନାଚ ଅନୁଷ୍ଠିତ ହେଉଥିଲା । (ତିନି ମୁଖ୍ୟ ସ୍ଥାନ ମଧ୍ୟରୁ ଏବେ ବି ଷଢ଼େଇକଳା ରାଜପ୍ରାସାଦ ମଧ୍ୟରେ ଛଉ ନାଚ ଅନୁଷ୍ଠିତ ହୁଏ ।) ମଞ୍ଚ ଗୋଲାକାର ଓ ଚତୁଷ୍କୋଣ, ଏପରି ଦୁଇ ପ୍ରକାରର । ମଞ୍ଚର ଚାରି ପଟରେ ଅଥବା ତିନି ପାଖରେ ଦର୍ଶକମାନେ ବସନ୍ତି । ଅଭିନେତାଗଣ ମଞ୍ଚକୁ ଯିବା ଆସିବା ନିମନ୍ତେ ସରୁ ରାସ୍ତାଟିଏ ଥାଏ । ମଞ୍ଚ ଚାରିପାଖରେ କେଉଁଠି ତିନି ପାଖରେ ଦର୍ଶକମାନେ ବସିବା ନିମନ୍ତେ ସ୍ଥାନ ସଂରକ୍ଷଣ ଓ ମଞ୍ଚ ନିର୍ମାଣ ପ୍ରଭୃତିରେ ସମାନତା ଲକ୍ଷ୍ୟ କରାଯାଏ ।

(୧୬) ସବୁଠାରେ ଦର୍ଶକ ମାନଙ୍କ ଉପଭୋଗ ଓ ପ୍ରତିକ୍ରିୟା ସମାନ ଧରଣର ।

(୧୭) ମଞ୍ଚରେ ଆଲୋକ ବ୍ୟବସ୍ଥା ସବୁଠାରେ ସମାନ ଧରଣର ।

(୧୮) ସବୁଠାରେ ମୁଖା ଗଠନ, ସଜ୍ଜା ଓ ପରିଧାନ ପରିପାଟୀରେ କେତେକ ସାମଞ୍ଜସ୍ୟ ଓ ବୈଷମ୍ୟ ଲକ୍ଷ୍ୟ କରାଯାଏ । ଛ/ଛୋ କିମ୍ବା ଛଉ ହେଉ ତିନି ଅଞ୍ଚଳରେ ଏ ଶବ୍ଦ ଗୁଡ଼ିକ ପ୍ରଚଳିତ ଓ ଏଥିର ଏକ ସାଧାରଣ ଅର୍ଥ ମୁଖା ଭାବରେ ଗୃହୀତ । ମୟୂରଭଞ୍ଜର ଛଉ ନୃତ୍ୟ ବର୍ତ୍ତମାନ ମୁଖା ପରିତ୍ୟାଗ କରିଥିଲେ ହେଁ ପୂର୍ବରୁ ମୁଖା ବ୍ୟବହୃତ ହେଉଥିଲା । ଏବେବି ଗାମାଞ୍ଚଳରେ କେତେକ ସ୍ଥାନରେ ମୁଖା ବ୍ୟବହୃତ ହୁଏ । ମୁଖା ବ୍ୟବହାରର ଉଦ୍ଦେଶ୍ୟ ସବୁଠି ସମାନ । ମୁଖା ଗଠନ ପ୍ରଣାଳୀ, ସଜ୍ଜିକରଣ, ସଂରକ୍ଷଣ ପ୍ରଣାଳୀରେ ଅଧିକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ସବୁଠି ମୁଖା/ ମହଡ଼ା/ ମହାଁ/ ମୁହାଁ ଏପରି ଶବ୍ଦମାନ ପ୍ରତିଶବ୍ଦ ରୂପେ ପ୍ରଚଳିତ । ସବୁଠି ମୁଖା ବ୍ୟବହାର କୌଶଳ ମଧ୍ୟ ସମାନ ।

(୨୯) ତିନି ଅଞ୍ଚଳରେ ନୃତ୍ୟ ଶିଳ୍ପୀମାନଙ୍କର ଆରାଧ୍ୟ ଦେବତା, ଗୁରୁ ଓ ଓସ୍ତାଦ୍ ପ୍ରଭୃତିଙ୍କୁ ସମ୍ମାନ ଜଣାଇବା ବିଧି ସମାନ ଧରଣର ।

(୩୦) ପ୍ରତ୍ୟେକ ସ୍ଥାନରେ ନୃତ୍ୟରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଯଥା- ଢାଲ, ଖଣ୍ଡା, ବର୍ଚ୍ଛା, ଧନୁଶର ପ୍ରଭୃତି ସମାନ ।

(୩୧) ସବୁଠି ଛଉ ନାଚ ସମଗ୍ର ରାତ୍ରି ବ୍ୟାପୀ ଅନୁଷ୍ଠିତ ହୁଏ ।

(୩୨) ସବୁଠାରେ ଛଉ ନାଚରେ ଆଞ୍ଚଳିକ ନୃତ୍ୟ, ନାଟ୍ୟ, ଗୀତର ପ୍ରଭାବ ପରିଲକ୍ଷିତ ହୁଏ ।

(୩୩) ସବୁଠାରେ ଛଉ ନାଚ ପ୍ରତିଯୋଗିତା ମୂଳକ । ଅନ୍ତତଃ ପକ୍ଷେ ଦୁଇଗୋଟି ଦଳ ନୃତ୍ୟ ପ୍ରଦର୍ଶନ କରନ୍ତି ।

(୩୪) ତିନି ଅଞ୍ଚଳରେ ପ୍ରଚଳିତ ଛଉ ନାଚ ତିନି ଗୋଟି ସ୍ତର ଅର୍ଥାତ୍ ଗ୍ରାମାଞ୍ଚଳରେ ସାଧାରଣ ଲୋକ, ପିଢ଼/ପରଗଣା ମାନଙ୍କରେ ସର୍ଦ୍ଦାର/ପଧାନ/ମାନକୀ ସ୍ତର ଓ ରାଜ୍ୟର ରାଜଧାନୀରେ ଦରବାର ସ୍ତର ଏପରି ତିନି ସ୍ତରରେ ଅନୁଷ୍ଠିତ ହେଉଥିଲା ।

(୩୫) ତିନି ଅଞ୍ଚଳର ପୃଷ୍ଠପୋଷକଗଣ ପ୍ରତି ବର୍ଷ ନାଚରେ ନୂଆ ନୂଆ ବିଷୟ ସଂଯୋଜନ ନିମନ୍ତେ ଓସ୍ତାଦ ମାନଙ୍କୁ ପ୍ରଚୁର ସାଧୀନତା ଦେବା ସହିତ ପ୍ରେରଣା ପ୍ରଦାନ କରିଥିଲେ ।

(୩୬) ଛଉ ମୂଳତଃ ଲୋକ ନାଟ ହେଲେ ହେଁ ପରମ୍ପରା କ୍ରମେ ଏଥିରେ ବିପୁଳ ପରିବର୍ତ୍ତନ କରାଯାଇ ଶାସ୍ତ୍ରୀୟ ଧାରା ପ୍ରବର୍ତ୍ତିତ ହୋଇଛି । ସବୁ ଅଞ୍ଚଳର ଛଉ ନାଚରେ ନାଟ୍ୟ ଶାସ୍ତ୍ରର ସମସ୍ତ ଉଦ୍ଦେଶ୍ୟ ଯଥା- ଲୋକଶିକ୍ଷା, ସବୁ ଜାତିର ଲୋକଙ୍କର ଶ୍ରାବ୍ୟ, ଦୃଶ୍ୟ ଓ କ୍ରିଡ଼ନୀୟ ସାହିତ୍ୟ ଏବଂ ଆନନ୍ଦ ଦାନ ପୂରଣ କରିଅଛି । ଛଉ ନୃତ୍ୟ-ନାଟ ପର୍ଯ୍ୟାୟରେ ସୁପ୍ରତିଷ୍ଠିତ ହୋଇଛି ।

(ଖ) **ବୈଷମ୍ୟ:**

ଛଉ ନାଚକୁ ମୁଖ୍ୟତଃ ଷଢେଇକଳା ଓ ମୟୂରଭଞ୍ଜର ମହାରାଜା ଓ ବାଗମୁଣ୍ଡିର ରାଜାଙ୍କ ବ୍ୟତୀତ ସନ୍ନିହିତ ଅନ୍ୟ ଗଡଜାତ ରାଜ୍ୟର ରାଜାମାନେ ମଧ୍ୟ ପୋଷକତା କରିଛନ୍ତି । ଏମାନଙ୍କ ମଧ୍ୟରେ ଷଢେଇକଳା ଓ ମୟୂରଭଞ୍ଜର ମହାରାଜାମାନେ ଆର୍ଥିକ ପ୍ରଶାସନିକ କ୍ଷମତା ଦୃଷ୍ଟିରୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଶକ୍ତିଶାଳୀ ଥିଲେ ଓ ଏମାନେ ଛଉ ନାଚକୁ ନିଜ ପରିବାରର 'କଳାଚର୍ଚ୍ଚା' ପରିସରଭୁକ୍ତ କରିଥିଲେ । ଏ ସମସ୍ତ ରାଜ୍ୟରେ ରାଜପୋଷକତା ଲାଭ ଫଳରେ ଛଉ ନାଚର ଆଙ୍ଗିକ ଓ ଆତ୍ମିକ ବିଭାବରେ ବିପୁଳ ପରିବର୍ତ୍ତନ ଓ ଅଧିକ ସଂଯୋଜନ ଘଟିଥିଲେ ହେଁ ଛଉ ତାର ମୌଳିକତା ହରାଇ ନାହିଁ ।

ଛଉ ନାଚ ଚଇତ୍ର ପର୍ବ/ଗାଜନ/ଚଡ଼କ/ଭକ୍ତା/ଉଡ଼ା ପର୍ବ ସହିତ ସଂଯୋଜିତ ହୋଇଥିଲେ ହେଁ ଏହା ଉପଚାରର ସର୍ବସ୍ୱ ନହୋଇ କଳାତ୍ମକ ହୋଇଛି । ଏଥିରୁ ସ୍ପଷ୍ଟ ସୂଚିତ ହୁଏ ଯେ, ଛଉ ନାଚ ପର୍ବର ଉପଚାରର ସମ୍ଭୁତ ନୁହେଁ । ଏହା ଏକ ସମର ଭିତ୍ତିକ ଲୋକନାଟ୍ୟ । ବିଭିନ୍ନ ଅଞ୍ଚଳର ଛଉ ନାଚରେ କେତେକ ବୈଷମ୍ୟ ପରିଲକ୍ଷିତ ହୁଏ । ନିମ୍ନରେ ସେ ସମ୍ପର୍କ ଉଲ୍ଲେଖ କରାଯାଉ ଅଛି ।

ଷଢ଼େଇକଳା ଓ ପୁରୁଲିଆର ନାଚରେ ମୁଖା ବ୍ୟବହୃତ ହୁଏ । ମୟୂରଭଞ୍ଜରେ ପୂର୍ବେ ମୁଖା ବ୍ୟବହୃତ ହେଉଥିଲା । ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ସମୟରୁ ମୁଖା ବାଦ୍ ଦିଆଯାଇଛି । ବର୍ତ୍ତମାନ ବି ମୟୂରଭଞ୍ଜର ଗ୍ରାମାଞ୍ଚଳରେ କେତେକ ସ୍ଥାନରେ ଛଉ ନାଚରେ ମୁଖା ବ୍ୟବହାର କରାଯାଉଛି । ତିନି ଅଞ୍ଚଳର ମୁଖା ମଧ୍ୟରେ ସାମ୍ୟ ଅନେକ ବୈଷମ୍ୟ ଅଛି । ସେଗୁଡ଼ିକ ହେଲା–

ଷଢ଼େଇକଳାର ମୁଖା ପ୍ରତୀକ ଧର୍ମୀ ଓ ଲାଳିତ୍ୟପୂର୍ଣ୍ଣ ଏବଂ ସୂକ୍ଷ୍ମ କଳାର ଚମତ୍କାର ପ୍ରକାଶ । ପୁରୁଲିଆର ମୁଖା ବାସ୍ତବ ଧର୍ମୀ ଲୌକିକ ଆଡମ୍ବରପୂର୍ଣ୍ଣ ଓ ସଜ୍ଜା ବହୁଳ ।

ମୟୂରଭଞ୍ଜରେ ବ୍ୟବହୃତ ମୁଖା ବାସ୍ତବଧର୍ମୀ ହେବା ସହିତ ଗଠନ ରୀତି ଓ ସଜ୍ଜା ପରିପାଟୀରେ ପ୍ରାଥମିକ ପର୍ଯ୍ୟାୟର ।

ତିନି ଅଞ୍ଚଳର ମୁଖା ନିର୍ମାଣ ପଦ୍ଧତିରେ ସାମାନ୍ୟ ପାର୍ଥକ୍ୟ ସୂଚିତ ହୁଏ । ଦେବଦେବୀ ମୁଖା ନିର୍ମାଣ ବେଳେ କେତେକ ବିଧି ନିଷେଧ ଓ ଆଚାର ପାଳନ କରାଯାଏ ।

ସନ୍ନିହିତ ଅଞ୍ଚଳର ମୁଖାରେ ମୁଖ୍ୟତଃ ଏପରି କିଛି ବିଶେଷ ପାର୍ଥକ୍ୟ ସୂଚିତ ହୁଏ ନାହିଁ । କେବଳ ସେ ସବୁର ନିର୍ମାଣଶୈଳୀ ପ୍ରାଥମିକ ପର୍ଯ୍ୟାୟର ।

ମୟୂରଭଞ୍ଜ ଓ ଷଢ଼େଇକଳାର ଛଉ ମୂଳତଃ ପାଇକ ନାଚ ଆଧାରିତ ଓ ଏଥିରେ ଫରିଖଣ୍ଡା ଶୈଳୀ ଅନୁସୃତ ହୁଏ । ଷଢ଼େଇକଳାରେ ମୂଳତଃ ଏହି ଶୈଳୀ ଅନୁସୃତ ହୋଇଥିଲେ ହେଁ ପରବର୍ତ୍ତୀ କାଳରେ ଏଥିରେ ଲାସ୍ୟଧର୍ମୀ ନାଚର ଆଧିକ୍ୟ ପରିଲକ୍ଷିତ ହୁଏ ଓ ଶାସ୍ତ୍ରୀୟ ନୃତ୍ୟ ଶୈଳୀର ପ୍ରଭୂତ ବିକାଶ ଘଟିଅଛି । ମୟୂରଭଞ୍ଜରେ ଫରୀଖଣ୍ଡା ଶୈଳୀର ଆଧିକ୍ୟ ପରିଲକ୍ଷିତ ହୁଏ । ପୁରୁଲିଆରେ ସାମରିକ ଭାବ ସମ୍ବଳିତ ନାଚ ସହିତ ଲୌକିକ ଲାସ୍ୟଧର୍ମୀ ନାଚ ଅନୁଷ୍ଠିତ ହୁଏ । ବାରିପଦାରେ ଲାସ୍ୟଧର୍ମୀ ନାଚରେ ଲୌକିକ ଓ ଶାସ୍ତ୍ରୀୟ ଶୈଳୀର ସମ୍ମିଶ୍ରଣ ଘଟିଥିବାର ପରିଲକ୍ଷିତ । ପୁରୁଲିଆରେ ପାଇକାଳି ଶୈଳୀ ଅନୁସୃତ ହେବା ସାଙ୍ଗକୁ ଆଧୁନିକ ଓ ଅଣପାରମ୍ପରିକ ସମର କୌଶଳ ଅନୁସୃତ ହେଉଥିବାର ପରିଲକ୍ଷିତ ହୁଏ । ପୁରୁଲିଆର ବୀର ଧର୍ମୀ ନାଚ ପ୍ରଦର୍ଶନ ବେଳେ ଏ ସବୁ ସହଜରେ ବାରିହୋଇ ପଡ଼େ । ସେଗୁଡ଼ିକ ମସ୍ତକର ମୁକୁଟ କମ୍ପନ, ସ୍କନ୍ଦର କମ୍ପନ, ବକ୍ଷର କମ୍ପନ ପ୍ରଭୃତି । ଏପରି ଶୈଳୀ ଷଢ଼େଇକଳା କିମ୍ବା ମୟୂରଭଞ୍ଜର ଛଉ ନାଚରେ ଲକ୍ଷ୍ୟ କରାଯାଏ ନାହିଁ ।

ପୁରୁଲିଆର ଛଉ ନାଚରେ ହସ୍ତ ମୁଦ୍ରା ନାହିଁ । ଏଠାରେ ଫୁଟ ନାଚ ଅପେକ୍ଷା ମେଳ ନାଚର ପ୍ରାଧାନ୍ୟ ପରିଲକ୍ଷିତ ହୁଏ ।

ପୁରୁଲିଆର କେଉଁଠି କେଉଁଠି ସମଗ୍ର ରାମାୟଣର କଥାବସ୍ତୁ ପ୍ରଦର୍ଶିତ ହେବା ପରି ଷଢ଼େଇକଳା କିମ୍ବା ମୟୂରଭଞ୍ଜର ଏପରି ହୁଏ ନାହିଁ । ତିନି ଅଞ୍ଚଳର ଛଉରେ ପ୍ରଦର୍ଶିତ ନାଚ ଗୁଡ଼ିକ ମୁଖ୍ୟତଃ ମହାକାବ୍ୟ । ପୁରାଣ ବିଷୟ ଆଧାରିତ ହୋଇଥିଲେ ହେଁ ପ୍ରତ୍ୟେକ ସ୍ଥାନର ପରିବେଷଣ ଶୈଳୀ ଭିନ୍ନ ହୋଇଛି ।  ବାରିପଦାରେ ମୁଖାର ବ୍ୟବହାର ନାହିଁ । ପୁରୁଲିଆରେ ଷଢ଼େଇକଳା ଅପେକ୍ଷା ଅଧିକ ଲୋକଧର୍ମୀ ଶୈଳୀ ଅନୁସୃତ ହୋଇଛି ।

ତିନି ଅଞ୍ଚଳର ନାଚ ପ୍ରଦର୍ଶନ ସମୟରେ କିଛି ତାରତମ୍ୟ ଯଥା- ଷଢ଼େଇକଳାର ପ୍ରତ୍ୟେକ ନାଚର ପ୍ରଦର୍ଶନ ପୁରୁଲିଆ କିମ୍ବା ମୟୂରଭଞ୍ଜ ଅପେକ୍ଷା କମ୍ ସମୟ ମଧ୍ୟରେ ଘଟେ । ମୟୂରଭଞ୍ଜରେ ନାଟ ସର୍ବାପେକ୍ଷା ଅଧିକ ସମୟ ଧରି ପ୍ରଦର୍ଶିତ ହୋଇଥାଏ । ମୟୂରଭଞ୍ଜରେ ମୁଖାର ବ୍ୟବହାର ନଥିବାରୁ ଅଧିକ ସମୟ ପର୍ଯ୍ୟନ୍ତ ନୃତ୍ୟ ପ୍ରଦର୍ଶନରେ ଅସୁବିଧା ହୁଏ ନାହିଁ ।

ଆଧୁନିକୀ କରଣ ଫଳରେ ମୟୂରଭଞ୍ଜରେ ପାଦ ସହିତ ଶରୀର ଓ ମୁଖର ଭଙ୍ଗୀ ପ୍ରଦର୍ଶିତ ହୋଇଥାଏ । ଷଢ଼େଇକଳା ଓ ପୁରୁଲିଆରେ ମୁଖା ବ୍ୟବହୃତ ହେଉଥିବାରୁ ମୁଖା ସଜା ଉପରେ ଗୁରୁତ୍ୱ ଦିଆଯାଏ । ଷଢ଼େଇକଳା ଛଉରେ ମୁଖ ବ୍ୟତୀତ ଶରୀରର ବିଭିନ୍ନ ଭଙ୍ଗୀ ପ୍ରଦର୍ଶନରେ ଗୁରୁତ୍ୱ ଦିଆଯାଏ ।

ଷଢ଼େଇକଳା ଓ ମୟୂରଭଞ୍ଜର ଛଉ ନାଚରେ ପ୍ରତିଯୋଗୀ ମନୋଭାବର ଅଭିବୃଦ୍ଧି ନିମନ୍ତେ ସାହିର ବ୍ୟବସ୍ଥା ଅଛି । ପୁରୁଲିଆରେ ଏପରି ସାହିର ବ୍ୟବସ୍ଥା ନଥିଲେ ହେଁ ନାଟ ପ୍ରଦର୍ଶନ ବେଳେ ଅନ୍ତତଃ ଦୁଇଗୋଟି ଛଉ ଦଳର ଉପସ୍ଥିତି ଏହି ପ୍ରତିଯୋଗୀ ମନୋଭାବର ପରିଚୟ ପ୍ରଦାନ କରେ ।

ଷଢ଼େଇକଳା, ମୟୂରଭଞ୍ଜ ଓ ପୁରୁଲିଆ ଛ/ଛଉ ନାଟରେ ବ୍ୟବହୃତ ଗୀତର ଭାଷାରେ ବୈଷମ୍ୟ ପରିଲକ୍ଷିତ ହୁଏ । ଷଢ଼େଇକଳା ଓ ମୟୂରଭଞ୍ଜରେ ଅଧିକ ଓଡ଼ିଆ ଗୀତ, ରାଗରାଗିଣୀ ବ୍ୟବହୃତ ହେଉଥିଲା ବେଳେ ପୁରୁଲିଆ ଛ/ଛୋ ନାଚରେ ଅଧିକ ବଙ୍ଗଳା ଭାଷାର ଗୀତ ଓ ସରର ଉପଯୋଗ ହୋଇଥାଏ ।

ଏହିପରି ବିଭିନ୍ନ ଅଞ୍ଚଳର ଛ/ଛଉ ନାଟ ମଧରେ ଥିବା କେତେକ ସାଧାରଣ ସାମଞ୍ଜସ୍ୟ ଓ ବୈଷମ୍ୟ ସମ୍ପର୍କରେ ଏଠାରେ ଉପସ୍ଥାପିତ କରାଯାଇଛି ମାତ୍ର ।

◆◆◆

# ଅଷ୍ଟମ ଅଧ୍ୟାୟ

## ସନ୍ନିହିତ ଅଞ୍ଚଳର ଛଉନାଟ

ପୂର୍ବରୁ ଉଲ୍ଲେଖ କରାଯାଇଅଛି ଯେ ଭାରତର ଏକ ନିର୍ଦ୍ଦିଷ୍ଟ ଓ ପରସ୍ପର ସନ୍ନିହିତ ଅଞ୍ଚଳ ମୁଖ୍ୟତଃ ଓଡ଼ିଶାର ମୟୂରଭଞ୍ଜ, ସଂପ୍ରତି ନବଗଠିତ ଝାଡ଼ଖଣ୍ଡ, ପୂର୍ବତନ ବିହାର ପ୍ରଦେଶର ସିଂଭୂମ ଓ ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାରେ ଅନୁଷ୍ଠିତ ଛଉ ନାଟ ବିଖ୍ୟାତ । ଏତଦ୍ ବ୍ୟତୀତ ସନ୍ନିହିତ କେତେକ ପୂର୍ବତନ ଗଡ଼ଜାତ ରାଜ୍ୟ ଓ ପିଢ଼ ମାନଙ୍କରେ ଏ ନାଟର ବ୍ୟାପ୍ତି ଘଟିବା ସହ ପୃଷ୍ଠପୋଷକତାର ଉଜ୍ଜଳ ଇତିହାସ ମଧ୍ୟ ବିଦ୍ୟମାନ । ସର୍ବେକ୍ଷଣରୁ ଜଣାଯାଏ ଯେ, ଷଢ଼େଇକଳା, ଖରସୁଆଁ ଓ ବାରିପଦାରେ ପୃଷ୍ଠପୋଷକତା ଘଟି ପରବର୍ତ୍ତୀ ସମୟରେ ପାର୍ଶ୍ୱବର୍ତ୍ତୀ ରାଜ୍ୟର ରାଜା ଓ ଜନ ସାଧାରଣଙ୍କୁ ଏହା ପ୍ରଭାବିତ କରିଥିଲା । ତତ୍କାଳୀନ ଭାରତୀୟ ଦେଶୀୟ ରାଜ୍ୟ ବିଶେଷତଃ ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରେ ପାରିବାରିକ କ୍ଷେତ୍ରରେ ସୁସମ୍ବନ୍ଧ ପ୍ରତିଷ୍ଠିତ ଥିଲା । ଇଂରେଜ ସରକାର ଅଧୀନରେ ନିଶ୍ଚିନ୍ତ ରହିବା ଫଳରେ ପରସ୍ପର ମଧ୍ୟରେ ସୀମା ବିବାଦ ଘେନି ଯୁଦ୍ଧ ଓ ଆକ୍ରମଣ ମନୋବୃତ୍ତି ହ୍ରାସ ପାଇଥିଲା । ଏଇ ରାଜପରିବାର ଗୁଡ଼ିକ ମଧ୍ୟରେ କଳାଚର୍ଚ୍ଚା କିମ୍ବା ସାଂସ୍କୃତିକ ବିଭାବ ଗୁଡ଼ିକର ପ୍ରତିଯୋଗିତା ହେଉଥିଲା । କୌଣସି ଏକ ରାଜପୋଷକତାରେ ସଂଗଠିତ ଏକ ନିର୍ଦ୍ଦିଷ୍ଟ ସାଂସ୍କୃତିକ ବିଭାବର ବିକାଶ ନିମନ୍ତେ ଅନ୍ୟ ରାଜ୍ୟର ରାଜାମାନେ ଚେଷ୍ଟିତ ହେଉଥିଲେ । ରାଜାମାନେ ସେମାନଙ୍କ ପୃଷ୍ଠପୋଷକତାରେ ଗଢ଼ି ଉଠିଥିବା କଳାର ପ୍ରଚାର ସହ ବିନୋଦନ ଓ ପ୍ରତିଷ୍ଠା ନିମନ୍ତେ ବିଭିନ୍ନ ଉତ୍ସବାନୁସଙ୍ଗିକ ଅନୁଷ୍ଠାନ ଅବସରରେ ଏସବୁର ଆୟୋଜନ କରୁଥିଲେ । ଉତ୍ସବାନୁଷ୍ଠାନକୁ ନିମନ୍ତ୍ରିତ ଉପସ୍ଥିତ ରାଜନ୍ୟବର୍ଗ ଏ ସବୁଥିରେ ଆଗ୍ରହୀ ହୋଇ ପୃଷ୍ଠପୋଷକତା ନିମନ୍ତେ ସଚେଷ୍ଟ ହେଉଥିଲେ । ଛଉ ନାଚ ପରମ୍ପରାର ବିକାଶର ଇତିହାସରେ ଏହି ରାଜାମାନଙ୍କ ଅବଦାନ ମହତ୍ୱପୂର୍ଣ୍ଣ । ଓଡ଼ିଶାର ପୂର୍ବତନ ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ, ଷଢ଼େଇକଳା ରାଜ୍ୟ ବୃହତ୍ ଏବଂ କଳା ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ମଧ୍ୟ ଏଦୁଇ ରାଜ୍ୟର ଅବଦାନ ଅବିସ୍ମରଣୀୟ । ଛଉନାଚର ଆଦି ବିକାଶ ପୀଠ ଷଢ଼େଇକଳା ରାଜ୍ୟ ସହ ଖରସୁଆଁ, ମୟୂରଭଞ୍ଜ, କେନ୍ଦୁଝର, ନୀଳଗିରି, ଢେଙ୍କାନାଳ, ତାଳଚେର, ବଣାଇ, ପଞ୍ଚକୋଟ (ପୁରୁଲିଆ) ରାଜ୍ୟର ପାରିବାରିକ ସମ୍ବନ୍ଧ ବିଦ୍ୟମାନ ଥିଲା । ଏହି ସବୁ ରାଜପରିବାର ସହିତ ପାରିବାରିକ ଓ ବୈବାହିକ ସମ୍ବନ୍ଧ, କଳା ପୋଷକତାର ଆଗ୍ରହ ଓ ପ୍ରତିଯୋଗୀ ମନୋଭାବ, ଆଞ୍ଚଳିକ ସାଂସ୍କୃତିକ ସାମଞ୍ଜସ୍ୟ, ପ୍ରାକୃତିକ ଓ

ଭୌଗୋଳିକ ପରିବେଶର ସମତା, ଅଧିବାସୀ ମାନଙ୍କ ଜାତି/ଗୋଷ୍ଠୀଗତ ଐକ୍ୟ, ସମାନ ଆକାଂକ୍ଷା ଓ ଅଭିରୁଚି- ଏସବୁ ଛଉ ନାଚ ବିକାଶର ହେତୁ । ଅନୁଧାନରୁ 'ଜଣାଯାଏ ଯେ, ବାରିପଦାର ମୁଖାହୀନ ଛଉ ଶୈଳୀ ସନ୍ନିହିତ ରାଜ୍ୟମାନଙ୍କରେ ଅଧିକ ଭାବରେ ଅନୁସୃତ । ଷଢ଼େଇକଳା-ସିଂଭୂମର ଗ୍ରାମଞ୍ଚଳରେ ମୟୂରଭଞ୍ଜର ମୁଖାହୀନ ଛଉନାଚଶୈଳୀ ଅନୁସୃତ ହେଉଛି । ଏପରି ହେବାର କାରଣ (୧) ଷଢ଼େଇକଳା ଅଞ୍ଚଳରେ ମୁଖାଯୁକ୍ତ ଛଉ ନାଚ ଦେଖିବ ମୁଖାହୀନ ଛଉ ନାଚିବା ଓ ଦେଖାଇବାର ଆଗ୍ରହ, (୨) ଶାରୀରିକ କୌଶଳ ଓ ଅଙ୍ଗଭଙ୍ଗୀର ସାଧନା, ମୁଖଭଙ୍ଗୀର ସହଜ ପ୍ରଦର୍ଶନ ପ୍ରବଣତା, (୩) ମୁଖା ପାଇଁ ନିର୍ମାତା ମାନଙ୍କ ଅଭାବ, (୪) ଅର୍ଥାଭାବ ହେତୁ ମୁଖା କିଣିବାରେ ଅସୁବିଧା ପ୍ରଭୃତି । ଏସବୁ ସ୍ଥାନରେ ନାଚର ବିଷୟ, ତାଳ, ଗୀତ, ଗୀତର ସ୍ୱର, ବାଦ୍ୟ ପ୍ରଭୃତି ସମସ୍ତ ମୁଖ୍ୟତଃ ଷଢ଼େଇକଳା ଓ ବାରିପଦାର ଛଉ ନୃତ୍ୟ ଅନୁସରଣରେ ଗଠିତ । ସାମଗ୍ରିକ ଭାବେ ପରସ୍ପର ଆଦାନ ପ୍ରଦାନ ଛଉ ନାଚ ଶୈଳୀକୁ ପୁଷ୍ଟ କରିଅଛି । ପୁନଶ୍ଚ, ଏଠାରେ ଏକଥା ମନେ ରଖିବାକୁ ହେବ ଯେ, ଷଢ଼େଇକଳା ଓ ମୟୂରଭଞ୍ଜ ରାଜ୍ୟର ଛଉନାଚ କେତେକ ନିର୍ଦ୍ଦିଷ୍ଟ ଆନୁଷ୍ଠାନିକ ସମାରୋହରେ କେବଳ ପ୍ରଦର୍ଶିତ ହେଉଥିଲା ।

ନିମ୍ନରେ ସନ୍ନିହିତ ଅଞ୍ଚଳରେ ଛଉ ନାଚର ସଂକ୍ଷିପ୍ତ ଆକଳନ ପ୍ରଦତ୍ତ ହୋଇଅଛି ।

ଖରସୁଆଁ ଗଡ଼ର ରାଜା ଠାକୁର ମହେନ୍ଦ୍ର ନାରାୟଣ ସିଂହ ଷଢ଼େଇକଳାରୁ ଉପେନ୍ଦ୍ର ବିଶ୍ୱାଳଙ୍କୁ ଏଠାକୁ ଛଉ ନାଚ ଶିକ୍ଷା ଦେବା ପାଇଁ ଅଣାଇଥିଲେ । ଏଠାର ଛଉ ନାଚ ବଜାର ସାହି ଓ କୁମ୍ଭାରସାହି -ଏପରି ଦୁଇ ଗୋଟି ଦଳରେ ବିଭକ୍ତ । ଏହି ଦୁଇଗୋଟି ଦଳ ଯଥାକ୍ରମେ ରାଣୀ ଓ ରାଜାଙ୍କ ପୃଷ୍ଠପୋଷକତାରେ ପରସ୍ପର ପ୍ରତିଯୋଗୀ ଭାବରେ ନାଚ ପ୍ରଦର୍ଶନ କରୁଥିଲେ । ଏଠାରେ ଆଗରୁ ଏହି ନାଚରେ ସବୁ ଚରିତ୍ରମାନେ ଷଢ଼େଇକଳା ପରି ମୁହାଁ ବ୍ୟବହାର କରୁଥିଲେ ହେଁ ସାଂପ୍ରତିକ କାଳରେ ଗଣେଷ ତାଳ ଓ ବାବୁ ତାଳରେ ହିଁ କେବଳ ମୁହାଁ ବ୍ୟବହୃତ ହୁଏ ।

• ଛଉନାଚର ଆଖଡ଼ା ଆରମ୍ଭରୁ ଭୈରବଙ୍କୁ ଆରାଧନା କରାଯାଏ । ଷଢ଼େଇକଳା ପରି ଏକ ରାଜ୍ୟର ଆରାଧ୍ୟ ଦେବୀ ମା' ପାଉଡ଼ୀଙ୍କୁ ପର୍ବପର୍ବାଣୀ ମାନଙ୍କରେ ଅର୍ଘ୍ୟ ପ୍ରଦାନ କରାଯାଏ । ଷଢ଼େଇକଳା ପରି ଆନୁଷ୍ଠାନିକ ଉପଚାର ସମୂହ ପର୍ଯ୍ୟାୟ କ୍ରମେ ଅନସୃତ ହେବା ସହ ଛଉ ନାଚ ଅନୁଷ୍ଠିତ ହୁଏ । ଖରସୁଆଁ ଗଡ଼ ବ୍ୟତୀତ ଅରୁଆଁ, ରସୁଣିଆ, କେରା, ମନହରପୁର, ଲାଲ ବଜାର, ଚିଲକୋ, ଦେଉଳି ପ୍ରଭୃତି ଗ୍ରାମ ମାନଙ୍କରେ ଛଉ ନାଚ ଅନୁଷ୍ଠିତ ହୁଏ ।

ମୟୂରଭଞ୍ଜ ରାଜ୍ୟର ସନାମଧନ୍ୟ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ସାନ ଭାଇ ଶ୍ରୀ ଶ୍ୟାମଚନ୍ଦ୍ର ଦେବ ନୀଳଗିରି ରାଜ ସିଂହାସନ ଅଧୀରୂଢ଼ ହୋଇଥିଲେ । ଛଉନାଟ କଳାର ବିଶିଷ୍ଟ ପୃଷ୍ଠପୋଷକ ଓ ସଂଗଠକ ଭାବରେ ସେ ଏ ନାଟକୁ ଦିଗ୍‌ଦର୍ଶନ ପ୍ରଦାନ କରିଛନ୍ତି । ସେ ହିଁ ନୀଳଗିରି ରାଜ୍ୟରେ ଛଉ ନୃତ୍ୟର ବିକାଶ ଘଟାଇଥିଲେ । ପରବର୍ତ୍ତୀ ସମୟରେ କିଶୋର ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଦେବ ଏଠାର ପାରମ୍ପରିକ ନୃତ୍ୟ ନାଟ୍ ଯାତ୍ରା ଲୀଳା, ସୁଆଙ୍ଗ ସହ ଆଧୁନିକ କାଳର ଡ୍ରାମା ବା ଥିଏଟରର ବିକାଶ ନିମନ୍ତେ ନୀଳଗିରିରେ 'କିଶୋର ଥିଏଟର' ସଂସ୍ଥାପନ କରିଥିଲେ ।

ନୀଳଗିରି ଗଡ଼ର ପୂର୍ବ ସାହି ଓ ପଶ୍ଚିମ ସାହିରେ ଦୁଇଟି ଛଉ ଦଳ ଥିଲେ । ଛଉ ଶିକ୍ଷା ଦେବା ପାଇଁ ବାରିପଦାରୁ ଓସ୍ତାଦ୍ ମାନେ ନିୟମିତ ଆସୁଥିଲେ । ଚୈତ୍ର ପର୍ବରେ ଛଉ ପ୍ରଦର୍ଶନ ନିମନ୍ତେ ଆଖଡ଼ାଠାରୁ ପର୍ବର ଶେଷ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ଦରବାର ବହନ କରୁଥିଲେ । ଏଠା ଛଉର ସବୁ ଚରିତ୍ରମାନେ ମୁଖା ବ୍ୟବହାର ନକରି ଜାମ୍ବେବ ଓ ଚନ୍ଦ୍ରଭାଗା ପ୍ରଭୃତି କେତେଗୋଟି ଚରିତ୍ରରେ ଆବଶ୍ୟକ ସ୍ଥଳେ ମୁଖା ବ୍ୟବହୃତ ହେଉଥିଲା । ବର୍ତ୍ତମାନ ନୀଳଗିରିର ଗ୍ରାମାଞ୍ଚଳରେ ଅନେକ ଛଉ ଦଳ ପୃଷ୍ଠପୋଷକତା ହୀନ ଭାବରେ ବଞ୍ଚି ରହି ଅତୀତର ଗୌରବକୁ ସ୍ମରଣ କରୁଛନ୍ତି ।

ଢେଙ୍କାନାଳର ଛଉ ନାଟ ପରମ୍ପରାର ଇତିହାସ ଅତ୍ୟନ୍ତ ଉଜ୍ଜ୍ୱଳ । ଏ ରାଜ୍ୟର ସମୃଦ୍ଧ ସାମରିକ ପରମ୍ପରା ଓଡ଼ିଆ ପାଇକ ମହିମାର ଯୁଦ୍ଧ ଇତିହାସରେ ଗୌରବପୂର୍ଣ୍ଣ ସ୍ଥାନ ଅଧିକାର କରିଅଛି । ଓଡ଼ିଆ ସାହିତ୍ୟରେ ଅନନ୍ୟ ମହାକବି ବ୍ରଜନାଥ ବଡ଼ଜେନା (ଖ୍ରୀ ୧୭୩୦-୧୭୯୫)ଙ୍କ ରଚିତ 'ସମର ତରଙ୍ଗ' ଏଥିର ଅନବଦ୍ୟ, କାବ୍ୟିକ ନିଦର୍ଶନ । ଦୁର୍ଦ୍ଧର୍ଷ ମରହଟ୍ଟା ସେନାପତି ରାଜା ରାମଙ୍କ ବିଶାଳ ସୈନ୍ୟବାହିନୀ ସହିତ ତତ୍କାଳୀନ ଢେଙ୍କାନାଳର ରାଜାବୀର ତ୍ରିଲୋଚନ ମହେନ୍ଦ୍ର ବାହାଦୁରଙ୍କ ଯୁଦ୍ଧ (୧୭୭୯) ଏଥିର ବର୍ଣ୍ଣିତ । ଢେଙ୍କାନଳର ପଦାତିକ ବାହିନୀର ସାହସ, ବୀରତ୍ୱ, ପରାକ୍ରମ ଓ ରଣକୌଶଳ ଫଳରେ ମରହଟ୍ଟା ମାନେ ଶୋଚନୀୟ ଭାବେ ପରାଜୟ ବରଣ କରିଥିଲେ ।

ଇଂରେଜ ପ୍ରଶାସନ ଅଧୀନରେ ଓଡ଼ିଶାର ଅନ୍ୟ ଗଡ଼ଜାତ ରାଜ୍ୟମାନଙ୍କ ପରି ଢେଙ୍କାନାଳ ରହିଥିଲେ ହେଁ ପାରମ୍ପରିକ ସାମରିକ ସଂସ୍କୃତି ସଂଜୀବିତ ରହିଥିଲା । ଇଂରେଜ ମାନଙ୍କ ଦୃଷ୍ଟିରେ ଢେଙ୍କାନାଳ ସବୁଠାରୁ ସଭ୍ୟ ଅଗ୍ରଗାମୀ ରାଜ୍ୟ ଭାବେ ଇଂରେଜ ଦରବାର ଆଦୃତ ହୋଇଥିଲା ।

ଢେଙ୍କାନାଳର ବଳରାମପୁର ଓ ଚନ୍ଦ୍ରଶେଖର ପ୍ରସାଦ – ପାଇକ ଆଖଡ଼ା ଓ ଛଉ ନାଚ ନିମନ୍ତେ ଏ ଦୁଇଗୋଟି ଗ୍ରାମ ବିଖ୍ୟାତ । ରାଜା ସୁର ପ୍ରତାପ ମହେନ୍ଦ୍ର ବାହାଦୂରଙ୍କ ମାଆ ବଣେଇ ରାଜକନ୍ୟା । ଏହି ସୂତ୍ରରେ ବଣେଇ ରାଜ୍ୟର ଛଉ ଓସ୍ତାଦ୍ ଗଣ ଢେଙ୍କାନାଳ ଛଉ ଦଳକୁ ସୁଶିକ୍ଷିତ କରାଉଥିଲେ । ରାଜାସୁର ପ୍ରତାପ ଷଢ଼େଇକଳା ରାଜ ପରିବାରରୁ ବିବାହ କରିଥିଲେ । ଏ ବିବାହ ୧୯୦୨ ମସିହାରେ ଅନୁଷ୍ଠିତ ହୋଇଥିଲା । ଫଳରେ ଢେଙ୍କାନାଳରେ ଛଉ ପୃଷ୍ଟପୋଷକତାର ଇତିହାସରେ ଆଉ ଏକ ଅଭିନବ ଅଧ୍ୟାୟ ସଂଯୋଜିତ ହୋଇଥିଲା । କିନ୍ତୁ ଏ କ୍ଷେତ୍ରରେ ଢେଙ୍କାନାଳ ଷଢ଼େଇକଳାର ମୁଖା ନାଚ ପରମ୍ପରା ପରିତ୍ୟାଗ କରି ବାରିପଦାର ମୁଖାହୀନ ଛଉ ଶୈଳୀ ଗ୍ରହଣ କରି ନିଜସ୍ୱ ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲା । ମହାରାଜା ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂର ନିଜ ରାଜ୍ୟର ଛଉ ନୃତ୍ୟ ଶିଳ୍ପୀମାନଙ୍କୁ ବିଭିନ୍ନ ପୁରସ୍କାର ଓ ପଦକ ପ୍ରଦାନ କରିବା ସହ ରାଜ୍ୟର ପ୍ରଚଳିତ ବେଠି ପ୍ରଥାରୁ ମୁକ୍ତ କରି ଛଉ ନୃତ୍ୟରେ ପୂର୍ଣ୍ଣ ସମୟ ନିୟୋଜିତ ହେବା ପାଇଁ ଅଧିକ ସାଧୀନତା ଓ ସୁଯୋଗ ପ୍ରଦାନ କରିଥିଲେ । ଏଥିପାଇଁ ଦରବାର ପକ୍ଷରୁ ବିଧିବଦ୍ଧ ସରକାରୀ ଇସ୍ତାହାର ପ୍ରକାଶିତ ହୋଇଥିଲା ।

ବଣାଇଗଡ଼ର ସ୍ୱର୍ଗତଃ ରାଜା ସାହେବ ଦୟାନିଧି ଇନ୍ଦ୍ରଦେଓ ଦେବ ଷଢ଼େଇକଳା ମହାରାଜା ଉଦିତ ନାରାୟଣଙ୍କ ଭଉଣୀ ସେବକ ପ୍ରିୟାଙ୍କୁ ବିବାହ କରିଥିଲେ । ସେବକ ପ୍ରିୟାଙ୍କ ସହିତ କେତେଜଣ ଛଉନାଚ ପିଲା ସେବକ ଭାବରେ ବଣେଇଗଡ଼ ଆସିଥିଲେ । ସେମାନଙ୍କ ସାହାଯ୍ୟରେ 'ବଣିଆ ସାହି' ଓ 'ବାହାରିଗଡ଼'ରେ ଦୁଇଗୋଟି ଛଉ ଦଳ ଗଠିତ ହେଲା । ରାଜା କଦମ୍ବ କେଶରୀଙ୍କ ରାଜା ନୀଳାମ୍ବର ଚନ୍ଦ୍ରଦେଓଙ୍କ ରାଣୀ ତାରାମଣୀ ଦେବୀ ମୟୂରଭଞ୍ଜ ରାଜକନ୍ୟା ।

ଏଠାର ଛଉ ନାଚରେ କେତେବେଳେ ଷଢ଼େଇକଳା ଛଉ ପରି ମୁହାଁ ବ୍ୟବହୃତ ହୋଇଛି ତ କେତେବେଳେ ବାରିପଦା ଛଉ ପରି ମୁହାଁ ପରିତ୍ୟାଗ କରାଯାଇଛି । ଛଉ ନାଚରେ ବ୍ୟବହାର ପାଇଁ ଏଠାରେ ମୁହାଁ ନିର୍ମାଣ ନିମନ୍ତେ ପ୍ରଚେଷ୍ଟା କରାଯାଇ ଥିବାର ଜଣାଯାଏ ।

ବଣେଇଗଡ଼ରେ ରାଜା ସାହେବ ବ୍ୟକ୍ତିଗତ ଭାବରେ ଛଉ ନାଚର ପ୍ରଶିକ୍ଷଣ ଆରମ୍ଭ ହୋଇଥିବା ଜଣାଯାଏ । ଷଢ଼େଇକଳା ଓ ବାରିପଦାର ରାଜ ପରିବାର ସହିତ ତାଳଚେର ରାଜାଙ୍କର ପାରିବାରିକ ସମ୍ବନ୍ଧ ରହିଥିଲା । ରାଜା କିଶୋର ଚନ୍ଦ୍ର ଷଢ଼େଇକଳା ଓ ମୟୂରଭଞ୍ଜର ଛଉ ଶୈଳୀ ଦେଖି ବାରିପଦାର ମୁଖାହୀନ ଶୈଳୀ ପ୍ରଚଳନ ନିମନ୍ତେ ଆଗ୍ରହୀ ହୋଇ ଗୋଟିଏ ଛଉ ଦଳ ଗଠନ କରିଥିଲେ । ଏ ବିଷୟରେ ଅଧିକ ଅନୁଧାନ ନିମନ୍ତେ ସାନଭାଇ କେଶବ

ଚନ୍ଦ୍ରଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ । ପରବର୍ତ୍ତୀ ସମୟରେ ଡମ ସାହି ଓ ଭୈରବ ସାହିର ଲୋକମାନଙ୍କ ଦ୍ୱାରା ଦୁଇଗୋଟି ଛଉ ଦଳ ଗଠିତ ହୋଇଥିଲା ।

ଏକଦା ହିନ୍ଦୋଳ ଗଡ଼ରେ ରାଜାଙ୍କ ପୃଷ୍ଠପୋଷକତାରେ ଛଉ ନାଚର ପ୍ରଶିକ୍ଷଣ ଆରମ୍ଭ ହୋଇଥିବାର ମଧ୍ୟ ଜଣାଯାଏ ।

କେନ୍ଦୁଝର ଗଡ଼ରେ ଛଉ ନାଚ ପାରମ୍ପରିକ ରୀତିରେ ଅନୁଷ୍ଠିତ ହେଉଥିଲା । ରାଜ୍ୟର ଗ୍ରାମ ମାନଙ୍କରେ ଛଉ ଆଖଡ଼ା ସାଙ୍ଗକୁ ପାଇକାଳି ଦଳ ରହିଥିଲା । କେନ୍ଦୁଝର ଗଡ଼ ବ୍ୟତୀତ ଜ୍ୟୋତିପୁର ଆସନ ପାଟ ପ୍ରଭୃତି ଗ୍ରାମର ଆଖଡ଼ା ମାନଙ୍କରେ ଛଉ ନାଚ ଅନୁଷ୍ଠିତ ହେଉଥିଲା ।

ଓଡ଼ିଶାର ପୂର୍ବତନ ଧଳଭୂମ ରାଜ୍ୟ (ବର୍ତ୍ତମାନ ସିଂଭୂମ ଜିଲ୍ଲା ଅନ୍ତର୍ଭୁକ୍ତ) ଓ ନୟା ବସାଣ ପରଗଣା (ସଂପ୍ରତି ମେଦିନୀପୁର ଜିଲ୍ଲାନ୍ତର୍ଭୁକ୍ତ)ରେ ଚୈତ୍ର ପର୍ବ/ଗାଜନ ପରବ ବେଳକୁ ମୁଖା ସହିତ ପରଭା କାଠିଆ ବାହାରୁଥାଏ । ଏହାକୁ ବ୍ୟବହାର କରି ନୃତ୍ୟକାରୀ ଗଣ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଧଳଭୂମ ଅଞ୍ଚଳରେ ବହୁ ପ୍ରାଚୀନ କାଳରୁ ଛଉ (ମୁଖା) ନାଚ ପ୍ରଚଳିତ ଥିଲା । ସାଂପ୍ରତିକ କାଳରେ ରାଜ୍ୟର ଏହି ପୂର୍ବତନ ରାଜ୍ୟର ବିଭିନ୍ନ ସ୍ଥାନ ଯଥା - ରସଣଚପା, ହଳଦୀପୋଖରୀ, କାଳିକାପୁର, ଜାମଦା ଓ ବାହାଡ଼ାଗୋଡ଼ା ପ୍ରଭୃତି ସ୍ଥାନରେ ଛଉ /ଛୌ ନାଚ ଅନୁଷ୍ଠିତ ହେଉଛି । ନୟା ବସାଣ ଅଞ୍ଚଳରେ ଚୈତ୍ରପର୍ବ/ଗାଜନ ପରବ ଓ ଛଉନାଚ ମୟୂରଭଞ୍ଜ ମହାରାଜାଙ୍କ ପ୍ରଦତ୍ତ ଅନୁଦାନରେ ସଂପନ୍ନ ହେଉଥିଲା ।

ଉପରଲିଖିତ ସନ୍ନିହିତ ସମସ୍ତ ଅଞ୍ଚଳରେ ଛଉ ନାଚରେ ବର୍ତ୍ତମାନର ଅବସ୍ଥା ଅଧ୍ୟୟନ କରି ନିମ୍ନଲିଖିତ ସାଧାରଣ ସିଦ୍ଧାନ୍ତ ଗୃହୀତ ହୋଇଛି ।

ସନ୍ନିହିତ ଅଞ୍ଚଳରେ ଛଉ ନାଚର ବ୍ୟାପ୍ତି ଘଟିବାରେ ବିଭିନ୍ନ ରାଜ ପରିବାର ବିଶେଷତଃ ଷଢ଼େଇକଳା ଓ ମୟୂରଭଞ୍ଜ ପରି ଦୁଇଟି ମୁଖ୍ୟ ରାଜ ପରିବାରର ବିଶେଷ ଅବଦାନ ରହିଅଛି ।

ମୁଖ୍ୟ କେନ୍ଦ୍ର ଦ୍ୱାରା ପ୍ରଭାବିତ ଛଉ ନାଚ ଲୋକ ନାଟ୍ୟର କେତେକ ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରଖିଅଛି । କେତେବେଳେ ଷଢ଼େଇକଳା ଛଉ ନାଚ ଆଉ କେତେବେଳେ ବାରିପଦା ଛଉ ନାଚ ପରମ୍ପରା ଅନୁସରଣ କରି କେତେବେଳେ ମୁଖା ବ୍ୟବହାର କରୁଛନ୍ତିତ କେତେବେଳେ ମୁଖା ପରିତ୍ୟାଗ କରିଛନ୍ତି । ବାରିପଦା ଶୈଳୀର ପ୍ରଭାବ ଅଧିକ ଥିବାର ଅନୁଧ୍ୟାନରୁ ଜଣାଯାଇଛି । ନିଜ ନିଜର ବୈଶିଷ୍ଟ୍ୟ ରକ୍ଷା କରିବାକୁ ଯାଇ ନାଚର ବିଷୟବସ୍ତୁ ମନୋନୟନ ଓ ନାଚ ପ୍ରଯୋଜନାରେ ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିବାରେ କୌଣସି କୌଣସି କେନ୍ଦ୍ର ନିଜର ଦୃଷ୍ଟିଭଙ୍ଗୀ ପ୍ରସାରିତ କରିଛନ୍ତି ।

ସବୁ ଅଞ୍ଚଳରେ ପ୍ରାୟ ଏକ ସମୟ ଅର୍ଥାତ୍ ମହାବିଷୁବ ସଂକ୍ରାନ୍ତିରେ ଏହା ଅନୁଷ୍ଠିତ ହୁଏ । ଆନୁଷ୍ଠାନିକ ଉପଚାର ସମସ୍ତ ବିଭିନ୍ନ ପର୍ଯ୍ୟାୟ କ୍ରମରେ ଅନୁସୃତ ହୋଇ ଆରାଧ୍ୟ ଦେବତା ଶିବ ଓ ଶକ୍ତିଙ୍କର ଉପାସନା କରାଯାଏ । ଏତଦ୍ ଭିନ୍ନ ଆଞ୍ଚଳିକ ବିଭିନ୍ନ ପର୍ବ ଓ ଦେବଦେବୀଙ୍କ ଆରାଧନା ସହ ଛଉ ନାଚ ଅନୁଷ୍ଠିତ ହୁଏ ।

ମୁଖା ଗଠନର ରୀତି ସବୁଠି ପ୍ରାୟ ସମାନ । ମୁଖା ବ୍ୟବହାର କୌଶଳ ମଧ୍ୟ ସମାନ ଧରଣର । କେବଳ ସାଜସଜ୍ଜାରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । ସନ୍ନିହିତ ଅଞ୍ଚଳର କେତେକ କେନ୍ଦ୍ର ମୁଖା ନିର୍ମାଣ ନିମନ୍ତେ ପ୍ରୟାସ ଓ ପ୍ରଚେଷ୍ଟା କରିଥିବାର ଜଣାଯାଏ ।

ମୁଖ୍ୟ କେନ୍ଦ୍ରରେ ବ୍ୟବହୃତ ଅସ୍ତ୍ର, ବାଦ୍ୟ, ପୋଷାକ, ଅଳଙ୍କାର ସହ ସମାନତା ରହିଅଛି । ସନ୍ନିହିତ ଅଞ୍ଚଳର ଛଉ ନାଚରେ ଏ ସବୁର ପ୍ରଚଳନ ଘଟିଛି ।

ଛଉ ନାଚ ସବୁଠାରେ ପ୍ରତିଯୋଗିତା ମୂଳକ ହୋଇଅଛି । ସବୁଠାରେ ଅନ୍ତତଃ ଦୁଇ ଗୋଟି ଛଉ ନାଚ ଦଳ ଗଠିତ ହୋଇଛି । ମୁଖ୍ୟ କେନ୍ଦ୍ର ମାନଙ୍କ ଦ୍ୱାରା ବ୍ୟବହୃତ ଛଉ ନାଚର ତାଳ, ମାନ, ଲୟ, ସ୍ୱର ଓ ରାଗ ରାଗିଣୀ ଏବଂ ନାଟ୍ୟ ଶୈଳୀ ମୁଖ୍ୟତଃ ସବୁଠି ଅନୁସୃତ ହୋଇଅଛି ।

ସନ୍ନିହିତ ଅଞ୍ଚଳର କେତେକ ଛଉ ନାଚରେ ନାଟ୍ୟ କୌଶଳର ସୁଷ୍ଠୁ ପ୍ରଦର୍ଶନ ଅପେକ୍ଷା ରଙ୍ଗରସିକତା, ନିଜ ନାଚ ଦଳର ଲୋକପ୍ରିୟତା ଅର୍ଜନ ପାଇଁ ଅନ୍ୟଦଳ ପ୍ରତି ବିଦ୍ରୁପ ଭାବର ପ୍ରଚଳନ / ପ୍ରଦର୍ଶନର ଆଧିକ୍ୟ ପରିଲକ୍ଷିତ ହୁଏ ।

ମୁଖ୍ୟ ସ୍ଥାନ ମାନଙ୍କ ସଦୃଶ ସନ୍ନିହିତ ଅଞ୍ଚଳର ଛଉ ନାଚ ସମଗ୍ର ରାତ୍ରିର ଅନୁଷ୍ଠାନ । ସବୁଠି ମୁକ୍ତ ଆକାଶତଳେ, ମନ୍ଦିର ପ୍ରାଙ୍ଗଣ କିମ୍ବା ରାଜପ୍ରାସାଦ ଅଙ୍ଗନରେ ଅନୁଷ୍ଠିତ ହେଉଥିଲା (ଏବେ ମଧ୍ୟ କେତେକ ସ୍ଥାନରେ ସମୟ ସମୟରେ ଅନୁଷ୍ଠିତ ହୁଏ) । ମଞ୍ଚର ଆକୃତି ଗୋଲାକାର । କେଉଁଠି ବର୍ଗାକାର ଓ ଆୟତାକାର । ଗୋଲାକାର ଓ ବର୍ଗାକାର ମଞ୍ଚର ଚାରିପାଖରେ ଦର୍ଶକମାନେ ବସି ଛଉ ନୃତ୍ୟ ଦେଖନ୍ତି । ମଞ୍ଚର ଗୋଟିଏ ପାର୍ଶ୍ୱରେ ବାଦ୍ୟକାର ମାନେ ବସନ୍ତି । କେଉଁଠି କେଉଁଠି ନୃତ୍ୟଶିଳ୍ପୀ ସହ ବାଦ୍ୟକାର ଆସରରେ ଢୋଲ ବଜାଇ ଶିଳ୍ପୀଙ୍କୁ ଉତ୍ସାହିତ କରିଥାନ୍ତି ।

ଏ ସବୁ ଅଞ୍ଚଳର ଛଉ ନାଚରେ ମୁଖ୍ୟ କେନ୍ଦ୍ରମାନଙ୍କ ପରି ନାଟ୍ୟଶାସ୍ତ୍ରର ଉଦ୍ଦେଶ୍ୟ ସଂରକ୍ଷିତ ହୋଇଛି । ମୁଖ୍ୟ ସ୍ଥାନ ମାନଙ୍କ ପରି ସନ୍ନିହିତ ଅଞ୍ଚଳର ଛଉ ନାଚରେ ପୌରାଣିକ,

ମହାକାବ୍ୟିକ, ସାମାଜିକ, କାଳ୍ପନିକ ବିଷୟରେ ନାଟ ପ୍ରଦର୍ଶିତ ହୁଏ । ଶିକ୍ଷା ଦେବା ପାଇଁ ଧର୍ମର ଜୟ, ପାପର କ୍ଷୟ, ଦୈବୀ ଓ ଆସୁରିକ ଶକ୍ତି ମଧ୍ୟରେ ମୌଳିକ ଦ୍ୱନ୍ଦକୁ ପରିବେଶିତ କରାହୁଏ ।

ଏସବୁ ଅଞ୍ଚଳରେ ଚୈତ୍ର ପରବ ଓ ଅନ୍ୟ କୌଣସି ସମୟରେ ଛଉ ନାଟ ପ୍ରଦର୍ଶନ ବେଳେ ସମାଜର ସବୁ ସ୍ତରର ଲୋକେ ଏଥିରେ ଅଂଶ ଗ୍ରହଣ କରିପାରନ୍ତି । ଫଳରେ ସମାଜ ମଧ୍ୟରେ ଥିବା ବିଭିନ୍ନ ବିଭେଦ ଲୁପ୍ତ ହୁଏ । ପରସ୍ପର ମଧ୍ୟରେ ଭ୍ରାତୃଭାବ, ସ୍ନେହ ବନ୍ଧନ ଦୃଢ଼ୀଭୂତ ହୁଏ । ବିଶେଷତଃ ଛଉ ନାଟ ଏକ ସାମରିକ କୌଶଳପୂର୍ଣ୍ଣ କ୍ରୀଡ଼ା ହୋଇ ଥିବାରୁ ଏଥିରେ ପ୍ରତିଭା ପ୍ରଦର୍ଶନ ଓ ବିକାଶ ନିମନ୍ତେ ଅଧିକ ସୁଯୋଗ ମିଳିଥାଏ ।

ଛଉ ନାଟ ପ୍ରଦର୍ଶନ କାଳରେ ସବୁଠାରେ ଦର୍ଶକମାନେ ଆନନ୍ଦ ଲାଭ କରି ପୂର୍ଣ୍ଣ ପ୍ରାଣରେ ଏହା ଉପଭୋଗ କରିଥାନ୍ତି । ମୁଖ୍ୟ ସ୍ଥାନ ପରି ସନ୍ନିହିତ ଅଞ୍ଚଳରେ ରାଜାଙ୍କର ରାଜ୍ୟାଭିଷେକ, ଯୁବରାଜଙ୍କର ଜନ୍ମ, ବିଶିଷ୍ଟ ଅତିଥିଙ୍କର ଆଗମନ, ଶତ୍ରୁଜୟ ଅଥବା ଋତୁ ଉତ୍ସବ ଉପଲକ୍ଷେ ଛଉ ନାଟ-ପ୍ରଦର୍ଶିତ ହେଉଥିଲା । ଏଥିରେ ସମଗ୍ର ରାଜ୍ୟର ସବୁ ଶ୍ରେଣୀର ପ୍ରଜାଗଣ ସହଯୋଗ କରିବା ସହିତ ଆନନ୍ଦ ଲାଭ କରୁଥିଲେ ।

ମୂଳକେନ୍ଦ୍ର ମାନଙ୍କ ପରି ଏ ସ୍ଥାନ ମାନଙ୍କରେ ଅନୁଷ୍ଠିତ ଛଉ ନାଟ ଅତୀତରେ ରାଜା, ମହାରାଜା, ସର୍ଦ୍ଦାର, ପଧାନ/ମାନକୀଙ୍କର ପୃଷ୍ଠପୋଷକତା ଓ ପ୍ରଦତ୍ତ ଆର୍ଥିକ ଅନୁଦାନରେ ପରିଚାଳିତ ହେଉଥିଲା । ବର୍ତ୍ତମାନ ସାଧାରଣ ଲୋକେ ଏ ସବୁର ପରିଚାଳନାର ଭାର ନେଇଛନ୍ତି । କେଉଁଠି କେଉଁଠି କେହି କେହି ପୂର୍ବତନ ଶାସକ ବଂଶର ଆଗ୍ରହୀ ଦାୟାଦ, ଶୁଭେଚ୍ଛୁ ସଂଗଠକ ଭାବରେ ଛଉ ନାଟ ସହିତ ଜଡ଼ିତ । ଭବିଷ୍ୟତରେ ସୁବିଧା ସୁଯୋଗ ଓ ଆର୍ଥିକ ସହାୟତା ମିଳିଲେ ଛଉ ନାଟକୁ ପୂର୍ବ ପରି ସଂଗଠିତ କରିବା ଆଶା ଓ ଆକାଙ୍କ୍ଷା ଅମ୍ଳାନ ରହିଅଛି ।

◆◆◆

# ନବମ ଅଧ୍ୟାୟ

## ଛଉ ନାଟ ପରମ୍ପରାର ପର୍ଯ୍ୟାଲୋଚନା

ଆଲୋଚ୍ୟ ଛଉ ନୃତ୍ୟରେ ବିଭିନ୍ନ ଦିଗ ଯଥା: ନୃତ୍ୟ, ଅଭିନୟ, ପରିବେଷଣ, ସାଜସଜ୍ଜା, ଅଙ୍ଗଭଙ୍ଗୀ, ମଞ୍ଚ, ଗୁରୁ, ଅଭିନେତା, ଗୀତିକାର, ମୁଖା ଓ ଏଥି ସହିତ ଉପାସତ ଦିବସ ଏବଂ ତାହାର ସତନ୍ତ୍ର ବୈଶିଷ୍ଟ୍ୟ ଗୁଡ଼ିକୁ ପର୍ଯ୍ୟାଲୋଚନା କରି ବିଶ୍ଳେଷଣ କରିବାକୁ ହେଲେ ଅନାୟାସରେ ଉପଲବ୍ଧି କରି ହେବ ଯେ, ଆଦିର ଛଉ ନୃତ୍ୟର ବିଭିନ୍ନ ବୈଶିଷ୍ଟ୍ୟ କିଭଳି ଭାବରେ ହଜାର ହଜାର ବର୍ଷର ଭାରତୀୟ ପରମ୍ପରା ସହିତ ଓତଃପ୍ରୋତ ଗାବରେ ସଂପୃକ୍ତ । ପ୍ରତ୍ୟେକ ପରମ୍ପରାର କାହାଣୀ ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ଭାବୋଦ୍ଦୀପକ ହୋଇଥିଲେ ମଧ ସେ ସମଗ୍ର ଇତିହାସର ରୂପ ସଜା ଏଠାରେ ସମ୍ଭବ ନୁହେଁ । ଏଣୁ ଯଥା ସମ୍ଭବ ଛଉ ନୃତ୍ୟ ସଂପର୍କିତ ବିଭିନ୍ନ ବିଭାବ ଗୁଡ଼ିକର ମର୍ମୋଦ୍‌ଘାଟନ ଓ କ୍ରମ ପରିଣାମ ଦର୍ଶାଇବା ପାଇଁ ଏଠାରେ ତତ୍ ସଂପୃକ୍ତ ପରମ୍ପରାର ସଂକ୍ଷିପ୍ତ ପର୍ଯ୍ୟାଲୋଚନା ଉପସ୍ଥାପନ କରାଯାଉ ଅଛି ।

ଭାରତୀୟ ରଙ୍ଗମଞ୍ଚ ପ୍ରାଚୀନତମ ସଂସ୍କୃତ ନାଟକ ପୂର୍ବରୁ ସୃଷ୍ଟି ହୋଇଥିବା ଜଣାଯାଏ । ତେବେ ରଙ୍ଗମଞ୍ଚ ସୃଷ୍ଟିର ଜନ୍ମ ନିରୂପଣ ଅସମ୍ଭବ । ହାସ୍ୟୋଦ୍ଦୀପକ ଅନୁକରଣ ଏବଂ ଆମୋଦରୁ ନାଟକର ସୃଷ୍ଟି । ଅନୁକରଣ ଏବଂ ଆମୋଦ ମଣିଷର ସ୍ଵଭାବ ସିଦ୍ଧ । ମଣିଷର ଆତ୍ମ ଜିଜ୍ଞାସା ସହିତ ଏହାର ଉଦ୍ଭବ ହୋଇଛି ।

ନାଟ୍ୟକଳା ସଂପର୍କୀୟ ଭାରତର ପ୍ରାଚୀନତମ ଲେଖା ଭରତ ମୁନିଙ୍କ ପ୍ରଣିତ "ନାଟ୍ୟଶାସ୍ତ୍ର" ପ୍ରାୟ ଦୁଇ ହଜାର ବର୍ଷ ତଳେ ରଚିତ ହୋଇଥିଲେ ହେଁ ରଙ୍ଗମଞ୍ଚର ଜନ୍ମ ସଂପର୍କରେ ତହିଁରେ କୌଣସି ଉଲ୍ଲେଖ ନାହିଁ । ଏହା ନିର୍ଣ୍ଣୟ କରିବା ସମ୍ଭବ ନହେବାରୁ ବ୍ରହ୍ମା ହିଁ ନାଟକର ସୃଷ୍ଟିକର୍ତ୍ତା ବୋଲି ସେ ଉଲ୍ଲେଖ କରିଛନ୍ତି । ବ୍ରହ୍ମା ଋକ୍, ଶାମ, ଯଜୁ ଓ ଅଥର୍ବ ବେଦରୁ ଯଥାକ୍ରମେ ପାଠ୍ୟ, ସଂଗୀତ, ଅଭିନୟ ଓ ରସ ଗ୍ରହଣ କରି ଏହି ପଞ୍ଚମ ବେଦର ରଚନା କଲେ । ଏଥିର ମୁଖ୍ୟତଃ ଦିନିଗୋଟି ଉଦ୍ଦେଶ୍ୟ ।

୧. ଲୋକଶିକ୍ଷା । ହୀନ ଧର୍ମରେ ପ୍ରବୃତ୍ତି ଜାତ କରୁଥିବା ଲୋକଙ୍କୁ ଆତ୍ମର ବ୍ୟବହାର, ସଂସ୍କୃତି ଏବଂ ସତ୍ୟର ଶିକ୍ଷା ଦେବା ।

୨. ସବୁ ଜାତିର ଲୋକଙ୍କର ଶ୍ରାବ୍ୟ, ଦୃଶ୍ୟ ଓ କ୍ରୀଡ଼ନୀୟ ଯୋଗ୍ୟ ସାହିତ୍ୟ ।

୩. ଆନନ୍ଦ ଦାନ ।

ନାଟ୍ୟ ଉପସ୍ଥାପନା ନିମନ୍ତେ ଭରତ ମୁନି ଯେଉଁ ପଦ୍ଧତି ଗ୍ରହଣ କଲେ ତାକୁ ଅବଲମ୍ବନ କରି ସଂସ୍କୃତି ନାଟକମାନ ରଚିତ ହେଲା । ସେ ସବୁ ନାଟକ ବର୍ଗାକାର (ବକୃଷ୍ଟ), ଆୟତାକାର (ଚତୁ ରସ୍ର) ଓ ତ୍ରିଭୁଜାକାର (ତ୍ରାସ୍ର) ମଞ୍ଚ ଉପରେ ଅଭିନୀତ ହେଉଥିଲା । ମଞ୍ଚର ନେପଥ୍ୟ ରଚନା ନିମନ୍ତେ ରଙ୍ଗଶୀର୍ଷ ରହିଥିଲା । ଅଭିନେତାଗଣ ରଙ୍ଗ ଶୀର୍ଷରୁ ମଞ୍ଚ (ମଞ୍ଚପୀଠ) ପର୍ଯ୍ୟନ୍ତ ବାଦ୍ୟଯନ୍ତ୍ରର ତାଳେ ତାଳେ ଆଗମନ କରୁଥିଲେ । ଏହି ନାଟକର ପାରମ୍ପରିକ ରୀତିରେ ସୂତ୍ରଧର ମଞ୍ଚରେ ପୂଜାର୍ଚ୍ଚନା (ପୂର୍ବରଙ୍ଗ) କରିବାର ବିଧି ପ୍ରଚଳିତ ଥିଲା । ନାଟକର ଶେଷାଂଶ 'ନାନ୍ଦୀ' ରୂପେ ନାମିତ ହୋଇଥିଲା ।

ନାଟ୍ୟ ଶାସ୍ତ୍ରରୁ ପ୍ରାଚୀନ କାଳରେ ନାଟକ ମୁକ୍ତ ଆକାଶ ତଳେ, ମନ୍ଦିର ପ୍ରାଙ୍ଗଣ କିମ୍ବା ରାଜପ୍ରାସାଦ ଅଙ୍ଗନରେ ଅଭିନୀତ ହେଉଥିବା ଜଣାଯାଏ । ଏସବୁ ନାଟକ କୌଣସି ଋତୁ ଉତ୍ସବ କିମ୍ବା ରାଜାଙ୍କର କୌଣସି ସାଫଲ୍ୟ ଉପଲକ୍ଷେ ଅଭିନୀତ ହେଉଥିଲା ।

ଭରତ ମୁନିଙ୍କ ମତରେ ନାଟକ ହେଉଛି ମଣିଷର ଆଚାର ଓ ଆଚରଣର ଅନୁକରଣ (ଲୋକବୃତ୍ତ) ନାଟ୍ୟଶାସ୍ତ୍ର ଅନୁସାରେ ରୂପକ ପ୍ରଦର୍ଶନର ସମୟ ନିରୂପିତ ହୋଇଅଛି । ଦିବସର ପ୍ରଥମ ଭାଗ, ଅପରାହ୍ନ, ସନ୍ଧ୍ୟାକାଳ ଓ ପ୍ରତ୍ୟୁଷ କାଳରେ ନୈଶାହାର ସମୟରେ ନାଟକ ଅଭିନୀତ ହେବା ଉଚିତ ନୁହେଁ । ମଧ୍ୟାହ୍ନରେ ତନ୍ଦ୍ରା ଓ ରାତ୍ରିରେ ନିଦ୍ରା ବ୍ୟାହତ ହେବା ସମ୍ବନ୍ଧରେ ଏଥିରେ ବିବେଚିତ ହୋଇଥିଲେ ହେଁ ଆଲୋକ ଜନିତ ଅସୁବିଧା ଏହାର ପ୍ରକୃତ କାରଣ । ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ।

ନାଟକ ସଂପର୍କରେ ନାଟ୍ୟଶାସ୍ତ୍ରରେ ବିଶଦ ବର୍ଣ୍ଣନା ଦେଖାଯାଏ । ଭରତ ମୁନି ଚାରିଗୋଟି ମାଧ୍ୟମର ଉଲ୍ଲେଖ କରିଛନ୍ତି । ଯଥା -(୧) ଭାରତୀ ବୃତ୍ତି (ବାକ୍ୟ ଓ ବାକ୍ୟ ପ୍ରଧାନ), (୨) କୈଶିକୀ (ନୃତ୍ୟ ଓ ସଙ୍ଗୀତ ପ୍ରଧାନ), (୩) ଆରଭଟ୍ଟୀ ବୃତ୍ତି (କ୍ରିୟା ପ୍ରଧାନ), (୪)- ସାତ୍ୱକୀ ବୃତ୍ତି (ଆବେଗ ପ୍ରଧାନ) । ପ୍ରତ୍ୟେକ ମାଧ୍ୟମ ସମ୍ବନ୍ଧରେ ଅଭିନେତା ମାନେ ଅବହିତ ହେବା ଉଚିତ । ମସ୍ତକ, ହସ୍ତ, କଟୀ, ବକ୍ଷ, ପାଦ, ଚକ୍ଷୁ, ଭ୍ରୁ, ଓଷ୍ଠ, ଚିବୁକ ଇତ୍ୟାଦିର ଭଙ୍ଗୀ ଦ୍ୱାରା କି କି ପ୍ରକାର ଅନୁଭୂତି ପ୍ରକାଶ ପାଏ । ଚଳନ ଓ ପଦକ୍ଷେପରୁ ଲୋକ କଣ କରିବାକୁ ଚାହେଁ କିମ୍ବା ଅନୁଭବ କରେ ତାହା ଅଭିନେତାମାନେ ଜାଣିବା ଉଚିତ୍ । ଆଞ୍ଚଳିକ ଭେଦରେ ଲୋକର ଭାଷା ଓ ଭଙ୍ଗୀର ପାର୍ଥକ୍ୟ ଘଟିବା ବିଷୟ ମଧ୍ୟ ଜାଣିବା ଦରକାର । କିଭଳି

ଭାଷା ଗଠିତ ହୁଏ, ଧ୍ୱନି ଉତ୍ପନ୍ନ ହୁଏ ଏବଂ ବିଭିନ୍ନ ଅର୍ଥ ବ୍ୟଞ୍ଜନାର କୌଶଳ ଓ ସ୍ୱର ବୈଚିତ୍ର୍ୟ ପ୍ରୟୋଗ କରାଯାଏ ସେ ବିଷୟରେ ଅଭିନେତା ମାନେ ମଧ ଜାଣିବା ପ୍ରୟୋଜନ ।

ସେତେବେଳେ ସମସ୍ତ ଚରିତ୍ର ମୁଖରେ ରଙ୍ଗ ଲଗାଇ ସଜ୍ଜିତ ହେବା ବିଷୟ ସ୍ପଷ୍ଟ ଜଣା ନଗଲେ ମଧ ଶ୍ରେଷ୍ଠ ଅଭିନେତ୍ରୀଗଣ ମୁହଁରେ ପ୍ରଲେପ ଦେଉଥିବା, ପୋଷାକ ଅଳଙ୍କାର ସହ ସଜେଇ ହେବାର ବିଧି ପ୍ରଚଳିତ ଥିବା ଜାଣି ହୁଏ ।

ଭରତମୁନି ନିଜେ ଉନ୍ମୁକ୍ତ ପ୍ରାଙ୍ଗଣରେ ନାଟକ ପ୍ରଦର୍ଶନ ନିମନ୍ତେ ଆୟୋଜନ କରିଥିଲେ । କାରଣ ନାଟକ ସେତେବେଳେ ସମସ୍ତ ବର୍ଣ୍ଣର ଲୋକଙ୍କ ପାଇଁ (ସାର୍ବବର୍ଣ୍ଣିକ) ଅବାରିତ ଥିଲା । ତେବେ ଭରତଙ୍କର ଏ ପ୍ରଚେଷ୍ଟା ବିଘ୍ନିତ ହୋଇଥିବାରୁ ପରବର୍ତ୍ତୀ ସମୟରେ ବିକଳ୍ପ ବ୍ୟବସ୍ଥା ରୂପେ ନାଟ୍ୟ ଗୃହର ବ୍ୟବସ୍ଥା ସଂପର୍କରେ ଚିନ୍ତା କରିଥିଲେ । ନାଟ୍ୟଶାସ୍ତ୍ର ଆମକୁ ମଞ୍ଚର ବିଭିନ୍ନ ଦିଗରେ ପ୍ରହରୀ ରୂପେ ଅବସ୍ଥାନ କରିବା ନିମନ୍ତେ ଦେବତା ମାନଙ୍କୁ ଆହ୍ୱାନ କରିବା ବିଷୟରେ ଅବହିତ କରାଇଥାଏ । ସେହି କାରଣରୁ ତାର ନାମ ଜର୍ଜର ।-

ଜର୍ଜର: ଜର୍ଜର ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ, ବ୍ରହ୍ମାଙ୍କ ଆଦେଶରେ ଭରତମୁନି ନାଟ୍ୟଶାସ୍ତ୍ର ରଚନା ଶେଷ କରି ଅଭିନୟ ପ୍ରଦର୍ଶନ ନିମନ୍ତେ ପ୍ରସ୍ତୁତ ହେଲେ । ସେ ତାଙ୍କର ଶହେ ପୁତ୍ର ମାନଙ୍କ ଦ୍ୱାରା ଦେବ ଦାନବଙ୍କ 'ଅମୃତ ମନ୍ଥନ'କାହାଣୀଟି ରୂପାୟିତ କରିଥିଲେ । ନାଟକ ସମସ୍ତ ବର୍ଣ୍ଣର ଲୋକ (ସାବର୍ଣ୍ଣିକ) ମାନଙ୍କ ପାଇଁ ଉନ୍ମୁକ୍ତ ଥିବାରୁ ଏହା ଉନ୍ମୁକ୍ତ ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ଏ ଅଭିନୟରେ ଦାନବମାନେ ପରାଜିତ ଦୁର୍ବୃତ୍ତ ରୂପେ ଚିତ୍ରିତ ହୋଇଥିବାରୁ ସେମାନେ କ୍ରୋଧାନ୍ୱିତ ହୋଇ ଗଣ୍ଡଗୋଳ କଲେ ଓ ରଙ୍ଗମଞ୍ଚଟିକୁ ଭାଙ୍ଗି ପକାଇଥିଲେ । ଇନ୍ଦ୍ର 'ଧ୍ୱଜ' ଦଣ୍ଡ ପ୍ରହାର କରିବା ଫଳରେ ଦାନବମାନେ ପରାସ୍ତ ହୋଇଥିଲେ । ଏହି ଧ୍ୱଜର ନାମ ଜର୍ଜର । ପରେ ପରେ ଭରତ ସ୍ଥାୟୀ ରଙ୍ଗମଞ୍ଚର ସୃଷ୍ଟି ସଂପର୍କରେ ଚିନ୍ତା କରିଥିଲେ ଏବଂ ଦେବତା ମାନଙ୍କୁ ଏଥର ସୁରକ୍ଷାର ଦାୟିତ୍ୱ ନେବାକୁ ଅନୁରୋଧ କଲେ । ସେଥିପାଇଁ ପ୍ରତ୍ୟେକ ନାଟ୍ୟ ଅନୁଷ୍ଠାନ ପୂର୍ବରୁ ଦେବତାମାନଙ୍କୁ ବନ୍ଦନା କରିବା ସହ 'ଜର୍ଜର' ରଖିବାର ବ୍ୟବସ୍ଥା ହେଲା ।

ପ୍ରତ୍ୟେକ ନାଟ୍ୟ ପ୍ରୟୋଜନ । ପ୍ରାରମ୍ଭରେ ସେଥିପାଇଁ ଦେବତା ମାନଙ୍କୁ ପ୍ରାର୍ଥନା କରାଯାଇ ଥାଏ । ଭରତ ମୁନି ଦିନର ଦ୍ୱିତୀୟଥର ନାଟ୍ୟ ପ୍ରଦର୍ଶନ ପାଇଁ ନାଟ୍ୟ ଗୃହର ବର୍ଣ୍ଣନା ଦେଇଛନ୍ତି ।

ନାଟକମାନ ରଚନା ନିମନ୍ତେ ନାଟ୍ୟ ଶାସ୍ତ୍ରରେ ଯେଉଁ ବିଧି ପ୍ରଚଳନ କରାଯାଇ ଥିଲା ତା' ପୂର୍ବରୁ ସମ୍ଭବତଃ ଗୌଣ ନାଟକର (ଉପ ରୂପକ) ପ୍ରଚଳନ ଥିଲା । ଏଗୁଡ଼ିକ ଅଧିକାଂଶ ହିଁ ନୃତ୍ୟ ନାଟ । ଏଗୁଡ଼ିକର ଅଧିକାଂଶ ଚରିତ୍ର 'ନିମ୍ନ' ଶ୍ରେଣୀର ଏବଂ ରଙ୍ଗ ରସିକତା ଲଘୁ ଧରଣର । ସେଗୁଡ଼ିକ ବିରୁଦ୍ଧରେ ଦେବତାମାନେ ବ୍ରହ୍ମାଙ୍କ ନିକଟରେ ଅଭିଯୋଗ ଆଣିଥିଲେ । ଏ ସବୁର ଲେଖକମାନେ ହୁଏତ ଖ୍ୟାତନାମା ନଥିଲେ ।

ସଂସ୍କୃତ ନାଟକର ଅବକ୍ଷୟ ଦଶମ ଶତାବ୍ଦୀ ବେଳକୁ ସଂପୂର୍ଣ୍ଣ ହୋଇ ଯାଇଥିଲା । ଅବଶ୍ୟ ଏହି ସମୟ ପରେ କେତେକ ପଣ୍ଡିତ ସଂସ୍କୃତ ଭାଷାରେ ନାଟକ ରଚନା କରିଥିବା ଦେଖାଯାଏ । କିନ୍ତୁ ବହୁତ ଦିନ ଆଗରୁ ସଂସ୍କୃତ ଜନ ସାଧାରଣଙ୍କର ଭାଷା ହୋଇ ରହି ନଥିଲା । ଭାରତର ବିଭିନ୍ନ ଅଞ୍ଚଳରେ ଅପଭ୍ରଂଶ ନାମରେ ବିଭିନ୍ନ ଉପଭାଷା ରୂପରେ ପରିଣତି ଲାଭ କରିଥିଲା । ପ୍ରତ୍ୟେକ ଅପଭ୍ରଂଶ ଭାଷା ଆଧୁନିକ ଇଣ୍ଡୋ-ଆର୍ଯ୍ୟ ଭାଷା ଗୋଷ୍ଠୀର ଅନ୍ୟତମ ଭାଷା ରୂପେ ରୂପ ଗ୍ରହଣ କରି ପ୍ରତିଷ୍ଠିତ ହୋଇଥିଲା । ପଞ୍ଚଦଶ ଶତାବ୍ଦୀ ବେଳକୁ ସେ ସବୁର ଚୂଡ଼ାନ୍ତ ରୂପ ଦେଖିବାକୁ ମିଳେ । ଏଥି ପୂର୍ବରୁ ଦ୍ୱାଦଶ ଶତାବ୍ଦୀରେ ଆଞ୍ଚଳିକ ଭାଷାରେ ପ୍ରଥମେ କେତେ ଗୋଟି ସାହିତ୍ୟ ସୃଷ୍ଟି ହୋଇଥିଲା । ଦକ୍ଷିଣ ଭାରତୀୟ ଭାଷା ରୂପ କିନ୍ତୁ ଅନ୍ୟ ପ୍ରକାରର ଥିଲା । ଏ ଭାଷା ଗୁଡ଼ିକ ସଂସ୍କୃତରୁ ଉଦ୍‌ଭୂତ ନ ହୋଇ ସଂସ୍କୃତ ଦ୍ୱାରା ପ୍ରଭାବିତ ହୋଇଥିଲେ । ଏହିପରି ଅବସ୍ଥାରେ ଦଶମ ଶତାବ୍ଦୀ ଠାରୁ ପଞ୍ଚଦଶ ବା ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତୀୟ ଭାଷାରେ ଲିଖିତ ନାଟକ ବିଶେଷ ଦୃଷ୍ଟିଗୋଚର ହୁଏ ନାହିଁ । କିନ୍ତୁ ଏ ଅବସ୍ଥାରେ ରଙ୍ଗମଞ୍ଚର ବିଲୟ ଘଟିଥିବା ବିଷୟ କୁହାଯାଇ ପାରିବ ନାହିଁ । ବୌଦ୍ଧ ଧର୍ମର ପୂର୍ଣ୍ଣ ବିକାଶ କାଳରେ ସମ୍ରାଟ ଅଶୋକ (ଖ୍ରୀ.ପୂ. ୩ୟ ଶତାବ୍ଦୀ) ନାଟ୍ୟାନୁଷ୍ଠାନ ନିଷିଦ୍ଧ କରି ଦେଇଥିଲେ ମଧ୍ୟ ଭାରତୀୟ ରଙ୍ଗମଞ୍ଚ ଜୀବିତ ଥିଲା । ପରବର୍ତ୍ତୀ କାଳରେ ସମ୍ରାଟ ଖାରବେଳଙ୍କ ରାଜତ୍ୱ (ଖ୍ରୀ.ପୂ. ୧ମ ଶତକ)ର ତୃତୀୟ ବର୍ଷରେ ରାଜଧାନୀର ଅଧିବାସୀ ମାନଙ୍କୁ ଆନନ୍ଦ ଦେବା ନିମନ୍ତେ ସେ ବିବିଧ ପ୍ରକାରର ଉତ୍ସବ ନୃତ୍ୟ, ଗୀତ ଓ ବାଦ୍ୟ ପ୍ରଭୃତିର ଆୟୋଜନ କରିଥିଲେ । ସେ ନିଜେ ଗନ୍ଧର୍ବ ବେଦ ଅଥବା ସଂଗୀତ ଶାସ୍ତ୍ରରେ ପାରଙ୍ଗମ ଥିଲେ । ରାଣୀ ଏବଂ ପାରିଷଦ ମାନଙ୍କ ଗହଣରେ ନୃତ୍ୟ ସଂଗୀତ ଉପଭୋଗ କରୁଥିଲେ । ଉଦୟଗିରିର ହାତୀଗୁମ୍ଫାରେ ପ୍ରାକୃତ ଭାଷାରେ ଖୋଦିତ ଶିଳା ଲେଖରୁ ଉପରୋକ୍ତ ବିବରଣୀ ଜଣାଯାଏ । ଏଥିବ ସହ ଖଣ୍ଡଗିରିର ରାଣୀ ଗୁମ୍ଫାରେ ନାଟ ମନ୍ଦିରରେ ନୃତ୍ୟଶିଳା ରମଣୀ ସହ ତିନିଜଣ ନାରୀ ବାଦ୍ୟକାର, ଧୋତି ମାଲ କଚ୍ଛା ମାରିଥିବା ଉନ୍ମୁକ୍ତ ତରବାରୀ ଓ ଢାଲ ହସ୍ତେ ପୁରୁଷ, ଶିକାର ଦୃଶ୍ୟ ଚିତ୍ର ଲିପି ପ୍ରଭୃତିରୁ ନୃତ୍ୟ ନାଟ୍ୟ ଓ ସମରାଭିନୟର ସ୍ପଷ୍ଟ ପ୍ରମାଣ ମିଳେ ।

ଭାରତୀୟ ରାଜନୀତିରେ ମୁସଲମାନ ଆଧିପତ୍ୟ ରଙ୍ଗମଞ୍ଚର ଅବନତି କିମ୍ବା ଅଗ୍ରଗତିରେ ପ୍ରଭାବ ପକାଇଥିବା କଥା ନିଶ୍ଚିତ ଭାବେ ମଧ୍ୟ କୁହାଯାଇ ପାରେ ନାହିଁ । କାରଣ ଭାରତୀୟ ଜନସମାଜର ଏକ ବୈଶିଷ୍ଟ୍ୟ ହେଉଛି ଯେ ରାଜନୀତିର ପରିବର୍ତ୍ତନ ହେବା ସହିତ ସମାଜ ଜୀବନରେ ତାର ପ୍ରଭାବ ଆଲୋଡ଼ନ ସୃଷ୍ଟି କରେ ନାହିଁ । ଭାରତକୁ ବହୁ ସମୟରେ ବହୁ ବିଦେଶୀ ଶାସକ ଶାସନାଧୀନ କରିବାକୁ ଚେଷ୍ଟା କରିଥିଲେ ହେଁ ସେମାନେ ଭାରତୀୟ ସମାଜଠାରୁ କାଳକ୍ରମେ ଦୂରେଇ ଯାଇଛନ୍ତି । ଭାରତୀୟ ସମାଜ ପୂର୍ବପରି ସ୍ୱକୀୟ ଔଜଲ୍ୟରେ ଉଦ୍‌ଭାସିତ ହୋଇ ଉଠିଛି । ଶତାବ୍ଦୀ ଶତାବ୍ଦୀ ଧରି ଏଇ ସମାଜରେ ନାଟ୍ୟଶାସ୍ତ୍ର ପ୍ରଭାବିତ ନାଟ୍ୟଶିଳ୍ପୀ ମାନେ ଏକ ବିଶେଷ ଜାତିଗତ ଶିଳ୍ପୀରୂପେ ପରିଗଣିତ ହୋଇଥିଲେ । (ନାଟ୍ୟ ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ଭରତଙ୍କର ନିଜ ପୁତ୍ରମାନେ ମୁନି ମାନଙ୍କ ଅଭିଶାପ କ୍ରମେ ବାରମ୍ବାର ନିମ୍ନ ଜାତିରେ ଜନ୍ମ ଗ୍ରହଣ କରିବେ । ବୈଦିକ ଆର୍ଯ୍ୟମାନଙ୍କର ସମସ୍ତ ଧର୍ମୀୟ ଆଚର ଅନୁଷ୍ଠାନର ଭିତ୍ତି ଥିଲା ବୈଦିକ ସୂତ୍ର । ବ୍ରାହ୍ମଣ ବ୍ୟତୀତ ଅନ୍ୟ ବର୍ଣ୍ଣ ଲୋକଙ୍କ ନିକଟରେ ଏଗୁଡ଼ିକର ପଠନ ପାଠନ ନିଷେଧ ଥିଲା । ନାଟ୍ୟ ଶାସ୍ତ୍ରରେ ଏପରି ଏକ କାହାଣୀର ଉଲ୍ଲେଖ ଅଛି ଯହିଁରେ ଭରତଙ୍କ ପୁତ୍ରମାନେ ଋଷି ମାନଙ୍କ ସମ୍ମୁଖରେ ଏକ ନାଟକ ରଚନା କରି ସେମାନଙ୍କୁ ବ୍ୟଙ୍ଗ କରନ୍ତି । ଏଥିପାଇଁ ଋଷିଗଣ ସେମାନେ ସବୁଦିନ ପାଇଁ ଶୂଦ୍ର ରୂପେ ବାରମ୍ବାର ଜନ୍ମ ଗ୍ରହଣ କରନ୍ତୁ ଏପରି ଅଭିଶାପ ଦେଇଥିଲେ । ନିମ୍ନ ବାଉକ ହୁଅନ୍ତୁ ଚାରଣମାନେ ଦଶମ ଶତାବ୍ଦୀ ବେଳକୁ ଏକ ବଂଶାନୁକ୍ରମିକ ନାଟ୍ୟଶିଳ୍ପୀ ଶ୍ରେଣୀ ରୂପେ ପରିଗଣିତ ହୋଇଥିଲେ । ପ୍ରାଚୀନ କାଳରେ ଜାତିର ଅର୍ଥ ଥିଲା ଗୋଟିଏ ବଂଶାନୁକ୍ରମିକ ବୃତ୍ତି, ଜୀବିକା ନିର୍ବାହର ଗୋଟିଏ ଉପାୟ । ଗୋଟିଏ ଦିଗରେ ଚାରଣ ଜାତି ଅନ୍ୟ ଦିଗରେ ମହାକାବ୍ୟ ଗୁଡ଼ିକର (ପ୍ରାଚୀନ ବୀରଗାଥା) ଜନପ୍ରିୟତା, ଦୁଇଟିର ସମନ୍ୱୟରେ ରଙ୍ଗମଞ୍ଚ ସ୍ଥାୟୀ ରୂପ ନେଇଥିଲା ।

ପ୍ରାଚୀନ କଥା ଅନୁସାରେ ନାଟ୍ୟାନୁଷ୍ଠାନର ବ୍ୟବସ୍ଥା ପ୍ରାସାଦ କିମ୍ବା ମନ୍ଦିର ପ୍ରାଙ୍ଗଣ ମଧ୍ୟରେ ହେଉଥିଲା । ରାଜାଙ୍କର ବିଶେଷ ଆନନ୍ଦ, ବିଜୟ କିମ୍ବା ଦେବତାଙ୍କ ଉତ୍ସବ ଉପଲକ୍ଷେ ଏହା ଅନୁଷ୍ଠିତ ହେଉଥିଲା । ଭରତଙ୍କର ଗୋଟିଏ ନାଟକରେ ରାମ ଯୁବରାଜ ଭାବରେ ଅଭିଷିକ୍ତ ହେବା ଉପଲକ୍ଷେ ନାଟ୍ୟାଭିନୟର ବ୍ୟବସ୍ଥା ହୋଇଥିବା ବର୍ଣ୍ଣନ ଅଛି । ରାଜା ହର୍ଷ (ଖ୍ରୀ. ସପ୍ତମ ଶତକ) ରଚିତ ନାଟକର ସୂତ୍ରଧର ମୁଖରୁ ଆମେ ଜାଣିବାକୁ ପାଉଯେ, ଋତୁ ଉତ୍ସବ (ବସନ୍ତ)ର ଅଂଶ ହିସାବରେ ଗୋଟିଏ ନାଟ୍ୟାଭିନୟ ହେବ, ଅର୍ଥାତ ରାଜ୍ୟାଭିଷେକ, ଯୁବରାଜଙ୍କର ଜନ୍ମ, ଶତ୍ରୁ ଜୟ ଅଥବା ଋତୁ ଉତ୍ସବ ଇତ୍ୟାଦି ଆନନ୍ଦ ଉପଲକ୍ଷରେ ନାଟ୍ୟାଭିନୟର ବ୍ୟବସ୍ଥା ହେଉଥିଲା । ଜନସାଧାରଣଙ୍କ ନିଜର ଉପଲକ୍ଷ ମଧ୍ୟ ଥିଲା ଓ ନାନ ପ୍ରକାର ନାଟକ ମଧ୍ୟ

ଥିଲା । ଭବଭୂତିଙ୍କର ନାଟକରୁ ଏହା ଜାଣିବାକୁ ମିଳେ । ତାଙ୍କର ସମସ୍ତ ନାଟକ ହିଁ ଭଗବାନ କଳାପ୍ରିୟ ନାଥଙ୍କର ଉତ୍ସବ (ଯାତ୍ରା) ସମୟରେ ଅଭିନୀତ ହେଉଥିଲା । ପ୍ରାଚୀନ କାଳରେ ଫସଲ ଉତ୍ପନ୍ନ ହେବା ପରେ ଏହିପରି ମନ୍ଦିର ଉତ୍ସବ ଉପଲକ୍ଷ କରି ପଣ୍ୟଦ୍ରବ୍ୟ ନେଣଦେଣ ହେଉଥିଲା ଏବଂ ପାରିବାରିକ ପ୍ରୟୋଜନୀୟ ଦ୍ରବ୍ୟାଦି କିଣା ଯାଉଥିଲା । ଚତୁଃପାର୍ଶ୍ୱର ଗ୍ରାମବାସୀ ମାନେ ଏହି ସବୁ ସମାବେଶରେ ମିଳିତ ହେଉଥିଲେ । ସାଧାରଣତଃ କୌଣସି ମନ୍ଦିର ହିଁ ମିଳନ ସ୍ଥଳ ରୂପେ ପରିଗଣିତ ହେଉଥିଲା । ମନ୍ଦିର ପ୍ରାଙ୍ଗଣରେ ନାଟକର ଅଭିନୟ ହେଉଥିଲା । ମନ୍ଦିରର ବିସ୍ତୀର୍ଣ୍ଣ ପ୍ରାଙ୍ଗଣରେ ବିଭିନ୍ନ ଶ୍ରେଣୀ ଓ ବର୍ଣ୍ଣର ଲୋକଙ୍କର ସମାବେଶ ହେଉଥିଲା । ଏବେ ମଧ୍ୟ ଏହିପରି ସମାବେଶ ହେଉଛି । ଏଗୁଡ଼ିକୁ ଯାତ୍ରା/ମେଳା ଭାବରେ ଅଭିହିତ କରାଯାଉଛି । "ଭାରତୀୟ ନାଟକ" ଥିଲା ଜନସାଧାରଣଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ । କିନ୍ତୁ ପେଶାଦାର ଚାରଣମାନଙ୍କ ପକ୍ଷରେ ବିଶେଷ ଉପଲକ୍ଷ ଅଥବା ଉତ୍ସବାନୁଷ୍ଠାନ ପାଇଁ ଅପେକ୍ଷା କରିବା କଠିନ ଥିଲା । ସେମାନଙ୍କୁ ପ୍ରତ୍ୟେକ ଦିନ ତାଙ୍କର ଜୀବିକା ଅର୍ଜନ କରିବାକୁ ହେଉଥିଲା । ସେମାନଙ୍କ ନିକଟରେ ପ୍ରତ୍ୟେକ ଦିନ ହିଁ ଗୋଟିଏ ଗୋଟିଏ ଉପଲକ୍ଷ । ଜ୍ୟୋତିଷଙ୍କର ଅନୁମୋଦନ ସହ ସେମାନଙ୍କୁ ଗ୍ରାମରୁ ଗ୍ରାମାନ୍ତର, ନଗରରୁ ନଗରକୁ ଯାଇ ଆସର କରିବାକୁ ପଡୁଥିଲା । ସେ ସ୍ଥାନରେ ଜନସାଧାରଣ କିମ୍ବା ସ୍ଥାନୀୟ ଅଭିଜାତ ଅନୁଷ୍ଠାନର ବ୍ୟବସ୍ଥା କରୁଥିଲେ । ପ୍ରାସାଦ କକ୍ଷ କିମ୍ବା ମନ୍ଦିର ପ୍ରାଙ୍ଗଣ ହୁଏ ତ ଜୁଟୁ ନଥିଲା । ଗ୍ରାମ / ସହରର କୌଣସି ଚଉରାସ୍ତା କିମ୍ବା ଖୋଲା ସ୍ଥାନରେ ଅନୁଷ୍ଠାନ ଆରମ୍ଭ କରୁଥିଲେ । ତେଣୁ ନାଟ୍ୟଶାସ୍ତ୍ର ପର୍ବ ହିତ ଓ ପ୍ରତିଷ୍ଠିତ ରଙ୍ଗମଞ୍ଚରେ ଯେଉଁ ପାରମ୍ପରିକ ପ୍ରଥା ଗଢ଼ି ଉଠିଥିଲା ତାହାଠାରୁ ଏହା ଏକ ଅଗ୍ରଗତି ବୋଲି କୁହାଯାଏ ।

ସଂସ୍କୃତ ନାଟକରେ ସାଧାରଣତଃ ସୂତ୍ରଧର ସହିତ ଗୋଟିଏ ନାରୀ ଚରିତ୍ର 'ନଟୀ' ରହୁଥିଲା । ପରବର୍ତ୍ତୀ କାଳରେ ବିଶେଷ ଦକ୍ଷତା ସମ୍ପର୍ଣ୍ଣ 'ନଟୀ' ହିଁ ଚାରଣକୁ ତାର ଅନୁଷ୍ଠାନରେ ସାହାଯ୍ୟ କରେ । ଚାରଣ ଯେତେବେଳେ ଗାନ କରେ, ସେତେବେଳେ ସେ ନାଚେ । ତାର ଦୃଷ୍ଟିଭଙ୍ଗୀ, ପଦପାତ ମଧ୍ୟ ଦେଇ ସେ ଅନୁଷ୍ଠିତ କାହାଣୀର କ୍ରିୟାକଳାପ ରୂପାୟିତ କରିବା ସହିତ ଚରିତ୍ର ଗୁଡ଼ିକର ଅନୁଭୂତି ବ୍ୟକ୍ତ କରିଥାଏ । କୌଣସି ଚରିତ୍ରର ଆନନ୍ଦ କେତୋଟି କଥାରେ ବର୍ଣ୍ଣନା କରାଯାଉଥିଲେ ହେଁ ପ୍ରକୃତି ସଂପନ୍ନ ଆନନ୍ଦ 'ନଟୀ'(ନାଚୁଣୀ) ପ୍ରକାଶ କରେ । ତାର ଦୃଷ୍ଟି ଭାବଭଙ୍ଗୀ ଓ ଚାଲିଚଳଣୀ ମାଧ୍ୟମରେ ଏହି ଐତିହ୍ୟ ଶତାବ୍ଦୀ ଶତାବ୍ଦୀ ଧରି ଲୋକନାଟ୍ୟ ମଧ୍ୟ ଦେଇ ଆଧୁନିକ ସୁମାର୍ଜିତ 'ଭାରତ ନାଟ୍ୟମ' ପର୍ଯ୍ୟନ୍ତ ଚଳି ଆସିଛି । (ଛଉ ବିକଶିତ

କେତେକ ଅଞ୍ଚଳରେ ପ୍ରଚଳିତ ନାଚୁଣୀ ନାଚରେ ଏପରି ବୈଶିଷ୍ଟ୍ୟ ରକ୍ଷିତ ।) ତେଣୁ ଚାରଣ ସଂସ୍କୃତ ରଚିତ ମହାକାବ୍ୟର ବିଷୟ ବ୍ୟାଖ୍ୟାନ କରୁଥିଲେ ହେଁ ନଟୀ ମାଧ୍ୟମରେ ଜନ ସାଧାରଣ ପୌରାଣିକ ଓ ମହାକାବ୍ୟର ବିଷୟବସ୍ତୁ ସହିତ ଏକାତ୍ମ ହୋଇ ଉଠୁଥିଲେ । ନାଟ୍ୟାନୁଷ୍ଠାନର ଏହି ପରମ୍ପରା ହିଁ ଗ୍ରାମ ନାଟକକୁ ସାରା ରାତ୍ରିର ଅନୁଷ୍ଠାନରେ ପରିଣତ କରିଥିଲା । 'ନୃତ୍ୟ ନାଟ୍ୟ'ର ସୃଷ୍ଟି ଓ ବିକାଶରେ ଲିଖିତ ନାଟକର ଅଭାବ ହିଁ ଭାରତୀୟ ରଙ୍ଗମଞ୍ଚର ଅଗ୍ରଗତିରେ ଏପରି ପ୍ରକୃତ ଦୃଷ୍ଟାନ୍ତ ରୂପେ ସହାୟକ ହୋଇଅଛି ।

ପୂର୍ବରୁ ପ୍ରାସାଦ ମଧ୍ୟରେ ବା ମନ୍ଦିର ପ୍ରାଙ୍ଗଣ ମଧ୍ୟରେ କେବଳ ଧ୍ରୁପଦି ସଂସ୍କୃତ ନାଟକ ପ୍ରଦର୍ଶନର ବ୍ୟବସ୍ଥା ଥିଲା । ଭରତଙ୍କ ଶାସ୍ତ୍ର ଅନୁସାରେ ନାଟକର ଉଦ୍ଦେଶ୍ୟ ହେଉଛି 'ଶିକ୍ଷା ଓ ଚିତ୍ତବିନୋଦନ' । ନାଟକକୁ ସମସ୍ତ ଜାତି ବର୍ଣ୍ଣର ଅଧିଗମ୍ୟ । 'ପଞ୍ଚମ ବେଦ' ରୂପେ ପରିଣତ କରିବାର ଭରତଙ୍କର ସଂକଳ୍ପ ସଂସ୍କୃତି ଧ୍ରୁପଦି ନାଟକ ପୂର୍ଣ୍ଣ କରି ପାରି ନଥିଲା । କାରଣ ଅସଂଖ୍ୟ ଅଶିକ୍ଷିତ ମଣିଷ ପାଖରେ ସଂସ୍କୃତ ନାଟକ ବୋଧଗମ୍ୟ ହୋଇ ପାରିନଥିଲା । ଚାରଣ ପରମ୍ପରା ଏହି ଉଦ୍ଦେଶ୍ୟ ପୂରଣ କରି ପାରିଥିଲା । ଫଳରେ ସଂଖ୍ୟା ଗରିଷ୍ଠ ଅଶିକ୍ଷିତ ମନରେ ପଲ୍ଲୀ ମଞ୍ଚରେ ବିଭିନ୍ନ ଭାରତୀୟ ଭାଷାରେ ମହାକବ୍ୟର ବିଷୟବସ୍ତୁ ଅକୃତ୍ରିମ ଆଗ୍ରହ ସୃଷ୍ଟି କରି ପାରିଥିଲା । ଏସବୁ କାହାଣୀରେ ଧର୍ମର, ଆଦର୍ଶର, ସତ୍ୟର ଜୟ ସହ ଅଧର୍ମ, ପାପର ବିନାଶ ଘଟିବା ପରିଣତି ପ୍ରଦର୍ଶିତ ହୋଇଥାଏ ।

ପୂର୍ବେ ରାଜା ଓ ଅଭିଜାତ ନାଗରିକ ଗଣ, ଭାଟମାନଙ୍କ ପୋଷକତା କରୁଥିଲେ । ଗୁପ୍ତ ସମ୍ରାଟ (ଖ୍ରୀ. ଚତୁର୍ଥ ଶତାବ୍ଦୀ) ମାନଙ୍କ ପରି ଅଥବା ରାଜା ହର୍ଷ (ଖ୍ରୀ. ସପ୍ତମ ଶତାବ୍ଦୀ) ପରି ପ୍ରତାପଶାଳୀ ସମ୍ରାଟ ମାନଙ୍କ ଦରବାରରେ କାଳିଦାସ, ବାଣଙ୍କ ପରି ମହାକବି ମାନେ ପୋଷକତା ଲାଭ କରିଥିଲେ । ହର୍ଷବର୍ଦ୍ଧନଙ୍କ ପରେ ଦଶମ ଶତାବ୍ଦୀ ମଧ୍ୟରେ ଭାରତବର୍ଷ ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇଗଲା । ଭାଟ ମାନଙ୍କର ସେତେବେଳେ ପୃଷ୍ଠପୋଷକତାର କୌଣସି ଅଭାବ ଦେଖା ଦେଇନଥିଲା । କ୍ଷୁଦ୍ର କ୍ଷୁଦ୍ର ରାଜାମାନେ ମହାକବ୍ୟର ବା ପୌରାଣିକ ବିର ନାୟକ ମାନଙ୍କର ମହିମାନ୍ୱିତ ବଂଶଧର ରୂପେ ବିଚିତ୍ର ହେବା ସହିତ ସେମାନଙ୍କ ଗୌରବ ଗାନ କରିବା ଭାଟ ମାନଙ୍କର କାର୍ଯ୍ୟ ହେଲା । ସୌଭାଗ୍ୟବଶତଃ ସେହି କ୍ଷୁଦ୍ର ରାଜାମାନଙ୍କ ମଧ୍ୟରେ କେହି କେହି ଯଥାର୍ଥ ଶିଳ୍ପ ଅନୁରାଗୀ ଥିଲେ । ଅନେକ କ୍ଷେତ୍ରରେ ରାଜକୀୟ ପୃଷ୍ଠପୋଷକର କଥା ପ୍ରଯୋଜକ ଓ ଅଭିନେତାଙ୍କର ନାମ, ବାର୍ଷିକ ନାଟ୍ୟାନୁଷ୍ଠାନର ବିଷୟ କେତେକ ଶିଳାଲେଖରୁ ମିଳେ । ଦଶମ ଶତାବ୍ଦୀରେ ଚୋଳ ରାଜା ରାଜେଶ୍ୱରଙ୍କର ଏକ ଶିଳାଲେଖ

ଉଲ୍ଲେଖ କରାଯାଇପାରେ । କେତେବେଳେ କେତେବେଳେ ମନ୍ଦିର ଦେହରେ ବିଭିନ୍ନ ପ୍ରସିଦ୍ଧ ଯୁଦ୍ଧର ବିବରଣୀ ଓ ଅଭିନୟ, ଦୃଶ୍ୟ, ସଂଗୀତଜ୍ଞ, ବାଦ୍ୟଯନ୍ତ୍ର, ନୃତ୍ୟଭଙ୍ଗୀ ଏବଂ ଅନୁରୂପ ଅନ୍ୟାନ୍ୟ ବିଷୟ ଦେଖିବାକୁ ମିଳିଥାଏ । ଚାରଣମାନେ ଯେଉଁ 'ନଟୀ' ବା ନର୍ତ୍ତକୀଙ୍କୁ ଆସରରେ ଉପସ୍ଥିତ କରାଇଥିଲେ ସେମାନଙ୍କ ମଧ୍ୟରୁ କେହି କେହି ରାଜାନୁଗ୍ରହ ଲାଭ କରି ନୃତ୍ୟଶିଳ୍ପର ଚରମ ଉନ୍ନତି କରିଥିଲେ । ନୂତନ ଓ ପରିବର୍ତ୍ତିତ ପରିସ୍ଥିତିରେ ଚାରଣ ମାନେ ନିଜକୁ ଖାପଖୁଆଇ ନେବାରେ ସିଦ୍ଧ ଥିଲେ । ସେମାନଙ୍କ ଦ୍ୱାରା ସୃଷ୍ଟ ନୃତ୍ୟନାଟ୍ୟ ପରମ୍ପରା ରକ୍ଷା ସହିତ ସଂସ୍କୃତ ନାଟକକୁ ମଧ୍ୟ ଜନସାଧାରଣଙ୍କ ବୋଧଗମ୍ୟ କରାଇବା ଚାରଣ ମାନଙ୍କ ପକ୍ଷରେ ସମ୍ଭବ ହେଉଥିଲା । ଏହାର ଦୃଷ୍ଟାନ୍ତ ସ୍ୱରୂପ ଶୃଙ୍ଗାର ରସାତ୍ମକ ଲଳିତ ପଦାବଳୀ ଯୁକ୍ତ ଭକ୍ତି ରସାତ୍ମକ 'ଗୀତଗୋବିନ୍ଦ" ରାଧାଙ୍କର ନୈସର୍ଗିକ ପ୍ରେମ ବିରହ ଓ ମିଳନର କାହାଣୀ ନୃତ୍ୟ ଏବଂ ଭଙ୍ଗୀ 'ମୁଦ୍ରା' ଦ୍ୱାରା ବିଭିନ୍ନ ଆବେଗ ପ୍ରକାଶ କରି ଦର୍ଶକ ମାନଙ୍କ ମନରେ ଭକ୍ତିଭାବ ସଂଚାରିତ କରିବା ଏହାର ଉଦ୍ଦେଶ୍ୟ ଥିଲା । କେତେକ କ୍ଷେତ୍ରରେ ସଂସ୍କୃତ ନାଟକରେ ଅନୁବାଦ ଆଞ୍ଚଳିକ ଭାଷା ମାଧ୍ୟମରେ କରାଯାଇ ଅଭିନିତ ହେଉଥିଲା । ଏହି ସମସ୍ତ ପ୍ରଚେଷ୍ଟାକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଆନ୍ତରିକ ଆଶା କିମ୍ବା ଭାବଭଙ୍ଗୀର ସାର୍ବଜନୀନ ପ୍ରକାଶ ମାଧ୍ୟମରେ ନାଟକକୁ ସାଧାରଣ ମନୁଷ୍ୟ ନିକଟରେ ପହଞ୍ଚାଇ ଦେବାପାଇଁ ପ୍ରବଣତା ଲକ୍ଷ୍ୟ କରାଯାଇଥିଲା ।

ଅଷ୍ଟମ ଶତାବ୍ଦୀଠାରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ସମଗ୍ର ଭାରତରେ ରାଜନୈତିକ ବିଶୃଙ୍ଖଳା ସଂଗଠିତ ହୋଇଥିଲେ ହେଁ ସାଂସ୍କୃତିକ ଜାଗରଣର ବଳିଷ୍ଠ ଚେତନାରେ ସମଗ୍ର ଦେଶବାସୀ ସ୍ପନ୍ଦିତ ହେଉଥିଲେ । ଏ ଜନ ଜାଗରଣ ଧାରାରେ ଆଚାର୍ଯ୍ୟ ଶଙ୍କରଙ୍କର ଆବିର୍ଭାବ ଭକ୍ତି ଭାବନାର ଉତ୍ସ ସୃଷ୍ଟି କରିଥିଲା ।

ଭକ୍ତିବାଦ ସହ ଶୈବ ଓ ବୈଷ୍ଣବ ଧର୍ମ ଦର୍ଶନର ଅଭ୍ୟୁଦୟ ଭାରତୀୟ ରଙ୍ଗମଞ୍ଚରେ ପ୍ରଭୂତ ପରିବର୍ତ୍ତନ ଆଣିଥିଲା । ଦେଶର ବିଭିନ୍ନ ଅଞ୍ଚଳରେ ଉଲ୍ଲିଖିତ ମତବାଦରେ ଅନୁପ୍ରାଣିତ ବହୁ ରାଜା ମନ୍ଦିରମାନ ନିର୍ମାଣ କରି ସେମାନଙ୍କର ଭକ୍ତିର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ଫଳରେ ନୃତ୍ୟ ଓ ନାଟ୍ୟ ଶିଳ୍ପ ପ୍ରତ୍ୟକ୍ଷ ଭାବରେ ଉତ୍ସାହିତ ହୋଇଥିଲା । ନୃତ୍ୟ ନାଟ୍ୟ ଅନୁଷ୍ଠାନ ନିମନ୍ତେ ରାଜାଗଣ ନର୍ତ୍ତକୀ ଓ ସୂତ୍ରଧର ମାନଙ୍କୁ ଦାୟିତ୍ୱ ଅର୍ପଣ କରି ସେମାନଙ୍କୁ ମନ୍ଦିର ସହିତ ନିୟମିତ ଯୁକ୍ତ କରାଇ ଦେବା ଫଳରେ ନୃତ୍ୟନାଟ୍ୟର ବହୁଳ ପ୍ରଚାର ସମ୍ଭବ ହୋଇଥିଲା । ଏଇ ସମୟରେ ନିର୍ମିତ ଶତ ଶତ ମନ୍ଦିର ସ୍ଥାପତ୍ୟରେ ନାଟ୍ୟାନୁଷ୍ଠାନର ବିଭିନ୍ନ ଅଂଶ ଶିଳ୍ପୀ ଖୋଦନ କଲେ । ସ୍ୱୟଂ ରାଜା ନାଟ୍ୟାନୁଷ୍ଠାନ ପରିକଳ୍ପନା ସହ ନୃତ୍ୟ ନାଟକ ରଚନା

କରୁଥିଲେ । ପୂର୍ବପରି ମନ୍ଦିର ପ୍ରାଙ୍ଗଣ ନାଟ୍ୟ ଧ୍ୱନିରେ ପ୍ରତିଧ୍ୱନିତ ହୋଇ ଉଠିଲା । ଏସବୁ ଅନୁଷ୍ଠାନ ଆଞ୍ଚଳିକ ଭାଷାରେ ରଚିତ ଓ ଜନ ସାଧାରଣଙ୍କୁ ସହଜ ବୋଧଗମ୍ୟ ହେଉ ଥିଲା । ଏହି ସମୟରେ ଅଧିକାଂଶ ଆଧୁନିକ ଭାରତୀୟ ଭାଷା ସାହିତ୍ୟର ସୂତ୍ରପାତ ହୁଏ । ସନ୍ଥକବି ମାନଙ୍କ ଦ୍ୱାରା ରଚିତ ଭକ୍ତି ଗୀତ ଗୁଡ଼ିକ ଭକ୍ତମାନେ କେବଳ ଗାନ କରୁନଥିଲେ । ତା' ସହିତ ଆବେଗରେ ନୃତ୍ୟ କରୁଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କର ଜୀବନ ବୃତ୍ତାନ୍ତ ସମ୍ବନ୍ଧୀୟ ରଚନା 'ଭାଗବତ' ମହାକାବ୍ୟ ହିଁ ଏଇ ଭକ୍ତି ଆନ୍ଦୋଳନର ଉତ୍ସ ଥିଲା ।

ଚାରଣ ପରମ୍ପରା ପ୍ରସୂତ ନୃତ୍ୟନାଟ୍ୟର ପ୍ରବର୍ତ୍ତନ ଫଳରେ ଯେଉଁ ନର୍ତ୍ତକୀ ଶ୍ରେଣୀର ଉଦ୍‌ଭବ ହେଲା ତା'ର ପୃଷ୍ଠପୋଷକତା କରିଥିଲେ ସ୍ୱୟଂ ରାଜା ଓ ମନ୍ଦିରର ଅଧ୍ୟକ୍ଷଗଣ । ସମ୍ଭବତଃ ଏହି ପରମ୍ପରା ମନ୍ଦିରରେ ଦେବଦାସୀ ପ୍ରଥାର ପ୍ରଚଳନ ଓ ପ୍ରତିଷ୍ଠାର ହେତୁ । ଏହି ସମୟରେ ରଚିତ ନାଟକ ଗୁଡ଼ିକ ଏକାଙ୍କିକା ନାଟକ । ଏଥିରେ ସଂଗୀତ ଓ ନୃତ୍ୟର ଅବତାରଣା ଏଗୁଡ଼ିକୁ ଜନପ୍ରିୟ କରି ତୋଳିଥିଲା । ଏଥିରେ ବିଭିନ୍ନ ପ୍ରକାର ଏକକ ଓ ଯୌଥ ନାଚ ଥିଲା । କିନ୍ତୁ ସନ୍ଥ ଶ୍ରୀଚୈତନ୍ୟଙ୍କ ଆବିର୍ଭାବ ଫଳରେ ନୃତ୍ୟନାଟ୍ୟ କ୍ଷେତ୍ରରେ ଅନ୍ୟ ଏକ ପରିବର୍ତ୍ତନ ହୋଇଥିଲା । ଶ୍ରୀଚୈତନ୍ୟ ଦେବ 'ରୁକ୍ମିଣୀ ହରଣ' ନାଟକରେ ନିଜେ ନାୟିକା ରୁକ୍ମିଣୀ ଭୂମିକାରେ ଅଭିନୟ କରୁଥିଲେ । କୃଷ୍ଣଙ୍କର ଉପାଖ୍ୟାନ ନାଟକର ବିଷୟବସ୍ତୁ ଥିଲା । ଏ ନାଟକ ଉନ୍ମୁକ୍ତ ପ୍ରାଙ୍ଗଣରେ ଅଭିନୀତ ହେଉଥିଲା । ଏହା 'ଯାତ୍ରା' ରୂପେ କଥିତ ହେଉଥିଲା । ଦେବଦାସୀ ପ୍ରଥା ଓ ନୃତ୍ୟ ନାଟକରେ ନାରୀର ଭୂମିକାରେ ବର୍ତ୍ତମାନ ପୁରୁଷମାନେ ଅଭିନୟ କଲେ । କାରଣ ସ୍ୱରୂପ କୁହାଯାଇ ପାରେ ଯେ ମଣିଷ ଓ ଈଶ୍ୱର ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିବାର ଯେଉଁ ଭକ୍ତିମାର୍ଗ ଉନ୍ମୋଚିତ ହୋଇଥିଲା ତହିଁରେ ନାରୀ ପ୍ରତିବନ୍ଧକ ସୃଷ୍ଟି କରିବାର ଆଶଙ୍କା ନେଇ ଶ୍ରୀ ଚୈତନ୍ୟ ଦେବ ନିଜେ ନାରୀ ଭୂମିକାରେ ଅଭିନୟ କରିଥିଲେ ଓ ଭକ୍ତମାନଙ୍କୁ ଏଥିପାଇଁ ପ୍ରେରଣା ଦେଇଥିଲେ । ସାଧୁ ସନ୍ଥମାନେ ବୀର୍ଯ୍ୟଶାଳୀ ହେବା, ପବିତ୍ର ଜୀବନ ଯାପନ କରିବା ଓ ଭାକ୍ତିକ ଦୌର୍ବଲ୍ୟ ଲୁପ୍ତି ନିମନ୍ତେ ନାରୀଠାରୁ ଦୂରେ ରହୁଥିଲେ । ପରମ ପୁରୁଷ କୃଷ୍ଣ ଓ ରାଧିକାଙ୍କ ପ୍ରଣୟ ଲୀଳାମୃତ ଜନ ସମାଜରେ ପ୍ରଚାର କରି ଭକ୍ତି ରସରେ ଅନୁପ୍ରାଣିତ କରିବା ଏପରି ନୃତ୍ୟନାଟ୍ୟର ଉଦ୍ଦେଶ୍ୟ ଥିଲା । ପଞ୍ଚଦଶ ଶତାବ୍ଦୀଠାରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବୈଷ୍ଣବ ଆନ୍ଦୋଳନକୁ ଭିତ୍ତିକରି ଭାରତର ବିଭିନ୍ନ ପ୍ରାନ୍ତରେ 'ହରିକଥା' ବା 'କୀର୍ତ୍ତନ' ନାମରେ ଏକ ବର୍ଦ୍ଧିଷ୍ଣୁ ରାଜକୀୟ ରଙ୍ଗମଞ୍ଚ ବିକଶିତ ହେଉଥିଲା । ଉପରୋକ୍ତ ହରିକଥା ବା କୀର୍ତ୍ତନ କିମ୍ବା ଭକ୍ତିରସ ସମ୍ବଳିତ ନୃତ୍ୟ ନାଟ୍ୟ କୌଣସି ମନ୍ଦିର ଅଥବା କୌଣସି ଧନୀ ଗୃହରେ

ଅନୁଷ୍ଠିତ ହେବାକୁ ଲାଗିଲା । ନାଟ୍ୟାନୁଷ୍ଠାନ ଆରମ୍ଭରେ ଦେବତା ମାନଙ୍କ ବନ୍ଦନା କରାହୁଏ, ପରେ କାହାଣୀରୁ ଅବତାରଣା ହୁଏ । ହରିକଥା ଶିଳ୍ପୀ ସାରା ରାତି ଅନୁଷ୍ଠାନ ପରିଚାଳନା କରିପାରନ୍ତି । ଏ ଶିଳ୍ପୀ ଗୋଷ୍ଠୀ ଗୋଟିଏ ସାମାଜିକ ଜାତିରେ ପରିଣତ ହୋଇଥିବା ଫଳରେ ନାଟକୀୟ ଶିଳ୍ପ ଏବଂ ପ୍ରତିଭା ପୁରୁଷାନୁକ୍ରମେ ଅଗ୍ରସର ହୋଇଛି । କୃଷ୍ଣଙ୍କର କାହାଣୀକୁ ଆଧାର କରି ଭାଗବତ ଓ ପରେ ମହାଭାରତ ଏବଂ କାଳକ୍ରମେ ଅଗ୍ରସର ହୋଇଛି । କୃଷ୍ଣଙ୍କର କାହାଣୀକୁ ଆଧାର କରି ଭାଗବତ ଓ ପରେ ମହାଭାରତ ଏବଂ କାଳକ୍ରମେ ରାମାୟଣର ଶ୍ରୀରାମଚନ୍ଦ୍ରଙ୍କ ବିଷୟରେ ଏକାଧିକ ଦିବସ ବ୍ୟାପୀ ଅନୁଷ୍ଠାନ ପ୍ରଚଳିତ ହେବାକୁ ଲାଗେ ।

ସଂସ୍କୃତ ନାଟକର ଅବନତି ହେବା ସଂଗେ ସଂଗେ ଲୋକମଞ୍ଚ ତାର ପୂର୍ବର ରୂପ ଫେରି ପାଇଲା ଓ ସମାଜରେ ପ୍ରାଧାନ୍ୟ ଲାଭ କଲା । ସମଗ୍ର ନାଟକରେ ନାଚ, ନୃତ୍ୟ ଓ କିଛି ସଂଳାପ ବ୍ୟତୀତ ହୁଏତ ଅନ୍ୟ କିଛି ନଥିଲା । ତହିଁରେ କାହାଣୀର ସତ୍ତା ନଥିଲା । ଗୀତ ଓ ସଂଳାପର ବିଷୟ ବସ୍ତୁ କି ପ୍ରକାରରେ ଥିଲା ତାହା ସହଜରେ ଅନୁମେୟ । ସତେଜ ଓ ମୌଳିକ ଇତର ଲୋକ ମଞ୍ଚର ଏକ ନିଜସ୍ୱ ବୈଶିଷ୍ଟ୍ୟ ରୂପେ ଆଜି ପର୍ଯ୍ୟନ୍ତ ରହିଅଛି । ଅବଶ୍ୟ ଭରତଙ୍କ ପାଖରୁ ଆଜି ପର୍ଯ୍ୟନ୍ତ ଶିକ୍ଷିତ ଓ ସଂସ୍କୃତିବାନ ମାନେ ଲୋକମଞ୍ଚକୁ ଏପରି ସ୍ଥୂଳତା ପାଇଁ ନିନ୍ଦା କରି ଆସିଛନ୍ତି । ଲୋକମଞ୍ଚର ଉଦ୍‌ଭବ ଘଟିଛି, କାରଣ ଲୋକ ତା' ଉପଭୋଗ କରନ୍ତି କାରଣ ସେମାନେ ଏହି ମାଧ୍ୟମ ହିଁ ଜାଣନ୍ତି । ଆମେ ଯାହାକୁ ଇତରତା ବୋଲି କହିଥାଉ ତାହା ଲୋକମଞ୍ଚର ମୂଳ ବୈଶିଷ୍ଟ୍ୟ କିମ୍ବା ଶ୍ରୋତୃମଣ୍ଡଳୀର ଅଭିଜ୍ଞତା, ଜୀବନ ଯାତ୍ରା ପ୍ରଣାଳୀ ଏବଂ ସାମାଜିକ ଜୀବନର ଅବସ୍ଥାର ପରିବର୍ତ୍ତନ ସହିତ ତାହା ପରିବର୍ତ୍ତିତ ହୋଇଥାଏ । ସମ୍ଭବତଃ ଲୋକ ସମାଜ ସେହି ଇତରତାକୁ ଉପଭୋଗ କରେ ନାହିଁ । ଉପଭୋଗ କଲେ ତାର ପଛରେ ଥିବା ଶିଳ୍ପ ଓ ଚାତୁର୍ଯ୍ୟ ସମୂହକୁ । ଲୋକ ମଞ୍ଚରେ ଯେତେବେଳେ ମହାକାବ୍ୟ ଓ ପୌରାଣିକ ବିଷୟ ବସ୍ତୁର ଅବତାରଣା ଆରମ୍ଭ ହେଲା ସେତେବେଳ ମହାଭାରତର ନାୟକ ମାନଙ୍କ ତ୍ୟାଗ ଓ ଦୁଃଖକଷ୍ଟ ପୂର୍ଣ୍ଣ ଜୀବନ ସମଗ୍ର ଭାରତ ବର୍ଷରେ ପ୍ରବଳ ଆଗ୍ରହରେ ଲୋକ ମଞ୍ଚରେ ଆଦୃତ ହୁଏ । ଲୋକମଞ୍ଚର ଶ୍ରୋତୃମଣ୍ଡଳୀ ମଧ୍ୟରେ ଯେଉଁ ନାଟକୀୟ ଆଗ୍ରହ ଜୀବନ୍ତ ରହିଥିଲା ତାହା ଚରଣ ମାନଙ୍କର ପ୍ରୟୋଜନାର ଅନାଡ଼ମ୍ବର ପଦ୍ଧତି ଏବଂ ନୃତ୍ୟ ଭଙ୍ଗୀରେ ସତେଜ ହୋଇଉଠେ ।

କାଳକ୍ରମେ ଆଞ୍ଚଳିକ ଭାଷା ସମୂହର ବିକାଶ ଫଳରେ ଲୋକମଞ୍ଚରେ କିଛି ପାର୍ଥକ୍ୟ ପ୍ରକାଶ ସ୍ୱାଭାବିକ ହୋଇଥିଲା । କିନ୍ତୁ ତା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଏହି ସବୁ ଆଞ୍ଚଳିକ ଲୋକମଞ୍ଚରେ

କେତେକ ସାଧାରଣ ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରହିଅଛି । ଚାରଣ-ଭକ୍ତି-ହରିକଥା ଯୁଗର ପ୍ରଭାବ ଫଳରେ ସମଗ୍ର ରାତ୍ରି ଧରି ଅନୁଷ୍ଠାନ ଭାରତୀୟ ଲୋକମଞ୍ଚର ଏକ ନିଜସ୍ୱ ବୈଶିଷ୍ଟ୍ୟ । ଆବୃତ୍ତି, ନୃତ୍ୟ ଓ ଭ୍ରାମ୍ୟମାଣ ନର୍ତ୍ତକୀ ଥିଲେ ସାରାରାତ୍ରି ଧରି ଅନୁଷ୍ଠାନ ହେବା ସ୍ୱାଭାବିକ ଥିଲା । ଏହା ଅତ୍ୟନ୍ତ ଅପରିହାର୍ଯ୍ୟ ଉଠିଥିଲା ଯେତେବେଳେ କୌଣସି ପ୍ରତିଭାଶାଳିନୀ ନର୍ତ୍ତକୀ ଏଥିରେ ଅଂଶଗ୍ରହଣ କରୁଥିଲେ । ଦ୍ୱିତୀୟତଃ, ଭକ୍ତିବାଦର ପ୍ରସାର ଓ ପ୍ରଚାର ଫଳରେ ସାରାରାତି ଉଜାଗର ରହି ଈଶ୍ୱରଙ୍କ ମହିମା କୀର୍ତ୍ତନ ଓ ଶ୍ରବଣ କରିବା, ପୁଣ୍ୟ କର୍ମ ବିବେଚିତ ହେବା ଏକା କାରଣ । ତୃତୀୟତଃ, ବୈଷ୍ଣବ ଭକ୍ତିବାଦର ପ୍ରଚାର ଫଳରେ ଲୋକ ସମାଜରେ ଅନ୍ୟ ଏକ ପ୍ରବଣତା ଦେଖାଯାଏ । ପ୍ରାଚୀନ କାଳରୁ ମହାକାବ୍ୟ, ମହାଭାରତ ଓ ରାମାୟଣ ଲୋକ ନାଟକର ବିଷୟବସ୍ତୁ ଆବୃତ୍ତିର ପ୍ରଧାନ ଉତ୍ସ ଥିଲା । କାଳକ୍ରମେ ଏହି ଦୁଇ ମହାକାବ୍ୟର ଜନପ୍ରିୟତା ବିଭିନ୍ନ ଅଞ୍ଚଳର କବି ଓ ସନ୍ଥମାନଙ୍କୁ ଆଞ୍ଚଳିକ ଭାଷାରେ ଏଥିର ବିଷୟବସ୍ତୁକୁ ରୂପାନ୍ତରିତ କରିବାରେ ଅନୁପ୍ରାଣିତ କରେ । ସେ ସମସ୍ତ ରଚନା ଅନୁବାଦ ନହୋଇ ଭାବାନୁସାରୀ ହେଉଥିଲା । ଏଇ ସବୁ ଭାବାନୁସରଣ ମଧ୍ୟରେ ଆଞ୍ଚଳିକ ବୈଶିଷ୍ଟ୍ୟ ସମନ୍ୱିତ ବିଭିନ୍ନ କାହାଣୀ କିମ୍ବଦନ୍ତୀ ସହିତ ସମସାମୟିକ ସମାଜର ପ୍ରଚଳିତ ଭକ୍ତି ସ୍ଥାନ ପାଉଥିଲା । ଏଇ ସବୁ ଆଞ୍ଚଳିକ ରଚନା ଛନ୍ଦୋବଦ୍ଧ ହେବା ସହିତ ସୁବିଧା ଜନକ ଅଭିନୟ ଲେଖନ ପ୍ରବର୍ତ୍ତନ କରେ । ଗ୍ରାମ୍ୟଶିଳ୍ପୀମାନେ ନିରକ୍ଷର ଓ ଅଶିକ୍ଷିତ ରହିଥିବା ଫଳରେ ଗୀତିନାଟ୍ୟ ଅଂଶ ଗୁଡ଼ିକର ଆବୃତ୍ତି ଓ ଗାନ ନିମନ୍ତେ ଜଣେ ସାହିତ୍ୟିକ ବ୍ୟକ୍ତ (ଗାୟକ)ର ଆବଶ୍ୟକତା ଉପଲବ୍ଧି ହେବା ସହିତ କାଳକ୍ରମେ ତାହାର ତାର ଏକଚାଟିଆ ଅଧିକାର ହୋଇଉଠିଲା । ଯେପରି ଚାରଣ ଗୀତ ଗାନ କରୁଥିଲେ ଓ ଅଭିନେତା ମାନେ ନାଚୁଥିଲେ । ସଂଳାପ କ୍ଷେତ୍ରରେ ମଧ୍ୟ ଅନ୍ୟ ଏକ ବ୍ୟକ୍ତିର ପ୍ରୟୋଜନ ହେଉଥିଲା । ଏଥିରେ ସଂଳାପ ନିମନ୍ତେ ମଞ୍ଚ ପାର୍ଶ୍ୱରେ ଉପବିଷ୍ଟ ଜଣେ ବ୍ୟକ୍ତି ଆବୃତ୍ତି କରୁଥିଲେ । ଅଭିନେତାମାନେ ଆବୃତ୍ତିର ଅର୍ଥ ସୂଚକ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରୁଥିଲେ । ଏଇ "ପଶ୍ଚାତ୍-ମଞ୍ଚ-କୋରାସ" ଭାରତୀୟ ଲୋକମଞ୍ଚର ଏକ ସାଧାରଣ ବୈଶିଷ୍ଟ୍ୟ । ଅନ୍ୟ ବୈଶିଷ୍ଟ୍ୟ ହେଉଛି ଏପର୍ଯ୍ୟନ୍ତ ଲୋକମଞ୍ଚ ରାମାୟଣ, ମହାଭାରତ ଓ ମହାକାବ୍ୟର ବୀରତ୍ୱ ଓ ଆଦର୍ଶ ଚରିତ ରୂପାୟନ କରୁଥିଲା । କିନ୍ତୁ ବୈଷ୍ଣବ ଭକ୍ତିବାଦ ପ୍ରଚଳନ ଫଳରେ କୃଷ୍ଣଙ୍କର କାହାଣୀ, ତାଙ୍କର ଶୈଶବ, ପ୍ରେମ ଓ ବିରହ ପ୍ରଣୟ ଲୀଳା ଲୋକ ମଞ୍ଚରେ ଖୁବ୍ ଜନପ୍ରିୟ ହୋଇ ଉଠିଲା । ସମ୍ଭବତଃ, ଏପରି ଭାବରେ ପ୍ରଥମ ଧ୍ରୁପଦୀ ରୀତିରେ ଆଦି ରସାତ୍ମକ ଆବେଗ ଲୋକମଞ୍ଚରେ ପ୍ରବର୍ତ୍ତନ କରାଗଲା । ରଙ୍ଗମଞ୍ଚର ବିକାଶ ଏବଂ ସମାଜ ଜୀବନରେ ରଙ୍ଗମଞ୍ଚର

ସ୍ଥାନ ଉପରରେ ଏହାର ତାତ୍ପର୍ଯ୍ୟ ଅସାଧାରଣ । ମହାକାବ୍ୟର ନାୟକ ଗଣ ଯଥା- ରାମ ଓ କୌରବ ପାଣ୍ଡବ ମାନଙ୍କ କାହାଣୀ ଅନ୍ୟ ଦିଗରେ କୃଷ୍ଣ ଓ ତାଙ୍କର ପ୍ରଣୟ ଲୀଳାର ମୌଳିକ ପାର୍ଥକ୍ୟ ରଙ୍ଗମଞ୍ଚକୁ ବିଶେଷ ପ୍ରଭାବିତ କରିଥିଲା । ଶ୍ରୀରାମ ଜଣେ ଆଦର୍ଶ ଚରିତ୍ର ଅବତାର, ମହାଭାରତର ନାୟକମାନେ ଅତି ମାନବ; ସେମାନେ ଲୋକ ସମାଜର ଶ୍ରଦ୍ଧା, ଭୟ ଭକ୍ତି ମିଶ୍ରିତ ସଂଭ୍ରମ ଓ ବ୍ୟବଧାନ ସୃଷ୍ଟି କରିଥାନ୍ତି । କିନ୍ତୁ ଶ୍ରୀକୃଷ୍ଣ ରାମଙ୍କ ପରି ଅବତାର ପୁରୁଷ ହୋଇଥିଲେ ହେଁ ତାଙ୍କର ଲୀଳା ସାଧାରଣ ମାନବ ସ୍ତରର ଥିଲା । ସାମାଜିକ ସ୍ତରର ସାଧାରଣ ମନୁଷ୍ୟ ପାଖରେ ରାମଚନ୍ଦ୍ର ପରମ ପୂଜ୍ୟ ହେଲେ ଶ୍ରୀକୃଷ୍ଣ ପରମପ୍ରିୟ ରୂପେ ଗୃହୀତ ହେଲେ । ତେଣୁ ଶ୍ରୀକୃଷ୍ଣଙ୍କ ଲୀଳା ସାମାଜିକ ସ୍ତରରେ ଅଧିକ ପ୍ରଭାବ ବିସ୍ତାର କଲା । ଶ୍ରୀକୃଷ୍ଣ ଜଣେ ସାଧାରଣ ସାମାଜିକ ବ୍ୟକ୍ତି ପରି ରାସ୍ତାରେ ଗୋପୀଙ୍କ ସହିତ ପ୍ରେମାଳାପ କରିପାରନ୍ତି । ଅନ୍ୟର କନ୍ୟାକୁ ଭଲପାଇ ଅପହରଣ କରିପାରନ୍ତି । ନିଜ ସ୍ତ୍ରୀ ମାନଙ୍କ ମଧ୍ୟରେ କଳହ ସୃଷ୍ଟି ପାରନ୍ତି । ବଂଶୀ ବଜାଇ ଗୋରୁ ଚରାଇ ପାରନ୍ତି, ଗୋପୀ ଓ ଅନ୍ୟ ବନ୍ଧୁ ମାନଙ୍କ ସହିତ ମିଶି ରାସ କ୍ରୀଡ଼ା କରି ପାରନ୍ତି । ଏହି ଐତିହ୍ୟ ଲୋକମଞ୍ଚକୁ ବହୁତ ପ୍ରଭାବିତ କରିବା ଫଳରେ ବିଭିନ୍ନ ଅଞ୍ଚଳରେ ଗୋଷ୍ଠୀ ଓ ଯୌଥ ନୃତ୍ୟ ପ୍ରଚଳିତ ହୋଇଥିଲା ।

ବୈଷ୍ଣବ ସନ୍ଥମାନେ ସଂସ୍କୃତ ସାହିତ୍ୟରେ ମଧ୍ୟ ସୁପଣ୍ଡିତ ଥିଲେ । ସ୍ୱର ଓ ଛନ୍ଦମୟ ନୃତ୍ୟ ନାଟ୍ୟ ହିସାବରେ ପ୍ରାଚୀନତମ କୃଷ୍ଣ କାହାଣୀ ଗୀତଗୋବିନ୍ଦ ସମଗ୍ର ଜନ ସମାଜର ଆଦର୍ଶ ଭକ୍ତିବାଦର ପ୍ରତୀକ ଥିଲା । ସଂସ୍କୃତ ଜ୍ଞାନ ଯୋଗୁଁ ସାଧୁସନ୍ଥମାନେ ନାଟ୍ୟଶାସ୍ତ୍ର ଅନୁସାରେ ଆଞ୍ଚଳିକ ଭାଷାରେ ରଚନା ଆରମ୍ଭ କରିଥିଲେ । କୌଣସି ଗ୍ରାମ୍ୟ ନାଟକ ପୂର୍ବରଙ୍ଗ ବ୍ୟତୀତ ଆରମ୍ଭ ହେଉ ନଥିଲା । ଅର୍ଥାତ୍ ନାଟ୍ୟ ଆରମ୍ଭରେ ବିଭିନ୍ନ ଦେବତାଙ୍କୁ ଆରାଧନା କରାଯାଉଥିଲା । ନାଟ୍ୟଶାସ୍ତ୍ର ସହିତ ପ୍ରତ୍ୟକ୍ଷ ସଂଯୋଗ ନଥିଲେ ମଧ୍ୟ ହରିକଥା ଓ ବୈଷ୍ଣବ ଧର୍ମୀୟ ନାଟକର ପ୍ରଭାବ ଫଳରେ ଲୋକମଞ୍ଚ ଶାସ୍ତ୍ରୀୟ, ରୀତିନୀତି ସହିତ ପରିଚିତ ଥିଲା । ଦେବତାଙ୍କ ଆରାଧନା ସହିତ ଅଭିନେତା ମାନଙ୍କର ସାଜସଜ୍ଜା ପର୍ଯ୍ୟନ୍ତ ସବୁ ବିଷୟରେ ଲୋକମଞ୍ଚ ଆଜି ବି ନାଟ୍ୟଶାସ୍ତ୍ର ବିଧି ପାଳନ କରିଥାଏ । ଅନୁଷ୍ଠାନର ଏହି ବ୍ୟବହାରିକ ସଂଗଠନ ସମ୍ଭବତଃ ଏହି ସମୟରେ ପ୍ରବର୍ତ୍ତିତ ହୋଇଥିଲା । ଶେଷରେ ସମଗ୍ର ଭାରତୀୟ ଲୋକମଞ୍ଚ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ବିଭିନ୍ନ ଅସୁବିଧା ହେତୁ ଯେଉଁ ମନ୍ଦିର ପ୍ରାଙ୍ଗଣ, ରାଜପ୍ରାସାଦ କିମ୍ବା କୌଣସି ଅଭିଜାତ ଗୃହସ୍ଥର ଆଙ୍ଗନରେ ଅଭିନୟ ମଞ୍ଚସ୍ଥ କରି ନପାରି ଗ୍ରାମ ରାସ୍ତାର ମୋଡ଼ରେ କିମ୍ବା କୌଣସି ଖୋଲା ପଡ଼ିଆରେ ଆସରର ଆୟୋଜନ କରୁଥିଲେ । କ୍ରମେ କ୍ରମେ ଏପରି

ସ୍ଥାନ ସବୁ ଲୋକମଞ୍ଚ ସ୍ଥଳ ରୂପେ ପରିଗଣିତ ହୋଇଗଲା । ଶସ୍ୟ ଅମଳ ପରବର୍ତ୍ତୀ ସମୟଠାରୁ ନୂତନ ଶସ୍ୟ ବୁଣା ପର୍ଯ୍ୟନ୍ତ କେତେମାସ ଏ ଅନୁଷ୍ଠାନ ହେବାର ସମୟ ନିର୍ଦ୍ଧାରିତ ହେଲା । ମଞ୍ଚାଭିନୟର ନିୟମ ଓ ସ୍ଥାନ ନିରୂପଣର ଯେଉଁ ବିଧି ବିଧାନ ନାଟ୍ୟଶାସ୍ତ୍ରରେ ଉଲ୍ଲେଖ ଥିଲା ତାର ପରିବର୍ତ୍ତନ ହୋଇ ନାଟକ ମଞ୍ଚସ୍ଥ ହେବାରେ ଲାଗିଲା ।

ଉପରୋକ୍ତ ସାଧାରଣ ବୈଶିଷ୍ଟ୍ୟ ବ୍ୟତୀତ ଆଞ୍ଚଳିକ ଲୋକମଞ୍ଚ ସମୂହ କେତେ ଗୁଡ଼ିଏ ନିଜସ୍ୱ ବୈଶିଷ୍ଟ୍ୟ ସୃଷ୍ଟି କରିଥିବା ଦେଖାଯାଏ । ଏପରିକି ଗୋଟିଏ ଅଞ୍ଚଳରେ ମଧ ବିଭିନ୍ନତା ପରିଲକ୍ଷିତ ହୁଏ । ଜୀବନ ଯାପନ ପ୍ରଣାଳୀ, ପ୍ରାକୃତିକ ପରିବେଶ, ବାହାରର ପ୍ରଭାବ ପ୍ରଭୃତି ଏ ସବୁ ବୈଶିଷ୍ଟ୍ୟର ହେତୁ । ଉଦାହରଣ ସ୍ୱରୁପ- ଗାଙ୍ଗେୟ ଉପତ୍ୟକାରେ କ୍ୱେଉଁଠି ଶ୍ରୀରାମଙ୍କର ଆଦର୍ଶ ଜୀବନ, ଶ୍ରୀକୃଷ୍ଣଙ୍କର ପ୍ରଣୟ ଲୀଳା ଲୋକନାଟ୍ୟର ବିଷୟବସ୍ତୁ ହେଉଥିଲା ବେଳେ ଆଉ କେଉଁଠି ମଣିଷକୁ ଶ୍ୱାପଦ ସଙ୍କୁଳ ଗହନ ଅରଣ୍ୟ ମଧରେ, ପାର୍ବତ୍ୟ ଭୂମିରେ ଜୀବନ ଯାପନ କରିବା ପାଇଁ ଲଢ଼ାଇର ପ୍ରୟୋଜନ ହେତୁ ସେଠାରେ ମହାକାବ୍ୟ ନାୟକ ମାନଙ୍କର ବୀରତ୍ୱପୂର୍ଣ୍ଣ ସଂଗ୍ରାମ, ଦେବ ଦାନବର ଯୁଦ୍ଧ ଅନୁରୂପ ସମସ୍ତ ଘଟଣା ଲୋକ ମଞ୍ଚରେ ସ୍ଥାନ ପାଇଥିଲା ।

ଏହି ସମୟରେ ରାତିସାରା ଲୋକମଞ୍ଚରେ ଅଭିନୟ ହେଉଥିଲା । ସୂର୍ଯ୍ୟୋଦୟ ପରେ ଅନୁଷ୍ଠାନ ସମାପନ ହେଉଥିଲା । ଏଥିପାଇଁ କୌଣସି ବିଶେଷ ରଙ୍ଗମଞ୍ଚ ନଥିଲା । ଚାରିକୋଣରେ ଚାରିଗୋଟି ଖୁଣ୍ଟ ପୋତି ମଞ୍ଚଟିଏ ତିଆରି କରାଯାଉଥିଲା । ଶ୍ରୋତା ଓ ଦର୍ଶକମାନେ ଚାରି ଦିଗରେ ଖୋଲା ସ୍ଥାନରେ ବସୁଥିଲେ । ମଞ୍ଚର ଗୋଟିଏ ଦିଗରେ ଯନ୍ତ୍ରୀମାନଙ୍କ ସହିତ ଭାଗବତ / ଉସ୍ତାଦ (ଗାୟକ) ବସିଥାନ୍ତି । ମଞ୍ଚଠାରୁ ଦୂରରେ ସାଜଘର ରହିଥାଏ । ଶିଳ୍ପୀମାନେ ସାଜଘରେ ସଜ୍ଜିତ ହୋଇ ଭାଗବତ / ଉସ୍ତାଦର ବାମ ଦିଗ ଦେଇ ଆସରକୁ ଆସନ୍ତି ଓ ଡାହାଣ ଦିଗ ଦେଇ ପ୍ରସ୍ଥାନ କରନ୍ତି । ମଞ୍ଚ ଖୋଲା ଆକାଶ ତଳେ ନିର୍ମିତ ହୋଇଥାଏ । ନାଟକର ପ୍ରାରମ୍ଭରେ ବାଧାବିଘ୍ନ ଖଣ୍ଡନକାରୀ ଦେବତା ଗଣେଶଙ୍କ ପୂଜା କରାଯାଏ । ପୋଷାକ ଏବଂ ଅଙ୍ଗ ସଜ୍ଜାର ଜିନିଷପତ୍ର ତାଙ୍କ ପାଖରେ ନିବେଦନ କରାହୁଏ । ନାଟକର ଚରିତ୍ରମାନେ ମଞ୍ଚରେ ପ୍ରବେଶ କରିବା ପୂର୍ବରୁ ଗୁରୁ ରୂପି ଭାଗବତ / ଉସ୍ତାଦଙ୍କୁ ପ୍ରଣାମ କରୁଥିଲେ । ଯକ୍ଷ ଗାନର ନାଟକ ଆରମ୍ଭରେ ଅନୁଷ୍ଠାନ ପାଇଁ ନିର୍ବାଚିତ ଘଟଣାଟି ବର୍ଣ୍ଣନା କରାଯାଇ ତାଙ୍କର ବାଦ୍ୟ ସହ ପ୍ରଧାନ ପ୍ରଧାନ ଚରିତ୍ରର ପରିଚୟ ପ୍ରଦାନ କରାଯାଏ । ଯକ୍ଷ ଗାନରେ ମୁଖାର ପ୍ରଚଳନ ଅଛି ।

କେରଳର କଥାକଳୀ ନୃତ୍ୟ ଯକ୍ଷ ଗାନ ଅପେକ୍ଷା ପ୍ରାଚୀନ । ଏଥିରେ ସାହସ ଓ ଯୋଦ୍ଧା ମନୋବୃତ୍ତି ପ୍ରକାଶିତ ହୋଇଥାଏ । ଏହି ନାଟ୍ୟ ରୂପରେ କାହାଣୀ ଅପେକ୍ଷା ମୁଦ୍ରା ସହଯୋଗରେ

ଭାବଭଙ୍ଗୀ ପ୍ରକାଶ କରାଯାଇଥାଏ । କଥାକଳୀ ନୃତ୍ୟରେ ଯୋଦ୍ଧୃ ମନୋଭାବର ଆଧିକ୍ୟ ଥିଲେ ହେଁ ଶ୍ରୋତୃ ମଣ୍ଡଳୀଙ୍କ ମନରେ ଧର୍ମଭାବ ଜାଗରଣର ସହାୟକ ବୋଲି ମନେ କରାଯାଏ । ଶୁଣାଯାଏ ଦ୍ୱିତୀୟ ଶତାବ୍ଦୀରେ 'ଚକ୍କୀୟା'ର ନାମକ ଏକ ଜାତି ଏ ପ୍ରକାର ନାଟକ କରୁଥିଲେ । ଯାହାକି 'କୁଡ୍ଡିୟଟମ୍' ନାମରେ ଅଭିହିତ ହୋଇଥିଲା । ଯକ୍ଷଗାନ ପରି ଏହି ଧରଣର ଏକ ଲୋକନାଟ୍ୟ 'ପୁତୁଳାନାଚ' ମଧ ପ୍ରଚଳିତ ହୋଇଥିଲା । ଯକ୍ଷ ଗାନକୁ ବାୟା ଲତା (ମୁକ୍ତ ସ୍ଥାନର ଅନୁଷ୍ଠାନ), ତେଲୁଗୁ ଭାଷାରେ 'ବାଥି ନାଟକ' (ରାସ୍ତାର ନାଟ୍ୟାନୁଷ୍ଠାନ) କୁହାଯାଉଥିଲା । ଏତଦ୍ ବ୍ୟତୀତ ବିଭିନ୍ନ ସ୍ଥାନରେ ଛାୟା ନାଟକ, ପୁତୁଳା ନାଚ ଏବଂ ଅଙ୍କିତ ଚିତ୍ରର ଅନୁଷ୍ଠାନ (ପାଟୁଆ) ପ୍ରଭୃତି ଅନୁଷ୍ଠାନମାନ ସୃଷ୍ଟି ହୋଇଥିଲା । ଏଥି ସହିତ ଦେବତା ମାନଙ୍କର ବିଶେଷ ପୂଜା ଅଥବା କୃଷି ଉତ୍ସବ ଉପଲକ୍ଷରେ ପୌରାଣିକ କାହାଣୀ ଓ କିମ୍ବଦନ୍ତୀର ଘଟଣା ଅବଲମ୍ବନ ପୂର୍ବକ ମୂକାଭିନୟ ପ୍ରଭୃତି ଅନୁଷ୍ଠିତ ହେଉଥିଲା ।

ଓଡ଼ିଶା, ବିହାର ଓ ପଶ୍ଚିମବଙ୍ଗର ସନ୍ନିହିତ ଅଞ୍ଚଳର ପ୍ରଚଳିତ ନୃତ୍ୟ ନାଟ୍ୟର ପ୍ରାଚୀନତମ ରୂପ ଛଉ ନାଚ । ଏଥି ସହିତ ପ୍ରଚଳିତ ଉପଗ୍ରର ଶିବ ପାର୍ବତୀଙ୍କ ବିବାହ କାହାଣୀ ସମ୍ବଳିତ । ଛଉରେ ବୀର ଓ ଲାସ୍ୟ ଧର୍ମୀ ଦୁଇ ପ୍ରକାର ଭାବର ନାଚ ହୁଏ । ଏଥିର ବିଷୟବସ୍ତୁ, ଅଙ୍ଗଭଙ୍ଗୀ, ବ୍ୟବହୃତ ବାଦ୍ୟ ଓ ଅସ୍ତ୍ରଶସ୍ତ୍ର ସମସ୍ତ ଏକ ସମର ଭିତ୍ତିକ ନାଚର ପ୍ରମାଣ ବହନ କରେ । ଓଡ଼ିଶୀ, ନାଚୁଣୀ, ପାନ୍ତା ପ୍ରଭୃତି ନାଚର ପ୍ରଭାବରେ ଛଉରେ ଲାସ୍ୟ ଧର୍ମୀ ନାଚର ପ୍ରଚଳନର କାରଣ ହୋଇପାରେ । ଏ ଅଞ୍ଚଳରେ ପ୍ରଚଳିତ ପାଇକ, ପାଇକାଳି, ସାଧନ, ନାଚୁଆ, ଡାଣ୍ଡା ପ୍ରଭୃତି ବୀର ଧର୍ମୀ ନାଚ ପ୍ରଭାବାନ୍ୱିତ ଛଉ ଏକ ପ୍ରାଚୀନତମ ନୃତ୍ୟନାଟ ଭାବରେ ନିଜର ସ୍ଥିତି ସୁଦୃଢ଼ କରିଛି ।

ମୁଖାଯୁକ୍ତ ଓ ମୁଖାହୀନ – ଏପରି ଦୁଇ ପ୍ରକାର ଛଉ ନାଚ ଅଛି । ଏହା ଏକ ମୂକ ନାଚ । ନର୍ତ୍ତକ ଶାରୀରିକ ଅଙ୍ଗଭଙ୍ଗୀ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରନ୍ତି । ନିଜ ମୁଖରେ ଗୀତ ବୋଲନ୍ତି ନାହିଁ । ଏଥିରେ ସଂଳାପ ନାହିଁ । ମଞ୍ଚର ପାର୍ଶ୍ୱରୁ ଗାୟକ ଗୀତ ଗାନ କରନ୍ତି ଓ ବାଦକମାନେ ବାଦ୍ୟ ଯନ୍ତ୍ରରେ ଧ୍ୱନି ସୃଷ୍ଟି ସହ ତାଳର ଲହର ଧରନ୍ତି ।

ପ୍ରାକୃତିକ, ପଶୁପକ୍ଷୀ ସମ୍ବନ୍ଧୀୟ, ପୌରାଣିକ, ମହାକାବ୍ୟିକ, ଐତିହାସିକ, ସାମାଜିକ ବିଷୟବସ୍ତୁ ସମ୍ବଳିତ ନାଚ ଛଉରେ ପ୍ରଦର୍ଶିତ ହୁଏ ।

ପୂର୍ବେ ଛଉରେ କାଠ, କଖାରୁ, ବାଉଁଶ ଚମଡ଼ାରେ ନିର୍ମିତ ମୁଖା ବ୍ୟବହୃତ ହେଉଥିଲା । ଏବେ ଓଡ଼ିଶାର ବାରିପଦା ବ୍ୟତୀତ ମୟୂରଭଞ୍ଜର ସୀମାନ୍ତ କେତେକ ସ୍ଥାନ ସହିତ ଷଡ଼େଇକଳା, ସିଂଭୂମ ଓ ଅନ୍ୟ ଅଞ୍ଚଳ ଏବଂ ପୁରୁଲିଆ ଅଞ୍ଚଳରେ କାଗଜ, କନା ଏବଂ କାଦୁଅରେ ନିର୍ମିତ

ମୁଖା ବ୍ୟବହୃତ ହେଉଅଛି । ପାରମ୍ପରିକ ଅଙ୍ଗାଭରଣ, ଅଳଙ୍କାର, ମୁଖା, ପକ୍ଷୀର ପର, ତାଳପତ୍ର ଆଦିରେ ସଜ୍ଜିତ ହୋଇ ଛଉ ଶିଳ୍ପୀଗଣ ନୃତ୍ୟ ପ୍ରଦର୍ଶନ କରନ୍ତି ।

ଛଉରେ ନାରୀ ଭୂମିକାରେ ପୁରୁଷ ଅଭିନୟ କରନ୍ତି । ଏହା ଏକ ବୀରତ୍ୱ ବ୍ୟଞ୍ଜକ କଠିନ ନାଚ ହୋଇଥିବାରୁ (କିମ୍ବା ଭାରତୀୟ ସମାଜରେ ଭକ୍ତି ଆନ୍ଦୋଳନ ଫଳରେ କଠୋର ଓ ପବିତ୍ର ସାଧକ ଜୀବନରେ ଶକ୍ତି ଆହରଣର ପ୍ରତିବନ୍ଧକ ସ୍ୱରୂପ ନାରୀ ଅସହଚର୍ଯ୍ୟ ଏକ କରଣ ବି ହୋଇପାରେ) ଏଥିରେ ନାରୀମାନେ ଅଂଶଗ୍ରହଣ କରିବା ସମ୍ଭବ ହୋଇନାହିଁ । ସାଂପ୍ରତିକ କାଳରେ ଛଉରେ ନାରୀମାନଙ୍କର ସଫଳ ଅଂଶଗ୍ରହଣ ଅଭିନନ୍ଦନୀୟ । ଅତୀତରେ ବହୁ ପରିବର୍ତ୍ତନ, ସଂଯୋଜନ ଓ ପରିମାର୍ଜନ ସଂଘଠିତ ହୋଇଥିବା ନ୍ୟାୟରେ ଛଉ ନାଚରେ ନାରୀମାନେ ଅଂଶ ଗ୍ରହଣ କରିପାରନ୍ତି । ଲୋକନାଚରେ ପରମ୍ପରାର ସ୍ୱୀକାର ଓ ସଂରକ୍ଷଣ କରାଯିବା ଲୋକନାଚ ବିଶେଷଜ୍ଞ ମାନଙ୍କର ମତ । ଏହି ପରିପ୍ରେକ୍ଷୀରେ ଦୁରୂହ ଶକ୍ତି ବ୍ୟଞ୍ଜନା ଯଦି ଛଉ ନାଚରେ ସର୍ବଶ୍ରେଷ୍ଠ ପ୍ରୟୋଜନୀୟ ଭୂଷଣ ହୁଏ, ତେବେ ଯେ କୌଣସ ପରିବର୍ତ୍ତନ, ସଂଯୋଜକ ଓ ପରିମାର୍ଜନ ବେଳେ ଏହା ସୁବିଚାରର ଅପେକ୍ଷା ରଖେ ।

ଛଉ ନୃତ୍ୟ ମୁକ୍ତ ଆକାଶତଳେ, ମନ୍ଦିର ପ୍ରାଙ୍ଗଣ, ରାଜପ୍ରାସାଦ ଅଙ୍ଗନରେ ଅଭିନୀତ ହେଉଥିଲା । ଏବେ ମଧ ହେଉଛି । ଛଉରେ ବ୍ୟବହୃତ ମଞ୍ଚର ରୂପ ଗୋଲାକାର, ବର୍ଗାକାର, ଆୟତାକାର, ନେପଥ୍ୟ ରଚନା ନିମନ୍ତେ ମଞ୍ଚଠାରୁ ଅଳ୍ପ ଦୂରରେ ସଜା ନିମନ୍ତେ, ମୁକ୍ତ ପ୍ରାଙ୍ଗଣ ବ୍ୟବହୃତ ହୁଏ କିମ୍ବା ଅସ୍ଥାୟୀ ସାଜ ଘର ତିଆରି ହୋଇଥାଏ । ଅଭିନେତା ଗଣ, ବାଦ୍ୟଯନ୍ତ୍ରର ତାଳେ ତାଳେ ସାଜଘର ମଞ୍ଚ ପର୍ଯ୍ୟନ୍ତ ନାଚି ନାଚି ଆଗମନ କରନ୍ତି । ମଞ୍ଚରେ ଛଉ ନାଚ ଆରମ୍ଭ ପୂର୍ବରୁ ପୂଜା ଅର୍ଚ୍ଚନା, ଦେବାରଧନା ଅନୁଷ୍ଠିତ ହୁଏ । ଛଉ ନୃତ୍ୟରେ ଯେଉଁ ପତାକ ଦଣ୍ଡ ପୂଜିତ ହୁଏ ତାହା ନାଟ୍ୟ ଶାସ୍ତ୍ରର ଜର୍ଜର ଦଣ୍ଡର ପ୍ରତୀକ । ନାଟ୍ୟଶାସ୍ତ୍ରରେ ପୂର୍ବରଙ୍ଗ ପରି ଛଉ ନାଚ ଆରମ୍ଭରେ ରଙ୍ଗବାଜା (ଢୋଲ, ମହୁରୀ ଓ ନାଗରା)ର ସମ୍ମିଳିତ ଧ୍ୱନିରେ ଆସର ଝଙ୍କୃତ ହୋଇଉଠେ । ଆସର (ନୃତ୍ୟସ୍ଥଳ)ର ବିଘ୍ନ ଶାନ୍ତି ଅଥବା ଅଭିନେତା ଗଣ ନିର୍ବିଘ୍ନରେ ନାଚ ପରିବେଶଣ ପୂର୍ବରୁ ଏହା ହିଁ ମଙ୍ଗଳ ସୂଚକ ବାଦ୍ୟ ।

ଛଉରେ ନୃତ୍ୟ ଗୁରୁ (ଓସ୍ତାଦ୍) ଯେ ନୃତ୍ୟ ଶିକ୍ଷା ଦିଅନ୍ତି, ପ୍ରଦର୍ଶନ ସମୟରେ ସେ ନୃତ୍ୟ ପରିଚାଳନା କରିଥାନ୍ତି । ଉସ୍ତାଦ୍ ନିଜେ ଗୀତିକାର ହୋଇପାରନ୍ତି । ସେ ଜଣେ କବି ଓ ବହୁ ଶାସ୍ତ୍ରଧର ପ୍ରତିଭା ସଂପନ୍ନ ବ୍ୟକ୍ତି । ସେ ନିଜେ ଗୀତ ରଚନା କରି କିମ୍ବା ଅନ୍ୟ ପ୍ରତିଷ୍ଠିତ କବିଙ୍କର ଗୀତ ଗାନ କରିପାରନ୍ତି ।

ଛଉ ନୃତ୍ୟରେ ବର୍ତ୍ତମାନ 'ନାଟ୍ୟଶାସ୍ତ୍ର' ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ଅନ୍ତର୍ନିହିତ ଯଥା- ପ୍ରଥମତଃ, ଲୋକଶିକ୍ଷା ଅନ୍ୟ ପାରମ୍ପରିକ ନାଟ୍ୟ ଓ ନୃତ୍ୟ – ନାଟ୍ୟ ପରି ଛଉରେ ପ୍ରାକୃତିକ, ପୌରାଣିକ, ମହାକାବ୍ୟିକ, ସାମାଜିକ, କାଳ୍ପନିକ, ଐତିହାସିକ ବିଷୟବସ୍ତୁ ଆଧାରିତ ନୃତ୍ୟ ପରିବେଶିତ ହୁଏ । ସାମାଜିକ ମାନଙ୍କୁ ଶିକ୍ଷା ଦେବା ପାଇଁ ଧର୍ମର ଜୟ ପାପର କ୍ଷୟ, ଦୈବୀ ଓ ଆସୁରିକ ଶକ୍ତି ମଧ୍ୟରେ ମୌଳିକ ଦ୍ୱନ୍ଦକୁ ପରିବେଶିତ କରାଯାଇ ଥାଏ । ପରିଣତି ସ୍ୱରୂପ, ଭଲମନ୍ଦର ଚିରନ୍ତନ ଦ୍ୱନ୍ଦ ପ୍ରକୃତିର ସାବଲୀଳ ଧର୍ମକୁ ରକ୍ଷା କରିବା, ସମାଜରେ ଆଦର୍ଶମୟ ଜୀବନଯାପନ ସହିତ ଭୌତିକ ସମୃଦ୍ଧି ଓ ଶାନ୍ତିର ଆବଶ୍ୟକତାର ଉତ୍କର୍ଷ ପ୍ରତିପାଦିତ କରିଥାଏ । ଛଉରେ କଥନ ଓ ଗାନର ଅଭାବ ଥିଲେ ହେଁ ଶରୀରର ବିଭିନ୍ନ ଭଙ୍ଗୀ ମାଧ୍ୟମରେ କଥା ବସ୍ତୁର ସୁଷ୍ଠୁ ପରିବେଷଣ ହୋଇଥାଏ । ବେଶ ପୋଷାକ, ମୁଖା ଓ ସଜ୍ଜା ଶୈଳ ଦ୍ୱାରା ଚରିତ୍ରର ଭାବ ପ୍ରକାଶିତ ହେବା ସଂଗେ ସଂଗେ ଦର୍ଶକ ଚରିତ୍ରର ଉପସ୍ଥିତି ଘନିଷ୍ଠ ଭାବରେ ଉପଲବ୍ଧି କରେ । ଅଭିନେତାଗଣ ଅଭିନୟ ସଂପର୍କିତ ସମସ୍ତ କଳା କୌଶଳ ପ୍ରବୀଣ ହୋଇଥାନ୍ତି ।

ଦ୍ୱିତୀୟତଃ: ସବୁଜାତିର ଲୋକଙ୍କର ଶ୍ରାବ୍ୟ, ଦୃଶ୍ୟ ଓ କ୍ରିଡ଼ାମୟ ଯୋଗ୍ୟ ସାହିତ୍ୟ । ଛଉ ନୃତ୍ୟରେ ଉଚ୍ଚତମ ଓ ନିମ୍ନତମ ସାମାଜିକ ଗୋଷ୍ଠୀ ମଧ୍ୟରେ ବିଭେଦ ଲୁଣ୍ଠି ଏକ ଉଲ୍ଲେଖଯୋଗ୍ୟ ବିଷୟ । ଆଖଡ଼ା କିମ୍ବା ନୃତ୍ୟ ପରିବେଷଣ ଓ ପର୍ବ ସମୟରେ ରାଜାଙ୍କ ସହିତ ପ୍ରଜାଙ୍କର, ବ୍ରାହ୍ମଣ ସହିତ ହାଡ଼ି, ପାଣ ସମସ୍ତେ କାନ୍ଧକୁ କାନ୍ଧ ମିଳାଇ ନୃତ୍ୟ ଅନୁଷ୍ଠାନ ସଫଳ କରାଇଥାନ୍ତି । ନୃତ୍ୟ ଅବସରରେ ବିଭିନ୍ନ ଜାତି, ଗୋଷ୍ଠୀ, ଧନୀ, ନିର୍ଦ୍ଧନ, ରାଜା ପ୍ରଜାଙ୍କ ମଧ୍ୟରେ ବିଭେଦ ଲୁପ୍ତ ହୁଏ । ହିନ୍ଦୁ ସମାଜ ବ୍ୟବସ୍ଥାରେ ହାଡ଼ି, ପାଣ, ଘାସି, ସହିସ ଜାତିର ଲୋକେ 'ନୀଚ' ହୋଇଥିଲେ ହେଁ ଚଇତ୍ର ପର୍ବ ଓ ଛଉ ନୃତ୍ୟରେ ସେମାନେ ବାଦ୍ୟକାର ଭାବରେ ମୁଖ୍ୟ ଅଂଶ ଗ୍ରହଣ କରିଥାନ୍ତି । ଏତଦ୍ ବ୍ୟତୀତ ସାଧାରଣ ସମୟରେ ରାଜାଙ୍କ ସହିତ ପ୍ରଜାଙ୍କର ସାକ୍ଷାତ ଓ ମିଳାମିଶା ବିରଳ ହେଲେ ହେଁ ଚଇତ ପରବ ଓ ଛଉ ନୃତ୍ୟ ସମୟରେ ଏହା ଅବାଧ ହୋଇଥାଏ । ପରବର ପରିଣାମ ସ୍ୱରୂପ ଆଦର୍ଶ ବ୍ୟବହାର, ଧର୍ମ, ସଂସ୍କୃତିର ସ୍ୱାଭାବିକ ଶିକ୍ଷା ଘଟିବା ସହିତ ପରସ୍ପର ମଧ୍ୟରେ ଘନିଷ୍ଠତା ବଢ଼ିଥାଏ । ଆନୁଷ୍ଠାନିକ ଉପଚାର ସଂପାଦନଠାରୁ ଆରମ୍ଭ କରି ଆସରରେ ନୃତ୍ୟ ପରିବେଷଣ ପର୍ଯ୍ୟନ୍ତ ସବୁ ସମୟରେ ସହାବସ୍ଥାନ, ପ୍ରେମ, ମୈତ୍ରୀ ବନ୍ଧନର ଭାବ ପ୍ରକାଶିତ ହୋଇଥାଏ । ସବୁ ଜାତି ଓ ଗୋଷ୍ଠୀର ଲୋକ ଏକ ସ୍ଥାନରେ ଏକା ସାଙ୍ଗରେ ନୃତ୍ୟ, ନାଟ୍ୟାଭିନୟ ବାଦ୍ୟର ଶ୍ରବଣ, ଦର୍ଶନ କରିବା ସହିତ ନାଟ ଉପଭୋଗ କରନ୍ତି । ଏଥିରେ କୌଣସି ପ୍ରକାର ବାଧା ଉପୁଜେ ନାହିଁ । ବିଶେଷକରି ଛଉ ନାଟ ଏକ ସାମରିକ କୌଶଳପୂର୍ଣ୍ଣ କ୍ରୀଡ଼ା ହୋଇଥିବାରୁ ଏଥିରେ ପ୍ରତିଭାର ବିକାଶ ନିମନ୍ତେ ସାମନ ସୁଯୋଗ ରହିଥାଏ ।

ତୃତୀୟତଃ ଆନନ୍ଦଦାନ:

ଏହି ପରିପ୍ରେକ୍ଷୀରେ ପରବର ସୁଷ୍ଠୁ ସଂପାଦନ ହେବା ସହିତ ଏ ନୃତ୍ୟ ନାଟ୍ୟର ପରିବେଷଣରେ ନୃତ୍ୟକାରୀ ସହ ସାମାଜିକ ଅଥବା ଉପଭୋକ୍ତାର ଆନନ୍ଦ ପ୍ରାପ୍ତି ମୁଖ୍ୟ ବିଷୟ ହୋଇଥାଏ । ଏତଦ୍ ବ୍ୟତୀତ ଛଉ ନାଟ ଅଭିନୟ କାଳରେ ନୃତ୍ୟକାରୀ ଓ ଦର୍ଶକ ଉଭୟେ ସୁଖ ଲାଭ କରନ୍ତି । ବୀର ଭୂମିକାରେ ଅବତୀର୍ଣ୍ଣ ନୃତ୍ୟକାରୀଙ୍କର ସୁଖ ବୀରତ୍ୱ ପ୍ରଦର୍ଶନରେ ପ୍ରେମିକର ସୁଖପ୍ରୀତି ସଞ୍ଚାର ଓ ମିଳନରେ ଘଟିଥାଏ । ଅଭିନୟ ପ୍ରଦର୍ଶନ ଫଳରେ ଦ୍ରଷ୍ଟା ମନରେ ସଂପୂର୍ଣ୍ଣ ଆନନ୍ଦ ପ୍ରାପ୍ତି ନିମନ୍ତେ ଯୁଗପତ୍ ଲିପ୍ସା ସୃଷ୍ଟି ହୁଏ । ଛଉ ନୃତ୍ୟରେ ପ୍ରଧାନତଃ ଦୁଇ ଗୋଟି ରସ ଉପଲବ୍ଧ ହେଉଥିଲେ ହେଁ ଅନ୍ୟ ରସରେ ସମ୍ମେଳନ ଘଟିଥାଏ ।

ରାଜାଙ୍କର ରାଜ୍ୟାଭିଷେକ, ଯୁବ ରାଜାଙ୍କର ଜନ୍ମ, ବିଶିଷ୍ଟ ଅତିଥିଙ୍କ ଆଗମନ, ଶତ୍ରୁଜୟ ଅଥବା ଋତୁ ଉତ୍ସବ ଉପଲକ୍ଷେ ନାଟ୍ୟାଭିନୟର ବ୍ୟବସ୍ଥା ହେବା ପରି ଏସବୁ ଉପଲକ୍ଷରେ ଏଇ ସବୁ ଅଞ୍ଚଳରେ ଛଉ ନାଟ ପରିବେଶିତ ହେଉଥିଲା । ଋତୁ ଉତ୍ସବ ସମୟରେ ଦେବ ମନ୍ଦିରକୁ କେନ୍ଦ୍ର କରି ନୃତ୍ୟ ନାଟ୍ୟ ପରିବେଶିତ ହେଉଥିଲା । ଆଜି ବି ହେଉଛି । ପଣ୍ୟ ଦ୍ରବ୍ୟର ନେଣଦେଣ ହେଉଥିଲା । ଆଜି ବି ଏସବୁର କିଣାବିକା ହେଉଛି । ଭବିଷ୍ୟତରେ ବିବାହ ନିମନ୍ତେ ବଧୂ ନିର୍ବାଚନ, ବନ୍ଧୁତ୍ୱ ସଂପାଦନ ପ୍ରଭୃତି ସାମାଜିକ ପ୍ରୟୋଜନ ପ୍ରକ୍ରିୟା ସଂଘଟିତ ହେଉଥିଲା । ସମ୍ମିଳିତ ହେବା ଫଳରେ ସମାଜ ବିଭିନ୍ନ ଜାତିର ଲୋକଙ୍କ ମଧ୍ୟରେ ଭେଦଭାବ ଦୂରୀଭୂତ ହୋଇ ସ୍ନେହ ବନ୍ଧନ ସୃଷ୍ଟି ହେଉଥିଲା । ଏବେ ବି ହେଉଛି । ଆଜି ବି ଚଇତ୍ର ପରବ ଓ ଛଉ ନୃତ୍ୟ, ଏ ସବଗ୍ର ଭୂଭାଗର ଜନ ସାଧାରଣଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଜୀବନର ଏକ ଅପରିହାର୍ଯ୍ୟ ଅଂଶ ରୂପେ ନାନ ଭାବରେ ଲୋକ ଜୀବନକୁ ପ୍ରଭାବିତ କରୁଅଛି ।

ଛଉରେ ପୌରାଣିକ ମହାକାବ୍ୟିକ ବିଷୟ ବସ୍ତୁ ପରିବେଷଣ ସହିତ ଧର୍ମୀୟ ଅନୁଷ୍ଠାନ ସହ ସଂଯୋଗ ଏହାକୁ ସମଗ୍ର ରାତ୍ରିର ଅନୁଷ୍ଠାନରେ ପରିଣତ କରିଛି । ବିଶେଷତଃ, ଧର୍ମାର୍ଜନ ନିମନ୍ତେ ସାରା ରାତି ଉଜାଗର ରହି ଶିବାରାଧନା କରିବାର ବିଧି ପାଳନରର ସହ ଜାତିର ପନ୍ଥା ରୂପେ ଆରାଧ୍ୟ ଦେବତା ଓ ବିଭିନ୍ନ ଦେବଦେବୀଙ୍କର ମହିମା ଦର୍ଶନ ଫଳରେ ଛଉ ପ୍ରଦର୍ଶନର ଉଦ୍ଦେଶ୍ୟ ସଫଳ ହୋଇଛି ।

ଆଗେ ରାଜା ମହାରାଜାଙ୍କ ଅମଳରେ ପ୍ରାସାଦ ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ଦିନରେ ହିଁ ଛଉ ନାଟ ଅନୁଷ୍ଠିତ ହେଉଥିଲା । ପରିବର୍ତ୍ତିତ ପରିସ୍ଥିତିରେ ସମଗ୍ର ଅଞ୍ଚଳରେ ଛଉ ବର୍ତ୍ତମାନ

ନୃତ୍ୟ-ନାଟ ପର୍ଯ୍ୟାୟରେ ପ୍ରତିଷ୍ଠିତ ହୋଇଛି । ନାଟ୍ୟ ଶାସ୍ତ୍ର ପ୍ରଭାବିତ ଛଉ ନାଟ ଭରତଙ୍କ ଉଦ୍ଦେଶ୍ୟ ସୁଷ୍ଠୁ ଭାବରେ ସଂପନ୍ନ କରୁଅଛି ।

ଛଉ ଏକ ମୂକ ନାଚ । ଏଥିରେ ବିଷୟ ବସ୍ତୁବେଳେ ଅଭିନୟ ମାଧମରେ ପ୍ରଦର୍ଶିତ ହୁଏ । ଅଭିନୟ ସାଙ୍ଗକୁ ବାଦ୍ୟଯନ୍ତ୍ରର ସ୍ୱର ସଙ୍ଗତି ନାଟକୁ ଉପଭୋକ୍ତା ବା ଦର୍ଶକ ନିକଟରେ ପ୍ରାଣବନ୍ତ କରି ତୋଳେ । ନୃତ୍ୟର ଆରମ୍ଭରୁ ରଙ୍ଗ ଶୀର୍ଷରୁ ବାଦ୍ୟଯନ୍ତ୍ରର ତାଳେ ତାଳେ ନୃତ୍ୟକାରୀ ନାଚି ନାଚି ଆସନ୍ତି ମଞ୍ଚ ଉପରକୁ । ମଞ୍ଚ ଉପରେ ଅଭିନୟ ଦ୍ୱାରା ବିଷୟ ବସ୍ତୁ ପରିବେଶଣ କରନ୍ତି । ମଞ୍ଚର ପାର୍ଶ୍ୱ ଦେଶରେ ଦଣ୍ଡାୟମାନ ଗାୟକ / ଗୁରୁ / ଓସ୍ତାଦ୍ ବିଷୟଟିର ଭାବକୁ ଗୀତରେ ବୟାନ କଲାବେଳେ ବାଦ୍ୟକାର ମାନେ ବାଦ୍ୟ ଯନ୍ତ୍ରରେ ସ୍ୱର ଲହର ସୃଷ୍ଟି କରନ୍ତି । ବାଦ୍ୟଯନ୍ତ୍ରରୁ ଉତ୍ପନ୍ନ ଧ୍ୱନିକୁ ଶ୍ରବଣ କରି ନୃତ୍ୟକାରୀ ଆସରରେ ନୃତ୍ୟ ସହ ପ୍ରୟୋଜନୀୟ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରି ବିଷୟର ଭାବ ପ୍ରକାଶ କରନ୍ତି । ମୁଖାଯୁକ୍ତ ନାଚରେ ଚରିତ୍ରର ଉପସ୍ଥିତି ସହଜ ହେଉଥିଲା ବେଳେ ମୁଖା ହୀନ ନାଚରେ ଚରିତ୍ରର ମୁଖମଣ୍ଡଳରେ  ବିଭିନ୍ନ ଭାବର ଉପଲବ୍ଧି ସୂକ୍ଷ୍ମ ଭାବେ ପରିସ୍ଫୁଟିତ ହୁଏ । ବିଭିନ୍ନ ତାଳର ଅବଲମ୍ବନରେ ନାଚ ଅନୁଷ୍ଠିତ ହୁଏ । ଆଦ୍ୟ, ମଧ୍ୟ, ଦ୍ରୁତ ଲୟ ସହ ନୃତ୍ୟ ଚାଲେ । ନାଚର ଶେଷରେ ନାଟ୍‌କୀ ବା ନାଟପାଳି ବେଳକୁ ବାଦ୍ୟ ଯନ୍ତ୍ରରେ ଅତି ଦ୍ରୁତ ଲୟ ସୃଷ୍ଟି ହୋଇ ନୃତ୍ୟ ସମାପ୍ତ ହୁଏ । (ଏହା ଏକ ମୂକ ନାଚ ହେବାର କାରଣ ସମ୍ଭବତଃ ଚରିତ୍ରଗତ ମୁଖା ଲଗାଇ ନାଚୁ ଥିବାରୁ କଥା ହେବା ସମ୍ଭବ ନଥିଲା, କିମ୍ବା ପାଇକଗଣ ସମରାଭିନୟ ପ୍ରଦର୍ଶନ କାଳରେ ନିଜ ମୁଖରେ କଥା ହେବାର ସୁଯୋଗ ପାଇନାହାନ୍ତି ।) ଚିତ୍ର ବିଚିତ୍ର ମୁଖା ମାନ ଲଗାଇ (ଛବି/ଛାୟା) ନାନା ପ୍ରକାର ଅଙ୍ଗଭଙ୍ଗୀ (ଛଉ ପ୍ରଦର୍ଶନ, ବିଭିନ୍ନ ଚରିତ୍ରର ଭାବଭଙ୍ଗୀ ଅନୁକରଣ କରି ଅଭିନୟ କରୁଥିବାରୁ ଏହା ଛଉ ହୋଇଥିବ କିମ୍ବା ଶିକାର ଅଥବା ଯୁଦ୍ଧ ସମୟରେ ଛାଉଣୀରେ ପାଇକମାନେ ଯେଉଁ ସମରାଭିନୟ ଓ ଯୁଦ୍ଧ କୌଶଳ ପ୍ରଦର୍ଶନ କରୁଥିଲେ ସେଇ କାରଣରୁ ଏହା ଛଉ ନାଚ ନାମରେ ନାମିତ ହୋଇଥିବ । କେତେକ ଅଞ୍ଚଳରେ ଏହା ଛ/ଛୋ ନାମରେ କଥିତ ହେଉଥିଲେ ହେଁ ପ୍ରଥମୋକ୍ତ ଚିତ୍ରବିଚିତ୍ର ମୁହାଁ ସବୁକୁ ଛ/ଛୋ କୁହାଯାଇଥାଏ । ସୁତରାଂ ଛଉ ମୂଳତଃ ମୁଖାନାଟ ।

ସମର ନୃତ୍ୟ ଏବଂ ବୀର କଥା ଦକ୍ଷିଣାଞ୍ଚଳର ଲୋକ ନାଟରେ ଯେପରି ମୌଳିକତା ରକ୍ଷା କରିଛି ଉତ୍ତରାଞ୍ଚଳରେ ତାହା ସେପରି ପରମ୍ପରା ରଖି ପାରିନାହିଁ । ଏହାର କାରଣ ସ୍ୱରୂପ କୁହାଯାଇ ପାରେ ଯେ, ଭକ୍ତିବାଦ ହିଁ ଏ ଅଞ୍ଚଳରେ ଲୋକନାଟ୍ୟ ଉପରେ ବହୁଳ ପ୍ରଭାବ ବିସ୍ତାର କରିଥିଲା । ଶ୍ରୀଚୈତନ୍ୟ (୧୪୮୬-୧୫୩୩ ଖ୍ରୀ.ଅ.) ସେତେବେଳର ସମାଜରେ ପ୍ରଚଳିତ

ଲୋକନାଟ୍ୟକୁ ଅବଲମ୍ବନ କରି ସମାଜରେ ଭକ୍ତିବାଦର ପ୍ରଚାର କରିଥିଲେ । ସେ ଲୋକନାଟ୍ୟକୁ ସେ ଦେଇଥିଲେ ନୂତନ ଶକ୍ତି ଓ ବିଶେଷ ଖ୍ୟାତି । ସେ ନିଜେ ଗୀତ ଓ ସଂଳାପ ରଚନା କରିବା ସହିତ ଅଭିନୟ କରୁଥିଲେ ।

ସମଗ୍ର ଗାଙ୍ଗେୟ ଉପତ୍ୟକାର ଲୋକନାଟ୍ୟକୁ ଯାତ୍ରାଭିନୟ ପ୍ରଭାବିତ କରିଅଛି । ଯାତ୍ରାର ପ୍ରତ୍ୟକ୍ଷ ପ୍ରଭାବ ନାଟ୍ୟାଭିନୟକୁ ମନ୍ଦିର ଓ ଧର୍ମୀୟ ଉତ୍ସବ ସହିତ ସଂଶ୍ଳିଷ୍ଟ କରିଥିଲା । ଧର୍ମୋପଦେଶ ପ୍ରଚାର କରିବା ଥିଲା ଏହାର ମୂଳ ଉଦ୍ଦେଶ୍ୟ । ଏହି ଉଦ୍ଦେଶ୍ୟ ପୂରଣ କରିବା ନିମନ୍ତେ କୃଷ୍ଣ ଓ ରାମଙ୍କ ସମ୍ବଳିତ ରଚନା ଭାଗବତ, ରାମାୟଣ ଓ ମହାଭାରତରୁ ବିଷୟ ନିର୍ବାଚନ ହେଉଥିଲା । ଭକ୍ତିବାଦ ପ୍ରଚାରର ମାଧ୍ୟମ ହେବା ସଂଗେ ସଂଗେ ଲୋକନାଟ୍ୟର ଏକ ଉପକାର ହୋଇଥିଲା । ସାମାଜିକ ଜୀବନରେ ଏହାର ସ୍ଥିତି ସୁଦୃଢ଼ ହୋଇ ଉଠିଲା । ନାଟ୍ୟାନୁଷ୍ଠାନ ଏକ ଧର୍ମୀୟ ଆର୍ଯ୍ୟ ରୂପେ ପ୍ରତିଷ୍ଠିତ ହେଲା । ନାଟକରେ କୌଣସି ଭୂମିକାରେ ଅଭିନୟ କରିବା କର୍ମ ଭାବରେ ସ୍ୱୀକୃତ ହେଲା । କୌଣସି ମାତାର ଏକମାତ୍ର ପୁତ୍ର ଅଭିନୟରେ ଅଂଶଗ୍ରହଣ କଲା । ଏହାର କାରଣ ଅଭିନୟ ଦକ୍ଷତା ଯୋଗୁଁ ହେଉ ନଥିଲା । ଏକାଧିକ ପୁତ୍ର ନଷ୍ଟ ହେଲା ପରେ ତାର ମାତା ଦେବତାଙ୍କ ପାଖରେ ମାନସିକ କରିଥିଲା । ଏଥର ପୁତ୍ର ସନ୍ତାନ ଜାତ ହେଲେ ଗ୍ରାମର ବାର୍ଷିକ ନାଟ୍ୟାନୁଷ୍ଠାନରେ ସେ ଅଭିନୟ କରିବ । ଏପରି ଅନୁଷ୍ଠାନଟି ସମଗ୍ର ଗ୍ରାମର ଯୌଥ ପ୍ରୟାସରେ ଅନୁଷ୍ଠିତ ହେଉଥିଲା । ଅନୁଷ୍ଠାନର ଦିନଟି ସମଗ୍ର ଗ୍ରାମବାସୀଙ୍କ ପାଇଁ ଜାତି ବର୍ଣ୍ଣ ନିର୍ବିଶେଷରେ ଏକ ବିଶେଷ ଦିନ ରୂପେ ଗଣ୍ୟ ହେଉଥିଲା । ଆବାଳବୃଦ୍ଧ ବନିତା ସୁସଜ୍ଜିତ ହୋଇ ପୂର୍ଣ୍ଣ ପ୍ରାଣରେ ଏହାକୁ ପାଳନ କରୁଥିଲେ ।

ପୂର୍ବରୁ ଉଲ୍ଲେଖ କରାଯାଇଥିବା ଦେବଦାସୀ ପ୍ରଥା ତତ୍କାଳୀନ ସମାଜରେ ନାରୀ ଶିଳ୍ପୀମାନଙ୍କ ଭୂମିକାକୁ ଦେବତାଙ୍କ ନିକଟରେ ଅର୍ଘ୍ୟ ରୂପେ ଗ୍ରହଣ କରି ମନ୍ଦିର ତରଫରୁ ସେମାନଙ୍କର ଜୀବନ କର୍ମକୁ ନିର୍ବିଘ୍ନ କରାଯାଉଥିଲା । ବିଭିନ୍ନ କାରଣରୁ କାଳକ୍ରମେ ଲୋକନାଟ୍ୟ ଏହି ପରମ୍ପରାକୁ ଉପେକ୍ଷା କରିଥିଲା । ଭକ୍ତିବାଦର ପ୍ରଚାର ଫଳରେ ନାରୀ ଭୂମିକାରେ ପୁରୁଷ ଅଭିନୟ କରିବାକୁ ଲାଗିଲେ । ଏହା ମୁସଲମାନ କିମ୍ବା ମୋଗଲ ରାଜତ୍ୱର ପ୍ରଭାବର ଫଳ ବୋଲି ମନେ ହୁଏନାହିଁ । ଏହାର ମୂଳ କାରଣ ଏହି ଯେ, ଲୋକନାଟ୍ୟରେ ଯେଉଁସବୁ ନୃତ୍ୟ ପ୍ରଚଳିତ ହେଲା ତାହା ଥିଲା ଶକ୍ତି ବ୍ୟଞ୍ଜକ । ସାଧୁସନ୍ଥଙ୍କର ଧର୍ମୀୟ ପୃଷ୍ଠଭୂମି ଏସବୁ ଅନୁଷ୍ଠାନରେ ନାରୀମାନଙ୍କର ସହଚର୍ଯ୍ୟ ନିବାରଣ କରି ଥାଇପାରେ । ଅନ୍ୟ ପକ୍ଷରେ ଭକ୍ତିଧର୍ମର ପ୍ରଚାର ଫଳରେ କେତେକ ସ୍ଥାନରେ ରାଜା, ଜମିଦାର ମାନଙ୍କ ପୋଷକତାରେ

ରାଧାକୃଷ୍ଣ ପ୍ରେମଲୀଳା ପ୍ରଭାବିତ ନାରୀ ଶିଳ୍ପୀମାନେ ନୃତ୍ୟ ଗୀତାଦିରେ ନିଜ ଜୀବନକୁ ନିୟୋଜିତ କଲେ । ଏସବୁ ସପ୍ତଦଶ ଶତକର ଶେଷ ଭାଗରୁ ଆରମ୍ଭ ହୋଇ ବିଂଶ ଶତକର ମଧ୍ୟଭାଗ ପର୍ଯ୍ୟନ୍ତ କେତେକ ସମାଜରେ ପ୍ରଚଳିତ ଥିଲା । ଉଦାହରଣ ସ୍ୱରୂପ ବଙ୍ଗଳା, ବିହାର ଓଡ଼ିଶାର ସନ୍ନିହିତ ଅଞ୍ଚଳରେ ନାଚୁଣୀ ନାଚ ଏହାର ପ୍ରମାଣ । ଏ ସବୁ ମୋଗଲ ଦରବାରର 'ବାଇନୃତ୍ୟ' ପ୍ରଭାବିତ ନୃତ୍ୟଶିଳ୍ପ ।

ସପ୍ତଦଶ-ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଲୋକନାଟ୍ୟ ସଂସ୍କୃତ ନାଟକ ସ୍ଥାନରେ ନିଜକୁ ପ୍ରତିଷ୍ଠିତ କରି ସାମାଜିକ ସ୍ତରରେ ଆସ୍ଥାନ ଦୃଢ଼ୀଭୂତ କଲା । ମଞ୍ଚ ନିମନ୍ତେ କୌଣସି ସ୍ଥାନ ବ୍ୟତୀତ ରାସ୍ତାର ମୋଡ଼ କିମ୍ବା ଉନ୍ମୁକ୍ତ ପ୍ରାଙ୍ଗଣ ଏଥିପାଇଁ ଉପଯୁକ୍ତ ସ୍ଥାନ ରୂପେ ବିବେଚିତ ହେଲା । ଅଭିନେତା ମାନଙ୍କୁ ଏକ ନିର୍ଦ୍ଦିଷ୍ଟ ପେଶାଦାର ଜାତିରେ ପରିଣତ କଲା । ସାଧୁ ସନ୍ଥ ଓ ହରି କଥାର ଶିଳ୍ପୀମାନେ ଲୋକନାଟ୍ୟକୁ ନାଟ୍ୟ ଶାସ୍ତ୍ରର ପଦ୍ଧତି ଓ ପ୍ରକରଣ ଶିକ୍ଷା ଦେଲେ । ପାରମ୍ପରିକ ବିଷୟ ବସ୍ତୁ ନାଟରେ ସ୍ଥାନ ଲାଭ କଲା ।

ଊନବିଂଶ ଶତାବ୍ଦୀରୁ ବିଂଶ ଶତାବ୍ଦୀ ମଧ୍ୟଭାଗ ପର୍ଯ୍ୟନ୍ତ ବ୍ରିଟିଶ ଅଧୀନରେ ପୂର୍ବ ଭାରତର କେତେକ ଦେଶୀୟ ରାଜ୍ୟ ବିଶେଷତଃ ଓଡ଼ିଶା, ବିହାର ଓ ପଶ୍ଚିମବଙ୍ଗର ପରସ୍ପର ସଂଲଗ୍ନ କେନ୍ଦ୍ରାଞ୍ଚଳର ଆରଣ୍ୟକ ମଣ୍ଡଳରେ ଅବସ୍ଥିତ ପୂର୍ବତନ ରାଜନ୍ୟ ମଣ୍ଡଳୀ ଯେତେବେଳେ ପରସ୍ପର ରାଜ୍ୟ ରକ୍ଷା ଓ ଆକ୍ରମଣର ଆବଶ୍ୟକତା ଉପଲବ୍ଧି କରି ନାହାନ୍ତି । ସେତେବେଳେ ପାରମ୍ପରିକ ସମରାଭ୍ୟାସର ବିକଳ୍ପ ବ୍ୟବସ୍ଥା ସ୍ୱରୂପ ସମ୍ଭବତଃ ଶିକାରାଭିଯାନ କାଳରେ ଅରଣ୍ୟ ମଧ୍ୟରେ ସାମୟିକ ଭାବରେ ପଡୁଥିବା 'ଛାଉଣୀ'ରେ ପାଇକ ସୈନ୍ୟମାନେ ଫରୀଖଣ୍ଡା ଶୈଳୀ ସମ୍ବଳିତ ଯୁଦ୍ଧକୌଶଳ ଅଭ୍ୟାସ କରିଛନ୍ତି । ବିଷୟ ବସ୍ତୁ ହୀନ ଫରୀଖଣ୍ଡା ଖେଳ, କସରତକୁ ଆମୋଦ ଦାୟକ କରିବା ନିମନ୍ତେ ପୁରାଣ ଓ ମହାକାବ୍ୟଗଁ ବୀର ପୁରୁଷ ମାନଙ୍କର ବୀରତ୍ୱ ବ୍ୟଞ୍ଜକ ବିଷୟା ବଳି ଅବଲମ୍ବନ କରାଯାଇଥିବ । ଏପରି ବିଷୟ ଆଧାରିତ ଚରିତ୍ର ମାନଙ୍କର ସମରାଭିନୟକୁ ଅନୁସରଣ ବେଳେ ସେମାନଙ୍କର ଉପସ୍ଥିତିକୁ ସହଜ ଦୃଶ୍ୟ ଓ ଅଧିକ ନିବିଡ଼ ଭାବେ ଉପଲବ୍ଧି କରିବା ନିମନ୍ତେ ଚରିତ୍ର ଉପଯୋଗୀ ଚିତ୍ର ବିଚିତ୍ର ମୁହାଁ ବ୍ୟବହୃତ ହୋଇଥିବ କିମ୍ବା ପ୍ରଚଳିତ ଥିବା କୌଣସି ଲୋକନାଟକର ଉପଯୋଗ ହୋଇଥିବ । ଅଭିନୟ ପ୍ରଦର୍ଶନର ବିବର୍ତ୍ତନ ଧାରାର ପ୍ରଥମ ପର୍ଯ୍ୟାୟରେ ହୁଏତ କେବଳ ବୀରତ୍ୱ ବ୍ୟଞ୍ଜକ ଅଭିନୟ ମାଧ୍ୟମରେ ରସ ଲିପ୍ସାର ପୂର୍ଣ୍ଣତା ପ୍ରାପ୍ତି ଘଟି ନଥିବା ବେଳେ ଲାସ୍ୟ ଭାବାଶ୍ରିତ ବିଷୟ ସମ୍ବଳିତ ଅଭିନୟ, ଯୋଗ ହୋଇଥିବ । ଏଠାରେ ଉଲ୍ଲେଖ କରିବା ଠିକ୍ ହେବ ଯେ, ଛଉ/ଛୋ ନୃତ୍ୟ ପରମ୍ପରାର

ଇତିହାସରେ ସବୁଠୁ ଲୋକଧର୍ମୀ ପୁରୁଲିଆର ଛୋ ନାଚରେ ପ୍ରାଥମିକ ପର୍ଯ୍ୟାୟରେ 'ପାଲାବନ୍ଦି' ନାଟ ଅର୍ଥାତ ମହାକାବ୍ୟ ଓ ପୁରାଣର ସମଗ୍ର ବିଷୟ ବସ୍ତୁ ଧାରାବାହିକ ଭାବରେ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହେଉଥିଲା । କାଳକ୍ରମେ ସଚେତନ ପୃଷ୍ଠପୋଷକ, ନୃତ୍ୟବିଦ୍, ଦର୍ଶକମାନେ ଏଥିବରେ ସମୟୋପଯୋଗୀ ପରିବର୍ତ୍ତନ, ପରିମାର୍ଜନ ଓ ସଂଯୋଜନ କରାଇଛନ୍ତି । ଛାଉଣୀରେ ଅନୁଷ୍ଠିତ କିମ୍ବା ମୁଖା ଲଗାଇ ଛଦ୍ମବେଶରେ ପୁରାଣ ଅଥବା ମହାକାବ୍ୟର ଚରିତ୍ର ଅନୁସରଣରେ ବିଭିନ୍ନ ଛଉ (ଭଙ୍ଗୀ)ରେ ଅଭିନୟ କରୁଥିବା ହେତୁ ଏହା ଛ/ଛଉ ନାଟ ନାମରେ ନାମିତ ହୋଇଥିବ । ଛ ଶବ୍ଦ ଉଚ୍ଚାରଣରେ ଛୋ ହେବା ସ୍ୱାଭାବିକ । ଦୂରଦର୍ଶୀ ରାଜାଗଣ ଏହାକୁ ପୃଷ୍ଠପୋଷକତା ପ୍ରଦାନ କରିବାରେ ତତ୍ପର ହୋଇଛନ୍ତି । ତତ୍ପର ହେବାର କାରଣ ସମ୍ଭବତଃ ପାରମ୍ପରିକ ପାଇକ ସେନାମାନଙ୍କ ମଧ୍ୟରେ ସମରାଭ୍ୟାସ ଉଜ୍ଜୀବନ, ପାରିବାରିକ, କଳା ଚର୍ଚ୍ଚା ସାଙ୍ଗକୁ ଅବସର ବିନୋଦନ ଓ ଆନନ୍ଦ ପ୍ରାପ୍ତି, ପାରିବାରିକ ବନ୍ଧୁତା ସୂତ୍ରରେ ଆବଦ୍ଧ ସନ୍ନିହିତ ଅଞ୍ଚଳର ରାଜନ୍ୟ ବୃନ୍ଦ ଏଥି ପ୍ରତି ଆକୃଷ୍ଟ ହୋଇ ପୋଷକତା ପ୍ରଦାନ କରିଛନ୍ତି । ମହା ବିଷୁବ ସଂକ୍ରାନ୍ତିରେ ଅନୁଷ୍ଠିତ ଉଡ଼ା/ଭକ୍ତା/ଦଣ୍ଡ/ପାଟ/ଗାଜନ/ଚଡ଼କ ପର୍ବ ସହିତ ଏହାକୁ ଯୋଡ଼ି ଦିଆ ଯାଇଛି । କାରଣ ଏ ସଂକ୍ରାନ୍ତିରେ ଅନୁଷ୍ଠିତ ପର୍ବରେ ଶିବ ଓ ଶକ୍ତିଙ୍କୁ ଆରାଧନା କରାଯାଏ । ଶିବଙ୍କର ଅନ୍ୟ ରୂପ ହେଉଛି ରୁଦ୍ର ଏବଂ ଭୈରବ । ଶିବ ନଟରାଜ । ରୁଦ୍ର ପ୍ରଳୟର ଦେବତା । କ୍ଷତ୍ରିୟ ରାଜନ୍ୟ ବର୍ଗ ଯୁଦ୍ଧବେଳେ ସମର କ୍ଷେତ୍ରରେ ଭୈରବଙ୍କ ପରି ଭୟଙ୍କର ରୂପ ଧାରଣ କରି ରୁଦ୍ରଙ୍କ ପରି ଶତ୍ରୁ ସଂହାର କରି ଧ୍ୱଂସ ବା ପ୍ରଳୟ ଘଟାଇଥାନ୍ତି । ଇଂରେଜ ଶାସନାଧୀନରେ ରହି ବାସ୍ତବ କ୍ଷେତ୍ରରେ ତାର ଆଉ ଉପଯୋଗ ହେବାର ସୁଯୋଗ ନଥିଲା । ପୁନଶ୍ଚ ଶୈବ ରାଜାମାନେ ଏ ପର୍ବରେ ଉଜାଗର ରହି ଶିବାରାଧନା କରି ଇହ ଲୋକ ଓ ପରଲୋକରେ ଶାନ୍ତି, ସୁଖ ଓ ସମୃଦ୍ଧି ଅର୍ଜନ କରିବା ପାଇଁ ଚୈତ୍ର ପର୍ବ ପାଳନ କରନ୍ତି । ରାତ୍ରି ଉଜାଗର ରହି ଶିବାରାଧନା ନିମନ୍ତେ ଶାସ୍ତ୍ରୀୟ ନିର୍ଦ୍ଦେଶକୁ ସହଜତର କରି ପାଳନ କରିବା ପାଇଁ ଛଉ ନାଟ ଶିବ ଆରାଧନା ଉପଲକ୍ଷେ ମନ୍ଦିର ପ୍ରାଙ୍ଗଣ/ରାଜବାଟୀ/ଖୋ ପଡ଼ିଆରେ ଅନୁଷ୍ଠିତ ହୋଇଛି । ଛଉ ନୃତ୍ୟ ତିନୋଟି ସ୍ତର ଅର୍ଥାତ ଗ୍ରାମାଞ୍ଚଳର ସାଧାରଣ ଲୋକ, ବିଭିନ୍ନ ପିଢ଼, ପରଗଣାର ସର୍ଦ୍ଦାର ଅଥବା ମାନକୀ ଓ ରାଜଧାନୀର ଦରବାର ସ୍ତରରେ ଶିବ ଓ ଶକ୍ତିଙ୍କର ଆରାଧନା ସହ ସଂଯୁକ୍ତ ହୋଇ ପ୍ରତିଷ୍ଠିତ ହୋଇଛି । ଏପରି ତିନିଗୋଟି ସ୍ତର ହିଁ ପୂର୍ବ ଓ ସମକାଳୀନ ସୁସଂହତ ସମାଜ ଓ ସାମରିକ ବ୍ୟବସ୍ଥାର ପ୍ରତୀକ ।

ଛଉ ନାଚର ଉପରେ ପର୍ବରେ ଶିବଙ୍କ ବ୍ରତ ପାଳନ ନିମନ୍ତେ ବ୍ୟକ୍ତି ବିଶେଷ ମାନସିକ କରେ ପୁତ୍ର ସନ୍ତାନ ପ୍ରାପ୍ତି ନିମନ୍ତେ । ଶିବଙ୍କ କୃପାରୁ ପୁତ୍ର ସନ୍ତାନ ଜାତ ହେଲେ ତିନି/ ପାଞ୍ଚ/

ସାତ/ ନଅ/ ବାର ବର୍ଷ ପର୍ଯ୍ୟନ୍ତ ଭକ୍ତା ହୋଇ ପଇତା ପକାଇ ଦେବଋଣ ପରିଶୋଧ କରିବା ମାନସିକ ଥାଏ ।

ଉପର୍ଯ୍ୟୁକ୍ତ ସଂକ୍ଷିପ୍ତ ଆଲୋଚନାରୁ ସ୍ପଷ୍ଟ ଅବଧାରଣା ବରି ହେବ ଯେ, ଆଜିର ସମୃଦ୍ଧିତମ ଛଉ ନୃତ୍ୟର ନୟନାଭିରାମ ଦିଗଗୁଡ଼ିକ ପରମ୍ପରାରୁ ରସ ଗ୍ରହଣ କରି ସାରସ୍ୱତ ବିଭବରେ ବିମଣ୍ଡିତ ହୋଇଛନ୍ତି । ଆଜିର ଛଉ ନୃତ୍ୟ ଯେ ସମଗ୍ର ଭାରତୀୟ ଲୋକ ନୃତ୍ୟ ପରମ୍ପରାର ଗୋଟିଏ ସମୃଦ୍ଧ ରୂପ ଉପସ୍ଥାପିତ କରେ ଏଥିରେ ସନ୍ଦେହରେ ଅବକାଶ ନାହିଁ ।

◆◆◆

# ଦଶମ ଅଧ୍ୟାୟ

## ଛଉରେ ବ୍ୟବହୃତ ଗୀତର ଭାଷା ଓ ସାହିତ୍ୟିକ ଆଲୋଚନା

ଛଉନାଟ ବିକଶିତ ଅଞ୍ଚଳର ବୈଶିଷ୍ଟ୍ୟ ହେଉଛି ଯେ ଏହା ତିନିଗୋଟି ଭାଷା- ପରିବାରର ମିଳନ କ୍ଷେତ୍ର। ଇଣ୍ଡୋ-ଏସିଆନ୍ ବା ଆର୍ଯ୍ୟ ଗୋଷ୍ଠୀର ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ଭାଷା - ସଂସ୍କୃତିର ମିଳନସ୍ଥଳ ରୂପେ ମୁଖ୍ୟ ଓ ଓଡ଼ିଶା ରାଜ୍ୟର ମୟୂରଭଞ୍ଜ (ବାରିପଦା), ସଂପ୍ରତି ନବଗଠିତ ଝାଡ଼ଖଣ୍ଡ, ପୂର୍ବତନ ବିହାର ପ୍ରଦେଶାନ୍ତର୍ଗତ ସିଂଭୂମ (ଷଢ଼େଇକଳା) ଓ ପଶ୍ଚିମବଙ୍ଗର ପୁରୁଲିଆ (ବାଗମୁଣ୍ଡି) ଜିଲ୍ଲା ବ୍ୟତୀତ ପୂର୍ବତନ ଅନେକ ଦେଶୀୟ ରାଜ୍ୟ ଓ ପ୍ରଗଣା ପ୍ରଭୃତି ପରସ୍ପର ସଂଲଗ୍ନ ଅଞ୍ଚଳ ଏକ ସାଂସ୍କୃତିକ ପରିମଣ୍ଡଳରେ ଏ ନାଟ ବିକଶିତ ହୋଇଛି । ସମଗ୍ର ସନ୍ନିହିତ ଅଞ୍ଚଳରେ ଆର୍ଯ୍ୟ ଭାଷା ପରିବାରର ଉପରୋକ୍ତ ତିନିଗୋଟି ପ୍ରଧାନ ଭାଷ୍ୟ ବ୍ୟତୀତ ଆର୍ଯ୍ୟେତର ଭାଷା ଭାବେ ଅଷ୍ଟ୍ରୋ-ଏସିଆଟିକ୍ ଭାଷା (ମୁଣ୍ଡା) ଗୋଷ୍ଠୀର ସାନ୍ତାଳୀ, ହୋ, ଭୂମିଜୀ, ମାହାଲୀ, ମୁଣ୍ଡାରୀ ପ୍ରଭୃତି ଭାଷା ଓ ଦ୍ରାବିଡ଼ ଭାଷା ଗୋଷ୍ଠୀର ଅରାଂ, ଖଡ଼ିଆ, କିଷାନ, ଗଣ୍ଡୀ ପ୍ରଭୃତି ଭାଷା ପ୍ରଚଳିତ । ଏତଦ୍ ବ୍ୟତୀତ କୁର୍ମାଲୀ, ପଞ୍ଚ ପରଗଣିଆଁ, ନାଗପୁରିଆ ଖୋର୍ଥା, ବାଥୁଡ଼ି ପ୍ରଭୃତି ଅନେକ ଭାଷା ସମୃଦ୍ଧ ଏ ଅଞ୍ଚଳରେ ଝୁମର, ଦୋଳି, ଭାଦୁ, ଟୁସୁ, କରମ, ଜାଓ୍ୱା, ଇନ୍ଦ, ବାନ୍ଦଣା, ମକର ସଂପର୍କୀୟ ଲୋକ ସାହିତ୍ୟ ତତୋଧିକ ସମୃଦ୍ଧ। ସାଧାରଣତଃ କୌଣସି କ୍ଷେତ୍ର ବିଶେଷରେ ଏକାଧିକ ଭାଷା ପ୍ରଚଳିତ ଥିଲେ ଭାଷା ଗୁଡ଼ିକ ମଧ୍ୟରେ ପାରସ୍ପରିକ ସଂଯୋଗ ଘଟିବାର ଅବକାଶ ଆସିଥାଏ । ଛଉ ବିକଶିତ ଅଞ୍ଚଳରେ ପ୍ରଚଳିତ ଭାଷା ମାନଙ୍କ ମଧ୍ୟରେ ଏପରି ସଂଯୋଗ ଘଟିଥିବାର ଲକ୍ଷ୍ୟ କରାଯାଏ । ଆଲୋଚ୍ୟ ଅଞ୍ଚଳରେ ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ତିନୋଟି ପ୍ରଧାନ ଭାଷା ବ୍ୟତୀତ ଅନ୍ୟ ସକଳ ଆଦିମ ଜନଜାତିଙ୍କ ଭାଷା ଯେଉଁଥିରେ କି କେବଳ ପ୍ରଚୁର ମୌଖିକ ସାହିତ୍ୟ ଉପଲବ୍ଧ; ଲିଖିତ ସାହିତ୍ୟ ଉପଯୋଗୀ ମାଧ୍ୟମର ସମୟାନୁକ୍ରମିକ ବିକାଶ ସମ୍ଭବ ହୋଇ ନଥିବାରୁ (ଅତି ସାଂପ୍ରତିକ କାଳରେ 'ଓଲଚିକି' ପରି କେତେକ ଲିପି ଉଦ୍‌ଭାବିତ ହୋଇଛି) ଛଉ ନାଚରେ ବ୍ୟବହୃତ ଗୀତର ଭାଷା ହେଉଛଇ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ । ପ୍ରସଙ୍ଗତଃ ଉଲ୍ଲେଖ୍ୟ ଯେ, ପ୍ରାରମ୍ଭିକ ପର୍ଯ୍ୟାୟରେ ଛଉ ନାଚରେ କୌଣସି ବିଷୟ କିମ୍ବା ଗୀତର ପ୍ରଚଳନ ନଥିଲା । ପରବର୍ତ୍ତୀ ସମୟରେ ପୃଷ୍ଠପୋଷକତା କାଳରେ ଏଥିରେ ଏ ସବୁର ପ୍ରଚଳନ ଘଟିଅଛି ଓ ମୁଖ୍ୟତଃ ଓଡ଼ିଆ ଓ ବଙ୍ଗଭାଷୀ ଲୋକେ ହିଁ ଏଥିର ପୃଷ୍ଠପୋଷକତାରେ ନେତୃତ୍ୱ ନେଇଛନ୍ତି । ମୟୂରଭଞ୍ଜ ଜିଲ୍ଲାସହ ଓଡ଼ିଶା ପ୍ରଦେଶାନ୍ତର୍ଗତ ପୂର୍ବତନ ଦେଶୀୟ ରାଜ୍ୟ ସମେତ ସିଂଭୂମ ଜିଲ୍ଲାର

ଛଉନାଚ ବିକଶିତ ସମଗ୍ର ଅଞ୍ଚଳରେ ଓଡ଼ିଆ ଭାଷା ପ୍ରଚଳିତ ହେଉଥିବାରୁ ଏ ନାଚରେ ଓଡ଼ିଶୀ ଛାନ୍ଦ, ଚମ୍ପୂ ଓ ବହୁ ରାଗ ରାଗିଣୀ ସମ୍ବଳିତ ଓଡ଼ିଆ ଗୀତି ରଚନା ସହ ଲୋକଗୀତ ଏବଂ ପୁରୁଲିଆ ଜିଲ୍ଲା ସହ ପଶ୍ଚିମବଙ୍ଗର ମେଦିନୀପୁର, ବାଙ୍କୁଡ଼ା ଅଞ୍ଚଳରେ ପ୍ରଚଳିତ (ଛ/ଛୌ) ନାଚରେ ବଙ୍ଗଳା ଭାଷାର ଗୀତ ବ୍ୟବହୃତ ହୁଏ । ମେଦିନୀପୁରର ଚୋରଚିତା (ନୟାବସାଣ) ପ୍ରଭୃତି କେତେକ ସ୍ଥାନରେ ଓଡ଼ିଆ ଭାଷାର ଗୀତ ପ୍ରଚଳିତ ଥିବାର ଜଣାଯାଏ । ସ୍ଥଳ ବିଶେଷରେ ହିନ୍ଦୀ ଭାଷାର ଗୀତ ବ୍ୟବହୃତ ହୁଏ । କୁର୍ମାଳୀ ଭାଷାର 'ଝୁମର' ସଂଗୀତର ପ୍ରାଧାନ୍ୟ ଛଉ ନାଚରେ ସର୍ବତ୍ର ଉପଲବ୍ଧ । ସିଂଭୂମରେ ସରକାରୀ ଭାବରେ ହିନ୍ଦୀଭାଷା ପ୍ରଚଳିତ ହେଉଅଛି ।

ଛଉ ନାଚରେ ବ୍ୟବହୃତ ଗୀତର ଭାଷାଗତ ଆଲୋଚନା ସମୟରେ ଧ୍ୱନି, ସ୍ୱର, ଅଶୁଦ୍ଧ ଉଚ୍ଚାରଣ, ପୁନରାବୃତ୍ତି, ରୂପ ରଚନା ଏପରି କେତୋଟି ଉପଲବ୍ଧ ତଥ୍ୟ ଉପରେ ଆଲୋକପାତ କରାଯାଇଛି ।

ଧ୍ୱନି: ଛଉ ନୃତ୍ୟରେ ବ୍ୟବହୃତ ଗୀତର ଭାଷା ଓ ଭାବାନୁସାରୀ ଧ୍ୱନିର ଗୁରୁତ୍ୱ ବେଶି । ନୃତ୍ୟ ସମୟରେ ଗାୟକ ମୁଖ୍ୟତଃ ଧ୍ୱନି ଉପରେ ଗୁରୁତ୍ୱ ଦିଅନ୍ତି । ବାଦକ ବାଦ୍ୟ ଯନ୍ତ୍ରରେ ତାଳ ସୃଷ୍ଟି କରନ୍ତି । ନୃତ୍ୟକାରୀ ତାଳର କ୍ରମାନୁସାରେ ନାଚନ୍ତି ।

ସ୍ୱର: ମଞ୍ଚର ପାର୍ଶ୍ୱଦେଶରେ ଦଣ୍ଡାୟମାନ ଗାୟକଙ୍କ ମୁଖର ସ୍ୱର ସହ ବାଦ୍ୟ ଯନ୍ତ୍ରର ଧ୍ୱନିକୁ ନୃତ୍ୟକାରୀ ଲକ୍ଷ୍ୟ କରିଥାନ୍ତି ।

ଉଚ୍ଚାରଣ ଅଶୁଦ୍ଧତା: ଗୀତ ଗୁଡ଼ିକର ଉଚ୍ଚାରଣରେ ଅନେକ ଅଶୁଦ୍ଧି ଲକ୍ଷ୍ୟ କରାଯାଏ । ଗାୟକ ମାନଙ୍କରେ ଅଶିକ୍ଷା ଓ ଆଞ୍ଚଳିକ ଉଚ୍ଚାରଣ ରୀତିରେ ପ୍ରଭାବ ଏହାର କାରଣ ।

ପୁନରାବୃତ୍ତି: ଧ୍ୱନିର ଶ୍ରୁତି ମାଧୁର୍ଯ୍ୟକୁ ରକ୍ଷା କରିବାରେ ବିଶେଷ ପ୍ରଚେଷ୍ଟା ଥିବାର ଲକ୍ଷ୍ୟ କରାଯାଏ ନାହିଁ । ଗୋଟିଏ ଗୋଟିଏ ପଦ ବାରମ୍ବାର ଆବୃତ୍ତି ହୁଏ । ଆସରରେ ନାଚର ସ୍ଥାୟିତ୍ୱ ଦୃଷ୍ଟିରୁ ପୁରାବୃତ୍ତିର ପ୍ରୟୋଜନ ଓ ଏ ନାଚରେ ଏହା ଦୋଷ ନୁହେଁ ।

ରୂପ ରଚନା: ଛଉରେ ବ୍ୟବହୃତ ଗୀତ ଗୁଡ଼ିକ ପୌରାଣିକ ଆଖ୍ୟାୟିକା, କିମ୍ବଦନ୍ତୀ ମୂଳକ, ସାମାଜିକଓ ଐତିହାସିକ ବିଷୟବସ୍ତୁ ସଂକଳିତ ଗୀତି ରଚନା ।

ନୃତ୍ୟରେ କଥନ ଏବଂ ଗାନ ଅପରିହାର୍ଯ୍ୟ ହୋଇଥିଲେ ହେଁ ଛଉରେ ଚରିତ୍ର ନିଜ ମୁଖରେ କୌଣସି ଭାଷା ବ୍ୟବହାର କରନ୍ତି ନାହିଁ ।ଏହା ଏକ ମୂକ ନାଚ । କେବଳ ଗୀତର ସ୍ୱର ଓ ବାଦ୍ୟଯନ୍ତ୍ରର ଧ୍ୱନିକୁ ଅନୁସରଣ କରି ଆସରରେ ନୃତ୍ୟକାରୀ ନୃତ୍ୟ ପ୍ରଦର୍ଶନ କରନ୍ତି ।

ଛଉନାଟ ବିକଶିତ ସମଗ୍ର ଅଞ୍ଚଳରେ ଓଡ଼ିଆ ଭାଷା ପ୍ରଚଳିତ ହେଉଥିବାରୁ ଏ ନାଟରେ ଓଡ଼ିଶୀ ଛାନ୍ଦ, ଚମ୍ପୂ ଓ ବହୁ ରାଗ ରାଗିଣୀ ସମ୍ବଳିତ ଓଡ଼ିଆ ଗୀତି ରଚନା ସହ ଲୋକଗୀତ ଏବଂ ପୁରୁଲିଆ ଜିଲ୍ଲା ସହ ପଶ୍ଚିମବଙ୍ଗର ମେଦିନୀପୁର, ବାଙ୍କୁଡ଼ା ଅଞ୍ଚଳରେ ପ୍ରଚଳିତ (ଛ/ଛୌ) ନାଟରେ ବଙ୍ଗଳା ଭାଷାର ଗୀତ ବ୍ୟବହୃତ ହୁଏ । ମେଦିନୀପୁରର ଚୋରଚିତା (ନୟାବସାଣ) ପ୍ରଭୃତି କେତେକ ସ୍ଥାନରେ ଓଡ଼ିଆ ଭାଷାର ଗୀତ ପ୍ରଚଳିତ ଥିବାର ଜଣାଯାଏ । ସ୍ଥଳ ବିଶେଷରେ ହିନ୍ଦୀ ଭାଷାର ଗୀତ ବ୍ୟବହୃତ ହୁଏ । କୁର୍ମାଲୀ ଭାଷାର 'ଝୁମର' ସଂଗୀତର ପ୍ରାଧାନ୍ୟ ଛଉ ନାଟରେ ସର୍ବତ୍ର ଉପଲବ୍ଧ । ସିଂଭୂମରେ ସରକାରୀ ଭାବରେ ହିନ୍ଦୀଭାଷା ପ୍ରଚଳିତ ହେଉଅଛି ।

ଛଉ ନାଟରେ ବ୍ୟବହୃତ ଗୀତର ଭାଷାଗତ ଆଲୋଚନା ସମୟରେ ଧ୍ୱନି, ସ୍ୱର, ଅଶୁଦ୍ଧ ଉଚ୍ଚାରଣ, ପୁନରାବୃତ୍ତି, ରୂପ ରଚନା ଏପରି କେତୋଟି ଉପଲବ୍ଧ ତଥ୍ୟ ଉପରେ ଆଲୋକପାତ କରାଯାଇଛି ।

ଧ୍ୱନି: ଛଉ ନୃତ୍ୟରେ ବ୍ୟବହୃତ ଗୀତର ଭାଷା ଓ ଭାବାନୁସାରୀ ଧ୍ୱନିର ଗୁରୁତ୍ୱ ବେଶି । ନୃତ୍ୟ ସମୟରେ ଗାୟକ ମୁଖ୍ୟତଃ ଧ୍ୱନି ଉପରେ ଗୁରୁତ୍ୱ ଦିଅନ୍ତି । ବାଦକ ବାଦ୍ୟ ଯନ୍ତ୍ରରେ ତାଳ ସୃଷ୍ଟି କରନ୍ତି । ନୃତ୍ୟକାରୀ ତାଳର କ୍ରମାନୁସାରେ ନାଚନ୍ତି ।

ସ୍ୱର: ମଞ୍ଚର ପାର୍ଶ୍ୱଦେଶରେ ଦଣ୍ଡାୟମାନ ଗାୟକଙ୍କ ମୁଖର ସ୍ୱର ସହ ବାଦ୍ୟ ଯନ୍ତ୍ରର ଧ୍ୱନିକୁ ନୃତ୍ୟକାରୀ ଲକ୍ଷ୍ୟ କରିଥାନ୍ତି ।

ଉଚ୍ଚାରଣ ଅଶୁଦ୍ଧତା: ଗୀତ ଗୁଡ଼ିକର ଉଚ୍ଚାରଣରେ ଅନେକ ଅଶୁଦ୍ଧି ଲକ୍ଷ୍ୟ କରାଯାଏ । ଗାୟକ ମାନଙ୍କରେ ଅଶିକ୍ଷା ଓ ଆଞ୍ଚଳିକ ଉଚ୍ଚାରଣ ରୀତିରେ ପ୍ରଭାବ ଏହାର କାରଣ ।

ପୁନରାବୃତ୍ତି: ଧ୍ୱନିର ଶ୍ରୁତି ମାଧୁର୍ଯ୍ୟକୁ ରକ୍ଷା କରିବାରେ ବିଶେଷ ପ୍ରଚେଷ୍ଟା ଥିବାର ଲକ୍ଷ୍ୟ କରାଯାଏ ନାହିଁ । ଗୋଟିଏ ଗୋଟିଏ ପଦ ବାରମ୍ବାର ଆବୃତ୍ତି ହୁଏ । ଆସରରେ ନାଚର ସ୍ଥାୟିତ୍ୱ ଦୃଷ୍ଟିରୁ ପୁରାବୃତ୍ତିର ପ୍ରୟୋଜନ ଓ ଏ ନାଚରେ ଏହା ଦୋଷ ନୁହେଁ ।

ରୂପ ରଚନା: ଛଉରେ ବ୍ୟବହୃତ ଗୀତ ଗୁଡ଼ିକ ପୌରାଣିକ ଆଖ୍ୟାୟିକା, କିମ୍ବଦନ୍ତୀ ମୂଳକ, ସାମାଜିକଓ ଐତିହାସିକ ବିଷୟବସ୍ତୁ ସଂକଳିତ ଗୀତି ରଚନା ।

ନୃତ୍ୟରେ କଥନ ଏବଂ ଗାନ ଅପରିହାର୍ଯ୍ୟ ହୋଇଥିଲେ ହେଁ ଛଉରେ ଚରିତ୍ର ନିଜ ମୁଖରେ କୌଣସି ଭାଷା ବ୍ୟବହାର କରନ୍ତି ନାହିଁ । ଏହା ଏକ ମୂକ ନାଟ । କେବଳ ଗୀତର ସ୍ୱର ଓ ବାଦ୍ୟଯନ୍ତ୍ରର ଧ୍ୱନିକୁ ଅନୁସରଣ କରି ଆସରରେ ନୃତ୍ୟକାରୀ ନୃତ୍ୟ ପ୍ରଦର୍ଶନ କରନ୍ତି ।

ସରର ତାଳେ ତାଳେ ନୃତ୍ୟକାରୀ ସମୟାନୁକ୍ରମିକ ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରି ବିଷୟର ଭାବକୁ ନୃତ୍ୟ ରୂପ ଦିଅନ୍ତି । ଏହା ହିଁ ଛଉ ନାଚର ବିଶେଷତ୍ୱ ।

କୌଣସି ପ୍ରତିଷ୍ଠିତ କବିଙ୍କର ଗୀତ, ରାମାୟଣ ମହାଭାରତ ପରି ମହାକାବ୍ୟିକ ବିଷୟବସ୍ତୁ, ପୌରାଣିକ ଉପାଖ୍ୟାନ, କିମ୍ବଦନ୍ତୀ, ସାମାଜିକ ଓ ଐତିହାସିକ ଘଟଣାବଳୀ ଆଧାରିତ ଗୀତକୁ ଅବଲମ୍ବନ କରି ସାନାଇ/ ମହୁରୀରେ ସ୍ୱର ସଂଯୋଜନ କରାଯାଏ । ପରେ ଢୋଲ ଓ ଧମ୍‌ସା ପ୍ରଭୃତି ବାଦ୍ୟଯନ୍ତ୍ରରେ ତାଳ ଯୋଗ କରାଯାଏ ।

ତିନି ଅଞ୍ଚଳର ଛଉରେ ସ୍ଥଳ ବିଶେଷରେ ଗୋଟିଏ ପଦ ଗାନ କରାଯାଇ ବାଦ୍ୟଯନ୍ତ୍ରରେ ସ୍ୱର ସଂଯୋଜିତ ହୁଏ, ଆଉ କେତେକ ସ୍ଥାନରେ ନୃତ୍ୟର ପର୍ଯ୍ୟାୟ କ୍ରମିକ ଅଗ୍ରଗତି ଅନୁସାରେ ସଂପୂର୍ଣ୍ଣ ଗୀତଟି ଗାନ କରାଯାଏ । ଏହି କାର୍ଯ୍ୟ ମଞ୍ଚର ପାର୍ଶ୍ୱଦେଶରେ ସଂଘଟିତ ହୁଏ । ମୁଖା ପରିହିତ କିମ୍ବା ମୁଖା ବିହୀନ ଛଉ ନୃତ୍ୟରେ ଉପରୋକ୍ତ ଭାବରେ ଗୀତ ଗୁଡ଼ିକ ପରିବେଶିତ ହୋଇଥାଏ । ତେଣୁ, ଗାୟକମାନେ ସବୁବେଳେ ସଂପୂର୍ଣ୍ଣ ଗୀତଟି ମନେ ରଖି ନଥାନ୍ତି । ଏହି କାରଣରୁ କ୍ଷେତ୍ର ଅଧ୍ୟୟନ କାଳରେ ସେମାନଙ୍କ ପାଖରୁ ସବୁ ଗୀତର ସଂପୂର୍ଣ୍ଣ ଅଂଶ ସଂଗ୍ରହ କରିବା ସମ୍ଭବ ହୋଇନାହିଁ ।

ଗୀତ ଗୁଡ଼ିକ ବହୁ ଓ ବିଭିନ୍ନ ଭାବ ସମ୍ବଳିତ । ଆଲୋଚନାଗତ ସୁବିଧା ଦୃଷ୍ଟିରୁ ଏଗୁଡ଼ିକୁ ନିମ୍ନମତେ କେତୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଅଛି । ଆସରରେ ହେଉଥିବା ନାଚ ଗୁଡ଼ିକୁ ଲକ୍ଷ୍ୟ କରି ଏପରି ବିଭକ୍ତିକରଣ ସଂପାଦିତ ହୋଇଅଛି ।

ବୀରତ୍ୱ ବ୍ୟଞ୍ଜକ ନାଚରେ ପାଇକ, ଆଖଡ଼ା ବନ୍ଦନ, ଦୁର୍ଗା, ଶିବ, ଚଣ୍ଡୀଯୁଦ୍ଧ, ଶବର, ଶିକାରୀ ଶବର, ଶବର ଟୋକା, ବାଳୀବଧ, ଭସ୍ମାସୁର ବଧ, ବୀର ବାଳକ, ଗଦା ପର୍ବ, କୀରାତାର୍ଜ୍ଜୁନ, ହରଧନୁ ଭଙ୍ଗ, ବିର୍ଶାମୁଣ୍ଡା ପ୍ରଭୃତି ନାଚ ଅନ୍ତର୍ଭୁକ୍ତ ।

ପ୍ରେମମୂଳକ ନାଚରେ ମାୟାଶବରୀ, ଡାମୁଡ଼ିଆ କୃଷ୍ଣ, ଋତୁରାଜ, ରସଲତା, ବସ୍ତ୍ରହରଣ, ଚନ୍ଦ୍ରଭାଗା, ମୟୂର ଇତ୍ୟାଦି ନାଚ ଓ ଭକ୍ତିମୂଳକ ନାଚରେ ଗଣେଶ ବନ୍ଦନା, କଳଙ୍କ ଭଞ୍ଜନ, ମାତୃପୂଜା, ହର ପାର୍ବତୀ, ଇତ୍ୟାଦି ନାଚ ପରିବେଶିତ ହୁଏ । ସମାଜ ସଂସ୍କାର ମୂଳକ ନାଚ ଭାବେ ସଭାଗୋଲ, ମୌଳିକ ଶିକ୍ଷା, କୃଷିକଳା, ନବଗ୍ରହ ନାଚ, ଝଡ଼ିପୋକ, କ-ଚ-ଟ-ତ-ପ, କେଳାକେଲୁଣୀ, ବାଟୁଆ ବାଟୁଆଣୀ, ଗନକ ଛ', ପହଡ଼ି ଓ ଈଶ୍ୱର ତାଳ ପ୍ରଭୃତି ନାଚ; ଫଳଭ୍ରମର, ଝିଙ୍ଗାଚୋଳା, ରସିକରାୟ, କାଠିଆ ଶିଙ୍ଗ, ନବଗ୍ରହ ବିକ୍ରମାଦିତ୍ୟ ଇତ୍ୟାଦି ହାସ୍ୟ

ରସାତ୍ମକ ନାଚ; ଧୁନ୍ଦୁପେଚ୍‌, ନନଗଦା ଧୁନ୍ଦାର ବାପ, କେଳା, ଗୁଣ୍ଡୁଚି ଓ ପ୍ରଜାପତି, ଆମତାଳିଆ, ଜାମତାଳିଆ ଇତ୍ୟାଦି ପ୍ରାକୃତିକ ପର୍ଯ୍ୟାୟ ବାଚକ ନାଚ ଓ କାର୍ଡ୍ ଡ୍ୟାନ୍‌ସ ପ୍ରଭୃତି ଅନ୍ୟାନ୍ୟ ବା ବିବିଧ ଶ୍ରେଣୀର ଅନ୍ତର୍ଭୁକ୍ତ ନାଚ ଛଉରେ ପ୍ରଦର୍ଶିତ ହୁଏ ।

ମଞ୍ଚରେ ଛଉ ନାଚର ଆରମ୍ଭକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଏହା ଉତ୍ସବନୁଷ୍ଠାନ ସହିତ ସଂଯୁକ୍ତ । ଚୈତ୍ର ପର୍ବ ଉପଲକ୍ଷେ ଶିବ/ଭୈରବ/ରୁଦ୍ରଙ୍କୁ ଅର୍ଚ୍ଚନା କରିବା ସଂଗେ ସଂଗେ ନୃତ୍ୟ ଅନୁଷ୍ଠିତ ହୋଇଥାଏ । ପୁରୁଲିଆରେ ନୃତ୍ୟ ଆରମ୍ଭରେ ଗଣେଶଙ୍କ ବନ୍ଦନା, ମୟୂରଭଞ୍ଜର ବାରିପଦାରେ ମଞ୍ଚପୂଜା ସହିତ ମଞ୍ଚକୁ 'ଭକ୍ତା' ମାନଙ୍କର ଆଗମନ ଓ ଅନ୍ୟ କେତେକ ସ୍ଥାନରେ ଆରମ୍ଭରେ ଗଣେଶଙ୍କ ବନ୍ଦନା, ଷଢ଼େଇକଳାର ନୃତ୍ୟ ଅନୁଷ୍ଠାନ ସମୟରେ ଆଖଡ଼ାବନ୍ଧନ (ଆଖଡ଼ା ବନ୍ଦନ/ ଆଖଡ଼ା ବନ୍ଦନା) ଇତ୍ୟାଦିରୁ ଦୁଇଟି ବିଷୟରେ ସିଦ୍ଧାନ୍ତ ଗ୍ରହଣ କରାଯାଇ ପାରେ । ପ୍ରଥମତଃ, ଛଉ ଏକ ବୀରଧର୍ମୀ ଲୋକ ନୃତ୍ୟ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ତହିଁରେ ମାର୍ଜିତ ସାମରିକ କୌଶଳ ପ୍ରବେଶ କରିଅଛି । ଷଢ଼େଇକଳାରେ ଆଖଡ଼ା ବନ୍ଧନ ସମୟରେ ମଞ୍ଚ ଉପରକୁ ନୃତ୍ୟକାରୀ ମାନେ ଆସି ଯେଉଁ ଆପାତଃ ବିଷୟବସ୍ତୁ ହୀନ ନୃତ୍ୟ ପ୍ରଦର୍ଶନ କରନ୍ତି ତହିଁରୁ ଏହା ଉପଲବ୍‌ଧ ହୁଏ । ଦ୍ୱିତୀୟତଃ ଏହା ଏକ ଉତ୍ସବାନୁଷ୍ଠାନିକ ନାଚ । ମଞ୍ଚକୁ ଭକ୍ତାମାନଙ୍କ ଆଗମନ ଓ ପୂଜାର୍ଚ୍ଚନା କିମ୍ବା ପରବର୍ତ୍ତୀ ସମୟରେ ଶାସ୍ତ୍ରୀୟକରଣ ଉପଲକ୍ଷେ ଗଣେଶ ବନ୍ଦନା– ଏସବୁର ପ୍ରମାଣ ବହନ କରେ ।

ସାମଗ୍ରିକ ଭାବେ ଛଉ ଏକ ବୀର ରସାତ୍ମକ ଲୋକ ନାଟ ହୋଇଥିବାରୁ ଏଥିରେ ବୀରତ୍ୱ ବ୍ୟଞ୍ଜକ ବହୁ ଜଟିଳ କଷ୍ଟସାଧ ଅଙ୍ଗଭଙ୍ଗୀ ଦ୍ୱାରା ଭାବ ପ୍ରଦର୍ଶନ କରାଯାଏ । 'ବୀର ବାଳକ' ନାଚରେ ଗାୟକ ନିମ୍ନଲିଖିତ ଗୀତଟି ଗାନ କରିଥାନ୍ତି ।

"ଚଲ ଚଲ ବୀର ବିଳମ୍ବ ନକର
ମାର ମାର ଅରାତିକୁ ବିଳମ୍ବ ନାହିଁ"
କିମ୍ବା 'ଗଦାପର୍ବ' ନାଚରେ ଦୁର୍ଯ୍ୟୋଧନଙ୍କ ନୃତ୍ୟର ଗୀତଟି ହେଉଛି –
"କହ କହ କେଉଁ ଜାତି ପାଇଛି ମୁକତି କରି ହୁରି ହାରି ଗୁହାରୀ"
କିମ୍ବା ପାଇକ ନାଚରେ ଗାନ ହେଉଥିବା ଗୀତଟି ହେଉଛି–
"ଧାଇଁ ଆଇଲେ ପାଇକ ଭାଇ, ଦହି ଖାଇଲେ ପାଇ ପାଇ,
ପାଇକାଣୀ କାନ୍ଦଇ ରସ୍ ରସ୍ ଭାଇ ପାଇକା"

ପାଇକମାନେ ଶକ୍ତି ଆହରଣ କରିବା ନିମନ୍ତେ ଭୈରବୀଙ୍କୁ ବନ୍ଦନା କରି ଗାଆନ୍ତି- "ନମସ୍ତେ ଭୈରବୀ ଗୋ ମାଆ...।" ଯୁଦ୍ଧ ସମୟରେ ଜୟ ଲାଭ କରିବା ନିମନ୍ତେ ଯେଉଁ ସାହସିକତାରେ ପ୍ରୟୋଜନ ତଦ୍ୱାରା ଜନ୍ମଭୂମିକୁ ଶତ୍ରୁହାତରୁ ରକ୍ଷାକରି ନିଜର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ଓ ପାଇକ ମାନଙ୍କୁ ସଜାଗ କରିବା ନିମନ୍ତେ ଉକ୍ତ ଗୀତଟି ଅତ୍ୟନ୍ତ ଉପାଦେୟ। ସେହି ଗୀତର ପରବର୍ତ୍ତୀ ପର୍ଯ୍ୟାୟ ହେଉଛି।

"ମାତୃଭୂମିକୁ କଲ୍ୟାଣ କର କୁଳେ କାଳିମା ଲଗାନା

ଅଳସ ତେଜ ମାଦନା ବିଳାସେ - ଜାଗ ହେ ବୀର ।" ଏହା ଏକ ଉଚ୍ଚକୋଟିର ଉଦ୍‌ବୋଧନ ଗୀତିକା। ସେହିପରି ଅନ୍ୟ ଏକ ପାଇକ ନାଚର ଗୀତ ହେଉଛି -

"ଚାଲରେ ଭାଇ ଚାଲରେ ନକରିବା ଶଙ୍କା

ରାଜା ଘରୁ ବୋହି ଆଣିବା ଭାର ଭାର ଟଙ୍କା।" - ଏହା ସମ୍ଭବତଃ ଆଦିବାସୀ ବିଦ୍ରୋହ କିମ୍ବା ଅନ୍ୟ ରାଜ୍ୟ ରାଜାଙ୍କ ସହିତ ଯୁଦ୍ଧ ଗୀତିକା। ବାଳି ଦୁନ୍ଦୁଭି ନାଚର ଗୀତଟି ହେଉଛି - "ଦୁନ୍ଦୁଭି ମହା କ୍ରୋଧେ, ଚାଲିଘରେ ବାଲୀ ବଧେ ଦୁନ୍ଦୁଭି ମହାକ୍ରୋଧେ ।"

ପଞ୍ଚ ପାଣ୍ଡବ ନୃତ୍ୟରେ ବୀରଗଣଙ୍କ ପଦପାତରେ ପୃଥିବୀ ଘନ ଘନ କମ୍ପି ଉଠେ -
"ମହା କୋପେ ବୀର ଦର୍ପେ କମ୍ପେ ପୃଥ୍ୱୀ ଘନ ଘନ।" କର୍ଣ୍ଣବଧରେ
"ଅତି କ୍ରୋଧେ ଧାଏଁ କର୍ଣ୍ଣ, ହାତେ ଲୟେ ଧନୁର୍ବାନ।" ଇତ୍ୟାଦି।

ବୀରତ୍ୱ ବ୍ୟଞ୍ଜକ ଗୀତ ପରି ଛଉରେ ଲାସ୍ୟ ବା ପ୍ରେମଧର୍ମୀ ଗୀତର ପ୍ରଚଳନ ଅଛି। ସୃଷ୍ଟିର ପ୍ରଥମ କାଳରୁ ପୁରୁଷ ଓ ପ୍ରକୃତିର ଚରିତ୍ରିକ ବୈଶିଷ୍ଟ୍ୟ - ବୀରତ୍ୱ ଓ ପ୍ରେମ, ଏ ଦୁଇ ମୁଖ୍ୟ ଭାବ ବିଭିନ୍ନ ରୂପେ ପ୍ରକାଶିତ ହୋଇଥାଏ। ଛଉ ଏକ ବୀର ଧର୍ମୀ ଲୋକନୃତ୍ୟ ହୋଇଥିବାରୁ ତହିଁରେ ଲାସ୍ୟ ଧର୍ମିତା ଅନୁପୂରକ ଭାବ ରୂପରେ ସ୍ଥାନ ପାଇଛି। କେତେକଙ୍କ ମତରେ ବୈଷ୍ଣବ ମତବାଦର ପ୍ରଚାର ପରେ ଛଉ ନାଚରେ ଲାସ୍ୟ ଧର୍ମୀ ସଂଗୀତ ଓ ନୃତ୍ୟ ଯଥା- ଯମୁନା କୂଳିଆ, ବସ୍ତ୍ରହରଣ, ତାମୁଡ଼ିଆ କୃଷ୍ଣ, ବାଉଲ କୃଷ୍ଣ, ଦ୍ୱାପର ଲୀଳା ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଅଛି। ଏପରି ରାଧାକୃଷ୍ଣ ପ୍ରେମମୂଳକ ନାଚ ବ୍ୟତୀତ ମାୟାଶବରୀ, ରସଲତା, ରାତ୍ରି, ଚନ୍ଦ୍ରଭାଗା, ବୀର ରମଣୀ, ଚଣ୍ଡୀଯୁଦ୍ଧ ଇତ୍ୟାଦି ମଧ ସ୍ଥାନ ପାଇଛି। ସୁତରାଂ ବୈଷ୍ଣବ ମତବାଦ ପ୍ରଚାର ପରେ ଲାସ୍ୟଧର୍ମୀ ନୃତ୍ୟର ସୃଷ୍ଟି ହେବା ବିଷୟକ ଯୁକ୍ତିଟି କେତେକ ପରିମାଣରେ ପ୍ରଶ୍ନର ସମ୍ମୁଖୀନ ହୋଇଛି। ସମ୍ଭବତଃ ସୃଷ୍ଟିର ଧର୍ମ ଅନୁସାରେ ପୁରୁଷ ନାରୀର ଅର୍ଦ୍ଧଭାବ ଯେପରି ସତ୍ୟ ନୃତ୍ୟରେ ବୀରତ୍ୱ ଓ ଲାସ୍ୟ ଧର୍ମୀ ସେହିପରି ସତ୍ୟ। ଏହା ପ୍ରାକୃତିକ।

ଛଉରେ ନାରୀମାନେ ଅଂଶ ଗ୍ରହଣ କରନ୍ତି ନାହିଁ । ପୁରୁଷ ନାରୀ ଭୂମିକାରେ ଅଭିନୟ କରନ୍ତି । ଏହାର କାରଣ ସ୍ୱରୂପ କେତେକ ମତ ଦିଅନ୍ତି ଯେ, ଛଉ ଏକ ବୀରତ୍ୱ ବ୍ୟଞ୍ଜକ କଠିନ ନାଚ ହୋଇଥିବାରୁ (ଭାରତରେ ଭକ୍ତିବାଦର ପ୍ରଚାର ଫଳରେ କଠୋର ଓ ପବିତ୍ର ସାଧନ/ଭକ୍ତ ଜୀବନର ପ୍ରତିବନ୍ଧକ ସ୍ୱରୁପ ନାରୀ ଅସାହଚର୍ଯ୍ୟ ଏକ କାରଣ ବି ହୋଇପାରେ) ନାରୀମାନେ ଅଂଶ ଗ୍ରହଣ କରିବା ସମ୍ଭବ ହୋଇନାହିଁ । କିନ୍ତୁ, ଆଧୁନିକ କାଳରେ କେତେକ ସ୍ଥାନରେ ନାରୀମାନେ ଛଉ ନାଚୁଥିବାର ଦେଖାଯାଏ ।

ରାଧାକୃଷ୍ଣ ବିଷୟକ ନୃତ୍ୟ ବ୍ୟତୀତ ଚଣ୍ଡୀଯୁଦ୍ଧ ପ୍ରଭୃତି ନୃତ୍ୟରେ ସ୍ତ୍ରୀ ମାନଙ୍କ ବୀରତ୍ୱ ବ୍ୟଞ୍ଜକ ହୋଇଅଛି । ସ୍ତ୍ରୀମାନେ କେବଳ ରାଧା ସାଜି "ସୋନାର ଗାଗରୀ କାଖେ ଧରି" ଯମୁନା କୂଳକୁ ଯିବା କିମ୍ବା ପୁରୁଷ କୃଷ୍ଣଙ୍କ ଡରରେ ଯମୁନା କୂଳକୁ ନଯିବା ପାଇଁ ସଖୀଙ୍କର ରାଧାଙ୍କୁ ପ୍ରବର୍ତ୍ତାଇବା ଅଥବା କୃଷ୍ଣଙ୍କ ପ୍ରେମରେ ଗୋପୀଗଣ କଳଙ୍କିତ ହେବା ସହିତ ଛଳିଆ କୃଷ୍ଣ ହରଣ କରିନେବା ଘଟଣା କେବଳ ଛଉରେ ସ୍ଥାନ ପାଇ ନାହିଁ । ଏ ଦୃଷ୍ଟିରୁ ନାରୀ ଭୂମିକା ପୂର୍ବରୁ ସୃଷ୍ଟିହେବା ସମ୍ଭବ । ସାମାଜିକ ସ୍ତରରେ ଘଟୁଥିବା ଘଟଣାକୁ ଛଉରେ ଅନ୍ତର୍ଭୁକ୍ତ କରାଯିବା ଓ ମାତୃପୂଜାଠାରୁ ରସଲତା / ଚନ୍ଦ୍ରଭାଗା ପର୍ଯ୍ୟନ୍ତ ନାଚରେ ପ୍ରେମ ବ୍ୟତୀତ ଅନ୍ୟ ଚାରିତ୍ରିକ ଗୁଣର ବିକାଶ ଘଟିଅଛି । ଜନନୀ ରୂପରେ ନାରୀ ବୀର ସନ୍ତାନ ମାନଙ୍କୁ ମାତୃଭୂମିର ଉଦ୍ଧାର ନିମନ୍ତେ କଲ୍ୟାଣ କରିପାରନ୍ତି, ରାଧା ପରି ପ୍ରେମିକା ସାଜି କୃଷ୍ଣଙ୍କ ପ୍ରେମରେ ପଡ଼ି ପାରନ୍ତି । ଚନ୍ଦ୍ରଭାଗା ପରି କାମୁକ ପୁରୁଷର ଅଶ୍ଳୀଳ ଆବେଦନକୁ ପ୍ରତ୍ୟାଖ୍ୟାନ କରି ସତୀତ୍ୱ ରକ୍ଷା ପାଇଁ ପ୍ରାଣ ବିସର୍ଜନ କରିପାରନ୍ତି ଓ ଚଣ୍ଡୀରୂପେ ଦୁଷ୍ଟ ଦଳନ କରିପାରନ୍ତି ।

ଦେବଦେବୀଙ୍କର ଉପାଖ୍ୟାନକୁ ଅବଲମ୍ବନ କରି ଛଉରେ ଅନେକ ନାଚ ପରିବେଶିତ ହୁଏ । ସନ୍ତାନ ସନ୍ତତିଗଣ ଆଶୀର୍ବାଦ ଲାଭ କରିବା, ଶକ୍ତି ଆହରଣ କରିବା ଓ ନିର୍ଭୟ ହେବା ନିମନ୍ତେ ଶିବ ଓ ଶକ୍ତିଙ୍କୁ ଆରାଧନା କରିଥାନ୍ତି । ବସ୍ତୁତଃ, ଶିବ ଓ ଶକ୍ତି ବୀରତ୍ୱ ଓ ତ୍ୟାଗର ପ୍ରତୀକ । ଭକ୍ତିମୂଳକ ନାଚର ଭାବ ଶାନ୍ତ ହୁଏ ।

ସମାଜର ବିଭିନ୍ନ ଅବ୍ୟବସ୍ଥା ଓ ଅସଂଗତିକୁ ଲକ୍ଷ୍ୟ କରି ଛଉରେ କେତେ ପ୍ରକାର ନାଚ ପରିବେଶିତ ହୁଏ । ବ୍ୟଙ୍ଗ, ବିଦ୍ରୂପ କରିବା ମଣିଷର ଏକ ସହଜାତ ପ୍ରବୃତ୍ତି । ବିଦ୍ରୂପ ମାଧ୍ୟମରେ ସାମାଜିକ ଅସରାତି ଦୂର କରିବା ସାହିତ୍ୟରେ ଯେପରି ଏକ ବଳିଷ୍ଠ ବିଭାବ, ନୃତ୍ୟରେ ମଧ୍ୟ ସେହିପରି ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଈଶ୍ୱର ତାଳ ନାଚରେ କୌଣସି ସୈନିକର ପଳାୟନକୁ ଲକ୍ଷ୍ୟ କରି ନିମ୍ନଲିଖିତ ଗୀତଟି ସଂଯୋଜିତ ହୋଇଛି ।

"ପଳେଇ ଥାଆରେ ପଳେଇ ମାଥା ଖିତ୍ତୁ ବାଜିବତି,
ମାଥା ଦେଇଛି ସିନ୍ଦୂର ଟୀକା ଝଡ଼ି ପଡ଼ିବତି ।" କିମ୍ବା
"କି ପ୍ରକାର ନାଚ ହେଉଛିରେ କର୍ମୀ ଆଖି ମେଲା କରି ଦେଖୁ ଥାଆ,
ମରାଳର ସଙ୍ଗେ ସମ ହେବୁ ଯେବେ ଋଖଣ୍ଡେ ଗୋଡ଼କୁ କାଟିଥାଆ ।
ମୋ ସଙ୍ଗେ ସମାନ ହେବୁ ଯେବେ ମୁର୍ଖ ନୀଳକଣ୍ଠ ନାମ ଜପୁଥାଆ ।"

କୌଣସି ନିମ୍ନ ସ୍ତରର ଉଚ୍ଚାକାଂକ୍ଷୀ ବ୍ୟକ୍ତିଙ୍କର ବିଗ୍ଭର ବିହୀନ କାର୍ଯ୍ୟ କଳାପ, ଯେ ଯାହା ନୁହେଁ ସେପରି ହେବାର ପ୍ରଚେଷ୍ଟାକୁ ଲକ୍ଷ୍ୟ କରି 'ଝଡ଼ିପୋକ' ନାଚରେ ବ୍ୟଙ୍ଗାତ୍ମକ ଗୀତଟି ରଚିତ ହୋଇଛି ।

ଗୀତଟି ଏହିପରି –
"ଝଡ଼ିପୋକ ଉଡ଼ି ଉଡ଼ି କେତେ ଦୂରକୁ ଯିବ
ପକ୍ଷ ଛିଡ଼ିଗଲେ ସେତ ପଡ଼ି ମରିବ ।
ଉଇ ଯେତେ ମିଳି ଜାତି ମାଟି ଗଢ଼ି ଦିବାରାତି
କଲେ ଯେତେ ଉଚ୍ଚ ସେ କି ଗିରି ହୋଇବ ?
କାହିଁ ନ କରି ପ୍ରଘଟ, ଟିଣି ପରେ ଦେଇ ପୁଟ
କଲେ ଯେତେ ଚହଟ, ସେ କି ଋନ୍ଦି ହୋଇବ ?

ଘୁସୁରିକି ମତ୍ତଗଜ ଗ୍ଭଲି ପାରିବ ?" କିମ୍ବା 'କ-ଚ-ଟ-ତ-ପ' ନାଟରେ କୌଣସି ପ୍ରତିଷ୍ଠିତ ବ୍ୟକ୍ତିଙ୍କର ଅସଂଯତ ଭାବରେ ଅସଂଗତ ନାରୀ ଆଶକ୍ତି ପ୍ରତି କଟାକ୍ଷ କରି ନିମ୍ନ ଗୀତଟି ରଚିତ ହୋଇଛି । ଗୀତଯି ହେଉଛି –

"ଫଗଲା ଦନ୍ତାରେ ତୋର ଘୁସୁରି ଥୋଡ଼
ଭୂଇଁ ଚକୁଳିକି ତୋର ଶରଧା ବଡ଼ ଛେପ ଥୁକି ଥୁକି ମଗୁଥା,
ମନୁଆଇ ବୋଇତ ଭାସେ ବାହା ବାହା ବାହା ॥
ଦଦରା ବୋଇତକୁ ତୁ ବୋହିରେ ଭାଇ

ରାତିସାରା ରହିଲୁ ତୁ କୂଳକୁ ଗ୍ଭହିଁ ।" ଏହିପରି ଏହି ପର୍ଯ୍ୟାୟରେ 'ନବଗ୍ରହ ନାଟ', 'କେଳା କେଳୁଣୀ' ନାଟର ଗୀତ ଗୁଡ଼ିକ ଅନ୍ତର୍ଭୁକ୍ତ ।

ଉପର ଲିଖିତ ଗୀତ ସହିତ 'ପାଏକ କଳି' ପର୍ଯ୍ୟାୟୀର ଗୀତକୁ ତୁଳନା କଲେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଏପରି ଗୀତଟିଏ ଏଠାରେ ଉଦ୍ଧାର କରାଯାଉଛି । ଗୀତଟି ଏହିପରି –

"ଛତରା ମୁହାଁ ମଦୁଆ
ଛେଳି ବେକିଆ ତୁ ହଂସ ପାଦିଆ
ମୋହ ଆଗରୁ ତୁ ଯାଆ, ବୀରରେ ।୭।
ଜଳଜଳା ତୁ ବଗଡ଼
ଯୋଗେ ଭେଟ ହେଲୁ ବୁଢ଼ା ମାଙ୍କଡ଼
ଯାହା ଜୀଇଛୁ ନମରି ମୂଢ଼, ବୀରରେ ।୮।" ଇତ୍ୟାଦି ।
(ପାଏକ ବୋଲି, ଉ.ଗା.ଗୀ.; ଚକ୍ରଧର ମହାପାତ୍ର – ୧୯୫୯)

ଗନକ 'ଛ' ନାଟରେ ସାମାଜିକ ଅବ୍ୟବସ୍ଥା ପ୍ରତି କଟାକ୍ଷପାତ କରାଯାଇଛି । ଯେପରି–

"ଆଜ୍ ମାସେର ଶୋଲ ଆଡ଼ା — ଗାଛେ ଘୁଘି ଭୁଝେଁ ନ ଆଡ଼ା ।
ଆଜ୍ ମାସେର ଆଠାର — ମରଲ ଖାଡ଼ା ବୁଢ୍ଢୀର ଭାତାର ।
ଆଜ୍ ମାସେର ଉନିଶ୍ — ମରଲ ଯତ ବ୍ରାହ୍ମନ୍ ଦେଇ ମୁନିଶ ।
ଆଜ୍ ମାସେର କୋଡି — ମର୍‌ଲ ବ୍ରାହ୍ମନ୍ ବୁଢ୍ଢୀ ।"

ବ୍ୟଙ୍ଗ ବିଦ୍ରୁପ ଦ୍ୱାରା ସମାଜର ଅସଂଗତି ଦୂର ହେବ, ସୃଜନତାରେ ସମାଜର ବିକାଶ ଲାଭ ହେବ । ତେଣୁ ନୃତ୍ୟକାରୀ ସମାଜକୁ ନୂତନ ସର୍ଜନା ନିମନ୍ତେ ପ୍ରେରଣା ଯୋଗାଏ ।

"ଉଇଁଲେଣି ପୂରୁବେ ସୂରୁଜ ଲୋ
ପକ୍ଷୀରାବ ଶୁଭିଲାଣି ପରା
ସଜ ହୋଇ ବେଗି ବେଗି ଆସଲୋ...।" (କୃଷିକଳା)।

ନିର୍ମଳ ହାସ୍ୟ ଉଦ୍ରେକ ନିମନ୍ତେ ନୃତ୍ୟ ପରିବେଶଣ କରିବା ଏକ ସତନ୍ତ୍ର କଳା । ଦୁଃଖ ପରେ ସୁଖ ପ୍ରକୃତିର ନିୟମ । କୌଣସି କରୁଣ, ଭୟାନକ ବା ବୀରତ୍ୱ ବ୍ୟଞ୍ଜକ ନୃତ୍ୟ ପରିବେଶଣ ପରେ ଦର୍ଶକ ମାନଙ୍କୁ ବିମଳ ଆନନ୍ଦ ଦେବା ନୃତ୍ୟକାରୀର ଲକ୍ଷ୍ୟ । ତେଣୁ, ବିଭିନ୍ନ କୌତୁକପୂର୍ଣ୍ଣ ଅଙ୍ଗଭଙ୍ଗୀ ଦ୍ୱାରା ଓ ଅନାବିଳ ସରସ ଗାନ ପରିବେଶଣ କରି ଏହା ସଂପାଦିତ ହୋଇଥାଏ । କୌଣସି ଅଜା କିମ୍ବା ଗୋସେଇଁ ବାପା ସଂପର୍କୀୟା ନାଚୁଣୀକୁ ଥଟ୍ଟା କରିଛନ୍ତି । ନିମ୍ନ ଗୀତଟି ତାହାର ନିଦର୍ଶନ । ଏତଦ୍ ବ୍ୟତୀତ ଏହା ନୃତ୍ୟକାରୀ ମାନଙ୍କର ପ୍ରକୃତିରୁ ଅଙ୍ଗଭଙ୍ଗୀ ଆହରଣ କରିବା ପ୍ରମାଣ ବହନ କରେ । ଗୀତଟି ହେଉଛି -

"ଝିଙ୍ଗା ତୋଳି ତୋଳି ଯା'ଲୋ ନାଚୁଣୀ
ଝିଙ୍ଗା ତୋଳି ତୋଳି ଯାଆ
ତୋତେ ଝିଙ୍ଗା ମୋତେ ଝିଙ୍ଗା ସାଇ ପଡ଼ିଶା ଝିଙ୍ଗା
ତୋଳି ତୋଳି ଯାଆ, ତୋଳି ଯାଆ ।" କିମ୍ବା

'କାଠିଆ ଶିଙ୍ଗ', 'ନିନ୍ଦାଧୁନ୍ଦାର ବାପ', 'ନବଗ୍ରହ ବିକ୍ରମାଦିତ୍ୟ' ଆଦି ନାଚ ଗୁଡ଼ିକ ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । 'କାଠିଆ ଶିଙ୍ଗ' ନାଚର ଗୀତ ଏହିପରି -

ପୁରୁଷ - "ଆଜ ନିଶି ମୋ ପାଶେ ବସି ଖେଳିବା ପରା
ଆହେ ମାନିନୀ ନହ ଗୁମାନୀ ନାଗରୀ ହୀରା ।
ସ୍ତ୍ରୀ - ତୋ ପରି ରସିକ ଦେଖିଛି କେତେ ।
ପୁରୁଷ - ସତେ । ନୂଆ ଜାହାଜର କଣ୍ଟା,
କିଣି ଦେଇଥିବି ଟସରୀ ମଠା
ଭାଙ୍ଗି ଗଳିଯିବୁ ଅଣ୍ଟା ।
ସ୍ତ୍ରୀ - ଅଣ୍ଟାଭାଙ୍ଗି ଗଳି ଆସେ
ମଠା ଶାଢ଼ୀ ଆମ୍ଭେ ପିନ୍ଧିଛୁ କେତେ
ପାଟ ଶାଢ଼ୀ ପରିଯନ୍ତେ ।

ପୁରୁଷ - ଗୋବରା ଚଢ଼େଇ ହଳେ
କିଣି ଦେବି ତୋତେ ମୁହର ମାଳେ (ମୁହର = ମୋହର)
ମୁହର ମାଳେ ଲୋ, ପୀରତି କରିବା ବେଳେ ।
ସ୍ତ୍ରୀ - ବାନ୍ଧିବି ମୁଁ ତୋର ନାମେ କାଳିଆ କୁକୁର ହଳେ
ଯେବେ ତୁ ନଦେବୁ ମୁହର ମାଳେ ଗୋ ମୁହର ମାଳେ ।"

ପ୍ରକୃତିରୁ ବିଷୟବସ୍ତୁ ଆହରଣ କରିବା ମଣିଷର ସ୍ୱାଭାବିକ ପ୍ରବୃତ୍ତି ଦୃଷ୍ଟିରୁ ଛଉ ନାଚରେ ଏପରି ବିଭିନ୍ନ ବିଷୟ ସଂଯୋଜିତ ହୋଇଛି । ଧୁନ୍ଦୁପେଚ, କେଳାକେଲୁଣୀ, ଗୁଣ୍ଡୁଚି, ପ୍ରଜାପତି, ମୟୂର, ଆମଡାଳିଆ ଜାମୁଡାଳିଆ ପ୍ରଭୃତି ନାଚର ଗୀତ ଏହି ଶ୍ରେଣୀର ।

"ଗଙ୍ଗାଧର ମାଆରେ ବାଇନଧର ମାଆରେ
ଫୁଙ୍କଟି ଫିଡ଼ିଙ୍ଗଟି ବାଛି ବାଛି ଖାଆରେ ।" କିମ୍ବା

କେଳା ନୃତ୍ୟରେ -

"ଆସ୍ତେ ଆସ୍ତେ ଚଲରେ ଟାଙ୍ଗର ଠିକର ବାଟେ
ଲାଗିଲେ ଠିକର ପଟକିଯାବେ
ପାହାଡ଼ ପରବତ ବାଟେ,
ଭାଇରେ, ପାହାଡ଼ ପରବତ ବାଟେ, ....।" ଇତ୍ୟାଦି ।

ଏତଦ୍ ବ୍ୟତୀତ ଭିନ୍ନ ଭିନ୍ନ ନାଚ ଦ୍ୱାରା ବିଭିନ୍ନ ରସ ପରିବେଶିତ ହୋଇଥାଏ । ପୁରୁଲିଆ, ସିଂଭୂମ ଓ ମୟୂରଭଞ୍ଜ ବ୍ୟତୀତ କେଉଁଝର, ତାଳଚେର, ବଣାଇଁ, ନୀଳଗିରି, ଢେଙ୍କାନାଳ ଇତ୍ୟାଦି ସ୍ଥାନରେ ବିଭିନ୍ନ ପ୍ରକାରର ନାଚ ଭିନ୍ନ ଭିନ୍ନ ସମୟରେ ସୃଷ୍ଟି ହୋଇଥିଲା । କେତେକ ବିଶେଷ ନୃତ୍ୟ ବ୍ୟତୀତ ଅନେକ ଗୁଡ଼ିଏ ନାଚ ଅନାଦର ବା ଆବେଦନର ଅଭାବ ହେତୁ ବିଲୁପ୍ତ ହୋଇଅଛି ।

ପୁରୁଲିଆ, ସିଂଭୂମ ଓ ମୟୂରଭଞ୍ଜ ଅଞ୍ଚଳରେ ବଙ୍ଗଳା, ଓଡ଼ିଆ, ହିନ୍ଦୀ ଓ କୁର୍ମାଳୀ ଭାଷାର ଗୀତ ଗୁଡ଼ିକର ରୂପ ସ୍ଥଳ ବିଶେଷରେ ମିଶ୍ରିତ ହେଲେ ହେଁ ତହିଁର ଭାବର ସତେଜା, ପ୍ରାଣ ପ୍ରାଚୁର୍ଯ୍ୟ, ମାନବିକ ଆବେଦନରେ କାଳଜୟୀ ହୋଇପାରିଛି । ନିଜସ୍ୱ କବି ମାନଙ୍କର ବିଭିନ୍ନ ରଚନା ଲୋକମନ ଆବେଦନୀ ରସ ଓ ନିତ୍ୟ ନୂତନ ଭାବରେ ଉଦ୍‌ଭାସିତ ହୋଇଛି । ପ୍ରାଚୀନ କାଳରୁ ସାଂପ୍ରତିକ କାଳ ପର୍ଯ୍ୟନ୍ତ ସାମାଜିକ ଚଳଣି, ଧର୍ମ ବିଶ୍ୱାସ, ଦେବାରାଧନା, ଖାଦ୍ୟପେୟ, ଆନନ୍ଦ ଉପଭୋଗ, ସାଜସଜ୍ଜା, ଶିକ୍ଷା, କୃଷି ଇତ୍ୟାଦି ବିଷୟର ସୂଚନା ପ୍ରଦାନ କରେ ।

ଧର୍ମ: ଆଞ୍ଚଳିକ ଧର୍ମବିଶ୍ୱାସ ଯଥା ଜୈନ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ବୈଷ୍ଣବ ପ୍ରଭୃତି ଧାର୍ମିକ ପରମ୍ପରା ନାଚରେ ପ୍ରତିଫଳିତ । ନାଚଗୁଡ଼ିକ ବିଭିନ୍ନ ଧରଣର ଓ ଉପରୋକ୍ତ କେତେକ ଧର୍ମ ଧାରଣାକୁ ଆଶ୍ରୟ କରି ଗଠିତ ଓ ପ୍ରଦର୍ଶିତ ହୋଇଥାଏ । ମଞ୍ଚରେ ପ୍ରଦର୍ଶିତ ନାଚ ଗୁଡ଼ିକ ଦର୍ଶକ ମାନଙ୍କ ଦ୍ୱାରା ଆଦୃତ ହେଉଥିବାରୁ ସେମାନଙ୍କର ଧାର୍ମିକ ମନୋବାଞ୍ଛା ଓ ଦୃଷ୍ଟି ଆକାଂକ୍ଷା ପୂର୍ଣ୍ଣ ହୁଏ ।

ଦେବଦେବୀ: ଶିବ, ଦୁର୍ଗା, ଭୈରବ, ଭୈରବୀ, ମନସା, ଗଣେଷ, କାର୍ତ୍ତିକ, କୃଷ୍ଣ, ରାଧା, ସୂର୍ଯ୍ୟ, ଭାନୁ, ହନୁମାନ, ପାହାଡ଼, ବୃକ୍ଷ ପ୍ରଭୃତିଙ୍କ ଠାରେ ଲୋକଙ୍କର ଭକ୍ତି ଓ ଶ୍ରଦ୍ଧାପୂର୍ଣ୍ଣ ବିଶ୍ୱାସ ରହିଥିବାର ଜଣାଯାଏ ।

ଆଚାର ବିଚାର: ନାଚ ଗୁଡ଼ିକରେ ବ୍ୟବହୃତ ଗୀତ ଗୁଡ଼ିକରୁ ସାମାଜିକ ଆଚାର ବିଚାର ବିଷୟରେ ଜାଣିହୁଏ । ଯୁଦ୍ଧକୁ ଯିବା ସମୟରେ ପୁତ୍ରର ମସ୍ତକରେ ମାତା ସିନ୍ଦୂରଟୀକା ଲଗାଇ ଦେବାର ବିଧି (ମୋଆ ଦେଇ ସିନ୍ଦୂର ଟୀକା...) ସମାଜରେ ଲୋକମାନେ ସାହସୀ ଓ କର୍ମଠ ଥିବା ପ୍ରମାଣ । (କହ କହ କେଉଁ ଜାତି ପାଇଛି ମୁକତି...)ଏହା ସ୍ୱାଧୀନତା ସଂଗ୍ରାମ ବେଳର ଓଡ଼ିଆ ଚାରଣ କବି ବାଞ୍ଛାନିଧି ମହାନ୍ତିଙ୍କର ରଚନା । ଓଡ଼ିଶାର ରଥଯାତ୍ରା ସଂପର୍କରେ 'ରସିକାରମ୍ଭ' ଗୀତରୁ ଜଣାଯାଏ ।

ଭାଦ୍ରବ ମାସରେ ମକା ପୋଡ଼ି ଖାଇବାର ରସାଳ ଅନୁଭୂତି ସାଧାରଣ ମଣିଷମନରୁ ଭୁଲି ହୋଇ ନାହିଁ । (ଜନାର ପୋଡ଼ା ପାଶୋରା ନା ଯାୟ....)। ସମାଜରେ ଗଣକଙ୍କ ଆଦର । ବାଉଲ ମାନଙ୍କର କୃଷ୍ଣଲୀଳା ବିଷୟକ ଗାନ ଆଦୃତ ହେଉଥିଲା । ତାସ ଖେଳିବା ଏକ ଆମୋଦ । ଏହା 'କାର୍ଡ଼ ଡାନ୍‌ସ'ରୁ ଜଣାଯାଏ । ସମାଜରେ ମାତୃପୂଜାର ପ୍ରଚଳନ ଥିଲା । ରାଧାକୃଷ୍ଣ ବିଷୟକ ଗୀତରୁ କୃଷ୍ଣ ପ୍ରେମ ପ୍ରସିଦ୍ଧି ସଂପର୍କରେ ଜଣାଯାଏ । ଅରଣ୍ୟ ଅଞ୍ଚଳରେ ଶାଳଫୁଲରେ କୁଆଁରୀ ମାନେ ଗଭାମଣ୍ଡନ କରନ୍ତି । ଆଦିବାସୀ ସମାଜରେ ହାଣ୍ଡିଆ ପ୍ରଚଳନ ଥିବାର 'କେଳା ନୃତ୍ୟ'ରୁ ଜଣାଯାଏ । ଅରଣ୍ୟରୁ ଫଳମୂଳ ସଂଗ୍ରହ କରିବା ଆରଣ୍ୟକ ଜୀବନର ପ୍ରତୀକ । ଏହା 'କୀରାତାର୍ଜୁନ' ଗୀତରୁ ଜଣାଯାଏ । ଯୁବକ ଯୁବତୀ ମନର ଗହନ କଥା 'ବାଉଲ କୃଷ୍ଣ' ଗୀତରୁ ବୁଝାପଡ଼େ । ପ୍ରେମିକ ପ୍ରେମିକାର ବିରହରେ ଯୋଗୀ ହୋଇ ଯିବାର ଭାବନା ଉଦ୍‌ବୋଧିତ । ଜୀବନର ଅନ୍ତିମ ସମୟର ଦୁଃଖ ଯନ୍ତ୍ରଣା ସଂପର୍କରେ ମଣିଷ ମନରେ ବୈରାଗ୍ୟ ଭାବ ସୃଷ୍ଟି ହୁଏ ।

ଖାଦ୍ୟପେୟ: ସମାଜରେ ଦହି, ହାଣ୍ଡିଆ ପ୍ରଭୃତି ପାନୀୟ, ମକା, ମାଂସ, ବଣର ଫଳମୂଳ ଆଦି ଖାଦ୍ୟର ପ୍ରଚଳନ ଥିବା ସଂପର୍କରେ ଜଣାଯାଏ ।

ଶିକ୍ଷା: ସମାଜରେ ଅନେକ ପାରମ୍ପରିକ ଶିକ୍ଷା ସଂପର୍କରେ ଧାରଣା ଥିଲା । ରାମାୟଣ, ମହାଭାରତ, ବିଭିନ୍ନ ପୁରାଣ, କୃଷ୍ଣ ପ୍ରେମ ବିଷୟକ ଲୀଳା ଉପାଖ୍ୟାନ ଶ୍ରବଣ ଓ ଦର୍ଶନ ମାଧ୍ୟମରେ ଲୋକେ ଶିକ୍ଷା ଲାଭ କରୁଥିଲେ । ଜ୍ୟୋତିଷ ଶାସ୍ତ୍ର, ସ୍ୱର, ସଂଗୀତ, ବାଦ୍ୟ, ଯୁଦ୍ଧବିଦ୍ୟା ଇତ୍ୟାଦି ପାରମ୍ପରିକ ବିଦ୍ୟା ସମସ୍ତ ସମାଜରେ ପ୍ରଚଳିତ ଥିଲା । ସମାଜର ଉଦାରତା ଓ କୁସଂସ୍କାର ବିଷୟରେ ଛଉ ନାଚରୁ ଜଣାଯାଏ । ସମାଜରେ ସ୍ତ୍ରୀ ସ୍ୱାଧୀନତା ରହିଥିଲା ।

ଉପଭୋଗ: ସାମାଜିକ ବ୍ୟକ୍ତିମାନେ ବିଭିନ୍ନ ବିଷୟରେ ନିଜର କାମନା ଚରିତାର୍ଥ କରିବା ନିମନ୍ତେ ବିଭିନ୍ନ ଉପାୟ ସଂପର୍କରେ ସଚେତନତା ଥିବାର ଜଣାଯାଏ ।

କୃଷି: ଧାନ, ମକା, ଜହ୍ନି ପ୍ରଭୃତି ଚାଷ ସଂପର୍କରେ ଲୋକଙ୍କ ଧାରଣା ସଂପର୍କରେ ସ୍ପଷ୍ଟ ଜାଣି ହୁଏ ।

ସଜା: ବହୁ ପ୍ରକାର ଫୁଲରେ ସ୍ତ୍ରୀ ଲୋକମାନେ ନିଜକୁ ସଜାଉଥିଲେ । ପୁରୁଷମାନେ ବିଭିନ୍ନ ପକ୍ଷୀର ପର, ତାଳପତ୍ର ଇତ୍ୟାଦିରେ ସଜାଉଥିବା ଜଣାଯାଏ ।

ଛଉ ନୃତ୍ୟରେ ନାନ୍ଦନିକ ଅନୁଭବ: କଳାର ଅନ୍ୟ ବିଭାବ ଗୁଡ଼ିକ ପରି ନୃତ୍ୟ-ନାଟ (Dance - Drama) ଜୀବନର ଦୁଃଖସୁଖ, ଆନନ୍ଦ ଓ ନିରାନନ୍ଦ ଚରିତ୍ରାୟିତ କରିଥାଏ । ଗୀତ ବା ସଂଗୀତର ଅର୍ଥ ବା ପ୍ରସ୍ତାବକୁ ଶିଳ୍ପୀ ଅଭିନୟ ମାଧ୍ୟମରେ ଦର୍ଶକ ବା ଶ୍ରୋତା ନିକଟରେ ପହଞ୍ଚାଇ ଥାଏ । ଅଭିନୟ ଏକ କଳା ବା ଆଚରଣ ଯାହାର ପ୍ରଭାବ ଗୁଣବୋଧ ବା ଦ୍ରଷ୍ଟା ଉପରେ ଅନୁଭୂତ ହୁଏ ଓ ତା' ମଧ୍ୟରେ ରସ ସଂଚାର କରିବା ସହାୟକ ହୋଇଥାଏ ।

• ସଂସ୍କୃତରେ ରସ ଅର୍ଥ ହେଉଛି 'ଆସ୍ୱାଦନ' । ଆସ୍ୱାଦ ଯୋଗ୍ୟ ଅନୁଭୂତିକୁ ରସ କୁହାଯାଏ । ଯେଉଁଭଳି ମଧୁର, ଅମ୍ଳ, କଟୁ, ତିକ୍ତ, କଷାୟ, ଲବଣ ପ୍ରଭୃତି ବ୍ୟଞ୍ଜନ ଦ୍ୱାରା ମିଶ୍ରିତ ଅନ୍ନକୁ ଉପଭୋକ୍ତାମାନେ ଆସ୍ୱାଦନ କରି ଆନନ୍ଦ ଅନୁଭବ କରିଥାନ୍ତି । ସେହିଭଳି ବାଚିକ, ଆଙ୍ଗିକ ଓ ଆହାର୍ଯ୍ୟ ଅଭିନୟ ଦ୍ୱାରା ଅଭିନୀତ ଭାବ ଅର୍ଥାତ୍ ଶୃଙ୍ଗାର, କରୁଣ, ହାସ୍ୟ ପ୍ରଭୃତି ରସ ମାନଙ୍କରେ ସ୍ଥାୟୀ ଭାବକୁ ଦର୍ଶକ ଅନୁଭବ କରେ । ଏହା ନାଟ୍ୟ ରସ ନାମରେ ନାମିତ । ରସ ବାଚ୍ୟ ନୁହେଁ । ବ୍ୟଞ୍ଜନା ଦ୍ୱାରା ରସର ବୋଧ ହୋଇଥାଏ ଏବଂ ଆଭାସ ଓ ଇଙ୍ଗିତ ମାଧ୍ୟମରେ ଆସ୍ୱାଦ ଯୋଗ୍ୟ ଭାବ ପ୍ରକାଶ କରିବାହିଁ ବ୍ୟଞ୍ଜନାଶକ୍ତିର ବୈଶିଷ୍ଟ୍ୟ । ଏହା ବିଭାବ, ଅନୁଭାବ, ସ୍ଥାୟୀ ଭାବ ଏବଂ ସଂଚାରି ଭାବ ଦ୍ୱାରା ହିଁ ଅଭିବ୍ୟକ୍ତ ହୋଇଥାଏ ।

ଏ ସମସ୍ତ ବିଷୟରେ ସଂସ୍କୃତ ଆଳଙ୍କାରିକ ମାନେ ଅତି ବିଶଦ ଆଲୋଚନା କରିଛନ୍ତି । ଏଠାରେ କେବଳ ଛଉ ନାଚର ପରିସ୍ଫୁଟିତ ଭାବ ଓ ରସର ଅବତାରଣା ଓ ରସାସ୍ୱଦନର ପରିଚୟ ପ୍ରଦାନ କରାଯିବ । ଛଉରେ ମୂଳତଃ ଆଙ୍ଗିକ ଓ ଆହାର୍ଯ୍ୟ ହିଁ ପ୍ରାଧାନ୍ୟ ଲାଭ କରିଥାଏ । ଦର୍ଶକ ବା ରସିକ ଭିତରେ ରସାତ୍ମକ ପ୍ରତିକ୍ରିୟା ଉତ୍ପନ୍ନ ହୋଇଥାଏ । ସେତେବେଳେ ତା'ର ଦୃଷ୍ଟି ନାନ୍ଦନିକ ବସ୍ତୁ ଉପରେ ନିବଦ୍ଧ ରହେ । ଭାରତୀୟ ନୃତ୍ୟ ପରମ୍ପରା ଅନୁଯାୟୀ ଶାସ୍ତ୍ରୀୟ ନୃତ୍ୟ କେବଳ ଆମୋଦ ଦାୟକ ନୁହେଁ । ଏହି ଦ୍ରଷ୍ଟାକୁ ନାନ୍ଦନିକ ନିର୍ଣ୍ଣୟର ଶିଖର ସ୍ଥାନକୁ ନେଇଯାଏ ଏବଂ ସଂପୂର୍ଣ୍ଣ ଆନନ୍ଦ ପାଇବା ପାଇଁ ତାହା ଭିତରେ ଯୁଗପତ୍ ଲିପ୍ସା ସୃଷ୍ଟି କରେ, ଯଥା- କ୍ଳେଶ ଭୋଗୁଥିବା ବ୍ୟକ୍ତି ପ୍ରତି ଆମର କରୁଣା ଜାତ ହୁଏ । ଅନ୍ୟାୟର ସମ୍ମୁଖୀନ ହେବା ପାଇଁ ଆମଠାରେ ରୌଦ୍ର ରସ ସଂଚରିତ ହୁଏ । ନୃତ୍ୟରେ ସେହି କାରଣରୁ (କଳାର ଯେ କୌଣସି ବିଭାବରେ) ଅନୁଭୂତିର ପରିଣତି ପ୍ରୀତି ଓ ଅନୁଭୂତିର ଶେଷ ସୁଖରେ । ଯେ ନୃତ୍ୟକରେ ତା'ପାଇଁ ନୃତ୍ୟ ବିଶୁଦ୍ଧ ସୁଖ ଆଣିଦିଏ ।

ଏହି ପରିପ୍ରେକ୍ଷୀରେ ଛଉନୃତ୍ୟ ନୃତ୍ୟକାରୀ ଓ ଦର୍ଶକଙ୍କୁ ସୁଖ ଆଣି ଦେଇଥାଏ । ବୀରର ସୁଖ ବୀରତ୍ୱ ପ୍ରଦର୍ଶନରେ, ପ୍ରେମିକର ସୁଖ ପ୍ରୀତି ସଂଚର ଓ ମିଳନରେ ଘଟିଥାଏ । ଦୁଇ ପ୍ରକାର ଛଉ ଅର୍ଥାତ୍ ମୁଖାଯୁକ୍ତ ଓ ମୁଖା ବିହୀନ । କେଉଁ ଶୈଳୀରେ ଅଧିକ ରସ ପ୍ରକାଶ ସମ୍ଭବ ତାହା ନୃତ୍ୟଶିଳ୍ପୀ ଏବଂ ଦର୍ଶକ ମାନଙ୍କ ଉପରେ ନିର୍ଭର କରେ । ରସ ଆସାଦନ କେତେକାଂଶରେ ଆଞ୍ଚଳିକ ଓ ପରିବେଶର ଭିନ୍ନତାବଲମ୍ବୀ ହୋଇଥାଏ । ଏହି କାରଣରୁ ଛଉ ନୃତ୍ୟରେ ଭିନ୍ନତା ସୃଷ୍ଟି ହୋଇଛି । ମୁଖା ଲଗାଇବା ଦ୍ୱାରା ମଞ୍ଚରେ ନୃତ୍ୟକାରୀର ଚରିତ୍ରିକ ଉପସ୍ଥିତି ଅଧିକ ପରିମାଣରେ ସ୍ପଷ୍ଟ ଓ ଘନିଷ୍ଠ ହୋଇଥିବା ସ୍ଥଳେ ମୁଖମଣ୍ଡଳର ଚକ୍ଷୁ, ଅଧର, ନାସା, କପାଳ ସମୂହର ଭାବ ପ୍ରକାଶର ବ୍ୟଞ୍ଜନା ବାଧା ପ୍ରାପ୍ତ ହୁଏ । ମୁଖାହୀନ ମୁଖରେ ଏଗୁଡ଼ିକ ସ୍ପଷ୍ଟ ଉପଲବ୍ଧ ଓ ସଂଚର ସମ୍ଭବ ହୁଏ । ବୀରତ୍ୱ ପ୍ରଦର୍ଶନ କାଳରେ ଭୟପ୍ରାପ୍ତି ସମୟରେ, ପ୍ରେମ ଓ ବିରହ ଜନିତ ଆବେଗ ମୁଖାହୀନ ମୁଖରେ ଅଧିକ ବ୍ୟଞ୍ଜିତ ହୁଏ । ମୁଖାଯୁକ୍ତ ମୁଖରେ ଏଗୁଡ଼ିକର ସୂଚନ ହେଉଥିଲେ ହେଁ ଆବରଣ ହେତୁ ପ୍ରକାଶ ଅସମ୍ଭବ ।

ରସ ସଂଚର ଓ ପରିଣତି: ତିନି ଅଞ୍ଚଳରେ ଅଭିନୀତ କେତୋଟି ବିଶିଷ୍ଟ ନୃତ୍ୟର ରସ ପ୍ରକାଶ ସଂପର୍କରେ ଆଲୋଚନା କରାଯାଉଛି ।

ପୁରୁଲିଆ ଛ/ଛଉ ନାଚର ଗଣେଶ ବନ୍ଦନା: ଏହା ଏକ ମେଳ ନାଚ । ମହାଯୋଗୀ ଶିବ ଓ ଗିରିରାଜ ଜେମା ପାର୍ବତୀ, ଗୁରୁ ଓ ଗୁରୁପତ୍ନୀ, ଦୁହିଁଙ୍କ ଦର୍ଶନ ନିମନ୍ତେ କୈଳାସ ଶିଖରେ ଉପସ୍ଥିତ

ମହାପରାକ୍ରମୀ ପରଶୁରାମ ହାତରେ କମଣ୍ଡଳୁ, ମସ୍ତକରେ ଜଟା, ମୁଖରେ ଶ୍ମଶ୍ରୁ, ପରିଧାନରେ ଗୈରିକ ବସନ । ଆସ୍ଥାନର ଦ୍ୱାର ଦେଶରେ ରକ୍ଷୀପୁତ୍ର ଗଜାନନ । ପିତାଙ୍କ ଆଦେଶ କେହି ଯେପରି ଭିତରକୁ ପ୍ରବେଶ ନକରନ୍ତି । ଆଲୋଚନାରେ ବିଘ୍ନ ଘଟିବ । ଗଣେଶ ପରଶୁରାମଙ୍କୁ ଭିତରକୁ ଯିବା ପାଇଁ ବାରଣ କଲେ । ପରଶୁରାମଙ୍କ ସମସ୍ତ ଅନୁନୟ ବିନୟୋକ୍ତି ବିଫଳ ହେଲା । ଏଥିରେ ପରଶୁରାମ କ୍ରୋଧାନ୍ୱିତ ହୋଇ ଯୁଦ୍ଧ ଆରମ୍ଭ କଲେ । ପରଶୁରାମ ଆଘାତରେ ଗଣେଶଙ୍କର ଦନ୍ତ ଭଗ୍ନ ହେଲା । ସେ ଭୂମିରେ ପତିତ ହେଲେ । ଶିବଗଣମାନେ ଭୟରେ ପଳାୟନ କଲେ । ଭାଇଙ୍କର ଏପରି ଦୁର୍ଦ୍ଦଶା ଦେଖି ଦେବ ସେନାପତି କାର୍ତ୍ତିକେୟ ଉଭା ହେଲେ ଦ୍ୱାର ଦେଶରେ । ଦୁହିଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା ଓ ଦେବ ସେନାପତି ମଧ୍ୟ ପରାସ୍ତ ହେଲେ । ଯୁଦ୍ଧର ଘନଘଟା ମଧ୍ୟରେ ହରପାର୍ବତୀ ମଞ୍ଚରେ ଆବିର୍ଭୂତ ହେଲେ । ଯୁଦ୍ଧ ବନ୍ଦ ହେଲା । ପରଶୁରାମ ଗୁରୁ ଓ ଗୁରୁପତ୍ନୀଙ୍କର ଚରଣ ବନ୍ଦନା କରି ସମସ୍ତ ଘଟଣା ବର୍ଣ୍ଣନା କଲେ । ପାର୍ବତୀ ନିଜପୁତ୍ରର ଏପରି ଦୁର୍ଦ୍ଦଶା ଦେଖି କ୍ରୋଧରେ ଥରହର ହେଲେ । ମହାଦେବ ପାର୍ବତୀଙ୍କୁ ବୁଝାଇ ଅବସ୍ଥା ଶାନ୍ତ କରାଇଲେ । ଦେବୀ ପାର୍ବତୀ, ଦେବ ଦେବ ମହାଦେବ, ଗଣେଶ ଓ କାର୍ତ୍ତିକଙ୍କ ସହିତ ଶିବଗଣ ମେଳ ନାଚି ନାଚି ସମାପ୍ତ କଲେ । ଏଇ ନାଚଟିରେ ପାର୍ବତୀ କାଳୀ ରୂପରେ କେଉଁଠି ଅବତୀର୍ଣ୍ଣ ହୋଇ ପରଶୁରାମଙ୍କ ସହିତ ଯୁଦ୍ଧ କରିଥିବାର ମଧ୍ୟ ଦେଖାଯାଏ । ଯୁଦ୍ଧ ମଝିରେ ଶିବଙ୍କର ପ୍ରବେଶ ଘଟେ ଓ ଦେବୀ ପାର୍ବତୀ କାଳୀ ରୂପ ପରିତ୍ୟାଗ କରି ପୁନର୍ବାର ତାଙ୍କର ମଙ୍ଗଳମୟୀ ବେଶ ଧାରଣ କରି ଆବିର୍ଭୂତା ହୁଅନ୍ତି । ପୁରୁଲିଆର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଏହି ନୃତ୍ୟରେ ଏପରି କେତେକ ସାମାନ୍ୟ ପରିବର୍ତ୍ତିତ ରୂପ ଲକ୍ଷ୍ୟ କରାଯାଇଥାଏ ।

ଉପରୋକ୍ତ ନୃତ୍ୟରେ ବିଭିନ୍ନ ରସର ସମ୍ମିଳନ ଘଟିଛି । ଭକ୍ତି, ବୀର, ଭୟାନକ, ରୌଦ୍ର, କରୁଣ ପରିଶେଷରେ ଶାନ୍ତ ଭାବ ଇତ୍ୟାଦି । ଆସରରେ ନୃତ୍ୟକାରୀ ମାନଙ୍କର ମୁଖାର ସଜ୍ଜା, ଉଜ୍ଜଳ ପୋଷାକ, ବାରମ୍ବାର ମସ୍ତକ ଚାଳନ, ଡିଗ୍‌ବାଜୀ, ଉଲ୍‌ଫା ଇତ୍ୟାଦି ରଣକୌଶଳ ପ୍ରଦର୍ଶନ ଦ୍ୱାରା ଦର୍ଶକର ମନର ଉତ୍କଣ୍ଠା ପରିପୂର୍ଣ୍ଣ ହୁଏ । ଶେଷରେ ପ୍ରିୟ ଆଧ ଦେବତା ଶିବ ପାର୍ବତୀଙ୍କର ରୂପ ସଂଦର୍ଶନରେ ମନ ଶାନ୍ତ ହୁଏ । ଏହି ନୃତ୍ୟ-ନାଟର ଅବତାରଣାରେ ନୃତ୍ୟ ନିର୍ବିଘ୍ନରେ ଶେଷ ହେବ ବିଶ୍ୱାସ କରାଯାଏ । ଆନନ୍ଦର ପୂର୍ଣ୍ଣତା ପ୍ରାପ୍ତି ଘଟେ । ଏହା ଲୌକିକ ସଂସ୍କୃତି ନୁହେଁ । ଶାସ୍ତ୍ରୀୟ ନୃତ୍ୟର ପ୍ରଭାବ । ଲୋକସଂସ୍କୃତିରେ ଏହା ପ୍ରବେଶ କରି ନିଜର ସ୍ଥିତି ସୁଦୃଢ଼ କରିଛି ।

ବାରିପଦାର ଶବରଟୋକା: ଏହା ଗୋଟିଏ ଏକକ ନୃତ୍ୟ । ଶିକାରୀ ଶବର ଅରଣ୍ୟକୁ (ମଞ୍ଚ ଉପରକୁ) ଆସିଛି । ଡାହାଣ ହାତରେ ବର୍ଚ୍ଛା, ବାମ ହାତରେ ଢାଲ । ପରିଧାନ ଧୋତି ପାଇକଛା । ଅଣ୍ଟାରେ ଭିଡ଼ିଛି ଗାମୁଛା । ମସ୍ତକରେ ପକ୍ଷୀର ପର ଓ ଠେକା । ମୁହଁରେ ମୁଛ । ପାଦରେ ଘୁଙ୍ଗୁର । ଢାଲରେ ବିଭିନ୍ନ ରଙ୍ଗରେ ଭୟାନକ ଚିତ୍ର ଅଙ୍କିତ ।

ଅରଣ୍ୟ ଶବର ଟୋକାର ଚରାଭୂଇଁ । ବାସ ତାର ତାଳ ପତ୍ର କୁଡ଼ିଆ – ପାହାଡ଼ର ପାର୍ଶ୍ୱ ଦେଶରେ ଅରଣ୍ୟ ଭୂମିର ଏକ ଅଂଶରେ । ପାନୀୟ ତାର ଝରଣାର ପାଣି, ମୁକ୍ତ ପବନ । ସେ ମୁକ୍ତ, ସବଳ, ସାହସୀ, ଆହାର- ଆରଣ୍ୟକ ଫଳମୂଳ, ପଶୁପକ୍ଷୀ, ମାଂସ, ସିଝା ଦରପୋଡ଼ା ।

ଶବର ଟୋକା ଅରଣ୍ୟରେ ଶିକାର ସନ୍ଧାନରେ ବିଚରଣରତ । ସନ୍ଧାନୀ ଦୃଷ୍ଟି ତା'ର ନିଘଞ୍ଚ ବନାନୀର କୋଣରେ କୋଣରେ । ତୃଣଭୋଜି ହରିଣ, ସମ୍ବରଟିଏ, ଗଛଡାଳର ପକ୍ଷୀଟିଏ ହେଲେ ବି ତାର ସଂସାର ଆନନ୍ଦରେ ପୂରି ଉଠିବ । ମନ ଆଗ୍ରହୀ ।

ସହସା ମହାବଳର ଗର୍ଜନରେ ଅରଣ୍ୟ ପ୍ରଦେଶ ପ୍ରକମ୍ପିତ । ସେ ମଧ ଶିକାର ଅନ୍ୱେଷଣରତ । ଶବର ଟୋକା ନିଜକୁ ବଞ୍ଚାଇବ । ଆତ୍ମରକ୍ଷା ଓ ଆକ୍ରମଣ । ମାରିପାରେତ ମହାବଳକୁ ତେବେ ପୌରୁଷ ଦୀପ୍ତ ହୋଇ ଉଠିବ ଶତମୁଖ ପ୍ରଶଂସାରେ । ଛାଲଟିକୁ ବିକ୍ରୟ କରି ଅର୍ଥ ଉପାର୍ଜନ କରିବ । ଉଦ୍‌ବିଗ୍ନ ମନରେ ଆଶଙ୍କା ।

ମହାବଳ ଓ ଶବର ଟୋକା । ଶବର ଟୋକା ଓ ମହାବଳ । ପରସ୍ପରକୁ ଆକ୍ରମଣ ଓ ପରାସ୍ତ କରିବା ନିମନ୍ତେ ଛକାପଞ୍ଝା ଚାଲେ କିଛି କ୍ଷଣ । ମହାବଳ ଲମ୍ଫ ପ୍ରଦାନ କରେ ଶବର ଟୋକା ଉପରକୁ । ବହୁ ଆକାଂକ୍ଷିତ ନର ମାଂସରେ ଉଦର ପୂର୍ତ୍ତି ଓ ମନ ତୃପ୍ତି ହୋଇ ଉଠିବ । ଶବରଟୋକା ବର୍ଚ୍ଛାଟିକୁ ଶକ୍ତ କରି ବାଗେଇ ଧରି ବାଘର ବୁକୁରେ ଆଘାତ କରିବାକୁ ଉଦ୍ୟତ । ଢାଲ ଦ୍ୱାରା ବାଘର ଆକ୍ରମଣକୁ ପ୍ରତିହତ କରୁଛିରେ । ବାଘର ନଖ ପନ୍ଝାର ଚାପରେ, ଦାନ୍ତର ଆଘାତରେ ଶରୀର ତାର କ୍ଷତ ବିକ୍ଷତ । ଜୀବନ ମରଣ ସମସ୍ୟା । ଯୁଦ୍ଧ ବୀରତ୍ୱର ପରାକାଷ୍ଠା ସାହସ ଓ ଶକ୍ତି ପ୍ରଦର୍ଶନରେ ।

ପରିଶେଷରେ ନିଜର ଶକ୍ତ ବାହୁ ଓ ହସ୍ତର ଦୃଢ଼ ବର୍ଚ୍ଛା ମହାବଳର ବୁକୁରେ ଭୁଷି ହୋଇଗଲା । ମହାବଳ ଭୀଷଣ ଗର୍ଜନ କରି ଭୂଇଁରେ ଲୋଟି ପଡ଼ିଲା । ଦର୍ଶକର ଶରୀରରେ ରୋମାଞ୍ଚ ଓ ବେପଥୁ । ଶରୀରର ସମସ୍ତ ଶକ୍ତି ପ୍ରୟୋଗ କରି ଶବର ଟୋକା ବର୍ଚ୍ଛାକୁ ବ୍ୟାଘ୍ରର

ବୁକୁରେ ଚପି ଧରିଲା । ତା'ର ଶରୀର ନିଥର ହେବା ପର୍ଯ୍ୟନ୍ତ ଶବର ଟୋକାର ଚକ୍ଷୁ, ଗ୍ରୀବା, ମୁଖମଣ୍ଡଳ, ବୀରତବ ଓ ସାହସର ଗାରିମାରେ ଉତ୍‌ଫୁଲିତ ।

ମହାବଳର ପ୍ରକାଣ୍ଡ ବପୁ ଶାନ୍ତ ଶୀତଳ । ଉଷ୍ମ ରକ୍ତର ଧାର ବୋହି ଚାଲିଛି । ଦର୍ଶକର ମନ ଆନନ୍ଦ ଓ କରୁଣାରେ ପୂର୍ଣ୍ଣ । ବର୍ଚ୍ଛାଟିକୁ କାଢ଼ି ଆଣି ନଥିକିନା ବସିପଡ଼ି ଦୀର୍ଘ ଶ୍ୱାସଟିଏ ମାରି ବିଶ୍ରାମ କଲା ଗଛକୁ ଆଉଜି । ଗାମୁଛା କାଢ଼ି ମୁଖ, ଦେହର ଝାଳ ପୋଛିବାରେ ଲାଗିଲା । ଅଣ୍ଟାରୁ ଖଇନି ବାହାର କରି ଦଳି ଖାଇଲା । ମନ ପ୍ରଫୁଲ୍ଲ ଓ ଶରୀର କ୍ଳାନ୍ତ ।

ଶବର ଟୋକା ବିଜୟୀ । ସେ ଶତ୍ରୁହନ୍ତା । ସେ ଆତ୍ମରକ୍ଷାକାରୀ । ଆତ୍ମାନନ୍ଦରେ ଉତ୍‌ଫୁଲିତ ମନରେ ସେ 'ଶୂନଡିଆଁ' ମାରି ମୁଖରେ କୁରୁଳି ଦିଏ ବିଜୟ ଆନନ୍ଦରେ ।

ନୃତ୍ୟକାରୀ ଓ ଦର୍ଶକର ମନ ଉଦ୍‌ବିଗ୍ନ, ଭୟ, ଆଶଙ୍କା, ଦୟା, କରୁଣା, ତିତିକ୍ଷା, ରୌଦ୍ରତାରେ ସର୍ବୋପରି ଶେଷରେ ଶାନ୍ତ ଓ ଆନନ୍ଦ ଭାବରେ ପରିପୂର୍ଣ୍ଣ । ଏହା ହିଁ ରସ ଉପଲବ୍ଧି କିମ୍ବା ନାନ୍ଦନିକ ଉପଭୋଗର ଚରମ ପରିଣତି ।

ନୃତ୍ୟଟି ଲୌକିକ ପରିବେଶ ଓ ସଂସ୍କୃତି ଆଧାରିତ ଏକକ ନୃତ୍ୟ । ଜାଙ୍ଗଲିକ ଜୀବନର ପ୍ରତିଫଳନ ସୁଷ୍ଠୁ ଭାବେ ଘଟିଛି ।

ଚନ୍ଦ୍ରଭାଗା (ଷଢ଼େଇକଳା):- ଏହି ନାଚଟି ଓଡ଼ିଶାର ପୃଥିବୀ ବିଖ୍ୟାତ କୋଣାର୍କର ସୂର୍ଯ୍ୟ ମନ୍ଦିର ସଂପର୍କୀୟ ପ୍ରଚଳିତ ଏକ କିମ୍ବଦନ୍ତୀ ଉପରେ ଆଧାରିତ । ଏହା ଏକ କରୁଣ ରସାତ୍ମକ କାହାଣୀ ।

ମହର୍ଷି ସୁମନ୍ତୁଙ୍କ ପୁତ୍ରୀ ଚନ୍ଦ୍ରଭାଗା ଯୌବନରେ ଉପନୀତ ହେଲାପରେ ସମୁଦ୍ର ତୀରରେ କ୍ରୀଡ଼ା କୌତୁକରେ ମାତି ସମୟ କଟାଉଥିଲେ । ଦିନେ ସୂର୍ଯ୍ୟଦେବଙ୍କ ଦୃଷ୍ଟି ସେହି ଅପରୂପ । ଯୁବତୀଙ୍କ ଉପରେ ନିବଦ୍ଧ ହେଲା । ସୁନ୍ଦରୀ ଚନ୍ଦ୍ରଭାଗା ସମୁଦ୍ର କୂଳରେ ସେଦିନ କନ୍ଦୁକ କ୍ରୀଡ଼ାରତା ଥିଲେ । ସୂର୍ଯ୍ୟଦେବ ତାଙ୍କୁ ଏକାକିନୀ ଦେଖି ସେଠାରେ ଉପସ୍ଥିତ ହୋଇ ତାଙ୍କର ପ୍ରେମ ଭିକ୍ଷା କଲେ । ଅନାଘ୍ରା ତରୁଣୀ କାମ ବିକାର ହୀନା ହୋଇ ସୂର୍ଯ୍ୟଙ୍କର ଉପସ୍ଥିତିକୁ ସହ୍ୟ କରିପାରି ନଥିଲେ । ଏକ ପକ୍ଷରେ ସୂର୍ଯ୍ୟଙ୍କର ଶରୀରରେ କାମ ଉଦ୍ଦୀପନା ଅନ୍ୟ ପକ୍ଷରେ କାମ ରହିତା ଭୟ ବିହ୍ୱଳା ଯୁବତୀ କନ୍ୟା । ସୂର୍ଯ୍ୟଙ୍କର ଆବେଦନ, ପ୍ରତିବେଦନ ସମସ୍ତ ଚନ୍ଦ୍ରଭାଗା ମନରେ ଭୟ ସଂଚାର କରାଇଥିଲା । ସେ ନିଜକୁ, ନିଜର ସତୀତ୍ୱକୁ ରକ୍ଷା କରିବା ନିମନ୍ତେ ସମୁଦ୍ରର ବାଲୁକା ବେଳାରେ ଦୌଡ଼ି ପଳେଇବା ପାଇଁ ସ୍ଥିର କରିଥିଲେ । କିନ୍ତୁ ପ୍ରଚଣ୍ଡ ବଳବାନ ସୂର୍ଯ୍ୟ ତାଙ୍କୁ ଆକର୍ଷଣ କରିବା ନିମନ୍ତେ ଚେଷ୍ଟିତ ହେଲାମାତ୍ରେ ଚନ୍ଦ୍ରଭାଗା ସମୁଦ୍ରର ଲହଡ଼ି ମଧ୍ୟକୁ

ଲମ୍ଫ ପ୍ରଦାନ କରି ଆତ୍ମ ବିସର୍ଜନ କରିଥିଲେ । ବଳାତ୍କାର ପ୍ରେମର ବିଷମୟ ପରିଣତି ସୂର୍ଯ୍ୟଦେବଙ୍କୁ ଭୋଗ କରିବାକୁ ପଡ଼ିଥିଲା । ମହର୍ଷି ସୁମନ୍ତ୍ର ଏ ସମସ୍ତ ଘଟଣା ଧ୍ୟାନରେ ଜାଣିପାରି କନ୍ୟା ବିୟୋଗରେ କ୍ରୋଧାନ୍ୱିତ ହୋଇ ସୂର୍ଯ୍ୟଙ୍କର ଆସ୍ଥାନ ସ୍ଥଳ ପ୍ରତି ଦୃଷ୍ଟି ନିକ୍ଷେପ କଲାମାତ୍ରେ ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ଖଣ୍ଡ ବିଖଣ୍ଡିତ ହୋଇ ଭାଙ୍ଗି ପଡ଼ିଥିଲା । ସୂର୍ଯ୍ୟଦେବ ନିଜ କୃତକର୍ମର ଫଳ ଭୋଗ କରିଥିଲେ । ପୂର୍ବର ଶତ୍ରୁତାକୁ କେନ୍ଦ୍ର କରି ଶାସ୍ତି ବିଧାନ ସ୍ୱରୁପ ସୁଯୋଗ ଲାଭ କଲାମାତ୍ରେ ମଦନ ଦେବତା ସୂର୍ଯ୍ୟଙ୍କ ପ୍ରତି 'ଅନୁରାଗ' ଓ ଚନ୍ଦ୍ରଭାଗାଙ୍କ ପ୍ରତି 'ବିରାଗ' ସୂଚକ ପୁଷ୍ପବାଣ ନିକ୍ଷେପ କରିବାକୁ ଏପରି ଅଘଟଣ ଘଟିଥିଲା । ଏହା ହିଁ ହେଉଛି ଏକ ଅପର ଦେଶୀୟ କଥା ଅବଲମ୍ବନରେ ରଚିତ ରାଧାନାଥଙ୍କ 'ଚନ୍ଦ୍ରଭାଗା' କାବ୍ୟର ପୃଷ୍ଠଭୂମିରେ ଥିବା କରୁଣ କାହାଣୀ ।

ଏକଦା ଷଢ଼େଇକଳା ପ୍ରାକୃତିକ ଓଡ଼ିଶାର ମସ୍ତକ ସଦୃଶ ଥିଲା । ରାଜନୈତିକ ଚକ୍ରାନ୍ତ ଫଳରେ ବର୍ତ୍ତମାନ ବିହାର ପ୍ରଦେଶରେ ଅନ୍ତର୍ଭୁକ୍ତ ହୋଇଥିଲେ ହେଁ ଏ ଅଞ୍ଚଳର ଭାଷା, ସାହିତ୍ୟ ଓ ସଂସ୍କୃତି ଉତ୍କଳୀୟ । କବିବର ରାଧାନାଥ ଆରୋପିତ ଏହି କାହାଣୀଟି ରାଜ ଦରବାରରେ ପୃଷ୍ଠପୋଷକତାର ବିକାଶ ଲାଭ କରିଥିବା ଛଉ ନୃତ୍ୟ ମାଧମରେ ସୁନ୍ଦର ଭାବରେ ପ୍ରକାଶ କରାଯାଇ ପାରିଛି ।

ଏହା ଏକ ମେଳ ନୃତ୍ୟ । ଦୁଇଜଣ ମୁଖ୍ୟ ନୃତ୍ୟକାରୀ ସୂର୍ଯ୍ୟଦେବତା ଓ ଚନ୍ଦ୍ରଭାଗା, ସଖୀବୃନ୍ଦ, ଚନ୍ଦ୍ରଭାଗାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ନୃତ୍ୟ ପ୍ରଦର୍ଶିତ ହୋଇଛି । ଏଥିରେ ଶୃଙ୍ଗାର, ରୌଦ୍ର, ଭୟ ଓ କରୁଣ ଆଦି ରସର ସୃଷ୍ଟ ପ୍ରକାଶ ଘଟିଛି ।

ଛଉରେ ସ୍ୱର ମାଧୁର୍ଯ୍ୟ: ଶବ୍ଦ ଓ ସ୍ୱର ଶ୍ରବଣରେ ପାର୍ଥକ୍ୟ ରହିଛି । ଶବ୍ଦ(କଥା) ବୁଦ୍ଧିଗମ୍ୟ ସକଳ ଭାବ ପ୍ରକାଶକ୍ଷମ, ସ୍ୱର ଅନିର୍ବାଚନୀୟ । ଭାବାନୁଭୂତିର ତନ୍ତ୍ରୀ ସମୂହକୁ ଆକୁଳ କରାଇପାରେ । ସୌନ୍ଦର୍ଯ୍ୟ ସାଧନାରେ ଅଥବା ଭାବ ପ୍ରକାଶର ସାର୍ଥକତାରେ ସଂଗୀତର ସ୍ଥାନହିଁ ପ୍ରଧାନ । କାରଣ କଥା ସହିତ ସଂଯୁକ୍ତ ଗୀତ ଅପୂର୍ବ ପ୍ରାଣ ଐଶ୍ୱର୍ଯ୍ୟରେ ମଣ୍ଡିତ ହୋଇଥାଏ । ରବୀନ୍ଦ୍ର ନାଥଙ୍କର ଭାଷାରେ 'ସଂଗୀତ ଭାବକୁ ଗତି ଦାନ କରେ' ଏହି ସାମାନ୍ୟ କଥାଟି ସଂଗୀତ ସଂଯୁକ୍ତିରେ ଅସାମାନ୍ୟ ହୋଇଉଠେ । ସ୍ୱର ଓ କଥା ମଧ୍ୟରେ ଭିତ୍ତିଗତ ପାର୍ଥକ୍ୟ ହେଉଛି । କଥାର ବିଶେଷ ପ୍ରକାଶ ଭାବରେ ହିଁ ସଂଘଟିତ ହୋଇଥାଏ । ପ୍ରତିଭାଶାଳୀ କବି ଶବ୍ଦ ଜାଲରେ ମାନବ ହୃଦୟର ଅନେକ ସୂକ୍ଷ୍ମ ଭାବାନୁଭୂତିକୁ ବାନ୍ଧି ପାରନ୍ତି କିନ୍ତୁ ମଣିଷର ଅନ୍ତର୍ଲୋକର ଅନିର୍ବଚନୀୟ ଭାବ ସତ୍ତାକୁ ସଂସ୍ପରିତ ଓ ପ୍ରକାଶିତ କରିବାରେ ସ୍ୱର ହିଁ ସକ୍ଷମ ହୁଏ । କଥାର

ଆବେଦନ ଓ ସ୍ୱରର ନିବେଦନ ମଧ୍ୟରେ ଶ୍ରୋତାର ଅନ୍ତରରେ ସ୍ୱରହିଁ ଆସନ ଦୃଢ଼ୀଭୂତ କରିପାରେ ଯେପରି କବି ୱାଡ଼ସ୍‌ୱାର୍ଥଙ୍କ ହୃଦୟ ତନ୍ତ୍ରୀକୁ ଦ୍ରବୀଭୂତ କରିଥିଲା 'ଏକାକିନୀ କୃଷକ କାମିନୀ' (The Solitary Reaper)ର ସ୍ୱର ମାଧୁର୍ଯ୍ୟ । ଚିତ୍ର ଶିଳ୍ପରେ ସାତୋଟି ବର୍ଣ୍ଣ ପରି ସଂଗୀତର ସାତଟି ସ୍ୱର ଓ ଶହେ ଅଠେଇଶଟି ଶ୍ରୁତି ବା ସ୍ୱରାଭାସ ଏକ ବିଶେଷ ନିୟମରେ ଗ୍ରଥିତ । ତିନୋଟି 'ଗ୍ରାମ'ରେ 'ଉଦାରା, ମୁଦାରା ଓ ତାରା' ମଧ୍ୟରେ ସ୍ୱର ଶ୍ରୁତିର ଆଘାତ ଅନିର୍ବଚନୀୟ 'ଲୋକ'ର ଦ୍ୱାର ଉନ୍ମୁକ୍ତ କରାଏ । ସ୍ୱରର ବ୍ୟଞ୍ଜନା ଓ ଅଳଙ୍କାର ପ୍ରଭୃତି ସହ ବିଚିତ୍ର ପର୍ଦ୍ଦାରେ ଘୁରି ଘୁରି ସମସ୍ତ ସ୍ୱର ଗୋଟିଏ ସଂଗତିରେ ଲୟ ପାଏ । ବିଭିନ୍ନ ସ୍ୱର ବିଭିନ୍ନ ଭାବ ଉଦ୍ଦୀପକ ଓ ଏ ସମସ୍ତ ସାଧନାର ରୀତିରେ ଭିନ୍ନତା ଶିଳ୍ପ ଶାସ୍ତ୍ରରେ ଲିଖିତ ହୋଇଛି ।

ସ୍ୱରର ଉପକରଣ ପ୍ରଧାନତଃ ଧ୍ୱନିମାତ୍ର । ଏହା ଅପରୋକ୍ଷ ଭାବେ ଭାବ ପ୍ରକାଶ କରିଥାଏ ।

ଏହି ପରିପ୍ରେକ୍ଷୀରେ ଛଉ ନାଚରେ ବ୍ୟବହୃତ ସଂଗୀତ ବିଚାର୍ଯ୍ୟ । ତିନି ଅଞ୍ଚଳର ଛଉ ନାଚରେ 'କଥା'ର ବ୍ୟବହାର ସାମାନ୍ୟ । ସାମାନ୍ୟ ସ୍ୱର ସଂଗତି ଲାଭ କରିଥାଏ । ଏହା ଛଉ ନାଚରେ ଏକ ବିଶେଷତ୍ୱ । ସ୍ୱର ସଂଗତି ନିମନ୍ତେ ପଦେ ଦୁଇପଦ ଗୀତ ଗାନ ହୁଏ ।

ଛଉ ନାଚରେ ସ୍ୱର ସଂଗତରେ ବୈଚିତ୍ର୍ୟ ପରିଲକ୍ଷିତ ହୁଏ । ଅନେକ ସ୍ଥଳରେ ଶାସ୍ତ୍ରୀୟ ଏବଂ ଅନେକ ସ୍ଥଳରେ ଲୌକିକ ସ୍ୱର ସଂଯୋଜନା ସହ ନୃତ୍ୟ ଅନୁଷ୍ଠିତ ହୁଏ । ଗୋଟିଏ ନାଚ ମଧ୍ୟରେ ଆଦି, ମଧ୍ୟ ଓ ଦ୍ରୁତ ଲୟରେ ଶାସ୍ତ୍ରୀୟ ଓ ଲୌକିକ ସ୍ୱରର ମିଶ୍ରଣ ଓ ସଂଗତି ସଂଘଟିତ ହୋଇଥାଏ । ଅନେକ କ୍ଷେତ୍ରରେ ନାଚର ପ୍ରାଥମିକ ଓ ମଧ୍ୟ ପର୍ଯ୍ୟାୟ ପର୍ଯ୍ୟନ୍ତ ଶାସ୍ତ୍ରୀୟ ସ୍ୱର, ତାଳ, ମାନ, ଲୟର ଉପଯୋଗ କରାଯାଇଥିବା ବେଳେ ସମସ୍ତ ଛଉ ନୃତ୍ୟର ଶେଷରେ ନାଚପାଳିରେ ଦ୍ରୁତ ଲୟ ବ୍ୟବହାର କାଳରେ ଲୌକିକ ସ୍ୱର ଝୁମର ସଂଗୀତର ସ୍ୱରହିଁ ସର୍ବଦା ବ୍ୟବହୃତ ହୁଏ । ପୁରୁଲିଆ ନାଚରେ ବିଳମ୍ବିତ ଓ ଦ୍ରୁତ ଲୟରେ ଲୌକିକ ସ୍ୱର ବ୍ୟବହାର ହେଉଥିବାର ଦେଖାଯାଏ ।

ଛଉରେ ବିଭିନ୍ନ କିସମର ତାଳର ବ୍ୟବହାର ଅଛି । ସେଗୁଡ଼ିକ ତ୍ରିତାଳ, ଚଉତାଳ, ଜଡ଼ତାଳ, ଦାଦ୍ରା, କହରୁଆ, ଦୀପଛନ୍ଦି, ଝାମ୍ପତାଳ, ଆଠତାଳ ପ୍ରଭୃତି ତାଳର ବ୍ୟବହାର ଅଛି । ଷଢ଼େଇକଳା ଓ ମୟୁରଭଞ୍ଜର ଛଉ ନୃତ୍ୟରେ ଓଡ଼ିଶୀ ରାଗ ରାଗିଣୀ ସହ ଲୌକିକ ସ୍ୱର ସଂଯୋଜନା ଏବଂ ପୁରୁଲିଆ ଛଉରେ ଲୌକିକ ସହ ଦରବାରିଆ ରାଗରାଗିଣୀ ସଂଯୋଜିତ ହୋଇଥିବାର ଲକ୍ଷ୍ୟ କରାଯାଏ ।

ଛଉରେ କେତେକ ସ୍ଥାନୀୟ ଓସ୍ତାଦ୍ (ଗୁରୁ) କହନ୍ତି ଯେ, ଏଥିରେ 'ଛ' ରାଗ ଓ 'ଛତିଶ' ରାଗିଣୀ ବ୍ୟବହୃତ ହେଉଥିବାରୁ ଏହାର ନାମ ଛଉ ନାଚ ଅଥବା ଛଅ ନାଚ । ଏ କଥାର ସତ୍ୟତା ସଙ୍ଗୀତ ବିଶାରଦ ମାନଙ୍କର ବିଚାର୍ଯ୍ୟ ।

ଛଉରେ ଚିତ୍ର (ମୁଖା) ଶିଳ୍ପ: ଛଉନାଚରେ ବ୍ୟବହୃତ ମୁଖାଚିତ୍ର ସଂପର୍କରେ ଆଲୋଚନା କରାଯାଉଛି । ପୁରୁଲିଆ ଓ ଷଢ଼େଇକଳା ଛଉନାଚ ଶୈଳୀରେ ମୁଖା ବ୍ୟବହୃତ ହୁଏ । ବାରିପଦା ମୟୂରଭଞ୍ଜ ଛଉନାଚ ଶୈଳୀରେ ସଂପ୍ରତି ମୁଖାର ବ୍ୟବହାର ନାହିଁ । ମୟୂରଭଞ୍ଜର ଗ୍ରାମାଞ୍ଚଳରେ କେତେକ ସ୍ଥାନରେ ମୁଖା ନିର୍ମାଣ ଓ ବ୍ୟବହାର ହେଉଅଛି ।

ମୁଖା ନିର୍ମାଣ ସହିତ ସୌନ୍ଦର୍ଯ୍ୟ ଓ ରସ ସୃଷ୍ଟିର ଭାବ ନିହିତ ଅଛି । ଛଉରେ ଏହାର ବ୍ୟତିକ୍ରମ ହୋଇନାହିଁ । ପୌରାଣିକ ଚିତ୍ରର ମୁଖା ହେଉ କିମ୍ବା ଆରଣ୍ୟକ ଜୀବଜନ୍ତୁର ମୁଖା ହେଉ ଉପରୋକ୍ତ ଭାବ ଓ ରୂପର ସମାବେଶରେ ହିଁ ମୁଖାର ସୃଷ୍ଟି । ତେବେ ଷଢ଼େଇକଳାର ନିର୍ମିତ ମୁଖା ପୁରୁଲିଆ ମୁଖା ଅପେକ୍ଷା ସୂକ୍ଷ୍ମ ଶିଳ୍ପ ଶୈଳୀ ଅନୁସରଣ କରିଥାଏ । ମୁଖା ଧାରଣ କରିବା ଦ୍ୱାରା ହିଁ ଉଭୟ ଶୈଳୀରେ ଚରିତ୍ରର ଭାବସତ୍ତା ସହିତ ରୂପ ସତ୍ତା ସମ୍ମିଳିତ ହୋଇ ଅଭିନବ ଶିଳ୍ପ ଓ ନୃତ୍ୟ କୌଶଳ ପଦର୍ଶିତ ହୁଏ । ନିମ୍ନରେ ତିନି ସ୍ଥାନର ତିନିଗୋଟି ଉଦାହରଣ ପ୍ରଦତ୍ତ ହେଲ ।

ମୟୂର ମୁଖାର ବିଷୟବସ୍ତୁ (ଷଢ଼େଇକଳା) :- ପ୍ରଚଣ୍ଡ ନିଦାଘ ପରେ ବର୍ଷା ଋତୁର ଆଗମନରେ ପୃଥିବୀର ଜୀବଜନ୍ତୁ, ବୃକ୍ଷଲତା ପ୍ରାଣରେ ଆସେ ନବ ଉନ୍ମାଦନା । ପର୍ବତ ଶିଖର ଦେଶ ଆକାଶରେ କୃଷ୍ଣ ବର୍ଣ୍ଣର ମେଘ ସଜ୍ଜା ଦେଖି ମୟୂର ପ୍ରାଣରେ ଆସେ ଅଫୁରନ୍ତ ଜୁଆର । ପ୍ରାଣ ତା'ର ନାଚି ଉଠେ, ନାଚି ଉଠେ ସର୍ବ ଶରୀର । ମେଘ ମହ୍ଲାର ଛନ୍ଦ ଓ ରାଗର ତାଳେ ତାଳେ ସେ ନୃତ୍ୟ କରେ, ନୃତ୍ୟ କରିଚାଲେ ଅବିରତ । ଏଇ ପ୍ରାକୃତିକ ଦୃଶ୍ୟ ଓ ଆନନ୍ଦକୁ ସୁନ୍ଦରଭାବେ ପରିସ୍ଫୁଟିତ କରାଯାଏ ଷଢ଼େଇକଳାର ମୟୂର ନୃତ୍ୟରେ ।

ଏଠାରେ ମୟୂର ନୃତ୍ୟର ଛନ୍ଦ, ସ୍ୱର, ତାଳ, ମାନ ଓ ଲୟ ଇତ୍ୟାଦିର ଆଲୋଚନା ନକରି ମୟୂର ମୁଖାର ଗଠନ ଶୈଳୀ ଓ ରଙ୍ଗ ରୂପ ପରିପାଟୀ ବର୍ଣ୍ଣନା ବିଚାର୍ଯ୍ୟ । କାଗଜ, କନା, ଅଠା, ମାଟିରେ ମୁଖାଟି ନିର୍ମିତ ହୋଇଥାଏ । ମୟୂର ମୁଖର ଗଠନ ପରି ମୁଖାଟିର ଗଠନ । ପ୍ରାକୃତିକ ରଙ୍ଗ ପରେ ବିଭିନ୍ନ ରଙ୍ଗର ସମ୍ମିଶ୍ରଣରେ ମୁଖ ରଞ୍ଜିତ ହୋଇଥାଏ । ମୁଖର ଚକ୍ଷୁ, ନାସା, ଅଧର, ଭ୍ରୂ ବ୍ୟତୀତ ଅନ୍ୟ କୌଣସି ଚିହ୍ନ ନଥାଏ । ମୁଖ ସରୁ, ଚକ୍ଷୁ ତୀକ୍ଷ୍ଣ ଓ କ୍ଷୁଦ୍ର, ନାନା

ଉନ୍ନତ ଓ ତୀକ୍ଷ୍ଣ, ଭ୍ରୁ ବକ୍ର ଓ କ୍ଷୁଦ୍ର । ଲଲାଟ ଉଚ୍ଚ, ଅଧର ଗାଢ଼ ଓ କ୍ଷୁଦ୍ର, ଶ୍ୟାମଳ ରଙ୍ଗର ମୁଖ, ଚକ୍ଷୁର ଡୋଳା କୃଷ୍ଣ ବର୍ଣ୍ଣ, ଅଧର ଓ ଭ୍ରୁ ଦ୍ୱୟର ରଙ୍ଗ ଶ୍ୟାମକୃଷ୍ଣ । ମସ୍ତକରେ ମୟୂର ଚୂଳରେ ନିର୍ମିତ ମୁକୁଟ, ମୁକୁଟ ଶ୍ୟାମ, ସ୍ୱର୍ଣ୍ଣ, ରୌପ୍ୟ ରଙ୍ଗର କଣ୍ଢିରେ ସୁସଜିତ । ସମଗ୍ର କଣ୍ଠ, ବକ୍ଷ, ଉଦର, କଟୀ, ହସ୍ତ, ବାହୁ ପ୍ରଭୃତି ବିଭିନ୍ନ ରଙ୍ଗର କଣ୍ଢି ଜାଲରେ ନିର୍ମିତ ଉଜ୍ଜଳ ପୋଷାକ ଆବୃତ । ହସ୍ତରେ ବଳା, ଅଙ୍ଗୁରୀୟ; ପରିଧାନରେ ଶ୍ୱେତ ଶ୍ୟାମଳ ସୂକ୍ଷ୍ମ ପାଟ । ପାଦରେ ଘୁଙ୍ଗୁର ଓ ଅଳତା । ମୁଖାଟିର ଦର୍ଶନ ମାତ୍ରେ ମୟୂରର ଆବିର୍ଭାବ ଦର୍ଶକ ମନରେ ସ୍ୱଷ୍ଟ ହୋଇ ଉଠେ । ମୁଖାଟି ଚିବୁକରେ ନିମ୍ନ ଦେଶ ପର୍ଯ୍ୟନ୍ତ ଆବୃତ । ଦୁଇ ଦିଗରେ ବନ୍ଧା ହେବା ପାଇଁ କାନର ଭିତର ପଟରୁ ଦୁଇଟି ଦଉଡ଼ି ଗୁନ୍ଥା ହୁଏ ।

ନାସା ଓ ଚକ୍ଷୁରେ ଛିଦ୍ର ଥାଏ । ଚକ୍ଷୁର ଛିଦ୍ର ନାସା ରନ୍ଧ୍ର ତୁଳନାରେ ବଡ଼ ଓ ଏହା ଗାଢ଼ କଳା ରଙ୍ଗ । ମୁଖାରେ ଗୋଟିଏ ଭାବ – ଚଳଚଞ୍ଚଳ, ଉଦଗ୍ରୀବ ଓ ତୀକ୍ଷ୍ଣ ଭାବ ପ୍ରସ୍ଫୁଟିତ । ମିଶ୍ରିତ ରଙ୍ଗରଞ୍ଜନରେ ମୁଖାଟି ପ୍ରାକୃତିକ ହୋଇଥାଏ । ଏହା ଚିତ୍ର (ମୁଖା) ଶିଳ୍ପୀର କଳାକୁଶଳତାର ପରିଚୟ ପ୍ରଦାନ କରେ ।

ପୁରୁଲିଆ ମୁଖା: କିରାତିନୀ: ବିଷୟବସ୍ତୁ- ମହାଦେବ ଓ ପାର୍ବତୀଙ୍କର କିରାତ ଓ କିରାତିନୀ ବେଶ । ତପସ୍ୱୀ ଅର୍ଜୁନଙ୍କୁ ପରୀକ୍ଷା । ପରୀକ୍ଷା ଶେଷରେ ପାଶୁପତ ଅସ୍ତ୍ର ପ୍ରଦାନ ।

ମୁଖା ନିର୍ମାଣ: କାଗଜ, କନା, ଅଠା, ମାଟିରେ ମୁଖା ନିର୍ମିତ ହୁଏ ।

କିରାତିନୀ: ଅରଣ୍ୟ ବାସିନୀ, ତାର ଶରୀରର ରଙ୍ଗ ବାଦାମୀ କଳା । ଶରୀର ରଙ୍ଗ ସହ ମେଳ ଥାଏ ରଞ୍ଜିତ କେଶ ଗୁଚ୍ଛ ।

ମୁଖାର ରଙ୍ଗ: ମସ୍ତକ ସମତଳ ଓ ସୁଗଠିତ । ମୁଖମଣ୍ଡଳ ଗୋଲ, ପୂର୍ଣ୍ଣ ଯୌବନରେ ଉଦ୍‌ଭାସିତ ଭ୍ରୁଯୁଗଳ ବକ୍ର । ନାକ ଓସାରିଆ । ଛୋଟ ଆଖି । ଛୋଟ ଆଖି । ଗାଢ଼ କଳାଡୋଳା । ଅଧର ମୋଟା । ଚିବୁକ ଦୃଢ଼ । ଚିବୁକ ଚିତ୍ରିତ (ଚିତାକୁଟା) କପାଳରେ ଚିତା । ନାକ ଓ ଗାଲରେ ଚିତା । ଜଙ୍ଗଲୀ ଫୁଲ ଓ ଲତାର ଚିତା । ତ୍ରିକୂଟରେ ମାଳତୀ ଫୁଲ ଆକୃତି ଟୀକା, ଚକ୍ଷୁ ଓ ନାସାରେ ଛିଦ୍ର ।

ମୁଖାଟି କଣ୍ଠ ଦେଶ ପର୍ଯ୍ୟନ୍ତ ବିସ୍ତୃତ । ମସ୍ତକରେ ଫୁଲ ଓ ବିଭିନ୍ନ ପକ୍ଷୀର ପର । ବହୁ ରଙ୍ଗର କଣ୍ଢିରେ ନିର୍ମିତ ହାର ଗଳାରେ ଲମ୍ବିତ । ମଥାରେ ଜୁଡ଼ା । ଜୁଡ଼ାରେ ପ୍ଲାଷ୍ଟିକ ଫୁଲର ଗଭା ।

କାନର ଦୁଇ ପାଖରୁ ଦୁଇଟି ଦଉଡ଼ି ମୁଖାଟି ବନ୍ଧା ପାଇଁ ବ୍ୟବହୃତ ହୁଏ ।

ମୁଖାଟି ଆରଣ୍ୟକ ଜୀବନର ଚିତ୍ର ପ୍ରଦାନ କରେ । ନିର୍ମାଣ ଶୈଳୀ ଅପେକ୍ଷାକୃତ ମାର୍ଜିତ ।

ମୟୂରଭଞ୍ଜ (ଶିରାକୁଳୀ)ର ନାରଦ ମୁଖା: ଗଠନ- କାଗଜ, କନା, ଅଠା ଓ ମାଟିରେ ତିଆରି । ଦେବର୍ଷି ନାରଦଙ୍କର ପୌରାଣିକ ରୂପ ସମ୍ବଳିତ ମୁଖାଟିଏ ଫୁଟାଇବାକୁ ଚେଷ୍ଟା କରାଯାଇଛି । ମସ୍ତକରେ ପଗଡ଼ି (ରଙ୍ଗରେ ସଜିତ), ଉନ୍ନତ ନାସା, ଆୟତ ଚକ୍ଷୁ, ଉଚ୍ଚ ଲଲାଟ, ଭ୍ରୁ ଆୟତ ଓ ସଳଖ । ଚିବୁକ ଦୃଢ଼, ଓଷ୍ଠ ପାତଳ, ଗାଁ ଗହଳରେ ବିଚରଣ ରତ ସଂସାର ତ୍ୟାଗୀ ସନ୍ୟାସୀ ମାନଙ୍କର ରୂପ ଓ ବେଶକୁ ଲକ୍ଷ୍ୟ କରି ଶିଳ୍ପୀ ଏ ମୁଖାର କଳ୍ପନା କରିଛନ୍ତି ।

ରଙ୍ଗ: ଗୌର-ହରିଦ୍ରାବର୍ଣ୍ଣ । ନାକ ଓ ଆଖିରେ ଛିଦ୍ର ନାହିଁ, ମୁଖା କଣ୍ଠଦେଶ ଆବୃତ କରେ । ରଙ୍ଗ ରଞ୍ଜନ ଶୈଳୀ ଅପେକ୍ଷାକୃତ ମାର୍ଜିତ ହେଲେ ହେଁ ନିର୍ମାଣ ଶୈଳୀ ଉନ୍ନତ ପର୍ଯ୍ୟାୟର ନୁହେଁ । ମୁଖାଟି ଆର୍ଯ୍ୟ ମାନଙ୍କର ପ୍ରତୀକ ।

ମୁଖା ଅଥବା ଚିତ୍ର ନିର୍ମାଣ ବେଳେ ନିର୍ମାଣକାରୀଙ୍କୁ ନିମ୍ନଲିଖିତ ବିଷୟ ସମୂହ ପ୍ରତି ଦୃଷ୍ଟି ଦେବାକୁ ହୁଏ । (୧) ନିର୍ମିତ ମୁଖା ଓ କଳ୍ପିତ ମୂଳ ମୁଖାର ରୂପ ଭେଦ ଏବଂ ସେ ସଂପର୍କୀୟ ସ୍ପଷ୍ଟ ଧାରଣା ଓ ଭାବର ଏକାତ୍ମତା, (୨) ମୂଳ କଳ୍ପିତ ଚରିତ୍ରର ରଙ୍ଗ ସହିତ ମୁଖାର ରଙ୍ଗର ସାମଞ୍ଜସ୍ୟ (୩)ମୁଖା ଗଠନର ଭାରସାମ୍ୟ (୪) ଭାବ ସାଦୃଶ୍ୟ (୫) ଭାବ ଓ ରୂପ ମଧ୍ୟରେ ସଂଯମ ବନ୍ଧନ (୬) ରଙ୍ଗ ପରିପାଟୀ ଓ ଶିଳ୍ପ କୁଶଳତା (ଶିଳ୍ପ ଶାସ୍ତ୍ର ଅନୁସାରେ ଛବିର ଛଅ ଅଂଶ, ଯଥା- ରୂପଭେଦ, ପ୍ରମାଣ, ଭାବ, ଲାବଣ୍ୟ, ସାଦୃଶ୍ୟ ଓ ବର୍ଣ୍ଣିକା ଭଙ୍ଗ)

ଭେଦକୁ ଅବଲମ୍ବନ କରି ଚିତ୍ର ଅଥବା ଛବି ଆରମ୍ଭ ହୁଏ । ଏଇ ଭେଦ ବା ବୈଚିତ୍ର୍ୟ ପ୍ରଧାନତଃ ଚିତ୍ରରେ ବିଷୟ ବସ୍ତୁର ମୂଳଭାବ ସହ ସଂଲଗ୍ନ ଅନ୍ୟ ସଦ୍‌ଭାବକୁ ସନ୍ନିବିଷ୍ଟ କରି ପ୍ରକାଶ କରାଯାଇଥାଏ । ନାଟକରେ ଏଇ ବୈଚିତ୍ର୍ୟ ଫଳରେ ହିଁ ବିଚ୍ଛେଦ ଅଥବା ବିରହ ଦୃଶ୍ୟ ପରେ ମିଳନ ଦୃଶ୍ୟର ଅବତାରଣା ସୁଷ୍ଠୁ ଭାବେ କରାଯାଇପାରେ । ଚିତ୍ରରେ ଛନ୍ଦ, ଆଲୋକ ଛାୟା ଅଥବା ରେଖା ସମୂହର ସମାବେଶର ବୈପରିତ୍ୟ ଦ୍ୱାରା ହିଁ ଭେଦ ପ୍ରକାଶ ହୁଏ । ନାନା ପ୍ରକାର ରେଖା ଅଛି । ତନ୍ମଧ୍ୟରେ ସରଳ ଓ ବକ୍ର ରେଖା ହିଁ ପ୍ରଧାନ । ବିଭିନ୍ନ ରକମର ରେଖାରେ ବିଭିନ୍ନ ଭାବର ପ୍ରକାଶ ଘଟେ । ଚିତ୍ରରେ ରେଖା ସମାବେଶ ଚିତ୍ର ରଚନାର ପ୍ରଧାନ ବସ୍ତୁ । ସରଳ ଓ ବକ୍ରରେଖା ମଧ୍ୟରେ ଗୋଟିଏ ପ୍ରକୃତିଗତ ବିବାଦୀୟ ସଂପର୍କ ବିଦ୍ୟମାନ । ଏହି ବିବାଦ

ରସ ଅବଲମ୍ବନ କରି ଏକ ଜାତୀୟ ରେଖା ଅନ୍ୟ ଜାତୀୟ ରେଖାର ପୋଷକତା କରେ ଯେପରି ବକ୍ର ରେଖା ନିକଟରେ ସରଳ ରେଖା ଅଧିକରେ ଋଜୁ ମନେ ହୁଏ। ଛବିରେ ରେଖାର କାର୍ଯ୍ୟ ଛନ୍ଦ ଲୀଳା ସୃଷ୍ଟି କରିବା। ଚିତ୍ରରେ ଛନ୍ଦର ଗତି ଲୀଳା ପ୍ରତ୍ୟକ୍ଷ ଭାବରେ ପ୍ରକାଶ କରିବା ସମ୍ଭବ ନୁହେଁ। ଚିତ୍ରରେ ଗତି ବା ଛନ୍ଦ ଲୀଳା ପ୍ରକାଶର ଏକ ମାତ୍ର ଉପାୟ ବକ୍ର ରେଖା ସମଷ୍ଟିର ପ୍ରୟୋଗ। ବକ୍ର ରେଖାର ପ୍ରତ୍ୟେକ ବକ୍ର ସ୍ଥାନରେ ଗୋଟିଏ ନିର୍ଦ୍ଦିଷ୍ଟ ସଂଯତ ଭଙ୍ଗୀ ଥାଏ। ଯେପରି ପଦ୍ମ ମୃଣାଳର ନମନୀୟ ବକ୍ରରେଖାର ଛନ୍ଦ ଅଛି। ଏହି ସଂଯମ ହିଁ ଛନ୍ଦର ପ୍ରାଣ। ଚିତ୍ରରେ ରେଖାର ନାନା ଭଙ୍ଗୀର ଗତି ଗୋଟିଏ ନିୟମ ସଂଯମ କିମ୍ବା ଯତିର ନିଗୂଢ଼ ବନ୍ଧନରେ ବାନ୍ଧି ପାରିଲେ ଏ ସମସ୍ତ ରେଖା ଛନ୍ଦରେ ନୃତ୍ୟ କରି ଉଠେ। ପ୍ରତ୍ୟେକ ରେଖାର ଗୋଟିଏ ଅର୍ଥ ଅଛି କାରଣ ରେଖା ମୁହିଁ ଅକ୍ଷର ଓ ରୂପର ସୃଷ୍ଟି ହୋଇଥାଏ। ବୃତ୍ତ ରେଖାପରି ପୂର୍ଣ୍ଣତାର ଆଭାସ ଦେବା ପରି ସରଳ ରେଖା ଉନ୍ନତ ଭାବ ଜାଗ୍ରତ କରାଏ। ବସ୍ତୁତଃ, ରେଖାର ଗଠନ ରୀତି ଉପରେ ଚିତ୍ରର ଭାବ ବହୁ ଅଂଶରେ ନିର୍ଭର କରେ।

ଛବିରେ ଏଇ ଭେଦ ବା ବୈଚିତ୍ର୍ୟ ସହିତ ପରିମାଣ (ପ୍ରମାଣ) ବା ଭାରସାମ୍ୟ ଯମକ କରି ରଖିବାକୁ ହେବ। ନିଜ ନିମନ୍ତେ ସୀମା ସାର୍ଥକ ନୁହେଁ; ସୌନ୍ଦର୍ଯ୍ୟ ନିମନ୍ତେ ସୀମା ଏହା ଦୃଷ୍ଟିରେ ରଖି ଚିତ୍ରକରଙ୍କୁ ସତ୍ୟ ଓ ସୁନ୍ଦରର ଧର୍ମ ଏକ- ଏକଥା ଛବିରେ ପ୍ରକାଶ କରିବାକୁ ହେବ। ଗୋଟିଏ ଦିଗରେ ରୂପର ବୈଶିଷ୍ଟ୍ୟରେ ଚାରି ଦିଗରୁ ପୃଥକ ଓ ନିଜ ମଧ୍ୟରେ ବିଚିତ୍ର ଅନ୍ୟ ଏକ ଦିଗରେ ତାହା ପରିମାଣ ବା ସାମଞ୍ଜସ୍ୟ ସୁଷମାରେ ଚାରିଦିଗ ସହ ନିଜ ମଧ୍ୟରେ ସୁଷ୍ଠୁ ସଂଗତିରେ ମିଳିତ। ଏଇ ଭାରସାମ୍ୟ ଦ୍ୱାରାହିଁ ଚିତ୍ରର ବିଭିନ୍ନ ଭାବ ବୈଚିତ୍ର୍ୟ ସତ୍ତ୍ୱେ ମୂଳ ଗୋଟିଏ ଭାବକୁ ମୁଖ୍ୟ କରି ତୋଳାଯାଏ। ଏଇ 'ଭାରସମତା' ରଚନା ରୀତିରେ ମୂଳ କଥା।

ଛବି ମଧ୍ୟରେ ଐକ୍ୟ ସମାବେଶ ନିମନ୍ତେ ଭାରସାମ୍ୟ ବ୍ୟତୀତ ଭାବ ଦୃଶ୍ୟର ସହାୟତା ପ୍ରୟୋଜନ। ପ୍ରତ୍ୟେକ ଚିତ୍ରର ସୃଷ୍ଟି ମୂଳରେ କୌଣସି ଏକ ବିଶେଷ ଭାବ ନିହିତ, ଯାହା ଶିଳ୍ପୀଙ୍କୁ ଶିଳ୍ପ ସୃଷ୍ଟି ନିମନ୍ତେ ପ୍ରେରଣା ଦିଏ। ଏଇ ପ୍ରକାଶ ବା ସୌନ୍ଦର୍ଯ୍ୟ ରସର ଅନୁଭୂତି ନଜାଣିଲେ ଶିଳ୍ପ ସୃଷ୍ଟି ନିରର୍ଥକ। ପ୍ରେରଣା ଗଭୀର ଓ ଉପଲବ୍ଧି ଶକ୍ତି ବଳିଷ୍ଠ ହେଲେ ଗୋଟିଏ ରେଖା ପାତରେ ହିଁ ଉପଲବ୍ଧ ଭାବର ଚିତ୍ରରେ ତାହାର ଅଖଣ୍ଡ ଐକ୍ୟ ଓ ବୈଶିଷ୍ଟ୍ୟ ଫୁଟି ଉଠେ। କବିତା ବା କାବ୍ୟରେ ଗୋଟିଏ ଦୁଇଟି ଛତ୍ରରେ ଏହିପରି ଭାବ ମଧ୍ୟ ପ୍ରକାଶିତ ହୋଇଥାଏ।

ଛବିରେ ଐକ୍ୟ ଆଣିବା ନିମନ୍ତେ ବିଶେଷ ଉପାୟ ସାଦୃଶ୍ୟ। ସାଦୃଶ୍ୟର ଦୁଇଦିଗ ଗୋଟିଏ ବାହରର ଓ ଅନ୍ୟଟି ଭିତରର। ରୂପ ସୃଷ୍ଟି ନିମନ୍ତେ ଦୁଇଟିର ପ୍ରୟୋଜନ (କେମଳ

ନୟନ, ଗୋମୁଖ-ସାଦୃଶ୍ୟ ପୃଷ୍ଠ ଦେଶ, ସିଂହକଟୀ ଇତ୍ୟାଦି ଏଥିର ଉଦାହରଣ) ଗୋଟିଏ ରୂପ ସହିତ ରୂପର ଓ ଅନ୍ୟଟି ଭାବ ସହ ରୂପର, ଶିଳ୍ପ ସୃଷ୍ଟି ମୂଳରେ ଶିଳ୍ପୀ ମନରେ ଥିବା ଛବିଟି ରୂପର ନୁହେଁ, ରସର୍ । ଛବି ଦେଖିବା ସମୟରେ ଅନୁଭୂତିର ମନ ନେଇ ହିଁ ଶିଳ୍ପୀ ଅନ୍ତରର ସେଇ ଭାବ-ଘନ ମୂର୍ତ୍ତି ହିଁ ଦେଖି ଆମେ ପରିତୃପ୍ତ ହେଉ । ଏହି ତୃପ୍ତି ରସ ସହିତ ରୂପର ସାଦୃଶ୍ୟ ହେତୁ ହୋଇଥାଏ ।

ବର୍ଣ୍ଣିକା ଭଙ୍ଗ: ସଂଗୀତର ସାତ ଗୋଟି ସ୍ୱର ଥିବା ପରି ଚିତ୍ର ଶିଳ୍ପରେ ସାତଗୋଟି ମୂଳ ବର୍ଣ୍ଣ ଅଛି; ଯଥା- ବାଇଗଣି, ଘନ ନୀଳ, ନୀଳ, ସବୁଜ, ହରିତ୍, ଲାଲ ଓ ନାରଙ୍ଗୀ । ସାତଗୋଟି ରଙ୍ଗ ମଧ୍ୟରେ ଯେ କୌଣସି ଦୁଇଟି ରଙ୍ଗ ମଧ୍ୟରେ ବର୍ଣ୍ଣାଭର ରହିଅଛି । ଏଇ ଗୁଡ଼ିକର ସାହାଯ୍ୟରେ ଶିଳ୍ପୀ ତାଙ୍କର ଭାବ ଓ ଭାଷା ପ୍ରକାଶ କରିଥାନ୍ତି । କବିତାରେ ଯେପରି ସ୍ୱର, ଛବିରେ ସେହିପରି ରଙ୍ଗ ନୂତନ ଭାବ ଓ ରସ ପ୍ଲାବିତ କରାଏ । ସଂଗୀତ ଶାସ୍ତ୍ରରେ ବାଦୀ ଓ ବିବାଦୀ ସ୍ୱର ପରି ବିଭିନ୍ନ ବର୍ଣ୍ଣରେ ବାଦୀ ବିବାଦୀର ସଂପର୍କ ଅଛି । ଏହି ବୈପରୀତ୍ୟର ଯଥୋପଯୁକ୍ତ ବ୍ୟବହାର ଦ୍ୱାରା ହିଁ ଚିତ୍ରକର ଅଭିନବ ସୃଷ୍ଟି କରିଥାନ୍ତି । ରବୀନ୍ଦ୍ରନାଥଙ୍କ ଭାଷାରେ 'ଚିତ୍ର ଭାବକୁ ଆକାର ଦିଏ' । ଏହାର ଅର୍ଥ ଗୋଟିଏ ରୂପ ଓ ଅନ୍ୟଟି ଭାବ । ଏହି ଉପକରଣକୁ ସଂଯମ ଦ୍ୱାରା ବନ୍ଧନ କରି ଗଠନ କରିବାକୁ ହୁଏ । ବାହାରର ବନ୍ଧନ ପରିମାଣ ଓ ଭିତରର ଲାବଣ୍ୟ । ପରେ ବାହାର ଓ ଭିତରକୁ ସମ୍ମିଳିତ କରେଇବାକୁ ହେବ ସାଦୃଶ୍ୟ ନିମନ୍ତେ । ରବୀନ୍ଦ୍ରନାଥ କହନ୍ତି, 'ଏଇ ସାଦୃଶ୍ୟ ହଇବେ ଧ୍ୟାନ ରୂପେର ସହିତ କଳ୍ପ ରୂପେର' । ଏହାପରେ ଏଇ ସାଦୃଶ୍ୟକୁ ବ୍ୟଞ୍ଜନା ରଙ୍ଗରେ ରଞ୍ଜିତ କରାଇ ପାରିଲେ ଯଥାର୍ଥ ଆନନ୍ଦ ରୂପର ପ୍ରକାଶ ସମ୍ଭବ ହେବ ଓ ଶିଳ୍ପର ସୌନ୍ଦର୍ଯ୍ୟ ସୃଷ୍ଟି ସାର୍ଥକ ହେବ ।

ଛଉରେ ନାନ୍ଦନିକ ତତ୍ତ୍ୱ ବିଷୟକ ବିଚାର କାଳରେ ଆମକୁ ମନେ ରଖିବାକୁ ହେବ ଯେ, ମୂଳତଃ ଦରବାରୀ ଛଉ ନୃତ୍ୟ ସାଧାରଣରେ ପ୍ରଦର୍ଶନ ନିମନ୍ତେ ଉଦ୍ଦିଷ୍ଟ ନଥିଲା । ପରବର୍ତ୍ତୀ କାଳରେ ସାମାଜିକ, ଆର୍ଥିକ ଓ ରାଜନୈତିକ ଅବସ୍ଥାର ପରିବର୍ତ୍ତନ ଫଳରେ ଏହା ପ୍ରଦର୍ଶନ ଉପଯୋଗୀ କରିବା ନିମନ୍ତେ ଚେଷ୍ଟା କରାଯାଇଥିଲା । ତେଣୁ ନୃତ୍ୟକାରୀ ଓ ଦର୍ଶକ ମଧ୍ୟରେ ଘନିଷ୍ଠତା ଆଣିବା ନିମନ୍ତେ ଯେଉଁ ପ୍ରଚେଷ୍ଟା ପ୍ରୟୋଜନ ତାହାର ଉତ୍କର୍ଷ ସାଧିତ ହୋଇଅଛି ।

ଛଉ ମୂଳତଃ ଏକ ଲୋକନୃତ୍ୟ । ଏହା ଏକ ବିଶିଷ୍ଟ ଆଞ୍ଚଳିକ ପରମ୍ପରା ପ୍ରସୂତ । ସେ ଦିଗରୁ ଦର୍ଶକ ମାନଙ୍କ ଉପଭୋଗ ଓ ଆନନ୍ଦ ପ୍ରାପ୍ତି ସେମାନଙ୍କ ଉତ୍କଣ୍ଠା ଉପରେ ନିର୍ଭର

କରେ । କେତେକ କ୍ଷେତ୍ରରେ ଉଚ୍ଚ ଶ୍ରେଣୀର ଦର୍ଶକ ଓ ପୃଷ୍ଠପୋଷକ ମାନଙ୍କ ସହଯୋଗରେ ବିପୁଳ ପରିବର୍ତ୍ତନ କରାଯାଇ ଶାସ୍ତ୍ରୀୟ ଧାରା ପ୍ରବର୍ତ୍ତନରେ ସଫଳକାମ ହୋଇଛନ୍ତି । ଏ କ୍ଷେତ୍ରରେ ଛଉରେ ରସ ପରିବେଷଣ ଏବଂ ଆସାଦନ ଖଣ୍ଡିତ ନହୋଇ ବରଂ ବୃଦ୍ଧି ଘଟିଛି । ଛଉ ନୃତ୍ୟ-ନାଟକ (Dance - Drama) ପର୍ଯ୍ୟାୟରେ ପ୍ରତିଷ୍ଠିତ ହୋଇଛି ।

◆◆◆

# ଏକାଦଶ ଅଧ୍ୟାୟ

## ସଂକଳନାର ସମୀକ୍ଷା ଓ ସିଦ୍ଧାନ୍ତ - ଭବିଷ୍ୟତର ଗବେଷଣା, କେତୋଟି ପ୍ରୟୋଜନୀୟ ପ୍ରସ୍ତାବ ଓ ଉପସଂହାର

ଛଉ ମୂଳତଃ ଏକ ଲୋକ ନାଚ । ମୁଖାଯୁକ୍ତ ଓ ମୁଖାହୀନ - ଏପରି ଦୁଇ ପ୍ରକାର ଛଉ ନାଚ ପ୍ରଚଳିତ । ଏକ ବିଶିଷ୍ଟ ଆଞ୍ଚଳିକ ପରମ୍ପରାରୁ ଏହାର ବିକାଶ । ପରମ୍ପରା କ୍ରମେ ସଚେତନ ପୃଷ୍ଠପୋଷକ, ନୃତ୍ୟବିଦ୍ ଓ ଦର୍ଶକ ମାନଙ୍କ ସହଯୋଗରେ ଏଥିରେ ବିପୁଳ ପରିବର୍ତ୍ତନ କରାଯାଇ ଶାସ୍ତ୍ରୀୟ ଧାରା ପ୍ରବର୍ତ୍ତିତ ହୋଇଛି । ଛଉ ନୃତ୍ୟ-ନାଟ୍ୟ ପର୍ଯ୍ୟାୟରେ ପ୍ରତିଷ୍ଠିତ ହୋଇଛି ।

ପୂର୍ବ ଭାରତର ଏକ ନିର୍ଦ୍ଦିଷ୍ଟ ଓ ପରସ୍ପର ସଂଲଗ୍ନ ଅଞ୍ଚଳରେ କେତେକ ପୂର୍ବତନ ଦେଶୀୟ ରାଜ୍ୟର ରାଜଧାନୀ, ପିଢ଼/ପରଗଣା ଓ ଗ୍ରାମାଞ୍ଚଳରେ ଛଉ/ଛୌ ନାଚ ଅନୁଷ୍ଠିତ ହୁଏ ।

ଛଉ ନାଚ ଆନୁଷ୍ଠାନିକ ଉପଚାର ସମ୍ବଳିତ ନିର୍ଦ୍ଦିଷ୍ଟ ପର୍ବ ସହିତ ସଂଶ୍ଳିଷ୍ଟ । ବିଭିନ୍ନ ସ୍ଥାନରେ ପର୍ବଟି ଭିନ୍ନ ଭିନ୍ନ ନାମରେ କଥିତ । ଯେପରି: ମୟୂରଭଞ୍ଜ ସମେତ ପୂର୍ବତନ ବିହାର ଓ ପଶ୍ଚିମ ବଙ୍ଗଳାର ଓଡ଼ିଆ ଭାଷୀ ଅଞ୍ଚଳରେ ଏହା ଉଡ଼ା, ଭକ୍ତା, ଦଣ୍ଡ କିମ୍ବା ପାଟୁଆ ଅଥବା ଚଡ଼କ ପର୍ବ ଭାବରେ କଥିତ ହେଉଥିବା ବେଳେ ପୁରୁଲିଆ-ମାନଭୂମ ଓ ମେଦିନୀପୁର ଅଞ୍ଚଳରେ ଏହି ପର୍ବ ଗାଜନ/ଚଡ଼କ ଅଥବା ଭଗ୍‌ତା ପରବ୍ ନାମରେ କଥିତ ହୁଏ । କେତେକ ସ୍ଥାନରେ ଏହାକୁ ଚଇତ୍ର ପର୍ବ ମଧ୍ୟ କହନ୍ତି । ପର୍ବଟି ଚୈତ୍ର ମାସରେ ଆରମ୍ଭ ହୋଇ କେଉଁଠି କେଉଁଠି ବୈଶାଖ-ଜ୍ୟେଷ୍ଠ ମାସ ପର୍ଯ୍ୟନ୍ତ ପାଳିତ ହେଉଥିବାର ଦେଖାଯାଏ । ବଙ୍ଗଳା, ବିହାର ଓ ଓଡ଼ିଶାର ସୀମାନ୍ତ ସଂଲଗ୍ନ ଅଞ୍ଚଳର କେତେକ ସ୍ଥାନରେ ବୈଶାଖ-ଜ୍ୟେଷ୍ଠ ମାସରେ ଅନୁଷ୍ଠିତ 'ମାଢ଼' ପର୍ବ ନାମରେ ମଧ୍ୟ ପାଳିତ ହୁଏ । ଏସବୁ ସ୍ଥାନରେ ଅନୁଷ୍ଠିତ ପରବର ଭିନ୍ନ ଭିନ୍ନ ନାମ ଥିଲେ ହେଁ ଅଭିନ୍ନ ଔପଚାରିକ ବିଧିବିଧାନ ଅନୁସରଣରେ ପର୍ବଟି ପାଳନ ଓ ସଂପନ୍ନ ହୁଏ । ଏପରି ବିଭିନ୍ନ ନାମରେ କଥିତ ହେଉଥିଲେ ହେଁ ଚଇତ୍ର ମାସରେ ସବୁଠି ଆରମ୍ଭ ହେଉଥିବା ହେତୁ ଏଠାରେ 'ଚଇତ୍ର ପର୍ବ' ରୂପେ ଉଲ୍ଲେଖ କରାଯାଇଛି ।

ଉପରୋକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ଷେତ୍ର ଅଧ୍ୟୟନ କାଳରେ ସଂଗୃହୀତ ଲୋକ ସାହିତ୍ୟ ପ୍ରକାଶିତ ଓ ଅପ୍ରକାଶିତ ପୁସ୍ତକ, ପ୍ରବନ୍ଧ, ନିବନ୍ଧ ସମୂହରୁ ତଥ୍ୟ ଆହରଣ ଏବଂ ପ୍ରତ୍ୟକ୍ଷ ଭାବରେ ଛଉ ନାଚ ଅନୁଧ୍ୟାନ ପୂର୍ବକ ଆହୃତ ତଥ୍ୟ ସବୁର ବିଶ୍ଳେଷଣ ଓ ସମୀକ୍ଷା କରି ନିମ୍ନଲିଖିତ କତିପୟ ସିଦ୍ଧାନ୍ତ ପ୍ରକାଶ କରାଯାଉଛି ।

୧- ଛଉ ନାଚ ସହିତ ଚଇତ୍ର ପର୍ବର ସଂପର୍କ ଘନିଷ୍ଠ ହୋଇଥିଲେ ହେଁ ଏହା ଏକ ସତନ୍ତ୍ର ସମୟର ସୃଷ୍ଟି ଓ ସଂଯୋଜନା ।

'ଉଦ୍‌ା ପର୍ବ ଓ ଛଉନାଚ ପରସ୍ପର ସହିତ ସଂଶ୍ଳିଷ୍ଟ ।' ଏହା ଏକ ଶୈବ ଓ ଶାକ୍ତ ଧର୍ମୀୟ ଅନୁଷ୍ଠାନ । ଏ ପର୍ବରେ ଶିବ ଓ ପାର୍ବତୀଙ୍କୁ ଆରାଧନା କରାଯାଏ । ଛଉ ନାଚ ଆଖଡ଼ା ଆରମ୍ଭ ପୂର୍ବରୁ ରୁଦ୍ର ଅଥବା ଭୈରବଙ୍କୁ ପୂଜା କରାଯାଏ । ପ୍ରତ୍ୟେକ ସ୍ଥାନରେ ଉଦ୍‌ା/ଭକ୍ତା/ପାଟ/ଦଣ୍ଡ/ଗାଜନ/ଚଡ଼କ କିମ୍ବା ମାଡ଼ପର୍ବ ସହ ଛଉ ନାଚ ଅନୁଷ୍ଠିତ ହୁଏ । ପ୍ରତ୍ୟେକ ସ୍ଥାନର ଉପାସନାକାରୀ ମାନଙ୍କୁ ଭକ୍ତା/ଭଗତା ବୋଲାଯାଏ । କଷ୍ଟକର ଶାରୀରିକ ସାଧନ ମଧ୍ୟ ଦେଇ ଏ ପର୍ବ ଅନୁଷ୍ଠିତ ହୁଏ ।

ଜାଗର ବା ଜାଗରଣ ଏହି ପର୍ବର ଏକ ବିଶିଷ୍ଟ ଅଂଶ । ପର୍ବର ଏହି ରାତ୍ରିରେ ଭକ୍ତାଗଣ ଜାଗ୍ରତ ରହି ଆରାଧନା କରିବା ବିଧି । ଏଥିପାଇଁ ପୂର୍ବରୁ ବାରିପଦାଠାରେ 'ରାମ ନବମୀ' ନାଟ ଅନୁଷ୍ଠିତ ହେଉଥିବାର କେତେକ ବିବରଣୀରୁ ଜଣାଯାଏ । ଏହି ରାମ ନବମୀ ନାଟ ହିଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଦ୍ୟାବଧି ପ୍ରଚଳିତ ରାମଲୀଳା ନାଟ । ପୁରୁଲିଆର ସମତଳ ଭୂମି ବାନ୍ଦୋୟାଁ ଅଞ୍ଚଳରେ ଏହି ପର୍ବ ଉପଲକ୍ଷେ ଅନୁଷ୍ଠିତ ମୁଖା ନାଚରେ ସଂପୂର୍ଣ୍ଣ ରାମାୟଣର ବିଷୟବସ୍ତୁ ତିରିଶ ଗୋଟି ଦୃଶ୍ୟରେ ଦୁଇ ରାତ୍ରିରେ ଅଭିନୀତ ହେଉଥିବାର ଜଣାଯାଏ । ଏଥିରେ ସାଧାରଣତଃ ବୀରତ୍ୱ ଅପେକ୍ଷା ଶାନ୍ତ ଓ ଶୃଙ୍ଗାର ଭାବ ପୂର୍ଣ୍ଣ ଲାସ୍ୟ ନୃତ୍ୟ ଅଧିକ ପରିବେଶିତ ହୁଏ । ପୁରୁଲିଆର ପାର୍ବତ୍ୟ ଭୂମି ବାଗମୁଣ୍ଡି ପ୍ରଭୃତି ସ୍ଥାନରେ ରାମାୟଣର ବୀର ଭାବ ସମ୍ବଳିତ ନାଟ୍ୟାଂଶ ଅଭିନୀତ ହୁଏ । ଆଗରୁ ଏ ଅଞ୍ଚଳରେ ଏହି ସମୟରେ ଝାଁପଝାଁପ, ନାଟୁଆ ଓ ପାଇକ ନାଚ ଅନୁଷ୍ଠିତ ହେଉଥିବା ବିଷୟ ବୟୋବୃଦ୍ଧ ଲୋକେ କହନ୍ତି । ପରବର୍ତ୍ତୀ କାଳରେ ଏହି ପର୍ବରେ ଛ/ଛଉ ନାଚ ଯୋଗ ହେବା କଥା ସେମାନେ କହନ୍ତି । ଖରସୁଆଁ ଅଞ୍ଚଳରେ ପୂର୍ବେ ଚୈତ୍ର ମାସ ରାମନବମୀରେ ଶ୍ରୀରମ ସୀତାଙ୍କର ରଥଟଣା ହେବାବେଳେ ହନୁମାନଙ୍କର ଜୁଲୁସ୍ ବାହାରୁ ଥିବାର ଜଣାଯାଏ । ଗହନ ଦଳ(ପାଇକ) ମାନେ ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜିତ ହୋଇ ନାଚି ନାଚି ଗାଁଦାଣ୍ଡରେ ଉଆସ ପର୍ଯ୍ୟନ୍ତ ଆସୁଥିଲେ । ପରବର୍ତ୍ତୀ କାଳରେ ଛଉ ନାଚ ଆରମ୍ଭ ହେଲା ଓ ଏଠାରେ ରାଜା (ଠାକୁର) ମହେନ୍ଦ୍ର ନାରାୟଣ ସିଂହଦେଓ ଛଉ ନାଚର ଶିକ୍ଷା ପାଇଁ ଷଢ଼େଇକଳାର ଉପେନ୍ଦ୍ର ବିଶ୍ୱାଳଙ୍କୁ ଆଣିଥିବାର ଜଣାଯାଏ । ଏହି ସବୁ ସ୍ଥାନରେ ଉଦ୍‌ା ପର୍ବ ରାତ୍ରି ଜାଗରଣରେ ସହଜରେ ଉପଭୋଗ୍ୟ ମାଧ୍ୟମ ରୂପେ ପରବର୍ତ୍ତୀ କାଳରେ ଏହି ଛଉ ନାଚ ଅନୁଷ୍ଠିତ ହେଉଥିବାର ଜଣାଯାଏ । ରାମଲୀଳା, ନାଟୁଆ, ପାଇକ, ଝାଁପଝାଁପ ପ୍ରଭୃତି ନାଚରେ ସୀମିତ ବିଷୟକ ଅଭିନୟ

ପ୍ରଦର୍ଶନ ଅପେକ୍ଷା ଛଉରେ ଅଧିକ ପ୍ରସାରିତ ସୁଯୋଗର ଉପଯୋଗ କରାଇବାରେ ସଂଗଠକ, ପୃଷ୍ଠପୋଷକ ଗଣ ସଫଳ ହୋଇଛନ୍ତି ।

ଛଉ ନାଚ ସଂପୃକ୍ତ ଅଞ୍ଚଳ ବ୍ୟତୀତ ସମଗ୍ର ପୂର୍ବ ଭାରତରେ ଏହି ପର୍ବ ଅଭିନ୍ନ ଆନୁଷ୍ଠାନିକ ଉପଚାର ସହିତ ପାଳିତ ହେଉଥିଲେ ହେଁ ସବୁ ସ୍ଥାନରେ ଛଉ ନାଚର ପ୍ରଚଳନ ନାହିଁ । କେବଳ ଛଉଉ ପରିମଣ୍ଡଳ ବାହାରେ ପଶ୍ଚିମବଙ୍ଗର ମାଲଦହ ଜିଲ୍ଲାରେ ପଣା ସଂକ୍ରାନ୍ତିରେ ଗମ୍ଭୀରା ନାମକ ମୁଖା ନାଚ ଅନୁଷ୍ଠିତ ହୁଏ । ଏହାର ବିଷୟବସ୍ତୁ, ସାଜସଜା, ମୁଖା, ଚରିତ୍ର, ଅଭିନୟ ପ୍ରଭୃତି ଆଙ୍ଗିକ ବିଭାବର ଛଉ ସହିତ ସାମଞ୍ଜସ୍ୟ ରହିଅଛି । ଏତଦ୍ ବ୍ୟତୀତ ଛଉ ନାଚ ଅନୁଷ୍ଠିତ ହେଉଥିବା ଅଞ୍ଚଳର କେତେକ ସ୍ଥାନରେ ବିଷୁବ ସଂକ୍ରାନ୍ତିରେ ବୌଦ୍ଧ ମାନଙ୍କର 'ମହାମୁନି ମେଳା' ଅନୁଷ୍ଠିତ ହୁଏ । ପୁନଶ୍ଚ, ଏକଦା ଛଉ ନାଚ ପ୍ରଚଳିତ ଥିବା ସ୍ଥାନ ଗୁଡ଼ିକରେ ପରିବର୍ତ୍ତିତ ପରିସ୍ଥିତିରେ ପୋଷକତାର ଅଭାବ କିମ୍ବା ଅନ୍ୟାନ୍ୟ କାରଣରୁ ଅନେକ ସ୍ଥାନରେ ସଂପ୍ରତି ଏହି ନାଚ (ଛଉ) ବନ୍ଦ ହୋଇଥିଲେ ହେଁ ଦେବାରାଧନା ସହିତ ଆନୁଷ୍ଠାନିକ ଉପଚାର ସମ୍ବଳିତ ପର୍ବଟି (କେଉଁଠି କେଉଁଠି ଉଡ଼ା ଓ ଫୋଡ଼ା ବାଦ ଦେଇ ଅପେକ୍ଷାକୃତ ସହଜ ଭାବରେ) ପାଳିତ ହେଉଛି ଓ ଏ ଉପଲକ୍ଷେ ଭି.ଡ଼ି.ଓ., ଯାତ୍ରା ପ୍ରଭୃତି ଅନ୍ୟାନ୍ୟ ଉପଭୋଗ୍ୟ ଅନୁଷ୍ଠାନ ସାରାରାତି ପ୍ରଦର୍ଶନର ବନ୍ଦୋବସ୍ତ ହେଉଛି ।

ଚୈତ୍ର ପର୍ବ ଅନୁଷ୍ଠାନ ସଂପର୍କରେ ଅନେକ ପ୍ରାଚୀନ ଗ୍ରନ୍ଥ ଓ ତାଳପତ୍ର ପୋଥି ଗୁଡ଼ିକରେ ବିଶଦ ବର୍ଣ୍ଣନା ନଥିଲା ବେଳେ ସେ ସବୁଥିରେ ଛଉ ନାଚ ସଂପର୍କରେ କୌଣସି ଉଲ୍ଲେଖ ନାହିଁ । ତେଣୁ, ଛଉ ନାଚ ଏକ ସ୍ୱତନ୍ତ୍ର ସମୟରେ ସୃଷ୍ଟି ହୋଇ ଚଇତ୍ର ପର୍ବ ସହିତ ସଂଯୋଜିତ ହୋଇଛି ।

୨– ଷଡ଼େଇକଳା, ମୟୂରଭଞ୍ଜ ଓ ପୁରୁଲିଆରେ ପ୍ରଚଳିତ ଛଉ ନାଚ ପ୍ରାକୃତିକ ଭାରତର ଏକ ଅଞ୍ଚଳ ଓ ମୂଳତଃ ଏକ ସାଂସ୍କୃତିକ ପରମ୍ପରାରୁ ସମ୍ଭୂତ ।

ସଂପୃକ୍ତ ଅଞ୍ଚଳର ପ୍ରତ୍ୟେକ ସ୍ଥାନ ସହିତ ସନ୍ନିହିତ ଅଞ୍ଚଳରେ ବର୍ଷର ଏକ ସମୟ ଏବଂ ଏକ ନିର୍ଦ୍ଦିଷ୍ଟ (ବିଷୁବ ସଂକ୍ରାନ୍ତି) ଦିବସରେ ପାଳିତ ପର୍ବରେ ଛଉ ନାଚ ଅନୁଷ୍ଠିତ ହୁଏ । ତିନି ଅଞ୍ଚଳର ପ୍ରାକୃତିକ, ଭୌଗୋଳିକ ଅବସ୍ଥାର ସମାନତା, ବହୁ ସାମାଜିକ ପରମ୍ପରା ସମୃଦ୍ଧି ସମଜାତି ଓ ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ଏ ପର୍ବ ଓ ନାଚ ଅନୁଷ୍ଠିତ ହେଉଥିବାରୁ ଏବଂ ଏଥି ସହିତ ତିନି ସ୍ଥାନରେ କ୍ଷତ୍ରିୟ ରାଜନ୍ୟ ବର୍ଗ ଓ ଆଦିବାସୀ ମୁଖ୍ୟଙ୍କ ପୋଷକତା – ଏସବୁ ଦୃଷ୍ଟିରୁ ଏ ନାଚର ସୃଷ୍ଟି, ପୁଷ୍ଟି ଓ ବିକାଶର ଭିତ୍ତିଭୂମି ଏକ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇପାରେ ।

ତିନି ଅଞ୍ଚଳର ଅଧିବାସୀ ମାନଙ୍କର ସାମାଜିକ ସଂଗଠନ, ଜୀବନଧାରା, ଭୌତିକ ସଂସ୍କୃତି (Material Culture) ପ୍ରଭୃତି ସମାନ ଧରଣର । ଷଢ଼େଇକଲା, ମୟୂରଭଞ୍ଜ ଓ ପୁରୁଲିଆ ବର୍ତ୍ତମାନ ରାଜନୈତିକ ଭାରତରେ ତିନୋଟି ସ୍ୱତନ୍ତ୍ର ପ୍ରଦେଶର ଅନ୍ତର୍ଭୁକ୍ତ ହୋଇଥିଲେ ହେଁ ଭାରତର ପ୍ରାକୃତିକ ଭୂଗୋଳରେ ଏସ୍ଥାନ ନିର୍ଦ୍ଦିଷ୍ଟ ଏକ ସାଂସ୍କୃତିକ ମଣ୍ଡଳର ଅନ୍ତର୍ଗତ ହୋଇଥିବାରୁ ଛଉ ନାଚ ଏ ସମଗ୍ର ଭୂଖଣ୍ଡର ଏକ କଳାତ୍ମକ ଅବଦାନ – ଏ କଥା ଆମକୁ ସ୍ୱୀକାର କରିବାକୁ ହେବ । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପୃଷ୍ଠପୋଷକ ମାନଙ୍କର ବିଭିନ୍ନ ରୁଚିର ପ୍ରଭାବ ଫଳରେ ଅଞ୍ଚଳ ଭେଦରେ ଛଉ ନୃତ୍ୟରେ କେତେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉ ଥିଲେ ହେଁ ଅଧିକାଂଶ କ୍ଷେତ୍ରରେ ସାମଞ୍ଜସ୍ୟ ରହିଥିବା ଯୋଗୁଁ ନାଚଟିର ମୌଳିକତା ଅକ୍ଷୁର୍ଣ୍ଣ ରହିଅଛି । ତେଣୁ, ଛଉ ନୃତ୍ୟକୁ ଆଞ୍ଚଳିକ ଭିତ୍ତିରେ ବିଚାର ନକରି ସାମଗ୍ରିକ ଭାବରେ ଗ୍ରହଣ କରିବା ଯୁକ୍ତି ସଂଗତ ହେଉଛି ।

୩- ଏକ ସାଂସ୍କୃତିକ ପୃଷ୍ଠଭୂମିରୁ ସୃଷ୍ଟି ହୋଇଥିବାରୁ ଏ ନାଚର ମୌଳିକ ସଂରଚନା (Basic Structure) ମୂଳତଃ ତିନି ଅଞ୍ଚଳରେ ସମାନ । ସମଗ୍ର ଅଞ୍ଚଳର ପ୍ରାଚୀନ ସାମରିକ ପରମ୍ପରା ସହ ବିଭିନ୍ନ ଖେଳ/ନାଚ/ନାଟର ପ୍ରଭାବରେ ଏପରି ଏକ ନାଚର ସୃଷ୍ଟି

ତିନି ଅଞ୍ଚଳର ପ୍ରାକୃତିକ ଭୌଗୋଳିକ ପରିସ୍ଥିତି ଓ ଆରଣ୍ୟକ ସଂସ୍କୃତି ଛଉ ନାଚ ସୃଷ୍ଟିର ଅନ୍ୟତମ ପ୍ରମୁଖ କାରଣ । ଜୀବନଯାପନ ପ୍ରଣାଳୀ, ଖାଦ୍ୟପେୟ, ଖାଦ୍ୟ ଆହରଣ ଓ ବସତି ସ୍ଥାପନ ପଦ୍ଧତି ସମାନ ହୋଇଥିବାରୁ ତିନି ଅଞ୍ଚଳର ଅଧିବାସୀ ମାନଙ୍କ ମଧ୍ୟରେ ଜାତି ଓ ଗୋଷ୍ଠୀଗତ ସମ୍ବନ୍ଧ ଘନିଷ୍ଠ ହୋଇଥିବାରୁ ସେମାନଙ୍କର ରୁଚି ମଧ୍ୟ ଏକ ପ୍ରକାର । ଏଠାରେ ଜୀବନ ଧାରଣ ନିମନ୍ତେ ମୂଳତଃ ଶାରୀରିକ ଶକ୍ତି ଓ ସାମର୍ଥ୍ୟ, ସାହସ, କଷ୍ଟ ସହିଷ୍ଣୁତା ପ୍ରୟୋଜନ ହୋଇଛି । ଅରଣ୍ୟରୁ ଶିକାର, ଫଳମୂଳ ପ୍ରଭୃତି ଆରଣ୍ୟକ ଦ୍ରବ୍ୟ ସଂଗ୍ରହ କରି ଜୀବିକାର୍ଜନ କରିବା ନିତ୍ୟ ନୈମିତ୍ତିକ ସଂଘର୍ଷପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଏବଂ ରୁଚି ଓ ଭାବ ସମାନ ହୋଇ ଥିବାରୁ ପୌରାଣିକ ଓ ମହାକାବ୍ୟର ବିଷୟବସ୍ତୁ ପ୍ରତିଫଳିତ ନୃତ୍ୟ ନାଟ୍ୟ ସ୍ୱଭାବତଃ ବୀରଧର୍ମୀ, ମୁକ୍ତ ଜୀବନ ବାଦୀ ହୋଇଥିବାରୁ ଭୋଗ ସର୍ବସ୍ୱ ଜୀବନ ନିମନ୍ତେ ଶୃଙ୍ଗାର, ଭକ୍ତି ସମ୍ବଳିତ ଲାସ୍ୟ ଭାବ ରସାଣିତ ପୌରାଣିତ ବିଷୟବସ୍ତୁ ଆଧାରିତ ବିଭିନ୍ନ ନାଚ ଓ ଗୀତ ଏ ଅଞ୍ଚଳରେ ପ୍ରଚଳିତ । ଉପରୋକ୍ତ ଦୁଇଗୋଟି ଭାବ ସମ୍ବଳିତ ନୃତ୍ୟନାଟ ଓ ଗୀତର ପ୍ରକୃଷ୍ଟ ଉଦାହରଣ ହେଉଛି ଛଉନୃତ୍ୟ । ଏ ସମଗ୍ର ଅଞ୍ଚଳରେ ପ୍ରଚଳିତ ଫରୀଖଣ୍ଡା ଖେଳ ଆଧାରିତ ପାଇକ,

ପାଇକାଳି, ନାଟୁଆ, ଡାଣ୍ଡା ସହ ଗୋଟିପୋ (ଓଡ଼ିଶୀ), ନାଚୁଣୀ, ପାନ୍ତା, ଝୁମର ପ୍ରଭୃତି ନାଚ ଓ ଗୀତ ପ୍ରଚଳିତ । ସୈନ୍ଧବ-ଗାଙ୍ଗେୟ ସମତଳ ଭୂମି ଆରଣ୍ୟକ ମଣ୍ଡଳରେ ମହାକାବ୍ୟ ଓ ପୌରାଣିକ କଥାବସ୍ତୁ ପ୍ରଭାବିତ ନୃତ୍ୟ ସବୁର ଚାରିତ୍ରିକ ବୈଶିଷ୍ଟ୍ୟ ଏପରି । ଛଉନାଟ ଏ ସମସ୍ତ କଳା ବିଭବରେ ପ୍ରତିଭୂ ।

୪- ଛଉ ଏକ ମୂକ ନାଟ- କାରଣ ଏହି ଶିକାର ଓ ସମର ଭିତ୍ତିକ ବିଷୟ କିମ୍ବା ମୁଖା ନାଟରୁ ସୃଷ୍ଟ

ପାଇକମାନେ ଯୁଦ୍ଧ କିମ୍ବା ଶିକାରାଭିଯାନ ସମୟରେ 'ଛାଉଣୀ'ରେ ଯେଉଁ ସମର କୌଶଳ ଅଭ୍ୟାସ ଓ ପ୍ରଦର୍ଶନ କରୁଥିଲେ ତହିଁରୁ ଛଉ ନୃତ୍ୟର ସୃଷ୍ଟି ହୋଇଛି – ଏ ମତର ଆଲୋଚନା କାଳରେ ଛଉର କେତୋଟି ବୈଶିଷ୍ଟ୍ୟ ପ୍ରତି ନିର୍ଦ୍ଦେଶ କରାଯାଉଛି । ଛଉ ଏକ ମୂକ ନାଟ । ଯୁଦ୍ଧ କିମ୍ବା ଶିକାର କରିବା କାଳରେ ପାଇକ/ଶିକାରୀ ମାନେ କଥା ନହେବା ସ୍ୱାଭାବିକ । ଛାଉଣୀରେ ଏ ସବୁ କୌଶଳର ଅଭ୍ୟାସ ସମୟରେ ମଧ୍ୟ କଥାବାର୍ତ୍ତାର ପ୍ରୟୋଜନ ନାହିଁ । ତେଣୁ, ଏହା ମୂକ ନୃତ୍ୟ ହେବା ସ୍ୱାଭାବିକ । ମୁଖା ଲଗାଇ ଛାୟା ଅଥବା 'ଛଦ୍ମବେଶ' ଧାରଣ କରିବା ମତରୁ 'ଛଉ' ସୃଷ୍ଟି ହୋଇଥିବାରୁ ଏହା ମୂକ ନୃତ୍ୟ ହୋଇଛି । କାରଣ, ମୁଖା ଲଗାଇ କଥା କହିବା ପ୍ରୟୋଜନ କିମ୍ବା ସମ୍ଭବ ହୋଇନାହିଁ । ଶିକାର ସମୟରେ ଶିକାରୀ ଦଳ ପଶୁ ମୁଖାକୃତି ମୁହାଁ ଲଗାଇ ଉତ୍ସବାନୁଷ୍ଠାନରେ କୌତୁକ ଅଭିନୟ (ଅନୁକରଣ) କରିଥାଇ ପାରନ୍ତି । ଏତଦ୍ ବ୍ୟତୀତ, ଛ, ଛଅ, ଛଇ, ଛଉ, ଛଉରୀ, ଛଉକା, ଛକ, ଛକ୍, ଛକା, ଛକିବା, ଛଟା, ଛପା, ଛୁ ଛଇ, ଛେକିବା ପ୍ରଭୃତି ଦେଶଜ ଶବ୍ଦ ଓ ବଙ୍ଗଳାରେ ମଧ୍ୟ ଛକ୍ (ଯେପରି ଆକ୍ରମନେର ଛକ୍) – ଏ ସବୁ ଅର୍ଥ ସାମରିକ ଭାବ ବ୍ୟଞ୍ଜକ । ଯେପରି ଛ ଓ ଛଅ – ଆଚ୍ଛାଦନ, ଅନ୍ୟ ଏକ ଅର୍ଥଚ୍ଛେଦକ । ଛଉ- ଚତୁରତା, ଶିକାରକୁ ଝାମ୍ପିବା ପାଇଁ ଜଗି ରହିବା ବା ଛଉ ମାରିବା, ଛଉକା- ଚତୁର ଅଥବା ଚିତ୍ରିତ । ଛଉରୀ- ସଂଜୁ, କବଚ, ବର୍ମ ପ୍ରଭୃତି । ଛକା, ଛକିବା ଓ ଛେକିବା- କୌଶଳପୂର୍ଣ୍ଣ ଆଚରଣଗତ ଶବ୍ଦ । ଛଇ- ଛଟକ ବା ଭଙ୍ଗୀ, ଚାତୁରୀ ପ୍ରକାଶ କରିବା, ଛପା- ଗୋପନ (ଲୁଚିବା) ବା ଛପିଯିବା (ପୂ.ଚ.ଭା.କୋ), ଛୁ-ଚମ୍ପଟ ମାରିବା, ଛୁପଇ- ଲୁଚେଇବା (ବଙ୍ଗଳା) ପ୍ରଭୃତି ଯାବତୀୟ ଶବ୍ଦ ସାମରିକ ଭାବ ବ୍ୟଞ୍ଜକ । ପୁରୁଲିଆ, ମେଦିନୀପୁର ଓ ସନ୍ନିହିତ ଅଞ୍ଚଳରେ ଛ ବ୍ୟତୀତ କେତେକ 'ଛୋ' ଶବ୍ଦ କହନ୍ତି । ଛ ଓ ଛଅ ଉଚ୍ଚାରଣ ବେଳେ ଛୋ ହେବା ଅସ୍ୱାଭାବିକ ନୁହେଁ । ଶବ୍ଦଟି ଯାହା ହେଉ, ଏହା ସାମରିକ ଅର୍ଥ ବ୍ୟଞ୍ଜକ । ଛଉରେ ବ୍ୟବହୃତ ବାଦ୍ୟ, ଅସ୍ତ୍ରଶସ୍ତ୍ର ସମସ୍ତ ସମର ଭିତ୍ତିକ । ଛଉର କୌଶଳପୂର୍ଣ୍ଣ ଭଙ୍ଗୀ 'ଛଇ' ସମସ୍ତ

ମୁଖ୍ୟତଃ ସାମରିକ ଭାବପୂର୍ଣ୍ଣ । ତେଣୁ ଛଉ ଯୁଦ୍ଧ ଓ ସମର ଭିତ୍ତିକ ବିଷୟରୁ ଅଥବା ଏପରି ନୃତ୍ୟର ପ୍ରଭାବରେ କିମ୍ବା ଅନୁସରଣରେ ସୃଷ୍ଟ ।

ପଣା ସଂକ୍ରାନ୍ତିରେ ଅନୁଷ୍ଠିତ ଦଣ୍ଡ, ଉଡ଼ା, ଫୋଡ଼ା ପ୍ରଭୃତି କ୍ଳେଶ ପ୍ରଦାୟକ ବିଭିନ୍ନ ଉପଚାର ମାଧ୍ୟମରେ ଯୁଦ୍ଧର ଦେବତା ଭୈରବ ଅଥବା ରୁଦ୍ର ଓ ନଟରାଜ ଶିବଙ୍କର ଉପାସନା ହୁଏ । ଶିବଙ୍କର ଅନ୍ୟରୂପ ଭୈରବ ଓ ରୁଦ୍ର । ଶିବା, କାଳୀ ଓ ଦୁର୍ଗା ରୂପରେ ମଧ୍ୟ ପୂଜିତା । ପୁନଶ୍ଚ ସେହିଦିନ ଶୌର୍ଯ୍ୟ ଓ ବୀର୍ଯ୍ୟର ପ୍ରତୀକ ମହାବୀର ହନୁମାନ ଜୟନ୍ତୀ । ଛଉ ନୃତ୍ୟର ସୃଷ୍ଟି ବିଷୟକ ବିଚାର କାଳରେ ଏସବୁ ସାଂସ୍କୃତିକ ପୃଷ୍ଠଭୂମି ପ୍ରତି ଲକ୍ଷ୍ୟ କରିବାକୁ ହେବ ।

୫- ଏପରି ସାମରିକ ନାଚ ପରମ୍ପରାରୁ ବିକଶିତ ହୋଇଥିଲେ ହେଁ ଛଉ ମୂଳତଃ ଏକ ଲୋକ ନାଟ

ତିନି ଅଞ୍ଚଳର ଛଉ ନାଚରେ ଲୋକ ନାଟକର ମୌଳିକ ଉପାଦାନ ରହିଅଛି । ମୁଖା, ପୋଷାକ, ଅଳଙ୍କାର, ବାଦ୍ୟଯନ୍ତ୍ର, ଅସ୍ତ୍ରଶସ୍ତ୍ର, ମଞ୍ଚ, ନର୍ତ୍ତକ ନର୍ତ୍ତକୀ, ନାଚର ଶୈଳୀ, ବିଷୟ ବସ୍ତୁର ଉପସ୍ଥାପନା ଓ ଗୀତ ପ୍ରଭୃତି ତିନି ଅଞ୍ଚଳରେ ମୁଖ୍ୟତଃ ସମାନ । ଛଉ ଆଞ୍ଚଳିକ ଓ ଭାରତର ଅନ୍ୟ ଅଞ୍ଚଳର ଲୋକ ଓ ଶାସ୍ତ୍ରୀୟ ନାଟ୍ୟକଳା କୌଶଳ ପ୍ରଭାବିତ ।

ଲୋକନାଟ ନାଚ, ଗୀତ ଓ ଅଭିନୟର ସାର୍ଥକ ସମଷ୍ଟି । ଲୋକଙ୍କୁ ଆନନ୍ଦ ଦେବାର ଉପାଦାନ, ସେମାନଙ୍କର ଲୋକ ଶୋଷ ଭୁଲିଯିବାର ଉପାଦାନ ଯେଉଁ ନାଟରେ ଥାଏ, ତାହା ଲୋକ ନାଟ । ପ୍ରାଚୀନ ପ୍ରତିଷ୍ଠିତ କବିମାନଙ୍କର ସଙ୍ଗୀତ ଓ ରାଗରାଗିଣୀର ପ୍ରକାଶ, ଲୋକ ଉପଯୋଗୀ ବା ଲୋକବୋଧ୍ୟ ନାଟ୍ୟ ପରିବେଷଣ, ଶୃଙ୍ଗାରିକତା ଓ ଆମୋଦ ଜନିତ ହାସ୍ୟରସ ଲୋକ ନାଟକର ବିଶେଷତ୍ୱ । ଯେଉଁମାନେ ଅଜ୍ଞାନ, ଶାସ୍ତ୍ର ପୁରାଣ ଅନଭିଜ୍ଞ, ସାରା ଦିନର ଖଟଣି ପରେ ପଖାଳ ବେଲାଏ ଖାଇ ସନ୍ଧ୍ୟାରେ ଟିକିଏ ହସଖୁସି କରିବା ଚାହାନ୍ତି ସେହି ଅବୁଝା ମାନଙ୍କୁ ବୁଝାଇବା ପାଇଁ ଲୋକନାଟର ସୃଷ୍ଟି । ଏହି ପରପ୍ରେକ୍ଷୀରେ ଛଉର ଆଙ୍ଗିକ ଓ ଆତ୍ମିକ ବିଭାବରେ ବହୁ ରୂପାନ୍ତରଣ ଘଟିଥିଲେ ହେଁ ଲୋକନାଟ୍ୟ ଧର୍ମ ରକ୍ଷା କରିଛି । ଏଥିରେ ଢୋଲ, ଧମସା, ମହୁରୀ ପ୍ରଭୃତି ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । ଏତଦ୍ ବ୍ୟତୀତ ଢାଲ, ଖଣ୍ଡା, ଧନୁତୀର ପ୍ରଭୃତି ଅସ୍ତ୍ରଶସ୍ତ୍ର, ଧୋତି, ଗାମୁଛା ଶାଢ଼ୀ ପ୍ରଭୃତି ପୋଷାକ, ମାଳ, ବଳା, ଘୁଙ୍ଗୁର ପ୍ରଭୃତି ଅଳଙ୍କାର ସମସ୍ତ ପାରମ୍ପରିକ ମଞ୍ଚ ନାଚର ଶୈଳୀ ଓ ବିଷୟ ବସ୍ତୁ ଉପସ୍ଥାପନା ଲୋକନାଟ୍ୟ ଧର୍ମୀ । ଛଉରେ ବ୍ୟବହୃତ ଗୀତ ବୀରତ୍ୱ ବ୍ୟଞ୍ଜକ ଓ ଲାସ୍ୟ ଧର୍ମୀ ପ୍ରାଚୀନ ଅଥବା ଲୋକ ସଂଗୀତ । ଛଉ ନାଚର ଟେମ୍ପୋ ଗଠନରେ ଝୁମର ଗୀତର ତାଳମାନ ଲୟର ପ୍ରଭାବ

ପ୍ରଭୃତି । ମୁକ୍ତ ଆକାଶ ତଳେ ଏହା ସାରାରାତି ଅନୁଷ୍ଠିତ ହୁଏ । ଛଉରେ ନୃତ୍ୟ ଓ ଅଭିନୟ ଅଛି । ସଂଳାପ ନାହିଁ, ଏଥିରେ ମୁଖା ବ୍ୟବହୃତ ହୁଏ ।

ପୁନଶ୍ଚ ରାଜ୍ୟ ମିଶ୍ରଣ ପରେ ଆଞ୍ଚଳିକ ଶାସକ (ରାଜା, ସର୍ଦ୍ଦାର/ମାନକୀ, ପଧାନ) ମାନେ ଛଉ ନାଚର ପୋଷକତା ପ୍ରଦାନରେ ଅକ୍ଷମ ହୋଇଥିବାର ଦେଖାଯାଏ । ଏପରି ପରିବର୍ତ୍ତିତ ପରିସ୍ଥିତିରେ ବହୁ ସ୍ଥାନରେ ଛଉ ସର୍ବସାଧାରଣଙ୍କ ସହଯୋଗରେ ହିଁ ଅନୁଷ୍ଠିତ ହେଉଛି । ଛଉନାଚ ଆଞ୍ଚଳିକ ଶାସକ ମାନଙ୍କ ଅବସର ବିନୋଦନର ପ୍ରକୃଷ୍ଟ ମାଧ୍ୟମ ରୂପେ ଉପଯୋଗ ହୋଇଥିବାରୁ ଏହାର ବିସ୍ତାର ଓ ବିକାଶ ଘଟିଛି ସତ୍ୟ, କିନ୍ତୁ ଶାସକ ମାନଙ୍କ କ୍ଷମତା ହସ୍ତାନ୍ତରିତ ହେବା ପରେ ଛଉ ନାଚ ପୁନଶ୍ଚ ତାର ସୃଷ୍ଟିର ମୂଳ ସ୍ତରରେ ହିଁ ଜୀବିତ ରହିଅଛି (କେବଳ ଷଢ଼େଇକଳାରେ ହିଁ ଛଉ ନାଚ ରାଜ ପରିବାରର ଯୁବକମାନଙ୍କ ମଧ୍ୟରେ ପ୍ରଚଳିତ ରହିଥିବାର ଦେଖାଯାଏ ।)

୬- ଛଉ ମୂଳତଃ ଏକ ମୁଖା ନାଚ । ପରବର୍ତ୍ତୀ କାଳରେ ମୟୂରଭଞ୍ଜର ଛଉ ନାଚରୁ ମୁଖା ପରିତ୍ୟାଗ କରାଯାଇଛି

ଛଉ ନାଚ କହିଲେ ସାଧାରଣତଃ ମୁଖା ନାଚକୁ ବୁଝାଏ । କାରଣ, ଷଢ଼େଇକଳା, ମୟୂରଭଞ୍ଜ (ବାରିପଦା ପ୍ରଭୃତି କେତେକ ଅଞ୍ଚଳ ବ୍ୟତୀତ) ଓ ପୁରୁଲିଆ ଅଞ୍ଚଳରେ ଛ/ଛଉ କହିଲେ ସାଧାରଣ ଲୋକେ ମହାଁ, ମହଡ଼ା, ମୁଖା, ମୁହାଁ ବା ମୁଖୋସ୍‌କୁ ବୁଝନ୍ତି । ଛ କିମ୍ବା ଛଅ ଶବ୍ଦଟି ଓଡ଼ିଆରେ ଆଚ୍ଛାଦନ ବୋଧକ ଅର୍ଥ ପ୍ରକାଶ କରେ । ତେଣୁ, ଛ/ଛଉ/ଛୋ=ମୁଖା, ବେଶ ପ୍ରଚଳିତ ଅର୍ଥ । (ଛ/ଛଉ/ଛୋ-ଏପରି ତିନିଗୋଟି ଶବ୍ଦ ମଧ୍ୟରେ ଛଉ ଶବ୍ଦଟି ଅପେକ୍ଷାକୃତ ବହୁଳ ବ୍ୟବହୃତ ହେଉଥିବାରୁ ନିବନ୍ଧରେ ଛଉ ଶବ୍ଦଟି ଅଧିକ ବ୍ୟବହୃତ ହୋଇଛି ।)

ଛଉ ନାଚରେ ସବୁଠି ମୁଖାର ବ୍ୟବହାର ଥିଲା । ଷଢ଼େଇକଳା-ସିଂଭୂମ, ପୁରୁଲିଆ-ମାନଭୂମ ଓ ମୟୂରଭଞ୍ଜ ସହ ଅନ୍ୟାନ୍ୟ ଅଞ୍ଚଳରେ କ୍ଷେତ୍ର ଅଧ୍ୟୟନ କରି ଏହା ଜଣା ଯାଇଛି । ମୟୂରଭଞ୍ଜର କେତେକ ସର୍ଦ୍ଦାର ସ୍ତର ଓ ଗ୍ରାମାଞ୍ଚଳର ବହୁ ସ୍ଥାନରେ ଏପରିକି ରାଜଧାନୀ ବାରିପଦାରେ ମଧ୍ୟ ଆଗ କାଳରେ ବ୍ୟବହୃତ କାଠର ମୁଖା ରହିଥିବାର ଦେଖାଯାଇଛି । ମହାରାଜା କୃଷ୍ଣଚନ୍ଦ୍ରଙ୍କ ପରବର୍ତ୍ତୀ କାଳ ପର୍ଯ୍ୟନ୍ତ ବାରିପଦାରେ କାଠର 'ମୁହୁଣ୍ଡା' ଓ ବାଉଁଶର 'ପ୍ରଭା' ଯଥାକ୍ରମେ ମୁହଁ ଓ ପିଠିରେ ବାନ୍ଧି ନାଚ କରୁଥିବାର ଜଣାଯାଏ । ସାଂପ୍ରତିକ କାଳରେ ମୟୂରଭଞ୍ଜର କେତେକ ସ୍ଥାନରେ କାଗଜ, କନା, ମାଟିରେ ମୁଖା ତିଆରି କରି ସେ ସ୍ଥାନର ଛଉ ନାଚ ମାନଙ୍କରେ ବ୍ୟବହୃତ ହେଉଅଛି । ଖିଚିଂ ଓ ରରୁଆଁ ଅଞ୍ଚଳରେ ପ୍ରଚଳିତ ଛଉ ନାଚ ସଂପର୍କରେ ପ୍ରସିଦ୍ଧ ଐତିହାସିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଲେଖିଛନ୍ତି, "ଛଉ ବା ମୁଖା ପିନ୍ଧି

ନୃତ୍ୟ କରିବା ହିଁ ଛଉ ନାଚର ପାରମ୍ପରିକ ବିଧି। ବିନା ଛଉରେ ଆଜିକାଲି ଯେଉଁ ଛଉ ନୃତ୍ୟ ହେଉଛି, ତାହା ଏହି ନୃତ୍ୟର ଆଧୁନିକୀ କରଣ ମାତ୍ର। ଆମ ଗାଁ (ଖୁଚିଂ)ରେ ପାରମ୍ପରିକ ରୀତିରେ ହିଁ ଛଉ ନାଚ ହେଉଥିଲା।" ଛଉରେ ଏହି ଆଧୁନିକୀକରଣ ଏକ ଐତିହାସିକ ସତ୍ୟ।

ମୟୂରଭଞ୍ଜ ଛଉ ନାଚ ଶୈଳୀରୁ ମୁଖା ପରିତ୍ୟାଗ କରାଯାଇଛି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଛଉ ନାଚକୁ ପୃଷ୍ଠପୋଷକତା ପ୍ରଦାନ କାଳରେ ଏଥିରୁ ମୁଖା ପରିତ୍ୟାଗ କରି ପାରମ୍ପରିକ ପାଇକ ନୃତ୍ୟ ଧାରାରେ ଏ ନାଚକୁ ସୁସଂଗଠିତ କରିଥିବାର ଜଣାଯାଏ। ଏହା ହିଁ ମୟୂରଭଞ୍ଜ (ବାରିପଦା)ର ମୁଖାହୀନ ଛଉ ଶୈଳୀ। ମୟୂରଭଞ୍ଜ ଓ ସନ୍ନିହିତ ଅଞ୍ଚଳର ବିଭିନ୍ନ ସ୍ଥାନରେ ଛଉ ନାଚରେ ଏହି ଶୈଳୀ ଅନୁସୃତ ହୋଇଅଛି।

୭- ତିନି ଅଞ୍ଚଳର ଛଉ ନାଚରେ ବ୍ୟବହୃତ ଗୀତ ସୃଷ୍ଟିର ମୂଳ ଉତ୍ସ ଅଭିନ୍ନ।

ଛଉ ନାଚରେ ଗୀତ ବ୍ୟବହୃତ ହେଉଥିଲେ ହେଁ ଚରିତ୍ରଗଣ ନିଜ ମୁଖରେ ଏହା ବୋଲନ୍ତି ନାହିଁ। ମଞ୍ଚର ପାର୍ଶ୍ୱରେ ଗାୟକ ଗୀତ ଗାନ କରନ୍ତି। ଛଉ ମୂଳତଃ ଏକ ମୂକ ନୃତ୍ୟ ହୋଇଥିବାରୁ ଏଥିରେ ଗୀତ ଓ ସଂଳାପର ବିଶେଷ ଆବଶ୍ୟକତା ନାହିଁ। ବାଦ୍ୟ ଯନ୍ତ୍ରରେ ତାଳ ସୃଷ୍ଟି କରିବା ନିମନ୍ତେ ଗୀତର କିଛି ଅଂଶ ଗାନ କରାଯାଏ। ଗୀତ ଗୁଡ଼ିକ ବିଷୟ ଭାବାନୁସାରୀ ହୋଇଥାଏ। ଏସବୁ ଗୀତର ମୂଳ ଉତ୍ସ ପୁରାଣ ଓ ମହାକାବ୍ୟ। ପୌରାଣିକ ଓ ମହାକାବ୍ୟ ବିଷୟବସ୍ତୁ ସମ୍ବଳିତ ନାଚ ପ୍ରଦର୍ଶନ ହେଉଥିବାରୁ ଅନେକ ସମୟରେ ଏ ସବୁର ସୁପ୍ରଚଳିତ ପଂକ୍ତି ଉଦ୍ଧାର କିମ୍ବା ଭାବାନୁସାରୀ ରଚନା ଗାନ କରାଯାଏ। ଏତଦ୍ ବ୍ୟତୀତ ସାମାଜିକ, କାଳ୍ପନିକ, ପ୍ରାକୃତିକ ଓ ଐତିହାସିକ ବିଷୟକ ନାଚରେ ଏପରି ଭାବ ସମ୍ବଳିତ କେତେକ ଗୀତି ରଚନା ଗାନ ହୁଏ। କେତେକ ନାଚରେ କେବଳ ନାଚରେ ତାଳ ସୃଷ୍ଟି ପାଇଁ କେତେକ ଗୀତ ଗାନ ହୁଏ। ତିନି ଅଞ୍ଚଳର ଛଉ ନାଚରେ ଝୁମର ସଂଗୀତର ପ୍ରାଧାନ୍ୟ ପରିଲକ୍ଷିତ ହୁଏ।

୮- ପୂର୍ବ ଭାରତର ପ୍ରାକୃତିକ ଭୂଗୋଳରେ ଏହି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିକଶିତ ଛଉ ନାଚରେ ଓଡ୍ର-ମାଗଧି-ବଙ୍ଗ ସହ ଆଦିମ ଜନଜାତିଙ୍କ ଭାଷା-ସଂସ୍କୃତିର ସୃଷ୍ଟ ସମ୍ମେଳନ ଘଟିଅଛି

ଛଉ ନାଚ ବିକଶିତ ଅଞ୍ଚଳର ବୈଶିଷ୍ଟ୍ୟ ହେଉଛି ଯେ ଏହା ତିନିଗୋଟି ଭାଷା ପରିବାରର ମିଳନ କ୍ଷେତ୍ର। ଆର୍ଯ୍ୟ ଗୋଷ୍ଠୀର ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ଭାଷା ସଂସ୍କୃତିର ମିଳନ ସ୍ଥଳ ରୂପେ ମୁଖ୍ୟତଃ ଓଡ଼ିଶାର ମୟୂରଭଞ୍ଜ (ବାରିପଦା), ପୂର୍ବତନ ବିହାର ପ୍ରଦେଶାନ୍ତର୍ଗତ ସିଂହଭୂମ (ଷଡ଼େଇକଳା) ଓ ପଶ୍ଚିମବଙ୍ଗର ପୁରୁଲିଆ (ବାଗମୁଣ୍ଡି) ଜିଲ୍ଲା ସହିତ ସନ୍ନିହିତ ଅଞ୍ଚଳ ମାନଙ୍କରେ

ଏହା ବିକଶିତ ହୋଇଛି । ଏ ସବୁ ଅଞ୍ଚଳରେ ଆର୍ଯ୍ୟ ଭାଷା ପରିବାରର ଉପର୍ଯ୍ୟୁକ୍ତ ତିନିଗୋଟି ପ୍ରଧାନ ଭାଷା ଆର୍ଯ୍ୟେତର ଭାଷା ଭାବେ ମୁଣ୍ଡା ଗୋଷ୍ଠୀର ସାନ୍ତାଳୀ, ହୋ, ଭୂମିଜ, ମାହାଲୀ, ମୁଣ୍ଡାରୀ ପ୍ରଭୃତି ଭାଷା ଓ ଦ୍ରାବିଡ଼ ଗୋଷ୍ଠୀର ଅରାଂ, ଖଡ଼ିଆ, କିଷାନ, ଗଣ୍ଡୀ ପ୍ରଭୃତି ଅନେକ ଭାଷା ସମୃଦ୍ଧ ଓ ଅଞ୍ଚଳରେ ଝୁମର, ଦୋଳି, ଭାଦୁ, ଟୁସୁ, ଭାଲୁକୁଣୀ, କରମ, ଜାଓ୍ବା, ଇନ୍ଦ, ବାନ୍ଦଣା, ମକର, ଚଇତ ପରବ ସଂପର୍କୀୟ ଲୋକ ସାହିତ୍ୟ ତତୋଧିକ ସମୃଦ୍ଧ । ସାଧାରଣତଃ କୌଣସି କ୍ଷେତ୍ର ବିଶେଷରେ ଏକାଧିକ ଭାଷା ଓ ସଂସ୍କୃତି ପ୍ରଚଳିତ ଥିଲେ ସେ ସବୁ ସଂସ୍କୃତି ମଧ୍ୟରେ ଏପରି ସଂଯୋଗ ଘଟିଥିବାର ପରିଲକ୍ଷିତ ହୁଏ । ଛଉ ନାଚରେ ବ୍ୟବହୃତ ଗୀତର ଭାଷା ହେଉଛି ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ । ମୟୂରଭଞ୍ଜ ଜିଲ୍ଲା ସହ ଓଡ଼ିଆ ପ୍ରଦେଶାନ୍ତର୍ଗତ ପୂର୍ବତନ ଦେଶୀୟ ରାଜ୍ୟ ସମେତ ସିଂଭୂମ ଜିଲ୍ଲାର ଛଉ ନାଚ ବିକଶିତ ସମଗ୍ର ଅଞ୍ଚଳରେ ଓଡ଼ିଆ ଭାଷା ପ୍ରଚଳିତ ହେଉଥିବାରୁ ଏଥିରେ ଓଡ଼ିଶୀ ଛାନ୍ଦ, ଚମ୍ପୂ ଓ ବହୁ ରାଗରାଗିଣୀ ସମ୍ବଳିତ ଓଡ଼ିଆ ଗୀତି ରଚନା ଏବଂ ପୁରୁଲିଆ ଜିଲ୍ଲା ସହ ପଶ୍ଚିମ ବଙ୍ଗର ମେଦିନୀପୁର ଅଞ୍ଚଳ, (ଧଳଭୂମରେ କେଉଁଠି କେଉଁଠି ମଧ୍ୟ)ର ଛଉ ନାଚରେ ବଙ୍ଗଳା ଭାଷାରେ ଗୀତ ଗାନ ହୁଏ । ସ୍ଥଳ ବିଶେଷରେ ହିନ୍ଦୀ ଭାଷାର ଗୀତ ବ୍ୟବହୃତ ହୁଏ । କୁଡ଼ମାଳୀ ଭାଷାର ଝୁମର ସଂଗୀତର ପ୍ରାଧାନ୍ୟ ଛଉ ନାଚରେ ସର୍ବତ୍ର ଉପଲବ୍ଧ । ଝାଡ଼ଗ୍ରାମର ଛଉ ନାଚରେ ଅନେକ ସ୍ଥଳରେ ଓଡ଼ିଆ ଗୀତ, ରାଗ ରାଗିଣୀ ମଧ୍ୟ ବ୍ୟବହୃତ ହୁଏ ।

ବହୁ ଭାଷା ପ୍ରଚଳିତ ଏପରି ଏକ କେନ୍ଦ୍ରାଞ୍ଚଳର ଆରଣ୍ୟକ ମଣ୍ଡଳରେ ବିଭିନ୍ନ ଜାତି ଓ ଗୋଷ୍ଠୀ ସମନ୍ୱିତ ଅଧିବାସୀ ମାନଙ୍କର ସାମାଜିକ ରୀତି ନୀତି, ଜୀବନ ଓ ଜୀବିକାର୍ଜନ ପଦ୍ଧତି ସବୁହିଁ ଛଉ ନାଚ ସୃଷ୍ଟି ଓ ପୁଷ୍ଟିରେ ସହାୟକ ହୋଇଛି ।

୯- ସମ୍ଭବତଃ ଊନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଷଢ଼େଇକଳା-ସିଂଭୂମ ଅଞ୍ଚଳରେ ଏହି ନାଚ ବିକଶିତ ହୋଇ ଷଢ଼େଇକଳାରେ ଏ ନାଚ ପ୍ରଥମେ ପୃଷ୍ଠପୋଷକତା ଲାଭ କରି ସଂଗଠିତ ହୋଇଥିଲା । (ସଂକଳ୍ପ ନାନଂ. ୯ ଓ ୧୦ ନଂ)

ତିନି ଅଞ୍ଚଳର ଛଉ ନାଚ ପରମ୍ପରାର ବିଶ୍ଳେଷଣ କରି ଜଣାଯାଇଛି ଯେ, ମୟୂରଭଞ୍ଜ ଓ ବାଗମୁଣ୍ଡି ଛଉରେ ରାଜ ପୋଷକତା ରହିଥିଲେ ହେଁ ଷଢ଼େଇକଳାରେ ହିଁ ଏ ନାଚ ସର୍ବ ପ୍ରଥମେ ପୃଷ୍ଠପୋଷକତା ଲାଭ କରି ସଂଗଠିତ ହୋଇଥିଲା । ଷଢ଼େଇକଳା ଛଉ ନାଚର ଆଂଶିକ ଓ ଆତ୍ମିକ ବିଭବ ଗୁଡ଼ିକୁ ଲକ୍ଷ୍ୟ କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଷଢ଼େଇକଳାର ଛଉ ଶୈଳୀ ବୀରତ୍ୱ ବ୍ୟଞ୍ଜକ, ଲାଳିତ୍ୱ ମୟ, ଚାରୁ କଳାତ୍ମକ ଓ ପ୍ରତୀକ ଧର୍ମୀ । ନାଟ୍ୟ କୌଶଳ, ଉପସ୍ଥାପନା

ପଦ୍ଧତି । ମୁଖା ଗଠନ ଶୈଳୀ ଓ ସଜ୍ଜା ପ୍ରଭୃତିରୁ ଏଥିର ଉତ୍କର୍ଷ ପ୍ରତିପାଦିତ ହୁଏ । ପୋଷକତା ହେତୁ ତିନି ଅଞ୍ଚଳର ଛଉ ନାଚର ଆଂଶିକ ଓ ଆତ୍ମିକ ଉଭୟ ବିଭାବରେ ଭିନ୍ନତା ପରିଲକ୍ଷିତ ହୁଏ ।

ପୂର୍ବ ଆଲୋଚନାରୁ ଦେଖାଯାଇଛି ଯେ, ମୟୂରଭଞ୍ଜର ମହାରାଜା ଯଦୁନାଥ ଭଞ୍ଜ (ଖ୍ରୀ.୧୮୨୮-୧୮୬୩)ଙ୍କ ରାଜତ୍ୱ କାଳରେ କିମ୍ବା ତତ୍ ପରବର୍ତ୍ତୀ ସମୟରେ ଧଳଭୂମିର ମଦନ ସିଂହ ବାବୁ ବାରିପଦାର ଚୈତ୍ର ମାସରେ ଅନୁଷ୍ଠିତ 'ରାମନବମୀ ନାଚ' ସହିତ ଛଉ ନାଚ ପରି କେତେକ ବାଜା ଓ ନାଚ ମିଶାଇଛନ୍ତି । ମଦନ ସିଂହ ବାବୁ ବାରିପଦାରେ ଏହିରି କାର୍ଯ୍ୟ କେଉଁ ସମୟରେ କରିଛନ୍ତି ତାହା ନିର୍ଦ୍ଦିଷ୍ଟ ରୂପେ ଜଣାନାହିଁ । ପରବର୍ତ୍ତୀ ପର୍ଯ୍ୟାୟରେ ମହାରାଜା କୃଷ୍ଣଚନ୍ଦ୍ର (ଖ୍ରୀ.୧୮୬୮-୧୮୮୨)ଙ୍କ ସମୟରେ ବାରିପଦାକୁ ଦୁଇଜଣ ଛଉ ଓସ୍ତାଦ୍ ଷଢ଼େଇକଳାରୁ ଆସିଥିବାର ଦେଖାଯାଉଛି । ମହାରାଜା କୃଷ୍ଣଚନ୍ଦ୍ରଙ୍କ ସମୟକୁ ଷଢ଼େଇକଳାରେ ଛଉ ନାଚର ବିଶେଷ ପୋଷକତା ଘଟିଛି ଓ ଏହା ଦ୍ୱାରା ଷଢ଼େଇକଳା ରାଜ୍ୟ ବାହାରକୁ ଛଉ ଓସ୍ତାଦ୍ ପଠାଇ ପାରିଛି । ରାଜତ୍ୱ ଗ୍ରହଣ ବେଳକୁ କୃଷ୍ଣ ଚନ୍ଦ୍ରଙ୍କର ବୟସ ମାତ୍ର ଅଠର ବର୍ଷ । ତାଙ୍କର ଜନ୍ମ ବେଳରୁ ବାରିପଦାରେ ସେ ଛଉ ନାଚ ଦେଖିଥିବେ ଓ ଏଥିପ୍ରତି ତାଙ୍କର ଆସକ୍ତି ଆସିଥିବା ହେତୁ ରାମହରି ଜତ୍ (ବେବର୍ତ୍ତା) ବାବୁଙ୍କ ପ୍ରରୋଚନାରେ ସେ ଷଢ଼େଇକଳାରୁ ଛଉ ଓସ୍ତାଦ୍ ଆଣିବାକୁ ସ୍ଥିର କରିଥିବେ । କୃଷ୍ଣଚନ୍ଦ୍ରଙ୍କ ଜନ୍ମ ସମୟ ୧୮୫୦ ଖ୍ରୀ. ବେଳକୁ ବାରିପଦାରେ ଛଉନାଚ ଯଦି ପ୍ରଚଳନ ହୋଇଥିବ ତେବେ ଧଳଭୂମିର ମଦନ ସିଂହ ବାବୁ ଯଦୁନାଥ ଭଞ୍ଜଙ୍କ ସମସାମୟିକ ଓ ସେ ଯଦୁନାଥଙ୍କ ଅମଳରେ ହିଁ ଏ ନାଚ ବାରିପଦାର ପ୍ରଚଳିତ 'ରାମନବମୀ ନାଚ'ରେ ମିଶାଇଛନ୍ତି । ଦିବାକର ଭଞ୍ଜ ବାବୁଙ୍କ ଉକ୍ତ 'କିଛି ବର୍ଷ ପରେ' ଅର୍ଥାତ୍ ଯଦୁନାଥ ଭଞ୍ଜଙ୍କ ରାଜତ୍ୱ କାଳ ମଧ୍ୟରେ ଯଦି ହୁଏ ତେବେ ଖ୍ରୀ.୧୮୫୦ ପୂର୍ବରୁ ମଧ ହୋଇପାରେ । ଖ୍ରୀ.୧୮୫୦ ପୂର୍ବରୁ ଧଳଭୂମରେ ଏ ନାଚର ପ୍ରଚଳନ ଥିବାର ଦେଖାଯାଉଛି । ଷଢ଼େଇକଳାରଏହି ବିଖ୍ୟାତ ନାଚ ସଂପର୍କରେ ଧଳଭୂମିରେ ଲୋକୋକ୍ତି ପ୍ରଚଳିତ ଥିବାର ମଧ ଦେଖାଯାଇଛି । ତେଣୁ, ଧଳଭୂମି ଅପେକ୍ଷା ଷଢ଼େଇକଳାରେ ହିଁ ଛଉ ନାଚ ବିଶେଷ ଭାବରେ ପୋଷକତା ଲାଭ କରି ବିକାଶ ଲାଭ କରିଛି ।

ଅନ୍ୟ ଏକ ବିଷୟ ଏଠାରେ ବିଚାର କରାଯାଉଛି । ଷଢ଼େଇକଳାର ବୁଢ଼ାରଜା ନୃପରାଜ ସିଂହଦେଓ ଚଇନିପୁର ଗ୍ରାମରୁ ଉପେନ୍ଦ୍ର ବିଶ୍ୱାଳଙ୍କୁ ରାଜଧାନୀ ଷଢ଼େଇକଳାକୁ ନେଇ ଆସିଥିଲେ । ଉପେନ୍ଦ୍ର ବିଶ୍ୱାଳ ଷଢ଼େଇକଳାଠାରେ ନୃତ୍ୟ ଶିକ୍ଷା କରିଛନ୍ତି ଓ ପରବର୍ତ୍ତୀ କାଳରେ ଖରସୁଆଁ ଗଡ଼ରେ ଛଉ ନାଚ ଶିକ୍ଷାଦେବା ନିମନ୍ତେ ଠାକୁର ମହେନ୍ଦ୍ର ନାରାୟଣ ସିଂଦେଓଙ୍କ ସମୟରେ

ସେଠାକୁ ଯାଇଛନ୍ତି । ତା'ପୂର୍ବରୁ ତାଙ୍କର ପଟ୍ଟଶିଷ୍ୟ ରାଜେନ୍ଦ୍ର ପଟ୍ଟନାୟକ ଖରସୁଆଁର ଗୋଟିଏ ପିଢ଼ରେ ଏ ନାଚର ଶିକ୍ଷା ଦେଇଛନ୍ତି । ଉପେନ୍ଦ୍ର ବିଶ୍ୱାଳ ବାରିପଦା ଆସିବା ପୂର୍ବରୁ ସମ୍ଭବତଃ ଖରସୁଆଁ ଗଡ଼କୁ ଯାଇଥିବେ, କାରଣ; ବାରିପଦାରେ ସେ ଲାଖରାଜି ଇତ୍ୟାଦି ପାଇ ପୂର୍ଣ୍ଣ ସମୟର ଓସ୍ତାଦ୍ ରୂପେ ସ୍ଥାୟୀ ଭାବରେ ବାସ କରିଛନ୍ତି ।

ଏତଦ୍ ବ୍ୟତୀତ ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳ ଯଥା- ଡିରିଂ, କରଞ୍ଜିଆ (ଗଡ଼ସାହି), ରରୁଆଁ, ପ୍ରତାପପୁର ପ୍ରଭୃତି ସ୍ଥାନରେ ଛଉ ନୃତ୍ୟ ଶିକ୍ଷା ଦେବା ନିମନ୍ତେ ଓସ୍ତାଦ୍ ମାନେ ବିଭିନ୍ନ ସମୟରେ ଷଢ଼େଇକଳାରୁ ହିଁ ଆସିଥିବା ଜଣାଯାଏ । ଉପଯୁକ୍ତ ଭାବରେ ନାଚଶିକ୍ଷା ବ୍ୟତୀତ ନାଚରେ ବ୍ୟବହୃତ ପ୍ରୟୋଜନୀୟ ମୁଖା ଗଠନ ନିମନ୍ତେ ମଧ୍ୟ ଷଢ଼େଇକଳାରୁ ମୁଖା ନିର୍ମାତାମାନେ ମୟୁରଭଞ୍ଜର ବିଭିନ୍ନ ସ୍ଥାନକୁ ଆସୁଥିଲେ କିମ୍ବା ଏଠାରୁ କେହି କେହି ଯାଇ ନିର୍ମାଣ କୌଶଳ ଶିକ୍ଷା କରି ଆସିଥିବାର ତଥ୍ୟ ମଧ୍ୟ ଉପଲବ୍ଧ ହେଉଛି । ଷଢ଼େଇକଳାରେ ଉପଯୁକ୍ତ ଭାବରେ ତାଲିମ ପ୍ରାପ୍ତ ଓସ୍ତାଦ୍ ମାନେ ମୟୂରଭଞ୍ଜ ସହ ସନ୍ନିହିତ ପୁରୁଲିଆର ବିଭିନ୍ନ ସ୍ଥାନକୁ ଛଉର ପ୍ରଶିକ୍ଷକ ରୂପେ ଯାଇଥିବା ଜଣାଯାଇଛି ।

ଏହି ପ୍ରସଙ୍ଗର ଅନ୍ୟ ଏକ ତଥ୍ୟ ହେଉଛି ଯେ ପୂର୍ବରୁ ଛଉ ସଂପୃକ୍ତ ଅଞ୍ଚଳ ମୁଖ୍ୟତଃ ଶିମିଳିପାଳ, ଅଯୋଧ୍ୟା ଓ ସରଣ୍ଡା ପର୍ବତମାଳା ମଧ୍ୟବର୍ତ୍ତୀ ଅଞ୍ଚଳର ଜନସମାଜରେ ବିବାହ ପ୍ରଭୃତି ସାମାଜିକ ଉତ୍ସବରେ ଛଉ (ମୁଖା) ନାଟ ଅନୁଷ୍ଠିତ ହେଉଥିଲା । ମୟୂରଭଞ୍ଜର ରାମହରି ଜିତ୍ ବେବର୍ତାବାବୁ ଷଢ଼େଇକଳାରେ ଓ ପୁରୁଲିଆର କାଳୀମାଟି ପିଢ଼ ନିବାସୀ ଡମନସିଂ ମୁଡ଼ାଙ୍କର ବାବା ରାମ ଜୀବନସିଂଙ୍କର ପୁସ୍ତିତୋଡ଼ାଂଠାରେ ବିବାହ କାଳରେ ଯଥାକ୍ରମେ 'ଛଉ' ଓ 'ଛ' (ମୁଖା) ନାଟ ଅନୁଷ୍ଠିତ ହୋଇଥିବା ତଥ୍ୟ ଉପଲବ୍ଧ । ଏହି ପୁସ୍ତିତୋଡ଼ାଂ ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ ଓ ଏହାର ଅପର ପାର୍ଶ୍ୱରେ ହିଁ ସିଂଭୂମ ଅଞ୍ଚଳ ଷଢ଼େଇକଳାର ନିକଟବର୍ତ୍ତୀ ସ୍ଥାନ ।

ଏତଦ୍‌ବ୍ୟତୀତ ସନ୍ନିହିତ ଅଞ୍ଚଳର ଏକ ରାଜ୍ୟ ତାଳଚେରଠାରେ ମୟୂରଭଞ୍ଜର ମୁଖାହୀନ ଶୈଳୀର ଛଉ ନାଚ ବିକଶିତ ହୋଇଥିଲେ ହେଁ ସେଠାରେ ପ୍ରଚଳିତ ଲୋକୋକ୍ତିରେ ଷଢ଼େଇକଳାର ଏହି ନାଚ ସଂପର୍କୀୟ ପ୍ରସିଦ୍ଧିର ବର୍ଣ୍ଣନ ଥିବାର ଦେଖାଯାଇଛି ।

ଉପରୋକ୍ତ ସମସ୍ତ ତଥ୍ୟ ପୂର୍ବର ଅଧ୍ୟାୟ ଗୁଡ଼ିକରେ ଯଥା ସ୍ଥାନରେ ଲିଖିତ ହୋଇଛି । ଉପସ୍ଥିତ ତଥ୍ୟ ସବୁର ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ, ଷଢ଼େଇକଳା-ସିଂଭୂମ, ମାନଭୂମ, ଧଳଭୂମ ଓ ଭଞ୍ଜଭୂମ ଅଞ୍ଚଳରେ ପୂର୍ବକାଳରୁ ଛଉ ପରି ଏକ ମୁଖା ନାଟର ପ୍ରଚଳନ ରହିଥିଲା ।

ଦ୍ୱିତୀୟତଃ ଊନବିଂଶ ଶତକର ପ୍ରଥମ ଭାଗରୁ ଷଢ଼େଇକଳାର ସିଂହ ରାଜାଙ୍କ ପୋଷକତା ଫଳରେ ତାହା ବିକଶିତ ହେଲା । ତୃତୀୟତଃ, ଉପେନ୍ଦ୍ର ବିଶ୍ୱାଳ ହିଁ ଏହି ବିକାଶର ଶ୍ରେଷ୍ଠତମ ଓସ୍ତାଦ୍ ଭାବରେ ଷଢ଼େଇକଳା ଦରବାରରେ ଅନ୍ୟ ପ୍ରଖ୍ୟାତ ଓସ୍ତାଦ ମାନଙ୍କ ସହିତ ଏ ନାଟକୁ ସଂଗଠିତ କରିଥିଲେ ଏବଂ ପରେ ଖରସୁଆଁ ଓ ମୟୂରଭଞ୍ଜ ରାଜ୍ୟରେ ନିଜର ଶିଷ୍ୟମାନଙ୍କ ସହ ଏହାର ଉପଯୁକ୍ତ ପ୍ରଶିକ୍ଷଣର ଦାୟିତ୍ୱ ବହନ କରିଥିଲେ ।

ପ୍ରସଙ୍ଗତଃ ଉଲ୍ଲେଖ କରାଯାଉଛି ଯେ, ଏକଦା ଛଉନାଟ ବିକଶିତ ମୟୂରଭଞ୍ଜ, ବାଗମୁଣ୍ଡି (ପୁରୁଲିଆ) ଓ ସନ୍ନିହିତ ରାଜ୍ୟ ମାନଙ୍କରେ ପୃଷ୍ଠପୋଷକତା କରିଥିବା ସମସ୍ତ ପୂର୍ବତନ ଶାସକମାନେ ରାଜ୍ୟ ମିଶ୍ରଣ ପରେ ଛଉ ପ୍ରତି ପୃଷ୍ଠପୋଷକତା ପ୍ରଦାନରେ ସକ୍ଷମ ହୋଇନାହାନ୍ତି କିମ୍ବା ଏକଦା ଏହାକୁ ନିଜର ଅବସର ବିନୋଦନର ମାଧ୍ୟମ ରୂପେ ଉପଯୋଗ କରି ତତ୍କାଳୀନ ରାଜନୈତିକ ପ୍ରତିଷ୍ଠା ଲାଭ ଦିଗରେ ସଚେଷ୍ଟ ହୋଇଥିଲେ ହେଁ ବର୍ତ୍ତମାନ ଏଥିରୁ ସଂପୂର୍ଣ୍ଣ ନିବୃତ୍ତ ହୋଇଛନ୍ତି । କେବଳ ଷଢ଼େଇକଳାରେ ସାଂପ୍ରତିକ କାଳ ପର୍ଯ୍ୟନ୍ତ ରାଜପୁତ୍ରଗତ ନୃତ୍ୟଶିଳ୍ପୀ, ଆଲୋଚକ ଓ ସଂଗଠକ ଭାବରେ ଛଉରେ ଅଦ୍ୟାବଧି ବିଶେଷ ଭାବରେ ପ୍ରତ୍ୟକ୍ଷ ରୂପେ ଜଡ଼ିତ ରହିଛନ୍ତି । ଷଢ଼େଇକଳାର ରାଜଧାନୀ ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଛଉ ନାଚ ପରିବ୍ୟାପ୍ତ ହୋଇଛି ହେଲ ଅନ୍ୟ ସମସ୍ତ ସ୍ଥାନ ପରି ଷଢ଼େଇକଳାର ରାଜ ପରିବାରରୁ ଛଉ ନାଚର ଚର୍ଚ୍ଚା ଅବଲୁପ୍ତ ହୋଇନାହିଁ । ଏହା ହିଁ ସମ୍ଭବତଃ କାଳର ନିକଷରେ ପ୍ରଥମ ପୋଷକତା ପ୍ରଦାନ କରିଥିବା ରାଜବଂଶର ଅନ୍ୟତମ ପ୍ରଧାନ, ଉଜ୍ଜଳ ଓ ପ୍ରତ୍ୟକ୍ଷ ଲକ୍ଷଣ । ପରିବର୍ତ୍ତିତ ପରିସ୍ଥିତିରେ ସୀମିତ ସମ୍ବଳ ଓ ପରିମିତ ଶକ୍ତି ମଧ୍ୟରେ ପିତୃତ୍ୱ (ପାଳକ ( ? ) ହେଲେ ବି )ର ଗୌରବପୂର୍ଣ୍ଣ ଅଧିକାର ଅଦ୍ୟାବଧି ସଂରକ୍ଷିତ ହୋଇଛି । ଏହା ହିଁ ମହାକାଳର ମହାନ୍ ଉପହାର ।

୧୦- ଛଉ ନାଚ ବିକାଶର ଭିନ୍ନ ଭିନ୍ନ ସ୍ତର ଦେଖାଯାଏ

କ୍ଷେତ୍ର ଅଧ୍ୟୟନ କରି ଜଣାଯାଇଛି ଯେ, ଛଉ ନାଚ ବିକାଶରେ ତିନି ଗୋଟି ସ୍ତର ରହିଥିଲା । ସେଗୁଡ଼ିକ ହେଉଛି (୧) ସାଧାରଣ ଲୋକ ବା ଗ୍ରାମ୍ୟ ସ୍ତର (୨) ସର୍ଦ୍ଦାର/ମାନକୀ ଅଧିଷ୍ଠିତ ପିଢ଼/ପରଗଣା(ନା) ସ୍ତର ଓ (୩) ରାଜା/ମହାରାଜା ଅଧିଷ୍ଠିତ ରାଜଧାନୀ ବା ଦରବାର ସ୍ତର । ସମଗ୍ର ମୟୂରଭଞ୍ଜ ଓ ପୁରୁଲିଆର ଗ୍ରାମାଞ୍ଚଳ, ପୂର୍ବତନ ପିଢ଼/ପରଗଣା ଓ ରାଜ୍ୟର ରାଜଧାନୀ ମାନଙ୍କରେ କ୍ଷେତ୍ର ଅଧ୍ୟୟନ କାଳରେ ଉପରୋକ୍ତ ତଥ୍ୟ ଉପଲବ୍ଧ ହୋଇଅଛି । ଷଢ଼େଇକଳାର ଦରବାର ସ୍ତରର ଛଉ ନାଚ ଅନୁଧ୍ୟାନ କରାଯାଇଛି । ସିଂଭୂମ ଜିଲ୍ଲାର ଧଳଭୂମ, ଖରସୁଆଁ, ଇଚ୍ଛା, କେରା ପ୍ରଭୃତି ରାଜ୍ୟ/ପିଢ଼ ମାନଙ୍କରେ ଏବଂ ଗ୍ରାମାଞ୍ଚଳରେ ଛଉ ନାଚର

ପ୍ରଚଳନ ଥିବା ହେତୁ ମୟୂରଭଞ୍ଜ ଓ ପୁରୁଲିଆ ପରି ଏ ଅଞ୍ଚଳରେ ମଧ୍ୟ ତିନିଗୋଟି ସ୍ତରରେ ଛଉର ବିକାଶ ଘଟିଥିଲା ।

ଗ୍ରାମ୍ୟ ସ୍ତରର ଛଉ ନାଚରେ ଉପରୋକ୍ତ ଅନ୍ୟ ଦୁଇଗୋଟି ସ୍ତରର ନାଚର ପ୍ରଭାବ ପଡୁଥିଲା । ଉଭୟ ଆଙ୍ଗିକ ଓ ଆତ୍ମିୟ ବିଭାବରେ ପ୍ରଭାବ ପଡୁଥିଲେ ହେଁ ଆଙ୍ଗିକ ବିଭାବ ଅର୍ଥାତ୍ ରୂପ ସଜା, ଆଲୋକ, ବ୍ୟବସ୍ଥା, ଉପସ୍ଥାପନା ଶୈଳୀ ପ୍ରଭୃତିର ପ୍ରଭାବ ଆତ୍ମିକ ବିଭାବ ଅପେକ୍ଷା ଅଧିକ ଥିଲା । ସର୍ଦ୍ଦାର/ମାନକୀ/ପଧାନ ସ୍ତରର ଛଉ ନାଚ ଉଭୟ ଗ୍ରାମୀଣ ଓ ଦରବାର ସ୍ତର ଦ୍ୱାରା ପ୍ରଭାବିତ ହୋଇଥିଲା । ଦରବାର ସ୍ତରର ଛଉ ନାଚ ଲୋକନାଟକର ସୁସଂସ୍କୃତ ବିଭାଗ ଗୁଡ଼ିକୁ ଅକ୍ଷୁର୍ଣ୍ଣ ରଖିବା ସହିତ ବିଭିନ୍ନ ଶାସ୍ତ୍ରୀୟ ଓ ଆଞ୍ଚଳିକ ନୃତ୍ୟର ଶୈଳୀ ଗ୍ରହଣ କରି ପୁଷ୍ଟ ହୋଇଛି । ଛଉ ନାଚ ପରମ୍ପରାରେ ଏପରି ତ୍ରିସ୍ତରୀୟ ବ୍ୟବସ୍ଥା ହିଁ ପୂର୍ବ/ ସମକାଳୀନ ରାଷ୍ଟ୍ରସ୍ତରୀୟ ସଂହତ ସାମାଜିକ ଓ ସୁଂସଗଠିତ ସାଂସ୍କୃତିକ ବ୍ୟବସ୍ଥାର ପ୍ରକୃଷ୍ଟ ପ୍ରମାଣ ବହନ କରେ ।

ତିନିସ୍ତରରେ ବିକଶିତ ଛଉନାଚ ମଧ୍ୟରେ ଆଦାନ ପ୍ରଦାନର ଏକ ଘନିଷ୍ଠ ସମ୍ବନ୍ଧ ସ୍ଥାପିତ ହୋଇଥିଲା । ଉଭୟ ଆଂଶିକ ଓ ଆତ୍ମିକ ବିଭବରେ ଏମାନେ ପରସ୍ପରକୁ ପ୍ରଭାବିତ କରିଥିବାର ଦେଖାଯାଏ । ପ୍ରଶିକ୍ଷଣ ବ୍ୟବସ୍ଥା, ଉପସ୍ଥାପନା, ରୂପସଜା, ବାଦ୍ୟ, ସଂଗୀତ, ଦର୍ଶକ, ପୃଷ୍ଠପୋଷକ ପ୍ରଭୃତି ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଗ୍ରାମ୍ୟ, ପିଢ଼ାପରଗଣା ଓ ଦରବାର ସ୍ତରର ଛଉନାଚରେ ପରିଲକ୍ଷିତ ଅନେକ ସାମଞ୍ଜସ୍ୟ ଏହି ପ୍ରଭାବରେ ଫଳ ବୋଲି କୁହାଯାଇପାରେ । ଏସବୁର କାରଣ-ପ୍ରଥମତଃ ଛଉ ନାଚ଼ ଶିକ୍ଷା ପାଇଁ ପ୍ରତିବର୍ଷ ପ୍ରାୟ ଗ୍ରାମ ଓ ପିଢ଼ା ପରଗଣା ମାନଙ୍କରେ ଦରବାରସ୍ତରର ପ୍ରବୀଣ ନୃତ୍ୟଶିଳ୍ପୀ ଗଣ ପ୍ରଶିକ୍ଷକ (ଗୁରୁ/ ଉସ୍ତାଦ୍) ରୂପେ ନିଯୁକ୍ତ ହେଉଥିଲେ । ଏମାନେ ମୁଖ୍ୟତଃ ଷଢ଼େଇକଳା କିମ୍ବା ବାରିପଦାରୁ ମନୋନୀତ ଓ ସ୍ୱତନ୍ତ୍ର ଭାବେ ନିଯୁକ୍ତ ହେଉଥିଲେ । ଏଠାରେ କହିରଖିବା ଉଚିତ୍ ଯେ, ଷଢ଼େଇକଳା ଦରବାର ହେଉଛି ଛଉନାଚ଼ ପୋଷକତାର ପ୍ରଥମ ଓ ପ୍ରଧାନ ଉଦ୍‌ବର୍ତ୍ତନ ତଥା ଦିଗ୍‌ଦର୍ଶନ । ଏହିଠାରୁ ହିଁ ପ୍ରାଥମିକ ପର୍ଯ୍ୟାୟରେ ବାରିପଦା ଏପରିକି ସମଗ୍ର ମୟୂରଭଞ୍ଜ, ପୁରୁଲିଆ ସହିତ ସମସ୍ତ ସନ୍ନିହିତ ଅଞ୍ଚଳରେ ବିକଶିତ ଛଉ କେନ୍ଦ୍ରଗୁଡ଼ିକୁ ନୃତ୍ୟ ପ୍ରଶିକ୍ଷକମାନେ ନୃତ୍ୟ ଶିକ୍ଷା ପିଢ଼ା ପରଗଣା ମାନଙ୍କରେ ବିକଶିତ ଛଉ / ଛୋ ନାଚ଼ର ପ୍ରଶିକ୍ଷଣ ବ୍ୟବସ୍ଥା ପ୍ରାୟ ସମାନ ଧରଣର ଥିଲା । ପ୍ରତିବର୍ଷ ବାର୍ଷିକ ଉତ୍ସବରେ ନାଚ଼ ପ୍ରଦର୍ଶନ ନିମନ୍ତେ ୧୫ ଦିନରୁ ୨/୨୪ ମାସ ମଧ୍ୟରେ ନିଜ ନିଜ ଦଳକୁ ପ୍ରଦର୍ଶନକ୍ଷମ କରାଇବା ନିମନ୍ତେ ସ୍ଥାନୀୟ ଜନ ସାଧାରଣ, ସର୍ଦ୍ଦାର ମାନଙ୍କ ମୁଣ୍ଡା / ପ୍ରଧାନମାନେ ଉଦ୍‌ଯୋଗୀ

ହେଉଥିଲେ । କିନ୍ତୁ ଦରବାର / ରାଜ୍ୟ ସ୍ତରର ପ୍ରଶିକ୍ଷଣ ବ୍ୟବସ୍ଥା ଥିଲା ସ୍ଥାୟୀ ଓ ସ୍ୱତନ୍ତ୍ର ଧରଣର । ବାରିପଦାର ମହାରାଜାଙ୍କ ପୋଷକତାରେ ଦଶହରାଠାରୁ ଚୈତ୍ରପର୍ବ ପର୍ଯ୍ୟନ୍ତ ଦୀର୍ଘ ଛଅ ମାସ ଧରି ପ୍ରଶିକ୍ଷଣ ସମୟ ନିର୍ଦ୍ଦିଷ୍ଟ ହୋଇଥିଲା ବେଳେ ଷଢ଼େଇକଳାରେ ସାରାବର୍ଷ ଧରି ଏହା ଚାଲୁ ରହିଥିଲା । ଷଢ଼େଇକଳା ରାଜ ପରିବାରରେ ଏହା କଳା ଚର୍ଚ୍ଚାର ଏକ ମାଧ୍ୟମ ରୂପେ ପରିଗୃହୀତ ହୋଇଥିଲା । ପୁରୁଲିଆ ଅଞ୍ଚଳରେ ବାଗମୁଣ୍ଡି ରାଜପରିବାର ଏହି ନାଚ୍‌କୁ ପରୋକ୍ଷ ଭାବେ ପୋଷକତା କରୁଥିଲେ ଓ ବାର୍ଷିକ ପର୍ବରେ ପ୍ରଦର୍ଶନ ଉପଲକ୍ଷେ ଗୁରୁତ୍ୱ ଦେଉଥିଲେ ।

ଗ୍ରାମ ଓ ପିଢ଼ା ପରଗଣା ମାଧ୍ୟମରେ ପ୍ରଶିକ୍ଷକ ଭାବେ ନିଯୁକ୍ତ ଦରବାର ସ୍ତରର ଏହି ପ୍ରବୀଣ ଗୁରୁ / ଉସ୍ତାଦମାନେ ଛଉ ନୃତ୍ୟର ଭାବ, ଭଂଗୀ, ଚାଲି (ନାଟ୍ୟ କୌଶଳ), ସ୍ୱର, ସଂଗୀତ ସବୁକୁ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ଦେଉଥିଲେ ହେଁ ସ୍ଥାନୀୟ କଳାକାରମାନେ ସେସବୁ ଯଥା ସମ୍ଭବ ଆୟତ୍ତକୁ ଆଣି ନିଜସ୍ୱ ରୀତିରେ ମଂଚ୍‌ରେ ପରିବେଶଣ କରୁଥିଲେ । ସମୟର ସ୍ୱଳ୍ପତା ଓ ଅନ୍ୟାନ୍ୟ ବିଭିନ୍ନ କାରଣରୁ ସବୁବେଳେ ସବୁଠି ଉତ୍କୃଷ୍ଟ ପ୍ରଶିକ୍ଷଣ ଓ ପ୍ରଦର୍ଶନ ସମ୍ଭବ ହେଉନଥିଲା । ଏହାକୁ ପ୍ରଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟେ ନମନୀୟ ଭାବେ ଗ୍ରହଣ କରିନେଉଥିଲେ । ଏତଦ୍‌ବ୍ୟତୀତ ଗ୍ରାମ୍ୟ ଓ ପିଢ଼ା ପରଗଣା ସ୍ତରର ଉପଯୁକ୍ତ ବିବେଚିତ କେତେକ ଛଉଶିଳ୍ପୀ ରାଜ୍ୟ ଦରବାରରେ ସ୍ତରରେ ପ୍ରତିଷ୍ଠିତ ଛଉ ଦଳରେ ଅର୍ନ୍ତଭୁକ୍ତ ହେଉଥିଲେ । ସେହିପରି ପିଢ଼ / ପରଗଣା ସ୍ତରର ପ୍ରବୀଣ ନୃତ୍ୟଶିଳ୍ପୀ ଗ୍ରାମ ସ୍ତରୀୟ ପ୍ରଶିକ୍ଷକ ଶିଳ୍ପୀ ରୂପେ ମଧ୍ୟ ସ୍ୱୟଂ ଅଂଶଗ୍ରହଣ କରୁଥିଲେ ଏବଂ କୌଣସି କୌଣସି ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ ।

ଦ୍ୱିତୀୟତଃ : ରୂପସଜ୍ଜା କ୍ଷେତ୍ରରେ ପ୍ରଥମରୁ ହିଁ ଷଢ଼େଇକଳାରୁ ସୁଦ ଆଡ଼ତକୁ ମଖା ନିର୍ମାତାମାନେ ଯାଉଥିଲେ କିମ୍ବା ବିଭିନ୍ନ ଅଞ୍ଚଳରୁ ଶିକ୍ଷାର୍ଥୀମାନେ ଷଢ଼େଇକଳା ଆସି ମୁଖା ନିର୍ମାଣ କୌଶଳ ଶିକ୍ଷା କରୁଥିଲେ । କେତକେ କ୍ଷେତ୍ରରେ ଆର୍ଥିକ ତଥା ସମୟ ସୁଯୋଗ ପ୍ରଭୃତିର ଅଭାବ ଜନିତ କାରଣରୁ ମୁଖା ନିର୍ମାଣ ନକରି କିଣି ଆଣି ଗ୍ରାମ୍ୟ, ପିଢ଼ / ପରଗଣା ସ୍ତରୀୟ ଛଉ ନାଚ୍‌ରେ ବ୍ୟବହାର କରାଯାଉଥିଲା ।

ତୃତୀୟତଃ: ବାଦ୍ୟ ଓ ସଂଗୀତ କ୍ଷେତ୍ରରେ ମଧ୍ୟ ତିନିଗୋଟି ସ୍ତରରେ ପରସ୍ପରର ପ୍ରଭାବ ପରିଲକ୍ଷିତ ହୋଇଛି । ଯଦିଓ ଦରବାର ସ୍ତରରେ ବାଦ୍ୟ / ସଂଗୀତ ଗ୍ରାମୀଣ ଲୌକିକ ଓ ଶାସ୍ତ୍ରୀୟ ରାଗ ରାଗିଣୀ ସଂଯୁକ୍ତ ହୋଇଥିଲା, ଗ୍ରାମ୍ୟ ଓ ପିଢ଼ / ପରଗଣା ସ୍ତରରେ ଲୋକିକ ରାଗ ରାଗିଣୀ ସମନ୍ୱିତ ପ୍ରାଧାନ୍ୟ ରହିଥିବାର ଜଣାଯାଏ । ଷଢ଼େଇକଳା ରାଜ ଦରବାରୀ ଛଉନାଚ୍‌ରେ ଲୌକିକ ସ୍ୱର ସହ ଓଡ଼ିଶୀ ଚମ୍ପୂ । ହିନ୍ଦୁସ୍ଥାନୀ ପ୍ରଭୃତି ଶାସ୍ତ୍ରୀୟ ସ୍ୱର ସଂଗତି ସଂଘଟିତ ହୋଇଥିଲା

ହେଉଥିଲେ । କିନ୍ତୁ ଦରବାର / ରାଜ୍ୟ ସ୍ତରର ପ୍ରଶିକ୍ଷଣ ବ୍ୟବସ୍ଥା ଥିଲା ସ୍ଥାୟୀ ଓ ସ୍ୱତନ୍ତ୍ର ଧରଣର । ବାରିପଦାର ମହାରାଜାଙ୍କ ପୋଷକତାରେ ଦଶହରାଠାରୁ ଚୈତ୍ରପର୍ବ ପର୍ଯ୍ୟନ୍ତ ଦୀର୍ଘ ଛଅ ମାସ ଧରି ପ୍ରଶିକ୍ଷଣ ସମୟ ନିର୍ଦ୍ଦିଷ୍ଟ ହୋଇଥିଲା ବେଳେ ଷଢ଼େଇକଳାରେ ସାରାବର୍ଷ ଧରି ଏହା ଚାଲୁ ରହିଥିଲା । ଷଢ଼େଇକଳା ରାଜ ପରିବାରରେ ଏହା କଳା ଚର୍ଚ୍ଚାର ଏକ ମାଧ୍ୟମ ରୂପେ ପରିଗୃହୀତ ହୋଇଥିଲା । ପୁରୁଲିଆ ଅଞ୍ଚଳରେ ବାଗମୁଣ୍ଡି ରାଜପରିବାର ଏହି ନାଚ଼କୁ ପରୋକ୍ଷ ଭାବେ ପୋଷକତା କରୁଥିଲେ ଓ ବାର୍ଷିକ ପର୍ବରେ ପ୍ରଦର୍ଶନ ଉପଲକ୍ଷେ ଗୁରୁତ୍ୱ ଦେଉଥିଲେ ।

ଗ୍ରାମ ଓ ପିଢ଼ା ପରଗଣା ମାଧ୍ୟମରେ ପ୍ରଶିକ୍ଷକ ଭାବେ ନିଯୁକ୍ତ ଦରବାର ସ୍ତରର ଏହି ପ୍ରବୀଣ ଗୁରୁ / ଉସ୍ତାଦମାନେ ଛଉ ନୃତ୍ୟର ଭାବ, ଭଂଗୀ, ଚାଲି (ନାଟ୍ୟ କୌଶଳ), ସ୍ୱର , ସଂଗୀତ ସବୁକୁ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ଦେଉଥିଲେ ହେଁ ସ୍ଥାନୀୟ କଳାକାରମାନେ ସେସବୁ ଯଥା ସମ୍ଭବ ଆୟତ୍ତକୁ ଆଣି ନିଜସ୍ୱ ରୀତିରେ ମଂଚ଼ରେ ପରିବେଶଣ କରୁଥିଲେ । ସମୟର ସ୍ୱଳ୍ପତା ଓ ଅନ୍ୟାନ୍ୟ ବିଭିନ୍ନ କାରଣରୁ ସବୁବେଳେ ସବୁଠି ଉତ୍କୃଷ୍ଟ ପ୍ରଶିକ୍ଷଣ ଓ ପ୍ରଦର୍ଶନ ସମ୍ଭବ ହେଉନଥିଲା । ଏହାକୁ ପ୍ରଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟେ ନମନୀୟ ଭାବେ ଗ୍ରହଣ କରିନେଉଥିଲେ । ଏତଦ୍‌ବ୍ୟତୀତ ଗ୍ରାମ୍ୟ ଓ ପିଢ଼ା ପରଗଣା ସ୍ତରର ଉପଯୁକ୍ତ ବିବେଚିତ କେତେକ ଛଉଶିଳ୍ପୀ ରାଜ୍ୟ ଦରବାରରେ ସ୍ତରରେ ପ୍ରତିଷ୍ଠିତ ଛଉ ଦଳରେ ଅର୍ନ୍ତଭୁକ୍ତ ହେଉଥିଲେ । ସେହିପରି ପିଢ଼ା / ପରଗଣା ସ୍ତରର ପ୍ରବୀଣ ନୃତ୍ୟଶିଳ୍ପୀ ଗ୍ରାମ ସ୍ତରୀୟ ପ୍ରଶିକ୍ଷକ ଶିଳ୍ପୀ ରୂପେ ମଧ୍ୟ ସ୍ୱୟଂ ଅଂଶଗ୍ରହଣ କରୁଥିଲେ ଏବଂ କୌଣସି କୌଣସି ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ ।

ଦ୍ୱିତୀୟତଃ : ରୂପସଜ୍ଜା କ୍ଷେତ୍ରରେ ପ୍ରଥମରୁ ହିଁ ଷଢ଼େଇକଳାରୁ ସୁବ ଆଡ଼ଡ଼କୁ ମଖା ନିର୍ମାତାମାନେ ଯାଉଥିଲେ କିମ୍ବା ବିଭିନ୍ନ ଅଞ୍ଚଳରୁ ଶିକ୍ଷାର୍ଥୀମାନେ ଷଢ଼େଇକଳା ଆସି ମୁଖା ନିର୍ମାଣ କୌଶଳ ଶିକ୍ଷା କରୁଥିଲେ । କେତକେ କ୍ଷେତ୍ରରେ ଆର୍ଥିକ ତଥା ସମୟ ସୁଯୋଗ ପ୍ରଭୃତିର ଅଭାବ ଜନିତ କାରଣରୁ ମୁଖା ନିର୍ମାଣ ନକରି କିଣି ଆଣି ଗ୍ରାମ୍ୟ, ପିଢ଼ / ପରଗଣା ସ୍ତରୀୟ ଛଉ ନାଚ଼ରେ ବ୍ୟବହାର କରାଯାଉଥିଲା ।

ତୃତୀୟତଃ: ବାଦ୍ୟ ଓ ସଂଗୀତ କ୍ଷେତ୍ରରେ ମଧ୍ୟ ତିନିଗୋଟି ସ୍ତରରେ ପରସ୍ପରର ପ୍ରଭାବ ପରିଲକ୍ଷିତ ହୋଇଛି । ଯଦିଓ ଦରବାର ସ୍ତରରେ ବାଦ୍ୟ / ସଂଗୀତ ଗ୍ରାମୀଣ ଲୌକିକ ଓ ଶାସ୍ତ୍ରୀୟ ରାଗ ରାଗିଣୀ ସଂଯୁକ୍ତ ହୋଇଥିଲା, ଗ୍ରାମ୍ୟ ଓ ପିଢ଼ / ପରଗଣା ସ୍ତରରେ ଲୌକିକ ରାଗ ରାଗିଣୀ ସମନ୍ୱିତ ପ୍ରାଧାନ୍ୟ ରହିଥିବାର ଜଣାଯାଏ । ଷଢ଼େଇକଳା ରାଜ ଦରବାରୀ ଛଉନାଚ଼ରେ ଲୌକିକ ସ୍ୱର ସହ ଓଡ଼ିଶୀ ଚମ୍ପୂ । ହିନ୍ଦୁସ୍ଥାନୀ ପ୍ରଭୃତି ଶାସ୍ତ୍ରୀୟ ସ୍ୱର ସଂଗତି ସଂଘଟିତ ହୋଇଥିଲା

ବେଳେ ବାରିପଦାରେ ଲୌକିକ ରାଗରାଗିଣୀ ସହିତ ଆଧୁନିକ ବ୍ୟାଣ୍ଡପାର୍ଟିର ସ୍ୱରାଗମ ଘଟିଥିଲା । ପୁରୁଲିଆରେ ମୁଖ୍ୟତଃ ଲୌକିକ ସ୍ୱର ସଂଗତି ପ୍ରାଧାନ୍ୟ ଲାଭ କରିଥିବାର ଜଣାଯାଏ ।

ଚତୁର୍ଥତଃ: ଆଲୋ ବ୍ୟବସ୍ଥା କ୍ଷେତ୍ରରେ ଦରବାର ସ୍ତରରେ ପାରମ୍ପରିକ ବ୍ୟବସ୍ଥାପନା ସହ ସମୟୋପଯୋଗୀ ଆଧୁନିକ ବ୍ୟବସ୍ଥା ଗୃହୀତ ହୋଇଥିବା ବେଳେ ଗ୍ରାମ୍ୟ ଓ ପିଢ଼ / ପରଗଣାମାନଙ୍କରେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ପାରଂପରିକ ରୀତିରେ ଆଲୋକ ବ୍ୟବସ୍ଥାର ପ୍ରଚଳନ ଥିଲା । ତେବେ ସ୍ଥାନେ ସ୍ଥାନେ ସମୟେ ସମୟେ ଯେ ଆଧୁନିକ ବ୍ୟବସ୍ଥା (ଜେନେରେଟର) ଦ୍ୱାରା ମଂଚ ଆଲୋକିତ ହେଉଥିଲା ତାହାର ପ୍ରମାଣ ମଧ୍ୟ ବିଦ୍ୟମାନ ।

ପଞ୍ଚମତଃ : ପର୍ବ ସମୟରେ ଛଉ ନାଚର ପ୍ରଦର୍ଶନ ବେଳକୁ ଗ୍ରାମ୍ୟସ୍ତରରେ ସର୍ବସାଧାରଣଙ୍କ ଠାରୁ ପିଢ଼ / ପରଗଣା ସହ ଦରବାର ପର୍ଯ୍ୟନ୍ତ ସବୁଠି ବଂଧୁ ବାଂଧବ, ଅତିଥି ଅଭ୍ୟାଗତଙ୍କର ଦର୍ଶକ ରୂପେ ପ୍ରବଳ ଭିଡ଼ ଲାଗି ରହିଥିଲା । ଗାଁରେ ଛଉନାଚ ବେଳକୁ ପ୍ରତି ଘରର ବିବାହିତା ଝିଅ ସଦଳବଳେ ବାପଘରକୁ ଫେରୁଥିଲା । ସଂପର୍କୀୟ, ଅସଂପର୍କୀୟ, ନିମନ୍ତ୍ରିତ ଅନିମନ୍ତ୍ରିତ ଦର୍ଶକମାନେ ଗାଁର ଘରେ ଘରେ ହାଜର ହେଉଥିଲେ । ପିଢ଼ / ପରଗଣା କିମ୍ବା ଦରବାର ସ୍ତରରେ ତ ବିପୁଳ ଆୟୋଜକ ପରିଲକ୍ଷିତ ହେଉଥିଲା । ବହୁ ବଂଧୁ ରାଜ୍ୟର ରାଜା, ମହାରାଜା, ପ୍ରଶାସକ, କବି, ସାହିତ୍ୟକ, ବିଶିଷ୍ଟ ଓ ଅତିବିଶିଷ୍ଟ ଅତିଥିବୃନ୍ଦ ଛଉ ଦର୍ଶକ ରୂପେ ଦରବାରରେ କିଛିଦିନ ପର୍ଯ୍ୟନ୍ତ ଆପ୍ୟାୟିତ ହେଉଥିଲେ ।

ସର୍ବୋପରି ଏସବୁର ଆୟୋଜନ ମୂଳରେ ଗ୍ରାମ୍ୟ ସ୍ତରଠାରୁ ଦରବାର ପର୍ଯ୍ୟନ୍ତ ସର୍ବସାଧାରଣ ପ୍ରଜାଙ୍କଠାରୁ ମହାରାଜା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ପ୍ରତ୍ୟେକଙ୍କର ପ୍ରଗାଢ଼ ଆନ୍ତରିକତା ଓ ପ୍ରବଳ ଆନନ୍ଦ ଉଲ୍ଲାସ ପରିଲକ୍ଷିତ ହେଉଥିଲା ।

ପରବର୍ତ୍ତୀ କାଳରେ ମୟୂରଭଞ୍ଜ ଛଉର ମୁଖା ନିର୍ମାଣରେ ମଧ୍ୟ ନିଜସ୍ୱ ଶୈଳୀ ପ୍ରବର୍ତ୍ତନ କରିଥିବାର ଦେଖାଯାଏ । ମୟୂରଭଞ୍ଜ ବିଭିନ୍ନ ସ୍ଥାନରେ ସଂରକ୍ଷିତ କାଠର ମୁଖା ଏସବୁର ପ୍ରକୃଷ୍ଟ ପ୍ରମାଣ ବହନ କରେ । ଆହୁରି ପରବର୍ତ୍ତୀ ସମୟରେ ମୟୂରଭଞ୍ଜ ଦରବାର ଛଉ ନାଚରୁ ମୁଖା ବର୍ଜନ କରି ମୁଖାହୀନ ଶୈଳୀ ପ୍ରବର୍ତ୍ତନ ପୂର୍ବକ ଏହି ନୃତ୍ୟ ପରଂପରାରେ ଏକ ସ୍ୱତନ୍ତ୍ର ଧାରା ସୃଷ୍ଟି କରିଥିଲେ । ଷଢ଼େଇକଳା ଛଉର ରୂପସଜ୍ଜାରେ ଏକ ଉତ୍କୃଷ୍ଟ କମନୀୟ ରୂପଲାବଣ୍ୟ ବିକଶିତ ହୋଇଥିଲା ବେଳେ ମୟୂରଭଞ୍ଜରେ ମୁଖାବିହୀନ ଢାଲ ହତିଆର ଧରା ବୀର ରସ

ପ୍ରଭାବିତ ଶୈଳୀ ପ୍ରାଧାନ୍ୟ ଲାଭ କରିଥିଲା । ପୁରୁଲିଆ ଛଉ ମୁଖା ବର୍ଜନ ନକରି ଉଭୟ ବୀରତ୍ୱର ଭାବ ପୋଷଣ କରି ବିକଶିତ ହୋଇ ଉଠିଥିଲା ।

୧୧- ଛଉ ନାଚ ବିକଶିତ ସମସ୍ତ ଅଞ୍ଚଳ 'ଝାଡ଼ଖଣ୍ଡ' ନାମିତ ଭୂଖଣ୍ଡର ଅନ୍ତର୍ଭୁକ୍ତ

କେତେକ ଓଡ଼ିଆ ଲୋକଗୀତ ସହିତ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ଓ କବୀରଙ୍କ ଦୋହାରେ ଓଡ଼ିଶା 'ଝାଡ଼ଖଣ୍ଡ' ରୂପେ ଅଭିହିତ ହୋଇଥିବା ଦେଖାଯାଏ । କବୀରଙ୍କ ଜଗନ୍ନାଥ ବନ୍ଦନାରେ 'ଝାଡ଼ଖଣ୍ଡ ମେ ଆୟ ବିରାଜେ ବୃନ୍ଦାବନ୍‌କି ବାସୀ'ରୁ ଝାଡ଼ଖଣ୍ଡ ଓଡ଼ିଶା ବୋଲି ସୂଚିତ । ବୈଦ୍ୟନାଥ ଧାମଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଯେଉଁ ପାହାଡ଼ ଓ ଜଙ୍ଗଲ ଶ୍ରେଣୀ ବିଦ୍ୟମାନ ତହିଁର ବିଭିନ୍ନ ଅଂଶ 'ଝାଡ଼ଖଣ୍ଡ' ନାମରେ ନାମିତ ହୋଇଥିବା ବିଷୟ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ଗୁଡ଼ିକରେ ଦେଖାଯାଏ । ବଙ୍ଗୀୟ ବୈଷ୍ଣବ ସାହିତ୍ୟରେ 'ସ୍ଥଳ ବିଶେଷରେ ଓଡ଼ିଶାର ଗଡ଼ଜାତ... ଅରଣ୍ୟମୟ ଅଞ୍ଚଳକୁ ଝାଡ଼ଖଣ୍ଡ ନାମରେ ଅଭିହିତ କରାଯାଇଅଛି ।' ଏକ ସମୟରେ ସମଗ୍ର ପଶ୍ଚିମ ଓଡ଼ିଶା ମଧ ଝାଡ଼ଖଣ୍ଡ ରୂପେ ପରିଚିତ ଥିବାର ଜଣାଯାଏ । 'ଝାଡ଼ର ଅର୍ଥ ଜଙ୍ଗଲ । ଝାଡ଼ଖଣ୍ଡ ଅର୍ଥ ଜଙ୍ଗଲ ରାଜ୍ୟ । (ସଂକ୍ଷିପ୍ତ ଓଡ଼ିଆ ଜ୍ଞାନ କୋଷ ଓ ପୂ.ଚ.ଭା.କୋ.)।

ଓଡ଼ିଆ ଲୋକ ସାହିତ୍ୟ ଅନ୍ତର୍ଗତ ସମର ବୋଲିରେ 'ପାଏବ ଅଭିନନ୍ଦନ' ଗୀତଟି ଏଠାରେ ଉଲ୍ଲେଖ କରାଯାଉଛି' ବୋଲିଟି ଏହିପରି -

"ବୀରଶ୍ରୀ ଗଜପତି ଗଜ ଈଶ୍ୱର
ଅଖୃଣ୍ଡ ଖଣ୍ଡ ମହୀମଣ୍ଡଳ ଲଲାଟେ କଳେବର
ବୀରାଧିବୀରବର ପ୍ରତାପି ଗଉଡ଼େଶ୍ୱର
କଳିଯୁଗ ଷଣ୍ଡା
ଝାଡ଼ ପାତିଶା ଖଣ୍ଡା
ନବକୋଟି କର୍ଣ୍ଣାଟ କଳବର୍ଗ ଚଣ୍ଡା....." ପ୍ରଭୃତି ।
(ଭ.ଗା.ଗୀ.; ଚକ୍ରଧର ମହାପାତ୍ର, ୧୯୫୯) ।

ଏଥିରେ ବର୍ଣ୍ଣିତ ଉତ୍କଳର ଗଜପତିଙ୍କ ଉପାଧି ବିଶେଷ ଝାଡ଼ ପାତିଶ ଅର୍ଥାତ୍ ଝାଡ଼ଖଣ୍ଡ ଅଞ୍ଚଳର ବାଦଶା । ପାର୍ଶୀ 'ବାଦଶାହ' ଶବ୍ଦ ଅପଭ୍ରଂଶ ଓଡ଼ିଆ ରୂପ 'ପାତିଶା' । ଉପରୋକ୍ତ ଅଞ୍ଚଳର ଅଧିପତି ବିଜୟୀ ଗଜପତିଙ୍କର ଏସବୁ ରାଜକୀୟ ସୂଚକ ଉପାଧି ବିଶେଷ ।

ଛଉ ନୃତ୍ୟ ବିକଶିତ ସମସ୍ତ ଅଞ୍ଚଳ ମଧ୍ୟରୁ ସାଂପ୍ରତିକ କାଳରେ ପ୍ରଦେଶ ଗଠନ ପରେ

କେବଳ ପୁରୁଲିଆ ଓ ମେଦିନୀପୁରର ଝାଡ଼ଗ୍ରାମ ଅଞ୍ଚଳରେ ବର୍ତ୍ତମାନ ବଙ୍ଗଳା ଭାଷା ପ୍ରଚଳିତ । ଷଢ଼େଇକଳା, ଖରସୁଆଁ, ଇଚ୍ଚା, କେରା, ଧଳଭୂମ, ପ୍ରଭୃତି ଅଞ୍ଚଳ ବିହାର ପ୍ରଦେଶର ଅନ୍ତର୍ଭୁକ୍ତ ହୋଇଥିଲେ ହେଁ ଓ ଏଥି ସହ ଝାଡ଼ ଗ୍ରାମ (ମେଦିନୀପୁର) ନୟାବସାଣରେ ଛଉ ନୃତ୍ୟ ପ୍ରଚଳିତ ଥିବା ଅଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରଚଳିତ ଥିଲା ଏବଂ ଏବେ ବି ସଙ୍କୁଚିତ ଅବସ୍ଥାରେ ରହିଅଛି । ଏସବୁ ସ୍ଥାନମାନଙ୍କରେ ଛଉ ନାଚରେ ଓଡ଼ିଆ ଗୀତ, ଓଡ଼ିଶୀ ସ୍ୱର, ରାଗରାଗିଣୀ, ସ୍ୱର, ତାଳ, ମାନ, ଲୟର ବ୍ୟବହାର ହେଉଛି । ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବଣାଇ, ତାଳଚେର, ଢେଙ୍କାନାଳ, ହିନ୍ଦୋଳ, ନୀଳଗିରି ପ୍ରଭୃତି ପୂର୍ବତନ ରାଜ୍ୟରେ ଛଉ ନାଟ ପ୍ରଚଳିତ ଓ ଏଥିରେ ଓଡ଼ିଶୀ ଗୀତ ଓ ସ୍ୱର ବ୍ୟବହୃତ ହୋଇଅଛି । କେବଳ ପୁରୁଲିଆ ଓ ଝାଡ଼ ଗ୍ରାମର କେତେକ ଅଞ୍ଚଳ, ଧଳଭୂମର କେତେକ ସ୍ଥାନର ଛଉରେ ବଙ୍ଗଳା ଗୀତ ଓ ସ୍ୱର ବ୍ୟବହୃତ ହୁଏ । ଏତଦ୍ ବ୍ୟତୀତ ଷଢ଼େଇକଳା-ସିଂଭୂମ ଓ ମୟୂରଭଞ୍ଜ ସହିତ ସନ୍ନିହିତ ସମସ୍ତ ସ୍ଥାନର ଛଉ ନାଚରେ ବ୍ୟବହୃତ ସମସ୍ତ ପାରିଭାଷିକ ଶବ୍ଦ ଏବଂ ଉଫଲି ଗୁଡ଼ିକ ଖାଣ୍ଟି ଓଡ଼ିଆ ଶବ୍ଦ ।'

ଉପରୋକ୍ତ ଉପସ୍ଥିତ ତଥ୍ୟ ସବୁର ଆଲୋଚନାରୁ ଛଉ ନାଟ ବିକଶିତ ଝାଡ଼ଖଣ୍ଡ ନାମିତ ଭୂଖଣ୍ଡରେ ଅଦ୍ୟାବଧି ଉତ୍କଳୀୟ ଭାଷା, ସାହିତ୍ୟ ଓ ସଂସ୍କୃତିର ଆଧିକ୍ୟ ପରିଲକ୍ଷିତ ହେଉଅଛି ।

୧୨- ସିଂହଳ ଓ ବାଲି (ବଳି) ଦ୍ୱୀପରେ ପ୍ରଚଳିତ ପାରମ୍ପରିକ ନାଚ ସହ ଛଉ ନାଚର ସାମଞ୍ଜସ୍ୟ ହେତୁ ପ୍ରାଚୀନ କାଳରେ କଳିଙ୍ଗ ସାମ୍ରାଜ୍ୟର ବିସ୍ତାର ଘଟି ସାଗର ପାରି ବୈଦେଶିକ ସଂପର୍କ ପ୍ରତିଷ୍ଠିତ ହୋଇଥିଲା

ଶ୍ରୀଲଙ୍କାର କାଣ୍ଡ୍ୟାନ୍ ନୃତ୍ୟ ଓ ଇଣ୍ଡୋନେସିଆର ବାଲି (ବଳି) ଦ୍ୱୀପରେ ପ୍ରଚଳିତ ପାରମ୍ପରିକ ତାଣ୍ଡବ ଭାବପୂର୍ଣ୍ଣ ମୁଖାନାଚ ସହ ଛଉ ନୃତ୍ୟର ଗଭୀର ସାମଞ୍ଜସ୍ୟ ରହିଥିବା ବିଷୟରେ ବିଦ୍ୱାନ ଗବେଷକ ଗଣ ମତ ପ୍ରକାଶ କରିଛନ୍ତି । କଳିଙ୍ଗ ସହ ସଂପୃକ୍ତ ରାଜ୍ୟର ଇତିହାସ ଓ ପ୍ରଚଳିତ ଲୋକସାହିତ୍ୟ ଏ ସଂପର୍କରେ ଅନେକ ତଥ୍ୟ ପ୍ରଦାନ କରିଥାଏ । ସେଗୁଡ଼ିକ ହେଲା- (କ) ପ୍ରାଚୀନ କଳିଙ୍ଗର ଅଧିବାସୀଗଣ ଏକ ସାମରିକ ଓ ସମୁଦ୍ରଗାମୀ ଜାତି ରୂପେ ପ୍ରସିଦ୍ଧ ଥିଲେ । (ଖ) ପ୍ରାଚୀନ କଳିଙ୍ଗର ଶ୍ରୀଲଙ୍କା ଓ ଇଣ୍ଡୋନେସିଆର ଦ୍ୱୀପ ରାଷ୍ଟ୍ର ସହିତ ବାଣିଜ୍ୟିକ, ଔପନିବେଶ ଓ ସାଂସ୍କୃତିକ ସଂପର୍କ ପ୍ରତିଷ୍ଠିତ ହୋଇଥିଲା, (ଗ) କ୍ଲିଙ୍ଗ୍ (କଳିଙ୍ଗ)ର ରାଜା ଜାଭା ଦ୍ୱୀପକୁ କୋଡ଼ିଏ ସହସ୍ର ପରିବାର ପ୍ରେରଣ କରିଥିଲେ । (ଘ) ସିଂହଳର ପ୍ରଥମ ରାଜା ବିଜୟ ଜଣେ କଳିଙ୍ଗ ରାଜ୍ୟ କନ୍ୟାଙ୍କ ବଂଶଧର ଥିଲେ । ସେ କଳିଙ୍ଗ ରାଷ୍ଟ୍ରର ଉତ୍ତରାଂଶରେ ଅବସ୍ଥିତ 'ସିଂହପୁର' ନାମକ ସ୍ଥାନରୁ ଯାଇ ସିଂହଳ ଅଧିକାର କରିଥିଲେ, (ଙ)

ଖ୍ରୀ.ପୂ. ପ୍ରଥମ ଶତକରେ କଳିଙ୍ଗ ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ 'ସିଂହପ୍ରସ୍ଥ' ନାମକ ସ୍ଥାନର ଉଲ୍ଲେଖ ଥିବା ଜଣାଯାଏ (ଚ) ଖ୍ରୀ.ପୂ. ଚତୁର୍ଥ ଶତକରେ ରଚିତ ଜୈନଗ୍ରନ୍ଥ 'ଆଚାରଙ୍ଗ ସୂତ୍ର'ରେ ଲିଖିତ 'ଉଜଭୂମି' ଓ 'ଶୁଭଭୂମି' ମୂଳତଃ 'ଭଞ୍ଜଭୂମି' ଓ 'ସିଂହଭୂମି' ରୂପେ ଚିହ୍ନିତ, (ଛ) ଜୈନ ଗ୍ରନ୍ଥ ମହାବଂଶରେ ବର୍ଣ୍ଣିତ 'ଲାଡ' ଅଞ୍ଚଳ 'ରାଢ' ଅଞ୍ଚଳ ରୂପେ ଚିହ୍ନିତ (ଜ) ଷଢ଼େଇକଳା ନିକଟରେ 'ଲାଡ୍' ନାମିତ ପାହାଡ଼ ଓ 'ସିଂହପୁର' ନାମରେ ସ୍ଥାନ ରହିଅଛି (ଝ) ଲାଡ (ରାଢ) ଅଞ୍ଚଳ ସିଂଭୂମ-ମାନଭୂମ ଅଞ୍ଚଳକୁ ବୁଝାଇ ଥିବାର କେତେକ ମତ ପ୍ରଦାନ କରନ୍ତି (ଞ) ସିଂଭୂମ- ମାନଭୂମ ଅଞ୍ଚଳରେ ବାସ କରୁଥିବା 'ସରାକ୍' ଜାତିର ଲୋକେ ପତିତ ଜୈନ (ପ୍ରାଚୀନ ଶ୍ରାବକ) ଓ ଏ ଅଞ୍ଚଳରେ ବହୁ ଜୈନ ସ୍ଥାପତ୍ୟର ଧ୍ୱଂସାବଶେଷ ବିଦ୍ୟମାନ (ଟ) ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ଏସବୁ ଅଞ୍ଚଳ ତତ୍କାଳୀନ କଳିଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିବାର ଜଣାଯାଏ । ଭାଦ୍ର ଓ ଆଶ୍ୱିନ ମାସରେ ସିଂଭୂମ ଅଞ୍ଚଳରେ ପାଳିତ ହେଉଥିବା 'ଶାରୀ ସୁବନାଥୀ' ବ୍ରତ କଥାରେ ବର୍ଣ୍ଣିତ ରାଜା ବିଜୟ ହିଁ ସିଂହଳ ବିଜୟୀ ବୀର ଭାବରେ ବିଶ୍ୱାସ କରାଯାଏ (ଠ) ଖରସୁଆଁ ଗଡ଼ରେ ପ୍ରଚଳିତ ଏ ବ୍ରତ କଥାରେ ଶୀରୀ ସିଂହଳ ଆକ୍ରମଣ ବେଳେ ସାଥିରେ ନେଇଥିବା ଯୁଦ୍ଧବାଦ୍ୟ ନାଗରା, ଧାମସା, ଢୋଲ, ମହୁରୀ, ତୁରୀ, ଭେରୀ, ବଂଶୀ ଏସବୁ ଛଉରେ ବ୍ୟବହୃତ ପାରମ୍ପରିକ ବାଦ୍ୟଯନ୍ତ୍ର (ଡ) ପ୍ରାଚୀନ କାଳରୁ ସିଂଭୂମିର ତମ୍ବା ଖଣି ମାନଙ୍କରୁ ତମ୍ବା ବ୍ରାହ୍ମଣଘାଟୀ/ବାମନ ଘାଟୀ ଦେଇ ତାମ୍ରଲିପ୍ତି ବନ୍ଦର ବାଟେ ଅନ୍ୟ ଦେଶକୁ ରପ୍ତାନି ହେଉଥିଲା ପ୍ରଚୁର ତମ୍ବା ରପ୍ତାନି ହେଉଥିବାରୁ କଳିଙ୍ଗର ପୂର୍ବ ଉପକୂଳରେ ଥିବା ବନ୍ଦରର ନାମ 'ତାମ୍ରଲିପ୍ତି' ଓ ସିଂହଳର ନାମ 'ତାମ୍ରପର୍ଣ୍ଣୀ' ହୋଇଥିବା ଅନୁମେୟ । କଳିଙ୍ଗର ପାରମ୍ପରିକ ନୌବାଣିଜ୍ୟରେ ମୁଖ୍ୟ ରପ୍ତାନି ଦ୍ରବ୍ୟ ମଧ୍ୟରେ ମୟୂରଭଞ୍ଜ ରାଜ୍ୟର ପ୍ରାଚୀନ ରାଜଧାନୀ ଖିଚିଂଠାରେ ନିର୍ମିତ ଛୋଟ ପଥୁରୀ ବାସନ ଇଣ୍ଡୋନେସିଆ ଦ୍ୱୀପ ରାଷ୍ଟ୍ରର ଅଧିବାସୀଙ୍କର ଅତି ପ୍ରିୟ ଦ୍ରବ୍ୟ ରୂପେ ପରିଗଣିତ ହେଉଥିଲା । ବାଲେଶ୍ୱର ଉପକୂଳରେ ପ୍ରଚଳିତ ଲୋକଗୀତରେ ଏହା ବର୍ଣ୍ଣିତ । ("ଖାଇଚୁଙ୍ଗ କଳା ମୁଗୁନି ଟୋକି, ନବଙ୍ଗୀ କନିଆଁ ବଇଚି ଟାକି ।")

ଭବିଷ୍ୟତରେ ଅଧିକ ଗବେଷଣା ଦ୍ୱାରାହିଁ ଏ ସବୁ ତଥ୍ୟର ସତ୍ୟତା ଉଦ୍‌ଘାଟିତ ହେବା ସହ ଛଉନୃତ୍ୟର ସାଂସ୍କୃତିକ ଅଧ୍ୟୟନ ସଂପୂର୍ଣ୍ଣ ହେବା ଆଶାରେ ଐତିହାସିକ, ଗବେଷକ ଓ ଛ/ଛଉ/ଛୋ ନୃତ୍ୟ ପ୍ରେମୀ ବିଦ୍ୱଜ୍ଜନଙ୍କ ନିକଟରେ ବିଷୟଟି ଉପସ୍ଥାପିତ ହେଉଛି ।

ଭବିଷ୍ୟତର ଗବେଷଣା ଓ କେତୋଟି ପ୍ରୟୋଜନୀୟ ପ୍ରସ୍ତାବ:

ଛଉ ନୃତ୍ୟର ସାଂସ୍କୃତିକ ଅଧ୍ୟୟନ ସଂପୂର୍ଣ୍ଣ କରିବାକୁ ହେଲେ ନିମ୍ନ ଲିଖିତ ଆଉ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅଧ୍ୟୟନ ଅତି ଆବଶ୍ୟକ । ଏହା ଏକକ କିମ୍ବା ଯୌଥ ପ୍ରୟାସରେ ସଂପନ୍ନ ହୋଇପାରେ । ସେଗୁଡ଼ିକ ହେଲା:

(କ) ଛଉ/ଛୌ ନୃତ୍ୟ ଶୈଳୀର ପାରମ୍ପରିକ ସଂରକ୍ଷଣ ଓ ସର୍ଜନାତ୍ମକ ବ୍ୟବହାର ଓ ପ୍ରୟୋଗ ବିଧି ସୃଷ୍ଟି ହେବା ପ୍ରୟୋଜନ । ପାରମ୍ପରିକ ମୌଳିକ ନୃତ୍ୟ ରୀତି ଅକ୍ଷୁର୍ଣ୍ଣ ରଖି ବର୍ତ୍ତମାନର ଚାହିଦା ଓ ଆକାଂକ୍ଷା ପୂରଣ କରିବା ଏକ ସମୃଦ୍ଧ ସଂସ୍କୃତିର ଲକ୍ଷଣ ।

ବିଂଶ ଶତାବ୍ଦୀର ତ୍ରିଂଶ ଦଶକରେ ଉଦୟ ଶଙ୍କରଙ୍କ ଆବିର୍ଭାବ ଫଳରେ ଭାରତୀୟ ନୃତ୍ୟ ପରମ୍ପରାରେ ଏକ ନୂତନ ଭାରତୀୟ 'ବ୍ୟାଲେ'ର ସୃଷ୍ଟି ହେଲା । ଏହା ଭାରତୀୟ ନୃତ୍ୟ ରୀତି ସହ ଇଉରୋପୀୟ ପ୍ରଦର୍ଶନ ରୀତିର ଏକ ମିଶ୍ରିତ ରୂପ । ବିଭିନ୍ନ ଭାରତୀୟ ପାରମ୍ପରିକ ନୃତ୍ୟ ସମୂହକୁ ଆଧୁନିକ ଥିଏଟର ରୀତିରେ ପ୍ରକାଶ କରିବା, ପାରମ୍ପରିକ ମଞ୍ଚସଜ୍ଜା ଓ ଉପକରଣ ପ୍ରଭୃତିକୁ ପରିବର୍ତ୍ତିତ ସ୍ଥାନ, କାଳପାତ୍ର ଉପଯୋଗୀ କରି ତୋଳିବା ନିମନ୍ତେ ପରୀକ୍ଷା ନିରୀକ୍ଷା କରି ସଫଳ ହେଲେ । ଭାରତୀୟ ନୃତ୍ୟ ଇତିହାସରେ ଏହା ନୂତନ ଯୁଗର ଆରମ୍ଭ କଲା । କଥା କଳି ଓ ଅନ୍ୟ ପାରମ୍ପରିକ ନୃତ୍ୟ ପରି ଛଉ ନାଚ ଉଦୟ ଶଙ୍କରକୁ ପ୍ରେରଣା ପ୍ରଦାନ କରିଥିଲା । ଏଥିପାଇଁ ସେ ଆଲମୋଡ଼ା କେନ୍ଦ୍ର ନିମନ୍ତେ ଗୁରୁଶ୍ରୀ କୃଷ୍ଣଚନ୍ଦ୍ର ନାଏକ (୧୯୩୯-୪୩)ଙ୍କୁ ନିଯୁକ୍ତ କରିଥିଲେ । ସେ କେତେକ ଛଉ ଶୈଳୀ (ଗତିରୀତି)କୁ ଶାରୀରିକ ବ୍ୟାୟାମ ରୂପେ ଗ୍ରହଣ କରି ତାଲିମରେ ଯୋଗ କରିଥିଲେ । ବର୍ତ୍ତମାନ ସୃଷ୍ଟି ଛଉ ନୃତ୍ୟ ଶୈଳୀ ଆଧାରିତ କେତେକ ଭାରତୀୟ 'ବ୍ୟାଲେ' ଉପରେ ପାରମ୍ପରିକ ଛଉ ନୃତ୍ୟ ଶୈଳୀର ମୌଳିକତା କେତେ ଅକ୍ଷୁର୍ଣ୍ଣ ରହିଅଛି ତାହା ଅନୁଧାନ ସାପେକ୍ଷ୍ୟ । ଏହି ପରିପ୍ରେକ୍ଷୀରେ ପରମ୍ପରାକୁ ତ୍ୟାଗ ନକରି ଭାରତୀୟ ନୃତ୍ୟ ବିଶେଷଜ୍ଞ ଗଣ ଛଉ ପରି ପ୍ରାଚୀନ ନୃତ୍ୟ ସମୂହକୁ ସ୍ଥାନ-କାଳ-ପାତ୍ର ଉପଯୋଗୀ କରି ତୋଳିବା ଦିଗରେ ପ୍ରଯତ୍ନ କରିବା ଗୌରବର କଥା ହେବ ।

ଛଉ ନୃତ୍ୟ ପରମ୍ପରାରେ ମୟୂରଭଞ୍ଜ ଛଉ ସମଗ୍ର ଶାରୀରିକ ଭାବଭଙ୍ଗୀ ପ୍ରଦର୍ଶନରେ ବୈଶିଷ୍ଟ୍ୟ ଅର୍ଜନ କରିଛି । କଥାର ଅଭାବ ହେତୁ ଭାବର ପୂର୍ଣ୍ଣ ବିକାଶ ପାଇଁ ଛଉ ନାଚରେ ସମଗ୍ର ଶରୀରର ଭଙ୍ଗୀ ପ୍ରଦର୍ଶନର ପ୍ରୟୋଜନ ହୁଏ । ଏସବୁ ଭଙ୍ଗୀର ସୂକ୍ଷ୍ମ ବିଧି ସୃଷ୍ଟି ଓ ବିକାଶ ନିମନ୍ତେ ଆଧୁନିକ ନୃତ୍ୟ ରୀତିର ପ୍ରୟୋଗ କେତେ ଓ କିପରି କରାଯାଇ ପାରେ- ତାହା ନୃତ୍ୟ ବିଶାରଦ ଓ ନୃତ୍ୟଶିଳ୍ପୀ ମାନଙ୍କ ବିଚାର୍ଯ୍ୟର ବିଷୟ । ବିଶେଷତଃ, ମୟୂରଭଞ୍ଜର ମୁଖା ହୀନ ଯୁଦ୍ଧ ନାଚ (ଫରୀଖଣ୍ଡା ଖେଳ) ଶୈଳୀ ଏ କ୍ଷେତ୍ରରେ ଅନନ୍ୟ ଏକକ । ଛଉରେ ବ୍ୟବହୃତ ହେଉଥିବା କେତେକ ଭଙ୍ଗୀ ସହିତ ନାଟ୍ୟ ଶାସ୍ତ୍ରରେ ବର୍ଣ୍ଣିତ କେତେକ ଭଙ୍ଗୀର ସାମଞ୍ଜସ୍ୟ ଅଛି । ଉଦାହରଣ ସ୍ୱରୂପ, ଛଉରେ 'ସିନ୍ଦୂରପିନ୍ଧା' ଉଫଲ୍‌ଟିଏ ଅଛି । ନାଟ୍ୟଶାସ୍ତ୍ରରେ ତାହା 'ଲଲାଟ ତିଳକ', ଛଉରେ 'ହରିଣ ଡିଆଁ' ଉଫଲ୍ ଥିବା ବେଳେ ନାଟ୍ୟଶାସ୍ତ୍ରର ତାହା 'ହରିଣାପ୍ଲୁତ' ଭଙ୍ଗୀ ନାମରେ ନାମିତ । ଛଉ ନାଚରେ ନାଟ୍ୟ ଶାସ୍ତ୍ର ପ୍ରଭାବ କେତେ ତାହା ଦେଖିବା ଅବଶ୍ୟ କର୍ତ୍ତବ୍ୟ ।

ଛଉ ଭଙ୍ଗୀ ସମୂହର ଦୁଇ ପ୍ରକାର ସର୍ଜନାତ୍ମକ ବ୍ୟବହାର ବିଷୟରେ ଚିନ୍ତା କରାଯାଇ ପାରେ। ଏକ ଦିଗରେ ଆଧୁନିକ ନୃତ୍ୟବିଦ୍‌ମାନେ ନୂତନ୍ ପରିପ୍ରେକ୍ଷୀରେ ଛଉ ଭଙ୍ଗୀ ସମୂହର ପ୍ରୟୋଗ ଓ ନୂତନ ବିଷୟ ସୃଷ୍ଟି ଦିଗରେ ଯତ୍ନଶୀଳ ହେବା ଓ ଅନ୍ୟ ଦିଗରେ ପାରମ୍ପରିକ ନୃତ୍ୟବିଦ୍‌ଗଣ ଏଥିରେ କେତେକଙ୍କ ପ୍ରକାରେ ନୂତନ ବିଷୟବସ୍ତୁ ସଂଯୋଜିକ ହୋଇ କରିବ ଏ ଦିଗରେ ପ୍ରଯତ୍ନ କରିବା ବିଧେୟ।

(ଖ) ଶ୍ରୀଲଙ୍କାର କାଣ୍ଡ୍ୟାନ ନୃତ୍ୟ ଓ ଇଣ୍ଡୋନେସିଆର ବାଲି (ବଳି) ଦ୍ୱୀପର ପ୍ରାଚୀନ ପରମ୍ପରିକ ନୃତ୍ୟ ସହିତ ଛଉ ସଂପର୍କ -

ମୟୂରଭଞ୍ଜ ଛଉ ନୃତ୍ୟ, ଭଙ୍ଗୀ ସମୂହର ଉତ୍ସ ମୁଖ୍ୟତଃ ଦୁଇ ଗୋଟି (୧) ଓଡ଼ିଆ ବୋହୂର ସକାଳଠାରୁ ଦ୍ୱିପ୍ରହର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ସଂପର୍କୀୟ ଭଙ୍ଗୀ। ଯେଉଁ ଭଙ୍ଗୀ ଗୁଡ଼ିକ ନୃତ୍ୟ ଶିଳ୍ପୀଙ୍କର ପାଦଭଙ୍ଗୀ ମଧ୍ୟ ଦେଇ ସମଗ୍ର ଶରୀର ମଧ୍ୟରେ ନୃତ୍ୟ ଭଙ୍ଗୀର ଔଜଲ୍ୟ ପ୍ରକାଶ କରେ।

(୨) ନିକଟରେ ପଶୁ ପକ୍ଷୀମାନଙ୍କର ଗତିଶୈଳୀ ନୃତ୍ୟ ରୀତିରେ ରୂପାନ୍ତରିତ। ପ୍ରଥମଟି ପ୍ରାଚୀନ ପାରମ୍ପରିକ ନୃତ୍ୟ ଶାସ୍ତ୍ର ସମ୍ବନ୍ଧୀୟ ହୋଇଥିବା ସ୍ଥଳେ ପଶୁପକ୍ଷୀ ମାନଙ୍କର ଗତି ଶୈଳୀ ରୂପାନ୍ତରିକ ନୃତ୍ୟ ରୀତି ଶ୍ରୀଲଙ୍କାର କାଣ୍ଡ୍ୟାନ ନୃତ୍ୟ ଶୈଳୀ ସହି ସାମଞ୍ଜସ୍ୟ ରକ୍ଷା କରେ। ଶ୍ରୀଲଙ୍କାର ସମତଳ ଭୂମି ସ୍ଥିତ କାଣ୍ଡ୍ୟାନର ଏକ ନୃତ୍ୟ ଶୈଳୀ ପ୍ରାଚୀନ ସାଂସ୍କୃତିକ ପରମ୍ପରା ସମ୍ବନ୍ଧରେ ସୂଚନା ପ୍ରଦାନ କରେ। କାଣ୍ଡ୍ୟାନ ନୃତ୍ୟ ଶୈଳୀ ପରି ଛଉ ନୃତ୍ୟଶୈଳୀ ପାଦ ସହ ସମଗ୍ର ଶରୀରର ଅଙ୍ଗଭଙ୍ଗୀ ମଧ୍ୟ ଦେଇ ଭାବ ସମୂହ ପ୍ରକାଶ କରିଥାଏ। ଛଉର 'ଟପ୍‌କା' ଓ 'ଉଫଲି' ପରି କାଣ୍ଡ୍ୟାନ୍ ନୃତ୍ୟର ଗୀତ ବାଦ୍ୟ ଯନ୍ତ୍ର (ଢୋଲ)ରେ ପରିସ୍ଫୁଟିତ ହେବା; ଛଉର 'ନାଟ୍‌କୀ' (ଶେଷାଂଶ) ସହ କାଣ୍ଡ୍ୟାନର 'ଥେୟା' ଓ ତାଳମାନର ସାମଞ୍ଜସ୍ୟ; ଛଉର ସାମଗ୍ରିକ ଅଙ୍ଗଭଙ୍ଗୀ ସହ କାଣ୍ଡ୍ୟାନର ନୃତ୍ୟଭଙ୍ଗୀ ଓ ଶୈଳୀର ସାମଞ୍ଜସ୍ୟ - ଓଡ଼ିଶା (କଳିଙ୍ଗ) ସହିତ ସିଂହଳ ଦ୍ୱୀପର ପ୍ରାଚୀନ ପାରମ୍ପରିକ ସାଂସ୍କୃତିକ ସଂପର୍କ ବିଷୟ ସୂଚିତ କରେ।

ଇଣ୍ଡୋନେସିଆର ବାଲି ଦ୍ୱୀପରେ ଛଉ ନୃତ୍ୟ ଶୈଳୀ ଅନୁରୂପ ମୁଖାନାଚ ପ୍ରଚଳିତ। ବିଶ୍ୱ କବି ରବୀନ୍ଦ୍ର ନାଥ ବାଲି ଭ୍ରମଣ କାଳରେ ଷଢ଼େଇକଳା ଛଉ ନୃତ୍ୟ ପରି ବାଲି ଦ୍ୱୀପରେ ଏକ ପ୍ରକାର ନୃତ୍ୟ ଦେଖିଥିବା ଉଲ୍ଲେଖ କରି ପତ୍ର ଲେଖିଥିଲେ। କଳିଙ୍ଗ ସହ ପ୍ରାଚୀନ କାଳରେ ବାଲି ଦ୍ୱୀପର ସାଂସ୍କୃତିକ ସଂପର୍କ ବିଷୟ ମଧ୍ୟ ସେ ଉଲ୍ଲେଖ କରିଛନ୍ତି।

ପ୍ରଫେସର ଆଶୁତୋଷ ଭଟ୍ଟାଚାର୍ଯ୍ୟ ୧୯୭୧ ମସିହାରେ ବାଲି ଭ୍ରମଣ କାଳରେ ଦେଖିଥିବା ନୃତ୍ୟ ବରଙ୍ଗ (ତାଣ୍ଡବ) ଓ କୃଷ୍ଣନାଚ ଦୁଇଗୋଟି ନୃତ୍ୟର ଛଉ ନାଚ ସହିତ ସାମଞ୍ଜସ୍ୟ ଥିବାର ଉଲ୍ଲେଖ କରିଛନ୍ତି । ଛଉହରେ ମହାଦେବ, କାଳୀ, କୃଷ୍ଣ, ପାଣ୍ଡବ ପ୍ରଭୃତି ଚରିତ୍ରରେ 'ତାଣ୍ଡବ' ଭାବର ଉପସ୍ଥିତି ଯେପରି ବାଲିରେ ଅନୁଷ୍ଠିତ ନାଚରେ ସେହିପରି ମଧ ଲକ୍ଷଣୀୟ । ସମୁଦ୍ର ସେପାରି କଳିଙ୍ଗ ସାମ୍ରାଜ୍ୟ ଜାଭା, ବାଲି ଓ ବୋର୍ଣ୍ଣିଓ ଦ୍ୱୀପ ପର୍ଯ୍ୟନ୍ତ ବିସ୍ତାରିତ ଥିବା ଏସହ ସାଧୀନ ବିକାଶ ଓ ମୂଳ ଉତ୍ପତ୍ତିର ଅନୁକରଣର ସମ୍ଭାବନା ସଂପର୍କରେ ଲେଖିଛନ୍ତି ।

ସିଂହଳ ଓ ବାଲି (ବଳି) ଦ୍ୱୀପରେ ପ୍ରଚଳିତ ନାଚ ସହ ଛଉ ନାଚର ସାମଞ୍ଜସ୍ୟ ପ୍ରାଚୀନ ଓଡ଼ିଶା ସାମ୍ରାଜ୍ୟ ଓ ସଂସ୍କୃତିର ବିସ୍ତାର ସଂପର୍କରେ ତଥ୍ୟ ପ୍ରଦାନ କରେ ।

(ଗ) ଛଉ ପରିମଣ୍ଡଳ ବାହାରେ ଭାରତରେ ପ୍ରଚଳିତ ଅନ୍ୟ ନାଚ ସହିତ ଛଉର ସଂପର୍କ:

ଛ/ଛଉ/ଛୋ ନାଚ ପରି ପଶ୍ଚିମବଙ୍ଗର ମାଲଦୀ ଜିଲ୍ଲାରେ 'ଗମ୍ଭୀରା' ନୃତ୍ୟ ପ୍ରଚଳିତ । ଏହାର ବିଷୟବସ୍ତୁ, ସାଜସଜା, ଚରିତ୍ର, ଅଭିନୟ ଇତ୍ୟାଦି ମୁଖ୍ୟତଃ ଛଉ । ବଙ୍ଗଳାରେ ପ୍ରଚଳିତ ଗମ୍ଭୀରା ଶବ୍ଦ ଓଡ଼ିଶାରୁ କ୍ରମେ ବ୍ୟାପି ଥିବାର ଅନେକେ କହନ୍ତି । ଏହା ଅନୁଧ୍ୟାନ ସାପେକ୍ଷ ।

(ଘ) ତିନି ଅଞ୍ଚଳର ତିନି ସ୍ତରର ନୃତ୍ୟ ଗୁରୁ, ମୁଖା ନିର୍ମାଣ, ବାଦ୍ୟକାର, ସଂଗଠକ ଓ ପୃଷ୍ଠପୋଷକ ମାନଙ୍କର ଛଉ ପ୍ରତି ଅବଦାନ ସଂପର୍କୀୟ ତଥ୍ୟ ସଂକଳନ କରିବା ।

(ଙ) ସନ୍ନିହିତ ଅଞ୍ଚଳରେ ପ୍ରଚଳିତ ଛଉ ନାଚରେ ପାରସ୍ପରିକ ଆଦାନ ପ୍ରଦାନ ଓ ପ୍ରଭାବର ଅନୁଶୀଳନ କରିବା ।

(ଚ) ଭିନ୍ନ ପରିସ୍ଥିତିରେ ଛଉ ନାଚର ସ୍ୱର, ତାଳମାନ ଓ ଲୟର ପ୍ରୟୋଗ ସଂପର୍କୀୟ ପରୀକ୍ଷା ନିରୀକ୍ଷା ପ୍ରଭୃତି ବିଷୟ ଅନ୍ତର୍ଭୁକ୍ତ।

ସାଂପ୍ରତିକ କାଳରେ ଷଢ଼େଇକଳା, ମୟୂରଭଞ୍ଜ ଓ ପୁରୁଲିଆ ଅଞ୍ଚଳରେ ଛଉ/ଛୋ ନାଚର ବିକାଶ ଓ ପୁଷ୍ଟି ନିମନ୍ତେ ପ୍ରାଦେଶିକ ଓ ଜାତୀୟ ସରକାରୀ ସ୍ତରରେ ଉଦ୍ୟମ ଅବ୍ୟାହତ ରହିବା ସଙ୍ଗେ ସଙ୍ଗେ ବେସରକାରୀ ଅନୁଷ୍ଠାନ ଓ ବୁଦ୍ଧିଜିବୀ ଗୋଷ୍ଠୀ ବିଶେଷ ନୃତ୍ୟ ସଂଗଠନ ଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ କରିବା ସହିତ ଛଉର ବିକାଶ ଦିଗରେ ଗବେଷଣା ନିମନ୍ତେ ଯୋଜନା କରିଥବାର ଜଣାଯାଏ । ଛଉ/ଛୋ ନାଚର ପ୍ରବୀଣ ଶିଳ୍ପୀ ମାନଙ୍କୁ 'ପଦ୍ମଭୂଷଣ' ପ୍ରଭୃତି ଜାତୀୟ ସମ୍ମାନରେ (ଓଡ଼ିଶାରୁ କାହାରି ସୌଭାଗ୍ୟ ହୋଇନାହିଁ) ଭୂଷିତ କରିବା ଦ୍ୱାରା ଏ ଦିଗରେ

ସାଧାରଣ ଭାବରେ ଶିଳ୍ପୀ ଓ ଲୋକଙ୍କର ଆଗ୍ରହ ବୃଦ୍ଧି ଘଟିଥିବା ଲକ୍ଷ୍ୟ କରାଯାଏ । ଛଉ/ଛୋ ନାଚର ସଂରକ୍ଷଣ ପୁଷ୍ଟି ଓ ବିକାଶ ନିମନ୍ତେ ନିମ୍ନରେ କେତେ ଗୋଟି ପ୍ରସ୍ତାବ ଉପସ୍ଥାପନ କରାଯାଉଛି ।

(୧) ମୁଖାଯୁକ୍ତ ଓ ମୁଖାହୀନ ଛଉ ପରମ୍ପରାର ବିକାଶ ଦିଗରେ ପ୍ରାଦେଶିକତାର ଉର୍ଦ୍ଧ୍ୱକୁ ଯାଇ ପୂର୍ବାଞ୍ଚଳୀୟ ସାଂସ୍କୃତିକ ପରିମଣ୍ଡଳରେ ଗୋଟିଏ ଛଉ ନୃତ୍ୟ କେନ୍ଦ୍ର ପ୍ରତିଷ୍ଠା କରାଯାଇ ପ୍ରତ୍ୟେକ ପ୍ରମୁଖ ସ୍ଥାନର ଛଉ ଶୈଳୀକୁ ସଂରକ୍ଷିତ କରାଯାଉ । ପରମ୍ପରାକୁ ଅକ୍ଷୁଣ୍ଣ ରଖି ଆଧୁନିକ ପରିପ୍ରେକ୍ଷୀରେ ଏଥିରେ ବିକାଶ କରାଯିବା ପାଇଁ ଏକ ଭାରତୀୟ ଛଉ ନାଚ ଗବେଷଣା କେନ୍ଦ୍ରର ଆବଶ୍ୟକତା ରହିଅଛି ଏବଂ ଅଗ୍ରାଧିକାର ଭିତ୍ତିରେ ଏହା ଓଡ଼ିଶାରେ ହିଁ ଗଠିତ ହେବା ଉଚିତ । କାରଣ, ବର୍ତ୍ତମାନ ବିହାର ଓ ମେଦିନୀପୁରରେ ଅବସ୍ଥିତ ବିଛିନ୍ନାଞ୍ଚଳ ସମେତ ଓଡ଼ିଶାର ସୁବିସ୍ତୃତ ଅଞ୍ଚଳରେ ହିଁ 'ମୁଖାଯୁକ୍ତ' ଓ ମୁଖାହୀନ ଛଉ ନୃତ୍ୟର ସୃଷ୍ଟି, ପୁଷ୍ଟି ବିକାଶ ଘଟିଅଛି ।

(୨) ଷଢେଇକଳା, ମୟୂରଭଞ୍ଜ ଓ ପୁରୁଲିଆ ଛଉ/ଛୋ ନାଚ ଉପରେ କେତେକ ପୁସ୍ତକ ଓ ନିବନ୍ଧ ରଚିତ ହୋଇଅଛି । ଏହା ସତ୍ତ୍ୱେ ପାରମ୍ପରିକ ରୀତିରେ ନୃତ୍ୟ ଗୁରୁ-ଶିଷ୍ୟ ମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ କାର୍ଯ୍ୟ ସଂପାଦନ ହେଉଥିବାରୁ ଏଥିରେ ଭିନ୍ନତା ରହିବା ସ୍ୱାଭାବିକ । ତେଣୁ ପ୍ରମୁଖ ସ୍ଥାନ ମାନଙ୍କରେ ସବୁ ସ୍ତରରୁ ନୃତ୍ୟ ଗୁରୁ ଓ ନୃତ୍ୟ ସମୀକ୍ଷକମାନେ ସମ୍ମିଳିତ ଭାବେ ଏ ନାଚର ଏକ ସର୍ବ ସମ୍ମତି ଶୈଳୀ ଓ ବ୍ୟାକରଣ ଲିପିବଦ୍ଧ କରିବା ନିମନ୍ତେ ପ୍ରୟାସ ଓ ପ୍ରଯତ୍ନର ସମୟ ଉପସ୍ଥିତ ହୋଇଛି । ଏଥି ସହ ବିଭିନ୍ନ ସ୍ତରର ତାଲିମ ନିମନ୍ତେ ସର୍ବସମ୍ମତ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମର ପ୍ରଚଳନ ମଧ୍ୟ ପ୍ରୟୋଜନ ।

(୩) ଛଉ ନୃତ୍ୟ ଶିଳ୍ପୀ, ବାଦ୍ୟକାର, ମୁଖା ନିର୍ମାତା ଓ ପ୍ରବୀଣ ନୃତ୍ୟଗୁରୁ ପ୍ରମୁଖଙ୍କର ଆର୍ଥିକ ଓ ଆନୁଷ୍ଠାନିକ ଶିକ୍ଷାଗତ ଅବସ୍ଥାର ଉନ୍ନତି କରାଯିବା ଆବଶ୍ୟକ । ତିନିସ୍ତରରେ ଥିବା ଛଉ ନୃତ୍ୟ ଅନୁଷ୍ଠାନ ଗୁଡ଼ିକୁ ସରକାରୀ ସ୍ୱୀକୃତ ପ୍ରଦାନ କରାଯାଇ ଆର୍ଥିକ ଅନୁଦାନ ପ୍ରଦାନ କିମ୍ବା ଏମାନଙ୍କର ନିଯୁକ୍ତି ନିମନ୍ତେ ସୁଯୋଗ ସୃଷ୍ଟି ହୋଇପାରିବ । ରାଜ ପୃଷ୍ଠପୋଷକତା କାଳରେ ଏପରି ପରିସ୍ଥିତିର ଦୃଷ୍ଟାନ୍ତ ପ୍ରଦାନ କରାଯାଇପାରେ ।

(୪) ଶିକ୍ଷା ନବିସ୍ ମାନଙ୍କୁ ବୃତ୍ତି ପ୍ରଦାନ କରିବା ।

(୫) ସନ୍ନିହିତ ଅଞ୍ଚଳରେ ବିକଶିତ ଛଉ ନାଚ ସମୂହର ପୁନରୁଦ୍ଧାର ଦିଗରେ ଚେଷ୍ଟିତ ହେବା ।

(୬) ପ୍ରବୀଣ ନୃତ୍ୟ ଶିଳ୍ପୀ ଓ ବାଦ୍ୟକାର ମାନଙ୍କୁ ପ୍ରାଦେଶିକ ଓ ଜାତୀୟ ସ୍ତରରେ ଉପାଧି ଓ ସମ୍ମାନ ପ୍ରଦାନ କରିବା ।

(୭) ଛଉ ନୃତ୍ୟର ଅଧ୍ୟୟନ ହୋଇ ନଥିବା ବିଭିନ୍ନ ବିଭାଗ ଉପରେ ଗବେଷଣା କରାଯାଇ ଏ ସମ୍ବନ୍ଧୀୟ ବିଭିନ୍ନ ପୁସ୍ତକ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏକ ନିୟମିତ ଗବେଷଣା ମୂଳକ ପତ୍ରିକା ପ୍ରକାଶନ ଦିଗରେ ସରକାରୀ/ବେସରକାରୀ ସ୍ତରରେ ଉଦ୍ୟମ ହେବା ।

(୮) ଛଉ ନାଚର ଏକ ସଂଗ୍ରହାଳୟ ପ୍ରତିଷ୍ଠା କରିବା, ଯାହା ଛଉ ନୃତ୍ୟ ପ୍ରଚଳିତ ଥିବା ସବୁ ସ୍ଥାନର ପ୍ରତିନିଧିତ୍ୱ କରୁଥିବ ।

(୯) ପୂର୍ବତନ ଗୁରୁ, ବାଦ୍ୟକାର, ନୃତ୍ୟ ଶିଳ୍ପୀ, ମୁଖା ନିର୍ମାତା ଓ ପୃଷ୍ଠପୋଷକ ମାନଙ୍କର ପ୍ରତିକୃତି ଓ ଜୀବନୀ ସଂଗ୍ରହ କରି ସଂରକ୍ଷଣ ସହ ପ୍ରକାଶନ ଦିଗରେ ଯତ୍ନବାନ ହେବା – ଏ ସବୁ ଅନ୍ତର୍ଭୁକ୍ତ ।

ଯେହେତୁ ଏହି ପ୍ରାଚୀନତମ ଲୋକନାଟ ଛଉ ସମଗ୍ର ପୃଥିବୀରେ ଭାରତକୁ ସର୍ବୋପରି ଓଡ଼ିଶାକୁ ସୁପ୍ରତିଷ୍ଠିତ କରାଯାଉଛି, ସମ୍ରାଟ ଖାରବେଳଙ୍କ ସମୟରୁ ଗଜପତି ମାନଙ୍କର ରାଜତ୍ୱ ଅବଧି ଛଉ ବିକଶିତ ସମସ୍ତ ଅଞ୍ଚଳ ଓଡ଼ିଶା ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିବା ଦୃଷ୍ଟିରୁ ଓ ମୂଳତଃ ଛଉ ପାଇକ ବାହିନୀରେ ପ୍ରଚଳିତ 'ପାଇକନୃତ୍ୟ' ପରି ସାମରିକ ସଂସ୍କୃତିର କାଳଜୟୀ ପ୍ରତିନିଧି; ସେହେତୁ ଓଡ଼ିଶାରେ ଏପରି ଏକ ନୃତ୍ୟର ସଂରକ୍ଷଣ ଓ ଗବେଷଣା ଅନୁଷ୍ଠାନ ପ୍ରତିଷ୍ଠା ଗୌରବପୂର୍ଣ୍ଣ କର୍ତ୍ତବ୍ୟର ବିଷୟ ହେବ ।

**ଉପସଂହାର :**

ଷଡ଼େଇକଳା, ମୟୂରଭଞ୍ଜ ଓ ପୁରୁଲିଆ ଅଞ୍ଚଳର ସାଧାରଣ ଅଧିବାସୀ, ସର୍ଦ୍ଦାର/ ମାନକୀ/ ପଧାନ, ରାଜା, ମହାରାଜା ପ୍ରଭୃତି ନାଟଟିର ପୁଷ୍ଟି ଦିଗରେ ପ୍ରଯତ୍ନ କରିଛନ୍ତି । ସନ୍ନିହିତ ରାଜ୍ୟ ଗୁଡ଼ିକର ରାଜାମାନେ ମଧ୍ୟ ଏପରି ଏକ ପାରମ୍ପରିକ ଓ ପ୍ରାଚୀନ ଲୋକ ନାଟର ସଂରକ୍ଷଣ ଦିଗରେ ଯଥେଷ୍ଟ ଯତ୍ନଶୀଳ ହୋଇଛନ୍ତି । ଅଧ୍ୟାପକ ଡଃ ଲାଲ ମୋହନ ସାହୁ ତାଙ୍କ ଗବେଷଣା ନିବନ୍ଧରେ ତତ୍କାଳୀନ ପୃଷ୍ଠପୋଷକ ରାଜା/ ମହାରାଜା ମାନଙ୍କ ତିନି ଗୋଟି ଉଦ୍ଦେଶ୍ୟ ସଂପର୍କରେ ଲେଖିଛନ୍ତି । ୧) କଳାର ବିକାଶ, ୨) ସାମରିକ ପରମ୍ପରାର ଉଜ୍ଜୀବନ, ୩) ଆଦିବାସୀ ଓ ହରିଜନ, ଉଚ୍ଚବର୍ଣ୍ଣ ଲୋକଙ୍କ ଏକତା ସଂରକ୍ଷଣ । ଛଉ ନାଟ ପରମ୍ପରାରେ ପୃଷ୍ଠପୋଷକତାର ଇତିହାସକୁ ଲକ୍ଷ୍ୟ କଲେ ଉପରୋକ୍ତ ତିନିଗୋଟି ଉଦ୍ଦେଶ୍ୟରେ ଯଥାର୍ଥତା ସଂପର୍କରେ ଉପଲବ୍ଧି

ହୁଏ। ଏତଦ୍ ବ୍ୟତୀତ ସର୍ବୋପରି ସମସ୍ତଙ୍କ ଆତ୍ମ ସନ୍ତୋଷ, ଆନନ୍ଦ ପ୍ରାପ୍ତି ଓ ପ୍ରଦାନର ଉଦ୍ଦେଶ୍ୟ ଅବଶ୍ୟ ରହିଥିଲା ।

ଛଉ ନୃତ୍ୟର ସୃଷ୍ଟି ଓ ବିକାଶ ଦିଗରେ ଅଧ୍ୟୟନ ସଂପୃକ୍ତ ସମସ୍ତ ଅଞ୍ଚଳର ପ୍ରାକୃତିକ, ଭୌଗୋଳିକ, ରାଜନୈତିକ, ଐତିହାସିକ, ସାମାଜିକ ଓ ନୃତାତ୍ତ୍ୱିକ ଆକଳନ କରିବା ସଂଗେ ସଂଗେ ଛଉ ନାଚର ଗୁରୁ, ଗୁରୁଶିଷ୍ୟ ପରମ୍ପରା, ନୃତ୍ୟ ପ୍ରଶିକ୍ଷଣ ଓ ଶିକ୍ଷାର୍ଥୀ, ନୃତ୍ୟର ବିଷୟ, ନୃତ୍ୟ ପରିବେଷଣ, ବାଦ୍ୟଯନ୍ତ୍ର, ବାଦ୍ୟକାର, ଗୀତ ଓଁ ଗୀତିକାର, ଗୀତର ଭାଷା ଓ ସାହିତ୍ୟ, ମଞ୍ଚ, ଆଲୋକ ସଜ୍ଜା, ପୋଷାକ, ଅଳଙ୍କାର, ଅସ୍ତ୍ରଶସ୍ତ୍ର, ମୁଖା, ମୁଖାନିର୍ମାଣ, ପୃଷ୍ଠପୋଷକତାର ଇତିହାସ ପ୍ରଭୃତି ଓ ଏଥି ସହିତ ପୂଜା, ଆନୁଷ୍ଠାନିକ ଉପଚାର ସମସ୍ତ ବିଷୟ, ସାଂସ୍କୃତିକ ପୃଷ୍ଠଭୂମିର ତୁଳନାତ୍ମକ ଅଧ୍ୟୟନ ସହ ଛଉ ନାଚର ପରମ୍ପରାର ପର୍ଯ୍ୟାଲୋଚନା କରି ଜଣାଯାଇ ଅଛି ଯେ, ଏହି ପ୍ରାଚୀନତମ ନାଚଟିରେ ଉତ୍କ୍ର-ମାଗଧି-ବଙ୍ଗ ସହ ଆଦିମ ଜନଜାତିଙ୍କ ଭାଷା – ସଂସ୍କୃତିର ସମ୍ମେଳନ ଘଟିଅଛି । ପୂର୍ବ ଭାରତର ପ୍ରାକୃତିକ ଭୂଗୋଳର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ସାମାଜିକ, ସାମରିକ ଓ ସାଂସ୍କୃତିକ ପୃଷ୍ଠଭୂମିରୁ ଏହା ସୃଷ୍ଟ ଓ ଧର୍ମୀୟ ଅନୁଷ୍ଠାନ ସହ ସଂଯୁକ୍ତ ।

ସର୍ବଶେଷରେ ଏତିକି କୁହାଯାଇ ପାରେଯେ, ଛଉନୃତ୍ୟ ଆଲୋଚ୍ୟ ସମଗ୍ର ସନ୍ନିହିତ ଅଞ୍ଚଳର ସାମାଜିକ – ସାଂସ୍କୃତିକ ପରଂପରାରୁ ସମ୍ଭୂତ ହୋଇଥିଲେ ହେଁ ଷଢେଇକଳା ହିଁ ନାଚଟିର ଆଦି ବିକାଶ ଭୂମି, ଏଠା ରାଜ ଦରବାର ଏହାର ପ୍ରଥମ ପ୍ରକୃଷ୍ଟ ରଂଗଭୂମି ରୂପେ ସମସ୍ତ ଶ୍ରେୟର ଅଧିକାରୀ ହେବାବେଳେ ମୟୂରଭଞ୍ଜର ବାରିପଦା ହିଁ, 'ମୁଖାହୀନ' ଛଉ ଶୈଳୀର ପ୍ରବର୍ତ୍ତନ ଭୂମି ଓ ପୁରୁଲିଆ ମୁଖାଯୁକ୍ତ ଛଉର ପ୍ରସାର ଭୂମି ରୂପେ ବିଶ୍ୱବଳିତ ହୋଇଛି – ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ । "ଉତ୍ତର ଓଡ଼ିଶା ଉପାନ୍ତ ଅଞ୍ଚଳର ସଂସ୍କୃତି" F.M. University, P-280, 2003.

**ନିର୍ବାଚିତ ସହାୟିକା ସୂଚୀ:**


1. Banerjee, R.D.: History of Orissa
2. Behera K.S.; Ed.; ସାଗର ଓ ସାହିତ୍ୟ-୧୯୯୩.
3. Bhattacharya A.T.; Chhau Dance of Purulia.
4. Blank, Judith; The story of Chou Dance of the former Mayurbhanj State, Orissa, University of Chicago-1973 (Mss).

5. Das, K.B.; ଓଡ଼ିଆ ଲୋକ ଗୀତ ଓ କାହାଣୀ, ୧୯୫୮ ।

6. Mahajan, V.D.; Ancient India, 1990.

7. Panigrahi, K.C.; History of Orissa, 1986.

8. Panigrahi, K.C.; ମୋ ସମୟର ଓଡ଼ିଶା, ୧୯୭୮

9. Sahu,L.M.; ମୟୂରଭଞ୍ଜର ଲୋକନୃତ୍ୟ, ଗବେଷଣା ସନ୍ଦର୍ଭ ପାଣ୍ଡୁଲିପି ।

10. Singh Deo, N.N.; Singhbum, Seraikella and Kharaswan - Through the Ages-1954.

◆◆◆

## ପରିଶିଷ୍ଟ

(୧) ଛ/ଛଉ ନାଚରେ ବ୍ୟବହୃତ ଗୀତ

(୨) ସନ୍ନିହିତ ଅଞ୍ଚଳର ଛଉ ନାଚ:

(କ) ଖରସୁଆଁର ଛଉ

(ଖ) ଧଳଭୂମ ରାଜ୍ୟର ଛଉ

(ଗ) ଝାଡ଼ଗ୍ରାମ (ମେଦିନୀପୁର) ଛଉ

(ଘ) କେନ୍ଦୁଝର ରାଜ୍ୟର ଛଉ

(ଙ) ତାଳଚେର ରାଜ୍ୟର ଛଉ

(ଚ) ଢେଙ୍କାନାଳ ରାଜ୍ୟର ଛଉ

(ଛ) ବଣାଇ ରାଜ୍ୟର ଛଉ

(ଜ) ନୀଳଗିରି ରାଜ୍ୟର ଛଉ ।

## ପରିଶିଷ୍ଟ: (୧)

## ଛଉରେ ବ୍ୟବହୃତ ଗୀତ

ଷଢ଼େଇକଳା ଛଉ:

ସପନ: "ଲୋତକ ଧାର ହାରରେ କୁଚ କୁମ୍ଭ ମଣ୍ଡନା (ରାଗ - ଦେଶାଖ୍ୟ)
କ୍ଷୀର ସିନ୍ଧୁ ପରା ବନ୍ଧୁ ଆଚରଣ କରନା"
(ସଂଗୀତ ଚିନ୍ତାମଣି - ଉଦିତ ନାରାୟଣ)

ଚନ୍ଦ୍ରଭାଗା: "କି ହେଲାରେ ସଙ୍ଗାତ କହିତ ନୁହଁଇ ଭାରତୀରେ
(ରାଗ- ସବେରି)
କାଲି ଯା' ଦୂରରୁ ଦେଖି କଳନା କଲା ମୋ ଆଖି
କଳା ଇନ୍ଦିବର ଆଗଡିରେ।" (କବିସୂର୍ଯ୍ୟ ବଳଦେବ ରଥ)

ରାଧାକୃଷ୍ଣ: "ସେ ସିନା ନୁଆଟିରେ ଥରଗ- ଭୈରବଧ
ବ୍ରଜବିଧୁ ଆସି ପଛକୁ ପଳାନା।" (ଗୋପାଳ କୃଷ୍ଣ)

ଦୁର୍ଗା: ବରି ବିଭାବରୀ ଥାଉଁ ଯେବେ ଭାରେ ......।" ଥବଙ୍ଗଳାଶ୍ରୀଧ
(ବୈଦେହୀଶ ବିଳାସ)

ଶିକାରୀ: "ଧାଇଁ ଆଇଲା ପାଇକ ଭାଇ
ଦହି ଖାଇଲା ଚୋରି ପାଇ
ଗଉଡୁଣୀ ମାଉସୀ ହେଲା ଧନ୍ଦାରେ।" (ଲୋକଗୀତ)

ହଂସ: "ଖେଳ ଲୋକ ଖଞ୍ଜନାକ୍ଷି କି ସାହସ କଲୁରେ
ଥରାଗ- କେଦାରଧ
ଖରାପ ତୁ ହେଲୁରେ।" (କବିସୂର୍ଯ୍ୟ ବଳଦେବ ରଥ)

ମଧୁକୈଟଭ: "ଏ ବସନ୍ତ କାଳ କାଳ ବିରହୀ ଜନେ ଥରାଗ: ବସନ୍ତ ବିରାଡ଼ିଧ
ଫୁଲ ଫୁଟିଲେ ବନେ।" (ଉଦିତ ନାରାୟଣ)

ମଗୁମାୟା: "ଆଉ ନକର ନିରାଶରେ ବାନ୍ଧବୀ ଥରାଗ - ପରଜାଧ
ସରଳ ହୃଦୟା ଦୂର କଲେ ଦୟା
ହେବ ବଡ଼ ଅପଯଶରେ।" (ଉଦିତ ନାରାୟଣ)

ନାବିକ: "ବେଦାନରେ ମଧୁ ଦେଲ ବୋଲି ବନ୍ଧୁ ଥଆଠତାଳିଧ
ପୀରତି ଲାଗିଲା ଭଳ
ଅଧର ହସରୁ ବାସନା ବରଜି
ମାଗିନେଲି ଆଖି ଜଳ ।" (ଶରତ କୁମାର ଆଚାର୍ଯ୍ୟ)

ପ୍ରଜାପତି: "ଫୁଲ କଢ଼ିରେ ଗଢ଼ିଲି ମାଳା
ପ୍ରିୟା ବୋଲି ଦେଲି ଗଳେ
ପ୍ରିୟା ଗୋ ଦଳିଲ ଚରଣ ତଳେ ।" (ପ୍ରେମ ଯମୁନା)

ଦଣ୍ଡୀ: "ବୋଇଲା ବସି ପୁରେ ବଶୀଭୂତ ବାମାରେ ଲଙ୍କେଶୟେ ୟେ
ବିପତ୍ତି ଉପୁଡ଼ି ଏ ସଂପତ୍ତି ଗଲା ନାଶ ଇୟେ ।" (ବୈଦେହୀଶ ବିଳାସ)

ନାଗାର୍ଚ୍ଚି: "କଦମ୍ବ ମୂଳେ ବଂଶୀ ବାଜିଲାରେ
ରାଧା ଦମ୍ଭ ଶିଖରୀ ଭାଜିଲାରେ ।" (ଗୋପାଳକୃଷ୍ଣ)

ଗରୁଡ଼ ବାସୁକୀ: "ପଦ୍ମଫୁଲ ତୋଳିବାକୁ ନ ଯା ବନମାଳୀ
ପଦ୍ମ ବନେ ଅଛି କାଳି ।" (ଗୋପାଳ କୃଷ୍ଣ)

**ମୟୂରଭଞ୍ଜ (ବାରିପଦା)**

ଜାମ୍ବେବ: "ବାଞ୍ଛା ଜମ୍ବୁବାନ ନାଇଁ ଶୁନେ ପରେର ସାକାର
ନାହିଁ ଶୁନେ ପରେର ସାକାର, ବାଛା ଜମ୍ବୁବାନ

ରତୁରାଜ: "ମାଘ ଫାଲଗୁନ ହାନ ବହତ ବସନ୍ତ ଦିନ
ମନେ ଅନୁଚିତ କତ ଧାଏରେ
ଅଲମ ଯୌବନ ଭାରି ରତୁ ବହିଯାଏ ରେ
ସଖି । କରିକି ଉପାୟରେ ।"

ବସନ୍ତ କୁମାର: "ପହିଲ ଭାଦର ମାସେ ବାଡ଼ିର ଜନାରି ପାକେ
ମାଗିଲେ ସେ କତ ଆଦର ଯାୟ
କି କରିବ ହାୟ (ଜନାର = ମକା)
ଜନାର ପୋଡ଼ା ପାଶୋରା ନା ଯାୟ
- କି କରିବ ହାୟ ।"

ରସିକରାୟ: "ରଥେ ବସେଛେନ୍ ହରି ବଳରାମକେ ଆଗୁକରି
ଶଙ୍ଖଚକ୍ର ଗଦା ପଦ୍ମ ଧରି
ଅମାର ରସିକ ରାୟ
ଚଲିୟେ ଚଲିୟେ ଚଲେ ଯାୟ।"

ନାଟକୀ: "ଆମ୍ବ ଫଲେଇ ଝୁଁକାଝୁଁକା
ତେନ୍ତୁଲ ଫଲେ ବାଁକା
ତୋର କ୍ୟା ସହୟନା
ଯେମନ ତେନ୍ତୁଲ ଟେଁକା।"

ଧୁନ୍ଦୁପେଚ: "ଗଙ୍ଗାଧରର ମାଆରେ ବାଇନ ଧରର ମାଆରେ
ଫଉକ୍‌ଟି ଫିଡ଼ିଙ୍ଗଟି ବାଛି ବାଛି ଖାଆରେ।"

ମାୟାଶବରୀ: ଦୁର୍ଗା ଦୁଃଖ ହାରିଣୀ ଭବଭୟ ନିବାରିଣୀ ଭବାନୀ
ଜଗଜନନୀ ମୋକ୍ଷ ଦାୟିକେ ମାଆ ଦୁର୍ଗା।

ପାଇକ: 'ଧାଇଁ ଆଇଲେ ପାଇକ ଭାଇ
ଦହି ଖାଇଲେ ପାଇ ପାଇ
ପାଇକାଣୀ କାନ୍ଦଇ ରସ୍ ଭସ୍, ଭାଇ ପାଇକ।"

କାର୍ଡ଼ ଡ୍ୟାନ୍‌ସ: "ମେରୀ ଦିଲ୍‌କୋ ବିଗାନା ଶୋଚନା, ଶୁନିୟେ ମହାରାଜ
ସମସର ଜଙ୍ଗନେ ମୁଝ୍‌କୋ ମାରା ମେଁ ହୋଗୟା ଚିତ୍
ଯବ ମୈନେ ଉନ୍‌କୋ ଉଲ୍‌ଯାକେ ମାରା
ଓହୋ ଗୟା ଭୀତ୍, ଶୁନିୟେ ମହାରାଜ।"
(ଏହି ଗୀତର ସ୍ୱରରେ ନିମ୍ନ ଗୀତଟି-)
"ଶୋଲୋ ତାସ୍‌କି ବିନ୍‌ତି ଖୋଲା ଲିଜିୟେ
ଆଯାୟେ ମେରି ପାଶ୍ ଶୁନିୟେ ମହାରାଜ।"

ରସଲତା: "ଆରେ ରସଲତା ଆଉ ଝୁରି ହେଲେ
ପ୍ରେମ ପାଦପକୁ ଆପେ ଛୁଇଁ
କାଳକୂଟ ବନ୍ଧୁ ଆପେ ବହି

ନେତ୍ର ହୀନ ବୁଝି ବି ଚନ୍ଦ୍ରକୁରେ ଛଟା -
ମିଛେ ଲଗାଇଛଉ ପ୍ରୀତି ଅଠା
ଆରେ ରସଲତା ... ଆଉ ଝୁରିହେଲେ ।
ବିଷକୁ ମଣିଲୁ ସୁଧା ସାର ମିଶିଛି କାଳିକା
ଅ......... ନୀରଧାର ।
କାଇଁଚ ମାଳିକି ସୁମରି ହେବି ବୋଲି
ମିଛ ଜରମେ ପୋତୁ ମଥା ।
ଆରେ ରସଲତା ...... ଆଉ ଝୁରିହେଲେ ।"

କାଜିପତି: "ବାବାଜୀ ଆଇଲେ ଉତରୁ
ଠେକି ଠେକି କରି ପାଣି ବୋହୁଥିଲେ ନଉକା ଭିତରୁ ।"

କାଜିପାଜି -(କାଜି)'ମୁଁ ତ ନାଇଁ କରୁଥିଲି ଲୋ ମୋତେ ଦିଅର ଲେଖା କଲୁ
ହାଣ୍ଡିଶାଳକୁ ଡାକି ନେଇ ମୋତେ ଭାଲୁ ଦେଖେଇ ଦେଲୁ ।"

(ପାଜି) "ଧୁବାତ ଆଇଲା ଧୁମ ଧୁମାଇଲା ଧୁମ୍‌ସା ପୋଖରୀ ଡେଇଁ
ତୁଠକୁ ଯାଇ ମୁଁ ପାଇଲି ନାହିଁ ଯାଇଥିଲୁ ତୁହି କାହିଁ ?"

କାଠିଆ ଶିଙ୍ଗ:-

ପୁରୁଷ: "ଆଜ ନିଶି ମୋ ପାଶେ ବସି ଖେଳିବା ପରା
ଆହେ ମାନିନୀ ନହ ଗୁମାନୀ ନାଗରୀ ହୀରା ।"

ସ୍ତ୍ରୀ: "ତୋ ପରି ରସିକ ଦେଖିଛି କେତେ"

ପୁରୁଷ: "ସତେ ! ନୂଆ ଜାହାଜର କଣ୍ଟା,
କିଣି ଦେଇଥିବି ଟସରୀ ମଠା
ଭାଙ୍ଗି ଚାଲିଯିବୁ ଅଣ୍ଟା ।"

ସ୍ତ୍ରୀ: "ଅଣ୍ଟା ଭାଙ୍ଗି ଚାଲି ଆସେ
ମଠା ଶାଢ଼ୀ ଆମ୍ଭେ ପିନ୍ଧିଛୁ କେତେ
ପାଟ ଶାଢ଼ୀ ପରିଯନ୍ତେ ।"

ପୁରୁଷ: "ଗୋବରା ଚଢ଼େଇ ହଳେ
କିଣି ଦେବି ତୋତେ ମୁହର ମାଳେ
ମୁହର ମାଳେ ଲୋ, ଘାଗଡି କରିବା ବେଳେ ।"

ସ୍ତ୍ରୀ: "ବାନ୍ଧିବି ମୁ ତୋର ନାମେ କାଳିଆ କୁକୁର ହଳେ
ଯେବେ ତୁ ନ ଦେବୁ ମୁହର ମାଳେ ଗୋ ମୁହର ମାଳେ ।"

ନନ୍ଦା ଧୁନ୍ଦାର ବାପ: "ଅନ୍ଧାର ଘରେ କିଏ ରେ ? ନନ୍ଦା ଧୁନ୍ଦାର ବାପ
ନନ୍ଦାକେ କାମଡ଼େ ଦିଲ ଏତକ ମୁଟା ଢେମଣା ସାପ
ବାପରେ ବାପ ।"

ନବରତ୍ନ ବିକ୍ରମାଦିତ୍ୟ: "ଅଣ୍ଡା ଦଣ୍ଡା ସଂଯୁକ୍ତେଣ ତସ୍ୟ ପୁଷ୍ଟ
ଅଙ୍କୁରିଲା 'ଇଦଂ ବସ' ଘୋଡ଼ା ଅଣ୍ଡା ।"

କ-ଚ-ଟ-ତ-ପ: "ଫଗଲା ଦନ୍ତାରେ ତୋର ଘୁସୁରି ଥୋଡ଼
ଭୃଇଁ ଚକୁଳିକି ତୋର ଶରଧାବଡ଼
ଛେପ ଥୁକି ଥୁକି ମରୁଥା,
ମନୁଆଇ ବୋଇତ ଭାସେ ବାହା ବାହା ବାହା ।
ଦଦରା ବୋଇତକୁ ତୁ ବୋହିରେ ଭାଇ
ରାତି ସାରା ରହିଲୁ ତୁ କୂଳକୁ ଚ୍ୟହିଁ ।"

ଝଡ଼ିପୋକ: ଝଡ଼ିପୋକ ଉଡ଼ି ଉଡ଼ି କେତେ ଦୂରକୁ ଯିବ
ପକ୍ଷ ଛିଡ଼ି ଗଲେ ସେତ ପଡ଼ି ମରିବ ।
ଉଇ ଯେତେ ମିଳି ଜାତି, ମାଟି ଗଡ଼ି ଦିବା ରାତି
କଲେ ଯେତେ ଉଚ୍ଚ ସେ କି ଗିରି ହୋଇବ ?
କାହିଁ ନକରି ପ୍ରଘଟ, ଟିଣି ପରେ ଦେଇ ପୁଟ
କଲେ ଯେତେ ଚହଟ, ସେ କି ଚ୍ୟନ୍ଦି ହୋଇବ ?
ଗଧଟାକୁ କଲେ ସଜ, ସେକି ହେବ ପକ୍ଷୀରାଜ
ଘୁଷୁରିକି ମଇଗଜ ଚ୍ୟଲି ପାରିବ ?

ନବଗ୍ରହ ନାଟ: "ନୂତନ ପଞ୍ଜିକା ମତ ସର୍ବେ ଶୁଣ ଦେଇ ଚିତ୍ତ
ଏଇ ସମ୍ବତ୍ସରେ ହାୟ ହାୟ

ଦକ୍ଷିଣ ସାହିରେ ଭାଇ, ପଡ଼ିବ କଲେରା ହୁରି
(ଅନ୍ୟତ୍ର ଦକ୍ଷିଣ ତରଫେ ଭାଗି, ପଡ଼ିବ କଲେରା ହୁରି)
ନ ବ୍ରତିବେ କେହି
ଧରି ବାଡ଼ି ତୁରୀ ବୁଢ଼ୀ
ଦ୍ୱାର ଦେବନାହିଁ ଛାଡ଼ି
ନେବ ଝୁଡ଼ିରେ ପୂରାଇ
ପାପ ଛଡ଼ାଅ ଗଙ୍ଗାଧର ମଦୁଆର ।
ଏହି ସମୂହରେ
ଶୁଭ କ୍ଷଣେ ଶନି କୋଣେ ।
ପାଳିବେ ପରଜା, ଶୁଭ ହୋଇବ ଉତ୍ତରେ ।"

କେଳା କେଲୁଣୀ: ଆସ୍ତେ ଆସ୍ତେ ଚାଲରେ ଟାଙ୍ଗର ଠିକର ବାଟେ
ଲାଗଲେ ଠିକର ପଯକିଯାବେ ପାହାଡ଼ ପରବତ ବାଟେ ।
ହାଣ୍ଡିଆ ଖାଇଲେ କି ଇଜତ୍ ଟୁଟେରେ
କେନ୍‌ସି ଠାନେରେ କେନ୍‌ସି ଠାନେ
ବାବୁ ଭାୟା ହାକିମ ହୁକୁମା
କିସିକା ମେଜାଜ୍ ନାହିଁ ଟୁଟେ ।
ମୈନା ତୁ ହରେକ୍ ବୋଲି ବୋଲ୍
ନଦୀ କୀନାରେ ସାରସ ବୋଲେ
ଜନମେ ବୋଲେ ମୋହର
ନିଶିଦିନ ଶୋଚ ହେଁ ସେ ୟା'କା ମନମେ
କିସ୍‌ଯେ ଦେଖାଉଁ ଭେଶ୍ ।
ହରେକ ବୋଲି ଏକ୍ ଏକ ରୁପେୟା
ଭାଉମେ ଲାଗେ ମୋଲ ।
ରାଜା ନହରକୋ ଲୋକେ ଯାଉଁ
ଶୋ ଶୋ ରୁପେୟା ହବେ ଗୋଲ୍
ଏକ୍ ଏକ୍ ଚିଡ଼ିଆ ଶୋ ଶୋ ରୁପେୟା
ଭାଉମେ ଲାଗେ ମୋଲ ॥

ଚାଲ ଚାଲ ଖିରେ ଚାଲରେ ପଳାଇ ଯିବା ଘରକୁ ଭାଇ
ଅଜଗର ଖାଇବ ବୋଲି ପଛେ ପଛେ ଆସୁଛି ଧାଇଁ
ଅଜଗର ବଡ଼ ନେହେଟା ମୁଣ୍ଡଟା ସରୁ ତା ପେଟଟା ମୋଟା
ବାରହା ଖାଏ ଗୋଟାକୁ ଗୋଟା, ଆଉ ଗୁଣିଆଙ୍କ ରକ୍ଷା ନାହିଁ ।
ଖାଇବୁ ଖାଇବୁ ବୋଲିରେ ସରପା ଗୋଡ଼ାଇ ଅଛୁ ମତେରେ
ମୋତେ ଖାଇଲେ କି ସୁଖ ପାଇବୁ
ଖାଆ ଯା ମନସା ମାଆକୁରେ,
ଆରେ ମୋ ନାଗରେ ।
ନାଗୁଣି ଚୌଦାଲେ ବିଷ ହରିଲେନ୍ ପାରବତି
ଆରେ ମୋନ ନାଗରେ ।
ଡିବି ଡିବି ଡମ୍ବରୁ ବାଜେ ମୋର ଭାଇରେ
କିସେର ବାଦ୍ୟ ବାଜେରେ
ମଲା ମନ୍ଧ ଭେଳା ଯାତୁ ଭାଇ
ଛଇଲ ଶୁଣିକି ସାଜେରେ
ଆରେ ମୋ ନାଗରେ ।"

ତାମୁଡ଼ିଆ କୃଷ୍ଣ:

(କ) "ଦେଖ କି ମୋହନ ସଜ ପ୍ରିୟ ସହି,
ଧେନୁ ପଛେ ବେଣୁ ବଜାଇ ଚାଲନ୍ତି
ଜିଣି ମଦମତ୍ତ ଗଜ ଗୋ ।"

(ଖ) "ସୋନର ଗାଗରି କାଖେ
ରାଇ ଚଲିଛେନ୍ ପଥେ ପଥେ
ସରମ ଭରମ କୁଲ ଭୟ ରାଖି ଚିତ୍ତେ
ହେ.... ଯମୁନାର ଜଲ ଆନିତେ ।
କି କରିବ କୁଥାୟ ଯାକ
ନା ହେରି ଶ୍ରୀ ମାଧବ

କୁଲ ଛାଡ଼ା ଘରବୁଡ଼ା ଆଛେ କଦମ୍ ତଲେ
ହେ... ଯମୁନାର ଜଲ ଆନିତେ ।"

(ଗ) "ଗୋପୀଗନ ଲୟେ ରାଧା ଯମୁନାତେ ଗେଲ
ଗାଗରି ଭରିୟେ ରାଧା ସବାୟେ ବଲିଲ
ଗାଗରି ଧରିତେ ନାରି, ମରି
ଯଉବନ ହଇଲ ଭାରି
କାଖେତେ ଗାଗରି ଧରି
ମରି ଯଉବନ ହଇଲ ଭାରି ।"

(ଘ) "ଏସେଛି ଏସେଛି ସଖୀ ! ଭରମ ଘୁଁଚ୍ୟତେ
ବାଜେ ବାଁଶୀ ଆଚମ୍ବିତେ
ପଡ଼ିଲ ତେଲା ରାଧିକାର କଲସୀ-
ନବୀନ ନାଗର କରେ ମୋହନ ମୁରଲୀ ଗୋ ଧରେ ।
ମଜାଇତେ ଅବଲାରେ
ଭୁଲାଇତେ ଅବଲାରେ
ସୁସରେ ସନ୍ଧାନ....
କଲାକରେ ବାଁଶୀର ତାନ୍
କାଲା କରେ ବାଁଶୀର ତାନ୍ ।"

କୀରାତାର୍ଜ୍ଜୁନ: "ଏହାର ଖାନି ଭାୟ ଏ ମଙ୍ଗେ
ଲୟାର ଖାନି ଭାୟ ମଙ୍ଗେ
ଆରନେ ମରିୟେ ବାବା
କାହାର ଲାଗି କାନ୍ଦରେ
ଏଇଁ....ଏଇଁ...ଏଇଁ...
ମୁଇଁ ପାହାଡ଼ ପର୍ବତ୍ ଯାମୁଁ
ମୁଇଁ ଆଳୁ ମୁଣ୍ଡା, ଖାମୁଁରେ
ଆରେ ତକେ ଚୁମା ଖାମୁଁରେ

ଆରେ ମୁହଁ ଚୁମା ଖାମୁଁରେ
ଏଇଁ...ଏଇଁ... ଏଇଁ....
ଯବ୍ ଧେଡୁଆ ବାନ୍ଦର ପାମୁଁ
ତ କଲିଜା ଖୋରି ଖାମୁଁ-
ଆରେ ତକେ ଥରି ଜିମୁଁରେ
ଆରେ ମୁଇଁ ସଙ୍ଗେ ଯାମୁଁରେ
ଆରେ ମୁଇଁ ସଙ୍ଗେ ନିମୁଁରେ
ଏଇଁ...ଏଇଁ...ଏଇଁ....

କଳଙ୍କ ଭଞ୍ଜନ: "ଲଜ୍ଜା ରାଖ ମୋରେ ଗିରିଧାରୀ
ଆମି ଯଦି ବାରି ଆନିତେ ନା ପାରିଁ
ହାଁସିବେନି ସଗଡ଼ ଜଗତ୍ ନାରୀ
ଲଜ୍ଜା ରାଖ ମୋରେ ଗିରିଧାରୀ ।(ଘୋଷା) ।
ଷୋଲଶ ଗୋପିନୀ ଛିଲ
ଯେକେ ଯେକେ ତାରା କଲଙ୍କିନୀ ହଲ
କେଉ ନା ଆନତେ ପାରେ ବାରି
ହାଁସିବେନ ଜଗତ୍ ନାରୀ
ଲଜ୍ଜା ରାଖ ମୋରେ ଗିରିଧାରୀ ।
ତ୍ରେତା ଯୁଗେ ରାମ ରାଘବ ଛିଲେନ୍
ସାଗର ବାନ୍ଧିୟେ ଲଙ୍କାତେ ଗେଲେନ୍
ସଙ୍ଗେ ବାନର ଗଣ କରିଆ
ରାବଣ କେ ସଂହାରି
ସୀତାକେ ଉଦ୍ଧାରି
ଫେରିଲେକ୍ ଅଯୋଧାପୁରୀ
ଲଜ୍ଜା ରାଖ ଗିରିଧାରୀ ।"

ମାତୃପୂଜା: "ଧୀରେ ଧୀରେ ପବନ ବହିଛେ ଧୀରେ
ଲୁଚକାଳି ଖେଳେ ଚନ୍ଦ୍ର ପୀରତି ଭୋଳେ

ପରବତେ ଝରଝର ପାଣି ଝରେ
ଫଡ଼ ପଡ଼ କରେ ପତର ଝାଟି ତଳେ
ଧୀରେ ଧୀରେ ପବନ ବହିଛେ ଧୀରେ
ଝୁମୁର ଝୁମୁର ଝମ୍
ଝପା ଝପ ଝପା ଝପା...
ଥପର ଥପର ଥା ।
ରାଜା ମୋର ଶିକାର ନେଲା
ଭଲ କରି ଖାଆ, ଭଲ କରି ଖାଆ-
ଭେଣ୍ଡି ଭେଣ୍ଡିଆ ଯେତେ
ହାଣ୍ଡି ହାଣ୍ଡିଆ ତେତେ
ମୁଣ୍ଡିଆ ଠାରେ ଦେଲା
ଖାଇତେ ଯେତେ
ଧୀରେ ଧୀରେ ପବନ ବହିବେ ଧୀରେ ।
ରାଜା ମୋର ବୁଢ଼ା ହେଉ
କାଳେ କାଳେ ବଞ୍ଚିଥାଉ
ଭଲେ ଭଲେ ରାଇଜ ଭିତରେ
ଧୀରେ ଧୀରେ ପବନ ବହିଛେ ଧୀରେ ।

ବାଉଲ କୃଷ୍ଣ:(କ) "ବଲ୍‌ରେ ବଲ୍ ତରୁ ବଲ୍‌ରେ
କେତରେ ସାଜି ଏ ଦିଲ
ପତ୍ରପୁଷ୍ପ ଫୁଲରେ
କୋଲ୍‌ରେ ତରୁକାର ଉଦ୍ଦେଶ୍ୟେ
ଗଗନ ଭେଦ୍ ଘରେ ଯାଏ ଉର୍ଦ୍ଧଦେଶେ
ହଲି ସଂସାରେ ଏସେ କରେ
ପ୍ରେମେ ବିଭୋର୍ ରେ
ବଲ୍‌ରେ ବଲ୍ ତରୁ ବଲ୍‌ରେ ।"

(ଖ) ସଜଲ ନୟନେ ଚାହିଁ ଚାହିଁ
ଚାହିଁ ମୋର ପ୍ରାଣେ
କିଛୁନା ବୋଲିଏ ଚଲେ
ମେଲ ଅଭିମାନେ
ବଡ଼ ବାଜେ ପ୍ରାନେ ।
ଜାନାଇଏ ଦିଲ ବ୍ୟଥା
ଆଖିର ଚାଲନେ
ବୁଝାଗେଲ ସେଇ ଆକୁଲ
ମା ମରି କାରନେ
ବଡ଼ ବାଜେ ପ୍ରାନେ
ଶାଙ୍ଖେର କୁଣ୍ଡଲ ଲେ ଗୋ କାନେ -
ଯୋଗିନ୍ ବଲେ ସବାୟ ଜାନେ
ଗେରୁଆ ବାସ ପରେ ଜଟା ବାନ୍ଧେ କେଶେ ।
ଆଗୋ ଶୁନ ଲଲିତେ ।"

(ଗ) "କାଲାଏ ଏତ ଭାଲକି ହେ
କଦମ୍ ଗାଛେର ତଲା
ଆମି ଦେଖିଛି କତ ଦେଖି କତ
ତୋମାର ଛଲା କାଲା
କଦମ୍ ଗାଛେର ଲୋ (ଘୋଷା) ।
ଆମି ଜଲ୍ ଲିତେ ଯାୟ ଯମୁନା
କେତୁମା ବାଜାଓ ବାଁଶୀ ହେ
ଆମାର୍ ମନେର୍ ଫୁଲେ
କଲସୀ ଫେଲେ ତୁମାର କାଛେ ଆସି ହେ
ଆମି ବିଷ୍ଣୁପୁରେ ଗୋକୁଲ୍ ପୁରେ
ତାଇ ହଲ ପଥେ ଚଲ ।
କଦମ୍ ଗାଛେର୍ ତଲ ।
ଆମାର ଚାରି ଦିଗେତେ ନନଦ୍ ସତିନ୍

ଦୁକୁଲ ରାଖା ଭାର
ଆମି ସହିବ କତ ଆର ବାଙ୍କାଶାମ୍ ।
ଆମି ବୁଝୁଛି ସବାୟ୍
ନିୟତ ନୂତନ -
ମିଥ୍ୟା କଥା କଲା
କାଲା ମିଥ୍ୟା କଁଥା କଲା -
କଦମ୍ ଗାଛେର୍ ତଲା ।"

**କୋଷ୍ଠା**

ରାଇରାଜା: କହିବୁ ସୁନ୍ଦର ପାଶେ ଯାଇ
ଗୋ... ସୁନ୍ଦର ପାଶେ ଯାଇ
ମୋ ପ୍ରିୟସହି, କହିବୁ ଗୋ... କହିବୁ ଗୋ.... ।

କୁବ୍‌ଦୀ- ଯୁଇଯାଈ ମଲ୍ଲୀ ମାଧବୀ ମାଳତୀ
ଗୋଲାପ ନିଆଳୀ ଫୁଟିଲ
ଗୁନୁଗୁନୁ ଶୁଭେ ମଧୁପ ଉପରେ
କୁହୁ କୁହୁ ବଲେ ନ ବସୁତ ତାଲେ
ଦକ୍ଷିଣ ଅଞ୍ଚଲ ବଗିଲ, ପ୍ରାଣ କାନ୍ଦେ .....

ବ୍ରିନ୍ଦା: ବ୍ରିନ୍ଦା ସହଚରୀ ବଲେ କର ଧରି
କରଗୋ ପଶାର ଖେଲା
କେହୁ ଯଦି ହାରେ କି ନିବ କାହାରେ
କି ଆଛେ ଜଗତେ ଧନହେ... ବନ୍ଧୁଆ ।

ଶ୍ରୀକୃଷ୍ଣ: ଶ୍ୟାମ ଗୁନମନି ବଲିଲ ତଖନି
ନବ ବ୍ରିନ୍ଦା ବନ ମୁରଲୀ ସହିତେ
ଆଉ ରାଖନୁ ମୋହନ ଚୂଡ଼ା ହେ କିଶୋରୀ ।

କୁବ୍‌ଜୀ: ଅଙ୍ଗେରି ଗଇନା ଯତ ରୁପା ସନା
ଆର ଶେଷେ ଦବ ପୀତ ଝରା

ହେ ବନ୍ଧୁଆ ... ।
(ପଶା ଖେଳ ଆରମ୍ଭ ହେବ – ଶେଷ ହେବ ଓ ଶ୍ରୀକୃଷ୍ଣ ହାରିଯିବେ ।)

ବ୍ରିନ୍ଦେ: ଚୁରୀ କେଶେର ତିନି ସୟସୀ
ଦଗାଦାରେର ଘର୍ ସୟସୀ
ଦିନେ କି ପକେନ୍ କାମେର ଛୁଟୀ
ହେ ବ୍ରିନ୍ଦା ବନେର ନଉତନ ରାଜା
ଅଇ ଆନେଛେ ହୁକୁମ ଜାରି
ନଇଲେ ନିବ ଗିରଫ କରି
ନଇଲେ ନିବ....।

ତମାଲ କୃଷ୍ଣ: ରାଧା ରାଧା ବଲେ ବଇଁଶୀ
ବାଜେ କି ସୁନ୍ଦରରେ ସଜନୀ ମୋର
କଲସୀ ମୋର ଗଲା ଭାସି
ଶୁଣିଏ ସୁନ୍ଦର ବାଆଁଶୀ
ଏଣିକି ଚହିଁଲେ ତେଣେ ଦିଶେ ନଟବର ।

ଅଭିମନ୍ୟୁ ବଧ: ଯାଉଛି ବହି, ଶୁଭ ବେଳେ ମନା କରନା
ଅଭିମନ୍ୟୁ ନାମ ମୋର, କ୍ଷତ୍ରି ବଂଶେ ଜନ୍ମ ମୋହର
ଧରି ମାତାଙ୍କର କର, ସେବିବି ପଦ ପୟର ।
(ଏତିକି ପରେ ସପ୍ତରଥୀଙ୍କ ସହ ଯୁଦ୍ଧ ଓ ମୃତ୍ୟୁ)

କୃଷ୍ଣନାଟ: ଛୁଆ ମୋର ଖେଳୁ ନାହିଁ...
ଦୁଃଖେର ସଂସାରରେ ମୋର ।
ପଦ୍ମବନେ ଅଛି କାଳି,
ପଦ୍ମ ପୁଷ୍ପ ତୋଳିବାକୁ ନ ଯା ବନମାଳି ।

ଗଡ଼ସାହି

ମାୟା ଶବରୀ:

ଶବରୀ: "ଭାଜେ ଦିବସ ମିଳନ ମାଧୁରୀ
ଆସେ ବିଦାୟ ବେଳ ।

କୃଷ୍ଣ: ଉଡ଼ା ଚଢ଼େଇ ମୁଁ ବସା ବାନ୍ଧିଥିଲି
ମମତା କୁଟା କାଠିରେ ।

ଶବରୀ ଓ କୃଷ୍ଣ: ଭାଜେ ଦିବସ ମିଳନ ମାଧୁରୀ
ଆସେ ବିଦାୟ ବେଳ
ସରମ ମୋର ଆଶା ମଣି ଧୀରେ
ଲୁଟିବେ ଗୋ ଅଭିମାନ ଛନ୍ଦେ ।"

ବୀର ବାଳକ: "ଚଲ ଚଲ ବୀର ବିଳମ୍ବ ନକର
ମାର ମାର ଅରାତିକୁ ବିଳମ୍ବ ନାହିଁ ।
.................................।"

ଯମୁନା କୂଳିଆ:

ରାଧା: "ଚଲ ଯମୁନାର କୂଳେ ବସନ୍ତର ଶୋଭା ଦେଖିବା,
ଶୋଭା ଦେଖିବା ମନର ଲୋଭାକୁ ହେ ସଖୀ ତେଜିବା ।"

ସଖୀ: "ସଖି । ଯାଆନା ଯମୁନା ଯାଆନା
ଫେରିଆରେ ସଜନୀ ଆ.....।"

ଯୁଗଳକଣ୍ଠ: "ଆଜି ରାଧାକୃଷ୍ଣ ମିଳନେ ମିଳ ଗୋ
ଗାଏ କୋକିଳ ପଞ୍ଚମ ତାନେ ।"

ଗଦାପର୍ବ ଈଶ୍ୱର ତାଳ:

ଦୁର୍ଯ୍ୟୋଧନ: କହ କହ କେଉଁ ଜାତି ପାଇଛି ମୁକତି
କରି ହରି ହୁରି ଗୁହାରୀ;
କହ ପାଇଛି କେ ସୁଖ ନିଭାଇଛି ଦୁଃଖ
ମାଗି ମାଗି ପଥର ଭିଖାରୀ (ଧ୍ରୁବ) ।
ଯେବେ ବାଘ ମୁହେଁ ପଡ଼େ ଶିକାର
ମିନତିରେ ପାଏ କି ସେ ଉଦ୍ଧାର
ଛାଡ଼ିକି ଦିଏ କେବେ ଧୀବର ଜାଲରୁ
ନଗଲେ ମୀନ ଆପେ ବାହାରୀ ।୧।

ଦେଖ ଆଇରିସ୍, ଚାଇନା, ଜାପାନ
ଆମେରିକା, ଆଫଗାନ, ପଠାନ;
ପରାଣ ପାତି ହେଲେ ମୁକତ
ଜୀବନ - ମରଣ ନ ବିଚାରି ।୨।
(ଆଜି) ଅଭିମନ୍ୟୁ ପରି ଘେରି ଚଉଦିଗୁଁ ଜନନୀ କୁମାରୀ
ଆତ୍ମ ଶକ୍ତି ସୁବିକାଶ ସୁଦର୍ଶନ
ଚକ୍ରଟି ପରି ଦେବେ ପାରି ।୩।" (କବି ବାଞ୍ଛାନିଧି ମହାନ୍ତି)

ଆଦିଗୁର: ଈଶ୍ୱରତାଳ- "ପଳେଇ ଥା'ରେ ପଳେଇ ଥାଆ
ଖଡ୍ଗ ବାଜିବତି ।
ମାଆ ଦେଇଚି ସିନ୍ଦୂର ଟୀକା
ଝଡ଼ି ପଡ଼ିବତି ॥

ଶିରାକୁଳି: ଝିଙ୍ଗାତୋଲା:
"ଝିଙ୍ଗା ତୋଲି ତୋଲି ଯାଆଲୋ ନାତୁଣୀ
ଝିଙ୍ଗା ତୋଲି ତୋଲି ଯାଆ
ତୋତେ ଝିଙ୍ଗା ମୋତେ ଝିଙ୍ଗା
ସାଇ ପଡ଼ିଶା ଝିଙ୍ଗା
ତୋଲି ତୋଲି ଯାଆ, ତୋଲି ତୋଲି ଯାଆ
ଝିଙ୍ଗା ତୋଲି ତୋଲି ଯାଆଲୋ ନାତୁଣୀ
ତିନ୍‌ଟା ଝିଙ୍ଗା,
ଝେନେଖିତା ତାଟ୍‌ନେଖିତା
ତାକ୍ ଝନା ଖେଟେ ତା ।"

**ପୁରୁଲିଆ ଜିଲ୍ଲାର ଗୀତ**

ଡାଭାତୋଡ଼ାଂ: ମାଟିତେ ଚାନ୍ଦେ ଉଦୟ କେ ଦେଖ୍ବି ଆୟ
ବାଉଲଗାନ: ଏମନ ଯୁଗଲ ଚାନ୍ଦକେଓ ଦେଖ୍ ନାୟଁ
ପାଲାନାଚ:
(କ) "ଅଯୋଧ୍ୟାର ଅଧିପତି ଦଶ ରଥ ରାଜନ୍ ...।"

(ଖ) ଦକ୍ଷିଣ ଧାରେ ମେଘ ଉନାଇଲ ମେଘ ବଟେନ୍ କାଲ ହରି
ଓ ଲଲିତେ ଚିନ୍‌ତେ ଲାରି, ମେଘ ବଟେନ୍ କାଲ ହରି
ଓ ଲିଲିତେ ଚିନ୍‌ତେ ଲାରି ।"

(ଗ) "ରାମ ଲକ୍ଷ୍ମଣ ସୀତା ପଞ୍ଚବଟୀତେ
ପିତାର ଆଦେଶେ ତାରା ବନେ ଭ୍ରମିଛେ ।"

(ଘ) "ପିତୃ ସତ୍ୟ ପାଲିବାରେ ଶ୍ରୀରାମ ଲକ୍ଷଣ
ଚୌଦ ବସ୍ଵର ବନବାସେ ଚାଲିଲ ତଖନ୍ ।"

(ଙ) "ଦୁଆରେ ଦୁ ଧେନୁକ୍ ଧାରୀ ମଧେ ଜନକ ଝିଆରୀ
କି କର୍‌ବ ଭାୟ ଦୁଃଖେର କଥା ଜଲନେ ମରି ।"

ଜାମ୍‌ଦା:

ଗଣକ୍ ଛୋ: "ଆଜ୍ ମାସେର୍ ଷୋଲ ଆଡ଼ା
ଗାଛେ ଯୁଦ୍ଧ ଭୂର୍ଯେଁ ନ ଆଡ଼ା
ଆଜ୍ ମାସେର୍ ଆପର୍
ମର୍‌ଲ କାଡ଼ା ବୁଡ଼ୀର ଭାତାର ।
ଆଜ୍ ମାସେର୍ ଉନିଶ
ମର୍‌ଲ ଯତ ବିରାମୁତା ଦେଶ ମୁନିସ୍
ଆଜ୍ ମାସେର କୁଡ଼ି
ମରଲ ବିରାମୁତା ବୁଡ଼ୀ ।"

ରାମେର ବନବାସ: "ପିତୃ ସତ୍ୟ, ଦୁଷ୍ଟେର ଦମନ ଶିଷ୍ଟେର ପାଲନ
ତିନି କାର୍ଯ୍ୟ ହେତୁ ରାମ ଚଲିଲେନ୍ ବନ୍ ।"

ସୁପର୍ନଖାର ନାକକାନ ଛେଦନ:

ପଞ୍ଚବଟୀର ବନେ ଏଲେନ୍ ରାମରଘୁମନି
ସୀତାୟ ଦେଖେ ସୁପର୍ଣ୍ଣଖା ସାଜେନ୍ ସୁନ୍ଦରୀ
ନମାମି ଶଙ୍କରୀ ତବ ନାମେର ତରୀ
ନିଲା (ଖେଲା) ଛଲ ତୋମାରି ମାଆ

ଓ ଛଲ୍ ବୁଝିତେ ଓ ଭାବ ବୁଝିତେ ନା ପାରିନା
ନମାମି ଶଙ୍କରୀ ...।
ମାଟିର ହଥେ ମା' ହଲେନ ଉତ୍ପତ୍ତି
ଭୋଲାର ଭୋଲାର ମହେଶ୍ୱରୀ ମା'
ନମାମି ଶଙ୍କରୀ... ।
ଆଦିମାତା ଛିଟି ଧରାୟ ବସୁମତୀ
ମାଟିର ହତେ ମାଆ ସକଲେର ଉତ୍ପତ୍ତି
ସର୍ବଜୀବେର ଗତି ଅଗତିର ଗତି
ଦାନେର ଭୋଲାର ଭୋଲା ମହେଶ୍ୱରୀ ମାଆ ।"

(ଝୁମୁର-ପରେଶ କର୍ମକାର)

ବାଲୀ ଦୁନ୍ଦୁଭି: ଦୁନ୍ଦୁଭି ମହାକ୍ରୋଧେ
ଚଲିଲରେ ବାଲିବଧେ
ଦୁନ୍ଦୁଭି ମହାକ୍ରୋଧେ ।

ପଞ୍ଚପାଣ୍ଡବ: ବନ୍ଦେ ପାଣ୍ଡବ ଗନଂ ଭୀଷ୍ମ ଆଦି କ୍ରିପକ୍ରନ୍ନ(ର୍ଣ୍ଣ)
ବନ୍ଦେ ପାଣ୍ଡବ ଗନା ଭୀଷ୍ମ ଆଦି କ୍ରିପ କ୍ରନ୍ନ
ମହାକୋପେ ବୀରଦପେ କମ୍ପେ ପୃଥ୍ୱୀବଘନ ଘନଂ
ବନ୍ଦେ ପାଣ୍ଡବ..... ।

(ବହାର ସାହିକୁ ବିଦ୍ରୁପ କରିବା ପାଇଁ କୁମ୍ଭାର ସାହିବାଲା ଓ କୁମ୍ଭାର ସାହିକୁ ସମାଲୋଚନା କରି ବଜାର ସାହିର ଛଉରେ ଏପରି ଗୀତ ସବୁ ନାଚରେ ବୋଲା ହେଉଥିଲା ।)

୨. ପହଡ଼ି (ପହଲି):

"ଦୁଇ ଏକ ତିନ୍ ତିନ୍ ଛଅ ଅଠର
ଆହେ ସଭାଜନ ତାଳ ଧର ଧର
ଘାତ ଅନାଘାତ ଭାବି
ନୋହିଲେ ଆସ ମୋ ପାଶେ ବସ
ଛଅ ଦିନେ ଶିଖାଇ ଦେବି ।"

ଭୁଷା କୁଟିଲଇ ନର
ନା ଭଜିଲାମ ହରି ହର
ଅନ୍ତକାଳେ ପନ୍ଥୁ ଭୁଲି ଗେଲ ଗୋ
କାହେ ବିଧି ନରଜନ୍ମ ଦେଲ ।"

୩. ଜଳନ୍ଧର ବଧ: "ଶଙ୍କର ଶିବ ଆଦି ନାଥ ଭଜରେ ମନ ଜଗନ୍ନାଥ ।"

୪. ବାଳିବଧ: "ଏଲୋ ନନ୍ଦିରି ନନ୍ଦନ ନବଘନ ଶ୍ୟାମ ।"

୫. ଶବର: "ଛକରାଇ ମାଥାୟ ଭାବରି କାଟା ଚୁଲ
ଯେନ ଛକରୀ ମାଥାୟ ଅନେକ୍ ଚମାରାର ସେଗ ଗେନ୍ଦଫୁଲ
ଛକଗିଲେ ...।

୬. ମାତୃପୂଜା: "ଜୟ ଜୟ ଦୁର୍ଗେ ଦୁର୍ଗତି ନାଶିନୀ
ନୃମୁଣ୍ଡ ମାଳିନୀ କରାଳିନୀ ମାଆ...।"

୭. କୃଷିକଳା: ଉଇଁଲେଣି ପୂରୁବେ ସୂରଜ ଲୋ
ପକ୍ଷୀରାବ ଶୁଭିଲାଣି ପରା
ସଜ ହୋଇ ବେଗି ବେଗି ଆସଲୋ
ବେଗି ବେଗି ଆସ ।

୮. ଟାମୁଡ଼ିଆ କୃଷ୍ଣ: "ମୋର ଯଉବନ ନିଶି ଭୋରେ...."

୯. ଭସ୍ମାଶୁର: "ତପସ୍ୱୀ ଭସ୍ମାଶୁର ଶିବେ ଲଭି ତା' ବର ନାସଇ ଚରାଚର ।"

୧୦ ଚଣ୍ଡୀଯୁଦ୍ଧ: "ଶରିଷ ଉପରେ ଗିରୀଶ ଅଇରି ଜନକ ମଇତ୍ର
ବାହନ- ମହାପ୍ରଳୟରେ ରସ ବରଷିଲେ ।"

୧୧. ସାପେରା: "ପଦ୍ମ ପୁଷ୍ପ ତୋଳିବାକୁ ନଯାଆ ବନମାଳିରେ
ପଦ୍ମବନେ ଅଛି କାଳୀ ।"

୧୨. ଶରଦ ରାସ: "କେତେବେଳକୁ ହେ ସୁଖ ବସିଲାକ ଆଜ
କଳାକାହ୍ନୁ କୁହୁକ ଜାଣ ।"

ଗଣେଶ ବନ୍ଦନା: ଜୟ ଜୟ ଦେବ ବିଶ୍ୱପତି ଗଜାନନ
ସକଲ ସିଦ୍ଧି ହୟ ତୋମାର ନଇଲେ ଶରଣ୍
ଜୟ ଜୟ ....
ସିନ୍ଦୂର ବରଣ ଅଙ୍ଗ ଶ୍ୟାମଲ ଭୂଷଣ
ଜୟ ଜୟ ଦେବ ... ।

କାମଦେବ: "ସ ସୈନେତେ ମୀନ କେତୁ ଶିବ ତପ ଭଙ୍ଗ ହେତୁ
ଫୁଲବନେ କି ପଞ୍ଚଫୁଲ ନିୟୋଜନ କାମୀ
କର୍ଣ୍ଣମୂଲେ ସରା ।

କୃଷ୍ଣନାଚ: ନଦୀ ନାଲ ସବ୍ ଶୁଖାଲ
ଗାଛେର କୋକିଲ ବୋବା ହଇଲ
ଉଠରେ ସଖୀଗନ୍ ଗୋଷ୍ଠେ ଯାବାର ବେଲା ହଇଲ ।"

**ସନ୍ନିହିତ ଅଞ୍ଚଳର ଛଉ ନାଚର ଗୀତ:**

**କ: ଖରସୁଆଁ ଗଡ଼ର ଛଉ:**

୧. "କି ପ୍ରକାର ନାଚ ହେଉଛିରେ ବକ
ଆଖି ମେଲା କରି ଦେଖୁଥା'
ମରାଳର ସଙ୍ଗେ ସମ ହେବୁ ଯେବେ
ଚଖଣ୍ଡେ ଗୋଡ଼କୁ କାଟିଥା ।
ମୋ ସଙ୍ଗେ ସମାନ ହେବୁ ଯେବେ ମୁର୍ଖ
ନୀଳକଣ୍ଠ ନାମ ଜପୁଥା -
ଗେଦା ଗିଡ଼ିଦା, ଗେଦା ଗିଡ଼ିଦା, ଗେଦା ଗିଡ଼ିଦା ।"

୧୩. ମୌଳିକ ଶିକ୍ଷା: "ପ୍ରତିଶ୍ରୁତି ଚନାଚୁର ଖାତେ ମିଲେନା
ଦାଦା ଖାତେ ମିଲେନା ।"

୧୪. ଫଳ ଭ୍ରମର: "କି ହେଲା ବନ୍ଧୁରେ – କି ହେଲା ତୋର ।"

୧୫. ଅର୍କାଂଶୁର ବଧ: "ବସ ବସ ସୀତାମାନେ ମନ ଆନନ୍ଦରେ
ଆସିଅଛ ତୁମେମାନେ ଆମରି ସ୍ନେହରେ
ଆମେମାନେ ସାଙ୍ଗହୋଇ ଭାଦୁ ଖେଳୁଥିବା

ଆମ୍ବଡ଼ା ବାଟକୁ ତେବେ ହୋ ଯିବା (ଆମ୍ବଡ଼ା - ଆମଡ଼ା)
ଆମ୍ଭେମାନେ ଚିହ୍ନା ଅଚିହ୍ନା ସବୁଦିନେ ଥିବା
କାଚ ଘର ପରି ଆମେ ଭାଙ୍ଗି ନଦେବା
ପୂଜାଫୁଲ ପରି ଆମ୍ଭେ ସବୁ ଦିନେ ଥିବା
କାଶୀରାଜ ଜେମା ପାଇଁ କେତେ ମନ ଦେବା ।"

୧୬. ଚଣ୍ଡୀଯୁଦ୍ଧ: "ରକ୍ତବୀର୍ଯ୍ୟ ଧୂମ୍ର ଲୋଚନାଦି ଦୈତ୍ୟେ
ଚଣ୍ଡମୁଣ୍ଡେ ନାଚ କରି
ପ୍ରତୀକ୍ଷାରେ ରଣ କ୍ଷେତ୍ରରେ ଅଛନ୍ତି
ଦେବୀ ଶକ୍ତି ଗଂଣ ଧରି ।"

ତାଳଚେର

୧. ପାଇକାଳି ନାଚ:
"ନମସ୍ତେ ନମସ୍ତେ ଭୈରବୀ ଗୋ ମାଆ
ମାତୃଭୂମିକି କଲ୍ୟାଣ କର କୂଳେ କାଳିମା ଲଗାନା
ଜାଗ ହେ ବୀର,
ଅଳସ ତେଜ ବିଳାସେ ଯାତନା, ଜାଗ ହେ ବୀର ।"

୨. ମଦନ ରତି – ରତି:
"ନାଥ ଯୋଗେଶ୍ୱର ଦେବ ଦେବ ହର
ପ୍ରତିକୂଳ କାମ ନକର
ରଖ ମୋ ବିନତି ଥରୁ ଅଛି ଛାତି
ବାମ ନେତ୍ର ଡେଉଁଅଛି ଛାତି
ଅମଙ୍ଗଳା ନାନା ହୁଅଇ ସୂଚନା
ଫେରିଚାଲ ଧୀରେ ପଚାରି ।"

ମଦନ: "ଆଜି ଏକି ଅଳି ପ୍ରାଣ ସଙ୍ଗାଳି
ଶୁଣିଲି ନୂଆ
ଦମ୍ଭ ଦମ୍ଭୀର କରିବି ଚୂର
ହେଲେ ତୁ ସାହା
ଆଦି ଏକି ଅଳି ପ୍ରାଣ ସଙ୍ଗାଳି ।"

୩. ବସ୍ତ୍ର ହରଣ: "ଆରେ ରସଲତା ଆଉ ଝୁରି ହେଲେ
ପ୍ରେମ ପାଦପକୁ ଆପେ ଛୁଇଁ
କାଳ କୂଟ ବନ୍ଧୁ ଆପେ କହି
ନେତ୍ର ହୀନ ବୁଝିବି ଚନ୍ଦ୍ରକୁରେ ଛଟ ।
ମିଛେ ଲଗାଇଲୁ ପ୍ରୀତି ଅଠା....
ଆରେ ରସଲତା, ଆଉ ଝୁରିହେଲେ ....
ବିଷକୁ ମଣିଲୁ ସୁଧା ସାର, ମିଶିଛି କାଳିକା
ଆ......... ନୀରଧାର
କାଇଁଚ ମାଳିକି ସୁମରି ହେବି ବୋଲି
ମିଛ କରମେ ପୋତୁ ମଥା ।
ଧାଧିନ୍ ନାଥିନ....."

ଅନ୍ୟ ଏକ ଗୀତ "କାଖେ କୁମ୍ଭ ଘେନି ରାଇ ଚଲେ ଧୀରେ
ଆରେ କ ତ ଛଳେ
ଅ.. ରାଇ ଚଲେ ଧୀରେ
କଳସୀ ଡୁବାଇ ବାର କାଲେ
ରାଇ ଚଲେ ଧୀରେ ଧୀରେ ।"

୪. ହରଧନୁ ଭଙ୍ଗ: "କେହି ଧନୁରେ କର
ଆଉ ମହୀରେ ନାହାନ୍ତି ବୀର ।"

୫. ସଭାଗୋଲ: "ପାଇବୁନି ଗୋ ଜର ଆଣୁଚି ଟଲେ
ଉଷଦ ବୋଲି ବାଟି ଦେବି କଲରା ଚେର ଟୁକେ ।"

୬. ପାଇକନାଚ: "ଚଲରେ ଭାଇ ଚଲରେ ନକରିଣ ଶଙ୍କା
ରାଜାଘରୁ କେହି ଆଣିବା ଭାର ଭାର ଟଙ୍କା ।"

ଅନ୍ୟ ଏକ ଗୀତ: "କଦମ୍ବ ମୂଳେ ବଂଶୀ ବାଜିଲାରେ ସଂଗାତ
ରାଧା ଦମ୍ଭ ଶିଖରୀ ଭାଜିଲା ।" (ବୈଷ୍ଣବ ପାଣି - ଚଉପଦୀ)

ଅନ୍ୟ ଏକ ଗୀତ: "ସର୍ଗୀଫୁଲେର ଖୋସା ସାଜି
ଚଷାର ଝିଅ ହସେ

ତାର ଲାଲ ଟହ ଟହ କଅଁଳ ଓଠେ (ଓଠେ)
ମହର ରସେ ।"

ଅନ୍ୟ ଏକ ଗୀତ: "ଯାହା କରିଥିଲୁ ତୁ ଯା କାମନା ରାଧେ
ପୂର୍ଣ୍ଣ ହେଲା ତୋ' ମାନସ କାମନା ।"

ଧଳଭୂମ -

"ଧିକ୍ ମୋର ଧିକ୍ ମୋର ରାଜପଣ ଧିକ୍‌ରେ
ରାଜପୁତ୍ର ହୋଇ ମନି ପୁତ୍ର କଲାମ ହତ
ପୂର୍ବେ ଜନ୍ମେ କେଉଁ ପାପ କରିଛି ରାମ ଶତ
ପୁତ୍ର ହାରାଏ ମୁଇଁ କହିବି କେମନ୍ତ ।"

ନୋଟ୍ - (ଗୀତଟି ସାଇନାରେ ବୋଲ ଦେଇ ତିନିଥର ଲେଉଟି ଯିବ)
"ଆରେ ବାପଧନ ଅନ୍ଧ ଅନ୍ଧୁଣୀ ନୟନ
ସିନ୍ଧୁ କୁମାର ବଦନ
ତୃଷାରେ ଆତୁର ହେଉଛୁ କାତର
ଜଳ ଦେଇ ରଖ ପ୍ରାଣ ।"
(ଏହାପରେ ଦଶରଥ ଶିକାର କରିବାକୁ ଆସିବେ)
"ବାଘ ମାରିବି ବାଘୁଣୀ ମାରିବି
ଶିକାର କରିବି କେତେରେ ଭାଇ
ଶିକାର କରିବି କେତେ ।
ଜୀବନ ମୁରୁଛି ନିଅମ କରୁଛି ଧନୁ ଧରି ହାତେ ।"

ତହିଁରେ ଆଉ ଏକ ଗୀତ: "ଖେଳିଆ ହରିଣ ମିନ୍ ଲେରେ ଭାୟ
ତବେ ହମାରା ଫତେ
ପୁଡ଼ି ବୁଡ଼ି ଖାବାରେ ଭାଇ
ଅଣ୍ଡା ବାଚା ଯେତେ ।"

**ବଣାଇଗଡ଼**

୧. ଫୁଲ ତୋଳା ଜଳ ଆଣି ଯାଇଥିଲି କଳିଙ୍ଗ ସୁତାକୁ

ଭଲ ପାଇ ଅନାଇଲିରେ ସଂଗାତ
କଦମ୍ବ ମୂଳକୁ ।"

୨. ଜୟ ଜଗବନ୍ଧୁ
ଜୟ ଜଗବନ୍ଧୁ ହେ ଗୋସାଇଁ .....।

ନୀଳଗିରି

୧. ରତି ବିଳାପ:"କା'ର ମନ ଭୁଲବେନା ସଇ ଆମାର ...."

୨. ଚନ୍ଦ୍ରଭାଗା: "ସରଗ ଶଶୀ ଘରକୁ ଆସ ....."

ଅନ୍ୟ ଏକ ଗୀତ: "ମିତଣି ! ଚନ୍ଦ୍ରମଣି ଲୋ
କି କଲୁ ନିମିଷେ ।"

## ପରିଶିଷ୍ଟ (୨) ସନ୍ନିହିତ ଅଞ୍ଚଳର ଛଉନାଚ:

(କ) ଖରସୁଆଁ ଗଡ଼ର ଛଉ ନାଚ

ପୂର୍ବତନ ଖରସୁଆଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତି ବର୍ଷ ଚଡ଼କ ପୂଜା ସହ ଛଉ ନାଚ ଚୈତ୍ର ମାସରୁ ଆରମ୍ଭ ହୋଇ ବୈଶାଖ ମାସସାରା ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିଲା । ଖରସୁଆଁ ଗଡ଼ ବ୍ୟତୀତ ଅରୁଆଁ, ଚିଲ୍‌କୁ ପ୍ରଭୃତି ସ୍ଥାନରେ ଚୈତ୍ର ମାସରେ ଛଉ ନାଚ ଅନୁଷ୍ଠିତ ହୁଏ । ସଣୁଆଁ, ମନହରପୁର, ଲାଲବଜାର, ଦେଉଲି ପ୍ରଭୃତି ସ୍ଥାନରେ ରଜ ବେଳକୁ ପର୍ବ ପାଳିତ ହେବା ସହ ଛଉ ନାଚ ଅନୁଷ୍ଠିତ ହୁଏ । ଏତଦ୍ ବ୍ୟତୀତ କେରାରେ ଚୈତ୍ର ପର୍ବ ଓ ପୋଡ଼ା ହାଟରେ ରଜ ସଂକ୍ରାନ୍ତିରେ ସମୟରେ ଛଉନାଚ ଅନୁଷ୍ଠିତ ହୁଏ ।

ପୂର୍ବେ ଏଠାରେ ଚୈତ୍ର ମାସରେ ରାମ ନବମୀ ଦିନ ମହାପ୍ରଭୁ ରାମ ସୀତାଙ୍କୁ ଗୋଟିଏ ରଥରେ ବସାଇ ବିଜେ କରାଉଥିଲେ । ମାଉସୀ ବାଡ଼ିରେ ଛ' ଦିନ ରହି ସାତ ଦିନରେ ମନ୍ଦିରକୁ ଫେରୁଥିଲେ । ଏଥି ପାଇଁ ଜୁଲୁସ୍ (ଶୋଭାଯାତ୍ରା) ବାହାରୁଥିଲା । ଗହନଦଳ ପାଇକ ମାନେ ନାଚୁଥିଲେ । ଉଡ଼ା ଯାତ୍ରା ଓ ଦଶହରା ସମୟରେ ରଂଜଣୀ ହେଉଥିଲା । ଖରସୁଆଁର ମହୀପ ନାରାୟଣ ସିଂ ହାଡ଼ିଭଂଜା ଗ୍ରାମର ଜମିଦାର ଥିଲେ । ଷଢ଼େଇକଳାରୁ ରାଜେନ୍ଦ୍ର ପଟ୍ଟନାୟକ ଆସି ସେଠାରେ ଛଉ ନାଚ ଶିକ୍ଷା ଦେଉଥିଲେ । ତାଙ୍କର ଶିଷ୍ୟ ରାସ ବିହାରୀ ନାୟକ । ଜନା ଭାଟ ପ୍ରଭୃତି । ସେତେବେଳେ ଖରସୁଆଁ ଗଡ଼ରେ ଠାକୁର ମହେନ୍ଦ୍ର ନାରାୟଣ ସିଂ ରାଜା ଥିଲେ ।

ବର୍ଷେ ଦୁଇ ବର୍ଷ ପରେ ରାଜାଙ୍କ ଆଗ୍ରହ କ୍ରମେ ଜମିଦାର ମହୀପ ନାରାୟଣ ଖରସୁଆଁ ଦରବାରକୁ ଛଉ ନାଚ ଆଣି ଦେଖାନ୍ତି । ରାଜା (ଠାକୁର) ମହେନ୍ଦ୍ର ନାରାୟଣ ଛଉ ନାଚ ଦେଖି ପ୍ରୀତ ହୋଇ ଷଢ଼େଇକଳାରୁ ଉପେନ୍ଦ୍ର ବିଶ୍ୱାଳଙ୍କୁ ଏହି ନାଚ ଶିକ୍ଷା ଦେବା ପାଇଁ ଖରସୁଆଁ ନେଇ ଆସିଲେ । ସେବେ ଠାରୁ ଏ ପର୍ଯ୍ୟନ୍ତ ଏଠାରେ ଛଉ ନାଚ ପ୍ରଚଳନ ରହିଅଛି ।

ଏଠାରେ ବଜାର ସାହି ଓ କୁମ୍ଭାର ସାହିରେ ଛଉ ନାଚ ଅନୁଷ୍ଠିତ ହେଉଥିଲା । ବଜାର ସାହି ଦଳର ବିଶିଷ୍ଟ ନୃତ୍ୟଶିଳ୍ପୀ ମାନେ ହେଲେ ସର୍ବଶ୍ରୀ ଜଗମୋହନ ପତି, ରାସବିହାରୀ ନାୟକ, ରାମକୃଷ୍ଣ ନାୟକ, ଯଦୁ ବିଶେଇ, ରାଘବ ବିଶେଇ, ଭୀମ ଦାସ, ଦୁର୍ଗା କୁଅଁର, କୃଷ୍ଣ ଭାଟ ପ୍ରଭୃତି; କୁମ୍ଭାର ସାହିର ସର୍ବଶ୍ରୀ ବେନୁ ଭୂୟାଁ, କୁଞ୍ଜବିହାରୀ ଘଡ଼ାଇ, ବିହାରୀ ଲାଲ ଘଡ଼ାଇ, ମାନୁ ଭଣ୍ଡାରୀ, କହ୍ନାଇ ଭୂୟାଁ, ହରି ମହାନ୍ତି ପ୍ରଭୃତି । ବଜାର ସାହିକୁ ଠାକୁର ମହେନ୍ଦ୍ର ନାରାୟଣଙ୍କ ଭାଇ ମହୀପ ନାରାୟଣ (ଜମିଦାର) ପୋଷକତା ପ୍ରଦାନ କଲେ । କେତେକଙ୍କ ମତରେ ବଜାର ସାହିକୁ ରାଣୀ ଓ କୁମ୍ଭାର ସାହିକୁ ସ୍ୱୟଂ ରାଜା ପୋଷକତା ପ୍ରଦାନ କରୁଥିଲେ । ମହୀପ ନାରାୟଣ ଛଉ ଶିକ୍ଷା ଦେଉଥିଲେ । ମହୀପ ନାରାୟଣଙ୍କ ସହିତ ଖରସୁଆଁର ଅନ୍ୟ ନୃତ୍ୟକାରୀମାନେ ଷଢ଼େଇକଳାରେ ଶିକ୍ଷା କରିଥିବାର କେହି କେହି କହନ୍ତି ।

ଖରସୁଆଁରେ ବ୍ରାହ୍ମଣ, କରଣ, ବାବୁ, ଖଣ୍ଡାୟତ, କ୍ଷତ୍ରିୟ, ଗଉଡ଼, କୁଡୁମୀ, ତନ୍ତୀ, କୁମ୍ଭାର, ମଣ୍ଡଳ, କୈବର୍ତ୍ତ ବଣିଆ, ଘାସି, ଭୂୟାଁ, ଭୂମିଜ, କୋହ୍ଲ ପ୍ରଭୃତି ବିଭିନ୍ନ ଜାତି ଓ ଗୋଷ୍ଠୀର ଲୋକେ ଛଉ ନାଚୁଥିଲେ । ଏଠାର ସମ୍ଭ୍ରାନ୍ତ ଶ୍ରେଣୀରେ ଛଉ ନାଚ ଗୋଟିଏ ମଉଜ ଥିଲା । ପ୍ରଥମେ ନାଚ ଗୁଡ଼ିକ ଘଣ୍ଟାଏ କିମ୍ବା ସେହିପରି ସମୟ ପର୍ଯ୍ୟନ୍ତ ଚାଲୁଥିଲା । ପରେ ସମୟ କମାଇ ଦିଆଯାଇଛି । ଏଠାରେ ମେଳ ନାଚରେ ୧୫/୧୬ ଜଣ ଲୋକ ନାଚୁଥିଲେ । ଏବେ ୮/୧୦ ଜଣ ନାଚନ୍ତି ।

ପାଇକମାନଙ୍କର ଆମୋଦ ସମୟରେ ଏପରି ନାଚର ପ୍ରଚଳନ ଥିଲା । ରଜାଙ୍କ ଅମଳରୁ ଖରସୁଆଁ ହାଇସ୍କୁଲରେ ଛୌ ନାଚ ଶିକ୍ଷକ ଭାବେ ଦୀର୍ଘ ୨୫ ବର୍ଷ ଧରି ନିଯୁକ୍ତ ଥିବା ଶ୍ରୀ ଭୋଳାନାଥ ରାଉଥ କହନ୍ତି ଯେ ପାରମ୍ପରିକ ପାଇକାଳି ନୃତ୍ୟରୁ ଛଉନାଚର ଆରମ୍ଭ ହୋଇଛି । ଛଉର ଆରମ୍ଭରୁ ମୁହାଁର ବ୍ୟବହାର ଥିଲା । ବର୍ତ୍ତମାନ ମୁହାଁ ଉଠାଇ ଦିଆ ଯାଇଛି । ମୁଖାର ବ୍ୟବହାର ଫଳରେ ମୁହଁରେ ଭାବ ପ୍ରକାଶ ହେଲା ନାହିଁ । "ଛଉକୁ ସ୍ତୁତି କରି ନୃତ୍ୟ ଆରମ୍ଭରେ ଗଣେଶ ମୁଖା ସହିତ ନୃତ୍ୟ କରି ଆସୁଛୁ ।" ଏତଦ୍ ବ୍ୟତୀତ ବାବୁ ତାଳରେ ବର୍ତ୍ତମାନ ମଧ୍ୟ ମୁଖାର ବ୍ୟବହାର ହେଉଥିବାର ଜଣାଯାଏ । ଖରସୁଆଁ ନାଚ ନୀଳଗିରି ରାଜ୍ୟର ଛଉ ପରି ଅନୁଷ୍ଠିତ ହୁଏ ।

ଆଗରୁ ଦେଉଳି ସର୍ଦ୍ଦାର ପବାଟ (ଖଣ୍ଡାୟତ), ପତ୍ ପତ୍ ଗାଁରେ ଆଦିବାସୀ ଭୂମିଜ ପାଇକ ମାନେ ଢୋଲ, ନାଗ୍‌ରା, ସାଇନା ବଜାଇ ସୁନିଆଁ, ଗହ୍ମା, ଦଶହରା, ଓ ମକର ଭେଟି ପାଇଁ ଢାଲ ଓ ଖଣ୍ଡା ଧରି ଦରବାରକୁ ନାଚି କରି ଆସୁଥିଲେ । ଭେଟି ଦେବା ଆଗରୁ ଦରବାର ତଳେ ନାଚୁଥିଲେ ।

ପତ୍ ପତ୍ ଗାଁର ଆଦିବାସୀ ପାଇକ ମାନେ ବାହାଘର ଓ ବ୍ରତ ଘର ମାନଙ୍କରେ ନିମନ୍ତ୍ରଣ ପାଇ ଆସି ନାଚି ଦେଉଥିଲେ ।

ଛଉରେ ବ୍ୟବହୃତ ଉଲ୍‌ଫା, ଧରଣ ସବୁ ଫରଖଣ୍ଡାରେ ଥିଲା । ଆମକୁ ଏଠା ଛଉରେ ଛଅ ଟବ୍‌କା ବାଉନ ଗୋଟି ଉଲ୍‌ଫା ଥିଲା । ଏବେ ଛତିଶ ପ୍ରକାର ଉଲ୍‌ଫାର ବ୍ୟବହାର କରୁଛନ୍ତି । ଷଢ଼େଇକଳା, ଖରସୁଆଁ, ବାରିପଦା ସବୁଠି ପ୍ରଥମେ ଏସବୁ ଥିଲା । ଯେପରି ଆଗରୁ ଶିବ ତାଣ୍ଡବ ୧୬ଟି କଲିରେ ବିଭକ୍ତ ଥିଲା । ଏବେ ମାତ୍ର ୨/୩ଟି ଥିବାର ଜଣାଯାଏ ।

ଏଠାର ନାଚରେ ମହଡ଼ା ବ୍ୟବହୃତ ହେଉଥିଲା । ଗଣେଶ, ବାବୁ, ଶିବ, ଅସୁର, ବାଘ, ହରିଣ, ଭାଲୁ, ମାଙ୍କଡ଼ ସବୁ ମହଡ଼ା ଥିଲା । ଛଉ ମାନେ ମହଡ଼ା । ଏଠାରେ ମହଡ଼ା, ମୁହାଁ, ମୁଖା ଏପରି ଶବ୍ଦମାନ ପ୍ରଚଳିତ ।

ଆଗରୁ ଚୈତ୍ରପର୍ବରେ ଛଉ ନାଚ ପାଇଁ ଦୁଇ ସାହିକୁ କୋଡ଼ିଏ ଟଙ୍କା କରି ରାଜ ଦରବାରରୁ ଦିଆଯାଉଥିଲା । ଚିଲ୍‌କୁ ପାଉଥିଲା ପାଞ୍ଚଟଙ୍କା । ୧୯୩୦ ମସିହା ପର୍ଯ୍ୟନ୍ତ ଏପରି ଚାଲିଥିଲା । ପରେ ୧୦୦ ଟଙ୍କା ଦେବାର ସ୍ଥିର ହେଲା । ଆହୁରି ପରେ ଦୁଇ ସାହିକୁ ୫୦୦ ଟଙ୍କା କରି ଦିଆ ଯାଉଥିଲା । ଏପରି ୧୯୪୯ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଗ୍ରାମାଞ୍ଚଳରେ ଛଉ ନାଚ ପାଇଁ ରାଜାଙ୍କ ତରଫରୁ କିଛି ଦିଆଯାଉ ନଥିଲା । ଦରବାର ଓ ଜମିଦାରୀରେ ଏପରି ପୋଷକତା ରହିଥିଲା । ଗାଁରେ ଲୋକମାନେ ପର୍ବ ପାଳନ କରୁଥିଲେ । ସେତେବେଳେ ଛଉ ନାଚୁଥିଲେ । ଷଢ଼େଇକଳାରେ ବି ଏଇପରି ବ୍ୟବସ୍ଥା ଥିଲା ।

ଖରସୁଆଁ ଛଉନାଚରେ ତିନିଟି ପାଳି ଅଛି । ରଙ୍ଗ ବା ଗୀତରେ ଠେକା, କୋଲ ଓ ନାଚ ପାଳି ଏପରି ତିନିଗୋଟି ପର୍ଯ୍ୟାୟ ।

ଏଠାର ଦୁଇଗୋଟି ସାହି ମଧ୍ୟରୁ ବଜାର ସାହିର ନାଚରେ ଏକକ ନୃତ୍ୟ ନାହିଁ । ନାଚ ଗୁଡ଼ିକର ନାମ, ଭସ୍ମାସୁର, ଗୌରୀ ସାଧନା, କୃଷିକଳା, ସାପୁଆ କେଳା, ଦୁଇ ଭାଇ, ସାବିତ୍ରୀ ସତ୍ୟବାନ, ବାଳୀ ସୁଗ୍ରୀବ, ଦୁଷ୍ମନ୍ତ ଶକୁନ୍ତଳା, ଚଲୋ ଦିଲ୍ଲୀ ପ୍ରଭୃତି । କୁମ୍ଭାର ସାହିରେ ମୟୂର

ନାଚ, ହୋଲି, ବସନ୍ତ ପ୍ରଭା, ମାୟା ବନ୍ଧନ, ରକ୍ତ ହୋଲି (ନୁଆଖାଲି ଓ କଲିକତାରେ ହିନ୍ଦୁ ମୁସଲମାନ ମଧ୍ୟରେ ଘଟିଥିବା ରକ୍ତପାତ), ଦଶାବତାର, ବର୍ଷା ଆଗମେ, ମୋହନ ବଂଶୀ, କଣ୍ଟ ବିକଣ୍ଟ, ତପସିଦ୍ଧି, ଝଞ୍ଜା, କାଳୀୟ ଦମନ ପ୍ରଭୃତି ନାଚ ଅନ୍ତର୍ଭୁକ୍ତ ।

ଏଠା ଛଉରେ ଢୋଲ, ମହୁରୀ, ନାଗରା, ଚଡ଼ଚଡ଼ି, ମାଦଳ, ମୃଦଙ୍ଗ ପ୍ରଭୃତି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । ମାଦଳ ବ୍ୟବହାର କରିବାର କାରଣ ହେଉଛି ତୁଂତାଲ (ଧାତୁଂ) ଉଠାଇବା ପାଇଁ ଏହାର ଦରକାର । ଏଠାରେ ନାଚ ଚରିତ୍ର ଉପଯୋଗୀ ପୋଷାକପତ୍ର ବ୍ୟବହୃତ ହୁଏ । ବିଶେଷତଃ ବହରମ ପୁରିଆ ପାଟର ବ୍ୟବହାର ହୁଏ । ନାଚରେ ଅଳଙ୍କାର ସବୁ ଦେଶୀ, ଯେପରି ମୁକୁଟ, ତାଜ, ବାହୁଟା, କଣ୍ଠିମାଳ, କୁଣ୍ଡଳ, ବାଲା, ଅଣ୍ଟାରେ କମରବନ୍ଧ, ଚନ୍ଦ୍ରହାର, ପାଦରେ ଘୁଙ୍ଗୁର ଏପରି ଅଳଙ୍କାରମାନ ବ୍ୟବହୃତ ହେଉଥିଲା । ଏବେ ବହୁ ପ୍ରକାର ନକଲି ଅଳଙ୍କାର ବ୍ୟବହୃତ ହୁଏ । ବିଭିନ୍ନ ପ୍ରକାର ଜରି ପୋଷାକର ବର୍ତ୍ତମାନ ଆଦର ବଢ଼ିଛି ।

ଏଠାର ଛଉ ନାଚରେ ବିଭିନ୍ନ ରାଗ ରାଗିଣୀ ଆଧାରିତ ଗୀତ ଓ ସ୍ୱରର ପ୍ରଚଳନ ରହିଅଛି । ଓଡ଼ିଆ ଗୀତ ଓ ରାଗରାଗିଣୀର ପ୍ରଚଳନ ଅଧିକ । ଓଡ଼ିଶୀ ରାଗର ବଙ୍ଗଳାଶ୍ରୀ, ରେଖୀ, ଜୟଜୟନ୍ତୀ ପ୍ରଭୃତି ହିନ୍ଦୁସ୍ଥାନୀ, କଓ୍ୱାଲି ଓ ଦେଶୀ ଝୁମୁରୀ ପ୍ରଭୃତି ବ୍ୟବହୃତ ହୁଏ । ଓଡ଼ିଆରେ ବିଭିନ୍ନ ଛାନ୍ଦ, ଚଉପଦୀ ଓ ବିଭିନ୍ନ ଗୀତ ବ୍ୟବହାର କରାଯାଏ ।

ଏଠାକର ଛଉନାଚରେ ଢାଲ, ଖଣ୍ଡା, ଧନୁତୀର, ତ୍ରିଶୂଳ, ଗଦା ପ୍ରଭୃତି ପାରମ୍ପରିକ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୁଏ ।

ଦର୍ଶକମାନେ ଛଉ ନାଚ ଆସରରେ ଚଉପଟେ ବସି ଛଉ ନାଚ ଦେଖନ୍ତି । ଆସରକୁ ଯିବା ଆସିବା ପାଇଁ ରାସ୍ତାଟିଏ ଥାଏ । ନୃତ୍ୟସ୍ଥଳର ଗୋଟିଏ ପାଖରେ ବାଦ୍ୟକାର ମାନେ ବସନ୍ତି ।

ଆଗରୁ ରାଜାଙ୍କ ସମୟରେ ମଶାଲ, ଦିହୁଡ଼ି ଜାଳି ନାଚ ଥାନକୁ ଆଲୋକିତ କରାଯାଉଥିଲା । ପରବର୍ତ୍ତୀ କାଳରେ ପମ୍ପ ଲାଇଟ ଓ ବିଜୁଳି ଆଲୁଅ ବ୍ୟବହାର ହେଉଛି ।

ଏଠାରେ ଛଉ ନାଚ ଆରମ୍ଭ ପୂର୍ବରୁ ଭୈରବଙ୍କୁ ପୂଜା କରାଯାଏ । ପୂର୍ବରୁ ଆଖଡ଼ା ଆରମ୍ଭ ସମୟରେ ଭୈରବଙ୍କୁ ପୂଜା କରାଯାଉଥିଲା । ଷଢ଼େଇକଳା ପରି ଏଠାରେ ମାଆ ପାଉଡ଼ୀ ଦେବୀଙ୍କୁ ମଧ୍ୟ ପୂଜା କରାଯାଏ । ଖରସୁଆଁ ହେଉଛି ଷଢ଼େଇକଳା ରାଜାଙ୍କର ଭାଇର ରାଜ୍ୟ – ଗୋଟିଏ ବଂଶ । ତେଣୁ, ଷଢ଼େଇକଳା ପରି ଏଠାରେ ସବୁ ରୀତିନୀତି ସମାନ । ଷଢ଼େଇକଳାର ଯାତ୍ରାଘଟ, ଗରିଆଭାର, ବୃନ୍ଦାବନୀ ଓ କାଳିକା ଘଟ ପରି ଏଠାରେ ମଧ୍ୟ ଏସବୁ ଅନୁଷ୍ଠିତ ହୁଏ ।

ଖରସୁଆଁ ଗଡ଼ର ଛଉ ନାଚ ଅତୀତରେ ବହୁ ପ୍ରସିଦ୍ଧି ଅର୍ଜନ କରିଥିଲା । ଚୈତ୍ର ପର୍ବ ବେଳକୁ କେନ୍ଦୁଝର ଓ କନିକାର ମହାରାଜାଙ୍କ ପରି ବିଶିଷ୍ଟ ଅତିଥିବୃନ୍ଦ ଏ ନାଚ ଦେଖି ବହୁ ତାରିଫ୍ କରିଛନ୍ତି । ୧୯୪୦ ମସିହା (ମତାନ୍ତରେ ୧୯୪୨)ରେ କେନ୍ଦୁଝର ମହାରାଜା ବଳଭଦ୍ର ଭଞ୍ଜଦେଓ ଏଠାର ଛଉ ନାଚକୁ ରୌପ୍ୟ ପଦକ ପ୍ରଦାନ କରିଥିଲେ । ୧୯୪୮ ମସିହା ଜାନୁଆରୀ ୨୬ ତାରିଖରେ ପାଟଣାଠାରେ ଅନୁଷ୍ଠିତ ଉତ୍ସବରେ ଖରସୁଆଁ ଛଉ ଅଂଶ ଗ୍ରହଣ କରିଥିଲା । ୧୯୪୯ରେ କନିକା ରାଜା ଖରସୁଆଁ ଛଉ ନେଇ କଟକରେ ପ୍ରଦର୍ଶନ କରାଇଥିଲେ । ପରବର୍ତ୍ତୀ କାଳରେ ରାଞ୍ଚିଠାରେ ଅଲ ଇଣ୍ଡିଆ ଫରେଷ୍ଟ କନ୍‌ଫରେନ୍‌ସରେ ଏଠା ଛଉ ଅଂଶ ଗ୍ରହଣ କରି ପ୍ରଶଂସିତ ହୋଇଥିବାର ଜଣାଯାଏ ।

ଖରସୁଆଁ ଗଡ଼ର ଛଉ ନୃତ୍ୟ ଏହିପରି ଏକ ଉଜ୍ଜଳ ସାଂସ୍କୃତିକ ପରମ୍ପରାର ଅଧିକାରୀ ହୋଇଅଛି ।

### (ଖ) ଧଳଭୂମ ଛଉ

ନବଗଠିତ ଝାଡ଼ଖଣ୍ଡ ରାଜ୍ୟର ସିଂଭୂମ ଜିଲ୍ଲା ଧଳଭୂମ ମହକୁମା ଅନ୍ତର୍ଗତ ରସଣଚପା ଗ୍ରାମରେ ପାରମ୍ପରିକ ଛଉ ନାଚ ଅନୁଷ୍ଠିତ ହୁଏ । ଏହି ଗ୍ରାମରେ ସାନ୍ତା, ଭୂମିଜ, ଶୁଣ୍ଢି, କର୍ମକାର, ଖଣ୍ଡାକାର, ବାଗାଲ/ବାଘାଲ, ଗୋପ୍, ଘାସି, ତନ୍ତୀ, ପାତ୍ର, ମୟରା, କାୟସ୍ଥ, ବୈଷ୍ଣବ, ବଣିଆ, ନାପିତ ପ୍ରଭୃତି ବିଭିନ୍ନ ଗୋଷ୍ଠୀ ଓ ଜାତିର ଲୋକେ ବାସ କରନ୍ତି ।

ରସଣଚପା ଗ୍ରାମରେ ଛଉନାଚର ଇତିହାସ:

ଘାଟଶିଳାର ରାଜା ଧଳଭୂମ ନାମରେ ଏକ ସ୍ୱତନ୍ତ୍ର ରାଜ୍ୟ ସ୍ଥାପନ କରି ରାଜ୍ୟ ଶାସନ କରୁଥିଲେ । ଏ ରାଜା ଜାତିରେ ଧୋବା ଥିଲେ । ଏହାଙ୍କର ପଦବୀ ଧବଳଦେବ ଥିଲା । ସର୍ଗତଃ ରାଜା ଜଗଦୀଶ ଚନ୍ଦ୍ର ଧବଳ ଦେବ ଓ ପ୍ରତାପ ଚନ୍ଦ୍ର ଧବଳଦେବଙ୍କ ସମୟରେ ରସଣଚପା ଗ୍ରାମର ମାଝୀ (ପ୍ରଧାନ) ସ୍ୱର୍ଗୀୟ ଲାଲ ମୋହନ ମାଝୀ ଏଠାରେ ଛଉ ନାଚ ସଂଗଠିତ କରାଇଥିଲେ । ତତ୍‌କାଳୀନ ଜମିଦାର ଏହି ନାଚରେ ପୋଷକତା କରିଥିଲେ ।

ଚୈତ୍ର ପର୍ବ ଉପଲକ୍ଷେ ପାଟ ଯାତ୍ରା ଅନୁଷ୍ଠିତ ହୁଏ । ଯାତ୍ରା ଉପଲକ୍ଷେ ପ୍ରଥମେ ଯାତ୍ରା ଘଟ, ଦ୍ୱିତୀୟରେ ଗୌରୀୟା (ଗରିଆ)ଭାର, ତୃତୀୟରେ କାଳିକା ଘଟ ଓ ଚତୁର୍ଥରେ ପାଟ ଘଟ ଉଠେ । ପାଟଭକ୍ତା ଦୁଇଜଣ - ଜଣେ ରାଜାଙ୍କ ତରଫରୁ ଓ ଅନ୍ୟ ଜଣେ ଗ୍ରାମ ତରଫରୁ ନିଯୁକ୍ତ ହୋଇ ଆନୁଷ୍ଠାନିକ ଦାୟିତ୍ୱ ବହନ କରନ୍ତି । ବିଭିନ୍ନ ଜାତିର ଭକ୍ତା ପଇତା/ବ୍ରତ ଧାରଣ କରନ୍ତି । ରାଜାଙ୍କ ତରଫର ପାଟଭକ୍ତା ଚଡ଼କ ଡାଙ୍ଗ ବୋହି ଆଣନ୍ତି । ମଡ଼ା ଓ ଫୋଡ଼ା ପାଟ ଅନୁଷ୍ଠିତ ହୁଏ ।

ଛଉ ନାଚର ପ୍ରକାର ଭେଦ: ପର୍ବ ଉପଲକ୍ଷେ ଅନୁଷ୍ଠିତ ଛଉରେ ଏକ ଲୋକିଆ ନାଚ, ମେଳତାଳ ଓ ଦଳ ନାଚମାନ ହୁଏ । ଏସବୁ ପୌରାଣିକ, ମହାକାବ୍ୟିକ, ସାମାଜିକ ଓ ଐତିହାସିକ ବିଷୟଭିତ୍ତିକ ନାଚ ।

ନାଚର ନାମ: ଲକ୍ଷଭେଦ, ବସ୍ତ୍ର ହରଣ, ଅଶ୍ୱମେଧ ଯଜ୍ଞ, ସମୁଦ୍ର ମନ୍ଥନ, ସମୁଦ୍ର ବନ୍ଧନ, କାଳଚକ୍ର, କୃଷ୍ଣଙ୍କର ଧୂଳିଖେଳ, ଅଭିମନ୍ୟୁ ବଧ, ଦ୍ରୌପଦୀ ସ୍ୱୟମ୍ବର, ଶିକାରୀ ଶବର, ବାଘୁଣୀ ଶବରୀ, ଭାଇ ଭାଇ, ହିନ୍ଦୁ ମୁସଲମାନ ବିରୋଧ, ଶତ୍ରୁ ଦଳନ, ବଇରୀ ଗଞ୍ଜନ, ପତାକା ଉଡ଼ା, ଦେଶପ୍ରେମୀ, ହାଡ଼ ଖୁଣ୍ଟା ଡାକିନୀ, ମେଦିନୀ କମ୍ପା, ପ୍ରଭୃତି ବିଭିନ୍ନ ବିଷୟରେ ନାଚ ଅନୁଷ୍ଠିତ ହୁଏ ।

ନାଚର ସମୟ: ଛଉ ନାଚ ସାଧାରଣତଃ ଚୈତ୍ର ପର୍ବରେ ଅନୁଷ୍ଠିତ ହୁଏ । ସଂକ୍ରାନ୍ତି ଦିନ ସମଗ୍ର ଅଞ୍ଚଳରେ ସର୍ବତ୍ର ନାଚ ଅନୁଷ୍ଠିତ ହେଲେ ଦର୍ଶକ, ବଣିକ, ବାଦ୍ୟକାର ପ୍ରଭୃତିଙ୍କର ଅସୁବିଧା ହେବା ହେତୁ ସୁବିଧା ଅନୁସାରେ ବୈଶାଖ ଓ ଜ୍ୟେଷ୍ଠ ଏପରିକି ଆଷାଢ଼ ମାସର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଧଳଭୂମିର ବିଭିନ୍ନ ସ୍ଥାନରେ ଛଉ ନାଚ ଅନୁଷ୍ଠିତ ହୁଏ । ରସଣଚପା ଗ୍ରାମରେ ଜ୍ୟେଷ୍ଠ ପୂର୍ଣ୍ଣିମା (ଚନ୍ଦନ ପୂର୍ଣ୍ଣିମା)ରେ ପ୍ରତିବର୍ଷ ନାଚ ଅନୁଷ୍ଠିତ ହୁଏ । ସାନଗ୍ରାମ, ହେସେଲବିଲ ପ୍ରଭୃତି ଗ୍ରାମରେ ଆଷାଢ଼ ମାସରେ ଛଉ ନାଚ ହୋଇଥାଏ ।

ନୃତ୍ୟକାରୀ: ରସଣଚପା ଗ୍ରାମରେ ବାସ କରୁଥିବା ବିଭିନ୍ନ ଗୋଷ୍ଠୀ ଓ ଜାତିର ଲୋକେ ମିଶି ଛଉ ନାଚନ୍ତି । ବିଶେଷତଃ ସାନ୍ତାଳ ଗୋଷ୍ଠୀର ଲୋକେ ଏଠା ଛଉ ନାଚରେ ମୁଖ୍ୟ ଅଂଶ ଗ୍ରହଣ କରନ୍ତି ।

ବାଦ୍ୟ: ଏଠାକାର ଛଉ ନାଚରେ ଧୁମସା, ଢୋଲ, ମହୁରୀ, କରତାଳ, ଝାଞ୍ଜ, ଝୁମୁକା, ବଇଁଶୀ ଓ ହାରମୋନିଅମ୍ ପ୍ରଭୃତି ପାରମ୍ପରିକ ଓ ଆଧୁନିକ ବ୍ୟବହୃତ ହୁଏ ।

ବାଦ୍ୟକାର: ଏଠାକାର ବାଦ୍ୟକାର ଭାବରେ ହାଡ଼ି, ଡମ, ଘାସି, ମୁଖୀ, ପ୍ରଭୃତି ଜାତିର ଲୋକେ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାନ୍ତି । ଖଣ୍ଡାୟତ ଜାତିର ଲୋକେ ଆଧୁନିକ ବାଦ୍ୟଯନ୍ତ୍ର ବଜାନ୍ତି ।

ଓସ୍ତାତ୍: ଏଠାରେ ଛଉ ନାଚ ପାଇଁ ଅନ୍ୟ ସ୍ଥାନରୁ ଓସ୍ତାତ୍ ଆସନ୍ତି । ପୂର୍ବେ ଏ ଗ୍ରାମର କେତେକ ଛଉ ଓସ୍ତାତ୍ ଶିକ୍ଷା ଦେଉଥିଲେ । ସେମାନଙ୍କ ମଧ୍ୟରେ ମଙ୍ଗୁଲୁମୁଖୀ, ନଟବର ମୁଖୀ, ରାସ କମାର ପ୍ରଭୃତି ପ୍ରଧାନ । ବର୍ତ୍ତମାନ ଲୀଳା ଡାଙ୍ଗରେ ବ୍ରାହ୍ମଣ ଜାତିର ଓସ୍ତାତ ନାଚ ଶିଖାନ୍ତି । ତାଙ୍କର ନାମ ମିଟୁ ଠାକୁର ।

ପୋଷାକ: ଏଠାର ଛଉ ନାଚରେ ଶାଢ଼ୀ, ବ୍ଲାଉଜ, ସେମିଜ, ଧୋତି, ଗେଞ୍ଜି, ପଗଡ଼ି ଇତ୍ୟାଦି ଚରିତ୍ର ଉପଯୋଗୀ ପୋଷାକ ବ୍ୟବହୃତ ହୁଏ । ଛଉ ନାଚର ସଜା ପାଇଁ ଟାଟାରୁ ସଜାକାରୀ ଆସନ୍ତି ।

ଅଳଙ୍କାର:ନାଚରେ ତାଜ୍, ନାକଫୁଲ, ରିଂ, ବଳା, ହାର, ନୁଥ, ଚୁଡ଼ି, ବଟଫଳ, ବାଜୁ, ଖଡୁ, ବାହୁଟି, ମୁଦି, ଘୁଙ୍ଗୁର ପ୍ରଭୃତି ଅଳଙ୍କାର ବ୍ୟବହାର କରାଯାଏ ।

ଅସ୍ତ୍ରଶସ୍ତ୍ର: ନାଚରେ କାଠ ବାଉଁଶର ନିର୍ମିତ ଖଣ୍ଡା, ଢାଲ, ତରୁଆଲ, ଧନୁଶର, ବର୍ଚ୍ଛା, ତ୍ରିଶୂଳ ପ୍ରଭୃତି ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୁଏ ।

ଦେବତା: ଏଠାକାର ମହାଦେବଙ୍କର ନାମ ଲିଙ୍ଗେଶ୍ୱର । ଗାଜନ ଶିବଙ୍କର ପର୍ବ । ତେଣୁ ଗାଜନ ନୃତ୍ୟ ସମୟରେ ଛଉ ନୃତ୍ୟ ହୁଏ । ଛଉ ନାଚର ଏକ ସପ୍ତାହ ପୂର୍ବରୁ ଶିବଙ୍କୁ ପୂଜା କରାଯାଏ ।

ପୂଜକ: ଶିବଙ୍କୁ ବ୍ରାହ୍ମଣ ଜାତିର ଲୋକ ପୂଜା କରନ୍ତି । ଖଣ୍ଡାୟତ ଜାତିର ଲୋକ ଦେହୁରୀ ଭାବରେ ଭୈରବଙ୍କୁ ପୂଜା କରନ୍ତି । ଚଡ଼କ ପର୍ବରେ ସେ ଘଟ ବୋହି ଆଣନ୍ତି । ସେ ମଡ଼ା ପାଟ ହୁଅନ୍ତି ।

ବଳି: ଶିବଙ୍କ ପାଖରେ ବଳି ପଡ଼େ ନାହିଁ । ଏଠାରେ କାଳୀ ମନ୍ଦିର ନାହିଁ । ଚଡ଼କ ପୂଜା ସମୟରେ କାଳୀକା ଘଟ ଆଣି ସ୍ଥାପନା କରାଗଲା ପରେ ବଳି ପଡ଼େ ।

ଛଉ ନାଚର ସମୟ: ପ୍ରଥମେ ଗାଁର ପ୍ରଧାନ (ମାଝୀ)ଙ୍କ ଦୁଆରେ ନାଚ ପୂର୍ଣ୍ଣିମାର ଆଗ ଦିନ ହୁଏ । ପୂର୍ଣ୍ଣିମା ଦିନ ଶିବଙ୍କ ମନ୍ଦିର ଆଗ ପଡ଼ିଆରେ ନାଚ ହୁଏ । ସାଧାରଣତଃ ରାତି ଦଶଟାରୁ ସକାଳ ୭ଟା ପର୍ଯ୍ୟନ୍ତ ନାଚ ହୁଏ ।

ମଞ୍ଚ: ଏଠାରେ ଗୋଲାକୃତି ସ୍ଥଳରେ ନାଚ ହୁଏ । ନାଚ ଥାନର ଚାରି ପାଖରେ ଦର୍ଶକମାନେ ବସନ୍ତି । ଯିବା ଆସିବା ନିମନ୍ତେ ସରୁ ରାସ୍ତାଟିଏ ରହିଥାଏ ।

ମହଡ଼ା: ଏଠାରେ ଛଉ ନାଚରେ ମହଡ଼ା ବ୍ୟବହାର କରାଯାଏ । ମହଡ଼ା ସହିତ 'ଛାତ୍' ଲଗାଇ ନାଚନ୍ତି । ମହଡ଼ାଟି ମାଟି ଓ କନାରେ ତିଆରି ହୁଏ । ଛାତ ସହିତ ମହଡ଼ାର ଓଜନ ପ୍ରାୟ ୨୫ କି.ଗ୍ରା. ପର୍ଯ୍ୟନ୍ତ ହୁଏ । ଏଠାରେ ମହଡ଼ା, ମୁଖୋସ୍, ମୁହାଁ, ଏପରି ତିନି ଗୋଟି ଶବ୍ଦ ପ୍ରଚଳିତ । ଛାତ୍ ଓ ମହଡ଼ା ବିଭିନ୍ନ ରଙ୍ଗ କାଗଜ ଜରି ଫୁଲରେ ସଜ୍ଜିତ ହୋଇଥାଏ । ଛାତ୍‌ଟି ଝାଉଁରେ ନିର୍ମିତ । ବାବୁ, ବାଘ, ସିଂହ, ସାପ, ଶିବ, ଗଣେଶ, ଦୁର୍ଗା ପ୍ରଭୃତି ନାଚରେ ମହଡ଼ା ବ୍ୟବହୃତ ହୁଏ ।

କୋହି ଗାଁ ଆର ଘଟ, ବାରିପଦାର ଥାଟ
ଚରଚିତାର ପାଟ ଆଉ ଚନ୍ଦ୍ରୀର ନାଟ ॥

ପୂର୍ବତନ ମୟୂରଭଞ୍ଜ ରାଜ୍ୟ (ଅଧୁନା ମୟୂରଭଞ୍ଜ ଜିଲ୍ଲା) ମୁରୁଡ଼ା ଥାନା ଅଧୀନରେ କୋହି ଗ୍ରାମ ଏକ ପ୍ରାଚୀନ ସମୃଦ୍ଧ ଜନବସତି । ଏଠାରେ ତାମୁଡ଼ିଆ ପୁରାଣମାନେ ଅଧିକ ସଂଖ୍ୟାରେ ବାସ କରନ୍ତି । ମହାରାଜା ସେମାନଙ୍କୁ ତମାଡ଼୍ ଅଞ୍ଚଳରୁ ଆଣାଇ ଏଠାରେ ବସତି କରାଇଥିବାରୁ ପ୍ରମାଣ । ସେଇ କୋହି ଗ୍ରାମରେ ପଣା ସଂକ୍ରାନ୍ତିରେ ଆନୁଷ୍ଠିତ ଘଟ ଉତ୍ସବ ଅତ୍ୟନ୍ତ ଆକର୍ଷଣୀୟ ଓ ବିଖ୍ୟାତ ।

ଖିରସୁଆଁରେ ଅନୁଷ୍ଠିତ ହେଉଥିବା ଯାତ୍ରାଘଟ ସହିତ ତା'ର ଘନିଷ୍ଠତା ଲକ୍ଷ୍ୟ କରାଯାଏ । 'ବାରିପଦାର ଥାଟ' କଥାଟି ବିଶେଷ ପ୍ରଣିଧାନଯୋଗ୍ୟ । ଓଡ଼ିଆ 'ଥାଟ' ଶବ୍ଦର ଆଭିଧାନିକ ଅର୍ଥ ସୈନ୍ୟ ଦଳ କିମ୍ବା ଆଡ଼ମ୍ବର ପ୍ରଭୃତି । ଚଇତ୍ର ପରବରେ ଏହି ପୂର୍ବତନ ରାଜ୍ୟର ରାଜଧାନୀ ବାରିପଦାରେ ଦରବାର ପକ୍ଷରୁ ପ୍ରଦର୍ଶିତ ପାଇକ ବାହିନୀର ଆଡ଼ମ୍ବରପୂର୍ଣ୍ଣ ଖେଳ / ନାଚ (ପାଇକ ନାଚ) ବହୁ ପ୍ରସିଦ୍ଧି ଅର୍ଜନ କରିଥିଲା । ତତ୍କାଳୀନ ମୟୂରଭଞ୍ଜ ରାଜ୍ୟ ଅଧୀନସ୍ଥ ନୟା ବସାଣ ପରଗଣା ଅନ୍ତର୍ଗତ ଚୋରଚିତା ଓ ଚନ୍ଦ୍ରୀ ମଧ୍ୟ ଏକ ଏକ ସମୃଦ୍ଧ ଗ୍ରାମ ।

ସେ ସବୁ ଗ୍ରାମରେ ଅନୁଷ୍ଠିତ ହେଉଥିବା ପାଟ ଯାତ୍ରା (ନିଆଁପାଟ, କଣ୍ଟାପାଟ ପ୍ରଭୃତି) ଓ ଛଉ ନୃତ୍ୟର ଖ୍ୟାତି ପ୍ରତିଷ୍ଠିତ ହୋଇଥିଲା ।

ଚୋରଚିତାରେ ଶିବ ଗାଜନ ପର୍ବର ଦୁଇ ରାତି ଆଗରୁ ଛଉ ନାଚ ହୁଏ । ଏଠାରେ ଛଉ ନାଚ ପ୍ରତିଯୋଗିତା ମୂଳକ । ଗୋଟିଏ ଆସରରେ ଦୁଇ ଦଳର ନାଚ ପ୍ରଦର୍ଶିତ ହୁଏ । ନାଚରେ ମୁଖା ବା ମୁହାଁର ବ୍ୟବହାର ଅଛି । ବାରିପଦାର ଛଉ ଅନୁକରଣରେ ମୁଖା ବିହୀନ ନାଚ ମଧ୍ୟ ହୁଏ । ମହାରାଜାଙ୍କ ଅମଳରେ ଏଠାରେ ଗାଜନ ପର୍ବ ଓ ଛଉ ନାଚ ମୟୂରଭଞ୍ଜ ରାଜ୍ୟର ଅନୁଦାନ ଅର୍ଥରେ ସଂପନ୍ନ ହେଉଥିଲା ।

ଚିଲିକିଗଡ଼ ନାଚରେ ପରଭାର ପ୍ରଚଳନ ରହିଅଛି । ଗୋଟିଏ ଗୋଟିଏ ପରଭା ନୃତ୍ୟ ସହ ପ୍ରଦର୍ଶିତ ହୁଏ । ବର୍ତ୍ତମାନ ଚିଲିକିଗଡ଼ ବ୍ୟତୀତ ଝାଡ଼ଗ୍ରାମର ଅନ୍ୟ କୌଣସି ସ୍ଥାନରେ ପରଭାର ପ୍ରଚଳନ ଥିବାର ଜଣା ନାହିଁ । ଏଠାରେ କାଠ ତିଆରି ପରଭା ଗୁଡ଼ିକ ସୁନ୍ଦର ।

ପରଭା ବା ପ୍ରଭା ସହ ନାଚ ଧଳଭୂମର କେତେକ ସ୍ଥାନରେ ପ୍ରଚଳିତ ଅଛି । ଆଗରୁ ବାରିପଦା ସହ ମୟୂରଭଞ୍ଜର ଗ୍ରାମାଞ୍ଚଳରେ ଚୈତ୍ର ପରବ ସମୟକୁ ପରଭା କାଠିଆ ବାହାରୁଥାଏ ।

ବାରିପଦାରେ ମୁହୁଣ୍ଡା ସହ ବାଉଁଶ ତିଆର ପ୍ରଭା ପିଠିରେ ବାନ୍ଧି ଛଉ ନାଚ ହେଉଥିବା ବିଷୟ ସ୍ୱର୍ଗତଃ ଦିବାକର ଭଞ୍ଜବାବୁ ଲେଖିଛନ୍ତି ।

ଝାଡ଼ଗ୍ରାମ ଅଞ୍ଚଳରେ ମୁଖା/ମୁହାଁ/ମହଡ଼ା ଶବ୍ଦ ପ୍ରଚଳିତ । କାଠ ଓ ମାଟି କନା କାଗଜରେ ନିର୍ମିତ ଦୁଇ ପ୍ରକାରର ମୁଖା ପ୍ରଚଳିତ ଥିବା ଦେଖାଯାଏ । କାଠର ମୁଖା ଗୁଡ଼ିକ ପ୍ରାଚୀନ ଓ ସଂଖ୍ୟାରେ ଅଳ୍ପ । ପୁରୁଲିଆ କିମ୍ବା ଷଢ଼େଇକଳା ପରି ମୁଖା ତିଆରି ପାଇଁ କୌଣସି ସ୍ୱତନ୍ତ୍ର ନିର୍ମାଣ କେନ୍ଦ୍ର ନାହିଁ । ପର୍ବ ସମୟରେ ବାହାରୁ କିରି ଆଣି ନାଚରେ ବ୍ୟବହାର କରିଥାନ୍ତି । ମୁଖା ଗୁଡ଼ିକ ବିଭିନ୍ନ ଚରିତ୍ର ଯଥା - ବୁଢ଼ାବୁଢ଼ୀ, କାଳୀ,ଗଣେଶ, କାର୍ତ୍ତିକ, ବାଘ, ଭାଲୁ, ବାରହା, ହରିଣ, ସିଂହ, ହନୁମାନ ଓ ବାବୁ ପ୍ରଭୃତି ଚରିତ୍ର ଉପଯୋଗୀ ହୋଇଥାଏ । ଆଗରୁ ଏଠାରେ ତାଣ୍ଡବ ଭାବରେ ନାଚ ଅଧିକ ପ୍ରଚଳନ ଥିଲା । ବର୍ତ୍ତମାନ ଲାସ୍ୟ ଧର୍ମୀ ନାଚର ପ୍ରଚଳନ ଅଧିକ । ତେବେ ଏ ଅଞ୍ଚଳର ନାଚ ଗୁଡ଼ିକରେ ସଂହତ ବ୍ୟାକରଣ ଓ ଶୃଙ୍ଖଳା ଅଭାବ ପରିଲକ୍ଷିତ ହୁଏ ।

ଏ ଅଞ୍ଚଳରେ ପ୍ରଚଳିତ ନାଚ ଗୁଡ଼ିକ ସାମାଜିକ, ପୌରାଣିକ, କାଳ୍ପନିକ ଓ ପ୍ରାକୃତିକ ଏପରି ବିଭିନ୍ନ ବିଷୟ ସମ୍ବଳିତ । ସାମାଜିକ ବିଷୟ ସମ୍ବଳିତ ନାଚରେ ଶ୍ରମଜୀବି ମଣିଷର ଜୀବନ ଚିତ୍ର ପ୍ରଦର୍ଶିତ ହୁଏ । ଛୁଆ ସୋହାଗୀ, ଚଷା, ଜେଲେ, ତନ୍ତୀ ପ୍ରଭୃତି ନାଚ ଏ ସବୁର ଉଦାହରଣ । ଏ ସବୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଦର୍ଶିତ ହୁଏ । ଗରୁଡ଼ ବାହନ, ଯମୁନା କୂଳିନ, ହଟ ନାଗର, ଦେବୀ ଯାତ୍ରା, କୃଷ୍ଣ ରାଧା ପ୍ରଭୃତି ପୌରାଣିକ କାହାଣୀ, ସିଂହନାଚ, କଣ୍ଢାଲଙ୍କା, ମାଛି ପିଟିକା ପ୍ରଭୃତି ପ୍ରାକୃତିକ ଓ ନାଗର ଝାଟା, ସୁକା ଡାଲି ପ୍ରଭୃତି କାଳ୍ପନିକ ବିଷୟବସ୍ତୁ ସମ୍ବଳିତ ନାଚ ପ୍ରଦର୍ଶିତ ହୁଏ । ପ୍ରାକୃତିକ ଓ ପଶୁପକ୍ଷୀ ସମ୍ବନ୍ଧୀୟ ନାଚରେ ଅଙ୍ଗଭଙ୍ଗୀ ପ୍ରଦର୍ଶନ କଷ୍ଟକର ହୁଏ । ସିଂହ ନାଚରେ ପଶୁରାଜ ସିଂହର ପଦକ୍ଷେପ, ଶରୀର ସଂଚାଳନ, ଗତି ଓ ଲମ୍ଫ ଆଦି ବାସ୍ତବିକ ଆକର୍ଷଣୀୟ ହୋଇଥାଏ ।

ଝାଡ଼ ଗ୍ରାମରେ ଛଉ ନାଚରେ ପାଲାବଦ୍ଧ ନାଚର ପ୍ରଚଳନ ନାହିଁ । ଏକକ ଓ ମେଳ ନାଚର ପ୍ରଚଳନ ଅଛି । ବାରିପଦା ଛଉ ନାଚରେ ପ୍ରଭାବ ସାଙ୍ଗକୁ ସିଂହଭୂମ ନାଚର ପ୍ରଭାବ ପରିଲକ୍ଷିତ ହୁଏ ।

ଏଠା ଛଉ ନାଚରେ ଟାକ, ଢୋଲ, ସାଇନା ପ୍ରଭୃତି ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । ଏ ଅଞ୍ଚଳରେ ସର୍ବତ୍ର ଧୁମ୍‌ସାର ବ୍ୟବହାର ଦେଖାଯାଏ ନାହିଁ । ଡୋମ ଲୋକେ ବାଦ୍ୟ ବଜାନ୍ତି । ନାଚ ସମୟରେ ଅନେକ ସମୟରେ ବାଦ୍ୟକାରମାନେ ନୃତ୍ୟକାରୀ ମାନଙ୍କ ସହିତ ଆସରରେ ଥାଇ ବାଦ୍ୟ ବଜାନ୍ତି । ପୁରୁଲିଆ ଛଉ ନାଚର ପ୍ରଭାବ ଏପରି ହୋଇଥାଇ ପାରେ ।

ଏ ଅଞ୍ଚଳରେ ଛଉ ନାଚରେ ଲୋକ ଗୀତ ଓ ପୌରାଣିକ ଗୀତର ପ୍ରଚଳନ ଅଛି । ଝୁମର ଗୀତର ପ୍ରାଧାନ୍ୟ ଅଧିକ । ପୌରାଣିକ ନାଚରେ କୌଣସି ଲୌକିକ କବିଙ୍କର ରଚନା କିମ୍ବା ଓଡ଼ିଶୀ ଛାନ୍ଦ, ଚଉପଦୀର ବ୍ୟବହାର ହୋଇଥାଏ । ଗୀତର ଭାଷା ମୁଖ୍ୟତଃ ଓଡ଼ିଆ ଓ ବଙ୍ଗଳା ଭାଷା ମିଶ୍ରିତ । ଆଦିବାସୀ ଓ ଆଞ୍ଚଳିକ ଶବ୍ଦର ପ୍ରଭାବ ମଧ୍ୟ ପରିଲକ୍ଷିତ ହୁଏ । ଏ ସବୁ ଗୀତରେ ମୁଖ୍ୟତଃ ପ୍ରେମ, ବିରହ, କରୁଣା, ବୀରତ୍ୱ ଭାବ ପ୍ରକଟିତ ହୋଇଥାଏ ।

ସାଧାରଣତଃ ମହାଦେବ ମନ୍ଦିର ଆଗରେ ଥିବା ଖୋଲା ପଡ଼ିଆରେ ଛଉ ନାଚ ଅନୁଷ୍ଠିତ ହୁଏ । ନାଚ ହେବା ଆଗରୁ ଅନେକ ସ୍ଥାନରେ ମଞ୍ଚ ସ୍ଥଳକୁ ସମତଳ କରି ଗୋବର ଲିପାଯାଏ । କେଉଁଠି କେଉଁଠି ମାଟି ପକାଇ ମଞ୍ଚସ୍ଥଳ ନିର୍ମିତ ହୁଏ । ଗୋଲାକାର ନୃତ୍ୟସ୍ଥଳର ଚାରିପାଖରେ ଦର୍ଶକ ବସି ନାଚ ଦେଖନ୍ତି । ଦୁଇ ପାଖରେ ମଞ୍ଚକୁ ଯିବା ଆସିବା ପାଇଁ ରାସ୍ତା ଥାଏ ।

ଝାଡ଼ଗ୍ରାମର ଛଉ ନାଚରେ ବ୍ରାହ୍ମଣ, ସାମନ୍ତ, ଖଣ୍ଡାୟତ, ତନ୍ତୀ, ଜାଲି, ସାନ୍ତାଳ ପ୍ରଭୃତି ବିଭିନ୍ନ ଜାତି ଓ ଗୋଷ୍ଠୀର ଲୋକେ ଅଂଶ ଗ୍ରହଣ କରନ୍ତି । ନାରୀ ଭୂମିକାରେ ପୁରୁଷ ଅଭିନୟ କରନ୍ତି ।

ସଂପ୍ରତି ସବୁ ସ୍ଥାନରେ ଛଉ ନାଚ ପରି ଝାଡ଼ଗ୍ରାମରେ ଛଉନାଚ ସମାଜରେ ସାଧାରଣ ଲୋକଙ୍କଠାରୁ ବିଶେଷ ପ୍ରୋତ୍ସାହନ ପାଉନାହିଁ । ଆର୍ଥିକ ଦିଗରୁ ଅସଚ୍ଛଳ ବହୁ ଶିଳ୍ପୀ କଳାପ୍ରତି ସ୍ୱଭାବଗତ ଟାଣ ହେତୁ ଏପରି ନାଚରେ ଅଂଶ ଗ୍ରହଣ କରିଥାନ୍ତି । ଶିକ୍ଷିତ ଯୁବକ ଓ ଯୁବତୀମାନେ ଆଗ୍ରହୀ ହେଲେ ଝାଡ଼ଗ୍ରାମର ଛଉ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରି ପାରିବ ଏଥିରେ ସନ୍ଦେହ ନାହିଁ ।

### (ଘ) କେନ୍ଦୁଝର ରାଜ୍ୟର ଛଉ ନାଚ:

ଓଡ଼ିଶାର ପୂର୍ବତନ ଗଡ଼ଜାତ ରାଜ୍ୟ ଗୁଡ଼ିକ ମଧ୍ୟରେ ଦ୍ୱିତୀୟ ବୃହତ୍ତମ ରାଜ୍ୟ ରୂପେ ପରିଗଣିତ କେନ୍ଦୁଝର ୨୧°୧' ଓ ୨୨°୧୦' ଉତ୍ତର ଅକ୍ଷାଂଶ ଏବଂ ୮୫°୧୧' ଓ ୮୬°୨୨' ପୂର୍ବ ଦ୍ରାଘିମା ରେଖା ମଧ୍ୟରେ ଅବସ୍ଥିତ । ଏହାର ଉତ୍ତର ଦିଗରେ ସିଂଭୂମ ଜିଲ୍ଲା, ପୂର୍ବରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା, ଦକ୍ଷିଣରେ କଟକ ଓ ଢେଙ୍କାନାଳ ଏବଂ ପଶ୍ଚିମ ଦିଗରେ ଢେଙ୍କାନାଳ ଓ ସୁନ୍ଦରଗଡ଼ ଜିଲ୍ଲା ଅବସ୍ଥିତ । ଏହାର କ୍ଷେତ୍ରଫଳ ୮,୨୪୦ ବର୍ଗ କି.ମି. । ରାଜ୍ୟ ମିଶ୍ରଣ ପରେ ଓଡ଼ିଶା ପ୍ରଦେଶର ଏକ ଜିଲ୍ଲାରେ ପରିଣତ । ୧୯୮୧ ଜନ ସୁମାରୀ ରିପୋର୍ଟ ଅନୁସାରେ ଏହି ଜିଲ୍ଲାର ଲୋକସଂଖ୍ୟା ୧୧,୧୪,୬୨୨ । ଜିଲ୍ଲାଟି କେନ୍ଦୁଝର ସଦର, ଚମ୍ପୁଆ ଓ ଆନନ୍ଦପୁର – ଏପରି ତିନିଗୋଟି ସବ୍‌ଡିଭିଜନରେ ବିଭକ୍ତ ।

ଏ ଅଞ୍ଚଳରେ ଛଉ ନାଚରେ ଲୋକ ଗୀତ ଓ ପୌରାଣିକ ଗୀତର ପ୍ରଚଳନ ଅଛି । ଝୁମର ଗୀତର ପ୍ରାଧାନ୍ୟ ଅଧିକ । ପୌରାଣିକ ନାଚରେ କୌଣସି ଲୌକିକ କବିଙ୍କର ରଚନା କିମ୍ବା ଓଡ଼ିଶୀ ଛାନ୍ଦ, ଚଉପଦୀର ବ୍ୟବହାର ହୋଇଥାଏ । ଗୀତର ଭାଷା ମୁଖ୍ୟତଃ ଓଡ଼ିଆ ଓ ବଙ୍ଗଳା ଭାଷା ମିଶ୍ରିତ । ଆଦିବାସୀ ଓ ଆଞ୍ଚଳିକ ଶବ୍ଦର ପ୍ରଭାବ ମଧ୍ୟ ପରିଲକ୍ଷିତ ହୁଏ । ଏ ସବୁ ଗୀତରେ ମୁଖ୍ୟତଃ ପ୍ରେମ, ବିରହ, କରୁଣା, ବୀରତ୍ୱ ଭାବ ପ୍ରକଟିତ ହୋଇଥାଏ ।

ସାଧାରଣତଃ ମହାଦେବ ମନ୍ଦିର ଆଗରେ ଥିବା ଖୋଲା ପଡ଼ିଆରେ ଛଉ ନାଚ ଅନୁଷ୍ଠିତ ହୁଏ । ନାଚ ହେବା ଆଗରୁ ଅନେକ ସ୍ଥାନରେ ମଞ୍ଚ ସ୍ଥଳକୁ ସମତଳ କରି ଗୋବର ଲିପାଯାଏ । କେଉଁଠି କେଉଁଠି ମାଟି ପକାଇ ମଞ୍ଚସ୍ଥଳ ନିର୍ମିତ ହୁଏ । ଗୋଲାକାର ନୃତ୍ୟସ୍ଥଳର ଚାରିପାଖରେ ଦର୍ଶକ ବସି ନାଚ ଦେଖନ୍ତି । ଦୁଇ ପାଖରେ ମଞ୍ଚକୁ ଯିବା ଆସିବା ପାଇଁ ରାସ୍ତା ଥାଏ ।

ଝାଡ଼ଗ୍ରାମର ଛଉ ନାଚରେ ବ୍ରାହ୍ମଣ, ସାମନ୍ତ, ଖଣ୍ଡାୟତ, ତନ୍ତୀ, ଜାଲି, ସାନ୍ତାଳ ପ୍ରଭୃତି ବିଭିନ୍ନ ଜାତି ଓ ଗୋଷ୍ଠୀର ଲୋକେ ଅଂଶ ଗ୍ରହଣ କରନ୍ତି । ନାରୀ ଭୂମିକାରେ ପୁରୁଷ ଅଭିନୟ କରନ୍ତି ।

ସଂପ୍ରତି ସବୁ ସ୍ଥାନରେ ଛଉ ନାଚ ପରି ଝାଡ଼ଗ୍ରାମରେ ଛଉନାଚ ସମାଜରେ ସାଧାରଣ ଲୋକଙ୍କଠାରୁ ବିଶେଷ ପ୍ରୋତ୍ସାହନ ପାଉନାହିଁ । ଆର୍ଥିକ ଦିଗରୁ ଅସଚ୍ଛଳ ବହୁ ଶିଳ୍ପୀ କଳାପ୍ରତି ସ୍ୱଭାବଗତ ଟାଣ ହେତୁ ଏପରି ନାଚରେ ଅଂଶ ଗ୍ରହଣ କରିଥାନ୍ତି । ଶିକ୍ଷିତ ଯୁବକ ଓ ଯୁବତୀମାନେ ଆଗ୍ରହୀ ହେଲେ ଝାଡ଼ଗ୍ରାମର ଛଉ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରି ପାରିବ ଏଥିରେ ସନ୍ଦେହ ନାହିଁ ।

## (ଘ) କେନ୍ଦୁଝର ରାଜ୍ୟର ଛଉ ନାଚ:

ଓଡ଼ିଶାର ପୂର୍ବତନ ଗଡ଼ଜାତ ରାଜ୍ୟ ଗୁଡ଼ିକ ମଧ୍ୟରେ ଦ୍ୱିତୀୟ ବୃହତ୍ତମ ରାଜ୍ୟ ରୂପେ ପରିଗଣିତ କେନ୍ଦୁଝର ୨୧°୧' ଓ ୨୨°୧୦' ଉତ୍ତର ଅକ୍ଷାଂଶ ଏବଂ ୮୫°୧୧' ଓ ୮୬°୨୨' ପୂର୍ବ ଦ୍ରାଘିମା ରେଖା ମଧ୍ୟରେ ଅବସ୍ଥିତ । ଏହାର ଉତ୍ତର ଦିଗରେ ସିଂଭୂମ ଜିଲ୍ଲା, ପୂର୍ବରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା, ଦକ୍ଷିଣରେ କଟକ ଓ ଢେଙ୍କାନାଳ ଏବଂ ପଶ୍ଚିମ ଦିଗରେ ଢେଙ୍କାନାଳ ଓ ସୁନ୍ଦରଗଡ଼ ଜିଲ୍ଲା ଅବସ୍ଥିତ । ଏହାର କ୍ଷେତ୍ରଫଳ ୮,୨୪୦ ବର୍ଗ କି.ମି. । ରାଜ୍ୟ ମିଶ୍ରଣ ପରେ ଓଡ଼ିଶା ପ୍ରଦେଶର ଏକ ଜିଲ୍ଲାରେ ପରିଣତ । ୧୯୮୧ ଜନ ସୁମାରୀ ରିପୋର୍ଟ ଅନୁସାରେ ଏହି ଜିଲ୍ଲାର ଲୋକସଂଖ୍ୟା ୧୧,୧୪,୬୨୨ । ଜିଲ୍ଲାଟି କେନ୍ଦୁଝର ସଦର, ଚମ୍ପୁଆ ଓ ଆନନ୍ଦପୁର – ଏପରି ତିନିଗୋଟି ସବ୍‌ଡିଭିଜନରେ ବିଭକ୍ତ ।

୧ ୯୪୮ ମସିହା ଜାନୁଆରୀ ପହିଲାରେ ଓଡ଼ିଶା ପ୍ରଦେଶ ସହିତ ଏହି ରାଜ୍ୟର ମିଶ୍ରଣ ଘଟିଥିଲା । ଏହି ରାଜ୍ୟର ପ୍ରତିଷ୍ଠା ସଂପର୍କରେ କଥିତ ଅଛି ଯେ, ଦ୍ୱାଦଶ ଶତାବ୍ଦୀରେ ଜ୍ୟୋତି ଭଞ୍ଜ ଏହି ରାଜ୍ୟ ସ୍ଥାପନ କରି ବେତରଣୀ ନଦୀ କୂଳରେ ଅବସ୍ଥିତ ନିଜ ନାମାନୁସାରେ ନାମିତ ଜ୍ୟୋତିପୁର ଗ୍ରାମରେ ରାଜଧାନୀ ପ୍ରତିଷ୍ଠା କରିଥିଲେ । ପରବର୍ତ୍ତୀ କାଳରେ ଅଧିକ ସୁରକ୍ଷିତ ଓ କେନ୍ଦ୍ର ସ୍ଥଳକୁ ନିଜର ରାଜଧାନୀ ସ୍ଥାନାନ୍ତରିକ କରି ଦୁର୍ଗ ନିର୍ମାଣ କରିଥିଲେ । ଦୁର୍ଗର ନିକଟରେ ଝରଟିଏ ପ୍ରବାହିତ ହେଉଥିଲା ଓ ତାହା ଗୋଟିଏ କେନ୍ଦୁଗଛ ମୂଳରୁ ବାହାରିଥିଲା । ଝରଟି କେନ୍ଦୁମୂଳରୁ ବାହାରିଥିବା ହେତୁ ଓ ରାଜା ସେଠାରେ ଦୁର୍ଗ ନିର୍ମାଣ କରି ରାଜଧାନୀ ପ୍ରତିଷ୍ଠା କରି ରାଜ୍ୟ ଶାସନ କରିବା କାରଣରୁ ସେହିସ୍ଥାନ ସହିତ ରାଜ୍ୟର ନାମ କେନ୍ଦୁଝର ହେବାର କୁହାଯାଏ । କେନ୍ଦୁଝର ଶବ୍ଦଟି ଲୋକ ମୁଖରେ କେଉଁଝର ପରିଣତ ହୋଇଥିବାର ଜଣାଯାଏ । ଦ୍ୱାଦଶ ଶତାବ୍ଦୀରେ ଭଞ୍ଜରାଜା ଜ୍ୟୋତିଭଞ୍ଜ ରାଜ୍ୟର ରାଜଧାନୀ ଭାବରେ ସେଠାରେ ଦୁର୍ଗ ନିର୍ମାଣ କରିବା ପୂର୍ବରୁ ସ୍ଥାନଯିର ନାମ କେଉଁଝର ଥିବାର ଜଣାଯାଏ । ପ୍ରାଚୀନ କାଳରେ ଏହା ସମ୍ଭବତଃ 'ଖିଜିଙ୍ଗ ମଣ୍ଡଳ'ର ଅନ୍ତର୍ଭୁକ୍ତ ଥିଲା ଓ ଜ୍ୟୋତିଭଞ୍ଜଙ୍କ ସମୟରେ ଏହା ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହୋଇଥିଲା ।

ଏହି ପୂର୍ବତନ ରାଜ୍ୟଟି ପ୍ରାକୃତିକ ଭାବରେ ଉଚ୍ଚ ଓ ନିମ୍ନ – ଏପରି ଦୁଇ ଭାଗରେ ବିଭକ୍ତ । ନିମ୍ନ ଅଂଶରେ ସମତଳ ଭୂମି ଓ ଉପର ଅଂଶରେ ଉଚ୍ଚ ଭୂମି, ପାହାଡ଼, ପର୍ବତ ଥିବାର ଦେଖାଯାଏ । ପର୍ବତ ମାନଙ୍କ ମଧ୍ୟରେ ଗନ୍ଧମାର୍ଦ୍ଧନ, ମାଙ୍କଡ଼ ନଗ, ଗୋନାସିକା, ଠାକୁରାଣୀ, ସୀତାବିଞ୍ଚି ପ୍ରଭୃତି ଉଲ୍ଲେଖଯୋଗ୍ୟ । ରାଜ୍ୟରେ ବୈତରଣୀ, ଅରଡ଼େଇ, କଁଝାରୀ, ସୀତା, ମାଛକାନ୍ଦଣା, କାରୋ, ସାଳନ୍ଦୀ ପ୍ରଭୃତି ନଦୀ ପ୍ରବାହିତ ଓ ମୁର୍ଗା ଏବଂ ହାଣ୍ଡିଭଙ୍ଗା ପ୍ରପାତ ଅବସ୍ଥିତ । ଲୌହ ପଥର ଓ ବିଭିନ୍ନ ପ୍ରାକୃତିକ ସଂପଦରେ ରାଜ୍ୟଟି ପରିପୂର୍ଣ୍ଣ ରହିଥିବାର ଜଣାଯାଏ ।

ଜନଜାତି ମାନଙ୍କ ମଧ୍ୟରେ କୋହ୍ଲ, ଗଣ୍ଡ, ସାଉଁନ୍ତି, ଶବର ପ୍ରଭୃତି ଆଦିବାସୀ, ସମ ହିନ୍ଦୁ ଅଧିବାସୀଙ୍କ ମଧ୍ୟରେ ପାଣ, ଭୂୟାଁ ଓ ବାଥୁଡ଼ି ଏବଂ ହିନ୍ଦୁ ଜାତି ମଧ୍ୟରେ ଖଣ୍ଡାୟତ, ବ୍ରାହ୍ମଣ, ଗଉଡ଼ ପ୍ରଭୃତି ଲୋକମାନେ ବାସ କରନ୍ତି । ଏ ରାଜ୍ୟର ଜନଜାତି ଭୂୟାଁ ଗୋଷ୍ଠୀର ଲୋକେ ଅତୀତରେ ଅନେକ ଥର ରାଜ୍ୟର ଶାସକଙ୍କ ବିରୁଦ୍ଧରେ ସାମରିକ ବିଦ୍ରୋହ ଘଟାଇ ଥିବା ଜଣାଯାଏ ।

ଏକଦା ରାଜାଙ୍କର ପୋଷକତା ଫଳରେ ରାଜ୍ୟର ପୂର୍ବତନ ରାଜଧାନୀ ଜ୍ୟୋତିପୁର, କେଉଁଝର ଗଡ଼ ଓ ଅସନପାଟ ପ୍ରଭୃତି ଅଞ୍ଚଳରେ ଛଉ ନାଚର ଚରମ ଉନ୍ନତି ସାଧିତ

ହୋଇଥିଲା । ଏଠାରେ ଛଉ ନାଚରେ ଷଢ଼େଇକଲା ଓ ବାରିପଦା ଛଉ ନୃତ୍ୟ ଶୈଳୀରେ ନାଚ ସବୁ ଗଠିତ ହୋଇଥିଲା । ରାଜ୍ୟ ମିଶ୍ରଣ ପରେ ପୋଷକତା ଅଭାବରୁ ଏ ରାଜ୍ୟରୁ ଛଉ ନାଚର ଅବଲୁପ୍ତି ଘଟିବାରେ ଲାଗିଛି ।

ବର୍ତ୍ତମାନ ଜ୍ୟୋତିପୁର ଗ୍ରାମରେ ଏ ସଂପର୍କୀୟ କ୍ଷେତ୍ର ଅଧ୍ୟୟନ ବିବରଣୀ ଉପସ୍ଥାପିତ ହେଉଛି । ଜ୍ୟୋତି ପୁର ଗ୍ରାମର ପାତ୍ର ସାହି ଓ ଭୂୟାଁ ସାହିର ଲୋକ ଛଉ ନାଚ ନାଚୁଥିଲେ । ଏଠାରେ ପାତ୍ର, ଭୂୟାଁ, କୋହ୍ଲ, ମହାନ୍ତ, ଧୋବା, କେଉଟ ପ୍ରଭୃତି ବିଭିନ୍ନ ଜାତି ଓ ଗୋଷ୍ଠୀର ଲୋକେ ଛଉ ନାଚରେ ଅଂଶ ଗ୍ରହଣ କରୁଥିବା ଜଣାଯାଏ । ଜ୍ୟୋତିପୁର ଠାରୁ ରାଜଧାନୀ ସ୍ଥାନାନ୍ତରିକ ହେବା ପରେ ଏହି ଗ୍ରାମ ଜଣେ ସର୍ଦ୍ଦାରଙ୍କ ଅଧୀନରେ ରହିଥିଲା । ସର୍ଗତଃ କୃତ୍ତିବାସ ପଟ୍ଟନାୟକ ଏଠାର ଅନ୍ୟତମ ସର୍ଦ୍ଦାର ରୂପେ ରାଜାଙ୍କ ନିକଟରୁ ସନନ୍ଦ ପାଇ ନିଯୁକ୍ତ ହୋଇଥିଲେ । ଏ ଗ୍ରାମର କେତେକ ବୟସ୍କ ଲୋକେ କହନ୍ତି ଯେ ରାଜାଙ୍କ ସମୟରେ ପ୍ରତି ଗ୍ରାମରେ ପାଇକାଳି ଦଳଟିଏ ଥାଏ । ଏମାନେ ପଦାତିକ ସୈନ୍ୟ ଭାବରେ ନିୟମିତ ଯୁଦ୍ଧାଭ୍ୟାସ କରିବା ସହିତ ଛଉ ନାଚୁଥିଲେ । ନାଚଗୁଡ଼ିକ ପୌରାଣିକ, କିମ୍ବଦନ୍ତୀ ମୂଳକ, ପ୍ରାକୃତିକ ଓ ସାମାଜିକ ବିଷୟ ଆଧାରିତ । ଏଗୁଡ଼ିକ ମଧ୍ୟରେ ଈଶ୍ୱରତାଳ, ପର୍ଶୁରାମ, ଶିକାରୀ, ଖଣ୍ଡାଯୁଦ୍ଧ, ଶବର, ବାବୁ, ବାଇତାଳ ପ୍ରଭୃତି ଉଲ୍ଲେଖଯୋଗ୍ୟ ନାଚ । ନାଚରେ ପାରମ୍ପରିକ ଅସ୍ତ୍ର ଯଥା ଖଣ୍ଡା, ଢାଲ, ତୀରଧନୁ, ଗଦା, ମୁଦୁଗର ପ୍ରଭୃତି ଧରି ପାଇକମାନେ ଛଉ ନାଚୁଥିଲେ ଓ ଏଥିବେଳେ ଢୋଲ, ମାଦଳ, ନାଗରା, ବଇଁଶୀ, ହାର୍ମୋନିୟମ ପ୍ରଭୃତି ବାଦ୍ୟ ବାଜୁଥିଲା । କେତେଜଣ ପୂର୍ବଦିନ ପ୍ରବୀଣ ବାଦ୍ୟକାର ମାନେ ହେଲେ ଝଗୁଡୁ ମହାନ୍ତ, ଯଦୁନାଥ ମହାନ୍ତ, ଈଶ୍ୱର ମହାନ୍ତ ଓ କୃଷ୍ଣ ମହାନ୍ତ ।

ଛଉ ନାଚବେଳେ ପୁରୁଷମାନେ ସ୍ତ୍ରୀ ବେଶ ହୋଇ ନାଚୁଥିଲେ । ସେମାନେ ଶାଢ଼ୀ, ସାୟା, ବ୍ଲାଉଜ, କେଶୀ ପ୍ରଭୃତି ପିନ୍ଧି ସଜେଇ ହେଉଥିଲେ । ପୁରୁଷ ମାନେ ଧୋତି, ଗେଞ୍ଜି, ଗାମୁଛା, ପଗଡ଼ି ପ୍ରଭୃତି ଉପଯୋଗୀ ପୋଷାକ ପିନ୍ଧୁଥିଲେ । ଏହା ବାଦ୍ ନାଚର ବିଷୟ ଅନୁସାରେ ଚରିତ୍ରମାନେ ପୋଷାକ ପିନ୍ଧୁଥିଲେ । ନାଚର ଚରିତ୍ରମାନେ ଚୁଡ଼ି, ଗୁଣା, ଫୁଲି, ନୁଲକ୍, ଗୁଲି, ବଟଫଳ, ବାହୁଟି, କାନ ଫାସିଆ, ମଥାରେ ମଣି, ରୁପା ଫୁଲ, ବଳା ପ୍ରଭୃତି ଅଳଙ୍କାର ପିନ୍ଧୁଥିଲେ । ବିଭିନ୍ନ ରଙ୍ଗ ଓ ରଙ୍ଗ ମାଟି ସବୁ ଲଗାଇ ସାଜୁଥିଲେ ।

ଆଗରୁ ଏଠାର ନାଚରେ ମୁଖା ଲଗାଇ ନାଚ ହେଉଥିଲା । ଷଢ଼େଇକଲାରୁ ମୁଖା ତିଆରିବା ପାଇ ନିର୍ମାତାମାନେ ଆସୁଥିଲେ । ସେମାନେ ଆସି ଏଠାରେ କିଛି ଦିନ ରହି ମୁଖା

ଏଠାରେ ପାଟ ପର୍ବ ପ୍ରଧାନ । ଏହି ପର୍ବ ସଂପର୍କରେ ଲୋକୋକ୍ତି ଟିଏ ପ୍ରଚଳିତ ଅଛି । ତାହା ହେଉଛି

"ବ୍ରାହ୍ମଣୀ କୁଳିଆ ପାଟ
ଖରସୁଆଁର ଯାତ୍ରା ଘଟ
ଷଢ଼େଇକଳିଆ ନାଚ ।"

ତାଳଚେର ଠାରେ ସାଧାରଣତଃ ଦୋଳପୂର୍ଣ୍ଣିମା ସମୟରେ ଛଉ ନାଚ ଅନୁଷ୍ଠିତ ହୁଏ । ଆଗେ ରାଜ ପରିବାରର କୌଣସି ଉତ୍ସବ, ବିବାହ, ବ୍ରତ, ପୂଜା କିମ୍ବା ବିଶିଷ୍ଟ ଅତିଥିଙ୍କ ଆଗମନ ଅଥବା ରାଜକୁମାରଙ୍କ ଜନ୍ମଦିନ ଉପଲକ୍ଷେ ଛଉନାଚ ଅନୁଷ୍ଠିତ ହେଉଥିଲା । ରାଜା କିଶୋର ଚନ୍ଦ୍ର ଛଉନାଚକୁ ପୋଷକତା ପ୍ରଦାନ କରିଥିବାର ଜଣାଯାଇଅଛି । କିଶୋର ଚନ୍ଦ୍ର ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ରଙ୍କ ସହପାଠୀ ଥିଲେ । ଷଢ଼େଇକଳା ରାଜ ପରିବାର ସହିତ ତାଳଚେର ରାଜାଙ୍କର ବୈବାହିକ ସମ୍ବନ୍ଧ ରହିଥିଲା । ବାରିପଦା ଓ ଷଢ଼େଇକଳା ରାଜ ପରିବାରକୁ ଯିବା ଆସିବା ଫଳରେ ପ୍ରବାହିତ ହୋଇ ରାଜା କିଶୋର ଚନ୍ଦ୍ର ନିଜ ରାଜ୍ୟରେ ଛଉ ନାଚ ଆରମ୍ଭ କରିଥିଲେ । ୧୯୨୩ ମସିହାରେ ବାରିପଦାର ଛଉ ନାଚ ତାଳଚେର ଯାଇଥିଲା । ପରେ ରାଜା ସାହେବ ଏଠାର ବାଇଧର ବେହେରା ଓ ଦାରୋଗା ବେହେରାଙ୍କୁ ସାନଭାଇ କେଶବ ଚନ୍ଦ୍ରଙ୍କ ସହିତ ବାରିପଦାର ଚୈତ୍ର ପର୍ବ ଓ ଛଉନାଚ ଅନୁଧ୍ୟାନ କରିବାକୁ ପଠାଇଥିଲେ । ସେମାନେ ବାରିପଦାରେ କିଛି ଦିନ ରହି ଫେରିବା କାଳରେ ତିନି ଜଣ ଛଉ ଓସ୍ତାଦ୍‌ଙ୍କୁ ସାଙ୍ଗରେ ନେଇ ତାଳଚେର ଫେରିଥିଲେ । ସେହି ଓସ୍ତାଦ ମାନେ ତାଳଚେରଠାରେ ରହି ଛଉ ନାଚ ଶିକ୍ଷା ଦେଇଥିଲେ । ପ୍ରଥମେ ଗୋଟିଏ ଦଳ ଗଢ଼ା ହୋଇଥିଲା । ବାରିପଦାର ଛଉ ଓ ଷଢ଼େଇକଳାର ଛଉ ନାଚ ଶୈଳୀ ମଧ୍ୟରେ ତୁଳନା କରି କିଶୋର ଚନ୍ଦ୍ର ମୟୂରଭଞ୍ଜ ଶୈଳୀ ଗ୍ରହଣ କରିଥିଲେ । କେଶବ ଚନ୍ଦ୍ର ମାନ୍ଧାତା ନାଚ ପାଇଁ କଲିକତାରୁ ଦୁଇ ହଜାର ଟଙ୍କାର ପୋଷାକ ଅଣାଇଥିଲେ । କିଶୋର ଚନ୍ଦ୍ର ନିଜେ ଜଣେ କବି, କଳାକାର ଓ କଳାପ୍ରେମୀ ଥିବାରୁ ଛଉ ପ୍ରତି ତାଙ୍କର ଅଧିକ ଆକର୍ଷଣ ରହିଥିଲା ।

ପରବର୍ତ୍ତୀ କାଳରେ ତାଳଚେରର ନୀଳ ମହାରଣାଙ୍କୁ ନାଚ ଶିକ୍ଷା ପାଇଁ ବାରିପଦା ପଠାଯାଇଥିଲା । ସେ ଫେରିଆସି ଡମ ସାହି ଓ ଭୈରବ ସାହିର ଲୋକଙ୍କ ସହଯୋଗରେ ଦୁଇ ଗୋଟି ଦଳ ଗଢ଼ାଇ ଛଉ ନାଚ ଶିକ୍ଷା ଦେଇଥିଲେ ।

ଛଉ ନାଚ ଆରମ୍ଭରେ ଭୈରବ, ମଙ୍ଗଳା, ରାଧାକୃଷ୍ଣ ପ୍ରଭୃତିଙ୍କ ପାଖରେ ପୂଜା ଆରାଧନା କରାଯାଇଥିଲା । ପୂଜା ସମୟରେ ଭୈରବୀଙ୍କ ନିକଟରେ ବଳି ପଡୁଥିଲା । ଭୈରବ ଓ ମଙ୍ଗଳାକୁ ଗୋପାଳ ଜାତିର ଦେହୁରୀ ପୂଜା କରୁଥିଲେ । ରାଧାକୃଷ୍ଣଙ୍କୁ ବ୍ରାହ୍ମଣ ପୂଜା କରୁଥିଲେ । ଛଉ ନାଚ ନିମନ୍ତେ ଭୈରବଙ୍କୁ ସ୍ଥାପନା କଲା ପୂର୍ବରୁ ଏଠା ଜଗନ୍ନାଥଙ୍କର ଅନୁମତି ନିଆଯାଇଥିଲା ।

ଏଠାରେ ନାଚ ପ୍ରଦର୍ଶନର ପ୍ରାୟ ଦୁଇ ମାସ ପୂର୍ବରୁ ଆଖଡ଼ା ହୁଏ । ଛଉ ସହିତ ବାଡ଼ି ଖେଳ ଓ କାଠି ଖେଳର ଆଖଡ଼ା ମଧ୍ୟ ହୁଏ । ଆଖଡ଼ା ସମୟରେ "ଆଖଡ଼ା ବନ୍ଦନା" ହୁଏ । ଆଖଡ଼ା ଆରମ୍ଭ ପୂର୍ବରୁ ଆଖଡ଼ା ଶାଳରେ ଭୈରବୀଙ୍କୁ ପୂଜା କରାଯାଏ । ପୂଜାରୁ ଉଠିବା ପରେ ଛଉ, ବାଡ଼ି ଓ କାଠି ନାଚର ଅନୁକୂଳ ହୁଏ । ଫଗୁଣ ମାସର ଦଶମୀ ତିଥିରେ ଛଉ ନାଚରେ ସଫଳ ହେବା ଉଦ୍ଦେଶ୍ୟରେ ରାଧାକୃଷ୍ଣଙ୍କୁ ପୂଜା କରି ମାନସିକ କରାଯାଏ । ଛଉ ନାଚ ଶେଷରେ ଷୋଡ଼ଶ ଉପଚାରରେ ପୂଜା କରାଯାଏ ।

ତାଳଚେର ଛଉ ନାଚରେ ଗୋପାଳ, କେଉଟ, ଡମ ଜାତିର ଲୋକେ ନାଚୁଥିଲେ । ବର୍ତ୍ତମାନ କେବଳ ଅରା ସାହିରେ ଗୋପାଳ ମାନେ ନାଚୁଛନ୍ତି । ଭୈରବୀ ସାହିର ଲୋକେ ଛଉ ନାଚ ବନ୍ଦ କରିଛନ୍ତି । ଏଠାରେ ପୁରୁଷ ମାନେ କେବଳ ଛଉରେ ଅଂଶ ଗ୍ରହଣ କରନ୍ତି ।

ଆଗରୁ ଏଠା ଛଉରେ କାଳି, ହନୁମାନ, ରାବଣ, ବାଳି, ଅଙ୍ଗଦ, ସୁଗ୍ରୀବ ପ୍ରଭୃତିଙ୍କର ମୁଖା ବ୍ୟବହୃତ ହେଉଥିଲା । ବର୍ତ୍ତମାନ ମୁଖାର ବ୍ୟବହାର ନାହିଁ । ଏଠାର ଛଉ ନାଚରେ ଢୋଲ, ଧମସା, ମହୁରୀ, ଝୁମୁକା, ବିଗୁଲ, ହାର୍ମୋନିୟମ୍, ବଇଁଶୀ ପ୍ରଭୃତି ବାଦ୍ୟଯନ୍ତ୍ର ବ୍ୟବହୃତ ହେଉଥିଲା । ଏଠାରେ ଧୁମସାଙ୍କୁ "ନିଶାଣୀ" ଓ "ବଡ଼କାଠ" ମଧ୍ୟ କୁହାଯାଏ ।

ଏଠାକାର ବାଦ୍ୟକାର ଭାବରେ ସର୍ବଶ୍ରୀ ଦୁର୍ଗା ଚରଣ ବେହେରା, ଗୋଲକ ବେହେରା, ଟଙ୍କଧର ବେହେରା, ସୁଗ୍ରୀ ବେହେରା ପ୍ରଭୃତି ପ୍ରସିଦ୍ଧି ଅର୍ଜନ କରିଥିଲେ ।

ଛଉ ନାଚ ଓ ବାଦ୍ୟ ଶିକ୍ଷା ପାଇଁ ରାଜା କିଶୋର ଚନ୍ଦ୍ର ଷଢ଼େଇକଳା ଓ ବଣେଇ ରାଜ୍ୟକୁ ଏଠାରୁ ଲୋକ ପଠାଇଥିଲେ । ପରବର୍ତ୍ତୀ କାଳରେ ମୟୂରଭଞ୍ଜ ରାଜ୍ୟରୁ ଛଉ ନାଚ ଶିକ୍ଷା ପାଇଁ ଏଠା ଓସ୍ତାଦ୍ ମାନେ ଯାଇଥିଲେ । ପରେ ବାରିପଦାରୁ ଓସ୍ତାଦ୍ ମାନେ ଆସି ଏଠାରେ ଛଉ ଶିକ୍ଷା ଦେଇଥିଲେ । ବଣେଇରୁ ଭାବ ନାଏକ ଓ ପ୍ରହ୍ଲାଦ ନାଏକ ଦୁଇ ଜଣ ଡମ ଜାତିର ଲୋକ ଆସି ତାଳଚେରରେ ଛଉ ନାଚ ଓ ବାଦ୍ୟ ଶିକ୍ଷା ଦେଇଥିଲେ । ରାଜା କିଶୋର ଚନ୍ଦ୍ର ସେମାନଙ୍କର ଦରମା ଓ ଖାଦ୍ୟପେୟର ସୁବନ୍ଦୋବସ୍ତ କରିଥିଲେ ।

ଏଠାରେ ଛଉ ନାଚରେ ପାଇକ, ପର୍ଶୁରାମ, କଂସବଧ, କାଳୀୟ ଦଳନ, ରାଜ କିଶୋର, କୃଷ୍ଣ ଘର ମିଳନ, ମଦନ ମୋହନ ପ୍ରଭୃତି ନାଚ ଅନୁଷ୍ଠିତ ହେଉଥିଲା । ଚରିତ୍ର ମାନେ ଧୋତି, ଗେଞ୍ଜି, ଗାମୁଛା, ଶାଢ଼ୀ, ବ୍ଲାଉଜ, ଶାୟା ପ୍ରଭୃତି ସହ ଯାତ୍ରା ଧରଣର ଜରିଦାର ମୂଲ୍ୟବାନ ପୋଷାକ ବ୍ୟବହାର କରୁଥିଲେ । ନାଚରେ ସିନ୍ଥି, କାନଫୁଲ, ଚଣା, ତାଡ଼, ବଟଫଳ, ବାଜୁ ଚୁଡ଼ି, ଅଣ୍ଟାସୂତା, ହାର ଓ ଘୁଙ୍ଗୁର ପ୍ରଭୃତି ଅଳଙ୍କାର ବ୍ୟବହାର କରୁଥିବାର ଜଣାଯାଏ ।

ତାଳଚେର ଛଉନାଚରେ ଓଡ଼ିଶୀ ଛନ୍ଦ, ଚମ୍ପୂ ବ୍ୟତୀତ ଲୋକଗୀତ ମଧ୍ୟ ବ୍ୟବହୃତ ହେଉଥିବାର ଦେଖାଯାଏ । ଏଥିରେ ବ୍ୟବହୃତ କେତେକ ଗୀତ ସଂଗୃହୀତ ହୋଇ ପରିଶିଷ୍ଟରେ ଯୋଗ କରାଯାଇଛି ।

ଏଠାରେ ଛଉ ନାଚରେ ମଣିପୁରୀ ଓ କଥକ ନାଚର ପ୍ରଭାବ ପଡ଼ିଥିବାର କେହି କେହି ମତ ପ୍ରଦାନ କରନ୍ତି ।

ରାଜାଙ୍କ ସମୟରେ ତାଳଚେର ରାଜ୍ୟର ଛଉ ବହୁ ପ୍ରସିଦ୍ଧି ଅର୍ଜନ କରିଥିବା ଜଣାଯାଏ ।

**(ଚ) ଢେଙ୍କାନାଳର ଛଉ:**

ପୂର୍ବତନ ଢେଙ୍କାନାଳ ରାଜ୍ୟ ୨୧°୧୧' ଓ ୨୦°୩୧' ଉତ୍ତର ଅକ୍ଷାଂଶ ଏବଂ ୮୫° ୧୦' ଓ ୮୬°୦୨' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହାର ଉତ୍ତର ଦିଗରେ ପାଲଲହଡ଼ା ଓ କେନ୍ଦୁଝର ରାଜ୍ୟ, ପୂର୍ବ ଦିଗରେ କଟକ ଜିଲ୍ଲା , ଦକ୍ଷିଣ ଦିଗରେ ଆଠଗଡ଼, ତିଗିରିଆ ଓ ବଡ଼ମ୍ବା ରାଜ୍ୟ ଏବଂ ପଶ୍ଚିମ ଦିଗରେ ହିନ୍ଦୋଳ, ଅନୁଗୁଳ ଓ ତାଳଚେର ରାଜ୍ୟ ଅବସ୍ଥିତ । ୧୮୫୭ ମସିହାର ଟପୋଗ୍ରାଫିକାଲ ସର୍ଭେ ଅନୁଯାୟୀ ଏହି ରାଜ୍ୟର କ୍ଷେତ୍ରଫଳ ୧, ୪୬୩ ବର୍ଗ ମାଇଲ ଏବଂ ଏଥିରେ ୯୬୮ ଗୋଟି ଗ୍ରାମ ଓ ଦୁଇ ଗୋଟି ସହର ଅବସ୍ଥିତ ଥିଲା । ବ୍ରାହ୍ମଣୀ ନଦୀ ରାଜ୍ୟର ଉତ୍ତର ପଶ୍ଚିମ ଦିଗରୁ ଦକ୍ଷିଣ ପୂର୍ବ ଦିଗକୁ ୬୮ ମାଇଲ ପ୍ରବାହିତ ହୋଇ ସାଧାରଣ ଭାବେ ରାଜ୍ୟକୁ ଦୁଇ ଭାଗରେ ବିଭକ୍ତ କରିଛି । ରାଜ୍ୟର ଉତ୍ତର ଦିଗରେ ଘନ ଜଙ୍ଗଲ ପରିପୂର୍ଣ୍ଣ ଅଞ୍ଚଳରେ ବିକ୍ଷିପ୍ତ ଜନବସତି ରହିଥିଲା । ସମଗ୍ର ରାଜ୍ୟରେ ବିକ୍ଷିପ୍ତ ଭାବରେ ପର୍ବତ ମାନ ରହିଥିବାର ଦେଖାଯାଏ । ଏହି ଭିତରୁ ଉତ୍ତରରେ ରଞ୍ଜନାଗୁଡ଼ା ଓ ଅନନ୍ତପୁର ପର୍ବତମାଳା, ଦକ୍ଷିଣ ପୂର୍ବରେ କପିଳାସ ପର୍ବତମାଳା ମୁଖ୍ୟ । ଏ ସବୁ ପର୍ବତ ମାନଙ୍କରୁ ଅନେକ ଗୁଡ଼ିଏ ଝରଣା ବାହାରି ବ୍ରାହ୍ମଣୀ କିମ୍ବା ଏହାର ପ୍ରଧାନ ଶାଖା ନଦୀ ରାମିଆଳରେ ମିଶିଛନ୍ତି । କପିଳାସ ପର୍ବତର ଉଚ୍ଚତା ୨,୨୩୯ ଫୁଟ ।

ରାଜ୍ୟର ଆଦିମ ଅଧିବାସୀ ମାନଙ୍କ ମଧ୍ୟରେ ଶବର ଗୋଷ୍ଠୀର ଲୋକେ ସଂଖ୍ୟାଧିକ । ସମହିନ୍ଦୁ ଅଧିବାସୀ ମାନଙ୍କ ମଧ୍ୟରେ ପାଣଙ୍କ ସଂଖ୍ୟା ଅଧିକ । ହିନ୍ଦୁ ଜାତିର ଲୋକଙ୍କ ମଧ୍ୟରେ ଚଷା, ଗଉଡ଼, ଖଣ୍ଡାୟତ, ବ୍ରାହ୍ମଣ, ତେଲି, କେଉଟ, ତନ୍ତୀ ପ୍ରଭୃତି ମୁଖ୍ୟ ଅଧିବାସୀ । ମୁସଲମାନ ଓ ଖ୍ରୀଷ୍ଟିଆନ ସଂପ୍ରଦାୟର ଲୋକେ ଅଳ୍ପ ସଂଖ୍ୟାରେ ବାସ କରୁଥିବାର ଦେଖାଯାଏ ।

କଥିତ ଅଛି ଯେ ସପ୍ତଦଶ ଶତକର ମଧ୍ୟ ଭାଗରେ (ମତାନ୍ତରେ ତ୍ରୟୋଦଶ ଶତକ) ଖୋର୍ଦ୍ଧା ରାଜବଂଶୀ ସିଂହ ବିଦ୍ୟାଧର ଢେଙ୍କାନାଳ ରାଜ୍ୟ ପ୍ରତିଷ୍ଠା କରିଥିଲେ । ରାଜ୍ୟଟି ଅଧିକାର ବଳରେ ମୂଳ ଅଧିବାସୀ ମାନଙ୍କ ମୁଖିଆ ଢେଙ୍କା ଶବରକୁ ଗୋଟିଏ ନାଳରେ ହତ୍ୟା କରିଥିବାରୁ ରାଜ୍ୟଟିର ନାମ ଢେଙ୍କାନାଳ ହୋଇଥିବାର କୁହାଯାଏ । ମୃତ୍ୟୁ କାଳରେ ଢେଙ୍କା ଶବର ସର୍ବଦା ପୂଜିତ ହେବାର ଇଚ୍ଛା ପ୍ରକାଶ କରିଥିଲା । ପ୍ରାସାଦର ପଶ୍ଚିମ ଦିଗରେ ଅବସ୍ଥିତ ଢେଙ୍କା ଶବରମୁଣ୍ଡ ନାମରେ ପଥରଟିଏ ବର୍ଷରେ ଥରେ ଦୁଇ ଥର ପୂଜିତ ହୁଏ । ଏ ରାଜ୍ୟରେ ଅବସ୍ଥିତ ଭୀମ ନଗରିଠାରେ ଦ୍ୱାଦଶ ଶତାବ୍ଦୀର ଉତ୍କଳର ଗଜପତି ଅନଙ୍ଗ ଭୀମଦେବ ଜନ୍ମ ଗ୍ରହଣ କରିଥିବାର କିମ୍ବଦନ୍ତୀ ପ୍ରଚଳିତ ଅଛି । କପିଳାସ ପର୍ବତ ଉପରେ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ଷୋଡ଼ଶ ଶତକରେ ଗଜପତି ପ୍ରତାପ ରୁଦ୍ର ଦେବଙ୍କ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା । ଢେଙ୍କାନାଳ ରାଜ୍ୟର କୌଣସି ନିର୍ଦ୍ଦିଷ୍ଟ ସୀମାରେଖା ନଥିଲା ଓ ଏହା ସର୍ବଦା ପରିବର୍ତ୍ତନ ହେଉଥିବାର ବିଷୟ ପ୍ରାଚୀନ ବିବରଣୀମାନଙ୍କରୁ ଜଣାଯାଏ । ଅତୀତ କାଳରେ ଏ ରାଜ୍ୟର ରାଜାମାନେ ବିଭିନ୍ନ ସମୟରେ ବହୁ ଯୁଦ୍ଧରେ ଲିପ୍ତ ରହୁଥିଲେ । ରାଜା ତ୍ରିଲୋଚନ ମହେନ୍ଦ୍ର ବାହାଦୁର ଖ୍ରୀ. ୧୭୫୬-୧୭୯୮ଙ୍କ ରାଜତ୍ୱ କାଳରେ ସଂଘଟିତ ଯୁଦ୍ଧ ବିଷୟ ପ୍ରସିଦ୍ଧ 'ସମର ତରଙ୍ଗ' କାବ୍ୟରେ ବର୍ଣ୍ଣିତ ହୋଇଅଛି । ରାଜା ତ୍ରିଲୋଚନ ଜଣେ ଅତି ପରାକ୍ରମୀ ଶାସକ ଥିଲେ । ତାଙ୍କ ପରାକ୍ରମରେ ବିମୁଗ୍ଧ ଓଡ଼ିଶାର ଗଜପତି ତାଙ୍କୁ 'ମହେନ୍ଦ୍ର ବାହାଦୁର' ଉପାଧି ପ୍ରଦାନ କରିଥିଲେ । ରାଜ୍ୟଟିର କେତେକ କରଦ ରାଜ୍ୟ ମଧ୍ୟ ଥିଲା । ଏଠାର ରାଜା ଭାଗିରଥି ମହେନ୍ଦ୍ର ବାହାଦୁର ଜଣେ ପ୍ରଭୁତ କ୍ଷମତା ସଂପନ୍ନ ଶାସକ ଥିଲେ । ସେ ୧୯୬୯ ଖ୍ରୀ.ରେ ଇଂରେଜ ସରକାରଙ୍କ ଠାରୁ 'ମହାରାଜା' ଉପାଧିରେ ଭୂଷିତ ହୋଇଥିଲେ । ସେ ନିସନ୍ତାନ ହୋଇଥିବାରୁ ବୌଦ୍ଧ ରାଜ୍ୟର ରାଜାଙ୍କର ସାନଭାଇ ଦିନବନ୍ଧୁକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ । ରାଜା ଭାଗିରଥି ମହେନ୍ଦ୍ର ବାହାଦୁର ୧୮୭୭ ଖ୍ରୀ. ରେ ଇହଧାମ ପରିତ୍ୟାଗ କରିଥିଲେ । ତାଙ୍କ ପରେ ପୋଷ୍ୟ ପୁତ୍ର ଦୀନବନ୍ଧୁ ରାଜା ହୋଇଥିଲେ ହେଁ ଅଳ୍ପ ବୟସରେ ଖ୍ରୀ. ୧୮୮୫ରେ ମୃତ୍ୟୁ ବରଣ କରିବାରୁ ତାଙ୍କ ପୁତ୍ର ବିଂଶତମ ବଂଶଧର ରାଜା ସୁର ପ୍ରତାପ ମହେନ୍ଦ୍ର ବାହାଦୁର ରାଜ୍ୟର ଶାସନ ଭାର ଗ୍ରହଣ କରିଥିଲେ । ଏ ରାଜ୍ୟ ପ୍ରତୀକ ମାଛ ।

ଢେଙ୍କାନାଳର ସାମରିକ ଇତିହାସରେ ପାଇକ ମାନଙ୍କ ବିଶେଷ ଭୂମିକା ରହିଥିଲା । ଏହି ରାଜ୍ୟର ପଦାତିକ ବାହିନୀର ସାହସ, ପରାକ୍ରମ ଓ ରଣକୌଶଳ ଢେଙ୍କାନାଳ ରାଜ୍ୟର ଇତିହାସରେ କେବଳ ନୁହେଁ ସମଗ୍ର ଓଡ଼ିଶାର ପାଇକମାନଙ୍କର ଯୁଦ୍ଧ ଇତିହାସରେ ଅତ୍ୟନ୍ତ ଗୌରବପୂର୍ଣ୍ଣ ଓ ସ୍ମରଣୀୟ ହୋଇ ରହିଅଛି । ଓଡ଼ିଆ ସାହିତ୍ୟରେ ଅନ୍ୟାନ୍ୟ ମହାକବି ବ୍ରଜନାଥ ବଡ଼ଜେନା (ଖ୍ରୀ. ୧୭୩୦-୧୭୯୫)ଙ୍କ ରଚିତ 'ସମର ତରଙ୍ଗ' ଏପରି ଏକ ଗୌରବମୟ ଘଟଣାର ଅନବଦ୍ୟ କାବ୍ୟିକ ପ୍ରକାଶ । ଦୁର୍ଦ୍ଧର୍ଷ ମରହଟ୍ଟା ସେନାପତି ରାଜା ରାମଙ୍କ ସେନା ବାହିନୀ ସହିତ ତତ୍କାଳୀନ ଢେଙ୍କାନାଳ ରାଜା ବୀର ତ୍ରିଲୋଚନ ମହେନ୍ଦ୍ର ବାହାଦୁର ଙ୍କର ଖ୍ରୀ. ୧୭୭୯ରେ ଯୁଦ୍ଧ ଘଟିଥିଲା । ଏହି ଯୁଦ୍ଧରେ ମରହଟ୍ଟମାନେ ଶୋଚନୀୟ ପରାଜୟ ବରଣ କରିଥିଲେ । ପାଇକ ବାହିନୀର ଏହି ଗୌରବମୟ ସାମରିକ ପରମ୍ପରାକୁ ଏଠା ଛଉ ନୃତ୍ୟ ଧାରଣ କରି ପରିପୁଷ୍ଟ ହୋଇଥିଲା ।

୧୮୯୦ ଖ୍ରୀ. ପୂର୍ବରୁ ଢେଙ୍କାନାଳର ବଳରାମପୁର ଓ ଚନ୍ଦ୍ରଶେଖର ପ୍ରସାଦ ଦୁଇଟି ପାଇକ ଅଧ୍ୟୁଷିତ ଗ୍ରାମର ପାଇକ ଆଖଡ଼ା ଓ ଛଉ ନାଚ ନିମନ୍ତେ ଖ୍ୟାତି ଲାଭ କରିଥିଲା । ଏଠାକାର ମହାରାଜା ସୁରପ୍ରତାପ ମହେନ୍ଦ୍ର ବାହାଦୁରଙ୍କ ମାଆ ବଣେଇ ରାଜକନ୍ୟା । ଏହି ସୂତ୍ରରୁ ବଣେଇ ରାଜ୍ୟର ଛଉ ନୃତ୍ୟକାରୀ ଓ ଗୁରୁ ଢେଙ୍କାନାଳ ରାଜ୍ୟର ଛଉ ଦଳକୁ ସୁଶିକ୍ଷିତ କରାଇଥିଲେ । ଷଢ଼େଇକଳା ଓ ମୟୂରଭଞ୍ଜ ପରି ପ୍ରତିବର୍ଷ ଚୈତ୍ରପର୍ବ ସମୟରେ ଢେଙ୍କାନାଳ ପ୍ରାସାଦରେ ଛଉ ନାଚ ଅନୁଷ୍ଠିତ ହେଉଥିଲା । ଏଥି ପାଇଁ ରାଜା ନିୟମିତ ସାହାଯ୍ୟ ଓ ପୋଷକତା ପ୍ରଦାନ କରୁଥିଲେ । ଛଉ ନାଚ ଓ ଛଉ କଳାକାର ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ପୋଷାକ, ବାଦ୍ୟଯନ୍ତ୍ର ପ୍ରଭୃତି କିଣିବା ସକାଶେ ଆର୍ଥିକ ଅନୁଦାନ ଦେବାର ବ୍ୟବସ୍ଥା କରିଥିଲେ । ଛଉଗୁରୁ ଓ ପ୍ରବୀଣ ନୃତ୍ୟକାରୀ ମାନଙ୍କୁ ବିଭିନ୍ନ ଉପାଧି ଓ ପୁରସ୍କାର ପ୍ରଦାନ କରୁଥିଲେ ।

ଖ୍ରୀ.୧୯୦୨ରେ ରାଜା ସୁର ପ୍ରତାପ ଷଢ଼େଇକଳା ରାଜ ପରିବାରରୁ ବିବାହ କରିଥିଲେ । ଏ ବିବାହ ଫଳରେ ଢେଙ୍କାନାଳ ରାଜ୍ୟର ଛଉ ପୃଷ୍ଠ ପୋଷକତାର ଇତିହାସରେ ପୋଷକତାର ଆଉ ଏକ ଅଧ୍ୟାୟ ସଂଯୋଜିତ ହୋଇଥିଲା । କିନ୍ତୁ, ଷଢ଼େଇକଳାର 'ମୁଖାଯୁକ୍ତ' ଛଉ ପରମ୍ପରା ଅନୁସରଣ ନକରି ବାରିପଦା ଛଉ ନାଚର ମୁଖା ହୀନ ଛଉ ଶୈଳୀ ଢେଙ୍କାନାଳ ଅନୁସରଣ କରିଥିଲା । ବିଶିଷ୍ଟ ରାଜକୀୟ ଅତିଥିଙ୍କ ଆଗମନ ଓ ରାଜପରିବାର କିମ୍ବା ରାଜ୍ୟର କୌଣସି ଉତ୍ସବ ଉପଲକ୍ଷେ ଛଉ ନାଚ ଅନୁଷ୍ଠିତ ହେଉଥିଲା । ରାଜପରିବାରର ସଦସ୍ୟବୃନ୍ଦ ଓ ବାହାରୁ ବିଶିଷ୍ଟ ନିମନ୍ତ୍ରିତ ଅତିଥିବୃନ୍ଦଙ୍କ ଗହଣରେ ଚୈତ୍ର ମାସରେ ଛଉ ଅନୁଷ୍ଠିତ ହେଉଥିଲା । ଝୁମ୍ପୁଡ଼ିଆ ଗ୍ରାମର ଓସ୍ତାଦ୍ ଭାଗବତ ସର୍ଦ୍ଦାର ସିଂହ ଢେଙ୍କାନାଳ ଛଉ ନାଚର ଜଣେ ପ୍ରବୀଣ ଗୁରୁ

ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ତଦାନୀନ୍ତନ ରାଜା ଛଉ ନାଚକୁ ନିଜ ରାଜ୍ୟର ଗୌରବର ପ୍ରତୀକ ରୂପେ ବିବେଚନା କରୁଥିଲେ ।

ଢେଙ୍କାନାଳ ଛଉ ନାଚରେ ସର୍ଗତଃ ନାରାୟଣ ଚନ୍ଦ୍ର ପାଳ ବ୍ୟାଣ୍ଡ ମାଷ୍ଟର ଭାବରେ ନିଯୁକ୍ତ ହୋଇଥିଲେ । ମୟୂରଭଞ୍ଜରୁ ଗୁରୁଶ୍ରୀ ରଘୁନାଥ ସିଂହ ଯୋଗ ଦେଇଥିଲେ ।

ଖ୍ରୀ. ୧୯୧୬ରେ କଟକଠାରେ ଅନୁଷ୍ଠିତ ଯୁଦ୍ଧ ପାଣ୍ଠି ସଂଗ୍ରହ ନିମନ୍ତେ ଛଉ ନାଚ ପ୍ରତିଯୋଗିତାରେ ମୟୂରଭଞ୍ଜ ଓ ଢେଙ୍କାନାଳର ଛଉ ଦଳ ପ୍ରତିଯୋଗୀ ଭାବରେ ଯୋଗ ଦେଇଥିଲେ । ଏଥିରେ ଢେଙ୍କାନାଳ ଦଳ ବିଜୟ ହୋଇ ମେଡାଲ ହାସଲ କରିଥିଲା । ତତ୍କାଳୀନ ଛଉ ନାଚ ଦଳର ସଂଗଠକ ଥିଲେ ଶ୍ରୀ ଚନ୍ଦ୍ର ଶେଖର ପାଣି ।

ଖ୍ରୀ. ୧୯୨୫ ମସିହାରେ ମହାରାଜା ଶଙ୍କର ପ୍ରତାପ ଶାସନ ଭାର ଗ୍ରହଣ କଲାପରେ ଢେଙ୍କାନାଳ ଛଉ ନାଚର ବିକାଶରେ ଆଉ ଏକ ଗୌରବମୟ ଅଧ୍ୟାୟ ଆରମ୍ଭ ହୋଇଥିଲା । ଶଙ୍କର ପ୍ରତାପ ଷଢ଼େଇକଳା ରାଜପରିବାରରୁ ବିବାହ କରିବା ଫଳରେ ଛଉ ନାଚ ପ୍ରତି ତାଙ୍କର ଅନୁରାଗ ବୃଦ୍ଧି ଘଟିଥିଲା । ସେ ଛଉ ନାଚର ପ୍ରତିଯୋଗିତା କରାଇ ଛଉ ଶିଳ୍ପୀଙ୍କ ମନରେ ଏଥିପାଇଁ ଆଗ୍ରହ ସୃଷ୍ଟି କରାଇଥିଲେ । ସେ ଷଢ଼େଇକଳାକୁ ଛଉ ନାଚର ଶିକ୍ଷା ନିମନ୍ତେ ପାଞ୍ଚଜଣ ନୃତ୍ୟକାରୀ ପଠାଇଥିଲେ । ଏତଦ୍ ବ୍ୟତୀତ ଛଉ ନୃତ୍ୟଶିଳ୍ପୀ ମାନଙ୍କୁ ପୁରସ୍କାର ଓ ପଦକମାନ ପ୍ରଦାନ ସହ ବିଭିନ୍ନ ପଦପଦବୀରେ ଭୂଷିତ କରିଥିବାର ଜଣାଯାଏ । ଛଉ ଶିଳ୍ପୀମାନଙ୍କୁ ନାଚ ଶିକ୍ଷାରେ ଅଧିକ ସମୟ ଦେବା ନିମନ୍ତେ ରାଜ୍ୟରେ ପ୍ରଚଳିତ 'ବେଠି' ପ୍ରଥାରୁ ସେମାନଙ୍କୁ ମୁକ୍ତ କରାଇଥିବାର ପ୍ରମାଣ ବିଦ୍ୟମାନ । ରାଜ୍ୟ ସରକାରରୁ ପ୍ରକାଶିତ ନିମ୍ନରେ ପ୍ରଦତ୍ତ ସର୍କୁଲାର ଏଥିର ପ୍ରମାଣ ବହନ କରେ ।

Office of the Private Secretary to the Raja and Ruling Chief of Dhenkanal (Feudatory state), MO.No.2430, The palace of Dhenkanal, Date-26.4.1927.

(Seal) The Sarabarakar of Chndasekhai prasad is hereby directed that he should in no occasion ask the players of Chhau Party to render bethi so long as they are actual in part.

sd/- R.M. Pattanayak
officiating Private Secretary

ଢେଙ୍କାନାଳ ଛଉ ନୃତ୍ୟରେ ନିମ୍ନ ଲିଖିତ ନାଚମାନ ପ୍ରଚଳିତ ଥିଲା । ସେଗୁଡ଼ିକ (୧) ଏକକ (୨) ଦ୍ୱୈତ (୩) ଚରିଜଣିଆ (୪) ମେଳ ନାଚ (୫) ଯୁଦ୍ଧନାଚ । ଜଣକିଆ ପାଇକ, ରାମଶୋକ, ଅଭିମନ୍ୟୁ, ରଙ୍ଗପଣ୍ଡା, ପ୍ରଜାପତି, ଯୋଡ଼ି ପାଇକ, ଚରି ପାଇକ, ରାବଣ ବଧ, ଗୌରୀ ପୂଜା, ମହିଷାସୁର ବଧ, ପ୍ରମିଳା ଯୁଦ୍ଧ, ଶିକାରୀ ସାହେବ, ଋଷ୍ୟଶୃଙ୍ଗ, ଭୂତକେଳି, କାଳିଆ, ସୁଦର୍ଶନ ଚକ୍ର, କାଳଚକ୍ର, ରାସଲୀଳା, ମଦନ ଭସ୍ମ, ଧନୁଭଙ୍ଗ, କାଳୀୟ ଦଳନ, ଡାମୁଡ଼ିଆ କୃଷ୍ଣ ଇତ୍ୟାଦି କେତୋଟି ପ୍ରସିଦ୍ଧ ନାଚ ଅନ୍ତର୍ଭୁକ୍ତ ହୋଇଥିଲା ।

ବାଦ୍ୟଯନ୍ତ୍ର: ଏଠାର ଛଉ ନାଚରେ ଢୋଲ, ମହୁରୀ, ବଡ଼ବାଜା, ଝାଞ୍ଜ ପ୍ରଭୃତି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ ।

ଗୀତ: ଏଠାର ଛଉ ନାଚରେ ଗୀତର ବ୍ୟବହାର ନାହିଁ । ଓଡ଼ିଶୀ, ଚମ୍ପୁ ଓ ଛାନ୍ଦ ପ୍ରଭୃତି ବିଭିନ୍ନ ସ୍ୱର ସଂଗତ ହୋଇଥାଏ ।

ନୃତ୍ୟସ୍ଥଳ: 'ଯାତ୍ରା' ପଡ଼ିଆରେ ମୁକ୍ତ ସ୍ଥାନରେ ଛଉ ନାଚ ଅନୁଷ୍ଠିତ ହୁଏ । ନୃତ୍ୟ ସ୍ଥଳର ଚରିପାଖରେ ଦର୍ଶକମାନେ ବସନ୍ତି । ଓଡ଼ିଆ ଯାତ୍ରା ଶୈଳୀରେ ନାଚ ପ୍ରଦର୍ଶିତ ହୋଇଥାଏ । ଯାତ୍ରା ପଡ଼ିଆର ଏକ ଦିଗରେ ନୃତ୍ୟକାରୀ ମାନଙ୍କ ରହିବା ପାଇଁ ସାମୟିକ ଭାବରେ ପରଦା ନିର୍ମିତ ଏକ ପ୍ରେକ୍ଷାଗୃହ ଓ ସାଜସଜ୍ଜା ନିମନ୍ତେ ଅନ୍ୟ ସ୍ଥାନରେ ଅଳ୍ପ ଦୂରରେ ବେଶ ବା ସାଜ ଘର ପ୍ରସ୍ତୁତ ହୋଇଥାଏ । ସାଜସଜ୍ଜା ଶେଷରେ ନୃତ୍ୟକାରୀମାନେ ମିଳିତ ହୋଇ ଆରାଧ୍ୟା ଦେବୀ ମଙ୍ଗଳାଙ୍କ ଆରାଧନା ପାଇଁ ଯାଇଥାନ୍ତି । ପୂଜା ଶେଷରେ ଶୋଭାଯାତ୍ରାରେ ବାଦ୍ୟନାଦ ସହ ପ୍ରେକ୍ଷା ଗୃହକୁ ଆସିଥାନ୍ତି । ବାଦ୍ୟକାରମାନେ ଯାତ୍ରା ପଡ଼ିଆର ଆସର/ନୃତ୍ୟସ୍ଥଳର ଏକ ଦିଗରେ ସେମାନଙ୍କର ନିଜ ପାଇଁ ସ୍ଥାନ କରି ନିଅନ୍ତି ।

ଢୋଲିଆର ଢୋଲ ମାଡ଼ରେ ନାଚ ଆରମ୍ଭ ହୁଏ । ଢୋଲିଆ ବାଦ୍ୟ ସହ ମୁହଁରେ 'ବୋଲ' ସବୁ ଉଚ୍ଚ ସ୍ୱରରେ ଉଚ୍ଚାରଣ କରିଥାନ୍ତି । ପରେ ପରେ ନୃତ୍ୟକାରୀ ମାନେ 'ଚାଲି' ପ୍ରଦର୍ଶନ ନିମନ୍ତେ ଆସରକୁ ଆସନ୍ତି । ସେଠାରେ କେତେ ଘେରା ବୁଲିବା ପରେ ପ୍ରେକ୍ଷାଗୃହକୁ ଫେରି ଯାଆନ୍ତି । ପରେ ପରେ ବିଭିନ୍ନ ନାଚ ପ୍ରଦର୍ଶିତ ହୁଏ । ପ୍ରତ୍ୟେକ ନୃତ୍ୟର ଆରମ୍ଭରେ ଢୋଲିଆ ବାଦ୍ୟ ନାଦ କରିଥାନ୍ତି । ଛଉ ନାଚର ଅନ୍ତିମ ପର୍ଯ୍ୟାୟରେ ଯୁଦ୍ଧ ନାଚ ଅନୁଷ୍ଠିତ ହୁଏ ।

ସ୍ୱର୍ଗତଃ ମହାରାଜା ସୁର ପ୍ରତାପଙ୍କ ଶାସନ କାଳରେ ଶ୍ରୀରାମଚନ୍ଦ୍ର ଉକ୍ତି ବିନୋଦଙ୍କ ରଚିତ 'ଢେଙ୍କାନାଳ ଇତିହାସ' ଗ୍ରନ୍ଥରେ ଢେଙ୍କାନାଳ ଛଉ ନାଚ ସମ୍ବନ୍ଧରେ ସଂକ୍ଷିପ୍ତ ବର୍ଣ୍ଣନା ସ୍ଥାନ ପାଇଛି । ଗ୍ରାମାଞ୍ଚଳରେ ଆଖଡ଼ା ମାନଙ୍କରେ ଛଉ ନାଚ ଦଶହରା ପାଖରୁ ଆରମ୍ଭ

ହେଉଥିଲା । ଚୈତ୍ର ମାସରେ ପ୍ରଦର୍ଶନ ଆରମ୍ଭ ହୋଇ ପଣା ସଂକ୍ରାନ୍ତିରେ ଶେଷ ହେଉଥିଲା । ରାମଲୀଳା, କୃଷ୍ଣ ଲୀଳା ଓ ପ୍ରହସନ ପରି ଏଥିରେ ଗୀତ ଓ କଥାର ପ୍ରଚଳନ ନଥିଲେ ହେଁ ସାଜସଜ୍ଜା ଓ ବେଶ ପୋଷାକ ଏପରି ହେଉଥିଲା । ସୁଆଙ୍ଗ ପରି କେତେକ ଚରିତ୍ରର ଅବତାରଣା ହେଉଥିବାର ମଧ୍ୟ ଜଣାଯାଏ ।

ଢେଙ୍କାନାଳର ଛଉ ନାଚ ପାରମ୍ପରିକ ପାଇକାଳି ନାଚ ପରି ଶାରୀରିକ ବ୍ୟାୟାମ ଓ କୁସ୍ତି କସରତ ସମ୍ବଳିତ ତାଣ୍ଡବ ଭାବପୂର୍ଣ୍ଣ । ମୁଖା ହୀନ ଶୈଳୀ ଗ୍ରହଣ କରିଥିଲେ ହେଁ ଛଉର ସ୍ୱର, ତାଳ, ମାନ, ଲୟ ଆଦିରେ ଷଢ଼େଇକଳା ଛଉ ନାଚ ସହିତ ସାମଞ୍ଜସ୍ୟ ରହିଅଛି । ଏଠାର ଛଉ ନାଚରେ ନାରୀମାନେ ଅଂଶ ଗ୍ରହଣ କରନ୍ତି ନାହିଁ । ଢେଙ୍କାନାଳ ଛଉ ନାଚରେ ଚାରି ପ୍ରକାର ଚାଲି ଓ ଟପ୍‌କା ଅନୁସୃତ ହୁଏ । ସେଗୁଡ଼ିକ (୧) ସଳଖ ଚାଲି, (୨) ବାବୁଚାଲି, (୩) କଚ୍ଛୁଆ ଚାଲି (୪) ବଗ ଟପ୍‌କା । ପଶୁପକ୍ଷୀଙ୍କ ଭଙ୍ଗୀ ମଧ୍ୟ ଏଠା ନାଚରେ ଅନୁସୃତ ହୁଏ । ଷଢ଼େଇକଳା ଓ ମୟୂରଭଞ୍ଜ ଛତିଷ ପ୍ରକାର ଉଫଲି ନିର୍ଦ୍ଦେଶ କରିଥିବା ବେଳେ ଢେଙ୍କାନାଳରେ କୋଡ଼ିଏ ପ୍ରକାର ଉଫଲିର ବ୍ୟବହାର ଦେଖାଯାଏ । ସେଗୁଡ଼ିକ ସିନ୍ଦୁର ଟିପା, ଝୁଣ୍ଟିଆ ମଜା, ସିନ୍ଦୁର ପୋଛା, ବାଘଡିଆଁ, ଛେଳି ଡିଆଁ, ସରହାଣୀ, ମାଙ୍କଡ଼ ଚିତ୍, ଆଣ୍ଠୁଭାଙ୍ଗା ଉଫ୍‌ଲି ପ୍ରଭୃତି ହୋଇଥାଏ ।

ଛଉକାର ପ୍ରଥମେ 'ଆଡାଲାହାଣ' ଅଭ୍ୟାସ କରିଥାଏ । ପରେ ବିଭିନ୍ନ ଚାଲି ଓ ଭଙ୍ଗୀ ଅଭ୍ୟାସ କରେ ।

ଢେଙ୍କାନାଳର ଛଉ ଅତୀତରେ ବହୁ ପ୍ରସିଦ୍ଧି ଅର୍ଜନ କରିଥିଲା । ଅତୀତର ବିଖ୍ୟାତ ଓସ୍ତାଦ୍ ମାନେ ଆଜି ନାହାନ୍ତି । ରାଜ୍ୟ ମିଶ୍ରଣ ପରେ ପୋଷକତାର ଅଭାବରୁ ଢେଙ୍କାନାଳର ଛଉ ଆଜି ଅବଲୁପ୍ତ ହେବାକୁ ବସିଛି । ବର୍ତ୍ତମାନର ଢେଙ୍କାନାଳର ରାଜା ଲୋକସଭା ସଦସ୍ୟ ଶ୍ରୀ କାମାକ୍ଷା ପ୍ରସାଦ ସିଂହ ଦେବଙ୍କ ଏଠାର ଛଉ ନାଚ ଓ ପାଇକ ନାଚର ସଂରକ୍ଷଣ ଦିଗରେ ପ୍ରଚେଷ୍ଟା ଅଭିନନ୍ଦନୀୟ ।

### (ଛ) ବଣାଇଗଡ଼ ଛଉ

ପୂର୍ବତନ ଦେଶୀୟ ରାଜ୍ୟ ବଣେଇଗଡ଼ ଆଲୋଚ୍ୟ ଛଉ ନାଚ ପରମ୍ପରାର ପରିମଣ୍ଡଳ ଅନ୍ତର୍ଭୁକ୍ତ । ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରେ ବଣେଇ ରାଜ୍ୟର ମହତ୍ତ୍ୱପୂର୍ଣ୍ଣ ଅବସ୍ଥିତି ଓ ଏ ରାଜ୍ୟର ସାଂସ୍କୃତିକ ପରିବେଶ ଛଉ ନାଚ ପରମ୍ପରା ବିକାଶରେ ପ୍ରଭୂତ ସାହାଯ୍ୟ କରିଥିଲା ।

ବଣେଇ ଗଡ଼ରେ ଛଉ ନାଚ ମହାରାଜା ଧରଣୀଧରଙ୍କ ସମୟରେ ଆରମ୍ଭ ହୋଇଥିବା ଜଣାଯାଏ । ମୟୂରଭଞ୍ଜର ବାରିପଦା ଛଉ ନାଚ ଅନୁକରଣରେ ଏଠାର ଛଉ ନାଚ ଦଳ ଗଢ଼ା ଯାଇଥିଲା ।

୰ ରାଜା ଦୟାନିଧି ଇନ୍ଦ୍ରଦେଓ ଷଢ଼େଇକଳା ମହାରାଜା ଉଦିତ ନାରାୟଣଙ୍କ ଭଉଣୀ ସେବକ ପ୍ରିୟା ଦେବୀଙ୍କୁ ବିବାହ କରିଥିଲେ । ତାଙ୍କ ସହିତ କେତେକ ଚାକର ବଣେଇକୁ ଆସିଥିଲେ । ସେମାନେ ଛଉ ନାଚ ଜାଣିଥିଲେ । ସେହି ମାନଙ୍କ ସାହାଯ୍ୟରେ ବଣିଆ ସାହି ଓ ବାହାରି ଗଡ଼ ପିଲାମାନେ ଦୁଇଟି ଛଉ ଦଳ ଗଢ଼ିଲେ । ବର୍ତ୍ତମାନର ରାଜା କଦମ୍ବକେଶରୀଙ୍କ ବଡ଼ୁ (ବଡ଼ବାପା) ବାରିପଦାରୁ କାମଦେବ ନାଏକଙ୍କୁ ଆଣି ଛଉ ବିଧିବଦ୍ଧ ଭାବେ ଶିକ୍ଷା ଦେବାର ବନ୍ଦୋବସ୍ତ କଲେ । ବାମଦେବ ନାଏକ ଜାତିରେ ଭୂୟାଁ । ବାମଦେବ ନାଏକଙ୍କ ମୂଳ ଘର 'ପୋଡ଼ାହାଟ' ଥିବାର କେହି କେହି କହିଥାନ୍ତି । କଦମ୍ବକେଶରୀଙ୍କ ଅଜା ନୀଳାମ୍ବର ଚନ୍ଦ୍ର ଦେଓଙ୍କ ରାଣୀ ତାରାମଣି ଦେବୀ ମୟୂରଭଞ୍ଜ ରାଜକନ୍ୟା ।

ଏଠାର ଛଉରେ ଉଭୟ ଆଦିବାସୀ ଓ ଅଣଆଦିବାସୀ ଲୋକମାନେ ନାଚନ୍ତି । ଆଦିବାସୀଙ୍କ ମଧ୍ୟରେ ଭୂୟାଁ, କନ୍ଧ, କିଷାନ(ଖଡ଼ିଆ), ଭୂମିଜ, କୋହ୍ଲ ଓ ଅଣ ଆଦିବାସୀଙ୍କ ମଧ୍ୟରେ କ୍ଷତ୍ରୀୟ (ବାବୁ), କରଣ, ବ୍ରାହ୍ମଣ, ଘାରି କେଉଟ, ମହାନ୍ତ, ବଣିଆ, କୁମ୍ଭାର, କଂସାରି ଜାତିର ଲୋକେ ଛଉ ନାଚନ୍ତି । ଭୂୟାଁ, ବଣିଆ, କେଉଟ; କୁଡୁମୀ (ମହାନ୍ତ) ଜାତିର ଲୋକେ ବେଶୀ ସଂଖ୍ୟାରେ ଛଉରେ ଅଂଶ ଗ୍ରହଣ କରନ୍ତି । ଏଠାରେ ଛଉ ନାଚ ପ୍ରତି ବର୍ଷ ନଅ ଦିନ ଧରି ଅନୁଷ୍ଠିତ ହୁଏ । ବାସନ୍ତୀ ପୂଜାଠାରୁ ସଂକ୍ରାନ୍ତି ପର୍ଯ୍ୟନ୍ତ ନଅଦିନ । ସଂକ୍ରାନ୍ତିର ନଅ ଦିନ ପୂର୍ବରୁ ବାସେଲୀଙ୍କର ଚକ୍ଷୁଦାନ ହୁଏ । ନୂଆ କପଡ଼ାରେ ତିଆରି ପଟିରେ ହରପାର୍ବତୀଙ୍କର ପ୍ରତିମୂର୍ତ୍ତି ଅଙ୍କାଯାଏ । ଏହାର ଓସାର ଅଢ଼େଇ ହାତ ଓ ଉଚ୍ଚ ଦଶହାତ । ଏଥିବରେ ଭକ୍ତାମାନଙ୍କର ଉଡ଼ାର ଚିତ୍ର ଚିତ୍ରିତ ହୋଇଥାଏ । ବାସେଲୀ ପୂଜକ ଜାତିରେ କଂସାରୀ । ପଟିଟିକୁ ସେ ତାଙ୍କର କୁଟୁମ୍ବର ଲୋକମାନଙ୍କର ସାହାଯ୍ୟରେ ପ୍ରତିଦିନ ସନ୍ଧ୍ୟାରେ ବାଦ୍ୟ ସହ ଶୋଭା ଯାତ୍ରାରେ ବ୍ରାହ୍ମଣୀ ନଦୀ ଘାଟକୁ ନେଇ ଆସନ୍ତି । ସେଠାରେ ଘଟରେ ଜଳ ପୂର୍ଣ୍ଣ କରି ମନ୍ଦିରକୁ ଘେନି ଆସନ୍ତି । ଦ୍ୱିତୀୟ ଦିନ ରାତିରେ ଛଉ ନାଚ ହୁଏ । ଭକ୍ତାମାନେ ନଦୀରୁ ଛଉ ଆସରକୁ ଆସନ୍ତି । ସେଠାରୁ ଯାଇ ଦରବାର ଘରେ ପଟ୍ଟିଟି ରଖନ୍ତି । ବାସେଲୀ (ବାସନ୍ତୀ) ଦେବୀ ଏଠା ରାଜାଙ୍କର ଆରାଧ୍ୟ ଦେବୀ ।

ବାଦ୍ୟଯନ୍ତ୍ର:- ଏଠାର ଛଉ ନାଚରେ ଢୋଲ, ଧୁମସା, ନିଶାଣ, ମହୁରୀ, ସାନାଇ, ଝୁମୁକା, ଝାଞ୍ଜ ପ୍ରଭୃତି ପାରମ୍ପରିକ ଓ ଆଧୁନିକ ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ ।

ବାଦ୍ୟକାର: ଏଠାର ଛଉ ନାଚ ପାଇଁ ସିଂଭୂଇଁର ଷଣୁଆଁ, ପୋଡ଼ାହାଟରୁ ଡମ ଓ ହାଡ଼ି ଜାତିର ବାଦ୍ୟକାର ମାନେ ଆସନ୍ତି ।

ପୋଷାକ: ଏଠାରେ ଛଉ ନାଚରେ ଯାତ୍ରା ପରି ଚରିତ୍ର ଉପଯୋଗୀ ପୋଷାକ ବ୍ୟବହୃତ ହୁଏ ।

ଅଳଙ୍କାର: ମୁଣ୍ଡରେ ମୁକୁଟ, ଗୋଡ଼ ଓ ଅଣ୍ଟାରେ ଘୁଙ୍ଘୁର, ଅଣ୍ଟାରେ କମରପଟି, ବାହାରେ ବାହୁଟି, ଗଳାରେ କଣ୍ଠୀ ଓ ଫୁଲର ମାଳ ବ୍ୟବହୃତ ହୁଏ ।

ଅସ୍ତ୍ରଶସ୍ତ୍ର: ଏଠାର ଛଉ ନାଚରେ ଧନୁ, ତୀର, ଝୁମ୍ପା ଓ ଖଣ୍ଡା ପ୍ରଭୃତି ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୁଏ ।

ନାଚର ବିଷୟବସ୍ତୁ ଓ ନାମ: ବଣେଇଗଡ଼ର ଛଉନାଚରେ ଷଢ଼େଇକଳା ଓ ମୟୂରଭଞ୍ଜ ପରି ବିଭିନ୍ନ ବିଷୟବସ୍ତୁ ସମ୍ବଳିତ ନାଚ ଅନୁଷ୍ଠିତ ହୁଏ । ଏଗୁଡ଼ିକ ପୁରାଣ, ମହାକାବ୍ୟ ଓ ସାମାଜିକ, ଐତିହାସିକ ବିଷୟ ଉପରେ ଆଧାରିତ । ନାଚଗୁଡ଼ିକର ନାମ – ସନ୍ଧ୍ୟା, ପାଇକାଳି, ବନଦୁର୍ଗା, ପାଟୁଆ, ଅକଲ ଗୁଡୁମ, ପାଉଡ଼ି ପ୍ରସାଦ, ଜୟ ଜଗବନ୍ଧୁ, ଗଡ଼ି ନାଏକ ଧାଧା, ବସ୍ତ୍ର ହରଣ, ମହିଷାସୁର ବଧ, ଦଣ୍ଡନାଚ, ଘୁମୁରା ନାଚ, ଚଙ୍ଗୁ ନାଚ, ବାବାଜୀତାଳ, ଫୁଲତୋଳା, ରାଧାକୃଷ୍ଣ, ପାଣ୍ଡିକାରିଆ, କୀରାତାର୍ଜୁନ, ଅଭିମନ୍ୟୁ ବଧ, ପାରିଜାତ ହରଣ, ବିଦ୍ୟାଧରୀ, ରେଲଗାଡ଼ି, ଧାଇଁ ଚିଲିକା, ତନାଘନା, ଇନ୍ଦ୍ରଜିତ ବଧ, ବକାସୁର ବଧ, ସୀତାଚୋରୀ, ଗଣେଶ, କଂସାସୁର ବଧ, ନାଗୀନ୍ (ସାପୁଆକେଳା), ଅଶ୍ୱମେଧ ଯଜ୍ଞ, ତାରାବାଇ, ରାଣୀ ଶୁକଦେଈ, କୁମାରୀ ଖଣ୍ଡା, ବାବୁ, ଶିବକାଳୀ, ଶବର ତାଳ ଇତ୍ୟାଦି ।

ନାଚର ପ୍ରକାର: ଏଠାରେ ଉଭୟ ଏକକ ଓ ମେଳ ନାଚ ଅନୁଷ୍ଠିତ ହୁଏ ।

ମଞ୍ଚ: ମୁକ୍ତ ଆକାଶ ତଳେ ଗୋଲ ଓ ଚାରିକୋଣିଆ ମଞ୍ଚ ତିଆରି ହୋଇଥାଏ । ଚାରି କୋଣିଆ ମଞ୍ଚ ଲମ୍ବ ଓ ଓସାରରେ ତିରିଶ ଫୁଟ । ମଞ୍ଚର ଚାରି ଦିଗରେ ଚାରିଗୋଟି ଫାଟକ ଥାଏ । ଛଉ ନୃତ୍ୟକାରୀ ମାନେ ସାଧାରଣତଃ ଦକ୍ଷିଣ ପାର୍ଶ୍ୱରେ ଫାଟକ ଦେଇ ମଞ୍ଚ ଉପରକୁ ଆସନ୍ତି ଓ ପୂର୍ବ ଦିଗର ଫାଟକ ଦେଇ ନାଚ ସାରି ମଞ୍ଚ ଉପରୁ ବାହାରି ଯାଆନ୍ତି । ନାଚ ଆରମ୍ଭରୁ ଭକ୍ତାମାନେ ନଦୀରୁ ଫେରି ମଞ୍ଚ ଉପର ଦେଇ ଚାଲି ଯାଆନ୍ତି ।

ଗୀତ: ଏଠାରେ ଛଉ ନାଚର ବ୍ୟବହୃତ ଗୀତ ଗୁଡ଼ିକ ଓଡ଼ିଶୀ, ଭଜନ, ଜଣାଣ, ଚମ୍ପୁ ଓ ଛାନ୍ଦ ପର୍ଯ୍ୟାୟର । ଗୀତର ସ୍ୱର ଅବଲମ୍ବନ କରି ନାଚ ହୁଏ ଓ ବାଦ୍ୟ ଯନ୍ତ୍ରର ତାଳ ବାଜେ । ବିଭିନ୍ନ ଗୀତର ଆରମ୍ଭରେ ବିଭିନ୍ନ ରାଗ ରାଗିଣୀ ଓ ତାଳ, ମାନ, ଲୟର ସୁସଂଗତି ସ୍ୱର ବାଜେ । ଗୀତ ଗୁଡ଼ିକ ଏହିପରି ;

"ଜଳ ଆଣି ଯାଇଥିଲି କଳିକାଂ ସୁତାକୁ
ଭଲ ପାଇ ଅନାଇଲିରେ ସଙ୍ଗାତ କଦମ୍ବ ମୂଳକୁ ।"

ଏହା ଚ଼ରି ତାଳି । ଫୁଲ ତୋଳା ନାଚର ଗୀତ । ଅନ୍ୟଏକ ଗୀତ ହେଉଛି-

"ଜୟ ଜଗବନ୍ଧୁ ହେ ଗୋସାଇଁ....." ଏହା 'ଜୟ ଜଗବନ୍ଧୁ' ତାଳ ।

ମୁଖା: ଆଗରୁ ଏଠାର ନାଚରେ ମୁଖା ପ୍ରଚଳନ ଥିଲା । ଗଣେଶ, ପାଞ୍ଜିକାଗିଆ, ଦୁର୍ଗା, ବାଘ୍ର ଅସୁର, ବାଘ, ଭାଲୁ ଇତ୍ୟାଦି ଚରିତ୍ରର ମୁଖା ବ୍ୟବହୃତ ହେଉଥିଲା । ମୁଖା ଗୁଡ଼ିକ ପୂର୍ବରୁ ଶାଗୁଆନ କାଠରେ ତିଆରି ହେଉଥିଲା । ଶାଗୁଆନ କାଠ ହାଲୁକା ଓ ସୌଖୀନ । ପରେ ମୁଖା ତିଆରି ପାଇଁ ମାଟି କାଗଜ ଓ କନା ବ୍ୟବହୃତ ହେଲା । ଏବେ କେହି କେହି ପ୍ଲାଷ୍ଟିକ ମୁଖା କିଣି ଆଣି ବ୍ୟବହାର କରୁଛନ୍ତି ।

ମୁଖା ନିର୍ମାଣ: ପ୍ରଥମେ କେନ୍ଦ୍ରିକାଳର ବଳଦେବ ବଢ଼େଇଙ୍କର ବାପା କାଠର ମହଡ଼ା ତିଆରି କରୁଥିଲେ । ବର୍ତ୍ତମାନ ଘନଶ୍ୟାମ ମିଶ୍ର କାଗଜ ମାଟି ଓ କପଡ଼ାରେ ମୁଖା ତିଆରି କରୁଛନ୍ତି । ଏହାଙ୍କର ପିତାଙ୍କର ନାମ ଡଙ୍କଧର ମିଶ୍ର । ଏ ଜାତିରେ ବ୍ରାହ୍ମଣ । ବର୍ତ୍ତମାନ ବୟସ ସତୁରୀ । ବ୍ୟବସାୟ ଯଜମାନି । ଏହାଙ୍କର ବଡ଼ ଭାଇ ୰ଗୋପୀନାଥ ମିଶ୍ର ମଧ୍ୟ ମୁଖା ନିର୍ମାଣ କରୁଥିଲେ । ବାପା ଜେଜେ ପ୍ରଭୃତିଙ୍କ ସହ ବର୍ତ୍ତମାନ ତିନି ପୁରୁଷ ଧରି ମୁଖା ତିଆରି କରୁଛନ୍ତି । ଏମାନଙ୍କ ବ୍ୟତୀତ ୰ପରୀକ୍ଷ ଦେଓ (କ୍ଷତ୍ରୀୟ) ମୁଖା ତିଆରି କରୁଥିଲେ ।

ମୁଖା ନିର୍ମାଣ ସମୟ: ବାସେଲୀ ପୂଜା ଆରମ୍ଭ ପୂର୍ବରୁ ରାଜାଙ୍କ ନିର୍ଦ୍ଦେଶରେ ଦେବୀଙ୍କୁ ଦେହୁରୀ ପୁଷ୍ପାଞ୍ଜଳି ଦେଲା ପରେ ମୁଖା ତିଆରି କରାଯାଏ ।

ମୁଖା ନିର୍ମାଣ କୌଶଳ: ମୁଖା ନିର୍ମାଣ ପାଇଁ ଚ଼ରି/ପାଞ୍ଚ ପ୍ରକାର ଛାଞ୍ଚ ଅଛି । ବ୍ରାହ୍ମଣୀ ନଦୀ ପାଖରୁ ଲାଲ ରଙ୍ଗର ମାଟି ଆଣି ପାଣି ମିଶାଇ ଚକଟି କାଦୁଅ ମଣ୍ଡକୁ ଛାଞ୍ଚରେ ପକାଇ ନୂଆ କନା ଦୁଇ ପ୍ରସ୍ତ ଦିଆଯାଏ । ଚ଼ଉଳ କିମ୍ବା ମଇଦା ଅଠା ଦେଇ ଉପରେ ଚ଼ରି ପ୍ରସ୍ତ କାଗଜ ପୁଣି ମାଟି ଅଠା ମିଶାଇ ଚ଼ରି ପ୍ରସ୍ତ କନା ଦିଆଯାଏ । ଦୁଇ/ତିନି ଦିନ ପରେ ଛାଞ୍ଚଟି ଶୁଖିଗଲା ପରେ ଆସ୍ତେ ଆସ୍ତେ ଖୋଲି ଦେଇ ମୁଖାଟିକୁ ବାହାର କରାଯାଏ । ଦୁଇ/ତିନି ଦିନ ପରେ ଛାଞ୍ଚଟି ଶୁଖିଗଲା ପରେ ଆସ୍ତେ ଆସ୍ତେ ଖୋଲି ଦେଇ ମୁଖାଟିକୁ ବାହାର କରାଯାଏ । ପରେ କରଣୀ ସାହାଯ୍ୟରେ ଆଖି, ନାକ, କାନରେ କଣା କରାହୁଏ । ଦୁର୍ଗା, କାଳୀ, ଗଣେଷ, ମହାଦେବଙ୍କର ମୁଖା ତିଆରି ବେଳେ ଅରୁଆ ଖାଇବା ପରି କେତେକ ନୀତିନିୟମ ପାଳନ କରାଯାଏ ।

ସଜା: ମୁଖା ଶୁଖିଗଲାପରେ ଚରିତ୍ର ଉପଯୋଗୀ ରଙ୍ଗ ତୁଳନାରେ ଲେପନ କରାଯାଏ । ସାଜସଜା ଚରିତ୍ର ଉପଯୋଗୀ ହୋଇଥାଏ । ମୁଣ୍ଡା ରଙ୍ଗ ସବୁ ପାଣିଦେଇ ଘୂରାଇ ରଙ୍ଗ କରାଯାଏ । କାନ ପାଖରେ ଦୁଇଟି କଣା କରି ଦଉଡ଼ି ବାନ୍ଧି ଦିଆଯାଏ ।

ମୁଖା ସଂରକ୍ଷଣ: ଏଠାରେ ମୁଖା ସଂରକ୍ଷଣର ପରମ୍ପରା ନାହିଁ । ମୁଖା ଭାଙ୍ଗିଗଲେ ନଦୀରେ ଭସାଇ ଦିଆଯାଏ ।

ମୁଖା (ଛଉ): ଏଠାରେ ଛଉ ଅର୍ଥ ମୁଖା ଭାବରେ ଗ୍ରହଣ କରାଯାଏ । ମୁଖା, ମହଡ଼ା ଓ ମୁହାଁ, ଏପରି ତିନିଗୋଟି ଶବ୍ଦ ପ୍ରଚଳିତ । ଆଗରୁ ବଣାଇରେ ତିନିଗୋଟି ଛଉ ଦଳ ଥିଲା – (୧) ଦେଓଗାଁ, (୨) ବଡ଼ ଦୁଆର ସାହି (୩) କନ୍ତଯୋଡ଼ି ସାହି (ପଟା ଦୁଆର ସାହି) ।

ଛଉ ନାଚ ଆରମ୍ଭରେ ଭକ୍ତାମାନେ ଆସର ମଧ୍ୟ ଦେଇ ଚାଲିଗଲା ପରେ ତିନି ଗୋଟି ସାହିର ମୋଟ ପଚାଶ/ଷାଠିଏ ନାଟୁଆ ଖଣ୍ଡା ଓ ଢାଲ ଧରି ମିଳିତ ଭାବରେ ପାଇକାଳି ନାଚ ନାଚୁଥିଲେ । ପାଇକାଳି ନାଚ ପରେ ବନ ଦୁର୍ଗାଙ୍କର ପରବାଣୀ (ପରଭାଣୀ) ବାହାରୁଥିଲା । ପାଇକାଳି ନାଚ ପରେ ବାବାଜୀ ନାଚ ଓ ପରେ ଅନ୍ୟ ନାଚ ସବୁ ଅନୁଷ୍ଠିତ ହେଉଥିଲା ।

ନୃତ୍ୟଶିକ୍ଷା: କିଛି ବର୍ଷ ତଳେ କେରାରୁ ପରୀ ନାମରେ ଗୁଡ଼ିଆ ଜାତିର ଓସ୍ତାଦ୍ ଆସି ଛଉ ନାଚ ଆରମ୍ଭ ପୂର୍ବରୁ ତିନି/ଚାରି ଆସ ନାଚ ଶିଖାଉଥିଲେ । ବଣେଇଗଡ଼ର ପାହାଡ଼ି ଅଞ୍ଚଳରେ ଭୂୟାଁ ଜାତିର ଲୋକେ ପୌଷମାସରେ 'ଆମ ଡାଳିଆ ଜାମ ଡାଳିଆ' ନାଚ ନାଚନ୍ତି । ଗଡ଼ଠାରୁ ଦଶ/ ବାର ମାଇଲ ମଧ୍ୟରେ ଗାଁ ମାନଙ୍କରେ ଏ ନାଚର ପ୍ରଚଳନ ଅଛି ।

କୁଦେଇ କଲା, ଗୁହାଳଡିହି, ଲୋମସି, ନଳପଡ଼ା, ଲହୁଣୀପଡ଼ା ପ୍ରଭୃତି ଗ୍ରାମ ମାନଙ୍କରେ ଛଉ ନାଚ ଅଛି । ରାଜା ଧରଣୀଧର ଇନ୍ଦ୍ର ଦେଓଙ୍କ ସମୟରେ ଏଠାରେ ଛଉ ନାଚର ଚରମ ଉନ୍ନତି ଘଟିଥିଲା । ରାଜା ବ୍ୟକ୍ତିଗତ ଭାବରେ ଏଥିପାଇଁ ଉତ୍ସାହ ଦେବା ସଙ୍ଗେ ସଙ୍ଗେ ଛଉ ନାଚ ପ୍ରତିଯୋଗିତା କରାଇ କୃତି ପ୍ରତିଯୋଗୀ ମାନଙ୍କୁ ସ୍ୱର୍ଣ୍ଣ ରୌପ୍ୟ ନିର୍ମିତ ପଦକ ପୁରସ୍କାର ପ୍ରଭୃତି ପ୍ରଦାନ କରୁଥିଲେ । ବଣେଇଗଡ଼ ଛଉ ନାଚରେ ୰ତ୍ରିଲୋଚନ ଦଣ୍ଡିଆ ରାଜା ଧରଣୀଧରଙ୍କ ନିକଟରୁ ୧୯୧୫ ଓ ୧୯୩୫ ମସିହାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଥିଲେ । ସ୍ୱର୍ଗତଃ ତ୍ରିଲୋଚନ ଦଣ୍ଡିଆଙ୍କ ଜନ୍ମ ୧୮୯୮ ଓ ମୃତ୍ୟୁ ୧୯୬୭ ଅକ୍ଟୋବର ମାସରେ । ପିତାଙ୍କର ନାମ କ୍ଷେତ୍ର ମୋହନ ଓ ମାତାଙ୍କ ନାମ ସତ୍ୟଭାମା । ସେ ଦରବାରୀ ଓସ୍ତାଦ୍ ଭାବରେ ନିଯୁକ୍ତ ପାଇଥିଲେ ।

ନାଚ ପ୍ରତିଯୋଗିତା :

ସାଧାରଣତଃ ଗଡ଼ ଭିତରେ ପଟ ଦ୍ୱାର ଓ ବଡ଼ ଦ୍ୱାର ମଧ୍ୟରେ ବାର୍ଷିକ ଛଉ ପ୍ରତିଯୋଗିତା ହେଉଥିଲା । ଏହା ବ୍ୟତୀତ ବାହାର ରାଜ୍ୟର ଛଉ ନାଚ ସହ ସମୟ ସମୟରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା । ୧୯୪୮ ମସିହାରେ ନଭେମ୍ବର ମାସରେ କଟକର କିଲ୍ଲା ମଇଦାନରେ ନୀଳଗିରି ଛଉ ସହ ବଣେଇଗଡ଼ର ଛଉ ପ୍ରତିଯୋଗିତା ହୋଇଥିଲା । ଏଠାର ଧରଣୀଧର ହାଇସ୍କୁଲରେ ପିଲାମାନଙ୍କୁ ଛଉ ନାଚ ଶିକ୍ଷା ଦିଆଯାଉଥିଲା । ଛଉ ନାଚ ପାଇଁ ରାଜା ପ୍ରତି ବର୍ଷ ଆଠ / ଦଶ ହଜାର ଟଙ୍କା ଖର୍ଚ୍ଚ କରୁଥିଲେ । ଛଉ ନାଚ ନିମନ୍ତେ ଯେଉଁ କମିଟି ଗଢ଼ା ହୋଇଥିଲା ତହିଁରେ ରାଜା ସଭାପତିତ୍ୱ କରୁଥିଲେ । ପୂର୍ବରୁ ଏଠାରେ ମହା ସମାରୋହରେ ଚଡ଼କ ଯାତ୍ରା ଅନୁଷ୍ଠିତ ହେଉଥିଲା । ୧୯୨୨ ମସିହା ଠାରୁ ରାଜ୍ୟର ତତ୍‌କାଳୀନ ମ୍ୟାନେଜର ଶ୍ୟାମସୁନ୍ଦିନ ଖାଁ ବ୍ରିଟିଶ ସରକାରଙ୍କୁ ରିପୋର୍ଟ କରିବା ଫଳରେ ଚଡ଼କ ଯାତ୍ରା ବନ୍ଦ ହୋଇ ଯାଇଥିଲା ।

୧୯୪୮ ମସିହା ପରେ ବଣେଇ ରାଜ୍ୟ ଓଡ଼ିଶା ପ୍ରଦେଶ ସହ ମିଶିବା ପରେ ରାଜ୍ୟ ସରକାର ପ୍ରତିବର୍ଷ ଛଉ ନାଚ ପାଇଁ ବାର୍ଷିକ ଆଠଶହ ଟଙ୍କା ଅନୁଦାନ ଭାବରେ ଦେଉଥିଲେ । ରାଜ୍ୟ ମିଶ୍ରଣ ପରେ ରାଜାଙ୍କ ତରଫରୁ କୌଣସି ପ୍ରକାରର ପୋଷକତା ରହିନାହିଁ । ବଣେଇର ଲୋକମାନେ ପୂର୍ବର ଗୌରବମୟ ପରମ୍ପରାର ସ୍ମୃତି ରକ୍ଷା ନିମନ୍ତେ ବାସେଲୀପୂଜା ସମୟରେ ପାରମ୍ପରିକ ରୀତିରେ ଛଉ ନାଚ ନାଚନ୍ତି ।

## (ଜ) ନୀଳଗିରି ଛଉ ନୃତ୍ୟ ପରମ୍ପରା

ପୂର୍ବତନ ନୀଳଗିରି ରାଜ୍ୟ ୨୧°୩୨'୦" ଓ ୨୧°୧୮'୫୦' ଉତ୍ତର ଅକ୍ଷାଂଶ ଏବଂ ୮୬°୨୯'୦" ଓ ୮୬°୫୧'୩୦" ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହି ରାଜ୍ୟଟି ପଶ୍ଚିମ-ଉତ୍ତର ଦିଗରେ ପୂର୍ବତନ ମୟୂରଭଞ୍ଜ ରାଜ୍ୟ ଓ ପୂର୍ବ-ଦକ୍ଷିଣ ଦିଗରେ ବାଲେଶ୍ୱର ଜିଲ୍ଲା ଦ୍ୱାରା ପରିବେଷ୍ଟିତ । ଏହା ୨୭୮ ବର୍ଗ ମାଇଲ କ୍ଷେତ୍ରଫଳ ବିଶିଷ୍ଟ ପାହାଡ଼ ଓ ଅରଣ୍ୟପୂର୍ଣ୍ଣ ରାଜ୍ୟ । କଳାମୁଗୁନି ପଥର ଓ ପଥର ବାସନ ପାଇଁ ଏ ରାଜ୍ୟ ପ୍ରସିଦ୍ଧ ।

ଏଠାରେ ଭୂମିଜ, ଭୂୟାଁ, ସାନ୍ତାଳ ପ୍ରଭୃତି ଆଦିବାସୀ ମାନଙ୍କ ସହିତ ଖଣ୍ଡାୟତ, ଚଷା, ବ୍ରାହ୍ମଣ, କରଣ, ଗଉଡ଼, ତେଲୀ, ରାଢ଼ୀ ପ୍ରଭୃତି ବହୁ ଜାତିର ଲୋକେ ବାସ କରୁଥିଲେ ।

ଇତିହାସରୁ ଜଣାଯାଏ ଯେ, ପଞ୍ଚଦଶ ଶତାବ୍ଦୀର ମଧ୍ୟ ଭାଗରେ ଗଜପତି କପିଳେଶ୍ୱର ଦେବଙ୍କ ରାଜତ୍ୱ କାଳ (ଖ୍ରୀ.୧୪୨୫-୧୪୬୬)ରେ ନାଗ ସର୍ଦ୍ଦାର ଫଣୀ ମୁକୁଟ କପ୍ତିପଦା ରାଜ୍ୟ ସ୍ଥାପନ କରିଥିଲେ । ସେ କାଇଁସାରୀ ଠାରେ ଦୁର୍ଗ ନିର୍ମାଣ କରି ତାଙ୍କ ରାଜ୍ୟର ରାଜଧାନୀ କରାଇଥିଲେ । ଫଣୀମୁକୁଟ କପିଳେଶ୍ୱର ଦେବଙ୍କର ଜଣେ ସାମନ୍ତ ରାଜା ଭାବରେ ନିଜର ପ୍ରଭାବ ପ୍ରତିଷ୍ଠା କରିଥିଲେ । ତାଙ୍କର ପୁତ୍ର ବସନ୍ତ ବିରାଟ । କଥିତ ଅଛି ଯେ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ କାଳରେ ରାଜା ବସନ୍ତ ବିରାଟ ଜଣେ ସୁଦକ୍ଷ ସେନାଧିନାୟକ ଭାବରେ ଯୁଦ୍ଧ ପରିଚାଳନା କରିଥିଲେ । ଯୁଦ୍ଧରେ ତାଙ୍କର ଅପୂର୍ବ ବୀରତ୍ୱ ପ୍ରଦର୍ଶନରେ ବିମୁଗ୍ଧ ଗଜପତି ତାଙ୍କୁ 'ଜୟ ଭୁଜଙ୍ଗ' ଉପାଧି ସହ ଆଉ କେତୋଟି ବଂଶାନୁକ୍ରମିକ ଉପାଧିରେ ଭୂଷିତ କରିଥିଲେ । ରାଜା ବସନ୍ତ ବିରାଟଙ୍କ ହଂସବତୀ ଓ କଲରାବତୀ ନାମ୍ନୀ ଦୁଇଜଣ ରାଣୀ ଥିଲେ । ରାଣୀ କଲରାବତୀ କପ୍ତିପଦା ରାଜ୍ୟର ପୂର୍ବ ସୀମାରେ ଅବସ୍ଥିତ ଗରଡିହି ଗ୍ରାମର ଖଜଣା ପାଉଥିଲେ । ସେ ପର୍ଯ୍ୟନ୍ତ ରାଜ୍ୟର ପୂର୍ବ ସୀମା ସ୍ପଷ୍ଟ ନିର୍ଦ୍ଧାରିତ ହୋଇ ନଥିଲା । ନୀଳାମ୍ବର, ଗିରିଧାରୀ ଏବଂ ଶଙ୍କର – ଏହି ତିନି ଜଣ ବିଦ୍ରୋହୀ ସର୍ଦ୍ଦାର ମିଳିତ ହୋଇ ରାଜ୍ୟର ପୂର୍ବାଂଶ ଦଖଲ କଲାପରେ ରାଜା ବସନ୍ତ ବିରାଟଙ୍କ ସହ ଯୁଦ୍ଧ ଆରମ୍ଭ ହେଲା । ଯୁଦ୍ଧରେ ରାଜା ତିନି ଜଣ ବିଦ୍ରୋହୀଙ୍କୁ ପରାସ୍ତ ଓ ନିହତ କରି ନିଜ ରାଜ୍ୟର ସୀମା ନିର୍ଦ୍ଧାରିତ କଲେ । ନିହତ ସର୍ଦ୍ଦାର ନୀଳାମ୍ବର ଓ ଗିରିଧାରୀଙ୍କ ନାମର ପ୍ରଥମ ଦୁଇ ଅକ୍ଷର ଯୋଗରେ ନୀଳଗିରି ନାମରେ ଅଧିକୃତ ଅଞ୍ଚଳ ନାମିତ ହେଲା । ପରେ ରାଣୀ କଲରାବତୀଙ୍କ ପୁତ୍ର ନୀଳଗିରି ଜମିଦାରୀର ଶାସନ ଭାର ଗ୍ରହଣ କଲେ । ରାଣୀ କଲରାବତୀଙ୍କ ନାମାନୁସାରେ ରାଜ୍ୟ ଶାସନ କାର୍ଯ୍ୟରେ ଚିହ୍ନ ସ୍ୱରୂପ କଲରାଫୁଲ ବ୍ୟବହୃତ ହେଲା ।

ବଡ଼ରାଣୀ ହଂସବତୀଙ୍କ ପୁତ୍ର କପ୍ତିପଦା ଅଂଶର ଶାସନ ଭାର ଗ୍ରହଣ କଲେ । ନୀଳଗିରିର ତ୍ରୟୋଦଶ ରାଜା ନାରାୟଣ ବସନ୍ତ ବିରାଟ ଭୁଜଙ୍ଗ ମାନ୍ଧାତା ଓଡ଼ିଶାର ଗଜପତି ମହାରାଜାଙ୍କ ଠାରୁ 'ହରିଚନ୍ଦନ' ଉପାଧି ଲାଭ କରିଥିଲେ । ଗଜପତିଙ୍କ ଦ୍ୱାରା ସ୍ଥାପିତ ଦେବୀ 'ଉଦାରଚଣ୍ଡୀ' ଓ ତାଙ୍କ ମନ୍ଦିରଟିକୁ କଳାପାହାଡ଼ର ଆକ୍ରମଣରୁ ସୁରକ୍ଷିତ ରଖି ପାରିଥିବାରୁ ଗଜପତି ମହାରାଜା ତାଙ୍କୁ ଏଭଳି ଉପାଧିରେ ଭୂଷିତ କରି ସମ୍ମାନିତ କରିଥିଲେ । ଏ ରାଜ୍ୟର ପରବର୍ତ୍ତୀ ରାଜା ଖ୍ରୀ.୧୫୯୬ରେ ପଠାଣ ମାନଙ୍କୁ ଦମନ କରିବାରେ ରାଜା ମାନସିଂହଙ୍କୁ ସାହାଯ୍ୟ ପ୍ରଦାନ କରିଥିବାରୁ ମୋଗଲ ବାଦଶା ଆକବରଙ୍କ ଦ୍ୱାରା ଆକବରଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ପରବର୍ତ୍ତୀ ରାଜା ପୁନର୍ବାର ଖ୍ରୀ. ୧୬୧୧ରେ ସୁବର୍ଣ୍ଣରେଖା ନଦୀ ତୀରରେ

ଅନୁଷ୍ଠିତ ଯୁଦ୍ଧରେ ପଠାଣ ମାନଙ୍କ ବିରୁଦ୍ଧରେ ମୋଗଲ ମାନଙ୍କୁ ସାମରିକ ସାହାଯ୍ୟ ପ୍ରଦାନ କରି 'ମର୍ଦ୍ଦରାଜ' ଉପାଧି ପ୍ରାପ୍ତ ହୋଇଥିଲେ । ବିଂଶତମ ରାଜା ମରହଟ୍ଟା ମାନଙ୍କଠାରୁ 'ଫତେସିଂହ ବାହାଦୁର' ଉପାଧି ପାଇ ସମ୍ମାନିତ ହୋଇଥିଲେ ।

ଖ୍ରୀ. ୧୭୨୮ ରେ ନୀଳଗିରି ଜମିଦାରୀ ମୟୂରଭଞ୍ଜ ରାଜ୍ୟରୁ ବିଚ୍ଛିନ୍ନ ହୋଇ ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ପରିଗଣିତ ହେଲା ।

ସ୍ୱାଧୀନତା ଲାଭ ପରେ ୧୯୪୭ ମସିହା ନଭେମ୍ବର ମାସରେ ନୀଳଗିରି ରାଜ୍ୟକୁ ଓଡ଼ିଶା ପ୍ରଦେଶ ସହିତ ପ୍ରଥମେ ମିଶାଇ ଦିଆଗଲା । ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ଏହା ଏକ ସବ୍‌ଡିଭିଜନ ରୂପେ ପରିଗଣିତ ।

ଅତୀତରେ ନୀଳଗିରି ରାଜ୍ୟର ସାମରିକ ପରମ୍ପରା ଅତ୍ୟନ୍ତ ସମୃଦ୍ଧ ରହିଥିଲା । ରାଜ୍ୟଟି ଆୟତନରେ କ୍ଷୁଦ୍ର ହୋଇଥିଲେ ହେଁ ଏଠାକାର ଦୁର୍ଦ୍ଧର୍ଷ ପାଇକ ବାହିନୀ ଅତ୍ୟନ୍ତ ସମର ନିପୁଣ ସୁକୌଶଳୀ ଯୋଦ୍ଧା ରୂପେ ସୁଖ୍ୟାତି ଅର୍ଜନ କରିଥିଲେ । ପ୍ରାଚୀନ ଉତ୍କଳର ଗଜପତିଭ୍ରଂକ ସହ ସମରାଭିଯାନ କାଳରେ ହେଉ, କିମ୍ବା ମୋଗଲ ବାହିନୀ ସହ ପଠାଣ ଦମନ କରିବା ପାଇଁ ହେଉ ଅଥବା; ଉଗ୍ରକ୍ଷତ୍ରୀ ମରହଟ୍ଟା ବର୍ଗୀମାନଙ୍କ ସହ ସମକକ୍ଷ ଯୋଦ୍ଧା ଭାବରେ ନୀଳଗିରି ରାଜ୍ୟର ସେନାବାହିନୀ ସେମାନଙ୍କର ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରି ଇତିହାସରେ ଅମ୍ଳାନ ସାକ୍ଷର ରକ୍ଷା କରିଛନ୍ତି । ଛଉ ନୃତ୍ୟ ପରି ଏକ ପ୍ରାଚୀନ ସମର ନୃତ୍ୟର ପରି ପୋଷକତା ପରି ଏ ରାଜ୍ୟର ସ୍ୱନାମଧନ୍ୟ ରାଜନ୍ୟବର୍ଗ ଓ ସମରପ୍ରିୟ ଅଧିବାସୀ ବୃନ୍ଦ ସମରକଳା ପ୍ରତି ଅନୁରାଗ ପ୍ରଦର୍ଶନ କରିଥିବାର ପ୍ରମାଣ ବିଦ୍ୟମାନ ।

ରାଜା ଶ୍ରୀ ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଦେବଙ୍କ ସମୟରେ ହିଁ ବାରିପଦାର ଛଉ ନୃତ୍ୟ ଶୈଳୀ ଅନୁକରଣରେ ନୀଳଗିରିଠାରେ ଛଉ ନାଚର ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା । ତାଙ୍କ ପୂର୍ବରୁ ରାଜ ଦରବାର ପୋଷକତାରେ ନୀଳଗିରିଠାରେ ଛଉ ନାଚ ହେଉଥିବାର ଜଣାଯାଇ ନାହିଁ । ଶ୍ରୀ ଶ୍ୟାମଚନ୍ଦ୍ର ହେଉଛନ୍ତି ମୟୂରଭଞ୍ଜର ତତ୍କାଳୀନ ପ୍ରଥିତଯଶା ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବଙ୍କ ସାନ ଭାଇ ଓ ସେ ପୋଷ୍ୟ ସନ୍ତାନ ଗ୍ରହଣ ସୂତ୍ରରେ ନୀଳଗିରି ରାଜ ପରିବାରକୁ ଆସି ସିଂହାସନରେ ଅଭିଷିକ୍ତ ହୋଇଥିଲେ । ଶ୍ରୀ ଶ୍ୟାମଚନ୍ଦ୍ରଙ୍କ ପରେ ରାଜା ସାହେବ ଶ୍ରୀ କିଶୋର ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଦେବ ଛଉ ନାଚର ବିକାଶ ଦିଗରେ ଅଧିକ ଯତ୍ନବାନ ହୋଇ ପୋଷକତା ପ୍ରଦାନ କରିଥିଲେ । ଶ୍ରୀ କିଶୋର ଚନ୍ଦ୍ର ତାଙ୍କ ପିତାଙ୍କ ପରି ଜଣେ ଗୁଣୀ, ଗୁଣଗ୍ରାହୀ ଓ କଳାନୁରାଗୀ ରାଜା ଥିଲେ । ନୀଳଗିରି ରାଜ୍ୟର ପାରମ୍ପରିକ ନୃତ୍ୟ, ନାଟ, ଲୀଳା, ସୁଆଙ୍ଗ

ବ୍ୟତୀତ ଆଧୁନିକ କାଳର ଡ୍ରାମା ବା ଥିଏଟର ଯାତ୍ରା ପ୍ରଭୃତିର ବିକାଶ ଦିଗରେ ଅଧିକ ଯତ୍ନବାନ ହୋଇ ରାଜଧାନରେ 'କିଶୋର ଥିଏଟର' ସ୍ଥାପନ କରିଥିଲେ ।

ଅନ୍ୟ ଅଞ୍ଚଳର ଛଉ ନାଚ ପରି ନୀଳଗିରି ଛଉ ନାଚର ଚୈତ୍ର ପର୍ବ ସହିତ ଆନୁଷ୍ଠାନିକ ସମ୍ପର୍କ ରହିଅଛି । ଚୈତ୍ର ପର୍ବ ସମୟରେ ଶିବାରାଧନା ସହ ଡଙ୍ଗା ଓ ଫୋଡ଼ା ପ୍ରଭୃତି କ୍ଳେଶ ପ୍ରଦାୟକ ଉପଚାର ସମସ୍ତ ପାଳନ କରାଯାଏ । ଛଉନାଚ ଆରମ୍ଭରେ ଭୈରବଙ୍କୁ ଆରାଧନା କରାଯାଏ । ନୃତ୍ୟକାରୀ, ବାଦ୍ୟକାର, ସଂଗଠକ ଓ ସହଯୋଗୀ ସମସ୍ତେ ଉପବାସ ରହି ଭୈରବଙ୍କ ନିକଟରେ ପୂଜା କରନ୍ତି । ରାଜାଙ୍କର ଗଡ଼ ପଛପଟେ ଭୈରବଙ୍କ ମନ୍ଦିର ଅବସ୍ଥିତ । ଭୈରବଙ୍କୁ ଦେହୁରୀ ପୂଜା କରନ୍ତି । ଏ ଦେହୁରୀ ଜାତିରେ ଦଳେଇ, ଆଖଡ଼ା ଆରମ୍ଭ ଦିନରୁ ଛଉ ନାଚ ହେବା ଦିନ ଅର୍ଥାତ ସଂକ୍ରାନ୍ତି ପର୍ଯ୍ୟନ୍ତ ଦେହୁରୀ ପ୍ରତିଦିନ ଭୈରବଙ୍କୁ ପୂଜା କରନ୍ତି । ଭୈରବଙ୍କ ବସ୍ତ୍ରର ରଙ୍ଗ ଲାଲ । ପୂଜା ସରିଲା ପରେ ଭୈରବଙ୍କୁ ଲାଗିଥିବା ବସ୍ତ୍ରର ଡୋରିଆ ଖଣ୍ଡେ ଖଣ୍ଡେ ଉପସ୍ଥିତ ଉପବାସୀ ସମସ୍ତେ ଡାହାଣ ହାତର କଚଟୀରେ ମଙ୍ଗଳସୂତ୍ର ରୂପେ ବାନ୍ଧନ୍ତି । ପୂଜା ସାରି ନର୍ତ୍ତକମାନେ ରାଜପ୍ରାସାଦକୁ ଆସି ଛଉନାଚର ଆଖଡ଼ା ଆରମ୍ଭ କରୁଥିଲେ । ଅନ୍ୟଦିନ ମାନଙ୍କରେ ଆଖଡ଼ା ପାଇଁ ଅନ୍ୟ ସ୍ଥାନ ନିର୍ଦ୍ଦିଷ୍ଟ ଥିଲା ।

ନୀଳଗିରିରେ ପୂର୍ବ ସାହି ଓ ପଶ୍ଚିମ ସାହିରେ ଦୁଇଗୋଟି ଛଉ ନାଚ ଦଳ ସଂକ୍ରାନ୍ତି ଦିନ ରାତିରେ ନାଚ ପ୍ରଦର୍ଶନ କରୁଥିଲେ । ନାଚ ନିମନ୍ତେ ଦୁଇ ସାହିର ଦୁଇଗୋଟି ମଞ୍ଚ ନିର୍ମିତ ହୋଇଥିଲା । ଭୂମି ଉପରେ ବାଲି, ମାଟି, ଗୋଡ଼ି ପକାଇ ସମତଳ କରି ଲିପି ମଞ୍ଚ ନିର୍ମିତ ହେଉଥିଲା ।

ନାଚରେ ବିଭିନ୍ନ ଜାତି ଓ ଆଦିବାସୀ ଗୋଷ୍ଠୀର ଲୋକେ (ଯଥା- ବ୍ରାହ୍ମଣ, ଖଣ୍ଡାୟତ, ଧୋବା, ନିଆରୀ (ରାଢ଼ି), ସାନ୍ତାଳ ପ୍ରଭୃତି) ଅଂଶ ଗ୍ରହଣ କରୁଥିଲେ । ଛଉ ନାଚ ଶିକ୍ଷା ଦେବା ନିମନ୍ତେ ବାରିପଦାରୁ ଗୁରୁମାନେ ଆସୁଥିଲେ । ତତ୍କାଳୀନ ନୀଳଗିରି ଛଉର କେତେ ଜଣ ବିଶିଷ୍ଟ ଗୁରୁ ଓ ନୃତ୍ୟ ଶିଳ୍ପୀ ହେଉଛନ୍ତି ପୁରିଆ ମାଷ୍ଟର, ରାସ ବିହାରୀ ପ୍ରଧାନ, ଦନାବାବୁ, ଜଗା ସେଠୀ, ବିବୁ ବେହେରା ପ୍ରଭୃତି ପ୍ରଧାନ । ନୃତ୍ୟଶିଳ୍ପୀ ଭାବରେ ନେତ୍ର ସିଂ, ରାମଚନ୍ଦ୍ର ମହାପାତ୍ର, ପ୍ରାଣବନ୍ଧୁ, ଦୀନବନ୍ଧୁ, ସୁଦାମ ଦାସ, ଘନ ବାବୁ, ରାମଚନ୍ଦ୍ର ବେହେରା, ପଞ୍ଚାନନ ଦାସ, ରଘୁନାଥ ପରିଡ଼ା, ଭୋଳାନାଥ ନାୟକ ପ୍ରମୁଖ ବ୍ୟକ୍ତିଗଣ ପ୍ରସିଦ୍ଧି ଅର୍ଜନ କରିଥିଲେ ।

ଏହି ଛଉ ନାଚରେ ଧୁମ୍ସା, ଢଙ୍ଗଢୋଲ, ମହୁରୀ, କଡ଼କା ପ୍ରଭୃତି ପାରମ୍ପରିକ ବାଦ୍ୟଯନ୍ତ୍ର ସହ କ୍ଲାରିଓନେଟ, ଆଡ଼ବଂଶୀ ପ୍ରଭୃତି ଆଧୁନିକ ବାଦ୍ୟଯନ୍ତ୍ର ବ୍ୟବହୃତ ହେଉଥିଲା ।

ଅନ୍ୟ ସ୍ଥାନ ପରି ଏଠାରେ ଛଉ ନାଚରେ ଚରିତ୍ର ଗଣ ଧୋତି, ଗେଞ୍ଜି, ଶାଢ଼ୀ, ସାୟା, ବ୍ଲାଉଜ, କେଶୀ, ବାଘଛାଲ ପ୍ରଭୃତି ଉପଯୋଗୀ ପୋଷାକ ବ୍ୟବହାର କରୁଥିଲେ । ଗଡ଼ଗଡ଼ ମାଳ, ମୋତି, ପୋହଳା, ରୁଦ୍ରାକ୍ଷ, ଫୁଲହାର ଓ ନକଲୀ ଅଳଙ୍କାର ମାନ ବ୍ୟବହାର କରୁଥିଲେ ।

ଏଠାର ଛଉ ନାଚ ଫୁଟ, ମେଳ ଓ ଦଳ ଏପରି ତିନିଗୋଟି ଭାଗରେ ବିଭକ୍ତ । ଏକକ ବା ଫୁଟ ନାଚରେ ରଙ୍ଗପଣ୍ଡା, ଦଣ୍ଡୀ, ନିମପଣ୍ଡା, ପରମ ହଂସ, ରାମଶୋକ ପ୍ରଭୃତି; ମେଳ ବା ଯୋଡ଼ି ନୃତ୍ୟରେ କାଠୁରିଆ, ରାଜ କିଶୋର, ଋଷ୍ୟଶୃଙ୍ଗ ଓ ଦଳ ନାଚରେ ପାଇକ, ଅଭିମନ୍ୟୁ ବଧ, କାଳୀୟ ଦଳନ, ଦୁଷ୍ମନ ପିଛା, କାଳଚକ୍ର, ବସ୍ତ୍ର ହରଣ, ଚନ୍ଦ୍ରଭାଗା, ଯମୁନା ପୁଲିନେ, ରତି ବିଳାପ ଇତ୍ୟାଦି ଉଲ୍ଲେଖଯୋଗ୍ୟ ନାଚ । ଏ ସବୁ ପୁରାଣ, ମହାକାବ୍ୟ ଓ ସାମାଜିକ ଘଟଣାବଳୀ ଓ ବିଷୟ ଆଧାରିତ ନାଚ ।

ଏଠାରେ ଛଉନାଚ ଶିକ୍ଷାର ପ୍ରଶିକ୍ଷଣ ନିମନ୍ତେ ସୁନିୟନ୍ତ୍ରିତ ବ୍ୟବସ୍ଥା ରହିଥିଲା । ନିର୍ଦ୍ଦିଷ୍ଟ ସମୟରେ ଆଖଡ଼ା ଆରମ୍ଭ ହେଉଥିଲା । ଓସ୍ତାଦ୍ (ଗୁରୁ) ମାନେ ନିୟମିତ ଆସୁଥିଲେ । ଛଉ ନାଚ ନିମନ୍ତେ ନୃତ୍ୟକାରୀ ମାନଙ୍କୁ ମନୋନୀତ କରାଯାଉଥିଲା । ନୃତ୍ୟକାରୀମାନେ ନାଚରେ ଖରାପ କଲେ କିମ୍ବା ଆଖଡ଼ାରେ ଅନୁପସ୍ଥିତ ରହିଲେ ବେତ୍ରାଘାତ ପରି ଦଣ୍ଡର ବ୍ୟବସ୍ଥା ଥିଲା । ଆଖଡ଼ା ଆରମ୍ଭରୁ ପରବ ଦିନରେ ଛଉନାଚ ଅନୁଷ୍ଠାନ ପର୍ଯ୍ୟନ୍ତ ରାଜ ସାହେବ ଏଥିପାଇଁ ଆବଶ୍ୟକୀୟ ସମସ୍ତ ଅର୍ଥ ବହନ କରୁଥିଲେ ।

ଛଉନାଚ ପ୍ରଦର୍ଶନ ସମୟରେ ବିଦ୍ୟୁତ ଆଲୋକ (ଡାଇନାମୋ) ବ୍ୟବହାର କରାଯାଉଥିଲା । ଅସୁବିଧା ସମୟରେ ପେଟ୍ରୋମାକ୍ସ ଲାଇଟ ବ୍ୟବହୃତ ହେଉଥିଲା ।

ବାରିପଦା ଛଉନାଚର ମୁଖାହୀନ ଶୈଳୀ ଅନୁସରଣରେ ଏଠାର ଛଉନାଚ ଗଠିତ ହୋଇଥିଲେ ହେଁ ଅଳ୍ପ କେତେକ ନାଚ (ଯଥା- ଜାମ୍ବେବ, ଚନ୍ଦ୍ରଭାଗା ପ୍ରଭୃତି)ରେ ମୁଖାର ବ୍ୟବହାର ହେଉଥିଲା । ମୁଖା ଗୁଡ଼ିକ ମୋଟା କାଗଜରେ ତିଆରି ହେଉଥିଲା । ସଜାକାରୀମାନେ ସଙ୍ଗେ ସଙ୍ଗେ ଏସବୁ ତିଆରି କରୁଥିଲେ ।

ଏଠାର ଛଉରେ ଗୀତର ବ୍ୟବହାର ଥିଲା । ବସ୍ତ୍ର ହରଣ ନାଚରେ "ସୋନାର ଗାଗରୀ କାଖେ, ରାଇ ଚଲେଛେନ୍ ପଥେ ପଥେ" 'ରତି ବିଳାପ'ରେ ରତି ଯେଉଁ ଗୀତ ଗାଉଥିଲେ ସେହି ଗୀତର ପ୍ରଥମ ପଂକ୍ତିଟି ହେଉଛି- "କା'ର ମନ ଭୁଲବେନା ସଇ ଆମାର...)" 'ଚନ୍ଦ୍ରଭାଗା' ନାଚରେ ସଖୀମାନେ ଗୀତ ଗାଇ ଗାଇ ଚନ୍ଦ୍ରଙ୍କୁ ଆହ୍ୱାନ କରନ୍ତି , "ସରଗଶଶୀ ଘରକୁ ଆସ";

ଚନ୍ଦ୍ରଭାଗାର ମୃତ୍ୟୁ ପରେ "ମିତଣି ! ଚନ୍ଦ୍ରମଣି ଲୋ କି କଲୁ ନିମିଷେ" ପ୍ରଭୃତି ଗୀତ ବୋଲା ଯାଉଥିଲା ।

ନର୍ତ୍ତକମାନେ ମଞ୍ଚରେ ଛଉ ନାଚିବା ଆଗରୁ ଉପସ୍ଥିତ ଓସ୍ତାଦ (ଗୁରୁ) ଓ ରାଜାଙ୍କୁ ପ୍ରଣାମ ପୂର୍ବ ସମ୍ମାନ ଜଣାଉଥିଲେ । ଏହା ପୂର୍ବରୁ ଭୈରବ ଶାଳକୁ ଯାଇ ଭୈରବଙ୍କୁ ପ୍ରଣାମ କରି ଆସିଥାନ୍ତି ।

ନୀଳଗିରିର ରାଜା ସାହେବ ପ୍ରତିବର୍ଷ ଛଉନାଚ ଦେଖିବା ପାଇଁ ପଡୋଶୀ ରାଜ୍ୟର ବନ୍ଧୁରାଜା ଓ ତତ୍କାଳୀନ ଉଚ୍ଚ ପଦାଧିକାରୀ, ବିଶିଷ୍ଟ ବ୍ୟକ୍ତି ଓ ଗୁଣୀ ଜନଙ୍କୁ ନିମନ୍ତ୍ରଣ କରୁଥିଲେ । ଉପସ୍ଥିତ ସମ୍ମାନନୀୟ ଅତିଥି ଓ ବନ୍ଧୁବର୍ଗଙ୍କ ଗହଣରେ ଛଉ ନାଚ ପ୍ରଦର୍ଶିତ ହେଉଥିଲା । ଦୁଇ ସାହିର ଛଉ ଦଳ ରାଜା ଓ ରାଣୀଙ୍କ ପ୍ରତିନିଧିତ୍ୱ କରୁଥିଲେ । ଛଉ ନାଚ ବିଶେଷ ପ୍ରତିଯୋଗିତା ମୂଳକ ହେଉଥିଲା । ନାଚ ଶେଷରେ ଶ୍ରେଷ୍ଠ ବିବେଚିତ ଛଉ ଦଳକୁ ରାଜାସାହେବ ମେଡାଲ ଓ କପ୍ ପ୍ରଦାନ କରୁଥିଲେ । ଏତଦ୍ ବ୍ୟତୀତ ଯେଉଁ ନର୍ତ୍ତକ ବୃନ୍ଦ ପ୍ରତିଯୋଗିତାରେ କୁଶଳତା ପ୍ରଦର୍ଶନ କରିଥାନ୍ତି ସେମାନଙ୍କୁ ରାଜା ବ୍ୟକ୍ତିଗତ ଭାବେ ଅଙ୍ଗବସ୍ତ୍ର ସହ ଅର୍ଥ ଦେଇ ପୁରସ୍କୃତ କରୁଥିଲେ ।

ଦୁଇ ଗୋଟି ଛଉ ଦଳର ସଫଳତା ଉପରେ ରାଜା ଓ ରାଣୀଙ୍କର ସମ୍ମାନର ପ୍ରଶ୍ନ ଜଡ଼ିତ ରହୁଥିବାରୁ ପ୍ରତିଯୋଗୀମାନେ ନାଚରେ ନିଜ ନିଜ ଦଳର ପାରଦର୍ଶିତା ପ୍ରଦର୍ଶନ ନିମନ୍ତେ ସତତ ଯତ୍ନଶୀଳ ଥିଲେ । କଥିତ ଅଛିଯେ, ପ୍ରତିଯୋଗିତାରେ ରାଣୀ ପକ୍ଷର ଛଉ ଦଳ ଯଦି କୌଣସି ବର୍ଷ ବିଚାରକ ମଣ୍ଡଳୀଙ୍କର ପ୍ରଶଂସା ଭାଜନ ହେଉନଥିଲା, ତେବେ ରାଣୀ ସାହେବା ଦୁଇ ତିନି ଦିନ ପର୍ଯ୍ୟନ୍ତ ନଖାଇ ନପିଇ ଦୁଃଖ, ଅନୁଶୋଚନା ଓ ଅଭିମାନରେ ବିଛଣା ଛାଡୁ ନଥିଲେ । ଏପରି ପରିସ୍ଥିତିରେ ନିମନ୍ତ୍ରିତ ପାରିବାରିକ ବନ୍ଧୁଗଣ ତତ୍ପର ହୋଇ ବିଚାରକ ମଣ୍ଡଳୀ ସଦସ୍ୟବୃନ୍ଦ, ରାଣୀଙ୍କ ଛଉ ଦଳର ଓସ୍ତାଦ୍ ଓ ନର୍ତ୍ତକଗଣ ରାଜାଙ୍କ ସହିତ ରାଣୀଙ୍କ ନିକଟରେ ଉପସ୍ଥିତ ହୋଇ ଅନୁରୋଧ କରି ସାନ୍ତ୍ୱନା ପ୍ରଦାନ କରୁଥିଲେ । ରାଣୀ ତାଙ୍କର ଛଉ ଦଳର ପ୍ରତିଯୋଗୀ ମାନଙ୍କୁ ଓ ଓସ୍ତାଦଙ୍କୁ ପରବର୍ତ୍ତୀ ବର୍ଷକୁ ସର୍ବଶ୍ରେଷ୍ଠ ନୃତ୍ୟ ପ୍ରଦର୍ଶନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇ ପରିସ୍ଥିତିକୁ ସହଜ ଭାବରେ ଗ୍ରହଣ କରୁଥିଲେ ।

ନୀଳଗିରି ରାଜ୍ୟର ଛଉ ଦଳ ତତ୍କାଳୀନ ଓଡ଼ିଶା ଓ ଭାରତର ବହୁ ସ୍ଥାନ ଯଥା- ଟାଟା, ରାଞ୍ଚି, କଲିକତା, ଭୁବନେଶ୍ୱର, କଟକ ଓ ବାଲେଶ୍ୱରଠାରେ ନୃତ୍ୟ ପ୍ରଦର୍ଶନ ପୂର୍ବକ ବିପୁଳ

ପ୍ରସିଦ୍ଧି ଅର୍ଜନ କରିଥିଲେ । ୧୯୪୫-୪୭ ମସିହା ପର୍ଯ୍ୟନ୍ତ ନୀଳଗିରି ରାଜା ସଂଯ ଛଉ ଦଳକୁ ଭାରତର ବିଭିନ୍ନ ସ୍ଥାନକୁ ନେଇ ନୃତ୍ୟ ପ୍ରଦର୍ଶନର ଆୟୋଜନ କରୁଥିଲେ ।

ସ୍ୱାଧୀନତା ଲାଭ ପରେ ଏଠାର ଛଉ ଦଳ ପୃଷ୍ଠପୋଷକତା ହୀନ ହୋଇଗଲା । ବର୍ତ୍ତମାନ ଗ୍ରାମାଞ୍ଚଳରେ କେତେ ଗୋଟି ଛଉ ଦଳ ବଞ୍ଚିରହି ଅତୀତର ଗୌରବ ସ୍ମରଣ କରୁଛନ୍ତି । ମାତ୍ର ସଂପ୍ରତି ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଏଠାର ଛଉ ନୃତ୍ୟକୁ ସ୍ୱୀକୃତି ପ୍ରଦାନ କରି ଆର୍ଥିକ ସହାୟତା ପ୍ରଦାନ କରିବା ଏକ ଅଭିନନ୍ଦନୀୟ ପଦକ୍ଷେପ ହେବ ବୋଲି ବିବେଚିତ ହୁଏ ।

## ପରିଶିଷ୍ଟ

### ଆଦିବାସୀ ଜନ ସମାଜ ଓ ଛଉନୃତ୍ୟ: ଏକ ବିହଙ୍ଗାବଲୋକନ

ପ୍ରାଚୀନ ସିଂଭୂମ, ମାନଭୂମ, ଧଳଭୂମ, ବରାଭୂମ ରାଜ୍ୟ ଆଦିର ସିଂଭୂମ, ମୟୂରଭଞ୍ଜ, ପୁରୁଲିଆ, ବାଙ୍କୁଡ଼ା, ମେଦିନୀପୁର ପ୍ରଭୃତି ବିଭିନ୍ନ ଜିଲ୍ଲାରେ ଅନ୍ତର୍ଭୁକ୍ତ ହୋଇଅଛି । ଏହି ସବୁ ଅଞ୍ଚଳରେ ଛ/ଛଉ/ଛୌ ନୃତ୍ୟ ସାଧାରଣ ଲୋକ ଅଥବା ଗ୍ରାମ, ସର୍ଦ୍ଦାର/ମାନକୀ/ପ୍ରଧାନ ଅଧିଷ୍ଠିତ ଥିବା ପିଢ଼/ପରଗଣା ଏବଂ ରାଜା/ମହାରାଜା ଅଧିଷ୍ଠିତ ଥିବା ଦରବାର ଏପରି ତିନିଗୋଟି ସ୍ତରରେ ପ୍ରଚଳିତ ଥିବା ବିଷୟ ନିବନ୍ଧର ପୂର୍ବ ଅଧ୍ୟାୟ ମାନଙ୍କରେ ଆଲୋଚିତ ହୋଇଅଛି । ପୂର୍ବ ଭାରତର ଭୌଗୋଳିକ ପରିରେଖାର ଏହି ଆଦିବାସୀ ଅଧ୍ୟୁଷିତ ଅରଣ୍ୟାଞ୍ଚଳରେ ବହୁଗୋଷ୍ଠୀ-ଜାତି ସଂସ୍କୃତି ସମୃଦ୍ଧ ସମାଜରେ ଆଜିର ବିଶ୍ୱ ପ୍ରସିଦ୍ଧ ଛଉ ନୃତ୍ୟର ସୃଷ୍ଟି, ପୁଷ୍ଟି ଓ ବିକାଶ ସାଧିତ ହୋଇଅଛି । କାଳକ୍ରମେ ବାହାର ଜଗତର ପ୍ରଭାବ, ଆଭ୍ୟନ୍ତରୀଣ ସାଂସ୍କୃତିକ ବିପ୍ଳବ, ସାମାଜିକ ଓ ରାଜନୈତିକ ଆବଶ୍ୟକତା ପ୍ରଭୃତି ବହୁ ଓ ବିଭିନ୍ନ କାରଣରୁ ଆଞ୍ଚଳିକ ରାଜା, ମହାରାଜା, ଜମିଦାର, ସର୍ଦ୍ଦାର, ମାନକୀ କିମ୍ବା ପ୍ରଧାନମାନେ ଏହି ନୃତ୍ୟରେ ଅଂଶ ଗ୍ରହଣ କରିବା ସହିତ ପୃଷ୍ଠପୋଷକତା କରି ଏହାର ସମୃଦ୍ଧି ସାଧନ କରିଥିବା ପ୍ରମାଣ ବିଦ୍ୟମାନ ।

ଆଲୋଚ୍ୟ ଅଧ୍ୟାୟରେ ଅଧ୍ୟୟନ ସଂପୃକ୍ତ ଅଞ୍ଚଳର ମୁଖ୍ୟ ଅଧିବାସୀ ବିଭିନ୍ନ ଆଦିବାସୀ ଗୋଷ୍ଠୀର ଲୋକଙ୍କ ଛଉ ନୃତ୍ୟରେ ଅଂଶ ଗ୍ରହଣ ସହିତ ସେମାନଙ୍କ କେତେକ ପାରମ୍ପରିକ ନାଚର ଭାବଭଙ୍ଗୀ-ତାଳ, ମାନ, ଲୟ, ସର ସଂଗତି, ବେଶ ପୋଷାକ, ଅଳଙ୍କାର, ଅଭ୍ୟାସ, ପୂଜାପର୍ବ, ବିଷୟବସ୍ତୁ ଚୟନ ପ୍ରଭୃତି କତିପୟ ବିଷୟ ଏବଂ ଛଉ ନୃତ୍ୟରେ ଏସବୁର ସାମଞ୍ଜସ୍ୟ ଓ ସଂଯୋଜନ ସଂପର୍କରେ ଆଲୋଚିତ ହୋଇଅଛି ।

ଷଢ଼େଇକଳାରେ ଦରବାର ସ୍ତର ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପୃଷ୍ଠପୋଷକତାରେ ଗଠିତ ଛଉ ନୃତ୍ୟ ଦଳ ବ୍ୟତୀତ ଗ୍ରାମାଞ୍ଚଳ ସହିତ ବିଭିନ୍ନ ପିଢ଼/ପରଗଣାର ଛଉ ଦଳ ଗୁଡ଼ିକରେ ମୁଖ୍ୟତଃ ଆଦିବାସୀ ଗୋଷ୍ଠୀର ଭୂୟାଁ, ଭୂମିଜ, କୋହ୍ଲ, ହୋ ଓ ସାନ୍ତାଳମାନେ ଅଂଶ ଗ୍ରହଣ କରୁଥିବା ଜଣାଯାଏ । ପାର୍ଶ୍ୱବର୍ତ୍ତୀ ପୁରୁଲିଆ (ମାନଭୂମ)ର ବାଗମୁଣ୍ଡି ସମେତ ଚୋଡ଼ିଦାରେ ବହୁ ସଂଖ୍ୟକ ଭୂମିଜ, ତାଉତୋଡ଼ାଂରେ କୁଡ୍ମୀ, ପୁସ୍ତି ତୋଡ଼ାଂ, କାଳିମାଟି, ହେଁସଲା ପ୍ରଭୃତି ପିଢ଼/ ପରଗଣାରେ ଭୂମିଜ ମାନ୍‌କୀମାନେ ଛଉ ନୃତ୍ୟରେ ଅଂଶ ଗ୍ରହଣ କରିଥିବା ବେଳେ କେତେକ ଛଉ ଦଳରେ ପୂର୍ଣ୍ଣ ସଂଖ୍ୟକ/ସଂଖ୍ୟାଧିକ ନର୍ତ୍ତକ ଆଦିବାସୀ ଗୋଷ୍ଠୀର ହୋଇଥିବା ଜଣାଯାଇଛି । ଏସବୁ ସ୍ଥାନରେ କେତେକ ଛଉ ଦଳର ନିର୍ଦ୍ଦିଷ୍ଟ ଆଦିବାସୀ ଗୋଷ୍ଠୀର ଲୋକମାନେ ଛଉନୃତ୍ୟ ଦଳ ଗଠନ କରିଥିବା ବିଷୟ ପୂର୍ବ ଅଧ୍ୟାୟରେ ଆଲୋଚିତ ହୋଇଅଛି । ମୟୂରଭଞ୍ଜ ରାଜ୍ୟର ରାଜଧାନୀ ବ୍ୟତୀତ ଗ୍ରାମାଞ୍ଚଳ ତଥା ପିଢ଼/ପରଗଣା ମାନଙ୍କରେ ଅନୁଷ୍ଠିତ ହେଉଥିବା ଛଉ ନୃତ୍ୟରେ ମୁଖ୍ୟତଃ ଆଦିବାସୀ ଗୋଷ୍ଠୀର ଲୋକମାନେ ଯଥା- ବାଥୁଡ଼ି, ଭୂୟାଁ, କୋହ୍ଲ, ସାନ୍ତାଳ, ଗଣ୍ଡ, ଭୂମିଜ, ଲୋଧା ପ୍ରଭୃତି ବିଭିନ୍ନ ଗୋଷ୍ଠୀ ଛଉ ନାଚନ୍ତି । କୁଡୁମୀ, ପୁରାଣ ପ୍ରଭୃତି ବହୁ ସଂଖ୍ୟାରେ ଛଉ ନାଚରେ ଅଂଶ ଗ୍ରହଣ କରୁଥିବା ଜଣାଯାଏ । କୁଡୁମୀ ଓ ପୁରାଣମାନେ ଆଦିବାସୀ ଥିବା କେହି କେହି କହନ୍ତି ଓ ପୂର୍ବାବସ୍ଥା ପ୍ରାପ୍ତ ହେବା ପାଇଁ ଆନ୍ଦୋଳନର ଉଦ୍ୟମ କରୁଛନ୍ତି ।

ଛଉ ନୃତ୍ୟ ପ୍ରଚଳିତ ଉପର ଲିଖିତ ପ୍ରମୁଖ ସ୍ଥାନ ବ୍ୟତୀତ ଆଲୋଚ୍ୟ ସାଂସ୍କୃତିକ ପରିମଣ୍ଡଳ ଅନ୍ତର୍ଗତ ଅନ୍ୟାନ୍ୟ ପୂର୍ବତନ ରାଜ୍ୟ/ପିଢ଼/ପରଗଣା ସମୂହ, ଯଥା- କେନ୍ଦୁଝର, ବଣାଇ, ତାଳଚେର, ଢେଙ୍କାନାଳ, ହିନ୍ଦୋଳ, ନୀଳଗିରି, ନୟାବସାଣ, ଧଳଭୂମ, ଖରସୁଆଁ, ଇଚା, କେରା ପ୍ରଭୃତି ସ୍ଥାନରେ ମଧ ବହୁ ସଂଖ୍ୟାରେ ସେ ସବୁ ସ୍ଥାନରେ ବାସ କରୁଥିବା ସାନ୍ତାଳ, ଭୂମିଜ, ଭୂୟାଁ, କୋହ୍ଲ, ଲୋଧା, କୁଡୁମୀ, ପୁରାଣ ମାନେ ଛଉନୃତ୍ୟରେ ଅଂଶ ଗ୍ରହଣ କରନ୍ତି ।

ନିମ୍ନରେ ବିଭିନ୍ନ ସ୍ଥାନରେ ଛଉନୃତ୍ୟରେ ଅଂଶ ଗ୍ରହଣ କରୁଥିବା ଆଦିବାସୀ ମାନଙ୍କର ଏକ ତାଲିକା ନିମ୍ନରେ ପ୍ରଦତ୍ତ ହେଲା ।

ବିଭିନ୍ନ ସ୍ଥାନରେ ଛ/ଛଉ/ଛୋ ନାଚୁଥିବା ଆଦିବାସୀ ଗୋଷ୍ଠୀର ନାମ ତାଲିକା ।

**ଟେବୁଲ.....**

ଏହି ପରିପ୍ରେକ୍ଷୀରେ ଛଉ ନୃତ୍ୟରେ ଆଦିବାସୀ ଅବଦାନ ସଂପର୍କରେ ଆଲୋକପାତ କରାଯାଇଛି ।

ଛଉ ନୃତ୍ୟର ଆଖଡ଼ା କିମ୍ବା ବାର୍ଷିକ ନୃତ୍ୟ ପରିବେଷଣ ଆରମ୍ଭରେ ବିଭିନ୍ନ ସ୍ଥାନରେ ଆଦିବାସୀ ମାନେ ଅନ୍ୟମାନଙ୍କ ପରି ଭୈରବ ଶାଳ/ଜାହେରା ଥାନ/ଗରାମ/ବଡ଼ାମ ଥାନରେ ଗ୍ରାମ ଦେବତା, ମାରାଂବୁରୁ ପ୍ରଭୃତିଙ୍କୁ ପାରମ୍ପରିକ ରୀତିରେ ବଳି ସହ ପୂଜାର୍ଚ୍ଚନା କରିଥାନ୍ତି ।

ଛଉ ନୃତ୍ୟ ଆଖଡ଼ାରେ କିମ୍ବା ବାର୍ଷିକ ନୃତ୍ୟ ପ୍ରଦର୍ଶନ ସମୟରେ ଆଦିବାସୀ ନର୍ତ୍ତକମାନେ ଏପରିକି ସମସ୍ତ ନର୍ତ୍ତକ, ବାଦ୍ୟକାର, ଉସ୍ତାଦ୍, ଗାୟକ ପ୍ରଭୃତି ଆଦିବାସୀଙ୍କ ପ୍ରିୟ ପାନୀୟ ହାଣ୍ଡିଆ, ମହୁଲୀ ପାନ କରୁଥିବା ଜଣାଯାଏ । ଏତଦ୍ ବ୍ୟତୀତ ଶାଳପତ୍ର ବିଡ଼ି, ଦୁକ୍ତା ପ୍ରଭୃତି ପାନ କରନ୍ତି ।

ଛଉ ନୃତ୍ୟ ପରିବେଷଣ ଆରମ୍ଭରେ କେତେକ ସ୍ଥାନରେ ଆମଡାଳିଆ ଓ ଜାମ ଡାଳିଆ ନୃତ୍ୟ ଅନୁଷ୍ଠିତ ହୁଏ । ନର୍ତ୍ତକମାନେ ଗଛର ଡାଳ ପତ୍ର ସବୁକୁ ପାଦ, ଆଣ୍ଠୁ, ଅଣ୍ଟା, ବେକ ଓ ମୁଣ୍ଡରେ ବାନ୍ଧି, ବିଭିନ୍ନ ରଙ୍ଗର ମାଟି ଦେହରେ ବୋଳି ହୋଇ ଆସରରେ ଡିଆଁଡେଇଁ କରି ନୃତ୍ୟ ପରିବେଷଣ କରନ୍ତି । ଏହା ଛଉନୃତ୍ୟର ଆରଣ୍ୟକ ପୃଷ୍ଠଭୂମି ଓ ପରିବେଶର ସୂଚନା ପ୍ରଦାନ କରେ ।

ଛଉ ନୃତ୍ୟ ଆରମ୍ଭ ପୂର୍ବରୁ ସବୁସ୍ଥାନରେ ଧମ୍‌ସା ମାଦ୍ଦରେ ସମଗ୍ର ଆସର ପ୍ରକମ୍ପିତ ହୁଏ । ଧମ୍‌ସା – ଆଦିବାସୀଙ୍କର ଏକ ପ୍ରମୁଖ ବୀରବାଦ୍ୟ ରୂପେ ପରିଗଣିତ ହୁଏ । ଏତଦ୍ ବ୍ୟତୀତ ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ର ଯଥା– ମାଦଳ, ଘଣ୍ଟା, ସିଙ୍ଗା, ଝଙ୍ଗୁ, ନିଶାଣ, ଟୁଇଲା, ବଇଁଶୀ, ଝାମ୍ପ ପ୍ରଭୃତି ଆଦିବାସୀଙ୍କର କେତେକ ନିଜସ୍ୱ ବାଦ୍ୟଯନ୍ତ୍ର ସହିତ ଢୋଲ, ଚଡ଼ଚଡ଼ି, ହାର୍ମୋନିୟମ, ଡୁଗି ପ୍ରଭୃତି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ ।

ଛଉ ନୃତ୍ୟରେ ଦୁଇଗୋଟି ମୁଖ୍ୟ ଭାବ (ବୀର ଓ ଲାସ୍ୟ) ବ୍ୟଞ୍ଜକ ନୃତ୍ୟ ପରିବେଷିତ ହୁଏ । ବୀର ଭାବାଶ୍ରିତ ନୃତ୍ୟର କୌଶଳ ଓ ଗଠନ ରୀତି, ପରିବେଷଣ ଶୈଳୀ ସହିତ ଛଉ ସଂପୃକ୍ତ ଆଦିବାସୀଙ୍କର କେତେକ ପାରମ୍ପରିକ ନୃତ୍ୟ; ଯଥା– ସାନ୍ତାଳ ଗୋଷ୍ଠୀର ଡାଣ୍ଟା ନୃତ୍ୟ, ବାଥୁଡ଼ି, ଭୂୟାଁ, ପୁରାଣ ମାନଙ୍କର ସାଧନ ନୃତ୍ୟର ଅନୁସୃତ ଭଙ୍ଗୀ ସହ ସାମଞ୍ଜସ୍ୟ ରକ୍ଷା କରେ । ଏତଦ୍ ବ୍ୟତୀତ ଆଦିବାସୀ ପାଇକ, ପାଇକାଳି ନାଚ, ନାଟୁଆ ନାଚର ବିଭିନ୍ନ ଭଙ୍ଗୀ ଛଉ ନୃତ୍ୟରେ ଅନୁସୃତ ହେଉଥିବାର ନୃତ୍ୟ ଗୁରୁମାନଙ୍କର ମତ ।

ଛଉରେ ଲାସ୍ୟ ନୃତ୍ୟ ଭଙ୍ଗୀରେ ସାନ୍ତାଳ ପ୍ରଭୃତି ଗୋଷ୍ଠୀରେ ପ୍ରଚଳିତ ପାନ୍ତା ନାଚ କୋହ୍ଲ ନାଚ, ଡୁଜାଂନାଚ, ଖାଡ଼ିଆ / ଶବର ନାଚ, କାଠି ନାଚ, ନାଚୁଣୀ ନାଚର ବହୁ ଓ ବିଭିନ୍ନ ଭଙ୍ଗୀ ସହ ସାମଞ୍ଜସ୍ୟ ରକ୍ଷା କରୁଥିବାର ଅନେକ ମତ ଦିଅନ୍ତି ।

ଛଉ ନୃତ୍ୟରେ କେତେକ ନୃତ୍ୟ, ଯଥା- ଶବର, ଶିକାରୀ ଶବର, ସାନ୍ତାଳ ବିଦ୍ରୋହ, ବିର୍ସାମୁଣ୍ଡା, ହାଡ଼ଖୁଣ୍ଟା ଡାକିନୀ ପ୍ରଭୃତି ନାଚର ବିଷୟବସ୍ତୁ ଆଦିବାସୀ ସଂପର୍କିତ । ରାମାୟଣ, ମହାଭାରତର କଥାବସ୍ତୁ ଉପରେ ଆଧାରିତ ରାକ୍ଷସ, ଅସୁର, କିରାତ ପ୍ରଭୃତି ଅନାର୍ଯ୍ୟ ଚରିତ୍ର ସମୂହ ଆଦିବାସୀ/ଆରଣ୍ୟକ ଆଦିମ ଅଧିବାସୀଙ୍କର ପ୍ରତିନିଧିତ୍ୱ କରିଥାଏ । ଏହି ଚରିତ୍ରଗଣ ଉପଯୋଗୀ ବେଶପୋଷାକ, ତୀର, ଧନୁ, ଟାଙ୍ଗୀ, ବର୍ଚ୍ଛା ପ୍ରଭୃତି ପାରମ୍ପରିକ ଅସ୍ତ୍ରଶସ୍ତ୍ର, ପକ୍ଷୀର ପର, ପଥର, କଣ୍ଠି, ପୋହଳା ପ୍ରଭୃତି ଅଳଙ୍କାର ବ୍ୟବହାର କରନ୍ତି ।

ଛଉରେ ବ୍ୟବହୃତ ମୁଖାଗୁଡ଼ିକ ଚରିତ୍ର ଉପଯୋଗୀ ଗଠିତ ଓ ସଜିତ ହୋଇଥାଏ । ଆଦିବାସୀ ଚରିତ୍ରର ମୁଖା ସମୂହ ତଦନୁପରି ଗଠିତ ଓ ସଜ୍ଜିତ ହୁଏ ।

ଛଉ ନୃତ୍ୟରେ ଅନୁସୃତ ସ୍ୱର ସଂଗତିରେ ଝୁମର ସଙ୍ଗୀତର ଅବଦାନ ଉଲ୍ଲେଖଯୋଗ୍ୟ । ଛଉର ପ୍ରତ୍ୟେକ ନୃତ୍ୟର ଆରମ୍ଭ, ଅଗ୍ରଗତି ଓ ପରିସମାପ୍ତିରେ ଝୁମର ସ୍ୱର ବିଲମ୍ବିତ ଓ ଦ୍ରୁତ ଲୟର ଅବଦାନ ଅବଧାରିତ । ଛଉ ନୃତ୍ୟରେ ଆଦିବାସୀ ପରମ୍ପରାର ଏହା ଏକ ବିଶେଷ ଓ ବଳିଷ୍ଠ ଉପାଦାନ ।

ଛଉରେ ବ୍ୟବହୃତ ଗୀତର ଭାଷା ଓଡ଼ିଆ, ବଙ୍ଗଳା ବ୍ୟତୀତ ପଞ୍ଚପରଗଣିଆ, ମାନଭୂଇଁୟା, କୁଡ଼ମାଳୀ ଭାଷା ପ୍ରଭୃତି ବ୍ୟବହୃତ ହୁଏ ଯାହାକି ସେସବୁ ଅଞ୍ଚଳରେ ଆଦିବାସୀ ମାନଙ୍କର ଅନ୍ୟତମ କଥିତ ଭାଷା ରୂପେ ଗୃହୀତ ।

ଛଉନୃତ୍ୟ ସମଗ୍ର ରାତ୍ରି ବ୍ୟାପି ଅନୁଷ୍ଠାନ । ଆଲୋଚ୍ୟ ଅଞ୍ଚଳର ଅଧିବାସୀ ଆବାଳ ବୃଦ୍ଧ ବନିତାଙ୍କର ଛଉ ନୃତ୍ୟରେ ଅଂଶ ଗ୍ରହଣ ଓ ଦର୍ଶନର ପ୍ରବଳ ଆଗ୍ରହ ଏବଂ ଅଭିରୁଚି ହେତୁ ସମଗ୍ର ରାତ୍ରି ଉଜାଗର ରହି ପ୍ରତ୍ୟେକ ନୃତ୍ୟ ଦେଖି, ଶେଷରେ ନିଜ ନିଜର ପ୍ରତିକ୍ରିୟା ପ୍ରକାଶ କରି ନର୍ତ୍ତକ ମାନଙ୍କୁ ଉତ୍ସାହିତ କରିବା ଦ୍ୱାରା ନିଜର ମହାନ୍ କର୍ତ୍ତବ୍ୟ ସଂପାଦନ କରୁଥିବାର ଅନୁଭବ କରନ୍ତି । ମଞ୍ଚସ୍ଥଳରୁ ନିର୍ଦ୍ଦିଷ୍ଟ ଦୂରତ୍ୱ ବ୍ୟବଧାନରେ ଶାଳଗଜା ପୋତି ଦଉଡ଼ିଆ ଖଟ ପକାଇ ମଞ୍ଚାବାନ୍ଧି ତା' ଉପରେ ରାତିସାରା ବସି ନୃତ୍ୟ ଉପଭୋଗ କରିବା ଆଞ୍ଚଳିକ ଜନସାଧାରଣଙ୍କର ଏକ ପାରମ୍ପରିକ ଅଭ୍ୟାସ । ଏହା ହିଁ ଆଲୋଚ୍ୟ ଅରଣ୍ୟ ମଣ୍ଡଳ ଅବସ୍ଥିତ ଅଧିବାସୀଙ୍କର ସାଂସ୍କୃତିକ ଚେତନାର ଦ୍ୟୋତକ ଏବଂ ଏହି ଦ୍ୟୋତନା ହିଁ ଛଉ ନୃତ୍ୟର ସୁଦୀର୍ଘ ଜୀବନ ଶକ୍ତିର ସଂଜୀବନୀ ସୁଧା ।

ଛଉ ନୃତ୍ୟରେ ଆଦିବାସୀ ଉପାଦାନ ସମୂହର ଏହା ଏକ ସଂକ୍ଷିପ୍ତ ଆଲେଖ୍ୟ ମାତ୍ର; ଛଉନୃତ୍ୟର ଆଙ୍ଗିକ ଓ ଆତ୍ମିକ ବିଭାବରେ ଆଦିବାସୀ ଜନଜାତିଙ୍କର ପ୍ରଭୂତ ଅବଦାନର

ଆକଳନ କରିବା ଏହି ଗବେଷକ ପକ୍ଷେ ଦୁରୁହ ବ୍ୟାପାର । ଏହା ସତନ୍ତ୍ର ଗବେଷଣାର ଅପେକ୍ଷା ରଖେ ।

ଆଜିର ବିଶ୍ୱ ପ୍ରସିଦ୍ଧ ଛଉ ନୃତ୍ୟର ସୃଷ୍ଟି, ପୁଷ୍ଟି ଓ ପ୍ରସିଦ୍ଧି ମୂଳରେ ଆଲୋଚ୍ୟ ଜନଜାତି ଲୋକମାନଙ୍କ କଠୋରଶ୍ରମ, ଶୃଙ୍ଖଳାଜ୍ଞାନ, ରସାସ୍ୱାଦନ, ନିତ୍ୟ ନୂତନ କଳ୍ପନା ଶକ୍ତି, ସାଙ୍ଗିତିକତା, ବିଷୟବସ୍ତୁ ଆହରଣ କ୍ଷମତା ସମନ୍ୱୟ ଧର୍ମୀ ମାନସିକତା, ଶିକ୍ଷା ଓ ଆନନ୍ଦ ପ୍ରାପ୍ତି ପ୍ରଭୃତି ବହୁ ବିଷୟ ବିଦ୍ୟମାନ । ଛଉ ନୃତ୍ୟରେ ପାରଦର୍ଶୀତା ଲାଭ କରି ପୁରୁଲିଆ ଛୋ ନୃତ୍ୟର ପ୍ରଖ୍ୟାତ ନୃତ୍ୟଶିଳ୍ପୀଗଣ ପଦ୍ମଶ୍ରୀ ଗମ୍ଭୀର ସିଂ ମୁଡ଼ା, ପଦ୍ମଶ୍ରୀ ନେପାଳ ମାହାତୋଙ୍କ ପରି ବହୁ ବରିଷ୍ଠ ଶିଳ୍ପୀ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି । ଷଢ଼େଇକଳା ଓ ମୟୂରଭଞ୍ଜର ଛଉ ଶିଳ୍ପୀଗଣ ମଧ୍ୟ ଜାତୀୟ ସମ୍ମାନ ପ୍ରାପ୍ତ ହୋଇଛନ୍ତି । ଓଡ଼ିଶାର ମୟୂରଭଞ୍ଜର ଲୋଧା ଛଉ ନୃତ୍ୟ ଶିଳ୍ପୀଗଣ ସର୍ବ ଭାରତୀୟ ଆଦିବାସୀ ନୃତ୍ୟୋତ୍ସବରେ କୃତିତ୍ୱ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ହାସଲ କରି ପ୍ରଭୂତ ସମ୍ମାନର ଅଧିକାରୀ ହୋଇଛନ୍ତି । ଭବିଷ୍ୟତରେ ଆଦିବାସୀ ଯୁବ ପ୍ରତିଭା ମାନଙ୍କ ଛଉ ନୃତ୍ୟ ସାମାଜିକ ପ୍ରତିଷ୍ଠା, ସାଂସ୍କୃତିକ ଗୌରବ ପ୍ରଦାନ କରିବା ସହିତ ଅର୍ଥ ଆହରଣର ଏକ ପ୍ରକୃଷ୍ଟ ମାଧ୍ୟମ ହେବା, ଏହା ନିଃସନ୍ଦେହରେ ଗ୍ରହଣ କରାଯାଇପାରେ । ଏ ଦିଗରେ ସରକାରୀ ପ୍ରୋତ୍ସାହନ ଏକାନ୍ତ ଅପରିହାର୍ଯ୍ୟ ।

◆◆◆




